ପ୍ରେମମୟ ଭଗବାନ



ଏନ୍. କସ୍ତୁରୀ

ପ୍ରେମମୟ ଭଗବାନ

ଭଗବାନଙ୍କ ସତର୍କ ଦୃଷ୍ଟି ତଳେ
ପଞ୍ଚାଅଶୀ ବର୍ଷର ଜୀବନ କାହାଣୀ

ଲେଖକ

ଏନ୍. କସ୍ତୁରୀ

ଅନୁବାଦକ

ଶ୍ରୀ ବିଜୟ କୁମାର ମିଶ୍ର

ପ୍ରକାଶକ

ଶ୍ରୀ ସତ୍ୟସାଇ ପୁସ୍ତକ ଓ ପ୍ରକାଶନ ନ୍ୟାସ, ଓଡ଼ିଶା

ଭୁବନେଶ୍ୱର

ପ୍ରେମମୟ ଭଗବାନ (PREMAMAYA BHAGAWAN)
ଏନ୍. କସ୍ତୁରୀ
ଓଡ଼ିଆ ଅନୁବାଦ:
ଶ୍ରୀ ବିଜୟ କୁମାର ମିଶ୍ର
ପ୍ରଥମ ସଂସ୍କରଣ : ୧୯୮୭
ଦ୍ୱିତୀୟ ସଂସ୍କରଣ: ୧୯୯୯
ତୃତୀୟ ସଂସ୍କରଣ: ୨୦୦୮
ଚତୁର୍ଥ ସଂସ୍କରଣ: ୨୦୧୨
ପ୍ରକାଶକ :
ଶ୍ରୀ ସତ୍ୟସାଇ ପୁସ୍ତକ ଓ ପ୍ରକାଶନ ନ୍ୟାସ,
ଓଡ଼ିଶା, ଭୁବନେଶ୍ୱର-୭୫୧୦୦୧
ମୁଦ୍ରଣ :
ଶ୍ରୀ ସତ୍ୟସାଇ ପ୍ରେସ୍
ୟୁନିଟ୍-୩
ଭୁବନେଶ୍ୱର -୭୫୧୦୦୧
ମୂଲ୍ୟ : ୬୫.୦୦ ଟଙ୍କା

PREMAMAYA BHAGAWAN
LOVING GOD
by **N. KASTURI**
Translated into Odia by
Sri Bijay Kumar Mishra
All Rights Reserved
Sri Sathya Sai Sadhana Trust
Publications Division
Prasanthi Nilayam-515134
Anantapur Dist.(A.P)
Fourth Edition : 2012
Published by
Sri Sathya Sai Book &
Publications Trust, Odisha
Bhubaneswar-751001
Printed by
Sri Sathya Sai Press
Unit - III, Bhubaneswar - 751001
Phone- 0674-2396269
Price : ₹. 65.00

ପ୍ରିୟ ପାଠକେ

ଭଗବାନ ଶ୍ରୀ ସତ୍ୟସାଇ ବାବା ହେଉଛନ୍ତି ପ୍ରେମମୟ ଭଗବାନ । ସଂସାରର ଯେଉଁମାନେ ଅଜ୍ଞ, ଅନ୍ଧ, ଅକ୍ଷମ, ଭ୍ରାନ୍ତବିଶ୍ୱାସୀ, ମାନସିକ ବିକୃତି ଓ ବଡପଣରେ ରୁଗ୍ଣ, ଅସ୍ଥିରଚିତ୍ତ, ଦୁଃଖଶୋକରେ ମୁହ୍ୟମାନ, ସେମାନଙ୍କ ପ୍ରତି ଅକୁଣ୍ଠ ପ୍ରେମ ହିଁ ଆଜି ଭଗବାନଙ୍କୁ ମଣିଷ ରୂପରେ ଏ ଧରାଧାମକୁ ଆସିବା ନିମନ୍ତେ ପ୍ରବର୍ତ୍ତାଇ ପାରିଛି । ବାବାଙ୍କ ପ୍ରେମ ଲକ୍ଷ ଲକ୍ଷ ସନ୍ତାନଙ୍କୁ (ସବୁ ବୟସର) ଉପରୋକ୍ତ ମାନସିକ ଓ ଆଧ୍ୟାତ୍ମିକ ବ୍ୟାଧିରୁ ମୁକ୍ତ କରିଛି । ଏହି ଅବତାରଙ୍କ ହାତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ନାହିଁ ; ମାତ୍ର ସତ୍ୟ ତାଙ୍କର ଶଙ୍ଖ, ଧର୍ମ ଚକ୍ର, ଶାନ୍ତି ଗଦା ଏବଂ ପ୍ରେମ ତାଙ୍କର ପଦ୍ମ । ଦୁଃଖୀମାନଙ୍କୁ ପ୍ରେମର ଔଷଧ ଦେବା ପାଇଁ ତାଙ୍କର ହାତ ସଦା ଉନ୍ମୁକ୍ତ । ଏହି ଔଷଧ ଯନ୍ତ୍ରଣା ଲାଘବ କରେ, ବଳ ଦିଏ, ଅଙ୍କାବଙ୍କାକୁ ସିଧା କରେ ଏବଂ ମୁକ୍ତି ପ୍ରଦାନ କରେ । ଏହା ଦୃଷ୍ଟିକୁ ନିର୍ମଳ ଏବଂ ଉଜ୍ଜ୍ୱଳ କରେ, ମୁଣ୍ଡର ବୋଝକୁ ହାଲୁକା କରେ ।

ଏହି ପ୍ରେମମୟ ଭଗବାନଙ୍କ ପାଖକୁ ଯିବା, ତାଙ୍କର ଆରାଧନା କରିବା ଏବଂ ତାଙ୍କ ମାର୍ଗ ବୁଝିବାର ଉପାୟ ହେଉଛି ପ୍ରେମ । ଚନ୍ଦ୍ରକୁ ଦେଖିବା ଓ ଉପଭୋଗ କରିବାର ମାଧ୍ୟମ ଚନ୍ଦ୍ରକିରଣ ନୁହେଁ କି ? ଯେଉଁ ପ୍ରେମ ମାଧମରେ ଆମେ ପ୍ରେମମୟ ଭଗବାନଙ୍କୁ ଜାଣିବା, ସେ ପ୍ରେମ ନିର୍ମଳ, ନିଃସଙ୍ଗ ଏବଂ ସୁକୋମଳ ହେବା ଦରକାର । ଭଗବାନଙ୍କୁ ଭଲ ପାଇବା ହେଉଛି ଗୋଟିଏ ସାଧନା । ଏ ସାଧନାରେ ଆମକୁ ନିରନ୍ତର ହୃଦୟକୁ ନିର୍ମଳ କରିବାକୁ ପଡିବ, ନିରନ୍ତର ଆତ୍ମ-ଶୋଧନରେ ଲାଗିପଡ଼ିବାକୁ ହେବ । ଏ ସାଧନାର ଅର୍ଥ ଆମକୁ ଆମର ପ୍ରିୟ ଦୁରଭ୍ୟାସଗୁଡ଼ିକୁ ଏବଂ ଚେରମାଡ଼ି ବସିଥିବା ଆସକ୍ତିଗୁଡ଼ିକୁ ଉପାଡ଼ି ଫିଙ୍ଗି ଦେବାକୁ ହେବ । ଏହା ସମ୍ଭବ ହେବ, ଯଦି ଆମଠାରେ ଅଚଳା ଭକ୍ତି ଥିବ, ଏକନିଷ୍ଠ ଆତ୍ମନିବେଦନ ଭାବ ଥିବ ।

ମାତ୍ର ଭଗବାନଙ୍କ ପ୍ରେମ ମାଆର ସ୍ନେହ ମାଧ୍ୟମରେ, ପିତାଙ୍କ ଶାସନ ରୂପରେ, ବନ୍ଧୁର ସତର୍କବାଣୀରେ ଏବଂ ଗୁରୁଙ୍କ ଉପଦେଶ ଭାବରେ ମଧ୍ୟ ପ୍ରକଟିତ ହୋଇଥାଏ । ଭଗବାନଙ୍କୁ ଭଲ ପାଇବା ନିରନ୍ତର ଅଗ୍ନିପରୀକ୍ଷା ହେଲେ ମଧ ପାଠକମାନେ ଏହି ବହିରେ ପଢ଼ିବେ ତାହା କିପରି ସହଜ ଓ ସରସ ହୋଇପାରେ ।

ଭଗବାନଙ୍କ କୋଳ ଆଡ଼କୁ ଥର ଥର ପାଦରେ ଚାଲୁଥିବା ଏହି ଯାତ୍ରୀଟିର ଅସମାପ୍ତ ଯାତ୍ରା କଥା କହିବା ପାଇଁ ଭଗବାନ ତାକୁ ଆଶୀର୍ବାଦ କରିଥିଲେ, ଆଉ ଜନ୍ମ ନେଇଥିଲା ଏ ବହିଟି ।

ମୁଁ ପ୍ରାର୍ଥନା କରୁଛି, ପ୍ରେମର ସାଧନା କରି ପ୍ରେମମୟ ଭଗବାନଙ୍କଠାରେ ପହଞ୍ଚିବା ନିମନ୍ତେ ପାଠକମାନେ ମୋର ସହଯାତ୍ରୀ ହୁଅନ୍ତୁ ।

ବଡ଼ଦିନ **ଏନ୍. କସ୍ତୁରୀ**

୧୯୮୨ **ପ୍ରଶାନ୍ତିନିଲୟମ**

ସୂଚୀପତ୍ର

ବିଷୟ	ପୃଷ୍ଠା
ମୁକ୍ତାପାତ	୫
ଅଜାଙ୍କ ଆଖିର ପିତୁଳା	୨୪
ପରମହଂସ ପୁତ୍ର	୪୭
ବିଦ୍ୟା ବିଚିତ୍ରା	୬୫
ବିପତ୍ତି ଓ ମୁକ୍ତି	୭୯
ଜୀବନସାଥୀ	୧୧୦
ଖାଇଲା ପୁଅଝିଅ ରଙ୍କ	୧୬୭
ବେଦନା, ବିଦାୟ	୨୨୧
କଳମର ତପସ୍ୟା	୨୪୫
ଚାଲନ୍ତା ପ୍ରେମ	୨୬୯
ମୋର ଭାଷାନ୍ତର ସାଧନା	୨୯୯
ସାଇକଥା ହିଁ ସତ୍ୟ କଥା	୩୧୩
ଦେବାଳୟରେ ଦେବାବତରଣ	୩୭୩
ନିହାଣ-ମୁଗୁର	୩୮୫
ପ୍ରେମମୟ ଭଗବାନ	୪୦୮

ମୁକ୍ତାପାତ

ଏଥର ୧୮୯୭ ମସିହାର ଖ୍ରୀଷ୍ଟମାସ ଦିନ ମୁଁ ଭଗବାନଙ୍କ ନିଃଶ୍ୱାସ ଆଘ୍ରାଣ କଲି। ବାବା କହନ୍ତି, "ମଣିଷ ଜନ୍ମ ହୁଏ ଆଉଥରେ ଜନ୍ମ ନ ହେବାର କୌଶଳ ଶିଖିବା ପାଇଁ।" ଯା ଆଗରୁ ମୁଁ ଯେତେଥର ଆସିଥିଲି ଏ କୌଶଳଟି ମୋତେ ଏଡ଼ାଇ ଚାଲିଥିଲା। ତେଣୁ ଆଉଥରେ ସ୍କୁଲରେ ନାମ ଲେଖାଇବା ଦରକାର ପଡିଲା। ଆମିବାଠାରୁ ମଣିଷଯାଏ ଯେତେବାଟ ମୁଁ ଚାଲିଚି, ସେଥିରେ ମୋକ୍ଷ ବର୍ଣ୍ଣମାଳାର ପ୍ରଥମ ଅକ୍ଷରଟି ଆ-ଆତ୍ମା ମଧ୍ୟ ମୁଁ ଶିଖିପାରି ନଥିଲି। ସେଥିପାଇଁ ବଡ଼ଦିନ ରାତିରେ ଆରବ ସାଗରର ଉପକୂଳରେ ସବୁଥର ପରି ଏଥର ମଧ୍ୟ ପୁନଶ୍ଚ ପୃଥିବୀ ଭୋଗିବାର ସମ୍ଭାବନାକୁ ମୁଁ କାନ୍ଦି କାନ୍ଦି, ଗୋଡ଼ହାତ ବାଡ଼େଇ ସ୍ୱାଗତ ଜଣାଇଥିଲି।

ଯେଉଁଦିନ ମୁଁ ଜନ୍ମ ନେଲି ପୃଥିବୀର ଅଧେ ଭଗବାନଙ୍କ ପୁତ୍ରଙ୍କ ପାଇଁ ଭକ୍ତି ଓ ଆରାଧନାର ଆଲୋକରେ ଆଲୋକିତ ଥିଲା। ଏହା କ'ଣ ମୋର ପୂର୍ବଥର ସଂସାର-ରହଣୀ କାଳରେ କରିଥିବା କିଛି ସୁକୃତର ପୁରସ୍କାର ଥିଲା, ନା ଏହା ଥିଲା ମୋର ଆଲୋକ ପାଇଁ ନୂତନ ଯାତ୍ରାର ପୂର୍ବ ସଂକେତ ? ଏଥିରେ ସଂଶୟ ପୋଷଣ କରିବାର ସାହସ ମୋର ନାହିଁ। ଅତୀତ ଅବଶ୍ୟ ବର୍ତ୍ତମାନକୁ ଗଢ଼େ; ମାତ୍ର ଭବିଷ୍ୟତ ମଧ୍ୟ ତଦ୍ରୂପ ଅନିବାର୍ଯ୍ୟ ରୂପେ ବର୍ତ୍ତମାନକୁ ରୂପ ଦିଏ। ଅଧିକାଂଶ ସମୟରେ ଭବିଷ୍ୟତର ଟାଣ ଅତୀତର ଶକ୍ତିକୁ ବଳି ପଡିଥାଏ। ଭବିଷ୍ୟତର ଗଛ ଆଜିର ମଞ୍ଜି ଭିତରେ ଲୁଚି ରହିବା କଥାଟି ଆଜିର ମଞ୍ଜି ଅତୀତ ବୃକ୍ଷରୁ ଜାତହେବା କଥାଟି ପରି ସତ୍ୟ। ଶତାବ୍ଦୀ ଶତାବ୍ଦୀ ପରେ ମଧ୍ୟ ଗୀତାର ବାଣୀ ଗୋଟିଏ ଗାନ୍ଧୀ ଗଢ଼ିଥିଲା। ପ୍ରକଟରୂପ ପାଇଁ ଅପ୍ରକଟ ସତ୍ତା ଲୋଡ଼ା ପଡ଼େ।

ଖ୍ରୀଷ୍ଟମାସ ଦିନ ଜନ୍ମହେବା ମୋ ଜୀବନ-ପୁସ୍ତକର ଏକ ଉଜ୍ଜ୍ୱଳ ପୃଷ୍ଠାର ବାର୍ତ୍ତାବହ ଥିଲା। ଯେଉଁ ଗାଁରେ ମୁଁ ପୃଥିବୀର ଆଲୋକ ଦେଖିଥିଲି, ୧୯୧୯ରେ ତାକୁ ଯେ ଛାଡ଼ିଥିଲି, ସେଠାରେ ପୁଣି ପାଦ ଦେଇଥିଲି ୧୯୬୮ ମସିହାରେ, ବାବାଙ୍କ ସହ, ଯାହାଙ୍କୁ ଖ୍ରୀଷ୍ଟମାସ ଦିନ ଦେଶ-ବିଦେଶରେ ଖ୍ରୀଷ୍ଟିୟାନ୍‌ମାନେ ମାନବର ପରିତ୍ରାଣ ନିମନ୍ତେ ପୃଥିବୀକୁ ପଠାଇଥିବା ନିଜର ଏକମାତ୍ର ପୁତ୍ରଙ୍କର ପିତା ଭାବରେ ଆରାଧନା କରନ୍ତି। ସେ ଥର ବାବାଙ୍କ ଆଗମନର ଉଦ୍ଦେଶ୍ୟ ଥିଲା ଜଣେ ଖ୍ରୀଷ୍ଟିୟାନ୍ ଭକ୍ତଙ୍କୁ

ଆଶୀର୍ବାଦ ଦେବା, ଆଉ ତାଙ୍କ ପାଇଁ ଗଢା ହେଉଥିବା ଏକ ମନ୍ଦିରର ଶୁଭ ଦେବା। ଏହା ଥିଲା ବାବାଙ୍କ ମହିମା ଓ ଏଲିଆସର ଭକ୍ତିର ଅନବଦ୍ୟ କାହାଣୀ। ନିଜ ଘରଠାରୁ ଛଅମାଇଲ ଦୂରରେ ଥିବା ଗୋଟିଏ ଘର ପ୍ରତି ଏଲିଆସ ଆକୃଷ୍ଟ ହୋଇଥିଲା, ଯେଉଁଠି ବାବାଙ୍କ ସଂକଳ୍ପରେ କେବଳ ଯେ ତାଙ୍କ ଫଟୋରୁ ବିଭୂତି ଝରୁଥିଲା, ତାହା ନୁହେଁ, ସମସ୍ତଙ୍କୁ ଚକିତ କରି ଯୀଶୁଙ୍କ ଫଟୋରୁ ମଧ୍ୟ ଝରି ଆସୁଥିଲା ସେଇ ବିଭୂତି ଯାହା ବାବା ଆପଣା ଶ୍ରୀହସ୍ତ ସଞ୍ଚାଳନ କରି ଭକ୍ତମାନଙ୍କୁ ଦେଇଥାନ୍ତି! ସେ ସେଠାକୁ ଗଲା, ଆଉ ଯାହା ଦେଖିଲା ସେଥିରେ ତାର ରୋମାଞ୍ଚ ଜାତ ହେଲା। ସେ ଶୁଣିଥିଲା ବାବା ଜଣେ ହିନ୍ଦୁ। ସେ ଜାଣିଥିଲା ବାବା ସେତେବେଳେ ଶହ ଶହ ମାଇଲ ଦୂରରେ ଥିଲେ। ମାତ୍ର ସେ ଦେଖିଲା ଦିବ୍ୟ-ସଂକଳ୍ପର ମହିମା। ସେ ଉପଲବ୍ଧି କଲା, ଯେଉଁ ନାମରେ ଡାକିଲେ ମଧ୍ୟ ସେଇ ଜଣେ ଈଶ୍ବର ହିଁ ସବୁ ଡାକର ଉତ୍ତର ଦିଅନ୍ତି। ସେ ସଂକଳ୍ପ କଲା ପୁନଶ୍ଚ ଧରାବତରଣ କରିଥିବା ଏଇ ଯୀଶୁଙ୍କ ପାଇଁ ସେ ଏକ ମନ୍ଦିର ତୋଳିବ, ଯିଏ ଆସିଛନ୍ତି ସେଣ୍ଟଜନ୍ କହିଥିବା ପରି - 'ସତ୍ୟ' ନାମ ଧରି ଓ ରକ୍ତବର୍ଣ୍ଣର ପୋଷାକ ପରିଧାନ କରି ମଣିଷକୁ ଶାନ୍ତି ଓ ସନ୍ତୋଷ ଦେବା ନିମନ୍ତେ।

ବାବା ମୋତେ ତାଙ୍କ ଇମ୍ପାଲା ଗାଡ଼ିରେ ନେଇ ସେ ଗାଁକୁ ଆସିଲେ ଓ ଉକ୍ତ ଖ୍ରୀଷ୍ଟିୟାନ ଭକ୍ତଙ୍କ ଘରେ ରହିଲେ। ଏଥର 'ପର୍ବତ ଉପରୁ ଉପଦେଶ' ସେ ଦେଲେ ଘରର ୨ୟ ମହଲା ଛାତ ଉପରୁ। ପାହାଚ ଚଢ଼ି ଉପରକୁ ଗଲାବେଳେ ତାଙ୍କ ଶ୍ରୀହସ୍ତ ଶୂନ୍ୟରୁ ତୋଳି ଆଣିଥିଲା ଗୋଟିଏ ସୁନ୍ଦର କ୍ରସ୍, ଆଉ ବାବା କେରଳ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ, ଜଣେ ଖ୍ରୀଷ୍ଟିୟାନ୍ ଭକ୍ତଙ୍କୁ ତାହା ପ୍ରଦାନ କରିଥିଲେ। ଛାତ ଉପରୁ ଦିଶୁଥାଏ ମୋର ପ୍ରିୟ ହାଇସ୍କୁଲ ପଛରେ ଥିବା ବିରାଟ ଫୁଟ୍‌ବଲ୍ ପଡିଆ। ସେଦିନ ଅପରାହ୍ନରେ ସେ ପଡ଼ିଆଟି ଆଗ୍ରହଦୀପ୍ତ ଓ ଆନନ୍ଦରାଗରଞ୍ଜିତ ଅନେକ ମଣିଷ ମୁହଁଭରା ଉଦ୍ୟାନରେ ପରିଣତ ହୋଇଥିଲା, ଆଉ ସେମାନଙ୍କ ମଧ୍ୟରେ ମୁଁ ଦେଖିଥିଲି ଆଗ ଧାଡ଼ିରେ, ନୀରବ ଓ ଶାନ୍ତ ଭାବରେ ଉପବିଷ୍ଟ ମୋର ସେକାଳର ସମସାମୟିକ କେତୋଟି ପରିଚିତ ମୁହଁ।

ଏଥର ମଧ୍ୟ ସେ ଆହ୍ୱାନର ପୁନରାବୃତ୍ତି, "ମସିଣାକୁ ଗୁଡ଼ାଇ ରଖି ଦିଅ; ଆଉ ଆସ ମୋ ପଛରେ।" ତାଙ୍କର କରୁଣା-କଲ୍ୟାଣ ଅସୀମ। ସେ ପୁନଶ୍ଚ ଆହ୍ୱାନ ଜଣାନ୍ତି ଦୁଃଖ ଓ ଯନ୍ତ୍ରଣାର ବିକଳ କ୍ରନ୍ଦନରେ ପିହିତ ଶଯ୍ୟାକୁ ଛାଡି ଆମକୁ ତ୍ରାଣକର୍ତ୍ତାଙ୍କ

ପଦଚିହ୍ନ ଅନୁସରଣ କରିବା ନିମନ୍ତେ । କେରଳର ଭାଷା ମାଲାୟାଲାମ୍‌ରେ ବାବାଙ୍କ ସମ୍ଭାଷଣକୁ ଅନୁବାଦ କରିବାର ଅପୂର୍ବ ସୌଭାଗ୍ୟ ସେ ମୋତେ ସେଦିନ ଦେଇଥିଲେ । ସେଦିନ ସେ ମୋତେ ସେଇ ଗାଁର ପୁଅ ଭାବରେ ଗାଁ ଲୋକଙ୍କ ଆଗରେ ଉପସ୍ଥିତ କରିବାର ଆନନ୍ଦ ଦେବା ପାଇଁ ସଂକଳ୍ପ କରିଥିଲେ । ଏ ଘଟଣାରୁ ମୁଁ ଏହା ହିଁ ବୁଝିଥିଲି । କାରଣ ସେ ଯେ ଜଣେ ଅନୁବାଦକ ଆବଶ୍ୟକ କରୁଥିଲେ ତାହା ନୁହେଁ । ସବୁ ଭାଷାର ଆଧାର ସେ । ଏ ଅଞ୍ଚଳରୁ ମୁଁ ବହୁବର୍ଷ ଧରି ଦୂରରେ ଥିଲି । ଏଣୁ ଅନୁବାଦ ସମୟରେ ଯେତେବେଳେ ମୁଁ ଗୋଟିଏ ଉପଯୁକ୍ତ ମାଲାୟାଲାମ୍ ଶବ୍ଦ ସ୍ମୃତିରୁ ସଙ୍ଗେ ସଙ୍ଗେ ଉଦ୍ଧାର କରିପାରୁ ନଥିଲି, ସେ ମୋତେ ସେଥିରେ ସହାୟକ ହେଉଥିଲେ ! ଯେତେବେଳେ ଗୋଟିଏ ବିଶେଷଣ ବା ଶବ୍ଦଟିଏ ଛାଡ଼ି ଦେଉଥିଲି, ସେ ତତ୍‌କ୍ଷଣାତ୍ ଶ୍ରୋତାମାନଙ୍କୁ ଏ ଦୁରବସ୍ଥାରୁ ଉଦ୍ଧାର କରୁଥିଲେ !

ତିରୁପୁନ୍ନିତ୍ତୁରା ଗାଁର ଆତ୍ମା ଥିଲା ଗୋଟିଏ ବିଷ୍ଣୁ ମନ୍ଦିର । ପାରମ୍ପରିକ ବିଶ୍ୱାସ ଅନୁସାରେ କୃଷ୍ଣ ଅବତାରରେ ଅଠରଦିନ ବ୍ୟାପୀ ମହାଭାରତ ଯୁଦ୍ଧରେ ପାର୍ଥଙ୍କ ସାରଥି କାମ କରିଥିବା ବିଷ୍ଣୁଙ୍କର ଏହି ମୂର୍ତ୍ତି ପ୍ରତିଷ୍ଠା କରିଥିଲେ ନିଜେ ଅର୍ଜୁନ । ଏହି ମହାଯୁଦ୍ଧର ଘନଘଟା ମଧ୍ୟରେ, କ୍ରୋଧର ଫୁତ୍‌କାର ଓ ଯନ୍ତ୍ରଣାର ବ୍ୟାକୁଳତା ମଧ୍ୟରେ କୃଷ୍ଣ କେବଳ ଯେ ଘୋଡ଼ାମାନଙ୍କ ଲଗାମ ଧରିଥିଲେ ତାହା ନୁହଁ, ରଥୀ ଅର୍ଜୁନଙ୍କ ଲଗାମ ମଧ୍ୟ ଧରିଥିଲେ । ସେଥିପାଇଁ, ଶରଣାଗତର ଏହି ସଦୟ କୃପାମୟ ସେବା ନିମନ୍ତେ, ପରବର୍ତ୍ତୀ କାଳରେ କୃଷ୍ଣ ପାର୍ଥସାରଥି ନାମରେ ପରିଚିତ ହୋଇଥିଲେ ।

ପୃଥିବୀରେ ପାଦ ଦେବାର ଏକାଦଶ ଦିବସ ଦିନ ମୋ ବୋଉ ମୋତେ ସ୍ନେହରେ ନେଇ ପରିବାରର ପାରମ୍ପରିକ ବିଧି ଅନୁସାରେ ମନ୍ଦିରରେ ପାର୍ଥସାରଥିଙ୍କ ସମ୍ମୁଖରେ ଉପରୁ ଝୁଲୁଥିବା ବିରାଟ ଦୀପ ତଳେ ପଥରର ଫଳକ ଉପରେ ରଖି ସମର୍ପଣ କରି ଦେଇଥିଲା । ମୋତେ ଠାକୁରଙ୍କ ଆଗରେ ଗଡ଼ାଇ ଦେଇ ସେ ଠାକୁରଙ୍କ ମୁହଁକୁ ଚାହିଁ ରହିଥିଲା ସ୍ୱୀକୃତିର ସାମାନ୍ୟ ସ୍ମିତହାସ ନିମନ୍ତେ । ଡାହାଣ ଓ ବାମପଟେ ଜଳୁଥିବା ଦୀପର ସଚଳ ଶିଖା ମୁହୂର୍ତ୍ତକ ପାଇଁ ଯେତେବେଳେ ସେ କୃପାଘନ ମୁଖରେ ନାଚି ଉଠିଲା ମୋ ବୋଉ କୃତକୃତ୍ୟ ହୋଇ ମୋତେ ଉଠାଇ ନେଇଥିଲା ସବୁଦିନ ପାଇଁ ହୃଦୟରେ ଏହି ସଂକେତର ଆଲେଖ୍ୟ ଲେଖିରଖି । ତା'ପରେ ମୁଁ ମୋ ସାନ ସାନ ପାଦରେ ନିଜେ ଏକୁଟିଆ ପାର୍ଥସାରଥିଙ୍କଠାକୁ ଆସି ତାଙ୍କ ଆଗରେ କେତୋଟି ସ୍ତବ ବୋଲିପାରିବାଯାଏ ବୋଉ ପ୍ରତିଦିନ ମତେ କାଖେଇ ମନ୍ଦିରକୁ

ଆଣୁଥିଲା । ସେତେବେଳେ ମନ୍ଦିରର ପୂଜାରୀ ମୋ କପାଳରେ ଠାକୁରଙ୍କର ଚନ୍ଦନ ବୋଳି ଦେଉଥିଲେ ଓ ମୋ ହାତରେ ଠାକୁରଙ୍କ ତୀର୍ଥ ଟୋପେ ଦେଉଥିଲେ ମୋ ଅନ୍ତରକୁ ନିର୍ମଳ କରିବା ନିମନ୍ତେ ।

ମୋ ଅଜା ସେ ମନ୍ଦିରର ପରିଚାଳନା ସଭାର ମୁଖ୍ୟ କର୍ମକର୍ତ୍ତା ଥିଲେ । ପ୍ରତିଦିନ ରାତିରେ ଠାକୁରଙ୍କ ମନ୍ଦିରରେ ଚାବି ଦେଇସାରି ଦିନକୁ ଦୁଇଥର ଠାକୁରଙ୍କୁ ଅର୍ପଣ କରାଯାଉଥିବା ଭୋଗରୁ ତାଙ୍କ ଭାଗ ନେଇ ସେ ଘରକୁ ଆସୁଥିଲେ । ସେ ଆସିବାଯାଏ ଆମେ ଚାହିଁ ବସୁଥିଲୁ । ଯେଉଁ ପ୍ରାଣପୁଷ୍ଟକାରୀ ପବିତ୍ର ଭୋଗ ପାର୍ଥସାରଥି ମୋ ପାଇଁ ପଠାଉଥିଲେ, ସେଥିରୁ ବେଶୀ ଅଂଶ ପାଉଥିଲି ମୁଁ ।

ମନ୍ଦିରଟି ରାସ୍ତା ସେପଟେ ଥିଲା । ପରେ ମୁଁ ପ୍ରତିଦିନ ସେହି ରାସ୍ତାରେ ଅନ୍ନଛତ୍ର ଦେଇ ସ୍କୁଲକୁ ଯାଉଥିଲି । ସେତେବେଳେ ମୁଁ ପ୍ରତିଦିନ ପାର୍ଥସାରଥିଙ୍କ ଆଗରେ ଠିଆ ହୋଇ ମୋ ଲୁହ ଓ କୋହର କଥା ତାଙ୍କୁ କହୁଥିଲି, ଦୀପର କ୍ଷୀଣ ଆଲୋକରେ ତାଙ୍କ ମୁହଁ ଝଲି ଉଠି ମୋ ପ୍ରାର୍ଥନା ସ୍ୱୀକାର କରିବାର କୋମଳ ସ୍ମିତହାସ ମୋତେ ଦିଶିବାଯାଏ ମୁଁ ମୋ ଭୟଭୀତି, ଆପତ୍ତି-ଅଭିଯୋଗ, ଦାବୀ-ଅନୁଯୋଗ ସବୁ ତାଙ୍କ ଆଗରେ ଅଜାଡ଼ି ଦେଉଥିଲି । ମୁଁ ତାଙ୍କୁ ପ୍ରାର୍ଥନା କରୁଥିଲି ଅନ୍ନଛତ୍ରରେ ମୋ ପତ୍ରରେ ପଡୁଥିବା ଦୁଇ ମୁଠା ଭାତ ରୁଚିକର ହେଉ, ପରିଚାଳକ ଆଉ ଅଧିକା ମୁଠାଏ ଭାତ ଦେଉ । ପାର୍ଥସାରଥିଙ୍କୁ ମୁଁ ମାଗୁଥିଲି ପେନ୍‌ସିଲ ଓ ପିପରମେଣ୍ଟ, ମାଗୁଥିଲି ସ୍କୁଲରେ ଅଧିକାଂଶ ସମୟରେ ହେଉଥିବା ପରୀକ୍ଷାମାନଙ୍କରେ ମୋର ସବୁ ଅଙ୍କ ଠିକ୍ ହେଉ, ମୁଁ କୋଟ୍ ପିନ୍ଧିବାକୁ ପାଇବା ଯାଏ ଆମ ଗାଁକୁ ଭାଇସ୍‌ରାୟଙ୍କ ଗସ୍ତ ସ୍ଥଗିତ ରହୁ, କାରଣ ସେତେବେଳେ ନିୟମ ଥିଲା କୋଟ୍ ନ ପିନ୍ଧି କୌଣସି ସ୍କୁଲଛାତ୍ର ଭାଇସ୍‌ରାୟଙ୍କ ଶୋଭାଯାତ୍ରା ପାଖରୁ ଦେଖି ପାରିବ ନାହିଁ । ପାର୍ଥସାରଥି ଥିଲେ ମୋର ପଥଦ୍ରଷ୍ଟା, ମୋର ବନ୍ଧୁ, ମୋର ସହଯାତ୍ରୀ, ମୋ ସ୍ୱୀକାରୋକ୍ତିର ଗ୍ରହୀତା ଓ ମୁଁ ସ୍ୱପ୍ନରାଜ୍ୟରେ ବୁଲୁଥିବାବେଳେ ମୋର ଶଯ୍ୟାସଙ୍ଗୀ ।

ବାବା ନିଜକୁ ମହାଭାରତର କୃଷ୍ଣାବତାର ପାର୍ଥସାରଥି ବୋଲି ଘୋଷଣା କରିଛନ୍ତି । ସେ ଘୋଷଣା କରିଛନ୍ତି ସନାତନ କାଳରୁ, ଜୀବନ ସଂଚାର ହେବା ମୁହୂର୍ତ୍ତରୁ ସେ ପ୍ରତ୍ୟେକ ପ୍ରାଣୀର ସାରଥି, ପ୍ରତ୍ୟେକ ଯାତ୍ରୀର ପଥଦ୍ରଷ୍ଟା, ସନାତନ ସାରଥି । ବୌଦ୍ଧଧର୍ମରେ ତୃଷ୍ଣାର ଅକଳନ ଶକ୍ତି ସମ୍ବନ୍ଧରେ କୁହାଯାଇଛି, "ତୃଷ୍ଣା ଦେଖିବାକୁ

ଚାହିଁଲା, ଆଉ ଆମେ ଚକ୍ଷୁଲାଭ କଲୁ; ଶୁଣିବାକୁ ଚାହିଁଲା, ଆଉ ଆମେ କର୍ଣ୍ଣ ଲାଭ କଲୁ । ଲତା ଫୁଟିବାକୁ ଚାହିଁଲା, ଆଉ ଆମେ ଦେଖିଲୁ ଆମ ଚାରିପାଖେ ଫୁଲମାନେ ହସୁଛନ୍ତି ।" ମୁଁ ପିଲାଦିନେ ପାର୍ଥସାରଥିଙ୍କୁ ପାଇବାକୁ ଆକୁଳ ହେଉଥିଲି, ଆଉ ଫଳରେ ୫୦ ବର୍ଷ ବୟସରେ ପାଇଲି ପାର୍ଥସାରଥିଙ୍କୁ । ଆସନ୍ତା କାଲିର ପାଗ ଜଣାପଡେ ଆଜିର ମେଘଗର୍ଜନରୁ । ମୋର 'ବୟସ' ଯେତେବେଳେ ୬୦, ମୋର ପାର୍ଥସାରଥି ମୋତେ 'ସନାତନ ସାରଥି' ମାସିକ ପତ୍ରିକାର ସମ୍ପାଦକ ଭାବରେ ମନୋନୀତ କଲେ ପ୍ରତିମାସ ତାଙ୍କରି ଗୀତାବାଣୀ ଲେଖୁଥିବା ତାଙ୍କରି କଲମ ଧରିବାକୁ..... ।

ମୋ ବୋଉ ଆଈର ସାନ ଝିଅ । ଏନ୍ତୁଡିଶାଳରେ ଆଈ ବୋଉକୁ ପ୍ରସବ ବେଦନାରୁ ମୁକ୍ତ କରି ଯେତେବେଳେ ମୋତେ ହାତରେ ଧରି ନିରେଖିଲା,ଏଥରର ଜୀବନଯାତ୍ରା ପାଇଁ ମୋର ରୂପକୁ ଦେଖି ଦୀର୍ଘଶ୍ୱାସଟିଏ ପକାଇଥିଲା । କାରଣ ତାର ଆଶା ଭରସାକୁ ବଳ ଦେଲାପରି ମୋଠାରେ କିଛି ନ ଥିଲା । ମୋତେ ଓଜନ ଯନ୍ତ୍ରରେ ଓଜନ ନ କରି ମଧ୍ୟ ମୋର ଗରୁତା ସେ କଳି ନେଇଥିଲା ।

ବାପାଙ୍କୁ ୧୮ ଓ ବୋଉକୁ ୧୨ ବର୍ଷ ହୋଇଥିଲାବେଳେ ବୈଦିକ ମନ୍ତ୍ର ଅଗ୍ନିଦେବଙ୍କୁ ଆବାହନ କରିଥିଲା ସେମାନଙ୍କର ହସ୍ତ ବନ୍ଧନର ସାକ୍ଷୀ ହେବାପାଇଁ । ମୋ ବୋଉ ମୋତେ କୁହେ ସେଦିନ ଏକ ସୁନ୍ଦର ପ୍ରଭାତରେ ଏ ବନ୍ଧନ ନିମନ୍ତେ ତାକୁ ତାର କେହି ସାଂଗ ଅଭିନଂଦନ ଜଣାଇ ନଥିଲେ, କାରଣ ବାପା ଥିଲେ ତାଙ୍କରି ଆଖି ଡୋଳା ପରି ଚିକ୍‌କଣ କଳା ଓ ବୋଉ ସେଇ ଆଖିର ଅନ୍ୟ ଅଂଶ ପରି ଧଳା । (ବୋଉର ଆଖି ଅବଶ୍ୟ ନୀଳରଙ୍ଗ) । ମୁଁ ପୁଅ ହୋଇଥିବାରୁ ମୋର ବର୍ଣ୍ଣ ବିଷୟରେ ଆଈର କିଛି ଚିନ୍ତା ନଥିଲା । ମାତ୍ର ମୋର ଲଘୁତା ଥିଲା ତା'ର ଦୁଷ୍ଚିନ୍ତାର କାରଣ । ଶିଶୁଖାଦ୍ୟ ଟିଣ ପିଠିରୁ ଯେଉଁ ଗୋଲଗାଲ କଖାରୁ ପରି ପିଲାଟିମାନ ଲାଳ ଗଡ଼ାଇ ଚାହିଁ ରହିଥାନ୍ତି ସେମାନଙ୍କ ପ୍ରତି ଆଈର ଦୁର୍ବଳତା ଥିଲା ଅସୀମ । ସେଥିପାଇଁ ସେ ମୋ ଉପରେ ମର୍ଦ୍ଦନ, ମାଜଣା ଓ ନାନା ଚେରମୂଳର ପରୀକ୍ଷା ଚଳାଇଲା । ମାତ୍ର ମୁଁ ସତେ ଯେମିତି ବ୍ରତ କରିଥିଲି ଅପରିବର୍ତ୍ତନୀୟ ରହିବା ପାଇଁ ।

ଆଈର ବୁଦ୍ଧି-ବିଦ୍ୟା ଓ ସହିଷ୍ଣୁତା ପ୍ରତି ମୁଁ ଆଉ ଗୋଟିଏ ସମସ୍ୟା ଥିଲି । ସଂସାରକୁ ଆସିଲାବେଳେ ମୁଁ ଯେଉଁ ଅଧିକା ବୋଝ କେତୋଟି ଧରି ଆସିଥିଲି ଆଈ ଦିନେ ସେଥିରେ ଅକୁଣ୍ଠିତ ଭାବରେ କତୁରୀ ଚଳାଇ ଦେଲା । ନା, ବିବର୍ତ୍ତନୀୟ ଲାଙ୍ଗୁଡ଼ ସମସ୍ୟା ନଥିଲା,

ସେଇଟା ଅବଶ୍ୟ ଭିତରେ ଥିଲା; ମାତ୍ର ମୋର ହାତ ଓ ଗୋଡ଼ରେ ଗୋଟିଏ ଗୋଟିଏ ଅଧିକା ଆଙ୍ଗୁଠି ସରୁ ମାଂସର ସୂତାରେ ଲାଗି ଝୁଲୁଥିଲା। ବିଛଣାରେ ଶୋଇ ମୁଁ ଯେତେବେଳେ ହାତଗୋଡ଼ ହଲାଇ ଖେଳୁଥିଲି, ବା ଅଭିଯୋଗ କରୁଥିଲି, ଏ ଅନାକାଂକ୍ଷିତ, ଅନାବଶ୍ୟକ ଆଙ୍ଗୁଠିମାନେ ବଡ଼ ଆନନ୍ଦରେ ନୃତ୍ୟ କରୁଥିଲେ। ସେମାନେ ମୋତେ ସିନା କିଛି କଷ୍ଟ ଦେଉ ନ ଥିଲେ, ଆଇକୁ କିନ୍ତୁ ବଡ଼ କଷ୍ଟ ହେଉଥିଲା। ତେଣୁ ଚୁପ୍‌ଚାପ୍ ସେ ଯେତେବେଳେ କତୁରୀ ଲଗାଇ ଏମାନଙ୍କୁ ମୋ ହାତ ଗୋଡରୁ ଅଲଗା କରିଦେଲା, ସେ ମନେ ମନେ ଖୁସି ହୋଇଥିବ, ମାତ୍ର ଏପରି ଏକ ଅପବିତ୍ର, ଅଧର୍ମ, ବିପଜ୍ଜନକ କତୁରୀ ଉପଘାର ମୋ ବୋଉ ଆଖିରୁ ଲୁହର ନଈ ବୁହାଇ ଦେଲା। କାରଣ ମୋ ହାତ ଓ ଗୋଡର ଅଧିକା ଝୁଲନ୍ତା ଆଙ୍ଗୁଠିଗୁଡ଼ିକ ମଙ୍ଗଳକର ଓ ସୌଭାଗ୍ୟର ଚିହ୍ନ ବୋଲି ଲୋକବିଶ୍ୱାସ ପ୍ରଚଳିତ ଥିଲା। ଜ୍ୟୋତିଷ ଶାସ୍ତ୍ରରେ ମଧ୍ୟ କୁଆଡ଼େ ଏସବୁ ଶୁଭ ଚିହ୍ନ ବୋଲି ଉଲ୍ଲେଖ ଅଛି। ଆଈ ଏହା ଜାଣି ନ ଥିଲା; ଏଣୁ ଏଥର ଆସିଲା ତା'ର ଲୁହ ଝରାଇବା ପାଳି, ତା'ର ମୁଣ୍ଡ କୋଡି ହେବା ପାଳି। ଏହିପରି ମୁଁ ଯେଉଁ ସୌଭାଗ୍ୟର ଚିହ୍ନ ଧରି ଜନ୍ମ ହୋଇଥିଲି, ମୋର ସୌଭାଗ୍ୟରେ ଯିଏ ସବୁଠୁ ବେଶୀ ଆଗ୍ରହୀ ଥିଲା, ତାରି ଅଜ୍ଞତା ଓ ମୂର୍ଖତାବଶତଃ ତାକୁ ମୁଁ ହରାଇ ବସିଲି।

ଆଇର ଉଦ୍ଦେଶ୍ୟ ଅବଶ୍ୟ ନିର୍ମଳ ଥିଲା, ମାତ୍ର କତୁରୀ ନିର୍ଦ୍ଦୋଷ ନ ଥିଲା। ତେଣୁ କଟା ଜାଗା ସବୁ ପାଚିଗଲା, ଆଉ ଏ ସଂସାରକୁ ଆସିବାର କେତୋଟି ମାତ୍ର ସପ୍ତାହ ଭିତରେ ଅନ୍ୟ ସଂସାର ଆଡ଼କୁ ମୁଁ ପାଦ ବଢ଼ାଇ ସାରିଥିଲି। ମାନବ ବିଜ୍ଞାନୀମାନେ କହିବେ, ବିପଦ ସମୟରେ ମାନବ ଅତୀତକୁ ଫେରିଯାଏ, ଏପରିକି ତା ଭିତରେ ଥିବା ଆଦିମ ଓ ପ୍ରାଗ୍-ଐତିହାସିକ ଯୁଗର ସ୍ୱଭାବ ଜାଗି ଉଠେ। ଆଈ ଆବିଷ୍କାର କଲା ଯେ ଆମ ପୂର୍ବପୁରୁଷମାନେ ସପ୍ତଗିରିର ଅଧୀଶ୍ୱର ଭେଙ୍କଟେଶ୍ୱରଙ୍କୁ ଆରାଧନା କରୁଥିଲେ। ଭେଙ୍କଟେଶ୍ୱରଙ୍କୁ ଦର୍ଶନ କରିବାକୁ ଯାଉଥିବା ଜଣେ ତୀର୍ଥଯାତ୍ରୀ ହାତରେ ସେ କେତୋଟି ଟଙ୍କା ନିଜ କୁକର୍ମର ପ୍ରାୟଶ୍ଚିତ୍ତ ନିମନ୍ତେ ପଠାଇଲା, ଆଉ ତା ସାଙ୍ଗେ ମଧ୍ୟ ପଠାଇଲା ମୋ ଜୀବନ ବଞ୍ଚାଇବା ପାଇଁ ବିକଳ ପ୍ରାର୍ଥନା। ପ୍ରଭୁ ଭେଙ୍କଟେଶ୍ୱର ତା ପ୍ରାର୍ଥନା ଶୁଣିଲେ, କେତୋଟି ମୁଦ୍ରାର ବିନିମୟରେ।

କତୁରୀ-ଉପଘାରରୁ ମୁଁ ରକ୍ଷା ପାଇଗଲି। ମୋ ବର୍ଦ୍ଧମାନ ଆକାର ବନ୍ଧୁ-ବାନ୍ଧବଙ୍କୁ ଆନନ୍ଦ ଦେଲା। ସେମାନେ ଅବଶ୍ୟ ଏସବୁ ପ୍ରଭୁ ସପ୍ତଗିରି-ଅଧୀଶ୍ୱରଙ୍କ କୃପା ବୋଲି ବିଶ୍ୱାସ କରିଥିଲେ।

ପ୍ରକୃତରେ କୋଟିଜନବନ୍ଦ୍ୟ ପ୍ରଭୁ ଭେଙ୍କଟେଶ୍ୱର ସାଇଶ୍ୱରଙ୍କ ଛଡ଼ା ଆଉ କେହି ନୁହନ୍ତି । ଅନେକ ବର୍ଷ ପରେ ଏହା ମୁଁ ନିଜ ଆଖିରେ ପ୍ରତ୍ୟକ୍ଷ କରିଥିଲି । ଏହା ଗୋଟିଏ ଲମ୍ବା କାହାଣୀ, ମାତ୍ର ଏଇଠି ମୁଁ ସେ କାହାଣୀଟି କହିବି । ତିଂଶାଧିକ ବର୍ଷ ବୟସରେ ମୁଁ ସପ୍ତଗିରୀଶ୍ୱରଙ୍କ ପାହାଚ ଚଢ଼ି ଯାଇଥିଲି ତାଙ୍କୁ ମୋର ଭକ୍ତିର ପୁଷ୍ପାଞ୍ଜଳି ଅର୍ପଣ କରିବାକୁ । କିଛିବର୍ଷ ପରେ ମୁଁ ମୋର ଛୋଟ ପୁଅକୁ କାନ୍ଧରେ ବସାଇ ପୁନଶ୍ଚ ସେ ଲମ୍ବା, ସର୍ପିଳ ପାହାଚ ଚଢ଼ିଥିଲି । ଆମେ ବ୍ରତ କରିଥିଲୁ ତା'ର ଜନ୍ମବାଳ ସେଇଠି ପକାଇବୁ ଓ ପ୍ରଭୁଙ୍କ କରୁଣାଘନ ଦୃଷ୍ଟି ତା ଉପରେ ପଡ଼ିବା ପାଇଁ ମନ୍ଦିର ଚଟାଣରେ ତାକୁ ଗଡ଼ାଇବୁ । ପୁଣି ଦଶ ବର୍ଷ ପରେ ଆମେ ସେଠାକୁ ଯାଇଥିଲୁ ପ୍ରଭୁଙ୍କ ସମ୍ମୁଖରେ ତାକୁ ଗାୟତ୍ରୀ ମନ୍ତ୍ରର ଦୀକ୍ଷା ଦେଇ ବ୍ରତ କରିବାକୁ । ପ୍ରଭୁଙ୍କ ନାମ ସବୁବେଳେ ଆମ ତୁଣ୍ଡରେ ରହିବ ବୋଲି ଆମେ ପୁଅର ନାମ ଦେଇଥିଲୁ ଭେଙ୍କଟ ନାରାୟଣ । ସେଥିପାଇଁ ତା ତଳ ପୁଅର ନାମ ରଖିଥିଲୁ ଭେଙ୍କଟାଦ୍ରି । ବାରବର୍ଷ ପରେ ପୁନଶ୍ଚ ପୁଅ ଓ ବୋହୂକୁ ନେଇ ମୁଁ ପ୍ରଭୁଙ୍କ ପାହାଚ ଚଢ଼ିଥିଲି । ସପ୍ତଗିରି ମଥାମଣି ପ୍ରଭୁ ଭେଙ୍କଟେଶ୍ୱର ଏହିପରି ଆମ ହୃଦୟରେ ଗଭୀର ଭାବରେ ଅଙ୍କା ହୋଇ ରହିଥିଲେ । ଆମେ କେରଳବାସୀମାନେ ହଜାର ହଜାର ସଂଖ୍ୟାରେ ଭେଙ୍କଟେଶ୍ୱରଙ୍କ ପାଇଁ ଦୀପ ଜାଳୁ, ତାଙ୍କ କରୁଣା ଓ ଆଶୀର୍ବାଦର ଗାଥା ପଢୁ, ତାଙ୍କ ନାମରେ ସ୍ତବ ଗାଉ । ସମୟ ଗଡି ଚାଲିଲା । ମୁଁ ଯେତେବେଳେ ପରେ ପ୍ରଭୁ ସତ୍ୟସାଇଙ୍କ ଶ୍ରୀଚରଣରେ ଗୃହୀତ ହେଲି ସେତେବେଳେ ଅବଶ୍ୟ ଭେଙ୍କଟେଶ୍ୱରଙ୍କ ଦର୍ଶନ କରିବାର ପିପାସା କମିଗଲା, ମାତ୍ର ସେବାଟେ ଗାଡ଼ିରେ ଗଲାବେଳେ ଝରକାବାଟେ ଯେତେବେଳେ ସପ୍ତଗିରୀଶ୍ୱରଙ୍କ ଆଡ଼କୁ ପଡ଼ିଥିବା ପାହାଚ କଡ଼େ କଡ଼େ ଝୁଲନ୍ତା ପତାକା ଓ ତାରାପରି ଜଳୁଥିବା ଆଲୋକମାଳା ମୋ ଆଖିରେ ପଡେ, ହୃଦୟ ଭିତରେ ପ୍ରଭୁଙ୍କୁ ଛାଡ଼ି ଦେଇଥିବା, ବା ପ୍ରଭୁଙ୍କ ପ୍ରତି ଅବିଶ୍ୱାସ କାମ କରିଥିବାର ଦୁଃଖ ମୁଣ୍ଡ ଟେକେ ।

ପନ୍ଦର ବର୍ଷ କାଳ ମୁଁ ମୁହଁ ବୁଲାଇ ରହିଲି । ଭାବୁଥିଲି ପ୍ରଭୁ ମତେ ଆଉ ଦେଖିପାରୁ ନାହାନ୍ତି । ମାତ୍ର ଦିନେ ଆଉ ସମ୍ଭାଳି ନ ପାରି ବାବାଙ୍କ ଆଗରେ ମନକଥା ଖୋଲି କହିଲି, ଆଉ ଭେଙ୍କଟେଶ୍ୱରଙ୍କ ଦର୍ଶନ ନିମନ୍ତେ ଯିବାକୁ ଆଶୀର୍ବାଦ ଓ କୃପା ଭିକ୍ଷା କଲି । ବାବା କହିଲେ, "ହଁ ଯା, ମାତ୍ର ସେଠି କାହାକୁ ଦେଖିବୁ ?" ମୁଁ ଉତ୍ତର ଦେଲି 'ତୁମକୁ ବାବା' । ବାବା ମୁଣ୍ଡ ହଲାଇ ସ୍ୱୀକୃତି ଦେଲେ ଓ କହିଲେ, 'ହଉ ଯା, ଆଉ ଖୁସି ହୁଅ ।'

ଆସୁଏ ଉଚ୍ଚ ପାହାଚ ଚଢ଼ିବାକୁ ଯେତେବେଳେ ମୁଁ ମୋର ସପ୍ତତିବର୍ଷୀୟ ବୟସର ଆଣ୍ଠୁମାନଙ୍କୁ ପ୍ରବର୍ତ୍ତାଇଲି, ସେମାନେ ତତ୍‌କ୍ଷଣାତ୍ ମୋ ବୋଲ ମାନିଲେ, କାରଣ ବାବା ଆଦେଶ ଦେଇଥିଲେ, "ଯା" । ମନ୍ଦିର ଭିତରେ ସିଂହାସନ ସମ୍ମୁଖରେ ଯେତେବେଳେ ଯାଇ ଠିଆ ହେଲି, ମୁଁ ଯାହା ଆଶା କରୁଥିଲି ଓ ସେ ଯାହା ସଂକଳ୍ପ କଲେ, ତାହା ହିଁ ଘଟିଲା । ସିଂହାସନ ଉପରେ ମଣିକାଞ୍ଚନଖଚିତ ପ୍ରଭୁ ଭେଙ୍କଟେଶ୍ୱରଙ୍କ ସ୍ଥାନରେ ଠିଆ ହୋଇଥିଲେ ସହାସ୍ୟବଦନ ବାବା, ସତେ ଯେମିତି ସେଠାରେ ମତେ ଦେଖି ଆଖିପତା ଉପରକୁ ଟେକି ସେ ପଗ୍ଘରୁଥିଲେ, "ଆରେ, ତୁ ଏଠି ... !"

ମୋ ଜୀବନର ଯେଉଁଦିନ ଦ୍ୱାଦଶ ପ୍ରଭାତଟି ପାହିଲା ସେଦିନ ବେଶ୍ ପ୍ରବଳ ଧାର୍ମିକ ଉନ୍ମାଦନା ଓ ଶବ୍ଦବାହୁଲ୍ୟ ମଧ୍ୟରେ ମୋଠାରେ ଗୋଟିଏ ଛାପ ମରାଗଲା । ସେଦିନ ମୋତେ ନାମ ଦେବାକୁ ଆସି ମୋ ବାପା ମତେ ପ୍ରଥମେ ଦେଖିଲେ । ସେଦିନଠାରୁ ମୋଠାରେ ଯେଉଁ ନାମଟି ଲାଗିରହିଛି ତାହା ଖୁବ୍ ପୁରୁଣା, ମାତ୍ର ବହୁ ଜେଜେବାପାମାନଙ୍କ ସ୍ପର୍ଶରେ ତାହା କ୍ରମଶଃ ଅଧିକ ଉଜ୍ଜ୍ୱଳ ହୋଇଛି । ଆମ ପରିବାରରେ ନାମକରଣର ନିୟମ ହେଲା ବାପା ନିଜର ବଡ଼ ପୁଅକୁ ତାଙ୍କ ବାପାଙ୍କ ନାମ ଦେବେ । ତେଣୁ ମୋ ବାପା ମତେ ତାଙ୍କ ବାପାଙ୍କ ନାମ ଦେଲେ । ସେହିପରି ମୋର ବଡ଼ ପୁଅକୁ ମୁଁ ମୋ ବାପାଙ୍କ ନାମ ଦେଇଥିଲି ନାରାୟଣ । ବାପା ମତେ ବୋଉ ହାତରୁ ନେଲେ ଓ କୋଳରେ ଧରି ଆମ କୁଳ ଦେବତାଙ୍କ ଆଗରେ ଭୂମିରେ ବସିଲେ । ମୋ ନାମକୁ ଆଶୀର୍ବାଦ କରିବାକୁ ଏବଂ ମୁଁ ଯେମିତି ଏ ନାମରେ ସୁଗନ୍ଧ ଆଉ ଟିକିଏ ବଢ଼ାଏ ସେଥିପାଇଁ ମୋତେ କଲ୍ୟାଣ କରିବାକୁ ସେ ଠାକୁରଙ୍କୁ ପ୍ରାର୍ଥନା କଲେ । ତାପରେ ମୋତେ ଉପରକୁ ଟେକି ମୋ କାନ ପାଖରେ ତିନିଥର ମୋ ନାମ କହିଲେ । ଏ ନାମଟି ଥିଲା ଏକ ଲମ୍ବା ପୌଢ଼ି ! ଏଥର ମୁଁ ବ୍ରାହ୍ମଣ କୁଳରେ ଝୁଣ୍ଟି ପଡିଥିଲି, ଏଣୁ ନାମ ଶେଷରେ ଶର୍ମା ରହିବା କଥା । ନାମର ଅବଶିଷ୍ଟାଂଶ 'କସ୍ତୁରୀ ରଙ୍ଗନାଥ, ମୋ ଗାଁର ଠାକୁରଙ୍କ ନାମ ନଥିଲା, କିମ୍ବା ମୋ ପ୍ରିୟ ସପ୍ତଗିରୀଶ୍ୱରଙ୍କ ନାମ ମଧ୍ୟ ନଥିଲା । 'କସ୍ତୁରୀ ରଙ୍ଗନାଥ' ତାମିଲନାଡୁରେ ବହୁଜନ ପୂଜିତ ସର୍ପଶଯ୍ୟାଶାୟିତ ଓ କସ୍ତୁରୀ ବିନ୍ଦୁ ସୁଶୋଭିତ ପ୍ରଭୁ ବିଷ୍ଣୁଙ୍କର ନାମ । 'କସ୍ତୁରୀ' ତ ସୁବାସିତ ଦେବଭୋଗ୍ୟ ବସ୍ତୁ । 'ରଙ୍ଗ' ଅର୍ଥ ରଙ୍ଗମଞ୍ଚ; ଆଉ ସେ ଏ ରଙ୍ଗମଞ୍ଚର ନିର୍ଦ୍ଦେଶକ । ବଙ୍ଗୋପସାଗର ଆଡକୁ ଧାଇଁ ଯାଉ ଯାଉ ଅଧା ବାଟରେ କାବେରୀ ଯେଉଁଠି ଶ୍ରୀରଙ୍ଗ ନାମରେ ଗୋଟିଏ ଛୋଟଦ୍ୱୀପ ସୃଷ୍ଟି କରିଛି, ସେଇଠି କସ୍ତୁରୀ ରଙ୍ଗନାଥଙ୍କର ମନ୍ଦିର ।

କସ୍ତୁରୀ ଗୋଟିଏ ଦୁର୍ମୂଲ୍ୟ ସୁଗନ୍ଧ । ଏହା କୃଷ୍ଣବର୍ଣ୍ଣ ହୋଇଥିବାରୁ କସ୍ତୁରୀଟୀପା ଆଖିଦୋଷ ମଧ୍ୟ କଟାଇ ଥାଏ । ରାଜା ମହାରାଜାମାନେ ସାଧାରଣ ସୁଗନ୍ଧ

ବ୍ୟବହାର ନ କରି କସ୍ତୁରୀ ହିଁ ପସନ୍ଦ କରନ୍ତି । ଶ୍ରୀରଙ୍ଗମ୍‌ର ରଙ୍ଗନାଥଙ୍କ ଭ୍ରୂ ମଧ୍ୟରେ କସ୍ତୁରୀ ଟୋପା ଶୋଭାପାଏ, କାରଣ ଅନ୍ୟ କିଛି ପୂଜାରୀଙ୍କର ପସନ୍ଦ ହୁଏନା । ରଙ୍ଗନାଥ ନାମଟି ମନେ ପକାଇ ଦିଏ ସେକ୍‌ସପିଅରଙ୍କ 'ସମଗ୍ର ସଂସାର ଗୋଟିଏ ରଙ୍ଗମଞ୍ଚ' କବିତାଟି । ଈଶ୍ୱର ଏ ମାୟା-ନାଟକର ସୂତ୍ରଧାରୀ, ମାତ୍ର ଆପେ ଏଥିରେ ଧରାପଡ଼ନ୍ତି ନାହିଁ । ବିଷ ଓ ଭୀଷଣ ଉପରେ ସେ ଅପୂର୍ବ ପ୍ରଶାନ୍ତିରେ ଶାୟିତ । ଭୀଷଣତା ଓ ବିଷ ତାଙ୍କ ପାଇଁ ସୁକୋମଳ ଉପାଧାନ । କେବଳ ତାଙ୍କର ସଂକଳ୍ପଶକ୍ତି ବିଶ୍ୱରେ କ୍ରିୟାରତ । ସେଥିପାଇଁ କଠ ଉପନିଷଦ୍ କହେ, "ସେ ସ୍ଥିର ହୋଇ ମଧ୍ୟ ନିତ୍ୟ ଚଳମାନ; ନିଦ୍ରିତ ହୋଇ ମଧ୍ୟ ସର୍ବଦା ସଜାଗ ।"

କସ୍ତୁରୀ ରଙ୍ଗନାଥ ଶର୍ମା ବୋଲି ସବୁବେଳେ ମୋତେ ଡାକିବା ଆଦୌ ସୁବିଧାଜନକ ନୁହେଁ । ଜାତିର ତିଳକ 'ଶର୍ମା'କୁ ବିନାକଷ୍ଟେ ଅସ୍ତ୍ରୋପଚାର କରି ବାହାର କରିଦେଇ ହେବ । ଅବଶିଷ୍ଟାଂଶକୁ ମଧ୍ୟ ସଂକ୍ଷିପ୍ତ କରିବାକୁ ହେବ । ମାତ୍ର ସମସ୍ୟା ହେଲା ମୁଣ୍ଡଟି କଟାହେବ ନା ଲାଙ୍ଗୁଡଟି କଟାହେବ । ମୋ ଜେଜେବାପାଙ୍କୁ ଲୋକେ ରଙ୍ଗନାଥ ବୋଲି ଡାକୁଥିଲେ । ତେଣୁ ମୋ ବୋଉ ବୋହୂ ହୋଇ ଶ୍ୱଶୁରଙ୍କ ନାମ ଧରିବ କିପରି ? ତେଣୁ ବିନା ଆୟାସରେ ମୋ ଲାଙ୍ଗୁଡଟି ବି କଟିଗଲା । ଆଉ ଯାହା ରହିଗଲା, ତାହା ହେଲା ପ୍ରଭୁ ରଙ୍ଗନାଥଙ୍କ ଭ୍ରୂମଧ୍ୟରେ ଟୋପା ରୂପେ ବିରାଜିତ ପ୍ରାଣୀଜ ସୁଗନ୍ଧ....

ସତୁରୀ ବର୍ଷ ବୟସରେ ଯାଇ ମୁଁ କସ୍ତୁରୀ ରଙ୍ଗନାଥଙ୍କ ସମ୍ମୁଖରେ ହାତଯୋଡ଼ି ଠିଆ ହୋଇ ପାରିଥିଲି । ଏହା ବି ଘଟିଥିଲା ବାବାଙ୍କ କୃପାରୁ । ଡିସେମ୍ବର ୨୪ ତାରିଖରେ ତିରୁପୁର ବୋଲି ଗୋଟିଏ ଗ୍ରାମରେ ବାବାଙ୍କ ବିଷୟରେ କହିବା ପାଇଁ ବନ୍ଧୁମାନେ ମତେ ଡାକିଲେ । ଆଉ ବାବା ମଧ୍ୟ ଆଦେଶ ଦେଲେ ଯିବାକୁ । ମାତ୍ର ମୋର ବଡ ମନ ଥିଲା ଡିସେମ୍ବର ୨୫ଟି ବାବାଙ୍କ ସନ୍ନିଧିରେ କଟାଇବା ପାଇଁ, କାରଣ ସେଦିନ ହେଉଛି ମୋର ରଙ୍ଗଶାଳାରେ ପ୍ରବେଶ କରିବା ମନେ ପକାଇବା ଦିନ । ତିରୁପୁର ଗାଁରୁ ଶ୍ରୀରଙ୍ଗମ୍ ଯାଇ ରଙ୍ଗନାଥଙ୍କ ଚରଣ ବନ୍ଦନା କରି ଆସିବା ପାଇଁ ମୁଁ ଅନୁମତି ପ୍ରାର୍ଥନା କଲି । ବାବା କହନ୍ତି ସାପ ହେଉଛି ବିଷ ଓ ବିନାଶର ଚିହ୍ନ; ଆଉ ଏସବୁ ଉପରେ ନିଶ୍ଚିନ୍ତରେ, ପ୍ରଶାନ୍ତ ରୂପେ ବିରାଜିତ ପରମେଶ୍ୱର । ବାବା କହିଲେ, "ହଁ, ଶ୍ରୀରଙ୍ଗମ୍ ଯିବୁ, ଆଉ ପେଟ ଭରିକରି ମିଠା ଖେଚଡ଼ି ଖାଇ ଆସିବୁ ।" ମିଠା ଖେଚଡି ବୋଲି ବାବା ଯାହା କହିଲେ, ମତେ ତାହା ଆଶ୍ଚର୍ଯ୍ୟ ଲାଗିଲା ନାହିଁ ।

କେତେବର୍ଷ ତଳେ ଆମେ ବାବାଙ୍କ ସାଙ୍ଗରେ ଯେବେ ମାଡ୍ରାସ ଯାଇଥିଲୁ, ବାବା ତାଙ୍କର ସ୍ୱଭାବସୁଲଭ ରୀତିରେ ଗାଡ଼ିରେ ବସିଥିବା ପ୍ରତ୍ୟେକଙ୍କୁ ଗୀତଟିଏ ଗାଇବାକୁ କହିଲେ। ମୋ ଜାତକରେ ସଂଗୀତ ରେଖା ନଥିଲା। ମାତ୍ର ଆଜ୍ଞା ମାନିବାକୁ ପଡିବ। ସ୍କୁଲରେ ପଢୁଥିଲାବେଳେ ମୁଁ ଗୋଟିଏ ନାଟକ ଦେଖିଥିଲି। ସେଥିରେ ବିଦୂଷକ ଯେଉଁ ଗୀତ ଗାଇଥିଲା, ମୋର ସେ ଗୀତଟି ମନେ ପଡ଼ିଲା। ଧନୀ ଲୋକେ ମିଠା ଖେଚଡ଼ି ଖାଉଥିବା ଦେଖି ରାସ୍ତାରେ ଘିହିଁ ଠିଆ ହୋଇଥିବା ଭୋକିଲା ଲୋକଟିଏ ଶିବଙ୍କୁ ମିଠା ଖେଚଡ଼ି ମୁଠାଏ ମାଗିବା ସେ ଗୀତରେ କୁହାଯାଇଥିଲା। ସେଦିନ ମୋ କଣ୍ଠରୁ ଏ ଗୀତଟିର ଲହର ଶୁଣି ବାବା ନିଶ୍ଚୟ ଭାବିଥିବେ ମିଠା ଖେଚଡ଼ି ପାଇଁ ମୋର ଗୋଟିଏ ଗୁପ୍ତ ଲୋଭ ଓ ଅପୂର୍ଣ୍ଣ ଆକାଂକ୍ଷା ଅଛି। ସେଥିପାଇଁ ମୋର ୭୦ତମ ଜନ୍ମଦିନରେ ସେ ବାସନା ଶ୍ରୀରଙ୍ଗମ୍‌ରେ ଦୂର କରିବାକୁ ବାବା ଠିକ୍ କରିଥିବେ।

ଶ୍ରୀରଙ୍ଗମ୍‌ଠାରେ ଆମେ ଆଉ କେତୋଟି ମନ୍ଦିର ବୁଲି ଦେଖିଲୁ। ସେଥିରୁ ଗୋଟିଏ ଥିଲା ପବିତ୍ର ଜମ୍ବୁବୃକ୍ଷ ଥିବା ଶିବ ମନ୍ଦିର। ଆମେ ସେ ମନ୍ଦିରରୁ ଦର୍ଶନ ସାରି ଫେରି ଆସୁଛୁ, ଦେଖିଲୁ ମନ୍ଦିର ପୂଜାରୀ ଆମ ପଛରେ ଲସରପସର ହୋଇ ଧାଇଁଛନ୍ତି। ସେଦିନ ପ୍ରଭୁଙ୍କର ଏକ ବିଶେଷ ଉତ୍ସବ ଦିନ, ଆଉ ସେଥିପାଇଁ ମିଠା ଖେଚଡ଼ି ଭୋଗ ହେଉଛି। ଏହା ଥିଲା ଗୋଟଏ ଅପୂର୍ବ ସୁସମ୍ବାଦ। ଆମେ ଫେରି ମନ୍ଦିର ବାରଣ୍ଡାରେ ବସିଲୁ। ଠାକୁରଙ୍କ ସାମ୍ନାରେ ବଡ଼ ବଡ଼ କଦଳୀ ପତ୍ର ପକାଇ ପୂଜାରୀ ମିଠା ଭାତର ଛୋଟ ଛୋଟ ମନ୍ଦିରମାନ ଠିଆ କରିଦେଲେ। ବାବା ମୋତେ କହିଥିଲେ ପେଟପୂରାଇ ମିଠା ଭାତ ଖାଇ ଆସିବୁ..... !

ବାପା ଥିଲେ ତାଙ୍କ ବାପାଙ୍କ ଘରିପୁଅ ମଧ୍ୟରେ ସବା ସାନ। ସେ ତାଙ୍କ ବାପା-ମାଆଙ୍କ ସହ ଗୋଟିଏ ଛୋଟ ଗାଁରେ ରହୁଥିଲେ, ଆଉ ତାର ୩୦ ମାଇଲ୍ ପୂର୍ବକୁ ଥିଲା ମୋ ଅଜାଙ୍କ ଗାଁ, ଯେଉଁଠି ମୋ ବୋଉର ପିଲାଦିନ କଟୁଥିଲା। ମହୀଶୂରର ଟିପୁ ସୁଲତାନଙ୍କ ଘୋଡାସବାର ବାହିନୀ ଯେତେବେଳେ ଇଷ୍ଟଇଣ୍ଡିଆ କମ୍ପାନୀ ହାତରୁ ପାଲଘାଟକୁ ଛଡ଼ାଇ ନେଲେ, ବାପାଙ୍କ ପୂର୍ବପୁରଷମାନେ ସେଠୁ ପଳାଇ ଆସି ଟିପୁଙ୍କ ସୈନ୍ୟମାନଙ୍କ ଦୌରାତ୍ମ୍ୟରେ ପୂର୍ଣ୍ଣଛେଦ ପକାଇଥିବା ତ୍ରିବାଙ୍କୁଡ ମହରାଜାଙ୍କ ରାଜ୍ୟରେ ଆଶ୍ରୟ ନେଇଥିଲେ।

ବାପା ଯେତେବେଳେ ଅଜା-ଆଈଙ୍କର ଜୋଇଁ ହେଲେ, ବୋଉର ତିନିଭାଇ ତିରୁପୁନିତ୍ତୁରା ଗାଁରେ ବାପାଙ୍କ ଅନ୍ନସଂସ୍ଥାନର ବ୍ୟବସ୍ଥା କରିବାକୁ ଠିକ୍ କଲେ। ସେମାନଙ୍କ

ମଧ୍ୟରୁ ଜଣେ ୭ ମାଇଲ ଦୂରରେ ଥିବା ଏର୍ଣ୍ଣାକୁଲମ୍ ସହରରେ କୋଚିନ୍ ମହାରାଜାଙ୍କ ହାଇକୋର୍ଟ୍‌ରେ ଜଣେ ପ୍ରତିପତ୍ତିଶାଳୀ ଓ ଧନଶାଳୀ ଆଡ୍‌ଭୋକେଟ୍‌ଙ୍କ ଦପ୍ତରରେ କାମ କରୁଥିଲେ। ନିଜ ଦେଶବାସୀଙ୍କ ଆର୍ଥିକ ଓ ଆଧ୍ୟାତ୍ମିକ ଦରିଦ୍ରତା ବିରୁଦ୍ଧରେ ଅଭିଯାନ ଚଳାଇବା କାଳରେ ସ୍ୱାମୀ ବିବେକାନନ୍ଦ ଯେତେବେଳେ କନ୍ୟାକୁମାରୀ ଆସିଥିଲେ ସେତେବେଳେ ଏହି ଆଡ୍‌ଭୋକେଟ୍‌ଙ୍କ ଘରେ ଦିନଟିଏ ଥିଲେ।

କୋଚିନ୍ ହାଇକୋର୍ଟ୍‌ର ମୋଜାକ୍ ବାରଣ୍ଡାରେ ନିଜ ଶ୍ୟାଳକଙ୍କ ସହ ବୁଲୁଥିଲାବେଳେ ବାପା ଯେତେବେଳେ ଦେଖିଲେ ଧାଡିଏ ଲୋକ କୋର୍ଟ୍‌ର ଷ୍ଟାମ୍ପ ବିକୁଛନ୍ତି, ଆଉ କେତେଜଣ ଅଦାଲତ ସମ୍ବନ୍ଧୀୟ କାଗଜପତ୍ର ଲୋକଙ୍କ ପାଇଁ ଲେଖୁଛନ୍ତି, ବାପାଙ୍କ ମୁଣ୍ଡକୁ ଗୋଟାଏ ଚମତ୍କାର ଉପାୟ ଆସିଗଲା। ସେ କୋର୍ଟ୍‌ର ଷ୍ଟାମ୍ପ କାଗଜ ବିକିବେ, ଆଉ ଲୋକଙ୍କର ଅଦାଲତ କାଗଜପତ୍ର ମଧ୍ୟ ଲେଖିବେ।

ବାପା ଥିଲେ ଗୋଟିଏ ଚାଷୀ ପରିବାରର ସବା ସାନପୁଅ। ଜମିବାଡ଼ି ସହ ତାଙ୍କର ଦୀର୍ଘଦିନ ଧରି କିଛି ସମ୍ପର୍କ ନ ଥିଲା। ମେଘକୁ ଅନାଇ ବର୍ଷା ପାଇଁ ଚାହିଁ ବସିବା ଓ ଲଙ୍ଗଳ ମୁନରେ ଜମି ତାଡ଼ି ପରିବାର ପାଇଁ ଭାତ ଯୋଗାଇବା କାମ ଥିଲା ବଡ଼ଭାଇଙ୍କର। ସମୁଦ୍ର କୂଳରେ ପାଣିକୁ ଚାହିଁ ମୁକ୍ତ ପବନରେ ମୁକ୍ତ ଜୀବନ ବିତାଇବା ଥିଲା ବାପାଙ୍କର ସ୍ୱପ୍ନ। ପଶ୍ଚିମ ଚକ୍ରବାଳ ତଳେ ଯେଉଁଠି ଦିଗ ହଜିଯାଏ ଉତ୍ତାଳ ତରଙ୍ଗ ସେପାରି, ଆଉ ସୁବର୍ଣ୍ଣର ଘଟରେ ସୂର୍ଯ୍ୟ ସଂଧ୍ୟା-ସ୍ନାନ କରନ୍ତି, ସେଇ ସୀମାହୀନ ଅସୀମରେ ଆପଣାକୁ ହଜାଇ ଦେବା ଥିଲା ବାପାଙ୍କର ସ୍ୱପ୍ନ। ଆଉ ମାମୁଁ ବାପାଙ୍କର ଏ ଅଭିଳାଷକୁ ସଫଳ କରିବାରେ ଖାଦ୍ୟ ଯୋଗାଇଥିଲେ। ମାମୁଁଙ୍କ ପ୍ରତି ବାପାଙ୍କର ଆନୁଗତ୍ୟ ଜଣେ ସେବକଠାରୁ କିଛି କମ୍ ନଥିଲା। ମାମୁଁ ବାପାଙ୍କ ଇଚ୍ଛାକୁ ସ୍ୱାଗତ ଶୁଭେଚ୍ଛା ଜଣାଇଥିଲେ। ସେ କଥା ଦେଲେ ତାଙ୍କ ପାଖକୁ ଆସୁଥିବା ଆଡ୍‌ଭୋକେଟ୍‌ଙ୍କ ମହକିଲମାନଙ୍କୁ ବାପାଙ୍କ ପାଖକୁ ପଠାଇବେ। ଏ ବ୍ୟବସାୟ ପାଇଁ ଆବଶ୍ୟକ ଲାଇସେନ୍‌ସ ମଧ୍ୟ ତାଙ୍କ ଯୋଗୁ ବାପା ପାଇଗଲେ।

ବାପାଙ୍କର ହାତ ଅକ୍ଷର ଭାରି ସୁନ୍ଦର ଥିଲା। ଲୋକେ କହୁଥିଲେ ସେ କଲମ ଧରିଥିଲେ କି ତୂଳୀ ଧରିଥିଲେ ଜଣାପଡୁ ନଥିଲା। ତାଙ୍କୁ ଜଣାଥିବା ଏକମାତ୍ର ମାଲାୟାଲାମ ଭାଷାରେ ବାପା ପୃଷ୍ଠା ପୃଷ୍ଠା ଧରି ଅଦାଲତୀ କାଗଜ ଲେଖି ପାରୁଥିଲେ। ତାଙ୍କ ବାପାଙ୍କ ସମ୍ପତ୍ତିରେ ତାଙ୍କର ଯାହା ଭାଗ ଥିଲା ବାପା ତାକୁ କେତେ ଶହ ଟଙ୍କାରେ ବିକ୍ରି କରିଦେଲେ ଓ ସେ ଟଙ୍କା ତାଙ୍କ ବଡ଼ଭାଇଙ୍କ ପାଖରେ ରଖିଦେଲେ ନିରାପଦରେ ରହିବ ବୋଲି। ଅବଶ୍ୟ ସେ ଟଙ୍କା

ସେ ଆଉ କେବେ ଫେରିପାଇ ନଥିଲେ। ଏ ଟଙ୍କାର ଭୂତ ମୋ ବୋଉ ଓ ତା ବାପା-ବୋଉଙ୍କୁ ବହୁଦିନ ଧରି ଛାଡ଼ି ନଥିଲା।

ଏର୍ଣ୍ଣାକୁଲମ୍ ଗଢ଼ି ଉଠିଛି ଉପକୂଳବର୍ତ୍ତୀ ଲଗ୍ନୁନର ସହର କୋଚିନ୍‌ଠାରୁ ଏହାକୁ ପୃଥକ୍ କରି ରଖିଥିବା ଏକ ସୁନୀଳ, ସୁଗଭୀର, ବିସ୍ତୃତ ସମୁଦ୍ରାଂଶ ଜଳାଶୟର ପୂର୍ବୋପକୂଳରେ। ଲୁଣିଆ ପାଣିର ଏହି ବିସ୍ତୃତ ସମୁଦ୍ରାଂଶ ଜଳାଶୟ ପାଞ୍ଚ ମାଇଲ୍ ଓସାର ଆଉ ବାର ମାଇଲ୍ ଲମ୍ବା। ମଝିରେ ମଝିରେ ପୁଣି ଲମ୍ବା ନାଳ ପରି ଖଣ୍ଡେ ଭିତରକୁ ପଶି ଆସିଛି। ଏପରି ଗୋଟିଏ ନାଳ ଆମ ଗାଁ ମୁଣ୍ଡକୁ ମଧ୍ୟ ଛୁଇଁଛି। ଭାସ୍କୋଡାଗାମାଙ୍କ ସମୟରୁ କୋଚିନ୍ ଗୋଟିଏ ସକ୍ରିୟ ପୋତାଶ୍ରୟ ଥିଲା। ଏ ବନ୍ଦର ଦେଇ ଭାରତୀୟ ବଣିକମାନେ ଲବଙ୍ଗ, ଅଳେଇଚ, ଗୁଜୁରାତି ଓ ଅଦା ବେପାର କରୁଥିଲେ। ବାଷ୍ପଚାଳିତ ଓ ଆହୁଲାଚାଳିତ ବଡ-ସାନ ଡଙ୍ଗାରେ ଯାତ୍ରୀମାନେ ଏ ଜଳାଶୟ ମଧ୍ୟରେ ଯିବାଆସିବା କରୁଥିଲେ। ତାଳବନ ଆଚ୍ଛାଦିତ ଗୋଟିଏ କୂଳରୁ ଅନ୍ୟ କୂଳକୁ ଛୋଟ ଛୋଟ ଖୋଦେଇ ଡଙ୍ଗା ମଧ୍ୟ ବହୁପରିମାଣରେ ଯା-ଆସ କରୁଥିଲେ।

ସମୁଦ୍ର ଉପରେ ବହି ଆସୁଥିବା ନିର୍ମଳ ଶୀତଳ ପବନ ବାପାଙ୍କର ପ୍ରିୟ ଥିଲା। ପୂର୍ବ ଉପକୂଳରେ ଥିବା ହାଇକୋଟ୍ ବାରଣ୍ଡାରେ ବାପା ପରିବାରର ଶାଗ ଭାତ ଅର୍ଜନ କରୁଥିଲେ ମଧ୍ୟ ସମୁଦ୍ର ନିକଟବର୍ତ୍ତୀ ପଶ୍ଚିମ କୂଳରେ ରହୁଥିଲେ। ଛୁଟିଦିନମାନଙ୍କରେ ସେ ଆକାଶ ଏବଂ ସାଗରର ଭାବ-ସମ୍ଭାର ମଧ୍ୟରେ ବୁଡ଼ିରହି ଦିନଟି କଟାଇ ଦେଉଥିଲେ। ଆମେ ଦୁହେଁ ଗୋଟିଏ ନିକାଞ୍ଚନ ଜାଗାରେ ଯାଇ ବସୁଥିଲୁ; ଆଉ ଶାମୁକା ଗୋଟାଇବା, ବାଲି-କଙ୍କଡ଼ା ପଛରେ ଗୋଡ଼ାଇବା, ବାଲିରେ ଖେଳିବା ପାଇଁ ସେ ମୋତେ ଛାଡ଼ି ଦେଉଥିଲେ।

କୋଚିନ୍‌ରେ ଥିବା ଆମ ଘର ବିରାଟ ନଡ଼ିଆବାଡ଼ିର ଛାୟାରେ ସୁଶୀତଳ ଥିଲା। ଆମ ଘର ପଡ଼ିଶାରେ ଥିଲା ଗୋଟିଏ ଶିବ ମନ୍ଦିର। ସେ ମନ୍ଦିରରେ ରାମେଶ୍ୱର ଶିବଙ୍କ ପ୍ରତିରୂପ ପୂଜା ପାଉଥିଲେ। କଥିତ ଅଛି, ରାମ ବାନରବାହିନୀ ସହ ଲଙ୍କାଯାତ୍ରା କରିବା ନିମନ୍ତେ ସେତୁବନ୍ଧର ଶୁଭ ଦେବା ପୂର୍ବରୁ ପୂର୍ବ-ଅନ୍ତରୀପଠାରେ ଶିବ ଆରାଧନା କରି ଶିବଙ୍କୁ ପ୍ରତିଷ୍ଠା କରିଥିଲେ ଓ ପରେ ସେ ଶିବ ରାମେଶ୍ୱର ନାମରେ ପରିଚିତ ହୋଇଥିଲେ। ପଶ୍ଚିମ କୂଳରେ ଆମ ଘର ପାଖରେ ଯେଉଁ ଶିବାଳୟ ଥିଲା, ତାହା ମଧ ରାମେଶ୍ୱର ନାମରେ ଖ୍ୟାତ ଥିଲା।

ବାପାଙ୍କର ନାମ ନାରାୟଣ ତ୍ରିମୂର୍ତ୍ତିଙ୍କ ମଧ୍ୟରୁ ଦ୍ୱିତୀୟ ମୂର୍ତ୍ତିଙ୍କର ନାମ, ଆଉ ଏ ନାମଟି ମଧ୍ୟ ତାଙ୍କ ଜେଜେବାପାଙ୍କର ଥିଲା। ମାତ୍ର ତୃତୀୟ ମୂର୍ତ୍ତି, ଦୁଷ୍ଟବିନାଶନ, ଦୁରିତଦଳନ,

ମହାକାଳ ରୁଦ୍ର ହିଁ ଥିଲେ ତାଙ୍କର ପରମାରାଧ୍ୟ। ବିଷ୍ଣୁଙ୍କ ନାମ ଧରି ସେ ଶିବଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରୁଥିଲେ। ରାମାୟଣରେ ବି ଅଛି ନିଜେ ବିଷ୍ଣୁସ୍ୱରୂପ ରାମ ପରମ ଶିବଭକ୍ତ ରାବଣଠାରୁ ଶିବକୃପା ପ୍ରତ୍ୟାହାର କରି ଆଣିବା ନିମନ୍ତେ ଆପେ ଶିବପୂଜା କରିଥିଲେ।

ପ୍ରତିଦିନ ସକାଳେ ବାପା ଶିବମନ୍ଦିରକୁ ଯାଉଥିଲେ। ଆଉ ଉଚ୍ଚ ସ୍ୱରରେ ସ୍ତବପାଠ କରି ସେ ବେଢ଼ା ପରିକ୍ରମା କଲାବେଳେ ତାଙ୍କ ଡାହାଣ ହାତର ବିଶି ଆଙ୍ଗୁଠି ଧରି ମୁଁ ମଧ୍ୟ ତାଙ୍କ ସାଙ୍ଗରେ ବୁଲୁଥିଲି। ବେଳେବେଳେ ଅପରାହ୍‌ଣରେ ବି ସେ ପୁନର୍ବାର ପରିକ୍ରମା କରୁଥିଲେ। ସକାଳେ ତିନିଥର ବା ପାଞ୍ଚ, ସାତ, ନଅଥର ପରିକ୍ରମା କଲାପରେ ବାପା ମୋତେ ଘରକୁ ଯିବାକୁ ଛାଡ଼ି ଦେଉଥିଲେ। ମାତ୍ର ସେ ପୂର୍ବଦିଗକୁ ମୁହଁ କରି ନାନା ରକମର ଅଙ୍ଗଭଙ୍ଗୀ କରି ସୂର୍ଯ୍ୟ ନମସ୍କାର କରୁଥିଲେ ଓ ମନ୍ଦିରର ପଥର ଚଟାଣ ଉପରେ ବହୁବାର ସାଷ୍ଟାଙ୍ଗ ପ୍ରଣାମ କରୁଥିଲେ। ସୂର୍ଯ୍ୟଦେବଙ୍କ ପ୍ରତି ତାଙ୍କର ଏ ଅଚଳା ଭକ୍ତିର ପବିତ୍ର ଚିହ୍ନ ବାପାଙ୍କ କପାଳ, ଛାତି, କହୁଣୀ ଓ ଆଣ୍ଠୁରେ କଳାବିଣ୍ଡି ରୂପେ ଶୋଭା ପାଉଥିଲା।

ମନ୍ଦିର ଭିତରେ ମୁଁ ଯେତେ ସମୟ ରହୁଥିଲି, ସେତେ ସମୟ ଅଭୁଲା ଆନନ୍ଦରେ ମଜ୍ଜି ଯାଉଥିଲି। ମନ୍ଦିର ବେଢା ଭିତରେ ଗୋଟିଏ ପୋଖରୀ ଥିଲା। ପାଣି ଉପରେ ସତେ କି ପଦ୍ମପତ୍ରର ଗୋଟିଏ ସବୁଜ ଗାଲିଚ୍ଚ ବିଛା ହୋଇଥିଲା, ଆଉ ତା ଉପରକୁ ମୁଣ୍ଡ ଟେକି ଚ୍ଚହୁଁଥିଲେ ଅସଂଖ୍ୟ ପୂରାଫୁଟା ଓ ଦରଫୁଟା ପଦ୍ମଫୁଲ। ମନ୍ଦିରର ପୂଜାରୀ ପ୍ରତିଦିନ ସକାଳେ ଶିବପୂଜା ପାଇଁ ଏ ଫୁଲ ତୋଳୁଥିଲେ। ସେଥିପାଇଁ ସେ ଗୋଟିଏ ବିରାଟ ତମ୍ବା ହାଣ୍ଡିରେ ବସି ପାଣି ଭିତରକୁ ଯାଉଥିଲେ। ଉତ୍ସବ ଦିନମାନଙ୍କରେ ଏ ହାଣ୍ଡିଟିରେ ବସ୍ତା ବସ୍ତା ଚ୍ଚାଉଳ ଫୁଟେ। ମୁଁ ପୋଖରୀର ପଥର ପାହାଚ ଉପରେ ଠିଆ ହୋଇ ସତୃଷ୍ଣ ନୟନରେ ପୂଜାରୀଙ୍କର ଏ ଜଳଯାତ୍ରା ଆଡକୁ ଚ୍ଚହିଁ ରହିଥାଏ। ମୋର ଏ ବିକଳ ଚ୍ଚହାଣୀ ବୋଧେ ପୂଜାରୀ ମହାଶୟଙ୍କୁ ବାଧିଥିବ; କାରଣ ବେଳେବେଳେ ସେ ମୋତେ ଡାକି ତାଙ୍କ ହାଣ୍ଡି-ଡଙ୍ଗାରେ ବସାଉଥିଲେ, ଆଉ ମୁଁ ସେ ସବୁଜ ରାଜ୍ୟରେ ବୁଲୁଥିଲାବେଳେ ଫୁଲମାନଙ୍କର ଆନନ୍ଦ-ବିହ୍ୱଳିତ ରକ୍ତିମ ମୁଖର ଶୋଭା ଦେଖି ଉଲୁସି ଉଠୁଥିଲି। ମୋର ମନେ ହେଉଥିଲା ସେମାନେ ମୋରି ଆଡକୁ ଚ୍ଚହୁଁଛନ୍ତି, ଆଉ ମୋ ପାଖରେ ବସିଥିବା ବ୍ରାହ୍ମଣ ହାତରେ ସେମାନଙ୍କୁ ଧରି ଟାଣି ଆଣୁଥିଲାବେଳେ ମୁଁ ଭାବୁଥିଲି ଏ ଲୋକ ସେମାନଙ୍କ ତଣ୍ଟି ଚିପି ପକାଉଛି। ସେତେବେଳେ ମୁଁ ବିରକ୍ତିରେ ତାଙ୍କୁ ଠେଲି ପକାଉଥିଲି। ତଥାପି ସେ ଶିବଦାସଙ୍କ ସାଙ୍ଗରେ ପୋଖରୀରେ ହାଣ୍ଡି-ଡଙ୍ଗାରେ ବସି ଜଳବିହାର କରିବାର ଅପୂର୍ବ ଅନୁଭୂତି ମୋ ପକ୍ଷରେ ସର୍ବଦା ସ୍ୱାଗତଯୋଗ୍ୟ ଥିଲା ଓ ଏଥିପାଇଁ ମୁଁ ଚ୍ଚହିଁ ବସୁଥିଲି।

କେତେମାସ ପରେ ମୋ ବାପା-ବୋଉ ମୋତେ ବିକୋମ୍‌ର ଶିବ ମନ୍ଦିରକୁ ନେଇ ଯାଇଥିଲେ। ପରେ ଏହିଠାରେ ହରିଜନମାନଙ୍କୁ ମନ୍ଦିର ସାମନା ରାସ୍ତାରେ ଚାଲିବାର ଅଧିକାର ଦେବା ପାଇଁ ଗାନ୍ଧୀ ନିଜେ ଯେଉଁ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କରିଥିଲେ ତା ଫଳରେ ବିକୋମ୍ ସାରା ପୃଥିବୀରେ ଜଣାଶୁଣା ହୋଇଗଲା। ବାପା ରହି ରହି କୋଡ଼ିଏ ମାଇଲ୍ ବାଟ ଚାଲି ଚାଲି ଏଠାକୁ ଆସିଥିଲେ। ମୁଁ ଅଧିକାଂଶ ବାଟ ବାପାଙ୍କ କାନ୍ଧରେ ବସି ଆସିଥିଲି, ଆଉ ବୋଉ ପଛରେ ଚାଲି ଚାଲି ଆସିଥିଲା। ଆମେ ସବୁ ଏଠାକୁ ଆସିଥିଲୁ ଏକ ବ୍ରତ ପୂରଣ ଉଦ୍ଦେଶ୍ୟରେ। ସେ ଉଦ୍ଦେଶ୍ୟ ଥିଲା ମୁଁ ବାପା-ବୋଉଙ୍କ ପ୍ରଥମ ପୁଅ ହୋଇଥିବାରୁ ମୋତେ ଶିବଙ୍କଠାରେ ତାଙ୍କ ଦାସ ରୂପେ ଅର୍ପଣ କରିବା। ବାପା ବୋଉ ମନ୍ଦିରର ଉନ୍ମୁକ୍ତ ଦ୍ୱାର ଆଗରେ ଗୋଟିଏ କଦଳୀପତ୍ର ବିଛାଇ ଦେଲେ ଆଉ ମୋତେ ଲଙ୍ଗଳା କରି ତା ଉପରେ ଶୁଆଇ ଦେଲେ। ବାପା ବୋଉ ମୋ ପାଖରେ ଶିବଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ ଓ ମୋତେ ସେଇଠି ଛାଡ଼ି ଶିବଙ୍କୁ ଡାକି ଡାକି ନୀରବରେ ତିନିଥର ମନ୍ଦିର ପ୍ରଦକ୍ଷିଣ କଲେ। ମତେ ଚୁପ୍‌ଚାପ୍ ଶୋଇ ରହିବାକୁ ସେମାନେ ଆଦେଶ ଦେଇଥିଲେ। ବାପା-ବୋଉ ତୃତୀୟ ଥର ଅଧା ପ୍ରଦକ୍ଷିଣ କରିଛନ୍ତି ମନ୍ଦିରର ବଡ଼ପଣ୍ଡା ସେମାନଙ୍କ ପାଖକୁ ଆସି ସ୍ୱୟଂ ଶିବଙ୍କର ନିର୍ଦ୍ଦେଶ ଜଣାଇଲେ। ଶିବ ମୋ ବାପା-ବୋଉଙ୍କୁ ନିର୍ଦ୍ଦେଶ ଦେଇ ବଡ଼ପଣ୍ଡାଙ୍କ ମାଧ୍ୟମରେ କହିଥିଲେ, "ମୋ ହାତରେ ଏବେ ପିଲାଟିଏ ଅଛି। ତାକୁ ନିଅ, ଆଉ ମୋ ପାଇଁ ଶ୍ରଦ୍ଧା ଓ ଯତ୍ନରେ ତାକୁ ପାଳ।" ବାପା-ବୋଉ ମୋ ପାଖକୁ ଦୌଡ଼ି ଆସିଲାବେଳକୁ ସେମାନଙ୍କ ମୁହଁ ଉଜ୍ଜ୍ୱଳ ଦିଶୁଥିଲା। ମୋତେ ସେମାନେ କଦଳୀପତ୍ରରୁ ଧୀରେ ଉଠାଇ ନେଇ ଠାକୁରଙ୍କ ସାମ୍ନାରେ ମୁଣ୍ଡିଆ ମରାଇଲେ। ଏହା ଥିଲା ଆମ କୁଳରେ ବହୁଦିନରୁ ପ୍ରଚଳିତ ବ୍ରତ। ବହୁଦିନ ପରେ ଯେତେବେଳେ ମୋ ବଡ଼ ପୁଅକୁ ପାଞ୍ଚବର୍ଷ ହେଲା, ସେତେବେଳେ ଆମେ ତାକୁ ସେଇ ମନ୍ଦିରକୁ ନେଇ ଶିବଙ୍କ ଦାସ ରୂପେ ଅର୍ପଣ କରିଥିଲୁ ଓ ତାଙ୍କରି ମହିମା ନିମନ୍ତେ ହିଁ ପାଳନ କରିବାକୁ ପୁଅକୁ ଘେନି ଆସିଥିଲୁ।

ବୋଧହୁଏ ମୋତେ ଛଅ ବର୍ଷ ପୂରିଲା ପରେ ମୋତେ ସ୍କୁଲକୁ ପଠାଇବାକୁ ବାପା-ବୋଉ ଚକ୍ରାନ୍ତ କରିଥିଲେ। ସେମାନେ ମୋତେ କହିଲେ ମୋ ସାଙ୍ଗମାନେ ଯେମିତି ପାଠ ପଢ଼ିବାକୁ ଯାଉଛନ୍ତି, ମୁଁ ବି ସେମିତି ଯିବି। ସେଥିପାଇଁ ମୋର ବର୍ଷେ ଡେରି ହୋଇଗଲାଣି। ମୋର ଖେଳ ସାଙ୍ଗମାନେ ବର୍ଷେ ଆଗରୁ ସିଲଟ-ଖଡ଼ି ଧରିବା ଶିଖିଗଲେଣି। ମୁଁ ଦେଖିଲି, ଯାହା ଘଟିବାର କଥା ତାକୁ ଗ୍ରହଣ କରିନେବା ଛଡ଼ା ଆଉ ଉପାୟ ନାହିଁ। ସ୍କୁଲର ମାଷ୍ଟ୍ରେ ଆମ ଘରକୁ ଆସି ମୋତେ ସାଙ୍ଗରେ ନେଉଥିଲେ ଓ ଫେରିଲାବେଳକୁ ଆଣି ଘରେ ଛାଡ଼ି ଦେଉଥିଲେ।

ମୋ ସାଙ୍ଗମାନଙ୍କଠାରୁ ମୁଁ ଡେଙ୍ଗା ଥିବାରୁ, ଆଉ ମାଷ୍ଟ୍ରଙ୍କ ସାଙ୍ଗରେ ଯିବାଆସିବା କରୁଥିବାରୁ ମୋତେ ସମସ୍ତେ ଭାରି ଈର୍ଷା କରିବାକୁ ଆରମ୍ଭ କଲେ।

ମାତ୍ର ସାତଦିନ ପୂରିବା ଆଗରୁ ମୋର ସ୍କୁଲକୁ ଯିବା ବନ୍ଦ ହୋଇଗଲା। ଦିନେ ସନ୍ଧ୍ୟାବେଳେ ବାପା ଆଉ ମନ୍ଦିର ଗଲେନି। ତାପରଦିନ ସକାଳେ ପୋଖରୀରେ ଗାଧୁଆ ମଧ୍ୟ ବନ୍ଦ ହୋଇଗଲା। ଅଧିକାଂଶ ସମୟ ସେ ବିଛଣାରେ ପଡ଼ି ରହିଲେ। ମୁଁ ଦେଖିଲି ବୋଉ ହାଣ୍ଡିଶାଳେ ମୁହଁ ଶୁଖାଇ ଚୁପ୍‌ଚାପ୍ ବସିଛି। ତା ମୁହଁରେ ଟିକେ ହସ ଫୁଟାଇବାକୁ ମୁଁ ଯେତେବେଳେ ତା ପିଠିରେ ଚଢ଼ି କାନକୁ ଫୁଙ୍କିବାରେ ଲାଗିଲି, ବୋଉ ମୋତେ ଧୀରେ ଦୂରକୁ ଠେଲିଦେଇ ଦୀର୍ଘଶ୍ୱାସ ପକାଇଲା; ଆଉ ଉଠି ବାପାଙ୍କ ଖଟ ଆଡ଼କୁ ଚାଲିଲା। ସେ ବାପାଙ୍କର ଏକଦମ୍ ପାଖକୁ ଗଲାନି, କିମ୍ବା ବାପା ମୋତେ ଚାହିଁଥିଲେ ମଧ୍ୟ ପାଖରେ ବସିବାକୁ ଡାକିଲେନି। ମୋ ବୋଉ ମନ୍ଦିରର ପୂଜାରୀଙ୍କ ସ୍ତ୍ରୀଙ୍କୁ କହିବାର ଶୁଣିଲି, "ଆମ ଘରକୁ ଏଇ କେତେଦିନ ଆସିବ ନାହିଁ। ମା କସ୍ତୁରୀ-ବାପାଙ୍କ ଉପରେ ମୁକ୍ତା ବିଞ୍ଚି ଦେଇଚି।" ମୋ ଜନ୍ମପରେ ବୋଉ ଏଇମିତି ବଙ୍କା ନାମରେ ହିଁ ବାପାଙ୍କ କଥା କହୁଥିଲା।

ବାପାଙ୍କ ଉପରକୁ ମା ମୁଠାଏ ମୁକ୍ତା ଫିଙ୍ଗି ଦେଇଛି ବୋଲି ବୋଉ କହିବାରୁ ମୋର ଆଗ୍ରହ ବଢ଼ିଗଲା। ବୋଉ ବେକରେ ଯେଉଁ ସୁନାହାର ପିନ୍ଧିଥିଲା ତାର ଦୁଇ ମୁଣ୍ଡରେ ସୁନା ସୂତାରେ ମୁକ୍ତା ଗୁନ୍ଥା ହୋଇଥିଲା। ଆଉ କିଏ ଜଣେ ବାପାଙ୍କ ଉପରକୁ ସେ ମୁକ୍ତା ଫିଙ୍ଗିଲା କାହିଁକି, ଆଉ ଯଦିବା ଫିଙ୍ଗିଲା, ଏଥିରେ ବୋଉର ଏପରି ବ୍ୟସ୍ତ ହେବାର କାରଣ କ'ଣ ? ଗୋଟିଏ ହାତରେ ମୁକ୍ତାଭଳି ଅମୂଲ୍ୟ ପଦାର୍ଥ ଫିଙ୍ଗି ଅନ୍ୟ ହାତରେ ରୋଗ ଦେଉଥିବା ସେ 'ମାଆ'ଟି କିଏ ? ବାପାଙ୍କ ଦେହରେ ଯେଉଁସବୁ ମୁକ୍ତା ପଡିଚି, ମୁଁ ସେସବୁ କାହିଁକି ଦେଖିପାରିବି ନାହିଁ ?

ବାପା ଖଟିଆରେ ଶୋଇ ଓହୋ ଓହୋ ହେଉଥାନ୍ତି । ମୁଁ ଲୁଚି ଲୁଚି ଥରେ ତାଙ୍କ ପାଖକୁ ଚାଲିଗଲି, ଯଦିଓ ମୋତେ ଏହା କରିବାକୁ ମନା କରାଯାଇଥିଲା। ତାଙ୍କ ମୁହଁ, ଛାତି, ଆଉ ହାତରେ ହଳଦିଆ ରଙ୍ଗର ଫୋଟକାସବୁ ଭର୍ତ୍ତି ହୋଇଥିଲା। ମୁକ୍ତା କାହିଁ ? ସେତେବେଳେ ମୁଁ ଧରା ପଡ଼ିଗଲି। ବୋଉ ମତେ ସେ ଘରୁ ଟାଣି ଆଣିଲା ଓ କୋଳରେ ବସାଇ କାନ୍ଦି ପକାଇଲା। କୋହକୁ ଚାପିରଖି କହିଲା, "ମା ମରିଆମ୍ମା ବାପାଙ୍କ ଉପରେ ସେ ମୁକ୍ତାସବୁ ବିଞ୍ଚି ଦେଇଛି। ତାକୁ ବସନ୍ତ କହନ୍ତି" । ବସନ୍ତର ଏକମାତ୍ର ଔଷଧ ପ୍ରାର୍ଥନା। ମରିଆମ୍ମା ଯେଉଁ ଲୋକକୁ ମୁକ୍ତା ଦେବାକୁ ବାଛିବ, ସେ ନିଜର ଆତ୍ମୀୟ ସ୍ୱଜନମାନଙ୍କଠାରୁ ଅଲଗା ହୋଇ ରହିବ। ତାର କୌଣସି ସାଙ୍ଗସାଥି ତା ପାଖ ମାଡ଼ିବେ ନାହିଁ। କାରଣ ମରିଆମ୍ମା ବଡ଼

ରାଗୀ, ସେମାନଙ୍କ ଉପରକୁ ମଧ୍ୟ ମୁକ୍ତା ଫିଙ୍ଗି ଦେବ। ସେତେବେଳେ କେରଳରେ ଏହି ବିଶ୍ୱାସ ପ୍ରଚଳିତ ଥିଲା।

ତାପରେ ବୋଉ ମୋତେ ସମୁଦ୍ରାଂଶ ଜଳାଶୟ ଟପି ଆରପାଖକୁ ଯାଇ ମାମୁଁଙ୍କୁ ଖବର ଦେବା ପାଇଁ ପଠାଇଲା। ବାପା ଅନେକଥର ମୋତେ ଡଙ୍ଗାରେ ଆରପାଖକୁ ଏର୍ଣ୍ଣାକୁଲମ୍ ନେଇଥିଲେ। ଡଙ୍ଗାରେ ଲାଗିଥିବା ଇଞ୍ଜିନ ବିରାଟ ବିରାଟ ପାଣିଚକି ଘୂରାଉ ଥିଲା। ପାଣିକୁ ମନ୍ଥି ଫେଣ କରି ପକାଉଥିବା ଅସୁରପରି ଏ ଚକି, ଇଞ୍ଜିନ୍‌ର ଗର୍ଜନ ଆଉ ଡଙ୍ଗାର ତୀବ୍ର ସାଇରନ୍ ମୋତେ ଭୟଭୀତ କରୁଥିଲେ ମଧ୍ୟ ମୋତେ ଏସବୁ ଦେଖିବାକୁ ଭାରି ମଜା ଲାଗୁଥିଲା। ବୋଉ ମତେ କହିଥିଲା, "ତୁ ହାଇକୋର୍ଟ ବାରଣ୍ଡାକୁ ଯାଇ ସେଠି ଓକିଲଙ୍କ ବୈଠକଖାନା କେଉଁଠି ପଗ୍ଚରି ବୁଝିବୁ। ସେଠି ଯେକୌଣସି ଓକିଲଙ୍କୁ ପଗ୍ଚରିଲେ ସେ ତୋ ମାମୁଁ କେଉଁଠି ବସନ୍ତି କହିଦେବେ। ତୋ ସାଙ୍ଗରେ ମୁଁ କେଶବକୁ ପଠାଇବି।" କେଶବ ଥିଲା ମନ୍ଦିରର ପୂଜାପଣ୍ଡାଙ୍କ ପୁଅ, ମୋର ବଡ଼ ସାଙ୍ଗ। ଅନେକଥର ଆମେ ମନ୍ଦିର ଭିତରେ ଠାକୁରଙ୍କ ଭୋଗରୁ କଦଳୀ ଆଣି ଖାଉ। ବୋଉ ଖଣ୍ଡିଏ ଓଦା କାଗଜରେ ଚିଠିଟିଏ ଲେଖି ମୋ ହାତରେ ଦେଲା ମାମୁଁଙ୍କୁ ଦେବା ପାଇଁ।

ମୁଁ ଭାବିଲି ମୁଁ ଏଥର ବେଶ୍ ବଡ଼ ହୋଇଗଲିଣି। କେଶବର ସାହାଯ୍ୟ ନ ନେଇ ଏକା ଏକା ଯାଇ ମାମୁଁଙ୍କ ପାଖରେ ପହଞ୍ଚିଗଲି । ଚିଠି ପାଇ ମାମୁଁ ତ ଛାନିଆଁ ହୋଇଗଲେ। ସେ ଫେରନ୍ତା ଡଙ୍ଗାରେ ମୋ ସହ ଆସିଲେ। ସେ ସାଙ୍ଗେ ସାଙ୍ଗେ ଫେରିବାକୁ ଗୋଟାଏ ପୂରା ଖୋଦେଇ ଡଙ୍ଗା ଭଡ଼ା କରିବାକୁ ବସିଲେ ଯେମିତି ସେଥିରେ ନାଉରୀ ଓ ମଙ୍ଗଧରାକୁ ଛାଡ଼ି ଆଉ ଗ୍ଚରି ଜଣ ଯାଇପାରିବେ। ତାଙ୍କୁ ବହୁ ସମୟ ଲାଗିଲା ଏମିତି ଡଙ୍ଗାଟିଏ ପାଇବାକୁ; କାରଣ ବସନ୍ତ ରୋଗୀକୁ ନିଜ ଡଙ୍ଗାରେ ପାରି କରିବାକୁ କିଏ ବା କାହିଁକି ଗ୍ଚହିଁବ ? ଡଙ୍ଗା ତ ମାରା ହୋଇଯିବ, ଆଉ ସେଥିରେ ପରେ କେହି ଯାତ୍ରୀ ଯିବାକୁ ଗ୍ଚହିଁବେ ନାହିଁ। ତା ଛଡ଼ା ନାଉରୀ ଓ ମଙ୍ଗଧରା ମାଆ ମରିଆମ୍ମା କୃପାରୁ ବଞ୍ଚି ଫେରିଥିବା ମଧ୍ୟ ଦରକାର । କାରଣ ସେମାନଙ୍କର ବିଶ୍ୱାସ ଥିଲା, ଥରେ ମୁକ୍ତା ଦାଉରୁ ଯିଏ ତ୍ରାହି ପାଇଥିବ, ସେ ଆଉ ମୁକ୍ତା ପାଇବ ନାହିଁ। ଏ ଦୁର୍ଗତିକୁ ମାମୁଁ ଦାନ୍ତ ଚିପି ସହିନେଲେ। ମୋ ବୋଉ ପରି ସେ ମଧ୍ୟ ଥରେ ମରିଆମ୍ମା ହାବୁଡ଼ରୁ ଖସି ଆସିଛନ୍ତି।

ବାପାଙ୍କ ଖଟିଆ ଓ ତାଙ୍କ ପାଖରେ ବସିଥିବା ବୋଉକୁ ଧରି ଡଙ୍ଗା ଯେତେବେଳେ ପୂର୍ବକୂଳ ଛୁଇଁଲା, ସେତେବେଳେ ପଶ୍ଚିମ ଦିଗରେଖା ତଳେ ସୂର୍ଯ୍ୟ ବୁଡ଼ିଯିବା ତିନିଘଣ୍ଟା ହୋଇଗଲାଣି। ମାମୁଁ ଓ ମୋତେ ନେଇ ଆସୁଥିବା ଡଙ୍ଗାଟି ଅଳ୍ପ ସମୟ ଭିତରେ କୂଳରେ

ପହଞ୍ଚିଗଲା । ମୁଁ ଦେଖିଲି ବାପାଙ୍କ ଖଟିଆକୁ ସଭୟ ଯତ୍ନରେ ଡଙ୍ଗାରୁ ଉଠାଇନେଇ ସମତଳ ମାଟି ଉପରେ ରଖିଲା ବେଳକୁ ବାପା କଷ୍ଟରେ ଓହୋ ଓହୋ ହେଉଥିଲେ ଓ ବୋଉ ଧକଉଥିଲା । ମାମୁଁଙ୍କ ହାତ ମୁଁ ଧରିଥିଲି । ମାମୁଁ ଖଟିଆ ଆଡ଼କୁ ଗଲାବେଳେ ତାଙ୍କ ହାତ ମଧ୍ୟ ଥରୁଥିଲା । ଗୋଟାଏ କଳା ବିଜି ବିଜି ଓ ଅସନା ରାତି ଆମ ଉପରକୁ ଓହ୍ଲାଇ ଆସିଲା ।

ଡଙ୍ଗାକୁ ଘାଟରେ ପ୍ରସ୍ତୁତ ରଖିବାକୁ ମାମୁଁ କେତେଜଣ ଲୋକଙ୍କୁ ଆଗରୁ ଠିକଣା କରିଥିଲେ । ଲୋକଙ୍କ କଥାରୁ ମୁଁ ବୁଝିଲି ବାପାଙ୍କୁ ଜେଜେବାପା ଓ ଜେଜେମାଙ୍କ ପାଖକୁ ନିଆଯାଉଛି । କାରଣ ତିରୁପୁନିତ୍ତୁରା ନାମଟି ବାରମ୍ବାର ମୋ କାନରେ ବାଜୁଥିଲା । ରାକ୍ଷସ ପରି ଚାରିଜଣ ଲୋକ ବାପାଙ୍କ ଖଟିଆ କାନ୍ଧେଇଲେ । ଓକିଲଙ୍କର ଜଣେ ସେବକ ଆଗରେ ଚାଲୁଥିଲା । ସେମାନେ ଧପ ଧପ କରି ରାତି ଅନ୍ଧାରରେ କୁଆଡ଼େ ହଜିଗଲେ; ଆଉ ମୋର ଏକମାତ୍ର ଆପଣାର ବୋଉଟି ସେମାନଙ୍କ ପଛରେ ଆଖି ପୋଛି ପୋଛି ବଡ ବଡ଼ ପାହୁଣ୍ଡ କାଢି ଚାଲିଗଲା । ମାମୁଁ ମୋତେ ଛାଡ଼ିଲେ ନାହିଁ । ସେ, ମୋ ବାପା ଓ ବୋଉ ଅନ୍ଧାର ଭିତରେ ଲୁଚିଗଲା ପରେ ମୁଁ ସମ୍ଭାଳି ନପାରି ବୋଉ-ବୋଉ ବୋଲି ରଡ଼ି ଛାଡ଼ିଲି । ମୋ ବିକଳ କାନ୍ଦଣା ଶୁଣି ତାରାମାନେ ଆଖି ପୋଛିଲେ, ଆଉ ପବନ ଥିର ହୋଇଗଲା । କଳା ଅନ୍ଧାର ରାତି ମଧ୍ୟ ତରଳି ହାଇକୋର୍ଟ୍‌ର ଇଟାକାନ୍ଥ ଟିକେ ଟିକେ ଦିଶିଲା ।

ମାମୁଁଙ୍କର ତିନୋଟି ପିଲା ଯେତେବେଳେ ସୁଯୋଗ ପାଇଲେ ମୋ ପଛରେ ଲାଗିଲେ । ଇ ଠାରୁ ତ ପର୍ଯ୍ୟନ୍ତ ବୋଲିବାକୁ ସେମାନେ ମୋତେ ଯୁଦ୍ଧ ଡାକରା ଦେଲେ । ମାତ୍ର ମୁଁ ଜମା ଛଅଟି ଅକ୍ଷର ଶିଖିଥାଏ । ଅକ୍ଷର ଶିଖିବା ଆରମ୍ଭ କରୁ କରୁ ତ ମୋତେ ସ୍କୁଲ ଛାଡ଼ିବାକୁ ପଡ଼ିଲା । ତେଣୁ ସେମାନଙ୍କ ଡାକରାର ଉତ୍ତର ଦେବା ମୋ ପକ୍ଷରେ ସମ୍ଭବ ହେଲା ନାହିଁ । ମାଲାୟାଲାମ୍‌ର ବାଉନଟି ଅକ୍ଷର ଅବଶ୍ୟ ମୋର ପୂରା କଣ୍ଠସ୍ଥ ହୋଇସାରିଥିଲା । ମାତ୍ର କଣ୍ଠରେ କୋହ ଜମାଟ ବାନ୍ଧି ଥିଲାବେଳେ, ଆଉ ଛାତିଟା ଖାଲି ଖାଲି ଲାଗୁଥିଲାବେଳେ ସେମାନଙ୍କ ସହ ଏ ଯୁଦ୍ଧରେ ମୁଁ ପାରନ୍ତି କୁଆଡୁ ? ଘର ବାହାରେ ଉତ୍ତର-ଦକ୍ଷିଣ ରାସ୍ତା କଡ଼ରେ ମୁଁ ଚୁପ୍‌ଚାପ୍ ବସିଥାଏ, ଆଉ ସେବାଟେ ଯେତେ ବଳଦ ମୁହଁରୁ ଫେଣ ବାହାର କରି ଗାଡ଼ିକୁ ଟାଣି ଦୌଡୁଥାନ୍ତି ସମସ୍ତଙ୍କୁ ମୁଁ ମାଲାୟଲମ୍ ଭାଷାରେ ପାଟିକରି କହୁଥାଏ "ତିରୁପୁନିତ୍ତୁରା ଗାଁରେ ମୋ ବୋଉ ଅଛି । ତାକୁ କହିଦେବ ସେ ଶୀଘ୍ର ଆସି ମୋତେ ଏଠୁ ନେଇଯିବ । କାରଣ ଏ ତିନିଟା ଜନ୍ତୁ ମୋତେ ଖାଇ ଯାଉଛନ୍ତି" ।

ବୋଧହୁଏ ମୋ ବାର୍ତ୍ତା ଜେଜେମାଠାରେ ପହଞ୍ଚିଗଲା । କାରଣ ମୋତେ ସେଠାକୁ ନେବାକୁ ବୋଉ ଗୋଟିଏ ଲୋକ ପଠାଇଲା । ମାମୁଁଙ୍କର ଯୋଉ ତିନିଟା ଖଣ୍ଡ ଥିଲେ,

ସେମାନେ ବଡ଼ ପାଟିରେ ମୋ ଯିବାର ପ୍ରତିବାଦ କଲେ । କାରଣ ମୁଁ ଗଲେ ସେମାନେ ଆଉ କାହାକୁ ନେଇ ମଜା କରିବେ ? ଏପରି ପାଟି କଲେ କି ମୋତେ ଛାଡ଼ିବେ ନାହିଁ। ମାତ୍ର ମାମୁଁ ସିଦ୍ଧାନ୍ତ କଲେ ମୁଁ ଆଉ ମୁହୂର୍ତ୍ତେ ବି ନ ରହି ସଙ୍ଗେ ସଙ୍ଗେ ବାହାରିଯିବି। ସେତେବେଳେ ଗୋଟିଏ ଛୋଟ ନାଲି ଗାମୁଛା ମୁଁ କଛା ମାରିଥାଏ। ସେଇ ଅବସ୍ଥାରେ ମୋତେ ଡାକିବାକୁ ଆସିଥିବା ଲୋକ ପଛରେ ମୁଁ ଡେଇଁ ଡେଇଁ ଚାଲିଲି। ମୋ ପିଲା ଗୋଡ଼ରେ ବାପା-ବୋଉଙ୍କଠୁ ମତେ ଅଲଗା କରି ରଖିଥିବା ନିଷ୍ଠୁର ସାତମାଇଲ ବାଟ ମୁଁ ଅଧା ଦୌଡ଼ି ଦୌଡ଼ି ସେ ଲୋକ ପଛରେ ଚାଲିଲି। ସେ ଥରେ ମାତ୍ର ମୋ ପାଇଁ ତା'ର ଚାଲିବା ମନ୍ଥର କଲା ନାହିଁ। ସେତେବେଳେ ମୋ ଆଖିରେ ନାଚି ଯାଉଥାଏ ବାପା ସେଦିନ କିପରି ସେ ଚାରିଟା ରାକ୍ଷସ କାନ୍ଧରେ ବୁହାହୋଇ କୁଆଡ଼େ ଚାଲିଗଲେ ଓ ବୋଉ ସେମାନଙ୍କ ପଛରେ ଲସରପସର ହୋଇ ଧାଇଁଥିଲା। ମୋତେ ନେବାକୁ ଆସିଥିବା ଲୋକଟି ମତେ କହିଲା ବୋଉ ମୋର ଆଉ ଜଣେ ମାମୁଁ ଘରେ ରହିବାକୁ ଯାଉଥିବାରୁ ମୋତେ ସେଠାକୁ ଯିବାକୁ ହେବ। ମୁଁ ବୁଝିପାରୁ ନଥାଏ ଜେଜେବାପା ଓ ଜେଜେମା ରହିବା ଘରକୁ ଛାଡ଼ି ବୋଉ ମାମୁଁ ଘରକୁ ଗଲା କାହିଁକି !

ମୋତେ ଦେଖି ବୋଉ ମୋ ଆଡ଼କୁ ଧାଇଁ ଆସିଲା ଓ ମୋତେ ଛାତିରେ ଭିଡି ଧରି ଭୋ ଭୋ ହୋଇ କାନ୍ଦି ପକାଇଲା। ମୁଁ ପଚାରୁଥାଏ, "ବୋଉ, ବାପା କାହାନ୍ତି ? ବାପାଙ୍କ ମୁକ୍ତା ସବୁ କାହିଁ ?" ସେତେବେଳେ ଯେ ଏହା ପଚାରିବା କଥା ନୁହେଁ, ସେ ବୁଦ୍ଧି ମୋର ହୋଇ ନଥିଲା। ମୋ କଥା ଶୁଣି ବୋଉ ଆଉରି ବିକଳ ହୋଇ କାନ୍ଦିଲା। ଯେଉଁ ଲୋକଟି ମୋତେ ଏର୍ଣ୍ଣାକୁଲମ୍‌ରୁ ନେଇ ଆସିଥିଲା, ସେ କହୁଥାଏ, "ମା, କାନ୍ଦନା। ତୁମ ପୁଅ ଭୋକରେ ଅଛି, ଆଉ ଏତେବାଟ ଚାଲି ଚାଲି ହାଲିଆ ହୋଇପଡ଼ିଛି" । ମୁଁ ବୋଉର ହାତ ଧରି ଲୁହ ପୋଛିଦେଲି, ଆଉ ମତେ ସେ ଯେମିତି କଅଁଳେଇ କହେ, "ବାପାରେ, କାନ୍ଦନା" , ମୁଁ ବି ସେମିତି ତାକୁ କଅଁଳେଇ କହୁଥାଏ, "ବୋଉଲୋ, କାନ୍ଦନା''। କିଛି ସମୟ ପରେ ଜଣେ କିଏ ଆସି ମୋତେ ବୋଉଠୁ ଛଡ଼ାଇ ଘର ଭିତରକୁ ନେଇଗଲା। ମାତ୍ର ବୋଉ ନ ଖୋଇଦେଲେ ମୁଁ କିଛି ଖାଇବିନି ବୋଲି କହି ପୁଣି ବୋଉ ପାଖକୁ ଧାଇଁଗଲି, ତା ଓଠକୁ ଧରି ହଲାଇଲି, କୁତୁକୁତୁ କଲି, ହସିଲି, ତାକୁ ହସାଇବାକୁ ଲାଗିପଡିଲି। ମୁଁ କ'ଣ ସେତେବେଳେ ବୁଝିଥିଲି ଯେ, ବୋଉ ଉପରେ ଚଡ଼କ ପଡ଼ିଛି।

ବାପା ଆଉ ସେ ଖଟିଆରୁ ଉଠିଲେ ନାହିଁ। ଶେଷ ପର୍ଯ୍ୟନ୍ତ ଜେଜେବାପା ତାଙ୍କ ପାଖରେ ଥିଲେ। ମାତ୍ର ମୃତ୍ୟୁର କ'ଣ ଦୟାମାୟା କିଛି ଅଛି ? ବାପା ସେଇ ମାଡ଼ରେ ଆଖି ବୁଜିଲେ। ମାତ୍ର ବାଇଶି ବର୍ଷ ବୟସରେ ବିଧାତା ବୋଉ କପାଳରୁ ସିନ୍ଦୂର ପୋଛିଦେଲା।

ସେତେବେଳେକୁ ଊନବିଂଶ ଶତାବ୍ଦୀର ସମାଧି ଭିତରୁ ବିଂଶ ଶତାବ୍ଦୀ ଓ ନାରୀ-ସ୍ୱାଧୀନତା ଉଙ୍କି ମାରିବା ଆରମ୍ଭ କରୁଥିଲା। ସେ ରାଜ୍ୟର ଶାସକମାନଙ୍କ କୁଳଦେବତା ଯେଉଁ ମନ୍ଦିରରେ ପୂଜା ପାଉଥିଲେ ମୋ ଜେଜେବାପା ତା'ର ପରିଚାଳକ ଥିଲେ। ଅଜାତ ମୃତମାନଙ୍କ ପାଇଁ ଶାସ୍ତ୍ରରେ ଓ ଲୋକ ଚଳଣିରେ ଯେଉଁସବୁ ବିଧାନ ଅଲଙ୍ଘନୀୟ ଥିଲା ଜେଜେବାପା ସେ ସବୁକୁ ମାନିବାକୁ ବାଧ୍ୟ ଥିଲେ; ନଚେତ୍ ତାଙ୍କ ଦେହରେ ବିଧର୍ମୀର ଛାପ ଲାଗିଯିବ ଓ ତାଙ୍କର ଜାତି ଚାଲିଯିବ। ଏସବୁ ଚଳଣିର ବିଧାନ ନ ମାନିଲେ କ'ଣ ହେବ, ବୋଉକୁ ତାହା ଭଲ ଭାବରେ ଜଣାଥିଲା। ତେଣୁ ବାପା ସ୍ୱର୍ଗାରୋହଣ କରିବାର ଏକାଦଶ ଦିନ ମୋର ଅତିପ୍ରିୟ ବୋଉର ଘନକୃଷ୍ଣ କୋମଳ ଓ ଚିକ୍‌କଣ ବାଳକୁ ଚିକ୍‌କଣ କରି ଚାଞ୍ଛି ଦିଆଗଲା। ଏହି ବେଣୀ ସାଙ୍ଗରେ ଖେଳିବା, ବାଳକୁ କୁଣ୍ଡାଇବା, ମୋଡ଼ି ବେଣୀ ପକାଇବା ଥିଲା ମୋର ନିତିଦିନିଆ ଖେଳ। ଗୋଟାଏ ହୃଦୟହୀନ ଭଣ୍ଡାରୀ ବୋଉର ମୁଣ୍ଡରେ କ୍ଷୁର ଚଳାଇବାବେଳେ ବୋଉ ପୁରାତନ ନୀତି-ବିଧାତାମାନଙ୍କ ପ୍ରତି କୌଣସି ବିରାଗ ପୋଷଣ ନକରି ସିନା ନୀରବରେ ସହି ଯାଉଥିଲା, ମାତ୍ର ମୁଁ ମୋର ପ୍ରିୟ ବେଣୀକୁ ନେଇ ଯାଉଥିବା କାଳ୍ପନିକ ରାକ୍ଷସକୁ ଲକ୍ଷ୍ୟ କରି ଟେକା ଫିଙ୍ଗୁଥିଲି। ଅବଶ୍ୟ ତା ଦେହରେ ମୋ ଟେକା ବାଜି ନଥିଲା।

ବସନ୍ତ ରୋଗରୁ ମୃତ୍ୟୁହେବା ସେତେବେଳେ ରୋଗୀ ପ୍ରତି ଦୈବ-ଅଭିଶାପ ବୋଲି ବିଚାର କରାଯାଉଥିଲା। ମୃତ୍ୟୁ ପରେ ମଧ୍ୟ ସେ ପରିତ୍ୟକ୍ତ ହେଉଥିଲା। ତା'ର ଶବକୁ ଦାହ କରାଯାଉ ନଥିଲା, ପଚିସଢ଼ି ନଷ୍ଟ ହେବାପାଇଁ ତାକୁ ଫିଙ୍ଗି ଦିଆଯାଉଥିଲା। ଏହି ଅଭିଶପ୍ତ ଆତ୍ମାକୁ ମୁକ୍ତ କରି ପିତୃଲୋକରେ ତାକୁ ଯଥା ସ୍ଥାନରେ ପହଞ୍ଚାଇବା ନିମନ୍ତେ ସ୍ୱତନ୍ତ୍ର ତୀର୍ଥସ୍ଥାନରେ ଶ୍ରାଦ୍ଧ କରିବାକୁ ପଡୁଥିଲା। ମାତ୍ର ଜେଜେବାପା ଓ ମାମୁଁମାନଙ୍କର ଦରିଦ୍ରତା ଯୋଗୁ ଏହା ମୋ ବାପାଙ୍କ ପାଇଁ କରାଯାଇ ପାରିନଥିଲା। କୋଡିଏ ବର୍ଷ ପରେ ଯାଇ ମୁଁ ଏହି ଶ୍ରାଦ୍ଧ ସମ୍ପନ୍ନ କରିବାରେ ସମର୍ଥ ହୋଇଥିଲି। କୋଚିନ୍‌ଠାରେ ଯେଉଁ ଶିବ ମନ୍ଦିରରେ ବାପା ପ୍ରତିଦିନ ଶିବାରାଧନା କରୁଥିଲେ, ତାର ମୂଳ ଦେବାଳୟ ରାମେଶ୍ୱରକୁ ଯାଇ ସେଠାରେ ମୁଁ ପିଣ୍ଡଦାନ କରିଥିଲି। ପୂର୍ବସାଗର ଉପକୂଳରେ ଏହି ଶିବାଳୟ ବେଢ଼ାରେ ଯେତେବେଳେ ବାପାଙ୍କର ଆତ୍ମାକୁ ବୈଦିକ ମନ୍ତ୍ରରେ ଆବାହନ କରାଯାଇଥିଲା, ବାପାଙ୍କ ଆତ୍ମା ସେଠାକୁ ଆସି ନିଶ୍ଚୟ ପିତୃଲୋକ ଗମନ କରିଥିବ। ବୋଉ ଓ ମୋର ଅର୍ଦ୍ଧାଙ୍ଗିନୀ ସହ ମୁଁ ପିଣ୍ଡଦାନ କରି ପୁରୋହିତମାନଙ୍କୁ ଧାନ, ସୁବର୍ଣ୍ଣ ଓ ଗୋଦାନ କରିଥିଲି।

ଅଜାଙ୍କ ଆଖିର ପିତୁଳା

ଅଳ୍ପଦିନ ଭିତରେ ଅଜାଙ୍କ ମୁଣ୍ଡରେ ଆଉ ଦୁଇଟି ଚଡ଼କ ପଡିଲା। ସେ ଗାଁର କୁତ୍ସାରଟନା କରିବାରେ ପ୍ରବୀଣ ଗୋଟିଏ କୁତ୍ସିତ ଲୋକ ଅଜାଙ୍କ ନାମରେ ମିଛ ପ୍ରଚାର କଲା, ଆଉ ସେ କାଦୁଅ ତାଙ୍କ ଦେହରେ ଲାଖିଗଲା। ତାଙ୍କୁ ମନ୍ଦିରର ପରିଚାଳନା କାମ ଛାଡ଼ିବାକୁ ପଡ଼ିଲା ଓ ଫଳରେ ସେ ଦୁଇବେଳା ଠାକୁର ଭୋଗରୁ ପାଉଥିବା ଅଂଶରୁ ବଞ୍ଚିତ ହେଲେ। ଏ ନିଷ୍ଠୁର ଆଘାତରେ ଆମ ପେଟକୁ ଯାଉଥିବା ଖାଦ୍ୟପ୍ରାଣ ମଧ୍ୟ ହଠାତ୍ କମିଗଲା।

ଅନ୍ୟ ଦୁର୍ଗତିଟି ହେଲା, ଦିନେ ଏକ ଉତପ୍ତ ଅପରାହ୍ଣରେ ଆଈର ଭାତହାଣ୍ଡିରୁ ଭାଗ ନେବା ପାଇଁ ଆଉ ତିନୋଟି ଭୋକିଲା ପେଟ ଆସି ପହଞ୍ଚିଗଲେ। ବୋଉ ଓ ମୁଁ ନିଜ ନିଜ ପାଇଁ ଖଲିପତ୍ର ପକାଇ ବସୁ ନ ବସୁଣୁ ବୋଉର ବଡ଼ ଭଉଣୀ ତାଙ୍କ ସ୍ୱାମୀଙ୍କ ଦ୍ୱାରା ପରିତ୍ୟକ୍ତ ହୋଇ ନାଗପଉମ୍‌ଠାରୁ ଗୋଟିଏ ଝିଅ (୧୨ ବର୍ଷ) ଓ ଗୋଟିଏ ପୁଅ (୭ ବର୍ଷ)କୁ ଧରି ତାଙ୍କ ପିତୃଗୃହରେ ଆସି ଆଶ୍ରୟ ନେଲେ। ନିଜକଥା ନିଜେ ବୁଝିବାକୁ ଛାଡ଼ି ଦେଇ ତାଙ୍କ ସ୍ୱାମୀ କୁଆଡ଼େ ଚାଲିଗଲେ।

ମୋ ଅଜା ସାଧାରଣତଃ ଟିକେ ରାଗୀ ମଣିଷ ଥିଲେ। ଏ ଝିଅ ଆସି ଘରେ ଗୋଡ଼ ଦେବାରୁ ସେ ମୁଣ୍ଡରେ ହାତ ଦେଇ ଥପ୍‌କିନି ବସି ପଡ଼ିଲେ। ତା'ପରେ ସେ ଆହୁରି ଚିଡ଼ା ହୋଇ ଉଠିଲେ। ଏ ଦୁର୍ଗତିକୁ ଅଣ୍ଟାଭିଡ଼ି ପିଠେଇ ନେବାକୁ ହେବ ବୋଲି ଆଈ ଯେତେବେଳେ କହେ ଓ ତାଙ୍କୁ ଟିକେ ସାହସ ଦେବାକୁ ଚେଷ୍ଟା କରେ ଅଜାଙ୍କ କ୍ରୋଧ ପଞ୍ଚମକୁ ଉଠିଯାଏ ଆଉ ଆଈକୁ ଯାହା ତୁଣ୍ଡକୁ ଆସିଲା ବକି ଯାଆନ୍ତି। ମୁଁ ଆଉ ମୋ ମାଉସୀଙ୍କ ପିଲା ଦୁଇଟି ଘରେ ଚାଲବୁଲ କଲେ ତାଙ୍କର ଦେହ ଶୂଳେଇ ହୁଏ, ଅନ୍ୟମାନେ ଚାଲବୁଲ କଲେ ଆମେ ବାଟ ଓଗାଳୁଚୁ ବୋଲି ସେ ପାଟି କରନ୍ତି। ମାତ୍ର ଦୁଇଟି ଅଭାଗିନୀ ଝିଅ ଓ ସେମାନଙ୍କ ପିଲାଙ୍କ ଉପରେ ଅଜାଙ୍କ ଆଖି ପଡ଼ିଲେ ସେମାନଙ୍କ ଦୁର୍ଗତି କଥା ଚିନ୍ତାକରି ତାଙ୍କ ମୁହଁ ଅସହାୟତା ଓ ଦୁଃଖର କଳାମେଘରେ ଢାଙ୍କି ହୋଇଯାଏ।

ବୋଉର ଭଉଣୀ କାନ୍ଦି କାନ୍ଦି କହିଲେ ତାଙ୍କର ପିଲାଏ ଓ ମୁଁ ବଡ଼ ହୋଇଗଲୁଣି। ଆମକୁ ସ୍କୁଲକୁ ପଠାଇବାକୁ ହେବ। ମାତ୍ର ଅଜା କୁଣ୍ଠା ପ୍ରକାଶ କଲେ, କାରଣ ସେକାଳରେ ପିଲାଙ୍କୁ ସ୍କୁଲକୁ ପଠାଇବା ଥିଲା ଗୋଟାଏ ବିଳାସ, ଯାହା ଧନୀ ଲୋକଙ୍କ ପକ୍ଷରେ ହିଁ ସମ୍ଭବ ଥିଲା। ବହି, ମାସିକ ପଢ଼ାଖର୍ଚ୍ଚ, କୋଟ୍ ଓ ଟୋପି (ସାଟ୍ ପିନ୍ଧିବା ବାଧ୍ୟତାମୂଳକ ନଥିଲା) ପାଇଁ କମ୍ ପଇସା ଦରକାର ହେଉ ନଥିଲା। କୋଟ୍ ଓ ଟୋପି ପିନ୍ଧିବାରୁ କେହି ରିହାତି ପାଉ ନଥିଲେ। ତା'ଛଡ଼ା ଘରେ ପାଠ କରିବାକୁ ରାତିରେ ପ୍ରତିଦିନ ଘଣ୍ଟାଏ ଦୀପ ଜଳିବା ପାଇଁ

ତେଲ ଦରକାର। ପେନ୍, ନିବ୍, ପେନ୍‌ସିଲ ଓ କାଗଜ ପାଇଁ ଆଉ କିଛି ପଇସା ଲୋଡ଼ା। ଏତେ ପଇସା ଅଜାଙ୍କର ଆସିବ କୁଆଡୁ ? ତେଣୁ ଅଜା ଆମର ବ୍ରାହ୍ମଣ କୁଳରେ ଜନ୍ମ ହେବାର ସୁଯୋଗର ସଦ୍‌ବ୍ୟବହାର କରିବାକୁ ଚାହିଁଲେ ଓ ତା ଫଳରେ ଆମେ କିପରି ବିଶେଷ ସୌଭାଗ୍ୟ ଲାଭ କରିବୁ ତାହା ବୁଝାଇଲେ। ସେ ଆମକୁ ବେଦ, ବ୍ୟାକରଣ, ତର୍କ, କାବ୍ୟ, ମୀମାଂସା ଆଦିରେ ପ୍ରବୀଣ ହେବା ପାଇଁ ମାଗଣା ସଂସ୍କୃତ ପାଠଶାଳାକୁ ପଠାଇବାର ସିଦ୍ଧାନ୍ତ କଲେ। ଏହା ଫଳରେ ଆମକୁ ଦଶବର୍ଷ ଯାଏ ଘରୁ ଦୂରରେ ରହିବାକୁ ହେବ, ଆମେ ଦୁଇଓଳି ଦୁଇମୁଠା ଭାତ ଓ ରାତି ହେଲେ ଶୋଇବାକୁ ଖଣ୍ଡେ ମସିଣା ପାଇବୁ।

ତାଳପତ୍ର ପାଠଶାଳାକୁ ଆମକୁ ନିର୍ବାସିତ କରିବାର ଯେଉଁ ଚକ୍ରାନ୍ତ ଅଜା କଲେ, ବୋଉ ସାହସର ସହ ତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲା। ଅବଶ୍ୟ ତା'ର ବଡ଼ ଭଉଣୀ ଅଜାଙ୍କ ଏ ସିଦ୍ଧାନ୍ତ ନୀରବରେ ମାନି ନେଲେ। ଅଜାଙ୍କୁ ପ୍ରତିବାଦ କରିବାକୁ ସେ କିଛି ବାଟ ପାଇଲେ ନାହିଁ। ବୋଉ ପାଖରେ କିଛି ସୁନା ଅଳଙ୍କାର ଥିଲା। ବିଧବା ହେତୁ ସେ ତ ଆଉ ସେସବୁ ପିନ୍ଧି ପାରିବ ନାହିଁ। (ଅବଶ୍ୟ ବୋଉର ଭଉଣୀ ନାକରେ ସୁନାର ବସୁଣୀ, ବେକରେ ସୁନାର ଚକି ଓ କାନରେ ସୁନା ଫୁଲ ପିନ୍ଧିଥିଲେ, କାରଣ ତାଙ୍କ ସ୍ୱାମୀ ଆଉ ଅଛନ୍ତି କି ନାହାନ୍ତି ତାହା ଜଣା ନ ଥିଲା) ତେଣୁ ବୋଉ କହିଲା ସେସବୁ ବିକି ଦେଲେ ମୋର ତିନି ଚାରିବର୍ଷର ପଢ଼ାଖର୍ଚ୍ଚ ହୋଇଯିବ। ତେଣୁ ମୋର ମାଉସୀ ପୁଅ ଭାଇ ପାଣିନୀ, ବାଦରାୟଣ, ଗୌଡ଼ପାଦ, ଶଙ୍କର ଓ ବିଦ୍ୟାରଣ୍ୟଙ୍କ ଆଡ଼କୁ ପାଦ କାଢ଼ିଲାବେଳେ ମୁଁ ଡନ୍ ଓ ଡ୍ରାଇଡେନ୍, ସେକ୍‌ସପିୟର୍ ଓ ସ୍କଟ୍, ବ୍ଲେକ୍, ବୁର୍କ ଓ କାର୍ଲାଇଲ୍, ଗିବ୍‌ବନ ଓ ଟୟନ୍‌ବୀଙ୍କ ଆଡ଼କୁ ପାଦ କାଢ଼ିଲି, ପୃଥିବୀର ସବୁଠୁ ବେଶୀ ସମ୍ମାନପ୍ରଦ ମୁଦ୍ରା ଇଂରେଜୀ ଭାଷାରେ ପଣ୍ଡିତ ହେବାକୁ ବାହାରିଲି।

କେତେବର୍ଷ ତଳେ ପ୍ରଶାନ୍ତି ନିଳୟମ୍‌ଠାରେ ଦଶହରା ଉତ୍ସବ ଉପଲକ୍ଷ୍ୟେ ବାବା ସମ୍ଭାଷଣରେ ବୈଦିକ ବିଦ୍ୟା ସଂପର୍କରେ କହିବାକୁ ଯାଇ ସଂସ୍କୃତ ଭାଷା ମାଧ୍ୟମରେ କିପରି ଅମୂଲ୍ୟ ବିଦ୍ୟା-ନିଧି ଲାଭ କରିହେବ ତାହା ଉଲ୍ଲେଖ କରିଥିଲେ। ତାଙ୍କ ପାଖରେ ମୋତେ ବସିଥିବାର ଦେଖି ସେ କହିଲେ, "ଆଧ୍ୟାତ୍ମିକ ଦିଗ୍‌ବିଜୟର ଧନଭଣ୍ଡାର ରୂପେ ବ୍ରାହ୍ମଣମାନେ ଏହି ଭାଷାର ଯତ୍ନ ସୁରକ୍ଷା ଓ ପରିପାଳନ କରି ଆସିଛନ୍ତି। ମାତ୍ର ଏ କସ୍ତୁରୀ ବ୍ରାହ୍ମଣ ହେଲେ ମଧ୍ୟ ପିଲାଦିନେ ଇ,ଈ,ଉ,ଊ ଉପରେ ଯାଇ ଝୁଣ୍ଟି ପଡିଲା, ଆଉ ଏ ଭାଷା ଶିଖିବାର ଅପୂର୍ବ ସୁଯୋଗକୁ ହରାଇ ବସିଲା।"

ପୁଣି, ହିମାଳୟ ମଧ୍ୟରେ ଅବସ୍ଥିତ ବଦ୍ରିନାଥଙ୍କର ମହିମା ଓ ଶକ୍ତି ବଢ଼ାଇବା ପାଇଁ ବାବା ସେଠି ଉପସ୍ଥିତ ଥିଲାବେଳେ ବ୍ରାହ୍ମଣମାନଙ୍କୁ ଯେତେବେଳେ କେତୋଟି ବିଶିଷ୍ଟ ବୈଦିକ ମନ୍ତ୍ର ଗାନ କରିବାକୁ ନିର୍ଦ୍ଦେଶ ଦେଲେ, ମୁଁ ସେମାନଙ୍କ ସହ ଯୋଗ

ଦେଇ ପାରିଲି ନାହିଁ । ବାବା ଦେଖିଲେ ଲୋକଗହଳି ଭିତରେ ଗୋଟିଏ କଣରେ ମୁଣ୍ଡପୋତି ମୁଁ ଠିଆ ହୋଇଛି । ମୋ ଦୁର୍ଦ୍ଦଶା ଦେଖି କହିଲେ, "ଆହା ବିଚରା ! ତୁ ଇଂରେଜୀ ପାଲରେ ପଡି ସନାତନ ମନ୍ତ୍ରବିଦ୍ୟା ହରାଇ ବସିଲୁ ।" ସେଇଠି ମୁଁ ସଂକଳ୍ପ କଲି ମୋ ବନ୍ଧୁମାନେ ବାବାଙ୍କ ଆଜ୍ଞାରେ ଯେଉଁ ମନ୍ତ୍ର ବୋଲୁଛନ୍ତି ମୁଁ ସେ ସବୁ ଅବଶ୍ୟ ଶିଖିବି । ବଦ୍ରିନାଥଠାରେ ମୁଁ ଯେଉଁ ଦୁର୍ଦ୍ଦଶାରେ ପଡ଼ିଥିଲି, ପରେ ପୁଟ୍ଟପର୍ତ୍ତିରେ ତାହା ଦୂର କରିବା ନିମନ୍ତେ ବାବା ମୋତେ ଅନୁମତି ଦେଇଥିଲେ । ବାବାଙ୍କ ସନ୍ନିଧିରେ କେତେମାସ ସେ ମନୋମୁଗ୍ଧକର ନମକ ଓ ଚମକ ମନ୍ତ୍ର ଗାନ କରିବାର ସୌଭାଗ୍ୟ ମୋର ହୋଇଥିଲା ।

କୋଚିନ୍‌ର ରାଜପରିବାର ସଂସ୍କୃତ ବିଦ୍ୟାର୍ଥୀମାନଙ୍କ ପାଇଁ ଗୋଟିଏ ଆବାସୀ ପାଠଶାଳା ପ୍ରତିଷ୍ଠା କରିଥିଲେ । ସେମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ଗରିବ ବ୍ରାହ୍ମଣମାନଙ୍କ ପାଇଁ ଅନ୍ନଛତ୍ରମାନ ମଧ୍ୟ ଖୋଲିଥିଲେ । ଏଠାରେ ବ୍ରାହ୍ମଣ ଘରର ପୁରୁଷ, ସ୍ତ୍ରୀ, ପିଲା ସମସ୍ତଙ୍କୁ ଦିନକୁ ଦୁଇଥର ଭାତ ମାଗଣା ଖାଇବାକୁ ଦିଆଯାଉଥିଲା । ମାସର ୨ଟି ଏକାଦଶୀ ଦିନ ଅନ୍ନଛତ୍ରଗୁଡ଼ିକ ବନ୍ଦ ରହୁଥିଲା । ଖରାଦିନେ ସାଢ଼େ ଚାରିମାସ କେବଳ ପେଜ ଓ ବୁଟସିଝା ଦିଆଯାଉଥିଲା । ମୋ ଶରୀର ଯେତିକି ଖାଦ୍ୟପ୍ରାଣ ଦରକାର କରୁଥିଲା, ତା'ର କିଛି ଅଂଶ ପାଇଁ ପ୍ରତିଦିନ, ଦଶବର୍ଷ ଧରି ମୁଁ ଚାରି ମାଇଲ ବାଟ ଅନ୍ନଛତ୍ରକୁ ପଦଯାତ୍ରା କରୁଥିଲି । ସାମାନ୍ୟ ହେଲେ ମଧ୍ୟ, ରାଜ୍ୟର ପ୍ରାୟ ୫୦ଟି ସହରରେ ପ୍ରତିଦିନ ପ୍ରାୟ ଦଶହଜାର ଉଚ୍ଚ ଜାତିର ପ୍ରଜାଙ୍କୁ ଖାଦ୍ୟ ଯୋଗାଉଥିବାରୁ କୋଚିନ୍‌ର ରାଜପରିବାର ପ୍ରତି ମୁଁ କୃତଜ୍ଞ ।

କୋଚିନ୍‌ର ରାଜାମାନେ ଭାରତୀୟ ସଂସ୍କୃତିର ସର୍ବୋତ୍ତମ ପରମ୍ପରାର ପ୍ରତିପୋଷଣ କରୁଥିଲେ । ବେଦ କହେ, "ଏକଂ ସତ୍ ବିପ୍ରାଃ ବହୁଧା ବଦନ୍ତି" । ରାଜାମାନେ ବହୁକୁ ସେଇ ଏକର ବିଭିନ୍ନ ପ୍ରକାଶ ଭାବରେ ସ୍ୱାଗତ କରୁଥିଲେ । ଯେଉଁ ଖ୍ରୀଷ୍ଟିୟାନ୍‌ମାନେ ରୋମାନ୍ ସମ୍ରାଟଙ୍କ ଅତ୍ୟାଚାର ଯୋଗୁ ସିରିଆ, ଚାଲ୍‌ଡିୟା ଓ ପାଲେଷ୍ଟାଇନ୍‌ରୁ ପଳାଇ ଆସୁଥିଲେ ସେମାନଙ୍କୁ କୋଚିନ୍‌ର ରାଜାମାନେ ନିଜ ରାଜ୍ୟରେ ଆଶ୍ରୟ ଦେଉଥିଲେ । ଇସ୍ରାଏଲ୍‌ର ଜୀଉମାନଙ୍କୁ ମଧ୍ୟ ସେମାନେ ଗ୍ରହଣ କରିଥିଲେ । ଯେଉଁ ପର୍ତ୍ତୁଗୀଜମାନେ ଅବାଂଛିତ ଧର୍ମ-ସଂକୀର୍ଣ୍ଣତା ଏବଂ ଦୁଷ୍ଟବୁଦ୍ଧି ରାଜଶକ୍ତି ଦ୍ୱାରା ପ୍ରଣୋଦିତ ହୋଇ ସିରିଆର ଅଧିବାସୀମାନଙ୍କ ଉପରେ ଏବଂ ନାଜାରିନ୍ ଖ୍ରୀଷ୍ଟିୟାନ୍‌ମାନଙ୍କ ଉପରେ ଅତ୍ୟାଚାର ଚଳାଇଥିଲେ, ସେମାନଙ୍କୁ ମଧ୍ୟ କୋଚିନ୍ ରାଜା ଆଶ୍ରୟ ଦେଉଥିଲେ । ପ୍ରୋଟେଷ୍ଟାଣ୍ଟ ହଲାଣ୍ଡବାସୀ, ଇଂରେଜୀ ଭାଷାଭାଷୀ ବ୍ରିଟିଶମାନଙ୍କର ବାଣିଜ୍ୟ ଅଧିକାର ନିମନ୍ତେ ଅନୁରୋଧକୁ ମଞ୍ଜୁର କରି

ପରବର୍ତ୍ତୀ କାଳରେ ରାଜାମାନେ ଦୁରାରୋଗ୍ୟ ରାଜନୈତିକ ବ୍ୟାଧିର ଶିକାର ହୋଇଥିଲେ ।

ଅସହାୟ ଗୃହହୀନ ଜୀଉମାନଙ୍କର ପ୍ରଥମ ପୋତ ମୌସୁମୀର ପବନ ଚାଳିତ ହୋଇ ଯେତେବେଳେ କୋଚିନ୍‌ରେ ଲାଗିଲା, ରାଜା ସେମାନଙ୍କର ଉପାସନା ମନ୍ଦିର ଗଢ଼ିବା ପାଇଁ କୁଳଦେବୀ ଭଗବତୀଙ୍କ ମନ୍ଦିର ପାଖରେ ଗୋଟିଏ ଜାଗା ସେମାନଙ୍କୁ ଦେଇଥିଲେ । ରାଜପରିବାରର କୁଳଦେବୀଙ୍କ ମନ୍ଦିର ପାଖରେ ଜୀଉମାନଙ୍କ ମନ୍ଦିର ଠିଆ ହେବାର ସମ୍ଭାବନାରେ କେତେକ ମନ୍ତ୍ରୀ ଓ ପାରିଷଦ ଆତଙ୍କ ପ୍ରକାଶ କରିଥିଲେ । ମାତ୍ର ରାଜା ନିଜର ଗୋଟିଏ ସ୍ୱପ୍ନକଥା କହି ସେମାନଙ୍କୁ ଶାନ୍ତ କରିଦେଇଥିଲେ । ସ୍ୱପ୍ନରେ ଭଗବତୀ କୁଆଡ଼େ ରାଜାଙ୍କୁ ମନ୍ଦିର ପାଖର ଏହି ସ୍ଥାନଟି ସେମାନଙ୍କୁ ଦେବାକୁ ଆଜ୍ଞା ଦେଇ କହିଥିଲେ, "ସମୁଦ୍ର ସେପଟର ମୋର ଭକ୍ତମାନେ ଅନ୍ୟ ଏକ ଭାଷାରେ ଯେତେବେଳେ ମୋରି ମହିମା ଗାନ କରିବେ, ତୋର ତ ସେତେବେଳେ ପରମ ଆନନ୍ଦ ଲାଭ କରିବା କଥା ।"

ବ୍ରାହ୍ମଣମାନଙ୍କୁ ରାଜାମାନେ ଗଭୀର ସମ୍ମାନ କରୁଥିଲେ । କାରଣ ଯୁଗ ଯୁଗ ଧରି ଲୋକକ୍ଷେମ ନିମନ୍ତେ ବ୍ରାହ୍ମଣମାନେ ଛଅଟି ତପସ୍ୟା ସାଧନ କରିବାରେ ନିୟୋଜିତ ଥିଲେ । ସେଗୁଡିକ ହେଲା ପ୍ରକୃତି ଓ ପ୍ରକୃତିର ପ୍ରଭୁ ଈଶ୍ୱରଙ୍କ ତୁଷ୍ଟିବିଧାନ ନିମନ୍ତେ ଯଜ୍ଞ କରିବା, ଏହି ଯଜ୍ଞର ପରିପୋଷଣ, ବିଦ୍ୟାର ଅଧ୍ୟୟନ, ଅଧାପନ, ଦାନ ଓ ସତ୍-ଦାନ ଗ୍ରହଣ । ଆଧୁନିକ ନିନ୍ଦାବାଦୀମାନଙ୍କୁ ବାବା ଅନେକ ସମୟରେ କହିଥାନ୍ତି ସମାଜରେ ଓ ଆପଣା ଭିତରେ ଶୁଦ୍ଧତା, ଧର୍ମନିଷ୍ଠା, ସଦାଚାର ଓ ବିନୟ ପରିପୁଷ୍ଟ କରିବା ନିମନ୍ତେ ହିଁ ବ୍ରାହ୍ମଣମାନେ ନିଜର ଦୈନନ୍ଦିନ ଆଚାର ଓ ପାରିବାରିକ ଜୀବନରେ ତଥା ପାରିବାରିକ ସମ୍ପର୍କ କ୍ଷେତ୍ରରେ ଏପରି କଠୋର ସଂଯମ-ଶୃଙ୍ଖଳା ଓ ତ୍ୟାଗ ସ୍ୱତଃ ବରଣ କରିଥିଲେ ।

ଏହି ବ୍ରାହ୍ମଣମାନଙ୍କ ପ୍ରତି ଗଭୀର କୃତଜ୍ଞତାର ନିଦର୍ଶନ ସ୍ୱରୂପ ରାଜାମାନେ ଠିକ୍ କରିଥିଲେ ସେମାନଙ୍କ ରାଜ୍ୟରେ କୌଣସି ବ୍ରାହ୍ମଣ ଅଭୁକ୍ତ ରହିବେ ନାହିଁ । ସେମାନେ କୋଚିନ୍‌ଠାରୁ ରାଜପ୍ରାସାଦକୁ ଯେତେବେଳେ ତିରୁପୁନିତ୍ତୁରାକୁ ଉଠାଇ ଆଣିଲେ ସେଠାରେ ମଧ୍ୟ ଗୋଟିଏ ଅନ୍ନଛତ୍ର ଖୋଲାଗଲା । ଏହାପରେ ମୋ ବୋଉ ଅଜାଙ୍କୁ କହିଲା ଏଥର ତା ପୁଅ ସ୍କୁଲକୁ ପଢ଼ିବାକୁ ଯିବ । ମୋ ପଢ଼ା ଖର୍ଚ୍ଚ ସେ ଦେବ ଆଉ ରାଜାଙ୍କ ଅନ୍ନଛତ୍ର ମୋ ହାଡ଼ ସହିତ ଚମକୁ ଯୋଡ଼ି ରଖିବ । ମାସର ଦୁଇଟି ଏକାଦଶୀ ଦିନ ସ୍କୁଲକୁ ଯିବା ବାଟରେ ପଡୁଥିବା ଜଣେ ପରିଚିତ ଲୋକଙ୍କ ଘରେ ମୋ ପତ୍ର ପଡ଼ିବାର ବ୍ୟବସ୍ଥା ବୋଉ କରିଥିଲା ।

୧୯୬୦ ମସିହାରେ ବାବାଙ୍କ ପାଦପଦ୍ମରେ ତାଙ୍କ ଜୀବନୀ ସତ୍ୟଂ ଶିବଂ ସୁନ୍ଦରଂ ପୁସ୍ତକର ପ୍ରଥମ ଭାଗଟି ସ୍ଥାପନ କରିବାର ସୌଭାଗ୍ୟ ମତେ ଯେତେବେଳେ

ମିଳିଥିଲା, ପ୍ରଶାନ୍ତି ନିଳୟମ୍‌ର ଭଜନ ଘରେ ମହିଳା ଭକ୍ତମାନଙ୍କ ଗହଣରେ ମୋ ବୋଉ ବସିଥିଲା । ସେଇ ଆନନ୍ଦଭରା ମୁହୂର୍ତ୍ତରେ ମୁକ୍ତ କଣ୍ଠରେ ସ୍ୱୀକାର କରିଥିଲି ମୁଁ କେଡ଼େ ଭାଗ୍ୟବାନ୍, କାରଣ ମୋତେ ଇଂରାଜୀ ସ୍କୁଲରେ ପଢ଼ାଇବା ନିମନ୍ତେ ଘୋର ପ୍ରତିରୋଧ ମଧ୍ୟରେ ବୋଉ ଯେତେ କଷ୍ଟ କରିଥିଲା, ତା'ର ପ୍ରତିଦାନ ଭାବରେ ସେ ନିଜ ଆଖିରେ ଦେଖୁଥିଲା ତାରି ପୁଅ ଆଜି ଭଗବାନଙ୍କ ଲୀଳାଚରିତକୁ ଇଂରାଜୀ ଭାଷାରେ ଲେଖି ତାଙ୍କରି ପାଦପଦ୍ମରେ ନିବେଦନ କରିବାର ଅପୂର୍ବ ସୌଭାଗ୍ୟର ଅଧିକାରୀ ହୋଇପାରିଛି । ବାବାଙ୍କ ପାଦପଦ୍ମରେ ଅଜାଡ଼ି ହୋଇପଡ଼ି ଆଖିର ଲୁହରେ ଯେତେବେଳେ ତାଙ୍କ ପଦରାଜୀବକୁ ଧୋଇ ଦେଉଥିଲି, ବାବା ନିଜେ ମୋର କାନ୍ଧକୁ ଧରି ମୋତେ ସ୍ନେହରେ ଉଠାଇ ଦେଇଥିଲେ । ଆଉ ଭକ୍ତମାନଙ୍କ ମଧ୍ୟରେ ବସି ମୋ ବୋଉ ଆଖିଲୁହର ପରଦା ସେପଟେ ଆତ୍ମସନ୍ତୋଷରେ ଉଜ୍ଜ୍ୱଳ ଦିଶୁଥିଲା ।

ମୁଁ ରାଜାଙ୍କ ଅନ୍ନଛତ୍ରରେ ଭୋଜନ ପକାଇ ସ୍କୁଲକୁ ପଢ଼ିବାକୁ ଯାଉଥାଏ । ସ୍କୁଲ ସରିଗଲା ପରେ ପୁଣି ରାତ୍ରିଭୋଜନ ପାଇଁ ଅପେକ୍ଷା କରିବାକୁ ଏଣେତେଣେ ବୁଲେ । ରାତିରେ ଖାଇସାରି ଘରକୁ ଫେରିଆସେ । ଆମେ ପ୍ରାୟ ୨୫୦ ଜଣ ନର-ନାରୀ,ବୃଦ୍ଧ-ବାଳକ-ବାଳିକା ଏହି ଅନ୍ନଛତ୍ର ଉପରେ ନିର୍ଭର କରି ଚଳୁଥିଲୁ ।

ବିଛା ମାସର ଚାରିଟି ଶୁଭଦିନରେ ରାଜକୀୟ ଅନ୍ନଛତ୍ରର ଅଢ଼େଇଶହ ନିଷ୍କର୍ମା ବ୍ରାହ୍ମଣ ମନ୍ଦିରର ଭୋଜି ଖାଇବାର ସୁବିଧା ପାଉଥିଲୁ । ଏହି ଭୋଜି ଅବତାରଙ୍କ ଜନ୍ମଦିନ ଭଳି ଆଉ କେତେକ ଶୁଭଦିନରେ ମଧ୍ୟ ଆମକୁ ମିଳୁଥିଲା । ଆମେ ବ୍ରାହ୍ମଣ ପିଲାମାନେ ଏହି ଭୋଜନ ଦିନଗୁଡ଼ିକୁ ଚାହିଁ ବସୁଥିଲୁ । ମାତ୍ର ଜିଭରୁ ଲାଳ ଗଡ଼ାଇ ନୁହେଁ, ଗୋଟିଏ ଗୋଟିଏ ପେନ୍‌ସିଲ ପାଇବାକୁ ଆମ ହାତ କୁଣ୍ଡାଇ ହେଉଥିଲା ! ମନ୍ଦିରର ସେବକମାନେ ଆମ ପତ୍ରରେ ଭୋଜିଭାତ ସାଙ୍ଗେ ୨ ଟି ଲେଖାଏଁ ଭଜା ପାପଡ ଦେଉଥିଲେ । ଆମେ ସେ ପାପଡଗୁଡ଼ିକ ଚୋବାଇ ଖାଇବାର ଲୋଭ ସମ୍ବରଣ କରି ସେଗୁଡ଼ିକ ଧରି ବାହାରକୁ ଆସୁଥିଲୁ । ବାହାରେ ଖ୍ରୀଷ୍ଟିୟାନ୍ ଭାଇମାନେ ଆମଠୁ ସେ ପାପଡ଼ ନେଇ ଆମ ହାତରେ ଗୁଞ୍ଜି ଦେଉଥିଲେ ଗୋଟିଏ ଦୁଇଟି ଲେଖାଏଁ ରବରଲଗା ପେନ୍‌ସିଲ୍ । ସ୍କୁଲରେ ବେତ ମାଡ଼ରୁ ଉଦ୍ଧାର ପାଇବା ପାଇଁ ସେଗୁଡ଼ିକ ଆମ ପାଇଁ ଥିଲା ଅମୂଲ୍ୟ ସଙ୍ଖାଳି । ଏ ବଦଳ ଅର୍ଥନୀତି ପାଇଁ ଭଗବାନ୍ ସେ ଖ୍ରୀଷ୍ଟିୟାନ୍ ଭାଇମାନଙ୍କୁ କଲ୍ୟାଣ କରୁଥାନ୍ତୁ ।

ଆମେ ଯେତେବେଳେ ହାଇସ୍କୁଲର ପଞ୍ଚମ ଫର୍ମରେ ପଢୁଥିଲୁ, କୃଷନ୍ ବୋଲି ଆମର ଜଣେ ସହପାଠୀ ସ୍କୁଲର ତର୍କସଭାରେ ବିତର୍କ ନିମନ୍ତେ ଗୋଟିଏ ବିଷୟ ଉଠାଇଥିଲା । ସେ ବିଷୟଟି ହେଲା, "ଏହି ସଭାର ମତରେ କାମ ବିନା ଖାଦ୍ୟର ବ୍ୟବସ୍ଥା ସବୁଠାରୁ ତୁରନ୍ତ

ପ୍ରତ୍ୟାହାର କରି ନିଆଯାଉ" । ଏ ବିଷୟଟି ବହୁ ଭୋଟରେ ଗୃହୀତ ହୋଇଗଲା । ମାତ୍ର ଭଗବାନଙ୍କୁ ଧନ୍ୟବାଦ, ରାଜା ଏ କଥା କାନକୁ ନେଲେ ନାହିଁ ଓ ଅନ୍ନଛତ୍ରଟି ଚାଲୁ ରହିଲା ।

ମୁଁ ୧୯୦୩ ରୁ ୧୯୧୪ ପର୍ଯ୍ୟନ୍ତ ଯେଉଁ ବିଦ୍ୟାଳୟର ଛାତ୍ର ଥିଲି, ତାହା ରାଜ୍ୟର ସର୍ବୋତ୍ତମ ବିଦ୍ୟାଳୟ ବୋଲି ଜଣାଶୁଣା ଥିଲା । ସେ ବିଦ୍ୟାଳୟର ଶିକ୍ଷକମାନେ ଅତି ସୁନିର୍ବାଚିତ ଥିଲେ, କାରଣ ରାଜପରିବାରର ପିଲାମାନେ ସୁନ୍ଦର ପାଉଁଶିଆ ରଙ୍ଗର ଘୋଡ଼ାମାନଙ୍କ ଦ୍ୱାରା ଟଣା ରାଜକୀୟ ଘୋଡ଼ାଗାଡ଼ିରେ ଚଢ଼ି ଏହି ବିଦ୍ୟାଳୟକୁ ପଢ଼ିବାକୁ ଆସୁଥିଲେ । ଘୋଡ଼ାମାନଙ୍କ ଖୁରାର ଗଣ୍ଠିରେ ଥିଲା କି ସୁନ୍ଦର କେଶଗୁଚ୍ଛ !

ରାଜପରିବାରରୁ ପ୍ରାୟ ୧୫ ଜଣ ପିଲା ଗାଡ଼ିରେ ଚଢ଼ି ଏହି ସ୍କୁଲକୁ ଆସୁଥିଲେ । ବେଳେ ବେଳେ ସେମାନଙ୍କର କେହି ଦଦେଇ ବା ମାମୁଁ ସେମାନଙ୍କ ସାଙ୍ଗରେ ଆସୁଥିଲେ ଓ ସେମାନଙ୍କ ସଙ୍ଗେ କ୍ଲାସରେ ବି ବସୁଥିଲେ । ରାଜପରିବାରରୁ ଆସୁଥିବାରୁ ସେମାନେ ଚଉକିରେ ବସୁଥିଲେ । ଚଉକି ଆଗରେ ଲେଖିବା ଟେବୁଲ ମଧ୍ୟ ଥିଲା ସେମାନଙ୍କ ପାଇଁ । ବାକୀ ଆମେସବୁ ବସୁଥିଲୁ ବେଞ୍ଚରେ । ଆମେ ଜଙ୍ଘ ଉପରେ ବହିପତ୍ର ରଖି ତାକୁ ହିଁ ଟେବୁଲ ଭାବରେ ବ୍ୟବହାର କରୁଥିଲୁ । ଆମର ପ୍ରଧାନଶିକ୍ଷକ ଗୋପାଳକୃଷ୍ଣ ଆୟାର ରାଜାଙ୍କର ଶିକ୍ଷକ ବିଖ୍ୟାତ "ଇଂଲିଶ୍" ନାରାୟଣ ଆୟାରଙ୍କ ପୁଅ ଥିଲେ । ସେତେବେଳେ ଲୋକେ କହୁଥିଲେ ଇଂରାଜୀ ସାହିତ୍ୟ ବିଷୟରେ ଯାହା ନାରାୟଣ ଆୟାରଙ୍କୁ ଅଜଣା, ତାହା ଜାଣିବାର ଯୋଗ୍ୟ ନୁହେଁ । ତାଙ୍କ ପୁଅ ମଧ୍ୟ ଇଂରାଜୀ ବ୍ୟାକରଣରେ ଧୁରନ୍ଧର ଥିଲେ, ମାତ୍ର ଉତ୍ତମ କବିତା ପ୍ରତି ତାଙ୍କର ଏକାନ୍ତ ଅନୁରକ୍ତି ଥିଲା । ମାଡ୍ରାସର ଆଇସ୍ ହାଉସରେ ସ୍ୱାମୀ ବିବେକାନନ୍ଦଙ୍କୁ ଦେଖିବା ପରେ ଶ୍ରୀଯୁକ୍ତ ଗୋପାଳକୃଷ୍ଣ ଆୟାର ତାଙ୍କର ଜଣେ ବଡ଼ ଦୁରନ୍ତ ଭକ୍ତ ପାଲଟି ଯାଇଥିଲେ ।

ରାଜପରିବାରର ଜଣେ ଜ୍ୟେଷ୍ଠ ଅନ୍ତେବାସୀଙ୍କ ପୁଅ ଥିଲା ମୋର ସହପାଠୀ । ତା'ର ନାମ ଗୋପାଳ ମାରାର । ଦେଖିବାକୁ ଲମ୍ବା ଓ ପତଳା ରୂପ; ସଙ୍ଗୀତ, ଧ୍ୟାନ ଓ ଉଚ୍ଚ ଭାବନା ପ୍ରତି ତା'ର ଖୁବ୍ ଆଗ୍ରହ ଥିଲା । ଆମ ପ୍ରଧାନଶିକ୍ଷକ ତା'ର ବ୍ୟକ୍ତିଗତ ଟ୍ୟୁଟର ଥିଲେ । ଗୋପାଳ ମାରାର ବହିପତ୍ର ଧରି ପ୍ରଧାନଶିକ୍ଷକଙ୍କ ଘରକୁ ପଢ଼ିବାକୁ ଯାଉଥିଲା ମାତ୍ର ତାଙ୍କଠାରୁ ଗୋଲ୍ଡ଼ସ୍ମିଥ୍ ଓ ଷ୍ଟୀଲ୍‌ଙ୍କ ବଦଳରେ ରାମକୃଷ୍ଣ ଓ ବିବେକାନନ୍ଦଙ୍କ କଥା ହିଁ ଶୁଣୁଥିଲା । ବେଶ୍ ଭଲ ପରିମାଣରେ ମଧ୍ୟ । ଉପବାସଦିନମାନଙ୍କରେ ମୁଁ ଯେତେବେଳେ ସେ ଧନୀ ମାଉସୀଙ୍କ ଘରେ ଖାଉଥିଲି, ଯେଉଁ ବାଟରେ ମୁଁ ବିଦ୍ୟାଳୟକୁ ଯାଏ, ସେଇ ବାଟରେ ହିଁ ଗୋପାଳ ପ୍ରଧାନଶିକ୍ଷକଙ୍କ ଘରକୁ ଯାଏ । ଆମେ ଦୁହେଁ ଏକାଠି ଗୋପାଳକୃଷ୍ଣଙ୍କ ଘରକୁ ଯାଉ । ପ୍ରଧାନଶିକ୍ଷକ ଧୋତି ପିନ୍ଧି ମୁଣ୍ଡରେ ବିଭୂତି ଟୋପା ଲଗାନ୍ତି, ତା'ପରେ ଲମ୍ବା କଳା କୋଟ୍ ପିନ୍ଧି ଧଳା ମସ୍‌ଲିନ୍ କନାର ପଗଡି ବାନ୍ଧନ୍ତି । ତା ପରେ ସେ ତାଙ୍କ ବୋଉଙ୍କୁ ମୁଣ୍ଡିଆ ମାରି

ରାମକୃଷ୍ଣ ପରମହଂସଙ୍କ ଫଟୋ ଆଗରେ ହାତଯୋଡି ଠିଆ ହେବାର ଦେଖିଲେ ଆମେ ଜାଣିଯାଉ ଏଥର ସେ ବାହାରିବେ। ତା'ପରେ ଅଧଘଣ୍ଟାଏ ସ୍କୁଲକୁ ଆସିବା ବାଟରେ ଆମେ ତାଙ୍କଠାରୁ ଅନେକ ମହତ୍‌ବାଣୀ ଓ ସେ ସବୁର ବ୍ୟାଖ୍ୟା ଶୁଣୁ।

ବିଦ୍ୟାଳୟରେ ପ୍ରତି ଶ୍ରେଣୀରେ ମାତ୍ର ୩୦ ଜଣ ଲେଖାଏଁ ବିଦ୍ୟାର୍ଥୀ ଥିଲେ। ଫଳରେ ପିଲାଙ୍କ ମନ ଓ ଭାବକୁ ଶ୍ରଦ୍ଧା ଓ ଯତ୍ନ ସହକାରେ ରୂପାୟିତ କରିବା ଶିକ୍ଷକଙ୍କ ପକ୍ଷରେ ସହଜ ହେଉଥିଲା। ଯେତେବେଳେ କୌଣସି ଶିକ୍ଷକ ଅନୁପସ୍ଥିତ ରହୁଥିଲେ ପ୍ରଧାନ ଶିକ୍ଷକ ଆମ କ୍ଲାସକୁ ଆସୁଥିଲେ। ଆମେ ସବୁବେଳେ ତାଙ୍କୁ ଆଗ୍ରହର ସହ ସ୍ୱାଗତ କରୁଥିଲୁ। ପ୍ରଧାନ ଶିକ୍ଷକ କେତେଗୁଡିଏ ତାଙ୍କର ପ୍ରିୟ ଇଂରାଜୀ କବିତା ସାଇକ୍ଲୋଷ୍ଟାଇଲ୍ କରି ପାଖରେ ରଖିଥିଲେ। ଏ ସବୁଗୁଡ଼ିକ ଭିତରେ ଥିଲା The Happy Warrior, The Hermit, The Elegy written in a Country Churchyard, The Deserted Village, Architects of Fate, Intimations of Immortality ଇତ୍ୟାଦି। ଏସବୁ ଅଧିକା କ୍ଲାସରେ ଏ କବିତାର ଗୋଟିଏ ଗୋଟିଏ ନକଲ ଆମକୁ ଧରାଇ ଦେଇ କବିତାର ଭାବରେ, ଏହାର ମଧୁର, ଉନ୍ନତ ଚିନ୍ତାରେ ଆମ ମନପ୍ରାଣ ଭରି ଦେଉଥିଲେ।

ଅନ୍ୟାନ୍ୟ ଶିକ୍ଷକମାନେ ପ୍ରଧାନଶିକ୍ଷକଙ୍କୁ ଅନୁକରଣ କରିବାକୁ ଉଦ୍ୟମ କରୁଥିଲେ। ଆମର ଇତିହାସ ଶିକ୍ଷକଙ୍କ ନାମ ଥିଲା ଶ୍ରୀଯୁକ୍ତ ସୁବ୍‌ବା ଆୟାର୍। ସେ ଆମକୁ ବ୍ରିଟିଶ୍ ଇତିହାସ ପଢ଼ାଉଥିଲେ। ବ୍ରିଟିଶ୍ ଶାସନର ଧ୍ୱଜା ଆମ ଦେଶରେ ଉଡୁଥିଲାବେଳେ ସେମାନଙ୍କ ଇତିହାସ ପଢ଼ିବା ଆମ ପାଇଁ ବାଧ୍ୟତାମୂଳକ ଥିଲା। ମୋର ମନେହୁଏ, ସେ ସମୟରେ ସଦ୍ୟ ପ୍ରକାଶିତ ଆନ୍‌ସନ୍‌ଙ୍କର "ଚବକ୍ସକ୍ଷସବଙ୍କରଭଷ୍ପବକ୍ସଚ ଚକ୍ସବମଷ୍ପସମର" ନାମକ ବହିରୁ ଆମକୁ ଅନେକ ପାଠ ପଢ଼ାଇଥିଲେ। ସେ ସମୟରେ ବିଶ୍ୱର ସବୁଠୁ ବଡ଼ ସାମ୍ରାଜ୍ୟର ପରିଚ୍ଛଳନା ନିମନ୍ତେ ବ୍ରିଟିଶ୍‌ମାନଙ୍କର ଅଲେଖା ସମ୍ବିଧାନର ବିଧି-ନିଷେଧ ଏବଂ ଏ ସବୁର କାର୍ଯ୍ୟକାରିତା ସମ୍ବନ୍ଧରେ ଶ୍ରୀଯୁକ୍ତ ରାଓ ଆମକୁ କହିଲାବେଳେ ଆମର ଆଖିରେ ବିସ୍ମୟ ଭରିଯାଉଥିଲା।

୧୯୧୪ ମସିହାରେ ମହୀଶୂରରେ ଗୋଟିଏ କଲେଜିଏଟ୍ ହାଇସ୍କୁଲରେ ଇତିହାସ ଅଧ୍ୟାପକ ଥିଲାବେଳେ ମୁଁ ସେଠି ଗୋଟିଏ ବିଦ୍ୟାର୍ଥୀ ପାର୍ଲିଆମେଣ୍ଟର ଅୟୋଜନ କରିଥିଲି। ସେଥିରେ ମନ୍ତ୍ରୀମଣ୍ଡଳ, ସ୍ପିକର, ସରକାରୀ ଓ ବିରୋଧୀ ଦଳ, ବିଲ୍‌ଗୁଡ଼ିକର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପାସ ଆଦି ସବୁର ବ୍ୟବସ୍ଥା ହୋଇଥିଲା। ଗୋଟିଏ ସୁନ୍ଦର ବନ୍ଧେଇ ଖାତା ଥିଲା ସରକାରୀ ଦଲିଲ ହିସାବରେ। ଯେଉଁସବୁ ବିଲ୍ ଗୃହୀତ ହେଉଥିଲା, ସେ ବିଲ୍‌ର ପ୍ରସ୍ତାବକମାନେ ଉକ୍ତ ବନ୍ଧେଇ ଖାତାରେ ସେଗୁଡ଼ିକ ଲେଖି ରଖୁଥିଲେ ଓ ନିଜ ନିଜର ନାମ ଦସ୍ତଖତ କରୁଥିଲେ। ଏହା କଲାବେଳେ ସାରା

ଗୃହଟି ତାଳି ମାଡ଼ରେ ପ୍ରକମ୍ପିତ ହୋଇ ଉଠୁଥିଲା । ୧୯୨୮ ମସିହାରେ ମୁଁ ସ୍କୁଲ ଛାଡିଲା ପର୍ଯ୍ୟନ୍ତ ଏହି ବିଦ୍ୟାର୍ଥୀ ପାର୍ଲିଆମେଣ୍ଟ ବର୍ଷକୁ ୨୦ଟି ରବିବାର ହିସାବରେ ଅନବରତ କାମ କରୁଥିଲା ।

ବ୍ରିଟେନ୍‌ର ଲର୍ଡସ ସଭା ଆଗରେ କମନ୍‌ସ ସଭା ୱାରେନ୍ ହେଷ୍ଟିଂସ୍‌ଙ୍କୁ ଯେଉଁ ଦଣ୍ଡବିଧାନ କରିଥିଲେ ସେ ଘଟଣା ଅଭିନୟ କରିବା ପାଇଁ ଶ୍ରୀଯୁକ୍ତ ସୁବ୍‌ବା ଆୟାର କେତେଜଣ ଛାତ୍ରଙ୍କୁ ତାଲିମ୍ ଦେଇଥିଲେ । ଆମେ ସେଥିପାଇଁ ଆମ ସ୍କୁଲ ପାଠାଗାରରେ ଥିବା ଏଡ୍‌ମଣ୍ଡ ବୁର୍କଙ୍କ ବହିରୁ ଆମ ଭାଷଣ ନିମନ୍ତେ କେତେକାଂଶ ଉତ୍ତାରି ନେଇଥିଲୁ ।

ପଦ୍ମନାଭନ୍ ପିଲ୍ଲେ ନାମରେ ଆଉ ଜଣେ ଶିକ୍ଷକ ଆମକୁ ଛାତ୍ରସଭାମାନଙ୍କରେ କିପରି ତର୍କ କରିବାକୁ ହେବ ତାହା ଶିଖାଇଥିଲେ । ମୋର ମନେଅଛି, ଦିନେ ସେ ଛାତ୍ରସଭାରେ ପଚ୍ଚରିଲେ, "ଆସନ୍ତା ସପ୍ତାହରେ ତର୍କ ନିମନ୍ତେ କ'ଣ ବିଷୟ ବସ୍ତୁ ରଖାଯିବ ଓ କିଏ ତାହା ଆରମ୍ଭ କରିବ ?" ମୋ ପାଖରେ ବସିଥିବା କୁମାରନ୍ ଠିଆ ହୋଇପଡ଼ିଲା । ସେ ଯେତେବେଳେ ବଡ଼ ପାଟିରେ ବିଷୟବସ୍ତୁ ଘୋଷଣା କଲା, ଆମକୁ ଛୁଞ୍ଚି ଫୋଡିଲା ପରି ଲାଗିଲା । ସେ କହିଲା, "ତର୍କପାଇଁ ବିଷୟବସ୍ତୁ ରହୁ ଦଳିତ ଶ୍ରେଣୀ ଓ ସେମାନଙ୍କ ଉପରେ ହେଉଥିବା ଅତ୍ୟାଚ୍ଚରର ଦମନ । ମୁଁ ଏ ତର୍କ ଆରମ୍ଭ କରିବି ।" ସେ ବର୍ଷଟି ଥିଲା ୧୯୧୩ । ଏ ତର୍କରେ ପରିବର୍ତ୍ତନର ପକ୍ଷପାତୀ ଦଳଟି ବହୁ ଭୋଟରେ ଜୟଲାଭ କରିଥିଲେ ।

ସ୍କୁଲର ପାଠାଗାର ଉପରେ ଅଧ୍ୟକ୍ଷତା କରୁଥିଲେ ଆଉ ଜଣେ ଶିକ୍ଷକ । ସେ ଆମ ପାଇଁ ବହି ବାଛି ଦେଉଥିଲେ, ସେ ସବୁ ବହି ପଢ଼ିବା ନିମନ୍ତେ ଆମକୁ ପ୍ରବର୍ତ୍ତାଉଥିଲେ, ଆମେ ପଢ଼ିଲୁ କି ନାହିଁ, ଆମକୁ ଭଲ ଲାଗିଲା କି ନାହିଁ ତାହା ବି ପରୀକ୍ଷା କରି ଦେଖୁଥିଲେ । ମୋର ମନେ ଅଛି ତାଙ୍କରି ଉତ୍ସାହରେ ମୁଁ ମେରୀ କରେଲୀଙ୍କ ବହିସବୁ ପଢ଼ିଥିଲି ଓ ମତେ ସେ ସବୁ ଭାରି ଭଲ ଲାଗିଥିଲା । ମୁଁ ସ୍ୱୀକାର କରୁଛି ଯେ ମୋ ଭିତରେ ଅସାଧାରଣ କିଛି ନ ଥିଲା, ମାତ୍ର ବହି ପଢ଼ିବାରେ ଥିଲା ମୋର ଅସାଧାରଣ ଆଗ୍ରହ । ଆମର ଅତିରିକ୍ତ ପାଠ ହିସାବରେ ସ୍କଟଙ୍କ 'ଟାଲିସ୍‌ମାନ୍' ବହିର ଏକ ସଂକ୍ଷିପ୍ତ ସଂସ୍କରଣ ଥିଲା, ମାତ୍ର ସଂକ୍ଷିପ୍ତ ସଂସ୍କରଣଗୁଡ଼ିକ ପ୍ରତି ଆମ ପ୍ରଧାନଶିକ୍ଷକଙ୍କର ଘୋର ବିତୃଷ୍ଣା ଥିଲା । ତେଣୁ ସେ ସଂପୂର୍ଣ୍ଣ ଉପନ୍ୟାସଟି କିଣିବାକୁ ଆମକୁ କହିଥିଲେ, ଆମକୁ ପୂରା ବହିଟି ବି ପଢ଼ାଇଥିଲେ । ମୁଁ Henty, Meadows Taylor, Rudyard Kipling, Cervantes ଏବଂ Dumas ଆଦି ଲେଖକମାନଙ୍କର ବହି ମଧ୍ୟ ପଢ଼ିଥିଲି । ୧୯୧୩ ମସିହାରେ ଜଣେ ସ୍କୁଲ ପରିଦର୍ଶକ ମୋତେ କ୍ଲାସରେ ପଚ୍ଚରିଲେ, "ଏବେ ତୁମେ କି ବହି ପଢୁଛ" ? ମୁଁ ଉତ୍ତର ଦେଲି "ଲେସ୍ ମିଜରେବ୍‌ଲସ୍" । ମାତ୍ର ସେ ମୋତେ କ୍ଲାସରେ ଖୁବ୍ ଗାଳି କଲେ ଓ ମୋତେ ଦିନସାରା ବେଞ୍ଚ ଉପରେ ଠିଆ ହୋଇ

ରଖିବା ନିମନ୍ତେ ଆମ ଶିକ୍ଷକଙ୍କୁ ଆଦେଶ ଦେଲେ। ମୋର ଏକମାତ୍ର ଅପରାଧ ହେଲା ମୁଁ ବହିଟିର ନାମ ଠିକ୍ ଭାବରେ ଉଚ୍ଚାରଣ କରି ନ ଥିଲି। ପ୍ରକୃତ ଉଚ୍ଚାରଣ ହୋଇଥାନ୍ତା "ଲା ମିଜରେବ୍ଲେ"। ମୋତେ ଫରାସୀ ଭାଷା ଇଂରାଜୀ ଭାଷାଠାରୁ ଅଧିକ ଅବାନ୍ତର ଜଣାଗଲା।

ମୋ ଅଜା ଗୋଟିଏ ପ୍ରକାରର ମଣିଷ ଥିଲେ ଯିଏ ସବୁ ସମାଧାନ ଭିତରେ ସମସ୍ୟା ଦେଖୁଥିଲେ। ସ୍ଥିର କରି ଡଙ୍ଗା ବାହିବା ତାଙ୍କ ଜାତକରେ ନଥିଲା। ପବନ ବହିବା ମାତ୍ରେ ତାଙ୍କୁ ତାହା ଝଡ଼ପରି ଲାଗେ। ତାଙ୍କର ଭୂଧନ ବା ଗୋଧନ ବା କୌଣସି ନିର୍ଦ୍ଦିଷ୍ଟ ଉପାର୍ଜ୍ଜନ ନଥିଲା। ମାତ୍ର କେରଳ ଗରିବ ଲୋକଙ୍କ ପ୍ରତି ବଡ଼ ଦୟାଳୁ ଭୂମି ଥିଲା। ଅଜା ନିଜର ଗୋଟିଏ ଦୁର୍ଲ୍ଲଭ ବିଶିଷ୍ଟତା ଆବିଷ୍କାର କରିପାରିଥିଲେ, ତାହା ହେଲା ଗପ କହିବା। ସେ ଥିଲେ ଗୋଟିଏ କାହାଣୀ-ପେଡି। ନାନାରଙ୍ଗର ଗପ-ସୂତା ବୁଣିବାରେ ସେ ବଡ଼ ପାରଙ୍ଗମ ଥିଲେ। ପିଲାମାନେ ତ ଆଁ କରି ତାଙ୍କ କାହାଣୀ ଶୁଣୁଥିଲେ, ବଡ଼ମାନେ ମଧ୍ୟ ତାଙ୍କ ଭ୍ରମଣ କାହାଣୀ ଶୁଣି ବଡ଼ ଆମୋଦିତ ହେଉଥିଲେ। ସେ ବେଳେ ବେଳେ ରାଜପରିବାରର ବିଭିନ୍ନ ଲୋକଙ୍କ ଦ୍ୱାରେ ଯାଇ ହାଜର ହୋଇ ଯାଉଥିଲେ। ମାତ୍ର ସେ ଯିବା ଆଗରୁ ତାଙ୍କର ଖ୍ୟାତି ଦ୍ୱାର ଟପି ଭିତରେ ଆସନ ଜମାଇ ବସି ଯାଉଥିଲା। ସେଠାରୁ ଘଣ୍ଟେ ଦୁଇଘଣ୍ଟା ପରେ ଫେରିଲାବେଳକୁ ଅଜା ଧନୀ ପାଲଟି ଫେରୁଥିଲେ। ତାଙ୍କ ଅଣ୍ଟାରେ ଖୋସା ହୋଇଥାଏ ଗୋଟିଏ ବା ଦୁଇଟି ଟଙ୍କା। ଅନେକ ସମୟରେ ମୁଁ ଅଜାଙ୍କ ସାଙ୍ଗରେ ଯାଉଥିଲି। ସେତେବେଳେ ମୋର ପାଠ ପଢ଼ିବାର ଆବଶ୍ୟକତା ନାଁରେ ଅଜା ଆଉ କିଛି ଉପାର୍ଜ୍ଜନ କରୁଥିଲେ।

ମୋତେ ତାଙ୍କ ପାଖକୁ ଆଣିବା ପାଇଁ, ଅନ୍ତତଃ ଅଧାବାଟ ଯାଏ ଭିଡି ଆଣିବାକୁ ବାବା ଅଜାଙ୍କର ଗୋଟିଏ ଗପକୁ ବ୍ୟବହାର କରିଥିଲେ। ଥରେ ଅଜା ସ୍ଥାନ ଓ ପାତ୍ରର ଜୀବନ୍ତ ବର୍ଣ୍ଣନା କରୁଥିଲାବେଳେ ମହୀଶୂର ନଗରୀ ସମ୍ବନ୍ଧରେ କହିଥିଲେ। ମହୀଶୂର ଥିଲା ଗୋଟିଏ ଉଦ୍ୟାନ ନଗରୀ। ସେ ଶ୍ରୋତାମାନଙ୍କ ଆଗରେ ଚ୍ଚାମୁଣ୍ଡୀ ପର୍ବତ, ମହାରାଜାଙ୍କର ଚିଡ଼ିଆଖାନା ଓ ରାଜପ୍ରାସାଦର ଦଶହରାର ଉତ୍ସବକୁ ସତେ ଯେମିତି ଆଣି ଠିଆ କରି ଦେଉଥିଲେ।

ତାଙ୍କ କାହାଣୀର ନାୟକ ଥିଲେ ଜଣେ ରାଜପୁତ୍ ରାଜପୁତ୍ର ଓ ନାୟିକା ମୁସଲମାନ ରାଜକନ୍ୟା। ରାଜପୁତ୍ର ଚିଡ଼ିଆଖାନା ଆଗରେ ଠିଆହୋଇ ବିସ୍ତୃତ ଯନ୍ତା ଭିତରେ ପକ୍ଷୀ ଶିରୋମଣି ମୟୂରର ନୃତ୍ୟ ଉପଭୋଗ କରୁଥିଲାବେଳେ ଅନ୍ୟ ପାଖରେ ମୁସଲମାନ୍ ରାଜକନ୍ୟାଙ୍କର ସୁଢ଼ଳ ସ୍ୱପ୍ନିଳ ଆଖି ଲାଖି ରହିଥିଲା ରାଜପୁତ୍ରଙ୍କ ଉପରେ! ଚ୍ଚରିଆଖି ପ୍ରଥମ ଥର ପାଇଁ ଏକାଠି ହେଲା, ମୟୂରମାନେ ଏ ଅପୂର୍ବ ଘଟଣା ଉପଲକ୍ଷ୍ୟେ ସେମାନଙ୍କ ସହସ୍ରାକ୍ଷ ପକ୍ଷୀ ମେଲାଇ ଆନନ୍ଦରେ ନୃତ୍ୟ କଲେ। ଅଜା

ସେତେବେଳେ କହିଲେ ରାଜପୁତ୍ର ଓ ରାଜକନ୍ୟା ସେଇ ମୁହୂର୍ତ୍ତରେ ହିଁ ପରସ୍ପରର ହୃଦୟ ବଦଳ କରି ନେଲେ। ମୁଁ ଯେତେବେଳେ ଏମ୍ ଏ ପାଶ୍ କଲି, ଚିଦାମ୍ବରମ୍, ବା ନରସରାପେଟ୍, ବା ଗୋରଖପୁର କିମ୍ବା ଜୁନାଗଡ଼ରେ ଥିବା ଯେ କୌଣସି କଲେଜରେ ଯୋଗ ଦେଇ ପାରିଥାନ୍ତି; ମାତ୍ର ମହୀଶୂରର ଶ୍ୟାମଳ ସୁନ୍ଦର ରାଜପଥ, କୋମଳ-ମଧୁର ଫଳ ବଗିଚ୍ଚ, ପାହାଡ଼ ଉପରେ ଧ୍ୱନିତ ମନ୍ଦ-ଗମ୍ଭୀର ସ୍ତୋତ୍ର ଆଉ ମୟୂର କଣ୍ଠର ନୀଳ ବର୍ଣ୍ଣ ପ୍ରଭା ମୋତେ ଅନ୍ୟ କେଉଁଠାକୁ ଯିବାପାଇଁ ଛାଡି ନ ଥିଲା।

ହାଣ୍ଡିରେ ଚାଉଳ ଫୁଟିବା ପାଇଁ ଅଜା ଆଉ ଗୋଟିଏ ଉପାୟ ମଧ୍ୟ ଅବଲମ୍ବନ କରୁଥିଲେ। ସେ ମଝିରେ ମଝିରେ କାଶୀ, ଦ୍ୱାରକା, ପୁରୀ ବା ରାମେଶ୍ୱରମ୍ ତୀର୍ଥକୁ ଯିବାକୁ ବାହାରି ପଡୁଥିଲେ, ଆଉ ଧନୀ ବ୍ୟବସାୟୀ, ଜମିଦାର ଆଉ ଓକିଲମାନଙ୍କଠାରୁ ମୋଟା ଚାନ୍ଦା ଆଦାୟ କରୁଥିଲେ। କାରଣ ସମସ୍ତେ ତାଙ୍କର ବୟସ ଓ ସରଳ ଚରିତ୍ରକୁ ସମ୍ମାନ କରୁଥିଲେ। ତୀର୍ଥଯାତ୍ରାରୁ ଫେରିଲା ପରେ ତାଙ୍କର ତୀର୍ଥ ଯିବାର ପ୍ରମାଣ ସ୍ୱରୂପ ସେସବୁ ସ୍ଥାନର ଦେବଦେବୀଙ୍କ ଫଟୋ, ଆଉ ଅନ୍ୟସବୁ ପବିତ୍ର ବସ୍ତୁ ଦାତାମାନଙ୍କୁ ନେଇ ବାଣ୍ଟୁଥିଲେ। ଚାନ୍ଦା ଆଦାୟ କଲାବେଳେ କହି ଜାଣିଲେ ଦି ପଇସା ଅଧିକା ମିଳିଯାଉଥିଲା। ତୀର୍ଥ କରି ଗଲେ ମଧ୍ୟ କଣ୍ଟି କାଣ୍ଟି ଖର୍ଚ୍ଚ କଲେ ଆଉ ମାସେ ଦୁଇମାସ ଘର ଚଳାଇବାକୁ ଯଥେଷ୍ଟ ପଇସା ବଳି ଯାଉଥିଲା। ମାତ୍ର ତାଠୁ ଅଧିକା ହେଲା, ଆଉ କିଛି କାହାଣୀ ଗଢ଼ିବା ପାଇଁ ସେ ବସ୍ତେ ଦିବସ୍ତା ଉପାଦାନ ଘେନି ଫେରୁଥିଲେ।

ଏକ ରାଜ୍ୟବ୍ୟାପୀ ନିର୍ବାଚନ ପରୀକ୍ଷାରେ ମୁଁ ପ୍ରଥମ ପାଞ୍ଚଜଣଙ୍କ ମଧ୍ୟରେ ଥିବାରୁ କୋଚିନ୍ ସରକାର ମୋତେ ୩ ବର୍ଷ ପାଇଁ ମାସକୁ ପାଞ୍ଚଟଙ୍କା ଲେଖାଏଁ ବୃତ୍ତି ମଞ୍ଜୁର କରିଥିଲେ। ସେ ସମୟ ମଧ୍ୟରେ ମୁଁ ଚତୁର୍ଥରୁ ୬ଷ୍ଠ ଫର୍ମ ପଢ଼ି ପାରିଥିଲି। ପ୍ରତି ତିନିମାସରେ ଆମ ପ୍ରଧାନଶିକ୍ଷକ ମୋତେ ଡାକି ରାଣୀ ଭିକ୍ଟୋରିଆଙ୍କ ଛବିଥିବା ପାଉଣ୍ଡ୍ ମୁଦ୍ରାଟିଏ ଧରାଇ ଦେଉଥିଲେ। ଭାରତରେ ସେତେବେଳେ ବ୍ରିଟିଶ୍ ମୁଦ୍ରା ଚଳୁଥିଲା। ଭାରତୀୟ ଟଙ୍କାରେ ତା'ର ମୂଲ୍ୟ ଥିଲା ପନ୍ଦର ଟଙ୍କା। ଅଜା ସେ ମୁଦ୍ରାଟିକୁ ନେଇ ସଙ୍ଗେ ସଙ୍ଗେ ଭଙ୍ଗାଇ ଦେଉଥିଲେ।

ମୁଁ ଚତୁର୍ଥ ଫର୍ମରେ ଥିଲାବେଳେ ମୋର ଆଉ ଗୋଟିଏ ଆକସ୍ମିକ ଲାଭ (ମୁଁ କହିବି ବାବାଙ୍କର ସଂକଳ୍ପରୁ ଏହା ଘଟିଥିଲା) ହୋଇଥିଲା। ଆଉ ଜଣେ ଅଜାଙ୍କ ଅବସ୍ଥା ମୋର ଏଇ ଅଜାଙ୍କ ଅବସ୍ଥାଠାରୁ ଆହୁରି ଦୟନୀୟ ଥିଲା। ଦୁଇଟି ବିଧବାଝିଅ ଓ ସେମାନଙ୍କର ତିନୋଟି ପିଲା ତାଙ୍କର ସାମାନ୍ୟ ଉପାର୍ଜନରେ ଆସି ଭାଗ ମାଡ଼ି ବସିଥିଲେ, ଆଉ ଖାଦ୍ୟ, ପୋଷାକ ଏବଂ ଆଶ୍ରୟ ପାଇଁ ତାଙ୍କ ଉପରେ ସଂପୂର୍ଣ୍ଣ ନିର୍ଭର କରୁଥିଲେ। ସେତେବେଳେ ଧନୀ ହେଉ ବା ଦରିଦ୍ର ହେଉ ବ୍ରାହ୍ମଣ ପରିବାରର ଝିଅଟିଏ ଯଦି ନଅ ବା ଦଶବର୍ଷ ବୟସ ବେଳକୁ ବର

ଘର ଧରି ନଥାଏ, ତେବେ ତାହା ଥିଲା ବାପ-ମାଆଙ୍କର ସବୁଠୁ ବେଶୀ ବଡ଼ ଦୁଶ୍ଚିନ୍ତାର କଥା । ବର ଘର ଗୋତ୍ରରେ କନ୍ୟା ଦାନ କଲାପରେ ଯାଇ ବାପା-ମା ନିଃଶ୍ୱାସ ମାରୁଥିଲେ । ଦୁଇ ବୁଢ଼ା ଅଜା ମିଶିଗଲେ ଆଉ ଜଣକର ନାତି ସହ ଆଉ ଜଣକର ନାତୁଣୀର ଭାଗ୍ୟ ଗୁନ୍ଥି ଦେବାକୁ ତତ୍ପର ହୋଇଉଠିଲେ । ଆମ ଘର ପାଖରେ ଦେବତାମାନଙ୍କର ପ୍ରଧାନ ସେନାପତି, ଦୁଷ୍ଟ-ଦଳନ-ଶିରୋମଣି ସୁବ୍ରହ୍ମଣ୍ୟଙ୍କର ମନ୍ଦିରଟିଏ ଥିଲା । ପ୍ରତିଦିନ ଗୋଧୂଳି କାଳରେ ସୁବ୍ରହ୍ମଣ୍ୟଙ୍କୁ ଆରତି ଦେଲାବେଳେ ୧୮ଟି ତୋପଧ୍ୱନି ହେଉଥିଲା । ଦୁଇ ଅଜା ଦୁଇଟି ପିଲାଙ୍କୁ ବାନ୍ଧି ଦେବାର ସିଦ୍ଧାନ୍ତ କରି ଯେତେବେଳେ ଗୋଟିଏ ଥାଳିରୁ ପାନ ନେଇ ପରସ୍ପରକୁ ଦେଲେ, ଠିକ୍ ସେତିକିବେଳେ ତୋପ ୧୮ଥର ଗର୍ଜିବା ଆରମ୍ଭ କଲା । ଏଥିରୁ ସେମାନେ ବୁଝିଗଲେ ଦୁଇଟି ବାଳକ-ବାଳିକାଙ୍କ ବିରୁଦ୍ଧରେ ସେମାନଙ୍କ ଚକ୍ରାନ୍ତକୁ ପ୍ରଭୁ ସୁବ୍ରହ୍ମଣ୍ୟମ୍ କଲ୍ୟାଣ କରିଛନ୍ତି ।

ତାରିଖ ଠିକ୍ ହୋଇଗଲା । ବନ୍ଧୁବାନ୍ଧବଙ୍କଠାକୁ ଖବର ଚାଲିଗଲା । ମାମୁଁ , ମାଇଁ, ଦଦେଇ, ଦେଠେଇମାନେ ପେଡ଼ି ସଜ କଲେ । ସେତେବେଳେ ମୋର ବୟସ ଥିଲା ଚଉଦ, ଆଉ ଝିଅଟିର ନଅ । ଆମେ ପ୍ରାୟ କୋଡିଏଜଣ ଝିଅଘର ଗାଁ ତୋଟ୍ଟୁଭୟକୁ ବାହାରିଲୁ । ସେ ଗାଁଟି ଶଙ୍କରାଚାର୍ଯ୍ୟଙ୍କ ଜନ୍ମସ୍ଥାନ ପବିତ୍ର କାଲାଡି ପୀଠର ନିକଟ । 'ପୂର୍ଣ୍ଣ' ନାମକ ପବିତ୍ର ନଦୀର ବାମ ତଟରେ ତୋଟ୍ଟୁଭୟ । ମାଆମାନଙ୍କ ଆନନ୍ଦ ଆଉ କହିଲେ ନ ସରେ । ମୁଁ ନିଆଁ ଆଗରେ ବସିଲି । ନିଆଁରେ ବିଧିମୁତାବକ ଘୃତାହୁତି ଅର୍ପଣ କଲାବେଳେ ବିଧିମୁତାବକ ପୁରୋହିତଙ୍କ ପାଟିରୁ ଅନର୍ଗଳ ବାହାରୁଥିବା ଶ୍ଳୋକ ମଧ୍ୟ ଅନୁକରଣ କରୁଥିଲି । ସାତବର୍ଷ ବୟସରୁ ମୁଁ ଗାୟତ୍ରୀ ଓ ବୈଦିକ ଯଜ୍ଞର ବିଧିବିଧାନ ଶିଖିଥିଲି । ତେଣୁ ବେଦମନ୍ତ୍ରଗୁଡ଼ିକର ଉଚ୍ଚାରଣ ସହ ମୋର ଅଙ୍ଗଭଙ୍ଗୀ ଗୁରୁଜନମାନଙ୍କୁ ବଡ଼ ସନ୍ତୋଷ ଦେଇଥିଲା । କନ୍ୟା ଅଗ୍ନି ଚାରିପାଖରେ ସାତପାଦ ବୁଲିଲାବେଳେ ମୋତେ ତା'ର ବାମପାଦର ବୁଢ଼ା ଆଙ୍ଗୁଠିଟି ଧରିବାକୁ ପଡିଥିଲା । ମୁଁ ଯେଉଁ ବେଦମନ୍ତ୍ର ଏହି ସମୟରେ ପଢ଼ିଥିଲି, ଭାଗ୍ୟ ଭଲ ଆମେ କେହି ତାକୁ ବୁଝିପାରି ନଥିଲୁ । କାରଣ ସେ ମନ୍ତ୍ରରେ ମୁଁ ତାକୁ ମୋତେ ଦଶଟି ପୁତ୍ରଦାନ କରି ସାରିଲା ପରେ ମୋତେ ଏକାଦଶ ପୁତ୍ର ଭାବରେ ପାଳନ କରିବା ନିମନ୍ତେ ଯାଚଞ୍ଚା କରିଥିଲି !

ଏବେ ସେଇ କନ୍ୟାଟିକୁ ଅଶୀବର୍ଷ ବୟସ । ଦୀର୍ଘଦିନ ହେବ ପକ୍ଷାଘାତ ରୋଗରେ ସେ ଶଯ୍ୟାଶାୟିନୀ । ତା'ର ସ୍ମୃତିଶକ୍ତି ମଧ୍ୟ କ୍ଷୁଣ୍ଣ । ମୁଁ ପଞ୍ଚାଅଶୀ, ସାଇ-ପେସ୍‌ମେକରଙ୍କୁ ହୃତ୍‌ପିଣ୍ଡରେ ଖଞ୍ଜି ମୁଁ ଚାଲିଚି । ଆମର ଚାରିଗୋଟି ସନ୍ତାନ ମଧ୍ୟରୁ କେବଳ ଗୋଟିଏ, ଝିଅଟି ଏ ସଂସାରର ଆଲୋକ ଦେଖିବାକୁ ରହିଛି ।

ସେ ଉତ୍ସବ ଚାରିଦିନ ବ୍ୟାପୀ ପାଳନ କରାଯାଇଥିଲା । ଦ୍ୱିତୀୟ ଦିନ ମୁଁ ମୋ ଅଜାଙ୍କଠାରୁ ଗୋଟିଏ ଅବିସ୍ମରଣୀୟ ଉପହାର ଲାଭ କରିଥିଲି । ପୂର୍ଣ୍ଣ ନଦୀରେ ମୁଁ ପହଁରୁଥିବା

ସେ ଦେଖି ପକାଇଲେ। ବାରଟି ଶତାବ୍ଦୀ ତଳେ ଶଙ୍କରାଚାର୍ଯ୍ୟ ସେଇ ନଈରେ ସ୍ନାନ କରୁଥିଲାବେଳେ ଗୋଟିଏ କୁମ୍ଭୀର ତାଙ୍କୁ ଧରି ପକାଇଥିବା କଥା ବୋଧହୁଏ ତାଙ୍କର ମନେ ପଡ଼ିଗଲା। ଶଙ୍କର ସନ୍ନ୍ୟାସୀ ହେବାର ପ୍ରତିଶ୍ରୁତି ପାଇବା ପରେ ଯେ କୁମ୍ଭୀର ହାବୁଡ଼ରୁ ବଞ୍ଚି ଯାଇଥିଲେ ତାହା ସ୍ମରଣ କରି ଅଜା ବୋଧହୁଏ ଭାବିଲେ ତାଙ୍କ ନାତି ମଧ୍ୟ ସେଇ ବିପଦକୁ ଡାକି ଆଣୁଛି। ଏ ଘଟଣାରେ ପ୍ରାୟ ଚଉଦଘଣ୍ଟା ତଳେ ବାହା ହୋଇଥିବା ପତ୍ନୀକୁ ମୋତେ ପରିତ୍ୟାଗ କରିବାକୁ ପଡ଼ିବ।

ତେଣୁ ଶଙ୍କରଙ୍କୁ ଯେପରି ମିଠା କଣ୍ଠରେ ବୁଝାଇ ସୁଝାଇ କହିବାକୁ ପଡ଼ିଥିଲା, ଅଜା ସେହିପରି ମୋତେ ବୁଝାଇ ସୁଝାଇ କୂଳକୁ ଫେରାଇ ଆଣିଲେ, ଆଉ ଓଦା ସରସର ହୋଇ ଯେତେବେଳେ ମୁଁ ପାଣିରୁ ଉପରକୁ ଉଠିଆସିଲି, ସଙ୍ଗେ ସଙ୍ଗେ ଗୋଛାଏ ବେତ ଧରି ଅଜା ମୋତେ କଷି ଦେଇଗଲେ। କେବଳ ସେତିକି ନୁହେଁ, ମୋତେ ସେ ବାହାଘର ମଣ୍ଡପ ପାଖକୁ ଭିଡିନେଲେ। ସେତେବେଳକୁ ମୋର ସାରା ଦେହ ଯନ୍ତ୍ରଣାରେ ପୋଡୁଥିଲା, ଆଉ ମୁଁ ବଡ଼ କ୍ଳାନ୍ତ ହୋଇପଡ଼ିଥିଲି। ପିଠିରେ ଲମ୍ବା ଲମ୍ବା ରକ୍ତର ଦାଗ ଘେନି ଯନ୍ତ୍ରଣା-ବିଧୂର ଆଖିରେ ମୁଁ ସମସ୍ତଙ୍କ ମୁହଁକୁ ଅନାଇଲି, ତା'ପରେ ନୀରବରେ ଯଜ୍ଞବେଦୀ ପାଖରେ ବସିପଡ଼ିଲି।

ତଥାପି ଏ ବାହାଘରକୁ ମୁଁ ଆକସ୍ମିକ ଲାଭ ବୋଲି କହିବି। ମୋ ଅଜା ଅନ୍ୟ ଅଜାଙ୍କ ସମଦଶାପନ୍ନ କ୍ଷୁଧା-ପ୍ରପୀଡ଼ିତ ଖୋସଣୀରୁ ବରମୂଲ୍ୟ ଭାବରେ ଛଅଶହ ଟଙ୍କା ଖସାଇ ଆଣିବାକୁ ସମର୍ଥ ହୋଇଥିଲେ। ମୋର ବୁଢ଼ା ଅଜା ଶ୍ୱଶୁର ଟଙ୍କା ଗଣିବା ଜାଣି ନଥିଲେ, ବା କାଗଜପତ୍ରରେ ହିସାବ୍ ରଖିବା ମଧ୍ୟ ଜାଣି ନଥିଲେ। ଏଣୁ ମୋ ଅଜାଙ୍କ ଦ୍ୱାରା ପ୍ରସ୍ତୁତ ଗୋଟିଏ ଦଲିଲରେ ସେ ବୁଢ଼ା ଆଙ୍ଗୁଠିର ଟିପଚିହ୍ନ ଦେଇ ଏ ଟଙ୍କା ହସ୍ତାନ୍ତର କରିଥିଲେ। ମାତ୍ର ସେ ଟଙ୍କା ଦେଇ ନଥିଲେ, କାଗଜରେ ଟିପଚିହ୍ନ ପ୍ରମାଣ ଦେଇ ସେ ମାନି ନେଇଥିଲେ ଯେ ଏ ଅଦୃଶ୍ୟ ଛଅଶହ ଟଙ୍କା ଜମାର ଶତକଡା ବାର୍ଷିକ ଛଅ ସୁଧ ହିସାବରେ ସେ ପ୍ରତିମାସର ପ୍ରଥମ ଦିନରେ ତିନିଟଙ୍କା ଲେଖାଏଁ ଡାକଦ୍ୱାରା ପଠାଉଥିବେ। କିନ୍ତୁ ମାସର ୨୮ ଦିନ କୋଚିନ୍ ରାଜାଙ୍କ ଦ୍ୱାରା ପ୍ରଦତ୍ତ ଖାଦ୍ୟରେ ପୁଷ୍ଟ, ଚତୁର୍ଥ ଫର୍ମରେ ଢିରଣ୍ଡ୍ ଓ ସମକୋଣୀ ତ୍ରିଭୁଜର କର୍ଣ୍ଣ ସାଙ୍ଗେ ଲଢ଼େଇ କରୁଥିବା ଗୋଟିଏ ଚଉଦ ବର୍ଷ ବୟସର ବାଳକ ପାଇଁ ଏ ବରମୂଲ୍ୟ ଥିଲା ଅତ୍ୟଧିକ।

ମାତ୍ର ମୋ ବୋଉ ଏ ଟଙ୍କା ଅଜାଙ୍କ ଖୋସଣୀକୁ ଯିବାକୁ ଦେଇ ନଥିଲା। କାରଣ ଏ ଉପାର୍ଜନ ମୋର, ତାଙ୍କର ନୁହେଁ। ମୁଁ ପଢୁଥିବା ହାଇସ୍କୁଲ ପାଖରେ ଜଣେ ବିଧବା ବୁଢ଼ୀ ବ୍ରାହ୍ମଣୀ ଦହିଭାତ ବିକ୍ରି କରୁଥିଲେ। ବୋଉ ଖରାବେଳେ ମୋତେ ଦହିଭାତ ପୁଡ଼ିଆଟିଏ ଦେବାରେ ମାସକୁ ଦୁଇଟଙ୍କା ଖର୍ଚ୍ଚ କରିବାକୁ ଜିଦ୍ ଧରି ବସିଲା। ରାଜାଙ୍କ ଅନ୍ନଛତ୍ରରେ ମିଳୁଥିବା ନିଷ୍ପ୍ରାଣ ଖାଦ୍ୟର ଅଭାବ ଦୂର କରିବାରେ ସହାୟକ ହୋଇଥିବାରୁ ମୁଁ ମୋ ପତ୍ନୀ ପାଖରେ

ଅବଶ୍ୟ କୃତଜ୍ଞ। ଏ ଦହିଭାତ ମୋ ସ୍ୱାସ୍ଥ୍ୟରେ କିଛି ପରିବର୍ତ୍ତନ ଆଣିଥିଲା, ଯାହା ଫଳରେ ମୁଁ ସ୍କୁଲର ଫୁଟ୍‌ବଲ୍ ଦଳ (ସବ୍-ଜୁନିୟର)ରେ ଯୋଗ ଦେବାକୁ ସମର୍ଥ ହୋଇଥିଲି। ଆଉ ଟଙ୍କାଟି ବୋଉକୁ ଘରକାମ କରିବାରେ, ଲୁଗାପଟା ସଫା କରିବାରେ ସାହାଯ୍ୟ କରିବା ନିମନ୍ତେ ଜଣେ ଚାକରାଣୀର ମାସିକ ଦରମାକୁ ଯଥେଷ୍ଟ ଥିଲା।

ଆମର ପ୍ରଧାନଶିକ୍ଷକ ବିବେକାନନ୍ଦଙ୍କ ଭାଷଣ ଓ ଶ୍ରୀରାମକୃଷ୍ଣଙ୍କ କାହାଣୀ ପ୍ରତି ଆମର ଆଗ୍ରହ ଉଦ୍ଦୀପିତ କରିଥିଲେ। ଆମକୁ ମାଲାୟାଲାମ ପଢ଼ାଉଥିବା ଶିକ୍ଷକ ମୋ ଭିତରେ କବିତା ପ୍ରତି ବିଶେଷତଃ ପୌରାଣିକ ଚରିତ୍ର ଓ ମଣିଷର ସଂଘର୍ଷରେ ଦୈବଶକ୍ତିର ହସ୍ତକ୍ଷେପ ସମ୍ପର୍କୀୟ କବିତା ପ୍ରତି ଚିରସ୍ଥାୟୀ ତୃଷ୍ଣା ଜାଗ୍ରତ କରିଥିଲେ। କୁଞ୍ଚନ (ସପ୍ତଦଶ ଶତାବ୍ଦୀର ସାମାଜିକ ବ୍ୟଙ୍ଗର ଲେଖକ)ଙ୍କ ଲଳିତ ପଦାବଳୀର ଝଙ୍କାର ଥିଲା ମୋର ସବୁଠୁ ଅଧିକ ପ୍ରିୟ। ତେଲଦୀପ ପାଖରେ ବସି ନିଦରେ ଆଖିପତା ମାଡିପଡିଲା ଯାଏ ମୁଁ ନାଟକୀୟ ଅଙ୍ଗଭଙ୍ଗୀ ସହ କଣ୍ଠକୁ ମିଳାଇ କୁଞ୍ଚନଙ୍କ ପଦାବଳୀ ପଢୁଥିଲି। ମୋ ବୋଉ ମୋ ପାଖରେ ବସି ମୁଣ୍ଡ ଲାଡୁଥାଏ, ମାତ୍ର ଆଈର ରାଗ ତ କହିଲେ ନ ସରେ। ସେତେବେଳେ ଅଜା ଘୁଂଘୁଡି ରାଜ୍ୟରେ ସ୍ୱପ୍ନସାଥିମାନଙ୍କ ସହ ବିଚରଣ କରୁଥାନ୍ତି।

ଦିନେ ଆଈର ରାଗ ତାଳୁକୁ ଚଢିଗଲା। ମୁଁ ଯେତେବେଳେ କବିତାର ଆନନ୍ଦର ଶୀର୍ଷରେ ଥିଲି, ମୋତେ ଏସବୁ ବନ୍ଦ କରିବାକୁ ଆଦେଶ ମିଳିଲା। ମାତ୍ର ମୁଁ ଯେତେବେଳେ ଆଦେଶ ପାଳନ ନିମନ୍ତେ କୌଣସି ତତ୍ପରତା ପ୍ରକାଶ କଲିନାହିଁ, ଆଈ ବହିରୁ ମୋ ପଢୁଥିବା ପୃଷ୍ଠାଗୁଡାକ ମୁଠା କରି ଛିଡାଇ ଆଣିଲା, ଆଉ ସେଗୁଡିକୁ ଖଣ୍ଡ ଖଣ୍ଡ କରି ଛଡାଇ ମୋ ପାଟିରେ ମାଡିଦେଲା। ମୁଁ ଅସହାୟ ଭାବରେ ଅଜାଙ୍କର ଶରଣାପନ୍ନ ହେଲି, ମାତ୍ର ଆଈର ଗୋଲ ସିନ୍ଦୂରବିନ୍ଦୁର ଶକ୍ତି ଆଗରେ ତାଙ୍କର ପାଟି ଫିଟାଇବାର ଜୁ ନଥିଲା।

ମୋ ପାଟିରେ କୁଞ୍ଚନଙ୍କ ପଦାବଳୀଯୁକ୍ତ ପୃଷ୍ଠାଗୁଡିକର ପ୍ରବେଶ ସତ୍ତ୍ୱେ, କିମ୍ବା ତା ଫଳରେ ହେଉ, ତାଙ୍କର ମଧୁର ପଦାବଳୀ ମୋ ମୁଣ୍ଡ ଭିତରେ ସବୁବେଳେ ଗୁଣୁଗୁଣୁ ହେଉଥିଲା। ଅନେକ ବର୍ଷ ପରେ ସତ୍ୟସାଇବାବାଙ୍କ ସାନ୍ନିଧ୍ୟର ଆନନ୍ଦ କେରଳବାସୀଙ୍କୁ ଶୁଣାଇବାକୁ ମୁଁ ଯେତେବେଳେ ମନ କଲି, ମୋ ଜିଭରେ ସେଇ ପଦାବଳୀର ଧ୍ୱନି ବାଜି ଉଠିଲା, ମୁଣ୍ଡ ସେଇ ଶୈଳୀରେ ପଦାବଳୀ ଗୁନ୍ଥି ପକାଇଲା, ଆଉ ଜନ୍ମ ନେଲା 'ସାଇ-ଭାଗବତ'। ମୁଁ ଏକା ଏକା ସାଇ-ଭାଗବତ ପଢିବା ଶୁଣିଲେ କୁଞ୍ଚନ ନିଶ୍ଚୟ ଖୁସି ହେବେ, ମାତ୍ର କୁଞ୍ଚନ ନିର୍ଦ୍ଧାରଣ କରିଥିବା ରାଗରେ ମୋ ପୁଅ ଏହା ଗାଇବା ଶୁଣିଲେ ସେ ଯେ ବିହ୍ୱଳିତ ହୋଇଯିବେ, ଏଥିରେ ମୋର ସଂଶୟ ନାହିଁ। କାରଣ କୁଞ୍ଚନ ନିଜର ପଦାବଳୀରେ ପ୍ରେମ, ନିବେଦନ, ଭକ୍ତି,

ଦୈବତ୍ୱ, ବୀରତ୍ୱ, ତ୍ୟାଗ, ବିସ୍ମୟ ଆଦି ରସମାନଙ୍କର ଯେଉଁ ସମନ୍ୱୟ ଘଟାଇ ଥିଲେ, ସାଇ ଭାଗବତରେ ବି ସେ ସବୁ ଭର୍ତ୍ତିହୋଇ ରହିଛି ।

ଶେଷରେ ଆମ ସ୍କୁଲ ଜୀବନରେ ଅପରାହ୍ନ ଆସିଲା, ଆଉ ଆମକୁ ଆମର ପ୍ରିୟ ଶିକ୍ଷକ, ଉପଦେଷ୍ଟା ଓ ପ୍ରେରଣାଦାତା ଗୁରୁଜନମାନଙ୍କୁ ଛାଡି ଆସିବାକୁ ପଡିଲା । ଏଠାରୁ ୭ ମାଇଲ ଦୂରରେ ଥିବା ଏର୍ଣ୍ଣାକୁଲମ୍‌କୁ ଆମେ ବାହାରିଲୁ ଏସ୍.ଏଲ.ସି. (School Leaving Certificate) ପରୀକ୍ଷା ଦେବାକୁ । ମୁଣ୍ଡରେ ସ୍କଟ୍, ଆଡିସନ୍, କୁଞ୍ଜନ, ତାଓ , ମାର୍ସଡେନ୍, ନେସ୍‌ଫିଲ୍‌ଡ ଆଉ ଅନ୍ୟାନ୍ୟ ଅନେକଙ୍କୁ ବୋହି ଆମେ ସାତମାଇଲ ପଦଯାତ୍ରା କରିଥିଲୁ । ଆମେ ଯିବା ଆଗରୁ ଆମର ପ୍ରଧାନଶିକ୍ଷକ ଉତ୍ତମରୂପେ ତଦାରଖ କରି ଦେଖୁଥିଲେ ଆମେ ଅଠରଜଣ ଯାକ ପରୀକ୍ଷାର୍ଥୀ ସତରେ ୧୬ବର୍ଷ ତଳେ ସଂସାରକୁ ଆସିଥିଲୁ କି ନାହିଁ । କାରଣ ୧୬ ବର୍ଷ ବୟସରୁ କମ୍ କୌଣସି ପିଲା କଲେଜରେ ପ୍ରବେଶ କରିବାର ଯୋଗ୍ୟତା ପ୍ରଦାନ କରୁଥିବା ଏହି ପରୀକ୍ଷାରେ (ଯଦି ପରୀକ୍ଷାର୍ଥୀ ଏ ଯୁଦ୍ଧରେ ଆହତ ନ ହୋଇ ପାର ହୋଇଯାଇପାରେ) ବସି ପାରିବ ନାହିଁ । ପରୀକ୍ଷା ଆଗରୁ ସେ ଆମ ସମସ୍ତଙ୍କୁ ଏକାଠି କରି ଉପଦେଶ ଛଳରେ କହିଥିଲେ, " ତୁମର ଅଭିଭାବକ ଭାବରେ ତୁମ ପାଖେ ପାଖେ ଭଗବାନ ଅଛନ୍ତି । ନିଃଶ୍ୱାସ ନେଲାବେଳେ ଭଗବାନଙ୍କୁ ମନେ ରଖିବ, ନିଃଶ୍ୱାସ ଛାଡିଲାବେଳେ ତାଙ୍କୁ ସ୍ମରଣ କରିବ । ହାତରେ ପ୍ରଶ୍ନପତ୍ର ପଡିଲା ପରେ ସମସ୍ତେ ଠିଆ ହେବ, ଆଉ ମନେ ମନେ ପ୍ରାର୍ଥନା କରିବ, 'ହେ ଈଶ୍ୱର, ମୋ ମୁଣ୍ଡରେ ବୁଦ୍ଧିଦିଅ, ହାତରେ ସ୍ଥିରତା ଦିଅ, ମୋ ଉତ୍ତରଗୁଡ଼ିକୁ ନିର୍ଭୁଲ ଓ ନିର୍ମଳ କର ।' ବିଶ୍ୱାସ ରଖ ଯେ ତୁମ ଭିତରେ ଶ୍ରୀରାମକୃଷ୍ଣ, ତୁମ ପାଖରେ ବିବେକାନନ୍ଦ ଥାଇ ତୁମକୁ ଉତ୍ସାହ ଦେଉଛନ୍ତି, ତୁମକୁ ସଦ୍‌ବୁଦ୍ଧି ଦେଉଛନ୍ତି ।" ପ୍ରତିଦିନ ମୁଁ ପ୍ରାର୍ଥନା ଜଣାଉଥିଲି । ବିଶେଷ ଭାବରେ ଅଙ୍କ, ଆଲଜେବ୍ରା ଓ ଜ୍ୟାମିତି ପରୀକ୍ଷା ଦିନ ମୋର ଆକୁଳତା ସବୁଠୁ ବେଶୀ ବଳି ପଡ଼ିଥିଲା ।

ମୁଁ ମାନୁଛି ଏ ତିନୋଟି ବିଦ୍ୟାରେ ମୁଁ ପୂରା ଗଧ ଥିଲି । ଏଥିରୁ କୌଣସି ପାଠରେ ପାଶ୍ କରିବା ମାର୍କର ଅଧା ବି ପାଇବା ମୋ ପକ୍ଷରେ ଜମା ସମ୍ଭବ ହେଉ ନଥିଲା । ଗଣିତ ବିଦ୍ୟାରେ ପାରଙ୍ଗମ ହେବା ନିମନ୍ତେ ପ୍ରଧାନଶିକ୍ଷକ ମୋତେ ପ୍ରତିବର୍ଷ ଲମ୍ବା ବକ୍ତୃତା ଶୁଣାଉଥିଲେ । ସେଥିପାଇଁ ସେଦିନ ମୁଁ ଦୀର୍ଘ ସମୟ ପାଇଁ ଭଗବାନଙ୍କୁ ସ୍ମରଣ କରିଥିଲି । ଭଗବାନ୍ ମୋ ପାଇଁ ଅଙ୍କଗୁଡିକ ସମାଧାନ କରିଦେଲେ, ବୀଜଗଣିତର ଅଭେଦଗୁଡିକ ସରଳ କରିଦେଲେ ଓ ଜ୍ୟାମିତିର ଅବୋଧ୍ୟ ଉପପାଦ୍ୟଗୁଡ଼ିକୁ ମଧ୍ୟ ପ୍ରମାଣ କରିଦେଲେ । ଅଠରଜଣଯାକ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସମସ୍ତେ ପାଶ୍ କଲେ; ଏଥିରୁ ୧୬ ଜଣ ବିଶେଷ ଯୋଗ୍ୟତାର ସହ ମଧ ଉତ୍ତୀର୍ଣ୍ଣ ହୋଇଥିଲେ । ମାଲାୟାଲାମ ଓ ଇତିହାସରେ ମୁଁ ସାରା କୋଚିନ୍

ରାଜ୍ୟରେ ପ୍ରଥମ ହୋଇଥିଲି। ମୋଟ ମାର୍କ ଅନୁସାରେ ପଞ୍ଚମ ସ୍ଥାନ ପାଇଥିଲି। ଫଳରେ ୧୯୧୪ ରୁ ୧୯୧୬ ଯାଏ ଦୁଇବର୍ଷ ମାସକୁ ଦଶଟଙ୍କା ବୃତ୍ତି ମୋତେ ମିଳିଥିଲା। ଏର୍ଣ୍ଣାକୁଲମ୍‌ର ମହାରାଜା କଲେଜରେ ମୁଁ ଇଣ୍ଟରମିଡିଏଟ୍ ଦୁଇଶ୍ରେଣୀ ପଢ଼ିଥିଲି।

ଏର୍ଣ୍ଣାକୁଲମ୍‌ରେ ବି ଗୋଟିଏ ଅନ୍ନଛତ୍ର ଥିଲା। ମାତ୍ର କଲେଜର ଛାତ୍ରମାନଙ୍କ ପ୍ରତି ତା'ର ସମୟ ସୁବିଧା ହେଉ ନ ଥିଲା। ମୋର ବୃତ୍ତି ସାଙ୍ଗରେ ମୋ 'ବରମୂଲ୍ୟ'ର ସୁଧ ମତେ ଆନିମିଆରୁ ରକ୍ଷା କରିଥିଲା। ଜଣେ ଧନୀ ସହପାଠୀର ଘରେ ଗୋଟିଏ ରୁମ୍‌ରେ ମୁଁ ରହିଲି, ଆଉ ଭୋଜନ ପକାଉଥିଲି ଜଣେ ବିଧବା ବ୍ରାହ୍ମଣୀଙ୍କ ଘରେ। ସେ ମୋ ଭଳି କେତେଜଣ ତରୁଣ ପଇସାଦିଆ ଅତିଥିଙ୍କ କଥା ବୁଝୁଥିଲେ।

ଜୁଲାଇ ୧୯୧୪ରେ ଯେତେବେଳେ କାଇଜର ତାଙ୍କର ବିଖ୍ୟାତ ନିଶକୁ ମୋଡି ଇଉରୋପ ଉପରେ ମାଡି ଯିବାର ଯୋଜନା କରୁଥିଲେ, ସେତେବେଳେ ମହାରାଜା କଲେଜର ଅଧ୍ୟକ୍ଷ ଗ୍ଲିନ୍ ବାର୍ଲୋଭ ମୋ ହାତକୁ ଧରି ବେଶ୍ ଜୋର୍‌ରେ ସେକ୍‌ହାଣ୍ଡ କରୁଥିଲେ। ତିରୁପୁନିତୁରାରୁ ଆସିଥିବା ଆମେ ୧୫ ଜଣ ନୂଆ ଛାତ୍ର କୋଟ୍ ଆଉ ଟୋପି ପିନ୍ଧି ମୁହଁରେ ଚିକ୍କଣ ହସ ଫୁଟାଇ ଅଧ୍ୟକ୍ଷଙ୍କ ଅଫିସ ଆଗରେ ଧାଡି ବାଂଧିଥିଲୁ, କାରଣ ପ୍ରତ୍ୟେକ ନୂଆ ପିଲା ସହିତ ସେକ୍‌ହେଣ୍ଡ କରିବା ପାଇଁ ସେ ଯିଦ୍ ଧରିଥିଲେ। ଅଧ୍ୟକ୍ଷ ବାର୍ଲୋଭ ଆମ ପ୍ରତ୍ୟେକଙ୍କ ସହିତ ସେକ୍‌ହାଣ୍ଡ କରିଥିଲେ। ସେ ଅଳ୍ପଦିନ ପୂର୍ବଯାଏ ମାଡ୍ରାସ୍‌ର ଦୈନିକ ସମ୍ବାଦପତ୍ର 'ମାଡ୍ରାସ୍-ମେଲ'ର ସଂପାଦକ ଥିଲେ। ମାଡ୍ରାସ୍ ସହରର ଥିବା ବିଶ୍ୱବିଦ୍ୟାଳୟ ସହିତ ଆମର କଲେଜ ଯୁକ୍ତ ହୋଇଥିଲା।

ହାଇସ୍କୁଲରେ ଶେଷ ମାସରେ ମୁଁ ଯେଉଁ ପାଞ୍ଚଟଙ୍କା ବୃତ୍ତି ପାଇଥିଲି, ସେଥିରେ J.B.Bury ଙ୍କର ଗ୍ରୀସର ଇତିହାସ (ସଂକ୍ଷିପ୍ତ ସଂସ୍କରଣ ନୁହେଁ) ବହିଟି କିଣିଥିଲି। କଲେଜରେ ପ୍ରଥମ ଓ ଦ୍ୱିତୀୟ ଭାଷା ଭାବରେ ଇଂରାଜୀ ଆଉ ମାଲାୟଲାମ୍‌କୁ ଛାଡିଦେଲେ ମୁଁ ଆଉ ଯେଉଁସବୁ ବିଷୟ ପଢିବାକୁ ନେଇଥିଲି ସେ ସବୁ ହେଲା ଗ୍ରୀସ୍, ରୋମ୍ ଓ ଭାରତ ଇତିହାସ, ବ୍ରିଟେନ୍ ସମ୍ବିଧାନର ଇତିହାସ ଏବଂ ମୌଳିକ ତର୍କଶାସ୍ତ୍ର।

ଆମେ କଲେଜକୁ ଆସିବାର ଅଳ୍ପଦିନ ପରେ ଅଧ୍ୟକ୍ଷ ଗ୍ଲିନ୍ ବାର୍ଲୋଭ କଲେଜ ଛାଡ଼ି ଚାଲିଗଲେ। ତାଙ୍କ ପରେ ଅଧ୍ୟକ୍ଷ ଭାବରେ ଯୋଗ ଦେଇଥିଲେ ଜଣେ ଦୟାବନ୍ତ ଆୟାରର୍ଲାଣ୍ଡ ବାସୀ ଶ୍ରୀଯୁକ୍ତ ଏଫ.ଏସ୍.ଡାଭିସ୍। ତାଙ୍କ ଚାରିପଟେ ସତେ ଯେମିତି ଗୋଟିଏ ପ୍ରେମର ବଳୟ ଖେଳୁଥିଲା। ସେ ଆମକୁ ସେକ୍‌ସପିୟରଙ୍କ ଜୁଲିୟସ୍ ସିଜର ନାଟକଟି ଏପରି ବିଶଦବ୍ୟାଖ୍ୟା ସହ ପଢାଇଥିଲେ ଯେ ସେକ୍‌ସପିୟରଙ୍କ ଗୁମ୍ଫିତ ଭାଷାବିଭବ ତଥା ଏହାର ଅର୍ଥଗୌରବ ପ୍ରତି ଆମର ଅତ୍ୟନ୍ତ ଆଗ୍ରହ ଜାତ ହୋଇଥିଲା। କଲେଜ ରଂଗମଞ୍ଚରେ ଏହାର ଅଧିକାଂଶ ଦୃଶ୍ୟ

ଅଭିନୟ କରିବାରେ ସେ ଆମକୁ ଅନେକ ସହାୟତା କରିଥିଲେ। ମୋତେ ଥରେ ବ୍ରୁଟସ୍ ଭୂମିକାରେ ଅଭିନୟ କରିବାକୁ ପଡିଥିଲା। ମାର୍କ ଆଣ୍ଟୋନୀଙ୍କ ଅଗ୍ନିମୟ ଭାଷଣ ଲୋକଙ୍କୁ ମତାଇଦେବା ପରେ ବ୍ରୁଟସ୍ ଭୂମିକାରେ ମୋର ସଂଳାପ ସେକ୍ସପିୟରଙ୍କ ମନ ମୁତାବକ ଅତ୍ୟନ୍ତ ଗଦ୍ୟମୟ ହୋଇଥିଲା।

ସ୍କୁଲଛାତ୍ର ଥିଲାବେଳେ ରଙ୍ଗମଞ୍ଚକୁ ମୁଁ ତିନିଥର ଆସିଥିଲି। ମୋର ଜଣେ ମାମୁଁ ମଧ୍ୟମସ୍ତରର ଜଣେ ବିଶିଷ୍ଟ ଅଭିନେତା ଥିଲେ। ଏର୍ଣ୍ଣାକୁଲମ୍ ବାର ଆସୋସିଏସନ୍ 'ଅଥେଲୋ' ନାଟକଟି ମଞ୍ଚସ୍ଥ କଲାବେଳେ ମୁଁ ଦର୍ଶକ ହିସାବରେ ଯୋଗ ଦେଇଥିଲି। ସେଥିରେ ମାମୁଁ ଡେସ୍‌ଡେମୋନା ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ତାଙ୍କୁ ଯେଉଁ ସବୁ ଇଂରାଜୀ କବିତା ଭଲ ଲାଗୁଥିଲା ସେଗୁଡିକ ମନେରଖିବାକୁ ସେ ମତେ ପ୍ରବର୍ତ୍ତାଉଥିଲେ ଓ କିପରି ପଢ଼ିବାକୁ ହେବ ତାହା ମଧ୍ୟ ଶିଖାଉଥିଲେ। ସେ ମୋତେ "I remember, I remember the house where I was born...." କବିତାଟି ଶିଖାଇଥିଲେ। ଥରେ ସ୍କୁଲ-ଦିବସ ସଂଧ୍ୟାରେ ରଙ୍ଗମଞ୍ଚ ଉପରେ ଏହି କବିତାଟି ଆବୃତ୍ତି କରିବାକୁ ମୁଁ ବାହାରି ପଡ଼ିଥିଲି। ପିତାମାତାମାନଙ୍କର ଏହି ସମାବେଶରେ ମୁଁ ରଙ୍ଗମଞ୍ଚ ଉପରକୁ ଆସି ପ୍ରଥମ ଧାଡ଼ିଟି ଖୁବ୍ ଉତ୍ସାହର ସହ ଆବୃତ୍ତି କରିଦେଲି। ମୋର ବିଶ୍ୱାସ ଥିଲା, ପ୍ରଥମ ଧାଡ଼ିଟି ସରୁ ସରୁ ଦ୍ୱିତୀୟ ଧାଡ଼ି ମନକୁ ଆସିଯିବ। ମାତ୍ର ହାୟ, କେତେଥର ପ୍ରଥମ ଧାଡ଼ିଟି "I remember I remember ..." ଆବୃତ୍ତି କଲେ ବି ୨ୟ ଧାଡ଼ିଟି ଆଉ ଜମା ମନେ ପଡ଼ିଲା ନାହିଁ। ମୋର ଭାଗ୍ୟ ଭଲ ପରଦା ପଛରୁ ଗୋଟିଏ ସହାନୁଭୂତିଶୀଳ ହାତ ମୋତେ ଭିତରକୁ ଟାଣି ନେଇଥିଲା। ଏଇଟି ଥିଲା ମୋର ପ୍ରଥମ ଆବିର୍ଭାବ ରଙ୍ଗମଞ୍ଚରେ। ବର୍ଷେ ପରେ ମଞ୍ଚ ଉପରେ ମୋର ୨ୟ ଆବିର୍ଭାବ। ମାତ୍ର ଏଥର ଜଣେ ଭାଟ ଭାବରେ ଗୋଟିଏ ମାଲାୟାଲାମ୍ ଲୋକଗୀତ ଶୁଣାଇବା ପରେ ଦର୍ଶକମାନେ ଆଗ୍ରହରେ କରତାଳି ଦେଇଥିଲେ, ପ୍ରଥମଥର ପରି ଉପହାସ-କରତାଳି ନୁହେଁ। ସ୍କୁଲ ଛାଡ଼ିବା ଆଗରୁ ଆଉଥରେ ସେକ୍ସପିୟରଙ୍କ ଝଷର ଝରଙ୍କକୁରଷ୍ୱଷ୍ୱ ନାଟକର ପ୍ରସ୍ପେରୋ ବେଶ ପିନ୍ଧି ରଙ୍ଗମଞ୍ଚକୁ ଆସିଥିଲି।

ମହାରାଜା କଲେଜରେ ପ୍ରାକ୍-ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ ମାତ୍ର ଦୁଇବର୍ଷର ଥିଲା। ସୁଦୂର ମାଡ୍ରାସ୍‌ରେ ଯେଉଁ ପ୍ରଶ୍ନପତ୍ର ତିଆରି ହେଉଥିଲା, ତାର ଉତ୍ତର ଆମେ ଲେଖୁଥିଲୁ ମହାରାଜା କଲେଜରେ। ଏ ଯୁଦ୍ଧକ୍ଷେତ୍ରରୁ ମାତ୍ର ଶତକଡ଼ା ପନ୍ଦର ପରୀକ୍ଷାର୍ଥୀ ବର୍ତ୍ତି ଫେରି ଆସୁଥିଲେ! ପରୀକ୍ଷାର କେତେ ସପ୍ତାହ ଆଗରୁ ଆମକୁ ଝାଳନାଳ ହୋଇ ପଢିବାକୁ ପଡୁଥିଲା। ଦଳ ଦଳ ହୋଇ ବସି ଆମେ ପରସ୍ପରର ଜ୍ଞାନ ପରସ୍ପରକୁ ବାଣ୍ଟୁଥିଲୁ ଓ ଆତ୍ମବିଶ୍ୱାସକୁ ଟାଣ କରୁଥିଲୁ। ଅଧରାତିରେ ଆଖି ମୁଦି ହୋଇ ଆସିଲେ ପରସ୍ପରକୁ ଖୋଞ୍ଚୁଥିଲୁ,

ଆଉ ନିଦ୍ରାଦେବୀଙ୍କୁ ଦୂରରେ ରଖିବା ପାଇଁ ଆମ୍ଳଫଡ଼ା ଘଟୁଥିଲୁ। ସାରା କୋଚିନ୍ ରାଜ୍ୟରେ ମୁଁ ପ୍ରଥମଶ୍ରେଣୀରେ ପାସ୍ କରି ୨ୟ ସ୍ଥାନ ଅଧିକାର କରିଥିଲି। ପ୍ରଥମ ସ୍ଥାନ ହରାଇବାରେ ମୁଁ ପ୍ରବୀଣ ଥିଲି। ଏସବୁର କାରଣ ସ୍ୱରୂପ ବୋଉ ଆଇର ଆଙ୍ଗୁଠି କର୍ତ୍ତନ ଉପାଖ୍ୟାନ ସ୍ମରଣ କରିଥିଲା।

ଯେଉଁ ସାଙ୍ଗଟି ପ୍ରଥମ ହେଲା, ସେ ମାଡ୍ରାସର ପ୍ରେସିଡେନ୍ସି କଲେଜରେ ଯୋଗ ଦେଇଥିଲା। ସେ ମାଡ୍ରାସ ବିଶ୍ୱବିଦ୍ୟାଳୟର ବୃତ୍ତି ପାଇବା ପାଇଁ ଯୋଗ୍ୟ ହୋଇଥିଲା। ସେ ଯଦି ସେ ବୃତ୍ତି ଗ୍ରହଣ କରିଥାନ୍ତା, ତେବେ ମୁଁ ରାଜ୍ୟ ବୃତ୍ତିଟି ପାଇଥାନ୍ତି, କାରଣ ନିୟମ ଥିଲା କୌଣସି ପିଲା ଦୁଇଟି ବୃତ୍ତି ପାଇପାରିବ ନାହିଁ। ମାତ୍ର ମୋର ପରମ ଦୁର୍ଭାଗ୍ୟ ଓ ଦୁର୍ଭାବନାକୁ ସେ ରାଜ୍ୟ ବୃତ୍ତି ନେବାକୁ ଠିକ୍ କଲା। ଏହାର କାରଣ ସ୍ୱରୂପ ସେ ମୋ ପାଖକୁ ଲେଖିଥିଲା, "ମାଡ୍ରାସ୍ ବିଶ୍ୱବିଦ୍ୟାଳୟ ଏପରି ଦଶଟି ବୃତ୍ତି ଦେଉଛି। ମୁଁ ସେ ବୃତ୍ତି ଗ୍ରହଣ କରିଥିଲେ କେବଳ ଦଶଜଣ ଭିତରେ ଜଣେ ଭାବରେ ଗଣା ହୋଇଥାନ୍ତି। ମାତ୍ର କୋଚିନ୍ ରାଜ୍ୟ ମାତ୍ର ଗୋଟିଏ ବୃତ୍ତି ଦେଉଥିବାରୁ ସେ ବୃତ୍ତିଟି ମୋ ପକ୍ଷରେ ଅଧିକ ସ୍ପୃହଣୀୟ।"

ଏହି ପତ୍ରଟି ଯୋଗୁ ମୋତେ ପ୍ରେସିଡେନ୍ସି କଲେଜରେ ଯୋଗ ଦେବାର ଆଶା ଛାଡିବାକୁ ହେଲା। ପ୍ରିନ୍ସିପାଲ ଡାଭିସ୍ ମୋ ହୃଦୟରେ ଆଉ ଜଣେ ପ୍ରଫେସରଙ୍କୁ ବସାଇ ସାରିଥିଲେ। ସେ ହେଲେ ପ୍ରେସିଡେନ୍ସି କଲେଜର ଇଂରାଜୀ ପ୍ରଫେସର୍ ମାର୍କ ହଣ୍ଟର୍। ସେକ୍ସପିୟରଙ୍କ ଜୁଲିଅସ ସିଜାର ନାଟକ ପଢ଼ାଇଲାବେଳେ ସେ ଭେରିଟୀଙ୍କ ଦ୍ୱାରା ସମ୍ପାଦତ ବହିଠାରୁ ମାର୍କ ହଣ୍ଟରଙ୍କ ଦ୍ୱାରା ସମ୍ପାଦିତ ବହି ଅଧିକ ପସନ୍ଦ କରୁଥିଲେ। ସେଥିପାଇଁ ବିଦ୍ୱାନ୍ ମାର୍କ ହଣ୍ଟରଙ୍କଠାରୁ ପ୍ରତ୍ୟକ୍ଷ ଭାବରେ ଇଂରାଜୀ ସାହିତ୍ୟର ଅମୂଲ୍ୟ ସମ୍ପଦ ଆହରଣ କରିବାକୁ ମୋର ପ୍ରବଳ ଆକାଂକ୍ଷା ଥିଲା। ମାତ୍ର ତାହା ଆଉ ସମ୍ଭବ ହେଲା ନାହିଁ।

କେରଳର ଦକ୍ଷିଣ ନାସିକା ତ୍ରିଭାନ୍ଦ୍ରମ୍ ଯିବା ଛଡ଼ା ମୋର ଆଉ ଅନ୍ୟ ଉପାୟ ନଥିଲା। ସେଠାରେ ମଧ୍ୟ ରାଜପରିବାର ଦ୍ୱାରା ଗୋଟିଏ ଅନ୍ନଛତ୍ର ଖୋଲା ହୋଇଥିଲା ମୋ ଭଳି ପିଲାଙ୍କ ପାଇଁ। ସେଠି ବି ସରକାରଙ୍କ ଦ୍ୱାରା ପରିଚାଳିତ ମହାରାଜ କଲେଜଟିଏ ଥିଲା। ତ୍ରିଭେନ୍ଦ୍ରମ୍ ଟ୍ରାଭାଙ୍କୋର୍ ରାଜ୍ୟର ରାଜଧାନୀ ଥିଲା ଓ ସେଠାରେ ମହାରାଜା ରହୁଥିଲେ। ଶ୍ରୀଯୁକ୍ତ ଏନ୍.ଆର୍. ସୁବ୍ବା ଆୟାର ମୋତେ ଭାରତୀୟ ଇତିହାସରେ ବିଶେଷ ଅଧ୍ୟୟନ କରିବା ନିମନ୍ତେ ପ୍ରବର୍ତ୍ତାଇଥିଲେ। ଆମର ପୂର୍ବ ସ୍କୁଲର ପ୍ରଧାନଶିକ୍ଷକ ମୋତେ ତ୍ରିଭାନ୍ଦ୍ରମ୍ର ରାମକୃଷ୍ଣ ବିବେକାନନ୍ଦ ଭକ୍ତମଣ୍ଡଳୀ ସହ ସମ୍ପର୍କ ସ୍ଥାପନ କରିବା ନିମନ୍ତେ ଉପଦେଶ ଦେଲେ। ସେମାନେ ତ୍ରିଭାନ୍ଦ୍ରମ୍ଠାରେ ଗୋଟିଏ ରାମକୃଷ୍ଣ ମନ୍ଦିର ତୋଳିବାକୁ ଉଦ୍ୟମ କରୁଥିଲେ ବୋଲି ସେ ମୋତେ କହିଥିଲେ। ମୋର ଜଣେ ମାମୁଁ ସେଠାରେ ଥିବା ଗୋଟିଏ ମଡ୍ରେଲ୍ ସ୍କୁଲରେ

ଶିକ୍ଷକ ଭାବରେ ସଦ୍ୟ ଯୋଗ ଦେଇଥାନ୍ତି। ଏ ସବୁଠୁ ବେଶୀ ଆକର୍ଷଣ ଥିଲେ ମହାରାଜା କଲେଜର ଇତିହାସ ପ୍ରଫେସର୍ ଶ୍ରୀଯୁକ୍ତ ରଙ୍ଗସ୍ୱାମୀ ଆୟାଙ୍ଗାର। ସେ କେବଳ ଇତିହାସରେ ପ୍ରବୀଣ ନଥିଲେ, ସଂସ୍କୃତରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ଭାରତୀୟ ସଂସ୍କୃତିର ଜଣେ ସ୍ତମ୍ଭ, ଜଣେ ଆଦର୍ଶ ଗୁରୁ, ଜ୍ଞାନର ଚଳନ୍ତି ପ୍ରତିମା ଓ ଜଣେ ଆଦର୍ଶ ବ୍ରାହ୍ମଣ ହିସାବରେ ତାଙ୍କର ଖ୍ୟାତି ଅପରିମିତ ଥିଲା।

ତାଙ୍କ ଅଧୀନରେ ମୁଁ ଇତିହାସ ପଢ଼ିବା ନିମନ୍ତେ ସ୍ଥିର କଲି। ତାହାହେଲେ ମୋତେ ବୋଉଠାରୁ ଅଲଗା ହେବାକୁ ପଡିବ। ଏର୍ଣ୍ଣାକୁଲମ୍‌ରେ ଥିଲାବେଳେ ସପ୍ତାହକୁ ଥରେ ତିରୁପୁନିତ୍ତୁରା ଚାଲି ଚାଲି ଆସି ବୋଉକୁ ଭେଟି ପାରୁଥିଲି। ତ୍ରିଭାନ୍ଦ୍ରମ୍ ଗଲେ ବୋଉ ଅପେକ୍ଷା ଅଜା ମୋର ଅନୁପସ୍ଥିତି ଅଧିକ ଅନୁଭବ କରିବେ। କାରଣ ଏହା ଭିତରେ ଅଜା ମୋର ଜଣେ ବଡ଼ ସ୍ତାବକ ପାଲଟି ଯାଇଥିଲେ। ତାଙ୍କର ସହାୟକ ରାଜ ପରିବାରରେ ମୋ କଥା କହିଲାବେଳେ ସେ ବଡ଼ ଗର୍ବ ଅନୁଭବ କରୁଥିଲେ। ତାଙ୍କର ଦୃଢ଼ ବିଶ୍ୱାସ ଥିଲା ତିରୁପୁନିତ୍ତୁରା ଦେଉଳରେ ବସିଥିବା ଦିଅଁଙ୍କୁ ସେ ପ୍ରାର୍ଥନା କରିବା ଯୋଗୁ ମୋର ବିଦ୍ୟାରେ ଏପରି ଉନ୍ନତି ଘଟୁଛି। ପ୍ରତି ଶନିବାର ଉପରଓଳି ସେ ଆମ ବାଡ଼ିଆଡ଼ ଅଧାକାନ୍ଥି ଉପରେ ବସି ମୋ ବାଟକୁ ଚାହିଁ ରହୁଥିଲେ। ଆମ ଘର ଓ ବଡ଼ ରାସ୍ତା ମଝିରେ କେତେଗୁଡ଼ିଏ ବିଲ ଥିଲା। ବିଲ ମଝି ହିଡ଼ରେ ମୁଁ ରାସ୍ତା ଭାଙ୍ଗି ଘରକୁ ଗଡ଼ିଲେ ତାଙ୍କ ଆଖି ପଡ଼ିବାମାତ୍ରେ ଅଜା ଅଧାକାନ୍ଥିରୁ ତଳକୁ ଡେଇଁ ସପୁରୀଟିଏ ବା ଆମ୍ବ ବା କଦଳୀ କାଟି ରଖୁଥିଲେ। ମୁଁ ଆସି ତାଙ୍କ ପାଦ ଛୁଇଁ ପ୍ରଣାମ କରିବାମାତ୍ରେ ତାଙ୍କ ହୃଦୟର ପ୍ରେମ ଏହି ରସାଳ ଫଳ ମାଧ୍ୟମରେ ସେ ମୋ ପାଟିରେ ଖୁନ୍ଦି ଦେଉଥିଲେ।

୧୯୬୧ ମସିହାରେ ତ୍ରିଭାନ୍ଦ୍ରମ୍ ମାନଚିତ୍ରରେ ଗୋଟିଏ ଛୋଟିଆ ବିନ୍ଦୁ ମାତ୍ର ଥିଲା। ଆମ ଘରଠାରୁ ୧୫୦ ମାଇଲ୍ ଦୂର ଏଠାକୁ ଯିବାପାଇଁ ୩୨ ଘଣ୍ଟା ଲାଗୁଥିଲା; ଅଥଚ ଏହାଠାରୁ ପ୍ରାୟ ତିନିଗୁଣ ଦୂର ମାନ୍ଦ୍ରାସରେ ପହଞ୍ଚିବାକୁ ହେଲେ ମାତ୍ର ୨୬ ଘଣ୍ଟା ଲାଗୁଥିଲା। ଆମକୁ ତ୍ରିଭାନ୍ଦ୍ରମ୍ ଯିବାକୁ ହେଲେ ନଦୀ ତଟରେ ଥିବା ବିସ୍ତୀର୍ଣ୍ଣ ସ୍ଥିର ଜଳାଶୟ, ଅଗଭୀର ସାମୁଦ୍ରିକ ହ୍ରଦ ଏବଂ ଅଣଓସାରିଆ କେନାଲରେ ଡଙ୍ଗାର ଆଶ୍ରୟ ନେବାକୁ ପଡୁଥିଲା। ଆଣ୍ଠୁଆଣି ପାଣି ପଡିଲେ ଡଙ୍ଗାକୁ ଆଗରୁ ଟାଣିବା ଓ ପଛରୁ ଠେଲିବାକୁ ପଡୁଥିଲା। ପାହାଡ଼ିଆ ଗୁମ୍ଫା ଭିତର ଦେଇ ଯେତେବେଳେ ଡଙ୍ଗା ଯାଉଥିଲା, ତାକୁ ଆଗରୁ ଘୋଷାରିବାକୁ ହେଉଥିଲା।

ମାନ୍ଦ୍ରାସ ବିଶ୍ୱବିଦ୍ୟାଳୟ ଗୋଟିଏ ତିନିବର୍ଷିଆ ଅନର୍ସ ପାଠ୍ୟକ୍ରମ ଆରମ୍ଭ କରିଥାନ୍ତି ସେତେବେଳକୁ। ପାଠ୍ୟକ୍ରମ ସରିଲେ ପରୀକ୍ଷା। ପ୍ରଫେସର ରଙ୍ଗସ୍ୱାମୀ ଆୟାଙ୍ଗାର ପଦଟିଏ ବି ପ୍ରଶ୍ନ ନ କରି ମୋତେ ତାଙ୍କ ବିଭାଗରେ ଗ୍ରହଣ କରିନେଲେ। ପ୍ରିନ୍‌ସିପାଲ ଘୋଷଣା କଲେ ଯେ ମୋତେ ୩ ବର୍ଷ ପାଇଁ ଗ୍ରୀଗ୍ ସ୍ମୃତି ବୃତ୍ତି ମିଳିବ, କାରଣ ମୁଁ ଯୋଗ ଦେଇଥିବା ସବୁ

ପିଲାଙ୍କ ଉପରେ ଥିଲି । ଏହି ବୃତ୍ତିର ପରିମାଣ ଥିଲା ମାସକୁ ୧୨ ଟଙ୍କା । ଏହି ବୃତ୍ତି ମୋ ପକ୍ଷରେ ସ୍ୱର୍ଗର ଅମୃତ ପରି ଥିଲା । ମାମୁଁଙ୍କଠାରୁ ମଧ୍ୟ ନିଶ୍ଚିତ ଭାବରେ କିଛି ମିଳିବ । ତାଛଡ଼ା ମୋ ଅଜାଶ୍ୱଶୁରଙ୍କଠାରୁ ମୋ ବର-ମୂଲ୍ୟର ସୁଧ ଟଙ୍କାଟା ମୁଁ ଜୋର କରି ଆଣିପାରିବି । ଏହାଦ୍ୱାରା ମହାରାଜା ମନ୍ଦିରରେ ଖୋଲିଥିବା ଅନ୍ନଛତ୍ରର ଖାଦ୍ୟସାରହୀନ ଭୋଜନ ପରେ ମନ୍ଦିର ପାଖରେ ମୋ ପରି ବ୍ରାହ୍ମଣ ପିଲାଙ୍କ ପାଇଁ ମିଳୁଥିବା ଗିଲାସେ ଚହ୍ଲା ସାଙ୍ଗରେ ଟିକିଏ ଆଗ୍ରରର ଦାମ୍ ଦେବାକୁ ମୋ ହାତରେ କିଛି ପଇସା ହୋଇଯିବ ।

ମୋ ପ୍ରଫେସରଙ୍କ ଘରେ ଗୋଟିଏ ପୁସ୍ତକାଗାର ଥିଲା । ତାଙ୍କର ପୁସ୍ତକାଗାରଟି ମୋ ପକ୍ଷରେ ସତେ ଯେମିତି ଗୋଟିଏ ସୁନାଖଣି ଥିଲା । ମୋର ଯେତେ ସମୟ ଇଚ୍ଛା ସେତେ ସମୟ ସେଠି ବସି ପଢ଼ାପଢ଼ି କରିବା ପାଇଁ ସେ ମୋତେ ଅନୁମତି ଦେଇଥିଲେ । ତାଙ୍କର ପଡ଼ୋଶୀ ବନ୍ଧୁ ଶ୍ରୀଯୁକ୍ତ ବାନାର୍ଜି ଜଣେ ଇଞ୍ଜିନିୟର ଥିଲେ । ମାତ୍ର ସେ ସହରରେ ରାମକୃଷ୍ଣ ମିସନ୍‌ର ଜଣେ ବଡ ମୁଖିଆ ଥିଲେ । ସେ ମୋତେ କେତୋଟି ଆବେଦନ ପତ୍ର ସହ ଟଙ୍କେ ଦିଟଙ୍କା ଚାନ୍ଦା ଆଦାୟ କରିବା ରିସିଟ୍ ବହି ଦେଲେ । ସହରର ଉପକଣ୍ଠରେ ଥିବା ରାମକୃଷ୍ଣ ମନ୍ଦିର ନିମନ୍ତେ ଚାନ୍ଦା ଅସୁଲ କରିବାରେ ମୁଁ ଓ ମୋର ବନ୍ଧୁମାନେ ସପ୍ତାହକୁ କେତୋଟି ଘଣ୍ଟା କଟାଉଥିଲୁ ।

ଭାରତର ସିଦ୍ଧ ସାଧକମାନେ ବ୍ୟକ୍ତି, ଗୋଷ୍ଠୀ, ପରିବାର, ବ୍ୟବସାୟୀ ଆଦି ସବୁ ସ୍ତରର ଲୋକଙ୍କ ନିମନ୍ତେ ଯେଉଁସବୁ ବିଧି-ନିଷେଧ ନିର୍ଦ୍ଦିଷ୍ଟ କରିଦେଇ ଯାଇଛନ୍ତି ମୋର ଇତିହାସ ପ୍ରଫେସର୍ ସେଗୁଡ଼ିକ ଉପରେ ବହୁତ ଗୁରୁତ୍ୱ ଆରୋପ କରୁଥିଲେ । ସେ ନିଜେ ଏହି ପୁରାତନ ଆଚରଣ ବିଧିକୁ ଖୁବ୍ ନିଷ୍ଠାପର ଭାବରେ ମାନି ଚଳୁଥିଲେ । ତାଙ୍କର ଛାତ୍ରମାନେ ଶେଷ ପରୀକ୍ଷା ନିମନ୍ତେ ଯେତେବେଳେ ବିଶ୍ୱବିଦ୍ୟାଳୟକୁ ସେମାନଙ୍କ ଦରଖାସ୍ତ ଦେଲେ, ସେମାନଙ୍କର ପ୍ରତ୍ୟେକଙ୍କ ଜାତକ ତନ୍ନ ତନ୍ନ କରି ଅଧ୍ୟୟନ କରି କେତେବେଳେ ଦରଖାସ୍ତ ଅଫିସ୍‌ରେ ଦାଖଲ କରିବାକୁ ହେବ, ତାର ବେଳା ଓ ମୁହୂର୍ତ୍ତ ସବୁ ଠିକ୍ କରିଥିଲେ ପ୍ରଫେସର୍ ରଙ୍ଗସ୍ୱାମୀ । ତାଙ୍କର ଗୋଟିଏ ଦୁଇଚକିଆ ବଳଦଗାଡି ଥିଲା । ଏ ଗାଡ଼ି ଟାଣୁଥିଲେ ଦୁଇ ଜଣ ବେଶ୍ ହୃଷ୍ଟପୁଷ୍ଟ ଦୁଇଟି ବଳଦ । ପ୍ରଫେସର୍ ଏ ବଳଦଗାଡ଼ିରେ ହିଁ କଲେଜ ବା ରାଜପ୍ରାସାଦ ବା ପଦ୍ମନାଭ ମନ୍ଦିର ବା ସମୁଦ୍ରକୂଳ ସବୁଆଡ଼େ ଯାଉଥିଲେ । ସେ ସମୁଦ୍ରକୂଳକୁ ଗଲାବେଳେ ମୋତେ ସାଙ୍ଗରେ ନେଉଥିଲେ । କାରଣ ତାଙ୍କର ଇଚ୍ଛା ଥିଲା ତାଙ୍କ ନିକଟ ସମ୍ପର୍କରେ ଆସିଲେ ତାଙ୍କ ସହ କଥାବାର୍ତ୍ତା ଦ୍ୱାରା ମୋର ଆଧ୍ୟାତ୍ମିକ ଭାବର ବୃଦ୍ଧି ଘଟିବ । ତାଛଡ଼ା ସେଥିପାଇଁ ସମୁଦ୍ରକୂଳରେ ଗରୁଡ଼ ପକ୍ଷୀମାନେ ଉଡୁଥିବାର ପବିତ୍ର ଦୃଶ୍ୟ ଅଧିକ ସହାୟକ ହେବ । ହିନ୍ଦୁ ପୁରାଣରେ ଅଛି ବିଷ୍ଣୁଙ୍କର ବାହନ ଗରୁଡ଼ ! ମାତ୍ର ଏଠାରେ ମୋର ସ୍ୱୀକାର କରିବାରେ ଦ୍ୱିଧା

ନାହିଁ ଯେ ପ୍ରଫେସରଙ୍କଠାରୁ ପ୍ରଶ୍ନ-ଉତ୍ତର ଛଳରେ ବେଦ, ଉପନିଷଦ୍, ଗୀତା, ବୌଦ୍ଧଧର୍ମ, ଜୈନ, ଶୈବ ଓ ବୈଷ୍ଣବମାନଙ୍କର ବିଶ୍ୱାସର ତତ୍ତ୍ୱ ସମ୍ବନ୍ଧରେ ମୁଁ ଯେତେକଥା ଜାଣିପାରିଥିଲି, ତାହା ଗରୁଡପକ୍ଷୀ ଦେଖିବାଠାରୁ ମୋର ଅଧିକ ଉପକାର କରିଥିଲା । ପୁରାତନ ଶାସ୍ତ୍ରମାନଙ୍କର ସେ ଏଭଳି ସୁନ୍ଦର ବ୍ୟାଖ୍ୟା କରୁଥିଲେ ଯେ ସପ୍ତାହକୁ ଥରେ ତାଙ୍କ ସହିତ ଶଗଡରେ ବୁଲିଯିବା ଦିନଟିକୁ ମୁଁ ଉତ୍ସବ ଦିନଭଳି ଆଗ୍ରହରେ ଅପେକ୍ଷା କରି ବସୁଥିଲି ।

ଆମର ଆଉ ଜଣେ ତରୁଣ ପ୍ରଫେସର୍ ଥିଲେ । ସେ ସଦ୍ୟ ଅକ୍ସଫୋର୍ଡ୍‌ରୁ ଫେରିଥାନ୍ତି । ମାତ୍ର ଆମର ପ୍ରିୟ ପ୍ରଫେସର ରଙ୍ଗସ୍ୱାମୀ ଆୟାଙ୍ଗର୍‌ଙ୍କୁ ଦେଖିଲେ ତାଙ୍କ ନାହି ଡିଏଁ । ପ୍ରଫେସର ରଙ୍ଗସ୍ୱାମୀ ଆୟାଙ୍ଗାରଙ୍କ କପାଳରେ ଚନ୍ଦନ ସିନ୍ଦୂରର ତିଳକ ଚିହ୍ନ ପ୍ରତି ତାଙ୍କର ନାକଟେକା ଓ ପୁରାତନ ବିଧିବିଧାନକୁ ସମ୍ମାନ ଓ ଶ୍ରଦ୍ଧା ଦେଖାଇବା ପ୍ରତି ତାଙ୍କର ଘୋର ବିତୃଷ୍ଣା ଜଣାଶୁଣା ଥିଲା । ଏହି ଧରଣର ସହ-କର୍ମୀମାନଙ୍କୁ ସେ "ପରିବା" ବୋଲି ନାମ ଦେଇଥିଲେ । ଆମ ଭିତରୁ କେତେକ ସରଳ ପିଲାଙ୍କୁ ସେ ସିଗାରେଟ୍ ପିଇବା ମଧ୍ୟ ଶିଖାଇଥିଲେ । ଅବଶ୍ୟ ମୁହଁରେ ସିଗାରେଟ୍ ଧରି ସେ ଖୁବ୍ କାଶୁଥିଲେ । ଏ ଦୁଇ ପ୍ରଫେସରଙ୍କ ଶ୍ରଦ୍ଧା ଓ ଅନୁରକ୍ତି ବଜାୟ ରଖିବା ପାଇଁ ଆମକୁ ଯଥେଷ୍ଟ କୌଶଳ ଓ ଚତୁର ଛଳନାର ଆଶ୍ରୟ ନେବାକୁ ପଡୁଥିଲା ।

ପ୍ରଫେସର ପ୍ଲୋସ୍ ଆମକୁ Walter Pater ଙ୍କ Renascence ପଢ଼ାଉଥିଲେ । ପ୍ରଫେସର୍ ସହସ୍ରନାମ ଆୟାର ସେକ୍ସପିୟରଙ୍କ ଟ୍ରାଜି-କମେଡି ଉପରେ ଜଣେ ବିଶେଷଜ୍ଞ ଥିଲେ । ଏ ଦୁଇ ପ୍ରଫେସରଙ୍କ ନାମ ଉଲ୍ଲେଖ ନ କରି ମୁଁ ରହିପାରୁ ନାହିଁ ।

ମୁଁ ପ୍ରଫେସର ସହସ୍ରନାମ ଆୟାରଙ୍କ କ୍ଲାସ ଛାଡ଼ିବାର ପଚାଶ ବର୍ଷ ପରେ ଓ ସେ ଏ ସଂସାର ଛାଡ଼ିବା କିଛିଦିନ ଆଗରୁ ଗୋଟିଏ ଚିଠିରେ ଇଂରାଜୀ ଭାଷା ଲେଖିବାରେ ମୁଁ ବାରମ୍ବାର ଗୋଟିଏ ଭୁଲ କରୁଥିବା ଦେଖାଇ ଦେଇଥିଲେ । ଏ ଭୁଲଟି ବରାବର ରହୁଥିବା କଥା ସେ ସୂଚାଇଥିଲେ । ନିଜ ଛାତ୍ରମାନଙ୍କର ସୁନାମ ନିର୍ମଳ ରହିବା ବିଷୟରେ ସେ କେତେ ଆଗ୍ରହୀ ଥିଲେ ଏଥିରୁ ତାହା ଜଣାପଡ଼େ ।

ସେତେବେଳେ ମୋ ମାମୁଁ ଥିଲେ ଜଣେ ସ୍ୱଳ୍ପବେତନଭୋଗୀ ଶିକ୍ଷକ । ମାତ୍ର ମାମୁଁ ଓ ମାଇଁ ମିଶି ମତେ ମରଣାନ୍ତକ ଟାଇଫଏଡ୍ ହାତରୁ ଟାଣି ଆଣିଥିଲେ । ଏହାପରେ ମନ୍ଦିରର ଅନ୍ନଛତ୍ରକୁ ଦିନକୁ ଦୁଇଥର ଚାଲି ଚାଲି ଯିବା ଆଉ ମୋ ପକ୍ଷରେ ସମ୍ଭବ ହେଲା ନାହିଁ । ଫଳରେ ତାଙ୍କ ଘରେ ହିଁ ମୋତେ ଖାଇବାକୁ ପଡିଲା । କଲେଜରେ ମୋର ତୃତୀୟ ବର୍ଷ ଅଜା ଶଯ୍ୟାଶାୟୀ ହୋଇପଡିଲେ । ତାଙ୍କର ଶେଷ ମୁହୂର୍ତ୍ତରେ ଡାକରା ପାଇ ଯେତେବେଳେ ଯାଇ ତାଙ୍କ ଶଯ୍ୟା ପାଖରେ ଠିଆ ହେଲି, ତାଙ୍କ ପାଟିରୁ ତ କଥା ବାହାରି ନ ଥିଲା, ମାତ୍ର ତାଙ୍କ

ଆଖିରୁ ଯେଉଁ ଦୁଇଧାର ଲୁହ ଝରି ଆସିଥିଲା, ସେଥିରୁ ମୁଁ ଜାଣିପାରିଥିଲି ଯେ ମୋତେ ସେ କସ୍ତୁରୀ ବୋଲି ଚିହ୍ନି ପାରିଛନ୍ତି । ଅଜାଙ୍କ ମୃତ୍ୟୁ ଫଳରେ ବୋଉ ସଂପୂର୍ଣ୍ଣ ନିରାଶ୍ରୟ ହୋଇପଡ଼ିଲା । ଯେଉଁ ଘରର ଛାତ ତଳେ ଅଜା ଶେଷ ନିଃଶ୍ୱାସ ତ୍ୟାଗ କଲେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ସେ ଘରଟିକୁ ବିକ୍ରି କରିବାକୁ ପଡ଼ିଲା । ଆଈ ଚାଳିଶି ମାଇଲ୍ ଦୂରରେ ଥିବା ତା ବଡପୁଅ ପାଖରେ ଯାଇ ରହିଲା । ବୋଉ ମୋ ସଙ୍ଗରେ ତ୍ରିଭାନ୍ଦ୍ରମ୍ ଆସି ତା ଭାଇ ଘରେ ରହିଲା । ଅଜା ଛାଡ଼ିଗଲେ କେବଳ ଋଣଭାର । ଜୀବନରେ ଯାହା ବା କିଛି ସେ ସଞ୍ଚିଥିଲେ, ସବୁ ତାଙ୍କ ଆରାଧ୍ୟ ବିଷ୍ଣୁଙ୍କ ନିମନ୍ତେ ଗୋଟିଏ ମନ୍ଦିର ତୋଳିବାର ଅସାଧ୍ୟ ଉଦ୍ୟମରେ ହିଁ ଅପଚୟ କରିପକାଇ ଥିଲେ ।

୨୧ ବର୍ଷ ବୟସରେ ଇତିହାସରେ ଅନର୍ସ ଡିଗ୍ରୀଟିଏ ଧରି ଯେତେବେଳେ ମୁଁ ବିଶ୍ୱବିଦ୍ୟାଳୟର ଖୋଳପା ଭିତରୁ ବାହାରକୁ ଆସିଲି, ମୋ ମୁଣ୍ଡରେ ମୋ ବୋଉ ଓ ପତ୍ନୀ ଦୁଇଟି ବୋଝ ଥିଲେ । ବଡ଼ ବିକଳ ହୋଇ ମୁଁ କିଛି ଆଶ୍ରୟ ଖୋଜିଲି । ଭାଗ୍ୟକୁ ସେଇ ତ୍ରିଭାନ୍ଦ୍ରମ୍‌ଠାରେ ହିଁ ମୋତେ ଗୋଟିଏ ସ୍କୁଲରେ ଶିକ୍ଷକତାର ଚାକିରୀ ମିଳିଗଲା । ଅଣ୍ଟାଭିଡ଼ି ମୁଁ ବସା ବାନ୍ଧିଲି ୧୯୧୯ରେ । ମାତ୍ର ଏ ଚାକିରୀ ମତେ କଣ୍ଟା ଫୋଡ଼ିଲାପରି ଲାଗିଲା । ସମଗ୍ର ମାଡ୍ରାସ୍ ପ୍ରେସିଡେନ୍‌ସିରେ ମୁଁ ଇତିହାସ ଅନର୍ସରେ ୨ୟ ଶ୍ରେଣୀ ପାଇଥିଲି । ମୋର ଅକ୍‌ସଫୋର୍ଡ ପ୍ରଫେସର୍ ମତେ ଆଇ.ଏ.ଏସ୍. ବା ଆଇ.ଏ.ଏ. ଏସ୍. ପରୀକ୍ଷା ଦେବା ପାଇଁ ପ୍ରବର୍ତ୍ତାଉଥିଲେ । ତଥାପି ମାସକୁ ମାତ୍ର ଚାଳିଶି ଟଙ୍କା ବିନିମୟରେ ମତେ ନିଜକୁ ସୁଲଭ ମୂଲ୍ୟରେ ବିକ୍ରି କରିଦେବାକୁ ପଡ଼ିଲା । ବିବେକର ଦଂଶନରୁ ନିଜକୁ ବଞ୍ଚାଇବା ପାଇଁ ମୁଁ ଆଇନ୍ କଲେଜରେ ଛାତ୍ର ଭାବରେ ଯୋଗ ଦେଲି । ଆଇନ୍ କଲେଜର କ୍ଲାସ ସକାଳେ ଓ ସନ୍ଧ୍ୟାରେ ହେଉଥିଲା । ଏହା ଫଳରେ ମୁଁ ସଂସାରକୁ କହିପାରିବି ଯେ କେବଳ ସାମୟିକ ଭାବରେ ମୁଁ ଏ ଶିକ୍ଷକତା ଗ୍ରହଣ କରିଛି ମୋର ଆଇନ୍ ଅଧ୍ୟୟନର ସହାୟକ ଭାବରେ ।

ଅଳ୍ପଦିନ ଭିତରେ ମୋର ଉପରେ ଭାଗ୍ୟଲକ୍ଷ୍ମୀ ପ୍ରସନ୍ନ ହେଲେ । ମୋର ମାସିକ ଦରମା ପ୍ରାୟ ଦେଢ଼ଗୁଣ ହୋଇଗଲା । ଜଣେ ଦାମୋଦରନ୍ ପୋଚି ମୋତେ ଡାକିଲେ ତାଙ୍କ ଭୃତ ହେବା ପାଇଁ । ସେ ଗୋଟିଏ ମାସିକ ଇଂରାଜୀ ପତ୍ରିକା କାଢ଼ିବାକୁ ବାହାରୁଥିଲେ । ଏ ପତ୍ରିକାର ନାମ ଥିଲା "People's Friend" । ସେ ଏହାର ସମ୍ପାଦକ ରହିବେ, ମାତ୍ର ସମ୍ପାଦନାର ସବୁ କାମ ମୋତେ କରିବାକୁ ପଡିବ । ତାଙ୍କ ନାମରେ ପ୍ରତିଟି ସଂଖ୍ୟା ପାଇଁ ମୋ କାମ ବଦଳରେ ମୁଁ ପାଇବି ପନ୍ଦର ଟଙ୍କା । ମୁଖ୍ୟ ରାସ୍ତା ଆଡ଼କୁ ମୁହଁ କରିଥିବା ଗୋଟିଏ ଛୋଟ କୋଠରୀକୁ ସେ ଅଫିସ୍ ଭାବରେ ବ୍ୟବହାର କରିବାକୁ ମୋତେ ଦେଲେ । ଅଫିସ୍ ହତାରେ ଥିବା ଅଧାବୁଢ଼ା ନଡ଼ିଆ ଗଛର ଫଳ ନେଇ ଚଟଣୀ କରିବାକୁ ମୋତେ ଅନୁମତି

ମିଳିଲା । ପୋଚି ସେତେବେଳେ ଜଣେ ଦେଶପ୍ରେମୀ ଥିଲେ । ସେ ସମୟରେ ଦେଶପ୍ରେମ ଥିଲା ଗୋଟାଏ ଧର୍ତ୍ତବ୍ୟ ଅପରାଧ । ଇଂରେଜୀ ଷଣ୍ଢ ପାଇଁ " ବନ୍ଦେ ମାତରମ୍" ସତେ ଯେମିତି ଗୋଟାଏ ନାଲି ପତାକା ଥିଲା । ପୋଚି ପଇସା ଦେବାରେ ଭାରି ଚତୁର ଥିଲେ । ପୁନଶ୍ଚ ପ୍ରତି ସଂଖ୍ୟା ପାଇଁ ମୋତେ ଫୋଡ଼ି ହେଲା ଭଳି ଇଂରାଜୀ ଭାଷାରେ ଏଣୁତେଣୁ କିଛି ଲେଖିବାକୁ ପଡୁଥିଲା । ପୋଚି ଯେଉଁ ଲୋକମାନଙ୍କୁ ସମାଲୋଚନା ପାଇଁ ବାଛୁଥିଲେ ସେମାନଙ୍କର ଢମ ଓ ମିଥ୍ୟା ବଡ଼ପଣକୁ ଫୁଟାଇ ଦେଲା ଭଳି କଡ଼ା ଭାବରେ କିଛି ଲେଖିବାକୁ ମୋତେ ନିର୍ଦ୍ଦେଶ ଦେଉଥିଲେ । ମୁଁ ଅବଶ୍ୟ ତାଙ୍କ ଇଚ୍ଛା ଅନୁସାରେ ଟାଣ କଥାସବୁ ଲେଖୁଥିଲି, ମାତ୍ର ଯେଉଁମାନଙ୍କ ପାଇଁ ଏସବୁ କଣ୍ଟା ଉଦ୍ଦିଷ୍ଟ ଥିଲା ସେମାନଙ୍କଠାରୁ ବେଶୀ କଷ୍ଟ ପାଉଥିଲି ମୁଁ ନିଜେ ।

ଶ୍ରୀଯୁକ୍ତ ପୋଚି ମୋତେ ମଧ୍ୟ ବନ୍ଦେ ମାତରମ୍ ଜୀବାଣୁ ଦ୍ୱାରା ଆକ୍ରାନ୍ତ କରି ପକାଇଲେ । ସେତେବେଳକୁ ମହାତ୍ମାଗାନ୍ଧୀ ସାଲେମ୍‌କୁ ଆସିବାର ଥାଏ । ପୋଚି ମୋ ପାଇଁ ପଇସା ଖର୍ଚ୍ଚ କରି ମୋତେ ସେଠାକୁ ନେଇଥିଲେ । ମହାତ୍ମାଗାନ୍ଧୀ ମହମ୍ମଦ ଅଲ୍ଲୀ ଓ ସୌକତ୍ ଅଲ୍ଲୀ ଦୁଇ ଭାଇଙ୍କ କାନ୍ଧରେ ଦୁଇହାତ ରଖି ସାଲେମ୍‌ରେ ପ୍ରବେଶ କଲେ । ସେ ଆସି ପହଞ୍ଚିବାର କେତେ ଦିନ ଆଗରୁ ଆମେ ସାଲେମ୍ ଆସି ଯାଇଥିଲୁ । ସେଠାରେ ସାଲେମ୍ ମ୍ୟୁନିସିପାଲ୍ କଲେଜର ଅଧ୍ୟକ୍ଷଙ୍କ ପାଖରେ ଆମେ ରହିଲୁ । ଅଧ୍ୟକ୍ଷ ମହାଶୟ ଏଠାରେ କାର୍ଯ୍ୟଭାର ନେବା ଆଗରୁ ତ୍ରିଭାନ୍ଦ୍ରମ୍‌ରେ ମୋର ଶିକ୍ଷକ ଥିଲେ । ଜଣେ ମହାତ୍ମା ଓ ଦୁଇ ଅଲ୍ଲୀ ଭାଇ,ଏ ତିନି ବୀର ଯେତେବେଳେ ରେଳଗାଡ଼ିରୁ ଓହ୍ଲାଇଲେ, ଆମେ କଣ୍ଠ ଫଟାଇ ଜୟଜୟକାର କଲୁ; ମାତ୍ର ଆମେ ଯେଉଁ ଗଛଡାଳରେ ବସି ରଡ଼ି ପକାଉଥିଲୁ, ସେ ଗଛମୂଳବାଟେ ଗଲେ ମଧ୍ୟ ମହାତ୍ମା ଆମ ଆଡ଼କୁ ଟିକିଏ ହେଲେ ଅନାଇଲେ ନାହିଁ । ବୋଧେ ଲୋକେ ଉପରେ ବସି ତଳକୁ ତାଙ୍କ ଆଡ଼କୁ ଚାହିଁବା ସେ ପସନ୍ଦ କରିନଥିଲେ । ଆମେ ଜନସ୍ରୋତରେ ଭାସି ଚାଲିଲୁ । ଯେଉଁ ମଞ୍ଚ ଉପରୁ ସେମାନଙ୍କର ଉଦ୍‌ବୋଧନ ଦେବାର ଥିଲା, ଆମେ କୌଣସି ମତେ ଅକ୍ଷତ ଅବସ୍ଥାରେ ସେଠି ପହଞ୍ଚିଗଲୁ । ସେଠାରେ ଗୋଟାଏ ସ୍ୱଦେଶୀ ଦ୍ରବ୍ୟର ପ୍ରଦର୍ଶନୀ ମଧ୍ୟ ଖୋଲା ଯାଇଥିଲା । ସେଠାରେ ଆଗରୁ ରାଜଗୋପାଳାଚାରୀ ପହଞ୍ଚି ଆୟୋଜନର ଦେଖାଶୁଣା କରୁଥିଲେ । ରାଜାଜୀ ବକ୍ତାମାନଙ୍କର ପରିଚୟ ଦେବା ଓ ଶେଷରେ ସେମାନଙ୍କୁ ଧନ୍ୟବାଦ ଦେବା ଆମେ ଶୁଣିଲୁ । ଆଉ ମଝିରେ କିଛି ଶୁଣିବା ସମ୍ଭବ ହୋଇନଥିଲା । କାରଣ ରଙ୍ଗମଞ୍ଚ ଆଡ଼କୁ ମାଡିଯାଉଥିବା ଉନ୍ମତ୍ତ ଜନସ୍ରୋତରେ ଆମେ ପ୍ରାୟ ପେଷି ହୋଇ ଯାଇଥିଲୁ । ଶେଷରେ " People's Friend" ଅଫିସ୍‌କୁ ଆମେ ଫେରିଲୁ ଅଙ୍ଗରେ କ୍ଲାନ୍ତି, ମାତ୍ର ମନରେ ଉନ୍ମାଦନା ଘେନି ।

ଯେଉଁ ବସନ୍ତ-ଠାକୁରାଣୀ ବେଦୀରେ ମୋ ବାପା ବଳି ପଡିଥିଲେ ସେ ଆମକୁ ଆହୁରି ଛାଡି ନଥିଲା । ତ୍ରିଭାନ୍ଦ୍ରମ୍ ଯାଏ ଆମକୁ ଗୋଡ଼ାଇ ଆସି ମୋ ବୋଉକୁ ମଧ୍ୟ ଘେନି ଯିବାକୁ

ବସିଥିଲା । ମାତ୍ର ବୋଉ ତା ସହିତ ଖୁବ୍ ଲଢ଼ାଇ କଲା । ସଙ୍କଟାପନ୍ନ ଅବସ୍ଥାରେ ତାର ସେବା କରିବା ପାଇଁ ମୁଁ ଜଣେ ନର୍ସକୁ ତା ପାଖରେ ରଖିଥିଲି, ଆଉ ସେ ଲାଗି ଲାଗି ବୋଉକୁ ଯମ ଦୁଆରୁ ଭିଡିଆଣିଲା । ମାତ୍ର ବୋଉକୁ ପୂରା ଛାଡ଼ିଯିବା ଆଗରୁ ଠାକୁରାଣୀ ମୋ ପନ୍ନୀ ଉପରେ ବି ମୁକ୍ତା କେତେମୁଠା ବିଞ୍ଚି ଦେଇଥିଲା । ଭଲ-ମନ୍ଦର, ସୁଖ-ଦୁଃଖର ସାଥୀ ଆମ ଦୁହିଁଙ୍କର ଜୀବନ-ସୂଅ ଏକ ହୋଇଯାଇଥିଲା । ବିନତି ଓ ସଶ୍ରଦ୍ଧ ସେବା ଦ୍ୱାରା ସେ ମଧ୍ୟ ଠାକୁରାଣୀଙ୍କ କୃପାରୁ ଅକ୍ଷତ ଭାବରେ ବର୍ତ୍ତିଗଲା । ସତ କହିଲେ, ଏ ଦୁର୍ଗତିରୁ ଉଦ୍ଧାର ପାଇବାରେ ତାର ଆଉ ଗୋଟାଏ ଦୁର୍ଗତି କଟିଯାଇଥିଲା । ଦୀର୍ଘ ସାତବର୍ଷ ଧରି ମୋ ପନ୍ନୀ ଯେଉଁ ଶ୍ୱାସ ବେମାରି ଭୋଗୁଥିଲା, ମରିଆମ୍ମା ଆପେ ଗଲାବେଳେ ତାକୁ ମଧ୍ୟ ଗୋଇଠା ମାରି ତଡିଦେଲା । ସେଦିନଠାରୁ ନାଁକୁ ମାତ୍ର ସିନା ଶ୍ୱାସ ରହିଲା, ମାତ୍ର ରାତିଦିନ ସେ ଯେଉଁ ଧଇଁରେ ପ୍ରାଣାନ୍ତକ ହୋଇ ପଡୁଥିଲା, ତାହା ଆଉ ନାହିଁ ।

ହାଇସ୍କୁଲ୍ ଓ ଆଇନ କଲେଜ ଉଭୟକୁ ମୁଁ ମୁଠାଇ ଧରିଥିଲି । ପାଠ୍ୟକ୍ରମ ବାହାରେ ଅନ୍ୟାନ୍ୟ କାର୍ଯ୍ୟ କରିବାର ଉତ୍ସାହ ଓ ଆଗ୍ରହ ମୋତେ ମାନସିକ ଆନନ୍ଦ ଦେଉଥିଲା । ସ୍କୁଲର ମାଲିକ କର୍ତ୍ତବ୍ୟ ଦାବୀରେ ମଝିରେ ମଝିରେ ଅନେକ କୁଣ୍ଠାରେ ମୋତେ ଦରମା ଦେଉଥିଲେ ମଧ୍ୟ ସ୍କୁଲର ଗରିବ ପିଲାଙ୍କ ସାହାଯ୍ୟ ନିମନ୍ତେ ସାହାଜାହାନ ନାମରେ ତିନିଅଙ୍କ ବିଶିଷ୍ଟ ଏକ ଇଂରାଜୀ ନାଟକ ଲେଖି ମୁଁ ସ୍କୁଲର ପିଲାଙ୍କ ସହାୟତାରେ ମଞ୍ଚସ୍ଥ କରିଥିଲି । ପ୍ରଫେସର୍ ଯଦୁନାଥ ସରକାରଙ୍କ ସେଇବର୍ଷ ପ୍ରକାଶ ପାଇଥିବା "ଆଉରଙ୍ଗଜେବ" ନାମକ ପୁସ୍ତକରୁ ମୁଁ ମୋ ନାଟକର ବିଷୟବସ୍ତୁ ସଂଗ୍ରହ କରିଥିଲି । ମୁଁ ଆଉରଙ୍ଗଜେବ ଭୂମିକାରେ ଅଭିନୟ କରିଥିଲେ ମଧ୍ୟ ନାଟକର ମୁଖ୍ୟ ବିଷୟବସ୍ତୁର ସାହାଜାହାନ ହିଁ କେନ୍ଦ୍ର ଥିଲେ । ଆଇନ୍ କଲେଜରେ ମଧ୍ୟ ପିଲାଙ୍କୁ ପ୍ରବର୍ତ୍ତାଇ ସେରିଡାନ୍‌ଙ୍କ "Rivals" ନାଟକ ମଞ୍ଚସ୍ଥ କରାଇଥିଲି । ଅଭିନୟ କଳାରେ ମୋର କୀର୍ତ୍ତି ଦିନକୁ ଦିନ ବଢୁଥିଲା । ପ୍ରସ୍ପେରୋ, ବ୍ରୁଟସ୍ ଏବଂ ଆଉରଙ୍ଗଜେବଠାରୁ ମୁଁ ହଠାତ୍ ଶ୍ରୀମତୀ ମାଲାପ୍ରପ୍ ପଦବୀକୁ ପ୍ରମୋସନ୍ ପାଇଗଲି !

ପରେ ପୁଟପର୍ତ୍ତିରେ ସଂସ୍କୃତ ବିଦ୍ୟାଳୟର ଛାତ୍ରମାନଙ୍କ ନିମନ୍ତେ ବାବା ଯେତେବେଳେ ରାଧା, ଧ୍ରୁବ, ପ୍ରହ୍ଲାଦ ଓ ସକ୍କୁବାଈ ନାଟକ ଏବଂ କଲେଜ ପିଲାଙ୍କ ନିମନ୍ତେ ଶଙ୍କରାଚାର୍ଯ୍ୟ, ପାଣ୍ଡବ ଓ ଯୀଶୁଙ୍କ ଉପରେ ନାଟକ ଲେଖିଥିଲେ, ଦୀର୍ଘଦିନ ଧରି ରିହର୍ସାଲ୍ ହେବା ସମୟରେ ବାବାଙ୍କ ସହ ଏସବୁ ଅଭ୍ୟାସ ଦେଖିବା ଓ ଅଭିନେତାମାନଙ୍କୁ ବେଳେ ବେଳେ ଉପଦେଶ ଦେବାର ସାନନ୍ଦ ସୁଯୋଗ ମତେ ମିଳିଥିଲା ।

❖

ପରମହଂସ ପୁତ୍ର

ଯାଭିତରେ କଲେଜ ଅଧ୍ୟାପକ ପାଇଁ ଖବରକାଗଜର ବିଜ୍ଞାପନ ସ୍ତମ୍ଭଗୁଡିକ ମୁଁ ଦେଖୁଥାଏ। କୌଣସି ସ୍କୁଲରେ ଶିକ୍ଷକ ଭାବରେ ଯୋଗ ଦେବା ପାଇଁ ମୋର ଆବଶ୍ୟକ ଯୋଗ୍ୟତା ନଥିଲା। ମୁଁ ସ୍କୁଲରେ ପାଠ ପଢ଼ାଇବାର ତାଲିମ୍ ପାଇନଥିଲି। ମାତ୍ର କଲେଜରେ ଅଧ୍ୟାପନା ପାଇଁ କୌଣସି ଟ୍ରେନିଂ ଦରକାର ନାହିଁ; କାରଣ ସେଠି କେବଳ ଲେକ୍‌ଚର୍ ବା ଭାଷଣ ଦେବାକୁ ହୁଏ। ଯେଉଁଦିନଠାରୁ ମୁଁ ଆଇନ କଲେଜରେ ନାମ ଲେଖାଇଲି, ସେଇ ଦିନଠାରୁ ମୋ ଶ୍ୱଶୁରଙ୍କ ଶ୍ୱଶୁର ତାଗିଦା କରି ଆସୁଥାନ୍ତି- "ବାବୁ, କେବେ ଓକିଲ ହେବ ନାହିଁ। କେବେ ସେ ଠକିବା କାମ କରିବ ନାହିଁ। ପାଠ ପଢ଼ାଅ। ଶିକ୍ଷକ ହେଲେ ତମର ଇହକାଳ ଓ ପରକାଳ ସୁଖରେ କଟିବ।" ବୋଉର ମତ ଥିଲା ମୋତେ ଏମିତି ଗୋଟିଏ ଜାଗାରେ ଚାକିରୀ କରିବାକୁ ହେବ ଯାହା ବେଶୀ ଦୂର ନୁହେଁ କିମ୍ବା ବେଶୀ ପାଖ ନୁହେଁ। ପାଖ ନ ହେବାର କାରଣ, ଆମର ଅନେକ ଗରିବ ବନ୍ଧୁବାନ୍ଧବ ଅଛନ୍ତି। ଖୁବ୍ ଦୂର ନ ହେବାର କାରଣ ଆମର ଉପାସ୍ୟ ଠାକୁର ଦକ୍ଷିଣ ଭାରତୀୟ। ବୋଉ କଥା ମାନି ଉତ୍ତର ପ୍ରଦେଶର ଗୋରଖପୁର, ଗୁଜୁରାଟର ଜୁନାଗଡ଼ ଏବଂ ଏପରିକି ମାଡ୍ରାସ ପ୍ରେସିଡେନ୍‌ସିର ବିଶାଖାପତ୍ତନମ୍‌ରୁ ଆସିଥିବା ଚାକିରୀ-ପତ୍ର ସବୁ ମୋତେ ପ୍ରତ୍ୟାଖ୍ୟାନ କରିବାକୁ ପଡିଲା। ଦିନେ ଆଇନ୍ ପରୀକ୍ଷାରେ ଗୋଟିଏ ପ୍ରଶ୍ନପତ୍ରର ଉତ୍ତର ଲେଖିସାରି ମୁଁ କଲେଜର ପାଠାଗାର ଭିତରେ ପ୍ରବେଶ କଲି। ସେଠାରେ ଖବରକାଗଜ ପଢୁ ପଢୁ ଗୋଟିଏ ବିଜ୍ଞାପନ ଉପରେ ମୋ ଆଖି ପଡିଲା। ମହୀଶୂରର ଗୋଟିଏ ଡି.ବି.ସି. ହାଇସ୍କୁଲ ମୋ ସୌଭାଗ୍ୟକୁ ଜଣେ 'ଇତିହାସ ଲେକ୍‌ଚରର୍' ଦରକାର କରୁଛି। ମହୀଶୂର ବୋଉର ସର୍ତ୍ତ ପୂରଣ କରୁଥିଲା- ବେଶୀ ପାଖ ହେବ ନାହିଁ, କିମ୍ବା ବେଶୀ ଦୂର ହେବ ନାହିଁ। ମୁଁ ଦରଖାସ୍ତ କଲି। ଦଶଦିନ ଭିତରେ ଚିଠି ଆସିଲା ମୋତେ ସେମାନେ ଗ୍ରହଣ କରିଛନ୍ତି। ଆମେ ସୁନାଖଣି ଓ ଚନ୍ଦନ ଉପବନର ରାଜ୍ୟକୁ ଯାତ୍ରା କରିବାକୁ ଠିକ୍ କଲୁ।

କୋଚିନ୍ ରାଜ୍ୟରେ ସ୍କୁଲ ଶିକ୍ଷା ଓ ତ୍ରାଭାଙ୍କୋର୍‌ରେ କଲେଜ ଶିକ୍ଷା ସାରି ଇତିହାସରେ ଅନର୍ସ ଉପାଧି ସହ ଆଇନ ବିଦ୍ୟାର ଉପାଧି (ଯାହାକୁ ଉପାଧି ଭାବରେ ବ୍ୟବହାର କରିବାର ସାହସ ଆହୁରି କରି ନଥିଲି) ମଣ୍ଡିତ ହୋଇ ମୁଁ ଯେତେବେଳେ ନିର୍ବୋଧଙ୍କ ପରି ଆଉ ଏକ ଅଭିଯାନ ପାଇଁ ମୋ ଡଙ୍ଗାରେ ପାଲ ଟେକିଲି, ଇତିହାସରେ ପଢ଼ିଥିବା ୪ଟି ମହୀଶୂର ଯୁଦ୍ଧ

ଛଡ଼ା ମହୀଶୂର ସମ୍ବନ୍ଧରେ ମୁଁ ଆଉ କିଛି ଜାଣି ନଥିଲି। ସେଠାରେ ଅପରିଚିତ ଭାଷାଗତ, ସାହିତ୍ୟିକ, ବୌଦ୍ଧିକ ଏବଂ ସାମାଜିକ ପରିବେଶରେ ବଞ୍ଚି ରହିବା ପାଇଁ ମୋତେ ଯେ କଠୋର ଶ୍ରମ କରିବାକୁ ପଡ଼ିବ ତାହା ମୋର ଅଗୋଚର ନଥିଲା। ତ୍ରିଭାନ୍ଦ୍ରମରୁ ମହୀଶୂର ମହାଯାତ୍ରା ଦୀର୍ଘ ୬୮ ଘଣ୍ଟା ଲାଗିବ ଓ ଛଅଥର ଆମକୁ ଯାନ-ବାହନ ଆରୋହଣ-ଅବରୋହଣ କରିବାକୁ ପଡ଼ିବ ଜାଣି ମଧ୍ୟ ବୋଉ ଏ କଷ୍ଟକର ଯାତ୍ରା ପାଇଁ ଅଣ୍ଟା ଭିଡି ବାହାରି ପଡ଼ିଲା।

ମୋର କିମ୍ବା ମୋ ସ୍ତ୍ରୀର ଭାଇ ବା ଭଉଣୀ କେହି ନଥିଲେ। ମାତ୍ର ଉଭୟ ବଂଶରେ କୌଣସି ରୋଜଗାରିଆ ଆତ୍ମୀୟ ବେକରେ ବନ୍ଧା ହେବାପାଇଁ ଅନେକ ଦରିଦ୍ର ବନ୍ଧୁ ବହୁଦିନ ଧରି ଅପେକ୍ଷା କରି ବସିଥିଲେ। ବୋଉ ନିଜକୁ ସାନ୍ତ୍ୱନା ଦେବାପାଇଁ କହିଲା, "ଏତେଦୂର ସେମାନେ କେହି ଆସିବାକୁ ସାହସ କରିବେ ନାହିଁ।" ମାତ୍ର ମୋ ସ୍ତ୍ରୀ ପରିବାରରୁ ଜଣେ ଆତ୍ମୀୟଙ୍କୁ ଉଦ୍ଧାର କରି ଆଣିବା ପାଇଁ ବୋଉ ମତେ ବାଧ୍ୟ କଲା। ସେ ହେଲେ ତାର ସମୁଦୁଣୀ, ମୋର ଶାଶୂ ଓ ମୋ ସ୍ତ୍ରୀର ବୋଉ। ଶାଶୂ ମଧ୍ୟ ବଡ଼ ଆଗ୍ରହରେ ମୋର ଜୀବନଯାତ୍ରା ଉପରେ ଦୃଷ୍ଟି ରଖିଥିଲେ ଓ ତାଙ୍କ ବୃଦ୍ଧ ପିତାଙ୍କୁ ସୂର୍ଯ୍ୟ-ଚନ୍ଦ୍ର ଆତଯାତ ହେଉଥିବା ଛାତ ତଳେ ଦୁଇଟି ବିଧବା କନ୍ୟା ଓ ସେମାନଙ୍କ ପିଲାମାନଙ୍କୁ ଆଶ୍ରୟ ଦେବାର କଷ୍ଟରୁ କିଛି ମୁକ୍ତି ଦେବାର ପ୍ରାର୍ଥନା କରି ଆସୁଥିଲେ। ତେଣୁ କଥା ହେଲା ମହୀଶୂର ଯିବା ବାଟରେ ମୁଁ ଯାଇ ଅଜା-ଶ୍ୱଶୁରଙ୍କୁ ପ୍ରଣାମ କରି ଶାଶୁଙ୍କୁ ଧରି ଆସିବି ।

ତ୍ରିଭାନ୍ଦ୍ରମ ଘାଟରେ ଗୋଟିଏ ମଧ୍ୟମ ଆକାରର ଡଙ୍ଗା ଠିକ୍ କଲି। ଏଥିରେ ଆମେ ତିନିଜଣ ଆମର ଜିନିଷପତ୍ର ସହ ଲଦା ହେଲୁ। ତା ପରେ ଆରମ୍ଭ ହେଲା ତିନୋଟି ରାତ୍ରି ଓ ଦୁଇଟି ଦିନ ବ୍ୟାପୀ କେନାଲ, ସ୍ଥିରଜଳ, ହ୍ରଦ ଓ ସାମୁଦ୍ରିକ ଜଳାଶୟ (ଖବଶକ୍ଟଭ) ମଧ୍ୟରେ ଆମର ଜଳଯାତ୍ରା। ନାଉରୀ ଦୁଇଟି ପାଳି କରି କାତ ମାରି ଡଙ୍ଗା ଚଳାଉଥାନ୍ତି। ଅବଶ୍ୟ ଖୁବ୍ ବିସ୍ତୀର୍ଣ୍ଣ ଜଳଭାଗ ପଡିଲେ ପାଲ ଉଠାଇ ଆହୁଲା ଭିଡ଼ନ୍ତି।

ଡଙ୍ଗାର ଦୁଇ ଫନ୍ଦକୁ ଲାଗିଥିବା କାଠପଟା ଉପରେ ଓ ନିର୍ବିକାର ସୂର୍ଯ୍ୟଦେବଙ୍କ କିରଣଛତ୍ର ତଳେ ବସି ମହୀଶୂରରେ ମୋ ରହଣିର ଛବି ଆଙ୍କୁଥିଲି। ମହୀଶୂରର ଲମ୍ବା ଲମ୍ବା ଘାସ ଲନ୍‌ର ସୌନ୍ଦର୍ଯ୍ୟ, ସ୍କୁଲ ହଲ୍‌ରେ ଛାତ୍ରମାନଙ୍କୁ ସମ୍ଭାଷଣ, ଘୋର ବା ଚଳନୀୟ ବ୍ରାହ୍ମଣ-ବିଦ୍ୱେଷ (କାରଣ ସେ ସମୟରେ ବ୍ରାହ୍ମଣ-ବିଦ୍ୱେଷ ଆନ୍ଦୋଳନ ତେଜି ଉଠୁଥାଏ), ସେମାନଙ୍କ ଭାଷାରେ ମୋର ଅଜ୍ଞତା- ଏସବୁ ଛବି ମୋ ଆଖି ଆଗରେ ନାଚି ଉଠୁଥାଏ, ଆଉ ମୁଁ ମୋର ଭାଗ୍ୟର ଅଧୀଶ୍ୱର ଗ୍ରହମାନଙ୍କୁ ମୋ ଉପରେ ବକ୍ର ଦୃଷ୍ଟି ନ ପକାଇବା ପାଇଁ ଓ ମୋ ଜମିରେ ମୋତେ ନିର୍ବିଘ୍ନରେ ସିଆର କାଟିବାକୁ ଛାଡ଼ିଦେବା ପାଇଁ ପ୍ରାର୍ଥନା ଜଣାଉଥାଏ।

ହଠାତ୍ ସେ ଲବଣାକ୍ତ ଗହନ ରାତିର ଛାତି ଚିରି ଭାସି ଆସିଲା ଗୋଟାଏ କଠୋର କଣ୍ଠ। ଯେଉଁ ସାମୁଦ୍ରିକ ଜଳାଶୟରେ ଆମର ଡଙ୍ଗା ଚାଲିଥିଲା, ତାର ସେପଟ କୂଳରୁ ଅବକାରୀ ତନଖି ଘାଟର ପୋଲିସ୍ ସିଏ। ଆମେ ପାଣି ଉପରେ ଟଣା ହୋଇଥିବା ତ୍ରିଭାଙ୍କୁର-କୋଚିନ୍ ଦୁଇ ରାଜ୍ୟର ସୀମାରେଖା ଅତିକ୍ରମ କରି କୋଚିନ୍ ରାଜ୍ୟରେ ପ୍ରବେଶ କରିଥିଲୁ। ଜଗୁଆଳୀ ପୋଲିସ୍ ଆମକୁ ଅଟକିବାକୁ ଆଦେଶ ଦେଇପାରେ, ଆମ ଡଙ୍ଗା ତନଖି ଦେଖିବାକୁ ଛୋଟ ଡଙ୍ଗାଟିଏ ପଠାଇପାରେ ଓ କିଛି ଆପତ୍ତିଜନକ ଜିନିଷ ଦେଖିଲେ ଆମକୁ ଅଟକାଇ ଦେଇପାରେ ମଧ୍ୟ। ମୁଁ ଜାଣି ନଥିଲି ନାଉରୀ ଦୁଇଟି ତାର ବାକ୍ସରେ ପୁଳାଏ ଦୁଇପୁଳା ଧୂଆଁପତ୍ର ରଖିଛନ୍ତି କି ନାହିଁ। ମାତ୍ର ଜଗୁଆଳୀ ଆମକୁ ଅଟକିବାକୁ ବା ଘାଟକୁ ଆସିବାକୁ ଆଦେଶ ଦେଲା ନାହିଁ। ସେ ଖାଲି ପାଟିକରି ପଚାରିଲା, "ହେ, କୁଆଡ଼େ ଯାଉଚ ?'' ମଙ୍ଗଧରାଳୀ ନାଉରୀ ଭାରି ରହସିଆ ଥିଲା। ସେ ବି ପାଟିକରି ଉତ୍ତର ଦେଲା, "ମହୀଶୂର"।

ସେପରି କହିବାଟା ନିଶ୍ଚୟ ନିତାନ୍ତ ଧୃଷ୍ଟତା। ଡଙ୍ଗାଟା କିମିତି ମହୀଶୂର ଯିବ ? ମୁଁ ଜାଣିଗଲି ଏ ମୂର୍ଖ କଥାରୁ ନିଶ୍ଚୟ କିଛି ଗଣ୍ଡଗୋଳ ଉପୁଜିବ। ସେଥିପାଇଁ ଆଇନର ରକ୍ଷକମାନଙ୍କ ସହ ତର୍କ କରିବାକୁ ମୁଁ ମନେ ମନେ ପ୍ରସ୍ତୁତ ହୋଇଗଲି। ହୁଏତ ପୋଲିସ ନାଉରୀର ଧୃଷ୍ଟତା ମାର୍ଜନା କରିବା ଯାଏ ଆମକୁ ଅବକାରୀ ଘାଟରେ ଅଟକି ରହିବାକୁ ପଡିବ। ମାତ୍ର ମୋର ସୌଭାଗ୍ୟକୁ ସେ ଅର୍ଦ୍ଧ ରାତ୍ରିର ସତର୍କ-ସ୍ୱର ବେଶ୍ କୋମଳ ଓ ନରମ ଶୁଭିଲା। "ମହୀଶୂର ବୋଲି କହୁଚୁ କାହିଁକି ? ମହୀଶୂର ସେପଟେ କ'ଣ ଆଉ କିଛି ଜାଗା ତତେ ଜଣାନାଇଁ କିରେ ?" ପ୍ରଶ୍ନଟି ପରେ ଗୋଟାଏ ପେଟଖୋଲା ହସ ଆମକୁ କୋଚିନ୍ ରାଜ୍ୟରେ ପ୍ରବେଶ ପାଇଁ ଅନୁମତି ଭଳି ଥିଲା।

ସତେଇଶି ବର୍ଷ ପରେ ମହୀଶୂର ରାଜ୍ୟର ରାଜଧାନୀ ବାଙ୍ଗାଲୋରରେ ବାବା ମୋତେ ଯେତେବେଳେ କହିଲେ ପୁଟପର୍ତ୍ତି ଆସି ନିଜେ ଦେଖିଯିବା ପାଇଁ, ହଠାତ୍ ମୋ ମନରେ ଭାସି ଉଠିଥିଲା ଏଇ ଘଟଣାଟି। ସେତେବେଳେ ମୁଁ ବୁଝିଥିଲି ଅବକାରୀ ପୋଲିସ ରହସ୍ୟ କରି ମହୀଶୂର ସେପଟେ ଆଉ କିଛି ଜାଗା କଥା ଯାହା କହିଥିଲା, ସେ ଜାଗାଟି ଏଇ ପୁଟପର୍ତ୍ତି। ମୋର ମନେହେଲା ସେଦିନ ଅଧରାତିର ସେ ଅଜଣା କଣ୍ଠରେ ବାବା ହିଁ ମୋତେ ସୂଚାଇ ଦେଇଥିଲେ ପୁଟପର୍ତ୍ତି ଓ ପ୍ରଶାନ୍ତି ନିଳୟମ୍ ମୋ ଜୀବନର ଶେଷ ଆଶ୍ରୟ ହେବାକୁ ଯାଉଛି। ପ୍ରକୃତରେ ବାବାଙ୍କୁ ଯେତେବେଳେ ଏ କଥା ମୁଁ ପଚାରିଥିଲି, ଦରହାସ ବଦନରେ ସେ ସ୍ୱୀକାର କରିଥିଲେ ସେଦିନ ସେ

ନିଜେ ମୋ ଭବିଷ୍ୟତର ପରମ ସୌଭାଗ୍ୟର ଝଲକ ମାତ୍ର ମୋତେ ଦେଖାଇ ଆଶୀର୍ବାଦ କରିଥିଲେ ।

ଏର୍ଣ୍ଣାକୁଲମ୍‌ଠାରୁ ଆମେ ଟ୍ରେନ୍ ଓ ତାପରେ ଶଗଡ଼ ଗାଡିରେ ପୂର୍ଣ୍ଣ ନଦୀର ବାମ ତୀରରେ ଅବସ୍ଥିତ କାଲାଡି ନିକଟସ୍ଥ ତୋଟ୍ଟୁଭୟ ଗାଁକୁ ଚାଲିଲୁ । ତୋଟ୍ଟୁଭୟ ମୋ ଶ୍ୱଶୁରଘର । ଆମେ ଦେଖିଲୁ ପୂର୍ଣ୍ଣ ନଦୀ ଦୁଇକୂଳ ଉଛୁଳି ପ୍ରବଳ ପ୍ରତାପରେ ବହି ଚାଲିଛି । ଆମକୁ ଏହାକୁ ଟପି ସେପଟକୁ ଯିବାକୁ ହେବ । ସେଠାର ନାଉରୀମାନେ ଡଙ୍ଗା ବାହିବାରେ ବଡ଼ ପାରଙ୍ଗମ ଥିଲେ । ଆମକୁ ନିରାପଦରେ ସେ କୂଳରେ ପହଞ୍ଚାଇ ଦେଲେ । ଆମେ ଯେତେବେଳେ ଯାଇ ଅଜାଶ୍ୱଶୁରଙ୍କ ଘର ଆଗରେ ପହଞ୍ଚିଲୁ ବିଦାୟକାଳୀନ ବିଧିବିଧାନ, ଯଥା ପ୍ରଣାମ ନିବେଦନ ଓ ଲୋତକବର୍ଷଣ ନିମନ୍ତେ ଆମ ହାତରେ ମାତ୍ର ଦୁଇଦିନ ସମୟ ଥିଲା । ଶାଶୁ ବୋଉର ପ୍ରସ୍ତାବଟିକୁ ଅତି ଆନନ୍ଦରେ ଗ୍ରହଣ କଲେ । ପ୍ରକୃତରେ ସେ ଏପରି ଗୋଟିଏ ସୁଯୋଗ ପାଇଁ ଅପେକ୍ଷା କରି ବସିଥିଲେ । ତେଣୁ ଆମେ ଯେତେବେଳେ ପୁନଶ୍ଚ ଡଙ୍ଗାରେ ବସିଲୁ, ଆମେ ଥିଲୁ ଚାରିଜଣ ।

ମହୀଶୂର ରେଳ ଷ୍ଟେସନ୍‌ରେ ଓହ୍ଲାଇ ଆମେ ଦେଖିଲୁ ଚାରିଆଡ଼େ ପତାକା ଓ ସବୁଜପତ୍ରର ସମାରୋହ । ସମସ୍ତଙ୍କ ମୁହଁ ଆନନ୍ଦରେ ଝଲକୁଛି । ମହୀଶୂର ମହାରାଜଙ୍କ ଜନ୍ମଦିନ ଉତ୍ସବ ପାଳିତ ହେଉଥାଏ ସେତେବେଳେ । ମାତ୍ର ମୋର ଉତ୍ସବ ପାଳିବାର ଉତ୍ସାହ ନଥାଏ - କାରଣ ଯେଉଁ ଜିନିଷପତ୍ର ମୋ ସହ ଆସିବାକୁ ମୁଁ ଟ୍ରେନ୍‌ରେ ବୁକ୍ କରିଥିଲି, ସେ ସବୁ ମହୀଶୂରରେ ପହଞ୍ଚି ନଥିଲା । ବାଟରେ ତିନିଥର ଆମକୁ ଟ୍ରେନ୍ ବଦଳାଇବାକୁ ପଡିଥିଲା । ଏ ତିନଟି ଟ୍ରେନ୍‌କୁ ମୋ ଜିନିଷପତ୍ର ଯେ ସ୍ଥାନାନ୍ତରିତ କରାଯାଇ ନାହିଁ ତାହା ମୋର ଆଉ ବୁଝିବାକୁ ବାକୀ ରହିଲା ନାହିଁ । ଷ୍ଟେସନ୍ ଅଫିସରେ ଯାଇ କହିଲି, ମାତ୍ର ସେମାନେ ଏତେ କାର୍ଯ୍ୟବ୍ୟସ୍ତ ଥିଲେ ଯେ ମୋ ଦୁଃଖ କଥା ଶୁଣିବାକୁ କାହାରି ଅବସର ନଥିଲା । ଅଫିସର୍ ମୋତେ ସଦୟ ଭାବରେ କହିଲେ, "ଜନ୍ମଦିନ ଉତ୍ସବ ପରେ ମୋତେ ପଚାରିବ । ସେତେବେଳେ ପରିଦର୍ଶକମାନଙ୍କ ସଂଖ୍ୟା କମି ଯାଇଥିବ ଓ ତୁମ କଥା ଶୁଣିବାକୁ ମୋର ଫୁରସତ୍ ଥିବ ।"

ଏ ଦୁର୍ଘଟଣା ମୋ ପକ୍ଷରେ ଥିଲା ଗୋଟାଏ ବିପର୍ଯ୍ୟୟ । କାରଣ ଏହା ଫଳରେ ପୁଣି ଲୁଗାପଟା ଓ ବାସନକୁସନ ତଥା ରୋଷେଇ ସରଞ୍ଜାମ କିଣିବାକୁ ପଡ଼ିବ । ଏହାଦ୍ୱାରା ମୋ ଆର୍ଥିକ ଦୁରବସ୍ଥା ଶୋଚନୀୟ ହୋଇପଡିବ । ଦରମା ମିଳିବାଯାଏ ପ୍ରଥମ ମାସଟି ଚଳିବା

ପାଇଁ ମୁଁ ଯାହା ଧାର କରିଥିଲି, ସେଥିରୁ ପ୍ରାୟ ଅଧେ ସରି ଯାଇଥିଲା । ଏବେ ପ୍ରଧାନଶିକ୍ଷକଙ୍କଠାରେ ହାଜିରା ପକାଇ କ୍ଲାସକୁ ଯିବାକୁ ପଡିବ ଏଇ ଧୂଳିଧୂସର ପୋଷାକରେ। ମୋ ବାକ୍ସରେ ସଯତ୍ନରେ ସାଇତା ହୋଇ ରହିଛି ଗୋଟିଏ ସୁନ୍ଦର କୋଟ୍, ଆଖି ଲାଖିବାଭଳି ଗୋଟିଏ ନେକ୍‌ଟାଇ, ତାକୁ ଖାପ ଖାଇଲା ପରି ସୁଶୋଭନ ପେଣ୍ଟ ଓ ସାଟ୍ ହଳେ ଏବଂ ଚକ୍ ଚକ୍ କରୁଥିବା ହଳେ ସୁଶୀତଳ ଯୋତା ! ଅଥଚ ସେମାନେ ସମସ୍ତେ କାହିଁ କେଉଁଠି ଅଜଣା ଜାଗାରେ ପଡିଛନ୍ତି। ସୁମଣ୍ଡିତ ପ୍ରଥମ ପଦାର୍ପଣରେ ପ୍ରଧାନଶିକ୍ଷକ, ସହକର୍ମୀ ଶିକ୍ଷକ ଓ ଛାତ୍ରମାନଙ୍କ ଉପରେ ମୁଁ ଯେଉଁ ପ୍ରଭାବ ପକାଇବାକୁ ଚାହୁଁଥିଲି, ତାହା ଗୋଟାଏ କୌତୁକ କଳ୍ପନା ପରି ମୁହୂର୍ତ୍ତକ ମଧ୍ୟରେ କୁଆଡ଼େ ମିଳାଇ ଗଲା।

ଏବେ ସମସ୍ୟା ହେଲା ମହାରାଜାଙ୍କର ଏ ଉଦ୍ଧାମ, ଜନ-ସମାକୀର୍ଣ୍ଣ ସହରଟିରେ ମୋତେ ଆଶ୍ରୟ ମିଳିବ କେଉଁଠି ? ଏର୍ଣ୍ଣାକୁଲମ୍‌ରେ ମୋତେ ଲୋକେ କହୁଥିଲେ ମହୀଶୂରରେ ଅନେକ ଆଶ୍ରୟଶାଳା ଅଛି। ଖୁବ୍ ଶସ୍ତାରେ ରହିବାକୁ ଜାଗା ମିଳିଯିବ। ମାତ୍ର ମୁଁ ଯେଉଁ ଟାଙ୍ଗାବାଲାକୁ ଭଡା ନେଲି, ସେ କହିଲା ସବୁ ଆଶ୍ରୟଶାଳାରେ ଲୋକ ଭର୍ତ୍ତି ହୋଇଗଲେଣି। ସେ କହିଲା ମୋତେ ସେ ବିଭିନ୍ନ ସ୍ଥାନ ବୁଲାଇ ଦେଖାଇବ ରହିବା ପାଇଁ ଜାଗା ଖଣ୍ଡିଏ ମିଳିବା ଯାଏ। ତାର ସହାନୁଭୂତି ଆକର୍ଷଣ କରିଥିବା ମୋ ମୁହଁର ବିକଳଭାବକୁ ମୁଁ ମନେ ମନେ ବହୁତ ତାରିଫ୍ କଲି। ଦଶମିନିଟ୍ ପରେ ତାର କେଁ-କଟର ଗାଡିଟି ଗୋଟାଏ ଧର୍ମଶାଳା ଆଗରେ ଯାଇ ଠିଆ ହେଲା, ମାତ୍ର ମାଲିକଠୁ ନାସ୍ତି ବାଣୀ ଶୁଣିବାକୁ ମିଳିଲା। ଆଉ କିଛି ସମୟ ଧଡ଼ ଧଡ଼ ହୋଇ ଚାଲିବା ପରେ ଗାଡ଼ି ଅଟକିଲା। ଟାଙ୍ଗାବାଲାର ଉପଦେଶ ଅନୁସାରେ ମୁଁ ଗୋଟାଏ ଅର୍ଦ୍ଧଚନ୍ଦ୍ରାକାର ଫାଟକ ଦେଇ ଯାଉଚି ଧର୍ମଶାଳାର ଅଫିସ୍‌ରେ ଜାଗା ଅଛି କି ନାଇଁ ବୁଝିବା ପାଇଁ, କେହି ଜଣେ ଉପରମହଲାରୁ ପଚାରିଲା, “କିଏ ସେ ଆପଣ ? କୁଆଡୁ ଆସିଚନ୍ତି ? ତ୍ରିଭାନ୍ଦ୍ରମ୍‌ରୁ ?” ମୋତେ ଲାଗିଲା ତାହା ଜଣେ ଦେବଦୂତଙ୍କ କଣ୍ଠ। କିଛି ସମୟ ପରେ ଓହ୍ଲାଇ ଆସିଲା ଗୋଟିଏ ଦୀର୍ଘବପୁ, ସୁଗଠିତ ମୁଷ୍ଟିଯୋଦ୍ଧାର ରୂପ। ମୁଁ ଯେଉଁ ସ୍କୁଲରେ ପାଠ ପଢ଼ାଇବାକୁ ଆସିବି, ସେ କୁଆଡ଼େ ସେଇ ସ୍କୁଲର ଜଣେ ଛାତ୍ର ! ସେ ଜାଣିଥିଲା ତାକୁ ପରୀକ୍ଷାରେ ପାସ୍ କରାଇବାକୁ ତ୍ରିଭାନ୍ଦ୍ରମରୁ କିଏ ଜଣେ ଆସୁଚି। ସେ ତିନିଥର ପରୀକ୍ଷାରେ ଫେଲ୍ ହୋଇଥିଲା। କିନ୍ତୁ ମୋ ଆଗରେ ଠିଆ ହୋଇଥିବା ବୃଦ୍ଧ ପ୍ରାସାଦଟିର ମାଲିକ ମହାଶୟଙ୍କର ସେ ଥିଲା ମାନ୍ୟବର ଜାମାତା ! ସେ ମୋତେ ସେଇ ପ୍ରାସାଦରେ ରୋଷଶାଳ ସଂଯୁକ୍ତ ଛୋଟ କୋଠରୀଟିଏ ରହିବାକୁ ଦେଲା, ଆଉ ଆମେ ଜନ୍ଦା-ପିମ୍ପୁଡି ଅଧ୍ୟୁଷିତ ସେ ରାଜ୍ୟରେ ବିଶ୍ରାମ ନେବାପାଇଁ ପଟି ମେଲାଇଲୁ।

ପରଦିନ ସକାଳେ ମୋ ମୁହଁଟିକୁ ସୁଠାମ-ସୁନ୍ଦର କରି କାନ୍ଥରେ ଧୋତି ଓ ସାଟ୍‌କୁ ପିଟି ଝାଡିଲି ଓ ତାକୁ ପିନ୍ଧି, ପାଦରେ ବୃଦ୍ଧ ପାଦୁକା ହଳେ ଗଳାଇ ଡି.ବି.ସି.ଏଚ୍ (ଧର୍ମପ୍ରକାଶ ବାନୁମିୟା କଲେଜିଏଟ୍ ହାଇସ୍କୁଲ)କୁ ଚାଲିଲି। ସ୍କୁଲର କାଠ ସିଢ଼ି ଅତିକ୍ରମ କରି ପ୍ରଧାନଶିକ୍ଷକଙ୍କ ଅଫସ୍‌ରେ ପ୍ରବେଶ କଲାବେଳେ ନିଜର କୁଲି ମଜୁରିଆ ବେଶରେ ଆପେ ଲଜ୍ଜିତ ହୋଇ ଅବାଞ୍ଛିତ ମନ୍ତବ୍ୟ ଓ ସେଥିପାଇଁ ମୋର ସବିନୟ କ୍ଷମାପ୍ରାର୍ଥନା ସହ ପ୍ରଥମ ହାଣ୍ଡ୍ ସେକ୍ ପାଇଁ ମନେ ମନେ ଅନେକ ପ୍ରସ୍ତୁତ ହେଉଥିଲି।

ମାତ୍ର ପ୍ରଥମ ଭେଟର ବିସ୍ମୟକୁ ମୁଁ କେମିତି ବର୍ଣ୍ଣନା କରିବି ? ପ୍ରଧାନଶିକ୍ଷକ ଚଉକି ଛାଡି ଠିଆ ହୋଇ ପଡିଲେ ଓ ହାତ ଯୋଡି କହିଲେ "ୱାରୁଙ୍ଗୋ, ୱାରୁଙ୍ଗୋ" (ତାମିଲ୍ ଭାଷାରେ ଆସନ୍ତୁ, ଆସନ୍ତୁ)। ସେ ଧୋତି ପିନ୍ଧିଥିଲେ ଓ ତାଙ୍କର ଧଳା ପଗଡି ତଳେ ଗୋଟିଏ ସ୍ୱଦେଶୀ ସ୍ମିତହାସ ଫୁଟି ଉଠିଥିଲା। ଆମେ ମୁହୂର୍ତ୍ତକ ମଧ୍ୟରେ ଭାଇ-ଭାଇ ପାଲଟିଗଲୁ। ମୁଁ ଯେତେବେଳେ ମୋର ରହଣୀର ଦୁରବସ୍ଥା ବର୍ଣ୍ଣନା କଲି, ବହୁ ଆଗନ୍ତୁକଙ୍କ ଭିଡରେ ଫାଟିପଡୁଥିବା ଏ ସହରରେ ମୁଣ୍ଡ ଗୁଞ୍ଜିବାକୁ ଅନ୍ତତଃ ଗୋଟାଏ ଜାଗା ପାଇଯାଇଥିବାରୁ ମୋତେ ଭାଗ୍ୟବାନ୍ ବୋଲି କହିଲେ। ଟେବୁଲ ପାଖରେ ଜଣେ ଶଙ୍କର ରାଓ ବସିଥିଲେ। ସେ ମୋର ଦୁଃଖ ଦୁର୍ଦ୍ଦଶା କଥା ବଡ଼ ସହାନୁଭୂତିର ସହ ଶୁଣିଲେ। ସେ ବି ଆସିଥିଲେ ସ୍କୁଲରେ ବିଜ୍ଞାନଶିକ୍ଷକ ଭାବରେ ଯୋଗ ଦେବାକୁ। ସେ ମୋତେ ଚୁପ୍‌ଚାପ୍ ଅନ୍ତରାଳକୁ ଡାକି ମହୀଶୂର ରେଳବିଭାଗ ମୋ ଜିନିଷପତ୍ର ଆଣି ପହଞ୍ଚାଇବା ଯାଏ ପରିବାରର ଲୋକମାନଙ୍କ ପାଇଁ ଲୁଗାପଟା କିଣିବାକୁ କିଛି ଟଙ୍କା ଧାର ଯାଚିଲେ।

ଏହିପରି ମୋର ଦୁରବସ୍ଥା ସୁଖାବସ୍ଥାରେ ପରିଣତ ହେଲା। ମୋତେ ବିଶ୍ୱବିଦ୍ୟାଳୟ ପ୍ରବେଶିକା ଶ୍ରେଣୀରେ ଇତିହାସ ଏବଂ ଦୁଇଟି ହାଇସ୍କୁଲ ଶ୍ରେଣୀରେ ଅର୍ଥନୀତି ଓ ଇଂରାଜୀ ପଢ଼ାଇବାକୁ ଦିଆଗଲା। କ୍ଲାସଗୁଡିକ ବେଶୀ ବଡ଼ ନଥିଲା କିମ୍ବା ଛାତ୍ରମାନେ ବି କାଠ କଣ୍ଢେଇ ପରି ନିସ୍ପୃହ ନଥିଲେ। କିନ୍ତୁ ସ୍କୁଲର ପ୍ରତିଷ୍ଠାତା ସୁଚତୁର ଏବଂ ଭାରି ବିଚାରବନ୍ତ ଥିଲେ। ସେଥିପାଇଁ ସେ ମନେ କରୁଥିଲେ ସ୍କୁଲଟି ତାଙ୍କର ସମ୍ପତ୍ତି। ସେ ଥିଲେ ଜଣେ ଧାନ ଚାଉଳ ବେପାରୀ ମହାଜନ ଓ ସହରର ମ୍ୟୁନିସିପାଲ୍ କାଉନ୍‌ସିଲ୍‌ର ଜଣେ ସଦସ୍ୟ। ପ୍ରତି ମାସରେ ଆମର ଯୋଗ୍ୟତାକୁ ଉତ୍ତମ ରୂପେ ତନଖି ଦେଖିସାରିଲା ପରେ ଦୋକାନର ଟଙ୍କା ବାକ୍ସରୁ ଆମ ଦରମା ଗଣି ଦେଲାବେଳେ ତାଙ୍କ ମୁହଁଟି ଲମ୍ବି ଯାଉଥିଲା ଓ ଭାରି ଦିଶୁଥିଲା।

ସେ ସମୟରେ Secondary School Leaving Certificate ପରୀକ୍ଷାରେ ଯେଉଁମାନେ ନିର୍ଦ୍ଧାରିତ ନ୍ୟୁନତମ ମାର୍କ ରଖି ଉତ୍ତୀର୍ଣ୍ଣ ହେଉଥିଲେ ସେମାନଙ୍କୁ ଚାକିରୀ ପାଇଁ ଯୋଗ୍ୟ ବିବେଚନା କରାଯାଉଥିଲା, ଆଉ ଯେଉଁମାନେ ଅଧିକ ମାର୍କ ପାଉଥିଲେ ସେମାନେ କଲେଜରେ ପାଠ ପଢ଼ିବା ପାଇଁ ଗୃହୀତ ହେଉଥିଲେ। ଏ ଦ୍ୱିତୀୟ ଶ୍ରେଣୀର ପିଲାମାନେ କଲେଜିଏଟ୍ ଶ୍ରେଣୀରେ ବର୍ଷେ ପଢ଼ିବା ପରେ ପ୍ରବେଶିକା ପରୀକ୍ଷା ଦେଉଥିଲେ। । ସେଥିରେ ପାଶ୍ କଲେ କଲେଜରେ ନାମ ଲେଖାଉଥିଲେ। ଏ ବଛାବଛି ଧାରା ବଡ଼ କଡ଼ା ଥିଲା। ଶତକଡ଼ା ପନ୍ଦର ମାତ୍ର ପିଲା କୁଲାରୁ ଅକ୍ଷତ ଅବସ୍ଥାରେ ତଳକୁ ଖସୁଥିଲେ। ବାକୀସବୁ କୁଣ୍ଡା ପରି ଉଡି ଯାଇଥିଲେ।

ପାଠ ପଢ଼ାଇବାକୁ ମୋତେ ଭାରି ଭଲ ଲାଗୁଥିଲା। ପିଲାମାନଙ୍କୁ ମଧ୍ୟ ମୁଁ ସ୍ନେହ କରୁଥିଲି। ଶ୍ରୀଯୁକ୍ତ ଗୋପାଳକୃଷ୍ଣ ଆୟାର ଓ ସୁବ୍‌ବା ଆୟାରଙ୍କଠାରୁ ଯାହା ଶିଖିଥିଲି ତାହା ମୋତେ ଗଢ଼ିଥିଲା। ମୋ କ୍ଲାସ ଆରମ୍ଭ ଆଗରୁ ପ୍ରତିଦିନ ଗୋଟିଏ ନୂଆ ପ୍ରାର୍ଥନା ଗୋଟିଏ ଛାତ୍ର ଭକ୍ତି ଓ ଆଗ୍ରହରେ ପଢ଼େ। ଏ ପ୍ରାର୍ଥନା ହୁଏତ ମୁଁ ନିଜେ ଲେଖୁଥିଲି କିମ୍ବା ବିଭିନ୍ନ ଦେଶର ଚିନ୍ତାଶୀଳ ଲୋକଙ୍କ ଲେଖାରୁ ସଂଗ୍ରହ କରୁଥିଲି। ସେମାନଙ୍କୁ ଇଂରାଜୀରେ ନାଟକ ଅଭିନୟ କରିବାକୁ ଉତ୍ସାହିତ ମଧ୍ୟ କଲି। ଚନ୍ଦ୍ରହାସ ନାମରେ ଗୋଟିଏ ଇଂରାଜୀ ନାଟକର ଅଭିନୟରେ ମୁଁ ଦୁଷ୍ଟ ମନ୍ତ୍ରୀର ଭୂମିକାରେ ଅଭିନୟ କରିଥିଲି। ବିଶ୍ୱବିଦ୍ୟାଳୟର କୁଳପତି ଏ ନାଟକ ଦେଖିଥିଲେ ଓ ତାଙ୍କ ଭାଷଣରେ କହିଲେ ମୋ ଅଭିନୟର ଛତ୍ରେ ଛତ୍ରେ ମୋ ଦୁଷ୍ଟ ସ୍ୱଭାବ ଫୁଟି ଉଠୁଥିଲା। ମୁଁ ସ୍କୁଲରେ ଗୋଟିଏ ଛାତ୍ର-ପାର୍ଲିଆମେଣ୍ଟ ଗଢ଼ିଥିଲି ଓ ସ୍କୁଲ ପତ୍ରିକା ମଧ୍ୟ ସଂପାଦନା କରୁଥିଲି। ସହକର୍ମୀ ଶଙ୍କର ରାଓଙ୍କ ସହ ମୁଁ ଛାତ୍ରମାନଙ୍କ ଘରକୁ ଯାଉଥିଲି ଓ ସେମାନଙ୍କର କ୍ଷୀଣ ସଦ୍‌ଗୁଣର ପ୍ରକାଶ ଓ ବିକାଶ ନିମନ୍ତେ ପିତାମାତାଙ୍କୁ ଉତ୍ସାହ ଓ ପ୍ରରୋଚନା ଦେଉଥିଲି। ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ଉତ୍ସୁକ ମହୀଶୂର ସହରର ଛାତ୍ରମାନଙ୍କର ଗୋଟିଏ ଅର୍ଥନୈତିକ ସର୍ଭେ କରି ଯେଉଁ ବିବରଣୀ ଲେଖିଥିଲି ତାହା ବିଶ୍ୱବିଦ୍ୟାଳୟର ପତ୍ରିକାରେ ପ୍ରକାଶିତ ହୋଇଥିଲା।

ମୁଁ ପରେ ଗୋଟିଏ ବଡ଼ ଘର ଭଡ଼ା ନେଇଥିଲି। ଏ ଘରେ ବୋଉ ଓ ଶାଶୁ ଦୁହେଁ ଖୁବ୍ ଭଲ ବୁଝାମଣାର ସହ ଚଳୁଥିଲେ। ମୋର ଏ ଘରଠାରୁ ଚାମୁଣ୍ଡୀ ପର୍ବତ ଓ ତା ଉପରେ ଥିବା ମନ୍ଦିର ପରିଷ୍କାର ଦିଶୁଥିଲା। ଏଠି ମୋ ଶାଶୁ ବୋଉକୁ ଘରକରଣା ବୁଝିବାକୁ ଛାଡିଦେଇ ଆପେ ନିସ୍ପୃହ ଭାବରେ ଦିନ କଟାଉଥିଲେ। ତାଙ୍କର ଏକମାତ୍ର ସନ୍ତାନ ଝିଅଟି ପ୍ରତି ସେ ମାଆର ସ୍ନେହ ପ୍ରକାଶ କରିବାରୁ ବିରତ ହେବା ଦେଖି ବୋଉ ଟିକିଏ ଚିନ୍ତିତ ହୋଇପଡ଼ିଲା

ସତ, ମାତ୍ର ତାଦ୍ୱାରା ଘର ଭିତରେ ଅଖଣ୍ଡ ଶାନ୍ତି ବିରାଜିଲା । ମୋ ସ୍ତ୍ରୀ ମଧ୍ୟ ବୁଦ୍ଧିମତୀ ଥିଲା, ଏଣୁ ତା ବୋଉ ଅପେକ୍ଷା ମୋ ବୋଉ କଥା ସେ ବେଶୀ ବୁଝୁଥିଲା । ମାତ୍ର ଦୁଇ ମାତୃଦେବୀଙ୍କ ସ୍ନେହ ପାଇବାକୁ ତାର ଯୋଗ୍ୟତା ବଢ଼ିଗଲା ଯେତେବେଳେ ସେ ଆପେ ମାଆ ହେଲା । ୧୯୨୩ରେ ଗୋଟିଏ ନାତି ଉଭୟ ବୁଢ଼ୀଙ୍କ ଜୀବନରେ ଆନନ୍ଦର ଆଲୋକ, ମାତାପିତାଙ୍କ ଜୀବନରେ ପୂର୍ଣ୍ଣତା ସଂଚ୍ଚର କରି ଅତୀତ ଓ ଭବିଷ୍ୟତକୁ ସଂଯୁକ୍ତ କଲା ।

ସ୍କୁଲ ପ୍ରତିଷ୍ଠାତାଙ୍କ ଆଚରଣ ମୋତେ ବହୁତ ବିବ୍ରତ କଲା । ମ୍ୟୁନିସିପାଲ୍ କାଉନ୍‌ସିଲ ଓ ରାଜ୍ୟର ପ୍ରତିନିଧି ସଭାକୁ ନିର୍ବାଚନ ହେଲାବେଳେ ସେ ତାଙ୍କ ପାଇଁ ଭୋଟ ପ୍ରଚ୍ଚର କରିବାକୁ ଆମକୁ ବାଧ୍ୟ କଲେ । ସ୍କୁଲର ହଲ୍‌କୁ ଚ୍ଚଉଳ ଓ ପଚ୍ଚ ପିଆଜର ଗୋଦାମ ଭାବରେ ବ୍ୟବହାର କଲେ । ତାଙ୍କର ଯେତେବେଳେ ବେଶୀ ଜାଗା ଦରକାର ସେତେବେଳେ ସ୍କୁଲକୁ ବନ୍ଦ କରିଦେବାକୁ ସେ ନିର୍ଦ୍ଦେଶ ଜାରି କଲେ । ସ୍କୁଲ ହଲ୍‌କୁ ବାହାରର ନାନା ଯାତ୍ରାଦଳକୁ ଭଡା ବି ଦେଲେ ।

ତେଣୁ ଖୋଲା ପବନ ପାଇଁ ମୁଁ ପ୍ରାଣପଣେ ଚେଷ୍ଟା କଲି । ମୋର ଜଣେ ଗାନ୍ଧୀବାଦୀ ତର୍କଶାସ୍ତ୍ରର ଅଧ୍ୟାପକ ବନ୍ଧୁ ମୋତେ ଆଇନ୍ ବ୍ୟବସାୟ କରିବାକୁ ଉପଦେଶ ଦେଲେ । ସେତେବେଳେ ଡକ୍ଟର ରାଧାକୃଷ୍ଣନ୍ ମହୀଶୂରର ମହାରାଜା କଲେଜରେ ଅଧ୍ୟାପକ ଥିଲେ ଓ ଉକ୍ତ ବନ୍ଧୁ ତାଙ୍କର ଜଣେ ପ୍ରିୟ ଛାତ୍ର ମଧ୍ୟ ଥିଲେ । ଶିକ୍ଷକମାନଙ୍କ ବୈଠକଖାନାରେ ମୋର ଉଦ୍ଦାମ ତର୍କପ୍ରବଣତାକୁ ସେ ଲକ୍ଷ୍ୟ କରିଥିଲେ ଏବଂ ଆଇନ୍ ବ୍ୟବସାୟ ଓ ସେଥିରୁ ପ୍ରାପ୍ତ ଆର୍ଥିକ ସ୍ୱଚ୍ଛଳତାର ଭୂୟସୀ ଗୁଣଗାନ କରିଥିଲେ । ତାଙ୍କର ଶ୍ୱଶୁର ଥିଲେ ମହୀଶୂର ରାଜ୍ୟର ପ୍ରାୟ ୫୦ଟି ଗାଁର କୁଳଗୁରୁ । ବୃଦ୍ଧ ଗୁରୁଦେବ ଗୋଟିଏ ଘୋଡ଼ା ଉପରେ ବସି ଗାଁକୁ ଗାଁ ବୁଲୁଥିଲେ ଓ ତାଙ୍କ ଶିଷ୍ୟମାନଙ୍କୁ ସ୍ୱର୍ଗରାଜ୍ୟର ପ୍ରବେଶ ପତ୍ର ସ୍ୱରୂପ ତିଳକ-ଚିତା ବାଣ୍ଟି ନିଜର ଗୁରୁଦକ୍ଷିଣା ସଂଗ୍ରହ କରୁଥିଲେ । ମୋର ବନ୍ଧୁ ମୋତେ ପ୍ରତିଶ୍ରୁତି ଦେଲେ ଯେ ତାଙ୍କ ଶ୍ୱଶୁରଙ୍କ କଥା ତାଙ୍କ ଶିଷ୍ୟମାନଙ୍କ ପକ୍ଷରେ ବେଦବାଣୀ ପରି ହୋଇଥିବାରୁ ସେ ତାଙ୍କ କଳହପ୍ରବଣ ଶିଷ୍ୟମାନଙ୍କୁ ମୋତେ ହିଁ ନ୍ୟାୟଯୋଦ୍ଧା ଆଡଭୋକେଟ୍ ଭାବରେ ଗ୍ରହଣ କରିବାକୁ ବାଧ୍ୟ କରିପାରିବେ । ଏହି ପ୍ରତିଶ୍ରୁତି ଦ୍ୱାରା ଉତ୍ସାହିତ ହୋଇ ମୁଁ ୩୫୦ ମାଇଲ ଦୂର ତାଙ୍କ ଗାଁକୁ ଗଲି । ସେ ମୋ ସହିତ ଜିଲ୍ଲାର ପ୍ରଧାନ ସହର ଚିତ୍ରଦୁର୍ଗକୁ ଆସିଲେ ଓ ସେଠାରେ ଥିବା ତାଙ୍କର ଗୋଟିଏ କୋଠାଘରେ ଗୋଟିଏ କୋଠରୀ ମୁଁ ନିଜ ଗୋଡ଼ରେ ଠିଆ ହୋଇପାରିଲା ଯାଏ ମାଗଣା ବ୍ୟବହାର କରିବା ପାଇଁ ଛାଡି ଦେଲେ ।

ଯେଉଁ ବ୍ୟବସାୟକୁ ଜାଣିଶୁଣି ମୁଁ ଏଡାଇ ଆସିଥିଲି, ଏବେ ତା ଭିତରେ ପଶିବା ବିରୁଦ୍ଧରେ ତିନୋଟି ଯୁକ୍ତି ଥିଲା। ଏ ତିନୋଟି ବିଘ୍ନ ମଧ୍ୟରୁ ପ୍ରଥମଟି ହେଲା ମୋ ମହକିଲମାନେ ଯେଉଁ କନ୍ନଡ଼ ଓ ତେଲୁଗୁ ଭାଷା କହିବେ, ସେ ଦୁଇ ଭାଷା ସହିତ ମୋର ଖୁବ୍ ସାମାନ୍ୟ ପରିଚୟ ଥିଲା। ଏ ପର୍ଯ୍ୟନ୍ତ ମୁଁ ଛାତ୍ରମାନଙ୍କୁ 'ଆପଣ' ବୋଲି କହି ଅଡୁଆରେ ପକାଉଥିଲି ଏବଂ ସହକର୍ମୀ, ପ୍ରଧାନଶିକ୍ଷକ ଓ ମହାମାନ୍ୟ ପ୍ରତିଷ୍ଠାତାଙ୍କୁ 'ତୁମେ' ବୋଲି ସମ୍ବୋଧନ କରି ସେମାନଙ୍କୁ ମୋ ଅଜଣାରେ ଅପମାନିତ କରୁଥିଲି। ଦ୍ୱିତୀୟ ବିଘ୍ନଟି ହେଲା ଓକିଲ ଭାବରେ ରୀତିମତ ପେଶା ଆରମ୍ଭ କରିବା ନିମନ୍ତେ ମୋର ଯୋଗ୍ୟତା ଯଥେଷ୍ଟ ନଥିଲା। ସିଭିଲ୍‌କୋଡ୍ ଏବଂ କ୍ରିମିନାଲ୍ କୋଡ୍‌ରେ ମୋତେ ଆଉ ଗୋଟିଏ ପରୀକ୍ଷା ପାରି ହେବାକୁ ପଡିବ। ଏ ଦୁଇଟି ପରୀକ୍ଷାରେ ପାଶ୍ କରି ମୁଁ ୨ୟ ବିଘ୍ନଟିକୁ ବୀର ଭାବରେ ଡେଇଁଗଲି। ତୃତୀୟ ବିଘ୍ନଟି ହେଲା ଆଇନ୍ ସମ୍ବନ୍ଧରେ ମୋ ପ୍ରତ୍ୟକ୍ଷ ଜ୍ଞାନର ଅଭାବ। ଆଇନ୍‌କୁ ଗୋଟିଏ ଆମ୍ବିଳି ବଟିକା ଭାବରେ ଖାଲି ଗିଳି ପକାଇଥିଲି ମାତ୍ର! ଆମ ଆଇନ କଲେଜରେ ଜଣେ ଛାତ୍ରପ୍ରିୟ ପ୍ରଫେସରଙ୍କୁ ଆମେ 'ନେସେସିଟୀ' ବା ଆବଶ୍ୟକତା ନାମ ଦେଇଥିଲୁ! ପ୍ରତ୍ୟେକ ହାଇସ୍କୁଲ ଛାତ୍ର ମଧ୍ୟ ଜାଣେ ଯେ ଆବଶ୍ୟକତା ଆଗରେ କୌଣସି ଆଇନ କାମ କରିବ ନାହିଁ। ମୋତେ ବର୍ତ୍ତମାନ ମୋ ମହକିଲମାନଙ୍କଠାରୁ ଆଇନର ପ୍ରୟୋଗ ଶିଖିବାକୁ ହେବ। ସେମାନଙ୍କ ସପକ୍ଷରେ କେମିତି ଯୁକ୍ତି କରିବାକୁ ହେବ, ସେମାନେ ମୋତେ ଶିଖାଇବେ। ହାଇକୋର୍ଟ୍ ଓ ତଳକୋର୍ଟ୍‌ମାନଙ୍କରେ ଓକିଲାତି କରିବାର ଅନୁମତି ନିମନ୍ତେ ମୁଁ ମହୀଶୂରର ପ୍ରଧାନ ବିଚାରାଳୟକୁ ଦରଖାସ୍ତ କଲି।

ମାତ୍ର ପତନର ଧାରରୁ ମୋତେ ଟାଣି ଆଣିଲେ ଭଗବାନ ରାମକୃଷ୍ଣ ପରମହଂସ। ଦିନେ ଶୀତୁଳିଆ ଡିସେମ୍ବର ସକାଳେ ମୋର ବନ୍ଧୁ ଶ୍ରୀ ଶଙ୍କର ରାଓ ଜଣେ ସନ୍ନ୍ୟାସୀଙ୍କୁ ଧରି ମୋ ଦ୍ୱାରେ ପହଞ୍ଚିଲେ। ସେ ଥିଲେ ଗୋପାଳ ମାରାର୍, ଯାହାଙ୍କ ଛତାର ଆଶ୍ରୟରେ ଅନେକଥର ତାଙ୍କ ପ୍ରାସାଦରୁ ମୁଁ ସ୍କୁଲକୁ ଆସିଚି। ବାଟରେ ଆମେ ଦୁହେଁ ଆମ ପ୍ରିୟ ପ୍ରଧାନଶିକ୍ଷକଙ୍କ ଘରକୁ ଯାଇ ତାଙ୍କୁ ଜୁହାର ହୋଇ ଆସୁ। ସେ ମାଡ୍ରାସ୍ ଯାଇ କ୍ରିଷ୍ଟିୟାନ୍ କଲେଜରେ ପଢୁଥିଲେ। ମୁଁ ଶୁଣିଥିଲି ସେ ରାମକୃଷ୍ଣ ମିସନ୍‌ରେ ଜଣେ ସନ୍ନ୍ୟାସୀ ଭାବରେ ଯୋଗ ଦେଇଥିଲେ। ମାତ୍ର ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲି ଦିନେ ସକାଳେ ମୋ ଘର ଆଗରେ ସେଇ ଗୋପାଳ ମାରାର୍ ମୁହଁରେ ହସ ଉକୁଟାଇ ମୋ ସ୍ମୃତିକୁ ଉଜ୍ଜୀବିତ କରିବାକୁ ପଚାରିବେ, "କ'ଣ, ମୋତେ ଚିହ୍ନି ପାରୁଚ?" ଅବଶ୍ୟ ତାଙ୍କୁ ମୁଁ ଚିହ୍ନି ପାରିଥିଲି ଯଦିଓ ତାଙ୍କର

ସନ୍ନ୍ୟାସାଶ୍ରମ ନାମ ସିଦ୍ଧେଶ୍ୱରାନନ୍ଦ ମୋର ଅଗୋଚର ଥିଲା। ସେ ମୋତେ କହିଲେ ସେ ମାଡ୍ରାସରେ ଥିଲାବେଳେ ମିସନ୍‌ର କେନ୍ଦ୍ର ବେଲୁର୍ ମଠରୁ ଆଦେଶ ପାଇଲେ ମହୀଶୂର ଆସି ସେଠାରେ ନୂଆକରି ଖୋଲିଥିବା ରାମକୃଷ୍ଣ ମଠର ଦାୟିତ୍ୱ ନେବାକୁ। ମାତ୍ର ମହୀଶୂର ପରି ଗୋଟିଏ ବିଖ୍ୟାତ କିନ୍ତୁ ଅପରିଚିତ ସହରକୁ ଆସିଲାବେଳେ ମୋତେ ଯେମିତି ଅସହାୟ ଲାଗୁଥିଲା, ଗାଡ଼ି ଚଢ଼ିଲାବେଳେ ସନ୍ନ୍ୟାସୀ ସିଦ୍ଧେଶ୍ୱରାନନ୍ଦଙ୍କୁ ବି ସେମିତି ଲାଗୁଥିଲା। ତେବେ ସେ ଶୁଣିଥିଲେ ତାଙ୍କ ପିଲାଦିନର ସାଙ୍ଗ କସ୍ତୁରୀ ଏଇ ମହୀଶୂରରେ କେଉଁଠି ବସା ବାନ୍ଧି ଆରାମରେ ଅଛି।

ସିଦ୍ଧେଶ୍ୱରାନନ୍ଦ ଭାବିଲେ ସେ ଯଦି ମୋତେ ତାଙ୍କ ଲାଙ୍ଗୁଡ଼ରେ ବାନ୍ଧି ପାରିବେ, ତେବେ ତାଙ୍କ ନାବଟି ସୁଖରେ ଚାଲିବ। ବାଙ୍ଗାଲୋର୍ ରାମକୃଷ୍ଣ ମଠରେ ସାତଦିନ ପାଇଁ ଥିଲାବେଳେ ସେ ଫଳବିକାଳୀ, ବଗିଚାର ମାଳୀ, ପଡ଼ୋଶୀଙ୍କ ପୁଅ, ଆଶ୍ରମର କ୍ଳାସକୁ ଆସୁଥିବା ବୟସ୍କ ଓ ତରୁଣ ଭକ୍ତ ସମସ୍ତଙ୍କୁ ପଚାରି ସାରିଥିଲେ କେରଳରୁ ଆସିଥିବା କସ୍ତୁରୀ ବୋଲି ଲୋକଟିଏ କେଉଁଠି ଅଛି। ମାତ୍ର ମହୀଶୂରକୁ ଆସୁ ଆସୁ ମୁଁ ମହୀଶୂରିଆ ପାଲଟି ଯାଇଥିବାରୁ କେରଳୀ କସ୍ତୁରୀ ଖବର କେହି କହିପାରି ନଥିଲେ। ତେଣୁ ସିଦ୍ଧେଶ୍ୱରାନନ୍ଦ ବିବ୍ରତ ହୋଇ ପଡିଥିଲେ। ଅଜଣା ଜାଗାରେ ଭରା ଦେଇ ଠିଆ ହେବାକୁ ଗୋଟିଏ ହେଲେ ଦୃଢ଼ କାନ୍ଧ ନ ଦେଖି ସେ ଯେଉଁ ରେଳଡବାରେ ବାଙ୍ଗାଲୋରରୁ ମହୀଶୂର ଆସୁଥିଲେ ସେଠାରେ ବସିଥିବା ତିରିଶ ସରିକି ଯାତ୍ରୀଙ୍କୁ ସେଇ ଗୋଟିଏ ପ୍ରଶ୍ନ ସେ ପଚାରିଲେ। ଶଙ୍କର ରାଓ ସେଇ ଡବାରେ ଥିଲେ। ସେ ହାତ ଟେକିଲେ ଓ ତାଙ୍କୁ ଧରି ଆସି ମୋ ଦୁଆରେ ହାଜର ହେଲେ। ଏବେ ଆଉ ଶିକ୍ଷକ ଭାବରେ ମୋର ମୃତ୍ୟୁ ଏବଂ ଓକିଲ ହିସାବରେ ନବଜନ୍ମର ଯୋଜନା ମୋର କାମ କଲା ନାହିଁ।

ମହୀଶୂରରେ ରାମକୃଷ୍ଣ ମଠ ସ୍ଥାପନର ଯୋଜନା ଓ ଉଦ୍‌ଘାଟନ କରିଥିବା ସ୍ୱାମୀ ଶ୍ରୀବାସାନନ୍ଦ ମୋ ଘରଠାରୁ ପ୍ରାୟ କୋଡିଏ ହାତ ଦୂରରେ ଗୋଟିଏ ବଡ଼ ଘର ବାଛିଥିଲେ ମଠର କେନ୍ଦ୍ର ନିମନ୍ତେ। ମୋ ପକ୍ଷରେ ଏହା ଥିଲା ଗୋଟାଏ ଆଶାତୀତ ସୌଭାଗ୍ୟ। ଗୋଟିଏ ପକ୍‌କା ରାସ୍ତା ଓ ଜଣେ ତିରୁପତି ଭକ୍ତଙ୍କ ଘର ହିଁ ମୋତେ ମୋର ସନ୍ନ୍ୟାସୀ-ବନ୍ଧୁଙ୍କଠାରୁ ଅଲଗା କରି ରଖୁଥିଲା। ସହରର ଟାଉନ ହଲରେ ଶ୍ରୀବାସାନନ୍ଦଙ୍କ ମଠର ପ୍ରତିଷ୍ଠା ସମ୍ବନ୍ଧୀୟ ଭାଷଣର ଶ୍ରୋତାମାନଙ୍କ ମଧ୍ୟରୁ ପ୍ରାୟ କୋଡିଏ ଜଣଙ୍କଠାରୁ ଶ୍ରୀବାସାନନ୍ଦ ପ୍ରତିଶ୍ରୁତି ଆଦାୟ କରିସାରିଥିଲେ ଯେ ମଠର ପରିଚାଳନା ନିମନ୍ତେ ସେମାନେ ମାସକୁ ଦଶ ଟଙ୍କା କରି ଚାନ୍ଦା

ଦେବେ । ଏହିପରି ସିଦ୍ଧେଶ୍ୱରାନନ୍ଦ ବନ୍ଧୁ, ଗ୍ଧଦା ଓ ସେକ୍ରେଟେରୀ (ମୁଁ !) ମଣ୍ଡିତ ହୋଇ ମଠ ଆରମ୍ଭ କଲେ । ମାତ୍ର କେତୋଟି ମାସ ମଧ୍ୟରେ ଏ କୋଡିଏ ଜଣ ଦାତାଙ୍କ ଦାନ-ନଦୀ ଶୁଖିଗଲା ଓ ଆମେ ଯେଉଁମାନେ ମଠରେ ଥିଲୁ ମୁହଁରେ ହସ ଓ ପେଟରେ ଭାତ ଥିବାର ଅଭିନୟ କରି ନିଜେ ନିଜ ପାଖରେ ଉପହାସର ପାତ୍ର ହେଉଥିଲୁ ।

କଲେଜିଏଟ୍ ହାଇସ୍କୁଲରେ ପଢୁଥିବା ମୋର ଅନେକ ଛାତ୍ର ବ୍ୟବସାୟୀ ପରିବାରରୁ ଆସିଥିଲେ । ଆଉ ଟିକିଏ ଅନୁସନ୍ଧାନ କରିବାରୁ ଜଣାପଡିଲା ସେମାନଙ୍କ ବାପା କିମ୍ବା ଦାଦାମାନେ ଚାଉଳଡାଲି ଦୋକାନର ମାଲିକ । ତେଣୁ ଦଳେ ଛାତ୍ରଙ୍କୁ ଧରି ଆମେ ଦୁଇଜଣ ସେମାନଙ୍କ ଦୋକାନରେ ପହଞ୍ଚିଲୁ ଓ ସାହାଯ୍ୟ ପ୍ରାର୍ଥନା କଲୁ । ସେମାନେ କେତେ ପରିମାଣରେ ଚାଉଳ, ଡାଲି, ଗହମ, ତେଲ ଆଦି ପ୍ରତିମାସ ମଠକୁ ଦେଇପାରିବେ ଆମେ ନେଇଥିବା ଗୋଟାଏ ମୋଟା ଖାତାରେ ଲେଖିଲୁ । ଏ ଅଭିଯାନର ଫଳ ଉତ୍ସାହପ୍ରଦ ହୋଇଥିଲା । ମାତ୍ର ଅଳ୍ପଦିନ ମଧ୍ୟରେ ଏ ନଈଟି ବି ଶୁଖିଗଲା, ଆଶ୍ରମ ପୁଣି ବାଲିବନ୍ତ ପରି ଶୁଖିଲା ପାଲଟିଗଲା ।

ସ୍କୁଲର ଚାରିକାନ୍ଥ ଡେଇଁ ବାହାରକୁ ଯିବା ପାଇଁ ରାମକୃଷ୍ଣ ଆଶ୍ରମ ହିଁ ମୋତେ ସୁଯୋଗ ଦେଇଥିଲା । ପ୍ରଥମେ କନ୍ନଡ ଭାଷାରେ ମୁଁ କହିଥିଲି କୁର୍ଗର ଜମିଦାରମାନଙ୍କ ଏକ ସମାବେଶରେ । ଆମ୍ମାତି ନାମକ ସହରରେ ଅନୁଷ୍ଠିତ ଏ ସଭାରେ ପ୍ରଥମେ କହିଥିଲେ ଗୋପାଳ ମହାରାଜ (ସ୍ୱାମୀ ସିଦ୍ଧେଶ୍ୱରାନନ୍ଦ) ଓ ପରେ ମୁଁ କହିଥିଲି କନ୍ନଡରେ । ଯେଉଁ ଭାଷଣ ସେଠାରେ ମୁଁ ପଢିଥିଲି, ତାହା ରାମକୃଷ୍ଣଙ୍କ ସମ୍ବନ୍ଧୀୟ କନ୍ନଡ଼ ବହିମାନଙ୍କରୁ କଚୁରୀରେ ପୃଷ୍ଠା କାଟି ଅଠାରେ ଯୋଡି ପ୍ରସ୍ତୁତ କରିଥିଲି । କନ୍ନଡ ଭାଷାରେ ମୋର ପ୍ରବେଶ ବଢିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ସଭାମାନଙ୍କରେ ଭାଷଣ ଦେବାର ଆମନ୍ତ୍ରଣ ମୁଁ ଗ୍ରହଣ କରୁଥିଲି ।

ରାମକୃଷ୍ଣଙ୍କ ପତାକା ତଳେ ଲୋକସେବା କରିବା ନିମନ୍ତେ ତରୁଣମାନଙ୍କୁ ସଂଗ୍ରହ କରିବା ହିଁ ଆମ ପକ୍ଷରେ ବଡ ସମସ୍ୟା ଥିଲା । ଅନେକ ଲୋକଙ୍କର ଆନୁଗତ୍ୟ ଥିଲା, ମାତ୍ର ଅଭାବ ଥିଲା ପ୍ରତ୍ୟକ୍ଷ ସହାନୁଭୂତି । ମୁଁ ପ୍ରସ୍ତାବ ଦେଲି ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷା-ଯୁଦ୍ଧରେ ଆହତ ଓ କବନ୍ଧ ଯୋଦ୍ଧାମାନଙ୍କର ପୁନର୍ବସତି ନିମନ୍ତେ ଆମେ ଗୋଟିଏ କୋଚିଂ କ୍ଲାସ ଆରମ୍ଭ କରିବା । ମୁଁ ଜାଣିଥିଲି ଏପରି ଯୋଦ୍ଧାମାନଙ୍କ ସଂଖ୍ୟା ଅନେକ ଥିଲା । ଶହେରୁ ୮୫ ବା ୮୬ ଜଣ ଯୁଦ୍ଧକ୍ଷେତ୍ରରେ ତୋପମାଡ଼ ଖାଇ ଆହତ ଭାବରେ ଫେରୁଥିଲେ । କୋଚିଂ କ୍ଲାସ ଆରମ୍ଭ ହେଲା । ମହାରାଜା କଲେଜର କେତେଜଣ ପ୍ରଫେସର ଓ କଲେଜିଏଟ୍ ହାଇସ୍କୁଲର କେତେଜଣ ଅଧ୍ୟାପକଙ୍କ ସାହାଯ୍ୟ ମଧ୍ୟ ଆମେ ପାଇବାରେ ସକ୍ଷମ ହେଲୁ । ମୁଁ

ଜାଣିଥିଲି ଗୋପାଳ ମହାରାଜା ନିଜର ସ୍ୱଭାବସୁଲଭ କୋମଳତା, ମଧୁର ବ୍ୟବହାର ଓ ଆଧ୍ୟାତ୍ମିକ ସାଧନା ବଳରେ ଏ ଶ୍ରେଣୀରେ ଯୋଗ ଦେବାପାଇଁ ଆଶ୍ରମ ଭିତରକୁ ଅନେକଙ୍କୁ ଆକୃଷ୍ଟ କରି ଆଣିପାରିବେ। ପ୍ରାୟ ୮୦ ଜଣ ଛାତ୍ର ଆଗ୍ରହରେ ଏ କ୍ଲାସରେ ଯୋଗ ଦେଲେ। ଏମାନଙ୍କ ମଧ୍ୟରୁ ଅବଶ୍ୟ କେତେଜଣ ପ୍ରତିବର୍ଷ ଆହତ ଯୋଦ୍ଧା ଭାବରେ ଶିବିରକୁ ଫେରୁଥିଲେ।

ଯା ଭିତରେ ମୁଁ ଗୋଟିଏ ରୋଭର୍ କ୍ୟାମ୍ପରେ ତାଲିମ ନେବାପାଇଁ ଯୋଗ ଦେଲି ଓ ସେଠାରୁ ଫେରି ଏହି ରୋଗୀମାନଙ୍କ ଭିତରୁ ପ୍ରାୟ ୨୦ ଜଣଙ୍କୁ ନେଇ ବିବେକାନନ୍ଦ ରୋଭର୍ସ ନାମରେ ଦଳଟିଏ ଗଢ଼ିଲି। ସେମାନେ ବିଭିନ୍ନ ଘରମାନଙ୍କରେ ଚୂନ ଓ ରଙ୍ଗ ଦେଇ, କାନ୍ଥରେ ପ୍ରାଚୀର ପତ୍ର ମାରି ଦଳପାଇଁ ଟଙ୍କା ସଂଗ୍ରହ କରୁଥିବାର ଦେଖି ମୋ ଛାତି ଗର୍ବରେ ଫୁଲି ଉଠୁଥିଲା। ଦିନେ ଗୋଟିଏ ସୋମବାର ଖରାବେଳେ ଅପ୍ରତ୍ୟାଶିତ ଭାବରେ ଭାଗ୍ୟଲକ୍ଷ୍ମୀ ଆମ ଉପରେ ପ୍ରସନ୍ନ ହୋଇଗଲେ। ବିବେକାନନ୍ଦ ରୋଭର୍ସର ପିଲାମାନଙ୍କ ସହ ମୁଁ ଶ୍ରୀକୃଷ୍ଣ ରାଜେନ୍ଦ୍ର ସ୍ପିନିଙ୍ଗ୍ ମିଲ୍‌ସରେ ତୂଳାରୁ କିପରି ସୂତା କରାଯାଏ ତାହା ଦେଖିସାରି ଆସି ଗୋଟିଏ ଗଛମୂଳେ ବିଶ୍ରାମ ନେଉଛି ହଠାତ୍ ସାଇରନ୍ ବାଜିଲା। ମିଲ୍‌ରେ ନିଆଁ ଲାଗିଯାଇଛି।

ତାପରେ ଆମର ଆରମ୍ଭ ହେଲା ତିନିଘଣ୍ଟା ବ୍ୟାପୀ ରୋଭର୍ କାମ। ମିଲ୍‌ର ମ୍ୟାନେଜିଂ ଡାଇରେକ୍ଟରଙ୍କଠାରୁ ଆମେ ଗୋଟିଏ ପ୍ରଶଂସାପତ୍ର ପାଇଲୁ। ସେ ସମୟରେ ଦୁର୍ଦ୍ଦାନ୍ତ ନାଟ୍ୟକାର ଶ୍ରୀଯୁକ୍ତ ଟି.ପି. କୈଳାସମ୍ ନିଜଦ୍ୱାରା ଲିଖିତ ନାଟକରେ ଅଭିନୟ କରୁଥାନ୍ତି। ତାଙ୍କ ନାଟକସବୁ ବାହାରକୁ ହାସ୍ୟରସରେ ଭରା ହେଲେ ମଧ୍ୟ ସେଗୁଡିକର ଅନ୍ତଃରସ ଥିଲା କରୁଣ। ଉଦାହରଣ ସ୍ୱରୂପ 'ପୋଲି କିଟ୍‌ଟି' (ଚିର-ଦୁଃଖୀ)। ମହୀଶୂରର ଗୋଟିଏ ସ୍କାଉଟ୍ ରାଲି ସମୟରେ ରାଜକୁମାର ଜୟ ଚାମରାଜ ଯେତେବେଳେ ସ୍କାଉଟ୍‌ରେ ଯୋଗଦେଲେ, ଆମ ରୋଭର୍ସ ଦଳ ଟି.ପି. କୈଳାସମ୍‌ଙ୍କ ସେ ନାଟକଟି ମଞ୍ଚସ୍ଥ କରିଥିଲୁ। ଆମେ ଦର୍ଶକମାନଙ୍କ ଉପରେ ଏପରି ଚହଳ ପକାଇ ଦେଇଥିଲୁ ଯେ ଜୟ ଚାମରାଜ ଓ୍ୱାଡ଼େୟାରଙ୍କ ଯୁବରାଜ ପିତା ରାଜପ୍ରସାଦରେ ପୁଣି ଥରେ ସେ ନାଟକଟି ମଞ୍ଚସ୍ଥ କରିବାକୁ ଆମକୁ ଆମନ୍ତ୍ରଣ କରିଥିଲେ।

ଆଉ ଗୋଟିଏ ନାଟକ ଆମର ଖ୍ୟାତି ବଢ଼ାଇ ଦେଇଥିଲା। ସେଇଟି ଥିଲା ମୋ ଲିଖିତ "The Headmaster's Daughter" ବା "ପ୍ରଧାନଶିକ୍ଷକଙ୍କ କନ୍ୟା"। ଏ ନାଟକଟିରେ କେବଳ ପୁରୁଷ ଚରିତ୍ର ଥିଲେ ଓ ବନାରସର ମହାରାଜା ମହୀଶୂର ଆସିଥିଲାବେଳେ ଘୋଡ଼ାଦୌଡ ପଡିଆରେ ମହୀଶୂରର ରାଜା ଯେଉଁ ଗାର୍ଡନ୍ ପାଟି ଆୟୋଜନ

କରିଥିଲେ ସେ ଉପଲକ୍ଷ୍ୟେ ଆମେ ଏ ନାଟକ ମଞ୍ଚସ୍ଥ କରିଥିଲୁ । ମହାରାଜାମାନଙ୍କ ଆଗରେ ଏ ନାଟକର ଅଭିନୟ ନିମନ୍ତେ ବିବେକାନନ୍ଦ ରୋଭର୍ସ ଦଳ ନିମନ୍ତ୍ରିତ ହୋଇଥିଲେ । ସମ୍ଭ୍ରାନ୍ତ ଶ୍ରେଣୀର ଲେକେମାନଙ୍କୁ ମଧ୍ୟ ନାଟକାଭିନୟରେ ଆକୃଷ୍ଟ କରି ପାରିଥିବାରୁ ଆମର ଖ୍ୟାତି ଚ୍ଚରିଆଡେ ବ୍ୟାପିଗଲା । ଏହା ପରେ ଆମେ ସାମାଜିକ ହାସ୍ୟରସ ଓ ପୌରାଣିକ ବିଷୟମାନଙ୍କ ଉପରେ ଆଧାରିତ ନାଟକ ପ୍ରସ୍ତୁତ କରି ମଞ୍ଚସ୍ଥ କଲୁ ଏବଂ ଏଥିରୁ ଯେଉଁ ପ୍ରବେଶିକା ମିଳୁଥିଲା ମହୀଶୂରରେ ଓ କୁର୍ଗର ପୋନାମପେଟ୍‌ଠାରେ ନାରାୟଣ ସେବା (ରାମକୃଷ୍ଣଙ୍କ ଶୁଭଜନ୍ମଦିନ ପରି ଦିନମାନଙ୍କରେ ଆୟୋଜିତ) ନିମନ୍ତେ ଦାନ କରି ଦେଇଥିଲୁ ।

ଏପରି ଗୋଟିଏ ସାହାଯ୍ୟ-ଅଭିନୟ ସମୟରେ ଆମକୁ ଅଭିନେତାମାନଙ୍କୁ ରଙ୍ଗମଞ୍ଚ ଉପରୁ ଗ୍ରୀନ୍‌ରୁମ୍‌କୁ ଟାଣି ନେବାକୁ ପଡିଥିଲା । କୁର୍ଗର ମର୍କାରାଠାରେ ଆମେ ଅଭିନୟ କରୁଥିଲାବେଳେ ହଠାତ୍ ଦର୍ଶକମାନଙ୍କ ମଧ୍ୟରୁ ଜଣେ କେହି “ସେ ବାଘଟାକୁ ଗୁଳି କର” ବୋଲି ଚିତ୍କାର କରିବା ମୋ କାନରେ ପଡିଲା । ମଞ୍ଚରେ ଯେଉଁ ପ୍ରଚ୍ଛଦପଟ ଆଗରେ ଅଭିନୟ ଚ୍ଚଲିଥିଲା ତାହା ଉକ୍ତ ଦୃଶ୍ୟର ବିଷୟବସ୍ତୁ ସହ ଜମା ଖାପଖାଉ ନ ଥିଲା । ମଞ୍ଚ ଉପରେ ଗୋଟାଏ ରାସ୍ତାରେ କଳିଗୋଳ ଅଭିନୀତ ହେଉଥିଲା ବେଳେ ପ୍ରଚ୍ଛଦପଟରେ ଗୋଟାଏ ମହାବଳ ବାଘ ଘାସବୁଦା ଭିତରେ ଠିଆ ହୋଇଥିବାର ଚିତ୍ର ଥିଲା । ଦର୍ଶକମାନଙ୍କ ମଧ୍ୟରେ ବସିଥିଲେ ଜଣେ ଭଦ୍ରଲୋକ ଯାହାଙ୍କ ଆଖି ନିଶାରେ ଢୁଲୁଢୁଲୁ ହେଉଥିଲା ଓ ହାତ ଶିକାର ପାଇଁ କୁଣ୍ଡେଇ ହେଉଥିଲା । ସେତେବେଳେ କୁର୍ଗରେ ଆଗ୍ନେୟାସ୍ତ୍ର ଆଇନ୍ ଲାଗୁ ହୋଇନଥିଲା ଓ ସେଠାରେ ଅଧିକାଂଶ ଲୋକ ଦକ୍ଷ ଲାଖ ବିନ୍ଧାଳୀ ଥିଲେ । ମୋର ଉପସ୍ଥିତ ବୁଦ୍ଧିକୁ ପରେ ବନ୍ଧୁମାନେ ତାରିଫ୍ କରିଥିଲେ । ନିଶାଗ୍ରସ୍ତ ଏହି ମହାଜନଙ୍କୁ ଦର୍ଶକ ହଲ୍‌ରୁ ତତ୍‌କ୍ଷଣାତ୍ ବାହାରକୁ କାଢି ନିଆଯାଇଥିଲା ଓ ପରେ ଅଭିନୟ ଚ୍ଚଲୁ ରହିଥିଲା । ମାତ୍ର ଅଭିନେତାମାନଙ୍କର ଉତ୍ସାହ ଟିକିଏ ମାନ୍ଦା ପଡି ଯାଇଥିଲା ।

ମାତ୍ର ହୁ କରି ଉଠେ ଯିଏ, ହୁ କରି ପଡ଼େ ମଧ୍ୟ ସିଏ । ଆମର ବି ସେଇ ଅବସ୍ଥା ଘଟିଲା ହାସାନ୍‌ଠାରେ । ସେଠାରେ ଆମର ରୋଜଗାର ବୀରତ୍ୱପୂର୍ଣ୍ଣ ଅଭିନେତାମାନଙ୍କର ଗୋଟିଏ ଏକତ୍ର ଫଟୋ ପାଇଁ କେବଳ ଯଥେଷ୍ଟ ଥିଲା ! ସେ ଫଟୋରେ ଦେଖାଯିବ ଆଗରେ ବସିଚି ବ୍ରୀଡ଼ାବନତ ମୁଖରେ ଗୋଟିଏ ତରୁଣୀ (ଜଣେ ରୋଭର ତରୁଣ !) ତା ଆଗରେ ଥୁଆ ହୋଇଛି ଗୋଟିଏ ସୁନ୍ଦର ଟିଣ ବାକ୍‌ସ ଯାହା ଉପରେ ଆମ ଅଭିଯାନର କରୁଣ ସମାପ୍ତି ସୂଚ୍ଚଇ ମୁଁ ଲେଖି ଦେଇଥିଲି MT.(ଯାହାର ଅର୍ଥ ଥିଲା Empty ବା ଶୂନ୍ୟ)

ବିବେକାନନ୍ଦ ରୋଭର୍ସ ଦଳ ଆଶ୍ରମର ଅବ୍ୟବହୃତ ଗରାଜ୍‌ର ସଦୁପଯୋଗ କରିଥିଲେ। ସେମାନେ ଚଟାଣକୁ ଖୋଳି ସେଥିରେ ନାଲିମାଟି ଭର୍ତ୍ତି କରି ତାକୁ ଗୋଟିଏ ପ୍ରଥମ ଶ୍ରେଣୀର କୁସ୍ତି ପୀଠରେ ପରିଣତ କରି ଦେଇଥିଲେ। ସେତେବେଳେ ମହାରାଜା କଲେଜରେ ଅନେକ ତରୁଣ ମଲ୍ଲବୀର ଥିଲେ। ଆମ ରୋଭର୍ସ ପିଲାମାନଙ୍କୁ ଏ ବୀରତ୍ୱପୂର୍ଣ୍ଣ କଳା ଶିଖାଇବା ପାଇଁ ଆଶ୍ରମ କୁସ୍ତିପୀଠକୁ ନିୟମିତ ଭାବରେ ଆସୁଥିଲେ ରାଜ ପରିବାରରୁ ଜଣେ କୁସ୍ତିପ୍ରିୟ ଯୋଦ୍ଧା।

ଗୋପାଳ ମହାରାଜ ଥିଲେ ସଭାପତି ଓ ମୁଁ ଥିଲି ସେକ୍ରେଟେରୀ। ଅବଶ୍ୟ ମୋତେ ଲୋକଙ୍କ ଆଖିରୁ ଲୁଚାଇ ରଖିବାକୁ ପଡିବା ଭଳି କୌଣସି ସିକ୍ରେଟ ବା ଗୁପ୍ତକଥା ତାଙ୍କର କିଛି ନ ଥିଲା। ଯେଉଁ ଛାତ୍ରମାନେ ଆଶ୍ରମକୁ ବୁଲି ଆସୁଥିଲେ, କିମ୍ବା ଭାଷଣ ଶୁଣିବାକୁ ଆସୁଥିଲେ ବା କୋଚିଂ କ୍ଲାସରେ ନାମ ଲେଖାଇଥିଲେ ସେମାନଙ୍କ ହଷ୍ଟେଲକୁ ଓ ଅନ୍ୟାନ୍ୟ ରହଣୀ ସ୍ଥାନକୁ ଆମେ ଦୁହେଁ ବରାବର ଯାଉଥିଲୁ। ଏପରି ଗୋଟିଏ ଭେଟ କଥା ଏଠି ମୁଁ କହିବାକୁ ଚାହୁଁଛି, କାରଣ ଏ ଘଟଣା ଆମ ତିନିଜଣଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ଆମେ ଶୁଣିଲୁ ଯେ ମଝିରେ ମଝିରେ ଆଶ୍ରମକୁ ଆସି ସ୍ୱରଚିତ କବିତା ଆବୃତ୍ତି କରୁଥିବା ଗୋଟିଏ ପ୍ରତିଭାବାନ୍ ଛାତ୍ର ଅସୁସ୍ଥ ହୋଇ ପଡିଛି। ତା ନାମ ଥିଲା କେ.ଭି. ପୁଟ୍ଟାପ୍‌ପା। ସହରର ଖୁବ୍ ଗହଳି ଲାଗିଥିବା ଓ ଧୂଳି ଧୂସରିତ ସାନ୍ତେପେଟ୍ ବା ବଡ଼ ବଜାର ଅଞ୍ଚଳରେ ଗୋଟିଏ ଧାନଚାଉଳ ଗୋଦାମରେ ଅନ୍ଧାରୁଆ ଉପର ମହଲାର ଛୋଟିଆ କୋଠରୀଟିଏ ଥିଲା ତାର ରହଣୀ ସ୍ଥାନ। ସେ କୋଠରୀଟିରେ ପୁଣି ତା ସଙ୍ଗେ ତାର ଜଣେ ଭାଇ ରହୁଥିଲା। ଆମେ ତା ପାଖକୁ ଯାଇ ଦେଖିଲୁ ସେ ଶେଯରେ ପଡ଼ି ଜ୍ୱରରେ ଥରୁଛି। ଆମେ ଆଶଙ୍କା କଲୁ ତାକୁ ଟାଇଫଏଡ଼୍ ହୋଇଛି। କୃଷ୍ଣ ରାଜେନ୍ଦ୍ର ହସପିଟାଲ୍‌ର ଆବାସୀ ଡାକ୍ତରଙ୍କ ସହ ପରାମର୍ଶ କରି ଆମେ ପୁଟ୍ଟାପ୍‌ପାକୁ ସେଥିରେ ଭର୍ତ୍ତି କରିଦେଲୁ। ସପ୍ତାହକ ପରେ ସେ ଯେତେବେଳେ ହସ୍‌ପିଟାଲ୍‌ରୁ ଆସିଲା (ଏ ସପ୍ତାହକ ଆମେ ପ୍ରତିଦିନ ତା ପାଖକୁ ଯାଉଥିଲୁ), ଗୋପାଳ ମହାରାଜ ଜିଦ୍ ଧରିଲେ ପୁଟ୍ଟାପ୍‌ପା ଆଶ୍ରମରେ ହିଁ ରହିବ। ସେ ଯେଉଁ ଦୁର୍ଗମ ଘରେ ରହୁଥିଲା, ଆମେ ଦେଖିଲୁ ତାର କାଠ ଖମ୍ବମାନଙ୍କରେ ଛାରପୋକମାନଙ୍କର ସମୃଦ୍ଧିଶାଳୀ ନଗରୀ। ଆମେ ଶ୍ରୀରାମକୃଷ୍ଣଙ୍କ ନାମରେ ତାକୁ ସେ ଘର ସବୁଦିନ ପାଇଁ ଛାଡ଼ିଦେବାକୁ ଅନୁରୋଧ କଲୁ। ଆଶ୍ରମର ନବଦୀକ୍ଷିତ କେତେଜଣ ତରୁଣ ସାଧକ ଦୀକ୍ଷା ଗ୍ରହଣ କରି ନ ଥିବା ଗୋଟିଏ ଅଜ୍ଞାତକୁଳଶୀଳ ପିଲାକୁ ରଖିବାରେ ଯେତେବେଳେ ଆପତ୍ତି ଉଠାଇଥିଲେ, ନିଜେ ଗୋପାଳ ମହାରାଜ ବେଲୁଡ ମଠକୁ ଲେଖିଲେ ଯେ ପୁଟ୍ଟାପ୍‌ପା ଦିନେ ଭାରତୀୟ ସଂସ୍କୃତିର ଗୋଟିଏ

ସୁଦୃଢ଼ ସ୍ତମ୍ଭ ଭାବରେ ଠିଆ ହେବା ସୁନିଶ୍ଚିତ। ପୁଟ୍ଟାପ୍ପାକୁ ନିଜ ଯତ୍ନରେ ରଖିବାକୁ ଗୋପାଳ ମହାରାଜ ବଦ୍ଧପରିକର ଥିଲେ। ତରୁଣ କବି ପୁଟ୍ଟାପ୍ପା ମଧ୍ୟ ତାହା ହିଁ ଚାହୁଁଥିଲା।

ଆଶ୍ରମରେ ଥିଲା ସମୟରେ ପୁଟ୍ଟାପ୍ପା ଜଣେ ଦୁର୍ଲ୍ଲଭ ଶୈଳୀ ଓ ଭାବଗାମ୍ଭୀର୍ଯ୍ୟ ସମ୍ପନ୍ନ କବି ଭାବରେ ଫୁଟି ଉଠିଥିଲା। ରାମକୃଷ୍ଣ ଓ ବିବେକାନନ୍ଦଙ୍କ ଭାବଧାରାର ସଂପର୍କରେ ଆସି ସେ ମହାଚୈତନ୍ୟ ଭାବଧାରାରେ ସର୍ବଦା ନିମଜ୍ଜିତ ରହୁଥିଲା। ଏହି ସେବାରୂପୀ ସାଧନାର ସୁଯୋଗ ପାଇ ସିଦ୍ଧେଶ୍ୱରାନନ୍ଦ ଓ ମୁଁ ପରମ ଆନନ୍ଦରେ ବୁଡି ଯାଉଥିଲୁ। ଆମେ ପୁଟ୍ଟାପ୍ପାଠାରୁ କନ୍ନଡ଼ ଭାଷାର ଅମରକୃତିମାନଙ୍କ ସଂପର୍କରେ ମଧ୍ୟ ଜାଣିଲୁ। ଏହିସବୁ କୃତିମାନଙ୍କରେ ଜୈନ, ଶୈବ ଓ ବୈଷ୍ଣବ କବିମାନେ ଆପଣାର ତଥା ଏ ଦେଶର ମହାସନ୍ଥମାନଙ୍କର ଆଧ୍ୟାତ୍ମିକ ଅନୁଭୂତି ସବୁ ଉଦାତ୍ତ କଣ୍ଠରେ ଗାଇ ଯାଇଛନ୍ତି। ପୁଟ୍ଟାପ୍ପା ଆମକୁ ଏସବୁ ମହାକାବ୍ୟମାନ ପଢ଼ି ଶୁଣାଉଥିଲାବେଳେ କବିତାରେ ଫୁଟି ଉଠୁଥିବା ଭୀମ-କାନ୍ତ, କରୁଣ, ଶାନ୍ତ, ତୀବ୍ର ଆଦି ନାନା ଭାବର ବିଳାସ ଦେଖି ଆମେ ବିସ୍ମିତ ଓ ବିମୋହିତ ହୋଇ ପଡୁଥିଲୁ।

ସିଦ୍ଧେଶ୍ୱରାନନ୍ଦ ମହୀଶୂରର ସମ୍ଭ୍ରାନ୍ତ-ସମାଜରେ ଜଣେ ସରଳ ଓ ପବିତ୍ର ସନ୍ନ୍ୟାସୀ ଭାବରେ ପରିଚିତ ଥିଲେ। ନିଜର ମଧୁର ସ୍ପଷ୍ଟବାଦିତା, ସଂଗୀତ ପ୍ରୀତି ଓ ଶାନ୍ତ-ଶୀତଳ ହାସ୍ୟରସ ଦ୍ୱାରା ସେ ଶିକ୍ଷକ ଓ ଛାତ୍ରସମାଜରେ ବି ଯଥେଷ୍ଟ ଶ୍ରଦ୍ଧା ଓ ସମ୍ମାନ ଉଦ୍ରେକ କରିପାରିଥିଲେ। ଆମେ ଦୁହେଁ ଥରେ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ବ୍ରଜେନ୍ଦ୍ର ନାଥ ସିଲଙ୍କ ପାଖକୁ ଯାଇ ଗୀତା ଉପରେ କେତୋଟି ଭାଷଣ ଦେବାପାଇଁ ତାଙ୍କୁ ଅନୁରୋଧ କରିଥିଲୁ। ସେ ରାଜି ହୋଇଥିଲେ। ତାଙ୍କର ଭାଷଣଗୁଡିକ ଆମର ପ୍ରଭୂତ ଉପକାର ସାଧନ କରିଥିଲା, କାରଣ ସେ ଥିଲେ ଜ୍ଞାନ-ଚୂଡାମଣି, ପ୍ରାଚ୍ୟ ଓ ପାଶ୍ଚାତ୍ୟର ସମସ୍ତ ଦର୍ଶନତତ୍ତ୍ୱରେ ତାଙ୍କର ପ୍ରବେଶ ଥିଲା ଅସାଧାରଣ। ସ୍ୱାମୀ ଶ୍ରୀବାସାନନ୍ଦ ମହୀଶୂର ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ଓ ଦର୍ଶନ ବିଭାଗର ପ୍ରଫେସରଙ୍କ ଛଡା ମହୀଶୂରର ମହାରାଜାଙ୍କ ଦ୍ୱାରା ପୃଷ୍ଟପୋଷିତ ସଂସ୍କୃତ ମହାବିଦ୍ୟାଳୟର କେତେଜଣ ବିଦ୍ୱାନଙ୍କୁ କେତୋଟି ଭାଷଣ ଦେବା ନିମନ୍ତେ ଅନୁରୋଧ କରିଥିଲେ। ଏହିପରି ଭାବରେ ଭବିଷ୍ୟତରେ ଭାରତୀୟ ସଂସ୍କୃତିକୁ ଦେଶ ବାହାରେ ଠିକ୍ ଭାବରେ ପ୍ରଚାର କରିବାପାଇଁ ମହୀଶୂରର ରାମକୃଷ୍ଣ ମଠ ନବଦୀକ୍ଷିତ ତରୁଣ ତଥା ସନ୍ନ୍ୟାସୀମାନଙ୍କ ପକ୍ଷରେ ଏକ ଆଦର୍ଶ ସ୍ଥାନ ହୋଇ ଉଠିଲା। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଶ୍ରୀ ଭି. ସୁବ୍ରମଣ୍ୟ ଆୟାର ଆଚାର୍ଯ୍ୟ ଶଙ୍କରଙ୍କ ଦ୍ୱାରା ପ୍ରବର୍ତ୍ତିତ ଅଦ୍ୱୈତ ତତ୍ତ୍ୱର ଜଣେ ସୁପରିଚିତ ପ୍ରବକ୍ତା ଥିଲେ। ସିଦ୍ଧେଶ୍ୱରାନନ୍ଦ ଓ ଅନ୍ୟାନ୍ୟ ସନ୍ନ୍ୟାସୀମାନେ ତାଙ୍କୁ ଶିକ୍ଷାଗୁରୁ ଭାବରେ ଗ୍ରହଣ କଲେ। ଆଶ୍ରମର ସେକ୍ରେଟାରୀ ଭାବରେ ସେମାନଙ୍କ ସହ କ୍ଲାସରେ ବସି ଗୀତା,

ଉପନିଷଦ୍, ପ୍ରାଚ୍ୟ-ପାଶ୍ଚାତ୍ୟ ତର୍କବିଦ୍ୟା, ଦ୍ୱୈତ ଓ ଅଦ୍ୱୈତ ତତ୍ତ୍ୱ ସମ୍ବନ୍ଧରେ ଜ୍ଞାନଗର୍ଭକ ସମ୍ଭାଷଣମାନ ଶୁଣିବାର ସୌଭାଗ୍ୟ ମୋର ହୋଇଥିଲା । ଅଳ୍ପଦିନ ମଧ୍ୟରେ ଏ ଭାଷଣଗୁଡିକ ସନ୍ନ୍ୟାସୀମାନଙ୍କ ନିମନ୍ତେ ଗୋଟିଏ ଦୁଇବର୍ଷିଆ ପାଠ୍ୟକ୍ରମରେ ପରିଣତ ହେଲା ଓ ଶ୍ରୀଯୁକ୍ତ ସୁବ୍ରମଣ୍ୟଙ୍କ ଜଣେ ଛାତ୍ରକୁ ସ୍ୱୟଂ ମହାରାଜା ଏହି ପାଠ୍ୟକ୍ରମ ଚଳାଇବା ନିମନ୍ତେ ଆର୍ଥିକ ସାହାଯ୍ୟ ମଧ୍ୟ ଦେଇଥିଲେ ।

୧୯୨୭ରେ ମହାପୁରୁଷଜୀ ଏବଂ ତାରକ ମହାରାଜ ନାମରେ ପରିଚିତ ସ୍ୱାମୀ ଶିବାନନ୍ଦ ମହୀଶୂରରେ ପହଞ୍ଚିଲେ । ବିବେକାନନ୍ଦଙ୍କର ସହ-ସାଧକ ଓ ସହକର୍ମୀ ହେଲେ ମଧ୍ୟ ତାଙ୍କଠାରୁ 'ମହାପୁରୁଷ' ନାମ ପାଇଥିବା ଏହି ମହତ୍ମାଙ୍କର ଦର୍ଶନ ପାଇବା ପ୍ରକୃତରେ ପରମହଂସଙ୍କର କୃପା ଥିଲା । ତାଙ୍କ ସମ୍ମୁଖରେ ବସିଥିଲାବେଳେ ମୋର ମନେପଡିଗଲା ଲୀଳାପ୍ରସଙ୍ଗରେ ପଢ଼ିଥିବା ଏହି ଘଟଣାଟି- ୧୮୮୭ ମସିହାର ଶିବରାତ୍ରି ଦିନ ସକାଳ ନଅଟାରେ ମହେନ୍ଦ୍ରନାଥ ଗୁପ୍ତ ଯେତେବେଳେ ବାରାନଗର ମଠରେ ପ୍ରବେଶ କଲେ ସେ ଦେଖିଲେ ମହାପୁରୁଷଜୀ ଏବଂ ବ୍ରହ୍ମାନନ୍ଦ ବିବେକାନନ୍ଦଙ୍କ ରଚିତ ଏକ ଶିବସ୍ତୁତି ଗାଇ ନୃତ୍ୟ କରୁଛନ୍ତି । ତାରକ ମହାରାଜ ଶିବ-ଆନନ୍ଦରେ ଭୋଳ ଥିଲେ, ଏଣୁ ତାଙ୍କର ସନ୍ନ୍ୟାସାଶ୍ରମର ନାମ ହେଲା ଶିବାନନ୍ଦ । ଗୋପାଳ ମହାରାଜ ତାଙ୍କଠାରୁ ମନ୍ତ୍ର ନେବାକୁ ମୋତେ ଉପଦେଶ ଦେଲେ । ତାହାହେଲେ ମୋର ଖଣ୍ଡିତ ଓ ସନ୍ଦିଗ୍ଧ ଆଧ୍ୟାତ୍ମିକ ସାଧନା ଅଖଣ୍ଡିତ ଫଳପ୍ରସୁ ହୋଇପାରିବ । କିଛିଦିନ ପରେ ଶ୍ରୀ ମହାପୁରୁଷଜୀ ବାଙ୍ଗାଲୋରର ରାମକୃଷ୍ଣ ମଠରେ ଥିଲାବେଳେ ମୋତେ ରାମକୃଷ୍ଣ ମନ୍ତ୍ରରେ ଦୀକ୍ଷିତ କରି ଆଧ୍ୟାତ୍ମିକ ସାଧନାରେ ଉତ୍ତରୋତ୍ତର ଅଗ୍ରଗତି ନିମନ୍ତେ ଆଶୀର୍ବାଦ କରିଥିଲେ ।

ମାତ୍ର ମୁଁ ଅଳ୍ପଦିନ ଭିତରେ ଦେଖିଲି ପଦ୍ମାସନରେ ବସି ଧ୍ୟାନ କରିବା ମୋ ଦ୍ୱାରା ହେବ ନାହିଁ । ନିୟମିତ ଧ୍ୟାନାଭ୍ୟାସ ଓ ଆସନ ସତ୍ତ୍ୱେ ନାସିକାଗ୍ର ମାଧ୍ୟମରେ ଦିବ୍ୟାଲୋକ ଦେଖିବା ପାଇଁ ମୋ ଅନ୍ତର ଭିତରୁ କୌଣସି ଆହ୍ୱାନ ଜାଗ୍ରତ ହେଉ ନ ଥିଲା । ମୋର ଆଧ୍ୟାତ୍ମିକ ଅଭ୍ୟାସ ମୂଳତଃ ଗୋପାଳ ମହାରାଜାଙ୍କଠାରୁ ପ୍ରଶଂସା ପାଇବା ଓ ରାମକୃଷ୍ଣ ମଠର ସେକ୍ରେଟେରୀ ଭାବରେ ମୋ ପଦବୀକୁ ବଜାୟ ରଖିବା ନିମନ୍ତେ ଅଭିପ୍ରେତ ଥିଲା । ପରିବାର ଓ ସାମାଜିକ ଜଞ୍ଜାଳରୁ ମୁଁ ନିଜକୁ ମୁକ୍ତ କରି ପାରୁ ନଥିଲି । ତେଣୁ ଅଳ୍ପଦିନ ମଧ୍ୟରେ ପଦ୍ମାସନ ଓ ଧ୍ୟାନରୁ ମୁଁ ନିଜକୁ ମୁକ୍ତ କରିଦେଲି । ମୋ ପଥ କର୍ମଯୋଗ ଓ ମାନବସେବା ବୋଲି ମୋର ହୃଦ୍‌ବୋଧ ହେଲା । ଗୋପାଳ ମହାରାଜା ମୋର ଏ ପଳାୟନରେ ବିରକ୍ତିଭାବ ପ୍ରକାଶ କଲେ ମଧ୍ୟ ଶେଷରେ ମୁଁ ବାଛିଥିବା ମାର୍ଗ ମୋ ପକ୍ଷରେ ଶୁଭମାର୍ଗ ବୋଲି ଗ୍ରହଣ କଲେ ।

ମୁଁ ଦେଖିଲି ମହୀଶୂର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଅଦ୍ୱୈତ ତତ୍ତ୍ୱର ଜଣେ ନିରଳସ ପ୍ରଖ୍ୟାପକ। ପ୍ରାଚ୍ୟର ଗୂଢ଼ ସତ୍ୟ ଅନ୍ୱେଷଣରେ ପଲ୍ ବ୍ରୁଣ୍ଟନ୍ ଯେତେବେଳେ ଭାରତ ଆସିଥିଲେ, ନିଜେ ମହାସତ୍ୟର ଜିଜ୍ଞାସୁ ମହୀଶୂର ମହାରାଜ ଏହି ଭଦ୍ରବ୍ୟକ୍ତିଙ୍କୁ ପଲ୍ ବ୍ରୁଣ୍ଟନଙ୍କ ପାଖକୁ ପଠାଇଥିଲେ। ସେତେବେଳେ ବ୍ରୁଣ୍ଟନ୍ କେମ୍ମାଗୁଣ୍ଡି ପାର୍ବତ୍ୟ ନିବାସରେ ରହୁଥିଲେ। ସେ ରେଜିଷ୍ଟ୍ରାର ଶ୍ରୀଯୁକ୍ତ ସୁବ୍ରମଣ୍ୟ ଆୟାରଙ୍କ ସମ୍ବନ୍ଧରେ ଲେଖିଛନ୍ତି, " ଜଣେ ଶ୍ୱେତ ପଗଡି ପରିହିତ, ପ୍ରଚକ୍ଷୁ-ବିମଣ୍ଡିତ, ଶାନ୍ତ-ସମାହିତ ଭାବଯୁକ୍ତ ମୁଖମଣ୍ଡଳ ସୁଶୋଭିତ କ୍ଷୁଦ୍ରକାୟ ବ୍ରାହ୍ମଣ" । ସେ ଯେତେବେଳେ ବ୍ରୁଣ୍ଟନ୍‌ଙ୍କ କୋଠରୀରେ ପ୍ରବେଶ କଲେ ତାଙ୍କ କାଖତଳେ ଥିଲା ତିନୋଟି ବହି, ତାଙ୍କର ଚିରସାଥି ଶଙ୍କରାଚାର୍ଯ୍ୟଙ୍କ ଟୀକା ସମ୍ବଳିତ ଭଗବତ୍ ଗୀତା, ଗୌଡପାଦ କାରିକା ସମ୍ବଳିତ ମାଣ୍ଡୁକ୍ୟ ଉପନିଷଦ୍ ଏବଂ ଅଷ୍ଟାବକ୍ର ସଂହିତା। ଅଷ୍ଟାବକ୍ର ସଂହିତା ଅଦ୍ୱୈତ ତତ୍ତ୍ୱର ଏକ ଗୂଢଶାସ୍ତ୍ର। ଶୁଣାଯାଏ କୁଆଡ଼େ ଏହି ସଂହିତା ଖଣ୍ଡିଏ ଦକ୍ଷିଣେଶ୍ୱରଠାରେ ଶ୍ରୀରାମକୃଷ୍ଣ ସବୁବେଳେ ନିଜ ତକିଆ ତଳେ ରଖୁଥିଲେ। ବେଳେ ବେଳେ ବିବେକାନନ୍ଦଙ୍କୁ ପାଖକୁ ଡାକି ତାଙ୍କୁ ଏ ବହିଟି ପଢିବାକୁ ଦେଉଥିଲେ। ସୁବ୍ରମଣ୍ୟ ଆୟାର ବ୍ରୁଣ୍ଟନ୍‌ଙ୍କୁ ଏ ବହିଟି ପଢି ବୁଝାଇଥିଲେ ଓ ଏହା ଫଳରେ ବ୍ରୁଣ୍ଟନ୍ ପରମାତ୍ମାଙ୍କ ସମ୍ବନ୍ଧରେ ନୂତନ ଜ୍ଞାନାଲୋକର ସଂଧାନ ପାଇଥିଲେ। ସଂହିତା ସାଧକକୁ ଗୁରୁ ଗ୍ରହଣ କରିବା, ମନ୍ତ୍ର ଜପ କରିବା କିମ୍ବା ଧ୍ୟାନ କରିବାରେ ଉତ୍ସାହିତ କରି ନଥାଏ।

ଏହି ପ୍ରଚକ୍ଷୁ ପରିହିତ ବ୍ରାହ୍ମଣ ରାମକୃଷ୍ଣ ମଠର ସନ୍ନ୍ୟାସୀ ଓ ନବ ଦୀକ୍ଷିତ ତରୁଣମାନଙ୍କୁ ଉପରୋକ୍ତ ତିନୋଟି ଶାସ୍ତ୍ର ସାହାଯ୍ୟରେ ହିଁ ଅଦ୍ୱୈତ ତତ୍ତ୍ୱ ବୁଝାଇଥଲେ। ଅନେକ ଲୋକଙ୍କୁ ଅଷ୍ଟାବକ୍ର ସଂହିତା ଭଲ ଲାଗୁ ନ ଥିଲା, କାରଣ ରାମକୃଷ୍ଣ ପରମହଂସ ଯାହାକୁ ବିବେକାନନ୍ଦ ହଜମ କରିବେ ବୋଲି ଦେଇଥିଲେ ସେ ପୁସ୍ତକର ତତ୍ତ୍ୱ ବୁଝିବାର ସାମର୍ଥ୍ୟ ସେମାନଙ୍କର ନଥିଲା। ମୁଁ ମଧ୍ୟ ସନ୍ନ୍ୟାସୀମାନଙ୍କ ସହିତ ବସି ସୁବ୍ରମଣ୍ୟ ଆୟାରଙ୍କ ବିଶ୍ଳେଷଣ ଓ ବ୍ୟାଖ୍ୟା ଶୁଣୁଥିଲି। ମାତ୍ର ସେଥିରୁ ଗୋଟିଏ କଥା ମତେ ବେଶୀ ଆକୃଷ୍ଟ କରିଥିଲା। ଉପରୋକ୍ତ ଶାସ୍ତ୍ର ମତରେ ଧ୍ୟାନ ଗୋଟିଏ ନିଷ୍ଫଳ ପ୍ରୟାସ। କାରଣ ଧ୍ୟାନ କରିବା ଅର୍ଥ ନିଜର ଅସଂପୂର୍ଣ୍ଣତାକୁ ସ୍ୱୀକାର କରିବା, ଆଉ ଏହା ଆମର ପ୍ରକୃତ ସ୍ୱରୂପ ସ୍ୱୟଂସଂପୂର୍ଣ୍ଣ ଆତ୍ମା ପ୍ରତି ଏକ ଅମାର୍ଜନୀୟ ଅପମାନ। ଉକ୍ତ ଶାସ୍ତ୍ର ମଧ୍ୟ କହେ, ଧ୍ୟାତା, ଧ୍ୟେୟ ଓ ଧ୍ୟାନ ଏପରି ତ୍ରିବିଧ କଥା କିଛି ନାହିଁ। ଏକମାତ୍ର ସତ୍ତା ବିଦ୍ୟମାନ। ଏଣୁ ସାଧକ ଓ ସାଧନା ବୋଲି ମଧ୍ୟ କିଛି ନାହିଁ। କେବଳ ଏହି ମହାସତ୍ୟର ଅବବୋଧ ଛଡ଼ା ଆଉ କିଛି କରିବାର ନାହିଁ।

ଏ ଯୁକ୍ତି ନିୟମିତ ପୂଜା-ଅର୍ଚ୍ଚନା କରିବା ବିଷୟରେ ମୋତେ ଖୋରାକ ଯୋଗାଇଦେଲା । ଈଶ୍ୱରଙ୍କୁ, ବା ଯାହାଙ୍କ ସଂକଳ୍ପ ଏ ସଂସାର ରୂପରେ ପ୍ରକଟିତ, ତାଙ୍କୁ ସାଧୁ ବା ଗୁରୁଙ୍କ ଉପରେ ଧ୍ୟାନ କରିବା ଦ୍ୱାରା ଯେ ତୃପ୍ତ କରିହେବ ଏ ବିଶ୍ୱାସ ମୋର ନଥିଲା । ମୋର ବିଚାର ଥିଲା ଆମର ଅବୋଧ୍ୟ ଓ ଅଜ୍ଞାତ ଏକ ମହାଶକ୍ତି ଦ୍ୱାରା ହିଁ ଆମେ ଜାତ ଓ ପରିଚାଳିତ । ତେଣୁ ମୋ ମତରେ ସାଧନାର ଅର୍ଥ ଥିଲା ଜୀବନର ଘଟଣା ଓ ଦୁର୍ଘଟଣାକୁ ହସି ହସି ପିଠେଇ ନେବା, ଆଉ ଯେତେ ସମ୍ଭବ ମଣିଷ ମୁହଁରେ ହସ ଫୁଟାଇବା ।

ଯା ଭିତରେ ପାଠ୍ୟକ୍ରମରେ ପରିବର୍ତ୍ତନ ଆଣିବାକୁ ବିଶ୍ୱବିଦ୍ୟାଳୟ ସ୍ଥିର କଲା । ଆଗରୁ ଚାଲିଥିବା ୨+୨+୨ (ପ୍ରାକ୍-ସ୍ନାତକ, ସ୍ନାତକ ଏବଂ ଉତ୍ତର-ସ୍ନାତକ) ପାଠ୍ୟକ୍ରମ ବଦଳାଇ ୧+୩+୨ (ପ୍ରାକ୍-ବିଶ୍ୱବିଦ୍ୟାଳୟ, ସ୍ନାତକ ଓ ସ୍ନାତକତ୍ତୋର) ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଥିଲା । ମାତ୍ର ହଠାତ୍ ବିଶ୍ୱବିଦ୍ୟାଳୟ ପୂର୍ବାବସ୍ଥା ୨+୨+୨କୁ ଫେରାଇ ଆଣିଲେ । ପ୍ରାକ୍ ସ୍ନାତକ ପାଠ୍ୟକ୍ରମକୁ ଇଣ୍ଟରମିଡିଏଟ୍ ନାମ ଦିଆଗଲା ଓ ତାହା କେତୋଟି ବିଶେଷ କଲେଜରେ ହିଁ ପ୍ରବର୍ତ୍ତନ କରାଗଲା । ବିଶ୍ୱବିଦ୍ୟାଳୟରେ ଏକ ତିନିବର୍ଷିଆ ଅନର୍ସ ପାଠ୍ୟକ୍ରମ ଯୋଡାଗଲା । ଏହାପରେ ଆଉ ବର୍ଷେ ପଢିଲେ ସ୍ନାତକୋତ୍ତର ଉପାଧି ମିଳିବାର ବ୍ୟବସ୍ଥା ରହିଲା । ତେଣୁ ନୂତନ ପାଠ୍ୟକ୍ରମ ହେଲା ୨+୨+୨ବା ୨+୩+୧ । ବିଶ୍ୱବିଦ୍ୟାଳୟର ସ୍ୱୀକୃତିପ୍ରାପ୍ତ ଗୋଟିଏ କଲେଜିଏଟ୍ ହାଇସ୍କୁଲରେ ମୁଁ ଅଧ୍ୟାପନା କରୁଥିଲି । ତେଣୁ ସର୍କାରୀ ପଇସାରେ ଚାଳିତ ଏବଂ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଶାସିତ ଇଣ୍ଟରମିଡିଏଟ୍ କଲେଜ ମୋତେ ଅଧ୍ୟାପକ ଭାବରେ ଗ୍ରହଣ କରିବା ଏକାନ୍ତ ଯୁକ୍ତିଯୁକ୍ତ ଓ ଶୋଭନୀୟ ଥିଲା । ମାତ୍ର ମୁଁ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଶାସିତ ଇଣ୍ଟରମିଡିଏଟ୍ କଲେଜରେ ପ୍ରବେଶ କଲେ ଆଉ କୌଣସି କଲେଜିଏଟ୍ ସ୍କୁଲର ଅଧ୍ୟାପକ ସେ ପଦବୀରୁ ବଞ୍ଚିତ ହେବା ଭୟରେ ସେମାନେ ଆମ ସ୍କୁଲର ପ୍ରତିଷ୍ଠାତାଙ୍କ ପାଖକୁ ଗୁପ୍ତପତ୍ର ପଠାଇବା ସତ୍ତ୍ୱେ, ଦୀର୍ଘ ଆଲୋଚନା ଓ କୁଣ୍ଠା ମଧ୍ୟରେ ଶ୍ରୀଯୁକ୍ତ ଧର୍ମ ପ୍ରକାଶ ଡି. ବାନୁପ୍ରିୟା ୧୯୨୮ରେ ମୋତେ ମହୀଶୂର ବିଶ୍ୱବିଦ୍ୟାଳୟ ହାତରେ ଅର୍ପଣ କଲେ ।

ବିଦ୍ୟା ବିଚିତ୍ରା

୧୯୨୫ରୁ ମୁଁ ମାସିକ ୧୫୦ ଟଙ୍କା ପାଇ ଆସୁଥିଲି। ବିଶ୍ୱବିଦ୍ୟାଳୟ ମୋର ଦରମା ଓ ମହଙ୍ଗାଭତ୍ତା ପ୍ରାୟ ଦଶବର୍ଷରୁ ଅଧିକ ତାହା ହିଁ ରଖିଥିଲେ। ମାତ୍ର ମହୀଶୂରର ଇଣ୍ଟରମିଡିଏଟ୍ କଲେଜରେ ଏବଂ ପରେ ମୋତେ ବଦଳି କରାଯାଇଥିବା ମହାରାଜା କଳା ମହାବିଦ୍ୟାଳୟର (ଏଠି ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀ ଥିଲା) ଲାଇବ୍ରେରୀରେ ମନଇଚ୍ଛା ପଢିବାର ସୁଯୋଗ, ତଥା ନାଟକାଭିନୟ, ତର୍କସଭା ଏବଂ ଗଠନମୂଳକ ସମ୍ପର୍କ ପ୍ରତିଷ୍ଠା କରିବାର ସୁଯୋଗକୁ ମୁଁ ଯଥେଷ୍ଟ କ୍ଷତିପୂରଣ ମନେ କରୁଥିଲି।

ଦୀର୍ଘ ସତରବର୍ଷକାଳ ମୁଁ ଏପରି ସହକର୍ମୀମାନଙ୍କ ମଧ୍ୟରେ କାମ କରିଥିଲି ଯାହାଙ୍କର ଜୀବନଯାତ୍ରା ମୋ ଜୀବନ ପରି ଏକାନ୍ତ ଅର୍ଥପୂର୍ଣ୍ଣ ଓ ଜୀବନ୍ତ ଥିଲା। ସେମାନେ ଇଂରାଜୀ, କନ୍ନଡ଼, ତେଲୁଗୁ, ତାମିଲ୍, ହିନ୍ଦୀ, ସଂସ୍କୃତ, ପାର୍ଶିୟାନ୍, ଇତିହାସ, ଦର୍ଶନ. ଅର୍ଥନୀତି, ସମାଜତତ୍ତ୍ୱ ଏବଂ ମନସ୍ତତ୍ତ୍ୱ ଆଦି ନାନା ବିଭାଗର ଅତ୍ୟନ୍ତ କର୍ତ୍ତବ୍ୟନିଷ୍ଠ ଅଧ୍ୟାପକ ଥିଲେ। ମହାରାଜା କଲେଜର ଶିକ୍ଷକଙ୍କ ବୈଠକଖାନାରେ ମହାବୀରମାନେ ଗଡ଼ାଗଡ଼ି ହେଉଥିଲେ, ମୁଷ୍ଟିବୀରମାନେ ମୁଥ ମରାମରି ହେଉଥିଲେ ଆଉ ଓସ୍ତାଦମାନେ ବାହୁବଳ ପ୍ରଦର୍ଶନ କରୁଥିଲେ - ଏସବୁ ହେଉଥିଲା ରସମୟ ଓ ପ୍ରୀତିମୟ ରୀତିରେ। ଘଣ୍ଟା ବାଜିବାମାତ୍ରେ କ୍ଲାସରୁ ଆମେ ଦୌଡ଼ି ଆସୁଥିଲୁ ଆମକୁ ଅପେକ୍ଷା କରୁଥିବା ପ୍ରିୟ ଚଉକିମାନଙ୍କଠାକୁ, ଆଉ ଶ୍ରେଣୀମାନଙ୍କରେ ଲେକ୍‌ଚର୍ ଯେଉଁଠୁ ସରୁଥିଲା, ସେଇଠୁ ପୁଣି ଆରମ୍ଭ ହେଉଥିଲା ଆମ ବୈଠକଖାନାରେ ଆମ ଲେକ୍‌ଚର! ଆମର ସୁରକ୍ଷିତ ମତାନ୍ଧତାଗୁଡିକର ବିଜୟ ତଥା ଟାଣୁଆ ସହକର୍ମୀମାନଙ୍କର ଦୁଃସାଧ୍ୟ ମତବାଦଗୁଡିକର ପରାଜୟ ନିମନ୍ତେ ନାନା କୌଶଳ ଓ ଯୁକ୍ତି ଖୋଜିବାରେ ଦିନସାରା ଆମର ବୁଦ୍ଧି ସରଗରମ ରହୁଥିଲା। ଗୋଟାଏ ଲୋକାଚାର, କୌଣସି ଶବ୍ଦର ଧ୍ୱନିବିକୃତି, ଢଗଢମାଳି, ଉଦ୍ଧୃତି କିମ୍ବା ସୂକ୍ତିଗୁଡିକର ଜନ୍ମସ୍ଥାନ ଖୋଜି ଖୋଜି ସେଇ ବୈଠକଖାନାରେ ହିଁ ଆମେ ବିଶ୍ୱପରିକ୍ରମା କରୁଥିଲୁ ଏସବୁର ମୂଳ ବାହାର କରି ସେମାନଙ୍କର ଅନ୍ୟାନ୍ୟ ସାଙ୍ଗସାଥି, ବନ୍ଧୁବାନ୍ଧବଙ୍କ ସହ ପରିଚିତ ହେବା ପାଇଁ।

ଏସବୁ ବାକ୍‌ଯୁଦ୍ଧକୁ କଛାଭିଡି ଡେଇଁ ପଡିବାର ମୋର ଅଭ୍ୟାସକୁ ମୋର ସହକର୍ମୀମାନେ ଟିହାଉଥିଲେ। ଜଣେ ସହକର୍ମୀ ମନସ୍ତତ୍ତ୍ୱ ବିଭାଗର ଅଧ୍ୟାପକ ଶ୍ରୀ ନାରାୟଣ ଶାସ୍ତ୍ରୀ ତାଙ୍କର କନ୍ନଡ ପୁସ୍ତକ 'ସ୍ୱପ୍ନତତ୍ତ୍ୱ' ରେ ମୋର ଏ ଦୁର୍ଭାଗ୍ୟଜନକ ଦୁର୍ଗୁଣକୁ ଅମର

କରିଦେଇ ଯାଇଛନ୍ତି ! ତାଙ୍କ ପୁସ୍ତକରେ ସେ ଅବଚେତନ ମନର ଜଗୁଆଳୀ ବିଷୟରେ ଲେଖିଛନ୍ତି । ଏହି ଜଗୁଆଳୀ ମନସ୍ତତ୍ତ୍ୱ ଶାସ୍ତ୍ରରେ Censor ନାମରେ ପରିଚିତ । ଏହି ଜଗୁଆଳୀ ମନ ଭିତରର ଭାବକୁ ଘୋଡ଼ାଇ ତା ଉପରେ ଜଗି ବସିଥିଲେ ମଧ୍ୟ ବେଳେ ବେଳେ ଫାଟ ଦେଇ ଏହା ଅନ୍ୟ ରୂପରେ ବାହାରକୁ ବାହାରିପଡ଼େ ।

ସେ ମୋ ମୁହଁ ବନ୍ଦ କରିଦେବାକୁ ମନ କରିଥିଲେ । ଏହି ଦୁଷ୍ଟ ଭାବନା ତାଙ୍କ ଅବଚେତନରେ ଗୁପି ହୋଇ ରହିଥିଲା । କିନ୍ତୁ ଏହା ଭିନ୍ନ ପୋଷାକ ପିନ୍ଧି ସ୍ୱପ୍ନରାଜ୍ୟକୁ ବାହାରି ପଡିଥିଲା ! ସେ ଗୋଟିଏ ସ୍ୱପ୍ନରେ ଦେଖିଲେ ଯେ ଗାନ୍ଧୀଙ୍କର ପତ୍ନୀ କସ୍ତୁରବାଈ ମଞ୍ଚ ଉପରେ ତୁଣ୍ଡ ବନ୍ଧା ହୋଇପଡିଛନ୍ତି ଓ ସ୍ୱୟଂ ଶାସ୍ତ୍ରୀ ମହାତ୍ମାଗାନ୍ଧୀଙ୍କ ଉପଲକ୍ଷ୍ୟେ ସ୍ୱାଗତ ସମ୍ଭାଷଣ ପଢୁଛନ୍ତି ।

ଏସବୁ ବିକୃତି ସତ୍ତ୍ୱେ ଆମେ ହସରସଭରା ଦଳଟିଏ ଥିଲୁ । ବେଶପୋଷାକ ଓ କଥାବାର୍ତ୍ତାର ସବୁ ଢଙ୍ଗ ଆମ ଭିତରେ ଥିଲା । ୧୯୪୬ ମସିହାର ଅଗଷ୍ଟ ପନ୍ଦର ତାରିଖଠାରୁ ଆମେ ଗଳାବନ୍ଧା ଛାଡି ଗଳାଚିପା କୋଟ୍ ପିନ୍ଧିବା ଆରମ୍ଭ କରିଥିଲୁ । ଗରିବ ଲୋକେ ଡାକ୍ତର ବାଧ୍ୟ କଲେ ଯାଇ ଗୋଟିଏ ଦୁଇଟି କମଳା ଖାଏ । ମାତ୍ର ଆମେ କମଳା ଖାଇବାକୁ ଗୋଟାଏ ଖରାବେଳିଆ ବିଳାସରେ ପରିଣତ କରିଥିଲୁ । କନ୍ନଡ଼ ଭାଷାରେ କଥା କହିଲାବେଳେ ଇଂରାଜୀ ଶବ୍ଦ ବ୍ୟବହାର କଲେ ପ୍ରତିଟି ଇଂରାଜୀ ଶବ୍ଦ ପାଇଁ ଆମେ ଆପେ ଆପଣାକୁ ପଇସାଟିଏ ଲେଖାଏଁ ଫାଇନ୍ କରୁଥିଲୁ । ଆମେ ଶେଲୀଙ୍କର 'Defence of Poetry', କାର୍ଲାଇଲ୍‌ଙ୍କର ପ୍ରବନ୍ଧ 'On History', ବର୍ଟ୍ରାଣ୍ଡ ରସେଲଙ୍କ 'A Free Man's Workshop,' ଆଦି ଇଂରାଜୀ ଭାଷାର ବିଖ୍ୟାତ ପ୍ରବନ୍ଧଗୁଡିକୁ ଅନୁବାଦ କରିଥିଲୁ । ବେଳେ ବେଳେ ଆମେ ବଣଭୋଜି ପାଇଁ ବାହାରକୁ ଯାଉ । ଏହି ସମାବେଶମାନଙ୍କରେ ମଧ୍ୟାହ୍ନ ଭୋଜନ ପରେ ଏସବୁ କନ୍ନଡ଼ ଅନୁବାଦ-ପ୍ରବନ୍ଧମାନ ପଢ଼ା ହୁଏ । ଆମେ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ସଂଘଟିଏ ବି ଗଢିଥିଲୁ । ଏଥିରେ ସମ୍ପାଦକ ଥିଲେ ଜଣେ କର୍ମଚଞ୍ଚଳ ଭଦ୍ର ଦର୍ଶନ ଅଧ୍ୟାପକ ଶ୍ରୀ ଜି. ହନୁମନ୍ତ ରାଓ । ମୁଁ ଥିଲି ସହ-ସମ୍ପାଦକ । ଆମେ 'Extension Lecture Weeks' ଯୋଜନା କରି ସହର ବାହାରର ସାହିତ୍ୟ-ସମିତିମାନଙ୍କଠାରୁ ଭାଷଣ ଦେବାର ନିମନ୍ତ୍ରଣ ଯୋଗାଡ଼ କରୁଥିଲୁ । ଏ ବ୍ୟବସ୍ଥା ଖୁବ୍ ଲୋକପ୍ରିୟ ହୋଇଉଠିଲା ଓ ଫଳରେ ସାଧାରଣ ଲୋକମାନଙ୍କୁ ଆମର ବିଦ୍ୟା ଓ ଉତ୍ସାହ ପ୍ରଦାନ କରିବାର କୌଶଳ ବିଷୟରେ ଆମେ ବହୁ ଅଭିଜ୍ଞତା ଅର୍ଜନ କଲୁ । ମୁଁ କଲେଜରେ ସାମାଜିକ ମାନବତତ୍ତ୍ୱ ପଢ଼ାଉଥିଲି । ଏଣୁ ମୁଁ ଏସବୁ ସଭାମାନଙ୍କରେ

ବିବାହ-ଚଳଣି, ଜାତି, ଭୂତବିଶ୍ୱାସ, ଦୁଷ୍ଟ-ଦୃଷ୍ଟି, ମୃତ-ସଂସ୍କାର ଆଦି ସମ୍ପର୍କରେ କହୁଥିଲି । ଭାରତୀୟ ଇତିହାସର ଅଧ୍ୟାପକ ହିସାବରେ ମୁଁ ଅଶୋକ, ଆକବର, ଭାରତକୁ ବୌଦ୍ଧଧର୍ମର ଚୀନା ପରିବ୍ରାଜକଙ୍କ ଆଗମନ, ଚୀନ ଦେଶରେ ଭାରତୀୟ ବୌଦ୍ଧ ପ୍ରଚାରକ, ଭାରତ ବାହାରେ ଭାରତୀୟ ସଂସ୍କୃତିର ପ୍ରସାର ସମ୍ବନ୍ଧରେ କହୁଥିଲି ।

ସେ ସମୟରେ କନ୍ନଡ଼ ଭାଷାଭାଷୀ ଅଧିକାଂଶ ଲୋକ ମରାଠୀ, ଉର୍ଦ୍ଦୁ, ତେଲୁଗୁ ଏବଂ ତାମିଲ ଅଧ୍ୟୁଷିତ ବମ୍ବେ, ମାଡ୍ରାସ, ହାଇଦ୍ରାବାଦ୍ ଅଞ୍ଚଳରେ ଏବଂ ନବାବ୍, ରାଜା ଓ ସୁଲତାନ୍ ଆଦି ଶାସକମାନଙ୍କ ଅଧୀନରେ ବାସ କରୁଥିଲେ । ଏସବୁ ମହାରାଜାମାନେ ଦିଲ୍ଲୀରୁ ଭାଇସ୍‌ରାୟଙ୍କ ପ୍ରତିନିଧିତ୍ୱରେ ଭାରତ ଶାସନ କରୁଥିବା ସାର୍ବଭୌମ ବ୍ରିଟିଶ୍ ଶକ୍ତିଠାରୁ ଅଳ୍ପ-ବେଶୀ ସ୍ୱାଧୀନତା ପାଇଥିଲେ । ଉଦାହରଣ ସ୍ୱରୂପ ହାଇଦ୍ରାବାଦର ନିଜାମ ପ୍ରଥମେ 'His Highness' ପଦବୀରେ ଥିଲେ । ତାପରେ ତାଙ୍କର ପଦୋନ୍ନତି ଘଟିଲା 'His Exalted Highness'ପଦବୀକୁ । ସେଠାରୁ କ୍ରମଶଃ ଆଉ ପାହାଚେ ଉଠି ସେ 'His Majesty's Ally' ନାମରେ ପରିଚିତ ହେଲେ । ମାତ୍ର ବ୍ରିଟିଶ୍ କାନ୍ଧକୁ ଭରାଦେଇ ଠିଆହୋଇଥାନ୍ତି ସେ । ନିଜାମଙ୍କ ସଙ୍କୁଚିତ ସାମ୍ରାଜ୍ୟର ସଂଖ୍ୟାଧିକ ପ୍ରଜା ଥିଲେ କନ୍ନଡ ଭାଷାଭାଷୀ । ଏସବୁ ଶାସକମାନଙ୍କ ଅଧୀନରେ ଥିବା ସବୁ କନ୍ନଡ଼ ଲୋକେ ଅନ୍ତତଃ ସାମାଜିକ, କଳାତ୍ମକ, ସାହିତ୍ୟିକ ଐକ୍ୟ ନିମନ୍ତେ ଯେଉଁ ଆନ୍ଦୋଳନ କରୁଥିଲେ ସେଥିରୁ ମହୀଶୂର ବୁଦ୍ଧିଜୀବୀ ଶ୍ରେଣୀର ଲୋକମାନେ ଅଲଗା ରହିପାରିଲେ ନାହିଁ । ଆମେ ବିଶ୍ୱବିଦ୍ୟାଳୟର ଶିକ୍ଷକମାନେ ଏ ବିପଜ୍ଜନକ ଭ୍ରାତୃଭାବ କ୍ଷେତ୍ରରେ ପ୍ରବେଶ କଲୁ । ମହୀଶୂର ସହରର ସୀମା ବାହାରେ ଅନୁଷ୍ଠିତ ସାହିତ୍ୟ ସମାରୋହମାନଙ୍କରେ କନ୍ନଡ଼ ସଂସ୍କୃତିର ପୁନର୍ମିଳନ ଓ ଏକତାର ପୁନର୍ଗଠନରେ ଆମର ଅବଦାନ ନିମନ୍ତେ ଆମେ ଯେଉଁ ଶୁଭେଚ୍ଛା ପାଉଥିଲୁ ତାହା ମୋତେ ଅତ୍ୟନ୍ତ ଆହ୍ଲାଦିତ କରୁଥିଲା ।

ରାମକୃଷ୍ଣ-ବିବେକାନନ୍ଦ ଭକ୍ତ ସମାଜଗୁଡ଼ିକ ସହରରେ ଓ ଗାଁ ଗହଳରେ ରାମକୃଷ୍ଣ ବିବେକାନନ୍ଦଙ୍କ ସମ୍ପର୍କରେ କହିବାପାଇଁ ମୋତେ ଡାକୁଥିଲେ । ଆମ ରୋଭର୍ସ ଦଳରେ ଥିବା ପିଲାମାନେ ଓ କୋଚିଂ ଶ୍ରେଣୀର ପିଲାମାନେ ସେମାନଙ୍କ ଗାଁକୁ କିଛିଦିନ ଯିବାପାଇଁ ମୋତେ ବାରମ୍ବାର ଅନୁରୋଧ କରୁଥିଲେ । ଆମେ 'ଗ୍ରାମ-ପୁନର୍ଗଠନ' ନାମରେ ଆଉ ଏକ କାର୍ଯ୍ୟକ୍ରମ ଆରମ୍ଭ କଲୁ, ଆଉ କେତେଜଣ କଲେଜ ଛାତ୍ରଙ୍କୁ ଏଥିରେ ଯୋଗ ଦେବାପାଇଁ ପ୍ରବର୍ତ୍ତାଇବାରେ ମୁଁ ସଫଳ ହୋଇଥିଲି । କଲେଜରେ ଆମର ଗୋଟିଏ ବିଶ୍ୱବିଦ୍ୟାଳୟ ୟୁନିୟନ ଥିଲା ।

ଅକ୍ସଫୋର୍ଡ୍ ଏବଂ କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟମାନଙ୍କ ଅନୁକରଣରେ ଏଥିରେ ଛାତ୍ରମାନଙ୍କ ମଧ୍ୟରୁ ଜଣେ ନିର୍ବାଚିତ ସେକ୍ରେଟାରୀ ଓ ଶିକ୍ଷକମାନଙ୍କ ମଧ୍ୟରୁ ପ୍ରିନ୍‌ସପାଲ୍‌ଙ୍କ ଦ୍ୱାରା ମନୋନୀତ ସେକ୍ରେଟାରୀ କାମ କରୁଥିଲେ। ଏ ୟୁନିୟନ୍‌ର ଶିକ୍ଷକ-ସେକ୍ରେଟାରୀ ଭାବରେ ଏପରି ସମାଜ-ମଙ୍ଗଳ କାର୍ଯ୍ୟମାନଙ୍କରେ ମୁଁ ପ୍ରତ୍ୟକ୍ଷ ଓ ସଫଳ ଉଦ୍ୟମ କରିପାରୁଥିଲି। ମୋର ଜଣେ ସହକର୍ମୀ ଗଣିତ ଅଧ୍ୟାପକ ଶ୍ରୀଯୁକ୍ତ ଟି. କୃଷ୍ଣମୂର୍ତ୍ତି ବୟସ୍କ ଲୋକମାନଙ୍କ ନିମନ୍ତେ ସାକ୍ଷର ଯୋଜନାମାନଙ୍କରେ ଅଧିକ ଆଗ୍ରହ ପ୍ରକାଶ କରୁଥିଲେ। ମହୀଶୂର ସହରର ଚାମୁଣ୍ଡାପୁରଠାରେ ଥିବା ବାଉଁଶର ତାଟି-ଟୋକେଇ ବୁଣାଳୀମାନଙ୍କର ଏକ କଲୋନିରେ ମୁଁ କିଛିଦିନ ପଢ଼ାଇଲା ପରେ ପ୍ରାଇମେରୀ ସ୍ତର ପାଇଁ ଉପଯୁକ୍ତ କନ୍ନଡ଼ ଭାଷାରେ ଏକ ପାଠ୍ୟପୁସ୍ତକ ପ୍ରସ୍ତୁତ କରିଥିଲି।

କିଛିଦିନ ପରେ ଆମେ ଦେଖିଲୁ ବିଶ୍ୱବିଦ୍ୟାଳୟର ବିଦ୍ୱାନ୍‌ମାନେ ଗାଁ ଗହଳରେ ଭାଷଣ ଦେଲାବେଳେ ସେମାନଙ୍କ ସାରଗର୍ଭକ ଭାଷଣ ସମୟରେ ଶ୍ରୋତାମାନେ ଘୁମାଇ ପଡୁଛନ୍ତି, କାରଣ ବକ୍ତାମାନଙ୍କର ତର୍କ ଓ ଯୁକ୍ତିଯୁକ୍ତ ଉପଦେଶ ଆଉ ସିଦ୍ଧାନ୍ତମାନ ସେମାନଙ୍କ ପକ୍ଷରେ ସୁଦୀର୍ଘ ଓ ଅବୋଧ୍ୟ ହୋଇ ଉଠୁଥିଲା। ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନେ ଯେଉଁ ରୀତିରେ ପାଠ ପଢ଼ାଉଥିଲେ ତାହା ଏସବୁ ସମାବେଶମାନଙ୍କରେ ନିଷ୍ଫଳ ହେବାର ଦେଖି ମୁଁ ବିଚାରିଲି ସମାଜର ଉନ୍ନତି ଓ ବ୍ୟକ୍ତି-ଚେତନାର ଅଭ୍ୟୁଦୟ ନିମନ୍ତେ ଗାଁଗହଳିରେ ସୁପରିଚିତ ସଙ୍ଗୀତ ଓ ନାଟକ ପଦ୍ଧତିର ଆଶ୍ରୟ ନେବାକୁ ହେବ।

ଏଥିପାଇଁ ମୁଁ ମୋ ପୁଅ ସହ ଆଉ କେତେଜଣ ପ୍ରତିଭାବାନ୍ ଛାତ୍ରଙ୍କର ସାହାଯ୍ୟ ନେଲି। ଅସ୍ପୃଶ୍ୟତା ନିବାରଣ (ନନ୍ଦନାର ଓ ତିରୁପ୍‌ପନାଲଓ୍ୱାର), ଅନ୍ଧବିଶ୍ୱାସର ବିନାଶ (ମଙ୍କସୁରେ ବାଧେ), ସାକ୍ଷରତା ପରିପୋଷଣ (ଏକଚକ୍ର) ଏବଂ ଭଣ୍ଡ ଗୁରୁମାନଙ୍କ ଭଣ୍ଡାମି-ବିପଦ (ଶମ୍ଭୋ) ସମ୍ବନ୍ଧରେ ନାଟକମାନ ଲେଖି ଆମେ ଛୁଟିଦିନମାନଙ୍କରେ ଗାଁ ଗାଁ ବୁଲି ଏଗୁଡିକ ମଞ୍ଚସ୍ଥ କରୁଥିଲୁ। ଏସବୁ ନାଟକ ପୌରାଣିକ ଶୈଳୀରେ, ମହାପୁରୁଷ ଓ ସନ୍ଥମାନଙ୍କ ଜୀବନୀର ପୃଷ୍ଠଭୂମିରେ ଗୀତ ଓ ଲୋକନୃତ୍ୟ ସହ ପରିବେଶିତ ହେଉଥିଲା। ଅଭିନେତାମାନେ ପୌରାଣିକ ବେଶପୋଷାକ ମଧ୍ୟ ପିନ୍ଧୁଥିଲେ। ଫଳରେ ଏଗୁଡ଼ିକ ଖୁବ୍ ଲୋକପ୍ରିୟ ହୋଇଉଠିଲା। ଏ ନାଟକଗୁଡ଼ିକ ମୁଖ୍ୟତଃ ଅଲେଖା ଥିଲା। ମୁଁ ଓ ମୋର ଅଭିନୟ କୁଶଳୀ ଛାତ୍ରମାନେ ରଙ୍ଗମଞ୍ଚ ଉପରେ ହିଁ ଏଗୁଡ଼ିକର ବିବିଧ ପ୍ରକାରର ବିଚିତ୍ରତା, ହସ୍ୟରସ, ଗମ୍ଭୀରତା, ରଙ୍ଗବହୁଳତା, ଦେବତା ଓ ସାଧୁସନ୍ଥମାନଙ୍କର ଆବିର୍ଭାବ ଓ ଅନ୍ତର୍ଦ୍ଧାନ ସବୁ ସୃଷ୍ଟି କରୁଥିଲୁ।

ମୁଁ ହରିକଥା ମାଧ୍ୟମ ବି ବ୍ୟବହାର କରିଥିଲି। ସାଧୁ-ସନ୍ଥ, ପୌରାଣିକ ବୀର ଓ ଅବତାରମାନଙ୍କ ଜୀବନୀ ଓ ବାର୍ତ୍ତାର ନାଟକୀୟ ବର୍ଣ୍ଣନା ସଙ୍ଗେ ସଙ୍ଗେ ହରିକଥାମାନଙ୍କରେ ଯଥେଷ୍ଟ ସଙ୍ଗୀତ ଓ ସାମାଜିକ ଚଳଣି ପ୍ରତି କଟାକ୍ଷ ଥାଏ। ମାତ୍ର ମୋର କଣ୍ଠର ସ୍ୱରତନ୍ତ୍ରୀଗୁଡିକ ସଙ୍ଗୀତର ଦାବୀକୁ ଭ୍ରୂକ୍ଷେପ କରୁ ନଥିବାରୁ ଯେଉଁଠି ଯେଉଁଠି ଗୀତ ଗାଇବାକୁ ହେବ ସେଇଠି ମୋର କେତେଜଣ ଛାତ୍ର ଓ ମୋ ପୁଅକୁ ଠିଆ କରୁଥିଲି। ଏମାନଙ୍କ ସହିତ ମୁଁ ଗାଁ ଗାଁ ବୁଲି ହରିକଥା ଶୈଳୀ ମାଧ୍ୟମରେ ଲୋକଙ୍କର ଜଡ଼ତା ଓ ଅଜ୍ଞତା ଦୂର କରିବାକୁ ଚେଷ୍ଟା କରୁଥିଲି। ଅନେକ ଗାଁରେ ମୁଁ ଏହିପରି ବୁଦ୍ଧ, ଶ୍ରୀରାମକୃଷ୍ଣ, ବିବେକାନନ୍ଦ, ଗୀତା, ତିରୁପ୍ପନାଲଓ୍ୱାର, ନନ୍ଦନାର, ମୀରା ଏବଂ ଅକ୍କ ମହାଦେବୀଙ୍କ ଉପରେ କଥା ପରିବେଷଣ କରୁଥିଲି। ଏପରିକି ବାଙ୍ଗାଲୋର ଓ ଦାବନଗିରେ ପରି ସହରର ଶ୍ରୋତାମାନଙ୍କ ଆଗରେ ବି ମୋ କଥା ପରିବେଷଣ କରିବାର ଦୁଃସାହସ କରିଥିଲି। କେଉଁଠି କେଉଁଠି ମୋ ବାର୍ତ୍ତା ଲୋକମନକୁ ସ୍ପର୍ଶ କରିଥିଲା, ଆଉ ତାହା ସମ୍ଭବ ହୋଇଥିଲା ମୋର ସଙ୍ଗୀତ ଦଳଟି ଯୋଗୁ। ଚିରାଚରିତ ସୁନେଲି ଧଡି ଦିଆ କମଳା ରଙ୍ଗର ଶାଲ (ରାଜପ୍ରାସାଦର ପଣ୍ଡିତମାନଙ୍କଠୁ ମାଗି ଆଣି) ଘୋଡ଼େଇ ହୋଇ, ଏବଂ ହାତରେ ରୂପାର ଦାସକାଠି (ବିଶ୍ୱବିଦ୍ୟାଳୟ ୟୁନିୟନ୍‌ର ଗୋଟିଏ ବାର୍ଷିକ ଉତ୍ସବରେ ସ୍ୱୟଂ କୁଳପତି ମୋତେ ଉପହାର ଦେଇଥିଲେ) ଧରି ମୁଁ ଗାଁଗଣ୍ଡାରେ ଚାଲିଥିବା ଦଳାଦଳି, ଉତ୍ସବରେ ଅତିରିକ୍ତ ବଦ୍‌ଖର୍ଚ୍ଚ, ରୁଷ୍ଟ ଗାଁ ଦେବ-ଦେବୀଙ୍କୁ ତୁଷ୍ଟ କରିବା ଉଦ୍ଦେଶ୍ୟରେ ଚାଲିଥିବା ପଶୁବଳି, ତଳ ଶ୍ରେଣୀର ଲୋକମାନଙ୍କ ଉପରେ ଉଚ୍ଚ ଶ୍ରେଣୀର ଅତ୍ୟାଚାର, ଏବଂ ଏପରିକି ଜନସଂଖ୍ୟା ବିସ୍ଫୋରଣ ଉପରେ ନିର୍ବିଘ୍ନରେ ଏବଂ ନିର୍ବିବାଦରେ କଥା ପରିବେଷଣ କରୁଥିଲି। ମୋର କଥା ଓ ଗୀତ ପାଇଁ ଏସବୁ ବିଷୟ ସମ୍ପର୍କରେ ନାନା ପୌରାଣିକ କାହାଣୀ ସନ୍ଥମାନଙ୍କ ଜୀବନୀ ସମ୍ବଳିତ ଅନେକ ବହି ମଧ୍ୟ ମୁଁ ଖୋଜି ବାହାର କରିଥିଲି। ଲୋକମାନଙ୍କ ସ୍ମୃତିରେ ଏ ପ୍ରଥମଥର ପାଇଁ ଜଣେ ବିଶ୍ୱବିଦ୍ୟାଳୟର ବିଦ୍ୱାନ୍ ଶାଲ ଘୋଡ଼େଇ ହୋଇ, ରୂପାର କାଠି ବଜାଇ ହରିକଥା-ପରିବେଷକ ପାଲଟିଥିଲେ। ବିଶ୍ୱବିଦ୍ୟାଳୟର ଘନ ଗମ୍ଭୀର ଗମ୍ବୁଜ ଛାଡି ତଳକୁ ଆସିଥିବାରୁ ମୋର କେତେଜଣ ସହକର୍ମୀ ଏହାକୁ ଘୋର ଅମର୍ଯ୍ୟାଦା ମଣୁଥିଲେ, ଆଉ କେତେଜଣ ମୋର ପତନରେ ଦୁଃଖ ପ୍ରକାଶ କରିଥିଲେ। ଅବଶ୍ୟ ହରିକଥା ଭଳି ଗୋଟାଏ ତୁଚ୍ଛ ବୃତ୍ତି ବିଶ୍ୱବିଦ୍ୟାଳୟର ଜଣେ ମାନ୍ୟବର ବିଦ୍ୱାନ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଓ ତାଙ୍କଦ୍ୱାରା ସାମାଜିକ ଆନ୍ଦୋଳନରେ ବ୍ୟବହୃତ ହେଉଥିବାରୁ ଅନେକେ ଅତ୍ୟନ୍ତ ଆନନ୍ଦିତ ମଧ୍ୟ ହେଉଥିଲେ।

ଜଣେ ତରୁଣ ଅକ୍‌ସଫୋର୍ଡ଼ ଫେରନ୍ତା କର୍ମୀଙ୍କୁ ମହୀଶୂରର ଦେଓ୍ୱାନ୍ ସାର୍ ମୀର୍ଜା ଇସ୍‌ମାଇଲ୍ ଡାକି ଆଣିଥିଲେ ଛାତ୍ରମାନଙ୍କୁ ସମାଜସେବା କାମରେ ତାଲିମ୍ ଦେବାପାଇଁ। ତାଙ୍କର ଯୋଜନା ଥିଲା ସମାଜର ଅଭ୍ୟୁଦୟମୂଳକ କାମ ନିମନ୍ତେ ସହରତଳି ଅଞ୍ଚଳରେ ରହିବାକୁ ହେବ। ତାଙ୍କର ସେବାକର୍ଯ୍ୟକ୍ରମର କେନ୍ଦ୍ର ଭାବରେ ବାଙ୍ଗାଲୋର୍‌ରେ ଗୋଟିଏ ପ୍ରାସାଦ ତିଆରି କରାଯାଇଥିଲା। ମହୀଶୂରରେ ଆମ ୟୁନିୟନ୍‌କୁ ବତାଇ ଆମେ ଆଦିକର୍ଣ୍ଣାଟକପୁରମ୍‌ର ଠିକ୍ ମଝିରେ ଆମ ସେବାକାମ ନିମନ୍ତେ ଘରଟିଏ ଭଡ଼ା ନେଲୁ। ଏଠାରେ ୧୫୦୦ରୁ ଅଧିକ ହରିଜନ ଘର ଥିଲା। ଆମର ଯୋଜନା ଥିଲା ଆମ ପିଲାମାନେ ହରିଜନ ବସ୍ତିରେ ସାକ୍ଷରତା ପାଇଁ କ୍ଲାସ କରିବେ, ଭଜନ ଗାଇବେ, ଲୋକଙ୍କୁ ଖବରକାଗଜ ପଢ଼ି ଶୁଣାଇବେ, ବସ୍ତିର ଯୁବକମାନଙ୍କ ସହ ଭଲିବଲ୍ ଖେଳିବେ ଓ ରୋଗୀମାନଙ୍କର ତତ୍ତ୍ୱ ନେବେ।

ଯେତେବେଳେ ଜନଗଣନା କାମ ଆସିଲା ଜନଗଣନା ନିମନ୍ତେ ମୁଁ ଓ କୃଷ୍ଣମୂର୍ତ୍ତି ଏହି ଆଦିକର୍ଣ୍ଣାଟକପୁରମ୍ ଗାଁଟିକୁ ବାଛିଥିଲୁ। ଆମ ସାଙ୍ଗରେ ଆହୁରି ୧୨ ଜଣ ଗଣକ ଥିଲେ। ସେମାନଙ୍କ ଭିତରେ ଜଣେ ମୋର ଜାତିଭାଇ ବ୍ରାହ୍ମଣ ଥିଲା। ସେ ହରିଜନ ଗାଁ ମାଡ଼ିବାକୁ ମନା କରିଦେଲା। ବେଦମନ୍ତ୍ର ଜିଭ ଆଗରେ ଧରି ଜନ୍ମ ହୋଇଥିବା ମହାତ୍ମା ପୁରୁଷ ହରିଜନ ଗାଁକୁ ଯିବେ କିପରି! ହୃଦୟରେ ଥିବା ସହାନୁଭୂତିର ତଣ୍ଟି ଚିପି ଧରିଥିଲା ତାର ଜାତି ଗ୍ୱଲିଯିବାର ଭୟ। ଅନେକ ଚେଷ୍ଟାରେ ତାର ଏ ଭୟକୁ ମୁଁ ଦୂର କରିପାରିଥିଲି। ସେ ଯେତେବେଳେ ମୋ ସାଙ୍ଗରେ ଆସି ଗାଁ ଭିତରେ ଥିବା ହରିଜନମାନଙ୍କର ରାମ ମନ୍ଦିର ଦ୍ୱାରରେ ଠିଆ ହୋଇ ସେମାନେ ଗାଉଥିବା ସପ୍ତଗିରି ଅଧୀଶ୍ୱର ତିରୁମଲଙ୍କ ଭଜନ ଶୁଣିଲା, ସେମାନଙ୍କ ଭକ୍ତି ଓ ବିଶ୍ୱାସରେ ଏ ହୃଦୟଭରା ଆତ୍ମନିବେଦନ ଦେଖି ତା ଆଖିରୁ ଲୁହ ଝରି ଆସିଲା। ସେ ସମୟରେ ସପ୍ତଗିରି ପାଦଦେଶରେ ମଧ୍ୟ ପାଦଦେବାକୁ ହରିଜନମାନଙ୍କୁ ମନା ଥିଲା। ଜନଗଣନା ସରିଲା ପରେ ସହକର୍ମୀମାନଙ୍କ ପାଇଁ ମୁଁ ଗୋଟିଏ ଭୋଜିର ଆୟୋଜନ କରିଥିଲି। ଏହି ବ୍ରାହ୍ମଣ ଜଣକ ୟାଭିତରେ ହରିଜନମାନଙ୍କୁ ପ୍ରଶଂସାଚକ୍ଷୁରେ ଦେଖିବା ଆରମ୍ଭ କରିଥିଲା ଓ ସେମାନଙ୍କ ପ୍ରତି ଯଥେଷ୍ଟ ସମ୍ବେଦନଶୀଳ ହୋଇ ଉଠିଥିଲା। ତା ଫଳରେ ଭୋଜନ କଲାବେଳେ ମୋତେ କହିଲା, "ସାର୍, ଆପଣ ମୋର ଏ ଛୋଟ 'ମୁଁ' ଟିକୁ ପରାସ୍ତ କରିଦେଲେ।"

ୟୁନିୟନ୍‌ର ଗ୍ରାମସେବା କାର୍ଯ୍ୟକ୍ରମର ଆୟୋଜକ ହିସାବରେ ମୁଁ ଦୁଇବର୍ଷରୁ ଅଧିକ କାଳ ଦଳେ ଛାତ୍ର ଓ ଛାତ୍ରୀଙ୍କୁ ଧରି ପ୍ରତି ଶନିବାର ଦିନ ମହୀଶୂରର ପଶ୍ଚିମରେ ପ୍ରାୟ ଦଶ

ମାଇଲ୍ ଦୂରରେ ଥିବା କୁର୍ଘାଲ୍ଲୀ ଗାଁକୁ ଯାଉଥିଲି। ସେଠାରେ ଆମେ ସାରାଦିନ ରହି ବିଭିନ୍ନ କାମ କରୁଥିଲୁ। ଆମେ ବସ୍‌ରେ ସେଠାକୁ ଯାଉଥିଲୁ, ଗାଁର ଛୋଟ ଛୋଟ ପିଲାମାନଙ୍କୁ ଏକାଠି କରି ସେମାନଙ୍କୁ ନାନା ଖେଳ ଶିଖାଉଥିଲୁ ଓ ସେମାନଙ୍କୁ ଗପ କହୁଥିଲୁ। ଦୁଇ-ତିନିଜଣ ହୋଇ ସେମାନଙ୍କ ଘରକୁ ଯାଉଥିଲୁ ଓ ଗାଁଲୋକଙ୍କ ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରୁଥିଲୁ। ଆମ ସାଙ୍ଗରେ ଡାକ୍ତର ମଧ୍ୟ ଥିଲେ। ସେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧପତ୍ର ଦେଉଥିଲେ। ବେଳେବେଳେ ଆମେ ଗାଁରେ ନାଟକ ମଞ୍ଚସ୍ଥ କରୁଥିଲୁ। ବେଳେବେଳେ ଆଧ୍ୟାତ୍ମିକ ପୁସ୍ତକ, ବଡ଼ଲୋକଙ୍କ ଜୀବନୀ ପଢ଼ି ସେମାନଙ୍କୁ ଶୁଣାଉଥିଲୁ। ଗାଁରୁ ଦଳେ ପୁରୁଷ ଓ ସ୍ତ୍ରୀଲୋକଙ୍କୁ ନେଇ ମହୀଶୂରର ରାଜପ୍ରାସାଦ, ଗୋଶାଳା, ରେଡିଓ ଷ୍ଟେସନ୍ ଓ କଲେଜ ବୁଲାଇ ଦେଖାଇ ଆଣୁଥିଲୁ। ଆମକୁ ସେମାନେ ଭାଇ-ଭଉଣୀ ପରି ଶ୍ରଦ୍ଧା କରୁଥିଲେ। ଅଳ୍ପଦିନ ଭିତରେ ଆମେ ସେମାନଙ୍କର ବିଶ୍ୱାସୀ ବନ୍ଧୁ ଓ ପଥଦ୍ରଷ୍ଟା ପାଲଟି ଯାଇଥିଲୁ।

ଏସବୁ ସତ୍ତ୍ୱେ ମୋ ଭିତରେ ଗୋଟାଏ ଶୂନ୍ୟତା ବଢ଼ି ଉଠୁଥିଲା। ମୋ ଭିତରର ମରୁଭୂମିରେ ଦକ୍ଷିଣେଶ୍ୱର ଗୋଟିଏ ମରୁଦ୍ୱୀପ ପରି ଥିଲେ ହେଁ ମୁଁ ଯେଉଁଆଡେ ଚାହୁଁଥିଲି ସେଆଡ଼େ ମୋ ଆଖିରେ ପଡୁଥିଲା ମଣିଷର ଯନ୍ତ୍ରଣାକାତର ବିବ୍ରତ ଓ ଅଶାନ୍ତ ମୁହଁ। ଏହା ମୋତେ ବିସ୍ମୟ, ଅସହାୟତା ଏବଂ ନିସ୍ପୃହତାରେ ଭରି ଦେଉଥିଲା। ମୋତେ ଲାଗୁଥିଲା ମୁଁ ଗୋଟାଏ ଫୁଟବଲ୍ ଓ ମୋର ଅଜ୍ଞାତ ଭାଗ୍ୟ ମୋତେ ନେଇ ଖେଳ ଖେଳୁଛି। ପ୍ରତିଥର ମୋ ଦେହରେ ଗୋଟାଏ କିକ୍ ବା ଗୋଇଠା ବାଜିଲେ ମୁଁ ତାକୁ ସ୍ୱାଗତ କରୁଥିଲି, କାରଣ ମୋତେ କଷ୍ଟ ହେଲେ ମଧ୍ୟ ମୁଁ ଉପରକୁ ଡେଇଁପଡ଼ି କିକ୍ ମାରୁଥିବା ଖେଳାଳୀର ଆନନ୍ଦ ବର୍ଦ୍ଧନ କରୁଛି। ମୋ କଳ୍ପନାର ଦର୍ଶକଶ୍ରେଣୀ ଠିଆ ହୋଇ ଏ କିକ୍‌ର ତାରିଫ୍ କରୁଥିଲେ ଓ ମୋ ସହନଶକ୍ତିର ପ୍ରଶଂସା କରୁଥିଲେ। ଅନ୍ୟମାନେ ଯେଉଁଠି ମହାନୁଭବତା, ସାହସ, ନିଷ୍ଠା ଏବଂ ସ୍ପଷ୍ଟବାଦିତା ଦେଖୁଥିଲେ ସେଠାରେ ମୁଁ କ୍ଷୁଦ୍ରତା, ଭୀରୁତା, ଆତ୍ମପ୍ରୌଢ଼ି ଓ ହୀନ ଚତୁରତା ଦେଖୁଥିଲେ ବି ମୋର ହାସ୍ୟରସପ୍ରିୟତା କ୍ୱଚିତ୍ କ୍ଷୁଣ୍ଣ ହେଉଥିଲା।

ବିଶ୍ୱବିଦ୍ୟାଳୟ ୟୁନିୟନ୍ ପତ୍ରିକା କନ୍ନଡ ଭାଷାରେ ଲିଖିତ ମୋର କେତୋଟି ବ୍ୟଙ୍ଗ, ଶ୍ଳେଷ ଓ ଲାଳିକା (ପାରୋଡ଼ି) ପ୍ରକାଶ କରିଥିଲେ। ମାଣ୍ଡ୍ୟାର ଜଣେ ଦୁଃସାହସୀ ଯୁବକ ଏସବୁ ଲେଖାଗୁଡିକୁ ଏକାଠି କରି ଗୋଟାଏ ବହି ଛାପିବାର ବିପଦ ବରଣ କରିଥିଲା। ଏ ବହିର ନାମ ଥିଲା 'ଯଦ୍‌ବା-ତଦ୍ୱା' (ଯେମିତି-ସେମିତି)। ପୁସ୍ତକ ଉପରେ ଯେଉଁ ବ୍ୟଙ୍ଗ

ଛବି ଥିଲା ସେଥିରେ ଗୋଟିଏ ରେଳଗାଡି ଲାଇନ୍‌ରୁ ଖସି ମଧ୍ୟ ସର୍ପିଳ ଗତିରେ ଆଗକୁ ଚାଲିଚି । ଏହା ବହି ଭିତରେ ଥିବା ଏଣୁ-ତେଣୁ ଚିନ୍ତାଧାରାକୁ ସୂଚାଉଥିଲା । ଫୋଟକାଗୁଡ଼ିକୁ ଫୁଟାଇବା, ଲୁଚିଛପି ଯାଇ ଗୋଡ଼କୁ ଟାଣିଦେବା, ପାଦତଳୁ ସତରଂଜିକୁ ଖସାଇ ଆଣିବା, ବଡ଼ ବଡ଼ ପାହାଡ଼କୁ ଗୋଟାଏ ମାଟିକୁଦ ବୋଲି ଚିତ୍ରଣ କରିବା, ଲୋକଙ୍କ ମୁହଁ ଆଗରେ ଦର୍ପଣ ଦେଖାଇବା, ପାଦରେ ଲାଗିଥିବା କାଦୁଅ ଦେଖାଇଦେବା, ଆକାଶରେ ତିଆରି ପ୍ରାସାଦକୁ ଧ୍ୱଂସ କରିବା, ଭୁକିଲା କୁକୁରକୁ ଶାନ୍ତ କରିବା ଓ ନିଦ୍ରିତ କୁକୁରକୁ ଭୁକେଇବା—ଏସବୁ ଥିଲା ମୋର ପ୍ରିୟ କାର୍ଯ୍ୟ ।

ମୋର 'ଅଲ୍ଲୋଳ-କଲ୍ଲୋଳ', 'ଉପାୟବେଦାନ୍ତ', 'ଅନକୁ ମିନୁକୁ' ଆଦି କନ୍ନଡ଼ ବହିସବୁ ଏପରି ବ୍ୟଙ୍ଗରେ ଭରା ଥିଲା । 'ଗଳିଗୋପୁରମ', 'ଶଙ୍ଖ ବାଦ୍ୟ', 'ଗୃହଦାରଣ୍ୟକ' ଏବଂ 'ରଙ୍ଗନାୟକୀ' ଉପନ୍ୟାସ, ଜଣେ ସାଧାରଣ ମଜୁରିଆର ଜୀବନକାବ୍ୟ 'ଚେଂଗୁଲି ଚେଲୁଓ୍ୱା' ଏବଂ ଜଣେ ସାଧାରଣ କିରାଣୀର ଚରିତ୍ର ଅଧ୍ୟୟନ 'ଚକ୍ରଦୃଷ୍ଟ'-ଏସବୁ ପୁସ୍ତକରେ ଅନ୍ତଃସଲୀଳା ଫଲ୍‌ଗୁ ପରି ବେଦନା ଓ କରୁଣାର ସ୍ରୋତ ପ୍ରବାହିତ ହେଉଥିଲା । ପ୍ରତିଟି ପୃଷ୍ଠାରେ ପାଠକ ସେଇ ଗୋଟିଏ ପ୍ରଶ୍ନର ସମ୍ମୁଖୀନ ହେଉଥିଲା—ମୁଁ ହସିବି ନା କାନ୍ଦିବି ? କାରଣ ପ୍ରତି ପୃଷ୍ଠାରେ ଫୁଟି ଉଠୁଥିଲା ମଣିଷର ନିର୍ବୋଧତା, ଦୁର୍ବୋଧ୍ୟତା, ଅସ୍ୱାଭାବିକତା, ମତିଭ୍ରମତା, ଅବାନ୍ତରତା, ଆତ୍ମ-ପ୍ରଦର୍ଶିତା ଏବଂ ଅଶ୍ଳୀଳତା । 'ଅନର୍ଥକୋଷ' ଏବଂ 'ଫ୍ରିକ୍‌ସନାରୀ' ବହି ଦୁଇଟି ଶବ୍ଦାର୍ଥ ଉପରେ ଦୁଇଟି ଅଭିନବ ପରୀକ୍ଷା ଥିଲା । ଏ ବହି ଦୁଇଟିରେ କେବଳ ପୁରୁଣା ପ୍ରଚଳିତ ଶବ୍ଦମାନଙ୍କର ନୂତନ ଅର୍ଥ ନୁହେଁ, ନୂତନ ଶବ୍ଦ ଓ ପ୍ରଚଳିତ ଢଗମାନଙ୍କର ନୂତନ ପ୍ରୟୋଗ ମଧ୍ୟ ଉତ୍ପାଦନ କରାଯାଇଥିଲା । ମୋ ଅଧ୍ୟାପନାର ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବା ପାଇଁ ମୁଁ ସମ୍ରାଟ୍ ଅଶୋକଙ୍କ ସମ୍ବନ୍ଧରେ କ୍ଷୁଦ୍ର ପୁସ୍ତିକାଟିଏ କନ୍ନଡ଼ ଭାଷାରେ ପ୍ରକାଶ କରିଥିଲି । ସାମାଜିକ ମାନବତତ୍ତ୍ୱ ଓ ବିବାହ ସମ୍ବନ୍ଧରେ ମୋର ଦୁଇଟି କନ୍ନଡ଼ ବହି ମଧ୍ୟ ପ୍ରକାଶିତ ହୋଇଥିଲା । 'କର୍ଣ୍ଣାଟକରେ କେରଳ' ଏବଂ 'କୁର୍ଗର ଶେଷ ରାଜାମାନେ' ନାମରେ ଇଂରାଜୀ ଭାଷାରେ ଦୁଇଟି ମୋର ଗବେଷଣାତ୍ମକ ଲେଖା ମଧ୍ୟ ଛପା ହୋଇଥିଲା ।

ମୋର ବଡ଼ପୁଅ ନାରାୟଣ ମୂର୍ତ୍ତି ବାଙ୍ଗାଲୋରର କେନ୍ଦ୍ରୀୟ କଲେଜରେ ଭୂତତ୍ତ୍ୱ ବିଦ୍ୟାରେ ଅନର୍ସ ଶେଷ କରିଥିଲା । ସେ ସେଠା କଲେଜର ଛାତ୍ରାବାସରେ ରହୁଥିଲା । ଛାତ୍ରାବାସର ପରିଦର୍ଶନକାରୀ ଡାକ୍ତର ଏମ୍.ଶିବରାମ ମୋ ପୁଅକୁ ଜାଣିଥିଲେ । ସେ ମନସ୍ତତ୍ତ୍ୱର ଜଣେ ବଡ ଆଗ୍ରହୀ ଛାତ୍ର ଥିଲେ, ବିଶେଷତଃ ଭାରତୀୟ ମୁନିଋଷିମାନଙ୍କ ଦ୍ୱାରା ପ୍ରବର୍ତ୍ତିତ

ମାନସିକ ବିଜ୍ଞାନରେ ସେ ଅତ୍ୟନ୍ତ ଧୁରନ୍ଧର ଥିଲେ। ତାଙ୍କର ତୀକ୍ଷ୍ଣ ମେଧା ଏବଂ ବିଦ୍ୱତ୍ତା ଅତ୍ୟନ୍ତ ଉଚ୍ଚକୋଟୀର ଥିଲା। ଝଡ଼ ପରି ସୁଖ୍ୟାତିର ଶିଖରକୁ ଉଠିଥିବା କୈଳାସମ୍ ଥିଲେ ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ। କୈଳାସମ୍‌ଙ୍କ ହାସ୍ୟରସ, ତୀବ୍ର କଟାକ୍ଷ, ପୌରାଣିକ ଘଟଣାଗୁଡିକର ବିଶ୍ଳେଷଣ ଓ ବିଗ୍ଭର ଅତୁଳନୀୟ ଥିଲା। ଡକ୍ଟର ଶିବରାମ ଗୋଟାଏ ଦୁଃସାହସିକ ଉଦ୍ୟମ ଆରମ୍ଭ କଲେ। କନ୍ନଡ଼ ଭାଷାରେ 'କୋରାବାଞ୍ଜି' ନାମରେ ଗୋଟାଏ ହାସ୍ୟରସର ମାସିକ ପତ୍ରିକା ଛାପିବାକୁ ଠିକ୍ କଲେ। କୋରାବାଞ୍ଜି ଭାରତର ଗାଁଗହଳିରେ ପରିଚିତ ଜଣେ ଲୋକପ୍ରିୟ ଜ୍ୟୋତିଷ। ଗାଁକୁ ଗାଁ ବୁଲି ଲୋକଙ୍କ ଭାଗ୍ୟ ଗଣନା କରିବା ତାର ବୃତ୍ତି। ଏପରି ଏକ ବିପଜ୍ଜନକ ଉଦ୍ୟମକୁ କାର୍ଯ୍ୟରେ ପରିଣତ କରିବା ଆଗରୁ ଡକ୍ଟର ଶିବରାମ ହଷ୍ଟେଲରେ ରହୁଥିବା ମୋ ପୁଅ ମାଧ୍ୟମରେ ପ୍ରସ୍ତାବିତ ମାସିକ ପତ୍ରିକା ପାଇଁ ମୋର ସହଯୋଗ ମାଗିଥିଲେ। କାରଣ ତାଙ୍କ ମତରେ, "ଆପଣଙ୍କ ହାସ୍ୟରସ ପ୍ରକୃତରେ ମଧ୍ୟମ ମାର୍ଗଜ; ଏହା ଆହତ ନକରି ପାହାର ଦେଇପାରେ।"

ଆନନ୍ଦରେ ତାଙ୍କ ସହ ଯୋଗ ଦେଲି। ପ୍ରତିମାସରେ ପ୍ରାୟ ଦଶବର୍ଷ ଧରି କୋରାବାଞ୍ଜିର ଅଧେ ମୋର କଟୁ-ତିକ୍ତ ରସରେ ଭରପୂର ରହୁଥିଲା। ଯେଉଁ ଲେଖାରେ ସମାଲୋଚନା ରକ୍ଷଣଶୀଳତା ଆଡକୁ ଟିକେ ନଇଁ ପଡୁଥିଲା, ମୋର ନାମ ଥିଲା ରୁଦ୍ରାମ୍ମା; ମାତ୍ର ଯେଉଁ ଲେଖା ରକ୍ଷଣଶୀଳତାଠାରୁ ଦୂରେଇ ଯାଉଥିଲା, ମୋର ନାମ ଥିଲା ଶ୍ରୀମତ କେଶରୀ। ଏହିପରି ବିଭିନ୍ନ ଶୈଳୀର ଲେଖାପାଇଁ ମୁଁ ବିଭିନ୍ନ ନାମ ଧାରଣ କରୁଥିଲି, ଯଥା- ପାତାଳୀ, ନାକ, ତାରକ ଇତ୍ୟାଦି। ଭଲ କରି ତେଲଦିଆ ମେସିନ୍ ଠିକ୍ ଭାବରେ ଗ୍ଭଲିଲା ପରି ଡକ୍ଟର ଶିବରାମ ଓ ମୁଁ ଗ୍ଭଲିଥିଲୁ। ଗୋଟିଏ ଶରୀରର ଦୁଇହାତ ପରି ଥିଲୁ ଆମେ। ପରେ କାର୍ଟୁନ୍ ବିଦ୍ୟାରେ ଅତି ବିଖ୍ୟାତ ହୋଇଥିବା ଆର୍. କେ. ଲକ୍ଷ୍ମଣ ଓ ନାଦିରାଙ୍କୁ ଆମେ ଛାତ୍ରାବସ୍ଥାରୁ ହିଁ ଆବିଷ୍କାର କରିଥିଲୁ। ପ୍ରଭାବଶାଳୀ ତୀକ୍ଷ୍ଣ କାର୍ଟୁନ୍ କରିବାପାଇଁ ଯେଉଁ ବକ୍ରଦୃଷ୍ଟି ଦରକାର ତାହା ସେମାନଙ୍କର ଥିଲା।

ଯେତେବେଳେ 'ହିନ୍ଦୁ' ସମ୍ବାଦପତ୍ରରେ ମୁଁ ପଢ଼ିଲି ମୋ ପରି ଜଣେ ବକ୍ରଦୃଷ୍ଟି ସମ୍ପନ୍ନ ମୋର ଜାତିଭାଇ ଶଙ୍କର ନିଜ ନାମରେ ସାପ୍ତାହିକ କାର୍ଟୁନ୍ ପତ୍ରିକାଟିଏ ବାହାର କରୁଛନ୍ତି ଓ ସ୍ୱୟଂ ଜବାହରଲାଲ ବହୁ ଆଡମ୍ବରରେ ଏହାର ପ୍ରଥମ ସଂଖ୍ୟା ଉନ୍‌ମୋଚନ କରିବାକୁ ଯାଉଛନ୍ତି, ମୋ ହାତ ଖଲ ଖଲ ହେଲା। ମୁଁ ତାଙ୍କୁ ଲେଖିଲି ଇଂରାଜୀ ଭାଷାରେ ପ୍ରକାଶିତ Punch ପତ୍ରିକାର 'ଗ୍ଭରିଆଭାରିଆ' ଅନୁକରଣରେ ପ୍ରତିସପ୍ତାହରେ ଗୋଟାଏ ବିଭାଗ ମୁଁ ଲେଖିବି।

ଆଉ ସେ ଚାହିଁଲେ ନମୁନା ସ୍ୱରୂପ କିଛି ଲେଖା ମଧ୍ୟ ପଠାଇବି । ମୁଁ ଏବେ ମାନୁଚି, ଏଇଟା ମୋର ଦୁର୍ଦ୍ଦାନ୍ତ ଆତ୍ମପ୍ରୌଢ଼ିର ନିଦର୍ଶନ ଛଡ଼ା ଆଉ କିଛି ନଥିଲା !

ଶଙ୍କର ଉତ୍ତର ଦେଲେ 'ଚରିଆଭାରିଆ' ସ୍ତମ୍ଭର ଲେଖାସବୁର ଦାୟିତ୍ୱରେ ଥିଲେ ଦଳେ ବିଶିଷ୍ଟ ଲେଖକ । ତାଛଡ଼ା ଇଂରାଜୀ ଭାଷାର ଗୂଢ଼ ସାଙ୍କେତିକ ତାତ୍ପର୍ଯ୍ୟ ତାଙ୍କ ପତ୍ରିକାର ପାଠକମାନେ ବୁଝିବାକୁ ସମର୍ଥ ହେବେ ନାହିଁ । ତେଣୁ ସେପରି ଲେଖା ପ୍ରକାଶ କରିବା କଥା ସେ ଚିନ୍ତା କରିନାହାନ୍ତି । ମୁଁ ଉତ୍ତର ଦେଲି, କନ୍ନଡ ଭାଷାର କୋରାବାଞ୍ଜି ନିମନ୍ତେ 'ଉରିଗାଲୁ' ନାମକ ସ୍ତମ୍ଭରେ ମୁଁ ଏହିପରି କଣ୍ଟା ପରିବେଷଣ କରିଆସୁଚି । କେତୋଟି ଇଂରାଜୀ ନମୁନା ମଧ୍ୟ ତାଙ୍କ ପାଖକୁ ପଠାଇଲି । ୨ୟ ସଂଖ୍ୟା ପ୍ରକାଶ ପାଇବା ସମୟବେଳକୁ ମୋ ଚିଠି ପହଞ୍ଚିଗଲା, ଆଉ ଅଳ୍ପଦିନ ପରେ ଡାକପିଅନ ମୋ ହାତରେ 'Shanker's Weekly'ର ଗୋଟିଏ ସଂଖ୍ୟା ଆଣି ଦେଲା । ସେଥିରେ 'Mere Prattle' (କେବଳ ଜିହ୍ୱାକଣ୍ଡୁ) ଶିରୋନାମାରେ ମୋ ବିକୃତ ମାନସପୁତ୍ର କେତୋଟି ବାହାରିଥିଲେ । ଏହାପରେ ପ୍ରତି ସଂଖ୍ୟାରେ ପ୍ରାୟ ସାତବର୍ଷ କାଳ ତୃତୀୟ ପୃଷ୍ଠାର ତଳ ଅଂଶରେ ସ୍ୱୟଂ ଶଙ୍କରଙ୍କ କାର୍ଟୁନ ତଳେ ମୋର ଲେଖା ପ୍ରକାଶିତ ହୋଇ ଆସୁଥିଲା ।

ମହାରାଜା କଲେଜର ମନସ୍ତତ୍ତ୍ୱ ବିଭାଗର ଧଳାମୂଷାଭରା ପ୍ରୟୋଗଶାଳାରୁ ମୋ ଉପରେ ସତର୍କ ଦୃଷ୍ଟି ରଖିଥିଲେ ଡକ୍ଟର ଏମ୍. ଭି. ଗୋପାଳସ୍ୱାମୀ । କଲେଜର ବାର୍ଷିକ ଉତ୍ସବ ଦିବସରେ ପ୍ରିନ୍‌ସିପାଲ ଶ୍ରୀ ଜେ.ସି. ରୋଲୋ ତାଙ୍କ ଭାଷଣରେ ମୋତେ ଯେତେବେଳେ କଲେଜର ଓଟ ବୋଲି ପ୍ରଶଂସା କରିଥିଲେ, ଡକ୍ଟର ଗୋପାଳସ୍ୱାମୀ ସେଠାରେ ଥିଲେ । ପ୍ରିନ୍‌ସିପାଲ ମୋତେ ଓଟ ବୋଲି କହିବାର କାରଣ ମୁଁ କଲେଜ ପ୍ରଶାସନର ଅନେକ ବୋଝ ବୋହିଥିଲେ ମଧ୍ୟ ଆହୁରି ଅଧିକ ବୋଝ ମୁଣ୍ଡକୁ ନେବାରେ ମୋର ଆପତ୍ତି ନ ଥିଲା, ବରଂ ସେଥିରେ ମୋର ଆଗ୍ରହ ଥିଲା । ତେଣୁ ମୋ ମୁଣ୍ଡରେ ଆଉ ଗୋଟିଏ ବୋଝ ଲଦି ଦେବାକୁ ସେ ଠିକ୍ କଲେ । ହଲାଣ୍ଡରେ ଗୋଟାଏ ମନସ୍ତତ୍ତ୍ୱ ସମ୍ମିଳନୀରେ ଯୋଗ ଦେଇ ଫେରିଲାବେଳକୁ ଡକ୍ଟର ଗୋପାଳସ୍ୱାମୀ ସେଠାରୁ ଗୋଟିଏ ଛୋଟ ଫିଲିପ୍‌ସ ଟ୍ରାନସମିଟର ବା ବେତାରଯନ୍ତ୍ର ଘେନି ଆସିଥିଲେ । ମହୀଶୂର ମ୍ୟୁନିସିପାଲିଟିରୁ କିଛି ଟଙ୍କା ସାହାଯ୍ୟ ମିଳିବାରୁ ଉତ୍ସାହିତ ହୋଇ ସେ ସାଧାରଣ ଲୋକଙ୍କ ପାଇଁ କିଛି ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ପ୍ରଚାର କରିବାକୁ ବାହାରିଲେ । ଏ କାମ ପାଇଁ ସେ ମୋତେ ବାଛିଲେ । ଏଣୁ ସାଧାରଣ ଲୋକଙ୍କ ପାଇଁ କାର୍ଯ୍ୟକ୍ରମ ସମ୍ବନ୍ଧରେ ତାଙ୍କ ସହ ଆଲୋଚନା କରିବାରେ ମୋର ଘଣ୍ଟା ଘଣ୍ଟା ବିତି ଯାଉଥିଲା । ବେତାର

କେନ୍ଦ୍ରରେ ଆସି କହିବା ନିମନ୍ତେ ଲୋକ ଠିକ୍ କରିବା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମର ଯୋଜନା କରିବାକୁ ମୋତେ ଆଗ୍ରହ ଲାଗୁଥିଲା । ଏଥିପାଇଁ ଯେଉଁମାନେ ଆସୁଥିଲେ ସେ କଳାକାରମାନଙ୍କୁ କେବଳ ଘୋଡ଼ାଗାଡ଼ି ଭଡ଼ା ସହ ପାରମ୍ପରିକ 'ନଡିଆ-ପାନ' ସ୍ୱାଗତ ମାତ୍ର ଦିଆଯିବା ସମ୍ଭବ ଥିଲା । ଏପରି କେତେ ବର୍ଷ ଚାଲିବା ପରେ ଏବଂ ଅନେକ ଚେଷ୍ଟା ଫଳରେ ଗୋପାଳସ୍ୱାମୀ ସର୍ଟ ୱେଭ୍‌ରେ ବେଶୀ ସମୟ କାର୍ଯ୍ୟକ୍ରମ ପ୍ରଚାର କରିବା ଏବଂ ଅଧିକ ପଇସା ଖର୍ଚ୍ଚ କରିବାକୁ ଅନୁମତି ପାଇଲେ । ଫଳରେ ବେତାରକେନ୍ଦ୍ର ଅଧିକ ଦୂର ପହଞ୍ଚି ପାରିବା ସଙ୍ଗେ ସଙ୍ଗେ କାର୍ଯ୍ୟକ୍ରମର ବିବିଧତା ବଢ଼ିପାରିଥିଲା । ସେ କଲେଜର 'ଚିନ୍ତା-ବ୍ୟାଙ୍କ୍' ବୋଲି ପରିଚିତ ଥିଲେ । ଦିନେ ସେ କଲେଜର ଷ୍ଟାଫ୍‌ରୁମ୍‌କୁ ଆସି ତାଙ୍କ ମୁଣ୍ଡବିନ୍ଧାର ଔଷଧ ବାହାର କରିବାକୁ ଆମକୁ କହିଲେ । ଆମ ବେତାର କେନ୍ଦ୍ର ପାଇଁ ଗୋଟାଏ ଭାରତୀୟ ନାମ ବାହାର କରିବା ଥିଲା ତାଙ୍କର ମୁଣ୍ଡବଥା । ମୁଁ ଯେଉଁ ନାମଟି କହିଲି ସେ ନାମଟିରେ ତାଙ୍କର ମନ ମାନିଗଲା ଓ ଏହି ନାମଟି ପରେ ଅଲ୍‌ଇଣ୍ଡିଆ ରେଡିଓ ମଧ୍ୟ ଗ୍ରହଣ କରିଥିଲା । ସେ ନାମଟି 'ଆକାଶବାଣୀ' ।

ଏହାପରେ ସେ ଷ୍ଟେସନର ସହକାରୀ ଡିରେକ୍ଟର ଭାବରେ ଯୋଗଦେବାକୁ ମୋତେ ପ୍ରବର୍ତ୍ତାଇଲେ ଓ ସଫଳ ମଧ୍ୟ ହେଲେ । ସେତେବେଳେ ମହାଯୁଦ୍ଧ ଚାଲିଥାଏ, ଆଉ ଶତ୍ରୁମାନେ ମାଳୟେସିଆ ପର୍ଯ୍ୟନ୍ତ ମାଡି ଆସିଥିଲେ । ସେଠାରୁ ସେମାନେ ଆମର ବେତାର ପ୍ରଚାର ଶୁଣିପାରିବେ । ତେଣୁ ଆମେ ଯାହାସବୁ ପ୍ରଚାର କରୁଥିଲୁ ତାର ପ୍ରତ୍ୟେକଟି ଶବ୍ଦକୁ ଜଗିରଖି ଲେଖିବାକୁ ପଡୁଥିଲା; ବିଶେଷତଃ ସମ୍ବାଦପ୍ରଚାର ବେଳେ ଆମକୁ ଅତ୍ୟଧିକ ସତର୍କତା ଅବଲମ୍ବନ କରିବାକୁ ପଡୁଥିଲା । ପ୍ରଚାର ନିମନ୍ତେ ମୁଁ କିପରି ସମ୍ବାଦ ପ୍ରସ୍ତୁତ କରୁଥିଲି କହିବି ? ଘରେ ମୋର ଗୋଟାଏ ବହୁ ପୁରୁଣା ଅବସରପ୍ରାପ୍ତ ବିକୃତ ମସ୍ତିଷ୍କ ଜେନିଥ୍ ରେଡିଓ ଥିଲା । ମୁଁ ସେଥିରେ କାନକୁ ଲଗାଇ ଦିଲ୍ଲୀରୁ ପ୍ରଚାରିତ ସମ୍ବାଦ ଶୁଣେ, ଆଉ ସେଥିରୁ ଯାହା କନ୍ନଡ଼ ଶ୍ରୋତାମାନଙ୍କ ପକ୍ଷରେ ଗ୍ରହଣୀୟ ସେପରି ଘଟଣା ବାଛି ସଙ୍ଗେ ସଙ୍ଗେ ଲେଖି ଦୁଇମାଇଲ ଦୂରରେ ଥିବା ରେଡିଓ ଷ୍ଟେସନ୍‌କୁ ପଠାଏ । ମୋର ଗୋଟିଏ ଛାତ୍ର ଶ୍ରୀ ଏଚ୍. କେ ରଙ୍ଗନାଥ ସେଠାରେ ପ୍ରଚାରକ ବା Announcer ଥିଲା । ସେ ବିଚରା ଗୋଟିଏ ବି.ଏସ୍.ଏ ସାଇକେଲ ଚଢ଼ି ବେତାରକେନ୍ଦ୍ର ଧାଏଁ । ସବୁଦିନ ମୋ ପକ୍ଷରେ ଏହା ଗୋଟାଏ ଅଗ୍ନି ପରୀକ୍ଷା ଥିଲା । ତଥାପି ଆମେ ନିଆଁକୁ ନ ଡରି ଲଢ଼େଇ କରୁଥାଉ । ଦିନେ ଆମେ ଅନେକ ଡେରିରେ ଆବିଷ୍କାର କଲୁ ଯେ ସମ୍ବାଦରେ ଗୋଟାଏ ଘଟଣା ଆମର ପ୍ରଚାର କରିବାର ନଥିଲା । ତାହା ହେଲା

କାବେରୀ ବନ୍ଧତଳେ ଥିବା ବୃନ୍ଦାବନ ଉପବନକୁ ଜେନେରାଲ୍ ଓ୍ୱାଭେଲଙ୍କ ଆଗମନ ! ଆଉ ଦିନେ ମୋତେ ନିନ୍ଦା ଶୁଣିବାକୁ ପଡିଲା ଯେ ଆଗରୁ ସ୍ୱର ପରୀକ୍ଷା ନକରି ମୁଁ ପ୍ରଚାରକଙ୍କୁ ସମ୍ବାଦ ପଢ଼ିବାର ସୁଯୋଗ ଦେଇଥିଲି। କଥାଟି ହେଲା ସମ୍ବାଦ ପାଠକ ଶ୍ରୋତାମାନଙ୍କୁ ସମ୍ବୋଧନ କରି 'ଶ୍ରୋତାଗାଲୁ' (ଶ୍ରୋତାମାନେ) ବୋଲି ଯାହା କହିଲେ ତାହା କେତେଜଣ ଲମ୍ବାକାନ ଶ୍ରୋତାଙ୍କୁ 'ଶତ୍ରୁଗାଲୁ' (ଶତ୍ରୁମାନେ) ବୋଲି ଶୁଭିଥିଲା।

ସବୁଦିନ ପରି ୧୯୪୨ର ଅଗଷ୍ଟ ୯ ତାରିଖ ଦିନ ସକାଳ ସମ୍ବାଦ ଶୁଣିଲି। କନ୍ନଡ଼ରେ ଏହାର ଅନୁବାଦ କରି ମୋର ବି.ଏସ୍.ଏ. ପ୍ରଚାରକଟିର ହାତରେ ବେତାର କେନ୍ଦ୍ରକୁ ପଠାଇ ଦେଲି। ମହାତ୍ମାଗାନ୍ଧୀଙ୍କ ସହ ଆଉ କେତେଜଣଙ୍କ ଆରେଷ୍ଟ ହେବା କଥା ଆମ କେନ୍ଦ୍ରରୁ ସେଦିନ ପ୍ରଚାରିତ ହୋଇଥିଲା। ମୁଁ ଘରେ ବସି ବାହାରେ ମୋ ନିଜ ଛାତ୍ର ଏମ୍. ଭି. କୃଷ୍ଣାପ୍ପା ଦ୍ୱାରା ଆୟୋଜିତ ଏକ ଉଦ୍ଦାମ ଜନତା କଣ୍ଠରୁ ମୁର୍ଦ୍ଦାବାଦ ଶୁଣିଲାବେଳେ ମୋ ମନରେ ହଠାତ୍ ସନ୍ଦେହ ଆସିଲା, ମୋ ବୁଢ଼ା ଜେନିଥ୍ କଥା ମୁଁ ଠିକ୍ ଭାବରେ ଶୁଣିଚି ତ ! ଏ ପ୍ରଶ୍ନ ଉଠିବା ମାତ୍ରେ ମୋ ଦେହ ଝାଳେଇ ଗଲା, ମୁଁ ଆତଙ୍କରେ ଶିହରି ଉଠିଲି। ମୋ ପାଟିରୁ କଥା ବାହାରିଲା ନାହିଁ କିମ୍ବା ଆଖିକୁ କିଛି ଦିଶିଲା ନାହିଁ! ଏତିକିବେଳେ ମରାଠୀରେ ସମ୍ବାଦ ଆସିଲା। ମୋର ସାନପୁଅ ମୋତେ ଝୁଙ୍କାଇ ଦେଇ କହିଲା, "ବାପା, ଶୁଣ।" ଏଥର ସମ୍ବାଦଟି ସତ ବୋଲି ପୁଣି ଶୁଣିଲା ପରେ ମୋ ଦେହରେ ପ୍ରାଣ ପଶିଲା !

ଏସବୁ ଭୟଙ୍କର ସଙ୍କଟ ମୁହୂର୍ତ୍ତସବୁ କେବଳ ମୋରି ଥିଲା। ଏହାକୁ ଛାଡ଼ିଦେଲେ ଆମେ ବେତାର କେନ୍ଦ୍ରରେ ବଡ଼ ଖୁସିବାସିଆ ଦଳଟିଏ ଥିଲୁ। ଆମେ ସବୁବେଳେ ବେତାର-ପ୍ରଚାରରେ ନୂଆ ନୂଆ ପଦ୍ଧତିର ପରୀକ୍ଷା ଚଳାଇଥିଲୁ। ଡିରେକ୍ଟର ଡକ୍ଟର ଗୋପାଳ ସ୍ୱାମୀ ପ୍ରଚାର କାର୍ଯ୍ୟକ୍ରମରେ ବ୍ୟକ୍ତିଗତ(ବେଳେ ବେଳେ ଖୁବ୍ ବେଶୀ ବ୍ୟକ୍ତିଗତ) ଆଗ୍ରହ ଦେଖାଉଥିଲେ। ମୋର ପ୍ରସ୍ତାବ ଓ ସଂସ୍କାର ସମ୍ବନ୍ଧୀୟ ମତାମତକୁ ସେ ଠିକ୍ ମନୋଭାବରେ ଗ୍ରହଣ କରୁଥିଲେ। ମାତ୍ର ଗୋଟାଏ କଥା ସବୁବେଳେ ତାଙ୍କୁ ବିବ୍ରତ କରୁଥିଲା। ତାଙ୍କର ସବୁବେଳେ ଭୟ ଥିଲା ଆମେ କାଳେ ବଡ଼ବଡ଼ିଆଙ୍କ ପାଦକୁ ଝୁଣ୍ଟି ପକାଇବୁ ! ଦିନେ ଆମେ ପିଲାଙ୍କ ପାଇଁ ଯେତେବେଳେ ସିନ୍ଡ୍ରେଲା କାହାଣୀଟିକୁ ପ୍ରଚାର କଲୁ, ତାଙ୍କର ଭୟ ହୋଇଗଲା ଏଥିରେ ଜଣେ ମହାଜନ ରୁଷ୍ଟ ହୋଇପଡିବେ। କାରଣ ଉକ୍ତ ମହାଜନଙ୍କର ଯେଉଁ ତିନୋଟି କନ୍ୟାରତ୍ନ ଥିଲେ, ସେଥିରୁ ଶେଷଟି ଉଣା ଅଧିକେ ସିନ୍ଡ୍ରେଲା ଅବସ୍ଥାରେ ଥିଲା। ଆମର କାହାଣୀଟି ତାଙ୍କଠାରେ କାଳେ ବିପରୀତ ମନସ୍ତାତ୍ତ୍ୱିକ ପ୍ରତିକ୍ରିୟା ସୃଷ୍ଟି କରିବ ! ଥରେ ଦଶହରା

ଉତ୍ସବ ଉପଲକ୍ଷ୍ୟେ ଆମେ ନଅଦିନଯାକ ସକାଳେ ନଅଟି ସଙ୍ଗୀତ କାର୍ଯ୍ୟକ୍ରମ ପ୍ରଚ୍ଚର କରିବା ନିମନ୍ତେ ବହୁ ଆଗରୁ ଖୁବ୍ ପ୍ରସ୍ତୁତ ହୋଇଥିଲୁ। ଚ୍ଚରିଦିନ ପ୍ରଚ୍ଚର ସରିଥିଲା ଓ ଏହା ଖୁବ୍ ଲୋକପ୍ରିୟ ହୋଇଥିଲା। ମାତ୍ର ପଞ୍ଚମ ଦିନର କାର୍ଯ୍ୟକ୍ରମ ବେଳକୁ ଡିରେକ୍ଟର୍‌ଙ୍କ ମନେହେଲା ମା' ଜଗଦମ୍ବାଙ୍କର ଯେଉଁ ନାମଟି ଆମେ ଆଜି ବ୍ୟବହାର କରିବୁ ତାହା ମହୀଶୂରର ଆଉ ଜଣେ ମହାଜନଙ୍କ ପତ୍ନୀଙ୍କ ନାମ ହୋଇଥିବାରୁ ଏହା ତାଙ୍କର ବିରକ୍ତି ଉତ୍ପାଦନ କରିପାରେ ! ସେ ମୋତେ ଡାକି ୫ମ ଦିନଠାରୁ ଅବଶିଷ୍ଟ ଦିନର ସବୁ ବିଶେଷ କାର୍ଯ୍ୟକ୍ରମ ବାତିଲ୍ କରିଦେବାକୁ ଆଦେଶ ଦେଲେ। ମାତ୍ର ତାଙ୍କ ଆଦେଶ ଅମାନ୍ୟ କରିବାକୁ ମୁଁ ସିଦ୍ଧାନ୍ତ କରିଥିଲି। ଫଳରେ ମୋ ସ୍ଥାନରେ ମହାରାଜା କଲେଜରୁ ମୋର ଜଣେ ସହକର୍ମୀ ଆସି ଯୋଗ ଦେଲେ ଓ ମୁଁ ମୋର ପୁରୁଣା ଛାତ ତଳକୁ ଫେରିଗଲି। ଯେତେବେଳେ ମୋର ପଦତ୍ୟାଗ ଫଳରେ ମୋର ବେତାର-ଶ୍ରୋତାମାନଙ୍କର ସହାନୁଭୂତି ଓ ଶ୍ରଦ୍ଧାର ସମୁଦ୍ରରେ ମୁଁ ଉବୁଟୁବୁ ହେଉଛି, ସେତିକିବେଳେ ମୋତେ ମହୀଶୂରଠାରୁ ୨୦୦ ମାଇଲ୍ ଦୂର ଗୋଟାଏ ମ୍ୟାଲେରିଆ ଅଞ୍ଚଳକୁ ବଦଳି କରି ଦିଆଗଲା। ସେଠାରେ ଅଫିସରମାନଙ୍କୁ କୁଇନାଇନ୍ ବଟିକା କିଣିବା ପାଇଁ ଅଧିକ ଭତ୍ତା ଦିଆଯାଉଥାଏ। କସ୍ତୁରୀ-ଫୁଟବଲ୍‌ଟି ଯାଇ ସିନା କାଦୁଅରେ ପଡିଲା, ମାତ୍ର ଅବିଳମ୍ବେ ଖେଳପଡିଆକୁ ପୁଣି ଗଡି ଆସିଥିଲା।

ଏ ଜାଗାଟିର ନାମ ଥିଲା ଶିମୋଗା। ଏଠି ମଧ୍ୟ ଡିଆଁଡେଇଁ ନକରି ମୁଁ ରହିପାରିଲି ନାହିଁ! ଫୁଟ୍‌ବଲର ସ୍ୱଭାବ ଯିବ କୁଆଡ଼େ ? ଯେଉଁ କ୍ଷତ ଆପେ ବରଣ କରିଥିଲି ଏଠାରେ ସେ କ୍ଷତରେ ମଲମ ଲଗାଇଲି ଦୁଇବର୍ଷ। ମାତ୍ର ଏ ଦୁଇବର୍ଷ ମାତୃଭୂମି ଓ ମାତୃଭାଷା ପ୍ରତି ଲୋକଙ୍କର ଶ୍ରଦ୍ଧା ବଢାଇବା ପାଇଁ ମୁଁ ତିନୋଟି ଉପାୟର ପରୀକ୍ଷା କରିଥିଲି। ମହୀଶୂର ଆଖପାଖ ଅଞ୍ଚଳରେ ସାହିତ୍ୟ ଓ ସଂସ୍କୃତି ସଭାମାନେ ପ୍ରତିବର୍ଷ ବସନ୍ତ ଉତ୍ସବକୁ ଭାରି ଉତ୍ସାହର ସହ ପାଳନ୍ତି। ମୁଁ ବିଚ୍ଚରିଲି ମୌସୁମୀ ମେଘରୁ ବର୍ଷଣ -ନଦୀ ଓ ସେ ଉପଲକ୍ଷ୍ୟେ ଆକାଶର ଉଦ୍‌ବାର୍ଯ୍ୟ ତାଳିମାଡ଼କୁ ଆମେ ବି ସେପରି ଉନ୍ନତ ଭାବରେ ପାଳିବା ଉଚିତ। କାବେରୀ ଓ ତୁଙ୍ଗଭଦ୍ରା ଦକ୍ଷିଣ-ପଶ୍ଚିମ ମୌସୁମୀ ବହି ଆଣିଥିବା ପାଣିକୁ ପେଟେ ପେଟେ ପିଇ ସମୁଦ୍ରଯାଏ ବ୍ୟାପ୍ତ ବିସ୍ତୀର୍ଣ୍ଣ ସ୍ଥଳଭାଗରେ ଉର୍ବର ପ୍ରାଣପ୍ରାଚୁର୍ଯ୍ୟ ଓ ଉତ୍ସବ ଖେଳାଇ ଦିଅନ୍ତି। ସମଗ୍ର ଉନ୍ନତ ସ୍ଥଳଭାଗ କୋମଳ-ସୁନ୍ଦର ଘାସ-ଗାଲିଚ୍ଚରେ ଘୋଡ଼ାଇ ହୋଇପଡ଼େ। ବର୍ଷାର ଝର ପାଣିରେ ବଣ ଜଙ୍ଗଲ ସ୍ନାନ କରି ନିର୍ମଳ ଓ ସତେଜ ଦିଶନ୍ତି। ପ୍ରତି ଘର ହର୍ଷମୁଖର ହୋଇଉଠେ। ଏହି ସମୟରେ ତରୁଣ କବି ପରମେଶ୍ୱର ଭଟ୍ଟ, ଶିମୋଗା-କର୍ଣ୍ଣାଟକ ସଂଘର ଆବାହକ ଶ୍ରୀ ବିଷ୍ଣୁ

ଭଚ୍ଚ ଓ ମୁଁ (ନୂଆ ନାମ ବ୍ରହ୍ମ ଭଚ୍ଚ !) ତିନିହେଁ ମିଶି ପାଳନ କଲୁ ବର୍ଷାଗମ ମହୋତ୍ସବ । ଏ ଉଦ୍ୟମ ଏପରି ଲୋକପ୍ରିୟ ହୋଇଗଲା ଯେ କ୍ୟାଲେଣ୍ଡରରେ ଶିମୋଗାର କନ୍ନଡ଼ ସଂଘ ଉତ୍ସବ ଦିନଟି ନାଲି ଅକ୍ଷରରେ ଛାପା ହୋଇଗଲା ! ଗୋଟିଏ ନୂଆ ପ୍ରସ୍ତାବ ଆସୁ ଆସୁ ଗୃହୀତ ହୋଇଗଲା । ସୌଖୀନ ନାଟ୍ୟଦଳମାନଙ୍କ ନିମନ୍ତେ ଏକ ତତ୍କ୍ଷଣାତ୍ ରଚିତ ଓ ଅଭିନୀତ ନାଟକର ପ୍ରତିଯୋଗିତା କରାଯିବ । ପାଞ୍ଚ ଛଅଟି ବିଷୟବସ୍ତୁ ଭିତରେ ୪୫ମିନିଟର କୌଣସି ଏକ ନାଟକ ରଚନା ଓ ଅଭିନୟ ନିମନ୍ତେ ମାତ୍ର ତିନିଘଣ୍ଟା ପ୍ରସ୍ତୁତି ସମୟ ଦିଆଯିବ । କହିବା ବାହୁଲ୍ୟ ଯେ ଆଗରୁ ମୋର ଗାଁ-ଗହଳିରେ ନାଟକ ପରିବେଷଣର ଅଭିଜ୍ଞତା ଥିବାରୁ ମୋରି ନାଟକ ଏକାଧିକବାର ପ୍ରଥମ ପୁରସ୍କାର ଲାଭ କରିଥିଲା ।

ଆଉ ଗୋଟିଏ ପରୀକ୍ଷା ହେଲା ଦୀପାବଳୀ ଦିନ ପାରମ୍ପରିକ ଦାମୀ ଦାମୀ ବାଣ ଫୁଟାଇବା ପରିବର୍ତ୍ତେ ହାସ୍ୟ-ଚଟାକୀ ବା ହାସ୍ୟରସର ବାଣଫୁଟା । ଶିମୋଗା କନ୍ନଡ଼ ସଂଘ କେତେଜଣ ବେଶ୍ ମୋଟା ଲୋକଙ୍କୁ ସଂଗ୍ରହ କରିଥିଲା । ଜଣେ ପୁଲିସ୍ ଅଫିସର, ଜଣେ ପ୍ରଫେସର୍, ଜଣେ ଡାକ୍ତର, ଜଣେ ଓକିଲ, ଜଣେ ଦୋକାନୀ, ଜଣେ ଟାକ୍ସ କଲେକ୍ଟର ଓ ଜଣେ ଋଷୀ । ଏମାନେ ପ୍ରତ୍ୟେକ ରଙ୍ଗମଞ୍ଚକୁ ଆସି ଦଶମିନିଟ୍ ଲେଖାଏଁ ନିଜର ସର୍ବଶ୍ରେଷ୍ଠ ଭଦ୍ର ହାସ୍ୟରସ ପରିବେଷଣ କରିବେ । ଏହା ଗୋଟାଏ ଅପୂର୍ବ ଦୀପାବଳୀ ଉତ୍ସବ ଥିଲା ଓ ଅନେକେ ପେଟକୁ ଚାପିଧରି ଘରକୁ ଫେରିଥିଲେ । ଏ ଉତ୍ସବଟି ଏପରି ସଂକ୍ରାମକ ପାଲଟିଗଲା ଯେ ବାଙ୍ଗାଲୋରର କନ୍ନଡ଼ ସାହିତ୍ୟ ଏକାଡେମୀ ପରି ସଂଯତ ଭଦ୍ର ସାହିତ୍ୟ ସଂସ୍ଥା ମଧ୍ୟ ଏପରି ଏକ ଉତ୍ସବର ଆୟୋଜନ କରିଥିଲେ ।

୧୯୪୬ରେ ମୁଁ ବାଙ୍ଗାଲୋରର ଇଣ୍ଟରମିଡିଏଟ୍ କଲେଜରେ ଯୋଗ ଦେଲି । ସେଠାରେ ସେଣ୍ଟ୍ରାଲ୍ କଲେଜରେ ଇଂରାଜୀ ଅନର୍ସ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରମାନଙ୍କୁ ବ୍ରିଟେନ୍‌ର ସାମ୍ବିଧାନିକ ଓ ସାମାଜିକ ଇତିହାସ ପଢ଼ାଇବା ପାଇଁ ମଧ୍ୟ ମୋତେ କୁହାଯାଇଥିଲା । ସେତେବେଳକୁ ମୋର ବଡ଼ପୁଅ ବାଙ୍ଗାଲୋର୍‌ର Indian Institute of Science ରେ ଗବେଷଣା-ସ୍କଲାର ହିସାବରେ ତାର କାମ ଶେଷ କରିସାରିଥାଏ ଓ ସାନପୁଅ ଭେଙ୍କଟାଦ୍ରି ବାଙ୍ଗାଲୋର ଇଞ୍ଜିନିୟରିଙ୍ଗ୍ କଲେଜରେ ଯୋଗ ଦେଇଥାଏ । ମୁଁ ମହୀଶୂରରେ ଥିବା ମୋ ଘର ବିକ୍ରି କରି ବାଙ୍ଗାଲୋର୍‌ରେ ଘରଟିଏ ଖୋଜୁଥିଲି । ମୁଁ ଋହୁଁଥିଲି ଘରଟି ସହରର ସଙ୍ଗୀତଠାରୁ ଦୂରରେ ହୋଇଥିବ, ମାତ୍ର କଲେଜକୁ ଯିବା ଆସିବା ପାଇଁ, କୋରାବାଞ୍ଜି ଏବଂ Shanker's Weekly ରେ ମୋର କାମ ଅବ୍ୟାହତ ରଖିବା ପାଇଁ ପାଖ ହୋଇଥିବ ।

❖

ବିପତ୍ତି ଓ ମୁକ୍ତି

ସେ ଦିନଗୁଡିକ ଥିଲା ଭାରତୀୟ ଜନଜୀବନରେ ସଙ୍କଟଜନକ ସମୟ । ବ୍ରିଟିଶ୍ ଶାସନରୁ ନିଜକୁ ମୁକୁଳାଇବା ପାଇଁ ଭାରତ ନିଜର ମାଂସପେଶୀଗୁଡିକୁ ବଳୁଥିଲା । ଯେତେବେଳେ ଅଗଷ୍ଟ ପନ୍ଦର ଆସିଲା ଭାରତର ବିଜୟର ଢକ୍‌କା ବଜାଇ, ମୋର ବଡ଼ପୁଅ ଉଚ୍ଚତର ଶିକ୍ଷା ପାଇଁ ଗ୍ଲାସଗୋରେ ଥିଲା ଓ ସାନପୁଅ ଟାଇଫଏଡ୍ ଜ୍ୱରରେ ବିଛଣାରେ ପଡ଼ି ଥରୁଥିଲା । ସ୍ୱାଧୀନତା-ପାଗଳ ଭରତ ଅର୍ଦ୍ଧରାତ୍ରିରେ ଉତ୍ସବ ପାଳୁଥିବାବେଳେ ସେ ବିଛଣାରେ ହିଁ ଏ ଉତ୍ସବର କାହାଣୀ ଶୁଣୁଥିଲା । ତା ପରଦିନ ସକାଳେ ଦିଲ୍ଲୀର ରେଡ୍‌ଫୋର୍ଟ ଉପରୁ ଜବାହାରଲାଲ ନେହେରୁ ତାଙ୍କର ସ୍ୱାଧୀନତା ଦିବସର ବାର୍ତ୍ତା ଦେଉଥିଲାବେଳେ ଆନନ୍ଦ-ପ୍ରମତ୍ତ ନଗରୀର ଉନ୍ମାଦନାଭରା ରାସ୍ତାରେ ଆମ୍ବୁଲାନ୍‌ସ ଗାଡିରେ ମୋ ସାନପୁଅ ନର୍ସିଂହୋମକୁ ବୁହା ହେଉଥିଲା । ଭେଙ୍କଟାଦ୍ରି ଥିଲା ଅଠର ବର୍ଷ ବୟସର ଗୋଟିଏ କର୍ମଚଞ୍ଚଳ ତରୁଣ । ସେ ବୟସରେ ବହିପଢ଼ାରେ ତାର ପ୍ରଚୁର ଆଗ୍ରହ ଥିଲା । ଏନ୍.ସି.ସି.ର ଜଣେ ଉତ୍ସାହୀ କ୍ୟାଡେଟ୍, ବନ୍ଧୁକ ଫୁଟାଇ ଲକ୍ଷ୍ୟଭେଦ କରିବାରେ ଅତ୍ୟନ୍ତ କୁଶଳୀ, ଜଣେ ପ୍ରତିଭାଶାଳୀ ଡ୍ରାଫଟ୍‌ସମ୍ୟାନ୍, ଘରେ, ବାହାରେ, ଜିମ୍‌ନାସିୟମ୍‌ରେ, ଲାଇବ୍ରେରୀରେ ଓ ତା କଲେଜର ପ୍ରୟୋଗଶାଳାରେ ସଭିଙ୍କ ଆଦରର ପାତ୍ର ହେଲେ ମଧ୍ୟ ନର୍ସିଂହୋମ୍ ତାକୁ ଜୀବନର ଏ ପାରିରେ ଅଟକାଇ ରଖିପାରିଲା ନାହିଁ । କୋରାବାଞ୍ଜି ଖ୍ୟାତିର ଅଧିକାରୀ ମୋର ପ୍ରିୟ ବନ୍ଧୁ ଡାକ୍ତର ଶିବରାମ୍ ତାର ଚିକିତ୍ସା କରୁଥିଲେ । ମାତ୍ର ଥର ଥର ଦୀପଶିଖାଟି ମୃତ୍ୟୁର ଝଡ ଆଗରେ ଆଉ ବେଶୀଦିନ ଜଳିପାରିଲା ନାହିଁ । ଯେଉଁ ସ୍ୱାଧୀନ ଭାରତକୁ ସେ ଦୀର୍ଘଦିନ ସେବା କରିପାରିଥାନ୍ତା, ସେଥିରେ ସେ ମାତ୍ର ନଅଦିନ ବଞ୍ଚିଥିଲା ।

ଗୋଟାଏ ଦାରୁଣ ଶୂନ୍ୟତାକୁ ସାଙ୍ଗ କରି ଝୁଣ୍ଟି ଝୁଣ୍ଟି ବଞ୍ଚି ରହିବା ଆମ ଭାଗ୍ୟରେ ଲେଖା ଥିଲା । ପତ୍ନୀ ଓ ବୋଉକୁ ଶାନ୍ତ କରିବା ଅସମ୍ଭବ ଥିଲା । ଅନ୍ଧାର ଭିତରେ ମୁଁ ମଧ୍ୟ ଅଶାନ୍ତ ଛାୟା ପରି ଘୂରି ବୁଲୁଥିଲି । ଯେଉଁ ରକ୍ତଝରା ଆଘାତ ମୋତେ ଶିମୋଗାକୁ ଠେଲି ଦେଇଥିଲା, ତାର ଘାଆ ଶୁଖୁ ନ ଶୁଖୁଣୁ ଏ ପାହାର ମୋ ହୃଦୟକୁ ଭାଙ୍ଗି ଦେଇଥିଲା । ଆଉ ସେ ଭଙ୍ଗା ହୃଦୟରେ ହିଁ ବୈଦ୍ୟନାରାୟଣ ଆସି ପହଞ୍ଚିଥିଲେ । ମହୀଶୂର ରାମକୃଷ୍ଣ ମିସନ୍‌ର ସମ୍ବବାନନ୍ଦ ମୋତେ ଆଶ୍ୱାସନା ଦେଇ କହିଥିଲେ, " ଯେଉଁ ହରି ତୁମକୁ ଏପରି ଆହତ କଲେ, ସେଇ ହରି ହିଁ ସେଥିରୁ ତୁମକୁ ଉଦ୍ଧାର କରିବେ ।"

ସପ୍ତାହକ ପରେ ମୋର ହଜିଯାଇଥିବା ପୁତ୍ରର ଅନ୍ତରଙ୍ଗ ସାଙ୍ଗ ଗୋପୀ ମୋ ପାଖକୁ ଆସିଥିଲା। ସେ କହିଲା ବାଟରେ ଧର୍ମାଭରମ୍ ବୋଲି ଗୋଟିଏ ସ୍ଥାନରେ ସେ ବାଟ ଭାଙ୍ଗି ଜଣେ ସତ୍ୟସାଇ ବାବାଙ୍କ ପାଖକୁ ଯାଇଥିଲା। ବାଟରେ ତାଙ୍କୁ ଦର୍ଶନ ନ କରି ସିଧା ପଳେଇବାକୁ ତାର କୁଆଡ଼େ ସାହସ ହେଲା ନାହିଁ। ସତ୍ୟସାଇ ବାବାଙ୍କୁ ସେ ଜଣେ ଈଶ୍ୱର-ପୁରୁଷ ବୋଲି ବର୍ଣ୍ଣନା କରୁଥିଲା। ବାବା ତାର ବନ୍ଧୁର ମୃତ୍ୟୁ କଥା ଶୁଣି ପରଲୋକଗତ ବନ୍ଧୁର ପିତାମାତାଙ୍କ ପାଇଁ କେତେପୁଡା ବିଭୂତି ପଠାଇଥିବା କଥା ସେ କହିଲା। ଗୋପୀ ମୋ ହାତରେ ବିଭୂତି ପୁଡିଆଟକ ଦେଇ ମୋତେ ଆଶ୍ୱାସନା ଦେଲା ତାର ସତ୍ୟସାଇ ବାବା ଏ ଦୁଃଖର ଆଘାତ ସହିବାକୁ ଆଉ ପୁଣି ଜୀବନର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଆମକୁ ଧୈର୍ଯ୍ୟ; ସାହସ ଓ ବିବେକ ପ୍ରଦାନ କରିବେ। ବାବା ସେତେବେଳେ ୨୧ ବର୍ଷ ବୟସର ତରୁଣ; ତାଙ୍କ ମାତୃଭାଷା ତେଲୁଗୁ, ମାତ୍ର ସେ କନ୍ନଡ଼ ମଧ୍ୟ କହନ୍ତି। ଗୋପୀ ମତରେ ସେ ଥିଲେ ସ୍ୱୟଂ ଈଶ୍ୱରପୁରୁଷ।

ମୁଁ ତୀକ୍ଷ୍ଣ ସ୍ୱରରେ ଉତ୍ତର ଦେଲି, "ତୁ ଦେଖୁଚୁ ମୋ ଭଗବାନ୍ ମୋତେ ଛାଡି ଚାଲିଗଲେ, ଆଉ ତୋ ଭଗବାନ୍ ମୋତେ କିପରି ବା ଉଦ୍ଧାର କରିବେ ?" ସେ ବିଭୂତିକୁ ମୁଣ୍ଡରେ ମାରିବା କିମ୍ୱା ଜିଭରେ ଲଗାଇବା ପାଇଁ ମୋର ଆଦୌ ମନ ନ ଥିଲା, ଏହାକୁ ଫିଙ୍ଗି ଦେବାର ଦୁଃସାହସ ମଧ୍ୟ ହେଲା ନାହିଁ। ଗୋପୀ ମୋତେ କହିଥିଲା ଏ ସତ୍ୟସାଇ ବାବା ମହାରାଷ୍ଟ୍ରର ନାସିକ ପାଖରେ ଥିବା ଶିରଡିରେ ଆଗେ ରହୁଥିବା ସାଇବାବାଙ୍କର ଅବତାର। ମାତ୍ର ଯେଉଁ ପିତା ନିଜ ପୁଅକୁ ଚିତା ଉପରେ ସଜାଡି ପାଉଁଶରେ ପରିଣତ କରିଛି ଓ ଲୁହର ଝରଣା ବୁହାଇ ମଧ୍ୟ ତା ଭିତରର ନିଆଁକୁ ଲିଭାଇ ପାରିନାହିଁ, ସେ ପିତାକୁ ଚେନାଏ ଭସ୍ମ ବା କିପରି ଶାନ୍ତ କରିପାରିବ ? ତେଣୁ ପଡୋଶୀ ଘରେ ଜଣେ ଶିରଡି ସାଇବାବାଙ୍କ ଭକ୍ତ ପାଖକୁ ଆମେ ଏ ବିଭୂତି ପୁଡିଆଟକ ପଠାଇ ଦେଇଥିଲୁ।

ଅଳ୍ପଦିନ ଭିତରେ କୁଟୁମ୍ବର ଜଣେ ବୟସ୍କ ଲୋକ ମୋତେ ଆସି କହିଲେ ସତ୍ୟସାଇ ବାବା ଯେଉଁ ବିଭୂତି ପଠାଇଥିଲେ ତାହା ଆମ ଦୁଃଖକୁ ଶାନ୍ତ କରିପାରିବ, କାରଣ ତାହା ଥିଲା କୃପାର ନିଦର୍ଶନ। ସେ ଥିଲେ ଜଣେ ଅବସରପ୍ରାପ୍ତ ସାନିଟାରୀ ଇନ୍‌ସପେକ୍ଟର। ମାତ୍ର ମୋର ସନ୍ଦେହ ହେଲା ବୃଦ୍ଧତ୍ୱର ମତିଭ୍ରମ ଅବସ୍ଥା ତାଙ୍କୁ ଗ୍ରାସ କଲାଣି। ତାଙ୍କ କଥାଗୁଡିକ ମୋତେ ନିର୍ମଳ ଧର୍ମାନ୍ଧତା ପରି ଲାଗିଲା। ତାଙ୍କର ଜଣେ ପୁଅ କୀଟତତ୍ତ୍ୱବିଦ୍ ଥିଲା। ନଡିଆ ଗଛକୁ ଖାଇ ଯାଉଥିବା କୀଟମାନଙ୍କର ଅଧ୍ୟୟନ ନିମନ୍ତେ ସେ ଗୋଟିଏ ଇଉନେସ୍କୋ

ଫେଲୋସିପ୍ ପାଇ ଦିଲ୍ଲୀରୁ ଦୂରପ୍ରାଚ୍ୟ ଅଭିମୁଖେ ଚାଲିଯିବାରୁ ବୁଢ଼ା ବାଙ୍ଗାଲୋରରେ ଥିବା ତାଙ୍କ ଝିଅ ଘରେ ରହିବାକୁ ଚାଲିଆସିଥିଲେ। ତାଙ୍କର ଜ୍ୱାଇଁ ସେତେବେଳେ ୱାଲଚାନ୍ଦ୍ ହୀରାଚାନ୍ଦଙ୍କ ହିନ୍ଦୁସ୍ଥାନ ଏୟାରକ୍ରାଫଟ୍ ଲିମିଟେଡ୍ କମ୍ପାନୀରେ ଆକାଉଣ୍ଟାଣ୍ଟ୍ ବା ହିସାବରକ୍ଷକ ଥିଲେ। ବୁଢ଼ା ଦିଲ୍ଲୀରେ ଥିବାବେଳୁ ବାବାଙ୍କୁ ଜାଣିଲେଣି। ଦିଲ୍ଲୀରେ ବାବାଙ୍କର ଅନେକ ଭକ୍ତ ତାଙ୍କର ଜଣାଶୁଣା। ସେ ନିଜେ ବି ଡଜନାଧିକ ଥର ପୁଟ୍ଟପର୍ତ୍ତି ଗାଁକୁ ଯାଇଛନ୍ତି। ବାବାଙ୍କ ସହ ସେ ଏପରି ଅନ୍ତରଙ୍ଗ ଭାବରେ ପରିଚିତ ଥିଲେ ଯେ ବାବା ତାଙ୍କୁ ପୋଟ୍ଟି (ବାମନ) ନାମରେ ଡାକୁଥିଲେ। ଈଶ୍ୱର ପୁରୁଷଙ୍କ ଆଗରେ ତାଙ୍କୁ ଏ ବାମନାବତାର ନାମଟି ମିଳିଥିବାରୁ ସେ ବଡ଼ ଗର୍ବ ଅନୁଭବ କରୁଥିଲେ। ମୋର ବୋହୂ ଥିଲା ତାଙ୍କ ଭାଇଙ୍କ ଝିଅ। ତେଣୁ ଆମ ଘରେ ତାଙ୍କର ଚଳପ୍ରଚଳର ଅବାଧ ଅଧିକାର ଥିଲା। ତାଙ୍କର ବର୍ଣ୍ଣନା ସବୁ ଆମ କାନରେ ଅବଶ୍ୟ ପଡୁଥିଲା, ମାତ୍ର ଆମେ ତାଙ୍କର ଏହି ନିର୍ବୋଧ ବିଶ୍ୱାସକୁ ଦୟା ଦେଖାଉଥିଲୁ!

ମୋର ଗୁରୁ ମହାପୁରୁଷଜୀଙ୍କ ସହ ରାମକୃଷ୍ଣ ମିସନ୍‌ର ପ୍ରତ୍ୟେକ ସନ୍ନ୍ୟାସୀ ଅଲୌକିକତା ପ୍ରଦର୍ଶନ କରୁଥିବା ଲୋକମାନଙ୍କ ସମ୍ପର୍କରେ ଆମକୁ ସତର୍କ କରି ଦେଇଥିଲେ। ସେମାନେ ଏହା ଦ୍ୱାରା ଆପଣାର ତଥା ଅନ୍ୟମାନଙ୍କର ଅନିଷ୍ଟ ସାଧନ କରନ୍ତି ବୋଲି ସନ୍ନ୍ୟାସୀମାନଙ୍କଠାରୁ ମୁଁ ଶୁଣିଥିଲି। ଟିକିଏ ବକ୍ରଦୃଷ୍ଟିରେ ଚାହିଁଲେ ଦେଖାଯିବ ଏହି ତରୁଣ ବାବାଙ୍କ ନାମଟି ମଧ୍ୟ କିପରି ଅବାନ୍ତର ଥିଲା। କାରଣ କନ୍ନଡ଼ ଭାଷାରେ ସାୟୀ ଅର୍ଥ "ମରିବୁ ଯା"। ମହୀଶୂରରେ ମୋର ଦୀକ୍ଷିତ ବୋଲି ଜଣେ ବନ୍ଧୁ ଥିଲେ। ସେ ଶିରଡିରୁ ଫେରିବାର ସପ୍ତାହକ ଭିତରେ ସେପାରିକୁ ଟିକଟ କାଟିଥିଲେ। ତେଣୁ ବୁଢ଼ା ଆମ ଘରେ ସତ୍ୟସାଇ ବାବାଙ୍କ କଥା କହିବାରେ ଚତୁର୍ମୁଖ ହେଲାବେଳେ ମୁଁ ତାଙ୍କୁ ସ୍ପଷ୍ଟ ଶୁଣାଇ ଦେଉଥିଲି ଏସବୁ କଥାରେ ମୋର ପଇସାଟାକର ବିଶ୍ୱାସ ନାହିଁ।

ମାତ୍ର ପୋଟ୍ଟି ଆୟାରଙ୍କର ଗୋଟିଏ ଦୁର୍ଦ୍ଦାନ୍ତ ନାତି ଥିଲା। ତାଙ୍କ ଝିଅର ଏକମାତ୍ର ସନ୍ତାନ। ବି.ଏସ୍.ସି.ପାଶ୍ କରିଥିଲା, ମାତ୍ର କଥା କହିବାରେ ଅତି ପାରଙ୍ଗମ। ଏ ତରୁଣ ବାବାଙ୍କର ଈଶ୍ୱରତ୍ୱ ପ୍ରତିଷ୍ଠା କରିବାରେ ସେ ବୁଢ଼ା ଅଜାଠାରୁ ବଳିଗଲା। ମୁଁ କହିଲି, ଦେଖ-ବାଙ୍ଗାଲୋର ସେଣ୍ଟ୍ ଯୋସେଫ୍ କଲେଜର ଜଣେ ବିଜ୍ଞାନ ଗ୍ରାଜୁଏଟ୍, ନିଜ ବୟସର ଗୋଟାଏ ଟୋକାକୁ ଚାଲନ୍ତା ବିସ୍ମୟ ବୋଲି ବିଶ୍ୱାସ କରି ମୁଣ୍ଡରେ ବସାଉଛି! ମାତ୍ର ଏ ପିଲାଟି ମୋତେ ଗୋଟାଏ ଅଲୌକିକତା ସଂପାଦନ କରିବାକୁ ପ୍ରବର୍ତ୍ତାଇବାରେ ସଫଳ ହୋଇଗଲା। ସେ ଲାଗି ଲାଗି ମୋଠାରୁ ସ୍ୱୀକୃତି ଆଦାୟ କରିନେଲା ଯେ ଅନ୍ତତଃ ଥରେ ମୁଁ ଏହି ତରୁଣ ବାବାଙ୍କୁ ଦେଖିବାକୁ ଯିବି।

ସେତେବେଳେ ସତ୍ୟସାଇ ବାବା ବାଙ୍ଗାଲୋର୍‌ର Bull Temple Road ରେ ଜଣକ ଘରେ ରହୁଥିଲେ। ମୁଁ, ମୋ ସ୍ତ୍ରୀ, ଝିଅ ଓ ବୋଉ ଚାରିଜଣ ସେଠାକୁ ବାହରିଲୁ। ଘରଟିର ବୈଠକଖାନାଟିରେ ଲୋକ ଭର୍ତ୍ତି ଥିଲେ। ବାବା ସେମାନଙ୍କ ମଝିରେ ହାତ ପାପୁଲି ଉପରେ ମୁଣ୍ଡକୁ ରଖି ଚୁପ୍‌ଚାପ୍ ବସିଥିଲେ। ମୁଣ୍ଡର ଗୋଟିଏ କଡ଼ରେ ଭାଗ ଥାଇ ବଢୁଥିବା ତାଙ୍କ କେଶର ମୁକୁଟଟି କେବଳ ଆମକୁ ଦିଶୁଥିଲା। ମୁହଁଟି ଘୋଡାଇ ରଖିଥିଲେ ହାତର ପାପୁଲିରେ। ମୋର ସନ୍ଦେହ ହେଲା ଆମ ଭିତରୁ କେହି ହେଲେ ତାଙ୍କ ଦୃଷ୍ଟିରେ ପଡି ନାହାନ୍ତି। ଆମେ ସେଠି ଦଶମିନିଟ୍ ଖଣ୍ଡେ ରହିଲୁ। ମାତ୍ର ମୁଁ ତାଙ୍କଠି କିଛି ବିଶିଷ୍ଟତା ଦେଖି ନଥିଲି। କିନ୍ତୁ ଆସିଲାବେଳେ ବାଟରେ ମୋ ସ୍ତ୍ରୀକୁ କହିଲି, ଏ ନୀରବ ବାବାଟିକୁ ପୋଚ୍ଚି ଆୟାର ଓ ତାଙ୍କ ପରିବାର ଯେପରି ମୁଣ୍ଡରେ ବସାଇଛନ୍ତି, ବାବା ଯଦି ପଦଟିଏ କହି ଦିଅନ୍ତେ ଆମ ପଦ୍ମା ତାଙ୍କ ଘରକୁ ବୋହୂ ହୋଇ ଯାଇପାରନ୍ତା।

ପଦ୍ମା ମୋ ଝିଅ। ମୁଁ ଏକାଧିକ ଥର ପୋଚ୍ଚି ଆୟାରଙ୍କୁ ପ୍ରସ୍ତାବ ଦେଇଥିଲି ତାଙ୍କ ନାତି ସହ ପଦ୍ମାର ବାହାଘର କରିବାକୁ। ତାଙ୍କ ନାତିଟିଠାରେ ମୋ ମନ ଲାଖି ଯାଇଥିଲା, ବିଶେଷତଃ ସେ ଆଇ.ସି.ଏସ୍. ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲାବେଳେ ବ୍ରିଟିଶ୍ ସମ୍ବିଧାନ ପାଠଟି ମୁଁ ତାକୁ ପଢ଼ାଇଲା ପରେ। ମାତ୍ର ତାର ବାପା-ମା ମୋ ପ୍ରସ୍ତାବରେ ରାଜି ହୋଇ ନ ଥିଲେ, କାରଣ ତାଙ୍କ ମନରେ ଭିନ୍ନ ଯୋଜନା ଥିଲା। ସେମାନଙ୍କର ଭୟ ଥିଲା ଆଇ.ସି.ଏସ୍. ହୋଇଗଲେ ତାଙ୍କ ପୁଅ ଯେତେ ଯୌତୁକ ପାଇବ ତାହା ଦେବାକୁ ମୋର ସାମର୍ଥ୍ୟ ନ ଥିଲା। ତେଣୁ ସେ ପିଲାଟିର ବାପା ନିଜେ ମୋ ପାଇଁ ଜ୍ୱାଇଁଟିଏ ଖୋଜିଦେବାର ଦାୟିତ୍ୱ ତାଙ୍କର ବୋଲି କହିଥିଲେ! ଏ ପ୍ରତିଶ୍ରୁତିକୁ ମୁଁ ମୋ ପ୍ରସ୍ତାବ ଏଡ଼ାଇ ଦେବାର ଗୋଟାଏ କୋମଳ କୌଶଳ ବୋଲି ବୁଝିଯାଇଥିଲି। ମାତ୍ର ଯେତେବେଳେ ଏ ଟୋପିପରି କେଶଥିବା ତରୁଣ ବାବାଟି ପ୍ରତି ସେମାନଙ୍କର ଏକାନ୍ତ ଆନୁଗତ୍ୟ ଦେଖିଲି, ସେତେବେଳେ ମୋ ମନ ଭିତରର ଭାବନା ଏହିପରି ବାହାରି ପଡିଲା। ବାବା ଯଦି କୌଣସି ପ୍ରକାରେ ପୋଚ୍ଚି ଆୟାର ପରିବାରକୁ ଟିକେ କହି ଦିଅନ୍ତେ ତେବେ ପଦ୍ମା ସହ ସେ ପିଲାଟିର ବାହାଘର ନିଶ୍ଚେ ହୋଇପାରନ୍ତା। ଏହା ଗୋଟାଏ କ୍ଷୀଣ ଆଶା ମାତ୍ର ଥିଲା, ପବନର ନିଃଶବ୍ଦ ପ୍ରବାହ ପରି ।

ସେତେବେଳେ ଏହି ବାବା ମୋ ପକ୍ଷରେ ଥିଲେ ଇତିହାସର ଗୋଟିଏ ଆଗ୍ରହପ୍ରଦ ଘଟଣା। ସେହି ଦୃଷ୍ଟିରୁ, ଜଣେ ଇତିହାସ ଅଧ୍ୟାପକ ଭାବରେ, ତାଙ୍କୁ ଜାଣିବାକୁ ମୁଁ ଇଚ୍ଛା କରିଥିଲି। ଆଗରୁ ରମଣ ମହର୍ଷିଙ୍କ ଆଶ୍ରମକୁ ଯାଇ ତାଙ୍କ ପାଖରେ ମୁଁ ପୂରା ତିନିଦିନ ରହିଥିଲି।

ମୋତେ ଗୋପାଳ ମହାରାଜ କହିଥିଲେ ଯିଏ ରମଣ ମହର୍ଷିଙ୍କ ଆଗରେ ତାଙ୍କରି ଦ୍ୱାରା ରଚିତ ଅରୁଣାଚଳ ସ୍ତବ କିମ୍ବା ଆତ୍ମା ଉପରେ ସେ ଲେଖିଥିବା ସ୍ତୋତ୍ର ପାଠ କରିବ, ସିଏ ମହର୍ଷିଙ୍କର ପରମହଂସତ୍ୱର ସୂଚନା ପାଇ ପାରିବ। ଏହି ପରମହଂସତ୍ୱ ବର୍ଣ୍ଣନା କରିବାକୁ ଯାଇ ମୋର ବନ୍ଧୁ କହିଥିଲେ ଏହା ମାତା ପକ୍ଷୀ ନୀରବରେ ଅଣ୍ଡାଗୁଡ଼ିକ ଉପରେ ବସିବା ପରି। ମୁଁ ହୁବ୍‌ଲିର ସିଦ୍ଧାରୂଢ ସ୍ୱାମୀଙ୍କ ପାଖକୁ ମଧ୍ୟ ଯାଇଥିଲି। ସେଠାରେ ଶିବଚିନ୍ମୟତାର ପ୍ରଶାନ୍ତି ମୁଁ ଅନୁଭବ କରିଥିଲି। ମାତ୍ର ଏ ତରୁଣ ବାବାଙ୍କର ମସ୍ତକରେ ମୁକୁଟ ପରି କେଶଭାର ଯେତେବେଳେ ଦେଖିଲି ଓ ତାଙ୍କର ବିଭୂତି 'ସୃଷ୍ଟି' କରିବା, ଭବିଷ୍ୟତ କଥା କହିବା, ଅତୀତ୍ ଓ ବର୍ତ୍ତମାନ କଥା ପ୍ରକାଶ କରିବା ସମ୍ପର୍କରେ ନାନା ଘଟଣା ଶୁଣିଲି, ସେତେବେଳେ ମୋ ମନରେ ଭୟ ଓ ସଂଶୟ ଜାତ ହେଲା । ଅବଶ୍ୟ ଏହି ଭୟ ଓ ସଂଶୟ ସହିତ ମିଶି ଥିଲା ଆଶା, ପ୍ରଶଂସା ଓ ସଂଭ୍ରମ ଭାବ। ମୋର ସଂପର୍କୀୟମାନଙ୍କର ଅତିରଞ୍ଜିତ ବିବରଣୀ ଶୁଣି ଭାସି ନଯିବା ପାଇଁ ନିଜକୁ ମୁଁ ସତର୍କ କରି ଦେଇଥିଲେ ମଧ୍ୟ ବାବାଙ୍କୁ ଉପହାସ ବା ତୁଚ୍ଛଜ୍ଞାନ କରିବାର ସାହସ ମୋର ନଥିଲା। ମୋର ପ୍ରଥମ ପୂଜ୍ୟ ଶ୍ରୀ ରାମକୃଷ୍ଣ ଦେବଙ୍କୁ ଥର ଥର ହାତ ଓ କ୍ଷୀଣ ବିଶ୍ୱାସରେ ଭିଡି ଧରିଥିଲି। ଯେତେବେଳେ ମୃତ୍ୟୁ ମୋ ଘରେ କଳାକନା ବୁଲାଇ ଦେଲା ସେତେବେଳେ ମୋର ଦୃଢ଼ ଅବଲମ୍ବନ ହୋଇପାରିଥାନ୍ତେ ଗୋପାଳ ମହାରାଜ। ମାତ୍ର ସେତେବେଳେ ସେ ଥିଲେ ସୁଦୂର ଫ୍ରାନ୍‌ସରେ, ରାମକୃଷ୍ଣଙ୍କ ଅନୁରକ୍ତ ଶିଷ୍ୟମାନଙ୍କ ବିପନ୍ନ ଅବସ୍ଥାରେ ଆପେ ରୋମେଲଙ୍କ କ୍ରୋଧ ବରଣ କରି।

ଯେଉଁ ପିଲାଟିକୁ ଜୋଇଁ କରିବାକୁ ମୁଁ ମନ କରିଥିଲି ତାର ବାପା ପରମେଶ୍ୱର ଆୟାର କେତୋଟି ସପ୍ତାହ ମଧ୍ୟରେ ମୋ ପାଇଁ ଗୋଟିଏ ଜୋଇଁ ଠିକ୍ କରି ହାଜର ହୋଇଗଲେ। ସେ ଭାବୁଥିଲେ ଏ ପିଲାଟିକୁ ମୁଁ ଆଗ୍ରହର ସହ ଗ୍ରହଣ କରିନେବି। ତାର ସୁଗୁଣାବଳୀ କୀର୍ତ୍ତନ କରିସାରି ସେ ମୋତେ କହିଲେ ଯେଉଁ ରାଶିନକ୍ଷତ୍ରରେ ତାର ଜନ୍ମ ସେଥିରୁ ଜଣାପଡୁଛି ସେ ନିଶ୍ଚୟ ଜଣେ ଅସାଧାରଣ ଇଂଜିନିୟର୍ ହେବ। ପିଲାଟିର ଯୋଗ୍ୟତା ଓ ପରିବାର ସମ୍ପର୍କରେ ମୁଁ ଗୋଟାଏ ପ୍ରାଥମିକ ଅନୁସନ୍ଧାନ କଲି। ତାର ବାପା ମତେ ଆଗ୍ରହର ସହ ସ୍ୱାଗତ ଜଣାଇ କହିଲେ ମୋ ଝିଅ ତାଙ୍କର ବୋହୂ ହେଲେ ସେ ଖୁସି ହେବେ। ଆମେ ତାଙ୍କର ବାଙ୍ଗାଲୋର ଘରକୁ ଜୋଇଁଦେଖା କାମରେ ଗଲୁ। ମୋର ପତ୍ନୀ ତାଙ୍କର ହାଣ୍ଡିଶାଳ ଦେଖିବାକୁ ଗଲା, କାରଣ ସେଇଠି ତା ଝିଅର ଅଧିକାଂଶ ସମୟ କଟିବ। ହାଣ୍ଡିଶାଳ ନିର୍ମଳ ଓ ପ୍ରଶସ୍ତ ଥିବାର ଦେଖି ତା ମନରେ ସନ୍ତୋଷ ଆସିଲା। ଏଣେ ମୁଁ ପ୍ରସ୍ତାବିତ ଜୋଇଁ ପିଲାଟି ସାଙ୍ଗେ କଥାବାର୍ତ୍ତା

କରି ଜାଣିପାରିଲି ସେ ବେଶ୍ ଖୁସିବାସିଆ ଓ ଚଞ୍ଚଳ ପିଲଟିଏ। ସ୍ୱାସ୍ଥ୍ୟ ମଧ୍ୟ ବେଶ୍ ସୁଠାମ। ସେ ଇଉଜିନ୍ ସାଣ୍ଡୋ ନାମକ ବିଖ୍ୟାତ ବ୍ୟାୟାମବିଶାରଦଙ୍କ ଜଣେ ପ୍ରଶିଷ୍ୟଠାରୁ ବ୍ୟାୟାମ ତାଲିମ ନେଉଥିବା କଥା ବି ଶୁଣିଲି। ତାର ଦେହର ବିଭିନ୍ନ ଅଂଶରେ ମାଂସପେଶୀଗୁଡିକର ସୁଠାମ ଗଠନ ମୋତେ ସନ୍ତୋଷ ଦେଇଥିଲା। ସେ ପିନ୍ଧିଥିବା ପତଳା ସାର୍ଟ ଭିତରୁ ତାର ସୁଗଠିତ ବପୁ ଫୁଟି ଦିଶୁଥିଲାବେଳେ ବର ଓ ବରବାପା-ମାଆଙ୍କୁ ଆମ ଘରକୁ ଆସିବାର ନିମନ୍ତ୍ରଣ ଜଣାଇ ଆସିଲୁ। ମାତ୍ର ଘରକୁ ଫେରି ଦେଖିଲୁ ଆମ ଝିଅ ଲୁହ ଝରାଇ ବସିଛି। ପୋଚି ଆୟାରଙ୍କ ନାତିଠାରେ ତାର ମନ ଲାଖି ଯାଇଥିଲା।

ଗୁରୁବାର ହିଁ ଏ ଶୁଭକାମରେ ଭେଟାଭେଟି ପାଇଁ ଖୁବ୍ ଉପଯୁକ୍ତ ବୋଲି ପରମେଶ୍ୱର ଆୟାର ମତ ଦେଲେ। ତାଙ୍କ ବାବା କୁଆଡ଼େ ପିଲାବେଳୁ ମଧ୍ୟ ଗୁରୁବାର ଦିନଟି ସବୁଦିନଠାରୁ ଅଧିକ କୃପାଘନ ଥିଲେ। ଆମେ ଘର ଝଡ଼ାଝଡ଼ି କଲୁ, ଆସବାବ୍‌ପତ୍ର ପୋଛାପୋଛି କରି ଚିକ୍‌କଣ କଲୁ। ପରଦା ଝୁଲାଇ, ମିଠା କିଣି ଆଣି, ରୂପାଦାନି ଓ ରୂପାର ବାସନ ବାକ୍‌ସରୁ କାଢ଼ି ଅତିଥିମାନଙ୍କୁ ଯଥାଯୋଗ୍ୟ ସ୍ୱାଗତ ଜଣାଇବାକୁ ପ୍ରସ୍ତୁତ ହୋଇ ରହିଲୁ। ସେମାନେ କାଳେ ଆସିବାକୁ ଭୁଲିଯିବେ ଏହି ଭୟରେ ମୁଁ ଦିନ ଦଶଟାବେଳକୁ ଆୟାରଙ୍କ ଘରେ ପହଞ୍ଚି ତାଙ୍କ କବାଟ ବାଡ଼େଇଲି। କାରଣ ସେ ମୋତେ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ସେମାନଙ୍କ ସାଙ୍ଗରେ ଆମ ଘରକୁ ଆସିବେ ଓ ପ୍ରସ୍ତାବଟି ଗ୍ରହଣ କରିନେବା ପାଇଁ ସେମାନଙ୍କୁ ପ୍ରବର୍ତ୍ତାଇବେ।

କବାଟ ସଙ୍ଗେ ସଙ୍ଗେ ଖୋଲିଲା ନାହିଁ। ତାଙ୍କ ପୁଅ କାମକୁ ବାହାରି ଯାଇଥିଲା। ସର୍ଭେ ଅଫ୍ ଇଣ୍ଡିଆ ଅଫିସ୍‌ରେ ସେ ଜଣେ ହିସାବରକ୍ଷକ ଥିଲା। କବାଟ ସେପଟେ ସ୍ୱାମୀ-ସ୍ତ୍ରୀ ବିରକ୍ତିକର ସ୍ୱରରେ କିଛି ଆଲୋଚନା କରୁଥିବା ମୋତେ ଶୁଭିଲା। ମୁଁ ବାହାରେ ଠିଆ ହୋଇ ବିଚାରୁଥିଲି ଏ ଅନୁଚ୍ଚ ଶବ୍ଦମାନଙ୍କର ସଅଁ ସଅଁ ଖେଳ କିପାଇଁ! ହଠାତ୍ କବାଟଟା ଖୋଲିଗଲା, ତା ସଙ୍ଗେ ସଙ୍ଗେ ସ୍ୱାମୀ ପତ୍ନୀଙ୍କୁ ନୀରବ ରହିବାର ତୀକ୍ଷ୍ଣ ଇଙ୍ଗିତ ଦେବା ମଧ୍ୟ ମୋ ଆଖିରେ ପଡ଼ିଲା।

ପରମେଶ୍ୱର ଆୟାର ଯାହାସବୁ କହିଲେ ସେଥିରୁ ମୁଁ ବୁଝିଲି ସେ ଗଲା ବୁଧବାର ଦିନ ରାତିରେ ବାବାଙ୍କୁ ସ୍ୱପ୍ନରେ ଦେଖିଥିଲେ। ସତ୍ୟସାଇ ବାବା କୁଆଡେ ତାଙ୍କୁ ସ୍ୱପ୍ନରେ କହିଲେ (ବୁଦ୍ଧି ଘରଛଡ଼ା ହେଲେ ମଣିଷ ଏପରି ସ୍ୱପ୍ନ ଦେଖେ ସିନା !) ତାଙ୍କ ଭକ୍ତ ସକାଳେ ଯାଇ ତାଙ୍କୁ ଭେଟିବ। ପ୍ରକୃତରେ କବାଟ ପଛରେ ସେ ତାଙ୍କ ପତ୍ନୀଙ୍କୁ ସତ୍ୟସାଇ ବାବାଙ୍କ ସହ ଇଣ୍ଟରଭିଉର କଥା ହିଁ କହୁଥିଲେ। ଇଣ୍ଟରଭିଉରେ ବାବା ତାଙ୍କୁ କହିଲେ, " ତତେ ଗାଳି

କରିବାକୁ ହିଁ ଡାକିଚି ।" ସ୍ୱାମୀଙ୍କ ପାଦ ଛୁଉଁ ଛୁଉଁ ସେ ଏକଥା ତାଙ୍କୁ କହିଲେ ବୋଲି ଆୟାର ବର୍ଣ୍ଣନା କଲେ । ଏସବୁ କଥା ମୋ ବିସ୍ମରବୁଦ୍ଧିକୁ ଗୋଳମାଳ କରିପକାଇଲା । ପଚାଶ ଟପିଥିବା ଜଣେ ଭଦ୍ରଲୋକ, ସ୍ୱପ୍ନ, ଆଦେଶ ଓ ସ୍ୱପ୍ନର ସତ୍ୟତାର ପ୍ରମାଣ - ପୁଣି କୈଶୋରକୁ ସଦ୍ୟ ଅତିକ୍ରମ କରି ଯାଇଥିବା ଜଣେ 'ବାବା' ପାଖରୁ 'ଗାଳି' ଶୁଣିବା- ଓଃ, ଏସବୁ ମତେ ବଡ଼ ଦୁଃଖଦାୟକ ଘଟଣା ପରି ଲାଗିଲା ! ମୋତେ ଲାଗିଲା ଏମାନଙ୍କର ମୁଣ୍ଡଟିମାନ ଆଉ ଠିକ୍ କାମ କରୁନାହିଁ ।

ମାତ୍ର ଆୟାର କହିବାକୁ ଲାଗିଲେ, "ହଁ, ବାବା ଆପଣା ସଙ୍କଳ୍ପରେ ହିଁ ଲୋକଙ୍କୁ ସ୍ୱପ୍ନରେ ଦେଖାଦିଅନ୍ତି । ଆମେ ଯେଉଁମାନେ ସବୁ ଏକଥା ଜାଣୁ, ସେ ସ୍ୱପ୍ନାବସ୍ଥାରେ ଭାରି ସାବଧାନର ସହ ତାଙ୍କ କଥା ଶୁଣୁ, ତାଙ୍କ ଆଦେଶ, ନିର୍ଦ୍ଦେଶ ଓ ସତର୍କବାଣୀ ମନେରଖୁ, ନିଦରୁ ଉଠିଲା ପରେ ସେ ଆଦେଶ ପାଳନ କରୁ । ସ୍ୱପ୍ନ ଦେଖିବା ପରେ ଅଫିସ୍‌କୁ ଛୁଟି ଦରଖାସ୍ତ ପଠାଇଦେଇ ସକାଳୁ ସକାଳୁ ତାଙ୍କ ପାଖକୁ ଯାଇଥିଲି ।" "ତାହାହେଲେ କି ଗାଳି ଶୁଣିଲ ?" ମୁଁ ପଚାରିଲି । ମୋ କଣ୍ଠରେ ଅସହିଷ୍ଣୁତା ପ୍ରକାଶ ପାଉଥିଲା, କାରଣ ଘରକୁ ତୁରନ୍ତ ଫେରିଯାଇ ଅସମାପ୍ତ ପ୍ରସ୍ତୁତିକୁ ସମାପ୍ତ କରି ଅତିଥିମାନଙ୍କ ପାଇଁ ଅପେକ୍ଷା କରିବାକୁ ମୁଁ ଖୁବ୍ ବ୍ୟଗ୍ର ଥିଲି । ଆୟାର କହିଲେ, "ତୁମପାଇଁ ଗୋଟିଏ ଜୋଇଁ ଖୋଜିବାର ଦାୟିତ୍ୱ ନେଇଥିବାରୁ ମତେ ଖୁବ୍ ଗାଳି ଖାଇବାକୁ ହେଲା !" ମୁଁ ଉତ୍ତର ଦେଲି, "ମୋ ପାଇଁ ତୁମେ ଗାଳି ଖାଇଥିବାରୁ ମୁଁ ଖୁବ୍ ଦୁଃଖିତ, ମାତ୍ର ମୋ ପ୍ରତି ଦୟାପରବଶ ହୋଇ ତ ତୁମେ ଏହା କଲ ।" "ନାଇଁ, ନାଇଁ, ମୋ କଥାଟା ପୂରା ଶୁଣ—" ଆୟାର ଉଠିଲେ, "ସେ ମୋ ଉପରେ ବିରକ୍ତ ହେବାର କାରଣ ମୁଁ ତୁମ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ତୁମ ପାଇଁ ଅନ୍ୟ ପ୍ରସ୍ତାବ ଖୋଜି ବସିଲି ।" "ଏଁ, ମୋ ନାଁ ସେ କହିଲେ ?" ମୁଁ ଆଶ୍ଚର୍ଯ୍ୟରେ ପଚାରିଉଠିଲି । "ହଁ, ସେ ତୁମ ନାମ ଓ ତୁମ ଝିଅ ନାମ ମଧ୍ୟ କହିଲେ । ସେ ମୋତେ ପଚାରିଲେ କିଛି ମାସ ଆଗରୁ ତୁମେ ଯେତେବେଳେ ତୁମ ଝିଅ ସାଙ୍ଗରେ ମୋ ପୁଅର ବାହାଘର ପ୍ରସ୍ତାବ ପକାଇଲ ମୁଁ କାହିଁକି ସେଥିରେ ଆଗ୍ରହ ଦେଖାଇଲି ନାହିଁ ।" ମୁଁ ସ୍ତବ୍ଧ ହୋଇ କହିଲି, "ମାତ୍ର ଆଜି ସନ୍ଧ୍ୟାରେ ଯେ ସେମାନେ ଆମ ଘରକୁ ଝିଅ ଦେଖିବାକୁ ଆସୁଛନ୍ତି !" "ବାବା କହିଲେ କେବଳ ସେଇଥିପାଇଁ ସେ ସ୍ୱପ୍ନରେ ମୋ ପାଖକୁ ଆସିଲେ ଓ ତାଙ୍କୁ ସକାଳୁ ଭେଟିବାକୁ ନିର୍ଦ୍ଦେଶ ଦେଲେ । ସେ ମୋତେ ତୁମଠାରୁ ମାଫି ମାଗି ତୁମ ଝିଅ ମୋ ପୁଅକୁ ବିବାହ କରିବାର ପ୍ରତିଶ୍ରୁତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।"

ମୋ କାନକୁ ମଧ୍ୟ ବିଶ୍ୱାସ କରିପାରିଲି ନାହିଁ ! ଇଏତ ବଡ଼ ଚମତ୍କାର ବାବା— ମୁଁ ବିଚାରିଲି । ଯାଙ୍କ ସାଙ୍ଗେ ଜଣାଶୁଣା ହେବାରେ ଅନେକ ଉପକାର ଅଛି । ମାତ୍ର ଏଠି ଆୟାର ଗୋଟାଏ ଅସୁବିଧାରେ ପଡିଗଲେ । ଯେଉଁ ପ୍ରସ୍ତାବଟି ସେ ନିଜେ ଆଣିଥିଲେ ଓ ଆଜି ସନ୍ଧ୍ୟାରେ ଆମ ଘରକୁ ଝିଅ ଦେଖି ଆସିବାକୁ ବ୍ୟବସ୍ଥା କରିଥିଲେ, ସେଥିରୁ ସେ ମୁକୁଳିବେ କେମିତି ? ମୁଁ ତାଙ୍କୁ କହିଲି ସେ ବ୍ୟବସ୍ଥା ମୁଁ କରିଦେବି । ତା ପରେ ଘରକୁ ଧାଇଁଯାଇ ଏ ସୁଖବର ଝିଅ, ପତ୍ନୀ ଓ ମୋ ବୋଉକୁ କହିଲି । ସେମାନଙ୍କୁ ତ ଏହା ସ୍ୱର୍ଗରୁ ପାରିଜାତ ପଡିଲା ପରି ଲାଗିଲା । ମୋର ପଡ଼ୋଶୀ ଥିଲା ମୋର ଜଣେ ପୁରୁଣା ଛାତ୍ର । ତା ହାତରେ ଗୋଟିଏ ଛୋଟ ଚିଠି ଲେଖି ପଠାଇଲି ଆମର ପ୍ରସ୍ତାବିତ ସମୁଦିଙ୍କ ପାଖକୁ । ସେଥିରେ ମୁଁ ଲେଖିଥିଲି ଯେ କଲିକତାରେ ଥିବା ମୋ ପୁଅ ପାଖରୁ ଗୋଟାଏ ଜରୁରୀ ଚିଠି ପାଇବା ପରେ ଝିଅର ବାହାଘରକୁ ବର୍ଷେ ଘୁଞ୍ଚାଇ ଦେବାକୁ ଆମେ ବାଧ୍ୟ ହେଉଛୁ । ତେଣୁ ସେ ସନ୍ଧ୍ୟାରେ ପ୍ରସ୍ତାବିତ ଆଗମନକୁ ବନ୍ଦ ରଖାଯାଉ । ସୁନ୍ଦର ମିଛଟିଏ !

ଆୟାର ମୋତେ ବାବାଙ୍କ ପାଖକୁ ନେଇଯିବେ ବୋଲି କହିଲେ । ସେତେବେଳେ ବାବା ରିଚ୍‌ମଣ୍ଡ୍ ରୋଡରେ ଦକ୍ଷିଣ ଭାରତ ରେଳବାଇର ମୁଖ୍ୟ କମର୍ସିଆଲ ମ୍ୟାନେଜରଙ୍କ କୋଠିରେ ରହୁଥାନ୍ତି । ଆମେ ଦିନେ ଶୁକ୍ରବାର ସକାଳେ ସେଠାରେ ପହଞ୍ଚିଲୁ । ମୋ ଛାତି ଧପଧପ ହେଉଥାଏ, କାରଣ ମୁଁ ନିଶ୍ଚିତ ଥିଲି ଯେ ବାବା ମୋତେ ଡାକି ମୋ ସାଙ୍ଗେ ମିନିଟିଏ ଦୁଇ ମିନିଟ୍ କଥା ହେବେ, ତାହାହେଲେ ଅଯାଚିତ ଭାବରେ ସେ ମୋତେ ସାହାଯ୍ୟ କରିଥିବା ହେତୁ ମୁଁ ତାଙ୍କୁ ଧନ୍ୟବାଦ ଦେଇପାରିବି । ମାତ୍ର ମୋର ବିସ୍ମୟ ବଢ଼ିବାରେ ଲାଗିଲା । ଯେଉଁ କସ୍ତୁରୀକୁ ସେ ଏତେ ଭଲ ଭାବରେ ଜାଣିଥିବା ଛଳନା କରିଥିଲେ ତାକୁ ପ୍ରକୃତରେ ଦେଖିଲେ ଚିହ୍ନିପାରିବେ କି ନାହିଁ ଜାଣିବାକୁ ମୋର ମନ ଭାରି ଉଚ୍ଚାଟ ଥିଲା । ସେଥିପାଇଁ ଆୟାର ଯେଉଁଠି ବସିଥିଲେ ସେଠାରୁ କୋଡିଏ ହାତ ଦୂରରେ Indian Institute of Science ର କେତେଜଣ ତରୁଣଙ୍କ ମେଳରେ ଯାଇ ମୁଁ ବସିଲି । ବାବା ଭିତର ଘରେ ଥିଲେ, ଆଉ ସେଠି ଭଜନ ବୋଲା ହେଉଥିଲା । ସଂଗୀତ ପ୍ରତି ବା ଭକ୍ତିର ପ୍ରାବଲ୍ୟ ପ୍ରତି ମୋର ଆକର୍ଷଣ ଆଦୌ ନ ଥିଲେ ମଧ୍ୟ ଆଗରୁ ଅନେକ ଥର ରାମକୃଷ୍ଣ ଆଶ୍ରମଗୁଡିକର ଭଜନ ସଭାମାନଙ୍କରେ ମୁଁ ବସିଥିଲି । କର୍ମ ଓ ସେବାକୁ ମୁଁ ଅଗ୍ରାଧିକାର ଦେଉଥିଲି । କିଛି ସମୟ ପରେ ଆରତି ଘଣ୍ଟି ବାଜିବାର ଶୁଣି ମୋ ପାଖରେ ବସିଥିବା ଭକ୍ତମାନେ କହିଲେ ଭଜନ ସରିଲା, ଏବେ ବାବା ଦର୍ଶନାର୍ଥୀମାନଙ୍କ ପାଖକୁ ଆସିବେ । ସେତେବେଳେ ଆରତିଥାଳୀଟି ଦୁଇଧାଡି ମଝିରେ

ଆସିଲାବେଳେ ଜଳନ୍ତା କର୍ପୂର ଶିଖାକୁ ମୁଁ ହାତରେ ଛୁଇଁ ଆଖିରେ ହାତକୁ ଲଗାଇ ପାରିବି। ସେତେବେଳେ ବାବା କାହା କାହା ପାଖରେ ଅଟକି କହିବେ "ସେ ହଲ୍‌କୁ ଯାଅ"। ତା'ପରେ ସେମାନଙ୍କୁ ସେଠାରେ ସେ ବ୍ୟକ୍ତିଗତ ସାକ୍ଷାତ୍‌କାର ଦେବେ। ବାବା ମୋ ପାଖକୁ ଆସିଲାବେଳେ ମୋ ଦେହର ଓ ମନର ଉତ୍ତାପ ବଢ଼ିଗଲା। ମୁଁ ମନେ ମନେ ଭାବୁଥାଏ, ସେ କ'ଣ ମୋତେ ଡାକିବେ ନା ଡାକିବେ ନାହିଁ; ଡାକିବେ ନା ଡାକିବେ ନାହିଁ ? କେଡ଼େ ସୁନ୍ଦର କୋମଳ ପାଦ ! ଆଖିରେ କି ଝଲକ...ମୋ ଆଗରେ ଠିଆ ହୋଇ ସେ ଟିକେ ହସିଲେ.... ଏଁ, ମୋତେ ତାହାହେଲେ ଜାଣିଛନ୍ତି ସେ ! ହଠାତ୍ ତାମିଲ୍‌ରେ ଶୁଣିଲି— "ଭିତରକୁ ଯାଅ"।

ଭିତର ଘରେ ଆମେ ସମୁଦାୟ ଛଅଜଣ ଥିଲୁ। ବାବା ଜଣ ଜଣ କରି ଆଉ ଗୋଟିଏ ଘରକୁ ଡାକୁଥାନ୍ତି। ମୁଁ ଥିଲି ଚତୁର୍ଥ। ମୋତେ ଭିତରକୁ ନେଇ ବାବା ନିଜେ ଦ୍ୱାର ବନ୍ଦ କରିଦେଲେ। ଘର ଭିତରେ ରହିଲୁ କେବଳ ଆମେ ଦୁଇଜଣ। ତା'ପରେ ବଡ଼ ସ୍ନେହରେ ସେ ମୋତେ ଥାପୁଡାଇ ଦେଲେ, ସତେ ଯେମିତି ମୁଁ ଜଣେ ହଜି ଯାଇଥିବା ବହୁଦିନର ବନ୍ଧୁ ! ମୁଁ ଯାହାସବୁ କହିବି ବୋଲି ମନେ ମନେ ଠିକ୍ କରିଥିଲି ତାହା କହିବାକୁ ଆରମ୍ଭ କରିବା ଆଗରୁ ସେ କହିଲେ, "ସେ ପିଲାଟିକୁ ଠିକ୍ କରିଦେବାରୁ ତୁମ ମନ ଖୁସି, ନା ? ତୁମର ଇଚ୍ଛା ଥିଲା ମୁଁ ହସ୍ତକ୍ଷେପ କରି ପୋଚ୍ଚି ଆୟାରକୁ ରାଜି କରାଇବି। ଆହା, ବିଚରା ତୁମର ପୁଅଟିଏ ମରିଗଲା ନା ? ଏ ପିଲାଟି ତୁମର ଜୋଇଁ ହେବ ଆଉ ପୁଅପରି ମଧ୍ୟ। ବ୍ୟସ୍ତ ହୁଅନା। ମୁଁ ଜାଣେ ବିଶ୍ୱବିଦ୍ୟାଳୟରୁ ଯେଉଁ ପଦ ତୁମର ପାଇବା କଥା ତୁମେ ତାହା ପାଇନାହିଁ। ଅଳ୍ପଦିନ ଭିତରେ ତାହା ମଧ୍ୟ ପାଇଯିବ। ଏଥର ତୁମର ବୁଢ଼ୀ ବୋଉ ଖୁସି ହବ...।" ମୁଁ କହିଲି, "ମୁଁ ଆପଣଙ୍କ ପାଖରେ ବଡ଼ କୃତଜ୍ଞ ସ୍ୱାମୀ। ସେମାନେ ମୋତେ ଉପଯୁକ୍ତ ପଦ ନ ଦେଇ ସ୍ଥାନକୁ ସ୍ଥାନ ବଦଳି କରୁଛନ୍ତି।" ସେ ସଙ୍ଗେ ସଙ୍ଗେ ଉତ୍ତର ଦେଲେ, "ହଁ, ମୁଁ ଜାଣିଛି।" ମୁଁ ପୁଣି କହିଲି, "ସ୍ୱାମୀ, ଆୟାର୍ ଆପଣଙ୍କୁ ଭକ୍ତି କରୁଥିବାରୁ ପୁଟ୍ଟପର୍ତ୍ତିରେ ଆପଣଙ୍କ ଉପସ୍ଥିତିରେ ବାହାଘର କରିବାକୁ ଅନୁମତି ଦେଲେ ଭଲ ହୁଅନ୍ତା।" "ହଉ, ଭଲ କଥା। ମାତ୍ର ତୁମେ ଓ ତୁମର ପତ୍ନୀ କେବଳ ଆସିବ। ତୁମ ପତ୍ନୀ କ'ଣ କ'ଣ ଦରକାର ଜାଣନ୍ତି। ତୁମେ ଦୁହେଁ ଥରେ ପୁଟ୍ଟପର୍ତ୍ତି ଆସି ଦେଖିଯାଅ। ଛୋଟ ଗାଁଟିଏ। ତୁମର ବନ୍ଧୁବାନ୍ଧବ ସେଠାକୁ ଯିବାରେ ଅସୁବିଧା ହେବ। ବାହାଘର ପରେ ଏଇଠି ସହରରେ ତୁମେ ବନ୍ଧୁ ମିଳନ ଆୟୋଜନ କରିପାର।"

ମୋ କାନ୍ଧରେ ହାତ ପକାଇ ସେ ମୋ ମୁହଁକୁ ଚାହିଁଲେ। ତାଙ୍କ ଆଖିରେ ମୁଁ ମୋର ପ୍ରତିବିମ୍ବ ଦେଖୁଥିଲି। ତା'ପରେ ସେ କହିଲେ, "ପୁଟ୍ଟପର୍ତ୍ତିରେ ବାହାଘର କର। ସେଠାକୁ ଆସିବ, ଆଉ ତୁମର ଯାହା ଦରକାର ସବୁ କହିବ ମୋତେ। ଆଉ... ଚାକିରୀରୁ ଅବସର ନେବା ପରେ ଆସି ମୋ ପାଖରେ ରହିବ। ସେତେବେଳେ ତୁମେ ମୋର ଜୀବନ-ଚରିତ ଲେଖିବ।" ଚମକି ପଡି ଉତ୍ତର ଦେଲି, "ମୁଁ ?" "ହଁ। କାହାକୁ କାହାକୁ ପଚାରିବାକୁ ହେବ- ବାପା, ମା, ଭାଇ, ଭଉଣୀ, ଅନ୍ୟାନ୍ୟ ବନ୍ଧୁବାନ୍ଧବ, କାହାଠାରୁ କି କି କଥା ସଂଗ୍ରହ କରିବ ସବୁ ମୁଁ କହିବି। ମୁଁ ମଧ୍ୟ ନିଜେ ସାହାଯ୍ୟ କରିବି।"

ଏ ଘଟଣା ଘଟିଥିଲା ୧୯୪୮ ଜୁଲାଇରେ। ଏହା ଶୁଣି ମୁଁ ସ୍ତବ୍ଧ ହୋଇଗଲି। ବାବାଙ୍କର ଏ କଥା କ'ଣ ଗୋଟାଏ ତିରସ୍କାର ? ଲେଖକ ବୋଲି ମୋର ଅହଙ୍କାର ପ୍ରତି, ତାଙ୍କୁ ନିନ୍ଦା କରିବା ପ୍ରତି ଗୋଟାଏ ଉପହାସ ? ଗୋଟାଏ ସାପ୍ତାହିକ ପତ୍ରିକାରେ ନିନ୍ଦା-ସ୍ତୁତିରେ ନ ମାତି ମୋ ଅଦୃଷ୍ଟ ସାଧନ କରିବା ପାଇଁ ଗୋଟାଏ ଆହ୍ୱାନ ? ମୋତେ ଧୀରେ ଠେଲି ସେ ଘରୁ ବାହାର କରିଦେଲେ, ଆଉ ଅନ୍ୟ ଜଣକୁ ଡାକି ନେଲେ। ଏହା କ'ଣ ସତ ହୋଇପାରେ ? ଏହା କ'ଣ ସତରେ ତାଙ୍କର ଇଚ୍ଛା ? ମୁଁ, ଲେଖିବି ତାଙ୍କ ଜୀବନଚରିତ !

ଆର୍ନୋଲଡ୍ ସୁଲମାନଙ୍କ ଜୀବନରେ ଠିକ୍ ଏୟା ନ ହେଲେ ବି ଏଇମିତି ଘଟିଥିଲା। ସେ କେବଳ ନିଶ୍ଚିତ ନ ଥିଲେ, ବରଂ ଗର୍ବ କରୁଥିଲେ ଯେ ବନାରସର ଧର୍ମାନ୍ଧ ଅଫିମିଆଙ୍କ ସହ ସାରା ଭାରତରେ ପ୍ରଚଳିତ ଗୁରୁ-ଶିଷ୍ୟ ସଂପର୍କକୁ ସେ ଏକ ପକ୍ଷରେ ମାନସିକ ରୋଗୀମାନଙ୍କର ଭାବପ୍ରବଣ ନିର୍ଭରତା ଏବଂ ଅନ୍ୟ ପକ୍ଷରେ ଧାରାବାହିକ ମନସ୍ତାତ୍ତ୍ୱିକ ଶୋଷଣ ବୋଲି ପ୍ରମାଣ କରି ଦେଇପାରିବେ। ସେ ବାଙ୍ଗାଲୋର୍ ପାଖରେ ଥିବା ବୃନ୍ଦାବନରେ ସତ୍ୟସାଇ ବାବାଙ୍କୁ ଦର୍ଶନ ମଧ୍ୟ କରି ଯାଇଥିଲେ।

ଭଗବାନ ଏ ଭଦ୍ରବ୍ୟକ୍ତିଙ୍କ ଆଖିରୁ ପରଳ ଘୁଞ୍ଚାଇବା ପାଇଁ ସେ ପୁଣି ଥରେ ଭାରତ ଆସନ୍ତୁ ବୋଲି ସଂକଳ୍ପ କରିଥିଲେ। ଫଳରେ ସୁଲମାନ୍ ନିୟୁୟର୍କରେ ଥାଇ ବାବାଙ୍କ ଉପରେ ଗୋଟିଏ ବହି ଲେଖିବା ପାଇଁ ଏପରି ତୀବ୍ର ଆକାଂକ୍ଷାର ଶିକାର ହେଲେ ଯେ ଯେତେ ଚେଷ୍ଟା କରି ମଧ୍ୟ ଏ ତୀବ୍ରତାକୁ ସେ ଦମନ କରିପାରିଲେ ନାହିଁ, କିମ୍ବା ଏହା ଯଥାର୍ଥ ବୋଲି ମଧ୍ୟ ନିଜକୁ ବୁଝାଇ ପାରିଲେ ନାହିଁ। ବହିର ପ୍ରଥମ ଶବ୍ଦଟି ବି ଲେଖିବା ଆଗରୁ ବହିଟି ଛାପିବା ପାଇଁ ତାଙ୍କ ପ୍ରକାଶକ ରାଜି ହୋଇଗଲେ। ତାଙ୍କ

ପତ୍ନୀଙ୍କ ବକ୍ଷରେ ବଢୁଥିବା ଏକ ମାଂସ ପିଣ୍ଡୁଳା ଅଦ୍‌ଭୁତ ଭାବରେ ଉଭେଇ ଗଲା । ବାବାଙ୍କ ସହ କିଛିଦିନ ରହିବା ପାଇଁ ତାଙ୍କ ଅନୁମତି ମଧ୍ୟ ସେ ପାଇଗଲେ ।

ମାତ୍ର ଭାରତରେ ପହଞ୍ଚିବାର କେତେ ସପ୍ତାହ ପରେ ବାବା ତାଙ୍କୁ ଯେଉଁ ପ୍ରଥମ ସାକ୍ଷାତ୍‌କାର ଦେଲେ ସେଥିରେ ତାଙ୍କୁ କହିଲେ, "ତୁମେ ବୁଝିପାରିଲ ନାହିଁ କାହିଁକି ତୁମକୁ ବହିଟିଏ ଲେଖିବାକୁ କହିଲି । ତୁମ ବହି ନୁହେଁ, ମୁଁ ତୁମକୁ ହିଁ ଚାହିଁଥିଲି ।"

"ବୁଝିପାରିଲ ? ତୁମକୁ ଚାହିଁଥିଲି, ତୁମ ବହିକୁ ନୁହେଁ । ବହି ତ ପ୍ରଚାର । ମୋର ପ୍ରଚାର କି ଦରକାର ? ଦରକାର ତାର ଲେଖକ । ମୁଁ ଚାହେଁ ତୁମର ବିଶ୍ୱାସ, ତୁମର ପ୍ରେମ । ଏଠାକୁ ଯେଉଁମାନେ ଆସନ୍ତି ସେମାନେ ଭାବନ୍ତି ସେମାନେ ଆପେ ଆୟୋଜନ କରି ଆସନ୍ତି । ମାତ୍ର ତାହା ଠିକ୍ ନୁହେଁ । ମୁଁ ସେମାନଙ୍କୁ ଏଠାକୁ ଆଣେ । ଯେତେବେଳେ ଠିକ୍ ସମୟ ଆସେ, ଯେଉଁମାନେ ସବୁ ମୋତେ ଆବଶ୍ୟକ କରନ୍ତି ସେମାନେ ପ୍ରସ୍ତୁତ ହୁଅନ୍ତି, ମୁଁ ସେମାନଙ୍କୁ ସବୁ ଡାକି ଆଣେ । ନଚେତ୍ ମୋତେ ଦେଖିବାକୁ କେହି ନିଜ ଇଚ୍ଛାରେ ଏଠାକୁ ଆସି ପାରିବ ନାହିଁ । ମୁଁ ତୁମର ଆତ୍ମାକୁ ଚାହିଁଥିଲି । କାରଣ ଏଥର ଚଞ୍ଚଳତା ଛାଡି ସ୍ଥିର ହେବାର ସମୟ ତାର ହେଲାଣି ।"

ମୁଁ ବି ଚଞ୍ଚଳ ହେଉଥିଲି । ବାଟବଣା ହୋଇ ଚାଲିଥିଲି । ମୁଁ ଜଣେ ଲେଖକ ଥିଲି, ଏଣୁ ବହି ଲେଖିବାର ଲୋଭ ଦେଖାଇ ସେ ମୋତେ ଖାଲୋଇରେ ଭର୍ତ୍ତି କରିଥିଲେ, ତାଙ୍କଠାକୁ ଭିଡି ଆଣିଥିଲେ । ସୁଲମାନଙ୍କୁ ଯାହା ସବୁ କହିଥିଲେ ସେ ସବୁ କଥା ସେ ମୋତେ ବି ପ୍ରଥମ ସାକ୍ଷାତ୍‌କାର ବେଳେ କହି ପାରିଥାନ୍ତେ । ସେ କହି ପାରିଥାନ୍ତେ, "ତୁମେ ମୋ ସମ୍ପର୍କରେ ଯାହା ଭାବୁଚ ଓ କହୁଚ ତାହା ସତ୍ତ୍ୱେ, ଲକ୍ଷ ଲକ୍ଷ ଅନୁକୂଳ ଭାବସଂପନ୍ନ ଲୋକଙ୍କ ଭିତରୁ କାହାକୁ ନ ଡାକି ତୁମକୁ ମୁଁ କାହିଁକି ଡାକିଲି ଏହା ଭାବି ତୁମେ ବିସ୍ମିତ ହେଉଛି । ବିବ୍ରତ ବି ହେଉଛ । ନୁହେଁ ?"

ଠିକ୍ ଏଇକଥା ମଧ୍ୟ ମୋ ମନରେ ଉଠିଥିଲା, ଆଉ ମୁଁ ବିସ୍ମିତ ଓ ବିବ୍ରତ ହୋଇଥିଲି । ତାଙ୍କ ଜୀବନ ଚରିତ ଲେଖିବାର କାମ ଆଗ୍ରହରେ ନେବାକୁ ହଜାର ହଜାର ଲେଖକ ଚାହିଁ ବସିଥିବାବେଳେ ସେ କାହିଁକି ମୋତେ ଏଥିପାଇଁ ବାଛିଲେ ତାହା ମୁଁ ଆଦୌ ବୁଝିପାରି ନଥିଲି ।

ତା'ପରେ ବହିଟି ଲେଖିବାକୁ ସୁଲମାନ୍ ଯେତେବେଳେ ବାବାଙ୍କର ଅନୁମତି ଚାହିଁଲେ, ବାବା ଉତ୍ତର ଦେଇଥିଲେ, "ତୁମେ ମୋ ବିଷୟରେ କ'ଣ ଜାଣ ? ମୋତେ

ଯେପରି ବିଶ୍ୱାସ କରିବା କଥା ବୋଲି ମୁଁ କହିଲି, ସେପରି ବିଶ୍ୱାସ କ'ଣ ତୁମର ହେଲାଣି ?" ଏ ବିଶ୍ୱାସର କାଣିଚାଏ ମାତ୍ର ଦାବୀ କରିବାକୁ ମୋତେ ବାରବର୍ଷ ଲାଗିଗଲା - ବାରବର୍ଷର ନିରନ୍ତର ଦର୍ଶନ, ସ୍ପର୍ଶନ ଓ ସମ୍ଭାଷଣ। ଯଦିଓ ବହିଟି ଲେଖିବାକୁ ଅନୁମତି ମୋତେ ୧୯୬୦ରେ (ମୋ ପ୍ରତି ସଂପୂର୍ଣ୍ଣ ଦୟାପରବଶ ହୋଇ ସେ ଅନୁମତି ଦେଲେ !)ଯାଇ ମିଳିଲା, ଏବେ ୧୯୮୨ରେ ବି ମୁଁ ଅଧିକ ସଚେତନ ଯେ ତାଙ୍କ ବିଷୟରେ ମୁଁ ପ୍ରାୟ କିଛି ଜାଣିନାହିଁ।

ସେ ପ୍ରଥମ ସାକ୍ଷାତ୍‌କାରଟି ଏତେ ଅପୂର୍ବ ଥିଲା ଯେ ମୁଁ ବିଶ୍ୱାସ କରିପାରୁ ନଥିଲି ଏହା ଏକ ସତ୍ୟ ଘଟଣା। ଏତେ ମଧୁର ଥିଲା ଯେ ମୋ କଣ୍ଠ ବାନ୍ଧି ହୋଇ ପଡୁଥିଲା। ଏତେ ଆକସ୍ମିକ ଥିଲା ଯେ ତାକୁ ମୁଁ ଗ୍ରହଣ କରିପାରୁ ନ ଥିଲି। ଏତେ ଉଲ୍ଲାସଭରା ଥିଲା ଯେ ମନ ଭିତରେ ତାକୁ ଧରି ରଖିବା ଅସମ୍ଭବ ହୋଇ ଉଠିଥିଲା। ଆଃ ! କେତେ ଅନୁଗ୍ରହ ସେ ଅଜାଡି ନ ଦେଲେ ସତେ ! ଝିଅର ବାହାଘର, ମୋର ଅନୁରୋଧ ସ୍ୱୀକାର, ମୋର ସାଂସାରିକ ପଦମର୍ଯ୍ୟାଦା ବଢ଼ିବାର ସଦୟ ପ୍ରତିଶ୍ରୁତି, ତାଙ୍କ ଜୀବନ ଉପରେ ବହି ଲେଖିବାର ସୁଯୋଗ ! ହଁ, ଏହା ସ୍ୱପ୍ନ ନୁହେଁ, ମୋ କାମନା-ବାସନାର ପ୍ରକ୍ଷେପ ନୁହେଁ, କିମ୍ବା ବିମୋହିତ ଚେତନାର କଳ୍ପିତ ଚିତ୍ର ନୁହେଁ। ଆୟାରଙ୍କ ଭାଷାରେ ଏହା ଥିଲା "ଈଶ୍ୱର ପ୍ରେରିତ" ।

ମୋର ଯେଉଁ ବନ୍ଧୁମାନେ ବିଶ୍ୱାସ କରିବେ ଯେ ମୋର ମତିଭ୍ରମ ଘଟିନାହିଁ, ସେମାନଙ୍କୁ ମୁଁ କହିଲି ବାବା ସଂକଳ୍ପ ମାତ୍ରକେ ମୋ ପାଇଁ ଜୋଇଁଟିଏ ସୃଷ୍ଟି କରିଦେଲେ। ମୋ ପକ୍ଷରେ ଗୋଟାଏ ବଡ ଲାଭ ହେଲା ବରଟିର ବାପା-ମା ବାବାଙ୍କ ଆଜ୍ଞା ମାନି ବାହାଘର କରୁଥିବାରୁ କିଛି ଯୌତୁକ ମାଗିପାରିଲେ ନାହିଁ। ଗୋଟିଏ ଧନଶାଳୀ ଘରୁ ବୋହୂ ଆଣିବା ଓ ସେମାନଙ୍କୁ ମୋଟା ଯୌତୁକ ଖସାଇ ସେ ପଇସା ଖର୍ଚ୍ଚ କରିବାର ଯେଉଁ ବିଶଦ ଯୋଜନା ସେମାନେ କରିଥିଲେ, ବାବାଙ୍କ ଗାଳିରୂପକ ଝଡ଼ ଆଗରେ ଧୂଆଁ ପରି ତାହା କୁଆଡ଼େ ମିଳେଇ ଗଲା।

୧୯୪୮ ଅଗଷ୍ଟ ମାସରେ ଆମେ ପତି-ପତ୍ନୀ ଦୁହେଁ ପୁଟ୍ଟପର୍ତ୍ତି ବାହାରିଲୁ ମନରେ ନାନା ଶଙ୍କା ଧରି। ପ୍ରାୟ ହାମୁଡି ହାମୁଡି ଯାଉଥିବା ଟ୍ରେନରେ ପ୍ରାୟ ନିର୍ଜନ ପେନୁକୋଣ୍ଡା ଷ୍ଟେସନ୍, ସେଠୁ ଦଦରା ଘୋଡାଗାଡିରେ ତିନି ମାଇଲ୍ ଦୂରରେ ଥିବା ବସଷ୍ଟାଣ୍ଡ, ସେଇଠୁ କୋଇଲାରେ ଚାଲୁଥିବା ବସ୍‌ରେ ଧୂଳି ଏବଂ ଧୂଆଁରେ ମାଲିସ୍ ହୋଇ ୧୫ ମାଇଲ, ପୁଣି ବଳଦ ଗାଡିରେ ସେ ଗାଁର ପଡାଉଠା ରାସ୍ତାରେ ୪ ମାଇଲ, ତାପରେ ପୁଟ୍ଟପର୍ତ୍ତି ! ଆମେ ଯାଇ ପହଞ୍ଚିଲୁ ବାବା ରହୁଥିବା ଭଜନ ମନ୍ଦିର ବାରଣ୍ଡାରେ।

ଲମ୍ବା ହଲ୍, ଚଟାଣର କଳାପଥର ଟାଇଲ୍ ବିଛା, ଟିଣ ଛାତ, ପଶ୍ଚିମ ପାଖରେ ଶିରିଡିର ସାଇବାବା ଏବଂ ଅଦକ୍ଷ ହାତରେ ଅଙ୍କା ମୋର ଉଦ୍ଧାରକର୍ତ୍ତା ତରୁଣ ବାବାଙ୍କ ତୈଳଚିତ୍ର, ଆଉ ମଝିରେ ବେଣୁଗୋପାଳ ମୂର୍ତ୍ତି, ଏହା ଥିଲା ଭଜନ ମନ୍ଦିର।

ଚାରିଟି ପାହାଚ ଚଢ଼ି ଆମେ ବାରଣ୍ଡାକୁ ଉଠିଲୁ। ବାରଣ୍ଡାର ଦୁଇ ପାଖରେ ଆଠ ଫୁଟ × ଛଅଫୁଟର ଦୁଇଟି କୋଠରୀ। ଏଥିରୁ ଗୋଟିଏ କୋଠରୀରେ ସେ ପ୍ରାୟ ଗତ ଛଅବର୍ଷ ଧରି ରହୁଥିଲେ। ଆମେ ହଲ୍ ଭିତରେ ପ୍ରବେଶ କଲୁ। ପ୍ରାୟ ୩୦ ଜଣ ଖଣ୍ଡେ ସେଠି ଭଜନ ପାଇଁ ବସିପାରିବେ। ପୂଜା ମଣ୍ଡପରେ ଦୁଇ ବାବାଙ୍କର ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ରେ ତିଆରି ଆବକ୍ଷ ମୂର୍ତ୍ତି। ପୂଜା କୋଠରୀ ଟପି ସେପଟ ବାରଣ୍ଡାକୁ ବାହାରି ଦେଖିଲୁ ଦୁଇ ପାଖରେ ଟାଇଲ ଛାତର କେତୋଟି କୋଠରୀ। ଚଟାଣ ପଥର ଟାଇଲ୍।

ତା ପରେ ପ୍ରାୟ ୨୦ ଫୁଟ×୨୦ ଫୁଟର ଗୋଟିଏ ଅଗଣା। ବାଁ ପଟେ କାନ୍ଥରୁ ଗଢିଥିବା ଛାତ ତଳେ ଛୋଟ ଛୋଟ କୋଠରୀ କେତୋଟି। ସାମନାରେ ନୂଆ କରି ତିଆରି ସିମେଣ୍ଟ ଛାତର ଦୁଇଟି କୋଠରୀ। ଡାହାଣପଟ କୋଠରୀରେ ବାବା ଅଛନ୍ତି ବୋଲି ଚୁପ୍‌ଚାପ୍ କେତେଜଣ ଆମକୁ କହିଲେ। ଆଉ ବାଁପଟ କୋଠରୀ ? ସେଇଟା ବାବାଙ୍କର ସ୍ନାନାଗାର। ଅନ୍ୟ କୋଣରେ ଡିଜେଲ୍ ଚାଳିତ ଗୋଟାଏ ଡାଇନାମୋ , ଉତ୍ସବ ସମୟରେ ମନ୍ଦିରକୁ ବିଦ୍ୟୁତ୍ ଆଲୋକରେ ସଜାଇବାରେ ତାହା ବ୍ୟବହୃତ ହୁଏ। ଡାହାଣ ପଟ କାନ୍ଥକୁ ଲାଗି ଆମେ ଦେଖିଲୁ ଧାଡିଏ ଉଠାଚୂଲୀ, ଦର୍ଶନାର୍ଥୀ ଭକ୍ତମାନଙ୍କର କୀର୍ତ୍ତି। ବାଁ ପଟେ ଆମେ ଯେଉଁ ଛୋଟ କୋଠରୀମାନ ଦେଖିଲୁ, ତାହା ମନ୍ଦିରର ବାସିନ୍ଦାମାନଙ୍କର ହାଣ୍ଡିଶାଳ। ପଡିଆରୁ କାଠି ଗୋଟାଇ ଏ ଚୂଲୀରେ ଜଳା ହୁଏ।

ବାହାରର ଯେଉଁ ଶେଡ୍‌ରେ ସବୁଦିନ ଭଜନ ହୁଏ, ସେଠାରେ ଆମେ ଆମର ବିଛଣା ପତ୍ର ଓ ବାକ୍‌ସ ରଖିଲୁ। ପାଣି ଟିକେ ଟିକେ ପିଇ ଆମେ ସେଠି ଗୋଡ଼ ହାତ ଲମ୍ବାଇ ଟିକେ ଆରାମ କରୁଚୁ, ବାବା ଆସି ଆମରି ବିଛଣା ଉପରେ ବସିଲେ। ଆମେ ଦୁହେଁ ଟିକେ ଦୂରରେ ତାଙ୍କ ଆଗରେ ତଳେ ବସିଲୁ। ମାତ୍ର ସେ ପାଖକୁ ଆସିବା ପାଇଁ ଆମକୁ ବାଧ୍ୟ କଲେ। ଆମ ପାଖରେ ଓ ପଛରେ ପ୍ରାୟ ଆଠଜଣ ସ୍ତ୍ରୀ ଲୋକ ଓ ଚାରିଜଣ ପୁରୁଷ ବସିଥାନ୍ତି। ମୋ ମନରେ ପ୍ରଶ୍ନ ଉଠୁଥାଏ ମୋ ଗୁରୁ ମହାପୁରୁଷଜୀ ମୋତେ କ'ଣ ଏଇ ମହାପୁରୁଷଙ୍କ ପାଖକୁ ଆଣିଛନ୍ତି ? ନା, ପୋଚି ଆୟାରଙ୍କ କଥା ଅନୁସାରେ ଇଏ ଶିରଡିର ସାଇବାବାଙ୍କର ତେଲୁଗୁ ରାଜ୍ୟରେ ପୁନରାବିର୍ଭାବ ? ଆଖିର ଝଲକରେ ସୂର୍ଯ୍ୟାଲୋକ ଝରୁଥିବା ଏଇ ତରୁଣ ସତେ କଣ ମାଡ୍ରାସ୍‌ରୁ

ଟେଲିଫୋନ୍‌ରେ "ଏଇ ବିଭୂତି ନିଅ, ଆଉ ଏହାକୁ ବ୍ୟବହାର କରି ରୋଗମୁକ୍ତ ହୁଅ" କହି ୨୨୨ ମାଇଲ୍ ଦୂର ବାଙ୍ଗାଲୋର୍‌ରେ ଟେଲିଫୋନ୍ ରିସିଭର୍ ଭିତରୁ ବିଭୂତି ଝରାଇ ପାରନ୍ତି ! ମୁଖ୍ୟ କମର୍ସିଆଲ୍ ମ୍ୟାନେଜରଙ୍କ ପତ୍ନୀ ଏ ଘଟଣା ନିଜେ ଦେଖିଲେ ବୋଲି ଆୟାରଙ୍କୁ କହିଥିଲେ। ବାବା ପ୍ରଥମେ ଆମକୁ ଚିରାଚରିତ କୁଶଳବାର୍ତ୍ତା ପଚାରିଲେ। ତା'ପରେ ତୀର୍ଥସ୍ଥାନକୁ ଯିବାର ମାହାତ୍ମ୍ୟ ଓ ତାତ୍ପର୍ଯ୍ୟ ବିଷୟରେ କିଛି ସମୟ ତେଲୁଗୁରେ କହିଲେ। ମାତ୍ର ମୋ ମନ ଅନ୍ୟ ଆଡ଼େ ଥିବାରୁ ତାଙ୍କର ଏ ସମ୍ଭାଷଣ ମୋ କାନରେ ପଶୁ ନ ଥିଲା। ନିତାନ୍ତ ସାଦା ଚଟାଣ, ଧୂଳିଭରା କାନ୍ଥ, ଦକ୍ଷିଣ ପୂର୍ବ କଣରେ ନବଗ୍ରହଙ୍କର ପ୍ରସ୍ତରଯୁଗୀୟ ନବମୂର୍ତ୍ତି, ଟିଣ ଛାତକୁ ସମ୍ଭାଳିଥିବା କାଠ ଖମ୍ବ, ଘର ଓ ଶେଡ୍ ମଝିରେ ଥିବା ପାଣିନଳା ଉପରେ ପଥର ପାହାଚ, ଆଉ ଏସବୁ ମଝିରେ ତରୁଣ ଗୁରୁ-ମହାପୁରୁଷ-ଅବତାର ମୋରି ବିଛଣାଗୁଡ଼ା ଉପରେ ଆସୀନ ! ଏହି ବାଇଶି ବର୍ଷର ଭଗବାନଙ୍କ ପରିବେଶର ଅସମତା ଓ ରହସ୍ୟ ମୋତେ ସଂପୂର୍ଣ୍ଣ ଅଭିଭୂତ କରି ପକାଇଥିଲା।

ମୋର ବିଶ୍ୱାସ ହେଉ ନଥାଏ ତାଙ୍କର ଜନ୍ମ ୧୯୨୬ ମସିହାରେ। ମୁଁ ଭାବୁଥାଏ ୧୯୩୨ରୁ ଆଉ ବେଶୀ ଦୂର ହେବନାହିଁ ତାଙ୍କର ଜନ୍ମ ତାରିଖ। କୋମଳ ବିସ୍ତୀର୍ଣ୍ଣ ମୁଖମଣ୍ଡଳ, ମୋଟା ଭ୍ରୂଲତା, ଚିକ୍‌କଣ କଳା କେଶସମ୍ଭାର ମଧ୍ୟରେ ଲୁଚି ଯାଇଥିବା କର୍ଣ୍ଣ ଯୁଗଳ, ପଥରରେ କଟା ପରି ତୀକ୍ଷଣ୍ ଓ ଅତ୍ୟନ୍ତ ସୁରୁଚିର ନାସିକା, ସୁଗଠିତ ସୁନ୍ଦର ଓଠ, ଆଉ କାହାକୁ ପରିହାସ କରି ହସିଲାବେଳେ ଦିଶି ଯାଉଥିବା ମୁକ୍ତାପନ୍ତି ଦନ୍ତଧାର - ଅନେକ ସମୟ ପର୍ଯ୍ୟନ୍ତ ମୁଁ ଯୁଆଡେ ଚାହିଁଲି ମୋତେ କେବଳ ସେଇ ମୁହଁଟି ଦିଶିଲା। ଆଉ ପାଦ ? ସିଲ୍‌କ ଧୋତିର ଧାର ତଳୁ ପଦ୍ମକୋମଳ ପାଦ ଦୁଇଟି ଦିଶୁଥିଲା ସତେ ଯେପରି ନାଲି ଓ ନୀଳ ଦାଗଥିବା ହାତୀ ଦାନ୍ତରେ ତିଆରି। ଶହ ଶହ ମାଇଲ୍ ଦୂରରୁ ଏଠାକୁ ଆସିଥିବା ଏଇ କେତୋଟି ଲୋକଙ୍କୁ ଏଠାକୁ ଟାଣି ଆଣିବାରେ ଏଇ ପାଦ ଦୁଇଟି କ'ଣ ଚୁମ୍ବକର କାମ କରିଛି ? ଏଇ ଦୁଇଟି ପାଦ ସ୍ପର୍ଶ କରିବାର ଆନନ୍ଦ ନିମନ୍ତେ କ'ଣ ଏମାନେ ଆପଣା ଆପଣାର ଗୁରୁ ଓ ମନ୍ଦିର ଛାଡି ଏଠାକୁ ଧାଇଁ ଆସିଛନ୍ତି ? ବଡ଼ ସାହସ କରି ମୁଁ ସେ ପାଦର ଆଙ୍ଗୁଠି ଦୁଇଟିକୁ ଛୁଇଁଲି। ଆଉ ମୋର ଏ ଦୁଃସାହସକୁ ସେ ଯେତେବେଳେ ମାନି ନେଲେ, ଅଧିକ ସାହସରେ ସେ ଦୁଇଟି ପାଦ ମଞ୍ଚାଳିବାକୁ ଆରମ୍ଭ କଲି। ପୁଟପର୍ତ୍ତିର ଚାରିପଟେ ଥିବା ପାହାଡ଼ ଓ କଣ୍ଟକମୟ ଉପତ୍ୟକା ମଧ୍ୟ କୋମଳ ପାଦରେ ଗାର ଟାଣି ପାରି ନଥିଲା। ଏହାର ସ୍ପର୍ଶ ମୋ ଭିତରେ ପୁଲକର ଲହରୀ ଖେଳାଇ ଦେଉଥିଲା।

ବାବାଙ୍କର କିଛି ମଜାକଥା ଶୁଣି ମୋ ଘରିପଟେ ଥିବା ଲୋକମାନେ ଯେତେବେଳେ କଳରୋଳ କଲେ ମୁଁ ମଧ୍ୟ ହସି ପକାଇଲି, ଯଦିଓ ବାବାଙ୍କର ରହସ୍ୟ, କୋମଳ ତିରସ୍କାର ବା ହାସ୍ୟଭରା ପ୍ରତ୍ୟୁତ୍ତର ମୁଁ କିଛି ଶୁଣି ନଥିଲି। ଏ ଆନନ୍ଦ ମଧୁର ସମ୍ଭାଷଣ ମଧରେ ବାବା ଯେଉଁ ମହତ୍ ଉପଦେଶ ପ୍ରଦାନ କରୁଥିଲେ ତାହା ବୁଝିବା ପାଇଁ ମୋର ତେଲୁଗୁ ଜ୍ଞାନ ଅତ୍ୟନ୍ତ ଅଯୋଗ୍ୟ ଥିଲା। ତେଲଗୁ ସୂକ୍ତିଗୁଡିକ ଭୁଲ ଭାବରେ ବୁଝିବା ସ୍ତରରେ ଥିଲା ମୋର ଭାଷା ବ୍ୟୁତ୍ପତ୍ତି, ଯଦିଓ ଠିକ୍ ଭାବରେ ବୁଝିବା ନିମନ୍ତେ ପ୍ରଥମେ ଭୁଲ ବୁଝିବା ସହାୟକ ହୁଏ।

ବାବା ହଠାତ୍ ଉଠିପଡି ଭିତର ଭଜନଘର ଦେଇ ଅଗଣାକୁ ଓହ୍ଲାଇଲେ। ତା ପରେ ବାଁ ପଟକୁ ବୁଲି ଗୋଟିଏ ଛୋଟ ହାଣ୍ଡିଶାଳେ ପ୍ରବେଶ କଲେ। ସେଠାରେ ଭଜନ କୃଷ୍ଣାମ୍ମା ନାମରେ ଜଣେ ମହିଳା ଭକ୍ତ ଥିଲେ। ଅନେକ ବର୍ଷ ଆଗରୁ ସେ ଆସି ବାବାଙ୍କ ପାଖରେ ରହୁଥିଲେ। ବାବାଙ୍କ ଭାଇ ଶେଷମା ରାଜୁଙ୍କର ଜଣେ ଶଳା ଇନ୍‌ସୁରାନ୍‌ସ ବ୍ୟବସାୟରେ ଥିଲେ। ସେ ଯେଉଁ ସହରରେ କାମ କରୁଥିଲେ ତାହା ପୁଟ୍ଟପର୍ତ୍ତିଠାରୁ ୮୦୦ ମାଇଲ୍ ଦୂର। ସେ ବାବାଙ୍କ ପାଖକୁ ଆସିଲାବେଳେ କୃଷ୍ଣାମ୍ମା ତାଙ୍କ ସହ ଅଧା ବାଟରେ ଯୋଗ ଦେଇଥିଲେ ୨ଟି ପୁଅ ସହିତ। ଗୋଟିଏ ପୁଅ ଥିଲେ ଇଂଜିନିୟର୍, ଗୋଟିଏ କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ, ଏବଂ ଅନ୍ୟ ପୁଅଟି ମୂକ ଓ ବଧିର। କୃଷ୍ଣାମ୍ମା ଅନେକ ଆଚମ୍ବିତ ଘଟଣା ଦେଖିଥିଲେ - ସମୁଦ୍ରର ଲୁଣିପାଣି କ୍ଷୀର ପାଲଟିବା, ସମୁଦ୍ର ଉପରେ ବାବାଙ୍କ ମହାବିଷ୍ଣୁ ରୂପ ଇତ୍ୟାଦି। ତା'ପରେ ସେ ଠିକ୍ କଲେ ଶେଷ ଜୀବନ ବାବାଙ୍କ ପାଖରେ କଟାଇବେ। ପୁଅମାନଙ୍କର ବାରଣ ସତ୍ତ୍ୱେ ସେ ନିଜର ମୂକ ବଧିର ପୁଅଟିକୁ ଧରି ପୁଟ୍ଟପର୍ତ୍ତି ଚାଲି ଆସିଥିଲେ। ସେଠାରେ ଆଉ ଜଣେ ମାଆ ପୋଲିଓ ରୋଗାକ୍ରାନ୍ତ ପୁଅଟିକୁ ଧରି ଆସିଥିଲେ। ଆଉ ଜଣେ ପିତା ଥିଲେ ଯାହାଙ୍କୁ ବାବା ଆତ୍ମହତ୍ୟା କରିବାରୁ ଉଦ୍ଧାର କରିଥିଲେ। ଆଉ କେତେଜଣ ଏ ନୂଆ ଶିରଡିର ଡାକ ଶୁଣି ଧାଇଁ ଆସିଥିଲେ- "ଯେଉଁମାନେ ଶ୍ରାନ୍ତ-କ୍ଲାନ୍ତ ଓ ଭାରଗ୍ରସ୍ତ, ସେମାନେ ସମସ୍ତେ ମୋ ପାଖକୁ ଆସ। ତୁମ୍ଭମାନଙ୍କୁ ମୁଁ ସରସ,ସତେଜ କରି ଦେବି।" ଆଉ କେତେଜଣ ଆସିଥିଲେ କ୍ଷଣିକ କୌତୂହଳର ବଶବର୍ତ୍ତୀ ହୋଇ। ସେମାନେ ମୋତେ ଚୁପ୍‌ଚୁପ୍ କହିଲେ ଭକ୍ତମାନେ ଏ ତରୁଣ ବାବାଙ୍କ ବିଷୟରେ ଯେତେ ସବୁ କାହାଣୀ ପ୍ରଚାର କରୁଛନ୍ତି ସେଥିରୁ ଗୋଟିଏ ହେଲେ ସତ ହେବାର ପ୍ରମାଣ ସେମାନେ ପାଉ ନାହାନ୍ତି!

ବାବା ପାଞ୍ଜିଟିଏ ମାଗିଲେ। ଜଣେ ବେଶ୍ ମୋଟାସୋଟା ଲୋକ ଦୌଡିଯାଇ ଗୋଟିଏ ତେଲୁଗୁ ପାଞ୍ଜି ନେଇ ଆସିଲେ। ପରେ ମୁଁ ଜାଣିଲି ସେ ହେଉଛନ୍ତି ମାଡ୍ରାସ୍ ପ୍ରେସିଡେନ୍‌ସିର

ଇନ୍‌ସପେକ୍ଟର ଜେନେରାଲ ଅଫ ପ୍ରିଜନ୍‌ସ। ପାଞ୍ଜି ଖୋଲି ବାବା କହିଲେ, "ବାହାଘର ପାଇଁ ଶୁଭ ମୁହୂର୍ତ୍ତଟିଏ ତୁମ ପାଇଁ ବାଛିଦେବି''। ଆମର ପାରମ୍ପରିକ ଚଳଣି ପ୍ରତି ତାଙ୍କର ଶ୍ରଦ୍ଧା ଦେଖି ମୁଁ ମନେ ମନେ ପ୍ରଶଂସା କଲି, ମାତ୍ର ଗ୍ରହ-ନକ୍ଷତ୍ରମାନଙ୍କର ଅବସ୍ଥିତିର ଗଣନା ସେ କେଉଁଠୁ ଶିଖିଲେ ଭାବି ବିସ୍ମିତ ହେଲି। ସେ ପୃଷ୍ଠା ଓଲଟାଉଥିବାବେଳେ ମୁଁ ସାହସ କରି କହିଲି ପ୍ରସ୍ତୁତ ହେବାପାଇଁ ମତେ କିଛି ସମୟ ଦିଆଯାଉ। ଅଧିକ ଖର୍ଚ୍ଚ ନ କରିବା ପାଇଁ ସେ ମୋତେ ସତର୍କ କରି ଦେଲେ। ପୁଚପର୍ତ୍ତିରେ ଗୁଡାଏ ପଇସା ଖର୍ଚ୍ଚ କରି ଆଡ଼ମ୍ବର ଦ୍ୱାରା କାହାର ବାହାବା ଆଶା କରିବା ନିରର୍ଥକ ବୋଲି ସେ କହିଲେ। "ଧାର କରନା। ବାହାଘର ଯେତେ ସମ୍ଭବ ନିରାଡମ୍ବର କର। ତୁମେ ଯେତେ ଆନନ୍ଦ ଚାହଁ ମୁଁ ସବୁ ଦେବି।''

ଝିଅ ପାଇଁ ଅଳଙ୍କାର, ଶାଢ଼ୀ ଓ ବନ୍ଧୁବାନ୍ଧବମାନଙ୍କ ପାଇଁ ଅନ୍ୟାନ୍ୟ ଉପହାର ସଜାଡି ଠିକ୍ କରିବାକୁ ବାବା ମୋତେ ଦୁଇସପ୍ତାହ ସମୟ ଦେଲେ। ଦଶହରା ଉତ୍ସବର ଦଶମୀ ଦିନ ବାହାଘର ପାଇଁ ଉପଯୁକ୍ତ ହେବ ବୋଲି ସେ କହିଲେ। ଏହା ଆମକୁ ପରମ ଆନନ୍ଦ ଦେଲା। କାରଣ ଦଶମୀ ଦିନଟି ଅତି ପବିତ୍ର ଦିନ। ସେଦିନ ମନ୍ଦ ଉପରେ ଭଲର ବିଜୟ ପାଳିତ ହୋଇଥାଏ। ସେଦିନ ଯେ କୌଣସି ମୁହୂର୍ତ୍ତ ଶୁଭମୁହୂର୍ତ୍ତ। ଦଶହରା ନଅଦିନ ଉତ୍ସବ ମଧ୍ୟରୁ ପ୍ରଥମ ତିନିଦିନ ମାଆଙ୍କୁ ରକ୍ଷାକାରିଣୀ, ତା ପର ତିନିଦିନ ଅନ୍ନଦାୟିନୀ ଓ ଶେଷ ତିନିଦିନ ବିଦ୍ୟାଦାୟିନୀ ଭାବରେ ଆରାଧନା କରାଯାଏ। ଆମେ ଜାଣିଥିଲୁ ଶେଷ ବିଜୟାଦଶମୀ ଦିନ ବହୁ ଲୋକ ମନ୍ଦିରକୁ ଆସିବେ; ଏଣୁ ଅନେକ ଲୋକ ବାହାଘର ଦେଖିପାରିବେ।

ବାବା ଆମକୁ ଶେଡ୍ ଟପି, ତୁଳସୀ ଚଉରା ଓ ନବଗ୍ରହ ପୂଜାମଣ୍ଡପର ଆଗକୁ ନେଇଗଲେ। ସେଠାରେ ଅଗଣାରେ ଠିଆ ହୋଇ କହିଲେ, "ଶେଡ୍‌ରେ ବାହାଘର ହେବ, ସେଇଠି ଲୋକଙ୍କୁ ଖାଇବାକୁ ଦିଆଯିବ। ଏଇ କାନ୍ଥ କଡ଼େ ଚୂଲୀ ବସିବ। ମୁଁ ଚୂଲୀ ପାଇଁ ଲମ୍ବା ଗାତ ଖୋଳାଇ ଦେବି। ତା ଉପରେ ହଣ୍ଡା ବସିବ, ଆଉ ତଳେ କାଠ ଜଳାଯିବ। ଉପରେ ଚାନ୍ଦୁଆ ମଧ୍ୟ ଟାଣିଦେବା। ତୁମର ଚିନ୍ତା କରିବାର କିଛି ନାହିଁ। ଗାଁ ଲୋକଙ୍କଠାରୁ ମୁଁ ଶୁଣିଥିଲି ଏଠି ଜାଳ ମିଳିବା ବଡ଼ କଷ୍ଟ। ମୁଁ ସେ ଆଶଙ୍କା ପ୍ରକାଶ କରିବାରୁ ବାବା ଉତ୍ତର ଦେଲେ, "ସେ ବିଷୟରେ ତୁମେ କାହିଁକି ଚିନ୍ତିତ ? ମୁଁ ଲୋକ ପଠାଇ ଜାଳ ସଂଗ୍ରହ କରିଦେବି।" ତା ପରେ ତାଙ୍କ ବାପାଙ୍କୁ ଆସିବାକୁ ଖବର ଦେଲେ।

ବାପା ମନ୍ଦିର ଆଗରେ ଥିବା ରାସ୍ତାର ଶେଷ ମୁଣ୍ଡରେ ତାଙ୍କ ଘର ପାଖରେ ଆଗ ଭଜନ ପାଇଁ ବ୍ୟବହୃତ ହେଉଥିବା ଆଠଫୁଟ ×ଛଅଫୁଟର କୋଠରୀଟିରେ ଦୋକାନଟିଏ

ଖୋଲିଥାନ୍ତି । ବାବାଙ୍କ ପାଖକୁ ଆସୁଥିବା ଦର୍ଶନାର୍ଥୀମାନଙ୍କର ଚାଉଳ, ଡାଲି, ମାଣ୍ଡିଆ, ଗୁଡ଼, କିରୋସିନୀ, ଖାଇବାତେଲ, ପିଆଜ, ସାବୁନ, ଡିଆସିଲି ଆଦି ଯାହା ଦରକାର ହୁଏ ସେ ଦୋକାନରେ ରଖିଥାନ୍ତି । ଶାଢ଼ୀ, ଧୋତି ଓ ପିଲାଙ୍କର ପେଣ୍ଟସାଟ୍ ମଧ୍ୟ କିଛି ଥାଏ । ସେ ଦୋକାନ ପାଖରେ ରହୁଥିଲେ ବାବାଙ୍କ ଗୋସେଇଁବାପା ଶତାଧିକ ବର୍ଷ ବୟସ୍କ କୋଣ୍ଡମା ରାଜୁ ।

ଧୂଳିଧୂସର ଗାଁରାସ୍ତା, ଭଙ୍ଗାଦଦରା ଚାଳଘର, ହାଡ଼ ଗଣି ହେଉଥିବା ଗୋରୁଗାଈ, ସବୁବେଳେ ହୋ ହୋ କରୁଥିବା ଟୋକାଦଳ ଦେଖି ମୁଁ ମନେ ମନେ ବିଚାରୁଥିଲି ଏପରି ଏକ ଶିକ୍ଷା-ଦୀକ୍ଷା ଶୂନ୍ୟ ପରିବେଶରେ ସୁପ୍ରତିଷ୍ଠିତ ସାଧୁସନ୍ଥମାନଙ୍କଠାରୁ ବହୁ ଊର୍ଦ୍ଧ୍ୱରେ ଥିବା ଏ ସତ୍ୟସାଇ ବାବା ଜନ୍ମ ନେଲେ କେମିତି ! ବାବା ଘୋଷଣା କରି ସାରିଥିଲେ ଯେ ସେ ହେଉଛନ୍ତି ଶିରଡ଼ିର ସାଇବାବା, ତାଙ୍କ ଅସଂପୂର୍ଣ୍ଣ କାମ ପୂର୍ଣ୍ଣ କରିବା ନିମନ୍ତେ ପୁନଶ୍ଚ ଆସିଛନ୍ତି । ମୋର ଆଶ୍ଚର୍ଯ୍ୟ ହେବାର ସତେ ଯେମିତି ସୀମା ନଥିଲା । ଏପରି ଏକ ପାହାଡ଼ ପର୍ବତ ଘେରା, ସଂସାରଠାରୁ ବିଚ୍ଛିନ୍ନ, ଇତିହାସରେ ନଥିବା ଛୋଟ ଗାଁଟିରେ ଦରଭଙ୍ଗା ଚାଳଘରେ ଜନ୍ମ ହୋଇଥିବା ବାଳକଟିଏ ତାର ଜନ୍ମହେବା ବହୁ ଆଗରୁ ସମାଧି ଲାଭ କରିଥିବା ସୁଦୂର ଶିରଡ଼ିର ଜଣେ ଫକୀରଙ୍କ ସହ ନିଜର ଏକାତ୍ମତା ଦାବୀ କରୁଛି ! ଶିରଡ଼ି ଫକୀର ମରାଠୀ ଓ ହିନ୍ଦୀ ଭାଷା କହୁଥିଲେ । ଲୋକଲୋଚନକୁ ଆସିଲାବେଳକୁ ତାଙ୍କୁ ୧୬ ବର୍ଷ ବୟସ । ସେ ପୁଣି କୁଆଡେ କହି ଯାଇଥିଲେ ସମାଧିସ୍ଥ ହେବାର ଆଠ ବର୍ଷ ପରେ ପୁଣି ଆସିବେ । ମନ୍ଦିରରେ ମୁଁ ଦେଖିଲି ଗୋଟିଏ ପରିବାର ଯେଉଁମାନେ ଦୀର୍ଘ ଦିନ ଧରି ଶିରଡି ବାବାଙ୍କ ଭକ୍ତ ଥିଲେ ! ବାବାଙ୍କ ଆଗରେ ଠିଆ ହୋଇ ତାଙ୍କ ପିତାଙ୍କ ଆଗମନକୁ ଅପେକ୍ଷା କରିଥିବାବେଳେ ବିସ୍ମୟ ଓ ସଂଶୟରେ ମୁଁ ସତେ ଯେମିତି ନଇଁ ପଡୁଥିଲି ।

ଡାକ ପହଞ୍ଚିବା ମାତ୍ରେ 'ପିତା' ଆସି ପହଞ୍ଚିଲେ । ମୁଁ ଦେଖିଲି ସେ ବାବାଙ୍କ ସମ୍ମୁଖରେ ବସିଲେ ନାହିଁ । ବାବା ସେତେବେଳେ ଗୋଟିଏ ବିଛଣା ଉପରେ ବସିଥିଲେ ଓ ତାଙ୍କ ଆଗରେ ଆମେ କେତେଜଣ ଚଟାଣରେ ବସିଥିଲୁ । ବାବାଙ୍କ ପିତା ଅତି ସାଦାସିଧା, ସରଳ ଓ କ୍ଷୀଣକାୟ ଥିଲେ । ମାତ୍ର ତାଙ୍କଠାରୁ ମଧୁର ଆତ୍ମୀୟତା ଓ ବନ୍ଧୁତ୍ୱପୂର୍ଣ୍ଣ ଭାବ ସତେ ଯେମିତି ଝରି ଆସୁଥିଲା । ନୂଆ କରି ଆସିଥିବା ଆମ ଉପରେ ତାଙ୍କ ଆଖି ପଡିବାମାତ୍ରେ ତାଙ୍କ ମୁହଁରେ ସ୍ୱାଗତସୂଚକ ହସ ଖେଳିଗଲା । ସେ ଯେଉଁ ଧୋତି ପିନ୍ଧିଥିଲେ ତାହା ଆଣ୍ଠୁର ଅଳ୍ପ ତଳକୁ ଝୁଲି ପଡିଥିଲା । ଦେହକୁ ଆବୃତ କରୁଥିଲା ହାତକଟା ଛୋଟ ସାର୍ଟଟିଏ । ବାଳ ବଢ଼ି ବେକତଳକୁ ଝୁଲୁଥାଏ,

ମାତ୍ର କପାଳ ଉପରେ ଦକ୍ଷିଣର ପଣ୍ଡିତଙ୍କ ପରି ବାଳ କିଛି ଗୁଛି ପଛରେ ଗଣ୍ଠିଟିଏ ପକାଇଥାନ୍ତି। କାନରେ ଥିଲା ହଳେ ପଥର ବସା କାନଫୁଲ। ମୁଣ୍ଡକୁ ହଲାଇଲେ ଆଲୁଅରେ ତାହା ଟକ୍‌ଚକ୍ କରୁଥାଏ।

ବାବା ତାଙ୍କୁ କହିଲେ ଦଶହରାବେଳକୁ ମୁଁ ଝିଅର ବାହାଘର ପାଇଁ ପ୍ରାୟ ତିରିଶି ଜଣଙ୍କୁ ଧରି ବାଙ୍ଗାଲୋରରୁ ଆସିବି। ବିଜୟାଦଶମୀ ଦିନ ବାହାଘର ହେବ। "ତୁମେ ପନିପରିବା, ଫଳମୂଳ ଆଦି ତାଙ୍କର ଯାହାସବୁ ଦରକାର ଆଣିଦେବ।" ସେ ମୋ ଆଡ଼କୁ ଚାହିଁ କହିଲେ, "ଅନ୍ୟମାନେ ଯାହାସବୁ ଦରକାର ତାର ତାଲିକାଟିଏ ସହ ଆଗତୁରା ପଇସା ଦେଇଥାନ୍ତି। ତାହାହେଲେ ଧର୍ମାଭରମ୍ ବା ହିନ୍ଦୁପୁରରୁ ଏସବୁ ଜିନିଷ ଆଣିବାରେ ତାଙ୍କୁ ସୁବିଧା ହୁଏ। ମାତ୍ର ତୁମେ ଆଗତୁରା ପଇସା ଦେବା ଦରକାର ନାହିଁ। ଯାହା ଯାହା ଦରକାର ତାଙ୍କୁ କହିଦିଅ, ଆଉ ବାହାଘର ପରେ ଗଲାବେଳେ ପଇସା ଦେଇଯିବ।"

ସେ ହଁ ଭରି ଚାଲିଗଲେ। ମୁଁ ଭାବିଲି ମୁଁ ଗୋଟାଏ ଓଲଟା ସଂସାରରେ ଅଛି ! ଅନ୍ୟସବୁ ଆଧ୍ୟାତ୍ମିକ କେନ୍ଦ୍ରମାନଙ୍କରେ ଗୁରୁ ଜଣେ ହେଲେ ମଧ୍ୟ, ସାଧାରଣତଃ ତାଙ୍କର ବାପା, ମାଆ, ଭାଇ, ପୁତୁରା, ଭଣଜା, ସ୍ୱାମୀ, ସ୍ତ୍ରୀ ଆପଣାର ଅଧିକାରକୁ ସାବ୍ୟସ୍ତ କରି ଆଶ୍ରମର ପରିଚାଳନାରେ ହସ୍ତକ୍ଷେପ କରିଥାନ୍ତି ଓ ଲାଭ ଉଠାଇଥାନ୍ତି। ଏଠାରେ ସେ ଭାଇ-ଭଉଣୀ କାହାନ୍ତି ? କାହାନ୍ତି ବା ଅଧିକାର ଦାବୀ କରୁଥିବା ବାପା-ମା ? ଏଠି ମୁଁ ଦେଖୁଚି କେବଳ ସାଧକ ଓ ଭକ୍ତ। ଏଠି ଆଉ କାହାର ଛାଇ ପଡିବାର ଜୁ ନାହିଁ, କିମ୍ବା କାହାର ଦଉଡି ଟାଣିବାର ଉପାୟ ନାହିଁ। ଏଠି ବାବା ସର୍ବେସର୍ବା।

ମହୀଶୂର ସରକାରଙ୍କର ପୂର୍ବତନ ହେଲ୍‌ଥ ଇନ୍‌ସପେକ୍ଟର ଶ୍ରୀଯୁକ୍ତ ଶେଷଗିରି ରାଓ ଭଜନ ସମୟରେ ଶେଡ୍ ଓ ପୂଜାମଣ୍ଡପକୁ ସଜାଇବା ଦାୟିତ୍ୱରେ ଥିଲେ। ଠିକ୍ ଛଅଟାବେଳେ ସନ୍ଧ୍ୟାଭଜନ ଆରମ୍ଭ ହେଉଥାଏ। ଆମେ ଦେଖିଲୁ ସେ ସମୟକୁ ହାତରେ ଫୁଲମାଳ ଓ ତୁଳସୀଦଳ ଧରି ନାରୀ ଓ ପୁରୁଷ ଦର୍ଶନାର୍ଥୀମାନେ ଭଜନ ମନ୍ଦିରକୁ ଚାଲିଛନ୍ତି। ବାବା ସେଗୁଡିକ ଲୋକଙ୍କଠାରୁ ନେଇ ପୂଜାମଣ୍ଡପରେ ଥିବା କୃଷ୍ଣଙ୍କ ମୂର୍ତ୍ତି ଆଡ଼କୁ ଫିଙ୍ଗି ଦିଅନ୍ତି। ଫୁଲମାଳଗୁଡିକ ଶୂନ୍ୟରେ କିଛିବାଟ ଯାଇ କୃଷ୍ଣଙ୍କ ବେକରେ ଗଳି ସୁନାପିଲା ପରି ଝୁଲି ପଡୁଥାନ୍ତି। ମଣ୍ଡପରେ ବାବାଙ୍କ ପାଞ୍ଚ ଫୁଟିଆ ତୈଳଚିତ୍ରଟିଏ, ତା ଆଗରେ କୃଷ୍ଣମୂର୍ତ୍ତି, ଏବଂ ମୂର୍ତ୍ତି ଆଗରେ ପଡିଥିବା ଗାଲିଚ୍ଚ ଉପରେ ବସିଥାନ୍ତି ବାବା। ଅଳ୍ପ ସମୟ ମଧ୍ୟରେ ତାଙ୍କର ବଡ଼ ଭଉଣୀ ବେଙ୍କାମ୍ମା ତରତର ହୋଇ ଆସି ସ୍ତ୍ରୀ ଲୋକଙ୍କ ଭିତରେ ବସିଲେ। ବାବା ଭଜନ

ଗାଇବା ଆରମ୍ଭ କଲେ। ଏପରି ମଧୁର କଣ୍ଠ ମୁଁ ଆଉ କେଉଁଠି ଶୁଣି ନଥିଲି। ବାବା ଭଜନର ଧାଡି ପରେ ଧାଡି ଗାଉଥାନ୍ତି, ଅନ୍ୟମାନେ ପାଳି ଧରୁଥାନ୍ତି। ଶେଡ୍‌ରେ ସମୁଦାୟ ୪୦ ଜଣ ସରିକି ଲୋକ ଥିଲେ। ତାପରେ ତାଙ୍କ ଭଉଣୀ ଗାଇଲେ। ତାଙ୍କ କଣ୍ଠ ମଧ୍ୟ ବେଶ୍ ମଧୁର ଥିଲା ଓ ଆତ୍ମାର ଆକୁଳତା ସେ ଭଜନରେ ଫୁଟି ଉଠୁଥିଲା।

ମୁଁ ନିଜକୁ ପ୍ରଶ୍ନ କରୁଥାଏ, ବାବା ନିଜେ କାହିଁକି ଏ ନାମାବଳୀ ଗାନ କରୁଛନ୍ତି ଓ ଅନ୍ୟମାନେ ପାଳି ଧରୁଛନ୍ତି! ମୋ ପାଖରେ ବସିଥିବା ଭକ୍ତ କହିଲେ ବାବା ନିଜ ଉପରେ ସ୍ୱରଚିତ ଭଜନ ଗାନ କରୁଛନ୍ତି। କୁସମ୍, କରୁର୍, ତ୍ରିଚିନାପଲ୍ଲୀ, ମାଡ୍ରାସ ଓ ବାଙ୍ଗାଲୋରରୁ ଆସିଥିବା ତରୁଣ ଗାୟକ-ଗାୟିକାଙ୍କ ମଧ୍ୟରେ ତାଙ୍କର ଭଉଣୀ ବାବାଙ୍କର ପ୍ରଥମ ଓ ସର୍ବୋତ୍ତମ ଶିଷ୍ୟା। ମୁଁ ନିଜକୁ ବୁଝାଇ ଚାଲିଥିଲି ମାଆ ନିଜ ପିଲାକୁ କଥା ଶିଖାଇଲାବେଳେ ଯେପରି ଆପେ ନଇଁପଡି ଗୁଲୁଗୁଲୁ ସ୍ୱରରେ ପିଲାଟି ଆଗରେ କଥା କହେ, ପିଲାଟି ଠିକ୍ ସେଇ କଥା ଅନୁକରଣ କରି କହିବ ବୋଲି, ବାବା ମଧ୍ୟ ସେହିପରି ଆମକୁ ଭଜନ କିପରି କରିବାକୁ ହୁଏ ତାହା ଶିଖାଇବା ପାଇଁ ଆପେ ଭଜନ ଗାଉଛନ୍ତି।

ପ୍ରକୃତରେ ତାଙ୍କର ଅବତାର ନେବାର ଉଦ୍ଦେଶ୍ୟ ହେଲା ଆମ ଭିତରେ ଓ ବାହାରେ ତାଙ୍କ ଉପସ୍ଥିତି ବିଷୟରେ ଆମକୁ ସଚେତନ କରିବା। ଆମେ ଆଳସ୍ୟ-ନିଦ୍ରାରେ ଅଚେତନ ଥିଲାବେଳେ ସେ ଆମକୁ ଦେଖି ଭାବୁଥିବେ, "ଆହା ବିଚରା, ଜୀବନକୁ ବ୍ୟର୍ଥ କରିପକାଉଚି ସିନା!" ମନେ ମନେ ଶ୍ରଦ୍ଧା କୋମଳ ଭାଷାରେ କହୁଥିବେ, "ମୋର ଆଦରର ଦୁର୍ବଳ, ଅନ୍ଧ ମଣିଷ, ତୁ ଯାହାକୁ ଖୋଜୁଛୁ, ମୁଁ ସେଇ।" ସେଥିପାଇଁ ସେ ଆମ ଆଗରେ ଦିବ୍ୟ ପ୍ରଶାନ୍ତିର ଆଧାର ପ୍ରଶାନ୍ତିନିଳୟମ୍ ଠିଆ କରିଛନ୍ତି। ଯେଉଁମାନେ ତାଙ୍କ ପାଖରେ ରହନ୍ତି, ତାଙ୍କଠାରୁ ଦୂରେଇ ଯାଆନ୍ତି, କିମ୍ବା ତାଙ୍କ ଆଲୋକରେ ଆପଣାକୁ ଆଲୋକିତ କରିବାକୁ ଧାଇଁ ଆସନ୍ତି, ସେ ସଭିଙ୍କର ତ୍ରାଣକର୍ତ୍ତା ସେ। ନିର୍ଦ୍ଦିଷ୍ଟ ବ୍ୟକ୍ତିର ଅଭିଳାଷ ଏବଂ ଦୁର୍ବଳତା ଦେଖି ସେ ବେଳେବେଳେ ତାପାଇଁ ପ୍ରାର୍ଥନା ମଧ୍ୟ ଲେଖି ଦେଇଥାନ୍ତି। ଏପରି କେତୋଟି ତାଙ୍କଦ୍ୱାରା ଲିଖିତ ପ୍ରାର୍ଥନା ମୁଁ ଏ ପୃଷ୍ଠାରେ ଉଦ୍ଧାର କରିବାର ସାହସପୂର୍ଣ୍ଣ ପ୍ରୟାସ କରୁଛି। ଏପରି ୩ଟି ପ୍ରାର୍ଥନା ସେ ମୋ ପାଇଁ ଲେଖି ମୋ ପାଖକୁ ପଠାଇଥିଲେ। ଗୋଟିଏ ୧୯୫୯ ମସିହାର ତାଙ୍କରି ଜନ୍ମଦିନ ଅବସରରେ, ଆଉ ଅନ୍ୟ ଦୁଇଟି ୧୯୬୦ ଓ ୬୨ର ନବବର୍ଷ ଉପଲକ୍ଷ୍ୟେ, ଏ ତିନୋଟି ଭଜନ ଶୈଳୀରେ ଲିଖିତ,

ମାତ୍ର ଏଥିରେ ଆତ୍ମାର ପରମାତ୍ମାଙ୍କ ପାଇଁ ତୀବ୍ର ଆକୁଳତା ଫୁଟି ଉଠିଛି ପ୍ରଭୁଙ୍କର କରୁଣା, କୃପା ଓ ବିଶ୍ୱାସ ମାଗିବାରେ :

ତୁମେ କି ସତରେ ଛାଡିଦେବ ମୋର ହାତ ?
ଛାଡିବନି କେବେ ଛାଡିବନି;
ଭଲକରି ଜାଣେ ପ୍ରଭୁ ମୋର—
ଯେତେ ଖରାପ ମୁଁ ହେଲେ ବି ନାଥ ହେ
କରିବନି ମୋତେ କେବେ ପର ।

ତୁମେ ଥାଉ ମୋର ଜୀବନ କି ହେବ ଅକାରଣ ?
ହେବ ନାହିଁ କେବେ ହେବ ନାହିଁ,
ଭଲକରି ଜାଣେ ପ୍ରଭୁ ମୋର,
ଯେତେ ନିର୍ବୋଧ ହେଲେ ବି ନାଥ ହେ
କରିବନି କେବେ ପାଶୁ ଦୂର ।

ତୁମେ ଥାଉଁ ଥାଉଁ ଦାସ ଅବା ସତେ ନାଶ ଯିବ ?
ତୁମେ ତାହା କେବେ କରିବନି,
ଭଲକରି ଜାଣେ ପ୍ରଭୁ ମୋର ,
ଯେତେ ବାଟବଣା ହେଲେ ବି ନାଥ ହେ
ତୁମେ ସଦା ମୋର ଆପଣାର ।

କୃପା ଦୃଷ୍ଟିରୁ ସତେ କି ଦୂରକୁ ଦେବ ଠେଲି ?
ଠେଲିବନି କେବେ ଠେଲିବନି,
ଭଲକରି ଜାଣେ ପ୍ରଭୁ ମୋର ,
ଅବାଞ୍ଛିତ ମୁଁ ହେଲେ ବି ନାଥ ହେ
ବଞ୍ଚିତ ନୁହେଁ ଦୟାମୟ ।

ଉଦ୍ଧରିବ ନିଶ୍ଚେ ପ୍ରଭୁ ଆପଣାର ଜନେ,
ଅକୁଣ୍ଠିତେ, ନ ବିଚାରି ଭଲ-ମନ୍ଦ ଗୁଣ,
ଆମ ଆଖି ଲୁହ ଦେଖି ନ ରହି ମଉନେ,
ଦୀନର ଦୟିନୀ ନିଶ୍ଚେ କରିବ ପୂରଣ ।

୧୯୬୦ ପ୍ରାକ୍‌କାଳରେ ନିମ୍ନଲିଖିତ ପ୍ରାର୍ଥନାଟି ସେ ନିଜେ ରଚନା କରି ନବବର୍ଷ ଅଭିନନ୍ଦନ ଭାବରେ ମୋ ପାଖକୁ ପଠାଇଥିଲେ । ମୋର ଏ ରତ୍ନପ୍ରାପ୍ତିର ଆନନ୍ଦକୁ ବଢ଼ାଇଦେବା ଉଦ୍ଦେଶ୍ୟରେ ବାବା ଏଇ ପ୍ରାର୍ଥନାଟିକୁ ପ୍ରଶାନ୍ତିନିଳୟମ୍‌ଠାରୁ ୫ ମାଇଲ ଦୂର ବୁକାପଟ୍ଟନମ୍ ଡାକଘରେ ପକାଇ ଆସିବାକୁ ଜଣକୁ ପଠାଇଥିଲେ; ଅଥଚ ସେତେବେଳେ ମୁଁ ତାଙ୍କ ପାଖରେ ପ୍ରଶାନ୍ତିନିଳୟମ୍‌ରେ ହିଁ ଉପସ୍ଥିତ ଥିଲି । ଯେତେବେଳେ ଡାକପିଅନ ଅନ୍ୟସବୁ ଚିଠି ସହ ଏଇ ଚିଠିଟି ମଧ୍ୟ ମୋ ହାତକୁ ବଢ଼ାଇଦେଲା ଓ ଏହାକୁ ଖୋଲି ମୁଁ କୃପାର ନିଦର୍ଶନ ପଢ଼ିଲି, ମୋର କୃତଜ୍ଞତା, ଉଲ୍ଲାସ, ଆକୁଳତାକୁ ତାଙ୍କଠାରେ ପ୍ରକାଶ କରିବାର ଉଦ୍‌ବେଗ ମୋତେ ସଂପୂର୍ଣ୍ଣ ନିର୍ବାକ୍ କରି ଦେଇଥିଲା । ବାବା ଲେଖିଥିଲେ:

ତୁମଠାରୁ ଅବା କରୁଣା ଦାନରେ ବଡ କିଏ
ତୁମ ଚରଣରେ ଶରଣ ନେଲି ମୁଁ ସେଥିପାଇଁ,
ଅନୁନୟ ମୋର କାନରେ ତୁମର ବାଜିବ ତ,
ଭରାକଣ୍ଠର ଡାକ ମୋର ମନା କର ନାହିଁ ।

ଜାଣେ ମୁଁ ଡାକିଲା ମାତ୍ରକେ ତୁମେ ଶୁଣିଥାଅ,
ତୁମଠାରେ ମୋର ବିଶ୍ୱାସ ଅଟେ ପ୍ରାଣଭରା;
ତଥାପି କିପାଇଁ କନ୍ଦାଅ କୁହ ରାତିଦିନ,
ତୁମ ବିନା ଆଉ ଆପଣାର କିଏ ନାହିଁ ପରା ।

ପାଖେ ପାଖେ ମୋର ଅଛ ବୋଲି ତୁମେ ନିରନ୍ତର
ଦୃଢ଼େ ମୁଁ ଜାଣଇ, ଦେଖାଇବ ମୋର ଚଲାବାଟ;
ଯାହା ମୁଁ ମାଗିଲେ ଅଞ୍ଜଳି ଭରି ଦେବ ଢାଳି
ସେଥିପାଇଁ କରେ ପାଦପଦ୍ମରେ ମଥାନତ ।

କେଉଁପରି ମୋତେ ଦେଖୁଅଛ ମୋତେ ନାହିଁ ଜଣା
କେତେଦିନ ହେଲେ ହେଉ ପଛେ ରହିଁ ବସିଥିବି ;
କରୁଣା-କୋମଳ ଆଖି ଯେତେଦିନ ନ ଛୁଇଁବ
ପ୍ରାଣରେ ଆବେଗ ଭରି ପଦ୍ମପାଦ ଧ୍ୟାଉଥିବି ।

ପ୍ରାର୍ଥନାଟି ତଳେ ଲେଖାଥିଲା "କସ୍ତୁରୀ, ଏଇ ପ୍ରାର୍ଥନାରେ ନୂଆବର୍ଷଟି ଆରମ୍ଭ କରିବୁ । ଆୟୁ, ଆରୋଗ୍ୟ, ଆନନ୍ଦ ସହିତ ପୁତ୍ର, ପୌତ୍ର, ମିତ୍ରଯୁକ୍ତ ହୋଇ ଭକ୍ତି ଓ ଜ୍ଞାନ ପ୍ରାପ୍ତି ନିମନ୍ତେ ସର୍ବଦା ସର୍ବେଶ୍ୱରଙ୍କ ସେବାରେ ଶାନ୍ତ ଓ ଶୌର୍ଯ୍ୟ ସଂପନ୍ନ ଭାବରେ ଜୀବନଯାପନ କରିବୁ ବୋଲି ମୁଁ ଆଶୀର୍ବାଦ କରୁଛି । —ବାବା ।"

ଆପଣମାନଙ୍କୁ ଆଉ ଗୋଟିଏ ପ୍ରାର୍ଥନା ଶୁଣାଇବାର ଆନନ୍ଦକୁ ମୁଁ ରୋକି ପାରୁନି । ୧୯୬୨ର ତାଙ୍କ ଜନ୍ମଦିବସ ନଭେମ୍ବର ୨୩ରେ ମୁଁ ପାଇଥିଲି ପ୍ରଶାନ୍ତିନିଳୟମ୍ ଡାକଘରୁ ! ବାବା ପ୍ରଶାନ୍ତିନିଳୟମ୍‌ରୁ ମୋ ପାଖକୁ ପ୍ରଶାନ୍ତିନିଳୟମ୍ ଡାକଘର ମାଧ୍ୟମରେ ପ୍ରାର୍ଥନାଟି ପଠାଇଥିଲେ !

ମନରେ ବାନ୍ଧିଛି ଆଶା
ତୁମେ ମୋତେ ଦେଖାଇବ ବାଟ,
ଆଜି ହେଉ, ଅବା ହେଉ କାଲି ।
ଦିନ ଗଣି ଗଣି ମନ ମୋ ଉଚ୍ଚାଟ
ତୁମ ଶ୍ରୀଛାମୁରେ ଠିଆ ହେବି ବୋଲି ।
ମନରେ ଧରିଛି ଭରସା କେତେ
ଦିବ୍ୟ ଦରଶନ ଦେବଟି ମୋତେ ,
ମନରେ କିନ୍ତୁ ଉପୁଜେ ଭୟ
ହେବ କି କୃପଣ ହେ କୃପାମୟ !
ଖୋଲି ଦେଇ ମୋର ହୃଦ-କବାଟ
ବସିଚି ମୁଁ ରହିଁ, ତୁମରି ବାଟ ।
ଏଇ ମୁହୂର୍ତ୍ତରେ ଆସିବ ଭାବି
ହୃଦରେ ଭରିଛି ଆକୁଳ ପ୍ରାସ,
ଡାକୁଅଛି ଦିନରାତି ହେ ନାଥ;
ଆଶା କରି ତୁମ ମଧୁର ହସ ।

ଏବେ ନ ହେଲେ ବି, ପାଇବି ଦିନେ
ବିରହୀ ପ୍ରାଣରେ ଧରିଛି ଆଶା,
ଅଧୀର ପ୍ରାଣରେ ଚାହିଁ ବସିଥିବି
କେବେ ପାହିବ ମୋ ଗଭୀର ନିଶା;
ପ୍ରିୟତମ, ମୋତେ କେତେଦିନ ଆଉ ରଖିବ ଦୂରେ
ମୁଁ ପରା ତୁମର ଅତି ଆପଣାର, ଭୁଲିବ ନାହିଁ,
ତୁମେ ମୋର ପିତା, ମୁଁ ତୁମ ପୁତ୍ର
ଡାକରା କାନରେ ବାଜିବ ନାହିଁ ?

ଆମମାନଙ୍କ ମଧ୍ୟରୁ ଯେଉଁମାନେ ଏପରି ଅପ୍ରତ୍ୟାଶିତ କୃପା-ଉପହାର ପାଉଥିଲୁ, ତାଙ୍କ ପାଖକୁ ଧାଇଁଯାଇ ତାଙ୍କରି ପାଦତଳେ ଆପଣାକୁ ସମର୍ପି ଦେବା ପାଇଁ ଆମକୁ ତର ସହୁ ନଥିଲା । ବାବା ମଧ୍ୟ ଆମର ଭକ୍ତି ଓ ଆନନ୍ଦର ପ୍ରତିଦାନ ସ୍ୱରୂପ ଆମ ହାତରୁ ଚିଠିଟିକୁ ନେଉଥିଲେ ଓ ଏହାକୁ କିପରି ପଢ଼ିବାକୁ ହେବ, ପାଠ କରି ମନର କାଳିମାକୁ ପୋଛି ଦେବାକୁ ହେବ ତାହା ସବିଶେଷ ବୁଝାଇ ଦେଉଥିଲେ । ସେ ଆମକୁ କହୁଥିଲେ ପ୍ରାର୍ଥନା ଷୋଡଶୋପଚାର ପୂଜା ନୁହେଁ କିମ୍ବା ପାଣ୍ଡିତ୍ୟପୂର୍ଣ୍ଣ ରଚନା ନୁହେଁ । ଏହା ଭଗବାନଙ୍କ ସହ କଥାବାର୍ତ୍ତା । ରାମକୃଷ୍ଣ ପରମହଂସ ମା କାଳୀଙ୍କୁ ପ୍ରାର୍ଥନା କରି କହୁଥିଲେ, "ମା, ତୁ ମୋରି ଭିତରେ ପ୍ରାର୍ଥନା କର । ତୋତେ କିପରି ଡାକିବାକୁ ହେବ, ଖୋଜିବାକୁ ହେବ ମତେ ବତାଇ ଦେ ।" ସେ ଆମକୁ ଦେଇଥିବା ପ୍ରାର୍ଥନାସବୁ ଆମେ ଯେତେବେଳେ ଭଜନରେ ବୋଲୁ, ବା ତାଙ୍କ ଭଜନ ପାଳିଧରୁ, ଆମେ ଜାଣୁ ସେ ହିଁ ଆମରି ଭିତରେ ପ୍ରାର୍ଥନା କରୁଛନ୍ତି, ବା ଆମେ ଆମ ନିଜକୁ ହିଁ ପ୍ରାର୍ଥନା କରୁଛୁ, କାରଣ ସେ ହିଁ ଆମ ଭିତରେ ଆମର ପ୍ରକୃତ ଆତ୍ମା ।

ଭଜନ ପରେ ବାବା ନିଜେ ଏକ ରୂପାର ଆଳତିଦାନିରେ କର୍ପୂରଶିଖା କୃଷ୍ଣଙ୍କ ମୂର୍ତ୍ତି ଆଗରେ ଏବଂ ନିଜର ଫଟୋ ଆଗରେ ଟୋଳି ଧରନ୍ତି । ଭକ୍ତମାନେ ତାଙ୍କ ପାଇଁ ଆରତିଗୀତ ଗାଉଥିଲାବେଳେ ଆମ ପକ୍ଷରୁ ସେ ନିଜ ନିଜର ଆଳତି କରନ୍ତି । ବାଙ୍ଗାଲୋରରେ ମୁଁ ଯେତେବେଳେ ତାଙ୍କ ପାଖକୁ ଯାଇଥିଲି, ବାବା ସେତେବେଳେ ନିଜେ ଆଳତିଦାନିକୁ ଧରି ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ଚାଲି ଚାଲି ଆସିଥିଲେ ସମସ୍ତଙ୍କୁ ଏହାର ସ୍ପର୍ଶ ସୁଯୋଗ ଦେବାପାଇଁ । ମୁଁ ପରେ ଶେଷଗିରି ରାଓଙ୍କୁ ଏଥିପାଇଁ ଗାଳି କରୁଥିଲି - ସେ କିପରି ଏ ଅସୁନ୍ଦର

କଥାକୁ ପ୍ରଶ୍ରୟ ଦେଇଥିଲେ । ବାବାଙ୍କୁ ସେ ଅନ୍ତତଃ ପ୍ରାର୍ଥନା କରିପାରିଥାନ୍ତେ ସେ ନିଜେ ଏ କାମଟି କରିବେ ବୋଲି ।

ପୋଚି ଆୟାର୍ ମୋତେ କହିଥିଲେ ବାବାଙ୍କୁ ଯେତେବେଳେ ଚଉଦବର୍ଷ ବୟସ ସେତେବେଳେ ବାବା ଦିନେ ସ୍କୁଲରୁ ଫେରି ବହିପତ୍ର ଫିଙ୍ଗିଦେଇ ଗୋଟିଏ ବଗିଚାକୁ ଚାଲିଗଲେ । ତାପରେ ସେ ଭୂମିରୁ ଅଳ୍ପ ଉଚ୍ଚ ପଥରଟିଏ ଉପରେ ବସିଲେ । ସହରର ଯେଉଁମାନେ ତାଙ୍କ ପଛେ ପଛେ ଆସିଥିଲେ ସେମାନେ ତାଙ୍କ ଚାରିପଟେ ଭୂମି ଉପରେ ବସିଲେ । ସେତେବେଳେ ସେ ସେମାନଙ୍କୁ ଗୁରୁଚରଣ ଭଜି ଦୁସ୍ତର ସଂସାର-ସାଗର ତରିଯିବା ମର୍ମରେ ଭଜନଟିଏ ଶିଖାଇଥିଲେ । ସେତେବେଳେ ତାଙ୍କ ବିନା ଗୁରୁ ଆଉ କିଏ ବା ଥିଲା ?

ଆଠବର୍ଷ ପରେ ମୁଁ ବାଙ୍ଗାଲୋର୍ ଓ ପୁଟ୍ଟପର୍ତ୍ତିରେ ସେଇକଥା ହିଁ ଦେଖିଥିଲି -ଭଜନ ମାଧ୍ୟମରେ ସେଇ ମହାଶିକ୍ଷା ହିଁ ସେ ଲୋକଙ୍କୁ ପ୍ରଦାନ କରୁଥିଲେ । ମାତ୍ର ଆରତି ବୁଲାଇବା ଓ ପରେ ଆରତି ଶିଖାକୁ ଧରି ପ୍ରତ୍ୟେକ ଲୋକ ପାଖକୁ ଯିବାର ତୁଚ୍ଛ କାମ ସେ ନିଜେ କାହିଁକି କରୁଥିଲେ ? ସେ ନିଜେ ହିଁ ଦୀନବନ୍ଧୁ ଓ ମୁକ୍ତିପ୍ରଦାତା ବୋଲି ଘୋଷଣା କରିସାରିଲା ପରେ ବି ନିଜେ ଅତିଥିସେବା ଓ ପୂଜାର କାମ ବି କରୁଥିଲେ ! ପୁଟ୍ଟପର୍ତ୍ତିର ମୁଁ ଯୁଆଡ଼େ ଚାହୁଁଥିଲି ସେଆଡ଼େ ଏଇ ପ୍ରଶ୍ନବାଚୀ ହିଁ ମୋ ଆଖିରେ ପଡୁଥିଲା ।

ଏହି ସମୟରେ ଶହେ ଆଠବର୍ଷର ଜ୍ଞାନ ଓ ତପସ୍ୟାର ପ୍ରତୀକ ଗୋସେଇଁ ବାପା କୋଣ୍ଡମା ରାଜୁ ମନ୍ଦିର ଭିତରକୁ ପଶି ଆସିଲେ । ବାବାଙ୍କ ମୁହଁରେ ଆନନ୍ଦର କିମ୍ବା ତାଙ୍କ ଉପସ୍ଥିତିକୁ ସ୍ୱୀକାର କରିବାର ଭାବ ମଧ୍ୟ ନଥିଲା । ପରେ ମୁଁ ଶୁଣିଲି ସେ ଅନେକ ସମୟରେ ଆସନ୍ତି । ଭକ୍ତମାନେ ଯେତେବେଳେ କହନ୍ତି ଶହେଆଠ ବର୍ଷର ବୁଢ଼ା ବାଇଶି ବର୍ଷର ନାତିକୁ ଭକ୍ତି ଜଣାଇବାକୁ ଆସନ୍ତି, ମୋ ଭ୍ରୂଲତା ଦୁଇଟି ଅବିଶ୍ୱାସରେ ଉପରକୁ ଉଠିଯାଏ, ମାତ୍ର ସେମାନେ ମୋତେ କହନ୍ତି ଏହା ଏକାନ୍ତ ସତକଥା, କାରଣ ତାଙ୍କରି ରତ୍ନାକର ବଂଶରେ ଜଣେ ଦିବ୍ୟପୁରୁଷଙ୍କ ଆଗମନ ଦେଖି ବୃଦ୍ଧ କୋଣ୍ଡମା ରାଜୁ ଆନନ୍ଦରେ ଅଭିଭୂତ ହୋଇ ପଡୁଥିଲେ ।

'ରତ୍ନାକର' ଅର୍ଥ ରତ୍ନଗର୍ଭା ସମୁଦ୍ର । ଆନନ୍ଦସିକ୍ତ ଆଖିରେ ସେ କହୁଥିଲେ, "ହଁ, ଏବେ ରତ୍ନାକର ବଂଶ ପ୍ରକୃତରେ ରତ୍ନର ଅଧିକାରୀ ।" ସେ ଆମକୁ ତାଙ୍କର ଏକ ସ୍ୱପ୍ନ କଥା କହୁଥିଲେ । ସ୍ୱପ୍ନରେ କୃଷ୍ଣଙ୍କ ପତ୍ନୀ ସତ୍ୟଭାମା ଆସି ତାଙ୍କ ପାଇଁ ଗୋଟିଏ ମନ୍ଦିର ତୋଳିବାକୁ କହିଥିଲେ । ଆଉ ସତ୍ୟଭାମାଙ୍କର ଏ ଅଭିଳାଷ ସେ ପୂରଣ କରିଥିବା ହେତୁ ସୌନ୍ଦର୍ଯ୍ୟ, ଜ୍ଞାନ ଓ ମହାଶକ୍ତିଧର ସତ୍ୟ ତାଙ୍କ ବଂଶରେ ଜନ୍ମ ନେଲେ । ସେ ଯେତେବେଳେ ତାଙ୍କର ଜଣେ

ନିକଟ ପୂର୍ବପୁରୁଷ ସର୍ବସ୍ୱତ୍ୟାଗୀ ଅବଧୂତ 'ବେଙ୍କଟ'ଙ୍କ କଥା କହନ୍ତି ବୃଦ୍ଧ କୋଣ୍ଡମା ରାଜୁଙ୍କ ଆଖି ଦୁଇଟି ପ୍ରାଣର ଉଚ୍ଛ୍ୱାସରେ ଢଳ ଢଳ ଦିଶେ। "ଏଇ ନାତିଟି ମୋର ମଧ୍ୟ ଜଣେ ଅବଧୂତ; ମାତ୍ର ସେ ସଂସାର ଛାଡିବାକୁ ଆସିନି, ଆସିଛି ସଂସାର ପାଇଁ ସଂସାରରେ ରହିବାକୁ", ସେ ମୋତେ କହିଥିଲେ। ମୁଁ ତାଙ୍କ ପାଦ ଛୁଇଁଥିଲି। ଆଉ ମୋ ଝିଅ ପାଇଁ ତାଙ୍କର ଆଶୀର୍ବାଦ ଭିକ୍ଷା କରି ତାର ବାହାଘରେ ଯୋଗ ଦେବାକୁ ତାଙ୍କୁ ସବିନୟ ପ୍ରାର୍ଥନା ଜଣାଇଥିଲି।

ବାଙ୍ଗାଲୋର୍‌ରୁ ଆମେ କିଛି ଫଳ ଓ ପାଉଁରୁଟି ଆଣିଥିଲୁ। ସେତକ ଖେଇ ଶେଡ୍‌ରେ ହିଁ ବିଶ୍ରାମ ନେଲୁ। କିଛି ସମୟ ପରେ ଦେଖିଲୁ ଲୋକେ ଆପଣାର ଶେଯଟିମାନ କାଖତଳେ ଯାକି ବାହାରକୁ ଆସି ଅଗଣାରେ ଜମା ହେଉଛନ୍ତି। ଆମେ ବି ସେୟା କଲୁ। ଅଗଣା ମଝିରେ ଲୁହାର ବେଲୁରୀ ଖଟଟିଏ ପଡ଼ିଥାଏ। କେହି ଜଣେ ତା ଉପରେ ବିଛଣାଟିଏ ବିଛାଇ ଦେଲା। ସ୍ତ୍ରୀ ଲୋକମାନେ ଖଟର ଡାହାଣକୁ ଓ ପୁରୁଷଲୋକେ ବାମକୁ ତଳେ ନିଜ ନିଜର ଶୋଇବା ବ୍ୟବସ୍ଥା କରିବାକୁ ଆରମ୍ଭ କଲେ। ବାବା ନିଜ କୋଠରୀ ଭିତରୁ ବାହାରି ଆସି ଖଟ ଉପରେ ବସିଲେ। ବାବାଙ୍କ ଖଟର ସବୁଠୁ ପାଖରେ ବିଛଣା କରିଥିଲେ ଶେଷଗିରି ରାଓ। ଅନ୍ୟ ପୁରୁଷ ଓ ସ୍ତ୍ରୀଲୋକ କିଛି ଛଡ଼ାରେ ତଳେ ବିଛଣା କରିଥିଲେ। ଆକାଶରୁ ମେଘମାନେ ଚାଲି ଯାଇଥିଲେ। ନିର୍ମଳ ନୀଳ ଆକାଶରୁ ତାରାମାନେ ପୁଟପର୍ତ୍ତି, ମନ୍ଦିର ଓ ମନ୍ଦିର ଅଗଣାରେ ଆମ୍ଭମାନଙ୍କ ମଧ୍ୟରେ ବାବାଙ୍କୁ ଅନାଇ ରହିଥିଲେ। ଆମ ଆଖିକୁ ନିଦ ଆସୁ ନଥିଲା। ବାବାଙ୍କ ଏତେ ପାଖରେ ଆମ ଭିତରେ ଆନନ୍ଦର ଉଚ୍ଛ୍ୱାସ ସତେ ଯେମିତି ଜଳୁଥିଲା। ଭକ୍ତମାନେ ଆମକୁ କହିଲେ ଯେ ରାତିରେ ବାବା ପ୍ରାୟ ଶୁଅନ୍ତି ନାହିଁ, ସ୍ୱପ୍ନରେ ଦୂର ଦୂରାନ୍ତର ଭକ୍ତମାନଙ୍କ ପାଖକୁ ଯାଆନ୍ତି। ସେମାନେ ବାବାଙ୍କୁ ସ୍ୱପ୍ନରେ ଦେଖିବାର ଓ ତାଙ୍କ ସହ କଥା ହେବାର ସୌଭାଗ୍ୟ ପାଇବା ପାଇଁ ଜୋର୍ କରି ଆଖି ବନ୍ଦ କରି ଶୋଇବାକୁ ଚେଷ୍ଟା କରୁଥାନ୍ତି। ସେମାନଙ୍କ ମଧ୍ୟରୁ କେତେକ ଏପରି ଅପୂର୍ବ ସ୍ୱପ୍ନ ଦେଖିଥିବା ପ୍ରାୟ ଶପଥ କରି କହିଲେ। ଏସବୁ ଶୁଣି ଆମେ ନିଜକୁ ବଡ ତୁଚ୍ଛ ଓ ନ୍ୟୂନ ବୋଲି ନିନ୍ଦା କଲୁ, କାରଣ ତାଙ୍କଠାରୁ ପାଞ୍ଚ ଦଶଫୁଟ ଦୂରରେ ସେଇ ଅଗଣାରେ ଶୋଇଥିଲେ ମଧ୍ୟ ଆମେ କେତୋଟି ମାତ୍ର ସଂଶୟଜଡିତ ସ୍ୱପ୍ନର ଅଧିକାରୀ ହୋଇଥିଲୁ।

ତା ପରଦିନ ସକାଳେ ବାବାଙ୍କ ମାଆ ଈଶ୍ୱରାମ୍ମାଙ୍କୁ ପ୍ରଣାମ କରିବା ନିମନ୍ତେ ଆମେ ଭଉଣୀ ବେଙ୍କାମ୍ମାଙ୍କ ଘରକୁ ଗଲୁ। ପୋଚି ଆୟାର ଏ ସୁଯୋଗ ନ ହରାଇବାକୁ ଆମକୁ ସତର୍କ କରି ଦେଇଥିଲେ। ବାବା ଯେତେବେଳେ ଉରବକୋଣ୍ଡାରେ ଘର ଛାଡି ଚାଲିଗଲେ ସେତେବେଳେ ମାତା ଈଶ୍ୱରାମ୍ମା ପୁଟପର୍ତ୍ତିରୁ ତାଙ୍କଠାକୁ ଧାଇଁ ଯାଇଥିଲେ। ମାତ୍ର ବାବା ତାଙ୍କୁ କେବଳ 'ମାୟା' ବୋଲି ବର୍ଣ୍ଣନା କରିଥିଲେ ! ଏହା ସତ୍ତ୍ୱେ ବାବା ମାଆଙ୍କୁ ପ୍ରତିଶ୍ରୁତି ଦେଇଥିଲେ

ଯେ ଅବତାର ଲୀଳା ପାଇଁ ସେ ଅନ୍ୟ କେଉଁ ସ୍ଥାନରେ ନ ରହି ପୁଟ୍ଟପର୍ତ୍ତିରେ ହିଁ ରହିବେ। ପୋଚ୍ଚି ଆୟାର ମୋତେ କହିଥିଲେ ଏହା ଈଶ୍ୱରାମ୍ମାଙ୍କର ସାରା ମଣିଷଜାତି ପାଇଁ ଗୋଟିଏ ବିରାଟ ଅବଦାନ। ତାଙ୍କରି ଯୋଗୁ ହିଁ ପୁଟ୍ଟପର୍ତ୍ତି ଗୋଟିଏ ମହାନ୍ ତୀର୍ଥଭୂମିରେ ପରିଣତ ହୋଇଛି। ସେଥିପାଇଁ ଆମେ ଈଶ୍ୱରାମ୍ମାଙ୍କୁ ପ୍ରଣାମ କରି ଆସିବା ବିଧେୟ ବୋଲି ପୋଚ୍ଚି ଆୟାର କହିଥିଲେ।

ଆୟାରଙ୍କ ଏ କାହାଣୀରେ ମୁଁ ଗୀତାର ଗୋଟିଏ ଶ୍ଲୋକର ତାତ୍ପର୍ଯ୍ୟ ଦେଖିଥିଲି। ଗୀତାରେ କୃଷ୍ଣ ମାୟାକୁ 'ମୋର ମାୟା' ବୋଲି ବର୍ଣ୍ଣନା କରିଛନ୍ତି। ଆମେ ଦେଖିଲୁ ଈଶ୍ୱାରାମ୍ମା ଜଣେ ଦୟାଶୀଳା, ଉତ୍ସାହୀ, ବିଚ୍ଛରଣଶୀଳା, ସରଳ ଓ ପ୍ରେମମୟୀ ମାତୃମୂର୍ତ୍ତି ଥିଲେ। ବାବା କିପରି ଝିଅଟିର ବରଘର ଠିକ୍ କଲେ ଓ ବିଜୟା ଦଶମୀରେ ଏଇଠି ବାହାଘର କରିବାକୁ ଆମେ ଦଶହରା ବେଳକୁ ସମସ୍ତେ ଆସିବୁ ଶୁଣି ତାଙ୍କ ଓଠରେ ହସ ଖେଳିଗଲା। ତାଙ୍କର ଏ ଆନନ୍ଦ ହୃଦୟରୁ ହିଁ ଆସୁଥିଲା, କାରଣ ପୁଅର ଭକ୍ତମାନଙ୍କୁ ଈଶ୍ୱରାମ୍ମା ନିଜ ପୁଅ-ଝିଅପରି ହିଁ ଦେଖୁଥିଲେ। ତାଙ୍କଠାରୁ ଆମେ ଶୁଣିଲୁ ବାବାଙ୍କ ବଡ଼ଭାଇ ପୁଟ୍ଟପର୍ତ୍ତିଠାରୁ ୨୫ ମାଇଲ୍ ଦୂରରେ ଗୋଟିଏ ହାଇସ୍କୁଲରେ ତେଲୁଗୁ ପଣ୍ଡିତ ଓ ସାନଭାଇ ମାଡ୍ରାସ୍‌ରେ ଫୁସ୍‌ଫୁସ୍‌ର କିଛି ରୋଗ ପାଇଁ ଚିକିତ୍ସାଧୀନ।

ପରଦିନ ମୋର ସ୍ତ୍ରୀ ବାବାଙ୍କଠାକୁ ଯାଇ ଯେତେବେଳେ ଫେରିଯିବାର ଅନୁମତି ମାଗିଲା, ବାବା ଅତି ଆଦରରେ ମାଆ ପରି କହିଲେ, "ଆଜି ଦିନକ ଏଠି ରହ। ଶୁକ୍ରବାରେ ଝିଅ ମାଆ ଘରୁ ଯିବା ଭଲ ନୁହେଁ। ଏହା ମାଆ ଓ ଝିଅ ଉଭୟଙ୍କ ପକ୍ଷରେ ଅଶୁଭ।" ମାଆର ଘର! ଆଃ, କି କରୁଣା, କି କଲ୍ୟାଣ! ସେଦିନ ଉପରବେଳା ଗ୍ଭରିଟା ବେଳେ ଆମେ ଜାଣିଲୁ ବାବା କାହିଁକି ସେଦିନ ଆମକୁ ଅଟକାଇ ଦେଇଥିଲେ। ସାରା ମନ୍ଦିରରେ ସତେ ଯେମିତି ଆନନ୍ଦ-ଉଚ୍ଛ୍ୱାସ ଲହଡି ମାରୁଥାଏ! କଥା କ'ଣ? ବାବା ସେଦିନ ଅପରାହ୍‌ଣର ଭଜନ ଚିତ୍ରାବତୀ ବାଲିରେ ହେବ ବୋଲି କହିଛନ୍ତି। ବାବାଙ୍କ ପଛେ ପଛେ ଯିବାକୁ ଆମେ ପ୍ରସ୍ତୁତ ହୋଇଗଲୁ। ବାବା ବାଟସାରା ଦୁଇଜଣ ନୂଆ ମାଡ୍ରାସୀ ଭକ୍ତଙ୍କ ସହ କଥା ହୋଇ ହୋଇ ଗଲେ। ସେଥିରୁ ଜଣେ ଆସ୍ଥାବାନ୍ କୁକୁର ବ୍ୟବସାୟୀ ଓ ସମାଧିରେ ବ୍ୟବହୃତ ପଥରଫଳକର ରପ୍ତାନୀକାରୀ। ସେମାନଙ୍କ କଥାବାର୍ତ୍ତାକୁ କାନଡେରିବା ମୁଁ ପସନ୍ଦ କଲିନାହିଁ। ଶେଷରେ ଆମେ ଚିତ୍ରାବତୀରେ ପହଞ୍ଚିଲୁ। ବାବା ପଗ୍ଭରିଲେ, କେଉଁଠି ବସିବା। ଆମ ଭିତରୁ ଜଣେ ଗୋଟିଏ ନିର୍ମଳ ସ୍ଥାନ ଦେଖାଇ ଦେବାରୁ ବାବା ସେଠି ବସିଲେ ଓ ଆମେ ତାଙ୍କ ଗ୍ଭରିପଟେ ଘେରି ବସିଲୁ।

ଭଜନ ସମୟରେ ମୁଁ ଦେଖିଲି ଲୋକମାନେ ଧୀରେ ଧୀରେ ବାବାଙ୍କ ଆଡ଼କୁ ଘୁଞ୍ଚି ଯାଉଛନ୍ତି। ଏହାର କାରଣ କ'ଣ ବୋଲି ପଗ୍ଭରିବାରୁ ମୋ ପାଖରେ ବସିଥିବା ଭକ୍ତ ଯାହା

କହିଲେ ତାହା ମୋତେ ବଡ ଅଦ୍‌ଭୁତ ଲାଗିଲା । ସେ କହିଲେ ବାବା ଏବେ ସେଠାରେ ବସିଥିବା ଲୋକଙ୍କ ଭିତରୁ କାହାରି ପାଇଁ କିଛି ପଦାର୍ଥ ବାଲିରୁ ସୃଷ୍ଟି କରିବେ । ଏ ଦିବ୍ୟଦୃଶ୍ୟ ସେ ହରାଇବାକୁ ଚାହାନ୍ତି ନାହିଁ । ବାବା ଯେତେବେଳେ ହାତ ହଲାଇବା ଆରମ୍ଭ କଲେ ଭଜନ ହଠାତ୍ ବନ୍ଦ ହୋଇଗଲା । ଶେଷଗିରି ରାଓ ଆରତି ଜଳାଇବାକୁ ପ୍ରାୟ ଦିଆସିଲି କାଠି ଘସି ଦେଇଥିଲେ । ବାବା ବନ୍ଦ କରିବାକୁ ସଙ୍କେତ ଦେଲେ ।

ତାପରେ ଶହେଟି ଆଚମ୍ବିତ ଆଖି ଆଗରେ ଘଟିଲା ସେଇ ଅପୂର୍ବ ଘଟଣାଟି । ବାବା ସେ ମାଡ୍ରାସୀ ଲୋକଟିକୁ କହିଲେ ତାଙ୍କ ଆଗରେ ବାଲି ଗଦେଇବାକୁ । ଫୁଟେ ଉଚ୍ଚର ଗଦାଟିଏ ହୋଇଗଲା । ଯାର ଉଦ୍ଦେଶ୍ୟ ମୁଁ ଆଦୌ ବୁଝିପାରୁ ନଥାଏ । ବାବା କ'ଣ ବାଲିଗଦା ଉପରେ ଗୋଟିଏ ପିଲାକୁ ବସାଇ ତା ସାଙ୍ଗେ କୌତୁକ କରିବେ ? ବାବା ଗଦାଟିକୁ ହାତରେ ଥାପୁଡାଇ ସମାନ କଲେ । ଏ ସମୟରେ ସେ କହୁଥାନ୍ତି, "ବାଲି ମତେ ଭାରି ଭଲ ଲାଗେ । ଏମିତି ବାଲି ପାଖରେ ବସି କିଏ ବା ନ ଖେଳି ରହି ପାରିବ ?" ନିଃଶ୍ୱାସ ବନ୍ଦ କରି ଆମେ ଚାହିଁ ରହିଥାଉ । ଆମ ଆଖି ଆଗରେ ବାବା ବାଲି ଉପରେ ଆଙ୍ଗୁଠିର ମୁଣ୍ଡୁଳାଟିଏ କାଟିଲେ । ତାପରେ ଆଉ ଗୋଟିଏ ଚଟକା ମୁଣ୍ଡୁଳା, ଦୁଇ ପାଖରେ ଦୁଇଟି ରେଖା, ରେଖା ତଳକୁ ଦୁଇଟି ଲମ୍ବାଳିଆ ବୃତ୍ତ । ଏହା କରିସାରି ସାମାନ୍ୟ ହସି କହିଲେ, "ସ୍କୁଲରେ ପଢୁଥିବାବେଳେ ମୋତେ ଚିତ୍ର ଆଙ୍କିବାକୁ ଭଲ ଲାଗୁଥିଲା । ଆମ ଚିତ୍ର ଶିକ୍ଷକ ମୋ ଚିତ୍ରକୁ ମଧ୍ୟ ବଡ଼ ପ୍ରଶଂସା କରୁଥିଲେ ।" ମୁଁ ମନେ ମନେ ବିଚାରିଲି, "ଯଦି ତାଙ୍କ ଚିତ୍ର ପ୍ରବୀଣତାର ଏହା ଗୋଟାଏ ନମୁନା ହୁଏ, ତେବେ ସେ ଚିତ୍ର ଶିକ୍ଷକଙ୍କୁ ପ୍ରଶଂସା କରିବାର କିଛି କାରଣ ତ ମୁଁ ଦେଖୁନି । ମାତ୍ର ବାବା କହିଲେ, "ଦେଖ, ଗଣେଶ ଆସିଗଲେ । ଏଇଟା ତାଙ୍କର ପେଟ, ଏଇଟା ଗଜମୁଖ, ଏଇଟା ଶୁଣ୍ଢ । ଏ ଦୁଇଟି ତାଙ୍କର ବଡ କାନ, ଆଉ ଏ ଦୁଇଟି ତାଙ୍କ ଗୋଡ଼ । ହଁ, ସେ ଏବେ ପ୍ରସ୍ତୁତ ।" ଏହା କହି ବାବା ବାଲିଗଦା ଭିତରେ ଦୁଇପଟୁ ହାତ ଭର୍ତ୍ତି କରି ଉଠାଇ ଆଣିଲେ ଗଣେଶଙ୍କର ଏକ ରୂପାମୂର୍ତ୍ତି । ଦଶ ଇଞ୍ଚ ଉଚ୍ଚ, ମୂର୍ତ୍ତିଗଠନ ଶିଳ୍ପଶାସ୍ତ୍ର ଅନୁସାରେ ସଂପୂର୍ଣ୍ଣ ନିର୍ଭୁଲ । ଏ ବିସ୍ମୟର ଧକ୍‌କାରୁ ବାସ୍ତବ ଜଗତକୁ ଫେରି ଆସିବା ପାଇଁ ମୋତେ ଅନେକ ସମୟ ଲାଗିଗଲା । ମୂର୍ତ୍ତିଟିକୁ ଧରି ସେ ଆମ ପ୍ରତ୍ୟେକଙ୍କ ପାଖକୁ ଆସିଲେ । କେହି ଜଣେ ଟର୍ଚ୍ଚ ଆଲୁଅରେ ତାହା ଦେଖାଇ ଦେଉଥାଏ । ତାପରେ ବାବା ନିଜ ଜାଗାକୁ ଫେରିଯାଇ ବାଲିରେ ବସିଲେ । ମୁଠାଏ ବାଲି ଧରି ଗୋଟିଏ ଥାଳୀ ଉପରେ ଅଜାଡିଲେ । ମାତ୍ର ଯାହା ଥାଳୀ ଉପରେ ଜମାହେଲା, ତାହା ବାଲି ନୁହଁ ଗଦାଏ ମିଶିରି ! "ଏସବୁ ତୁମମାନଙ୍କ ପାଇଁ ପ୍ରସାଦ" , ସେ କହିଲେ । ସେ ଗଣେଶ ଗଲେ କୁକୁର ବ୍ୟବସାୟୀଙ୍କ ହାତକୁ । ମୁଁ ଭଲ କରି ଦେଖିପାରିଲି ନାହିଁ, କାରଣ ତାଙ୍କୁ ଭକ୍ତମାନେ ଘେରି ଯାଇଥାନ୍ତି । ଆସିଲାବେଳକୁ ଗୋଟିଏ

ଗ୍ୟାସ୍ ଲଣ୍ଠନରେ ରାସ୍ତା ଆଲୋକିତ ହେଉଥାଏ, ବାବାଙ୍କ ନାନା ହସ କଥାରେ ସାରା ଦଳଟି ହସି ହସି ଗଡୁଥାଏ। ମାତ୍ର ମୁଁ ତେଲୁଗୁ ଭଲକରି ବୁଝିପାରୁ ନ ଥିବାରୁ ମୋ ମନଟି ଛୋଟ ହୋଇଯାଇଥାଏ।

ତା ପରଦିନ ସକାଳେ ମନ ନ ଥିଲେ ବି ଯିବାକୁ ଅନୁମତି ମିଳିଲା। ଯେଉଁ ଶଗଡଟି ଆମକୁ ବୁକ୍କାପଟ୍ଟନମ୍‌କୁ ନେବାକୁ ଠିକ୍ କରାଗଲା, ତାର ଶଗଡିଆଟି ବାବାଙ୍କ ବୟସର ଓ ବାବା ଯେଉଁ ଘରେ ଜନ୍ମ ହୋଇଥିଲେ ତାର ପଡିଶା ହେଉଛି ଯାର ଘର। ବାବାଙ୍କ ପବିତ୍ର ଘର ଓ ଗାଁ କରଣଙ୍କ ଆଖି ଲାଖି ରହିଲା ଭଳି ଦୁଇମହଲା ପ୍ରାସାଦ ମଝିରେ ତାର ଛୋଟ କୁଡିଆଟି। ଆମେ ବାବାଙ୍କ ପିଲାଦିନର କଥା ଶୁଣିବାକୁ ଆଗ୍ରହ ପ୍ରକାଶ କରିବାରୁ ଶଗଡିଆ କେଶବର ଉତ୍ସାହ ଆଉ କହିଲେ ନ ସରେ। ବୁକ୍କାପଟ୍ଟନମ୍‌ରେ ପହଞ୍ଚିଲା ଯାଏ, ଏବଂ ଆମର ପେନୁକୋଣ୍ଡା ବସ୍ ଆସିବାଯାଏ କେଶବ ମୁହଁରେ ଆଉ ବାଟୁଳି ବାଜୁ ନ ଥାଏ। ବାବାଙ୍କ ପିଲାଦିନର କାହାଣୀ ସେ ଅନବରତ ଗପି ଚାଲିଥାଏ ! 'ଗୁରୁ' ସତ୍ୟନାରାୟଣ ରାଜୁ ବା 'ସତ୍ୟ'ର ସେ ଗୋଟିଏ 'ଶିଷ୍ୟ' ଥିଲା। ତିନି-ଚାରି ବର୍ଷ ବୟସ ବେଳୁ ସତ୍ୟ ସହିତ ଦଶ-ବାର ଜଣ ପିଲା ଏକାଠି ବଢ଼ି ଉଠୁଥିଲେ। ସେ ସତ୍ୟ ଗଢ଼ିଥିବା ଛୋଟ ଭଜନ ଦଳଟିରେ ମଧ୍ୟ ଥିଲା। ଏମାନେ ମହାରାଷ୍ଟ୍ରର ପଣ୍ଡାରପୁରଠାରେ ଥିବା ବିଠଲଙ୍କ ଭଜନ ସତ୍ୟଠାରୁ ହିଁ ଶିଖିଥିଲେ। କେଶବ ଆମକୁ କହିଲା ୧୯୩୫ ମସିହାରେ ସାରା ଜିଲ୍ଲାରେ ଯେତେବେଳେ ହଇଜାରେ ବହୁ ଲୋକ ମରୁଥିଲେ ପୁଟ୍ଟପର୍ତ୍ତି ସଂପୂର୍ଣ୍ଣ ନୀରୋଗ ରହିଥିଲା। ଲୋକମାନେ କହୁଥିଲେ ପଣ୍ଡାରୀ ଭଜନ ପିଲାମାନେ ବିଠଲଙ୍କ ଭଜନ ଗାଇ ଗାଇ ରାସ୍ତାରେ ବୁଲୁଥିବାରୁ ପୁଟ୍ଟପର୍ତ୍ତି ଗାଁଟି ରକ୍ଷା ପାଇଯାଇଥିଲା। କେଶବ ଆମକୁ କହିଥିଲା ଯେ ସେମାନଙ୍କ ଦଳପତି ସତ୍ୟ ପ୍ରକୃତରେ ଯେ ତୁକାରାମ, ନାମଦେବ, ଗୋରାକୁମ୍ଭାର, ସକୁବାଈ ଆଦି ବିଠଲଙ୍କ ସବୁ ବଡ଼ ବଡ଼ ଭକ୍ତଙ୍କର ଏକୀଭୂତ ଅବତାର ଥିଲା ଏଥିରେ ତାର ସନ୍ଦେହ ନ ଥିଲା। ସେଥିପାଇଁ ବିଠଲ ଗାଁରେ ହଇଜାକୁ ପଶିବାକୁ ଦେଇ ନ ଥିଲେ।

ଘଟଣାର ଗତି ମୋତେ କେବଳ ବିସ୍ମିତ କରୁଥିଲା କହିଲେ ଯଥେଷ୍ଟ ହେବ ନାହିଁ। ଏ ସାଇବାବା ରାଜ୍ୟରେ ସବୁ କିଛି ଅଧିକରୁ ଅଧିକ ରହସ୍ୟମୟ ହୋଇ ଉଠୁଥିଲା। ମୁଁ ଆଗରୁ ଧାବୋଲ୍‌କର ବୋଲି ଜଣେ ଲେଖକଙ୍କର ଶିରଡିର ସାଇବାବାଙ୍କ ସମ୍ବନ୍ଧରେ ଲିଖିତ ବହିଟିଏ ପଢ଼ିଥିଲି। ସେ ବହିଟିର ନାମ "ସାଇ ସତ୍‌ଚରିତ"। ସେଥିରେ ସେ ଲେଖିଛନ୍ତି ବାବାଙ୍କର ଯେଉଁ ଚମତ୍କାର ତାଙ୍କୁ ଆକୃଷ୍ଟ କରିଥିଲା, ତାହା ହେଲା ବାବା ଶିରଡି ଗାଁରେ ହଇଜାକୁ ପଶିବାକୁ ଦେଇ ନଥିଲେ। ସେ ଦେଖିଲେ ଦିନେ ବାବା ଚକିରେ ଗହମ ପେଷୁଛନ୍ତି। ତାଙ୍କ ଆଖି ଆଗରେ ଦ୍ୱାରକାମାୟୀ ଆଗରେ ଜମା ହୋଇଥିବା ଲୋକମାନଙ୍କ ମଧ୍ୟରୁ ଚାରିଜଣ ଦମ୍ଭିଲା ସ୍ତ୍ରୀଲୋକ ଆସି ବାବାଙ୍କ ହାତରୁ ଚକିର କାଠି ଛଡ଼ାଇ ନେଇଗଲେ ଓ ଆପେ ଗହମ ଘୋରିବାକୁ

ଲାଗିଲେ । ଗହମ ପେଷିଲାବେଳେ ସେମାନେ ବଡ ପାଟିରେ ବାବାଙ୍କ ଲୀଳା କାହାଣୀ ଗୀତରେ ଗାଉଥିଲେ । ପେଷା ସରିଲା ପରେ ଚାରିଜଣ ନିଜ ନିଜ ଭିତରେ ଅଟାତକ ବାଣ୍ଟି ଚାରିଭାଗ କଲେ । ଏହା ଦେଖି ବାବା ରାଗି ନିଆଁ ହୋଇଗଲେ । ପାଟିକରି କହିଲେ, " ହେ, ଯେ କ'ଣ ତମ ଗୋସେଇଁ ବାପାର ଧନ ? ଯା ଦେହରେ ହାତ ଲଗାନି । ଯାକୁ ନିଅ, ଗାଁ ଚାରିପଟେ ବିଞ୍ଚିଦେବ ।" ସେମାନେ ତାହା ହିଁ କଲେ । ତାପରେ ଏ ରକ୍ଷାରେଖା ଟପି କଲେରା ଆଉ ଗାଁକୁ ପଶିପାରି ନଥିଲା । ଧାବୋଲ୍‌କର (ଶିରଡି ବାବା ତାଙ୍କୁ ହେମଡ୍‌ପନ୍ତ ନାମ ଦେଇଥିଲେ) ଲେଖିଛନ୍ତି, " ଏ ଘଟଣା ବଡ଼ ରହସ୍ୟମୟ, ଅବୋଧ୍ୟ । ଏ ଘଟଣା ସମ୍ପର୍କରେ କିଛି ଲେଖି ବାବାଙ୍କ ଲୀଳା କାହାଣୀ ଗାଇବାକୁ ମୋର ଭାରି ଇଚ୍ଛା ହେଲା ।" ଏହିପରି ସାଇ ସତ୍‌ଚରିତ ଲେଖା ହୋଇଥିଲା ।

କେଶବ ଯେତେବେଳେ ଆମକୁ କହିଲା ପଣ୍ଡାରୀ ଭଜନଦଳ ମଧ୍ୟ କିପରି ହଇଜାକୁ ପୁଟ୍ଟପର୍ତ୍ତିଠାରୁ ଦୂରରେ ରଖିପାରିଥିଲା, ମୋର ମନେହେଲା ସେହିପରି ଏକ ଘଟଣା ବର୍ଣ୍ଣନାରେ ମୋ ଦ୍ୱାରା ଲେଖା ହେବାକୁ ଥିବା " ସତ୍ୟସାଇ ସଚ୍ଚରିତ" ର ବର୍ତ୍ତମାନ ହିଁ ପୁନାଦି ପଡ଼ିଲା; କାରଣ ସେ ବାବା ଏ ବାବା ରୂପରେ ଏବେ ଏଠି ବିଦ୍ୟମାନ ।

କେଶବ ଆମକୁ କହିଲା ପୁଟ୍ଟପର୍ତ୍ତିର ଆଖପାଖ ଗାଁ ଲୋକେ ଯେତେବେଳେ ଏ ପଣ୍ଡାରୀ ଭଜନ ପିଲାମାନଙ୍କୁ ନିଜ ନିଜ ଗାଁରେ ଭଜନ ବୋଲି ବୁଲିବାକୁ ଡାକିଲେ ବାବା ସଙ୍ଗେ ସଙ୍ଗେ ଖୁସିରେ ରାଜି ହୋଇଗଲେ । ଅନ୍ୟସବୁ ଆତଙ୍କିତ ଗାଁକୁ ଯିବା ନିମନ୍ତେ ଶଗଡ଼ ଆସିବାଯାଏ ମଧ୍ୟ ବାବା ଅପେକ୍ଷା କରି ନଥିଲେ । କେଶବ କହିଲା, ସେତେବେଳେ ବାବାଙ୍କର ନୀତି ଥିଲା, "ସେମାନେ ଆମକୁ ଚାହାନ୍ତି, ଆମେ ସଙ୍ଗେ ସଙ୍ଗେ ଯିବା ।" ପୁଟ୍ଟପର୍ତ୍ତିଠାରୁ ୨୦ରୁ ୪୦ ମାଇଲ ଦୂରରେ ଥିବା ପେନୁକୋଣ୍ଡା ଓ ହିନ୍ଦୁପୁରର ଲୋକମାନେ ମଧ୍ୟ ବାବାଙ୍କ ଆରୋଗ୍ୟପ୍ରଦାୟୀ କଣ୍ଠସ୍ୱର ଶୁଣିବାକୁ ଉତ୍କଣ୍ଠିତ ହୋଇ ଉଠିଥିଲେ । କେଶବ ସ୍ୱୀକାର କଲା ଯେ ପୁଟ୍ଟପର୍ତ୍ତିରୁ ୧୬ ମାଇଲ୍ ଦୂର ପେନୁକୋଣ୍ଡା ଚାଲି ଚାଲି ଯିବା ଭାରି କଷ୍ଟ ହୋଇଥିଲା, ମାତ୍ର ସେଠାରୁ ହିନ୍ଦୁପୁର ସେମାନଙ୍କର ପ୍ରଥମ ଦୀର୍ଘ ବସ୍‌ଯାତ୍ରା ଥିଲା । ସେମାନେ ଏହିପରି ଭଜନ ଗାଉଥିଲେ;

ଚାଲ ଚାଲ ଯିବା ପଣ୍ଡରୀପୁର
ବିଠଲ ଯେଉଁଠି ଇଟାରେ ଠିଆ
ଦୂର ବାଟ ହେଲେ ହେଉ ପଛେ ଭାଇ

ଲକ୍ଷ୍ୟ ଆମର ଭୁଲିବା କିଆଁ ।
ସହଳ ସହଳ ଚ଼ାଲିଲେ ଭାଇ
ସହଳ ସହଳ ପହଞ୍ଚି ଯିବା
ଗୀତ ଗାଇ ଗାଇ ସୁଦୂର ବାଟକୁ
ସହଜ, ସରଳ ବନାଇ ଦେବା ।

କେଶବ କହିଲା ସେମାନେ କିଏ ଜଣେ 'ସାଇଦେବ'ଙ୍କ ନାଁରେ ବି ଭଜନ ବୋଲୁଥିଲେ । ସେମାନେ ଭାବୁଥିଲେ ସେମାନଙ୍କ ଗୁରୁ ସତ୍ୟ ବିଠଲଙ୍କ ପାଇଁ ଏ ନୂଆ ନାମଟି ବାହାର କରିଚି । ମାତ୍ର ହିନ୍ଦୁପୁରର କେତେକ ଲୋକ କହୁଥିଲେ ପଣ୍ଡରୀପୁର ଆଖପାଖରେ ସାଇଦେବ ବା ସାଇବାବା ନାମରେ ଜଣେ ସାଧୁ ରହୁଥିବା ଓ ସେଇଠି ସମାଧି ଘେନିଥିବା କଥା ସେମାନେ ଶୁଣିଛନ୍ତି । ଆମେ କେଶବକୁ ସେ ଗୀତଟି ଗାଇବାକୁ କହିଲୁ । ଆମର ସୌଭାଗ୍ୟ ଏତେବର୍ଷ ପରେ ବି କେଶବର ସ୍ମୃତିରେ ଗୀତଟି ଅକ୍ଷତ ଭାବରେ ଥିଲା । ବାବା ନଅ ବର୍ଷ ବୟସ ବେଳେ ଯେମିତି ଗାଇ ନିଜର ସାଙ୍ଗମାନଙ୍କୁ ଭଜନ ଶିଖାଉଥିଲେ କେଶବ ସେମିତି ଗାଇବା ଆରମ୍ଭ କଲା; "କାପ୍‌ପାଡୁ ସାଇଦେବୁଡୁ" ....

ହେ ସାଇଦେବ..........
ତୁମ ପରି ଆଉ କୃପାଳୁ ଠାକୁର
ଆଉ ତ କାହାର ନଥିବ ।
ମୁଁ ଯେ ଅପରାଧେ ବୁଡ଼ିଚି
ଅଶିବ କରମେ ମାତିଚି
କିଏ ବା ଉଦ୍ଧାର କରିବ ?
କ୍ଷୀରରେ ବୁଡାଅ ଯଦିବା
ପାଣିରେ ଭସାଅ ଯଦିବା
ହରଷ ହେବିନି, ଲୁହ ଢାଳିବିନି
ଭକତି-ଅଞ୍ଜଳି ଘେନିବ ।
ଅବତାର କଳିଯୁଗରେ
ଅକୁଣ୍ଠ ମୁକତି ଦେବାରେ
ମଣିଷ ତିଆରି ଶିକୁଳି ଛିଡ଼ାଇ
ଆସିଚ ମୁକତି ବାଣ୍ଟିବ ।

ଛୋଟ ମନ, ଛୋଟ ମଣିଷ
ତୁମେ ତ ମହିମା-ପୁରୁଷ

ତୁମ ମହିମାର ଅପାର କାହାଣୀ
ସେ କି ଅବା କେବେ ବୁଝିବ !
ଦୃଢ଼େ ମୁଁ ତୁମକୁ ପୂଜିବି
ଅବତାର ବୋଲି ମାନିବି,
ନିରନ୍ତର ମୋର ପାଶେ ପାଶେ ଅଛ
ଆପଦେ, ବିପଦେ ତାରିବ ।
ହେ ସାଇଦେବ...........

ମୁଁ ଯେତେବେଳେ ବାଙ୍ଗାଲୋର ସେଣ୍ଟ୍ରାଲ କଲେଜର ଶିକ୍ଷକମାନଙ୍କ ବୈଠକଖାନାରେ ପ୍ରବେଶ କଲି, ଅନେକ କୌତୂହଳଭରା ଆଖି, ଉପହାସଭରା ସ୍ମିତହାସ, ଦୟାପୂର୍ଣ୍ଣ ଦୀର୍ଘଶ୍ୱାସ ମୋ ଉପରେ ପହଁରିଗଲା, କାରଣ ମୋର ନୂତନ ଆନୁଗତ୍ୟର କାହାଣୀ ମୋ ଆଗରୁ ସେଠି ପହଞ୍ଚି ସାରିଥିଲା । ମୁଁ ବି ମୋ ଆଖିରେ ସେମାନଙ୍କ ପ୍ରତି ଦୟା ଭରି ସେମାନଙ୍କୁ ଚାହିଁଲି, କାରଣ ଯୁଗ ଯୁଗର ମାନସିକ କ୍ଷୁଦ୍ରତା, ବୁଦ୍ଧିର ସ୍ତବ୍‌ଧତାକୁ ସେମାନେ କିପରି ତ୍ୟାଗ କରିପାରନ୍ତେ ? ମୁଁ ବି ମୋର ଅନ୍ଧ-ଅବିଶ୍ୱାସର ନିଦ୍ରାରୁ ପୂରା ଜାଗ୍ରତ ହୋଇ ନଥିଲି । ଏତେଦିନ ଧରି ଯେଉଁ କୁସଂସ୍କାରସବୁ ମୁଁ ପୋଷି ଆସିଥିଲି, ତାର ସେପଟକୁ ଚାହିଁବା ପାଇଁ ଏପର୍ଯ୍ୟନ୍ତ ମୋ ଆଖିର ଯବକାତ ସଜାଡି ହୋଇ ନଥିଲା । ବାବାଙ୍କୁ ବୁଝିବା ନିମନ୍ତେ ଦରକାର ଆମ ଚିରାଚରିତ ଜୀବନର ମୂଲ୍ୟବୋଧଗୁଡିକରେ ବୈପ୍ଳବିକ ରୂପାନ୍ତର, ଆମ ବିଶ୍ୱର ଓ ବିଶ୍ୱାସର ପ୍ରାସଙ୍ଗିକତାର ସଂପୂର୍ଣ୍ଣ ପରିବର୍ତ୍ତନ । ସେତେବେଳ ଯାଏ ଏ ଅବୋଧ୍ୟ, ଅଦ୍‌ଭୁତ ରୂପର ଧକ୍‌କା ମୋତେ ଆବୃତ କରି ରଖିଥିଲା । ତାହାହେଲେ ଏପର୍ଯ୍ୟନ୍ତ ଯେଉଁମାନେ ମଣିଷ ଚେତନାର 'ଅଲଟ୍ରାଭାୟୋଲେଟ୍' ଏବଂ 'ଇନ୍‌ଫ୍ରା-ରେଡ୍' ଆଲୋକ ପ୍ରତି ଜାଣିଶୁଣି ଆଖି ବନ୍ଦ କରି ବସିଛନ୍ତି, ସେମାନେ ପୁଟପର୍ତ୍ତିର ଆଧ୍ୟାତ୍ମିକ, କାଳାତୀତ ଉଲ୍ଲାସର ଆଧାର ଆଡ଼କୁ ମୋର ଯାତ୍ରା ଘଟଣାକୁ କିପରି ଗ୍ରହଣ କରିପାରିବେ ? ତେଣୁ ସେମାନଙ୍କୁ ମୁଁ କେବଳ ମୋ ଝିଅର ବାହାଘରର ସମ୍ବନ୍ଧୀୟ ଘଟଣା ଓ ଏହି 'ଆନ୍ଧ୍ର ପ୍ରତିଭା' ବାଇଶି ବର୍ଷର ତରୁଣଙ୍କର ମୋ ପ୍ରତି ସ୍ନେହ, ଆଦର କଥା ହିଁ କହିଲି ।

❖ ❖ ❖

ଜୀବନସାଥୀ

ଦଶହରା ପାଖେଇ ଆସିବାରୁ ପରମେଶ୍ୱର ଆୟାର ମୋ ପାଖକୁ ଘନ ଘନ ଆସିଲେ, କାରଣ ସେ ଭାବୁଥିଲେ ମୋତେ ଠିକ୍ ବାଟ ଦେଖାଇ ଦେବା ଏଥର ତାଙ୍କ ଦାୟିତ୍ୱ। ବରର ପିତାମାତାଙ୍କର ଭୂମିକା ସାଧାରଣତଃ ଖୁବ୍ ବେଶୀ ଅଧିକାରପୂର୍ଣ୍ଣ ଥିଲା। ବରର ପିତାମାତା ଭାବନ୍ତି ସେମାନେ ଈଶ୍ୱରଙ୍କର ଅଖଣ୍ଡ କୃପାର ଅଧିକାରୀ, କାରଣ 'ପୁତ୍ର' ପରି ଏକ ଅପୂର୍ବ ପଦାର୍ଥର ମାତାପିତା ହେବା ଯେ ସ୍ୱର୍ଗୀୟ ଅନୁଗ୍ରହର ପ୍ରକାଶ ସେଥିରେ କାହାରି ଦ୍ୱିମତ ହେବାର ଅଧିକାର ନାହିଁ। ବିବାହର ବୈଦିକ ବିଧିବିଧାନର ଶେଷ ମନ୍ତ୍ରଟି ପଢ଼ା ନ ହେବାଯାଏ ବରର ପିତାମାତା ଜ୍ଞାତି-କୁଟୁମ୍ବ ବାହାଘରକୁ ବାତିଲ୍ କରି ବେଦୀରୁ ବରକୁ ଉଠାଇ ଆଣିବାର ଅଖଣ୍ଡ କ୍ଷମତା ଧାରଣ କରିଥାନ୍ତି।

ପ୍ରକୃତରେ ଏପରି ଏକ ଘଟଣା ଘଟିଥିଲା ମୋ ମାମୁଁଙ୍କ ପରିବାରରେ। ବାହାଘର ସମୟରେ ଗୋଟିଏ ପ୍ରଥା ଅଛି, କନ୍ୟାକୁ ଗ୍ରହଣ କରିବା ଆଗରୁ ବର ଛତାଟିଏ ଧରି ବନାରସକୁଁ ଚାଲିଯିବାର ବାହାନା କରି କେତେପାଦ ଆଗକୁ ଚାଲିବ। ମୋ ମାମୁଁ ଯେତେବେଳେ ଦେଖିଲେ ତାଙ୍କ ପୁଅର ଏହି ସାଙ୍କେତିକ ବନାରସ-ଯାତ୍ରା ବେଳେ କନ୍ୟାପକ୍ଷ ଶସ୍ତା ଛତାଟିଏ ଦେଲେ, ସେ ସିଧା ପଞ୍ଚମକୁ ଚଢ଼ିଗଲେ, ଆଉ ବର ସହ ବରଯାତ୍ରୀ ସମସ୍ତଙ୍କୁ ଡାକି ରେଳଷ୍ଟେସନ୍‌କୁ ଚାଲିଲେ। ସଙ୍ଗେ ସଙ୍ଗେ କନ୍ୟାପିତା ଏକ ନୂତନ ଓ ବେଶୀ ଦାମର ବର୍ଷା ଓ ସୂର୍ଯ୍ୟ ପ୍ରତିରୋଧକାରୀ ମହତ୍ ଛତ୍ରଟିଏ ବରଙ୍କ ହାତରେ ଧରାଇ ମାମୁଁଙ୍କ ଗୋଡ଼ତଳେ ବାରମ୍ବାର ମୁଣ୍ଡିଆ ମାରିବା ପରେ ଯାଇ ମାମୁଁ ଫେରିଲେ ଓ ବାହାଘର ନିର୍ବିଘ୍ନରେ ସମାପ୍ତ ହୋଇଥିଲା!

ତେଣୁ ମୁଁ ବାବାଙ୍କୁ ବାରମ୍ବାର ଧନ୍ୟବାଦ ଦେଲି, କାରଣ ସେ ଆମକୁ କେବଳ ଆମ କାମନା ଅନୁସାରେ ବରଟିଏ ଦେଇ ନଥିଲେ, 'କାମନାଶୂନ୍ୟ' ସମୁଦୀ-ସମଦୁଣୀ ମଧ୍ୟ ଯୋଗାଡ଼ କରି ଦେଇଥିଲେ। ଆମେ ଯେତେବେଳେ ଦଶହରା ବେଳକୁ ପୁଟ୍ଟପର୍ତ୍ତି ବାହାରିଲୁ, ପରମେଶ୍ୱର ଆୟାର ଆମ ଜିନିଷ ବନ୍ଧାବନ୍ଧି କରିବାରେ ସାହାଯ୍ୟ କଲେ, ରେଳଷ୍ଟେସନ୍‌କୁ ଯିବା ପାଇଁ ଘୋଡ଼ାଗାଡ଼ି ଡାକି ଭଡା ଛିଡ଼ାଇ ଦେଲେ ଓ ପେନୁକୋଣ୍ଡା ପର୍ଯ୍ୟନ୍ତ ଏ କ୍ଳାନ୍ତିକର ଯାତ୍ରାରେ ଆମକୁ ଖୁସି ରଖିବାକୁ ସବୁ ଯତ୍ନ କରିଥିଲେ। ଆମେ ଯେତେବେଳେ ପେନୁକୋଣ୍ଡାରେ ଓହ୍ଲାଇ ଦେଖିଲୁ ବାବା ଆମ ସମସ୍ତଙ୍କୁ ନେବାପାଇଁ ସେଠାକୁ ବସ୍‌ଟିଏ ପଠାଇଛନ୍ତି, ଆମର ବିସ୍ମୟର ସୀମା ରହିଲା ନାହିଁ। ଏହା ଫଳରେ ଆମେ ଶେଷ ସ୍ତରର ହାଡ଼ଭଙ୍ଗା ଯାତ୍ରାକଷ୍ଟରୁ

ଉଦ୍ଧାର ପାଇଗଲୁ। ଆମକୁ କେବଳ କର୍ଣ୍ଣାଟନାଗପଲ୍ଲୀରୁ ପୁଟପର୍ତ୍ତି ଯିବାପାଇଁ ଚିତ୍ରାବତୀର ବାଲି ଉପରେ ଚାଲି ଚାଲି ଯିବାକୁ ପଡ଼ିଥିଲା। ପୁଟପର୍ତ୍ତିରେ ପହଞ୍ଚିବା ପାଇଁ ଆମେ ଖୁବ୍ ବ୍ୟଗ୍ର ହୋଇ ପଡିଥିଲୁ, କାରଣ ଯଥାଶୀଘ୍ର ବାବାଙ୍କ ଦର୍ଶନ ପାଇବା ପାଇଁ ଆମ ମନ ଆଉ ଘର ଧରୁ ନଥିଲା।

ମାତ୍ର ଆମେ କ'ଣ ଜାଣିଥିଲୁ ବାବା ଆମ ପାଇଁ ମନ୍ଦିର ଫାଟକ ପାଖରେ କେତେଜଣ ଭକ୍ତଙ୍କ ସହିତ ଅପେକ୍ଷା କରିଥିବେ ! ସେ ଆମକୁ ଭିତରକୁ ବାଟ କଢ଼ାଇ ଘେନିଗଲେ ଓ ଆମ ଜିନିଷପତ୍ର ଓହ୍ଲାଇବାରୁ କେଉଁ ବାକ୍ସ କେଉଁଠି ରହିବ, ଆମ ବିଛଣାପତ୍ର କେଉଁଠି ପଡିବ ସବୁ ଆପେ ତଦାରଖ କରି ଦେଖିଲେ। ଆମେ ସମସ୍ତେ କୋଡିଏ ଜଣ ଥିଲୁ। ବାଙ୍ଗାଲୋରରେ ମୋର ପଡୋଶୀ (ମୋର ଏମ୍. ଏ. ଶ୍ରେଣୀର ଜଣେ ପ୍ରିୟ ଛାତ୍ର) ମୋତେ ସାହାଯ୍ୟ କରିବାକୁ ଆସିଥିଲା। ବାବା ବାହାଘରର ବିଧି ବିଧାନର ଦାୟିତ୍ୱରେ ପୋଟ୍‌ଟି ଆୟାରଙ୍କୁ ରଖିଦେଲେ। ମୋ ମୁଣ୍ଡରୁ ସବୁ ବୋଝ ଗଲା। ବରକନ୍ୟାଙ୍କୁ ପାଖକୁ ଡାକି ସେମାନଙ୍କ ମୁଣ୍ଡରେ ହାତ ରଖି ଆଶୀର୍ବାଦ କଲେ, "ଆନନ୍ଦରେ ଓ ସୁଖରେ ଘର କର।"

ବାବା ମୋତେ ତାଙ୍କ ପଛେ ପଛେ ଯିବାକୁ ଡାକିଲେ। ଶେଡ୍‌ର ପୂର୍ବପଟ ଦ୍ୱାର ଦେଇ ମୋତେ ଅଗଣାକୁ ନେଲେ ଓ ତାର୍‌ପୁଲିନ୍ ଘୋଡା ହୋଇଥିବା ଗୋଟିଏ ଛାମୁଣ୍ଡିଆ ଦେଖାଇଲେ। ତା ତଳେ ଭୋଜି ଘର ପାଇଁ ହଣ୍ଡା ବସିବା ଉଦ୍ଦେଶ୍ୟରେ ପ୍ରାୟ ଦେଢ଼ଫୁଟ ଚଉଡ଼ାର ଗଭୀର ନାଳଟିଏ ସଦ୍ୟ ଖୋଳା ହୋଇଥିଲା। ବାବା କହିଲେ, "ଏଇଟା ହେଲା ଚୁଲୀ। ତୁମେ ବାଙ୍ଗାଲୋରରୁ ଯେଉଁ ପୂଜାରୀମାନଙ୍କୁ ଆଣିଚ ସେମାନେ କାମରେ ଲାଗି ଯାଆନ୍ତୁ। ପ୍ରଥମେ ସେମାନେ ମୋ ରହିବା କୋଠରୀ ପାଖରେ କୂଅରୁ ପାଣି କାଢ଼ି ସାଇତି ରଖନ୍ତୁ। ପରେ ବହୁତ ଭିଡ଼ ହୋଇଯିବ। ବହୁତ ଲୋକ ଆସିବେ। ହଁ, ଗୃହମ୍ ଆବ୍‌ବାଇଙ୍କଠାରୁ (ଘରର ପୁଅ) ବଡ଼ ବଡ଼ ଦୁଇ ଚାରିଟା ହଣ୍ଡା ଘେନିଆସ। ମୁଁ ତାଙ୍କୁ ଡକାଇ ପଠାଉଛି, ଯେତେବଡ଼ ଓ ଯେତେ ସଂଖ୍ୟାର ହଣ୍ଡା-ହାଣ୍ଡି ତୁମର ଦରକାର ସବୁ ତାଙ୍କୁ କହିବ।"

ଗୃହମ୍ ଆବ୍‌ବାଇ ଆସିବା ମାତ୍ରେ ତାଙ୍କ ପାଖକୁ ମୋତେ ନିଆଗଲା। ମାତ୍ର ଗୃହମ୍ ଆବ୍‌ବାଇ ନାମରେ ମୋ ଆଗରେ ଯିଏ ଠିଆ ହୋଇଥିଲେ ସେ ହେଲେ ପେଦା ବେଙ୍କପ୍‌ପା ରାଜୁ, ବାବାଙ୍କ ପିତା ! ସତେ ଯେମିତି କେବଳ ଆଶ୍ଚର୍ଯ୍ୟ ହେବାକୁ ହିଁ ମୁଁ ଜନ୍ମ ହୋଇଥିଲି ! ମୁଁ ଶୁଣିଲି ବାବା ସବୁବେଳେ ତାଙ୍କୁ ଗୃହମ୍ ଆବ୍‌ବାଇ ବୋଲି ହିଁ କହିଥାନ୍ତି। ବାବା ନିଜକୁ ସାଇବାବାଙ୍କ ଅବତାର ବୋଲି ଘୋଷଣା କରିବାଯାଏ ତାଙ୍କୁ 'ବାପା' ବୋଲି ସମ୍ବୋଧନ

କରୁଥିଲେ, ମାତ୍ର ତାପରେ ସେ 'ଘରର ପୁଅ' ପାଲଟି ଗଲେ। ମୋତେ ପ୍ରକୃତିସ୍ଥ ହେବାପାଇଁ କିଛି ସମୟ ଲାଗିଗଲା। ପେଦ୍ଦା ବେଙ୍କପ୍ପା ରାଜୁ ବି ମୋର ବିଭ୍ରମ ଅବସ୍ଥା ଦେଖି ଭାବୁଥିବେ, 'ଯାର ପୁଣି କ'ଣ ହେଲା !'

ଈଶ୍ୱରାମ୍ମା ମଧ୍ୟ ଏ ରୂପାନ୍ତର ଭିତରେ ପଡି ଯାଇଥିଲେ। ବାବା ତାଙ୍କୁ ନୂଆ ନାମ ଦେଇଥିଲେ 'ଗୃହମ୍ ଆମ୍ମାଇ' ବା 'ଘରର ଝିଅ'। ରାମ ଓ କୃଷ୍ଣ ଅବତାରମାନେ ସଂସାର ଦୃଷ୍ଟିରେ ସେମାନଙ୍କର ବାପା-ମାମାନଙ୍କୁ ବରାବର ସମ୍ମାନ ଦେଖାଉଥିଲେ ଓ ସେମାନଙ୍କ ଅଧିକାର ମାନି ନେଇଥିଲେ। ମାତ୍ର ବାବା ଏପରି ଭାବରେ ନିଜର ସ୍ୱରୂପ ଓ ସ୍ୱାଧିକାର ପ୍ରକଟ କରିବାରେ ଥିଲେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। ନିଜ ଭିତରେ ମୁଁ ନିଜ ସହ ଯୁକ୍ତି କରୁଥିଲି, ଅବତାର ଯାହା କରନ୍ତି ସେ ସବୁ ଯଥାର୍ଥ। ଭାଗବତ ପୁରାଣ କୃଷ୍ଣଜନ୍ମ ବିଷୟରେ କହେ ମଣିଷ ରୂପ ଧରିବା ନିମନ୍ତେ ପରମାତ୍ମା ପ୍ରଥମେ ବସୁଦେବଙ୍କ ମନରେ ପ୍ରବେଶ କଲେ। ତାପରେ ବସୁଦେବ ସ୍ୱଧର୍ମପତ୍ନୀ ଦେବକୀଙ୍କୁ ଏ ଦିବ୍ୟ ସତ୍ତା ପ୍ରଦାନ କଲେ, "ଗୁରୁ ଯେପରି ଶିଷ୍ୟକୁ ମନ୍ତ୍ରଦାନ କରନ୍ତି ଶିଷ୍ୟ ନୀରବରେ ଏ ମନ୍ତ୍ରକୁ ଧ୍ୟାନ ଜପ କରି ପ୍ରଶାନ୍ତି ପାଇବ ବୋଲି।"

ଭାଗବତ ପୁରାଣରେ ଯେଉଁ ଭାଷା ବ୍ୟବହାର କରାଯାଇଛି, ତାହା ହେଲା, "ମନରେ ପ୍ରବେଶ କଲେ, ଅନ୍ୟର ମନକୁ ସ୍ଥାନାନ୍ତରିତ କଲେ।" ସେଥିରେ ଆହୁରି ମଧ୍ୟ ଲେଖା ଅଛି, "ଆକାଶରେ ଚନ୍ଦ୍ରକଳା ପରି ପିଲାଟି ଗର୍ଭରେ ବଢ଼ିବାକୁ ଲାଗିଲା।" ଏହାର ଅର୍ଥ ପିଲାଟି ମା ଗର୍ଭରୁ ଜୀବନୀଶକ୍ତି ଆହରଣ କରୁ ନଥିଲା। ତେଣୁ ଯେଉଁମାନେ ସେ ମହାଶକ୍ତିର କ୍ରମବିକାଶର ସାକ୍ଷୀ ମାତ୍ର, ସେମାନଙ୍କ ଉପରେ ପିତୃତ୍ୱ ଓ ମାତୃତ୍ୱ ଆରୋପଣ କରିବା ଅନାବଶ୍ୟକ। ବରଂ ଏହା କହିଲେ ଠିକ୍ ହେବ ଯେ ପରମାତ୍ମା ଆତ୍ମପ୍ରକାଶ ପାଇଁ ସଙ୍କଳ୍ପ କଲେ ଓ ଏ ସଙ୍କଳ୍ପ ରୂପ ପରିଗ୍ରହ କଲା।

ଆମେ ନବମୀ ଦିନ ପୁଟ୍ଟପର୍ତ୍ତିରେ ପହଞ୍ଚିଥିଲୁ। ଆମେ ଶୁଣିଲୁ ପ୍ରତିଦିନ ରାତିରେ ବାବାଙ୍କୁ ଚଉକିରେ ବା ପାଲିଙ୍କିରେ ବସାଇ ଭକ୍ତମାନେ ଗାଁ ପରିକ୍ରମା କରନ୍ତି। ଏ ପାଲିଙ୍କି ବା ଚଉକି ବାଙ୍ଗାଲୋରରୁ ଆସିଥିବା ଫୁଲବ୍ୟବସାୟୀମାନେ ଅତି ଭକ୍ତିର ସହ ସଜାନ୍ତି। ପ୍ରକୃତରେ ତରୁଣ ବାବାଙ୍କ ପ୍ରତି ଏମାନଙ୍କ ଭକ୍ତି ଥିଲା ଅତୁଳନୀୟ। ସେମାନେ ପାଲିଙ୍କି ହେଉ ବା ଚଉକି ହେଉ ତାକୁ ଫୁଲରେ ଏମିତି ସଜାଇଥାନ୍ତି ଯେ ତାହା ହଂସ ପରି ବା ହାତୀ ପରି ବା ଗରୁଡ଼ ପରି ଦେଖାଯାଏ। ବାବା ତା ଉପରେ ବସିଲା ପରେ ଭକ୍ତମାନେ ତାକୁ ଉଠାଇ କାନ୍ଧରେ ବୋହି

ଚାଲନ୍ତି । ଏ ଦୃଶ୍ୟର ପ୍ରକୃତରେ ତୁଳନା ନ ଥିଲା । ସେଦିନ ଫୁଲର କଳାକାରମାନେ ପାଲିଙ୍କିକୁ ସଜାଇଲାବେଳେ ଭକ୍ତମାନେ କହୁଥିଲେ ସ୍ୱାମୀ ଆଜି ଘୋଡ଼ା ଚଢ଼ିବେ । ଗାଁର ପିଲାମାନେ ତା ଚାରିପଟେ ଡେଉଁଥିଲେ । ଶୁଭ-ଶୋଭାଯାତ୍ରା ଯେତେବେଳେ ମନ୍ଦିର ବେଢ଼ା ଟପି ଗାଁ ଦାଣ୍ଡକୁ ବାହାରିଲା ଆମେ ବି ଗହଳିରେ ଯୋଗ ଦେଲୁ ଓ ଭଜନରେ କଣ୍ଠ ମିଳାଇ ମନଭରି ଭଜନ ଗାଇଲୁ ।

ମାତ୍ର ଅଳ୍ପ ସମୟ ପରେ ମୁଁ ଦେଖିଲି ଆମେ ଦୁଇ ଜଣ ଭୁଲ ବାଟରେ ଚାଲିଛୁ ! ବାବାଙ୍କ ଚଉକି ଆଗରେ ଆମେ ଥିଲୁ । ଆମ ପଛରେ ବାବାଙ୍କୁ କାନ୍ଧରେ ବୋହି ଭକ୍ତମାନେ ଚାଲିଥିଲେ । ମାତ୍ର ହଠାତ୍ ମୁଁ ଆବିଷ୍କାର କଲି କେବଳ ନବାଗତ ଆମ ଦୁଇ ଜଣଙ୍କୁ ଛାଡିଦେଲେ ସମସ୍ତେ ପଛକୁ ଫେରୁଛନ୍ତି । ମୁଁ ପଚାରିଲି, 'କ'ଣ ହେଲା ?' ଜଣେ କେହି ଉତ୍ତର ଦେଲା, " ବାବାଙ୍କ ମୁହଁକୁ ଚାହଁ ।"

ଆମେ ପଛକୁ ଫେରିଲୁ । ଦଶ ବାରହାତ ଦୂରରେ ବାବାଙ୍କ ଫୁଲର ଘୋଡ଼ା । ଗ୍ୟାସ-ଲଣ୍ଠନରେ ଚାରିଆଡ଼ ଦିନପରି ଦିଶୁଥାଏ । ମୋ ପାଖରେ ଜଣେ କେହି ବାବାଙ୍କ ମୁହଁକୁ ଚାହିଁବାକୁ ଠେଲିଲା । ମାତ୍ର ମୁଁ କ'ଣ ଦେଖିଲି ! ବାବାଙ୍କ ଭ୍ରୂ ଦୁଇଟିରୁ ଝରି ଆସୁଥାଏ କୁଙ୍କୁମ । ଜନସମାଗମ ପାଟି କରୁଥାଏ, " ଜୟ ସାଇବାବା" । ଯେତେ ଧ୍ୟାନ ଦେଇ ଚାହିଁଲି, ସେତିକି ଅଧିକ ଦେଖିଲି । ଯେତିକି ଅଧିକ ଦେଖିଲି, ମୋ ନିଜର ମାନସିକ ସୁକ୍ଷମତାକୁ ସେତିକି ଅଧିକ ସନ୍ଦେହ କରିବାକୁ ଲାଗିଲି ! ଆମେ ପ୍ରାୟ ଅଧରାତି ବେଳକୁ ମନ୍ଦିର ଫେରିଲୁ । ମାତ୍ର ତାପରେ ମୋ ଆଖିରେ ଆଉ ମୁହୂର୍ତ୍ତକର ବି ନିଦ ନଥିଲା ମୋର ଉଦ୍ଦୀପ୍ତ ମନକୁ ଶାନ୍ତ କରିବାକୁ । ମୁଁ ଖୁବ୍ ବେଶୀ ଦେଖିସାରିଥିଲି ।

ବାବାଙ୍କ ଉପଦେଶ ଓ କରୁଣାରେ ଉପକୃତ ହୋଇଥିବା ମାଡ୍ରାସ, ବାଙ୍ଗାଲୋର ଏବଂ ଅନନ୍ତପୁରର କେତେ ଜଣ ଅଫିସର ବିଜୟା ଦଶମୀ ଦିନ ମନ୍ଦିରରେ ଆସି ପହଞ୍ଚିଲେ । ସକାଳ ଭଜନ ପରେ ଶେଡ୍‌ରେ ବାହାଘର ଅନୁଷ୍ଠିତ ହେଲା । ଅନେକ ଲୋକ ଏଥିରେ ଯୋଗ ଦେଇଥିଲେ । ଇଂଲଣ୍ଡରୁ ଭୂତତ୍ତ୍ୱରେ ପି. ଏଚ୍. ଡି. ସାରି ଫେରିଥିବା ମୋ ପୁଅ ଓ ତାର ପତ୍ନୀ ଭକ୍ତମାନଙ୍କ ପାଇଁ ଭୋଜି ପ୍ରସ୍ତୁତି ତଦାରଖ କରୁଥାନ୍ତି । ଶେଡ୍‌ରେ ବାହାଘର ଉତ୍ସବ ବାବା ଘଣ୍ଟାକରୁ ଅଧିକ ସମୟ ବସି ଦେଖିଲେ । ଆମେ ବରକୁ ଯେଉଁସବୁ ଉପହାର ଦେଲୁ ଓ ସେମାନେ କନ୍ୟାକୁ ଯାହାସବୁ ଦେଲେ ବାବା ସେସବୁକୁ ଆଶୀର୍ବାଦ କଲେ । ବର କନ୍ୟାକୁ ବନ୍ଧନର ପ୍ରତୀକ ରୂପେ ଯେଉଁ ପୁସ୍ତି ପିନ୍ଧାଇଲା, ବାବା ତାକୁ ମଧ୍ୟ ସ୍ପର୍ଶ କରି ପବିତ୍ର କଲେ ।

ଝିଅକୁ ଧରି ତାର ସ୍ୱାମୀ ପବିତ୍ର ହୋମକୁଣ୍ଡ ଚାରିପାଖେ ସାତପାଦ ବୁଲିଲାବେଳେ ବାବା ଶୂନ୍ୟ ହସ୍ତରୁ ସେମାନଙ୍କ ଉପରେ ଅକ୍ଷତ କଲ୍ୟାଣ ବର୍ଷା କରିଥିଲେ। ତାପରେ ସେମାନେ ଦୁହେଁ ଗୋଟିଏ ଫୁଲମାଳ ଧରି ବାବାଙ୍କ ଆଗରେ ଠିଆ ହେଲେ। ବାବା ସଦୟ-ସାଦରେ ମୁଣ୍ଡ ଦେଖାଇ ଦେଲେ ଓ ସେମାନେ ବାବାଙ୍କୁ ଫୁଲମାଳ ପିନ୍ଧାଇ ଦେଲେ। ସେମାନେ ଯେତେବେଳେ ଦୁହେଁ ତାଙ୍କ ପାଦତଳେ ପଡିଲେ, ବାବା ସଂସ୍କୃତରେ ଅନେକ ଆଶୀର୍ବାଦ ମନ୍ତ୍ର ପଢ଼ି ଉଭୟଙ୍କ ମୁଣ୍ଡରେ କଲ୍ୟାଣ-ହସ୍ତ ସ୍ଥାପନ କରିଥିଲେ।

କିଛି ବର୍ଷ ଆଗରୁ ଆମେ ପୁଅ-ବୋହୂଙ୍କ ବାହାଘର ମଧ୍ୟ କରାଇଥିଲୁ। ସାତପାଦ ଅଗ୍ନି-ପ୍ରଦକ୍ଷିଣ, ଅକ୍ଷତ ଆଶୀର୍ବାଦ ସହିତ ସବୁ ବିଧିବିଧାନ ଠିକ୍ ଭାବରେ ପାଳିତ ହୋଇଥିଲା। ମାତ୍ର ଏଥର ବାହାଘରରେ ବାବାଙ୍କର ପ୍ରେମ ଓ କଲ୍ୟାଣ, ଶୂନ୍ୟରୁ ଅକ୍ଷତ-କଲ୍ୟାଣ ବୃଷ୍ଟି, ଉପସ୍ଥିତ ଭକ୍ତମାନଙ୍କର ଉଦାର ସହୃଦୟତା, ଭ୍ରାତୃତ୍ୱ ଓ ଭଗିନୀତ୍ୱଭରା ପବିତ୍ର ପରିବେଶ, ବିଜୟାଦଶମୀ ଉତ୍ସବଟି ଆମର ଚିର ସ୍ମରଣୀୟ କରି ରଖିଥିବ।

ପୁଅ ମତେ ସୂଚନା ଦେଲା ଯେ ରୋଷେଇ ସରିଲାଣି, ଏଥର ଭକ୍ତମାନଙ୍କ ପାଇଁ ପତ୍ର ପଡୁ। ଏ ପ୍ରକାରର ଭୋଜିଭାତ ଆୟୋଜନ କରିବାରେ ସୁଦକ୍ଷ ଥିଲେ ପୋଟ୍‌ଟି ଆୟାର। ତାଙ୍କର ଉପଦେଶ ଅନୁସାରେ ଏ ସମାରୋହରେ ବାବାଙ୍କର ଉପସ୍ଥିତି ପ୍ରାର୍ଥନା କରିବାକୁ ଯାଇ ମୋର ସ୍ତ୍ରୀ ସଫଳ ହେଲା। ଆମେ ଠିକ୍ କଲୁ ଭିତର ପୂଜା ଘରେ ବରକନ୍ୟା ବସିବେ ଓ ସେମାନଙ୍କ ସାମ୍ନାରେ ବାବାଙ୍କ ପାଇଁ ରୂପାଥାଳୀରେ ପ୍ରସାଦ ବଢ଼ା ହେବ। ପୋଟ୍‌ଟି ଆୟାର ଅତିଥି ଅନ୍ୱେଷଣରେ ବାହାରି କେତେଜଣ ଭି.ଆଇ.ପି.ଙ୍କ ତାଲିକା ଆଣି ମୋତେ ଦେଲେ। କନ୍ୟାପିତା ହିସାବରେ ଭୋଜିରେ ଆସିବା ବସିବା ନିମନ୍ତେ ସେମାନଙ୍କୁ ମୋର ବ୍ୟକ୍ତିଗତ ଭାବରେ ଯାଇ ନିମନ୍ତ୍ରଣ କରିବା କଥା। ଏ ଖୁସିର କାମ କରିବାକୁ ମୁଁ ଯାଇ ପ୍ରତ୍ୟେକଙ୍କୁ କହିଲି ବାବା ସେ ଘରେ ପ୍ରବେଶ କରିବା ମାତ୍ରେ ସେମାନେ ଯାଇ ବାବାଙ୍କ ପାଖରେ ଆସନ ଗ୍ରହଣ କରିବେ।

ଏହା ଭିତରେ ପ୍ରତ୍ୟେକ ଭକ୍ତଙ୍କ ପତ୍ରରେ ଯେମିତି ତୁରନ୍ତ ଓ ପ୍ରଚୁର ପରିମାଣରେ ପ୍ରତ୍ୟେକଟି ଖାଦ୍ୟପଦାର୍ଥ ଯଥା ସମୟରେ ପରଷା ଯାଇପାରିବ ତା'ର ସୁବ୍ୟବସ୍ଥା କରିସାରିଥିଲେ ପୁଅ-ବୋହୂ। ପୁରୁଷଲୋକଙ୍କ ଧାଡିରେ କେତେଜଣ ପୁରୁଷ ଓ ସ୍ତ୍ରୀ ଲୋକଙ୍କ ଧାଡିରେ କେତେଜଣ ସ୍ତ୍ରୀଲୋକ ହାଣ୍ଡିଶାଳରୁ ନାନା ଖାଦ୍ୟପଦାର୍ଥ ବାଲ୍‌ଟିରେ ଓ ଅନ୍ୟାନ୍ୟ ପାତ୍ରରେ ଆଣି ଧାଡି ମଧ୍ୟରେ ଚାଲି ଚାଲି ପ୍ରତ୍ୟେକ ପତ୍ରରେ ଆବଶ୍ୟକ ମାତ୍ରେ ପରଷିବେ।

ଏସବୁ ଆୟୋଜନ ଚାଲିଥିବାବେଳେ ଆମକୁ ଆନନ୍ଦ-ବିସ୍ମୟରେ ବୁଡାଇ ବାବା ଆସି ହଲ୍‌ରେ ପହଞ୍ଚିଲେ ଓ ଝିଅ-ଜୋଇଁ ତାଙ୍କ ପାଦସ୍ପର୍ଶ କରିବାରୁ 'ବଙ୍ଗାରୁ' (ମୋ ସୁନା) କହି ଥାପୁଡ଼ାଇ ଦେଲେ।

ପୋଟ୍‌ଟି ଆୟାର୍, ପରମେଶ୍ୱର ଆୟାର୍ ଓ ମୁଁ ହଲ୍‌କୁ ଧାଇଁଲୁ। ବାବା ମୋତେ ପଚାରିଲେ, "ଏତେ ପତ୍ର ଏଠି ପଡିଚି କାହିଁକି ? କିଏ କିଏ ସବୁ ଆସିଛନ୍ତି କି ?" ବାବାଙ୍କ ସାଙ୍ଗରେ ଖାଇବାର ସୁଯୋଗରେ ଆନନ୍ଦରେ ଉଚ୍ଛୁଳୁଥାନ୍ତି ବାବାଙ୍କ ପଛରେ ଠିଆ ହୋଇଥିବା ଭି. ଆଇ.ପି ମାନେ। ସେମାନଙ୍କ ଭିତରୁ ଜଣେ କହି ପକାଇଲେ, "ବାବା, ଏଠି ଆପଣଙ୍କ ସାଙ୍ଗେ ବସିବାକୁ କସ୍ତୁରୀ ଆମ୍ଭମାନଙ୍କୁ ଡାକିଛନ୍ତି।" ବାବା ସେମାନଙ୍କ ଆଡ଼କୁ ବନ୍ଧୁକର ଗୁଳି ପରି ଗୋଟାଏ 'ନା' ଫିଙ୍ଗି ଦେଲେ।"ଯାଅ, ଶେଡ୍‌ରେ ଅନ୍ୟମାନଙ୍କ ସାଙ୍ଗେ ବସ। କସ୍ତୁରୀ, ତୁମ ଦଳରେ ଓ ପୋଟ୍ଟି ଆୟାରଙ୍କ ଦଳରେ ଥିବା ସ୍ୱାମୀ-ସ୍ତ୍ରୀ ଯୋଡିମାନଙ୍କୁ ଡାକିଆଣ। ଆଜି ତୁମର ଆନନ୍ଦର ଦିନ। ତୁମମାନଙ୍କ ସାଙ୍ଗେ ମୁଁ ବସିବି। ତୁମ ଆନନ୍ଦରୁ ଭାଗ ନେବାକୁ ଅନ୍ୟମାନଙ୍କର ଅଧିକାର ନାହିଁ। ଆମେ ସମସ୍ତେ ନବପରିଣୀତ ବର-କନ୍ୟା ସହ ବସିବା। ତୁମ ବୁଢ଼ୀ ବୋଉ ଆମକୁ ପରଷିବେ। ବୁଢ଼ା-ବୁଢ଼ୀମାନେ ସୁନା ପରି।" ମୋ ବୋଉର ଆନନ୍ଦ ଆଉ କହିଲେ ନ ସରେ। ତା ପକ୍ଷରେ ଏଇଟା ଥିଲା ଅପ୍ରତ୍ୟାଶିତ କୃପା-ପୁରସ୍କାର।

ଅତିଥିମାନଙ୍କ ଧାଡିରେ ଭୋଜନ ସାମଗ୍ରୀ ପରଷାଯିବା ପାଇଁ ପୁଅ ଯେତେ ଯୋଜନା ଓ ରିହର୍ସାଲ କରିଥିଲା ଶେଷ ମୁହୂର୍ତ୍ତରେ ବାବା ଏପଟ-ସେପଟ କରିଦେବାରୁ ସେ ଦୁଃଖମିଶ୍ରିତ ବିରକ୍ତି ପ୍ରଥମେ ପ୍ରକାଶ କରୁଥିଲା। ମାତ୍ର ସେ ଯେତେବେଳେ ଦେଖିଲା ଏ ବାବା ଅନ୍ୟସବୁ ବାବାଜୀଙ୍କଠାରୁ ସଂପୂର୍ଣ୍ଣ ପୃଥକ୍, ସେ ଆନନ୍ଦରେ ଉବୁଟୁବୁ ହୋଇଗଲା। ସେ କେତେ ଗୁରୁ ଓ ମହନ୍ତଙ୍କ କଥା ପଢ଼ିଥିଲା, କେତେକଙ୍କୁ ଭେଟିଥିଲା ମଧ୍ୟ। ବାବା କାହାକୁ ମେଣ୍ଢା ଓ କାହାକୁ ଛେଳି କହୁ ନଥିଲେ। ତାଙ୍କର ଅନୁଗ୍ରହ-ପ୍ରାନ୍ତରରେ ସମସ୍ତେ ସମାନ ଉତ୍ସାହ ଓ ଆଗ୍ରହରେ ଘାସ ଚରୁଥିଲେ। ପୁଅ ତା ସ୍ତ୍ରୀ ସହିତ ଯେତେବେଳେ ବାବାଙ୍କ ସାମ୍ନାରେ ତା ଭଉଣୀ ପାଖରେ ଯାଇ ବସିଲା, ସେ ମୋତେ ଫୁସ୍‌ଫୁସ୍ କରି କହିଲା, "ଏ ବାବା ସଂପୂର୍ଣ୍ଣ ଗଣତାନ୍ତ୍ରିକ"। ଏଥିରୁ ମୁଁ ବୁଝିଗଲି ଏ ପୁଅଟି ମୋର ତା ବାପାଙ୍କ ହୃଦୟରୁ ଖଣ୍ଡେ ମାଡି ବସିଥିବା ଏ ବାବାଙ୍କ କଥାରେ ଅଧିକ ଆଗ୍ରହ ପ୍ରକାଶ କରିବ। ସେ ହଲ୍‌ରେ ମୁଁ ଓ ମୋର ପତ୍ନୀ, ପୋଟ୍‌ଟି ଆୟାର ଓ ତାଙ୍କ ବୁଢ଼ୀ, ପରମେଶ୍ୱର ଆୟାର ଓ ତାଙ୍କ ଶ୍ରୀମତୀ, ମୋର ଗୋଟିଏ ଭାଇ ଓ ତାର ପତ୍ନୀ, ଏମିତି ସମୁଦାୟ ଛଅ ଯୋଡ଼ା ଥିଲୁ। ଖାଇବା ସମୟରେ ବାବା ନାନା ରହସ୍ୟ-

କୌତୁକ କରି ଆମକୁ ଏପରି ହସାଉଥାନ୍ତି ଯେ ଆମେ କେତେ ସମୟ ସେଠାରେ ପତ୍ର ପାଖରେ ବସିଥିଲୁ ଜାଣିପାରି ନଥିଲୁ। ବାବାଙ୍କର ସବୁ କୌତୁକ ଓ ପରିହାସର କେନ୍ଦ୍ର ଥିଲେ ନୂଆ ବର-କନ୍ୟା ଯୋଡି ।

ଅପରାହ୍ଣ ଭଜନ ପାଇଁ ମନ୍ଦିରକୁ ସଜଡା ଯାଉଥିଲା। ସେଦିନର ଶେଷ ଭଜନ ପରେ ଦଶହରା ଉତ୍ସବର ମୁଣ୍ଡି ମରିବ। ବିବିଧ ରଙ୍ଗର ଫୁଲମାଳରେ ବାବାଙ୍କର ଫଟୋ ଓ କୃଷ୍ଣମୂର୍ତ୍ତି ଅତି ସୁନ୍ଦରୁ ଦିଶୁଥିଲେ। ଜଣେ ଭକ୍ତ ମାଡ୍ରାସରୁ ତାଙ୍କର ଛୋଟ ଝିଅକୁ ଧରି ଆସିଥିଲେ। ଝିଅଟି ସେଠାରେ ବର୍ଷେ ନାଚ ଶିଖିଥିଲା। ସେ ଓ ତାଙ୍କ ପତ୍ନୀ ଝିଅକୁ ବଡ଼ ଆଡ଼ମ୍ବରରେ ସଜାଇବାରେ ଲାଗିଥିଲେ। ସେମାନେ ଆଶା କରୁଥିଲେ ବାବାଙ୍କ ଆଗରେ କେତେପାଦ ଥେଇ ଥେଇ କରିବା ପାଇଁ ଝିଅଟି ବାବାଙ୍କ ଅନୁମତି ପାଇବ। ତାହାହେଲେ ଉପସ୍ଥିତ ଭକ୍ତମାନେ ମଧ୍ୟ ତାର ନାଚ ଦେଖିପାରିବେ। ମୋ ଝିଅର ବାହାଘର ଅପରାହ୍ଣରେ ଅପ୍ରତ୍ୟାଶିତ ଭାବରେ ଅତିଥିମାନଙ୍କ ପାଇଁ ଏ ନାଚ କାର୍ଯ୍ୟକ୍ରମର ସମ୍ଭାବନାରେ ଆମେ ବି ଭାରି ଖୁସି ହୋଇଗଲୁ। ଶେଡ୍‌ର ଗହନ ଭିଡ ଭିତରେ ପ୍ରତ୍ୟେକଙ୍କ ଆଖି ଥାଏ ବାବା ଆସିବାର ଦୁଆର ଉପରେ।

ଅଳ୍ପ ସମୟ ମଧ୍ୟରେ ଦ୍ୱାର ସେପଟୁ ଦୀର୍ଘ କମଳାରଙ୍ଗର କୁର୍ତ୍ତା, ବାମ ଆଖି ଧାରେ ଦୁଇଭାଗ ହୋଇ ବଢୁଥିବା ଗହନ କଜ୍ଜଳ-କଳା କେଶ-ସମ୍ଭାର ଆଖି ଓ ମନରେ ଉଲ୍ଲାସର ଲହଡି ଖେଳାଇ ଆତ୍ମପ୍ରକାଶ କଲେ। ମାତ୍ର ବାବା ହଠାତ୍ ବାରଣ୍ଡା ଉପରେ ହିଁ ଖସି ପଡିଗଲେ! ସମବେତ ଭକ୍ତମାନେ ଚାପା କଣ୍ଠରେ ଅଧୀର ଆବେଗରେ କହି ଉଠିଲେ, "ସମାଧି, ସମାଧି" । ଏ କଥା ମୋ ଉପରେ ଥିଲା ବଜ୍ରପାତ ପରି। କିନ୍ତୁ ମନ୍ଦିରର ବାସିନ୍ଦା ଓ ଅନ୍ୟମାନେ ଏଥିରେ ସାମାନ୍ୟ ବିବ୍ରତ ଭାବ ମଧ୍ୟ ପ୍ରକଟ କରି ନଥିଲେ। ତାଙ୍କ ଭଉଣୀ ବେଙ୍କାମ୍ମା ମୋ କାନରେ ଚୁପ୍‌ଚୁପ୍ କହିଲେ ଏପରି ଦେହ ଛାଡି ଅନ୍ୟତ୍ର ଯାତ୍ରା କରିବା ବିଜୟାଦଶମୀ ଦିନ ଅବଶ୍ୟ ଘଟିଥାଏ। ବାବାଙ୍କୁ ଘେରି ଯେଉଁ ତରୁଣମାନେ ଥିଲେ ସେମାନେ ବାବାଙ୍କର ପାଦ, ହାତ ଓ ଛାତିକୁ ଘଷିବାରେ ଲାଗିଥାନ୍ତି। ବେଙ୍କାମ୍ମା ସେମାନଙ୍କଠାରୁ ଟିକେ ଦୂରରେ ଠିଆ ହୋଇଥାନ୍ତି। ବାବାଙ୍କ ଆଖି ଖୋଲାଥାଏ, ମାତ୍ର ଡୋଳାଗୁଡ଼ିକ କାହାକୁ ଚାହୁଁ ନଥାଏ। ମୁଁ ତାଙ୍କୁ ଅନୁରୋଧ କଲି ବାବା କୁଆଡେ ଯାଇଥିବେ କହିବାକୁ। ବେଙ୍କାମ୍ମା ଉତ୍ତର ଦେଲେ, "ସେ ଆଜି ସାଧାରଣତଃ ଶିରଡି ଯାଇଥାନ୍ତି, କାରଣ ସେଠାରେ ବିଶେଷ ପୂଜା ଅର୍ଚ୍ଚନା କରାଯାଇଥାଏ। ସେ ବିଜୟାଦଶମୀ ଦିନ ହିଁ ଶିରଡି ଶରୀର ତ୍ୟାଗ କରିଥିଲେ''।

ବିଜ୍ଞାନର ଚଳନ୍ତି ମତବାଦକୁ ଆହୁରି ଜାବୁଡ଼ି ଧରିଥିବା, ମହୀଶୂର ବିଶ୍ୱବିଦ୍ୟାଳୟର ଜଣେ ସାମାନ୍ୟ ଏମ୍. ଏ. ବି. ଏଲ୍. ପାଶ୍ ଇତିହାସ ଶିକ୍ଷକ ନିଜ ଆଖି ଆଗରେ ଘଟୁଥିବା ଏ

ଅସାଧାରଣ, ଅପାର୍ଥିବ ଘଟଣାରୁ କ'ଣ ବା ବୁଝିବ ? ବାବା ହଠାତ୍ ଅଚେତନ ହୋଇ ପଡିଗଲେ। ଏହାକୁ ସାଧାରଣ ଶାରୀରିକ ସଂକଟ ବୋଲି ନ ବୁଝି ତାଙ୍କ ଭକ୍ତମାନେ ମୂର୍ଖତାବଶତଃ ଘୋର ଅନର୍ଥ କରୁଛନ୍ତି ! ଯେଉଁ ଚେତନାର କିଛି ରୂପ ନାହିଁ, ଏ ବାବାଙ୍କର ସେ ଚେତନା ଏଠାରୁ ୬୦୦ ମାଇଲ୍ ଦୂର ଶିରଡିରେ ଦୃଶ୍ୟମାନ ହେବ କିପରି ? ମୁଁ ଓ ଗ୍ଲାସ୍‌ଗୋ ବିଶ୍ୱବିଦ୍ୟାଳୟରୁ ଭୂତତ୍ତ୍ୱରେ ପି. ଏଚ. ଡି. ଡିଗ୍ରୀଧାରୀ ମୋ ପୁଅ ଧୀରେ ଧୀରେ ତାଙ୍କ ପାଖକୁ ପାଦେ ପାଦେ ଗଲୁ। ବାବା ଆଖି ଖୋଲିଲେ, ମାତ୍ର ତାଙ୍କ ଆଖିରେ ଥିଲା ଅଚିହ୍ନା ଦୃଷ୍ଟି। କଣ୍ଠରୁ ଶବ୍ଦ ବାହାରିଲା, ମାତ୍ର ଏ ଶବ୍ଦ ଥିଲା ଦ୍ରୁତ, କର୍କଶ ଓ କଠୋର - ସତେ ଯେମିତି ସେ କାହାକୁ ଧମକ ଦେଇ କୌଣସି ଦୁର୍ଘଟଣା ସମ୍ପର୍କରେ ସାବଧାନ କରି ଦେଉଛନ୍ତି। ମହାରାଷ୍ଟ୍ରର ଶୋଲାପୁରରୁ ଆସିଥିବା ଜଣେ ଭକ୍ତ କହି ଉଠିଲେ, "ଏଇ, ବାବା ମରାଠୀ କହୁଛନ୍ତି ! ଆଉ ଜଣକ ପତ୍ରରେ ମିଠେଇ ଦେବାକୁ ସେ କାହାକୁ ଜଣକୁ ନିର୍ଦ୍ଦେଶ ଦେଉଛନ୍ତି !" ମୁଁ ମୋ ପୁଅ ମୁହଁକୁ ଚାହିଁଲି। ସେ ମୋ ମୁହଁକୁ ଚାହିଁଲା। ବାବାଙ୍କ ଆଖି ଅଧିକ ଉଜ୍ଜ୍ୱଳ ଓ ତାଙ୍କ ମରାଠୀ ଭାଷା ଅଧିକ ସ୍ପଷ୍ଟ ହୋଇ ଉଠିଲା।

ବାବା ହଠାତ୍ ଉଠିପଡିଲେ ଓ ଶେଡ୍ ଭିତରକୁ ଆସିଲେ। ସଙ୍ଗେ ସଙ୍ଗେ ଶତାଧିକ କଣ୍ଠରେ ଭଜନ ଉଚ୍ଛୁଳି ଉଠିଲା। ତେଣୁ ମୁଁ ଯାହା ଭାବୁଥିଲି ବାବାଙ୍କର ଅପସ୍ମାର ରୋଗ ହୋଇଛି, ତାହା ସଙ୍ଗେ ସଙ୍ଗେ ଭୁଷୁଡି ପଡିଲା ! ଭଜନ ଧାଡିରେ ବସିଥିଲେ ମାଡ୍ରାସରୁ ଆସିଥବା ଦୁଇଜଣ ଯାଆଁଳା ଭାଇ। ବାବା ସେମାନଙ୍କ ପାଖରେ ବସିପଡିଲେ। ବାବାଙ୍କ ସାଙ୍ଗରେ ସେମାନେ ଭଜନ ଗାଇବା ଆରମ୍ଭ କରିଦେଲେ।

ଭଜନ ପରେ ରାତ୍ରିଭୋଜନ ସମୟରେ ଓ ତା'ପରେ ମଧ୍ୟ ସମସ୍ତଙ୍କ ମୁହଁରେ ଥିଲା ବାବାଙ୍କର ପୂର୍ବସ୍ଥାନ ଶିରଡିକୁ ପ୍ରତି ବିଜୟାଦଶମୀରେ ବିଦେହ ଯାତ୍ରା । ଏ ସମ୍ବନ୍ଧରେ କଥାବାର୍ତ୍ତା ସବୁ ଅପୂର୍ବ, ଅଦ୍‌ଭୁତ, ଅଲୌକିକ, ଦିବ୍ୟ ଆଦି କେତେଗୁଡିଏ ବିଶେଷଣ ଚାରିପାଖରେ ହିଁ ଘୂରି ବୁଲୁଥିଲା। ମୁଁ ବୁଝିପାରୁ ନଥିଲି ଏ ତରୁଣ ବାବା ନିଜର ପ୍ରକୃତ ପରିଚୟ ଘୋଷଣା ନକରି କାହିଁକି ଚଉଦ ବର୍ଷ ବୟସର ଗୋଟିଏ ଗାଉଁଲୀ କିଶୋର ବେଳେ ଘୋଷଣା କଲେ ସେ ସୁଦୂର ମହାରାଷ୍ଟ୍ରରେ ସମାଧି ଘେନିଥିବା ଜଣେ ଫକୀର, ପୁଣି ଆସିଛନ୍ତି ମଣିଷ ସହ ତାର ଅନ୍ତର୍ବାସୀ ଈଶ୍ୱରଙ୍କ ଏକାତ୍ମତା ସାଧନର ବାଟ ଦେଖାଇବା ପାଇଁ ? ଅଧିକ ଚତୁର ଲୋକ କହିଥାନ୍ତା ସେ ତାମିଲନାଡୁର ମୁରୁଗ ବା କେରଳର ଆୟାପ୍ପା, ଉତ୍ତରପୂର୍ବ ଭାରତର ଶଙ୍କରଦେବ ବା ଶ୍ରୀଚୈତନ୍ୟ, ବଙ୍ଗଳା ଓ ମହାରାଷ୍ଟ୍ରର ରାମକୃଷ୍ଣ ବା ଜ୍ଞାନେଶ୍ୱରଙ୍କ ଅବତାର !

ପୁଣି ତାହା ସେ କହିଥାନ୍ତା ବୟସ ଅଧିକ ହେଲା ପରେ। ମାତ୍ର କିଶୋର ବୟସରେ ହିଁ ସେ ଆତ୍ମସତ୍ୟ ପ୍ରକଟ କରିଥିଲେ। ମୁଁ ମନେ ମନେ ଠିକ୍ କଲି ଭବିଷ୍ୟତରେ ଏହାଙ୍କର ଯେଉଁ ଜୀବନୀ ମୁଁ ଲେଖିବି, ସେଥିରେ ଗୋଟିଏ ଅଧ୍ୟାୟ ରହିବ ଉଭୟ ବାବାଙ୍କ ଅଭେଦତା ସମ୍ବନ୍ଧରେ ।

ସକାଳ ହେବା ଆଗରୁ ପୋଟ୍‌ଟି ଆୟାର ଆମକୁ ମନେ ପକାଇଦେଲେ ଯେ ରାତି ପାହୁ ପାହୁ ଆମ ସମସ୍ତଙ୍କୁ ପୁଟ୍ଟପର୍ତ୍ତି ଛାଡିବାକୁ ହେବ। ସ୍ପେଶାଲ୍ ବସ୍‌ଟିଏ ଆମକୁ ନେଇ ପେନୁକୋଣ୍ଡା ରେଳଷ୍ଟେସନ୍‌ରେ ପହଞ୍ଚାଇ ଦେବ। ବାବା ଆମକୁ ଆଗରୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ଆମକୁ ବିଶେଷ ପାଦପୂଜାର ସୁଯୋଗ ଦେବେ। ମାତ୍ର ଗତ ରାତିର ବିଦେହ-ଯାତ୍ରା ସବୁ ଓଲଟପାଲଟ କରିଦେଲା। ନବବିବାହିତ ଦମ୍ପତି ଏ ସୁଯୋଗର ଅଧିକାରୀ, ମାତ୍ର ଆମେ ସବୁ ସେଥିରେ ଯୋଗ ଦେଇପାରିବୁ। ଆମେ ଶୁଣିଲୁ, ବାବା ଭଜନ ହଲ୍‌ରେ ଆସି ତାଙ୍କ ସିଂହାସନରେ ବସିବେ। ଆମେ ରୂପା ଥାଳୀରେ ତାଙ୍କ ପାଦ ଥୋଇ ତାକୁ ସୁବାସିତ ପବିତ୍ର ଜଳରେ ଧୋଇଦେବୁ। ତାପରେ ପାଦରେ ଚନ୍ଦନ କୁଙ୍କୁମ ଲଗାଇ ସାଇବାବାଙ୍କ ଅଷ୍ଟୋତ୍ତରଶତ ନାମ ପଢ଼ି ପ୍ରତ୍ୟେକଟି ନାମ ପାଇଁ ଗୋଟିଏ ଫୁଲ ବାବାଙ୍କ ପାଦରେ ଦେବୁ। ତା'ପରେ କିଛି ଫଳ ବା ନବାତ ଭୋଗ ଦେବୁ। ବାବା ତାକୁ ଛୁଇଁଦେଇ ପାରନ୍ତି, କିମ୍ବା ମନ ହେଲେ ଟିକେ ଚାଖି ବି ପାରନ୍ତି । ତା'ପରେ ତାଙ୍କ ଆଗରେ କର୍ପୂର ଆରତି ବୁଲାଇ ଦୁଷ୍ଟ ଚକ୍ଷୁର ପ୍ରଭାବ ଏଡାଇବା ବାହାନାରେ ଆପଣା ଭିତରର ଭାବସବୁ ଶୁଦ୍ଧ କରିବା ପାଇଁ ପ୍ରାର୍ଥନା ଜଣାଇବୁ। ପ୍ରତ୍ୟେକ ତୀର୍ଥଯାତ୍ରୀ ପକ୍ଷରେ ଏ ପାଦପୂଜା ଥିଲା ଅତ୍ୟାବଶ୍ୟକ, ଯଦିଓ ବାବା ଏହାକୁ 'ମନହେଲେ କର' ଗୋତ୍ରରେ ରଖିଥିଲେ। ବାବା ଉରବକୋଣ୍ଡାରେ ଘୋଷଣା କରିଥିଲେ ଯେ ତାଙ୍କ ପାଦପଦ୍ମ ବିଶ୍ୱଗୁରୁଙ୍କ ପାଦପଦ୍ମ, ଯିଏ ଏହାକୁ ପୂଜା କରିବ ସେ ସଂସାର ସାଗରରୁ ତରିଯିବ।

ଏ ଭାବକୁ ପୋଚି ଆୟାର, ପରମେଶ୍ୱର ଆୟାର ଯେତେ ହଜମ କରିଥିଲେ, ମୁଁ କରିନଥିଲେ ମଧ୍ୟ ଗୁରୁଙ୍କ ପାଦପୂଜା ଭାରତରେ ଯୁଗ ଯୁଗ ଧରି ସବୁ ପନ୍ଥାରେ ଗୁରୁମାନେ ସ୍ୱୀକାର କରିଥିବା ହେତୁ ମୁଁ ବି ଏହି ଐତିହାସିକ ଘଟଣାକୁ ଆଗ୍ରହର ସହ ଅପେକ୍ଷା କରିଥିଲି। ଅନେକ ଗୁରୁ ଦକ୍ଷିଣା ସଂଗ୍ରହ କରି ଜମାର ପରିମାଣ ବଢ଼ାଇବା ପାଇଁ ନିଜର ପାଦକୁ ବ୍ୟବହାର କରିଥାନ୍ତି। ମାତ୍ର ମୁଁ ଯେତେବେଳେ ଶୁଣିଲି ଭକ୍ତିଭରା ପରିବେଶର ପବିତ୍ରତାକୁ କଳୁଷିତ ନ କରିବାପାଇଁ ବାବା କାହାଠାରୁ ପଇସାଟିଏ ବି ଗ୍ରହଣ କରନ୍ତି ନାହିଁ, ମୁଁ ଆଶ୍ୱସ୍ତ ହେଲି।

ବାବାଙ୍କ ଶିରଡ଼ି ଯାତ୍ରା ଓ ସେଠାରେ ପ୍ରାୟ ଏକଘଣ୍ଟା ରହଣୀ ଫଳରେ ପାଦପୂଜା କାର୍ଯ୍ୟକ୍ରମଟି ବାତିଲ୍ ହୋଇଗଲା । ଆମେ କେବଳ ତାଙ୍କ ପାଦ ସ୍ପର୍ଶ କରି ସେଥିରେ କେତୋଟି ତୁଳସୀ ପତ୍ର ସ୍ଥାପନ କଲୁ ଓ କର୍ପୂର ଆଳତି ବୁଲାଇଲୁ । ସେତିକିରେ ଆମକୁ ସନ୍ତୁଷ୍ଟ ହେବାକୁ ପଡ଼ିଲା । ବାବା ତାପରେ ଡାହାଣ ହାତର ପାପୁଲିକୁ ତଳମୁହାଁ କରି କିଛି ସମୟ ଶୂନ୍ୟରେ ବୁଲାଇଲେ ଓ ସେଥିରୁ ଜାତ ହୋଇଥିବା ବିଭୂତି ଧରି ଆମ ସମସ୍ତଙ୍କୁ ଟିକେ ଟିକେ ଦେଲେ । ମୁଁ ବହିରେ ପଢ଼ିଥିଲି ଶିରଡିରେ ବାବା ସବୁବେଳେ ଗୋଟିଏ ଧୂନି ଜଳାଇ ରଖୁଥିଲେ । ଭକ୍ତମାନେ ବିଦାୟ ନେଇଯିବା ସମୟରେ ସେଥିରୁ ଟିକିଏ ଟିକିଏ ପାଉଁଶ ସମସ୍ତଙ୍କ ହାତରେ ଦେଉଥିଲେ । ମାତ୍ର ଏ ବାବାଙ୍କର ଧୂନି ଫୁନି କିଛି ନଥିଲା । ବିଭୂତି ମଧ୍ୟ ଉଷୁମ୍ ଲାଗୁ ନଥିଲା ।

ହଠାତ୍ ମୋ କାନରେ ପଡ଼ିଲା ଗୋଟିଏ ପିଲାର ଆନନ୍ଦ-କଳରୋଳ, "ଏ ବିଭୂତି ମିଠା ଲାଗୁଚି, ମିଠା ଲାଗୁଚି ।" ହାତରେ ବିଭୂତି ପଡ଼ିବା ମାତ୍ରେ ସେ ଚାଟି ଦେଇଥିଲା । ଆମେ ତାକୁ ମୁଠା କରି ଧରିଥିଲୁ । ମୁଁ ଟିକିଏ ପାଟିରେ ପକାଇଲି । ମାତ୍ର ମତେ ଲୁଣିଆ ଲାଗିଲା । ବାବା ଯେଉଁ ବିଭୂତି ଥରକରେ ସୃଷ୍ଟି କରିଥିଲେ ତାକୁ ନିଜ ହାତରେ ସମସ୍ତଙ୍କୁ ବାଣ୍ଟି ଦେଇଥିଲେ । ପିଲାକୁ ତାହା ମିଠା ଲାଗିଲା, ମାତ୍ର ବୁଢ଼ାକୁ ଲୁଣିଆ ଲାଗିଲା ! ଏସବୁ ଘଟଣା ମୋର ଅବିଶ୍ୱାସୀ ସ୍ୱଭାବକୁ ଏମିତି ଚହଲାଇ ଦେଲା ଯେ ଏ ଶୂନ୍ୟତାକୁ ପୂର୍ଣ୍ଣ କରିବା ନିମନ୍ତେ ମୋର ହାସ୍ୟରସପ୍ରିୟ ସ୍ୱଭାବ ଉପରେ ଖୁବ୍ ବେଶ ନିର୍ଭର କରି ମୁଁ ବଞ୍ଚିଗଲି । ମୋ ଦୃଷ୍ଟିର ଦିଗନ୍ତ କଳ୍ପନାତୀତ ଭାବରେ ବଢ଼ିଯାଇଥିଲା । କ୍ଷୁଦ୍ର, ସଂକୀର୍ଣ୍ଣ ମନୋଭାବ ପୋଷଣ କରିବାର ଆରାମ ମୋତେ ତତ୍କ୍ଷଣାତ୍ ଛାଡ଼ିବାକୁ ପଡିଲା ।

ଆମ ଦଳରୁ ବାବା କେତେଜଣଙ୍କୁ ପୂଜାମଣ୍ଡପକୁ ଘୋଡ଼ାଇ ରଖିଥିବା ପରଦା ପଛଆଡକୁ ଡାକିଲେ । ମଣ୍ଡପରେ ଥିବା ଦୀପମାନଙ୍କରେ ତେଲ ଦେବା ପାଇଁ ଶେଷଗିରି ରାଓ ପାହାଚଟି ଚଢ଼ି ଉପରକୁ ଉଠନ୍ତି । ବାବା ସେ ପାହାଚ ଉପରେ ଠିଆ ହୋଇଥାନ୍ତି । ବାବା ପ୍ରଥମେ ପରଦା ଆଡେଇ ଝିଅ-ଜୋଇଁଙ୍କୁ ଡାକିଲେ ।

ପରଦା ଏପଟୁ ଆମେ ଶୁଣୁଥାଉଁ ଟିକିଏ ସୁଁ ସୁଁ, ଟିକିଏ ଚପା ହସ, ଟିକିଏ ଦୀର୍ଘଶ୍ୱାସ ଆଉ ଗୋଟାଏ ମିଠା, କୋମଳ, ସଧୀର ଆଶ୍ୱାସନା । ଅନ୍ୟମାନଙ୍କର ପାଳି ତାପରେ ଆସିଲା । ମୋ ଛାତ୍ରଟି ମଧ୍ୟ ଡକା ହେଲା । ଫେରିଲାବେଳେ ସେ ଝୁଣ୍ଟି ମୁହଁମାଡି ତଳେ ପଡ଼ି ଯାଇଥାନ୍ତା, ପରମେଶ୍ୱର ଆୟାର ଅଧାରୁ ଧରି ପକାଇଲେ । ବାବାଙ୍କ କରୁଣା, ସ୍ନେହ ଓ ଦୃଢ଼ ଆଶ୍ୱାସନାରେ ସେ ସମ୍ପୂର୍ଣ୍ଣ ବିଚଳିତ ହୋଇ ପଡ଼ିଥିଲା ବୋଲି ମୋତେ କହିଲା । ସେ ଗୋଟିକ ପରେ ଗୋଟିଏ

ପାଞ୍ଚଟି ସନ୍ତାନ ହରାଇଥିଲା । ପିଲାଟିମାନ ଟିକିଏ ହସି ଦୁଇପଦ କହିବାମାତ୍ରେ, ଠୁକୁଠୁକୁ ହୋଇ ପାଦ କାଢ଼ିବା ମାତ୍ରେ ବାପା-ମାଆଙ୍କୁ ଛାଡ଼ି ଚାଲି ଯାଉଥାନ୍ତି । ଏବେ ତାର ୨ଟି ମାତ୍ର ପିଲା ଥିଲେ, ଛୋଟ ଝିଅଟିଏ ଓ ତିନି ବର୍ଷର ଗୋଲ୍‌ଗାଲ୍ ପୁଅଟିଏ । ବାବା କହିଲେ ଯେ ବିଚାରୀ ମାଆଟି ବଡ଼ କଷ୍ଟ ପାଉଛି । ହେଲେ “ ଏ ଯେଉଁ ଦୁଇଟି ତୁମର ଅଛନ୍ତି, ସେମାନେ ନିରାପଦ ରହିବେ, ଦୀର୍ଘ ଜୀବନ ଲାଭ କରିବେ ଓ ସାଧୁତା ଓ ଉତ୍ତମ ସ୍ୱଭାବ ଲାଗି ଖ୍ୟାତି ମଧ୍ୟ ପାଇବେ ।” ଭେଙ୍କଟରାମିୟା ବିସ୍ମିତ ହୋଇ ମତେ ପଚାରିଲା, “ ସେ କେମିତି ଜାଣିଲେ ମୁଁ ପାଞ୍ଚଟି ସନ୍ତାନ ହରାଇଛି ଓ ଏବେ ଦୁଇଟି ମାତ୍ର ଅଛନ୍ତି ?” ମୁଁ ପଚାରିଲି, “ ସେ କିମିତି ଜାଣିଲେ ମୋର ଗୋଟିଏ ଝିଅ ଅଛି ?” ପୋଛି ଆୟାର ଆମ କଥାସବୁ ଶୁଣୁଥିଲେ । ସେ ଉତ୍ତର ଦେଲେ, “ ମୋତେ ପଚାରିବ ପରେ । ମୁଁ ବୁଝାଇ ଦେବି ସେ କିମିତି ଜାଣିଲେ !”

ପରଦା ଫାଙ୍କରେ ବାବାଙ୍କ ମୁହଁ ଦିଶିଲା । ସେ ମୋ ନାମ ଧରି ଡାକିଲେ ଓ ମୋ ପତ୍ନୀକୁ ମଧ୍ୟ ମୋ ସହ ଯିବାକୁ କହିଲେ । ଆମେ ମଣ୍ଡପର ପାହାଚ ଚଢ଼ି ଉପରକୁ ଗଲୁ ଓ ପରଦା ପଛରେ ବାବାଙ୍କୁ ଚାହିଁ ଠିଆ ହେଲୁ । ମୁଁ ଏଠି ନିଶ୍ଚୟ ସ୍ୱୀକାର କରିବି ଯେ କେଉଁ ଅବୋଧ୍ୟ ରହସ୍ୟ ମୋ ଆଗରେ ଆଭରଣ ମଣ୍ଡିତ ହୋଇ ଦଣ୍ଡାୟମାନ ତାହା ବୁଝିବା ମୋର ସମ୍ପୂର୍ଣ୍ଣ ସାଧ୍ୟାତୀତ ଥିଲା । ସେ ଫିଟାଇ କହିଦେଲେ ରାମକୃଷ୍ଣଙ୍କ ପ୍ରତି ମୋର ଦୀର୍ଘଦିନର ଭକ୍ତି ଓ ତାଙ୍କ ପ୍ରତି ଅନୁରକ୍ତିଭରା କୃତଜ୍ଞତା ଉଭୟ ମଧ୍ୟରେ ମୁଁ ଛଟପଟ ହେଉଛି । ସେ ମୋ ସ୍ତ୍ରୀକୁ ଚାହିଁ କହିଲେ, “ ବିଚରା ବୁଝିପାରୁନି ରାମକୃଷ୍ଣ ହିଁ ତାକୁ ମୋ ପାଖକୁ ଆଣିଛନ୍ତି । ତାଙ୍କ ପ୍ରତି ଯାର ଦୀର୍ଘ ଅନୁରକ୍ତିର ଫଳ ସେ ତାକୁ ଦେଇଛନ୍ତି । ସେ ତାଙ୍କୁ କୋତ୍ତାଚେରୁବୁ ପର୍ଯ୍ୟନ୍ତ ଆଣି ସେଇଠି ଛାଡ଼ି ଚାଲିଗଲେ । କାରଣ ଶିଷ୍ୟ ଯେତେବେଳେ ଆପଣାର ଦିବ୍ୟସତ୍ତା ସମ୍ମୁଖରେ ଆସି ଠିଆ ହେବ, ସେଇ ମୁହୂର୍ତ୍ତରେ ଗୁରୁଙ୍କ କାମ ସରିଯିବ ।” (କୋତ୍ତାଚେରୁବୁ ପୁଟ୍ଟପର୍ତ୍ତିଠାରୁ ୯ କିଲୋମିଟର ଦୂର ଛୋଟ ଗାଁଟିଏ ।) ଏହା କହିଲାବେଳେ ବାବାଙ୍କ ମୁହଁରେ ଦୁଷ୍ଟ ହସ ଉକୁଟି ଉଠୁଥିଲା । ରାମକୃଷ୍ଣ ପରିବାରରେ ମୋର ପ୍ରବେଶ କଥା ସେ କେମିତି ଜାଣିଲେ ! ସଙ୍ଗେ ସଙ୍ଗେ ତାଙ୍କ ଡାହାଣ ପାପୁଲି ଶୂନ୍ୟରେ ଘୂରିବା ଆରମ୍ଭ କଲା ଓ ମୋ ଆଖି ଆଗରେ ସୃଷ୍ଟି ହେଲା ଦୁଇଟି ରୂପାର ପଦକ । ଉଭୟର ମୁଣ୍ଡରେ ଗୋଟିଏ ଗୋଟିଏ କଡା ଲାଗିଥିଲା । ଯେଉଁ ପଦକଟିକୁ ସେ ମୋ ପତ୍ନୀ ହାତକୁ ବଢ଼ାଇ ତାକୁ ଗଳାରେ ପିନ୍ଧିବାକୁ ନିର୍ଦ୍ଦେଶ ଦେଲେ ତାର ଗୋଟିଏ ପାଖରେ ଥିଲା ତାଙ୍କ ନିଜର ଛବି ଓ ଅନ୍ୟପାଖରେ ଲକ୍ଷ୍ମୀଙ୍କ ଛବି । ମୋ ହାତକୁ ଅନ୍ୟଟି ଆସିଲା । ଗୋଟିଏ ପାଖରେ ସ୍ୱେ ନିଜେ, ଅନ୍ୟ ପାଖରେ ଶିରଡି । “ ଏହାକୁ

ତୁମ ଦୀକ୍ଷାସୂତ୍ରରେ ବାନ୍ଧି ରଖିବ” , ସେ ମୋତେ ନିର୍ଦ୍ଦେଶ ଦେଲେ । ମନ ଭିତରେ ଭାବନାର ସୁଅ ଛୁଟିଲା । ନୀତିତତ୍ତ୍ୱ, ପୁରାଣତତ୍ତ୍ୱ, ମହାପୁରୁଷମାନଙ୍କ ଜୀବନୀ ଭିତରେ ଘୂରି ଘୂରି ମୁଁ ନିଜକୁ ପଚାରୁଥିଲି, ଦୁଇଜଣଯାକ ବାବା କ'ଣ ଏକ ? ଏହା କ'ଣ ପୁନର୍ଜୀବନ ତତ୍ତ୍ୱର ପୁନରାବୃତ୍ତି ? ବାବାଙ୍କ ଶିରଡି ଗମନ କ'ଣ ପ୍ରକୃତରେ ସତ ? ଯେଉଁ ମହାସଂକଳ୍ପ ଶିରଡିରେ ଶରୀର ଧାରଣ କରିଥିଲେ, ସେ ଆପଣା ଇଚ୍ଛାରେ ପୁନଶ୍ଚ ଏହି ଶରୀର ଗ୍ରହଣ କରିଥିବା କେତେଦୂର ବିଶ୍ୱାସଯୋଗ୍ୟ ? ମୋ ମନ ଖୁଣ୍ଟମୂଳରୁ ଖୁଣ୍ଟମୂଳ, ପ୍ରଶ୍ନବାଚୀରୁ ବିସ୍ମୟ ଚିହ୍ନକୁ ଦୌଡୁଥିଲା ।

ଚିତ୍ରାବତୀର ପୂର୍ବତଟରେ ଆମ ପାଇଁ ସ୍ପେଶାଲ୍ ବସ୍ ଅପେକ୍ଷା କରିଥିଲା । ହୃଦୟରୁ ବଡ଼ ଖଣ୍ଡିଏ ଅଂଶ ପୁଟ୍ଟପର୍ତ୍ତିରେ ମନ୍ଦିର ଭିତରେ ବାବାଙ୍କଠାରେ ଜମା କରିଦେଇ ଆମେ ଚିତ୍ରାବତୀର ପାଣିରେ ପଶି ସେପଟକୁ ଚାଲିଲୁ । ସେ ଆମ ସାଙ୍ଗରେ ପାଣିଧାର ପର୍ଯ୍ୟନ୍ତ ଆସିଲେ ଓ ସେଠୁ ରୁମାଲ ହଲାଇ ଆମକୁ ବିଦାୟ ଦେଲେ । ନଦୀ ସେପଟରେ ଶେଷଜଣକ ପହଞ୍ଚିବା ଯାଏ ବାବା ସେଇଠି ଠିଆ ହୋଇ ରୁମାଲ ହଲାଉଥାନ୍ତି । ପୋଟ୍ଟି ଆୟାର ଓ ତାଙ୍କ ଝିଅ ଆମକୁ କେତୋଟି ଭଜନ ଗାଇ ଶୁଣାଇଲେ । ମୋ ବୋଇଁ ମଧ୍ୟ ବାବାଙ୍କ ଉପରେ ସ୍ୱରଚିତ ଗୀତ କେତୋଟି ଗାଇଲେ । ଭେଙ୍କଟରାମିୟା ବାବାଙ୍କଠାରୁ ପାଇଥିବା ଅନୁଗ୍ରହ ଭାବନାରେ ବୁଡି ରହିଥାଏ । ବୁକାପଟ୍ଟନମ୍ ସାଗରର ଶୃଙ୍ଖଳା ଶଯ୍ୟା, କୋତ୍ତାଚେରୁବୁର ଅଙ୍କାବଙ୍କା ରାସ୍ତା, ଲଚେର୍‌ଲାର ସବୁଜ ଧାନକ୍ଷେତ, ଶ୍ୟାମଳ ନିମ୍ବତରୁ, ଚାରିପଟେ ଘେରି ରହିଥିବା ପାହାଡ଼ମାଳର କଳାକଳା ପଗଡ଼ି ସବୁ ପଛରେ ପଡ଼ି ରହିଲା । ବସ୍‌ଟି ସେ ସର୍ପିଳ ରାସ୍ତାରେ ଧାଇଁ ଚାଲିଥିଲାବେଳେ ଭବିଷ୍ୟତରେ ଅନେକବାର ଏ ରାସ୍ତାରେ ପୁଣି ଆସିବି ବୋଲି ମନେ ମନେ ପ୍ରତିଜ୍ଞା କରୁଥିଲି ।

ସମସ୍ତଙ୍କ ମଧ୍ୟରେ ସବୁଠାରୁ ବେଶୀ ଖୁସି ହୋଇଥିଲା ମୋ ବୋଉ । ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ହିନ୍ଦୁ ନୀତିକାରମାନେ ଯେଉଁ ନୀତିଶାସ୍ତ୍ର ରଚନା କରିଥିଲେ ତା ପ୍ରତି ବୋଉର ଆକ୍ଷରିକ ଆନୁଗତ୍ୟକୁ ଗୋପାଳ ମହାରାଜ ମହୀଶୂରରେ ରାମକୃଷ୍ଣ ପରିବାରର ମାତା ଭାବରେ ତାକୁ ପରିଚିତ କରାଇ ଧୀରେ ଧୀରେ କୋହଳ କରି ଦେଇଥିଲେ । ତ୍ରିବାଙ୍କୁଡ଼ର ମହାରାଜା ମନ୍ଦିରରେ ଅଛୁଆମାନଙ୍କୁ ପ୍ରବେଶାଧିକାର ଦେଇ ଯେଉଁ ଇତିହାସ ସୃଷ୍ଟି କରିଥିଲେ ମୋ ବୋଉ ମଧ୍ୟ ସେ ଉପଲକ୍ଷ୍ୟେ ଉତ୍ସବ ପାଳିଥିଲା । ଏ ପର୍ଯ୍ୟନ୍ତ ହାଣ୍ଡିଶାଳେ ଅଧୁଆ ଲୁଗାପଟା ପିନ୍ଧି ଓ ପାଦ ନ ଧୋଇ ପ୍ରବେଶ କରିବା ସମସ୍ତଙ୍କୁ ସଂପୂର୍ଣ୍ଣ ମନା ଥିଲା । ମାତ୍ର

ସେଦିନଠାରୁ ତାର ରକ୍ଷଣଶୀଳତାର ମରୁଦ୍ୱୀପ ସେ ହାଣ୍ଡିଶାଳର ପବିତ୍ର ଦୁଆର ତାର ଅଗାଧୁଆ ଓ ଅଧୁଆ ଲୁଗାପଟା ପିନ୍ଧା ଅଛବ ନାତି-ନାତୁଣୀମାନଙ୍କ ପାଇଁ ଖୋଲା ହୋଇଗଲା। ଏବେ ପୁଟ୍ଟପର୍ତ୍ତିରେ ନାନା ଜାତି-ଗୋତ୍ରର ମହିଳାମାନଙ୍କ ସହିତ ବହୁଦିନ ଧରି ତା ପାଇଁ ଅସ୍ପୃଶ୍ୟ ଥିବା ପରିବାପତ୍ର ଭୋଜନ କଲା ବିନା ଆପତ୍ତିରେ। ଏବେ ସେ ସାଇବାବାଙ୍କ ମୁକ୍ତ ଓ ବାଧାହୀନ ଆତିଥ୍ୟର ପ୍ରେମରେ ପଡ଼ିଗଲା। ଧନୀ ହେଉ ବା ଦରିଦ୍ର ହେଉ, ଆଡ଼ମ୍ବରଭରା ମହାରାଜା ହେଉ ବା ସରଳ ଗାଉଁଲି ମଣିଷ ହେଉ, ଉଚ୍ଚ ଜାତି ହେଉ ବା ନୀଚ ଜାତି ହେଉ, ଶାସ୍ତ୍ରବିତ୍ ପଣ୍ଡିତ ହେଉ ବା ନିରକ୍ଷର ହେଉ, ସମସ୍ତଙ୍କୁ ସେ ଅକାତରରେ ସ୍ୱାଗତ କରୁଥିଲା। ସମସ୍ତଙ୍କ ପାଇଁ ତାଙ୍କ ଦ୍ୱାର ସର୍ବଦା ଉନ୍ମୁକ୍ତ ଥିଲା। ଫଳଟି କଞ୍ଚା ଥିଲାବେଳେ ଆମ୍ବିଳି ଲାଗେ, ମାତ୍ର ପାଚିଗଲେ ତା ଭିତରେ ମିଠା ରସ ଭର୍ତ୍ତି ହୋଇଯାଏ। ସେହିପରି ବୟସ ବଢ଼ିବା ସଙ୍ଗେ ସଙ୍ଗେ ବୋଉ ଅଧିକ କୋମଳ ଓ ରସପୂର୍ଣ୍ଣ ହୋଇ ଉଠୁଥିଲା। ସେ ବୁଝିପାରିଲା ସର୍ବମୟ ଉଦାରତା ହିଁ ପ୍ରକୃତ ସତ୍ୟ, ସଂକୀର୍ଣ୍ଣଭାବ କେବଳ ଜେଲଖାନା।

ଘରେ ପହଞ୍ଚି ରାମକୃଷ୍ଣଙ୍କ ଚିତ୍ରପଟ ପାଖରେ ମୁଁ ବାବାଙ୍କ ଚିତ୍ରପଟଟିଏ ନେଇ ରଖିଲି। ମୋ ଛାତି ଟିକିଏ ପଡ଼ିଲା ଉଠିଲା, ମାତ୍ର ମୁଁ କ୍ଷମାପ୍ରାର୍ଥନା କଲି ନାହିଁ। ଘରେ ସନ୍ଧ୍ୟାରେ ଭଜନ ଆରମ୍ଭ କଲୁ। ପ୍ରତିଦିନ ଭଜନବେଳେ ବାବାଙ୍କ ଚିତ୍ରପଟ ଆଗରେ କପେ କ୍ଷୀର ରଖିବା ହେଲା ବୋଉର କାମ। ଆମେ ଯେତେବେଳେ ଦେଖିଲୁ କପ୍‌ରୁ ଏକ ଚତୁର୍ଥାଂଶ ବା ଏକ ତୃତୀୟାଂଶ କ୍ଷୀର କମି ଯାଉଛି, ଆମେ ବୁଝିଗଲୁ ଯେ ବାବା ହିଁ ଜାଣିଶୁଣି ଲୁଚିଛପି ଆମ ଭୋଗ ଗ୍ରହଣ କରୁଛନ୍ତି। ଆଃ! ପୋଟ୍‌ଟି ଆୟାର୍ ଯାହାସବୁ କହୁଥିଲେ ସେ ସବୁ ତ ସତ ପ୍ରମାଣିତ ହେଉଛି! ଆମକୁ ବାବାଙ୍କ ବିଷୟରେ ଆହୁରି ଅଧିକ କଥା କହିବା ପାଇଁ ଆମେ ତାଙ୍କୁ ନିମନ୍ତ୍ରଣ କଲୁ।

ପୁଟ୍ଟପର୍ତ୍ତିକୁ ଯିବା ପାଇଁ କୌଣସି ସୁଯୋଗ ମୁଁ ହାତଛଡ଼ା କଲି ନାହିଁ। ଥରେ ପୁଟ୍ଟପର୍ତ୍ତିରେ ବାବା ଆମକୁ ଏକ ପ୍ରଶ୍ନ ପଚାରିଲେ, "କପ୍‌ରୁ କପ୍‌କୁ ଫେଣ୍ଟି ଶୀତଳ କରାଯାଇଥିବା କ୍ଷୀର ଓ ପାଣିରେ ଭସାଇ ଶୀତଳ କରାଯାଇଥିବା କ୍ଷୀର - ଏ ଦୁଇଟି ମଧ୍ୟରୁ ଅଧିକ ମିଠା କେଉଁଟି ?" ମୁଁ ସଙ୍ଗେ ସଙ୍ଗେ ଉତ୍ତର ଦେଇପାରିଲି ନାହିଁ, ବାବା ମଧ୍ୟ କିଛି ସିଦ୍ଧାନ୍ତ ଦେଲେ ନାହିଁ। ହଠାତ୍ ବା କିମିତି ଉତ୍ତର କହିହେବ ? ପରୀକ୍ଷା କଲାପରେ, ଜଣେ ଦକ୍ଷ ଚାଖୁଣିଆ ସିନା ଚାଖି କହିପାରିବ। ଥଣ୍ଡା କରିବାର ପଦ୍ଧତି କ୍ଷୀରର ସ୍ୱାଦକୁ ବା କିପରି ପ୍ରଭାବିତ କରିବ ? ମାତ୍ର ବାବା ମୋତେ କହିଲେ "ଘରକୁ ଗଲାପରେ ବୋଉକୁ ଏ ପ୍ରଶ୍ନ ପଚାରିବ।"

ମୁଁ ଘରକୁ ଯାଇ ଆବିଷ୍କାର କଲି ଯେ ଫୁଟୁଥିବା କ୍ଷୀରକୁ ଥଣ୍ଡା କରି ପ୍ରସାଦ ଭାବରେ ବାବାଙ୍କୁ ଦେବାପାଇଁ ବୋଉ ପାଣିରେ ଭସାଇବା ପଦ୍ଧତିଟି ବ୍ୟବହାର କରୁଛି। ମୁଁ ଜାଣିଥିଲି ଖାଦ୍ୟର ସ୍ୱାଦ ବିଷୟରେ ବାବା ଆଦୌ ସଜାଗ ନୁହନ୍ତି। କିମ୍ବା ଏକ ନିର୍ଦ୍ଦିଷ୍ଟ ସ୍ୱାଦ ବା ଖାଦ୍ୟପଦାର୍ଥ ତାଙ୍କର ବିଶେଷ ରୁଚି ଆକୃଷ୍ଟ କରେ ନାହିଁ। ମୁଁ ଶୁଣିଚି ଯେ ବାବା କହନ୍ତି ଆମର ଆନନ୍ଦ ହିଁ ତାଙ୍କର ଖାଦ୍ୟ। ଆମେ ସ୍ୱାସ୍ଥ୍ୟପ୍ରଦ, ଶକ୍ତିପ୍ରଦ ପବିତ୍ର ଖାଦ୍ୟ ଖାଇଲେ ସେ ବି ସୁଖୀ ହୁଅନ୍ତି।

ବାବାଙ୍କୁ କ୍ଷୀର ଓ କ୍ଷୀରଜାତ ଖାଦ୍ୟ ଭଲ ଲାଗେ ନାହିଁ। ବିଜୟା ଦଶମୀରେ ବାହାଘର ଭୋଜିରେ ବୋଉ ଯେତେବେଳେ ବାବାଙ୍କ ଥାଳି ପାଖରେ ବସାଦହି ବାଢ଼ିଲା, ବାବା ତାକୁ ଆଢ଼େଇ ଦେଇ ପରିହାସରେ(ନା ସତରେ?) କହିଲେ, "ମୁଁ ଯେତେବେଳେ ଗତଥର କୃଷ୍ଣ ରୂପରେ ଆସିଥିଲି, ସେତେବେଳେ ଏତେ ଦୁଧ, ଦହି, ଲହୁଣୀ ଆଦି ଖାଇଚି ଯେ ତାହା ଆହୁରି କେତୋଟି ଅବତାର ପାଇଁ ଯଥେଷ୍ଟ ହେବ।" ତେଣୁ ବାଙ୍ଗାଲୋର ସହରରେ ଉଇଲ୍‌ସନ୍ ଗାର୍ଡନ୍‌ଠାରେ ବାରନମ୍ବର ରାସ୍ତାରେ ଆମେ ଯେଉଁ ଘରେ ରହୁଥିଲୁ ତାର ପୂଜାମଣ୍ଡପରୁ କ୍ଷୀର ଗ୍ରହଣ କରିବା ଯେ ତାଙ୍କର ଅମାପ କରୁଣାର ନିଦର୍ଶନ, ଏଥିରେ ଆମର ସନ୍ଦେହ ନଥିଲା। କେଉଁ ପଦ୍ଧତିରେ ଥଣ୍ଡା କଲେ କ୍ଷୀର ଅଧିକ ମିଠା ଲାଗିବ ଏ ପ୍ରଶ୍ନ ପଚାରି ପ୍ରତିଦିନ ଅନ୍ତର୍ଦ୍ଧାନ ହୋଇଯାଉଥିବା କ୍ଷୀରର ଗନ୍ତବ୍ୟ ସ୍ଥାନ ସମ୍ପର୍କରେ ଆମର ସିଦ୍ଧାନ୍ତକୁ ସେ ସ୍ୱୀକାର କରିଥିଲେ ମାତ୍ର।

ଅନ୍ୟ ପ୍ରକାରେ ବି ବୋଉ ବାବାଙ୍କର ଅନୁଗ୍ରହ ଲାଭ କରୁଥିଲା। ଆମ ପୂଜା କୋଠରୀରେ କେତେଜଣ ପଡ଼ୋଶୀଙ୍କ ସହିତ ଆମେ ମଣ୍ଡପ ସାମ୍ନାରେ ଭଜନ ପାଇଁ ବସୁ। ବୋଉ ଟିକେ ଦୂରରେ କାନ୍ଥକୁ ଆଉଜି ବସେ। ମାତ୍ର ଭଜନବେଳେ ତାର ତାଳି ଆମ ଭିତରେ ସବୁଠୁ ଜୋର୍‌ଦାର ଲୋକର ତାଳିଠାରୁ କୌଣସି ଗୁଣରେ କମ୍ ନ ଥାଏ, କାରଣ ଭଜନ ତାକୁ ଭାରି ଭଲ ଲାଗେ। ତାମିଲ୍‌ରେ ସେ ବାବାଙ୍କ ଉଦ୍ଦେଶ୍ୟରେ ନିଜେ କେତୋଟି ଗୀତ ଲେଖିଥାଏ, ଆଉ ପ୍ରତିଦିନ ଭଜନରେ ସେଗୁଡ଼ିକ ଗାଇବାକୁ ଆମକୁ ବାଧ୍ୟ କରେ। ଦିନେ ଆରତି ସମୟରେ ବୋଉ ହାତ ଯୋଡ଼ି ଠିଆ ହୋଇଥାଏ, ହଠାତ୍ ହାତ ପାପୁଲି ଭିତରେ କିଛି ଖଲ୍ ଖଲ୍ ହେଲା। ସତେ ଯେମିତି ଦୁଇ ପାପୁଲି ଭିତରେ କିଛି ଗୋଟାଏ ବୁଲୁଛି! ସେ ଭାବିଲା ବଡ଼ ମହୁମାଛିଟାଏ ବୋଧେ ଭିତରେ ରହିଯାଇଛି। ଚମକି ପଡ଼ି ପାପୁଲି ଦୁଇଟି ଅଲଗା କରି ଦେଖେ ତ ସେଥିରେ ଅଛି ଗୋଟିଏ ତୁଳସୀ ମଞ୍ଜରୀ! କରୁଣାର ଅଯାଚିତ

ନିଦର୍ଶନ ! ବୋଉ ଏ'ଦୁର୍ଲ୍ଲଭ ଅନୁଗ୍ରହ ପାଇ ଏତେ ଖୁସି ହୋଇଗଲା ଯେ ଆମେ ବି ତାକୁ ଅନୁକରଣ କରିବାକୁ ବାହାରିଲୁ । ଆମ ଭିତରୁ ପ୍ରତ୍ୟେକେ ପ୍ରତିଦିନ ପାଳି କରି ବୋଉ ବସିବା ଜାଗାରେ କାନ୍ଥକୁ ଆଉଜି ବସିଲୁ, ଭଜନବେଳେ ଭାରି ଭକ୍ତିରେ ତାଳି ମାରିଲୁ, ଆରତିବେଳେ ହାତ ଯୋଡି ଠିଆହେଲୁ, ମାତ୍ର କାହାରି ହାତରୁ ତୁଳସୀ ମଞ୍ଜରୀ ବାହାରିଲା ନାହିଁ ! ସେଠୁ ଆମେ ବାଧ୍ୟ ହୋଇ ଏଇ ସିଦ୍ଧାନ୍ତରେ ପହଞ୍ଚିଲୁ ଯେ ବାବା ତାଙ୍କ ସ୍ୱରୂପ ଉପସ୍ଥିତିରେ ହେଉ ବା ଅରୂପ ଉପସ୍ଥିତିରେ ହେଉ କାହାକୁ କିପରି ଅନୁଗ୍ରହ କରିବେ, କେବଳ ତାଙ୍କୁ ହିଁ ଜଣା । ଆମେ ଏସବୁର କିଛି କାରଣ ପାଇବା ନାହିଁ ।

ଯେତେବେଳେ ପାରିଲି, ଏଥର ବାଙ୍ଗାଲୋରରୁ ପୁଟପର୍ତ୍ତି ଦୌଡ଼ିବାରେ ଲାଗିଲି; ବାଙ୍ଗାଲୋର ମୋ ପାଇଁ କଳାପାଣି ଦଣ୍ଡ ପରି ଲାଗିଲା । ଥରେ ମୁଁ ପୁଟପର୍ତ୍ତିରେ ପହଞ୍ଚି ଦେଖିଲି ମୋତେ ସ୍ୱାଗତ କରୁଛନ୍ତି ଆମ କଲେଜର ପ୍ରିନ୍‌ସପାଲ, ପ୍ରାଣୀବିଦ୍ୟାର ପ୍ରଫେସର୍ ଡକ୍ଟର ବି. ତିରୁମଳାଚ୍ଚର ! ସେ ମୋର ହାକିମ ହେଲେ ମଧ୍ୟ ଜଣେ ମଜାଦାର ବନ୍ଧୁ ଓ ରାମକୃଷ୍ଣ ପରିବାରର ଲୋକ ଥିଲେ । ମତେ ଜଣାପଡିଲା ସେଠାରେ ଭକ୍ତମାନେ ମୋ ଆଗମନକୁ ଅପେକ୍ଷା କରିଥିଲେ । ମୋ ପ୍ରତି ଏତେ ଆତ୍ମୀୟତା ସେଠାରେ ମୋ ପାଇଁ ମହଜୁଦ୍ ଥିଲା । ମୁଁ ଜାଣି ନ ଥିଲି ସେଦିନ ଥିଲା ପୂର୍ଣ୍ଣିମା ଓ ପାଣିପାଗ ଘୋଷଣା ଅନୁସାରେ ସେଦିନ ଆକାଶ ମେଘମୁକ୍ତ ରହିବ । ପୂର୍ଣ୍ଣିମା ରାତିସବୁ ପୁଟପର୍ତ୍ତିରେ ମହୋତ୍ସବର ରାତି । କାରଣ ସେଦିନ ଭକ୍ତମାନଙ୍କୁ ଧରି ବାବା ଭଜନ ପାଇଁ କିମ୍ବା ଭୋଜନ ପାଇଁ ଅଥବା ଉଭୟ ପାଇଁ ଚିତ୍ରାବତୀ ଯାଆନ୍ତି । ଚିତ୍ରାବତୀ ବାଲିରେ ସମୂହ ଭୋଜନ ଥିଲା ଏକ ସାମାଜିକ ସମାରୋହ । ପ୍ରତ୍ୟେକ ପରିବାର ସେମାନଙ୍କ ଘରୁ ଖାଇବା ପଦାର୍ଥ ଧରି ଆସନ୍ତି । ସେସବୁ ଏକାଠି କରାଯାଏ ଓ ଉପସ୍ଥିତ ଲୋକେ ସେସବୁ ବାଣ୍ଟି ଖାଆନ୍ତି । ବାବା ମଧ୍ୟ ସେଥିରୁ ଭାଗ ନିଅନ୍ତି ।

ମୁଁ ଆସି ଶୁଣିଲି ସେଦିନ ବାହାରେ ପୂର୍ଣ୍ଣଚନ୍ଦ୍ର ହେଲେ ମଧ୍ୟ ମନ୍ଦିର ଭିତରେ ଅମାବାସ୍ୟାର ଅନ୍ଧକାର । କାରଣ ବାବା ବାହାରକୁ ଯିବା ପାଇଁ ଆଦୌ ମଙ୍ଗୁନାହାନ୍ତି । ସମସ୍ତଙ୍କ ମନ ଶୁଖି ଯାଇଛି । ବାବା ଚିତ୍ରାବତୀ ଯିବା ପାଇଁ ରାଜି ନ ହେଲେ ବି ତାଙ୍କ ମୁହଁ ସବୁଦିନ ପରି ଉଜ୍ଜ୍ୱଳ ଦିଶୁଛି । ଭକ୍ତମାନଙ୍କର ଶୁଖିଲା ମୁହଁ ଦେଖି ତାଙ୍କୁ ଯେମିତି ଭାରି ମଜା ଲାଗୁଛି ! ପ୍ରିନ୍‌ସପାଲ ଓ ଅନ୍ୟମାନେ ଭାବିଲେ ସେମାନଙ୍କ ଅନୁନୟ ବିନୟ ସହ ମୋର ପ୍ରାର୍ଥନା ମିଶିଗଲେ ବାବା ଭଜନ ପାଇଁ ଚିତ୍ରାବତୀ ଯିବାକୁ ହଁ ଭରି ପାରନ୍ତି । ଏପରିକି ଭୋଜନ ପାଇଁ ମଧ୍ୟ ମଙ୍ଗିଯାଇ ପାରନ୍ତି । ଆମେ ନିଶ୍ଚିତ ଥିଲୁ ଯେ ଥରେ ଚିତ୍ରାବତୀରେ ପହଞ୍ଚିଗଲେ ପୁଣି

ପ୍ରାଣରେ ଉଲ୍ଲାସ ଭରି ଉଠିବ, କାରଣ ବାଲି ଉପରେ ବସିବା ମାତ୍ରେ ବାଲିସହ ଖେଳିବାକୁ ବାବାଙ୍କର ଇଚ୍ଛା ହେବ; ଆଉ ସେଥିରୁ ବାହାରିବ କାହା ପାଇଁ ମୁଦି, କାହା ପାଇଁ ଲକେଟ୍, କାହାର ପୂଜା ମନ୍ଦିର ପାଇଁ କିଛି ମୂର୍ତ୍ତି, କାହାର ଦୁର୍ଗତି ଏଡ଼ାଇବା ପାଇଁ ତାବିଜ, କିମ୍ୱା କିଛି ନ ହେଲେ ବିଭୂତି ।

ଭଜନ ହଲରେ ପୂର୍ବରୁ ପଶ୍ଚିମ ଓ ପଶ୍ଚିମରୁ ପୂର୍ବ ବାବା ମୁଣ୍ଡ ପୋତି ବୁଲୁଥାନ୍ତି । ପାଖରେ ଭକ୍ତମାନେ ଧାଡିବାନ୍ଧି ଠିଆ ହୋଇଥିବା ତାଙ୍କ ନଜରରେ ପଡୁ ନ ଥାଏ । ସମସ୍ତେ ମନେ ମନେ ପୂର୍ଣ୍ଣିମାର ଉତ୍ସବ ପାଳିବା ପାଇଁ ବାବାଙ୍କୁ କାତର ହୋଇ ଜଣାଉଥାନ୍ତି । ଆମେ ପ୍ରାୟ ପାଞ୍ଚ ଜଣ ବାବାଙ୍କ ପଛେ ପଛେ ଚାଲୁଥାଉ । ବାବା ପୂର୍ବରୁ ପଶ୍ଚିମକୁ ଗଲାବେଳେ ଆମେ ତାଙ୍କୁ ଟିକେ ଛାଡ଼ି ପଛରେ ଯାଉଥାଉ, ପୁଣି ଫେରିଲାବେଳକୁ ସେମିତି ପଛରେ ଥାଉ । ଇଚ୍ଛା ଥାଏ ତାଙ୍କର ଧ୍ୟାନ ଭାଙ୍ଗିବାକୁ । ମାତ୍ର ପୁଣି ଭୟ ଲାଗୁଥାଏ କାଳେ ସେ ବିରକ୍ତ ହେବେ । ମଝିରେ ମଝିରେ କହୁଥାଉ " ସ୍ୱାମୀ, ଆଜି ପୂର୍ଣ୍ଣିମା । ଚିତ୍ରାବତୀରେ ଏକାଠି ହେବା ।" ବାବା ଶେଡ୍‌ରେ ପୂର୍ବ ମୁଣ୍ଡରେ ପହଞ୍ଚି ହଠାତ୍ ବୁଲି ପଡ଼ିଲେ ଓ କହିଲେ, " ତୁମ୍ଭେମାନେ କ'ଣ ଭାବୁଚ କେବଳ ଚିତ୍ରାବତୀର ବାଲିକୁ ହିଁ ମୁଁ ବଦଳେଇ ଦେଇ ପାରିବି ? ତିଆରି ଚାଲିଥିବା ମନ୍ଦିର ପାଖରେ କ'ଣ କେଉଁଠି ବାଲି ନାହିଁ ?"

ପ୍ରଶାନ୍ତିନିଳୟମ୍ ସେତେବେଳେ ତିଆରି ଚାଲିଥାଏ । ସେ ପାଖରେ ଚିତ୍ରାବତୀର ବାଲି ଗଦା ହୋଇଥାଏ । ବାବା ପୂର୍ବରୁ ପଶ୍ଚିମକୁ ପାଦ ଚାଳନା କରୁଥିଲାବେଳେ ମୁଁ କହିଲି, " ସ୍ୱାମୀ, ଆମେ ସେ ଘର ପାଖକୁ ଯିବା । ଗୋଟାଏ ବାଲିଗଦା ଉପରେ ବସି ଭଜନ କରିବା !" ପଶ୍ଚିମ କାନ୍ଥ ପାଖରେ ସେ ଅଟକିଲେ । ଆମ ପ୍ରାର୍ଥନା ଗ୍ରହଣ କରିବା ମନୋଭାବରେ ନ ଥିଲେ ସେ । ଆମକୁ ଚାହିଁ କହିଲେ, " ମୁଁ ଜାଣେ, ତୁମ୍ଭେମାନେ ଭଜନ୍‌ରେ ଆଗ୍ରହୀ ନୁହଁ । ତୁମେସବୁ ଚାହୁଁଚ କିଛି ଅଲୌକିକତା ଦେଖାଇ ତୁମକୁ ମୁଁ ଆନନ୍ଦ ଦେବି । ଆଉ ସେଥିପାଇଁ ମୋର ବାଲି ନିହାତି ଦରକାର, ନୁହେଁ ?" ବାବା ତା'ପରେ ହସିଉଠି ପୂର୍ବ ଆଡ଼କୁ ଚାଲିଲେ । ଆମେ ତାଙ୍କ ପଛେ ପଛେ ଚାଲୁଥାଉ । ଆମ ଭିତରୁ ଜଣେ କିଏ କହିଲେ, " ଠିକ୍ ଅଛି ସ୍ୱାମୀ, ଆମେ ଜାଣୁ ଆପଣ ଶୂନ୍ୟରୁ ସବୁ ସୃଷ୍ଟି କରିପାରିବେ । ଆମେ ନୂଆ ମନ୍ଦିର ତିଆରି ସ୍ଥାନକୁ ଯିବା ନାହିଁ । ଏଇଠି ବସିବା । ଆପଣଙ୍କ ଅନୁଗ୍ରହ ହେଲେ ଏଇଠି, ବର୍ତ୍ତମାନ ମଧ୍ୟ ଯେ କୌଣସି ଅଲୌକିକ ଲୀଳା ଘଟି ଯାଇପାରେ ।" ଆମେ ତାଙ୍କର ଚତୁରତାପୂର୍ଣ୍ଣ କଥାକୁ ଖୁବ୍ ତାରିଫ୍ କରି ଏକା କଣ୍ଠରେ କହିଲୁ, " ସ୍ୱାମୀ, କେଉଁଠି ବସିବା ସେଥିରେ କିଛି ଯାଏ ଆସେ

ନା, ଆମେ ଆଜି ପୂର୍ଣ୍ଣିମାରେ ଆପଣଙ୍କ ଉପସ୍ଥିତିରେ ଆନନ୍ଦ ଲାଭ କରିବାକୁ ଚାହୁଁ। କେବଳ ଏହା ହିଁ ଆମର ପ୍ରାର୍ଥନା।" ବାବା ଅଟକି ଆମକୁ ଫେରି ଚାହିଁଲେ, "ତୁମେ ଦାବୀ କରୁଚ କେବଳ ମିରାକଲ୍, କେବଳ ଅଲୌକିକତା। ମାତ୍ର ମୋର ମହିମା ସମ୍ବନ୍ଧରେ ତୁମର ଆଦୌ କିଛି ଧାରଣା ନାହିଁ। ତୁମେ ପ୍ରତ୍ୟେକେ ମୋର ଗୋଟିଏ ଗୋଟିଏ ମିରାକଲ୍।" ପୂର୍ଣ୍ଣିମାର ସବୁ କଳ୍ପନା-ଜଳ୍ପନା ସିନା ଭାଙ୍ଗି କୁଢ଼େଇ ହୋଇପଡ଼ିଲା, ମାତ୍ର ଆପାତତଃ ଏ ସରଳ କଥାଟି କହି ସେ ଦେଖାଇ ଦେଲେ ଯେ ମଣିଷଜାତିର ଇତିହାସରେ ଆମେ ଯେତେ ଅପୂର୍ବ ପୁରୁଷଙ୍କ କଥା ପଢ଼ିଚୁ, ସେ ସମସ୍ତଙ୍କଠାରୁ ବହୁ ଅଧିକ ଅପୂର୍ବ ଆମର ଏ ସାଇବାବା।

ମୁଁ, ତାଙ୍କର ଗୋଟିଏ ଚମତ୍କାର? ମୋତେ ଲଜ୍ଜା ଲାଗିଲା ମୁଁ ଏ ବାବାଙ୍କଠାରୁ ସାମାନ୍ୟ ଚକୋଲେଟ୍ ମାଗିବାର ତୁଚ୍ଛ ଉଦ୍ୟମ କରିଥିଲି! ସେ ନିଜେ ଭଗବାନ ଶ୍ରୀକୃଷ୍ଣଙ୍କ ପରି ଘୋଷଣା କଲେ ସେ ହିଁ ନିଖିଳ ଜୀବନର ବୀଜ! ମୁଁ ବନ୍ଧୁମାନଙ୍କୁ ଏକାଠି କଲି ଓ ଛାର କୌତୂହଳର ବଶବର୍ତ୍ତୀ ହୋଇ ବାବାଙ୍କୁ ତୁଚ୍ଛ କଥା ମାଗିବାର ଦୁର୍ବୁଦ୍ଧି କରିଥିବାରୁ ସେମାନଙ୍କ ଆଗରେ ଚାପଡା ମାରିହେଲି। ମୁଁ ସେମାନଙ୍କୁ କହିଲି, ବାବାଙ୍କୁ କେବଳ ଭଲ ପାଇବା, ଭକ୍ତି କରିବା, ଆରାଧନା କରିବା, ଉପହାର ପ୍ରାର୍ଥନା କରିବା ଯଥେଷ୍ଟ ନୁହେଁ, ସବୁଠୁ ଅଧିକା ହେଲା ତାଙ୍କୁ ଭୟ କରିବା। ଶିରଡିରେ ବାବାଙ୍କୁ ସମସ୍ତେ ଡରୁଥିଲେ, କାରଣ ସେ ତୁଚ୍ଛଭାବ ଓ ଚତୁରତାକୁ ଆଦୌ କ୍ଷମା ଦେଉ ନ ଥିଲେ। ଏ ବାବା ଅବଶ୍ୟ ଆମ ପ୍ରତି ବହୁତ ଦୟାଳୁ ଓ କରୁଣାପୂର୍ଣ୍ଣ। ମାତ୍ର ସେଦିନ ଆମେ ବୁଝି ପାରିଲୁ ଅନ୍ୟ କୌଣସି ସ୍ଥାନରେ ଓ ସମୟରେ ଜନ୍ମ ଗ୍ରହଣ କରିଥିବା ଯେତେ ଦିବ୍ୟ ପୁରୁଷଙ୍କ କଥା ଆମେ ଶୁଣିଛୁ, ଏ ବାବା ସେ ସମସ୍ତଙ୍କଠାରୁ ବହୁ ଅଧିକ ଦିବ୍ୟ।"ତୁମେ ପ୍ରତ୍ୟେକେ ମୋର ଗୋଟିଏ ଗୋଟିଏ ମିରାକଲ୍''! ମଣିଷର ବୋଧଗମ୍ୟ ଭାଷାରେ କହିବା ପାଇଁ ଓହ୍ଲାଇ ଆସିଥିବା ପରମେଶ୍ୱର ନ ହେଲେ କିଏ ବା ଏ କଥା ଉଚ୍ଚାରଣ କରିପାରିବ? ଏ ମହତ୍ତମ ଦିବ୍ୟପୁରୁଷଙ୍କର ଆମେ କିଭଳି ଆରାଧନା କରିବୁ, କିପରି ତାଙ୍କ ପାଖକୁ ଯିବୁ, କିଭଳି ତାଙ୍କ ସହ କଥା ହେବୁ, ଆଉ କିଭଳି ତାଙ୍କୁ ବୁଝିବୁ, ଏହା ଆମ ପକ୍ଷରେ ସବୁଠୁ ବଡ଼ ବିଚାରିବାର କଥା। ସେମାନଙ୍କୁ ମୁଁ ଏଭଳି କହିଲି। ବାବା ଯେତେବେଳେ କହିଲେ ଆମେ ପ୍ରତ୍ୟେକେ ତାଙ୍କ ହାତ ତିଆରି ଗୋଟିଏ ଗୋଟିଏ ଅଲୌକିକତା, ମୋର ଖ୍ରୀଷ୍ଟିୟାନ୍ ଉପାସନା (Psalm) ବହିରୁ ଗୋଟିଏ ପ୍ରାର୍ଥନା ମନେ ପଡିଗଲା; "ହେ ପ୍ରଭୁ, ତୁମେ ହିଁ ମୋର ଅନ୍ତର୍ଗତ ଅଙ୍ଗ ତିଆରି କଲ, ତୁମେ ହିଁ ମୋତେ ମାତୃଗର୍ଭରେ ଏକାଠି ସଜାଡ଼ିଲ। ମୁଁ ତୁମର ହୃଦୟଭରା ସ୍ତବ ଗାଇବି; ତୁମେ ହିଁ ମୋ ଭିତରେ

ଭରିଦେଲ ତୁମ ପାଇଁ ଭୟ ଓ ଭକ୍ତି। ତୁମେ ଅପୂର୍ବ, ତୁମର ସୃଷ୍ଟି ମଧ୍ୟ ଅପୂର୍ବ। ତୁମେ ମୋତେ ଭଲ କରି ଜାଣ ତୁମ ପାଇଁ ମୋର ଏ ଶରୀରରେ କିଛି ଅଜ୍ଞାତ ନାହିଁ, କାରଣ ମୋର ଏ ଶରୀର କିପରି ବିନ୍ଦୁ ବିନ୍ଦୁ ହୋଇ ଗଢ଼ା ହେଲା, ସେ ସବୁର ସାକ୍ଷୀ ତୁମେ। ଅଙ୍ଗହୀନ ହୋଇ ମାତୃଗର୍ଭରେ ଥିଲାବେଳେ ତୁମେ ମୋତେ ଦେଖିଛ, ସେସବୁ ତୁମ ଖାତାରେ ଲେଖା ହୋଇ ରହିଛି। ତୁମେ ଆହୁରି ଦେଖିଛ କିପରି ଦିନ ପରେ ଦିନ ପ୍ରତ୍ୟେକଟି ଅଙ୍ଗ ଠିକ୍ ଭାବରେ ବଢ଼ି ଉଠିଛନ୍ତି।"

ସେଦିନ ରାତିରେ ମୋତେ ନିଦ ହେଲା ନାହିଁ। ବାଙ୍ଗାଲୋର୍ ବନ୍ଧୁମାନଙ୍କୁ ବି ମୁଁ ଶୁଆଇ ଦେଲି ନାହିଁ। ଅଗଣାର ବିଛଣା ଅଗଣାରେ ପଡି ରହିଲା। ଆମେ କେତେଜଣ ବନ୍ଧୁ ସମସ୍ତେ ଶୋଇଲା ପରେ ଖସି ଚାଲି ଆସିଲୁ। ପୂର୍ଣ୍ଣଚନ୍ଦ୍ରର ଶୀତଳ କିରଣ ତଳେ ଗୋଟିଏ ବାଲିଗଦାରେ ଗୋଲ ହୋଇ ବସି ବାବାଙ୍କ ବାଣୀର ଗୁରୁତ୍ୱ ସମ୍ବନ୍ଧରେ ପୁଣି ଆଲୋଚନା କରିବାରେ ଲାଗିଲୁ।

ବାବା ଏପରି ସ୍ୱାଭାବିକ ଭାବରେ, ଏପରି ସହଜରେ, ଏପରି ଦୃଢ଼ତାର ସହ କଥାଟି କହିଲେ ଯେ ସେଥିରେ ଟିକିଏ ହେଲେ ରହସ୍ୟ, ପରିହାସ ବା କଳ୍ପନା-ବିଳାସ ଆମ ଆଖିରେ ପଡ଼ିଲା ନାହିଁ। ଏ ଘୋଷଣା ପଛରେ ଆତ୍ମପ୍ରୌଢ଼ିର ଚିହ୍ନ ବି ନଥିଲା। ଡକ୍ଟର ତିରୁମଲାଚାର ମତ ଦେଲେ ଶ୍ରୀ ରାମକୃଷ୍ଣ ବି କହିଥିଲେ ଯେ ସେ ହେଉଛନ୍ତି ମଣିଷ ଦେହରେ ପୁନରାଗତ ରାମ୍ କୃଷ୍ଣ। ମାତ୍ର ସେ ଏ କଥା କହିଥିଲେ ଜୀବନର ଶେଷ ମୁହୂର୍ତ୍ତରେ, ଗୁରୁଙ୍କର ପ୍ରକୃତ ପରିଚୟ ସମ୍ବନ୍ଧରେ ଶ୍ରୀ ରାମକୃଷ୍ଣଙ୍କ ମୁହଁରୁ ହିଁ ଶୁଣିବାପାଇଁ ସ୍ୱାମୀ ବିବେକାନନ୍ଦ ଯେତେବେଳେ ମନେ ମନେ ଭାବୁଥିଲେ, "ଅନ୍ତତଃ ଏବେ ଯଦି ସେ କହିଦିଅନ୍ତେ...." ।

ଶ୍ରୀ ରନ୍ନାୟା କହିଲେ, ଭଗବାନ ଶ୍ରୀକୃଷ୍ଣ ଗୀତାରେ ଘୋଷଣା କରିଛନ୍ତି ତାଙ୍କର ଈଶ୍ୱରସ୍ୱରୂପ ସମସ୍ତଙ୍କୁ କହିବା ଠିକ୍ ନୁହେଁ। "ଯେଉଁମାନେ ଭକ୍ତି ଓ ତପସ୍ୟାବିହୀନ, ଯେଉଁମାନେ ସେବାପରାୟଣ ନୁହନ୍ତି, କିମ୍ବା ଯେଉଁମାନେ ମୋତେ ସମାଲୋଚନା କରନ୍ତି ସେମାନଙ୍କୁ ମୋର ଦୈବତ୍ୱ କଥା କହିବୁ ନାହିଁ", ସେ କହିଯାଇଛନ୍ତି। ମାତ୍ର ଏଠି ହଲରେ ଚାଲୁ ଚାଲୁ ବାବା ଆମକୁ ସମସ୍ତେ ଶୁଣିବା ଭଳି ଘୋଷଣା କଲେ ଏହି 'ଗୁହ୍ୟାତ୍ ଗୁହ୍ୟତମଂ ଜ୍ଞାନଂ' ! ମତେ ଏହା ହିଁ ସବୁଠୁ ବଡ଼ ଆଶ୍ଚର୍ଯ୍ୟ ଲାଗୁଛି।'' ସେ କହିଲେ।

ଆଉ ଜଣେ ବନ୍ଧୁ ମତ ଦେଲେ, "ଏଇ ତରୁଣ ବାବା ଜନ୍ମ ହୋଇଥିଲେ ଲଣ୍ଡା ପାହାଡମାଳ ଘେରା, ଦାରିଦ୍ର୍ୟ-ପ୍ରପୀଡ଼ିତ ଏ ଗାଁର ମାଟି କାନ୍ଥ ଓ ଶୁଖିଲା ଘାସର ଛାତ ଥିବା

ଗୋଟାଏ ଛୋଟ କୁଡିଆରେ । ଏ ବାଲିରେ ଖେଳି, ନଈକୂଳରେ ଗାଈଗୋରୁ ଚରାଇ ତାଙ୍କ ବାଲ୍ୟକାଳ କଟିଲା । କାଦୁଅ ଘୋଡ଼ାଇ ହୋଇଥିବା ହୀରାଖଣ୍ଡ ପରି ସେ ଏବେ କାଦୁଅ ଭିତରେ ହିଁ ଆପଣା ଜ୍ୟୋତିରେ ଭାସ୍ୱର ହୋଇ ଉଠୁଛନ୍ତି । ଏ ଗାଁଟି ଯେ ଦିନେ ମର୍ତ୍ତ୍ୟର ସ୍ୱର୍ଗଭୂମି ହୋଇଉଠିବ ଏହା କିଏ ବିଶ୍ୱାସ କରିବ ?"

ଆମରି ସ୍ରଷ୍ଟା ଓ ପଥଦ୍ରଷ୍ଟାଙ୍କ ପାଖରେ ଥାଇ ତାଙ୍କୁ ବୁଝିବା ପାଇଁ ଆମେ ଯେ ଏହି ତାରାଖଚିତ ଆକାଶ ତଳେ ପୂର୍ଣ୍ଣିମା ରାତିରେ ବାଲିରେ ଆସି ଏକାଠି ବସିବୁ, ଏ ଉପଲବ୍ଧି ଆମକୁ ଏକ ଅଜ୍ଞାତ ବିନୟଯୁକ୍ତ ଗର୍ବ, ଆତ୍ମବିଶ୍ୱାସ ଏବଂ ଶୂନ୍ୟତାର ସମ୍ପଦରେ ଭରିଦେଲା । ବାବା ଜାଣିଥିଲେ ଯେ ଆମେ ଅଗଣାରୁ ଉଠି ଆସିଛୁ ଅଧିକ ଆନନ୍ଦ ଓ ବୁଝାମଣା ଧରି ଫେରି ଆସିବା ପାଇଁ, ତେଣୁ ସେ ଆମକୁ ତିରସ୍କାର କରି ନଥିଲେ ।

ତକିଆରେ ମୁଣ୍ଡଟି ଥାଏ, ମାତ୍ର ମୁଁ ଘୂରି ବୁଲୁଥାଏ, ଗୀତାର ସେ ଶ୍ଲୋକଟି ଘରିପାଖରେ : (ଅ: ୨, ଶ୍ଲୋ:୨୯)

"ଆଶ୍ଚର୍ଯ୍ୟବତ୍ ପଶ୍ୟତି କଶ୍ଚିଦେନଂ ଆଶ୍ଚର୍ଯ୍ୟବତ୍ ବଦତି ତଥୈବ ଚାନ୍ୟଃ ।
ଆଶ୍ଚର୍ଯ୍ୟବତ୍ ଚୈନମନ୍ୟଃ ଶୃଣୋତି ଶ୍ରୁତାପ୍ୟେନଂ ବେଦ ନ ଚୈବ କଶ୍ଚିତ୍ ।"

କେହି କେହି ଏହାକୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହନ୍ତି, କେହି କେହି ଏହାକୁ ଆଶ୍ଚର୍ଯ୍ୟ ବୋଲି କହନ୍ତି, କେହି ବା ଆଶ୍ଚର୍ଯ୍ୟ ହୋଇ ଏହା ବିଷୟରେ ଶୁଣନ୍ତି । ମାତ୍ର କେହିହେଲେ ଏହାକୁ ବୁଝିପାରନ୍ତି ନାହିଁ । ମୁଁ ବାବାଙ୍କୁ ଦେଖିଲି । ସେ ମୋ ସାଙ୍ଗେ କଥା ହେଲେ, ମୁଁ ବି ତାଙ୍କ ସାଙ୍ଗେ କଥା ହେଲି । ତାଙ୍କ ବିଷୟରେ ଅନେକଙ୍କଠାରୁ ଅନେକ କଥା ଶୁଣିଲି । ଏସବୁ ସତ୍ତ୍ୱେ ସେ ଆମର ସମସ୍ତ ବିଚାର, ସମସ୍ତ କଳ୍ପନା ଓ ବୋଧଶକ୍ତିର ଊର୍ଦ୍ଧ୍ୱରେ ଜଣେ ପରମ ଆଶ୍ଚର୍ଯ୍ୟ ! ମୋ ପାଖରେ ବେଲୁରୀ ଖଟ ଉପରେ ଗୋଡ ଜାକି ଶୋଇଥିବା ମଣିଷଟି କ'ଣ ମଣିଷ ରୂପରେ ପ୍ରକଟିତ ବ୍ରହ୍ମସତ୍ତା ହୋଇପାରେ ? ମୋର ବିଶ୍ୱାସବର୍ଜିତ ବିଶ୍ୱାସ ମୋତେ କ'ଣ ସାହାଯ୍ୟ କରିପାରିବ ତାଙ୍କୁ ସଂପୂର୍ଣ୍ଣ ଭାବରେ ଗ୍ରହଣ କରିନେବା ପାଇଁ ?

ବାବାଙ୍କ ସାଙ୍ଗରେ ମନ୍ଦିରରେ କେତୋଟି ଦିନର ରହଣୀ ଥିଲା ଏକ ଅପୂର୍ବ ଶିକ୍ଷା । ଏହା ଆମ ମଧ୍ୟରେ ଜାତ କରାଇଥିଲା ଭାରତୀୟ ସଂସ୍କୃତିର ମୌଳିକ ଆଧାର ପ୍ରତି ଆମର ଭକ୍ତିଯୁକ୍ତ ଶ୍ରଦ୍ଧା ଓ ଆମକୁ ଶିଖାଇଥିଲା ନିର୍ମଳ ପ୍ରେମର ଧାରା । ମୁଁ ଦେଖିଲି ତ୍ରିଚିନାପଲ୍ଲୀ ନିକଟରେ ଥିବା ଏକ ଗାଁରୁ ବାପା-ମା ଆସିଛନ୍ତି ତାଙ୍କର ପାଞ୍ଚବର୍ଷର ପୁଅକୁ ଧରି । ଉଦ୍ଦେଶ୍ୟ ବାବା ପିଲାଟିର ଅକ୍ଷରାଭ୍ୟାସ କରାଇବେ । ମାତ୍ର ବାବା ସେମାନଙ୍କୁ ସେମାନଙ୍କ ପ୍ରାର୍ଥନାଠାରୁ ଆହୁରି ବେଶୀ ଦେଇଥିଲେ । ବାବା ସେମାନଙ୍କୁ କହିଲେ ଶାସ୍ତ୍ର ଅନୁସାରେ ଯେଉଁ କେତୋଟି

ବିଧାନ ପାଳିବା କଥା ସେମାନେ ସେସବୁ ପାଳି ନାହାନ୍ତି। ସେ ପିଲାଟିର ମୁଣ୍ଡରୁ କେରାଏ ବାଳ କାଟିଦେଲେ ଓ ତାଙ୍କ ଆଗରେ ପିଲାଟିକୁ ଲଣ୍ଡା କରିବାକୁ କହିଲେ। ତାପରେ ଶୂନ୍ୟରେ ଚଳମାନ ତାଙ୍କ ପାପୁଲିରୁ ବାହାରି ଆସିଲା ୨ ଖଣ୍ଡ ସୁନା ତାର । ତାରଟିର ମୁନିଆ ଅଗରେ ପିଲାଟିର କାନ ଫୋଡି କାନରେ ହିଁ ଗୁଡାଇ ଦେଲେ ତାରଟିକୁ, କାରଣ ହିନ୍ଦୁ ଘରର ପ୍ରତ୍ୟେକ ପିଲାର କାନଫୋଡା ଏକ ଆବଶ୍ୟକ ବିଧାନ। ତାପରେ ପିଲାଟିକୁ ନିଜ କୋଳରେ ବସାଇଲେ, ଏବଂ ଡାହାଣ ହାତର ଆଙ୍ଗୁଠି ଧରି ସିଲଟରେ ଲେଖାଇ ଦେଲେ ମହାମନ୍ତ୍ର ପ୍ରଣବ। ଓଁ ପ୍ରତ୍ୟେକ ଧ୍ୱନିର ଆଦିଧ୍ୱନି। ମଣିଷର ଶବ୍ଦ କଣ୍ଠରୁ ଜାତ ହୋଇ ଓଠ ଆଗରେ ମିଳାଇ ଯାଏ; ପ୍ରଣବର ଜାତସ୍ଥାନ ସେହିପରି କଣ୍ଠ ଓ ଲୀନସ୍ଥାନ ଓଠ।

ସେ ସମୟରେ ବାବା ଅନେକ ସମୟରେ ବାଙ୍ଗାଲୋରରେ ଥିବା ଭକ୍ତମାନଙ୍କ ଘରକୁ ଯାଉଥିଲେ। ଏପରି ସୁଯୋଗକୁ ମୁଁ ଓ ମୋର ପତ୍ନୀ କେବେହେଲେ ହାତଛଡା କରୁ ନଥିଲୁ। ବୋଉ ମଧ୍ୟ ଆଗ୍ରହ ଓ ଉତ୍ସାହର ସହ ଆମ ସାଙ୍ଗେ କୃପାପ୍ରାର୍ଥିନୀ ହେଉଥିଲା। ତାଙ୍କ ପାଦ ଛୁଇଁବାକୁ ଶହ ଶହ ଭକ୍ତ ଘେରି ରହିଥିଲେ ବି ସେ ଆମକୁ ଏକ ମଧୁର ହସ ବା ଆଶୀର୍ବାଦ ମାଧ୍ୟମରେ ସଙ୍କେତ ଦେଉଥିଲେ ଯେ ସେ ଆମକୁ ଦେଖିଛନ୍ତି ଓ ଆମେ ପାଖକୁ ଯାଇପାରୁ। ବାଙ୍ଗାଲୋରରେ ବାବା ସାଧାରଣତଃ ମୁଖ୍ୟ କମର୍ସିଆଲ ସୁପରିନ୍‌ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ପୂର୍ଣ୍ଣୟାଙ୍କ ଘରେ ରହୁଥିଲେ। ତାଙ୍କର ପତ୍ନୀ ନାଗମଣି ଆମ୍ମା ବାବାଙ୍କ ପ୍ରତ୍ୟେକ ଭକ୍ତଙ୍କ ସାଦର ତତ୍ତ୍ୱ ନେଉଥିଲେ। ବାବା ସେଠାରେ ରହିବା ସମୟରେ ତାଙ୍କ ଘର ସମସ୍ତଙ୍କ ପାଇଁ ଅବାରିତ ଥିଲା। ବାବା ତାଙ୍କ ଘରୁ ପୁଟ୍ଟପର୍ତ୍ତି ଫେରିଗଲେ ବା ଅନ୍ୟ କୁଆଡ଼େ ଗଲାପରେ ମଧ୍ୟ ସେ ବାବାଙ୍କର ଯେଉଁସବୁ ଚମତ୍କାର ଲୀଳା ଆଖିରେ ଦେଖିଥିଲେ ସେ ବିଷୟରେ ଭକ୍ତମାନଙ୍କ ସହ ଅନେକ ସମୟରେ କଥା ହେଉଥିଲେ। ଆମେ ତାଙ୍କ ଘରକୁ ଆକୃଷ୍ଟ ହେଲୁ, କାରଣ ବାବାଙ୍କର ଯେଉଁ ଲୀଳା କାହାଣୀ ସେ କହୁଥିଲେ ସେସବୁ ବାସ୍ତବ ଆଖିଦେଖା ଘଟଣା ଥିଲା ଓ ଏସବୁ ଶୁଣିବାରେ ଆମର ତୃଷ୍ଣା ବି ଥିଲା ଅସରନ୍ତି। ତାଙ୍କଠାରୁ ଯେତେ ଶୁଣିଲେ ବି ଆହୁରି ଶୁଣିବାକୁ ଇଚ୍ଛା ହୁଏ, ମନର ତୃଷ୍ଣା ଆଦୌ ମରେନା।

ବାଙ୍ଗାଲୋରରେ ଥିବା ଚିଞ୍ଚୋଲୀ ରାଣୀଙ୍କ ଭଉଣୀଙ୍କ ଘରକୁ ଯାଇଥିବାବେଳେ ବାବା ଆମକୁ ତାଙ୍କ ବୈଠକଖାନାକୁ ଆସିବାକୁ ଡାକିଥିଲେ। ସାନ ଭଉଣୀ ସୀତାମ୍ମା ମହୀଶୂରର ମହରାଣୀ କଲେଜରେ ବି.ଏ ପଢୁଥିଲାବେଳେ ମୋର ଛାତ୍ରୀ ଥିଲା। ବାବା ସେମାନଙ୍କ ସହ କନ୍ନଡ ଭାଷାରେ କଥା ହେଲେ, ଫଳରେ ଆମେ ବାବାଙ୍କର ହାସପରିହାସ ସଂପୂର୍ଣ୍ଣ ଉପଭୋଗ

କରିପାରିଥିଲୁ । ଉଭୟ ଭଉଣୀ ବିଧବା ହୋଇଯାଇଥିଲେ । ବଡ଼ ଭଉଣୀ ରାଜାମ୍ମାର ଝିଅଟିଏ ମରିଯାଇଥିଲା, ମାତ୍ର ପୁଅଟିଏ ଓ ଝିଅଟିଏ ଭଲ ଥିଲେ । ସେମାନଙ୍କ ବୁଢ଼ୀ ମା ସେମାନଙ୍କ ପାଖରେ ଥିଲେ । ବାବା କିଛିଦିନ ତଳେ ସେମାନଙ୍କ ବଡ଼ ଭଉଣୀ ରାଣୀ ଘରେ ହାଇଦ୍ରାବାଦରେ ଥିବା ସମୟର କଥା ମନେ ପକାଉଥିଲେ । ସେତେବେଳେ ରାଜାକାରମାନଙ୍କର ଦଙ୍ଗା ସବୁଠାରୁ ଅଧିକ ତୀବ୍ର ଥିଲା । ବାବା ଅନେକ ଘଟଣାରେ କିପରି ରାଣୀ ଓ ତାଙ୍କ ଲୋକମାନଙ୍କୁ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କରିଥିଲେ, ତାହା ବର୍ଣ୍ଣନା କରୁଥିଲେ । ସେ ଶିରଡିରେ ଥିଲାବେଳେ ଚିଞ୍ଚୋଲୀ ରାଜାଙ୍କର ଗଭୀର ଭକ୍ତି କଥା ଉଲ୍ଲେଖ କରି ଗରିବ ଲୋକଙ୍କର ଦୁଃଖ ଯନ୍ତ୍ରଣା କିପରି ରାଜାଙ୍କ ହୃଦୟକୁ ତରଳାଇ ଦେଉଥିଲା ତାହାର ନିଦର୍ଶନ ମଧ୍ୟ ଦେଉଥିଲେ । ତା'ପରେ ବାବା ଆତ୍ମସମର୍ପଣ ସାଧନା ସମ୍ପର୍କରେ କହିବାକୁ ଆରମ୍ଭ କଲେ । "ଭଗବାନଙ୍କ ପାଖରେ ନିଜକୁ ସମର୍ପଣ କଲି ବୋଲି କହିଦେବା ସହଜ, ମାତ୍ର ଆତ୍ମସମର୍ପଣ କରିବାର ସ୍ୱାଧୀନତା ଯେ ତୁମର ନାହିଁ ! ତୁମେ ନିଜକୁ ଆପଣାର ଇନ୍ଦ୍ରିୟମାନଙ୍କ ହାତରେ ଟେକି ଦେଇଛ; ଅନ୍ୟ କୌଣସି ଉନ୍ନତତର ଆଦର୍ଶଠାରେ ନିଜକୁ ଅର୍ପଣ କରିବାକୁ ସେମାନେ କ'ଣ ତୁମକୁ ଛାଡିଦେବେ ?" ବାବା କହୁଥାନ୍ତି । "ତୁମେ ଏବେ ବି ନିଜ ମନର ଦାସ । ମନ ତୁମକୁ କୋଡ଼ିଏ ଦିଗରେ ଭିଡୁଛି । ରାବଣର ଥିଲା ଦଶଟି ମୁଣ୍ଡ । ଦଶଟିଯାକ ମୁଣ୍ଡ ଦଶଟି କୁଚକ୍ରାନ୍ତ ଗଢୁଥିଲେ । ତେଣୁ ଶିବଙ୍କଠାରେ ନିଜକୁ ଅର୍ପି ନ ଦେଇ ଶିବଙ୍କୁ କୈଳାସରୁ ତଡ଼ିବାକୁ ଯେ ସେ ଉଦ୍ୟମ କରିଥିଲା, ଏଥିରେ ବିସ୍ମିତ ହେବାର କ'ଣ ଅଛି ? ବାବା ତାପରେ ମୋ ଆଡ଼କୁ ଅନାଇ ପଚାରିଲେ, "ରାବଣର ସବୁଠୁ ବଡ଼ ଅପରାଧ କ'ଣ ?" ମୁଁ ସଙ୍ଗେ ସଙ୍ଗେ କିଛି ଉତ୍ତର ଦେଇ ପାରିଲି ନାହିଁ । ମାତ୍ର ବାବା ଉତ୍ତର ଦେଇ କହିଲେ, "ପ୍ରକୃତିକୁ ତାର ପ୍ରଭୁଙ୍କଠାରୁ ସେ ଅଲଗା କରି ଦେଲା । ତୁମର ବୈଜ୍ଞାନିକମାନେ ଆଜି ସେଇ ଭୁଲ କରୁଛନ୍ତି । ଦିନେ ସେମାନେ ସେମାନଙ୍କ ସ୍ତାବକ ଓ ଅନୁଗାମୀମାନଙ୍କ ସହିତ ଯାଇ ରସାତଳେ ପଡିବେ । ସୀତା ମା ପୃଥିବୀର କନ୍ୟା, ପ୍ରକୃତି-ସ୍ୱରୂପିଣୀ । ରାବଣ ତାଙ୍କୁ ହରଣ କରିନେଲା । ବୈଜ୍ଞାନିକମାନେ ଆଉ କ'ଣ କରୁଛନ୍ତି ? ସେମାନେ ପ୍ରକୃତିକୁ ଶୋଷଣ କରୁଛନ୍ତି ଓ ତାହା କରୁଛନ୍ତି ବୋଲି ବଡପଣ ମଧ୍ୟ ଦେଖାଇ ହେଉଛନ୍ତି । ରାବଣ ପ୍ରକୃତିର ନାଥ ରାମଚନ୍ଦ୍ରଙ୍କୁ ପାସଙ୍ଗରେ ପକାଇଲା ନାହିଁ । ପ୍ରକୃତିର ନାଥ ଶ୍ରୀରାମଙ୍କୁ ଅବଜ୍ଞା କଲା । ବିଜ୍ଞାନ ବି ଜୀବନକୁ ସମ୍ମାନ କରି ଜାଣେନା, ଏହା ବିନମ୍ର ନୁହେଁ, ପ୍ରକୃତିକୁ ଅପମାନିତ ଓ ଆହତ କରିବାକୁ ପଛାଏ ନାହିଁ ।" ବାବାଙ୍କର ଏ ସମ୍ଭାଷଣରେ ତାଙ୍କ ବ୍ୟକ୍ତିତ୍ୱର ଆଉ ଗୋଟିଏ ଦିଗ ମୁଁ ଦେଖିଲି—ଚଳିତ ଘଟଣାମାନଙ୍କ ସମ୍ବନ୍ଧରେ ତାଙ୍କର ସୁସ୍ପଷ୍ଟ ଓ ନିର୍ମଳ ଅବବୋଧ ।

ବାବା ରାଜାମ୍ମାର ପୁଅ ସାଙ୍ଗେ କଥା ହେଲେ। ସେ ଭାରତୀୟ ପୋଲିସ ସର୍ଭିସ୍ (IPS)ର ଜଣେ ଅଫିସର ଭାବରେ ନିର୍ବାଚିତ ହୋଇ ମାଉଣ୍ଟ୍ ଆବୁଠାରେ ବିଶେଷ ତାଲିମ ନେଉଥିଲା। ନିଜର କର୍ତ୍ତବ୍ୟକୁ ସୁଷ୍ଠୁ ରୂପେ, ଆଇନର ନିର୍ଦ୍ଦେଶ ଅନୁସାରେ ସଂପାଦନ କରିବାକୁ ଉପଦେଶ ଦେଉଥିଲାବେଳେ ବାବା ଗୀତାରୁ ପ୍ରଚୁର ଶ୍ଳୋକ ଉଦ୍ଧାର କରୁଥିଲେ ! ସେ ଯେତେବେଳେ ବାବାଙ୍କୁ ପ୍ରାର୍ଥନା କଲା ବାବା ତାର ପଥଦ୍ରଷ୍ଟା ଓ ରକ୍ଷକର ଦାୟିତ୍ୱ ବହନ କରନ୍ତୁ, ବାବା ଉତ୍ତର ଦେଲେ " ଯେଉଁମାନେ ମୋତେ ଖୋଜନ୍ତି, ସେମାନଙ୍କର ସବୁ ଦାୟିତ୍ୱ ମୁଁ ବହନ କରିଥାଏ। ଏହା ମୋର କର୍ତ୍ତବ୍ୟ। ମୁଁ ମଣିଷକୁ ଭୋକ ଦେଇଚି, ଏଣୁ ତାକୁ ଖାଦ୍ୟ ଦେବାର ଦାୟିତ୍ୱ ବି ମୋର । ମୁଁ ଗଛ ଲଗାଇଛି, ଏଣୁ ତା ମୂଳରେ ପାଣି ଢାଳିବା ମୋର କର୍ତ୍ତବ୍ୟ।" ଆପଣାର ସ୍ୱଭାବ ସମ୍ପର୍କରେ ବାବାଙ୍କର ଏ ଅତୁଳନୀୟ ଘୋଷଣା ଶୁଣି ମୁଁ ସ୍ତମ୍ଭୀଭୂତ ହୋଇଗଲି। ଶିରଡିବାବାଙ୍କ ଜୀବନୀ ସାଇ ସତ୍‌ଚରିତରେ ମୁଁ ପଢ଼ିଥିଲି। ବାବା ସେତେବେଳେ କହିଥିଲେ ତାଙ୍କ ଗନ୍ତାଘରେ ସବୁ ଜିନିଷ ଗଚ୍ଛିତ ଅଛି। ଯିଏ ଯାହା ଚାହିଁବ, ସେ ତାହା ପାଇପାରିବ। ମୁଁ ସେତେବେଳେ ବନ୍ଧୁମାନଙ୍କୁ କହିଥିଲି ଏସବୁ ବାହାପିଆ କଥା। ମାତ୍ର ବାବା ଏବେ ପ୍ରମାଣ କରିଦେଉଛନ୍ତି ଯେ ମୁଁ ହିଁ ବଢ଼ିମା କାଢୁଥିଲି।

ଅନ୍ୟ ଭକ୍ତମାନଙ୍କ ଘରେ ଏପରି କେତେଥର ବାବାଙ୍କ କଥା ଶୁଣିଲା ପରେ ଆମ ଘରେ ତାଙ୍କୁ ଦେଖିବାର ଇଚ୍ଛା ବଳବତୀ ହୋଇଉଠିଲା। ମାତ୍ର ମୁଁ ଆବିଷ୍କାର କଲି ଏ ସୌଭାଗ୍ୟ କେବଳ ଅହେତୁକୀ କୃପାର ଫଳ। କେବଳ ପ୍ରାର୍ଥନା ବିନା ଏହା ଲାଭ କରିବାର ଅନ୍ୟବାଟ ନାହିଁ। ଥରେ ବାବା ଜଣକ ଘରୁ ଭଜନ ପରେ ବାହାରି ଆସୁଥିବାବେଳେ ମୋ ବୋଉ ତାଙ୍କ ଆଗକୁ ଯାଇ ଏ ପ୍ରାର୍ଥନା ନିବେଦନ କଲା। ବାବା କହିଲେ " ହଁ, ମୁଁ ଯିବି।" ସେ ତିନିଥର ମୁଁ ଯିବି ବୋଲି କହିଲେ ସିନା, ମାତ୍ର କେବେ ? ଯେବେ ତାଙ୍କର ମନ ହେବ। ତେବେ ସେ ଯେ ଆସିବାକୁ ହଁ କରିଛନ୍ତି ଏହା ମୋ ପକ୍ଷରେ ପରମ ଆଶ୍ୱାସନାର ବାଣୀ ଥିଲା।

୧୯୪୮ର ଜନ୍ମଦିନ ଓ ତା ପରବର୍ଷ ଶିବରାତ୍ରି ଫେବୃୟାରୀରେ ଆମେ ପୁଟ୍ଟପର୍ତ୍ତିରେ ଥିଲୁ। ଉଭୟ ଉତ୍ସବ ଖୁବ୍ ସରଳ ମାତ୍ର ମଧୁର ଥିଲା, କାରଣ ଉଭୟ ଉତ୍ସବରେ ପ୍ରାୟ ଶହେଯାଏ ଭକ୍ତ ହିଁ ଥିଲେ। ବାବା ଗାଁର ଆବାଳବୃଦ୍ଧବନିତା ସମସ୍ତଙ୍କ ଉପରେ କୃପା ବର୍ଷା କରିଥିଲେ। ଜନ୍ମଦିନ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ସେଦିନର ଭୋଜି। ଶିବରାତ୍ରିରେ ସାରା ରାତି ଉଜାଗର ରହି ଆମେ ଭଜନ କରିଥିଲୁ। ଲିଙ୍ଗ ଉଦ୍‌ଭବ ସମୟରେ ବାବା ଗୋଟିଏ ଛୋଟ

କୋଠରୀକୁ ଚାଲିଯାଇଥିଲେ। ଲିଙ୍ଗୋଦ୍‌ଭବର ପରମ ମୁହୂର୍ତ୍ତରେ ତାଙ୍କ ପାଖରେ ତାଙ୍କ ବୟସର ଦୁଇଜଣ ତରୁଣଙ୍କୁ ଛାଡ଼ି ଦେଲେ ଆଉ କେତେଜଣ ମାତ୍ର ଥିଲେ। ଅବଶ୍ୟ ସମସ୍ତେ ଏହି ଲିଙ୍ଗ ଦର୍ଶନର ସୁଯୋଗ ପାଇଥିଲେ। ଶିବରାତ୍ରି ଦିନଠାରୁ ଗାଁଲୋକଙ୍କର ଗୁଡ଼ ରନ୍ଧା ଆରମ୍ଭ ହୁଏ। ଏଣୁ ଗାଁର ଲୋକେ ଶଗଡରେ ଆଖୁ ବୋଝେଇ କରି ବହୁ ସଂଖ୍ୟାରେ ବାବାଙ୍କ ପାଖକୁ ଆସିଥିଲେ ବେଶି ରସ ବାହାରିବା ଓ ଗୁଡ଼ ବ୍ୟବସାୟରେ ଭଲ ଦିପଇସା ଲାଭ ହେବା ନିମନ୍ତେ ବାବାଙ୍କ ଆଶୀର୍ବାଦ ପାଇବାକୁ ।

ବାଙ୍ଗାଲୋର ସହର ଉପକଣ୍ଠରେ ମୁଁ ଛୋଟିଆ ଘରଟିଏ ଠିଆ କରିଥିଲି। ସେଠାରୁ କଲେଜ ଯିବାପାଇଁ ମତେ ପ୍ରତିଦିନ ଖରାବର୍ଷାରେ ତିନି ମାଇଲ୍‌ରୁ ଅଧିକ ବାଟ ଚାଲି ଚାଲି ଯିବାକୁ ପଡୁଥିଲା। ୧୯୪୯ର ଜୁଲାଇ ମାସରେ ଦିନେ ପ୍ରବଳ ବର୍ଷା ହେଲା। ସେତେବେଳେ ମୁଁ କଲେଜ ଯାଉଥିଲି। କର୍‌ପୋରେସନ୍ ଅଫିସ୍ ପାଖରେ ପହଞ୍ଚିବା ସମୟରେ ଆକାଶକୁ ଦୁଇଭାଗ କରି ବିଜୁଳି ଝଲକିଲା ଓ ଘଡ଼ଘଡ଼ିରେ କାନ ଅତଡ଼ା ପଡିଗଲା। ମୁଁ ଅଫିସ୍‌ର ପିଣ୍ଡାପାଖ ଛାତତଳେ ଯାଇ ଆଶ୍ରୟ ନେଲି। ସେତେବେଳକୁ ସେ ସ୍ଥାନରେ ଓଦା ସରସର ଗଧ, ଗାଈଗୋରୁଙ୍କ ସହ ମଣିଷମାନେ ଭର୍ତ୍ତି ହୋଇ ଯାଇଥିଲେ। ମୁଁ ଜାଣିଥିଲି ଯେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର୍ ସେତେବେଳେ ବାଙ୍ଗାଲୋର୍‌ରେ ଥିଲେ। ମୁଁ ସେତେବେଳେ ଠିକ୍ କଲି ମୁଁ ଯାଇ ତାଙ୍କୁ ଅନୁରୋଧ କରିବି ମୋତେ ଏପରି ଗୋଟିଏ କଲେଜକୁ ସେ ବଦଳି କରିଦିଅନ୍ତୁ ଯେଉଁଠି କଲେଜ ପାଖରେ ମୁଁ ରହିପାରିବି।

ବର୍ଷା କମିଗଲା ପରେ ଛାତତଳୁ ବାହାରି କଲେଜ ଧାଇଁଲି। ରାସ୍ତା ସେପାଖରେ କେନ୍ଦ୍ରୀୟ କଲେଜରେ ରେଜିଷ୍ଟ୍ରାର୍ ନିଶ୍ଚୟ ଥିବେ, ମାତ୍ର ମୁଁ ଭାବିଲି ପ୍ରଥମେ କ୍ଲାସଟା ନେଇଯିବି, ତା'ପରେ ଆସି ତାଙ୍କୁ ମୋ ଗୁହାରୀ ଜଣାଇବି। ମାତ୍ର କଲେଜ ମୁହଁରେ ହିଁ ପ୍ରିନ୍‌ସପାଲ ଡକ୍ଟର ତିରୁମଲାଚାର ମୋ ପାଇଁ ଅପେକ୍ଷା କରିଥିଲେ। ମୋତେ ଦେଖୁ ଦେଖୁ କହିଲେ, "ଅଭିନନ୍ଦନ, ଆପଣଙ୍କୁ ଦାବନଗିରେ ଇଣ୍ଟରମିଡିଏଟ୍ କଲେଜକୁ ପ୍ରିନ୍‌ସପାଲ ହୋଇ ଯିବାକୁ ପଡିବ। ବିଶ୍ୱବିଦ୍ୟାଳୟର ଆଦେଶ ଏଇ ପହଞ୍ଚିଲା। ଆସନ୍ତା କାଲି ଗୁରୁବାର। ଶୁଭଦିନ। ଆପଣ ବର୍ତ୍ତମାନ ଟେଲିଗ୍ରାମ ପଠାଇ ଦିଅନ୍ତୁ। ଆଜି ସନ୍ଧ୍ୟା ନଅଟା ଟ୍ରେନ୍ ଧରନ୍ତୁ। କାଲି ସକାଳ ସାତଟାରେ ସେଠାରେ ପହଞ୍ଚିଯିବେ।"

ପ୍ରଥମ ସାକ୍ଷାତ୍‌କାରରେ ହିଁ ବାବା ମୋତେ ପ୍ରତିଶ୍ରୁତି ଦେଇଥିଲେ ମୋର ଦରମା ଓ ପଦମର୍ଯ୍ୟାଦା ବଢ଼ିବ। ତାଙ୍କ କଥା ସତ ହେଲା। ତାଙ୍କର ସଂକଳ୍ପ ଫଳିଲା। ତେଣୁ ଗୁରୁବାର

ଦିନ ମୁଁ ବିଦାୟୀ ପ୍ରିନ୍‌ସପାଲ ଶ୍ରୀଯୁକ୍ତ ଓ. କେ. ନାମ୍ବିୟାରଙ୍କୁ ଭେଟିଲି ଓ ତାଙ୍କ ମୁଣ୍ଡରୁ ମୋ ମୁଣ୍ଡକୁ କଣ୍ଟାର ମୁକୁଟ ଖସି ଆସିଲା । ସେ ଅତି ଆନନ୍ଦରେ ମୁକୁଟକୁ ମୋତେ ଦେଇଦେଲେ ।

ମୁଁ ପରେ ପରେ ଶୁଣିବାକୁ ପାଇଲି ଯେ କଲେଜଟି ଜାତି ଓ ଗୋଷ୍ଠୀବିବାଦର ଉତ୍ତପ୍ତ ରଙ୍ଗଶାଳା ହୋଇଉଠିଛି ! ବିଶ୍ୱବିଦ୍ୟାଳୟର କୁଳପତି ପାଞ୍ଚବର୍ଷ ଭିତରେ ଏ କଲେଜକୁ ଚାରିଜଣ ପ୍ରିନ୍‌ସପାଲ ପଠାଇ ସାରିଲେଣି । ଏଥର ଯଦି ମୋ ଆଗମନ କଲେଜକୁ ସଜାଡି ନପାରେ, ତେବେ ସେ କଲେଜଟିକୁ ବନ୍ଦ କରିଦେବେ ବୋଲି ଧମକ ଦେଇସାରିଛନ୍ତି । ତେଣୁ ମୋ ଅଜାଣତରେ ଏ ସରସ୍ୱତୀ ମନ୍ଦିରକୁ ମୁଁ ଡେମୋକ୍ଲିସ୍‌ର ଖଣ୍ଡା ଧରି ଆସିଥିଲି । ଏସବୁର ସମ୍ଭାବନା ଆଦୌ ସୁଖକର ନଥିଲା, ମାତ୍ର ମୁଁ ବାବାଙ୍କ ଦ୍ୱାରା ହିଁ ପ୍ରେରିତ ହୋଇଥିବାରୁ ମୋର ଦୃଢ଼ବିଶ୍ୱାସ ଥିଲା ମୁକୁଟର କଣ୍ଟାଗୁଡିକ ଫୁଲର ପାଖୁଡ଼ା ପରି କୋମଳ ହୋଇଯିବ, ଆଉ ମୋର ପରିଧାନ ସୁଖକର ହେବ ।

ପ୍ରଥମେ ଅଫିସ୍‌ରେ ବାବାଙ୍କ ଫଟୋଟିଏ ଝୁଲାଇଲି । ଅଫିସ୍‌କୁ ପଶିବା ମାତ୍ରେ ତାଙ୍କର ଆଶୀର୍ବାଦ ମାଗି ଚଉକିରେ ବସେ, ଆଉ ଚେକ୍, ଚିଠି, ନୋଟିସ୍ କିମ୍ବା ଅନ୍ୟ ଯେ କୌଣସି କାଗଜରେ ଦସ୍ତଖତ୍ କଲାବେଳେ ମଧ୍ୟ ମନେ ମନେ ତାଙ୍କୁ ସ୍ମରଣ କରେ । କଲେଜର ଗୋଟିଏ ଗୋଷ୍ଠୀର ପିଲାମାନେ କୌଣସି ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମର ବାସନା ପାଇଲା ମାତ୍ରେ ଉଗ୍ର ହୋଇ ଉଠୁଥିଲେ । ମାତ୍ର ପ୍ରେମର ସାଇ ମନ୍ତ୍ର ଏ ଦୀର୍ଘଦିନର ରୋଗକୁ ସେମାନଙ୍କଠାରୁ ଦୂର କରିଦେଲା ।

ସେଇ ମନ୍ତ୍ର ପଢ଼ି ମୁଁ ଦାବନଗିରେ ହରିଜନ ବସ୍ତିରେ ସେବାର ବୀଜ ପୋତିଲି । ସେଠାରେ ଗୋଟାଏ ବନସ୍ପତି ତେଲର କାରଖାନା ଥିଲା, କାରଣ ସେ ସ୍ଥାନଟି ଉତ୍ତର ମହୀଶୂରର ବାଦାମ ଉତ୍ପାଦନର କେନ୍ଦ୍ର ଥିଲା । ଏହା ବିସ୍ତୃତ କୃଷ୍ଣ-କାର୍ପାସ୍ ମାଟିରେ ତୂଳା ଉତ୍ପାଦନର ମଧ୍ୟ କେନ୍ଦ୍ର ଥିଲା । ତେଣୁ ସେଠାରେ ତିନୋଟି ସୂତାକଳ ବି ଥିଲା । ଦାବନଗିରେରେ ଯେଉଁ ସଂକୀର୍ଣ୍ଣ ହରିଜନ ବସ୍ତି ଥିଲା, ତାହା ଅବହେଳିତ ଓ ପରିତ୍ୟକ୍ତ ଭାବରେ ହିଁ ଥିଲା । ହରିଜନମାନଙ୍କର ମୁଖ୍ୟ କାମ ଥିଲା ସହରକୁ ସଫାସୁତୁରା ରଖିବା । ସେମାନେ ସେମାନଙ୍କ ବସ୍ତିରେ ୧୦ ଫୁଟ ଲମ୍ବ ଓ ୮ ଫୁଟ ଓସାରର ଗୋଟିଏ ମାଟିଘର ତିଆରି କରି ତାକୁ ରାମମନ୍ଦିର ଭାବରେ ବ୍ୟବହାର କରୁଥିଲେ । ଏହି ରାମମନ୍ଦିରକୁ ହିଁ ଆମେ କଲେଜର ସେବା କାର୍ଯ୍ୟକ୍ରମରେ କେନ୍ଦ୍ରଭାବରେ ବାଛିଲୁ । ସେଠାରେ ମୋ କଲେଜର ଛାତ୍ରମାନେ ହରିଜନ ବସ୍ତିର ତରୁଣମାନଙ୍କ ସହ ଭଲିବଲ୍ ଖେଳିଲେ । ଆନନ୍ଦର କଳରୋଳ ଓ ଉତ୍ସାହରେ ବସ୍ତିଟି ଭରି ଗଲା । କେତେଜଣ

ରକ୍ଷଣଶୀଳ ଲୋକ ଏହା ଦେଖି ଭୟ ଓ ଆଶଙ୍କାରେ ଆଖି ଟେକିଲେ। ମାତ୍ର କଲେଜ ଛାତ୍ରମାନଙ୍କର ଆଦର୍ଶବାଦ ସେମାନଙ୍କ ଆପତ୍ତି ଅଭିଯୋଗକୁ ନୀରବ କରିଦେଲା। ଆମେ ମନ୍ଦିର କାନ୍ଥରେ ଗୋଟିଏ ସାପ୍ତାହିକ ସମ୍ବାଦ ବୁଲେଟିନ୍ ନେଇ ମାରିଲୁ। ସେଥିରେ ଆମେ ନାନା ଛବି ମଧ୍ୟ କାଟି ଲଗାଉଥିଲୁ। କୌତୂହଳ ପ୍ରକାଶ କରୁଥିବା ବସ୍ତିର ବୁଢ଼ାବୁଢ଼ୀଙ୍କୁ ଏ ଛବିମାନଙ୍କର ଅର୍ଥ ଆମେ ଖୁସିରେ ବୁଝାଇ ଦେଉଥିଲୁ। ସେମାନଙ୍କ ବସ୍ତିରେ ଆମେ ଭଜନ ଗାଇଲୁ, ହରିକଥା, ସମ୍ଭାଷଣ ଓ ନାଟକମାନ ମଞ୍ଚସ୍ଥ କରିବାର ବ୍ୟବସ୍ଥା କଲୁ। ସହରକୁ କେହି ଭି.ଆଇ.ପି. କିମ୍ବା ମନ୍ତ୍ରୀ ଆସିଲେ ତାଙ୍କୁ ହରିଜନ ବସ୍ତିକୁ ନେଇ ରାମ ମନ୍ଦିରଠାରେ ତାଙ୍କଠାରୁ ବକ୍ତୃତାଟିଏ ମଧ୍ୟ ଝଡ଼ାଉଥିଲୁ। ମ୍ୟୁନିସିପାଲିଟିର କେତେଜଣ କାଉନ୍‌ସିଲରଙ୍କୁ ଏସବୁ କାମ ସୁଖ ଲାଗିଲା ନାହିଁ। ସେମାନେ ଆମକୁ ଆତ୍ମପ୍ରଚାର କରୁଥିବା ଓ ହରିଜନମାନଙ୍କର ମୁହଁବଢ଼ିଆ କରୁଥିବା ଦୋଷରେ ଅଭିଯୁକ୍ତ କରିବା ସଙ୍ଗେ ସଙ୍ଗେ କଲେଜର ପତ୍ରିକାମାନଙ୍କରୁ ଛବି କାଟି ପତ୍ରିକାଗୁଡିକର ଅପବ୍ୟବହାର କରିବା ଅଭିଯୋଗ ମଧ୍ୟ କଲେ। ମାତ୍ର ପିଲାମାନେ ଏମାନଙ୍କର ବିଭ୍ରାନ୍ତ ମତକୁ କାନ ଦେଇ ନଥିଲେ। ଆମ କାର୍ଯ୍ୟକ୍ରମ ଭଲରେ ଚାଲିଲା। କାଉନ୍‌ସିଲର୍‌ମାନଙ୍କ ପୁଅମାନେ ଏଥିରେ ସଂପୃକ୍ତ ଥିବାରୁ ଓ ବଡ଼ଲୋକମାନେ ବସ୍ତିଭିତରକୁ ଯାଉଥିବାରୁ ବାଧ୍ୟ ହୋଇ ମ୍ୟୁନିସିପାଲିଟି ବସ୍ତିର ରାସ୍ତା ଓ ନର୍ଦ୍ଦମାର ସଂସ୍କାର କଲେ ଏବଂ ବସ୍ତି ଲୋକଙ୍କର ଅଭାବ-ଅସୁବିଧା ଦୂର କରିବାକୁ ମନ ଦେଲେ। ମୁଁ ଦାବନଗିରେ ରାମମନ୍ଦିର ସହ ମଲ୍ଲାଡିହାଲ୍ଲୀ ଭଳି କେତୋଟି ଗାଁରେ ମୋ ହରିକଥା ଉପସ୍ଥାପନ କରିଥିଲି। ଦାବନଗିରେରେ ମୋ ଅଧ୍ୟକ୍ଷତାର ଶେଷଦିନ ହରିଜନ ବସ୍ତିରେ ମୁଁ ନନ୍ଦନାରଙ୍କ ଉପରେ ଗୋଟିଏ ହରିକଥା ପରିବେଷଣ କରିଥିଲି। ଏ ନନ୍ଦନାର ଥିଲେ ପଞ୍ଚଦଶ ଶତାବ୍ଦୀରେ ଜଣେ ହରିଜନ ସନ୍ଥ, ଯାହାଙ୍କୁ ମନ୍ଦିରର ପୂଜାରୀମାନେ କାନ୍ଧରେ ବସାଇ ଚିଦାମ୍ବରମ୍‌ର ଶିବ ମନ୍ଦିର ଭିତରକୁ ନେଇଥିଲେ। ଏ ଉତ୍ସବରେ ମହୀଶୂର ସରକାରଙ୍କ ଶିକ୍ଷାମନ୍ତ୍ରୀ ଅଧ୍ୟକ୍ଷତା କରିଥିଲେ।

କଲେଜର ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ମୁଁ ଗୋଟିଏ ନୂତନ ଯୋଜନା ପ୍ରବର୍ତ୍ତନ କରିଥିଲି। ରୋଭର ଦଳଟି ଏ କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱରେ ଥିଲା। ଏହା ହେଲା ସରଳ ଶିକ୍ଷା-ପ୍ରଦର୍ଶନୀ। ଆମେ ପ୍ରାୟ ଶହେଟି ଛବି ସଂଗ୍ରହ କରି ସବୁଗୁଡ଼ିକୁ ସମାନ ଆକାରର ଫ୍ରେମ୍‌ରେ ବନ୍ଧେଇ କଲୁ। ଏଥିରୁ ପଚାଶଟି ବୟସ୍କମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଓ ପଚାଶଟି ପିଲାଙ୍କୁ ଶିକ୍ଷା ଦେବା ନିମନ୍ତେ ଉଦ୍ଦିଷ୍ଟ ଥିଲା। ଏଥିରେ ଆମେ ପଦାର୍ଥ ଓ ରସାୟନ ବିଜ୍ଞାନ ସମ୍ବନ୍ଧୀୟ କୋଡିଏଟି ପରୀକ୍ଷା ଲୋକଙ୍କ ଆଗରେ କରି ଦେଖାଉଥିଲୁ, ସେମାନଙ୍କ

ବିସ୍ମୟ ଓ କୌତୂହଳ ବଢ଼ାଇବା ନିମନ୍ତେ। ଆମ ଶିକ୍ଷା ପ୍ରଦର୍ଶନୀରେ ଥିଲା ନାନାପ୍ରକାରର ଶାମୁକା, ପ୍ରବାଳ, ପକ୍ଷୀବସା, ମୟୂରପୁଚ୍ଛ ଏବଂ ହରିଣ ଶିଙ୍ଗ। ଏସବୁକୁ ବାକ୍ସରେ ପୂରାଇ ଆମେ ବସ୍‌ରେ ଗାଁ ଗାଁ ବୁଲୁଥିଲୁ। ବେଳେବେଳେ ତିରିଶି ମାଇଲ୍ ଦୂର ଗାଁକୁ ମଧ୍ୟ ଯାଉଥିଲୁ।

ଗାଁକୁ ଯାଇ ସେଠା ସ୍କୁଲର ହଲ୍‌ରେ ଆମ ପ୍ରଦର୍ଶନୀ ଖୋଲୁଥିଲୁ। କେତେଜଣ ପିଲା ପ୍ରଦର୍ଶନୀ ସଜାଡୁଥିଲେ, କେତେଜଣ ବିଜ୍ଞାନ ସମ୍ବନ୍ଧୀୟ ପରୀକ୍ଷାର ପ୍ରସ୍ତୁତିରେ ଲାଗୁଥିଲେ, କେତେଜଣ ରାସ୍ତା ପର୍ଯ୍ୟନ୍ତ ପତାକା ଓ ଆମ୍ବଡାଳ ବାନ୍ଧୁଥିଲେ। ଜଣେ ରୋଭର୍ ସ୍କାଉଟ୍ ଗୋଟିଏ ଢୋଲ ଧରି ସ୍କୁଲ ଫାଟକ ପାଖରେ ପିଟୁଥିଲା। ଗାଁ ଲୋକେ ଆଗ୍ରହୀ ହୋଇ ଦେଖିବାକୁ ଆସିଲେ ନାରୀ, ପୁରୁଷ ଓ ପିଲାମାନଙ୍କୁ ଭିନ୍ନ ଭିନ୍ନ ଧାଡ଼ିରେ ନେଇ ପ୍ରଦର୍ଶନୀ ବୁଲାଇବା ଦାୟିତ୍ୱରେ ଥିଲେ ଆଉ କେତେଜଣ ସ୍କାଉଟ୍।

ଶିକ୍ଷକମାନଙ୍କୁ ମଧ୍ୟ ଶୁଖିଲା ଘୋଷାବିଦ୍ୟା ପଢ଼ାଇବାର ମନୋଭାବ ଛାଡ଼ିବା ପାଇଁ ଉତ୍ସାହିତ କରୁଥିଲି। କଲେଜର ଅଧ୍ୟାପକମାନଙ୍କ ନିମନ୍ତେ ମୁଁ ପନ୍ଦର ଦିନକୁ ଥରେ ଏକାଠି ହେବାର ବ୍ୟବସ୍ଥା କରିଥିଲି। ଅଧ୍ୟାପକମାନେ ପାଳି କରି ଖିଆପିଆର ବ୍ୟବସ୍ଥା କରୁଥିଲେ। ଏହା ଫଳରେ ଅଧ୍ୟାପକମାନଙ୍କ ମଧ୍ୟରେ ଭ୍ରାତୃତ୍ୱ ବଢ଼ିଲା ଓ କ୍ରମଶଃ ଏସବୁ ସମାବେଶମାନଙ୍କରେ ପାନ-ଭୋଜନର ଉତ୍କର୍ଷ ପାଇଁ ଅଧ୍ୟାପକମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଗଲା। ଏସବୁ ସମାବେଶ ଅତି ଆନନ୍ଦ ଓ ହର୍ଷଭରା ଉତ୍ସବ ଥିଲା। ସେ ସମୟରେ ଦାବନଗିରେ ବମ୍ବେ ପ୍ରେସିଡେନ୍‌ସିଠାରୁ ୧୦ ମାଇଲ୍ ଓ ମାଡ୍ରାସ୍ ପ୍ରେସିଡେନ୍‌ସିଠାରୁ ପ୍ରାୟ ୩୦ ମାଇଲ୍ ଦୂରରେ ଥିଲା। ଉଭୟ ପ୍ରେସିଡେନ୍‌ସିରେ ବହୁ କନ୍ନଡ଼ ଭାଷାଭାଷୀ ଲୋକ ଥିଲେ, ଏବଂ ପାରିବାରିକ, ସାଂସ୍କୃତିକ ବ୍ୟାବସାୟିକ ସମ୍ପର୍କ ଦୃଷ୍ଟିରୁ ମହୀଶୂର ରାଜ୍ୟ ସହ ଆବଦ୍ଧ ଥିଲେ। କଲେଜର ଅଧ୍ୟାପକ ବନ୍ଧୁମାନଙ୍କୁ ଘେନି ମୁଁ ବମ୍ବେ ଓ ମାଡ୍ରାସ୍ ପ୍ରେସିଡେନ୍‌ସିରେ ଥିବା ଆଖପାଖ ଗାଁମାନଙ୍କୁ ଯାଉଥିଲି। ସେଠାରେ ମରାଠୀ, ଉର୍ଦ୍ଦୁ ଓ ତେଲୁଗୁ ଭାଷାର ପ୍ରଭାବ ଅଧିକ ଥିଲା। ସେ ଗାଁରେ ଆମେ କନ୍ନଡ଼ ରାଜ୍ୟର ଗୌରବ କବି, ଭକ୍ତ, ସାଧୁସନ୍ଥ, ପଣ୍ଡିତ, ସଂସ୍କୃତି, ପୁରାଣ ସମ୍ବନ୍ଧରେ କହୁଥିଲୁ। ମୁଁ ଦେଖିଲି ଆମର ଏ ଯୋଜନାକୁ ବିସ୍ତୃତ କରିବା ନିମନ୍ତେ ଅଧ୍ୟାପକ ବନ୍ଧୁମାନେ ଖୁବ୍ ଉତ୍ସାହ ଓ ଆଗ୍ରହ ପ୍ରକାଶ କଲେ। ଆମେ ଏକ ସାଂସ୍କୃତିକ ପ୍ରଚାରଦଳ ଭାବରେ ଦାବନଗିରେଠାରୁ ହୁବ୍‌ଲୀ ପର୍ଯ୍ୟନ୍ତ ରେଳଯାତ୍ରା ବେଳେ ଏବଂ ହସ୍‌ପେଟ୍ ଓ ଗଡ଼ାଗ ପର୍ଯ୍ୟନ୍ତ ବସ୍‌ରେ ଗଲାବେଳେ ଯେତେସବୁ ଗାଁ ପଡ଼େ ସବୁ ଗାଁକୁ ଯାଉଥିଲୁ।

୧୯୫୪ ମସିହା ଏପ୍ରିଲ ମାସରେ ମୁଁ ୫୬ ବର୍ଷ ବୟସରେ ବିଶ୍ୱବିଦ୍ୟାଳୟ ଘକିରୀରୁ ଅବସର ନେଇ ଦାବନଗିରେ ଛାଡିଲି। ତା'ପରେ ବାବାଙ୍କ ପାଖକୁ ଯେତେବେଳେ ଗଲି, ତାଙ୍କୁ କହିଲି, "ସ୍ୱାମୀ, ଆପଣଙ୍କ କୃପାରେ ହିଁ ମୁଁ ସେ ଅପଖ୍ୟାତ ଜାଗାରେ ପାଞ୍ଚ ବର୍ଷ ବଡ଼ ଆନନ୍ଦରେ କଟାଇ ପାରିଥିଲି। ସେଠାରୁ ବିଦାୟ ନେଇ ଆସିଲାବେଳେ ଛାତ୍ରମାନେ ଓ ହରିଜନମାନେ ବହୁ ସଂଖ୍ୟାରେ ମୋତେ ଦେଖା କରିବାକୁ ଆସିଥିଲେ । ସେମାନଙ୍କ ଫୁଲ ଓ ଫୁଲମାଳରେ ମୁଁ ତ ପ୍ରାୟ ପୋତି ହୋଇ ପଡିଥିଲି।" ବାବା ଉତ୍ତର ଦେଲେ, "ଭଲ କଥା" । ତା'ପରେ ମୋ ଆଖି ଆଗରେ ଶୂନ୍ୟରୁ ସେ ବାହାର କଲେ ଗୋଟିଏ ତୁଳସୀ ମାଳା। ମୋତେ ଲାଗିଲା ମାଳାଟି ଘରିଇଞ୍ଚ ଛୋଟ ହେବ। ମାତ୍ର ମୋ ବେକରେ ଗଳାଇଦେବା ପରେ ଦେଖିଲି ଲମ୍ବା ଠିକ୍ ଅଛି। ବାବା ଆମକୁ ପ୍ରତି ମୁହୂର୍ତ୍ତରେ ସାହାଯ୍ୟ କରନ୍ତି, ଆଉ ଆମ କାମ ସରିଗଲା ପରେ ଆମକୁ ଅନୁଗ୍ରହ-ଉପହାରରେ ବୁଡ଼ାଇ ପକାନ୍ତି। ଆମେ ଭୁଲିଯାଉ ଯେ ଆମର ସକଳ କୀର୍ତ୍ତିକଳାପ ତାଙ୍କରି ନିରନ୍ତର ସଜାଗ ଦୃଷ୍ଟି ଓ ଅଖଣ୍ଡ ଅନୁଗ୍ରହର ଫଳ। ଆମେ ଭାବୁ, ଆମେ ନିଜ ବଳରେ ହିଁ ଏସବୁ ହାସଲ କରିଛୁ !

ମାତ୍ର ଅଧ୍ୟକ୍ଷ ପଦରୁ ମୁଁ ଅବସର ନେବା ଆଗରୁ ଅନେକ ଘଟଣା ଘଟିଥିଲା। ବାଙ୍ଗାଲୋରରୁ ମୋ ଝିଅ ମୋତେ ତତ୍କ୍ଷଣାତ୍ ଜଣାଉଥାଏ ବାବା କେବେ ସେଠାରେ ପହଞ୍ଚୁଛନ୍ତି। ମୁଁ ସଙ୍ଗେ ସଙ୍ଗେ ବାଙ୍ଗାଲୋର ଯାଇ ବାବାଙ୍କୁ ଦର୍ଶନ କରେ। ତା ସଙ୍ଗେ ସଙ୍ଗେ ପ୍ରାର୍ଥନା ଜଣାଏ ବାଙ୍ଗାଲୋରରେ ଥିବା ମୋର ଘରେ ତାଙ୍କ ପାଦ ପଡିବା ନିମନ୍ତେ। ସେ ଘରେ ମୋ ଝିଅ ତା ସ୍ୱାମୀ ଓ ପରିବାର ସହ ରହୁଥାଏ। ମୋର ମନେ ଅଛି ବାବାଙ୍କ ଆଗରେ ମୁଁ ଯେତେବେଳେ ପ୍ରଥମ ଥର ସେ ଘୃଣିତ ଅହଙ୍କାରଭରା ଶବ୍ଦଟି (ମୋ ଘର) ବ୍ୟବହାର କଲି, ବାବା ସଙ୍ଗେ ସଙ୍ଗେ କହିଲେ, "ଓହୋ, ସେଇଟା ତୁମର ଗୃହ ?" ମୁଁ ତତ୍କ୍ଷଣାତ୍ ସଂଶୋଧନ କରି ଉତ୍ତର ଦେଲି, ''ନାଇଁ, ନାଇଁ, ସେଇଟା ଆପଣଙ୍କ ଘର। ପୂରାପୂରି ଆପଣଙ୍କର।" ବାବା ତା'ପରେ କାଳ ବିଳମ୍ବ ନ କରି ଉତ୍ତର ଦେଲେ "ମୋ ଘରକୁ ମୋତେ ଡାକିବାକୁ ତୁମେ କିଏ ? ମୋର ଯେତେବେଳେ ଯେଉଁ ଘରେ ରହିବାକୁ ଇଚ୍ଛା ହେବ ସେ ଘରେ ରହିବି, ତୁମର ସେଥିରେ କ'ଣ ଅଛି ?"

ଥରେ ଗଣେଶ ପୂଜା ଦିନ ଆମ ଘରେ ଆମେ ପୂଜା କରୁଥାଉ। ମୁଁ ମୋ ବୋଉ ଓ ପତ୍ନୀ ସହ ବାଙ୍ଗାଲୋର ଆସିଥାଏ। ସେଦିନ ଆମ ଘରକୁ ଆସିବାକୁ ସେ ରାଜି ହେଲେ। ମାତ୍ର ଆଉ କେତେଜଣ ବନ୍ଧୁଙ୍କଠାରୁ ଶୁଣିଲି ସେଇଦିନ ସେମାନଙ୍କ ଘରକୁ ମଧ୍ୟ ଯିବା ପାଇଁ

ସେ କହିଛନ୍ତି । ଆମେ ପ୍ରାୟ ତଜନେ ଭକ୍ତ ଦ୍ୱାର ଓ ହୃଦୟକୁ ଖୋଲା ରଖି ଚାହିଁ ବସିଥାଉ ବାବା କେତେବେଳେ ଆସିବେ । ଶେଷରେ ଉପରଓଳି ପ୍ରାୟ ପାଞ୍ଚଟାବେଳକୁ ଆମେ ଯେତେବେଳେ ଆଖିଟିମାନ ରଙ୍ଗା କରି, ମୁହଁକୁ ଆମ୍ବିଲା କରି ଓ ପାଟିରେ ତାଲା ଦେଇ ତାଙ୍କ ପାଖରେ ଯାଇ ପହଂଚିଲୁ, ବାବାଙ୍କୁ ଭାରି ମଜା ଲାଗିଲା । ଆମକୁ ହସି ହସି କହିଲେ, "ମୁଁ ତୁମ ପ୍ରତ୍ୟେକଙ୍କ ଘରକୁ ଯାଇଥିଲି । ମୋ ପ୍ରତିଶ୍ରୁତି ମୁଁ କେବେ ଭାଙ୍ଗେନା ! କୁହ ତ, ତୁମକୁ ମୋ ଯିବାର କିଛି ସଙ୍କେତ ମୁଁ ଦେଇନି ? ତୁମ ଘରେ ଫଟୋରେ ଥିବା ଫୁଲମାଳା ଛିଣ୍ଡି ଦିଖଣ୍ଡ ହୋଇ ଯାଇ ନଥିଲା ?" ପ୍ରତ୍ୟେକଙ୍କ ଘରେ ଏହା ଘଟିଥିଲା । ଆମ ମୁହଁ ଉଜ୍ଜ୍ୱଳ ଦିଶିଲା, କୃତଜ୍ଞତାରେ ତାଙ୍କ ପାଦପଦ୍ମରେ ମଥା ରଖିଲୁ ।

୧୯୫୦ ମସିହାରେ ପୁଟପର୍ତ୍ତିରେ ଦଶହରା ଉତ୍ସବ ପାଳିତ ହୋଇ ନଥିଲା । କାରଣ ବାବାଙ୍କର ନକ୍ସା ଅନୁସାରେ ଗତ ଦୁଇ ବର୍ଷ ଧରି ତିଆରି ଚାଲିଥିବା ପ୍ରଶାନ୍ତିନିଳୟମ୍ ସେଇବର୍ଷ ବାବାଙ୍କ ଜନ୍ମଦିନ ନଭେମ୍ବର ୨୩ରେ ଉଦ୍‌ଘାଟିତ ହେବାକୁ ଥିଲା । ଏ ଉତ୍ସବକୁ ସର୍ବାଙ୍ଗସୁନ୍ଦର କରିବା ନିମନ୍ତେ ସବିଶେଷ ଆୟୋଜନ ଚାଲିଥିଲା । ପ୍ରକୃତପକ୍ଷେ ପ୍ରଶାନ୍ତିନିଳୟମ୍‌ର ଉଦ୍‌ଘାଟନ ଅବତାର-ଲୀଳାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା । ମୁଁ କିଛିଦିନ ଆଗରୁ ପୁଟପର୍ତ୍ତିରେ ପହଞ୍ଚିଲି ଓ ଗାଁ ଭିତରେ ଥିବା ମନ୍ଦିରଠାରୁ ପ୍ରଶାନ୍ତିନିଳୟମ୍ ପ୍ରାୟ ଦୁଇ ଫର୍ଲଙ୍ଗ୍ ରାସ୍ତା ତଥା ଗାଁର ନାଳ-ନର୍ଦ୍ଦମା ନିର୍ମଳ କରିବାରେ ହାଇଦ୍ରାବାଦ, ଭେଙ୍କଟଗିରି, ମାଡ୍ରାସ, ସାଲେମ୍ ଓ ବାଙ୍ଗାଲୋର୍‌ରୁ ଆସିଥିବା ଭାଇମାନଙ୍କ ସହ ଯୋଗ ଦେଲି । ବାବା ମନ୍ଦିରଠାରୁ ପ୍ରଶାନ୍ତିନିଳୟମ୍ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଆସିବେ; ସେଥିପାଇଁ ଆମେ ଦୁଇଟି ସ୍ୱାଗତ-ତୋରଣ ମଧ୍ୟ ତିଆରି କରିବାରେ ଲାଗି ପଡିଲୁ । ସେତେବେଳେ ପ୍ରକୃତରେ ରାସ୍ତା ବୋଲି କିଛି ନଥିଲା । ଉଭୟ ପଟରେ ଧାନ ବିଲ । ମଝିରେ ଗୋଟାଏ ସଂକୀର୍ଣ୍ଣ ବନ୍ଧ । ଯାହା ଉପରେ ଶୋଭାଯାତ୍ରା ଆସିବ । ବନ୍ଧର ଉଭୟପଟରେ କେତେଗୁଡ଼ିଏ କଣ୍ଟାବୁଦା । ଏ ବାଟରେ ରାସ୍ତା କରିବା ଦାୟିତ୍ୱରେ କିଛିଦିନ ଥିବା ଜଣେ ଇଞ୍ଜିନିୟର୍ ଗୋଟିଏ କଣ୍ଟାବୁଦାକୁ ଦେଖାଇ ମୋତେ କହିଥିଲେ ସେ ବୁଦାରୁ ବାବା ତାଙ୍କ ପାଇଁ କମଳା ଓ ଆପୁଲ ତୋଳି ଦେଇଥିଲେ । ତା ପରେ ନିର୍ଲ୍ଲଜ ମୁହଁରେ କହିଥିଲେ, "ଏ ବୁଦାରୁ ମୋର ପ୍ରିୟ ହୁଇସ୍କି ବୋତଲ କେତୋଟି ମଧ୍ୟ ତୋଳି ଦେଇଥିଲେ କେତେ ଭଲ ହୋଇଥାନ୍ତା !"

ନଭେମ୍ବର ୨୩ ଦିନ ସେ ରାସ୍ତାରେ ହଜାର ହଜାର ଲୋକ ଭିଡ଼ ଜମାଇ ଦେଲେ । ବାଙ୍ଗାଲୋର୍‌ର ଫୁଲ ବ୍ୟବସାୟୀ ଭକ୍ତମାନେ ବାବାଙ୍କ ନିମନ୍ତେ ଏକ ଅପୂର୍ବ ଫୁଲ-ପାଲିଙ୍କି

ପ୍ରସ୍ତୁତ କରିଥିଲେ। ଉପରେ ଥିବା ଚାନ୍ଦୁଆର ଚାରିପାଖରେ ଗୋଲାପ ଓ ମଲ୍ଲୀମାଳମାନ ଝୁଲୁଥାଏ। ମଝିରେ ପଡିଥାଏ ସୁନା ଜରିଦିଆ ସିଲ୍କ କନା ଆବୃତ ଏକ ମନୋରମ ଗଦି। ବାବା ଯାଇ ତା ଉପରେ ବସିଲେ। ତା ପରେ ଭକ୍ତମାନଙ୍କ କାନ୍ଧରେ ପାଲିଙ୍କି ପ୍ରଭୁଙ୍କୁ ଧରି ଦେବ-ଦୁର୍ଲ୍ଲଭ ଶୋଭାରେ ମଣ୍ଡିତ ହୋଇ ଝୁଲି ଝୁଲି ପ୍ରଶାନ୍ତିନିଳୟମ୍ ରାସ୍ତାରେ ଚାଲିଲା। ଭକ୍ତମାନେ ପାଲିଙ୍କି ବହନ କରିବାର ସୌଭାଗ୍ୟ ଲାଭ କରିବା ନିମନ୍ତେ ଦଳଦଳ ହୋଇ କାନ୍ଧ ବଦଳାଉଥାନ୍ତି। ଆଗରେ ବିବିଧ ପ୍ରକାରର ବାଦ୍ୟଯନ୍ତ୍ର ଧରି ବାଦ୍ୟକାର ଦଳ। ପ୍ରାଣଭରା ଭଜନ ଗାଉଥିବା ଭକ୍ତମାନେ ପାଲିଙ୍କିର ଆଗରେ, ପଛରେ ଓ ଉଭୟ ପାଖରେ। ସମସ୍ତଙ୍କ ଆଖି ଲାଖି ରହିଥାଏ ସୁଖ, ଶାନ୍ତି ଓ ଭ୍ରାତୃତ୍ୱର ନବଯୁଗର ବାର୍ତ୍ତାବହ ତ୍ରାଣକର୍ତ୍ତାଙ୍କ ଦିବ୍ୟ ଶ୍ରୀମୁଖରେ। ଅନେକେ ବାବାଙ୍କ ଭ୍ରୂ ମଧ୍ୟରେ ଦେଖି ପାରିଥିଲେ ଶିବଙ୍କର ତୃତୀୟ ନୟନ। ଆମେ ଦେଖିଲୁ ଚାନ୍ଦୁଆର ଉଭୟ ପାଖରେ ଝୁଲୁଥିବା ଫୁଲମାଳରୁ ବାବା ଫୁଲସବୁ ଛିଣ୍ଡାଇ ମୁଠାଏ କରି ପାଖୁଡ଼ା ଧରୁଛନ୍ତି, ଆଉ ତାପରେ ଚାରିପାଖରେ ଗହଳି କରିଥିବା ଭକ୍ତମାନଙ୍କ ଉପରକୁ ପିଲାଙ୍କ ପରି ଫିଙ୍ଗି ଦେଉଛନ୍ତି। ପାଖୁଡାଗୁଡ଼ିକ ତଳେ ପଡ଼ିବା ବେଳକୁ, ଏପରିକି ଲୋକଙ୍କ ମୁଣ୍ଡ ଛୁଇଁଲା ବେଳକୁ ପ୍ରତ୍ୟେକଟି ଗୋଟିଏ ଗୋଟିଏ ରୂପାର ଲକେଟ୍ ପାଲଟି ଯାଉଥାନ୍ତି ! ଲକେଟ୍‌ରେ ଗୋଟିଏ ପାଖରେ ବାବା ଓ ଅନ୍ୟ ପାଖରେ ଶିରଡି ସାଇ। ସବୁଗୁଡିକ ପାଖୁଡ଼ା ଯେ କେବଳ ରୂପାର ଲକେଟ୍ ପାଲଟି ଯାଉଥିଲେ ତାହା ନୁହେଁ, ଲୋକଙ୍କ ଉପରେ କୃପା ବର୍ଷା ରୂପେ ପଡୁଥିଲା ମୁଦି, ମୁଦ୍ରା, ଚକୋଲେଟ୍, ନାନାପ୍ରକାରର କୋଳି - ଏହିପରି କେତେ କ'ଣ। ପ୍ରତ୍ୟେକ ଥର, ପ୍ରତ୍ୟେକଙ୍କ ପାଇଁ ଗୋଟିଏ ଗୋଟିଏ ବିସ୍ମୟ। ଏହିପରି ବାଟସାରା ବାବାଙ୍କ ହାତରୁ ଝରିଥିଲା ସ୍ୱର୍ଗୀୟ ଆନନ୍ଦ ଉପହାର।

ଉଦ୍‌ବେଳିତ ଆନନ୍ଦର ଜୟଜୟକାର ମଧ୍ୟରେ ପାଲିଙ୍କି ଭୂମି ଉପରକୁ ନଇଁ ଆସିବାବେଳେ ବାବା ବାହକମାନଙ୍କୁ ସଙ୍କେତ ଦେଲେ ପାଲିଙ୍କି ଧରି ରଖିବାକୁ। ତା'ପରେ ବର୍ଷା ହେଲା କୃପାର ପାଖୁଡ଼ା - ମାତ୍ର ଏହା ଗୋଲାପ ପାଖୁଡ଼ା ନ ଥିଲା । ବାବାଙ୍କ ହାତରୁ ଯାହା ଖସିଥିଲା ତାହା ହେଲା ରୂପା ଟଙ୍କା ପରି ଜକ ଜକ ଦିଶୁଥିବା ଗୋଲାକାର ଲକେଟ୍। ବୋଧେ ସ୍ୱର୍ଗର ମୁଦ୍ରାଶାଳାରେ ଏସବୁ ତତ୍‌କ୍ଷଣାତ୍ ଢଳା ହୋଇ ପୃଥିବୀକୁ ଖସି ଆସିଥିଲା ! ଉଭୟ ପାଖରେ ବାବାଙ୍କର ଛବି, ଛବିତଳେ ଲେଖା "Why fear when I am here" (ମୁଁ ଥାଉ ଥାଉ ଆଉ ଭୟ କାହାକୁ)। ବିଭିନ୍ନ ଭାରତୀୟ ଭାଷା ସହ ଇଂରାଜୀରେ ବି ଏହା ଲେଖା ହୋଇଥିଲା। ଆମେ ବୁଝିଗଲୁ ସାଇ ଯୁଗର ପ୍ରଭାତ ଆକାଶ ସାରା ବିଛେଇ ହୋଇ ପଡିଲାଣି, ଆଉ ଏ ଘୋଷଣା ଆମକୁ ଆଶ୍ୱାସନା ପ୍ରଦାନ କରି କହିଲା ଯେ ଆମେ ଏବେ ଭୟରୁ ମୁକ୍ତ।

ପ୍ରଶାନ୍ତି ନିଳୟମ୍‌ର ଉଦ୍‌ଘାଟନ ଉତ୍ସବ ଦେଖିବାକୁ ଆସିଥିବା ଇଂଜିନିୟରମାନଙ୍କ ମଧ୍ୟରୁ କେତେଜଣ ବାବା ବିଞ୍ଚୁଥିବା ଏ ଟଙ୍କା ଗୋଟାଇବାକୁ ସଙ୍କୋଚ ବୋଧ କରୁଥିଲେ। ସେମାନେ ଏ ସାମୂହିକ ପାଗଳାମି (ହିଷ୍ଟିରିୟା)ର ଶିକାର ହେବାକୁ ଚାହୁଁ ନ ଥିଲେ। ଆପଣା ଆପଣାର ତର୍କବୁଦ୍ଧିକୁ ଅକ୍ଷତ ରଖିବାକୁ ସେମାନେ ଅତ୍ୟନ୍ତ ସତର୍କ ଥିଲେ! ମୁଁ ଗୋଟାଇଥିବା ଦୁଇଟି ମୁଦ୍ରା ସେମାନଙ୍କୁ ଦେଖାଇ ପରୀକ୍ଷା କରିବାକୁ କହିଲି। ମାତ୍ର ଆପଣାର ଆଖିରୁ ପରଦା ଘୁଞ୍ଚାଇବାକୁ ଯାହାର ଡର, ସେ କୁଟା ଖଣ୍ଡକରେ ବି ତାକୁ ବାନ୍ଧି ରଖିବାକୁ ଉଦ୍ୟମ କରିବ।

ପଚିଶ ବର୍ଷ ପରେ କାଲିଫର୍ଣ୍ଣିଆର ସାନ୍‌ଡିଏଗୋର ଜଣାଶୁଣା ମନସ୍ତତ୍ତ୍ୱବିତ୍ ଡକ୍ଟର ସାମୁଏଲ୍ ସାଣ୍ଡ୍‌ଉଇସ୍ ଜଣେ ବିଜ୍ଞାନୀର ମନ ଓ ଲକ୍ଷ୍ୟ ଘେନି ଆସିଥିଲେ। ତାଙ୍କ ଭାଷାରେ ତାଙ୍କ ଉଦ୍ଦେଶ୍ୟ ଥିଲା, "ମିରାକଲ୍ ବା ଚମତ୍କାର ସମ୍ବନ୍ଧରେ ଅଧ୍ୟୟନ କରି ପ୍ରମାଣ କରିବାରେ ଏପରି କିଛି ନାହିଁ। ମୋ ମତରେ ଚମତ୍କାର ଘଟଣାରେ ବିଶ୍ୱାସ କରିବା ମୂଳରେ ଅଛି ସାମୂହିକ ପାଗଳାମି, ବା ସାମୂହିକ ଭ୍ରାନ୍ତି କିମ୍ବା ଲୋକଙ୍କ ଉପରେ ଆପଣାର ପ୍ରଭାବ ବିସ୍ତାର କରି ବାସ୍ତବତା ପ୍ରତି ସେମାନଙ୍କ ଦୃଷ୍ଟିଭଙ୍ଗୀରେ ରୂପାନ୍ତର ଆଣିବା ଉଦ୍ଦେଶ୍ୟରେ କୌଣସି ବ୍ୟକ୍ତିର ମାନସିକ ଶକ୍ତିର ପ୍ରୟୋଗ। ମୁଁ ଭାବିଲି ବାବାଙ୍କୁ ବ୍ୟକ୍ତିଗତ ଭାବରେ ଅଧ୍ୟୟନ କଲେ ମୁଁ ବୁଝିପାରିବି ଯୀଶୁଖ୍ରୀଷ୍ଟଙ୍କ ସମ୍ବନ୍ଧରେ ଅଲୌକିକ ଘଟଣା ସବୁର ପ୍ରଚାର କେଉଁ ପରିସ୍ଥିତିରେ ସମ୍ଭବ ହୋଇଥିଲା।" ଏହି କଥା ସେ କହିଛନ୍ତି "Sai Baba, the Holy Man and the Psychiatrist" ନାମକ ବହିର ୨୭ ପୃଷ୍ଠାରେ।

ସେ ଆସିଲେ ଓ ବାବାଙ୍କୁ ଅଧ୍ୟୟନ କଲେ। ସେଇ ବହିର ୪୭ ପୃଷ୍ଠାରେ ସେ ଲେଖିଲେ, "ବାଇବେଲ୍‌ରେ ଯୀଶୁଙ୍କ ସମ୍ବନ୍ଧରେ ଅଲୌକିକ କାହାଣୀ ସବୁ ସାଙ୍କେତିକ କାହାଣୀ ନୁହେଁ, ସବୁ ସତ ଘଟଣା। ଦିବ୍ୟଶକ୍ତି ସତରେ ରୂପ ଗ୍ରହଣ କରି ଆସନ୍ତି ଆମକୁ ଶିକ୍ଷା ଦେବା ପାଇଁ । ଈଶ୍ୱର ଯେ ପ୍ରକୃତରେ ପୃଥିବୀକୁ ରୂପ ଘେନି ଆସନ୍ତି ଏଥିରେ ସନ୍ଦେହ ନାହିଁ। ଦିବ୍ୟସତ୍ତାଙ୍କ ବିଭିନ୍ନ ଶକ୍ତି ଏ ସଂସାରରେ ସକ୍ରିୟ, ଏସବୁ ଆମ କଳ୍ପନାର ଅତୀତ।" ସେଇ ପୃଷ୍ଠାରେ ସେ ପୁଣି ପ୍ରାୟ ଚିତ୍କାର କରି କହନ୍ତି, "ଅଦ୍‌ଭୁତ ! ଅପୂର୍ବ ! ବିଶ୍ୱାସ ଓ ଚିନ୍ତାର ବାହାରେ ଏସବୁ ! ମନକୁ ସ୍ତବ୍ଧ କରିପକାଉଥିବା ଅସାଧାରଣ ଅଭିଜ୍ଞତା - ମତେ ଲାଗୁଚି କଳ୍ପନାର ଶେଷ ସୀମା ଛୁଇଁଥିବା ବୈଜ୍ଞାନିକ କାହାଣୀସବୁ ଆମ ଆଖି ଆଗରେ ସତରେ ଠିଆ ହୋଇ ଯାଉଛି।"

ହିଁ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବଡ଼ପଣର ଫୋଟକା ଫୁଟାଇବାକୁ ହିଁ ସେ ଆସିଛନ୍ତି। କାରଣ ଏ ଗୁଡ଼ିକର ପ୍ରବକ୍ତା ଓ ସମର୍ଥକମାନେ ନିଜ ଜାଣତରେ ଓ ଅଜାଣତରେ ହିଂସା, ଘୃଣା, ଲୋଭ ଏବଂ ନିଷ୍ଠୁରତାକୁ ହିଁ ପୋଷଣ କରି ଆସିଛନ୍ତି। ଆପଣାର କ୍ରିୟାକଳାପର କେନ୍ଦ୍ରକୁ ସେ ଯେଉଁ 'ପ୍ରଶାନ୍ତି ନିଳୟମ୍' ନାମ ଦେଇଛନ୍ତି, ସେଥିରୁ ସ୍ପଷ୍ଟ ବୁଝାପଡିବ ମଣିଷ ହୃଦୟରେ ସେ କେଉଁ ଗୁଣ ସଂଗ୍ରହ କରିବାକୁ ଚାହାନ୍ତି। ଏସବୁ ଯେ ପ୍ରେମ, ସେବା, ତ୍ୟାଗ ଓ ଭ୍ରାତୃତ୍ୱ ତାହା କହିବା ବାହୁଲ୍ୟ ମାତ୍ର। 'ପ୍ରଶାନ୍ତି'ର ଅର୍ଥ ସାଧାରଣ ସ୍ଥିରତା ନୁହେଁ - ଦୁଇଟି ଝଡ଼ ମଧ୍ୟରେ ଥିବା ନିସ୍ତବ୍ଧତା ନୁହେଁ, ଏହା ଶାନ୍ତି; କାମନା-ବାସନାର ଉର୍ଦ୍ଧ୍ୱରେ ଥିବା ମନର ନିସ୍ତରଙ୍ଗ ସମଭାବ; ଈଶ୍ୱରଙ୍କ ପ୍ରେମ ଚିନ୍ତା କରିବାକୁ ସକ୍ଷମ ନିର୍ମଳ ଓ ଶୁଦ୍ଧ ବୁଦ୍ଧି। ଗୀତା କହେ, " ପ୍ରଶାନ୍ତି ମଣିଷର ସ୍ୱଭାବ; ବାସନାସବୁ ଯେତେବେଳେ ସ୍ଥିର (ଶାନ୍ତ ରାଜସ) ଏବଂ ବୁଦ୍ଧି ଯେତେବେଳେ ନିଷ୍କଳଙ୍କ (ଅକଲ୍ମଷମ୍) ସେତେବେଳେ ମଣିଷ ପ୍ରଶାନ୍ତ। ଏହା ଭୟଶୂନ୍ୟ (ବିଗତ ଭୀଃ), କାରଣ ଏହି ଅବସ୍ଥାରେ ମନକୁ ଭୟ ଛୁଇଁ ପାରେନା।" ବାବା ସେଦିନ, ତାଙ୍କର ୨୫ତମ ଜନ୍ମ ଦିବସରେ ନୀରବରେ ଘୋଷଣା କରିଥିଲେ ଯେ ସେ ପ୍ରଶାନ୍ତି ନିଳୟମ୍ ନାମକ ଗୋଟିଏ ବାସଗୃହ ଉଦ୍‌ଘାଟନ କରୁନାହାନ୍ତି, ବରଂ ଏ ସଂସାରକୁ ପ୍ରଶାନ୍ତି ନିଳୟମ୍ ଭାବରେ ହିଁ ଉଦ୍‌ଘାଟନ କରୁଛନ୍ତି। ଯେଉଁମାନଙ୍କର କାନ ଶୁଣିବାକୁ ସକ୍ଷମ, ସେମାନେ ସାରା ସଂସାରରେ ସେ ଘୋଷଣାର ପ୍ରତିଧ୍ୱନି ଶୁଣି ପାରିବେ।

ପରେ ଆମେ ଯେତେବେଳେ ପ୍ରଶାନ୍ତିନିଳୟମ୍ ଗଲୁ, ଦେଖିଲୁ ମନ୍ଦିରର ଡାହାଣ ପଟେ କେତୋଟି ଘର ତିଆରି ଚାଲିଚି। ଯେଉଁ ଭକ୍ତମାନେ ବାବାଙ୍କ ପାଖରେ କିଛି ଦିନ ରହିବାକୁ ଚାହିଁବେ ସେମାନେ ସେ ଘର ବ୍ୟବହାର କରିବେ। ଚିତ୍ରାବତୀ ଆଡକୁ ପଡ଼ିଥିବା ରାସ୍ତାର ପୂର୍ବ ପଟେ ଯେଉଁ ଇଟାଭାଟି ଥିଲା, ସେଠାରୁ ଆମେ ଇଟା ବୋହି ଆଣି ମିସ୍ତ୍ରୀମାନେ କାମ କରୁଥିବା ଜାଗାରେ ଜମାଇଲୁ। ସ୍ତ୍ରୀ ଓ ପୁରୁଷ ଭକ୍ତମାନେ ଧାଡିବାନ୍ଧି ହାତକୁ ହାତ ଇଟା ବୋହି ଆଣୁଥାନ୍ତି। ବାବା କାମ ଯାଗାରେ ଚଉକିଟିଏ ପକାଇ ବସିଥାନ୍ତି। ଇଟାଭାଟିର ସବୁତକ ଇଟା ଆସି ଯେତେବେଳେ ପ୍ରଶାନ୍ତିନିଳୟମ୍ ହତା ଭିତରେ ଜମା ହୋଇଗଲା, ଆମେ ପୁଣି ଧାଡି ବାନ୍ଧିଲୁ ବାବାଙ୍କ ହାତରୁ ଆମ 'ମଜୁରୀ' ନେବାପାଇଁ। ବାବା ନିଜର ପ୍ରେମ ଓ ବାଳକସୁଲଭ ଆନନ୍ଦ ପ୍ରକାଶ କରି ଆମ ହାତରେ ଗୋଟିଏ ଗୋଟିଏ କଣା ତମ୍ବା ପଇସା ଦେଇଥିଲେ।

ଏହି ଘଟଣାରେ ବାବା ଆମକୁ ଶିକ୍ଷା ଦେଇଥିଲେ ଯେ ଧନୀ ହେଉ ବା ଦରିଦ୍ର ହେଉ, ସମ୍ପର୍କୀୟ ହେଉ ବା ଅଜ୍ଞାତ ହେଉ, କାହାର ପରିଶ୍ରମରୁ ମାଗଣା ଲାଭ ଉଠାଇବା ଅନୁଚିତ।

କୃତଜ୍ଞତା ଗୋଟିଏ ମହତ୍ ଗୁଣ । କୃତଜ୍ଞତା ପ୍ରକାଶ କରିବା ଲୋକ ଛୋଟ ହୋଇଯାଏ ନାହିଁ, କିମ୍ବା ଗ୍ରହଣ କରିବା ଲୋକ ବଡ଼ ହୋଇଯାଏ ନାହିଁ। ନୂଆ ଘର କେତୋଟି ଠିଆ ହେଲେ ମଧ୍ୟ ଆମେ ଅଧିକାଂଶ ଗାଁ ଭିତରେ ପୁରୁଣା ମନ୍ଦିରରେ ହିଁ ରହୁଥିଲୁ, କାରଣ ପୁରୁଣା ଦିନଗୁଡିକର ସୁଖମୟ ସ୍ମୃତି ସେ ଘରେ ଖେଳୁଥିଲା । ମାତ୍ର ଦୁଃଖର କଥା ସେ ମନ୍ଦିରକୁ ଲୋକେ 'ପୁରୁଣା ମନ୍ଦିର' ବୋଲି ନାମ ଦେଇଥିଲେ । ଆମେ ସେଠାରେ ରାନ୍ଧିବାଢ଼ି ଖାଉଥିଲୁ, ଶୋଉଥିଲୁ, ଗପସପ କରୁଥିଲୁ, ପୁରୁଣା କଥା ମନେ ପକାଉଥିଲୁ - ମାତ୍ର ସବୁବେଳେ ଆମ ମନ ଓ ଚିତ୍ତ ଥିଲା ବାବାଙ୍କ ପାଖରେ । ଦୁଇବେଳା ଆମେ ପ୍ରଶାନ୍ତି ନିଳୟମ୍‌ରେ ଭଜନରେ ଯୋଗ ଦେଉଥିଲୁ । ତା'ପରେ ଅସ୍ଥାୟୀ ଚୂଲୀରେ ଡେକ୍‌ଚି ବସାଇ ଦିବ୍ୟ ଅନ୍ନ ବ୍ୟଂଜନ ରାନ୍ଧିବାର ପ୍ରୟାସ କରୁଥିଲୁ । ରାନ୍ଧିସାରି ହାଣ୍ଡିଗୁଡିକ ବାବାଙ୍କ ଟେବୁଲ ଚାରିପାଖରେ ନେଇ ରଖୁଥିଲୁ - ପ୍ରାର୍ଥନା, ବାବା ସେଥିରୁ ଟିକେ ଟେବୁଲ ଉପରକୁ ନିଅନ୍ତୁ । ଶିରଡି ପରି ଏଠାରେ ମଧ୍ୟ ବାବା ଭକ୍ତମାନେ ଯାହା ଆଣୁଥିଲେ ତାହା ହିଁ ଖାଉଥିଲେ । ଗାଁରୁ ତାଙ୍କ ମାଆ ଓ ଭଉଣୀମାନେ ବାବାଙ୍କ ପାଇଁ ଖାଇବାକୁ ଆଣୁଥିଲେ । ଏସବୁ କାମ ସରିଲେ, ବାବାଙ୍କ ଖରାବେଳର ଓ ରାତିର ଭୋଜନ ପର୍ବ ସମାପ୍ତ ହେଲେ ଆମେ ପୁରୁଣା ମନ୍ଦିରକୁ ଫେରୁଥିଲୁ । ବେଳେ ବେଳେ ଆମେ ଦେଖୁଥିଲୁ ବାବା ଅଶେଷ କରୁଣା ପ୍ରକାଶ କରି ଆମ ହାଣ୍ଡିରୁ ଚାମୁଚେ ଦୁଇ ଚାମୁଚ ଭାତ ବା ତରକାରୀ ନେଇଛନ୍ତି । ବାବାଙ୍କ ପାଖରୁ ଫେରି ଆସିଥିବା ଥାଳିଟି ଧରି ବାବା କିଛି ନେଇ ନାହାନ୍ତି ବୋଲି ଭାବି ମନ ଦୁଃଖରେ ପୁରୁଣା ମନ୍ଦିର ଫେରି ଯାଉଥିବା କୌଣସି କୌଣସି ସ୍ତ୍ରୀ ଲୋକକୁ ବାବା ଉପରମହଲା ବାରଣ୍ଡାରୁ ବେଳେ ବେଳେ ଡାକି କହନ୍ତି, " ତୋର ରସମ୍‌ଟା ଭାରି ବଢ଼ିଆ ହୋଇଥିଲା" କିମ୍ବା " ତୋର ଲେମ୍ବୁ ଭାତ ମତେ ଭାରି ଭଲ ଲାଗିଲା" । ସେ ଏହା ଶୁଣି ମନେ ମନେ ନିଶ୍ଚୟ ଭାବୁଥିବ, " ବାବା, ତୁମ ଆଶୀର୍ବାଦ ମୋ ପକ୍ଷରେ ପରମାନନ୍ଦ," କିମ୍ବା, " ଏଇ ପଦକ କଥା ମତେ ଅମୃତପରି ଲାଗିଲା ।"

ଦାବନଗିରେରେ ଆମେ ବାବାଙ୍କ ପାଖରୁ ଦୂରରେ ନଥିଲୁ, ଯଦିଓ ମାନଚିତ୍ରରେ ପୁଟ୍ଟପର୍ତ୍ତି ଦାବନଗିରେଠାରୁ ୨୦୦ ମାଇଲ ଦୂର । ଆମେ ଦାବନଗିରେ ପହଞ୍ଚୁ ପହଞ୍ଚୁ ପଦ୍ମା ନାମରେ ଜଣେ ସ୍କୁଲ ଶିକ୍ଷୟିତ୍ରୀ ବାବାଙ୍କର ଗୋଟିଏ ଚିଠି ଧରି ଆମ ଘରେ ପହଞ୍ଚିଲା । ସେ ପୁଟ୍ଟପର୍ତ୍ତିର କରଣମ୍ ସୁବାମ୍ମାଙ୍କର ସମ୍ପର୍କୀୟ । ବାବା ତାକୁ ଲେଖିଥିଲେ ସେ ତାପାଇଁ ଜଣେ ବାପା ଓ ଜଣେ ମାଆ ଠିକ୍ କରି ଦେଇଛନ୍ତି ଦାବନଗିରେ ଭଳି ଅଜଣା ଜାଗାରେ ତାର ଚଳିବାର ସୁବିଧା ନିମନ୍ତେ । ଆମେ ବି ତାକୁ ସଙ୍ଗେ ସଙ୍ଗେ ଝିଅ କରିନେଲୁ । ସେ କରଣମ୍ ସୁବାମ୍ମାଙ୍କ

ଘରେ ବାବାଙ୍କର ବହୁ ବାଲ୍ୟଲୀଳା ଦେଖିଥିଲା । ମୋର ଭବିଷ୍ୟତ ବହି ପାଇଁ ତାଠାରୁ ଏସବୁ ଘଟଣା ବିସ୍ତୃତ ଭାବରେ ଲେଖି ନେଲି । ବାଙ୍ଗାଲୋର୍ ସିଟି ରେଲୱେ ଷ୍ଟେସନରେ ତାର ଏକ ଅପୂର୍ବ ଅଭିଜ୍ଞତା ହୋଇଥିଲା । ସେ ମହୀଶୂରର ଏକ ଡାକ୍ତରଖାନାକୁ ଅପରେସନ୍ ପାଇଁ ଯାଉଥିଲା, ମାତ୍ର ବାବା ଶିରଡି ରୂପରେ ତା ଆଗରେ ଆସି ପହଞ୍ଚି ତାକୁ ଘରକୁ ଫେରିଯିବାପାଇଁ କହିଥିଲେ ।

ଏହା ଘଟିଥିଲା ଆମେ ତାକୁ ଝିଅ କରିନେବା ପରେ । ରେଲଷ୍ଟେସନ୍‌ରେ ଜଣେ ବେଶ୍ ସୁସ୍ଥ ସବଳ ଲୋକ ଭାବରେ ବାବା ଆସି ପହଞ୍ଚିଲେ । ମୁହଁରେ ଛୋଟ ଦାଢ଼ି, ବେକଠାରୁ ପାଦତଳଯାଏ ଧଳା କୁର୍ତ୍ତା ଓ ପାଦରେ କଠଉ । ସେ ତାକୁ କହିଲେ ବିଦୁର ଅଶ୍ୱତ୍‌ଥଠାରେ ତାଙ୍କର ଗୋଟିଏ ଆଶ୍ରମ ଅଛି । (ମହାଭାରତରେ ଉଲ୍ଲେଖ ଅଛି ଏ ଅଶ୍ୱତ୍‌ଥ ବୃକ୍ଷ ବିଦୁର ଲଗାଇଥିଲେ । ପୁଟପର୍ତ୍ତି ଏଠାରୁ ପ୍ରାୟ ୩୦ ମାଇଲ୍ ଦୂର) ଅଧା ପ୍ରକାଶ କରି ଓ ଅଧା ଲୁଚାଇ ରଖି ସେ ପୁଣି ତାକୁ କହିଲେ କିଛିବର୍ଷ ଭିତରେ ସେ ତାଙ୍କ ଶିଷ୍ୟମାନଙ୍କୁ ଧରି ଶିରଡି ଚାଲିଯିବେ ଓ ସେଠାରେ ରହିବେ । କାନ୍ଧରୁ ଝୁଲୁଥିବା ବ୍ୟାଗ୍‌ଟି ଭିତରୁ ସେ କାଢ଼ି ଆଣିଲେ ମୁଠାଏ ବିଭୂତି ପୁଡିଆ । ତାକୁ ଅଧା କରି ତାକୁ ଅଧେ ଦେଲେ ଓ ବାକୀ ଅଧକ ତା ହାତକୁ ବଢ଼ାଇ ଦେଇ କହିଲେ, "ଏତକ ତୋ ବାପା ପରି ସେ ଲୋକଟି ପାଇଁ ।" ତା ପରଦିନ ରାତିରେ ସେ ସ୍ୱପ୍ନ ଦେଖିଲା ସେଇ ବୁଢ଼ା ଆସି କହୁଛନ୍ତି, "ତୁ ସେ ବିଭୂତିତକ କସ୍ତୁରୀକୁ ଏ ଯାଏ ଦେଇନୁ ?" ପଦ୍ମା ସେଇଠୁ ମୋତେ ଲେଖିଥିଲା, ଶିରଡି ପ୍ରସାଦ ଘେନି ସେ ଶୀଘ୍ର ଆସୁଛି ।

୧୯୫୧ ଡିସେମ୍ବର ମାସରେ ଦିନେ ଡାକରେ ମୁଁ ବାବାଙ୍କଠାରୁ ଗୋଟିଏ ଚିଠି ପାଇଲି । କନ୍ନଡ଼ ଭାଷାରେ ମାତ୍ର ଇଂରେଜୀ ଅକ୍ଷରରେ ଚିଠିଟି ସେ ଲେଖିଥିଲେ । ମୁଁ ତେଲୁଗୁ ପଢ଼ିପାରୁ ନଥିଲି କିମ୍ବା ଲେଖିପାରୁ ନଥିଲି । ସେ ଭାଷାରେ ମୋର ଜ୍ଞାନ ନିତାନ୍ତ ସାମାନ୍ୟ ଥିଲା । ସେଥିପାଇଁ ମୋତେ ତାଙ୍କର ଆଜ୍ଞା ଜଣାଇବା ପାଇଁ ବାବା ଏ ଦ୍ୱୈତଭାଷାର ଆଶ୍ରୟ ନେଇଥିଲେ । ମାତ୍ର ଏ ଚିଠିଟି ପାଇଁ ମୋର ଗର୍ବ କରିବାର ଯେତିକି ଥିଲା, ଅନୁତାପ କରିବାର କାରଣ ମଧ୍ୟ ସେତିକି ଥିଲା । ଅନୁରୋଧ ଛଳରେ ଏହା ଥିଲା ବାବାଙ୍କ ଆଦେଶ । ବୁକ୍‌କାପଟ୍ଟନମ୍‌ର ଶ୍ରୀ ସତ୍ୟସାଇ ବାବା ଜିଲ୍ଲା ବୋର୍ଡ ହାଇସ୍କୁଲରେ ମୋତେ ବାବାଙ୍କ ଚିତ୍ରପଟକୁ ଉନ୍ମୋଚନ କରିବାକୁ ହେବ ! ବାବା ଆହୁରି ମଧ୍ୟ ଲେଖିଥିଲେ ମୋତେ ଏ ଯେଉଁ ସୁବର୍ଣ୍ଣ ସୁଯୋଗ ଦିଆଯାଇଛି, ତାହା ମୋର ଅପୂର୍ବ ସୌଭାଗ୍ୟ ।

ମୋତେ ବଡ଼ ଲଜ୍ଜା ଲାଗିଲା ଯେ ମୁଁ ତେଲୁଗୁ ଭାଷା କହିପାରୁ ନଥିଲି । କାରଣ ବୁକ୍‌କାପଟ୍ଟନମ୍‌ରେ ଯେଉଁ ଜନସମାଗମ ହେବ ସେମାନଙ୍କ ପକ୍ଷରେ ଇଂରାଜୀ ବୋଧଗମ୍ୟ

ହେବ ନାହିଁ। ତେଣୁ ମୋ ଭାଷଣକୁ କନ୍ନଡ଼ ଭାଷାରେ ଲେଖିଲି ଓ ଜଣେ ତେଲୁଗୁ ପଣ୍ଡିତଙ୍କ ସାହାଯ୍ୟରେ ତାର ତେଲୁଗୁ ଅନୁବାଦକୁ ମାଲୟାଲମ୍ ଅକ୍ଷରରେ ଉତାରିଲି। ପୁଟ୍ଟପର୍ତ୍ତିରେ ପହଞ୍ଚି ଯେତେବେଳେ ମୁଁ ମୋର ଅଧାଫୁଟା ଭାତଥାଳିଟିକୁ ନେଇ ବାବାଙ୍କ ଆଗରେ ଥୋଇଲି ବାବା ହସି ହସି ଗଡିଗଲେ। କହିଲେ ମୋ କଥାସବୁ 'ହାର୍ଟିଫିସିଆଲ୍' ହେବା ଦରକାର। ମୁଁ ଯେତେବେଳେ ଆଶ୍ୱସ୍ତ ହୋଇ ଦାବନଗିରେକୁ ଫେରିଗଲି ଆଉ ଗୋଟିଏ ନୂଆ ଇଂରାଜୀ ଶବ୍ଦ ଶିଖି ଯାଇଥିଲି। (ହାର୍ଟିଫିସିଆଲ୍' ଶବ୍ଦଟି 'ଆର୍ଟିଫିସିଆଲ୍' ଶବ୍ଦର ଅନୁକରଣରେ ବାବାଙ୍କ ନୂଆ ସୃଷ୍ଟି। ଏହାର ଅର୍ଥ ଅକୃତ୍ରିମତା।)

ବୁକ୍କାପଟ୍ଟନମ୍ ସ୍କୁଲଟି ଥିଲା ବାବାଙ୍କର ଦାନ। ଚତୁର୍ଦ୍ଦଶ ଶତାବ୍ଦୀରେ ବିଜୟନଗର ସାମ୍ରାଜ୍ୟର ସମ୍ରାଟ ବୁକ୍କାଙ୍କ ଦ୍ୱାରା ନିଯୁକ୍ତ ଇଞ୍ଜିନିୟରମାନେ ଏଠାରେ ଚିତ୍ରାବତୀ ନଦୀରେ ଆନିକଟ ନିର୍ମାଣ କରି ଯେଉଁ ଜଳସେଚନ କେନାଲର ବ୍ୟବସ୍ଥା କରିଥିଲେ ତାହାଦ୍ୱାରା ଏ ସହରଟି ସମୃଦ୍ଧିଶାଳୀ ହୋଇ ଗଢ଼ି ଉଠିଥିଲା। ବାବା ପୁଟ୍ଟପର୍ତ୍ତିର 'ପ୍ରାଇମେରୀ ସ୍କୁଲ'ରୁ ପାଶ୍ କରି ଏଠାରେ 'ମିଡ୍ଲ ସ୍କୁଲ'ରେ ପଢୁଥିଲେ। ତାଙ୍କର ପାଠପଢ଼ିବା କିଛି ଦରକାର ନଥିଲା, ମାତ୍ର ସେ ଶିକ୍ଷକମାନଙ୍କୁ ତାଙ୍କ ସହପାଠୀ ଓ ଅନ୍ୟମାନଙ୍କୁ ଶିକ୍ଷା ଦେବାରେ ବ୍ୟବହାର କରୁଥିଲେ। ବିଦ୍ୱାନ୍ ଓ ବୟସ୍କ ଗୁରୁଜନମାନଙ୍କୁ କିପରି ସମ୍ମାନ ଦେଖାଇବାକୁ ହୁଏ, ତାହା ସେ ଅନ୍ୟମାନଙ୍କୁ ଶିଖାଉଥିଲେ। ପିଲାମାନଙ୍କ ମାଧ୍ୟମରେ ସେ ଗାଁର ଲୋକମାନଙ୍କୁ ଶିକ୍ଷା ଦେଉଥିଲେ ଯେ ପିଲାମାନଙ୍କୁ ଭବିଷ୍ୟତ ସମାଜର ସଙ୍ଗଠକ ଓ ସ୍ତମ୍ଭ ବୋଲି ବିଚାରିବାକୁ ହେବ। ଏହି 'ମିଡ୍ଲ ସ୍କୁଲ'ଟି ଭେଙ୍କଟଗିରିର ରାଜାଙ୍କ ଉଦାର ଦାନ ଫଳରେ ହାଇସ୍କୁଲ ସ୍ତରକୁ ଉଠି ପାରିଥିଲା। ଭେଙ୍କଟଗିରିର ରାଜା ପୁଟ୍ଟପର୍ତ୍ତିକୁ ଆକୃଷ୍ଟ ହୋଇ ଆସିଥିଲେ ବାବାଙ୍କ ସଙ୍କଳ୍ପ ଯୋଗୁ ଘଟିଥିବା କେତେଗୁଡିଏ ଅଲୌକିକ ଘଟଣା ଦ୍ୱାରା ପ୍ରଭାବିତ ହୋଇ। ହାଇସ୍କୁଲର ସ୍ୱୀକୃତି ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ବାବା ନିଜେ ମାଡ୍ରାସ ଯାଇଥିଲେ। କାରଣ ମାଡ୍ରାସ୍ ପ୍ରେସିଡେନ୍‌ସି ଦାୟିତ୍ୱରେ ଥିବା ସେ 'ବଡ଼ଲୋକ'ଙ୍କ ମନରେ ସନ୍ଦେହ ଆସିଥିଲା ମାନଚିତ୍ରର ଏକ ଅଜ୍ଞାତ ବିନ୍ଦୁ ବୁକ୍କାପଟ୍ଟନମ୍‌ଠାରେ ଗୋଟାଏ ହାଇସ୍କୁଲ ଖୋଲିବା ଯଥାର୍ଥ କି। କେବଳ ସେତିକି ନୁହେଁ, ଏଥିରେ ଆଉ ଗୋଟିଏ ପ୍ରମାଦ ବି ଥିଲା - ହାଇସ୍କୁଲ ଆନିକଟ୍‌ର ପୂର୍ବପଟେ ହେବ, ନା ପଶ୍ଚିମପଟେ ?

ତରୁଣମାନଙ୍କ ନିମନ୍ତେ ଶିକ୍ଷାନୁଷ୍ଠାନର ପୃଷ୍ଠପୋଷକତା କରିବାରେ ବାବାଙ୍କର ପ୍ରଥମ ପଦକ୍ଷେପ ଥିଲା ଏହି ବୁକ୍କାପଟ୍ଟନମ୍ ହାଇସ୍କୁଲ। ତାଙ୍କରି ନାମ ବହନ କରିବାର ଗୌରବ

ମଧ୍ୟ ଏ ସ୍କୁଲର ଥିଲା । ବାବା ଏ ହାଇସ୍କୁଲ କମିଟିର ପ୍ରେସିଡେଣ୍ଟ୍ ଥିଲେ । ସେ ଅନେକଥର ସେଠାକୁ ଯାଇଛନ୍ତି ଓ ପ୍ରଧାନ ଶିକ୍ଷକ ତଥା ଅନ୍ୟସବୁ ଶିକ୍ଷକମାନଙ୍କୁ ଉପଯୁକ୍ତ ଉପଦେଶ ପ୍ରଦାନ କରିଛନ୍ତି । ଜନ୍ମଦିନ ଉତ୍ସବ ସମୟରେ ବାବା ପ୍ରତିବର୍ଷ ଏହି ସ୍କୁଲର ପିଲାଙ୍କ ପାଇଁ ପ୍ରଶାନ୍ତିନିଳୟମ୍‌ରେ ଗୋଟାଏ ଭୋଜି ଆୟୋଜନ କରୁଥିଲେ । ପ୍ରତ୍ୟେକ ପିଲାର ନାମ ଓ ତାର ପାରିବାରିକ ଅବସ୍ଥା ତାଙ୍କୁ ଜଣାଥିଲା । ତାଙ୍କର ସହାନୁଭୂତି ଓ କରୁଣା ଅବାରିତ ଥିଲା ଏମାନଙ୍କ ପ୍ରତି । ସ୍କୁଲକୁ ବାବା କେତେଗୁଡିଏ ବାଦ୍ୟଯନ୍ତ୍ର ପ୍ରଦାନ କରିଥିଲେ । ଏହି ବାଦ୍ୟଯନ୍ତ୍ର ସାହାଯ୍ୟରେ ମାର୍ଚ୍ଚପାଷ୍ଟ, ରାଲି ଓ ରୁଟ୍ ମାର୍ଚ୍ଚ ଆଦି ନିମନ୍ତେ ସ୍କୁଲରେ ଗୋଟିଏ ଦଳ ପିଲା ତାଲିମ୍ ପାଇଥିଲେ । ନିଳୟମ୍‌ରେ ଏକାଠି ହେଲାବେଳେ ସେମାନେ ଭଜନ ତାଳରେ ବାଜା ବଜାଇବା ମଧ୍ୟ ଶିଖିଥିଲେ । ବୁକ୍କାପଟ୍ଟନମ୍‌ର ହାଇସ୍କୁଲ ପିଲାଏ ପ୍ରଶାନ୍ତିନିଳୟମ୍‌ର ଅନେକ ଉତ୍ସବ ଅବସରରେ ନାନାପ୍ରକାରର ଡ୍ରିଲ୍, ନିଆଁହୁଲା ଖେଳ ଆଦି ପ୍ରଦର୍ଶନ କରୁଥିଲେ । ସେଠାରେ ହରିଜନ ପିଲାଙ୍କୁ ବାବା ୟୁନିଫର୍ମ ପୋଷାକ ପ୍ରଦାନ କରିଥିଲେ । ସ୍କୁଲକୁ ବାବାଙ୍କର ଦାନ ଭିତରେ ଥିଲା, ଆସ୍‌ବାବ ପତ୍ର, ଲାଇବ୍ରେରୀ, ରେଡିଓ ଓ ମାଇକ୍ ସେଟ୍ । ପ୍ରକୃତରେ ଏ ସ୍କୁଲର ଜନ୍ମକାଳୁ କିଶୋର ଓ ତାରୁଣ୍ୟ ଅବସ୍ଥାଯାଏ ବାବା ଏହାର ସଶ୍ରଦ୍ଧ ପୃଷ୍ଠପୋଷକତା କରିଥିଲେ । ଦିନେ ଶ୍ରୀ ସତ୍ୟସାଇ ଜିଲ୍ଲା ବୋର୍ଡ୍ ହାଇସ୍କୁଲ ଜିଲ୍ଲାର ସର୍ବୋତ୍ତମ ହାଇସ୍କୁଲରେ ପରିଣତ ହୋଇଥିଲା ।

ସେଦିନ ସ୍କୁଲର ବାର୍ଷିକ ଉତ୍ସବରେ ପୌରହିତ୍ୟ କରିଥିଲେ ଆନ୍ଧ୍ରର ରେଭିନିଉ ମନ୍ତ୍ରୀ ମାନ୍ୟବର ଶ୍ରୀ କୋଟୀ ରେଡ୍‌ଡୀ । ଏ ଉତ୍ସବ ନିମନ୍ତେ ବାବା ଯେଉଁ ନିମନ୍ତ୍ରଣ ପତ୍ର ଛପାଇଥିଲେ ସେଥିରେ ମୋତେ କେବଳ ଗୋଟିଏ ପି-ଏଚ୍.ଡି. ଡିଗ୍ରୀ ମିଳି ନଥିଲା, ମୋର ପଦବୀ ମଧ୍ୟ 'ସୁପରିନ୍‌ଟେଣ୍ଡେଣ୍ଟ୍'ରୁ 'ପ୍ରିନ୍‌ସପାଲ'କୁ ବଢ଼ି ଯାଇଥିଲା ! ଘୋଷଣାପତ୍ରରେ ଯେତେବେଳେ ମୁଁ ନିଜକୁ "ଏନ୍. କସ୍ତୁରୀ, ଏମ୍. ଏ.,ବି.ଏଲ୍., ପି-ଏଚ୍.ଡି, ପ୍ରିନ୍‌ସପାଲ, ଦାବନଗିରେ କଲେଜ" ରୂପରେ ଦେଖିଲି ମୋ ଆଖିରେ ଲୁହ ଭରି ଯାଇଥିଲା ।

ମାଡ୍ରାସ ବା ମହୀଶୂର ବିଶ୍ୱବିଦ୍ୟାଳୟରୁ ପି-ଏଚ୍.ଡି. କରିବାପାଇଁ ମୁଁ କେତେଥର ଉଦ୍ୟମ କରିଥିଲି ଓ କେତେଗୁଡିଏ ଅସମାପ୍ତ ସନ୍ଦର୍ଭର ଲେଖକ ମଧ୍ୟ ଥିଲି । "ଭାରତରେ ଫାକ୍‌ଟ୍ରି ଆଇନ୍" ବିଷୟରେ କେତୋଟି ମାତ୍ର ଅଧ୍ୟାୟ ଲେଖିଥିଲି । "କୁର୍ଗର ଶେଷ ରାଜବଂଶ" ସମ୍ବନ୍ଧରେ ମୋର ଗବେଷଣା ପ୍ରାୟ ସରି ଆସିଥିଲା । କୋଚିନ୍‌ର ଡଚ୍ ବଣିକମାନଙ୍କ ସମ୍ପର୍କରେ ମଧ୍ୟ ଗବେଷଣା ପ୍ରାୟ ସରି ଆସିଥିଲା । କୋଚିନ୍‌ର

ସେକ୍ରେଟାରୀଏଟ୍‌ରୁ ଅନେକଗୁଡିଏ ଫାଇଲ୍ କପି କରି ଆଣିଥିଲି । ତେଣୁ ବୁକ୍‌କାପଟ୍ଟନମ୍‌ଠାରେ ବାବାଙ୍କ ପାଦ ତଳେ ମୁଣ୍ଡ ଲଗାଇ ଯେତେବେଳେ ଉଠି ଠିଆ ହେଲି, ମୁଁ ସ୍ୱୀକାର କରିଥିଲି ଯେ ମୁଁ ପି-ଏଚ୍.ଡି କରିନାହିଁ । ମାତ୍ର ବାବା ମୋ ପିଠିରେ ହାତମାରି କହିଥିଲେ, 'ତୁ ଜଣେ ପି-ଏଚ.ଡି ।' ମୋର ଜଣେ ପୁରୁଣା ବନ୍ଧୁ ମହୀଶୂର ବନ୍ୟବିଭାଗର ପୂର୍ବତନ ଅଫିସର ଶ୍ରୀ ବିଠଲ୍ ରାଓ ସେଠାରେ ଥିଲେ । ସେ ଚଟ୍‌କରି ପଚାରି ଦେଲେ, "ସ୍ୱାମୀ କେଉଁ ବିଶ୍ୱବିଦ୍ୟାଳୟରୁ ସେ ପି-ଏଚ୍.ଡି ପାଇଛନ୍ତି ?" ବାବା ତାଙ୍କ ଆଡକୁ ଚାହିଁ କହିଥିଲେ, "ପୁଟ୍ଟପର୍ତ୍ତି ବିଶ୍ୱବିଦ୍ୟାଳୟ ।" ୩୦ ବର୍ଷ ପରେ ବିଜୟାଦଶମୀ ଦିନ ପୂର୍ଣ୍ଣଚନ୍ଦ୍ର ପ୍ରେକ୍ଷାଳୟରେ ପଚାଶ ହଜାର ଶ୍ରୋତା ଓ ଦର୍ଶକଙ୍କ ସମ୍ମୁଖରେ ବାବା ପୁଟ୍ଟପର୍ତ୍ତି ବିଶ୍ୱବିଦ୍ୟାଳୟ ଉଦ୍‌ଘାଟନ କରିଥିଲେ । ଏ ଉତ୍ସବର ଚେୟାରମାନ୍ ଥିଲେ ଭାରତର ସୁପ୍ରିମ୍‌କୋର୍ଟ୍‌ର ପ୍ରଧାନ ବିଚାରପତି, ମହାରାଷ୍ଟ୍ରର ରାଜ୍ୟପାଳ ଥିଲେ ମୁଖ୍ୟ ଅତିଥି । ଡକ୍ଟର ବିନାୟକ କୃଷ୍ଣ ଗୋକକ୍ କୁଳପତି, ଆଉ ସ୍ୱାମୀ ନିଜେ ଏ ନୂତନ ବିଶ୍ୱବିଦ୍ୟାଳୟ 'ଶ୍ରୀ ସତ୍ୟସାଇ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହାୟର ଲର୍ନିଙ୍ଗ'ର କୁଳପତି । ବାବାଙ୍କର କୌଣସି କଥା ନିରର୍ଥକ ବା ବୃଥା ନୁହେଁ ।

ବୁକ୍‌କାପଟ୍ଟନମ୍‌ର ସେ ଉତ୍ସବ ଆରମ୍ଭ ହେବାର ଘଣ୍ଟାକ ଆଗରୁ ମୁଁ ଯାଇ ସେଠାରେ ପହଞ୍ଚିଥିଲି । ମୋତେ ଗଣ୍ୟମାନ୍ୟ ଅତିଥିମାନଙ୍କ ପାଖକୁ ସାଦରେ ପାଛୋଟି ନିଆଯାଇଥିଲା । ଯେତେବେଳେ ମୋ ପାଳି ପଡିଲା ସୌଭାଗ୍ୟକୁ ନିର୍ବିଘ୍ନରେ ରିବନଟିକୁ ଟାଣି ଭଗବାନଙ୍କ ଚମତ୍କାର ଫଟୋ ଉପରେ ଝୁଲୁଥିବା ସିଲକ୍ ପରଦାକୁ ଅପସାରଣ କରିଥିଲି । ତାପରେ ଫଟୋରେ ଫୁଲମାଳଟିଏ ଝୁଲାଇ ଦେଇଥିଲି ।

ବାବାଙ୍କ ଅନୁମତି କ୍ରମେ ସମାବେଶକୁ ମୁଁ ଇଂରାଜୀରେ ହିଁ କିଛି କହିଥିଲି । ମୁଁ କହିଲି ଯେ ସାଧାରଣତଃ ସ୍କୁଲମାନେ ପିଲାମାନଙ୍କୁ ଉତ୍ସାହିତ ଓ ଅନୁପ୍ରାଣିତ କରିବା ନିମନ୍ତେ ତିନିପ୍ରକାରର ଲୋକଙ୍କ ଛବି ସ୍କୁଲରେ ରଖିଥାନ୍ତି । ପ୍ରଥମ ପ୍ରକାରର ଚିତ୍ରପଟ ସ୍କୁଲର ପୁରାତନ ଛାତ୍ର । ଦ୍ୱିତୀୟ, ସ୍କୁଲର ଦାତା ଓ ତୃତୀୟ ପ୍ରକାରର ଚିତ୍ରପଟ ବିଶ୍ୱବିଖ୍ୟାତ ମନୀଷିଙ୍କର । ଏ କ୍ଷେତ୍ରରେ ବାବା ଏଠାର ମିଡଲ ସ୍କୁଲର ଛାତ୍ର ଥିଲେ । ଫଳରେ ତାଙ୍କୁ ଜଣେ ପୁରାତନ ଛାତ୍ର ରୂପେ ଗଣାଯାଇ ପାରିବ । ଏପରି ଜଣେ ପୁରାତନ ଛାତ୍ରଙ୍କ ନିମନ୍ତେ ଯେ କୌଣସି ସ୍କୁଲ ଅବଶ୍ୟ ଗର୍ବିତ ହେବ । ଏ ସ୍କୁଲର ପ୍ରଗତି ଓ ପ୍ରତିଷ୍ଠାରେ ବାବାଙ୍କର ବ୍ୟକ୍ତିଗତ ଅବଦାନ ଅତୁଳନୀୟ । ଫଳରେ ସେ ମଧ୍ୟ ଜଣେ ୨ୟ ପ୍ରକାରର ଦାତା । ତାଛଡ଼ା ବାବା ଏବେ ବିଶ୍ୱଗୁରୁ । ଆମ ଦେଶରେ ବିଦ୍ୟା ଓ ନୈତିକତା ତଥା ଆଧ୍ୟାତ୍ମିକତାର ବିକାଶ ନିମନ୍ତେ

ଆତ୍ମୋତ୍ସର୍ଗ କରିଥିବା ଯେକୌଣସି ଅନୁଷ୍ଠାନ ପକ୍ଷରେ ବାବାଙ୍କ ଚିତ୍ରପଟ ଉନ୍ମୋଚନ ଯେ ଖ୍ୟାତି ଓ ଶକ୍ତି ପ୍ରାପ୍ତିର ଏକ ଶୁଭମୁହୂର୍ତ୍ତ ଏଥିରେ ସନ୍ଦେହ ନାହିଁ। ବାବା ଏ ସ୍କୁଲ କମିଟିର ପ୍ରେସିଡେଣ୍ଟ ଥିବା ଏକ ଅତୀବ ଗୁରୁତ୍ୱପୂର୍ଣ୍ଣ ଓ ତାତ୍ପର୍ଯ୍ୟପୂର୍ଣ୍ଣ କଥା, କାରଣ ବାବା ପିଲାମାନଙ୍କୁ ଭଲ ପାଆନ୍ତି ଓ ସେମାନେ ଦୃଢ଼ମନା, ସୁଯୋଗ୍ୟ ନାଗରିକ ହୋଇ ବଢ଼ି ଉଠନ୍ତୁ, ଏହା ତାଙ୍କର ଅଭିଳାଷ।

ସେଇଟା ଥିଲା ବାବାଙ୍କ ସମ୍ବନ୍ଧରେ ମୋର ପ୍ରଥମ ଭାଷଣ। ଦଶମିନିଟ୍‌ର ଭାଷଣ ପରେ ମୁଁ ଯେତେବେଳେ ଝାଳୁଆ ହୋଇ ଚଉକି ଧାରରେ ବସି ପଡିଲି , ବାବା ମୋତେ ଚାହିଁ ଟିକିଏ ହସିଦେଲେ। ତାହା ମୋ ମନପ୍ରାଣରେ ଆନନ୍ଦ ଭରିଦେଲା। ବାବା ମୋତେ ଆଗରୁ ସତର୍କ କରି ଦେଇଥିଲେ ଭାଷଣରେ ମୁଁ ନୋଟ୍ ବ୍ୟବହାର କରିବି ନାହିଁ, କିମ୍ବା ଦଶମିନିଟ୍ ଅତିକ୍ରମ କରିବି ନାହିଁ। ମୋ ପରେ ମନ୍ତ୍ରୀ ମହୋଦୟ କିଛି ସମୟ କହିଲେ। ତାପରେ ଆସିଲେ ତାଙ୍କ ପତ୍ନୀ। ସେ ତାଙ୍କ କ୍ଷେତ୍ରରେ ଜଣେ ସମାଜସେବିକା, ଆଉ ଜଣେ ବକ୍ତା ମଧ୍ୟ। ତାଙ୍କ ଭାଷଣ ସରିଲାବେଳକୁ ଲୋକେ ଅସ୍ଥିର ହୋଇ ପଡିଲେଣି।

ହାଇସ୍କୁଲରେ ବାବାଙ୍କ ଉପସ୍ଥିତିରେ ରାତ୍ରିଭୋଜନ ସାରି ପୁଟପର୍ତ୍ତିକୁ ଫେରି ଆସିଲି। ତା ପରଦିନ ବାବା ମୋତେ 'କୋରିକେ' କୋଠରୀକୁ ଡାକିଲେ। ତେଲୁଗୁରେ 'କୋରିକେ' ଶବ୍ଦର ଅର୍ଥ ଆକାଂକ୍ଷା। ମାତ୍ର ସେଦିନ କୋରିକେ କୋଠରୀଟି ମୋ ପାଇଁ କାମନା ପୂରଣ କରୁଥିବା କୋଠରୀ ନ ହୋଇ କାମନା ବିନାଶର କୋଠରୀ ପାଲଟି ଗଲା।

କଣ ଘଟିଲା କହିବାକୁ ଟିକେ ସମୟ ଲାଗିବ। ଆଗରୁ ଥରେ ପୁଟପର୍ତ୍ତିରେ ରହୁଥିଲା ବେଳେ ଭେଙ୍କଟଗିରି ରାଜପରିବାରର କେତେଜଣଙ୍କ ସହ ମୋର ପରିଚୟ ହୋଇଥିଲା। ସେମାନେ ବାବାଙ୍କର ଗୋଟାଏ କୌତୁକ କଥା ମୋତେ କହିଥିଲେ। ବାବାଙ୍କର ଏମିତି ଗୋଟାଏ କୌତୁକ ଭାବ ଆସିଲେ ସେ ପଥରବସା ମୁଦି ପିନ୍ଧିଥିବା କୌଣସି ଭକ୍ତଙ୍କ ହାତରୁ ତାଙ୍କ ମୁଦିଟି ମାଗି ନେଇଯିବେ ଓ କହିବେ, " କି ଲଜ୍ଜା ! ହାତରେ ପଥର ବୋହିବାର ମୂଳ ତତେ ଏ ଯାଏ ମିଳିନି ? କେତେଦିନ ହେଲା ଏ ପଥର ବୋହୁଛୁ ? କାଇଁ, ଦେଲୁ ମତେ।" ଭକ୍ତ ଆଙ୍ଗୁଠିରୁ ମୁଦିଟି ଖୋଲି ବାବାଙ୍କ ହାତକୁ ବଢ଼ାଇ ଦେଲେ ବାବା ତାକୁ ଦୁଇ ଆଙ୍ଗୁଠିରେ ଫୁଃ କରି ଫୁଙ୍କିଦେବେ। ତାପରେ ସେ ମୁଦିଟିର ରୂପ ବଦଳିଯିବ। ପଥର ଜାଗାରେ ଥିବ ବାବାଙ୍କର ଛବି ଥିବା ଏକ ସୁନ୍ଦର ଏନାମେଲ୍ ! ଏପରି ଗୋଟିଏ ମୁଦି ମଧ୍ୟ ସେମାନେ ମୋତେ ଦେଖାଇଲେ।

ମୋର ଇଚ୍ଛା ହେଲା ମୁଁ ମଧ୍ୟ ଏପରି ଗୋଟିଏ ରୂପ ବଦଳିଥିବା ମୁଦି ପିନ୍ଧନ୍ତି। ସେଥିପାଇଁ ଗୋଟାଏ ବଡ଼ ପଥରବସା ସୁନା ମୁଦିଟିଏ ତିଆରି କରାଇଲି। ମୁଁ ମନେ ମନେ ନିଶ୍ଚିତ ଥିଲି, ଏପରି ଗୋଟାଏ ବଡ଼ ଓଜନିଆ ପଥରବସା ମୁଦି ପିନ୍ଧିଥିବାର ଦେଖିଲେ ବାବାଙ୍କ ମନରେ ମୋ ପ୍ରତି ନିଶ୍ଚେ ଦୟା ଆସିବ, ଆଉ ମୋ ମୁଦିଟି ମାଗି ତାକୁ ଫୁଃ କରି ବଦଳାଇ ଦେବେ। ପଥର ଜାଗାରେ ଗୋଟିଏ ସୁନ୍ଦର ଛବି ମତେ ମିଳିବ ! ଏ ଭବନାରେ ମସଗୁଲ ହୋଇ ମୁଁ ବଡ଼ ସତର୍କ ଥାଏ ଯେମିତି ମୁଦିଟି ଉପରେ ବାବାଙ୍କ ଆଖି ପଡିବ। ଥରେ ଆଖି ପଡିଲେ ବାବା ତ ନିଶ୍ଚେ ମାଗିନେବେ। ମାତ୍ର କିଛି ହେଲା ନାହିଁ। ବାବାଙ୍କ ଆଖି ମୁଦି ଉପରେ ପଡିଲା କି ନାଇଁ ମୁଁ ଜାଣେନା, ମାତ୍ର ଦୁଇବର୍ଷ ପର୍ଯ୍ୟନ୍ତ ବାବା ମୁଦିର ନାଁ ଧରିଲେନି, ଆଉ ମୁଁ ମନେ ମନେ ସନ୍ତୁଳି ହେଉଥାଏ। ଶେଷରେ ସେଦିନ କୋରିକେ କୋଠରୀରେ ପ୍ରବେଶ କଲି- ସବୁଥର ପରି ଛାତି ଉପରେ ମୁଦି ପିନ୍ଧିଥିବା ଡାହାଣ ହାତଟି ରଖି। ମୋର ଉଦ୍ଦେଶ୍ୟ ମୁଦିର ପଥରଟି ଏମିତି ଅବସ୍ଥାରେ ଥିବା ଦରକାର, ଯେମିତି ଆଲୁଅ ପଡି ତାହା ଜକ ଜକ କରିବ। ବାବା ମୋ ଆଡ଼କୁ ହାତ ବଢ଼ାଇଲେ ମୁଦିଟି ପାଇଁ। ଆଃ ! ଶେଷରେ ସେ ଦିନଟି ଆସିଲା। ଥରଥର ଆଙ୍ଗୁଠିରେ ମୁଦିଟି ତାଙ୍କର କୋମଳ ପାପୁଲି ଉପରେ ରଖିଦେଲି।

ବାବା କହିବାକୁ ଆରମ୍ଭ କଲେ, "ଓହୋ, ତୋର ଇଚ୍ଛା ଏ ମୁଦି ଉପରେ ଗୋଟାଏ ବଡ଼ ଛବି ହୋଇଯାଆନ୍ତା, ତାହାହେଲେ ବଡ଼ ଭକ୍ତ ବୋଲି ତୁ ସମସ୍ତଙ୍କୁ କହି ବୁଲନ୍ତୁ। ତାହାହେଲେ ସମସ୍ତେ ତତେ ଈର୍ଷା କରନ୍ତେ, ଆଉ ତୁ ବିଖ୍ୟାତ ହୋଇଯାଆନ୍ତୁ। ନୁହେଁ ? ନା, ତାହା ହବନି। ଲୋକେ ମୋର ଛବିକୁ ମୁଦିରେ, ଘଣ୍ଟାରେ, ଲକେଟ୍‌ରେ, ବେକରେ ଘର କାନ୍ଥରେ ଓ ଠାକୁର ଘରେ ରଖି ଦେଖାଇ ହୁଅନ୍ତି। ମୁଁ ସେସବୁ ଚାହେଁନା। ମୋତେ ହୃଦୟ ଭିତରେ ରଖ। ସେଇଟା ମୋର ଘର।" ତାପରେ ମୁଦିଟିକୁ ଦୁଇ ଆଙ୍ଗୁଠି ଧରି ଫୁଙ୍କି ଦେଲେ। ପଥରଟି ତ ଗଲା, ତା ସାଙ୍ଗରେ ମୁଦିଟି ମଧ୍ୟ ଶୂନ୍ୟରେ ମିଳେଇ ଗଲା ! ବଡ଼ କଷ୍ଟରେ ଢୋକ ଗିଳି ଏକ ବୃଥା କୋହକୁ ଛାତି ଭିତରେ ଚପି ରଖିଲି।

ତାପରେ ବୁକ୍କାପଉନମ୍ ସ୍କୁଲର ବାର୍ଷିକ ଉତ୍ସବରେ ମୁଁ ଯେଉଁ ଭାଷଣ ଦେଇଥିଲି ତାକୁ ପସନ୍ଦ କରି ବାବା କେତୋଟି କଥା କହିଲେ। ମୋ ବୋଉ ଓ ପିଲାମାନଙ୍କ ଭଲମନ୍ଦ ପଚାରିଲେ। ହାତରେ କେତୋଟି ପୁଡିଆ ବିଭୂତି ଧରାଇ କୋରିକେ କୋଠରୀର କବାଟ ଖୋଲି ରଖିଲେ ମୋର ବାହାରି ଯିବାପାଇଁ।

ଦୁଇପାଦ ଯାଇଚି କି ନାଇଁ, ପଛରୁ ତାଙ୍କ ଡାକ ଶୁଭିଲା। ଦୟାଭରା କଣ୍ଠରେ କହିଲେ, "ବିଚରା ତୋ ମୁଦିଟା ଚାହୁଁଚୁ ନା ?" ମୁହଁରେ ମିଠା ମିଠା ହସ ଧରି, ଆଖିରେ ବୁଝାମଣାର

କରୁଣା ଝରାଇ ତାଙ୍କ ହାତ ପାପୁଲି ଶୂନ୍ୟରେ କେତେଥର ଘୂରିଗଲା । ହଠାତ୍ ମତେ ଲାଗିଲା ଝଲକାଏ ଆଲୋକ ସେ ଧରି ପକାଇଲେ । ମୁଠା ଖୋଲିଲା । ହାତ ପାପୁଲିରେ ଝଟକୁଛି ଏକ ସୁନ୍ଦର ନବରତ୍ନଖଚିତ ମୁଦି । ଶାସ୍ତ୍ରରେ ଅଛି ଏ ନବରତ୍ନ ନବଗ୍ରହଙ୍କ କୃପା ଓ କଲ୍ୟାଣ ଆକର୍ଷଣ କରିବ । ମୋ ଆଙ୍ଗୁଠି ଟାଣିନେଇ ସେ ଗଳାଇ ଦେଲେ । ଏକଦମ୍ ଠିକ୍ ।

"ଏବେ ତୁ ଆଉ ବଡପଣ ଦେଖାଇ ପାରିବୁନି । ମୁଁ ତତେ ଭକ୍ତ ବୋଲି ସ୍ୱୀକାର କରିବା ଆଗରୁ ନିଜକୁ ଭକ୍ତ ବୋଲି କହିପାରିବୁନି । କାରଣ ନବଗ୍ରହକୁ ସନ୍ତୁଷ୍ଟ କରିବାପାଇଁ ଅନେକେ ଏ ମୁଦି ପିନ୍ଧନ୍ତି । ଅବଶ୍ୟ ତୁ କ୍ରମଶଃ ବୁଝିବୁ ଯେ ମୋର ଅନୁଗ୍ରହ ନବଗ୍ରହଙ୍କ ରୋଷ ବ୍ୟର୍ଥ କରିବାପାଇଁ ସମର୍ଥ । ସେ ପର୍ଯ୍ୟନ୍ତ ଏ ମୁଦି ତୋ ଆଙ୍ଗୁଠିରେ ଥାଉ ।" ଦ୍ୱିତୀୟଥର ମୁଁ ଯେତେବେଳେ କୋଠରୀରୁ ବାହାରକୁ ଆସିଲି ଆନନ୍ଦରେ ଉଲ୍ଲାସରେ ମୋର ଓଠ ବୋଧହୁଏ ଦୁଇ କର୍ଣ୍ଣମୂଳ ସ୍ପର୍ଶ କରୁଥିଲା ।

ଦାବନଗିରେ କଲେଜରେ ଯେତେବର୍ଷ ମୁଁ କାମ କରିଥିଲି, ଅନୁଭବ କରୁଥିଲି ବାବା ବରାବର ମୋ ପାଖେ ପାଖେ ରହିଥିଲେ । ମୋତେ ତଡ଼ିବା ପାଇଁ ହୋଇଥିବା ଅନେକ ଉଦ୍ୟମକୁ ସେ ପଣ୍ଡ କରି ଦେଇଥିଲେ । ଯେଉଁମାନେ ମୋ ବିରୁଦ୍ଧରେ ଲାଗୁଥିଲେ ସେମାନଙ୍କୁ ଦୂର ଦୂର ଯାଗାକୁ ଘେନି ଯାଉଥିଲେ । ଯେଉଁମାନେ ମୋ ପଛରେ ଠିଆ ହେଉଥିଲେ ସେମାନଙ୍କୁ ମଧ୍ୟ ସେ ନିରାପଦ ରଖୁଥିଲେ । କଲେଜ ଛୁଟି ହୋଇଗଲେ ମୁଁ ବାଙ୍ଗାଲୋରରେ ରହି ଅଫିସ୍‌ର କାଗଜପତ୍ର ଦେଖେ । ଥରେ ଅଫିସ୍ ମୋ ପାଖକୁ ଗୋଟିଏ ଚେକ୍ ପଠାଇଲା । ପାଞ୍ଚଅଙ୍କ ବିଶିଷ୍ଟ ଏ ଚେକ୍ ଦାବନଗିରେ ସରକାରୀ ଟ୍ରେଜେରୀରେ ଭଙ୍ଗା ହେବା କଥା । ଏ ଟଙ୍କା ଆସିଥିଲା ପିଲାଙ୍କୁ ସ୍କଲରସିପ୍ ଦେବାପାଇଁ । ଚେକ୍‌ରେ ଦସ୍ତଖତ କରି ରେଜିଷ୍ଟ୍ରି ଡାକରେ ଫେରାଇ ଦେବାପାଇଁ ଅଫିସ୍ ମୋ ପାଖକୁ ଗୋଟିଏ ଷ୍ଟାମ୍ପଦିଆ ଲଫାପା ମଧ୍ୟ ପଠାଇଥିଲା । ଚେକ୍‌ରେ ଦସ୍ତଖତ କରି ତାକୁ ଲଫାପାରେ ପୂରାଇଲି, ପକେଟ୍‌ରେ ଧରି ବଜାର ବାହାରିଲି । ଖୁବ୍ ବର୍ଷା ହେଉଥିଲା ସେତେବେଳେ । ଦୁଇ ତିନିଟା ଦୋକାନରୁ କିଛି କିଣି ଯାଇ ପୋଷ୍ଟ ଅଫିସ୍‌ରେ ପହଞ୍ଚି ଆବିଷ୍କାର କଲି ଯେ ମୋ ପକେଟ୍ ଖାଲି ! ଲଫାଫାଟି ପକେଟ୍‌ରେ ନାହିଁ । ମୋ ମୁଣ୍ଡ ଭିତରେ ଗୋଟାଏ ଚକ ବୁଲିବା ଆରମ୍ଭ ହୋଇଗଲା ।

ପାଗଳପରି ପଛକୁ ଦୌଡିଲି । ଯେଉଁ ରାସ୍ତାରେ ମୁଁ ଆସିଥିଲ, ଯେଉଁ ବସ୍‌ରେ ଚଢ଼ିଥିଲି ସବୁ ଖୋଜି ପକାଇଲି । ମୋର ଭୟ ହୋଇଗଲା ଯେଉଁ ଲୋକ ମୋ ପକେଟ୍‌ରୁ ଲଫାଫାଟି ମାରିନେଇଛି, ସେ ସଙ୍ଗେ ସଙ୍ଗେ ଟ୍ରେଜେରୀକୁ ଯାଇ ଟଙ୍କା ଉଠାଇନେବ । ସେ ସେତକ

ନ କଲେ ମଧ୍ୟ ମୋ ମାନସମ୍ମାନ ତ ତଳେ ପଡିବ । ପୁଣି ଅସାବଧାନତା ଓ ବିନା ଅନୁମତିରେ କଲେଜରୁ ଅନୁପସ୍ଥିତ ରହିବାର ଅପରାଧ ଯୋଗୁଁ ଗାଳି ଶୁଣିବାକୁ ହେବ, ମୋତେ କ୍ଷମା ମାଗିବାକୁ ହେବ । ଚେକ୍‌ର ନମ୍ବରଟା ବି ମୋ ପାଖରେ ନ ଥିଲା । ତେଣୁ ଏହି ଦୁର୍ଦ୍ଦଶା ସମ୍ବନ୍ଧରେ ମୁଁ ଟ୍ରେଜେରୀକୁ ଫୋନ୍ କରିପାରୁ ନଥିଲି କିମ୍ବା ଟେଲିଗ୍ରାମ ମଧ୍ୟ ପଠାଇ ପାରୁ ନ ଥିଲି । ବିକଳ ହୋଇ ଦାବନଗିରେ ପାଇଁ ରାତି ଗାଡି ଧରି ସକାଳ ଆଠଟାରେ ଯାଇ କଲେଜରେ ପହଞ୍ଚିଲି । ଟ୍ରେଜେରୀ ଅଫିସରଙ୍କୁ ଏ ସମ୍ବନ୍ଧରେ ଜଣାଇଦେବା ନିମନ୍ତେ ଚିଠିଟିଏ ଟାଇପ୍ କରିବା ଉଦ୍ଦେଶ୍ୟରେ ମୁଁ କଲେଜର ହିସାବରକ୍ଷକଙ୍କୁ ଡକାଇ ପଠାଇଲି । ସେ ଆସି ପହଞ୍ଚିଲା ସକାଳ ସାଢ଼େ ନଅରେ ।

ଏ ଘଟଣା ସମ୍ବନ୍ଧରେ ମୁଁ ଆଲୋଚନା ଆରମ୍ଭ କରିବା ଆଗରୁ ପୋଷ୍ଟମ୍ୟାନ୍ ଅଫିସକୁ ତାଡାଏ ଚିଠି ଧରି ପଶିଆସିଲା । ସେ ଚିଠିଗଦା ଭିତରେ ଥିଲା ଗତକାଲି ମୁଁ ହଜାର ଦେଇଥିବା ଚେକ୍‌ଲଫାଫାଟି ! ଚେକ୍‌ଟି ନିରାପଦରେ ଭିତରେ ଥିଲା । ମୋ ପିଣ୍ଡରେ ପ୍ରାଣ ପଶିଲା । ଲୋକଗହଳି ଭିତରେ ଲଫାଫାଟି କେଉଁଠି ରାସ୍ତାରେ ଖସି ପଡିଥିଲା । କୌଣସି ସଦୟ ଭଦ୍ରବ୍ୟକ୍ତି (ନା ବାବା ନିଜେ ?) ଲଫାଫାଟିକୁ ରାସ୍ତାରୁ ଗୋଟାଇ ପାଖ ପୋଷ୍ଟବକ୍‌ସରେ ଗଳାଇ ଦେଇଥିବେ । ଲଫାଫା ଉପରେ ଯୋତାର ଦାଗ ଥିଲା । ସେଥିରେ ଉପଯୁକ୍ତ ମୂଲ୍ୟର ଷ୍ଟାମ୍ପ ଲାଗିଥିବାରୁ ପୋଷ୍ଟମାଷ୍ଟର ନିଜେ ତାକୁ ରେଜିଷ୍ଟ୍ରି କରିବାର ଦାୟିତ୍ୱ ନେଇଥିବେ । ତା'ପରେ ମୁଁ ଯେଉଁ ଟ୍ରେନ୍‌ରେ ଆସିଲି, ଲଫାଫାଟି ସେଥିରେ ମୋ ସହିତ ଯାତ୍ରା କରି ମୁଁ ଅଫିସ୍‌ରେ ଆସି ପହଞ୍ଚିବା ପରେ ପରେ ଏଠି ଆସି ପହଞ୍ଚି ଯାଇଛି । ମୁଁ କାହିଁକି ହଠାତ୍ ଆସି ପହଞ୍ଚିଲି, ଆଉ ମୁଁ ସେ ଲଫାଫାଟିକୁ କିପରି ବିକଳ ହୋଇ ଖୋଜୁଥିଲି ସେ କଥା ଅଫିସ୍ ସହକାରୀମାନଙ୍କୁ ମୁଁ ଅବଶ୍ୟ କହି ନ ଥିଲି ।

ମୋ କଲେଜଟି ମହୀଶୂର ବିଶ୍ୱବିଦ୍ୟାଳୟ ସହ ସଂଯୁକ୍ତ ଥିଲା । ସେପ୍‌ଟେମ୍ବର ମାସ । କଲେଜରେ ସେପ୍‌ଟେମ୍ବର ପରୀକ୍ଷା ଚାଲିଥାଏ, ଆଉ ପୁଟ୍ଟପର୍ତ୍ତିରେ ଦଶହରା । କଲେଜର ପ୍ରିନ୍‌ସପାଲ ହିସାବରେ ମୋତେ ପରୀକ୍ଷା ପରିଚାଳନା କରିବାକୁ ପଡୁଥିଲା । ପ୍ରଶ୍ନପତ୍ର ଖୋଲିବା, ପରୀକ୍ଷାର୍ଥୀମାନଙ୍କୁ ପ୍ରଶ୍ନପତ୍ର ବାଣ୍ଟିବା, ପରୀକ୍ଷା ଇନ୍‌ଭିଜିଲେଟର୍ ବା ତଦାରଖକାରୀମାନଙ୍କୁ ନିଯୁକ୍ତ କରିବା, ପରୀକ୍ଷା ସରିଲେ ଉତ୍ତର ଖାତାଗୁଡିକୁ ଏକାଠି କରି ବିଭିନ୍ନ ପରୀକ୍ଷକମାନଙ୍କ ପାଖକୁ ପଠାଇବା ଥିଲା ମୋର କାମ । ଭକ୍ତ ଭାବରେ ଦଶହରା ଉତ୍ସବର ଅନ୍ତତଃ ଶେଷ ତିନିଦିନ ପୁଟ୍ଟପର୍ତ୍ତିରେ ମୋ ବୋଉ ଓ ପତ୍ନୀ ସହ ଉପସ୍ଥିତ ରହିବାର ଅଭିଳାଷ ଥିଲା ପ୍ରବଳ ।

ଭାଗ୍ୟକୁ ସେ ତିନିଦିନ ମୋ କଲେଜ ସହ ଆଉସବୁ କଲେଜ ପାଇଁ ଛୁଟି ଥିଲା । ତେଣୁ ମୁଁ ବାଙ୍ଗାଲୋର୍‌ରେ ଥିବା ମୋ ପତ୍ନୀ ପାଖକୁ ଟେଲିଗ୍ରାମ କରିଦେଲି ତାପରଦିନ ଉପରଓଳି ସେ ଯେମିତି ମୋତେ ବାଙ୍ଗାଲୋର୍ ରେଲଷ୍ଟେସନ୍‌ରେ ଅପେକ୍ଷା କରିଥିବ । ତା'ପରେ ଆମେ ଏକାଠି ପୁଟପର୍ତ୍ତି ଯିବା । ଯୋଜନାଟି ବେଶ୍ ନିର୍ମଳ ଥିଲା । ମାତ୍ର ମୁଁ କ'ଣ ଜାଣିଥିଲି ତା ପରଦିନ ସକାଳଟି ମୋ ପକ୍ଷରେ ହେବ ଏକ ଦୁର୍ଗତି ଦାୟକ ସକାଳ ।

ପରୀକ୍ଷାର୍ଥୀମାନେ ନିଜ ନିଜ ଚଉକିରେ ବସିଲେଣି । ପ୍ରଶ୍ନପତ୍ରରେ ସିଲ୍‌ଦିଆ ପ୍ୟାକେଟ୍‌ଟି ମୋ ଆଗରେ । ପ୍ୟାକେଟ୍ ଖୋଲି ପ୍ରଶ୍ନଗୁଡିକ ଧରି ପ୍ରଥମ ହଲ୍‌ରେ ପ୍ରବେଶ କଲି । ପ୍ରାୟ ୨୫ ଜଣ ଛାତ୍ରଙ୍କୁ ପ୍ରଶ୍ନସବୁ ବାଣ୍ଟିଦେଲି । ହଠାତ୍ ପରୀକ୍ଷା ହଲ୍‌ରେ ପାଟିତୁଣ୍ଡ ହେଲା । ପଚିଶଜଣଯାକ ପରୀକ୍ଷାର୍ଥୀ ଠିଆ ହୋଇଗଲେ । ସେଦିନ ଯେଉଁ ବିଷୟରେ ସେମାନେ ପରୀକ୍ଷା ଦେବା କଥା, ତା ସହ ଏ ପ୍ରଶ୍ନର କୌଣସି ସଂପର୍କ ହିଁ ନାହିଁ ! ସେଦିନ ଗ୍ରେଟ୍‌ବ୍ରିଟେନ୍‌ର ଇତିହାସ ଥିଲା ପରୀକ୍ଷାର ବିଷୟ, ମାତ୍ର ପ୍ରଶ୍ନ ସବୁ ଭାରତର ଇତିହାସ ସଂପର୍କରେ ।

ସେମାନେ ଠିକ୍ କହିଥିଲେ । ମୁଁ ଭୁଲ୍ କରିଛି । ପିଲାଙ୍କଠାରୁ ପ୍ରଶ୍ନପତ୍ରଗୁଡିକ ତରତର ହୋଇ ସଂଗ୍ରହ କରିନେଲି । ତା'ପରେ ଅଫିସକୁ ଯାଇ ଠିକ୍ ପ୍ରଶ୍ନପତ୍ର ପ୍ୟାକେଟ୍ ଖୋଲି ପିଲାଙ୍କୁ ବାଣ୍ଟିଦେଲି । ତା'ପରେ ଅଫିସକୁ ଫେରି ଦୁର୍ଗତି କଥା ଭାବି ମୁଣ୍ଡରେ ହାତ ଦେଇ ବସିଲି । କିଛି ସମୟ ପରେ ଉଠି ଅଫିସର ଦ୍ୱାର ବନ୍ଦ କରି ବାବାଙ୍କ ଫଟୋକୁ ଚାହିଁ କାନ୍ଦି ପକାଇଲି ।

ପ୍ରଭୁ, ଏପରି କାହିଁକି ହେଲା ? ଏପରି ଗୋଟାଏ ଭୁଲ୍ କରିବାରେ ତୁମେ କାହିଁକି ବାଧା ଦେଲ ନାହିଁ ? ଛଅଦିନ ପରେ ଯାଇ ଭାରତର ଇତିହାସ ପରୀକ୍ଷା ଅଛି । ଏବେ ଇତିହାସର ପରୀକ୍ଷକମାନେ ଏକାଠି ହେବେ, ନୂଆ ପ୍ରଶ୍ନପତ୍ରଟିଏ ତିଆରି କରିବାକୁ ସିଦ୍ଧାନ୍ତ ନେବେ, ପ୍ରଶ୍ନ ତିଆରି ହେବ, ଛପା ହେବ, ତା'ପରେ ପନ୍ଦରଟି ପରୀକ୍ଷା କେନ୍ଦ୍ରକୁ ସେସବୁ ପଠାଯିବ ! ପ୍ରାୟ ଅସମ୍ଭବ ବ୍ୟାପାର ! କାରଣ ଏସବୁ ହେବ ଛଅଦିନ ଭିତରେ । ଯେଉଁମାନେ ମୋ ପ୍ରତି ବୀତସ୍ପୃହ, ଯେଉଁମାନଙ୍କୁ ମୁଁ ରୁଷ୍ଟ କରିଛି ଓ ଯେଉଁମାନେ ମୋ ପ୍ରତି ଅସହିଷ୍ଣୁ, ଏବେ ସେମାନେ ସମସ୍ତେ ଏକାଠି ହୋଇଯିବେ । ପୁଣି ପରୀକ୍ଷାର୍ଥୀମାନଙ୍କୁ ୧୫ ଦିନ ପରେ ପୁଣି ପରୀକ୍ଷା କେନ୍ଦ୍ରକୁ ଆସିବାକୁ କୁହାଯିବ । ଚାରିଶହ ପିଲା ଓ ସେମାନଙ୍କ ଅଭିଭାବକମାନଙ୍କ ମଧ୍ୟରେ ନିଶ୍ଚୟ କ୍ରୋଧର ଗୁଞ୍ଜରଣ ବଢିବ, କାରଣ ଏହା ଫଳରେ ପରୀକ୍ଷାର୍ଥୀମାନଙ୍କର ଖର୍ଚ୍ଚ ବଢ଼ିବ, ଆଉ ସମସ୍ତଙ୍କର ଘୋର ଅସୁବିଧା ହେବ । ଏ ସବୁ କଥା ମୁଁ ଲୁହଝରା ଆଖିରେ ବାବାଙ୍କୁ କହୁଥାଏ । ମୁଁ ମୋ ପତ୍ନୀ ପାଖକୁ ଟେଲିଗ୍ରାମ କରିଦେଲି ଯେ ଜରୁରୀ କାମରେ

ମୋତେ ମହୀଶୂର ଯିବାକୁ ପଡୁଛି । ଆମ ଯୋଜନା ଅନୁସାରେ ସେ ବୋଉକୁ ଧରି ପୁଟପର୍ତ୍ତି ଚାଲିଯାଉ । ମୁଁ ପରେ ସେଠି ସେମାନଙ୍କୁ ଭେଟିବି ।

ରାତିଗାଡି ଧରି ସକାଳ ସାତଟାରେ ମହୀଶୂରରେ ପହଞ୍ଚିଲି । ସିଧା ରେଜିଷ୍ଟ୍ରାରଙ୍କ ଘରେ ପହଞ୍ଚିଲି । ସେ ମୋର ଜଣେ ପ୍ରିୟ ବନ୍ଧୁ ଥିଲେ । ସେ ସାନ୍ତ୍ୱନା ଦେଇ କହିଲେ ଇତିହାସର ଦୁଇଜଣ ପ୍ରଶ୍ନକର୍ତ୍ତା ମହୀଶୂରର ଲୋକ । ଏଣୁ ସେମାନଙ୍କୁ ଧରିବା ସହଜ । ସେ ସରକାରୀ ଛାପାଖାନାକୁ ଟେଲିଫୋନ୍ କଲେ । ସେମାନେ କହିଲେ ସେଦିନ ଦିନ ୨ଟା ସୁଦ୍ଧା ଯଦି ପ୍ରଶ୍ନ ସେମାନଙ୍କୁ ମିଳିଯାଏ, ସେମାନେ ରାତିସୁଦ୍ଧା ଛାପି ଦେଇପାରିବେ । ପୁଣି ଅନୁସନ୍ଧାନ କରି ସେ ବୁଝିଲେ ଯେ ଦଶହରା ପାଇଁ ପୋଷ୍ଟଅଫିସ୍ ଦୁଇଦିନ ପରେ ଯାଇ ଦିନକ ପାଇଁ ବନ୍ଦ ରହିବ । ସେ ମୋତେ ଦିନ ସାଢ଼େ ଦଶବେଳକୁ କୁଳପତିଙ୍କ ବାସଭବନରେ ଅପେକ୍ଷା କରିବାକୁ କହିଲେ । କାରଣ ସେଦିନ କୁଳପତି କ୍ରଫୋର୍ଡ୍ ହଲ୍‌ରେ ଏକ ଐତିହାସିକ ସମାବେଶରେ ଯୋଗ ଦେବାକୁ ଯିବେ । ସେ ସମାବେଶରେ ମୁଖ୍ୟମନ୍ତ୍ରୀ ଶ୍ରୀ ହନୁମନ୍ତେୟା ନୂତନ ଏବଂ ବୈପ୍ଳବିକ ସ୍କୁଲ ସିଲାବସ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ଶିକ୍ଷାବିଭାଗରେ ଏକ ଅଦୃଷ୍ଟପୂର୍ବ ପରିବର୍ତ୍ତନ କଥା ଘୋଷଣା କରିବେ । ରେଜିଷ୍ଟ୍ରାର ପ୍ରସ୍ତାବ ଦେଲେ ଗୋଟିଏ କଲେଜର ମୁଖ୍ୟ ହିସାବରେ ପ୍ରଥମେ ମୁଁ ଏ ସମାରୋହରେ ଯୋଗ ଦେବି ଓ ତା'ପରେ କୁଳପତିଙ୍କ ଗାଳି ଶୁଣିବାକୁ ତାଙ୍କ ଛାମୁରେ ହାଜର ହେବି ।

କ୍ରଫୋର୍ଡ୍ ହଲ୍‌କୁ ଗଲି ଓ ଆଗଧାଡ଼ିରେ ବସିଲି । ମୋ ଆଗରେ ସିଧା ବସିବେ କୁଳପତି, ଯାହାଙ୍କର ରୋଷକଷାୟିତ ନୟନ ଯୁଗଳ ଆଉ ଅଳ୍ପସମୟ ପରେ ମୋ ଉପରେ ଅଗ୍ନି ଓ ଧୂମ୍ର ବର୍ଷଣ କରିବ ! ଲକ୍ଷ ଲକ୍ଷ ଛାତ୍ର-ଛାତ୍ରୀଙ୍କ ଜୀବନକୁ ପ୍ରଭାବିତ କରିବାକୁ ଯାଉଥିବା ଶିକ୍ଷା ସମ୍ବନ୍ଧୀୟ ଏହି ଘୋଷଣା ଶୁଣିବା ପାଇଁ ସୁଦୂର ଦାବନଗିରେଠାରୁ ମହୀଶୂର ଧାଇଁ ଆସିଥିବାରୁ ମୋର ଶିକ୍ଷାପ୍ରୀତିକୁ ଅନେକ ବନ୍ଧୁ ମୁକ୍ତକଣ୍ଠରେ ପ୍ରଶଂସା କରିଥିଲେ ମାତ୍ର, ମୁଁ ସମସ୍ତଙ୍କ କଥା ଶୁଣି କେବଳ ମଧୁର ହସଟିଏ ହସିବାରେ ପ୍ରାଣମୂର୍ଚ୍ଛା ଛଳନା କରୁଥାଏ ।

ଉତ୍ସବ ଆରମ୍ଭ ହେଉ ହେଉ ଭୂମିକମ୍ପ ! ଭେରୀ, ତୂରୀ, ଢୋଲ, ମର୍ଦ୍ଦଳର ଗର୍ଜନ ଭିତରେ ମହାମାନ୍ୟ ମୁଖ୍ୟମନ୍ତ୍ରୀ ସଭାସ୍ଥଳକୁ ଆସିଲେ । ସେ ଯେତେବେଳେ ଉଠି ଠିଆହେଲେ ଭାଷଣ ଦେବାକୁ, ଚାରିଆଡ ସ୍ତବ୍ଧ । ପ୍ରଥମ କେତୋଟି ଶବ୍ଦ ଥିଲା ଇଂରାଜୀରେ । ପଛରେ ଯେଉଁ ପିଲାମାନେ ଦ୍ୱାରଦେଶରେ ଭିଡ କରିଥିଲେ ଓ ଝରକା ଉପରେ ବସିଥିଲେ, ପାଟି କରି ଉଠିଲେ, "କନ୍ନଡ଼ ଜିନ୍ଦାବାଦ" "ଅଙ୍ଗ୍ରେଜୀ ମୁର୍ଦ୍ଦାବାଦ୍, କନ୍ନଡ଼ ମାତାକୀ ଜୟ" । ସେମାନଙ୍କ

ଚିତ୍କାର, ବିରାଡି କୁକୁର ରଡିରେ କାନ ଅତଡ଼ା ପଡିଗଲା । ମୁଖ୍ୟମନ୍ତ୍ରୀ ଆସନ ଗ୍ରହଣ କଲେ । ପୋଲିସମାନେ ବିଗିଡ଼ିଲେ, ବୋଧହୁଏ ଏଥର ସେମାନଙ୍କ କୃତି ଦେଖାଇବାକୁ ହେବ । ହଲ୍ ଭିତରେ ଓ ବାହାରେ ଲାଠିମାଡ଼ ଆରମ୍ଭ ହୋଇଗଲା । ଯିଏ ପାହାରରୁ ବଞ୍ଚିଯିବାକୁ ବସିଲା, ତା ଉପରେ ଜୋର୍ କରି ବସିଲା । ପାଖରେ ବସିଥିବା କୁଳପତିଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କେତୋଟି ମଧୁର ଶବ୍ଦ ପ୍ରୟୋଗ କଲେ । ମୁଁ ଦେଖିଲି ତାଙ୍କ ମୁହଁ ତଳକୁ ହୋଇଯାଉଛି । ମୁଁ ବୁଝିପାରିଲି ବାହାରେ ଲୋକମାନଙ୍କ ଉପରେ ଲୁହବୁହା ଗ୍ୟାସ୍ ପ୍ରୟୋଗ କରାଯାଉଛି ନ ହେଲେ ମୁଖ୍ୟମନ୍ତ୍ରୀ ନିରାପଦରେ ଘରେ ପହଞ୍ଚିବେ କିପରି ?

ଶେଷରେ ଲୁହବୁହା ଗ୍ୟାସ ଭିତରେ ଗଳି ମୁଁ ସେ ସମାବେଶରୁ ମୁକୁଳି କୁଳପତିଙ୍କ ବାସଭବନକୁ ଧାଇଁଲି । ତାଙ୍କ ବାରଣ୍ଡାରେ ଏପରି ଗୋଟିଏ ଜାଗାରେ ଯାଇ ଠିଆ ହେଲି, ଯେମିତି ସେ ଆସୁ ଆସୁ ମୋତେ ଦେଖିପାରିବେ । ରେଜିଷ୍ଟ୍ରାର ଆଗରୁ ତାଙ୍କ ଘରେ ଆସି ବସିଥାନ୍ତି, ଦରକାର ପଡ଼ିଲେ ମୋ ପକ୍ଷରେ ପଦେ ଅଧେ କହିବାକୁ । କୁଳପତି ଛୋଟେଇ ଛୋଟେଇ ଆସିଲେ । ମୁହଁ ତାଙ୍କର ଅଥାର ହାଣ୍ଡିପରି ଦିଶୁଥାଏ । ତାଙ୍କ କଲେଜର ପିଲାମାନେ ମାତୃଭାଷା ପ୍ରତି ଯେଉଁ ଅତ୍ୟଧିକ ଅନୁରକ୍ତି ଦେଖାଇଲେ, ତାଫଳରେ କୁଳପତିଙ୍କ ଲାଭ ହେଲା ମୁଖ୍ୟମନ୍ତ୍ରୀଙ୍କଠାରୁ କେତୋଟି ସୁମଧୁର ବାଣୀ ! ଲୁହବୁହା ଗ୍ୟାସର ଦୟା ଯୋଗୁ ତାଙ୍କ ଆଖି ମଧ୍ୟ ନାଲ୍ ଦିଶୁଥାଏ । ମୋତେ ଦେଖୁ ଦେଖୁ ପଚାରିଲେ, "କ'ଣ ଖବର ?" ଚଉକିରେ ଲଥ୍ କରି ବସିପଡି ମୋତେ ଚାହିଁଲେ । ମୁଁ ବଡ଼ ସନ୍ତର୍ପଣରେ ଉତ୍ତର ଦେଲି "ସାର୍, ମୁଁ ବିପଦରେ ପଡିଯାଇଚି" । କଣ୍ଠରେ ବିବ୍ରତଭାବ ଫୁଟାଇ ସେ ପଚାରିଲେ, "କ'ଣ ପିଲାଙ୍କ ଦ୍ୱାରା ?" "ନା ସାର୍ । ଏଥର ମୋ ନିଜର କୃତି ଯୋଗୁ ।" ଆଶ୍ୱସ୍ତ ହୋଇ ସେ ଠିଆ ହୋଇପଡିଲେ ଓ ମୋ ଆଡକୁ ହାତ ବଢ଼ାଇ କହିଲେ, "ବଡ଼ ଖୁସି ହେଲି । ଏତେ ବର୍ଷ ଧରି ତୁମେ ଦାବନଗିରେ ଛାତ୍ରମାନଙ୍କୁ ସଂଯତ କରି ରଖିପାରିଛ । ମାତ୍ର ଦେଖ ତ ଆଜି ସକାଳର ଦୁର୍ଦ୍ଦଶା ।" ସେ ଗୋଟିଏ ସିଗାରେଟ୍ ଧରାଇଲେ । ମୁଁ ତାଙ୍କୁ ମୋ ଦୁର୍ଘଟଣା କଥା କହିଲି ଓ ଏହାକୁ ସଜାଡ଼ିବାର ଜରୁରୀ ଆବଶ୍ୟକତା ସମ୍ପର୍କରେ ସୂଚନା ଦେଲି ମଧ୍ୟ । ସେ ପୁଣି ଠିଆ ହେଲେ । ମୋତେ ଚାହିଁ କହିଲେ, କସ୍ତୁରୀ, ଏ ବିଷୟରେ ବ୍ୟସ୍ତ ହେବାର କିଛି ନାହିଁ । ସବୁଠୁ ଭଲ ପରିଚାଳିତ କଲେଜରେ ମଧ୍ୟ ବେଳେ ବେଳେ ଏପରି ଘଟଣା ଘଟିଥାଏ । ଯେ ପର୍ଯ୍ୟନ୍ତ ତୁମେ ଛାତ୍ରମାନଙ୍କୁ ନିଜ ଅକ୍ତିଆରରେ ରଖିଛ, ତୁମେ ଯେ କୌଣସି ଭୁଲ କଲେ ବି ମୁଁ କ୍ଷମା କରିଦେବି ।" ତା'ପରେ ସେ ରେଜିଷ୍ଟ୍ରାରଙ୍କୁ ଡାକିଲେ ।

ଭାରତର ଇତିହାସ ସମ୍ବନ୍ଧରେ ପ୍ରଶ୍ନପତ୍ରଟିଏ ତିଆରି କରିବାକୁ ମୁଁ ଅନ୍ୟ ଗୋଟିଏ କୋଠରୀକୁ ଗଲି । ଘଣ୍ଟାକ ଭିତରେ ପରୀକ୍ଷକ ବୋର୍ଡର ଦୁଇ ଜଣ ଆସି ପହଞ୍ଚିଲେ ଓ ପ୍ରଶ୍ନପତ୍ରରେ ସ୍ୱୀକୃତି ସୂଚକ ଦସ୍ତଖତ କଲେ । ଦିନ ବାରଟାବେଳେ ପ୍ରଶ୍ନପତ୍ର ସରକାରୀ ଛାପାଖାନାକୁ ପଠାଇ ଦିଆଗଲା । ପରୀକ୍ଷକ ବୋର୍ଡର ସେ ଦୁଇଜଣଙ୍କ ମଧ୍ୟରୁ ମହିଳା ଜଣକ ମୋ ପାଖରେ ଭାରତୀୟ ଇତିହାସ ପଢ଼ିଥିଲେ । ସେ ପ୍ରେସ୍‌ର ପ୍ରୁଫ୍ ସଂଶୋଧନ କରିଦେବାର ଭାର ଆପେ ଗ୍ରହଣ କଲେ । ପୋଷ୍ଟ ଅଫିସ୍ ମଧ୍ୟ ପ୍ରତିଶ୍ରୁତି ଦେଲା ଯେ ଯଥା ସମୟରେ ପ୍ୟାକେଟ୍‌ଗୁଡିକ ଯଥାସ୍ଥାନରେ ପହଞ୍ଚିଯିବ । କୁଳପତି ମୋ ପିଠିରେ ସଶବ୍ଦ ଗ୍ଧପୁଡାଟିଏ ବସାଇ କହିଲେ, " କସ୍ତୁରୀ, ଏଥର ମୁହଁରେ ହସ ଫୁଟାଇ ଭାବିନିଅ କିଛି ଅଘଟଣ ଘଟିନାହିଁ । ତୁମର ହାସ୍ୟରସିକତା ହଜାଅନି । ସ୍ୱର୍ଗ ତ ଖସିପଡି ନାହିଁ ! ପିଲାମାନେ ଚୁପ୍‌ଚାପ୍ ଥିବାଯାଏ ସବୁ ଠିକ୍ ଅଛି । ଏଥର ତୁମେ ତୁମ ପୁଟ୍ଟପର୍ତ୍ତିକୁ ଯାଇପାର ।"

ତିନିଟାବେଳେ କୁଳପତିଙ୍କ ଘର ଛାଡି ରେଲଷ୍ଟେସନ୍‌ରେ ଯାଇ ପହଞ୍ଚିଲି । ବାଙ୍ଗାଲୋରରେ ପହଞ୍ଚି ଦେଖିଲି ମୋ ପତ୍ନୀ ଓ ବୋଉ ମୋତେ ଅପେକ୍ଷା କରି ବସିଛନ୍ତି । ଦାବନଗିରେ ଟ୍ରେନରୁ ମୁଁ ଓହ୍ଲାଇବା କଥା ! କାରଣ ମୋର ଟେଲିଗ୍ରାମ ସେମାନେ ପାଇ ନ ଥିଲେ । ଅଧିକା ପଇସା ଦେଇ ଜରୁରୀ ଟେଲିଗ୍ରାମ କରିଥିଲେ ମଧ୍ୟ ଟେଲିଗ୍ରାମ ସେମାନଙ୍କଠାରେ ପହଞ୍ଚି ନ ଥିଲା ! ଆମର ପୂର୍ବ ଯୋଜନାକୁ ବାବା ବ୍ୟତିକ୍ରମ କରି ନାହାନ୍ତି । ଆମେ ଯାଇ ପୁଟ୍ଟପର୍ତ୍ତିରେ ପହଞ୍ଚିଲୁ । ଆମେ ପୁଟ୍ଟପର୍ତ୍ତି ଛାଡିବାର ଶେଷ ମୁହୂର୍ତ୍ତରେ ବାବା ମୋତେ ଭିତରକୁ ଡାକିଲେ । ମୁଁ ଅନୁନୟ କରି କହିଲି, " ସ୍ୱାମୀ, ଏ ପ୍ରିନ୍‌ସପାଲ ପଦ ମୋର ଲୋଡା ନାହିଁ । ଏ କାମ ଭାରି..... । " ମୋ ପାଟିରୁ କଥା ଛଡାଇ ନେଇ ବାବା କହି ଉଠିଲେ, " କାଇଁକି ? କ'ଣ ହେଲାକି ? ମୁଁ ଜାଣେ । ତୁ ଯେଉଁ ପ୍ୟାକେଟ ଖୋଲିବା କଥା ତା ବଦଳରେ ଆଉ ଗୋଟିଏ ପ୍ୟାକେଟ ଖୋଲି ଦେଲୁ । ଆଉ ମୋ ଫଟୋ ଆଗରେ କାନ୍ଦିଲୁ । ତାହା ପୁଣି ଅଫିସ୍‌ଟା ଭିତରେ ! ତେବେ ତୋ ମାଲିକ ତ ତୋ ପିଠିରେ ହାତ ମାରି ପଠାଇ ଦେଲା । ଏଇଟା ପ୍ରଥମଥର ତୁ ଭୁଲ କରିନୁ । ମୁଁ ସବୁବେଳେ ତୋ ପାଖେ ପାଖେ ଅଛି । ତୁ ଯେତେଥର ଝୁଣ୍ଟି ପଡିବୁ, ମୁଁ ତୋ ପଛରେ ଥାଇ ସେତେଥର ତୋତେ ଉଠାଇ ଦେଉଥିବି ଓ ଦୁର୍ଗତିରୁ ରକ୍ଷା କରୁଥିବି ।"

ବାବାଙ୍କ ଅସୀମ କରୁଣା, ସେ ଯାହାକୁ ସ୍ନେହ କରନ୍ତି ସେମାନଙ୍କ ଅପରାଧ ସମ୍ପର୍କରେ ତାଙ୍କ ସତର୍କତାର ପ୍ରମାଣ ପାଇ ମୁଁ ସ୍ତବ୍ଧ ହୋଇଗଲି । 'ଯେଉଁମାନେ ତାଙ୍କୁ ଭଲ ପାଆନ୍ତି'

ବୋଲି କହିବାକୁ ମୋ ଜିଭ ଲେଉଟିଲା ନାହିଁ। କାରଣ ମୁଁ ଛାତି ଉପରେ ହାତ ରଖି କହିପାରିବି ନାହିଁ ଯେ ମୁଁ ତାଙ୍କୁ ଭଲ ପାଏ। ମୁଁ ତାଙ୍କୁ ଭୟ କରେ, ତାଙ୍କ ଦ୍ୱାରା ବିମୋହିତ ହୁଏ, ତାଙ୍କୁ ଆରାଧନା କରେ, ତାଙ୍କଠାରୁ ସାନ୍ତ୍ୱନାଭରା କଥା ଶୁଣିବାକୁ ଚାହେଁ, ମାତ୍ର ମୁଁ ଜାଣି ନଥିଲି ସେ ମୋତେ ଯେତେ ଭଲ ପାଆନ୍ତି ମୁଁ ତାଙ୍କୁ ସେତେ ଭଲପାଏ କି ନାହିଁ।

ଦାବନଗିରେରେ ଶିକ୍ଷୟିତ୍ରୀ ଥିବା ମୋର ନୂଆ ଝିଅଟି ମୋ ପକ୍ଷରେ ଅନୁପ୍ରେରଣା ଥିଲା। କାରଣ ସେ ମୋତେ ପୁଟ୍ଟପର୍ତ୍ତିରେ ବାବାଙ୍କ ପିଲାଦିନର ଅନେକ କଥା କହୁଥିଲା। ସେ ଦେଖିଚି ବାବା ପିଲାଦିନେ କିପରି 'ଗୁରୁ' ଭାବରେ ବଢ଼ି ଉଠୁଥିଲେ। କଳ୍ପତରୁ ମୂଳେ ବାବାଙ୍କର ଅନେକ ଅଲୌକିକ ମହିମାର ନିଦର୍ଶନ ମଧ୍ୟ ସେ ଦେଖିଚି। ସେ ବାବାଙ୍କର ତୃତୀୟ ନୟନ ଦେଖିଚି, ଦେଖିଚି ବାବାଙ୍କୁ ଝୁଲା ଉପରେ କୃଷ୍ଣ ରୂପରେ, ଦେଖିଚି ତାଙ୍କୁ ବରଲକ୍ଷ୍ମୀ ଓ ଶିରଡିବାବା ରୂପରେ। ସେ ଦିନର ମଧୁର ଲୀଳାଖେଳ ମନେପକାଇ ସେ ଶୁଖିଲା ମାଟି ପାଣି ପାଇଁ ଆକୁଳ ହେଲାଭଳି ବାବାଙ୍କଠାରେ ଆକୁଳ ପ୍ରାର୍ଥନା ଜଣାଉଥାଏ। ସେ ବାହା ହୋଇ ନଥିଲା। ମାତ୍ର ରହସିଆ ମନୋଭାବରେ ଥିଲାବେଳେ ବାବା ତାକୁ ଅନେକ ଥର ବିଧବା ବୋଲି ଡାକିବାର ଶୁଣିଛି। ଏ କଥାଟା ତାକୁ ବଡ କଷ୍ଟ ଦେଉଥିଲା, ମାତ୍ର ବାବାଙ୍କୁ ବଡ ମଜା ଲାଗୁଥିଲା। ଦିନେ ମୁଁ ତା ପକ୍ଷରୁ ବାବାଙ୍କୁ ଏପରି ନ କହିବାକୁ ଅନୁନୟ କଲି। ବାବା ଉତ୍ତର ଦେଲେ, " ହଁ, ସତରେ ତା ସ୍ୱାମୀ ଯମୁନାରେ ବୁଡି ମରିଯାଇଛି।"

ଏକଥା ଶୁଣି ଝିଅ କାନ୍ଦି ପକାଇବାରୁ ବାବା ତାକୁ ତା ବାପାମାଆଙ୍କଠାରୁ ସେ ଲୋକଟି କିଏ ଓ ଏପରି କିପରି ଘଟିଲା ପଚାରି ବୁଝିବାକୁ କହିଲେ। ବାପାମାଆ ଦୀର୍ଘ ସତର ବର୍ଷ ତଳର ଏ ଦୁର୍ଘଟଣା ବର୍ଣ୍ଣନା କଲେ। ବାବାଙ୍କ ଛଡା ଅନ୍ୟ ସମସ୍ତେ ମନରୁ ଏ କଥାଟି ପୋଛି ଦେଇଥିଲେ। ସେମାନେ କହିଲେ, " ସେତେବେଳେ ତୁ ପାଞ୍ଚବର୍ଷର ପିଲାଟିଏ। ଆମ ପଡୋଶୀ ଥିଲେ ଜଣେ ବଡ଼ କୃଷ୍ଣଭକ୍ତ। ଆମେ ସେତେବେଳେ ଚାମରାଜପେଟ୍‌ରେ ଥିଲେ। ସେ କୃଷ୍ଣ ଆରାଧନାର ପୀଠସ୍ଥଳୀ ଉଡୁପିର ଲୋକ। ସହରରେ ସେତେବେଳେ ତାଙ୍କ ହୋଟେଲ ବ୍ୟବସାୟ ଭାରି ଭଲ ଚାଲୁଥାଏ। ତାଙ୍କର ପିଲାପିଲି କେହି ନଥିଲେ। ତେଣୁ ମଥୁରାରୁ ଆଣିଥିବା କୃଷ୍ଣଙ୍କର ଗୋଟିଏ ମାର୍ବଲ ମୂର୍ତ୍ତି ପୂଜା ଆରାଧନାରେ ତାଙ୍କର ଅଧିକାଂଶ ସମୟ କଟୁଥାଏ। ସେଥିରେ ସେ ବହୁତ ପଇସା ବି ଖର୍ଚ୍ଚ କରୁଥିଲେ। ପ୍ରତିଦିନ କୃଷ୍ଣଙ୍କୁ ସେ ଗୀତ ଗାଇ ଉଠାନ୍ତି, ଗାଧୁଆନ୍ତି, ପୋଷାକ ପିନ୍ଧାନ୍ତି, ଖୁଆନ୍ତି, ପଙ୍ଖା କରନ୍ତି, ଗରମ କ୍ଷୀର ଓ ମିଠା ଲହୁଣୀ ଖୁଆନ୍ତି ଓ ପୁଣି ଗୀତ ଗାଇ ଶୁଆଇ ପକାନ୍ତି।

ଦିନେ ସେ ଠିକ୍ କଲେ କୃଷ୍ଣ ଓ ରୁକ୍ମିଣୀଙ୍କ ପରିଣୟୋତ୍ସବ ସେ ପାଳିବେ। ଜଣେ ପଣ୍ଡିତ ତାଙ୍କୁ କହିଲେ ଏଥିପାଇଁ ରୁକ୍ମିଣୀଙ୍କ ସ୍ଥାନରେ ଗୋଟିଏ ଛୋଟ ଓ ସୁନ୍ଦର ଝିଅ ପିଲାଟିଏ ବସାଇବା ଦରକାର। ପଦ୍ମାର ବାପା-ମା ତାକୁ ପାଖ ଘରକୁ ନେଲେ ଓ ଅନେକ ଲଲିପପ୍ ଦେଇ ରୁକ୍ମିଣୀଙ୍କ ସ୍ଥାନରେ ଅଭିନୟ କରିବାକୁ ପ୍ରବର୍ତ୍ତାଇଲେ। କୃଷ୍ଣଙ୍କ ତରଫରୁ ତାକୁ ନୂଆ ସିଲ୍କ ପୋଷାକ ଓ ଫୁଲମାଳ ଦିଆଗଲା। ବ୍ରାହ୍ମଣମାନଙ୍କର ଯଥାଯୁକ୍ତ ମନ୍ତ୍ରୋଚ୍ଚାରଣ ମଧ୍ୟରେ ପଦ୍ମାର ବେକରେ ସୁନାର ମଙ୍ଗଳସୂତ୍ର ବାନ୍ଧି ଦିଆଗଲା।

କେତୋଟି ବର୍ଷ ଚ୍ଛଲିଗଲା। ସେ ଦିନର ଉତ୍ସବ ଓ ଭୋଜିଭାତ କଥା ପଦ୍ମା ଭୁଲିଗଲା। ପରିବାର ଜରୁରୀ ଆବଶ୍ୟକତା ପୂରଣ କରିବା ନିମନ୍ତେ ତା ପରିଦିନ ହିଁ ମଙ୍ଗଳସୂତ୍ରକୁ ବିକି ଦିଆଗଲା। ପଦ୍ମାର ବାପା ମଧ୍ୟ କୃଷ୍ଣଭକ୍ତିର ପାଗଳାମି କ୍ରମଶଃ ହରାଇ ବସିଲେ। ବ୍ୟବସାୟ ମାନ୍ଦା ପଡିଗଲା। ତାଙ୍କ ପରିବାରର ଲୋକେ ତାଙ୍କୁ ଉପହାସ କରିବା ଆରମ୍ଭ କରିଦେଲେ। କାରଣ ସେମାନେ କହିଲେ ପଦ୍ମାର ବାପା ପେଟୁ ବ୍ରାହ୍ମଣ, ଲୋଭୀ ପଣ୍ଡିତ ଓ ଗୋଟାଏ କାଲ ମାର୍ବଲ ମୂର୍ତ୍ତି ପାଇଁ ତାଙ୍କ ଧନସମ୍ପତ୍ତି ଉଜାଡି ଦେଲେ। ତାଙ୍କର ବି କୃଷ୍ଣଭକ୍ତିରେ ଭଟ୍ଟା ପଡିଗଲା। ଯେଉଁ କୃଷ୍ଣଙ୍କୁ ସେ ନିଜ ଆଖିର ଡୋଳା ବୋଲି ମନେ କରୁଥିଲେ, ଏଣିକି ତାଙ୍କ ଉପରେ ଆଖି ପକାଇବାକୁ ବି ସେ ଚ୍ଛହିଁଲେ ନାହିଁ। ଦିନେ ମୂର୍ତ୍ତିକୁ ଅଖାରେ ଗୁଡାଇଲେ, ମଥୁରାକୁ ରେଳଗାଡିରେ ବୋହି ନେଲେ ଓ ତାଙ୍କୁ ଯମୁନା ନଈ ମଝିରେ ବିସର୍ଜନ କରିଦେଲେ। ସେ ଅପରାଧ ଯୋଗୁ ଭଗବାନଙ୍କ ବିଧବା-ଖାତାରେ ପଦ୍ମାର ନାମ ଲେଖା ହୋଇଗଲା। ସେଥିପାଇଁ ବାବା ପଦ୍ମାକୁ ବିଧବା ବୋଲି କହି ଚିଡ଼ାଇବାରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?

ପଦ୍ମା ଯେତେବେଳେ ପୁଟ୍ଟପର୍ତ୍ତି ଯାଉଥିଲା (ସେ ଅନେକ ସମୟରେ ଯାଉଥିଲା, କାରଣ ଗାଁ କରଣଙ୍କ ଦ୍ୱିତୀୟ ପତ୍ନୀ ତା'ର ମାଉସୀ ଲେଖା ହେବେ) ବାବା ତାକୁ ପଚ୍ଛରୁଥିଲେ ଆମେ କିମିତି ଅଛୁ। ଦିନେ ସେ ବାବାଙ୍କୁ କହିଲା ଦୀର୍ଘଦିନ ହେବ ଏପରିକି ସ୍ୱପ୍ନରେ ମଧ୍ୟ ଦର୍ଶନ ପାଇ ନ ଥିବାରୁ ମୋ ବୋଉର ମନ ଭାରି ଦୁଃଖ। ବାବା ବଡ଼ ସହାନୁଭୂତିର ଉତ୍ତର ଦେଲେ, "ହଁ, ଏଠୁ ଗଲାବେଳକୁ ବୁଢ଼ୀ ମୋ ହାତ ଧରି କହିଥିଲା ମୁଁ ତାକୁ ଯେମିତି ସ୍ୱପ୍ନରେ ଦର୍ଶନ ଦେଉଥିବି। ଆଜି ତା'ର ଆଶା ପୂରଣ ହେବ।" ବାବାଙ୍କ ପ୍ରତିଶ୍ରୁତି ସଂପର୍କରେ ତାରିଖ ଓ ବାର ସହିତ ପଦ୍ମା ମୋ ପାଖକୁ ଲେଖିଥିଲା।

ପରମ ଆଶ୍ଚର୍ଯ୍ୟ ! ତା ଚିଠି ଆମ ପାଖରେ ପହଞ୍ଚିଲାବେଳକୁ ଆମେ ସମସ୍ତେ ବାବା ଆମ ଘରକୁ ଆସିଥିବା ଆନନ୍ଦରେ ଉବୁଟୁବୁ ହେଉଥିଲୁ। ସେଇ ରାତିରେ ମୋ ବୋଉ

ଯେତେବେଳେ ମଶାରି ଟେକି ବାହାରକୁ ଆସିଲା ଓ ଅଣ୍ଟା ସଳଖି ଠିଆହେଲା, ସେ ଦେଖିଲା ବାହାର କବାଟ (ସେଇ କୋଠରୀର) ଖୋଲା ଅଛି ଓ ଉଜ୍ଜ୍ୱଳ ଦିବାଲୋକରେ ବାବା ସ୍ୱୟଂ ଏରୁଣ୍ଡିବନ୍ଧ ପାଖେ ଠିଆ ହୋଇଛନ୍ତି। ପରମ ଉଲ୍ଲାସରେ ସେ ବାବାଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣାମ କରି ଉଠିଲାବେଳକୁ ବାବା ଆଉ ସେଠି ନାହାନ୍ତି। ସେ ମୋତେ ନାଁ ଧରି ଡାକିଲା। ମୁଁ ଉଠି ଆଲୁଅ ଟିପି ଦେଇ ଦେଖିଲି ବୋଉ ଏ ଅପୂର୍ବ ଅନୁଭୂତିର ଧକ୍‌କାରେ ଥରୁଚି ଓ ଉନ୍ମାଦନାର ଆତିଶଯ୍ୟରେ ତା ପାଟିରୁ କଥା ବାହାରୁ ନାହିଁ।

ଦିନେ ପଦ୍ମା ଆମ ଦାବନଗିରେ ଘରେ ଛୋଟେଇ ଛୋଟେଇ ଆସି ପହଞ୍ଚିଲା। ସ୍କୁଲ ପାହାଚରେ ଓହ୍ଲାଇ ଆସିଲାବେଳେ ତା ଗୋଡ଼ ମୋଡି ହୋଇଯାଇଥିଲା। ଭାରି କଷ୍ଟ ହେଉଥାଏ। ସେଦିନ ରାତିରେ ସେ ଶେଯରେ ଶୋଇ ବାବାଙ୍କ ପାଖରେ ଅଭିଯୋଗ ବାଢୁଥିଲା। ଆଲୁଅ ଜଳୁଥାଏ, ଆଉ ସେ ଆପତ୍ତି ଜଣାଇ କହୁଥାଏ ଯେ ବାବା ତାର ଯତ୍ନ ନ ନେବାରୁ, ତାକୁ ଅବହେଳା କରିବାରୁ ତା'ର ଏ ଦଶା ହେଲା। ଏବେ ସେ ଛୋଟେଇ ଛୋଟେଇ ରାସ୍ତାରେ ଚାଲି କିମିତି ସ୍କୁଲକୁ ଯିବ! ହଠାତ୍ ବାବା ତା ନାଁ ଧରି ଡାକିଲେ। ସେ ଉଠି କବାଟ ଖୋଲିଦେଲା, ବାବା ଭିତରକୁ ପଶିଆସି କହିଲେ, "ନିଜର ଅସାବଧାନତା ଯୋଗୁ ତୋ ପାଦ ମୋଡିହେଲା, ମୋତେ ନିନ୍ଦା କରୁଚୁ କାହିଁକି ?" ବାବା ଗୋଟାଏ କ'ଣ ହଳଦିଆ ମଲମ ଓ ତୂଳା ଧରି ଆସିଥିଲେ। "କାଇଁ, ଦେଖାଇଲୁ କେଉଁ ପାଦଟା ତୋର ମୋଡି ହୋଇଯାଇଛି", ବାବା ପଚାରିଲେ। ପାଦରେ ଔଷଧ ଲଗାଇ ବାବା ଶୂନ୍ୟରେ ମିଳାଇ ଗଲେ। ପଦ୍ମା ସଙ୍ଗେ ସଙ୍ଗେ ଗଭୀର ନିଦରେ ଶୋଇପଡିଲା। ଉଠି କବାଟ ବନ୍ଦ କରିବାକୁ ମଧ୍ୟ ତର ସହିଲା ନାହିଁ। ସକାଳୁ ସେ ନାଚି ନାଚି, ଡେଇଁ ଡେଇଁ ଆମ ଘରେ ପହଞ୍ଚିଲା। ଆମର ଆଖି ବଡ଼ ବଡ଼ ହୋଇଗଲା ତା'ର ହଳଦିଆ ମଲମ ବୋଳା ପାଦକୁ ଦେଖି। ସାବୁନ୍ ଓ ଗରମ ପାଣିରେ ବି ସେ ମଲମ ଧୋଇ ହେଲା ନାହିଁ।

ଯିଏ ସକଳ ସଂକଳ୍ପର ଆଧାର, ସିଏ ଇଚ୍ଛା କଲାମାତ୍ରେ ଯେଉଁଠି ହେଲେ ଯାହା କିଛି ଘଟିଯାଇପାରେ। ସେ ଆପଣାର ସାଇ ରୂପରେ ଏକ ସମୟରେ ଶହେଟା ଜାଗାରେ ପହଞ୍ଚି ଶହେଟା କାମ କରିପାରନ୍ତି, ମାତ୍ର ଏହା ସତ୍ତ୍ୱେ ସେ ସର୍ବଦା ଅପରିବର୍ତ୍ତନୀୟ, ଅପ୍ରଭାବିତ। ନିଜର ଚିନ୍ତାକୁ ପ୍ରକ୍ଷେପ କରିବା ଓ ନିଜର ବ୍ୟକ୍ତିତ୍ୱକୁ ଯେ କୌଣସି କାମରେ ପ୍ରକଟ କରିବାକୁ ସେ କହନ୍ତି ସଂକଳ୍ପ। ସେ ପୁଣି ଆମକୁ ପ୍ରତିଶ୍ରୁତି ଦେଇ କହନ୍ତି ଆମ ପ୍ରତ୍ୟେକଙ୍କ ଆତ୍ମରୂପ ମଧ୍ୟ ସେଇ ଏକ ସର୍ବମୟ ସଂକଳ୍ପ। ତାଙ୍କ ପ୍ରେମର ପ୍ରତିଟି ପ୍ରକାଶରେ ମୁଁ ତାଙ୍କୁ ପ୍ରାର୍ଥନା କରୁଥାଏ ମୋର ସମସ୍ତ ହୃଦୟ, ସମସ୍ତ ପ୍ରାଣ, ସମସ୍ତ ଶକ୍ତି ଓ ସମସ୍ତ ମନ ଦେଇ ମୁଁ ଯେମିତି

ତାଙ୍କୁ ଅଧିକରୁ ଅଧିକ ଭଲପାଏ । କାରଣ ଆମର ଯୋଗ୍ୟତା, ଆମର ପ୍ରତିଦାନକୁ ହିସାବକୁ ନ ନେଇ, ଏପରିକି ଆମର ଦୁର୍ଗୁଣ ଓ ଦୁଷ୍କର୍ମକୁ ମଧ୍ୟ ଉପେକ୍ଷା କରି ସେ ଆମକୁ ଭଲ ପାଆନ୍ତି ।

ବାବାଙ୍କ ପ୍ରେମରସ ଅନନ୍ତାପ୍ପାଠାରେ ତାଙ୍କ ପ୍ରତି କିପରି ତୀବ୍ର ଓ ଗଭୀର ପ୍ରେମ ଜାଗ୍ରତ କରିଥିଲା ତାହା ଦେଖିବାର ସୌଭାଗ୍ୟ ମୋର ହୋଇଥିଲା । ମୁଁ ମନେ ମନେ ଭାବୁଥିଲି ଏପରି ଦୃଢ଼ ଓ ଗଭୀର ପ୍ରେମ ମୋ ପାଖରେ ଥାଆନ୍ତା କି ! ବାବାଙ୍କଠାରେ ଓ ତାଙ୍କ ଆଦେଶଠାରେ ତାର ବିଶ୍ୱାସ ମୋ ବିଶ୍ୱାସଠାରୁ ଦୃଢ଼ତର ଓ ଗଭୀରତର ଥିଲା । ଅନନ୍ତାପ୍ପା ମୋ କଲେଜର ୧୬ଜଣ ପିଅନଙ୍କ ଭିତରୁ ଥିଲା ଜଣେ । ମୋ ପୂର୍ବ ପ୍ରିନ୍ସପାଲ ନାମ୍ବିଆରଙ୍କ ଅମଳରୁ ସେ ଥିଲା । ପିଅନ୍‌ମାନେ ଅଫିସ୍, ଲାଇବ୍ରେରୀ, ବିଜ୍ଞାନ ପ୍ରୟୋଗଶାଳା, ବ୍ୟାୟାମଶାଳା, ହଷ୍ଟେଲ ଆଦିରେ କାମ କରନ୍ତି । ସେ ସମୟରେ ଘରକାମ କରିବାପାଇଁ ପ୍ରିନ୍ସପାଲମାନେ ଗୋଟିଏ ପିଅନକୁ ବ୍ୟବହାର କରିପାରୁଥିଲେ । ସେଥିପାଇଁ ମୁଁ ଅନନ୍ତାପ୍ପାକୁ ବାଛିଥିଲି । ଯା ଆଗରୁ ନାମ୍ବିଆରଙ୍କ ଘରେ ସେ କାମ କରୁଥିଲା ଓ ତାଙ୍କର ସାର୍ଟିଫିକେଟ୍ ଥିଲା ଅନନ୍ତାପ୍ପା ସବୁ ପିଅନମାନଙ୍କ ମଧ୍ୟରେ ସବୁଠୁ ବେଶୀ ବୋକା । ସେ ଯଦି କଲେଜର ଅନ୍ୟ କୌଣସି ଲୋକ ପାଖରେ କାମ କରୁଥାନ୍ତା, ତେବେ ସପ୍ତାହକ ଭିତରେ ତାର ଚାକିରୀ ତାକୁ ଛାଡି ଚାଲି ଯାଇଥାନ୍ତା । ମାତ୍ର ଅନନ୍ତାପ୍ପା ଥିଲା ଜଣେ ବଡ଼ ସରଳ ଓ ଧର୍ମପ୍ରାଣ ମଣିଷ । ଆମ ଘରେ ସବୁ ଗୁରୁବାର ଭଜନ ହୁଏ, ଆଉ ମୋ ବୋଉ ଏବଂ ପତ୍ନୀ ମିଶି ପ୍ରତିଦିନ ପୂଜା କରନ୍ତି । ବଜାରରେ ବୁଲି ପୂଜା ଓ ଭଜନ ପାଇଁ ଫୁଲ, ଫଳ, ଧୂପକାଠି, କର୍ପୂର ଆଣିବା ଥିଲା ଅନନ୍ତାପ୍ପାର ପ୍ରିୟତମ କାମ । ମାତ୍ର ପଇସା ହିସାବ କରିବାରେ ସେ ଠିକ୍ ଭୁଲ୍ ବାଛୁ ନ ଥିଲା । ତା ମନ ଅନୁସାରେ ସେ ମିଶାଣ, ଫେଡ଼ାଣ, ହରଣ, ଗୁଣନ କରୁଥିଲା । ତେଣୁ ଅଧିକା ପଇସା ଦେବାପାଇଁ ଆମକୁ ତାକୁ ଗୋଟିଏ ଦୋକାନକୁ ବାରମ୍ବାର ପଠାଇବାକୁ ପଡୁଥିଲା । ବାହାର କବାଟ ଭିତରେ ତା ପାଇଁ ଷ୍ଟୁଲ୍‌ଟିଏ ପଡିଥାଏ । ଅନନ୍ତାପ୍ପାର ଅଧିକାଂଶ ସମୟ ତା ଉପରେ ବସି ଢୁଳାଇବାରେ କଟିଯାଏ । ମାତ୍ର ପୂଜା ଘଣ୍ଟି ବାଜିବାମାତ୍ରେ ତା ନିଦ ଭାଙ୍ଗିଯାଏ, ଆଉ ପୂଜାଘର ଝରକା ବାଟେ ବାବାଙ୍କ ମୁହଁକୁ ଚାହିଁ ବସିଥାଏ । ବାବାଙ୍କ ଫଟୋରେ ନୂଆ ଫୁଲମାଳ ଚଢ଼ାଇବା ପରେ ପୁରୁଣାମଳାଟି ଅନନ୍ତାପ୍ପାର ସଂପତ୍ତି ହୋଇଯାଏ ।

ଥରେ ଆମେ ପୁଟପର୍ତ୍ତିକୁ ତାକୁ ସାଙ୍ଗରେ ନେଇଯାଇଥିଲୁ । ବାବା ମୋତେ କହିଲେ ସେ ଲଙ୍କାରେ ବିଭୀଷଣ ପରି । ହନୁମାନ ସୀତାଙ୍କୁ ଠାବ କରିବାକୁ ସମୁଦ୍ର ଡେଇଁ ଯେତେବେଳେ ଲଙ୍କାରେ ପହଞ୍ଚିଲେ, ସାରା ନଗରୀ ଭିତରେ ମାତ୍ର ଗୋଟିଏ ଘରେ ସେ ଭକ୍ତିର ତରଙ୍ଗ ଅନୁଭବ

କରି ପାରିଥିଲେ। ସେ ଘରଟି ଥିଲା ରାବଣର ସାନଭାଇ ବିଭୀଷଣଙ୍କର। ଅନନ୍ତାପ୍ପାର ଛୋଟ କୁଡିଆଟି ସେହିପରି ସାତ୍ତ୍ୱିକ ଭାବନାର ସୁଗନ୍ଧରେ ମହକୁଥିଲା। ଏହାର ପରିବେଶ କ୍ରୋଧରେ ଆରକ୍ତ ହୋଇ ନ ଥିଲା, କିମ୍ୱା ବିଦ୍ୱେଷରେ କଳା ପଡି ନ ଥିଲା। ତାର ସରଳ ଓ ନିଷ୍ପାପର ଭକ୍ତିରେ ମୋହିତ ହୋଇ ବାବା ତାକୁ ବିଭୀଷଣ ନାମ ଦେଇଥିଲେ। ଏହା ମୋ ପ୍ରତି ମଧ୍ୟ ଗୋଟାଏ ସତର୍କବାଣୀ ଥିଲା। ତାକୁ ସାଧାରଣ ଘରକାମରେ ବି ଅଯୋଗ୍ୟ ବୋକା କଖାରୁ ବୋଲି ବିଚାରିବା ମୋ ପକ୍ଷରେ ଘୋର ଅପରାଧ ହୋଇଥାନ୍ତା। ଈଶ୍ୱରଙ୍କ ଆଡକୁ ଚାଲୁଥିବା ଯାତ୍ରୀ ପକ୍ଷରେ ସମସ୍ତଙ୍କୁ ସମାନ ଭାବରେ ଭଲପାଇବା ଯେ ଏକାନ୍ତ ଆବଶ୍ୟକ, ମୁଁ ଏ ଘଟଣାରୁ ତାହା ଶିଖିଲି।

ବାବା ତାକୁ ଥରେ ସ୍ୱପ୍ନରେ ସାବଧାନ କରିଦେଇଥିଲେ। ତାର ପତ୍ନୀ ମଧ୍ୟ ସେଇଦିନ ସେଇ ଏକା ସ୍ୱପ୍ନ ଦେଖିଥିଲା। ଅନନ୍ତପ୍ପାର ସ୍ତ୍ରୀ ଝିଅପିଲାଙ୍କ ବୈଠକଖାନାର ପିଅନ୍ ଥିଲା। ତାର ଭଉଣୀ ଦାବନଗିରେ ସୂତାକଳରେ କାମ କରୁଥିଲା। ଦିନେ ତାର ସ୍ୱାମୀ ପ୍ରଚୁର ମଦ ପିଇ ଆସିଲା ଓ ସ୍ତ୍ରୀକୁ ପିଟି ପିଟି ଅଚେତା କରିଦେଲା। ସେତେବେଳେ ବାବା ଅନନ୍ତାପ୍ପାକୁ ସ୍ୱପ୍ନରେ ଆସି କହିଲେ, "ଏ, ଶୋଇଚୁ କ'ଣ ? ଯା ଦେଖିବୁ ତୋ ଶାଳୀର ଅବସ୍ଥା କ'ଣ।" ଅନନ୍ତାପ୍ପାର ସ୍ତ୍ରୀ ମଧ୍ୟ ସେଇ ସ୍ୱପ୍ନ ଦେଖି ଉଠିପଡିଲା। ଦୁହେଁଯାକ ଧାଇଁଗଲେ। ବିଚାରୀ ସ୍ତ୍ରୀ ଲୋକଟି ମରଣ ମୁହଁରୁ ବଞ୍ଚିଗଲା।

ଅନନ୍ତାପ୍ପାର ରକ୍ଷଣାବେକ୍ଷଣର ଭାର ବାବା ବଡ ଆନନ୍ଦରେ ଗ୍ରହଣ କରିଥିଲେ। ଥରେ ମୁଁ ବାବାଙ୍କଠାରୁ ବିଦାୟ ନେଇ ଆସିଲାବେଳେ ବାବା ମୋତେ ତାଙ୍କର ବଡ଼ ଫଟୋଟିଏ ଦେଲେ, ଆଉ କହିଲେ, "ଏଇଟା ନେଇ ଅନନ୍ତାପ୍ପାର ମନ୍ଦିରରେ ରଖିଦେବୁ।" ଅନନ୍ତାପ୍ପା କଲେଜ ପାଖରୁ ପ୍ରାୟ ମାଇଲିଏ ଦୂରରେ ଗୁଡିଏ ମାଟିଝାଟିର କୁଡିଆ ଗହଣରେ ଥିବା ଛୋଟ କୁଡିଆଟିରେ ରହୁଥିଲା। ଘରର ଗୋଟିଏ ମାତ୍ର କୋଠରୀର ଆକାର ଥିଲା ୮ ଫୁଟ x ୬ ଫୁଟ। କୋଠରୀର ଅଧା ଭର୍ତ୍ତି ହୋଇଯାଇଥିଲା ପୂଜାପୀଠଦ୍ୱାରା। ସେଥିରେ ଅନନ୍ତାପ୍ପାର ପୁଅ ଓ ଝିଅମାନେ ଭଜନର ସୁଗନ୍ଧ ଭରି ଦେଉଥିଲେ। କେବଳ ଆମ କଲେଜ ନୁହେଁ, ପାଖରେ ଥିବା ଇଞ୍ଜିନିୟରିଂ କଲେଜର ଅଧ୍ୟାପକମାନଙ୍କ ମୁହଁରେ ବି ତାର ନାମ ଖେଳୁଥିଲା। ସେମାନଙ୍କ ମଧ୍ୟରୁ ଅନେକେ ଅପରିଷ୍କାର ବସ୍ତିର କାଦୁଆଗଳି ଭିତରେ ଚାଲି ଚାଲି ଅନନ୍ତାପ୍ପା ଘରକୁ ଆସୁଥିଲେ, କୁଡିଆ ବାହାରେ ପଥର ସ୍ଲାବ୍ ଉପରେ ବସି ଭଜନ ଶୁଣୁଥିଲେ ଓ ଆରତି ପରେ ଆଗ୍ରହରେ ପବିତ୍ର ବିଭୂତି ଘେନି ଫେରୁଥିଲେ।

ବାବା ମୋତେ ଯେଉଁ ଫଟୋଟି ଦେଇଥିଲେ, ତାକୁ ନେଇ ମୁଁ ଅନନ୍ତାପ୍ପାର ମନ୍ଦିରରେ ସ୍ଥାପନ କଲି। ଘର ଗଢ଼ିବା ସ୍ଥପତିମାନେ ଯେଉଁ ପଥରକୁ ଅଦରକାର ବୋଲି ଫିଙ୍ଗି ଦେଇଥିଲେ ବାବା ତାକୁ ଦାବନଗିରେରେ ଗଢ଼ି ଉଠୁଥିବା ତାଙ୍କ ମନ୍ଦିରର ଭାରବହନ କରୁଥିବା ପଥର ଭାବରେ ବ୍ୟବହାର କଲେ। ଦୁଃଖ ଓ ଅଭାବର ସେ ବସ୍ତି ଭିତରେ ସେଦିନ କି ଆନନ୍ଦ ଓ ଉଲ୍ଲାସ ଖେଳି ଯାଇଥିଲା ! ଅଚିରେ ଅନନ୍ତାପ୍ପାର କୁଡିଆଟି ଗୋଟିଏ ଛୋଟ ପ୍ରଶାନ୍ତିନିଳୟମ୍ ପାଲଟିଗଲା।

ଅନନ୍ତାପ୍ପା ଅନେକ ସମୟ ଧରି ବାବାଙ୍କ ଫଟୋ ଆଗରେ ଚୁପ୍‌ଚାପ୍ ବା ଧ୍ୟାନରେ ବସେ। ବେଳେ ବେଳେ ତାର ଦୁଃଖ ଓ ଅଭାବ କଥା ବାବାଙ୍କୁ କହିଥାଏ। ବେଳେ ବେଳେ ସେ ଦାବୀ କରି କହେ ଶିରଡି ବାବାଙ୍କ ଫଟୋ ଉପରେ ଥିବା ଫୁଲଟି, କିମ୍ବା ସତ୍ୟସାଇ ବାବାଙ୍କ ମୁଣ୍ଡରେ ଚଢ଼ାଇଥିବା ମନ୍ଦାରଟି ଖସିପଡୁ। ବେଳେବେଳେ ଓଠ ଥରାଇ ସେ ଜୋର୍ କରି କହିବ, “ନା, ନା, ମୁଁ ତୁମକୁ ଦେଖୁଚି, ଏଣୁ ମୁଁ ତମର, ତାଙ୍କର (ଶିରଡିଙ୍କର) ନୁହେଁ। ତୁମେ ହିଁ ମୋତେ ସେ ଫୁଲଟି ଦିଅ।” ଏକଥା ଶୁଣି ବାବା ନିଜେ ପିନ୍ଧିଥିବା ଫୁଲମାଳରୁ ସେ ମାଗିଥିବା ଫୁଲଟି ଛିଡ଼ାଇ ଅନନ୍ତାପ୍ପାର ଖୋଲା ପାପୁଲି ଭିତରକୁ ଫିଙ୍ଗି ଦେବେ। ପ୍ରକୃତରେ ସରଳ ନିଷ୍ପାପର ଲୋକ ହିଁ ଆଲୋକରେ ଭାସ୍ୱର ହୋଇଉଠେ, ଆଉ ସାଧୁ, ଉତ୍ତମ ପ୍ରାଣରେ ତାହା ଆନନ୍ଦର ଧାରା ବୁହାଇ ଦିଏ।

କୌଣସି ବ୍ୟାଧିଗ୍ରସ୍ତ ଲୋକ ସମ୍ପର୍କରେ ତାର ଆଉ ବଞ୍ଚିବାର ଆଶା ନାହିଁ ବୋଲି ବାବା ତାର ଆତ୍ମୀୟ ସ୍ୱଜନଙ୍କୁ କହିବାର ସାମାନ୍ୟ କେତୋଟି ଘଟଣା ମାତ୍ର ମୁଁ ଜାଣିଛି। ବାବା ଜାଣନ୍ତି ଲୋକେ ବୁଝିବେ ନାହିଁ, ଆଉ ମୃତ୍ୟୁ ଆସିଲେ ବଡ ପାଟିରେ ରଡି ପକାଇବେ। ଦେହଟା ଗୋଟାଏ ପୋଷାକ ମାତ୍ର। ଭଗବାନଙ୍କ ଆଗରେ ପୋଷାକ ନ ପିନ୍ଧି ଠିଆ ହେବାର ନିର୍ମଳତା ଆତ୍ମା ଆହରଣ କରି ନ ଥିବାରୁ ତାକୁ ପୋଷାକ ପିନ୍ଧିବାକୁ ପଡ଼େ। ମାତ୍ର ଅନନ୍ତାପ୍ପାର ବଡ଼ ଝିଅ ଯେତେବେଳେ ଗୁରୁତର ରୋଗରେ ପଡିଲା, ବାବା ତାକୁ ସ୍ପଷ୍ଟ ଭାବରେ କହିଦେଲେ ସେ ଡାକ୍ତର ପଛରେ ଦୌଡି ବଟିକା କିଣିବାରେ ପଇସା ନଷ୍ଟ କରିବା ଦରକାର ନାହିଁ। “ଏ ମାସ ଶେଷ ହେବା ଆଗରୁ ସେ ଦେହ ଯନ୍ତ୍ରଣାରୁ ମୁକ୍ତି ପାଇଯିବ।” ମାସର ଅବଶିଷ୍ଟ କେତୋଟି ଦିନ ଅନନ୍ତାପ୍ପା ମୃତ୍ୟୁ ଯେ ଆତ୍ମାର କେବଳ ଗୋଟିଏ ପାହାଚ ଓ ଆତ୍ମା ପୁନଶ୍ଚ ଯନ୍ତ୍ରଣାଭରା ସଂସାରକୁ ଫେରିଆସିବା ଆଗରୁ ତାରାଖଚିତ ନୀଳ ଆକାଶ ଦେଖିବାରେ ମୃତ୍ୟୁ ଆତ୍ମାକୁ ସାହାଯ୍ୟ କରେ, ଏକଥା ସ୍ଥିର ମନରେ ଭାବି ଭାବି କଟାଇ ଦେଇଥିଲା। ସେତେବେଳେ ତାର ସ୍ତ୍ରୀକୁ ଗୋଟିଏ କୁକୁର କାମୁଡି

ଦେଲା, ଆଉ ପଡ଼ୋଶୀମାନେ ପାଗଳା କୁକୁର କାମୁଡ଼ା ଇଞ୍ଜେକ୍‌ସନ ନେବାକୁ ତାକୁ ବାଧ୍ୟ କଲେ, ସେ ମନା କଲା, ଆଉ କେବଳ ବିଭୂତି ଖାଇ ଆରୋଗ୍ୟ ହୋଇ ଯାଇଥିଲା। ଦାବନଗିରେର ଅନେକେ 'ପିଅନ୍' ଅନନ୍ତାପ୍ପାର ଗ୍ରାହକ ଥିଲେ, ଆଉ ବାବା ତା ପାଖକୁ ଯେଉଁସବୁ ବିଭୂତି ପଠାଉଥିଲେ ସେଥିରୁ କିଛି ପାଇବାର ଯୋଗ୍ୟତା ଅର୍ଜିବା ପାଇଁ ଅନନ୍ତାପ୍ପାର ମନ୍ଦିରରେ ଭଜନରେ ବସୁଥିଲେ।

ଅନନ୍ତାପ୍ପାର ଗୋଟିଏ ଝିଅ ମହୀଶୂର ରେଳବିଭାଗର ଜଣେ କର୍ମଚାରୀକୁ ବାହା ହୋଇଥିଲା। ସେମାନେ ବାଙ୍ଗାଲୋରର ସହରତଳି ଅଞ୍ଚଳରେ ଗୋଟିଏ ଘରେ ରହୁଥିଲେ। ମାତ୍ର ଲୋକଟିର ସ୍ୱଭାବ ଭାରି ଖରାପ। କାମଳ ରୋଗୀକୁ ସବୁ ହଳଦିଆ ଦିଶିବା ପରି ତା ସ୍ତ୍ରୀର ସବୁ କାମକୁ ସେ ସନ୍ଦେହ କରୁଥିଲା। ଝରକା ଖୋଲିଲେ ସେ ଭାବୁଥିଲା ତା ସ୍ତ୍ରୀ ବାହାରେ ଯାଉଥିବା ଲୋକଙ୍କୁ ଆଖିମିଟିକା ମାରୁଚି ! ଅନ୍ଧାର ଘରେ ସେ ତାକୁ ପ୍ରାୟ ବନ୍ଦୀ କରି ରଖିଥିଲା। ଅଧିକାଂଶ ସମୟରେ କାଳ୍ପନିକ ଅଭିଯୋଗ ଆଣି ସେ ତାକୁ ନିର୍ଘୂମ୍ ପିଟୁଥିଲା। ଘର ଭିତରେ ବୁଝାମଣା ଓ ସଦ୍‌ଭାବ ପ୍ରତିଷ୍ଠା କରିବାପାଇଁ ଅନନ୍ତାପ୍ପା ଓ ଅନ୍ୟମାନେ ଯେତେ ବୁଝାଇଲେ ସବୁ ପାଣିରେ ପଡିଲା। ବିଚରା ଝିଅଟି ଦିନେ ତା ସ୍ୱାମୀକୁ ଗୋଟିଏ ପ୍ରସ୍ତାବ ଦେଲା। ସେ କହିଲା, "ମୋତେ ବାବାଙ୍କ ପାଖକୁ ନେଇ ଚାଲ। ସେ ଯଦି କହିବେ ମୁଁ ତୁମ ପ୍ରତି ଏକାନ୍ତ ଅନୁରକ୍ତ, ତେବେ ମୋତେ ରଖିବ। ନହେଲେ ପୁଟପର୍ତ୍ତିରେ ବହୁତ କୂଅ ମୋ ପାଇଁ ଅଛି।" ସେ ରାଜି ହେଲା। ଅନନ୍ତାପ୍ପା ବାଙ୍ଗାଲୋର ଆସି ଝିଅ-ଜୋଇଁ ସାଙ୍ଗେ ପୁଟପର୍ତ୍ତି ଗଲା।

ବାବା ସେମାନଙ୍କୁ ଡାକିଲେ ଓ ଅନନ୍ତାପ୍ପାର ସେ ପଥର ହୃଦୟ ଜୋଇଁକୁ କହିଲେ ତା ସ୍ତ୍ରୀ ସତୀ ଓ ପାର୍ବତୀଙ୍କ ଭଳି ପବିତ୍ର। ସେ ଗର୍ବୀ ଲୋକଟା ପାଇଁ ବାବାଙ୍କର ଏକଥା ବହୁତ ହୋଇଗଲା। ବାବାଙ୍କ ପାଖରେ ହିଁ ସେ ପାଟିତୁଣ୍ଡ ଆରମ୍ଭ କରିଦେଲା। ବାବାଙ୍କ କଥାକୁ ସ୍ୱୀକାର ନକରି ସେ ଦାବୀ କଲା ଯେ ତା ସ୍ତ୍ରୀ ଅସତୀ, ଆଉ ସେଥିପାଇଁ ସେ ପ୍ରାୟଶ୍ଚିତ କରିବା ଦରକାର। ବାବା ତାକୁ ଧୀରେ ଘର ବାହାରକୁ ଠେଲି ବାହାର କରି କବାଟ ବନ୍ଦ କରିଦେଲେ। ତାପରେ ଅନନ୍ତାପ୍ପାକୁ କହିଲେ, "ତୁ ବ୍ୟସ୍ତ ହଅନା। ସେ ଠିକ୍ ହୋଇଯିବ। ଲୋକଟି ଭଲ। ସେମାନେ ଖୁସିରେ ରହିବେ।"

ସେମାନେ ଫେରନ୍ତା ବାଟରେ ପେନୁକୋଣ୍ଡାରେ ପହଞ୍ଚିଲାବେଳକୁ ଦିନ ଗାଡି ଛାଡି ଦେଇଥିଲା। ସେମାନଙ୍କୁ ସେଥିପାଇଁ ଅଧରାତିର ଗାଡି ପାଇଁ ଅପେକ୍ଷା କରିବାକୁ ପଡିଲା। ସେମାନେ ଷ୍ଟେସନରେ ଅପେକ୍ଷା କଲେ। ମାତ୍ର ଅନନ୍ତାପ୍ପାର ଜୋଇଁ ଜାଣିଶୁଣି ଦୂରରେ

ବସିଲା । ସବୁ ବାବା ଓ ଗୁରୁଙ୍କ ଉପରେ ସେ ମନେ ମନେ ରକ୍ତ ଚାଉଳ ଚୋବାଉ ଥାଏ, ମନେ ମନେ ସ୍ତ୍ରୀ ଉପରେ କିପରି ପ୍ରତିଶୋଧ ନେବ ଯୋଜନା କରୁଥାଏ । ଗାଡି ଆସିଲା, ଶାଶୁ, ଶ୍ୱଶୁର ଓ ସ୍ତ୍ରୀକୁ ଗୋଟିଏ ତୃତୀୟଶ୍ରେଣୀ ଡବାରେ ଭର୍ତ୍ତି କରିଦେଇ ସେ ଗାର୍ଡ ପାଖକୁ ଗଲା । ପ୍ରଥମଶ୍ରେଣୀର ସବୁ ଡବା ଖାଲି ଥିବାରୁ ଓ ଅଧରାତି ପରେ ଆଉ କେହି ଆସିବାର ସମ୍ଭାବନା ନ ଥିବାରୁ ସେ ରାତିରେ ପ୍ରଥମଶ୍ରେଣୀ ଡବାରେ ଶୋଇବା ପାଇଁ ଗାର୍ଡ଼ର ଅନୁମତି ମାଗିଲା । ସେ ବି ଜଣେ ରେଳବିଭାଗ କର୍ମଚାରୀ ଥିବାରୁ ଏବଂ ମାଗଣାରେ ଯାତ୍ରା କରୁଥିବାରୁ ଗାର୍ଡ଼ ତାକୁ ଅନୁମତି ଦେଲା ।

ତା ପରେ କ'ଣ ଘଟିଲା ମୋତେ ଗାର୍ଡ଼ ନିଜେ କହିଥିଲା । ବଡ଼ ଅପ୍ରତ୍ୟାଶିତ ଭାବରେ ଏ ଘଟଣା ଘଟିଥିଲା । ଅନନ୍ତାପ୍ପାର ଝିଅର ଦୁଃଖ ମତେ ଜଣା ନଥିଲା । ଯେଉଁ ସମୟର କଥା ମୁଁ କହୁଛି ସେ ସମୟରେ ସପ୍ତାହ ଶେଷରେ ମୁଁ ବାଙ୍ଗାଲୋର୍‌ରେ ଥିଲି । ସେଦିନ ବଜାରସାରା ନାନା କାମରେ ବୁଲିସାରି ମୁଁ ହାଲିଆ ହୋଇ ପଡିଥିଲି । ପାଦରେ ଚାଲି ଚାଲି ଘରକୁ ଫେରିଯିବାକୁ ଆଉ ବଳ ନ ଥିଲା । ତେଣୁ ବିଧାନସୌଧ ଆଗରେ Bus Stop ଲେଖାଥିବା ଫଳକ ପାଖରେ ଠିଆ ହୋଇଥିଲି ବସ୍‌କୁ ଅପେକ୍ଷା କରି । ମୋ ଉଦ୍ଦେଶ୍ୟ ଥିଲା ମୋ ଘର ଆଡକୁ କିଛିବାଟ ବସ୍‌ରେ ଚାଲିଗଲେ ବାକୀତକ ଚାଲି ଚାଲି ପାର ହୋଇଯିବି । ଝଟକା ଭଡ଼ା ନ କରିବାର କାରଣ ସେଗୁଡିକ ଭଙ୍ଗା ଦଦରା ଓ ସେଗୁଡିକର ଚାଳକ ସବୁ ବଡ଼ ଦୁର୍ଜନ । ସେମାନଙ୍କ ଉପରେ ମୋର ଆଦୌ ବିଶ୍ୱାସ ନ ଥିଲା । ସେ ସମୟର ଗୋଟିଏ ଝଟକା ଜଣେ ମାତ୍ର ଯାତ୍ରୀଙ୍କୁ ଧରି ସେ ବାଟରେ ଆସିଲା । ରାସ୍ତାରେ ମୋତେ ଟହଲ ମାରୁଥିବା ଦେଖି ଯାତ୍ରୀ ଗାଡିକୁ ଅଟକାଇ ମୋ ପାଖକୁ ଆସିଲେ ଓ ବିନୟ ସହକାରେ ମୋତେ କହିଲେ, "ଆଜି ବସ୍ ଡ୍ରାଇଭରମାନେ ଧର୍ମଘଟ କରିଛନ୍ତି; ଆପଣ ଏ ଗାଡିକୁ ଉଠି ଆସନ୍ତୁ । ମୁଁ ଆପଣଙ୍କୁ ଘରେ ଛାଡିଦେଇ ଆସିବି ।" ସେ ଭଦ୍ରଲୋକ ବାନୁମିଆ କଲେଜିଏଟ୍ ସ୍କୁଲରେ ମୋର ଛାତ୍ର ଥିଲେ । ମୁଁ ଗାଡିକୁ ଉଠି ଆସିଲି । ତାପରେ ସେ କହିଲେ, "ସାର୍ ମୁଁ ସତ୍ୟସାଇ ବାବାଙ୍କ ଦର୍ଶନ ନିମନ୍ତେ ପୁଟପର୍ତ୍ତି ଯିବାକୁ ଚାହୁଁଛି ।" ମୋ ଆଖି ତାଳୁକୁ ଉଠିଗଲା । କ'ଣ ମୁଁ ଶୁଣୁଛି ! ସ୍କୁଲର ଗୋଟାଏ ଭୟଙ୍କର ଫୁଲ୍‌ବ୍ୟାକ୍ ଖେଳାଳୀ ଥିଲା ଇଯେ । ତାର ମୁଣ୍ଡ ଏପରି ଶକ୍ତ ଥିଲା ଯେ ଥରେ ଫୁଟବଲକୁ ହେଡ କରିଦେଇ ଗୋଲପୋଷ୍ଟ ଭିତରେ ଭର୍ତ୍ତି କରି ଦେଇଥିଲା । ଆଉ ସେଥିରେ ସେମାନେ ମ୍ୟାଚ୍ ଜିଣିଥିଲେ । ଏବେ ସେ ଅଛି ଗାର୍ଡ଼ । ଲଣ୍ଠନ ଓ ରେଳବାଇ ପତାକା ହଲାଇବା ଏପରି ଲୋକ ଭିତରେ ଆଧ୍ୟାତ୍ମିକ ତୃଷ୍ଣା ? ମୁଁ ପଚାରିଲି, "କାହିଁକି ? ତୁମର କ'ଣ ହେଲା କି ?"

ସେ କହିଲା, "ସାର୍, ଦିନେ ରାତିରେ ଗୁଣ୍ଟାକଲ୍‌ରୁ ଆସୁଥିବା ଟ୍ରେନ୍‌ରେ ମୁଁ ଡିଉଟି କରୁଥିଲି। ପେନୁକୋଣ୍ଡାଠାରେ ଜଣେ ରେଳବାଇ କର୍ମଚାରୀକୁ ମୁଁ ପ୍ରଥମ ଶ୍ରେଣୀରେ ଶୋଇବାକୁ ଅନୁମତି ଦେଲି। ସେ ଦ୍ୱିତୀୟ ଶ୍ରେଣୀ ପାଇଁ ହକ୍‌ଦାର ଥିଲେ ମଧ୍ୟ ପ୍ରଥମ ଶ୍ରେଣୀର ସବୁ ବର୍ଥ ଖାଲି ଥିବାରୁ ଓ ସେତେବେଳେ ଅଧରାତି ଟପି ଯାଇଥିବାରୁ ମୁଁ ଭାବିଲି ସେ ପ୍ରଥମ ଶ୍ରେଣୀରେ ଶୋଇପଡୁ। ଦେଢ଼ଘଣ୍ଟା ପରେ ଟ୍ରେନ୍ ତୋଣ୍ଡେଭାବି ଷ୍ଟେସନ୍‌ରେ ପହଞ୍ଚିଲା। ଆପଣ ଜାଣନ୍ତି ଗାଡି ସେଠାରେ ମାତ୍ର ଦଶମିନିଟ୍ ରହେ। ମାତ୍ର ଗାଡି ଅଟକୁ ଅଟକୁ ସେ ଲୋକଟି ମରିଗଲି, ମରିଗଲି ରଡି ଛାଡି ତଳକୁ ଡେଇଁ ପଡିଲା। ଦୁଇ ହାତରେ ସେ ଗାଲ ଆଉଁଷୁଥାଏ। ଲୋକେ ଜମା ହୋଇଗଲେ। କୁଲିମାନେ ବି ତାକୁ ଘେରିଗଲେ। କ'ଣ ହେଲା ଦେଖିବାକୁ ମୁଁ ମଧ୍ୟ ସେଠାକୁ ଧାଇଁଗଲି। ଲୋକଟିର ଗାଲ ଓଉଫଡା ପରି ଫୁଲି ଯାଇଥାଏ। କେହି ତାକୁ ଗାଡି ଭିତରେ ଖୁବ୍ ମାଡ ଚଢ଼ାଇଛି। ଆମେ ସବୁ ରାଗିଯାଇ ତାକୁ ପଚାରିଲୁ ଆଉ କିଏ ଡବାରେ ଥିଲା। ସେ ଲୋକଟା ଅଛି ନା ଖସି ପଳାଇଛି। ତାକୁ ନେଇ ଷ୍ଟେସନମାଷ୍ଟରଙ୍କ କୋଠରୀରେ ବସାଇ ଚାହା ପିଇବାକୁ ଦେଲୁ। ଧକ ଧକ ହୋଇ ଲୁହ ପୋଛି ପୋଛି ସେ କହିଲା ତୋଣ୍ଡେଭାବିରେ ପହଞ୍ଚିବାକୁ ଆଉ ପ୍ରାୟ ଛଅ ମାଇଲ୍ ଅଛି ଗାଡି ଭିତରର ଆଲୁଅ ଜୋର୍‌ରେ ଜଳି ଉଠିଲା। ତା'ପରେ ଗାଡି ଭିତରେ ନାଲି ଆଲୁଅ ଭରିଗଲା। ସେ ତା ସିଟ୍ ଉପରେ ଉଠି ବସିପଡିଲା। ଡବା ଭିତରେ ବିଶାଳ ମୂର୍ତ୍ତି ଧାରଣ କରି ଠିଆ ହୋଇଛନ୍ତି ସ୍ୱୟଂ ବାବା ! ସାରା ଡବାଟା ତାଙ୍କ ରୂପରେ ପୂରି ଉଠିଚି। ତା'ପରେ ତ ବର୍ଷା ହେଲା ତା ଉପରେ। ଚାରିଦିଗରୁ ଚାପଡା ଅଜାଡି ହୋଇପଡିଲା। ସେ ସମୟରେ ଗୋଟାଏ କଠୋର କଣ୍ଠସ୍ୱର ତାକୁ ଶୁଭୁଥାଏ, "ଆଉ ତାକୁ ମାରିବୁ ? ସେ ମୋ ଝିଅ। ଯେଉଁମାନେ ସବୁ କଷ୍ଟ ପାଉଛନ୍ତି ସେମାନେ ସମସ୍ତେ ମୋ ପୁଅ-ଝିଅ। ସେ ନିର୍ଦ୍ଦୋଷ ବୋଲି ମୁଁ କହିଲେ ବି ତୋର ବିଶ୍ୱାସ ହେଲା ନାହିଁ। ଆଉ ମାରିବୁ ତାକୁ ?" ଗାଡି ପ୍ଲାଟଫର୍ମ ଛୁଇଁବା ଆଗରୁ ସେ ଉଭେଇ ଗଲେ ଓ ଗାଡି ଭିତରର ଆଲୁଅ ଆଗପରି ଧୀମା ହୋଇଗଲା। ସେଥିପାଇଁ ସାର୍, ମୁଁ ସତ୍ୟସାଇ ବାବାଙ୍କ ଦର୍ଶନ ପାଇଁ ଇଚ୍ଛୁକ। କି ଆଚମ୍ବିତ କଥା !" କିଛି ସମୟ ପର୍ଯ୍ୟନ୍ତ ତା ପାଟିରୁ ଆଉ କଥା ବାହାରିଲା ନାହିଁ।

ମୁଁ ଏ ଘଟଣା ବିଷୟରେ ଅନନ୍ତାପ୍‌ପାକୁ ପଚାରିଲି। ମାତ୍ର ସେଦିନ ସେ ବାଙ୍ଗାଲୋରରେ ପହଞ୍ଚିବା ଯାଏ ଟ୍ରେନ୍‌ରେ ଗଭୀର ନିଦ୍ରାଭିଭୂତ ଥିଲା। ସେ ପରେ ଜାଣିଲା। ମାତ୍ର ପୁଟ୍ଟପର୍ତ୍ତିରୁ ଫେରିବା ପରେ ତାର ଜୋଇଁ ପୂରା ସୁନାପିଲା ପାଲଟି ଯାଇଛି। ତା ଝିଅ ଲେଖୁଥିଲା ଜୋଇଁଙ୍କର ସ୍ୱଭାବ ବଦଳି ଯାଇଛି, ଘରେ ଆଉ କିଛି ଗଣ୍ଡଗୋଳ ନାହିଁ, ସବୁ ଶାନ୍ତ। ମୁଁ ଅନନ୍ତାପ୍‌ପାର ସେ ଉଦଣ୍ଡ ଜୋଇଁକୁ ମଧ୍ୟ ପଚାରିଲି। ସେ ଅନୁତାପ ସ୍ୱରରେ

ଉତ୍ତର ଦେଲା ଯେ ପ୍ରକୃତରେ ସେ ଯାହା କରୁଥିଲା ତାହା ଭୁଲ୍ ଥିଲା, ଏଣୁ ସେ ଦଣ୍ଡ ପାଇବାର ଯୋଗ୍ୟ ଥିଲା । ସେ ମତେ ଚୁପ୍ ଚୁପ୍ କହିଲା ଏବେ ସେ ମାସକର ଦରମା ସ୍ତ୍ରୀ ହାତରେ ଦେଇ ଦେଉଛି ଓ ତାଠୁ ମାସିକ ପକେଟ୍ ଖର୍ଚ୍ଚ ବାବଦକୁ ମାତ୍ର ପନ୍ଦର ଟଙ୍କା ପାଉଛି ।

କେତେ ମାସ ପରେ କେତେଜଣ ଭକ୍ତଙ୍କ ସାଙ୍ଗରେ କଥା ହେଉଥିଲା ବେଳେ ବାବା ଶିରଡି ବାବାଙ୍କ କ୍ରୋଧ ଓ ସେ କିପରି ରାଗିଗଲେ ଲୋକଙ୍କୁ ଠେଙ୍ଗାରେ ପିଟି ପକାଉଥିଲେ ସେ ବିଷୟ ଉଲ୍ଲେଖ କରିଥିଲେ । ସେତେବେଳେ ସାହସ କରି ମୁଁ ପଚ୍ଚରିଦେଲି, "ସ୍ୱାମୀ, ଏ ଅବତାରରେ ଆପଣ କାହାକୁ ପିଟି ନାହାନ୍ତି ?" ବାବା ଉତ୍ତର ଦେଲେ, " ଏ ଅବତାରରେ ମୁଁ ପ୍ରେମସ୍ୱରୂପ ।" "ଆପଣ ଶିରଡି ବାବାଙ୍କ ପରି ପ୍ରତ୍ୟକ୍ଷରେ ନ ହେଲେ ପରୋକ୍ଷରେ ବି କାହାକୁ ବାଡେଇ ନାହାନ୍ତି ସ୍ୱାମୀ ?" "ସେଇଟା ବି ମୋର ପ୍ରେମ", ବାବା ଉତ୍ତର ଦେଲେ । "ବାବା, ଅନନ୍ତାପ୍‌ପାର ବିଚ୍ଚରୀ ଝିଅପ୍ରତି ପ୍ରେମ, ନା ?" "ନା, ସେ ପାଗଳା ଜୋଇଁ ପ୍ରତି ମଧ୍ୟ", ବାବା କହିଲେ । ମୋ ମନରେ ଭାବନାର ଜୁଆର ଖେଳିଲା । ଏ ପ୍ରଭୁଙ୍କର କରୁଣା ଏତେ ବେଶୀ ଯେ ସେ କାହାରିକୁ ପାପୀ ବୋଲି କହିବାକୁ ପ୍ରସ୍ତୁତ ନୁହନ୍ତି ।

ବାବା ଥରେ ମୋତେ ପୁଟ୍ଟପର୍ତ୍ତିରେ କହିଲେ, "ଗୁରୁବାର ଦିନ ଦାବନଗିରେରେ ତୋ ଘରେ ଯେଉଁ ଭଜନ କରୁଚୁ, ସେଥିରେ ଘଣ୍ଟାକ ପାଇଁ ମୋର କାନବଥା ହିଁ ସାର ହେଉଛି ।" "ମୁଁ ଜାଣିଛି ମୋ କଣ୍ଠସ୍ୱର ଏପରି ମଧୁର ଯେ ମୁଁ ଗୀତ ବୋଲିଲେ ଫଟା ଢୁଇସିଲ୍‌ପରି ଶୁଭିବ । ତେଣୁ ମନେ ମନେ ନିଜପାଇଁ ବି ଭଜନ ବୋଲୁନି ।" ବାବା ସଙ୍ଗେ ସଙ୍ଗେ କହିଲେ, "ନା, ନା, ତୁ ନୁହଁ । ତୋ ଘରକୁ କିଏ ସେ ପଡୋଶୀଟି ଆସୁଛି ? ତାକୁ କହିବୁ ଅନ୍ୟମାନଙ୍କ ସ୍ୱର ଉପରକୁ ତା ସ୍ୱର ଟେକିବ ନାହିଁ । ମୋ କାନ ଖର ଖର ହୋଇଯାଉଛି ।" ବହି ଲେଖିବା ବାଟରେ ଆଉ ଗୋଟାଏ ବଡ ବିଘ୍ନ ! ଶାସ୍ତ୍ରମାନେ ଯାହାଙ୍କୁ ଅବାଙ୍‌ମାନସଗୋଚର (ମନ ଓ ଭାଷାର ଅତୀତ) ବୋଲି ବର୍ଣ୍ଣନା କରନ୍ତି, ତାଙ୍କ ବିଷୟରେ କି ଭାଷା ପ୍ରୟୋଗ କରି ମୁଁ କ'ଣ ଲେଖିବି ? ମୁଁ ଯେଉଁଠି ସେ ସବୁବେଳେ ସେଇଠି ।

ଆଉ ଦିନେ ପୁଟ୍ଟପର୍ତ୍ତିରେ ବାବା ମୋ ପତ୍ନୀକୁ ମୃଦୁ ତିରସ୍କାର କରି କହିଲେ, "ମୁଁ ତୁମ ଦାବନଗିରେ ଘରକୁ ଯାଇଥିଲି । ମାତ୍ର ତୁ ମୋ ଟିଣ ଡବାରେ ଦୁଇ ପଇସିଟିଏ ପକାଇ ଦେଇଥିଲୁ ଯଦିଓ ତୋ ମନ କହୁଥିଲା ମୁଁ ଶିରଡି ବାବା ବୋଲି । ମୁଁ ଯେତେବେଳେ ଆଉ ମାଗିଲି ତୁ କହିଲୁ ଘରର ମାଲିକ ଘରେ ନାହାନ୍ତି - ସତେ ଯେମିତି ତାହା ମୁଁ ଜାଣି ନ ଥିଲି ! ତା'ପରେ ମୁଁ କଲେଜକୁ ଯାଇ ତୋ ସ୍ୱାମୀର ଅଫିସ୍ ଝରକା ପାଖରେ 'ଓମ୍' ଉଚ୍ଚାରଣ କଲି । ତୋ ସ୍ୱାମୀ ଏକଥା ତତେ କହିନି ? ସେ ବି ଭାବିଲା, ମୁଁ ଜଣେ ସାଧାରଣ ଭିକାରୀ ମାତ୍ର !"

ଶ୍ରୁତି କହନ୍ତି ତାଙ୍କର ସହସ୍ର ଆଖି, ସହସ୍ର ପାଦ ଚତୁର୍ଦ୍ଦିଗରେ ପରିବ୍ୟାପ୍ତ । ବାବାଙ୍କର ପ୍ରତ୍ୟେକଟି କଥା, ପ୍ରତ୍ୟେକଟି ପ୍ରଶ୍ନୋତ୍ତର ଆମେ ବଡ଼ ସତର୍କ ଭାବରେ ଆମର ଅହଙ୍କାରଗୁଡିକୁ ନିରାପଦ ରଖିବା ନିମନ୍ତେ ଘୋଡ଼ାଇ ରଖିଥିବା ସଂଶୟର ପରଦାଟିକୁ ଘୁଞ୍ଚାଇ ଘୁଞ୍ଚାଇ ଚାଲିଥାଏ ।

ମହୀଶୂର ମହରାଜା କଲେଜରେ ମୋର ଜଣେ ପୁରାତନ ଛାତ୍ର ସିଦ୍ଧବୀରାପ୍ପା ଦାବନଗିରେରେ ଆଇନ୍ ବ୍ୟବସାୟ କରୁଥିଲା । ସେ ଜାଣିଥିଲା ମୋ ମୁଣ୍ଡରେ ଗୋଟାଏ ପୋକ ଅଛି, ଆଉ ସେ କାମୁଡିଲେ ମୁଁ ଗାଁମାନଙ୍କର କୁଡିଆ ଓ ହରିଜନ ବସ୍ତିକୁ ଧାଇଁଯାଏ । ଭାରତୀୟ ସଂବିଧାନ ତିଆରି କରିବାକୁ ଯେଉଁ ସଂବିଧାନ ସଭା ଗଢ଼ା ହୋଇଥିଲା ସେଥିରେ ସେ ଜଣେ ସଭ୍ୟ ଥିଲା । ଦିଲ୍ଲୀ ଯିବା ବାଟରେ ତାର ଅନ୍ତର୍ବାଣୀ ତାକୁ ଶିରଡିରେ ଟିକେ ଅଟକିବାକୁ ପ୍ରରୋଚନା ଦେଇଥିଲା । ଅନେକ ବର୍ଷ ପରେ ବାବା ଯେତେବେଳେ ତାକୁ ଦଳେ ଓକିଲମାନଙ୍କ ମେଳରେ ଦେଖିଲେ, ସେ କହିଲେ କିଛି ବର୍ଷ ତଳେ ସେ ତାକୁ ଶିରଡିରେ ଦେଖିଥିଲେ । ସେ ଦିନର ତାରିଖ, ମାସ ଓ ବର୍ଷ ମଧ୍ୟ ବାବା କହି ଦେଇଥିଲେ । ସେତେବେଳକୁ ମୁଁ ଜାଣି ସାରିଥିଲି ଯେ ସେ ବାବା ଆଉ ଏ ବାବା ଏକ । ତେଣୁ ସିଦ୍ଧ ବୀରାପ୍ପାଠାରୁ ତାର ଅଭିଜ୍ଞତାର ବିଶଦ ବିବରଣୀ ଶୁଣି ମୁଁ ବଡ଼ ଆନନ୍ଦ ଲାଭ କରିଥିଲି ।

ସିଦ୍ଧବୀରାପ୍ପା ଶିରଡିବାବାଙ୍କ ପୂଜା ଅର୍ଚ୍ଚନା ନିମନ୍ତେ ଗୋଟିଏ କେନ୍ଦ୍ର ପ୍ରତିଷ୍ଠା କରିଥିଲା, ଆଉ ମୁଁ ଥିଲି ତାର ସେକ୍ରେଟାରୀ । ଅଳ୍ପଦିନ ଭିତରେ ସେ ସତ୍ୟସାଇ ପରିବାରରେ ଯୋଗ ଦେଇଥିଲା । କେତେଜଣ ଶାସନ-ବିଧାୟକ ବାଙ୍ଗାଲୋର୍ ସହରକୁ ପିଇବାପାଣି ଯୋଗାଉଥିବା ଜଳଭଣ୍ଡାର ଦେଖିବାକୁ ଯାଇଥିଲେ । ସେ ସମୟରେ ବାବା ତାକୁ ଗୋଟିଏ ଲିଙ୍ଗ ସୃଷ୍ଟି କରି ଦେଇଥିଲେ । କେବଳ ସେତିକି ନୁହେଁ, ଏହି ଲିଙ୍ଗ ତା ଘରେ ବିଧିପୂର୍ବକ ପ୍ରତିଷ୍ଠା ହେବା ଦିନ (ସିଦ୍ଧବୀରାପ୍ପା ହିନ୍ଦୁ ଧର୍ମର ଲିଙ୍ଗାୟତ ଶାଖାର ଅନ୍ତର୍ଭୁକ୍ତ ଥିଲା) ବାବା ନିଜେ ତା ଘରକୁ ମଧ୍ୟ ଯାଇଥିଲେ । ଏହି ଶୁଭ ଅବସରରେ ବାବା ତାକୁ ନିଜର ଶିରଡିବାବା ରୂପର ଦର୍ଶନ ପ୍ରଦାନ କରିଥିଲେ । ଏହି ଦିବ୍ୟାନନ୍ଦର ପ୍ରତିକ୍ରିୟା ସ୍ୱରୂପ ସିଦ୍ଧବୀରାପ୍ପା ଯେତେବେଳେ ରାଜ୍ୟର ଗୃହମନ୍ତ୍ରୀ ହେଲା, ଦାବନଗିରେ ସହର ମଝିରେ ସତ୍ୟସାଇ ସେବା କେନ୍ଦ୍ର ପାଇଁ ଗୋଟିଏ ବଡ଼ ଜାଗା ଦେଇଥିଲା । ସେଠାରେ 'ନୂଆ' ଓ 'ପୁରୁଣା' ଉଭୟ ବାବାଙ୍କ ପ୍ରତିରୂପ ପ୍ରତିଷ୍ଠିତ ହୋଇଥିଲେ ।

ଶିକ୍ଷକତାରୁ ଅବସର ଗ୍ରହଣ କରିବାର କେତେମାସ ଆଗରୁ ମୁଁ ଉତ୍କଣ୍ଠିତ ହୋଇ ଅପେକ୍ଷା କରିଥିଲି କେବେ ମୋ ପିଠିରୁ ଓ ମୁହଁରୁ ଜିନ୍ ଓ ମୁଖା ଖସିବ, ସାହିତ୍ୟର ସବୁଜ ଚାରଣ ଭୂମିରେ ମୁଁ ମୁକ୍ତ ଭାବରେ ଚରି ବୁଲିବି । ଯେଉଁଦିନ ଭାରତ ସ୍ୱାଧୀନ ହେଲା, ସେଦିନ

ମୁଁ ଭାରତର ଗଛମାନଙ୍କୁ ଅଧିକ ସବୁଜ ହୋଇ ବଢ଼ିବାକୁ ଏବଂ ଭାରତର ସନାତନ ସତ୍ୟରୁ ଅଧିକ ପ୍ରାଣଶକ୍ତି ଶୋଷି ଆଣିବାକୁ ଅଧିକ ଗଭୀରକୁ ଚେର ପଠାଇବା ନିମନ୍ତେ ଉତ୍ସାହିତ କରିଥିଲି। ମାତ୍ର ପରେ ପରେ ଏ ଦେଶରେ ଜାତିଗତ ବିଦ୍ୱେଷ ଓ ଦଙ୍ଗାର ଯେଉଁ ବିଷପବନ ପ୍ରବାହିତ ହେଲା ତାହା ମୋ ପ୍ରାଣକୁ ସ୍ତବ୍ଧ କରିଦେଲା। ଲୋଭ ଓ ବିଦ୍ୱେଷର ଅନାବନା ଲଟା ଅଚିରେ ଦୀର୍ଘ ସଂଗ୍ରାମର ଫଳକୁ ଘୋଡ଼ାଇ ପକାଇଲା।

ଏ ନିରଙ୍କୁଶ ଭୀଷଣତାର ଫଳ ମୋ କଲେଜ ବି ଭୋଗିଲା। ମୋ କ୍ଲାସରେ ପଇଁଚାଳିଶି ପିଲାଙ୍କୁ ଅଶୋକ, ଆକବର ଓ ଶିବାଜୀଙ୍କ ଐକ୍ୟର ବାର୍ତ୍ତା ବଖାଣୁଥିବା ବେଳେ ସେମାନଙ୍କ କାନରେ ପଡୁଥିଲା ବିଭେଦ ଓ ହିଂସାର ଢୋଲ। ଆଉ ସେମାନେ ଝରକାବାଟେ ଡେଇଁ ପଡୁଥିଲେ ଏ ନୂତନ ଦେଶପ୍ରାଣତାର ବଂଶୀ ସ୍ୱନରେ ନାଚିବାକୁ। ପ୍ରଥମେ କେବେ ମୋର କାଳ ପୂରିବ ସେଥିପାଇଁ ମାସ ଗଣୁଥିଲି, ତାପରେ ଅଥୟ ହୋଇ ଦିନ ଗଣିବାକୁ ଲାଗିଲି। ଏଥର ବାହାରର ଢୋଲ ଓ ଆହ୍ୱାନ ଶୁଣି କ୍ଲାସ ଭିତରେ ପିଲାଏ ଭିଡିମୋଡି ହେଲେ ମୁଁ ସେମାନଙ୍କୁ କହୁଥିଲି, "ବାପାମାନେ, ତମମାନଙ୍କୁ ମୁଁ କଲ୍ୟାଣ କରୁଚି ଆର ଜନ୍ମରେ ଶିକ୍ଷକ ହୋଇ ଜନ୍ମ ହୁଅ, ଆଉ କ୍ଲାସରେ ପାଠ ପଢ଼ାଉଥିବାବେଳେ ତୁମର ପ୍ରିୟ ଛାତ୍ରମାନେ ବାହାରର ପାଗଳ ଦୁନିଆର ପାଗଳ ଚିତ୍କାର ଶୁଣି ତୁମକୁ ଛାଡି ରାସ୍ତାକୁ ଡେଇଁ ପଡନ୍ତୁ।"

କୁହାଯାଏ ଯେ ଇତିହାସର ପୁନରାବୃତ୍ତି ଘଟିଥାଏ। ମୁଁ ଭାବୁଚି ଏହା ଘଟେ କାରଣ କେହି ଇତିହାସର ଉପଦେଶକୁ କାନ ଦିଅନ୍ତି ନାହିଁ। ଇତିହାସ ଶିକ୍ଷକ ବର୍ଷ ପରେ ବର୍ଷ ବାରମ୍ବାର ମଣିଷର ନିର୍ବୋଧତା, ନିର୍ବେଦତା, ପାଗଳାମି ଓ ମାନସିକ ବ୍ୟାଧିର କାହାଣୀକୁ ପୁନରାବୃତ୍ତି କରି ଚାଲିଥାଏ। ତିରିଶି ବର୍ଷ ଚକ ଅବିଶ୍ରାନ୍ତ ଘୂରିବା ପରେ କ୍ଲାନ୍ତ ହୋଇ ମୁଁ ଚିତ୍କାର କଲି, 'ବହୁତ ହୋଇଗଲା'। ତଥାପି ମୋତେ ଆହୁରି ୨୪ ମାସ ଚକରେ ଘୂରିବାକୁ ପଡିବ। ତାପରେ ଇତିହାସ ଦେବୀ ମୋତେ ତାଙ୍କ ଆଲିଙ୍ଗନରୁ ମୁକ୍ତ କରିବେ। ମୁଁ ସ୍ୱାଧୀନ ହେବି।

ମୁଁ ଠିକ୍ କଲି ଅବସର ନେବା ପରେ ମୁଁ ବାଙ୍ଗାଲୋରର ଉଇଲ୍‌ସନ ଗାର୍ଡ଼ନଠାରେ ଥିବା ମୋର ଛୋଟିଆ ଘରଟିରେ ରହିବି। ସେତେବେଳେ ବାଙ୍ଗାଲୋରକୁ ଅବସରପ୍ରାପ୍ତ ଲୋକଙ୍କ ସ୍ୱର୍ଗ ବୋଲି କୁହାଯାଉଥିଲା। ଏହା ବମ୍ବେ ପରି ଧୂଆଁଳିଆ ନଥିଲା, କୋଚିନ୍ ପରି ଆର୍ଦ୍ର ନଥିଲା, ମହୀଶୂର ପରି ସ୍ୱପ୍ନିଳ ନଥିଲା, ବାଙ୍ଗାଲୋର ପରି ସଂଶୟାଚ୍ଛନ୍ନ ନଥିଲା, କଲିକତା ପରି ବିସ୍ଫୋରକ ନଥିଲା, ବନାରସ ପରି ଅତିଭୌତିକ କିମ୍ବା ଦିଲ୍ଲୀ ପରି ମର୍ଯ୍ୟାଦା-ସଚେତନ ନଥିଲା। ଏହାର ଛାୟା ଶୀତଳ ବଗିଚାର ସବୁଜ ବୃକ୍ଷମାଳା ମଧ୍ୟରେ ଲମ୍ବି ଯାଇଥିବା ଏକାନ୍ତ ରାସ୍ତାକଡ଼େ ପଥର ବେଞ୍ଚ ଉପରେ ବସି ଜୀବନର ଦୀର୍ଘପଥ ଅତିକ୍ରମି ଆସିଥିବା ସମଭାବାପନ୍ନ

ଅବସରପ୍ରାପ୍ତ ବନ୍ଧୁମାନେ ନିରାପଦରେ ନିଜ ନିଜର କର୍ମକ୍ଷେତ୍ରରେ ସେମାନଙ୍କ ଉତ୍ତରାଧିକାରୀମାନଙ୍କୁ ଆପଣା ଆପଣା ଭିତରେ ଶୂଳୀରେ ଚଢ଼ାଇ ପାରୁଥିଲେ। ତାଛଡା ମୋ ପାଇଁ ବାଙ୍ଗାଲୋରରେ ଥିଲେ 'କୋରାବାଞ୍ଜି' ଓ ଏହାର ପ୍ରତିଷ୍ଠାତା ଡକ୍ଟର ଶିବରାମ। ମୁଁ ଯୋଜନା କଲି ସେ କନ୍ନଡ ପତ୍ରିକାଟିକୁ ଇଂଲଣ୍ଡର 'ପଞ୍ଚ' ପତ୍ରିକା ଅନୁକରଣରେ ସାପ୍ତାହିକ କରିଦେବି। ଭାରତମାତା ଅସ୍ତ୍ରୋପଚାର ଦ୍ୱାରା ଯେଉଁ ସ୍ୱାଧୀନତା ସନ୍ତାନଟି ପ୍ରସବ କରିଛି ତାହା ତାର ରାଜନୈତିକ ଶରୀରରେ ଯେଉଁ କ୍ଷତ ସୃଷ୍ଟି କରିଛି ସେଗୁଡିକୁ ସାପ୍ତାହିକ କଟୁ-ମଧୁର ପ୍ରଗଲ୍‌ଭତା ରୂପୀ ମଲମ ଦ୍ୱାରା ଶୁଖାଇବାକୁ ମୁଁ ଅଣ୍ଟା ଭିଡୁଥିଲି। ଲୋକଙ୍କର ଅହଂକାରକୁ ଫୋଡିବା ନିମନ୍ତେ ମୁଁ ନିଜକୁ ଜଣେ ବିଶେଷଜ୍ଞ ଡାକ୍ତର ବୋଲି ମନେ କରୁଥିଲି।

ବତିଶି ବର୍ଷର ଶିକ୍ଷକତା ପରେ ୧୯୫୪ ମସିହାର ଏପ୍ରିଲ ପହିଲା ଦିନ (ନିଖିଳ ମୂର୍ଖ ଦିବସ !) ମୁଁ ଅବସର ନେଲି। ସେହି ଶୁଭଦିନଠାରୁ ମହୀଶୂର ସରକାର ମୋତେ ଦରମା ଦେବା ବନ୍ଦ କରିଦେଲେ। ଆଉ ସେହିଦିନଠାରୁ ପେନ୍‌ସନ୍ ଯୋଗାଡ କରିବା ପାଇଁ ମୋତେ ଦୀର୍ଘ ଏକ ବର୍ଷ ଲାଗିଗଲା। ସେପର୍ଯ୍ୟନ୍ତ ମୋ ଧୂସର ବୁଦ୍ଧି ଉପରେ ହିଁ ନିର୍ଭର କରି ଚଳିବାକୁ ପଡିଲା। ଦିଲ୍ଲୀର ସାହିତ୍ୟ ଏକାଡେମୀ ପାଇଁ ଦୁଇଟି ମାଲାୟଲମ୍ ବହି ଅନୁବାଦ କଲି, ବାଙ୍ଗାଲୋରରେ ଜଣେ ପୁସ୍ତକ ପ୍ରକାଶକ ପାଇଁ ମୋର ପୁରୁଣା ବନ୍ଧୁ 'ଲା ମିଜରେବ୍ଲେ'କୁ କନ୍ନଡ ଭାଷାରେ ରୂପାନ୍ତର କଲି। କନ୍ନଡ଼ ଭାଷାର ଏକ ଦୈନିକ ପତ୍ରିକା ପାଇଁ 'ଘରିବାରିଆ' ରାନ୍ଧି ଡଜନ ପାଞ୍ଚଟଙ୍କା ଦରରେ ବିକ୍ରି କଲି। ଏସବୁ ସତ୍ତ୍ୱେ ହାଣ୍ଡିକୁ ଚାଉଳ ଯିବା କଷ୍ଟ ହେଉଥିଲା। ସେଥିପାଇଁ ମୋର ବହୁବର୍ଷର ବନ୍ଧୁ କୁଳପତିଙ୍କ ପାଖକୁ ଯାଇ ତାଙ୍କୁ ମୋର ଗୋଟିଏ ଯୋଜନା କଥା କହିଲି। ମୋର ଦୁରବସ୍ଥା ବର୍ଣ୍ଣନା କରିସାରି କହିଲି, "ମୁଁ ଭାବୁଚି ଖବରକାଗଜରେ ମୋର ପୁରୁଣା ଛାତ୍ରମାନଙ୍କ ପାଇଁ ଗୋଟିଏ ବିଜ୍ଞାପନ ଦେବି। ସରକାରଙ୍କଠାରୁ ମୋର ଯେତିକି ପ୍ରାପ୍ୟ ସେତିକି ଟଙ୍କା ମୋତେ ଧାର ଦେବାକୁ ଅନୁରୋଧ କରି ପ୍ରତିଶ୍ରୁତି ଦେବି ଯେ ସରକାରଙ୍କଠାରୁ ମୋ ପ୍ରାପ୍ୟ ପାଇଲେ ସେମାନଙ୍କୁ ସେମାନଙ୍କ ଟଙ୍କା ଫେରାଇ ଦେବି।" ଏହା ଶୁଣି କୁଳପତିଙ୍କ ଆଖି ତାଳୁକୁ ଉଠିଗଲା। କାରଣ ଏପରି ଗୋଟିଏ ବିଜ୍ଞାପନ ଯେଉଁ ବିରୋଧୀ ଲୋକମତ ଜାଗ୍ରତ କରିବ ତାହା ତାଙ୍କ ପକ୍ଷରେ ଘୋର ଅପମାନଜନକ ହେବ। ସେ ଏ କାମ ନ କରିବାକୁ ମୋତେ ଅନୁରୋଧ କଲେ, ଆଉ ସପ୍ତାହକ ଭିତରେ ମୋର ସବୁ ବାକିଆ ପ୍ରାପ୍ୟ ସହ ଚଳନ୍ତି ପେନ୍‌ସନ୍ ପାଇଗଲି।

❖

ଖାଇଲା ପୁଅଝିଅ ରଙ୍କ

ଏତିକିବେଳକୁ ପ୍ରଶାନ୍ତିନିଳୟମ୍‌ର ଦକ୍ଷିଣ ପାଖରେ ପ୍ରାୟ ଚାଳିଶିହାତ ଦୂରରେ ଆମପାଇଁ ଗୋଟିଏ ଟାଇଲ୍‌ଛାତ ପ୍ରସ୍ତୁତ ହୋଇଯାଇଥିଲା। ଗାଁରୁ ଆସିଥିବା ରାସ୍ତା ସହ ସମାନ୍ତରାଳ ଭାବରେ ଦୁଇଧାଡି ଘର ଠିଆ ହୋଇ ସାରିଥିଲା। ଏଥିରୁ ଗୋଟିଏ ଘର ପାଇଁ ମୁଁ ପ୍ରାର୍ଥନା ଜଣାଉଥିଲି, ଆଉ ପ୍ରଥମେ କିଛି ଟଙ୍କା ଦେଇଦେଲେ ମୋର ପ୍ରାପ୍ତି ଠିକଣା ହୋଇଯିବ ବୋଲି ନିର୍ବୋଧଙ୍କ ପରି ଭାବି ଟଙ୍କା ଧରି ପ୍ରଶାନ୍ତିନିଳୟମ୍‌କୁ ସାତ ଆଠଥର ଦୌଡିଥିଲି! ମାତ୍ର ବାବା ଟଙ୍କା ନ ନେଇ ବାରମ୍ବାର କହୁଥିଲେ, "ତୋର ଟଙ୍କାର ଆବଶ୍ୟକତା ଅଧିକ, ଆଉ ମୋର ଆବଶ୍ୟକ ତୋର ଆନନ୍ଦ।" ଯେତେବେଳେ ଘରଟି ମିଳିଲା ଓ ବାବା ନିଜେ ଆମକୁ ନେଇ ଗୃହ ପ୍ରବେଶ କଲେ, ସେ ମୋତେ ନିର୍ଭରତା ଦେଇ କହିଲେ ଘରଟିକୁ ମୋ ପାଇଁ ସେ ବେଦମନ୍ତ୍ରର ଉଚ୍ଚାରଣ ମଧ୍ୟରେ ପ୍ରତିଷ୍ଠା କରିଛନ୍ତି ଓ ମୋର ସୁଖ-ସଂପଦ ଓ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ମଙ୍ଗଳଚିହ୍ନ ରୂପେ ଗୋଟିଏ ଗାଈ ଓ ବାଛୁରୀକୁ ସେ ଘରେ କିଛି ସମୟ ବାନ୍ଧି ରଖିଛନ୍ତି। ଘରଟିରେ ଥିଲା ଗୋଟିଏ କୋଠରୀ। ପଛରେ ହାଣ୍ଡିଶାଳ ଓ ଆଗରେ ଛୋଟ ବାରଣ୍ଡାଟିଏ। ବାରଣ୍ଡାରେ ଗୋଟିଏ ବେଞ୍ଚରେ ବସିଲେ ବାବା ନିଳୟମ୍ ଉପର ମହଲାରେ ବାରଣ୍ଡାରେ ଏପଟସେପଟ ହେବା ନିର୍ମଳ ଦର୍ଶନ କରି ହେବ।

ଆଃ! ସେ ଆନନ୍ଦ ମୁଁ କିପରି ବର୍ଣ୍ଣିବି? କେତେବର୍ଷ ପରେ ରମଣଗୀତାରେ ଯତୀନ୍ଦ୍ର (ଯତିଶ୍ରେଷ୍ଠ) ବୋଲି ପଦବୀ ପାଇଥିବା ସ୍ୱାମୀ ଅମୃତାନନ୍ଦ ଏଇ ଘରର ଝରକାବାଟେ ବହୁଦିନ ଧରି ଦିନକୁ ବହୁଥର ବାବାଙ୍କ ଦର୍ଶନ କରିଥିଲେ। ସ୍ୱାମୀ ଅମୃତାନନ୍ଦ ବାବାଙ୍କ ନିର୍ଦ୍ଦେଶରେ ମୋ ପାଖରେ ରହୁଥିଲେ। ଦିନେ ସେ ମୋତେ ଡାକି ପଚାରିଲେ, "କସ୍ତୁରୀ, ଏ ଝରକାର ଦାମ କେତେ ହେବ?" ମୁଁ ଉତ୍ତର ଦେଲି, "କେତେ ଟଙ୍କା ହେବ। କାଠ ଶାଗୁଆନ୍ ନୁହେଁ, କୁଶଳୀ ବଢ଼େଇ ହାତରେ ମଧ୍ୟ ତିଆରି ନୁହେଁ।" ମାତ୍ର ସେ ଦୃଢ଼ ସ୍ୱରରେ ମୋ କଥାକୁ କାଟି ଉତ୍ତର ଦେଲେ, "ନା, ନା, ଏହାର ଦାମ୍ କେତେ କୋଟି ଟଙ୍କା ହେବ। ଏହା କାଠରେ ତିଆରି ନୁହେଁ, ହୀରାରେ ତିଆରି। ତୁମକୁ ଯଦି ଏ ଘର ବଦଳରେ ମହୀଶୂର ରାଜପ୍ରାସାଦ ଯଚ୍ଚ ଯାଏ, ତେବେ ବି ଏ ଘର ଛାଡିବ ନାହିଁ। ଏ ଝରକାବାଟେ ତୁମେ ଭଗବାନଙ୍କୁ ଦର୍ଶନ କରୁଚ। ଏହା କନକ-ଗବାକ୍ଷ!"

କନକ-ଗବାକ୍ଷ କଥାଟି ଆମକୁ ମନେ ପକାଇଦିଏ ଷୋଡ଼ଶ ଶତାବ୍ଦୀର ଗଉଡ଼ ଘରେ ଜନ୍ମ ହୋଇ ଈଶ୍ୱର ଦର୍ଶନ ଲାଭ କରିଥିବା ସନ୍ଥ କନକ ଦାସଙ୍କ କାହାଣୀ। ବିଭିନ୍ନ ମନ୍ଦିରରେ ପ୍ରଭୁ ଦର୍ଶନ କରିବା ନିମନ୍ତେ ତାଙ୍କ ମନରେ ଥରେ ପ୍ରବଳ ଆକାଂକ୍ଷା ଜାତ ହେଲା। ସେ ଯାଇ ପହଞ୍ଚିଲେ ମାଧ୍ୱାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ବିଖ୍ୟାତ କୃଷ୍ଣମନ୍ଦିର ଆଗରେ। ମାତ୍ର ସେ ଜାତିରେ ଗଉଡ଼। ଛେଳି-ମେଣ୍ଢା ପାଳି କଂସେଇକୁ ଦେବା ଜାତି-ବେଉସା। ସେ କାଳରେ କୌଣସି ହିଂସାତ୍ମକ କାର୍ଯ୍ୟରେ ନିଯୁକ୍ତ ଥିବା ଜାତି ମନ୍ଦିର ଭିତରେ ପ୍ରବେଶାଧିକାର ପାଉ ନଥିଲା। କନକ ଦାସ ପ୍ରାଣ ଆକୁଳରେ ପାଟି କରି ଠାକୁରଙ୍କୁ ଡାକିଲେ, "ହେ ପ୍ରଭୁ, ତୁମ ଦାସକୁ ଦର୍ଶନ ଦିଅ।" ହଠାତ୍ ଅଘଟଣ ଘଟିଲା! କନକ ଦାସ ମନ୍ଦିରର ଯେଉଁ କାନ୍ଥ ପାଖେ ଠିଆ ହୋଇ ଆଖିରୁ ଲୁହ ଝରାଇ ଗୀତ ଗାଉଥିଲେ ସେ କାନ୍ଥରୁ ଖଣ୍ଡେ ଭୁଷୁଡ଼ି ପଡିଲା ଓ ମନ୍ଦିରର ମୂର୍ତ୍ତି ସିଂହାସନ ଉପରେ ସେ ଝରକା ଆଡ଼କୁ ବୁଲି ପଡିଲେ! ସେ ଗବାକ୍ଷ ମଧ୍ୟରେ ଭକ୍ତ ପ୍ରିୟ ଭଗବାନଙ୍କୁ ଦର୍ଶନ କରିଥିଲେ। ସ୍ୱାମୀ ଅମୃତାନନ୍ଦ ମୋତେ କହିଲେ ଏଇ ଝରକାଟି ସେହିପରି ତାଙ୍କ ପାଇଁ ଓ ଆମ ସଭିଙ୍କ ପାଇଁ ସାଇକୃଷ୍ଣଙ୍କ କୃପାର ସନ୍ତକ।

ଏହା ଥିଲା ସଂପୂର୍ଣ୍ଣ ଭାବରେ ବାବାଙ୍କ ଯୋଜନା। ମୁଁ କିମ୍ବା ମୋ ବୋଉ ଆମର ସୁଦୂରତମ କଳ୍ପନାରେ ବି ଏହା ଚିନ୍ତା କରି ନଥିଲୁ। ନିଖିଳ ଭାରତ ଇତିହାସ କଂଗ୍ରେସର ସମ୍ମିଳନୀରେ ଯୋଗ ଦେବାକୁ ଆଗରୁ ଥରେ ମୁଁ ଦିଲ୍ଲୀ ଆସିଥିଲି। ସେତେବେଳେ ଦର୍ଶକ ଗ୍ୟାଲେରୀରୁ କନ୍‌ଷ୍ଟିଚୁଏଣ୍ଟ ଆସେମ୍ବ୍ଲିରେ କୌଣସି ସମସ୍ୟା ସମ୍ପର୍କରେ ଜବାହରଲାଲ ନେହେରୁ ବଡ ସତେଜ ଭାବରେ କହୁଥିବା ଓ ଅଧ୍ୟକ୍ଷତା କରୁଥିବା ବାବୁ ରାଜେନ୍ଦ୍ର ପ୍ରସାଦ ତାହା ଶୁଣୁଥିବା ଦେଖିଥିଲି। ଏହି ଇତିହାସ କଂଗ୍ରେସ ମୋ ପକ୍ଷରେ ଐତିହାସିକ ଘଟଣା ଥିଲା। ମୋ ପୁଅ କଲିକତାର ଲେକ୍ ହସ୍‌ପିଟାଲରେ କଳାଜ୍ୱରର ଗୋଟିଏ ସାଙ୍ଘ ଦ୍ୱାରା ଆକ୍ରାନ୍ତ ହୋଇ ପଡିଥିଲାବେଳେ ଆମେ କଲିକତାରେ ୨୦ ଦିନରୁ ଅଧିକ ସମୟ ରହିଥିଲୁ।

ପୂରା ବର୍ଷକର ପେନ୍‌ସନ (ଶହେ ଅଶିଟଙ୍କା ବାରଅଣା ଦୁଇ ପଇସା x୧୨) ମତେ ଏକାଠି ମିଳିଲା ବୋଲି ବାବାଙ୍କୁ କହିବାକୁ ଯେତେବେଳେ ପୁଟ୍ଟପର୍ତ୍ତି ଗଲି, ବାବା ପ୍ରସ୍ତାବ ଦେଲେ (ଅର୍ଥାତ୍ ଆଦେଶ କଲେ) ମୁଁ ବୋଉ ଓ ପତ୍ନୀକୁ ଧରି ହରଦ୍ୱାର, କାଶୀ, ପ୍ରୟାଗ, ଗୟା ଓ ଦକ୍ଷିଣେଶ୍ୱର ତୀର୍ଥ ଭ୍ରମଣରେ ଯାଏ। ମୁଁ କିଛି କହିବାକୁ ଡେରି କରିବାରୁ ବାବା ମୋ କାନ୍ଧରେ ହାତ ରଖି ସ୍ନେହର ସହ କହିଲେ, "ତୋ ବୋଉକୁ ନେଇ କାଶୀ, ତ୍ରିବେଣୀ, ଗୟା

ଯା । ସେ ବହୁବର୍ଷ ଧରି ଏଥିପାଇଁ ପ୍ରାର୍ଥନା କରୁଛି । ତାର ବିଶ୍ୱାସ ଗୟାଧାମରେ ତର୍ପଣ କଲେ ଯାଇ ତୋ ବାପାଙ୍କ ଆତ୍ମା ଶାନ୍ତି ପାଇବ । ତୋର ଏଥିରେ କୁଣ୍ଠିତ ହେବାର କ'ଣ ଅଛି ? ତିନୋଟି ଟିକଟ କିଣିବୁ, ମାତ୍ର ଆମେ ଚାରିଜଣ ଯିବା ।" ବାବାଙ୍କର ଶେଷ ମନ୍ତବ୍ୟଟି ଆମ ଯିବା କଥାଟା ପକ୍କା କରିଦେଲା । ତେଣୁ ଆମ ତୀର୍ଥଯାତ୍ରା ଥିଲା ବିଶ୍ୱନାଥଙ୍କ ସହ କାଶୀରୁ କାଶୀକୁ ! ବୋଉ କହିଲା ମାଡ୍ରାସରେ ଥିବା ତା ଭାଇଙ୍କ ପୁଅ ଘରେ ଦିନଟେ ରହିବ । ଏଇ ଭାଇ ମୋ ବାପାଙ୍କ ଶେଷ ସଂପତ୍ତି ଚାରିଶହ ଟଙ୍କା ଚଲୁ କରି ଦେଇଥିଲେ । ମାତ୍ର ବାବା ତା ମନରୁ କ୍ରୋଧର ଦାଗ ଲିଭାଇ ଦେଇ ସାରିଥିଲେ । ଆମେ ଗ୍ରାଣ୍ଡ୍ ଟ୍ରଙ୍କ୍ ଏକ୍ସପ୍ରେସ୍‌ରେ ମାଡ୍ରାସରୁ ଦିଲ୍ଲୀ ଗଲୁ । ଆମେ ଏଥିରେ ନାଗପୁରରେ ମାତ୍ର ଛଅଘଣ୍ଟା ଡେରିରେ ପହଞ୍ଚିଲୁ । ସବୁ ଜାଗାରେ ଆମ ମହାଯାନ ରାସ୍ତାଘାଟର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ, ଆଉ ଲୋକଙ୍କର ଖେଳକୁଦ ତଥା ପରିଶ୍ରମ ଦେଖିବାକୁ ଆମକୁ ଅନେକ ସମୟ ଦେଇଥିଲା । ଆମେ ନାଗପୁରରେ ଜଣେ ସାଇଭକ୍ତଙ୍କ ଘରେ ରହିଥିଲୁ । ସେମାନେ ବାବାଙ୍କ ପ୍ରତି ଏତେ ଅନୁରକ୍ତ ଥିଲେ ଯେ କେତେବର୍ଷ ପରେ ପରିବାରର ଉପାର୍ଜନକ୍ଷମ ମୁଖ୍ୟଙ୍କୁ ବାବା ଆଚମ୍ଭିତ ଭାବରେ ଆତ୍ମହତ୍ୟାରୁ ରକ୍ଷା କରିଦେଇଥିଲେ ।

ଦିଲ୍ଲୀରେ ଥିବା ସ୍ୱାମୀ ରଙ୍ଗନାଥାନନ୍ଦଙ୍କ ସହିତ ମୋର ବହୁଦିନର ପରିଚୟ ଥିଲା । ସେ ଘର ଛାଡିବା ଦିନଠାରୁ ତାଙ୍କୁ ମୁଁ ଜାଣିଥିଲି । ଜାପାନୀମାନେ ରେଙ୍ଗୁନ୍ ଆକ୍ରମଣ କରିବାବେଳେ ସେଠାରେ ସେ ଥିଲେ । ତା'ପରେ ଭାରତ ବିଭାଗବେଳେ ଥିଲେ କରାଚୀରେ । ସେଠୁ ଆସି ଦିଲ୍ଲୀର ରାମକୃଷ୍ଣ ମିସନ୍‌ର ସଭାପତି ହେଲେ । ଆମେ ଏକାଠି ବସି ମହୀଶୂରରେ ସୁବ୍ରହ୍ମଣ୍ୟ ଆୟାରଙ୍କଠାରେ ଗୌଡପାଦ ଓ ଅଷ୍ଟାବକ୍ରଙ୍କ ଟୀକାଯୁକ୍ତ ବେଦାନ୍ତ ଅଧ୍ୟୟନ କରିବା କଥା, ମହୀଶୂର ସହରରେ ଜନସେବା କରିବାର ବାଳକୋଚିତ ଉତ୍ସାହ ଓ ଉଦ୍ୟମ କଥା, ମୋର ସହପାଠୀ ବନ୍ଧୁ ଓ ତାଙ୍କର ଗୁରୁଜନ ଗୋପାଳ ମହାରାଜଙ୍କ ବିଚିତ୍ର ଭାବନା ଓ ସ୍ୱଭାବ କଥା ଏବଂ ପ୍ରତିଭାଶାଳୀ ପ୍ରକୃତି-କବି ପୁଟାପ୍‌ପାଙ୍କ କଥା ଘଣ୍ଟା ଘଣ୍ଟା ଆଲୋଚନା କରୁଥିଲୁ । ମୋ ବୋଉ ତାଙ୍କୁ ଓ ଗୋପାଳ ମହାରାଜାଙ୍କୁ ବିଶେଷ କେରଳୀ ବ୍ୟଞ୍ଜନ ଖୁଆଇବା ମନେ ପକାଇ ସେ କୃତଜ୍ଞତା ପ୍ରକାଶ କରୁଥିଲେ ।

ନୂଆଦିଲ୍ଲୀ ତ ବୋଉ ଓ ପତ୍ନୀ ଉଭୟଙ୍କ ପାଇଁ ଥିଲା ପରୀରାଇଜ । ଆମେ ଲୋକସଭା ଓ ରାଜ୍ୟସଭା ମଧ୍ୟ ଯାଇ ଦେଖିଲୁ । ମୋର ଅନେକ ଆଶୁ ନାଟକ (ତତ୍କ୍ଷଣାତ୍ ରଚନା କରି ଅଭିନୟ କରିବା ନାଟକ)ରେ ମୋର 'ଚଟକୀ' ହାସ୍ୟରସ ଅଭିନୟରେ ଅଂଶ ଗ୍ରହଣ

କରିଥିବା ସିମୋଗାର ଓକିଲ ଶ୍ରୀ ଏସ୍. ଭି. କୃଷ୍ଣମୂର୍ତ୍ତି ସେତେବେଳେ ଏମ୍.ପି. ଓ ରାଜ୍ୟସଭାର ଉପସଭାପତି ଥିଲେ। ଲୋକସଭାର ଦର୍ଶକ ଗ୍ୟାଲେରୀରେ ବସି ଆମେ ଦିନେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଲୋଚନା ଶୁଣିବା ସଙ୍ଗେ ସଙ୍ଗେ ଏମ୍. ପି. ମାନଙ୍କର ଢୁଳାଇବା ଦେଖୁଛୁ ରାଜ୍ୟସଭାର ଜଣେ ମୁକୁଟ ଓ ଅଳଙ୍କାର ବିମଣ୍ଡିତ ଚପ୍ରାସୀ ଗୋଟିଏ ଚିଠି ନେଇ ଆସିଲା। ସେଥିରେ ଆମକୁ ରାଜ୍ୟସଭାର ଦର୍ଶକ ଗ୍ୟାଲୋରୀକୁ ଆସିବା ପାଇଁ ଅନୁରୋଧ କରାଯାଇଥିଲା। ସେ ମର୍ଯ୍ୟଦାବନ୍ତ ପୁରୁଷ ଆମକୁ ନେଇ ଗୋଟାଏ ଖୁବ୍ ଭଲ ସ୍ଥାନରେ ବସାଇ ଦେଲେ। ସେଠାରୁ ରାଜ୍ୟସଭାର ସବୁ କାର୍ଯ୍ୟକ୍ରମ ପରିଷ୍କାର ଭାବରେ ଦିଶୁଥିଲା। ସେତିକିବେଳେ ଉପ-ସଭାପତି ଆସନ ଛାଡି ଡକ୍ଟର ରାଧାକୃଷ୍ଣନ୍ ଚାଲିଯାଇଥିବାରୁ ଶ୍ରୀଯୁକ୍ତ କୃଷ୍ଣମୂର୍ତ୍ତି ସେ ଆସନରେ ବସିଥିଲେ। ଆମେ ଆଣ୍ଠୁଏ ଉଚ୍ଚ ଗଦି ଭିତରେ ଗଳି ପଡିବା କ୍ଷଣି ଉପ-ସଭାପତି ଆସନରୁ କୃଷ୍ଣମୂର୍ତ୍ତି ଠିଆ ହୋଇ ଦର୍ଶକ ଗ୍ୟାଲେରୀ ଆଡ଼େ ଚାହିଁ ସବିନୟ ନମସ୍କାର କଲେ। ଆମେ ଅବଶ୍ୟ ଭି.ଆଇ.ପି ଗ୍ୟାଲେରୀରେ ବସିଥିଲୁ। ଭାରତମାତାର ଜଣେ ନିର୍ମଳ ଓ ସରଳ ହୃଦୟ ପୁତ୍ରର ଏହା ଥିଲା ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧର ମୂର୍ତ୍ତି ମୋ ବୋଉ ପ୍ରତି ଗଭୀର ଶ୍ରଦ୍ଧା ନିବେଦନ। ବୋଉ ତା ଆସନରୁ ଉଠି ହାତଟେକି ତାଙ୍କୁ ଆଶୀର୍ବାଦ ଜଣାଇଥିଲା।

ନୂଆଦିଲ୍ଲୀର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲି ଦେଖୁଥିଲାବେଳେ ବୋଉ ଗୋଟିଏ ପ୍ରଶ୍ନ ବାରମ୍ବାର ପଚାରୁଥିଲା- ଧଳାଲୋକେ ଏସବୁ ଛାଡି ଗଲେ କିମିତି ? ମୁଁ କହୁଥିଲି ଏଡେ ବଡ଼ ଦେଶର ଭାର ସେମାନଙ୍କ ପାଇଁ ଖୁବ୍ ବେଶୀ ହୋଇଗଲା। ଗାନ୍ଧୀ ଆମ ଦେଶ ଛାଡି ଯିବାକୁ ଯେତେବେଳେ ସେମାନଙ୍କୁ ବାଧ୍ୟ କଲେ, ସେମାନେ ବୁଝିଗଲେ ଏ ଦେଶ ଛାଡିଦେଲେ ଆମର ଶାସକ ହୋଇ ନପାରିଲେ ବି ବନ୍ଧୁ ଭାବରେ ରହି ପାରିବେ। ଏ ଉତ୍ତରଟି ବୋଉର ମନକୁ ପାଇ ଯାଇଥିଲା, ଆଉ ସେ ଉତ୍ତର ଦେଇଥିଲା, "ସତରେ, ଆଉ କିଏ ହୋଇଥିଲେ ଏଭଳି ଦେଶକୁ ହାତରେ ରଖିବା ପାଇଁ ପ୍ରତି ଇଞ୍ଚ ଭୂଇଁ ଲାଗି ଲଢ଼ିଥାନ୍ତା ! ତୁ କହୁଛୁ ଏଇଠି ମହାଭାରତର ହସ୍ତିନାପୁର ଥିଲା। ଦୁର୍ଯ୍ୟୋଧନ ଆମରି ଦେଶ ଲୋକ ହୋଇ, ନିଜ ରକ୍ତର ଭାଇମାନଙ୍କୁ ବି ଏ ଭୂଇଁ ଦେଲା ନାଇଁ, ଆଉ ଅଠରଦିନ ଯୁଝି, ଅଠର ଦଳ ସୈନ୍ୟଙ୍କୁ ମାରି ଶେଷରେ ଆପେ ସବଂଶେ ନାଶ ଗଲା। ଏ ଧଳା ଲୋକେ ତ ଦୁର୍ଯ୍ୟୋଧନଠାରୁ ହଜାର ଗୁଣ ଭଲ।" ଆମେ ନୂଆଦିଲ୍ଲୀ ଛାଡି ଯେବେ ହରଦ୍ୱାର ଅଭିମୁଖେ ବାହାରିଲୁ ଭାରତର ଇତିହାସ ସଂପର୍କରେ ବୋଉ ଏଇ ମନ୍ତବ୍ୟ ଦେଇଥିଲା।

ଆମେ ଦିଲ୍ଲୀରେ ଯେଉଁ ପରିବାରରେ ଅତିଥି ହୋଇଥିଲୁ, ସେମାନେ ମଧ୍ୟ ମୋ ଭଳି ରାମକୃଷ୍ଣ ପରିବାରରେ ସାଧନା ଅନୁସରଣ କରୁଥିଲାବେଳେ ବାବାଙ୍କ ସଂସ୍ପର୍ଶରେ ଆସିଥିଲେ। ଦିଲ୍ଲୀର ଆକାଶବାଣୀରେ କାମ କରୁଥିବା ଜଣେ ଭାୟୋଲିନ୍ ବାଦକଙ୍କ ମାଧ୍ୟମରେ ସେମାନେ ବାବାଙ୍କ କଥା ଜାଣିବାକୁ ପାଇଥିଲେ। ଏ ପରିବାରର ମୁଖ୍ୟଙ୍କ ପତ୍ନୀ ଏଇ ବାଦକଙ୍କଠାରୁ ଘୋଡ଼ା ଲାଞ୍ଜରୁ ବିରାଡି ତନ୍ତୁରେ କିପରି ସଂଗୀତ କାଢ଼ିବାକୁ ହୁଏ ତାହା ଶିଖୁଥିଲେ। ମାତ୍ର ସେ ତାଙ୍କଠାରୁ ପ୍ରକୃତରେ ଶିଖିଲେ ପଥର ଗୋଡିରେ ମଧ୍ୟ ପ୍ରଣବର ଝଙ୍କାର ଶୁଣାଇବାକୁ କ୍ଷମ ଯୁଗାବତାରଙ୍କ ଜୀବନ କାହାଣୀ। ପ୍ରାଥମିକ କୌତୂହଳ ତାଙ୍କୁ ପୁଟ୍ଟପର୍ତ୍ତି ଯାଏ ଟାଣି ନେଇଗଲା। କୌତୂହଳ ପରିଣତ ହେଲା ବିସ୍ମୟରେ, ବିସ୍ମୟ ଜାତ କଲା ସମ୍ଭ୍ରମ, ସେଥିରୁ ଯେଉଁ ପାଚିଲା ଫଳ ସେ ପାଇଲେ ତାର ନାମ ଭକ୍ତି।

ହରଦ୍ୱାରଠାରେ ଆମେ ରାମକୃଷ୍ଣ ଆଶ୍ରମରେ ହିଁ ରହିଲୁ। ଗୁରୁ ମହାରାଜଙ୍କ କୋଳରେ ପୁଣି ଖେଳିବାର ସୁଯୋଗ ପାଇ ମୁଁ ପରମାନନ୍ଦ ଲାଭ କଲି। କବି, ଚିତ୍ରକର, ସ୍ଥପତି, ନାଟ୍ୟକାର ଓ ପଣ୍ଡିତମାନେ ନାନା ଭାଷାରେ ଯୁଗ ଯୁଗ ଧରି ଏଇ ଗଙ୍ଗାର ମହତ୍ତ୍ୱ ଓ ସୌନ୍ଦର୍ଯ୍ୟ ଗାଇ ଆସିଛନ୍ତି। ସେଇ ଗଙ୍ଗା ହରଦ୍ୱାରଠାରେ ପାହାଡ଼ କୋଳରୁ ଡେଇଁ ସମତଳ ଭୂଇଁ ଛୁଇଁଛି। ହିମାଳୟର ଅନେକ ଶିଖରକୁ ପ୍ରଦକ୍ଷିଣ କରି, ଅନେକ ବିଘ୍ନ ଡେଇଁ, ଅନେକ ହିମପ୍ରବାହ ଖସଡ଼ାରେ ଖସି ଦେବୀରୂପୀ ଗଙ୍ଗା ଏଠି ଶାନ୍ତରୂପ ଧାରଣ କରିଛି। ଏଠାରେ ଗଙ୍ଗା ବିଶାଳ, ବିସ୍ତୃତ, ପୂର୍ଣ୍ଣ, ଉଦାତ୍ତ ଓ ଗର୍ଜନଶୀଳା ନୁହେଁ, ଏହା ସୁକୋମଳ, ସ୍ନେହମୟୀ ମାତୃକୋଳ ପରି। ପ୍ରତିଦିନ ସାୟଂକାଳରେ ହରଦ୍ୱାର ଘାଟରୁ ଗଙ୍ଗାମାତାର ପ୍ରାଣପ୍ରାଚୁର୍ଯ୍ୟଭରା ଅମୃତଦାୟିନୀ ରୂପ ପ୍ରତି ବିରାଟ ଆଳତି ଦୀପ ଦେଖିବା ନିମନ୍ତେ କୃତଜ୍ଞତାଭରା ପ୍ରାଣରେ ଘାଟରେ ଅସଂଖ୍ୟ ଲୋକ ଜମା ହୁଅନ୍ତି। ଆଳତି ଅର୍ପଣ କରାଯାଉଥିବା ବେଳେ ସ୍ନେହମୟୀ ମାଆକୋଳକୁ ତାର ସନ୍ତାନମାନେ ଫୁଲପାଖୁଡ଼ା ଫିଙ୍ଗି ଆରାଧନା କରନ୍ତି। ଛୋଟ ଛୋଟ ପତ୍ରରେ ବଳିତା ରଖି ଦୀପ ଲଗାଇ ମାଆର କରୁଣା ପାଇଁ ଲୋକେ ସେଗୁଡିକୁ ପାଣିରେ ଭସାଇ ଦିଅନ୍ତି। ଗଙ୍ଗାମାତାର ପବିତ୍ର ପାପତାପବିନାଶିନୀ କଲ୍ୟାଣ ଦେହରେ ପୁଲକ ଜାତ କରିବା ଯାଏ ହଜାର ହଜାର ଲୋକ ବୁଡ଼ ପକାନ୍ତି।

ଆମର ହରଦ୍ୱାର ରହଣୀର ପ୍ରଥମ ଦିନ ସଂଧ୍ୟାରେ ଆମେ ଆଳତି-ଘାଟକୁ ଗଲୁ। ମାତ୍ର ସେତେବେଳକୁ ଘାଟରେ ସୋରିଷ ପକାଇବାକୁ ଆଉ ଜାଗା ନ ଥିଲା। କୂଳରେ ଠିଆହୋଇ ଆଗକୁ ଚାହିଁଲୁ। ଗଙ୍ଗା ବକ୍ଷରେ ଛୋଟ ଦ୍ୱୀପଟିଏ ଥିଲା, ଆଉ ସେଠାରେ ଠିଆ

ହୋଇଥିଲା ଗୋଟିଏ ଘଣ୍ଟାସ୍ତମ୍ଭ। ସେ ଦ୍ୱୀପରୁ କୂଳକୁ ଚାହିଁଲେ ଛୋଟ ଛୋଟ ପତ୍ର-ଦୀପ ଭାସିଯିବା ଓ ଆଳତି ଭାରି ସୁନ୍ଦର ଦିଶିବ। ତାଛଡ଼ା ସଂକୀର୍ଣ୍ଣ ପାଦଚଲା ସେତୁଟିଏ ଆମକୁ ସତେ ଯେମିତି ହାତଠାରି ଡାକୁଥିଲା। ଅଳ୍ପ କେତେଜଣ ଯାତ୍ରୀ ସେତୁଟି ପାର ହୋଇ ସେପଟେ ଠିଆ ହୋଇଥିଲେ। ଆମେ ଯାଇ ସେମାନଙ୍କ ସହ ଯୋଗଦେଲୁ। ଶଙ୍ଖ ଫୁଙ୍କା ହେଲା, ଢୋଲ ଓ ଘଣ୍ଟି ବାଜିଲା, ତୁରୀ ଗର୍ଜି ଉଠିଲା, ସ୍ତ୍ରୀ ଲୋକମାନେ ହୁଳହୁଳି ଦେଲେ ଆଉ ଖୁବ୍ ଦମ୍ଭିଲା ପିତ୍ତଳ ଆଳତି-ଦୀପ ଧରି ପୂଜାରୀମାନେ ବୁଲାଇଲେ। ...... ଆଃ ! ଏ କ'ଣ ମୁଁ ଦେଖୁଚି ? ହଁ - ବାବା ନିଜେ ଆଳତି ଗ୍ରହଣ କରୁଛନ୍ତି । ଆମେ ତିନି ଜଣ ସ୍ପଷ୍ଟ ଦେଖିଲୁ ଆମ ଆଗରେ କୂଳରେ ଠିଆ ହୋଇ ଆଳତି ସରିବା ପର୍ଯ୍ୟନ୍ତ ବାବା ଲୋକଙ୍କର ଭକ୍ତି ଅର୍ଘ୍ୟ ଗ୍ରହଣ କରୁଥିଲେ....... ଆଳତି ପରେ ଗଙ୍ଗାମାତା କୀ ଜୟ ଧ୍ୱନିରେ ଗଗନପବନ ମୁଖରିତ ହୋଇଉଠିଲା, ମାତ୍ର ଆମ ପାଦ ଆଉ ଉଠୁନଥାଏ ! ସମସ୍ତେ ସେତୁ ଅତିକ୍ରମ କରି ଚାଲି ଗଲେଣି। ଓଜନିଆ ପାଦକୁ ଉଠାଇ ଦି ପାଦ ଆଗକୁ ଗଲୁ ଓ ବାବା ଯେଉଁଠି ଏତେ ସମୟ ଠିଆ ହୋଇ ରହିଥିଲେ ସେ ପବିତ୍ର ଭୂମିରେ ମୁଣ୍ଡ ଲଗାଇଲୁ। ବାବା ଆଳତି ଗ୍ରହଣ କରିବାର ଚିତ୍ର ଆମ ମନରେ ସ୍ପଷ୍ଟ ଓ ଜୀବନ୍ତ ହୋଇ ରହିଗଲା। ଏ ଅପୂର୍ବ ଅନୁଭୂତିର ପୁନରାବୃତ୍ତି ଘଟିଥିଲା ବନାରସର ପବିତ୍ରତମ ପୀଠ ବିଶ୍ୱନାଥ ମହାଲିଙ୍ଗଙ୍କ ସମ୍ମୁଖରେ ଆମେ ଯେତେବେଳେ ପୁଣି ଯାଇ ଠିଆ ହୋଇ ଆତ୍ମନିବେଦନ ଜ୍ଞାପନ କଲୁ। ଆମର ଋଷିକେଶ, ଦିଲ୍ଲୀ, ଆଗ୍ରା ଓ ବୃନ୍ଦାବନ ଯାତ୍ରା ସତ୍ତ୍ୱେ ଏ ଦିବ୍ୟାନନ୍ଦଭରା ଅନୁଭୂତି ଅମ୍ଳାନ ରହିଥିଲା।

ସାଇବାବା ଥରେ ବଳରାମ ମନ୍‌କର୍ ନାମକ ଜଣେ ଭକ୍ତଙ୍କୁ ଶିରଡି ଛାଡ଼ି ସାତାରା ଜିଲ୍ଲାରେ ଥିବା ମଛିନ୍ଦ୍ରଗଡକୁ ଯିବାପାଇଁ ଆଜ୍ଞା ଦେଲେ। ଆଜ୍ଞା ପାଇ ଅଶ୍ରୁଳ ହୃଦୟରେ ସେ ମଛିନ୍ଦ୍ରଗଡକୁ ବାହାରିଲେ। ସେଠାରେ କିଛିଦିନ ରହିବା ପରେ ଦିନେ ବାବା ହାଠାତ୍ ତାଙ୍କ ଆଗରେ ଆସି ଉଭା ହୋଇ କହିଲେ, "ତୁ ଭାବୁଥିଲୁ ମୁଁ କେବଳ ଶିରଡିରେ ଅଛି, ଆଉ ବାହାରେ କେଉଁଠି ନାହିଁ, ତୁ ଭାବୁଥିଲୁ ମୁଁ ଏ ଚଉଦ ପାଆର ଦେହଟା ମାତ୍ର। ଏବେ ବୁଝିଲୁ ତ ମୋ ବିଷୟରେ ତୋର ଯାହା ଧାରଣା ଥିଲା ସବୁ ଭୁଲ ? କେବଳ ଏଥିପାଇଁ ମୁଁ ତୋତେ ଏଠାକୁ ପଠାଇଥିଲି।" ମୋତେ ଲାଗିଲା, ବାବା ମୋତେ ମଧ୍ୟ ତାଙ୍କ ପ୍ରକୃତ ସ୍ୱରୂପ ସମ୍ବନ୍ଧରେ ଏ ଶିକ୍ଷା ପ୍ରଦାନ କରୁଛନ୍ତି। ସେ ନିଜେ ତ କହିଛନ୍ତି "ମୁଁ ଏ ଭୂଲୋକର ଇଞ୍ଚ ଇଞ୍ଚ ଭୂମିରେ ବିରାଜିତ" (ଇଞ୍ଚ ଇଞ୍ଚ ଭୂବଲାୟମି ସଞ୍ଚରିଛୁନୁ)

ବୃନ୍ଦାବନରେ ବି ଆମେ ରାମକୃଷ୍ଣ ଆଶ୍ରମରେ ରହିଲୁ। ଆମେ ଦିଲ୍ଲୀରେ ଯାହାଙ୍କ ଘରେ ଥିଲୁ ସେ ଆମର ପହଞ୍ଚିବାର ଦିନ ଓ ସମୟ ବୃନ୍ଦାବନ ଆଶ୍ରମର ଦାୟିତ୍ୱରେ ଥିବା ସନ୍ନ୍ୟାସୀଙ୍କୁ ଫୋନୋଗ୍ରାମ ଯୋଗେ ଜଣାଇ ଦେଇଥିଲେ। ମାତ୍ର ଆମେ ଯେତେବେଳେ ଆଶ୍ରମ ଫାଟକ ଆଗରେ ଟାକ୍ସିରୁ ଓହ୍ଲାଇଲୁ ଅନ୍ତେବାସୀ ସନ୍ନ୍ୟାସୀମାନେ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ଯିଏ ଅତିଥି ଭାବରେ ଆସିଛନ୍ତି ସେ ମହୀଶୂରର କସ୍ତୁରୀ, ତାଙ୍କ ବୋଉ ଓ ପନ୍ନୀ ! ଏ ଉଭୟଙ୍କୁ ମଧ୍ୟ ସେମାନେ ଜାଣିଥିଲେ, କାରଣ ମହୀଶୂର ଆଶ୍ରମର ଉତ୍ସବ ସମୟରେ ଏ ଦୁହେଁ ହାଣ୍ଡିଶାଳର ମାଲିକ ରହୁଥିଲେ । ସେମାନେ ଆମକୁ କହିଲେ ସେମାନେ ସାଇବାବାଙ୍କର କେତେଜଣ ଶିଷ୍ୟଙ୍କୁ ଅପେକ୍ଷା କରୁଛନ୍ତି। ମୋତେ ଟେଲିଗ୍ରାମ ଦେଖାଇଲେ। ଏଠି ମଧ୍ୟ ବାବା ଆମ ସହ ଆସିଛନ୍ତି ! ବୃନ୍ଦାବନର ଟେଲିଗ୍ରାଫ୍ ଅଫିସରେ ଯେଉଁ କର୍ମଚାରୀ ଟେଲିଗ୍ରାମ ଗ୍ରହଣ କରିଛନ୍ତି ସେ ପଠାଇବା ଲୋକର ନାମ ଜାଗାରେ 'କସ୍ତୁରୀ' ନ ଲେଖି ଲେଖିଛନ୍ତି 'ସାଇବାବା' ! ମଥୁରା ଓ ବୃନ୍ଦାବନ ମୋ ପକ୍ଷରେ ଥିଲା ମହାପବିତ୍ର ଭୂମି, କାରଣ ମୁଁ ରାମକୃଷ୍ଣ ଚରିତାମୃତରେ ପଢିଥିଲି ଠାକୁର ଏ ଯାଗାକୁ ଆସିଥିବାବେଳେ ନିରନ୍ତର ବାଳକୃଷ୍ଣଙ୍କୁ ଦେଖି ଓ ତାଙ୍କ ମୁରଲୀ ସ୍ୱନ ଶୁଣି ଅଖଣ୍ଡ ଭାବସମାଧିରେ ମଗ୍ନ ରହୁଥିଲେ।

ବନାରସରେ ଆମେ ସପ୍ତାହେ ରହିଲୁ ମହୀଶୂରୀୟ ରାଜ୍ୟ ଧର୍ମଶାଳାରେ। ବିଶ୍ୱନାଥଙ୍କ ଦର୍ଶନ ପାଇଁ ଆମେ ଯେତେବେଳେ ମନ୍ଦିରକୁ ଗଲୁ, ମହାଲିଙ୍ଗଙ୍କ ସ୍ଥାନରେ ଆମେ ଦେଖିଲୁ ଆଶୀର୍ବାଦ ମୁଦ୍ରାରେ ସେଠାରେ ବିଦ୍ୟମାନ ବାବା ! ସେଠି ଆଉ ଲିଙ୍ଗ ନଥିଲେ। ଆମେ ଗଙ୍ଗାରୁ ଯେଉଁ ପବିତ୍ର ଜଳଘଟ ନେଇଥିଲୁ ତାକୁ ବାବାଙ୍କ ପାଦପଦ୍ମରେ ଅଜାଡି ଦେଲୁ। ବାବା ଆପତ୍ତି କରି ନଥିଲେ।

ତାପରେ ଗୟାରେ ରହିଲୁ ଦୁଇଦିନ। ଗୟା ଅତି ପବିତ୍ର ସ୍ଥାନ ଭାବରେ ମୋ ହୃଦୟରେ ଚିତ୍ରିତ ହୋଇ ଯାଇଥିଲା। ହିନ୍ଦୁମାନେ ଯେଉଁଠାରେ ବି ଶ୍ରାଦ୍ଧ କଲେ ଗୟା ନାମ ତୁଣ୍ଡରେ ଉଚ୍ଚାରଣ କରନ୍ତି। ସେ ଶୁଭନାମ ଉଚ୍ଚାରଣରେ ହିଁ ଗୟାର ପବିତ୍ରତା ପ୍ରାପ୍ତ ହୋଇଥାଏ । ସେ ସ୍ଥାନଟି ଗୟା ପରି ପବିତ୍ର ହୋଇଯାଏ। ମୁଁ ଗତ ପଚାଶ ବର୍ଷ ଧରି ମୋ ବାପାଙ୍କ ଶ୍ରାଦ୍ଧ ଯେବେ କରୁଥିଲି, ପ୍ରତ୍ୟେକଥର ମନ୍ତ୍ର ପଢୁଥିଲି, "ଗୟାଠାରେ ଅର୍ପିତ ପିଣ୍ଡ ମନେ କରି ଆପଣ ମୋ ଦ୍ୱାରା ଅର୍ପିତ ଏ ପିଣ୍ଡଦାନ ଗ୍ରହଣ କରନ୍ତୁ"। ଆଜି ମୁଁ ପରମ ଭାଗ୍ୟବାନ ଯେ ନିଜେ ସେଇ ଗୟାରେ ଠିଆ ହୋଇ ପିତୃପୁରୁଷଙ୍କୁ ପିଣ୍ଡ ଦେଇପାରିଛି। ମୋ ମନପ୍ରାଣ ସନ୍ତୋଷରେ ଭରିଗଲା। ପିଣ୍ଡଦାନ ପ୍ରସ୍ତର ଫଳକ ପାଖରେ ବସି, ଅର୍ଘ୍ୟ ତା ଉପରେ ରଖି ମୁଁ ଯେତେବେଳେ

ମନ୍ତ୍ର ପଢିଲି, ତାହା କେବଳ ମୋର ପିତା ଓ ପିତୃପୁରୁଷଙ୍କ ନୁହେଁ, ଆମ ପରିବାରର ମୃତ ସମ୍ପର୍କୀୟମାନଙ୍କୁ, ମୋର ବନ୍ଧୁ ଓ ଛାତ୍ରମାନଙ୍କୁ, ମୋର ଗୃହପାଳିତ ଜୀବଜନ୍ତୁ ଓ ଏପରିକି ମୋର ଅଜାଣତରେ ଓ ଅବହେଳାରେ ମାରି ଦେଇଥିବା ପୋକ, ମାଛି, ପିମ୍ପୁଡି- ସମସ୍ତ ପ୍ରାଣସତ୍ତାଙ୍କୁ ପ୍ରାପ୍ତ ହେଲା ।

ଗୟାରେ ହିଁ ସିଦ୍ଧାର୍ଥ ତାଙ୍କର ଶେଷ ସାଧନା କରି ବୁଦ୍ଧତ୍ୱ ପାଇଥିଲେ । ସିଦ୍ଧିଲାଭ ନ କଲେ ଉଠିବି ନାହିଁ ବୋଲି ସଂକଳ୍ପ କରି ସେ ଯେଉଁ ବୋଧିବୃକ୍ଷ ତଳେ ବସିଥିଲେ, ସେ ଗଛ ଏବେ ବି ବଞ୍ଚି ରହିଛି । ଦୁଇହଜାର ବର୍ଷ ତଳର ଏହି ପବିତ୍ର ବୃକ୍ଷର ଶାଖା ପୃଥିବୀର ବିଭିନ୍ନ ସ୍ଥାନରେ ପୋତା ହୋଇଥିଲା, ଆଉ ସେସବୁ ସ୍ଥାନରେ ଏ ଗଛ ବଢି ଲୋକଙ୍କର ଅଖଣ୍ଡ ଭକ୍ତି ଓ ସମ୍ମାନ ଲାଭ କରୁଛି ।

ଗୟାରେ ଅଛି ଗଦାଧରଙ୍କ ମନ୍ଦିର । ଏଠାରେ ରାମକୃଷ୍ଣଙ୍କ ପିତା ତାଙ୍କର ଦର୍ଶନ ପାଇ ସ୍ୱପ୍ନାଦେଶ ପାଇଥିଲେ ଯେ ସେ ନିଜେ ତାଙ୍କ ପୁଅ ଭାବରେ ଜନ୍ମ ନେବେ । ତାପରେ ଆମେ ଗଲୁ କଲିକତା । ସେଠାରେ ମୋ ପୁଅ ଭାରତୀୟ ଭୂତତ୍ତ୍ୱ ବିଭାଗରେ କାମ କରୁଥିଲା । ମାତ୍ର କଲିକତା ସହର ମୋ ପକ୍ଷରେ ଥିଲା ରାମକୃଷ୍ଣଙ୍କ ପଦସ୍ପର୍ଶରେ ପବିତ୍ରିତ କ୍ଷେତ୍ର । ମୁଁ ମନର ଆଖିରେ ଦେଖୁଥିଲି କିପରି ରାମକୃଷ୍ଣ ତାଙ୍କ ପ୍ରିୟ ତରୁଣ ଶିଷ୍ୟମାନଙ୍କ ସହିତ ଏଇ ସହରର ଗଳି କନ୍ଦିରେ ଚାଲି ବା ଘୋଡାଗାଡିରେ ବସି ଅନ୍ୟାନ୍ୟ ଭକ୍ତମାନଙ୍କ ଘରକୁ ଯାଉଥିଲେ, ଏଇ ସହରରେ ବ୍ରାହ୍ମ ସମାଜୀମାନେ ପ୍ରାର୍ଥନା ସଭା କରୁଥିଲେ ଓ ଗିରିଶ ବାବୁ ଆପଣାର ଅଡ୍ଡା ଜମାଇଥିଲେ । ଏଇ ସହର ଗୁରୁ ମହାରାଜାଙ୍କ ଆଖିରେ ଥିଲା ଘୃଣା, ବିଦ୍ୱେଷ ଓ ଲୋଭର ଏକ ଜ୍ୱଳନ୍ତ ଶିଖା, ଯେଉଁଠାରୁ ଦକ୍ଷିଣେଶ୍ୱର ମନ୍ଦିର ଭିତରକୁ କେବଳ ନିତାନ୍ତ ବସ୍ତୁବାଦୀ ସଂସାରୀମାନଙ୍କର ସୁଅ ଛୁଟିଥିଲା । ସେଥିପାଇଁ ସେ ବିକଳ ହୋଇ ଅପେକ୍ଷା କରୁଥିଲେ ପ୍ରକୃତ ମୁକ୍ତିକାମୀ ସାଧକ ଭକ୍ତମାନେ କେବେ ତାଙ୍କ ପାଖକୁ ଆସିବେ । ତେଣୁ ମୁଁ ଗଙ୍ଗାକୂଳରେ ଥିବା ଏ ଦିବ୍ୟସ୍ଥାନ ଦକ୍ଷିଣେଶ୍ୱର ମନ୍ଦିରକୁ ଯାଇ ଗୁରୁ ମହାରାଜ (ଶ୍ରୀ ରାମକୃଷ୍ଣ) ଯେଉଁ କୋଠରୀରେ ଅନେକ ବର୍ଷ କଟାଇଥିଲେ ସେଇ କୋଠରୀରେ ଯାଇ କିଛି ସମୟ ବସିଲି । ଏଇ କୋଠରୀରେ ବସି ସେ ମୋ ଗୁରୁ (ମହାପୁରୁଷଜୀ) ଙ୍କ ସହ ବିବେକାନନ୍ଦ, ବ୍ରହ୍ମାନନ୍ଦ, ରାମକୃଷ୍ଣାନନ୍ଦ ଆଦି ଅନେକ ଚେଲାଙ୍କୁ କେତେ ଉପଦେଶାମୃତ ବାଣ୍ଟିଛନ୍ତି । ପବିତ୍ରତମ ପଞ୍ଚବଟୀରେ କିଛି ସମୟ ବସିଲି । ଏ ମନ୍ଦିରରେ ଓ ପଞ୍ଚବଟୀରେ ଗୁରୁମହାରାଜାଙ୍କର ତୀବ୍ର ତପସ୍ୟା ଦେଖିଥିବା ଏ ସ୍ଥାନର ଗଙ୍ଗାପାଣି ନେଇ ମୁଣ୍ଡରେ ଛିଞ୍ଚିଲି । ତାପରେ କାଶୀପୁର ବଗିଚା ଘରେ ବି କେତୋଟି

ଘଣ୍ଟା କଟାଇଲି । ଏଠାରେ ଶ୍ରୀ ରାମକୃଷ୍ଣଙ୍କ ଶେଷ ଜୀବନ କଟିଥିଲା ଓ ଏଇ ପବିତ୍ର କୋଠରୀ ଦେଖିଥିଲା ତାଙ୍କର ପୁତ୍ରପ୍ରତିମ ଶିଷ୍ୟମାନେ କିପରି ପ୍ରାଣପାତ କରି ତାଙ୍କ ସେବା କରୁଥିଲେ । ମାତା ଶାରଦା ଦେବୀଙ୍କ ସ୍ପର୍ଶରେ ପବିତ୍ରିତ ହୋଇଥିବା ବାରାନଗର ମଠ ଓ ଉଦ୍‌ବୋଧନ ଅଫିସକୁ ମଧ୍ୟ ଯାଇଥିଲି ।

ପୁଅ ଓ ନାତିମାନଙ୍କ ପାଖରେ ବୋଉକୁ ଛାଡି ଦେଇ ଆମେ ଦୁଇଜଣ କାମାରପୁକୁର ଓ ଜୟରାମବାଟି ବାହାରିଲୁ । ଏ ଦୁଇଟି ସ୍ଥାନର ଡାକରାକୁ ମୁଁ ଏଡି ଦେଇ ପାରି ନଥିଲି । ଆମେ ମାଆଙ୍କର ଗାଁରେ ପହଞ୍ଚିଲୁ ଓ ଯେଉଁ ଘରେ ସେ ସଂସାରକୁ ଆସିଥିଲେ ସେ ଘରେ କିଛି ସମୟ ବସିବାର ପରମ ସୌଭାଗ୍ୟ ଲାଭ କରିଥିଲୁ । ସେ ଯେଉଁ ଢିଙ୍କିରେ ଧାନ କୁଟି ଚାଉଳ ବାହାର କରୁଥିଲେ ତାହା ବି ସେଠାରେ ଥିଲା । ସେ ଢିଙ୍କି ପାଖରେ ଆମେ ଟିକେ ବସି ବିଶ୍ରାମ ନେଲୁ, ମାତ୍ର ଲକ୍ଷ ଲକ୍ଷ ପୁତ୍ରକନ୍ୟାଙ୍କ ଜନନୀ ଭୋକିଲା ପାଟିରେ ଆହାର ଦେବାପାଇଁ ଆପେ ଢିଙ୍କିରେ ଧାନ କୁଟୁଥିବାର ଚିତ୍ର କଳ୍ପନା କରି ମୋ ଆଖିରେ ଲୁହ ଝରି ଆସିଲା ଓ କଣ୍ଠ ବାଷ୍ପାକୁଳ ହୋଇଉଠିଲା ।

ସେଦିନ ଥିଲା ଅକ୍ଷୟ ତୃତୀୟା, ଜୟରାମବାଟିରେ ବିଶେଷ ଉତ୍ସବର ଦିନ । ମନ୍ଦିରରେ ବିଶେଷ ପୂଜା-ଅର୍ଚ୍ଚନା କରାଗଲା ଓ ଅନେକ ଭୋକିଲା ଲୋକଙ୍କୁ ଖାଇବାକୁ ଦିଆଗଲା । ତାପରେ ଆମେ ବାହାରିଲୁ ଆଜି ପୃଥିବୀ ଇତିହାସର ପୃଷ୍ଠାରେ ଏକ ସମ୍ମାନାସ୍ପଦ ସ୍ଥାନର ଅଧିକାରୀ ହୋଇଥିବା କାମାରପୁକୁର ନାମକ ଛୋଟ ଗାଆଁଟିକୁ । ସେ ସମଗ୍ର ଗାଁଟିର ପାଦତଳେ ଆମେ ଭକ୍ତି ନିବେଦନ କଲୁ । କାମାରପୁକୁରର ଗଛଲତା, ରାସ୍ତାଘାଟ, ପୋଖରୀ, ପକ୍ଷୀ - ସମସ୍ତେ ଥିଲେ ଆମର ପୂଜ୍ୟ । ଗୁରୁମହାରାଜ ବୃନ୍ଦାବନରୁ ଆଣିଥିବା ଟାକୁଆରୁ ଜାତ ଯେଉଁ ଆମ୍ବ ଗଛଟି ପ୍ରଶସ୍ତ ଭାବରେ ଠିଆ ହୋଇ ରହିଛି, ତାକୁ ଯାଇ ଆମେ ଭକ୍ତିରେ ସ୍ପର୍ଶ କଲୁ ।

କଲିକତାକୁ ଫେରି ଆମେ ବେଲୁଡ ମଠକୁ ଗଲୁ । ସେଠାରେ ମହାପୁରୁଷଜୀଙ୍କ ଶିଷ୍ୟମାନଙ୍କ ସହ କଥାବାର୍ତ୍ତା କଲୁ ଓ ଶ୍ରୀ ରାମକୃଷ୍ଣଙ୍କୁ ଅର୍ପିତ ଭୋଗ ସେମାନଙ୍କ ସହିତ ମିଶି ଭୋଜନ କଲୁ ।

ବାଟରେ ମାଡ୍ରାସରେ ଦିନଟିଏ ରହି ବାଙ୍ଗାଲୋରରେ ପହଞ୍ଚିବା ପରେ ମୁଁ ବାବାଙ୍କ ପାଖକୁ ଚିଠିଟିଏ ଲେଖିଲି । ବାବା ସେତେବେଳେ ମଦୁରାଇ ପାଖରେ କୋଡାଇକେନାଲ ନାମକ ଗୋଟିଏ ସ୍ୱାସ୍ଥ୍ୟ ନିବାସରେ ଥିଲେ । ହରଦ୍ୱାର ଓ ବନାରସରେ ଆମର ଅପୂର୍ବ ଅନୁଭୂତି

କଥା ବର୍ଣ୍ଣନା କରି ରାମକୃଷ୍ଣ ଭୂଖଣ୍ଡ ସହ ଆମକୁ ନିରାପଦରେ ନାନା ତୀର୍ଥସ୍ଥାନ ବୁଲାଇ ଆଣିଥିବାରୁ ବାବାଙ୍କଠାରେ ଆମର କୃତଜ୍ଞତା ଜ୍ଞାପନ କଲୁ। ବାବାଙ୍କଠାରୁ ଯେଉଁ ଉତ୍ତର ପାଇଲି ତାହା ଇଂରାଜୀ ଅକ୍ଷରରେ କନ୍ନଡ଼ ଭାଷାରେ ଲିଖିତ ଥିଲା। ସେ ଲେଖିଥିଲେ, "ମୁଁ ବଡ ଖୁସି ଯେ ତୁ ତୋର ମାତୃଦେବୀ ଓ ଗୃହଲକ୍ଷ୍ମୀଙ୍କ ସହିତ ନାନା ତୀର୍ଥସ୍ଥାନ ବୁଲି ଆସିଲୁ। ସ୍ୱାମୀ ତୋ ପାଖରେ ସବୁବେଳେ ଥାଉ ଥାଉ ତୋର ଆଉ ଅଭାବ, ଅସୁବିଧା ଓ ଦୁଃଖ ହେବ କେମିତି ? ତୁ ଆଉ ବିପଦରେ ପଡିବୁ କେମିତି ? ମୋର ନାମ ମୋର ରୂପଠାରୁ ଭିନ୍ନ ନୁହେଁ। ନାମ ଶୁଣିଲା ମାତ୍ରେ ବା ଉଚ୍ଚାରଣ କଲା ମାତ୍ରେ ରୂପ ମନଶ୍ଚକ୍ଷୁରେ ଭାସି ଉଠିବ। ରୂପ ଆଖି ଆଗରେ ପଡିଲାମାତ୍ରେ ନାମ ମନରେ ଜାଗ୍ରତ ହେବ। ତୋ ଜିଭରେ ସବୁବେଳେ ନାମ ରହିଥିବାରୁ ରୂପ ମଧ୍ୟ ତୋ ପାଖେ ପାଖେ ରହିବାକୁ ବାଧ୍ୟ। ଏହା ମୋର ଗୋଟିଏ ଦାନ ବୋଲି ତୋ ଚିଠିରେ ଲେଖିବା କ'ଣ ଦରକାର ? ମୋର ନାମକୁ ଭକ୍ତ ଯେଉଁଠି ଭକ୍ତିରେ ସ୍ମରଣ କରେ ବା ଗାନ କରେ ସେଠାରେ ରୂପ ବି ପ୍ରକଟିତ ହେବାକୁ ବାଧ୍ୟ।

"ତୁ କହିବୁ ଏ ଦିବ୍ୟଦର୍ଶନ ସ୍ୱାମୀଙ୍କ କୃପାର ଫଳ। ନା, ତାହା ନୁହେଁ। ମୁଁ ସବୁବେଳେ କହେ, ସାଧନା ପ୍ରଥମେ, ସଂକଳ୍ପ ତାପରେ। ସାଧନାକୁ ପ୍ରଥମେ ମାପି ମୁଁ ଆନନ୍ଦ ପ୍ରଦାନ କରିଥାଏ। ସାଧନା (ବା ଆକୁଳତା) ପ୍ରଥମ ପଦକ୍ଷେପ। ତୁ ବହୁଦିନ ତ ପ୍ରଫେସର ଥିଲୁ। ଏଣୁ ଏ କଥାଟା ଠିକ୍ ଭାବରେ ବୁଝିପାରିବୁ। ଅନେକ ପିଲାଙ୍କର ଖାତା ତୁ ଦେଖିଥିବୁ। ଖାତାକୁ ସାବଧାନରେ ଦେଖିସାରି, ସେମାନେ କିପରି ଯତ୍ନର ସହ ପାଠ ପଢିଛନ୍ତି ତାହା ମାପିସାରି ତୁ ମାର୍କ ଚଢ଼ାଉଥିବୁ, ନୁହେଁ ? ମୁଁ ବି ସେହିପରି ପରଖି ଦେଖେ ତୁମେମାନେ ନିଜ ଚିନ୍ତା, କଥା ଓ କର୍ମରେ କେତେ ନିଷ୍ପାପରତା ଓ ସ୍ଥିରତାର ସାଧନା ପ୍ରକଟ କରିପାରିଛ। ତାପରେ ଯାଇ ତୁମ ପ୍ରଗତି ଅନୁସାରେ ମୁଁ ମୋର ସଂକଳ୍ପ ପ୍ରକାଶ କରେ। ଅନେକେ ଜାଣନ୍ତି ନାହିଁ ଯେ ସେମାନେ ଯେଉଁ ଦୁଃଖ ଓ ଯନ୍ତ୍ରଣା ପାଉଛନ୍ତି ତାହା ସାଧନା ଓ ସାଧନାରୁ ପ୍ରାପ୍ତ ସଂକଳ୍ପ ଦ୍ୱାରା ଦୂର କରିହେବ।"

ମୁଁ ମାନୁଛି ବାବାଙ୍କର ଏ ଚିଠି ସ୍ୱତଃ ଝରି ଆସୁଥିବା ତାଙ୍କର ଅନୁଗ୍ରହ ଧାରାକୁ ପ୍ରକଟ କରୁନାହିଁ। ଶଙ୍କରାଚାର୍ଯ୍ୟ ଭଗବାନଙ୍କୁ 'ଅହେତୁକ ଦୟାସିନ୍ଧୁ' ବୋଲି ବର୍ଣ୍ଣନା କରିଛନ୍ତି। ସାଧନାକୁ ମାପି କୃପା ଦେବା ଆଗରୁ ବାଟବଣା ଯାତ୍ରୀକୁ ତ ପ୍ରଥମେ ବାଟକୁ ଆଣିବାକୁ ହେବ। କିଶୋର ବୟସରେ ବି ବାବା ତାଙ୍କ ବଡ଼ଭାଇଙ୍କ ପାଖକୁ ଯେଉଁ ଚିଠି ଲେଖିଥିଲେ ସେଥିରେ ଉଲ୍ଲେଖ କରିଥିଲେ ଯେଉଁମାନେ ସବୁ ବାଟ ଭୁଲି ଅବାଟରେ ଗ୍ଲାଲିଛନ୍ତି, ସେ ସମସ୍ତଙ୍କୁ

ଅଭୟ ପ୍ରଦାନ କରି ସେମାନଙ୍କ ହାତ ଧରି ବାଟକୁ ଆଣିବା ତାଙ୍କର ବ୍ରତ । ଉପନିଷଦ୍ ଭାଷାରେ 'ଅଭୟ' ଅର୍ଥ ମୁକ୍ତି ।

ଦିନେ ମୁଁ ବାବାଙ୍କୁ ପଚାରିଲି ସେ ଲୋକଙ୍କର ହାତ ଧରିବେ କାହିଁକି ? ସେମାନେ ତ କେବଳ ଆଲୋକ ଦେଖିବାକୁ ପ୍ରାର୍ଥନା କରୁଛନ୍ତି । ବାବା ଉତ୍ତର ଦେଲେ, "ଯେଉଁମାନଙ୍କର ଅନ୍ତର୍ଦୃଷ୍ଟି ଅଛି କେବଳ ସେଇମାନଙ୍କୁ ଏ ଆଲୋକ ସହାୟକ ହେବ; ମାତ୍ର ଯେଉଁମାନେ ପୂରା ଅନ୍ଧ, ଅଧା ଅନ୍ଧ ଓ ଯେଉଁମାନଙ୍କର ଆଖିକୁ ଅସାର କଳ୍ପନା ଓ ଭ୍ରାନ୍ତିର ମେଘ ଘୋଡାଇ ଦେଇଛି, ସେମାନଙ୍କୁ ହାତ ଧରି ବାଟ କଢାଇବାକୁ ହେବ । ଦୁଇଟି ପାଦ ଭିତରେ ବି ଗୋଡ ଖସିଯିବାର ଆଶଙ୍କା ରହିଛି । ପୁଣି ଭୀରୁତାର ପ୍ରତିକାର ପାଇଁ ମୋତେ ସେମାନଙ୍କୁ ସାହସର ପ୍ରତିଷେଧକ ଇଞ୍ଜେକ୍ସନ ଫୋଡିବାକୁ ହୁଏ । ରୋଗୀକୁ ଗୋଟିଏ ହାତରେ ଦୃଢ଼ ଭାବରେ ନ ଧରିଲେ ଅନ୍ୟ ହାତରେ ଇଂଜେକ୍ସନ ଦେବା ସମ୍ଭବ କି ?" ଅନେକ ସମୟରେ ବାବା ସମ୍ଭାଷଣରେ କହନ୍ତି, "ତୁମେ ଯଦି ମୋତେ ଆବଶ୍ୟକ କର, ତେବେ ମୋତେ ପାଇବାର ଯୋଗ୍ୟତା ତୁମର ଅଛି ।" ଆମର ଆବଶ୍ୟକତା କେତେ ଜରୁରୀ ଓ ତୀବ୍ର ତାର ବିଗ୍ଚରକ ମଧ୍ୟ ସେ । ଆମେ ନିଜେ ବି ହୁଏତ ଜାଣି ନ ଥିବା ଆମର ବ୍ୟାଧି କେତେ ମାରାତ୍ମକ, ଜାଣି ନଥିବା ଅମୃତତ୍ୱ ପ୍ରଦାୟୀ ଅମୃତ ତାଙ୍କ ହାତରୁ ଆମକୁ ମିଳି ପାରିବ । ଆମେ ଡାକ୍ତରଙ୍କୁ ବିଶ୍ୱାସ କଲେ ଓ ତାଙ୍କ ଦ୍ୱାରା ପ୍ରଦତ୍ତ ପଥ୍ୟରୂପୀ ସାଧନା ଅନୁସରଣ କଲେ ସବୁ ଠିକ୍ ହୋଇଯିବ ।

ଆମେ ସିଦ୍ଧାନ୍ତ କଲୁ ଜୀବନର ଅବଶିଷ୍ଟାଂଶ ପ୍ରଶାନ୍ତିନିଲୟମ୍‌ରେ ହିଁ କଟାଇବା । ପ୍ରଶାନ୍ତିନିଲୟମ୍‌ର ପରିବେଶକୁ ଆବୋରି ରଖିଥିଲା ଏକ ଦିବ୍ୟ ଭ୍ରାତୃତ୍ୱ, ଆନନ୍ଦ, ତ୍ୟାଗ ଓ ପ୍ରେମର ଭାବ । ଆମେ ଯେ ଏହାର ଶାନ୍ତଶୀତଳ ବକ୍ଷରେ ଡଙ୍ଗା ମେଲି ଦେଇ ପାରିଛୁ ତାହା ଆମର ପରମାନନ୍ଦ । ଏଠାରେ ଶେଷରେ ଲଙ୍ଗର ପକାଇବା । ସକାଳେ ଓ ସଂଧ୍ୟାରେ ଆମେ ପ୍ରାୟ ପଚାଶଜଣ ଭଜନ ଘରେ ବସୁଥିଲୁ । ପ୍ରାୟ କୋଡିଏଜଣ ସରିକି ଦର୍ଶନାର୍ଥୀ ଆମ ସହ ଯୋଗ ଦେଉଥିଲେ । ବେଳେ ବେଳେ ଆଖପାଖ ଗାଁର ମୁଖିଆ ଗାଁର ଚାଷୀମାନଙ୍କୁ ଧରି ଆସନ୍ତି ଗାଁର କିଛି କନ୍ଦଳ ଓ ବିରୋଧର ସମାଧାନ ନିମନ୍ତେ, କିମ୍ବା କୌଣସି ନୂତନ କର୍ମରେ, ବା ନୂତନ ଶସ୍ୟ ଉତ୍ପାଦନରେ ବାବାଙ୍କର ଶୁଭ କଲ୍ୟାଣ ପ୍ରାର୍ଥନା କରିବା ନିମନ୍ତେ । ନୂଆ କିଣା ହୋଇଥିବା ବଳଦଙ୍କୁ ଧରି ମଧ୍ୟ ସେମାନେ ଆସନ୍ତି ବାବାଙ୍କ ଆଶୀର୍ବାଦ ସେମାନଙ୍କୁ ଦୀର୍ଘ ଜୀବନ ଓ ଅଖଣ୍ଡ ସ୍ୱାସ୍ଥ୍ୟ ପ୍ରଦାନ କରିବ ବୋଲି ।

ମୋର ମନେ ଅଛି ଥରେ ଗୋଟିଏ ବୁଢା ଆସି ପହଞ୍ଚିଲା । ତାକୁ ଦେଖୁ ଦେଖୁ ବାବା ଭାରି ଖୁସିରେ ତାକୁ ସ୍ୱାଗତ କଲେ । ସେ ପୁଟ୍ଟପର୍ତ୍ତିରେ ବାବାଙ୍କର ବାଲ୍ୟଲୀଳା ଦେଖିଛି । ମାତ୍ର ପୁଅମାନେ ପେନୁକୋଣ୍ଡାର ସରକାରୀ ଅଫିସରେ କାମ କରୁଥିବାରୁ ସେ ବାଧ୍ୟ ହୋଇ ବାବାଙ୍କଠାରୁ ଦୂରରେ ରହିଥିଲା । ବାବାଙ୍କ ପ୍ରତି ତାର ଭକ୍ତି ଓ ବିଶ୍ୱାସ ଏତେ ବେଶୀ ଥିଲା ଯେ ସେ ଅନ୍ତତଃ ପନ୍ଦର ଦିନକୁ ଥରେ ପୁଟ୍ଟପର୍ତ୍ତି ଆସୁଥିଲା । ବାବା ଘଣ୍ଟା ଘଣ୍ଟା ଧରି ତା ସହ କଥା ହେଉଥିଲେ । ସାଧନା ସଂପର୍କରେ, ପୁରାଣର ବୀରମାନଙ୍କ ସଂପର୍କରେ, ସାଧୁସନ୍ଥ ଓ ଭାରତର ପୁଣ୍ୟ ତୀର୍ଥମାନଙ୍କ ସଂପର୍କରେ ତାକୁ ଅନେକ କଥା କହୁଥିଲେ । ତା ନିଜର ସୁଖ-ସୁବିଧା କଥା, ପୁଅ-ନାତିମାନଙ୍କ କଥା ପଚାରି ବୁଝୁଥିଲେ । ଭଜନ ଚାଲିଥିଲାବେଳେ ତାକୁ ଦେଖିଲାମାତ୍ରେ ବାବା ସିଂହାସନ ଛାଡି ତା ପାଖକୁ ଯାଉଥିଲେ, ଗଛମୂଳେ ତା ପାଖରେ ବସି ତା ସହ ଖୁସିଗପ କରୁଥିଲେ । ଥରେ ସେ ମୋତେ କହିଥିଲେ, " ଏଇ ତିରୁମାଲାପ୍ପା ନା, ଗାଁରେ ଯେଉଁ ସାମାନ୍ୟ କେତେଜଣ ମୋ ଦୈବତ୍ୱରେ ବିଶ୍ୱାସ କରୁଥିଲେ, ସେ ଥିଲା ସେମାନଙ୍କ ଭିତରୁ ଜଣେ । ସେ ମୋ ବାପା-ମାଆଙ୍କୁ ବୁଝାଉଥିଲା ମୋତେ ଅବତାର ବୋଲି ମାନିବା ପାଇଁ । ସେତେବେଳେ ମୁଁ ବାଳକ ମାତ୍ର ଥିଲି ।"

ସେ ସମୟରେ ବାବା ଉପରମହଲାରୁ ସାଧାରଣତଃ ଉପରଓଳି ଚାରିଟାବେଳେ ତଳକୁ ଆସୁଥିଲେ । ଏଥିରେ ପ୍ରାୟ କେବେ ବ୍ୟତିକ୍ରମ ହୁଏନା । ମନ୍ଦିରର ଡାହାଣ ପାଖରେ ଆଠଟି ଘର ଥିଲା । ବାଁ ପାଖରେ ପାଞ୍ଚଟି ଓ ପଛକୁ ଛଅଟି ଘର ଥିଲା । ପଛରେ ଥିବା ଘରଗୁଡିକ ମନ୍ଦିରର ଏତେ ପାଖକୁ ଥିଲା ଯେ ପବନ ଟିକିଏ ଦୁଷ୍ଟାମି କଲେ ଭଜନ ଚାଲିଥିଲାବେଳେ ରୋଷେଇ ଘରର ବାସନା ମନ୍ଦିର ଭିତରକୁ ପଶିଆସେ ।

ଚାରିଟାବେଳେ ଉପରମହଲାରୁ ଓହ୍ଲାଇ ବାବା ମନ୍ଦିର ବାରଣ୍ଡାରେ କିଛି ସମୟ ଠିଆ ହେବେ । ଚିନ୍ତା କରୁଥିବେ ଆଜି କାହା ଘରକୁ ପ୍ରଥମେ ଯିବେ । କେଉଁଆଡୁ କୃପାସରିତ ବହିବା ଆରମ୍ଭ କରିବ । ମାତ୍ର ବେଶୀ ସମୟ ନୁହେଁ । ମନକୁ ସ୍ଥିର କରିଦେଇ ଚାଲିବେ । ଆଃ ! କେତେ ଆନନ୍ଦ ସେ ଆମକୁ ଦେବେ ! ପ୍ରତ୍ୟେକଙ୍କ ଘରକୁ ଯାଇ କେତୋଟି ଅପୂର୍ବ ମୁହୂର୍ତ୍ତ ସେଠାରେ କଟାଇବେ । ପ୍ରତିଦିନ ଉପରଓଳି ତାଙ୍କୁ ସ୍ୱାଗତ କରିବା ପାଇଁ ଆମେ ଘରଗୁଡିକୁ ସଫାସୁତରା କରି ପ୍ରସ୍ତୁତ ହେବୁ । ଚଟାଣରେ ମୁରୁଜ ପଡିବ, ଦ୍ୱାରରେ ଫୁଲମାଳ ଓ ଆମ୍ବପତ୍ର ଝୁଲା ହେବ, କେଉଁଠି ହେଲେ ମଳିଧୂଳି ଟିକିଏ ବି ନଥିବ । ଘର ମଝିରେ ଗୋଟିଏ ଗାଲିଚା ଉପରେ ସୁନ୍ଦର ଆରାମଦାୟକ ଚଉକିଟିଏ ଓ ପାଦରଖାଟିଏ ସଯତ୍ନରେ

ରଖା ହୋଇଥିବ। ଘର କଣରେ ବା କାନ୍ଥକୁରାରେ ଯେଉଁଠି ପ୍ରତ୍ୟେକେ ଦୀପଟିଏ ଓ ଫଟୋଟିଏ ରଖିଥିବେ, ସେଠି ଦୀପଟି ଆଗ୍ରହ ଉନ୍ମାଦନାରେ, ଆନନ୍ଦରେ ନାଚି ନାଚି ଜଳୁଥିବ - ପ୍ରଭୁ ଆସିବେ। ପ୍ରତ୍ୟେକ ପରିବାର ଛୋଟ ଗୋଟିଏ ପାନଡବା ରଖିଥିବେ। ଚଉକିରେ ବସି ସେ ମିଠା ମିଠା କଥା କହୁଥିଲାବେଳେ ତାଙ୍କର କୋମଳ ଆଙ୍ଗୁଠି ପାନଡବା ଖୋଲି ସବୁଜ ପତ୍ରଟିଏ ବାହାର କରିବ, ଗୋଲାପୀ ଚୂନଟିକେ ସେଥିରେ ଲଗାଇବ, ଆଉ ମିଠା ଗୁଆ କେତୋଟି ସେଥିରେ ପକାଇ ଶ୍ରୀମୁଖ ଭିତରକୁ ଠେଲି ଦେବ।

ସମସ୍ତେ ଉତ୍କଣ୍ଠିତ ଭାବରେ ଚାହିଁ ବସିଥିବେ ସେ କମଳାରଙ୍ଗର ଆଭରଣ ଓ ରୁଚିର କେଶଦାମକୁ। ଯଦିଓ ବାବାଙ୍କର କରୁଣାଯାତ୍ରା ପ୍ରତ୍ୟେକ ଘରକୁ ସ୍ପର୍ଶ କରେ, ସେ କାହାକୁ ଏଥିରୁ ବଞ୍ଚିତ କରନ୍ତି ନାହିଁ, ତଥାପି ପ୍ରତ୍ୟେକ ପ୍ରାଣ ଆକୁଳ ହୋଇ ଅପେକ୍ଷା କରିଥିବ ସେ ମୁହୂର୍ତ୍ତଟିକୁ। ଗୋଟିଏ ଘର ଛାଡିଲେ ପଡୋଶୀ ଘରକୁ ସେ ଯିବା ପ୍ରାୟ ନିଶ୍ଚିତ ଥିଲେ ମଧ୍ୟ ସେ ଆଖିରେ ପଲକ ନ ପକାଇ ଅପେକ୍ଷା କରି ବସିଥିବ। ଆମ ଘରଟି ମନ୍ଦିରର ଡାହାଣ ପଟେ ଥିଲା। ବାବା ପରିହାସରେ ଏ ଧାଡିକୁ ବୃନ୍ଦାବନ ନାମ ଦେଇଥିଲେ। ବୃନ୍ଦାବନ କହିଲା ବେଳେ ସେ 'ବନ' ଉପରେ ଯୋରଦେଇ କହନ୍ତି, କାରଣ ଆମ ଧାଡ଼ି ଓ ପଛରେ ଗାଁରୁ ଆସିଥିବା ରାସ୍ତା ମଝିରେ ଗୁଡ଼ିଏ କଣ୍ଟାବୁଦା ଥିଲା। ବାଆଁ ପଟ ଘରଗୁଡ଼ିକ ଥିଲା 'ଗୋକୁଳ' କାରଣ ସେପଟେ କେତୋଟି ଗାଇ ଗୋଟିଏ ସୁଦୃଶ୍ୟ ଗୁହାଳରେ ରହୁଥିଲେ।

ଅନେକ ସମୟରେ ବାବା ଆମ ସାଙ୍ଗରେ ଖେଳନ୍ତି। ପଡ଼ୋଶୀ ଘରୁ ଓହ୍ଲାଇ ଆମ ଘର ଆଡକୁ ମୁହଁ କରିବେ ମାତ୍ର ଆମ ଘରେ ନ ଉଠି ଆଗକୁ ଚାଲିଯିବେ। ଆମେ କାନ୍ଦୁଥିବୁ, ପୁଣି ହସୁଥିବୁ। ପାଖ ଘରେ ଉଠିଲେ ଆମେ ଈର୍ଷାରେ ନେଳି ପଡିଯିବୁ। ସେ ଘରେ ବାବା ଯେତେବେଳେ ଗୀତ ଗାଇବେ, କୌତୁକ କରିବେ, ଆମେ ନିଜ ଘରେ ବସି ରାମ୍ପୁଡି ଛିଣ୍ଡାଇ ହେଉଥିବୁ। ଆଉ ନିଜର ଭାଗ୍ୟକୁ ନିନ୍ଦି ନିଜକୁ ଶାପ ଦେଉଥିବୁ। ହଠାତ୍ ସବୁ ସ୍ଥିର ହୋଇଯିବ। ଆଉ ତ ହସ ଶୁଭୁନାହିଁ! କୁଆଡେ ଗଲେ ? ପାଞ୍ଚ ଦଶ ମିନିଟର ନୀରବତା ଆମକୁ ଯୁଗେ ପରି ଲାଗିବ। ସେ ଚଉକି ଛାଡି ଉଠିଲେଣି ? କ'ଣ ଘରୁ ଓହ୍ଲାଇଗଲେଣି ? ଆମ ଘରକୁ ଆସିବେ କି ଆଉ ? କ'ଣ ପାନ ଖାଉଛନ୍ତି ? କମଳା ରସ ପିଉଛନ୍ତି କି ? ଘର ଭିତରେ ବୁଲି ବୁଲି ବୋଧେ ଫଟୋ ସବୁ ଦେଖୁଛନ୍ତି। ନା, ନା। ଘର ଭିତରେ ବୁଲୁଥିବା ବେଳେ ବାବା ସାଧାରଣତଃ ଗୁଣୁ ଗୁଣୁ ହୋଇ ଗୀତ ଗାଉଥାନ୍ତି। କାହିଁ କିଛି ଶୁଭୁନି ତ ! ବୋଧେ ହାଣ୍ଡିଶାଳେ ପଶିଛନ୍ତି। ଏଇତ, ପଛ କବାଟ ଖୋଲିବା ଶବ୍ଦ ହେଲା। ପଛପଟେ ଛୋଟ ଘାସର ଛାତ

ଥିବା କୁଡିଆ ଆଡ଼କୁ ବୋଧେ ଚାହିଁଛନ୍ତି। ସେଠାରେ ତାଙ୍କ 'ବାପା' ବେଙ୍କାପ୍ପା ରାଜୁ ରହୁଥିଲେ ନା। ସେ କ'ଣ ପଛ ପଟର ପଥର ପାହାଚ ଟପି ରାସ୍ତାକୁ ଓହ୍ଲାଉଛନ୍ତି ?

ଆମ ହାଣ୍ଡିଶାଳର କବାଟ ଫାଙ୍କରେ ଉଣ୍ଡିବାକୁ ଆମର ସାହସ ହେବ ନାହିଁ। ଅପରାଧ ହେବ। ମାତ୍ର ଆମେ ବୁଢ଼ିଆଣୀ ସୂତା ପକାଇ ସମୁଦ୍ର ମାପିବୁ କିପରି ? ଆରେ, ଆମରି ହାଣ୍ଡିଶାଳ କବାଟ କ'ଣ ଠକ୍ ଠକ୍ ହେଉଛି ! ଆଃ- ଏଇତ ସିଏ ! ହାଣ୍ଡିଶାଳ କବାଟ ଠେଲି ପଛପଟୁ ଗୀତ ଗାଇ ଗାଇ ସିଏ ଆସୁଛନ୍ତି। ପୁଣି କେଉଁ ଗୀତ ସେ ଗାଉଛନ୍ତି ? କନ୍ନଡ଼ ଭାଷାରେ ସନ୍ଥ ପୁରନ୍ଦର ଦାସଙ୍କ ଚରିତ ଆମର ପ୍ରିୟ ଗୀତଟି- " ରେ ମନ, ହରିଙ୍କୁ ସନ୍ଦେହ କରନା..... ।"

ଆଉ ଦିନେ ବାବା 'ବୃନ୍ଦାବନ' ର ପ୍ରଥମ ଘର ପଛପଟୁ ଭିତରେ ପଶିଲେ। ବାବା ସେ ଘରୁ ବାହାରିବା ମାତ୍ରେ ଆମେ ଯାଇ ପ୍ରସ୍ତୁତିରେ ଲାଗିଯିବୁ ବୋଲି ଭାବି ଉତ୍ତର ଦିଗକୁ ଆମେ ଚାହିଁ ଠିଆ ହୋଇଚୁ। ସେ ପଛପଟେ ବାହାରି ଛଅ ଓ ସାତ ନମ୍ବର ଘର ମଝିରେ ଥିବା ସରୁ ଗଳି ଭିତରେ ଆସି ମୋ ପଛରେ ହାଜର। ହଠାତ୍ ଦୁଇଟି କୋମଳ ହାତ ପଛପଟୁ ମୋ ଆଖି ଦି'ଟା ବନ୍ଦ କରିଦେଲା। ମୁଁ ଚମକି ପଡିଲା ମାତ୍ରେ ପରିଚିତ କୋମଳ-ମଧୁର ସ୍ୱର ଶୁଭିଲା, "କହିଲୁ ଦେଖି, ମୁଁ କିଏ ?" ଉତ୍ତର ଭାବରେ ମୋ ଆଖିରୁ ଝରି ଆସିଲା ଅଶ୍ରୁର ଧାର। ପିଲାଳିଆ ? ତିରିଶ ଓ ଷାଠିଏ ଛୁଇଁବାକୁ ଯାଉଥିବା ଦୁଇଟି ମଣିଷଙ୍କ ଭିତରେ ଅନ୍ଧପୁଟୁଳି ଖେଳ ? ହଁ । ତାଙ୍କର ଦେହ ଯୌବନର ଅପରାହ୍ନରେ ହୁଏତ, ମାତ୍ର ଭିତରେ ଅଛି ଗୋଟିଏ ଶିଶୁ। ସେ ଶିଶୁ ଆସିଛି ଏ ବୟସ୍କ ସଂସାରକୁ ସଜାଡିବାକୁ, ବାଟ ଦେଖାଇବାକୁ। ସେ ଶିଶୁ ଆସିଛି ମଣିଷର ଆତ୍ମପ୍ରବଞ୍ଚନାକୁ ପଦାରେ ପକାଇ ସେ ଛାଇକୁ ଭିଡ଼ି ଧରିଛି ବୋଲି ଦେଖାଇ ଦେବାକୁ।

ଗୋଟିଏ କାହାଣୀ ଅଛି। ଜଣେ ରାଜା ଥରେ ପାତ୍ର-ମନ୍ତ୍ରୀ-କଟୁଆଳ ପରିବେଷ୍ଟିତ ହୋଇ ରାଜ ପରିଚ୍ଛଦରେ ମଣ୍ଡିତ ଘୋଡା ପିଠିରେ ବସି ଅତି ସୂକ୍ଷ୍ମ ବିଶେଷ ପୋଷାକ ପରିଧାନ କରି ରାସ୍ତାରେ ଚାଲିଥିଲେ। ପ୍ରକୃତରେ ରାଜାଙ୍କ ପୋଷାକ-ପରିଚ୍ଛଦ ପ୍ରତି ଅତ୍ୟଧିକ ଲୋଭ ଦେଖି କେତେଜଣ ଚତୁର ତନ୍ତୀ ରାଜାଙ୍କ ପାଇଁ ଅଭୂତପୂର୍ବ ପୋଷାକ ବୁଣି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାଜା ସଂପୂର୍ଣ୍ଣ ନିରାଭରଣ ହୋଇ ଗର୍ବରେ ମୁଣ୍ଡ ଟେକି ଚାଲିଲା ବେଳେ ମଧ୍ୟ ସଂତ୍ରସ୍ତ ଜନତା ସତକଥାଟି କହିଦେବାକୁ କାହାର ଜିଭ ଲେଉଟୁ ନଥିଲା। କିନ୍ତୁ ଛୋଟ ପିଲାଟିଏ ପାଟି କରି ଉଠିଥିଲା, "ଆରେ, ଆମ ରାଜା କ'ଣ କିଛି ପିନ୍ଧି ନାହାନ୍ତି !"

ବାବା ଏପରି ଜଣେ ଶିଶୁ, ଯିଏ ଆସିଛନ୍ତି ଆମ ପାଣ୍ଡିତ୍ୟର ଶୂନ୍ୟତାକୁ ଦେଖାଇ ଦେବାକୁ, ଆମେ ଆଲୋକ ଦେଖିବା ଯାଏ ଆମକୁ ପରିହାସରେ ଆହତ କରିବାକୁ । ଆମ ଆଖି ଈର୍ଷାରେ ଲାଲ୍ ପଡିଯାଇଛି, କ୍ରୋଧରେ ଅନ୍ଧ ହୋଇ ଯାଇଛି । ଏ ଦିବ୍ୟ ଶିଶୁ ଶୀତଳ କଲ୍ୟାଣର ପ୍ରଲେପ ତାଙ୍କ କୋମଳ ପାପୁଲିରେ ନେଇ ଆମ ଆଖିରେ ବୋଳି ଦେବାକୁ ଆସିଛନ୍ତି । ଯେତେବେଳେ ସେ ଆମର ଏ ଆଖି ବନ୍ଦ କରି ଦିଅନ୍ତି, ଆମର ଭିତର ଆଖି ଖୋଲିଯାଏ; ଆଉ ଆମ ଆଖିରେ ରହିଯାଏ କେବଳ ତାଙ୍କର ଛବି । ସେତେବେଳେ ସେ ଆମକୁ ପଚାରନ୍ତି, "କହିଲୁ ଦେଖି, ମୁଁ କିଏ ?" ଏହି ଶିଶୁ ନିଜର ପ୍ରାଣପୂର୍ଣ୍ଣ ନିର୍ମଳ ପ୍ରେମରେ ଆମକୁ ପାଖକୁ ଟାଣି ନିଏ, ନିଜର ନିଷ୍କଳଙ୍କ ଦିବ୍ୟ ଜ୍ଞାନରେ ଆମକୁ ଆପଣାର କରି ପକାଏ ।

ମଣିଷ-ଶିଶୁ ନିଜକୁ ଏ ନିଖିଳ ସଂସାରର କେନ୍ଦ୍ର ଭାବରେ ଦେଖେ । ଦିବ୍ୟ ଶିଶୁ ଜାଣେ ଯେ ସେ ହିଁ ସକଳର କେନ୍ଦ୍ର । ମଣିଷ ଶିଶୁ ଅନାମ ରୂପରେ ଆସେ, ଆମେ ତା ଦେହରେ ଗୋଟିଏ ନାମର ଛାପ ମାରିଦେଉ । ଏହି ଦିବ୍ୟ ଶିଶୁ କେତେ ଥର ଘୋଷଣା କରିଛନ୍ତି, "ମୋର କୌଣସି ନାମ ନାହିଁ; ଯେ କୌଣସି ନାମରେ ଡାକିଲେ ମୁଁ ଶୁଣିବି" ; ପୁଣି, "ମୋର ବୋଲି କହିବାକୁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ମୁଁ ଜାଣେନା, ସବୁ ସ୍ଥାନ ମୋର । ଯେଉଁଠି ମୋର ଆବଶ୍ୟକତା ଅଛି, ସେଠାରେ ମୁଁ ବିଦ୍ୟମାନ ।" ପିଲାମାନେ କେବଳ 'ବର୍ତ୍ତମାନ'ରେ ହିଁ ରହନ୍ତି । ବାବା କହନ୍ତି, "ଯାହା ଅତୀତ ହୋଇଯାଇଛି ତାକୁ ଭୁଲିଯାଅ । ଯେଉଁ ରାସ୍ତା ଅତିକ୍ରମି ଆସିଛ ପୁଣି ପଛକୁ ଚାହିଁ ତା ପାଇଁ ଲୁହ ଢାଳିବାରେ କିଛି ଲାଭ ନାହିଁ ।" ପିଲାମାନେ ସଂସାରରେ ଘରନା, ବର୍ମା ନାମକ କାନ୍ଥ ଦେଖନ୍ତି ନାହିଁ, ସେମାନେ ସବୁ ଲୋକ ଓ ସବୁ କିଛିକୁ ଆପଣାର ଦେଖନ୍ତି । ସେମାନଙ୍କ ମଧ୍ୟରେ ଫୁଟିଉଠେ ପ୍ରକୃତ ସରଳତା , ପ୍ରେମ, କ୍ଷମା ଓ ଭ୍ରାତୃତ୍ୱ । ଶିଶୁ ମଧ୍ୟରେ ବଡପଣ ନାହିଁ, ଛଳନା ନାହିଁ, ତୁଚ୍ଛତା ନାହିଁ, ପୁଅ-ଝିଅ ଭେଦଭାବ ନାହିଁ । ଏହି ଦିବ୍ୟଶିଶୁଙ୍କ କଣ୍ଠରୁ ମଧ୍ୟ ଶୁଭେ, "ମୁଁ ପୁରୁଷମାନଙ୍କ ମଧ୍ୟରେ ପୁରୁଷ, ନାରୀମାନଙ୍କ ମଧ୍ୟରେ ନାରୀ, ଶିଶୁମାନଙ୍କ ମଧ୍ୟରେ ଶିଶୁ ।" ଉପନିଷଦ୍‌ରେ ବି ଭଗବତ୍ ବର୍ଣ୍ଣନା ଏହିପରି ଅଛି : "ତୁମେ ନାରୀ, ତୁମେ ପୁରୁଷ, ତୁମେ ହିଁ ଦଣ୍ଡ ଉପରେ ଭରା ଦେଇ ଠିଆ ହୋଇଥିବା ବୃଦ୍ଧ ।" ମଣିଷ-ଶିଶୁ ମୁଠା ମୁଠା ବାଲି ଖେଳିବାକୁ ଭଲପାଏ । ମୁଁ ଦେଖିଛି ଏ ଦିବ୍ୟଶିଶୁ ଚିତ୍ର । ବଡୀର ବାଲି

ମୁଠାଏ ଧରନ୍ତି, ଆଉ ହାତରୁ ବାହାରି ଆସେ ଭଗବଦ୍‌ଗୀତା। କୁମାରିକା ଅନ୍ତରୀପରେ ଏ ଶିଶୁ ଯେତେବେଳେ ମୁଠାଏ ବାଲି ସମୁଦ୍ର କୂଳରୁ ଉଠାଇ ଆଣିଲେ, ସେ ମୁଠା ଭିତରେ ଥିଲା ଗୋଟିଏ ମୁକ୍ତା। ଦ୍ୱାରକାରେ ସମୁଦ୍ର କୂଳରେ ବସି ଏ ଦିବ୍ୟଶିଶୁ ବାଲିରେ ଖେଳିବା ଆରମ୍ଭ କରିଦେଲେ, ଆଉ ବାଲି ଭିତରୁ ଜନ୍ମନେଲେ ଅଠର ଇଞ୍ଚ ଉଚ୍ଚ ସୁବର୍ଣ୍ଣ କୃଷ୍ଣ ! ଏ ଶିଶୁ ଆମକୁ ପୁଣି ଶିଶୁ ପାଲଟି ଯିବାକୁ ଉଦ୍‌ବୋଧନ ଦେଇଛନ୍ତି। ତାହାହେଲେ ଆମେ ତାଙ୍କ ସହିତ ଏକ ହୋଇ ତାଙ୍କରି ଭିତରେ ରହିଯିବୁ। ମୋର ବୟସ ଯେତେ ଅଧିକା ହେଉଛି ଏ ସତ୍ୟ ସମ୍ବନ୍ଧରେ ମୋର ବିଶ୍ୱାସ ନିର୍ମଳତର ହେଉଛି। ଆଜି ମୁଁ ଅଶୀ ଟପିଲିଣି, ଆଉ ସେ ପଚିଶ ସେପଟେ। ତଥାପି ତାଙ୍କ ଭିତରେ ଏ ଶିଶୁକୁ ମୁଁ ଅଧିକରୁ ଅଧିକ ଦେଖୁଛି। ମଣିଷ ସହ ଇଶ୍ୱରଙ୍କ ସମ୍ପର୍କ ମଧ୍ୟରେ ଲୀଳା-ଖେଳ ଅବଶ୍ୟ ରହିବ। ବାବା ଲେଖିଛନ୍ତି, "ମୁଁ ମୋ ନିଜର ଖୁସି ପାଇଁ ବିଶ୍ୱକୁ ସୃଷ୍ଟି କରିଛି।" ଆଉ ଦିନେ ସେ କହିଲେ, "ମୁଁ ଏ କଣ୍ଢେଇଖେଳର ନିର୍ଦ୍ଦେଶକ, ଆଉ ଦର୍ଶକ ମଧ୍ୟ। '' ବାବାଙ୍କ ପ୍ରିୟ ଖେଳ ହେଲା ଆମ ଅହଙ୍କାର-ବେଲୁନରେ କଣ୍ଟା ଫୋଡିଦେବା, ଆମ ଆକାଶୀ-ଦୁର୍ଗକୁ ଭାଙ୍ଗିଦେବା, ବଡପଣର ଫୋଟକା ଫଟାଇ ଦେବା, ଆମେ ଖୋଜିଲେ ଲୁଚିଯିବା। ସେ ଆମକୁ ଉପଦେଶ ଦେଇ କହନ୍ତି, "ମୋର ଅନିଶ୍ଚିତତାକୁ ମଧ୍ୟ ଭଲପାଅ।" ପିଲାଟିଠାରୁ ଆଉ ଅଧିକ ଅନିଶ୍ଚିତ ଆଉ କିଏ ହୋଇପାରିବ ? ଭକ୍ତମାନଙ୍କୁ ଲଡୁ ବାଣ୍ଟିଲା ବେଳେ ସେ ଲଡୁ ଧରିବାକୁ ସାବଧାନ କରିଦେଇ କାହା ଉପରକୁ ଖାଲି ମୁଠାରେ ଫିଙ୍ଗିବାର ଅଭିନୟ କରନ୍ତି ଓ ସେ ଲୋକଟିର ଅବସ୍ଥା ଦେଖି ହସି ଉଠନ୍ତି। ମାତ୍ର ପର ମୁହୂର୍ତ୍ତରେ ତା ପିଠିରେ ହାତ ମାରି, ବିଚରାର ନିରାଶାକୁ ଆନନ୍ଦରେ ପରିଣତ କରିବାକୁ ହୁଏତ ଦୁଇଟି ଲଡୁ ତା ହାତରେ ପକାଇ ଦିଅନ୍ତି।

୧୯୫୯ ମସିହାର ଗୋଟିଏ ଅପରାହ୍ଣରେ ଦିନେ ମୋତେ ଡାକି ଆଣିବାକୁ ସେ ଜଣକୁ ପଠାଇଲେ। ମୁଁ ଆସି ତାଙ୍କ କୋଠରୀରେ ପହଞ୍ଚିବାରୁ ମୋତେ କହିଲେ, ହାଇଦ୍ରାବାଦର ଗୋଟିଏ ଦୈନିକ ସମ୍ବାଦପତ୍ରର ସମ୍ପାଦକ ମୋର ଫଟୋଟିଏ ଚାହାନ୍ତି। କାରଣ 'ସନାତନ ସାରଥି' ପତ୍ରିକାର ଯୋଗ୍ୟ ସମ୍ପାଦକ ଭାବରେ ଗୋଟିଏ ଛୋଟ ଲେଖା ସହ ସେ ମୋର ଫଟୋଟିଏ ତାଙ୍କ ସମ୍ବାଦପତ୍ରରେ ଛାପିବେ। ବାବା ସେ ସମ୍ପାଦକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ମୋର ଗୋଟିଏ ଫଟୋ ସେ ତାଙ୍କ ପାଖକୁ

ପଠାଇବେ। ଏବେ ମୋତେ କେତେ ମିନିଟ୍ ଭିତରେ ପ୍ରସ୍ତୁତ ହୋଇ ଆସିବାକୁ ମୋତେ ଆଦେଶ ଦେଇ କହିଲେ ଏଥିପାଇଁ ଗୋଟିଏ ବିଶେଷ ଧରଣର ନୂଆ କ୍ୟାମେରାଟିଏ ସିଏ ବାଛିଛନ୍ତି ଓ ବାବା ନିଜେ ମୋର ଫଟୋ ଉଠାଇବେ। ମୋର ଆନନ୍ଦ ଆଉ କହିଲେ ନସରେ। ମୋ ମୁଣ୍ଡ ତ ଯାଇ ସ୍ୱର୍ଗରେ ବାଜିଗଲା।

ବାବାଙ୍କ କୋଠରୀରୁ ଅଠରଟି ପାହାଚ ଡେଇଁ ଡେଇଁ ଓହ୍ଲାଇ ଘରକୁ ଧାଇଁଗଲି ଫଟୋ ଉଠିବା ପାଇଁ ପ୍ରସ୍ତୁତ ହୋଇ ଆସିବାକୁ।

କେତୋଟି ମିନିଟ୍ ଭିତରେ ମୁହଁକୁ ଚିକ୍କଣ କରି ଇସ୍ତ୍ରୀ ଦିଆ ଲୁଗାପଟା ପିନ୍ଧି ଶ୍ରୀମୁଖରେ ଲମ୍ବା ହସଟିଏ ଆଙ୍କି ଯାଇ ବାବାଙ୍କ ଆଗରେ ହାଜର ହୋଇଗଲି। ବାବା ମୋ କାନ୍ଧରେ ହାତ ପକାଇ ନିଜଠାରୁ ଟିକିଏ ଦୂରରେ ନେଇ ମୋତେ ଠିଆ କରିଦେଲେ। କ୍ୟାମେରାକୁ ଆଖି ଆଗରେ ଧରି ଲେନ୍ସ ଭିତର ଦେଇ ମୋତେ ଲକ୍ଷ୍ୟ କଲେ। ତାପରେ ମୁହଁକୁ ଉଠାଇ ଫଟୋ ପାଇଁ ମୋ ଚେହେରାଟି ଏକଦମ୍ ଠିକ୍ ବୋଲି କହି ଦିପଦ ପ୍ରଶଂସା ବାଣୀ ବି ଶୁଣାଇ ଦେଲେ। ମୁଁ ତ ଆନନ୍ଦରେ ଫୁଲିଗଲିଣି। ଆନ୍ଧ୍ରପ୍ରଦେଶର ୩୦ ହଜାର ପାଠକ ମୋ ଫଟୋକୁ ଦେଖିବେ, କ'ଣ କମ୍ କଥା? ମୋର ସ୍ମିତହାସ ଏଥର ଆଉ ସ୍ମିତ ହୋଇ ରହିଲା ନାହିଁ। ଦାନ୍ତ ଦିଶିଗଲା। ବାବା ମୋ ଦାନ୍ତକୁ ଆଙ୍ଗୁଠି ଦେଖାଇବାରୁ ମୁଁ ପୁଣି ମୁହଁକୁ ସଂଯତ କରିଦେଲି। ପ୍ରଥମେ 'ଷ୍ଟେଡି' ତାପରେ 'ରେଡି'। କ୍ୟାମେରା କ୍ଲିକ୍ ହେଲା......ମାତ୍ର କ୍ୟାମେରା ଭିତରୁ ଲାଙ୍ଗୁଡ଼ଥିବା ଗୋଟିଏ ଛୋଟ ଲୋମଶ ପ୍ରାଣୀ ବାହାରି ମୋ ବେକ ଉପରେ ଆସି ପଡିଲା! ଇଃ ବୋଲି ଚିତ୍କାର କରି ଘର କଣକୁ ଡେଇଁପଡ଼ି ବେକ ଉପରୁ ସେ ଜନ୍ତୁଟିକୁ ଛିଞ୍ଚାଡ଼ି ପକାଇଲି। ଏଇଟା କ'ଣ !...ମୂଷା? ମୃତ ନା ଜୀବିତ? ଗୋଟାଏ ତୂଳାର ମୂଷା। ଖେଳନା କ୍ୟାମେରା ଭିତରେ ତୂଳାର ମୂଷାଟିକୁ କୌଶଳରେ ଭର୍ତ୍ତି କରି ଦିଆଯାଇଥିଲା ଯେମିତି ସୁଇଚ୍ ଟିପିଲା ମାତ୍ରେ ତାହା ମୋ ଉପରକୁ ଡେଇଁ ପଡିବ! ମୋ ଆତଙ୍କ ଦେଖି ବାବା ହସି ହସି ଗଡିଗଲେ। ମୁଁ ବି ହସିଉଠିଲି।

ତାପରେ ବାବାଙ୍କ ପାଳି। ମୋ ଅହଙ୍କାର ବେଲୁନ୍‌ଟିକୁ ଫୁଟାଇବା ଉଦ୍ଦେଶ୍ୟରେ ସେ ଯେଉଁ କାହାଣୀ ସୃଷ୍ଟି କରିଥିଲେ ତାକୁ ମୁଁ ବିଶ୍ୱାସ କରିଯିବା ହେତୁ ବାବାଙ୍କଠାରୁ ମୋତେ ମୃଦୁ ଭର୍ତ୍ସନା ଶୁଣିବାକୁ ପଡିଲା। ସେ ମୋତେ କହିଲେ ମୋର ସମ୍ପାଦକ ହେବା ଏପରି ଏକ 'ସମ୍ବାଦ' ନୁହେଁ ଯେଉଁଥିରେ ସଂସାର ଆଗ୍ରହୀ ହେବ। ଆଜିର ସମ୍ବାଦପତ୍ର କାଲି ଛିଣ୍ଡା କାଗଜ ହେବ।

ଏଣୁ ସମ୍ବାଦପତ୍ର ମାଧ୍ୟମରେ ସ୍ଥାୟୀ ଖ୍ୟାତି ଲାଭ କରିବାର ଅଭିଳାଷ ମଧ୍ୟ ପୋଷଣ କରିବା ଠିକ୍ ନୁହେଁ। ସ୍ଥାୟୀ ଖ୍ୟାତି ମିଳିବ ଭଗବାନଙ୍କର ଓ ଈଶ୍ୱରକୋଟୀ ଲୋକଙ୍କର ନିଷ୍ଠାପର ସେବା କରିବା ଦ୍ୱାରା।

ମୁଁ ଯେତେବେଳେ ତାଙ୍କ କୋଠରୀ ଛାଡି ତଳକୁ ଆସିଲି, ମୋର ଜ୍ଞାନ ବଢ଼ିଥିଲା ସତ, ମାତ୍ର ଅହଙ୍କାର ବର୍ଜନ କରି କୃଶତର ମଧ୍ୟ ହୋଇଯାଇଥିଲି। ବାବା ନିଜର ପରମ କରୁଣାରେ ଏହିପରି ଆମ ଅହଙ୍କାରର ବୋଝ ମୁଣ୍ଡରୁ ଉତାରି ଦେବାରେ ସାହାଯ୍ୟ କରିଥାନ୍ତି। ବିନୟଭାବ ବେଳେ ବେଳେ ଅନ୍ୟର ଦୃଷ୍ଟି ଆକର୍ଷଣ କରି ପ୍ରଶଂସା ଅର୍ଜନ କରିବା ଉଦ୍ଦେଶ୍ୟରେ ମଧ୍ୟ ବ୍ୟବହାର କରାଯାଇଥାଏ। ବାବା ଏ ପ୍ରକାରର ବିନୟଭାବର ନିନ୍ଦା କରିଥାନ୍ତି। ସେ କହନ୍ତି ଆମର ପ୍ରକୃତ ରୂପ ଯାହା, ତାହା ହିଁ ଦେଖାଇବା ଉଚିତ; କୌଣସି ପ୍ରକାର ମୁଖା ପିନ୍ଧି ପ୍ରକୃତ ରୂପକୁ ଘୋଡ଼ାଇ ରଖିବା ଅବାଂଛିତ। ସେ ମୋତେ ଥରେ ପଚାରିଥିଲେ, "ମୋର ବାଣୀକୁ ହଜାର ହଜାର ଲୋକଙ୍କ ପାଇଁ ଛାପି, ପ୍ୟାକ୍ ଓ ପୋଷ୍ଟ କରିବାର ମର୍ଯ୍ୟାଦାଠାରୁ ଆଉ କି ଅଧିକ ମର୍ଯ୍ୟାଦା ତୋତେ ମିଳିଥାନ୍ତା ?"

ବାବା ମଣିଷର ଆଖି ଆଗରେ ଅତି ଉଜ୍ଜ୍ୱଳ ସୂର୍ଯ୍ୟ ପରି। ଆମେ ଏ ସୂର୍ଯ୍ୟାଲୋକରେ ବୁଲି ଉଷ୍ମତା ଆହରଣ କରିପାରିବା, ମାତ୍ର ତାଙ୍କ ଆଡ଼କୁ ଚାହିଁ ପାରିବା ନାହିଁ। ସୂର୍ଯ୍ୟ ଦିନକୁ ଦୁଇଥର ଆପଣାର ତୀବ୍ର ଉଜ୍ଜ୍ୱଳତାକୁ ସମ୍ବରଣ କରି କେବଳ ରକ୍ତିମଛଟା ପ୍ରକଟ କରେ, ମଣିଷ ତା ଆଡ଼କୁ ଚାହିଁ ସେ ରକ୍ତିମ ଆଭାରେ ଆଭାମୟ ହୋଇପାରିବ ବୋଲି। ବାବା ମଧ୍ୟ ସେହିପରି ତାଙ୍କ ମହତ୍ତ୍ୱର ଆଭାସ ଆମକୁ ଦେଇଥାନ୍ତି।

ବାବା ଦୁଇଦିନ ତଳେ ଭେଙ୍କଟଗିରିରୁ ଫେରିଥାନ୍ତି। ପ୍ରଶାନ୍ତିନିଳୟମ୍‌ରେ ରହୁଥିବା ଜଣେ ବୁଢ଼ୀ ନିଜ ଗାଁକୁ ଯାଇଥିଲେ। ତାଙ୍କ ଗାଁଟି ଭେଙ୍କଟଗିରି ରାସ୍ତାର ସେପଟେ। ଭେଙ୍କଟଗିରିକୁ ଗଲେ, ବା ସେଠୁ ଫେରିଲେ ବାବା ସେ ରାସ୍ତା ବ୍ୟବହାର କରନ୍ତି। ସେ ବୁଢ଼ୀ ଭାବିଥିଲେ ବାବା ଫେରିଲାବେଳେ ରାସ୍ତାରେ ତାଙ୍କୁ ଅଟକାଇବେ ଓ ନିଜ ଘରକୁ ଡାକି ଆଣିବେ। ମାତ୍ର ବାବା ପ୍ରଶାନ୍ତିନିଳୟମ୍‌ରେ ପହଞ୍ଚି ସାରିଲେଣି ବୋଲି ଶୁଣି ସେ ତରତର ହୋଇ ଫେରି ଆସିଲେ।

ବାବା ମନ୍ଦିରର ଉପର ମହଲା ବାରଣ୍ଡାରେ ଠିଆ ହୋଇ ତଳେ ଥିବା କେତେଜଣ ଯାତ୍ରୀଙ୍କ ସହିତ କଥା ହେଉଥାନ୍ତି। ମୁଁ ବି ସେମାନଙ୍କ ଭିତରେ ପଶିଯାଇଥିଲି। ଏତିକିବେଳେ ସେ ବୁଢ଼ୀ ଆମଠୁ କିଛି ଦୂରରେ ଠିଆ ହୋଇ ପାଟି କରି ଅଭିଯୋଗ କଲେ, "ସ୍ୱାମୀ, ଆପଣ

କିମିତି ଆମ ଗାଁ ବାୟଲପାଦ ବାଟେ ଲୁଚି ପଳେଇ ଆସିଲେ ? ରାସ୍ତାର ଉଭୟପଟେ ତ ଆମ ଲୋକମାନେ ରାତିଦିନ ଜଗି ବସିଥିଲେ। ସେମାନେ ଆପଣଙ୍କର ବା ଆଉ କୌଣସି ଗାଡି ସେବାଟେ ଆସିବା ଦେଖି ନାହାନ୍ତି !" ବିଗ୍ଭରୀର ଦୁଃଖ ଦେଖି ବାବା ହସିଲେ। ବାବା ସେ ବାରଣ୍ଡାରେ ଠିଆ ହୋଇ ହସିବା ଆମେ ଦେଖୁଚୁ, ଆମ ପଛପଟୁ ହସ ଶୁଭିଲା। ବୁଲିପଡି ଦେଖିଲୁ ବାବା ଆମ ପଛରେ ବାଲିରେ ଠିଆ ହୋଇଛନ୍ତି ଓ କହୁଛନ୍ତି, "ଦେଖିଲୁ ? ସେଠୁ ଏଠିକି କିମିତି ଆସିଲି ? ମୁଁ ଯଦି ଏତକ କରିପାରିବି, ତେବେ କାର୍ ସହିତ ତୁମ ଗାଆଁକୁ ଡେଇଁଯାଇ ପାରିବି ନାହିଁ ? ସମୟ ଓ ଭୂଗୋଳ ମୋତେ ଛୁଇଁବାର ସାହସ କରିପାରିବ ନାହିଁ।" ଏ ଅଭୂତପୂର୍ବ ସ୍ୱରୂପପ୍ରକଟନ ଆମକୁ ସ୍ତବ୍ଧ କରିଦେଲା। ମୋ ହୃଦୟ ଭିତରେ କେଉଁଠି କିଏ ଟାଣି ଦେଲା। ମୁଁ ଯାଇ ତାଙ୍କ ପାଦତଳେ ପଡ଼ିଗଲି। ବାବାଙ୍କ ମୁହଁ ଦୈବତ୍ୱରେ ଝଳି ଉଠୁଥାଏ। ବାଇବେଲରେ ଅଛି, "ଯୀଶୁ ମନ୍ଦିର ଭିତରେ ଥିଲେ, ଲୋକ ସମାଗମ ଭିତରେ ସହଜରେ ବାହାରି ଆସିଲେ।" ବାବା ସେହିପରି ଗାଡି ସହିତ ସେ ରାସ୍ତାକୁ ଅଦୃଶ୍ୟ ଭାବରେ ଡେଇଁ ଆସିଲେ !

ମୋ ପ୍ରଥମଥର ପୁଟ୍ଟପର୍ତ୍ତି ଯିବା କିଛିମାସ ଆଗରୁ ବାବାଙ୍କ ବଡ଼ଭାଇ ଶେଷମା ରାଜୁ ବାବାଙ୍କ ପାଖକୁ ଗୋଟିଏ ଚିଠି ଲେଖିଥିଲେ। ବାବାଙ୍କ ଆତ୍ମସ୍ୱରୂପ ସମ୍ବନ୍ଧରେ ଅଦ୍ଭୁତ ଘୋଷଣା ଓ ଆହୁରି ଅଦ୍ଭୁତ କାର୍ଯ୍ୟକଳାପ ଯୋଗୁ ଲୋକମାନଙ୍କର ବ୍ୟଙ୍ଗାତ୍ମକ ମନ୍ତବ୍ୟ ଓ ପରିହାସ ସମ୍ପର୍କରେ ସେ ଚିଠିରେ ଲେଖିଥିଲେ। ବାବା ତାଙ୍କୁ ଉତ୍ତର ଦେଇଥିଲେ, "ମୁଁ କିଏ ଓ କାହିଁକି ଆସିଛି ତାହା ସେମାନେ ଜାଣନ୍ତି ନାହିଁ। ସେମାନେ ମୋତେ ରୁଗ୍ଣ ଆଖିରେ ଗ୍ଭହୁଁଛନ୍ତି ବୋଲି ସେମାନେ ଯାହା ଦେଖିବାକୁ ଗ୍ଭହାନ୍ତି କେବଳ ତାହା ହିଁ ମୋଠାରେ ଦେଖୁଛନ୍ତି। ପ୍ରକୃତରେ ଯେତେକାଳ ଚେଷ୍ଟା କଲେ ବି, ଯେ କୌଣସି ଉପାୟ ଅବଲମ୍ବନ କଲେ ବି କେହିହେଲେ ମୋର ପ୍ରକୃତ ସ୍ୱରୂପ ଚିହ୍ନିପାରିବ ନାହିଁ।" ତେଣୁ ବାବା କିପରି ସମୟ ଓ ଭୂଗୋଳକୁ ଅତିକ୍ରମ କଲେ ତାହା ବୁଝିବାକୁ ଚେଷ୍ଟା କରିବା ବୃଥା। ମୁଁ ଠିକ୍ କଲି ତାଙ୍କୁ ମାପିବାର ଦୁଃସାହସ ନକରି ତାଙ୍କୁ ସାଇତି ରଖିବାକୁ ଚେଷ୍ଟା କରିବି।

ଆଉ ଗୋଟିଏ ସୁନ୍ଦର ଅନୁଭୂତି ବର୍ଣ୍ଣନା କରିବି। ବାବା ଥରେ ଆମ 'ବୃନ୍ଦାବନ' ଧାଡିବାଟେ ଗଲାବେଳେ ଆଖିକୁ ନଗ୍ଭଇ ଆମ ଘରବାଟେ ଆଗକୁ ଗ୍ଭଲିଗଲେ। ମୋ ବୋଉ ବାବାଙ୍କୁ ଆକୃଷ୍ଟ କରିବାପାଇଁ କହିଲା "ସ୍ୱାମୀ ଆସନ୍ତୁ, ମୁଁ କର୍ପୂର ଆଳତି ଦେବି।" ବାବା

ଦଣ୍ଡେ ଠିଆ ହୋଇ ବୋଉକୁ ଚାହିଁ କହିଲେ, " ନା, ସେତିକି ଯଥେଷ୍ଟ ନୁହେଁ । ମତେ ଦୁଇଟି ଆଳତି ଦେବୁ ନା ?" ବୋଉ ସଙ୍ଗେ ସଙ୍ଗେ ଉତ୍ତର ଦେଲା, " ହଁ ବାବା, ଦୁଇଟି । କର୍ପୂର ଆଉ ଘିଅ ବଳିତା ଆଳତି ଦେବି ।" ବାବା ଭିତରକୁ ଆସିଲେ ବୋଉଠାରୁ ପ୍ରତିଶ୍ରୁତି ଅନୁସାରେ ଦୁଇଟି ଆଳତି ଗ୍ରହଣ କଲେ, ଅଧିକ ସମୟ ରହି ଆମକୁ ଅଧିକ ଆନନ୍ଦ ଦେଲେ, ତାପରେ ଆମ ପଡ଼ୋଶୀ ଘରକୁ ଗଲେ ସେମାନଙ୍କୁ ଆନନ୍ଦ ଓ ଉପଦେଶ ପ୍ରଦାନ କରିବାକୁ ।

କିଛି ହାସ-ପରିହାସ, କିଛି ମିଠାକଥା, କାହାଣୀ, ଗୀତ, ଗୋଟାଏ ଅଧେ, ନୀତିବାକ୍ୟ ଓ ଢଗ ଘେନି ବାବା ଘରକୁ ଘର ବୁଲନ୍ତି, ଆଉ ପ୍ରତି ଘରେ ଆନନ୍ଦର ଲହଡି ଖେଳାନ୍ତି । ଘର ଭିତରେ ବୁଲିଲାବେଳେ ନୂଆ କିଣା ହୋଇଥିବା ବାସନ ତାଙ୍କ ଆଖିରେ ପଡିଯାଏ । ପ୍ରତିଟି ବାସନକୁ ଧରି ପରଖି ଦେଖନ୍ତି, କାହିଁକି ଏସବୁ କିଣା ହେଲା ପଚାରନ୍ତି । ଚୂଲୀରେ ଡେକ୍‌ଚି ବସିଥିଲେ ଯାଇ ଘୋଡ଼ଣୀ ଉଠାଇ ଦେଖନ୍ତି କ'ଣ ବସିଛି; ଆଉ ତାହା ସ୍ୱାସ୍ଥ୍ୟ ପକ୍ଷରେ କେତେଦୂର ଉପାଦେୟ ବା କେତେ ଅହିତକାରକ ସେ ବିଷୟରେ ମତ ଦିଅନ୍ତି । ତାଙ୍କରି କଥା ଓ ତାଙ୍କରି ଲୀଳା ହିଁ ପ୍ରଶାନ୍ତିନିଳୟମ୍ ଅନ୍ତେବାସୀଙ୍କ ଆନନ୍ଦ -ଆଲୋଚନାର ବିଷୟବସ୍ତୁ ଥିଲା । ବାବାଙ୍କଠାରୁ କିଏ କ'ଣ ପାଇଛି ତାହା ଅନ୍ୟ ସମସ୍ତେ ଜାଣିବାକୁ ଡେରି ହେଉ ନଥିଲା । ଏହିପରି ସବୁ ଅନ୍ତେବାସୀଙ୍କ ମଧ୍ୟରେ ଏକ ମଧୁର ପାରିବାରିକ ସମ୍ପର୍କର ବନ୍ଧନ ଗଢି ଉଠୁଥିଲା ।

ମନ୍ଦିର ଆଗରେ ବାବା କେତୋଟି ନଡିଆ ଚାରା ରୋପଣ କଲେ । ଅନ୍ୟସବୁ ଘର ପାଖରେ ଫୁଲଗଛମାନ ଲାଗିଥିଲା । ଏ ସବୁଥିରେ ସବୁଦିନ ପାଣି ଦେବାକୁ ପଡିବ । ମନ୍ଦିର ପୂର୍ବ ଦିଗରେ ବାହାରେ ପ୍ରାୟ ଦୁଇଶହ ହାତ ଦୂରରେ ଗୋଟାଏ ଗଭୀର କୂଅ ଥିଲା । ସେଥିରୁ ପାଣି ଆଣିବାକୁ ହୁଏ । ପୁରୁଷ ଲୋକଙ୍କ ସଂଖ୍ୟା କମ୍ ଥିଲା । ସେମାନେ କୂଅରୁ ପାଣି କାଢି ଗରାରେ ଭର୍ତ୍ତି କରିବାର ଅଧିକ କଷ୍ଟକର କାମ ହାତକୁ ନେଉଥିଲେ । ତାପରେ ପାଣି ଗରାସବୁ ହାତକୁ ହାତ ହୋଇ ସ୍ତ୍ରୀଲୋକମାନଙ୍କର ଜୀବନ୍ତ କନ୍‌ଭେୟର୍ ବେଲ୍‌ଟ ଉପରେ ମନ୍ଦିର ଭିତରକୁ ବୁହା ହୋଇ ଆସେ । ଆଉ ଗୋଟିଏ ଅଧିକ ବୟସ୍କ ସ୍ତ୍ରୀ ଲୋକଙ୍କ ଧାଡ଼ିଟିଏ ଖାଲି ଗରାଗୁଡିକୁ କୂଅ ପାଖକୁ ନେଇଯାଏ । ସେଗୁଡ଼ିକରେ ପାଣି ଭର୍ତ୍ତି ହେଲାପରେ ଅନ୍ୟ ଧାଡ଼ିରେ ଗଛ ପର୍ଯ୍ୟନ୍ତ ପୁଣି ଫେରିଆସେ ।

ଦିନେ ଦିନେ କାମ ମାନ୍ଦା ହୋଇଗଲେ ବାବା ଗୋଟାଏ ପୁରସ୍କାର ଘୋଷଣା କରନ୍ତି । ପାଣି କାଢୁଥିବା ପୁରୁଷଲୋକଙ୍କ ଧାଡି ବୋହୁଥିବା ସ୍ତ୍ରୀଲୋକଙ୍କ ଧାଡି ଭିତରୁ ଯିଏ ଅଧିକ

ଶୀଘ୍ର କାମ କରିବ ସେ ବାବାଙ୍କଠାରୁ ପୁରସ୍କାର ପାଇବ। ଖାଲି ମାଠିଆ ଗୋଟିଏ ଫେରାଇଲା ମାତ୍ରେ ଯଦି ପାଣିଭରା ମାଠିଆ ହାତକୁ ନ ଆସିବ ତେବେ ସ୍ତ୍ରୀ ଲୋକମାନେ ଜିଣିବେ; ପାଣିଭରା ମାଠିଆ ବଢ଼ାଇଲାବେଳକୁ ଯଦି ତାକୁ ଧରିବାକୁ ହାତ ଖାଲି ନଥିବ ତେବେ ପୁରୁଷମାନେ ଜିଣିବେ। ବାବା ଯେଉଁ ପୁରସ୍କାର ଦିଅନ୍ତି ତାହା ହେଲା ପ୍ରତ୍ୟେକଙ୍କ ପାଇଁ ଗୋଟିଏ ଗୋଟିଏ ଲକେଟ୍। ଗୋଟିଏ ପାଖରେ ପ୍ରଣବ ଓ ଅନ୍ୟପାଖରେ ସେ ନିଜେ ବା ଶିରଡିର ରୂପ। ଯେତେଜଣ ବିଜେତା ତାଙ୍କ ଆଗରେ ଆସି ଠିଆ ହୋଇଥିବେ ସେ ସମସ୍ତଙ୍କ ପାଇଁ ହାତ ବୁଲିଯିବ ଓ ଥରକରେ ଠିକ୍ ସେତିକି ସଂଖ୍ୟକ ଚକ୍ ଚକ୍ ରୂପାର ଲକେଟ୍ ବାହାରି ଆସିବ। ଭକ୍ତମାନଙ୍କର ନୀରବ କର୍ମ, ନିଷ୍ଠାପରତା ଓ ପରିଶ୍ରମରେ ବାବା ଏତେଦୂର ପ୍ରୀତ ହୋଇଥିଲେ ଯେ ଦିନେ ସମସ୍ତଙ୍କ ସହିତ ସେ ଫଟୋ ଉଠାଇବେ ବୋଲି ଘୋଷଣା କଲେ। ଦୁଇଦଳଙ୍କ ସହ ସେ ଫଟୋ ଉଠାଇଥିଲେ। ସମସ୍ତେ ଗୋଟିଏ ଗୋଟିଏ ମାଠିଆ ଧରିଲେ, ବାବା ଗୋଟିଏ ଓଲଟା ମାଠିଆ ଉପରେ ବସି କୋଳରେ ଛୋଟ ପିଲାଟିଏ ବସାଇଲେ। ସେ ପିଲାଟି ଧରିଥିଲା ତାର ଜେଜେବାପା (ମୁଁ) କାଶୀରୁ ଯେଉଁ ତମ୍ବା ଢାଳରେ ପାଣି ଆଣିଥିଲେ ସେ ଢାଳଟି। ବାବାଙ୍କ ଉଭୟପଟେ ଠିଆ ହୋଇଥିଲେ ଅନେକ ପିଲା। ସେ ପିଲାଟି ଅନ୍ୟାନ୍ୟ ବଡ଼ଲୋକମାନଙ୍କ ସହିତ ମିଶି ଭାରି ଉତ୍ସାହର ସହ ପାଣି ଦେଉଥିଲା। ଏ ଗୁଣ୍ଡୁଚିମୂଷାକୁ ପାଣି ବୋହିବାର ଦେଖି ବାବା ତାକୁ ଥାପୁଡାଇ ଦେଇ କହିଥିଲେ, "ହଁ, ଚାଲୁ- କାଶୀ ଢାଳରେ ପୁଟ୍ଟପର୍ତ୍ତିର ପାଣି।"

ବାବା ଲୋକଙ୍କ ସହ ବସିବା କଥା। ଏଣୁ ମୋତେ କିପରି ଫଟୋ ଉଠାଇବାକୁ ହେବ ବତାଇ ଦେଇ କ୍ୟାମେରାଟି ମୋତେ ଦେଲେ। କ୍ୟାମେରା କ୍ଲିକ୍ କଲି। ଭକ୍ତମାନେ ଯେତେବେଳେ ଫଟୋ ପାଇଁ ବାବାଙ୍କ ପାଖରେ ଗହଳି କଲେ, ବାବା ମୋତେ ସେମାନଙ୍କ ଆଗରେ ଦୋଷୀ ଭାବରେ ନେଇ ଠିଆ କରିଦେଲେ। ମୁଁ କ୍ୟାମେରାର ଭୁଲ୍ ବୋତାମଟି ଟିପି ଦେଇଥିବାରୁ ଭିତରର ଫିଲିମ୍‌ରେ ଦାଗଟିଏ ବି ପଡି ନ ଥିଲା! ମାତ୍ର ବାବାଙ୍କ ସହ ଫଟୋ ଉଠାଇବା ନିମନ୍ତେ ପୂର୍ବ ପ୍ରସ୍ତୁତି, ବାବାଙ୍କର ପାଖକୁ ଆସି ଠିଆ ହେବାର ସୁଯୋଗ, କିପରି ଧାଡି କରି ଠିଆ ହେବାକୁ ପଡିବ ବାବା ନିଜେ ତାହା ନିର୍ଦ୍ଦେଶ ଦେଉଥବା ବେଳର ଉଲ୍ଲାସ, ସମସ୍ତଙ୍କର ସୁନ୍ଦର ମୁହଁ ଫଟୋରେ ସ୍ପଷ୍ଟ ଉଠିଛି ବୋଲି ବାବାଙ୍କ ନିର୍ଭର ପ୍ରତିଶ୍ରୁତି ଶୁଣି ଆମର ପୁଲକ ଏବଂ ଫଟୋ କ୍ଲିକ୍ ହେବା ଆଗରୁ କେତୋଟି ମୁହୂର୍ତ୍ତର ଅଧୀର ଆବେଗ ଆମର ସବୁଦିନ ମନେ ରହିଗଲା। ବୋଧହୁଏ ଆମକୁ କେବଳ ଏତିକି ଦେବାପାଇଁ ତାଙ୍କର ସଂକଳ୍ପ

ଥିଲା । କାରଣ କର୍ମଫଳଠାରୁ କର୍ମ ଅଧିକ ଆନନ୍ଦ ଦେଇଥାଏ । ବାବା ମଧ୍ୟ କହନ୍ତି, " କର୍ମର ପରିଣତି ଅପେକ୍ଷା କର୍ମ ଅଧିକ ଆନନ୍ଦପ୍ରଦ ।"

ବାବା ବ୍ୟକ୍ତିଗତ ଭାବରେ କଥା ହେବା ପାଇଁ କେତେବେଳେ କାହାକୁ ଡାକିବେ ତାର କିଛି ନିର୍ଦ୍ଦିଷ୍ଟ ସମୟ ନ ଥିଲା । ସେ ସମୟରେ ପ୍ରତ୍ୟେକ ଯାତ୍ରୀ ପରିବାରକୁ ସେମାନେ ଫେରିଯିବା ଆଗରୁ ବାବା ପାଦପୂଜାର ସୁଯୋଗ ଦେଉଥିଲେ । ସେତେବେଳେ ସେମାନେ ବାବାଙ୍କୁ ନିଜର ବ୍ୟକ୍ତିଗତ ସମସ୍ୟା କଥା କହି ତାଙ୍କର ଉପଦେଶ, ନିର୍ଦ୍ଦେଶ, ସାନ୍ତ୍ୱନା ଓ ଧୈର୍ଯ୍ୟ ଲାଭ କରିପାରୁଥିଲେ । ଯଦି କାହାର ପିଲାର ଜନ୍ମବାଳ ପକାଇବାକୁ ଥିବ, ଅକ୍ଷରଶିକ୍ଷା ଆରମ୍ଭ କରିବାକୁ ଥିବ, ନାମକରଣ କିମ୍ବା ଅନ୍ନପ୍ରାଶନ କରିବାକୁ ଥିବ, ଅନ୍ୟମାନେ ଭଜନ କରୁଥିଲାବେଳେ ବାବା ସେମାନଙ୍କ ଘରକୁ ଯିବେ । ସେମାନଙ୍କ ଘର ମଝିରେ ଚଉକିରେ ବସିବେ, ବାଳ କେରାଟିଏ କାଟିଦେବେ, ବା ନାମ ଦେବେ, ବା ଟିକିଏ ଅନ୍ନ ନେଇ ତା ପାଟିରେ ଦେବେ । ଯଦି ଅକ୍ଷରାଭ୍ୟାସ କରିବାକୁ ଥିବ ତେବେ ଗୋଟିଏ ମୁଦି ବା ଆଉ କିଛି ଅଳଙ୍କାରକୁ ମହୁରେ ବୁଡାଇ ତା ଜିଭରେ ଓଁ ଲେଖିଦେବେ, କିମ୍ବା ସିଲଟର ଫ୍ରେମ୍‌ରେ ହଳଦୀ ସିନ୍ଦୁର ଲଗାଇ ସିଲଟରେ ଆପେ ଓଁ ଲେଖିଦେବେ । ମଣିଷର ସ୍ୱରତନ୍ତ୍ରୀ ଯେତେସବୁ ଶବ୍ଦ ଉଚ୍ଚାରଣ କରିବାକୁ ସମର୍ଥ ସେ ସବୁର ସାରାଂଶ ହେଲା ଓଁ । ଏପରି ଏକ ଶୁଭ ଅବସରରେ ବାବା ପିଲାଟି ପାଇଁ ପ୍ରାୟ ଗୋଟିଏ କିଛି ଲକେଟ୍ ସୃଷ୍ଟି କରି ତାକୁ ପିନ୍ଧାଇ ଦେଇଥାନ୍ତି ।

ଯାତ୍ରୀମାନେ ଯଦି ଗୋଟିଏ ରୋଗୀକୁ ଧରି ଆସିଥାନ୍ତି, ବାବା ଅନେକଥର ସେମାନଙ୍କ କୁଡିଆକୁ ଯାଆନ୍ତି । ଆରୋଗ୍ୟପ୍ରଦାୟୀ ପବିତ୍ର ବିଭୂତି ସହିତ ଅନେକ ଅଜଣା ବଟିକା ମଧ୍ୟ ସେଇ ପାପୁଲିରୁ ପ୍ରଚୁର ପରିମାଣରେ ଝରିଆସେ । ବାବା କହନ୍ତି, " ମଣିଷର ମନ ହିଁ ତାର ସ୍ୱାସ୍ଥ୍ୟ ଓ ରୋଗର କାରଣ । ସେଥିପାଇଁ କେହି ମୋ ପାଖକୁ ଆରୋଗ୍ୟ କାମନା କରି ଆସିଲେ ମୁଁ ତା ମନରେ ଆବଶ୍ୟକ ବିଶ୍ୱାସ ଭରି ଦେଇଥାଏ । ତା ମନରେ ଥରେ ଦୃଢ ଆତ୍ମବିଶ୍ୱାସ ଆସିଗଲେ ଏହି ଶକ୍ତି ତାକୁ ରୋଗମୁକ୍ତ କରିପାରେ । ମୋର ଅପାର ପ୍ରେମ ସହିତ ପ୍ରାର୍ଥୀର ତୀବ୍ର ବିଶ୍ୱାସ ମିଶିଗଲେ ଆରୋଗ୍ୟ ସମ୍ଭବ ହୋଇଥାଏ ।"

ମାତ୍ର ସ୍ୱାମୀଙ୍କର କରୁଣା ଏପରି ସ୍ୱତଃସ୍ଫୂର୍ତ୍ତ ଯେ ସେ ପ୍ରାର୍ଥୀର ମନରେ ବିଶ୍ୱାସ ଜାତ ହୋଇ ତୀବ୍ର ହେବାଯାଏ ବି ଅପେକ୍ଷା କରନ୍ତି ନାହିଁ । ଦୁଃଖୀ ତାଙ୍କ ଆଗକୁ ପାଦଟିଏ ଆଗେଇଛି ବୋଲି ନିଜେ ଜାଣିବା ଆଗରୁ ବାବା ତା ଆଡକୁ ତିନିପାଦ ଅଗେଇ ଆସିଥାନ୍ତି । ସେତେବେଳେ ପ୍ରଶାନ୍ତିନିଳୟମ୍‌ରେ ଡାକ୍ତରଖାନା ନଥିଲା । ଏଣୁ ଅଧିକାଂଶ ଘର ରୋଗୀୱାଡ୍ ଥିଲା । ଦିନେ

ମୋ ବୋଉ ବାରଣ୍ଡାରେ ବସିଥିଲା, ମଧ୍ୟପ୍ରଦେଶରୁ ଆସିଥିବା କେତେଜଣ ଯାତ୍ରୀ ତାକୁ ପଚାରିଲେ, "ଆପଣ ଏଠି କେତେଦିନ ହେଲା ରହିଲେଣି ?" ବୋଉ ଉତ୍ତର ଦେଲା, "ଚାରିବର୍ଷ" । ସେମାନେ ସ୍ତବ୍ଧ ହୋଇଗଲେ । ସେମାନେ କହିଲେ, "ଚାରିବର୍ଷ ହେଲା ଏଠି ରହିଲେଣି, ତଥାପି ଆପଣ ଆରେଗ୍ୟ ହୋଇନାହାନ୍ତି !" ସେମାନେ ଗୋଟିଏ ରୁଗ୍ଣ ଝିଅକୁ ଧରି ଆସିଥିଲେ । ଆଉ ଏ ସମ୍ବାଦ ନିଶ୍ଚୟ ସେମାନଙ୍କ ପକ୍ଷରେ ସ୍ୱାଗତଯୋଗ୍ୟ ନଥିଲା । ଅବଶ୍ୟ ମୁଁ ସେମାନଙ୍କୁ ବୁଝାଇ କହିପାରିଲି ନାହିଁ ଯେ ଆମେ ସମସ୍ତେ ରୋଗୀ ଓ ବାବାଙ୍କ ଔଷଧ ଆମେ ସେବନ କରୁଛୁ । ବାବା ଥରେ କହିଥିଲେ ଯେ ଆମେ ପ୍ରକୃତରେ ଯେଉଁସବୁ ରୋଗ ଭୋଗୁଛୁ ତାହା ହେଲା ଦୁର୍ବଳ ମନୋବଳ, ଗର୍ବ ନାମକ କ୍ଷୀଣଦୃଷ୍ଟି, ଦୋଷଦୃଷ୍ଟି ନାମକ କାମଳ ଏବଂ ସଂକୀର୍ଣ୍ଣତା ନାମକ ହୃଦୟ-ବ୍ୟାଧି । ଏସବୁ ରୋଗ ପାଇଁ ସେ ଔଷଧ ଦେଉଛନ୍ତି ।

ବାବାଙ୍କ ଚିକିତ୍ସାର ବିଧି କଥା କହିବାକୁ ଗଲେ ଗୋଟିଏ ସ୍ମରଣୀୟ ସକାଳେ ଯାହା ଘଟିଥିଲା ମୋର ମନେ ପଡୁଛି । ପୂର୍ବତନ ସିନ୍ଧ୍ ରାଜ୍ୟର ଜଣେ ଶରଣାର୍ଥୀ ତାର ମାନସିକ ବିକୃତି ଘଟିଥିବା ଝିଅଟିକୁ ଧରି ଆସିଥିଲା । ସେ ଅନବରତ ପାଟିତୁଣ୍ଡ କରୁଥିଲା, ହସୁଥିଲା, କାନ୍ଦୁଥିଲା । ସବୁବେଳେ ଗୋଟିଏ କଥା ହିଁ ଘୋଷି ହେଉଥିଲା । ବାବା କିଛିଦିନ ତାର ଏ ବିକୃତି ସହ୍ୟ କଲେ । ଅବଶ୍ୟ ତା ବାପାକୁ ବାବା ପ୍ରତିଶ୍ରୁତି ଦେଇଥିଲେ ଯେ ସେମାନେ ପ୍ରଶାନ୍ତିନିଳୟମ୍ ଛାଡିବା ଆଗରୁ ଝିଅକୁ ସେ ଆରୋଗ୍ୟ କରିଦେବେ । ସେମାନଙ୍କ ଛାଡିବା ସମୟ ଆସିଲା । ବାବା ଦିନେ ତା ଘରକୁ ପଶିଗଲେ । ବିଭୂତି ସୃଷ୍ଟି କରି ଝିଅଟିର କପାଳରେ ବୋଳି ଦେଲେ । ଝିଅଟି ସଙ୍ଗେ ସଙ୍ଗେ ବାବାଙ୍କ ଚଉକି ପାଖରେ ନିସ୍ତେଜ ହୋଇ ପଡିଗଲା । ବାବା ତା ମୁଣ୍ଡର ଦୁଇ ପାଖରେ ଦୁଇ ପାପୁଲି ରଖି ଚାପ ପ୍ରୟୋଗ କଲେ । ବାବାଙ୍କ ଚାପ ବଢିବା ସଙ୍ଗେ ସଙ୍ଗେ ଆମେ ଦେଖିଲୁ ଝିଅଟିର ପ୍ରତ୍ୟେକ ବାଳ ମୂଳରୁ ଝରି ଆସୁଛି ଗୋଟିଏ ପ୍ରକାରର କଳା ଓ ଗେରୁମାଟି ମିଶା ରଙ୍ଗର ଗାଢ଼ ରସ । ଗୋଟାଏ ଥାଳିରେ ସେ ରସକୁ ସଂଗ୍ରହ କରିବାରୁ ତାହା ପ୍ରାୟ ଦଶ ଆଉନ୍ସ ଯାଏ ହେଲା ମାତ୍ର ଖୁବ୍ ଦୁର୍ଗନ୍ଧ ହେଉଥାଏ । ଆଉ ରସ ନ ବାହାରିବାରୁ ବାବା ଚଉକି ଛାଡି ଉଠିଲେ ସାବୁନରେ ହାତ ଧୋଇ ସଫା କଲେ । ତାପରେ, ସେ ପରିବାର ଝିଅକୁ ଧରି ଗୋଟିଏ ଶଗଡରେ ବୁକ୍କାପଟ୍ଟନମ୍ ଚାଲିଲେ ସେଠୁ ବସ୍ ଧରି ଧର୍ମାଭରମ୍ ଯିବା ଉଦ୍ଦେଶ୍ୟରେ ।

ତିନି ବର୍ଷ ପରେ ବାବା ବମ୍ବେ ସହରକୁ ଯାଇଥିଲେ । ସହରତଳି ଅଞ୍ଚଳରେ ଗୋଟିଏ ଶରଣାର୍ଥୀ କଲୋନୀରେ ରହୁଥିବା ଏହି ପିତା ଓ କନ୍ୟାକୁ କଲ୍ୟାଣ କରିବାକୁ

ବାବା ସେଠାକୁ ଯିବାକୁ ଠିକ୍ କଲେ । ବାବାଙ୍କ ଦର୍ଶନ ନିମନ୍ତେ ସେଠାରେ ଜମା ହୋଇଥିବା ଲୋକଙ୍କ ମଧ୍ୟରେ ଉପରୋକ୍ତ ଝିଅଟି ଖୁସିରେ ହରିଣ ପରି ଡେଇଁ ବୁଲୁଥାଏ । ଭାରି ଉତ୍ସାହର ସହ ସେ ଭଜନ ଗାଉଥାଏ ଓ ସମସ୍ତଙ୍କୁ ଦେଖାଇ ଦେଉଥାଏ ବାବା କିପରି ତାକୁ ନବଜୀବନ ପ୍ରଦାନ କରିଛନ୍ତି ।

ପରେ ବାବାଙ୍କର ଏ ରସ ନିଗାଡିବା ଚିକିତ୍ସା କେତୋଟି ମୁଁ ଦେଖିଛି । ପ୍ରଶାନ୍ତିନିଳୟମ୍‌ରେ ମୋର ଜଣେ ପଡୋଶୀଙ୍କର ଏପରି ଜଣେ ପତ୍ନୀ ଥିଲେ । ସେ ମଝିରେ ମଝିରେ ଅପସ୍ମାରର ଆକ୍ରମଣ ଭୋଗୁଥିଲେ । ସେ ସମୟରେ ସେ ବଡ ଦୟନୀୟ ଓ ଭୟଙ୍କର ଦିଶୁଥିଲେ । ବାବା ଉପରୋକ୍ତ ପଦ୍ଧତିରେ ତାଙ୍କୁ ଆରୋଗ୍ୟ କରିଥିଲେ । ବାଙ୍ଗାଲୋରର ଜଣେ ଭକ୍ତଙ୍କ ଝିଅଟିକୁ ବି ବାବା ଏହି ପଦ୍ଧତିରେ ଭଲ କରି ଦେଇଥିଲେ ।

ଯେତେବେଳେ ବନ୍ଧୁମାନଙ୍କ ଆଗରେ ମୁଁ ଏ କାହାଣୀ କହେ ସେମାନେ ମୋର ମାନସିକ ସୁଷମତାକୁ ସନ୍ଦେହ କରିଥାନ୍ତି । ସେମାନେ ଅବଶ୍ୟ ମୋ ଆଗରେ ଏକଥା କହୁ ନ ଥିଲେ, କାରଣ ସେମାନଙ୍କ ଭୟ ଥିଲା ମୁଁ ସେମାନଙ୍କ ମାନସିକ ସୁଷମତାକୁ ସନ୍ଦେହ କରିବି ! ସେମାନେ ଭାବୁଥିଲେ, "ଏ ଯେଉଁ ଲୋକର ଅବିଶ୍ୱାସ ଏତେ ବେଶୀ ଓ ବ୍ୟଙ୍ଗଭାବ ଏତେ ତୀବ୍ର ଥିଲା ଯେ ସାଧୁସନ୍ନ୍ୟାସୀ ଓ ଫକୀରମାନଙ୍କର ଛଳନାକୁ ପଦାରେ ପକାଇବାରେ ତାକୁ କେହି ବଳିଯାଉ ନ ଥିଲେ, ସେ ପୁଣି ନିଜ ବୟସର ଅଧା ଗୋଟାଏ ବାବାର ପାଲରେ ପଡିଗଲା !" ସେମାନେ କହୁଥାନ୍ତି ଗୋଟାଏ ଲୋକର ସ୍ୱଭାବଚରିତ୍ର ବିଚାର କରାଯାଏ ତାର ସାଙ୍ଗସାଥୀମାନଙ୍କୁ ଦେଖି । ମାତ୍ର ସେମାନଙ୍କ ସାଙ୍ଗ ଛାଡିଲା ପରେ ମୋ ସାଙ୍ଗସାଥି ଦେଖି ମୋର ସ୍ୱଭାବଚରିତ୍ର ସେମାନେ ବିଚାର କରୁଥିଲେ । ସେମାନେ ନିଜକୁ ମୋଠାରୁ ଖୁବ୍ ବେଶୀ ଉନ୍ନତ ବୋଲି ବିଚାରୁଥିଲେ ଓ ସେମାନେ ପଢିଥିବା କେଉଁ ମାନ୍ଧାତା ଅମଳର ପାଠ୍ୟ ପୁସ୍ତକକୁ ଅନ୍ଧ ଭାବରେ ଜାବୁଡି ଧରିଥିଲେ ।

ମୋର ସୌଭାଗ୍ୟକୁ ମୋର ପୂର୍ବତନ ସ୍ତାବକମାନେ ଓ ବନ୍ଧୁମାନେ ମୋ ଉପରେ ଯେତେ ଦୟା ଓ ତୁଚ୍ଛତା ଅଜାଡି ଦେଉଥିଲେ, ବାବାଙ୍କ ପ୍ରେମ, ଜ୍ଞାନ, ଶକ୍ତି ଓ ତାଙ୍କର ନିର୍ମଳ ଅଲୌକିକତା ଏବଂ ସ୍ପର୍ଶାତୀତ ଦୈବତ୍ୱଠାରେ ମୋର ବିଶ୍ୱାସ ସେତିକି ବଢୁଥିଲା । ମୁଁ ବରଂ ସେମାନଙ୍କୁ ଦୟା ଦେଖାଉଥିଲି, କାରଣ ଅନ୍ଧବିଶ୍ୱାସ ଓ

ଆତ୍ମପ୍ରୌଢ଼ିର ପରଦାରେ ସେମାନଙ୍କ ଆଖି ଢାଙ୍କି ହୋଇ ପଡିଥିଲା। ବାବାଙ୍କ ସନ୍ନିଧିରେ ମୁଁ ଯେଉଁ ଅତିମାନୁଷୀ ଓ ଅସମ୍ଭବ ଅନୁଭୂତି ସବୁ ଲାଭ କରିଥିଲି ସେସବୁ ସମ୍ବନ୍ଧରେ ମୁଁ କେବଳ ବିସ୍ମୟ ପ୍ରକାଶ କରିପାରିବି, ମାତ୍ର ସେଗୁଡିକର ବ୍ୟାଖ୍ୟା କରିବା ମୋର ସାଧ୍ୟାତୀତ। ବାବାଙ୍କ ଜ୍ୟୋତି ମୋତେ ଆକୃଷ୍ଟ କରିଥିଲା, ଅନ୍ୟମାନଙ୍କ ଭଳି ସେଥିରେ ମୁଁ ଆହତ ଅନୁଭବ କରି ନଥିଲି। ଭଗବାନଙ୍କୁ ଧନ୍ୟବାଦ ଯେ ମୁଁ ସଂଶୟର ନର୍କ ଭିତରୁ ବାହାରି ଆସିପାରିଥିଲି। କେତେକ ବନ୍ଧୁ ପୁଟ୍ଟପର୍ତ୍ତି ଆସିଥିଲେ କେବଳ ମୋର ସାଧାରଣଜ୍ଞାନ ହଜିଗଲାଣି ବୋଲି ପ୍ରମାଣ କରିବାକୁ। ଯୀଶୁ କହନ୍ତି, "ଏମାନେ ଆଖି ଥାଇ ମଧ୍ୟ ଦେଖନ୍ତି ନାହିଁ, କାନ ଥାଇ ମଧ୍ୟ ଶୁଣନ୍ତି ନାହିଁ, ବୁଦ୍ଧି ଥାଇ ମଧ୍ୟ ବୁଝନ୍ତି ନାହିଁ, କାରଣ ଏମାନଙ୍କ ହୃଦୟ ବଡ଼ କଠୋର ଓ ନୀରସ ପାଲଟି ଯାଇଥାଏ। ସେମାନେ କାନକୁ ବନ୍ଦ କରି ଦିଅନ୍ତି, ଆଖିକୁ ବୁଜି ଦିଅନ୍ତି, କାରଣ ସେମାନଙ୍କର ଭୟ କାଳେ ଭଲ କଥା ଶୁଣି, ଭଲ କଥା ଦେଖି ଓ ଭଲ କଥା ବୁଝି ସେମାନଙ୍କ ହୃଦୟର ପରିବର୍ତ୍ତନ ଘଟିଯିବ।"

ମନ୍ଦିର ଭିତରେ ଥିବା ପ୍ରାର୍ଥନା କକ୍ଷରେ ଭଜନ କରାଯାଏ। ସମ୍ମୁଖରେ ପୂଜା ମଣ୍ଡପର ବାବା ଓ ଶିରଡିସାଇଙ୍କର ଦୁଇଟି ବଡ଼ ବଡ଼ ଚିତ୍ରପଟ ରଖାଯାଇଥାଏ। ଭଜନ କକ୍ଷର ଦୁଇପାଖ କାନ୍ଥରେ ସବୁ ଦେଶର ଓ ସବୁକାଳର ସାଧୁସନ୍ଥମାନଙ୍କ ଚିତ୍ରପଟ ଝୁଲା ହୋଇଥାଏ। ବାଙ୍ଗାଲୋର୍‌ରୁ ଜୋରାଷ୍ଟର, ବୁଦ୍ଧ, ମହାବୀର, ଯୀଶୁ, ଶଙ୍କର, ରାମାନୁଜ, ମାଧ୍ୱ, ନାନକ, ମୀରା, ସୁରଦାସ ଓ ବସବେଶ୍ୱରଙ୍କ ବଡ଼ ବଡ଼ ଛବି ଆଣିବାକୁ ବାବା ମୋତେ ପଠାଇଥିଲେ। ଆମେ ଚିତ୍ରାବତୀ ବାଲିରେ ବା ସାମ୍‌ନା ଗାଲିଚ୍ଛ ଉପରେ ବାବାଙ୍କ ଚାରିପାଖେ ବସି ବାବାଙ୍କଠାରୁ ଯେଉଁସବୁ ଭଜନ ଶିଖୁ ତାକୁ ହିଁ ଭଜନରେ ବୋଲୁ।

ଏସବୁ ଭଜନ ଆଧ୍ୟାତ୍ମିକ ସାଧନାରେ ବିଭିନ୍ନ ସୋପାନ ସମ୍ବନ୍ଧରେ ଆମର ଦୃଷ୍ଟିକୁ ନିର୍ମଳ ଓ ସ୍ୱଚ୍ଛ କରି ଦେଇଥାଏ। ଗୋଟିଏ ଭଜନରେ ଆମେ ଶିଖିଥିଲୁ ଜୀବନର ପ୍ରାସାଦକୁ ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମ ନାମକ ଚାରିଟି ସ୍ତମ୍ଭ ଉପରେ ଠିଆ କରିବାକୁ ହେବ। ଆଉ ଗୋଟିଏ ଭଜନ ଆମକୁ ଶିଖାଇଥିଲା ଈଶ୍ୱରଙ୍କୁ ସତ୍ୟ, ଶିବ ଓ ସୁନ୍ଦର ଭାବରେ ହିଁ ବୁଝିବାକୁ ହେବ। କେତୋଟି ଭଜନ ବିଭିନ୍ନ ଦେଶର ସାଧୁ ଓ ସନ୍ଥମାନେ ଦେଖିଥିବା ଭଗବାନଙ୍କ ନାନା ରୂପର ଆରାଧନା ଥିଲା। ଏହା ଆମକୁ ସ୍ମରଣ କରାଇ ଦେଉଥିଲା ସମଗ୍ର ସଜୀବ ଓ ନିର୍ଜୀବ ଜଗତ ମଧ୍ୟରେ ସଂଚରିତ ଦୈବସତ୍ତା ଏକ। ପ୍ରତ୍ୟେକଟି ନାମ ମଧ୍ୟରେ ନିହିତ ଥିବା ସତ୍ତା

ଆମ ମଧ୍ୟରେ ଆନନ୍ଦ ପୁଲକ ଆଉ ଦିବ୍ୟ ଜୀବନର ସୁଗନ୍ଧ ଭରି ଦେଉଥିଲା, କାରଣ ପ୍ରତ୍ୟେକଟି ନାମ ଥିଲା ଗୋଟିଏ ପଦ ମଧ୍ୟରେ ସଂଗୁପ୍ତ ଏକ ମହାକାବ୍ୟ, ଗୋଟିଏ ଶବ୍ଦ ମଧ୍ୟରେ ସଂକ୍ଷିପ୍ତ ଏକ ମହାଶାସ୍ତ୍ର। ନୂଆଦିଲ୍ଲୀ ବେତାରକେନ୍ଦ୍ରର ଗାୟକ ଦୁଇ ଯମଜ ଭାଇ ରାମ-ଲକ୍ଷ୍ମଣ ଯେତେବେଳେ ପୁଟ୍ଟପର୍ତ୍ତିରେ ରହୁଥିଲେ, ବାବା ସେମାନଙ୍କୁ ଅଷ୍ଟାଦଶ ଶତାବ୍ଦୀର ଭକ୍ତକବି ତ୍ୟାଗରାଜଙ୍କ କୃତିସବୁ ତାଙ୍କ ସହିତ ଗାଇବାକୁ ଉତ୍ସାହିତ କରୁଥିଲେ।

ବାବା ଥରେ ତିରୁପତିରେ ଗୋଟିଏ ସାଧାରଣ ସଭାରେ ଘୋଷଣା କଲେ, "ତ୍ୟାଗରାଜଙ୍କ ପ୍ରତି ମୋର ପ୍ରୀତି ଯୁଗ ଯୁଗର। ନୀତିମୟ ଜୀବନର ଧାରା ଯେତେବେଳେ ଦେଶରେ ଶୁଖି ଆସୁଥିଲା, ସେତେବେଳେ ତ୍ୟାଗରାଜ ରାମନାମର ଅମୃତ ଗୋଟିଏ ଗୋଟିଏ ମନୋହର ଠେକିରେ ବାଣ୍ଟୁଥିଲେ। ତାଙ୍କ ଗୀତରେ ପ୍ରକଟିତ ଭାବର ଅନୁରୂପ ଥିଲା ଗୀତଟିର ରାଗ। ଗୀତର ଅର୍ଥନ୍ୟାସ ସହ ଖାପ ଖାଉଥିଲା ତାଳ, ଆଉ ସୁନିର୍ବାଚିତ ବିଶେଷଣଗୁଡ଼ିକ ଯଥାର୍ଥ ଛନ୍ଦ ଓ ଧ୍ୱନି ସୃଷ୍ଟି କରୁଥିଲେ। ଏ ଶବ୍ଦ ଓ ରାଗ ସ୍ୱରକୁ ଗୀତର ପ୍ରାସାଦ ମଧ୍ୟରେ ଏପରି ଭାବରେ ଉନ୍ନତ ସ୍ତରକୁ ଘେନି ଯାଉଥିଲା ଯେ ତାହା ଗାୟକ ଓ ଶ୍ରୋତାମାନଙ୍କ ମଧ୍ୟରେ ଯୋଗଶକ୍ତି ସଞ୍ଚାର କରିପାରୁଥିଲା।"

ବାବାଙ୍କ କଣ୍ଠରେ ତ୍ୟାଗରାଜ କୃତି ଶୁଣି ସାରିଲା ପରେ ଜଣେ ବୟସ୍କ ଓ ଅଭିଜ୍ଞ ସଙ୍ଗୀତଜ୍ଞ ଆନନ୍ଦ ଆତିଶଯ୍ୟରେ ଅଭିଭୂତ ହୋଇ ପଡ଼ିଥିଲେ। ସେ କହି ଉଠିଲେ, "ସ୍ୱାମୀ, ମୋତେ ଲାଗୁଥିଲା ତ୍ୟାଗରାଜ ନିଜେ ତାଙ୍କ କୃତିଟି ଗାଉଛନ୍ତି।" ବାବା ମୃଦୁ ହସି ଉତ୍ତର ଦେଲେ, "ତ୍ୟାଗରାଜଙ୍କୁ ସେପରି ଗାଇବାକୁ କିଏ ଉତ୍ସାହିତ କରିଥିଲା ବୋଲି ତୁମେ ଭାବୁଛ କି ?"

ଏ ଦିବ୍ୟଶିଶୁ ତ୍ୟାଗରାଜ, ଭଦ୍ରାଚଳମ୍ ରାମଦାସ ଓ କର୍ଣ୍ଣାଟକର ପୁରନ୍ଦର ଦାସଙ୍କ କୃତିଗୁଡ଼ିକ ଗାଇବାକୁ ଏତେ ଭଲ ପାଉଥିଲେ ଯେ ଆମେ କୌଣସି କାରଣରୁ ବି ଏ ଗାନ ଶୁଣିବାର ସୁଯୋଗ ହରାଇବା ସେ ପସନ୍ଦ କରୁନଥିଲେ। ଅପରାହ୍ଣରେ ଘର ଘର ବୁଲିବା ସମୟରେ ସେ ନିଜେ ଏ ସୁସମ୍ବାଦ ପ୍ରଚାର କରି ଦେଉଥିଲେ- "ଆଜି ମୁଁ ଭଜନ ଗାଇବି।" ଆଉ, ଦୁଇ ଯମଜ ଭ୍ରାତା ରାମ-ଲକ୍ଷ୍ମଣଙ୍କ ସହିତ ସେ ଘଣ୍ଟାକରୁ ଅଧିକ କାଳ ଭଜନ ଗାନରେ ଆମକୁ ମୁଗ୍ଧ କରି ରଖୁଥିଲେ। ବାବାଙ୍କର କେତୋଟି ପ୍ରିୟ ଗୀତ ଥିଲା। ସେଗୁଡିକ ସେ ଅଧିକାଂଶ ସମୟରେ ଗାଉଥିଲେ। '*ବ୍ରୋଚେୱାରେନାୱାରୁ*' ଗୀତଟିର ମର୍ମକଥା ହେଲା ଭଗବାନଙ୍କ ଶକ୍ତି ଅସୀମ। ମାତ୍ର ଅସୀମ ଦୟାର ସହ ସେ ଏ ଶକ୍ତିକୁ ବ୍ୟବହାର କରନ୍ତି।

'*ରାମନନ୍ନୁ*' ଗୀତଟି ମାଧ୍ୟମରେ ସେ ଆମକୁ ଉପଦେଶ ଦେଉଥିଲେ ଯେ ପରମାତ୍ମା ବ୍ରହ୍ମାଣ୍ଡଠାରୁ ପିଣ୍ଡ ଯାଏ, ବ୍ରହ୍ମାଠାରୁ ପିପୀଲିକା ଯାଏ ସମସ୍ତଙ୍କୁ କର୍ମତତ୍ପର କରିଥାନ୍ତି। '*ଅନ୍ଦରୁ ମହାନୁଭବୁଲୁ*' ଗୀତଟିର ମର୍ମ ଥିଲା 'ଯେଉଁ ମହାତ୍ମାମାନେ ଈଶ୍ୱରଙ୍କୁ ଉପଲବ୍ଧି କରିଛନ୍ତି, ଯେଉଁମାନେ ନିଜ ନିଜର ପ୍ରତିଭାକୁ ଈଶ୍ୱରଙ୍କୁ ନିବେଦନ କରିବାରେ ଆନନ୍ଦ ପାଆନ୍ତି, ଦୁଃଖୀ ଲୋକଙ୍କ ନିମନ୍ତେ ଯେଉଁମାନେ ସତତ କର୍ମରତ, ଭଗବତ୍ ସମ୍ବନ୍ଧରେ ଯେଉଁମାନେ ତର୍କ ଓ ସଂଶୟରୁ ମୁକ୍ତ, ଯେଉଁମାନେ ଶାସ୍ତ୍ରର ଗୂଢ଼ାର୍ଥ କ'ଣ ବୁଝିଛନ୍ତି ଓ ଯେଉଁମାନେ ନିରନ୍ତର ହରିଗୁଣ ଗାନରତ, ସେ ସମସ୍ତଙ୍କୁ ମୋର ସବିନୟ ପ୍ରଣତି।' ବାବାଙ୍କ ମୁହଁରୁ '*ମୁନ୍ଦୁ ଵେନାକ*' ବୋଲି ଗୀତଟିଏ ମଧ୍ୟ ମୁଁ ଶୁଣିଛି। ଆମେ ଜାଣିଥିଲୁ ଏ ପ୍ରାର୍ଥନାର ଉତ୍ତର ବାବା ନିଜେ। ତ୍ୟାଗରାଜ ରାମଙ୍କୁ ଡାକି କହୁଛନ୍ତି, "ହେ ପ୍ରଭୁ, ଆସ। ଆଗରେ ଆସ, ପଛରେ ଆସ, ଏପଟେ ଆସ, ସେପଟେ ଆସ, ମୋତେ ଅନିଷ୍ଟରୁ ରକ୍ଷା କର। ତୁମର ଅପରାଜେୟ ଧନୁ ଧରି ତୁରନ୍ତ ଆସ।" ବାବା କହନ୍ତି, "ଯେତେବେଳେ ତୁମ ହୃଦୟରୁ ଏପରି ପ୍ରାର୍ଥନା, ଏପରି ଡାକରା ମୁଁ ଶୁଣିବି, ତୁମକୁ ଆଖିରେ ପତା ପରି ରକ୍ଷା କରିବି। ମୁଁ ତୁମ ପଛରେ, ଆଗରେ, ଏପଟେ, ସେପଟେ ଚାରିପଟେ ତୁମକୁ ଜଗି ରହିଥିବି।" ଏ ଭଜନ ଗାଇ ବାବା ଆମକୁ ଶିଖାଉଥିଲେ ଭଗବାନଙ୍କୁ କି ବର ମାଗିବାକୁ ହେବ। ଆମକୁ ମନେପକାଇ ଦେଉଥିଲେ ସେଇ ଉପନିଷଦର ଘୋଷଣା, ଯେଉଁଥିରେ ପରମାତ୍ମା ସର୍ବବ୍ୟାପୀ ବୋଲି କୁହାଯାଇଛି : "ପୁରସ୍ତାତ୍ ବ୍ରହ୍ମ ପଶ୍ଚାତ୍ ବ୍ରହ୍ମ ଦକ୍ଷିଣତଃ ଉତ୍ତରେଣ ଅଧଃ ଊର୍ଦ୍ଧ୍ୱଂ ବ୍ରହ୍ମ ଏବ ଇଦଂ ବିଶ୍ୱଂ।" ଏସବୁ ଭଜନ ଦ୍ୱାରା ବାବା ଆମ ଭିତରେ ସୁପ୍ତ ହୋଇ ରହିଥିବା ସମର୍ପଣ ଭାବକୁ ଜାଗ୍ରତ କରି ତାକୁ ଗୋଟିଏ ବୋଧିବୃକ୍ଷରେ ପରିଣତ କରୁଥାନ୍ତି। '*ନିନୁ ବିନା*' ଗୀତଟି ଆମ ହୃଦୟରେ ଆଉ ଏକପ୍ରକାରର ଆକୁଳତା ଜାତ କରୁଥିଲା। ଏ ଗୀତଟିରେ ତ୍ୟାଗରାଜ ବର୍ଣ୍ଣନା କରିଛନ୍ତି ରାମରୂପର ମନୋହାରିତା ଚିନ୍ତା କଲାମାତ୍ରେ ତାଙ୍କର ହୃଦୟ କିପରି ପରମାନନ୍ଦରେ ଭରି ଯାଉଛି। ଏ ଗୀତଟି ଗାଇଲାବେଳେ ବାବାଙ୍କଠାରେ ହିଁ ଆମର ଆଶ୍ଚର୍ଯ୍ୟ-ମଧୁର ଭାବ ଲାଖି ରହୁଥିଲା। ତ୍ୟାଗରାଜ ଏ ଗୀତଟିରେ ରାମଙ୍କର ହସ, ଠାଣି, ଜ୍ୟୋତି, ରମଣୀୟତା, କୋମଳତା, ମାଧୁର୍ଯ୍ୟ ଯାହାସବୁ ବର୍ଣ୍ଣନା କରିଛନ୍ତି ଏସବୁ ଆମେ ବାବାଙ୍କଠାରେ ହିଁ ଦେଖିପାରୁଥିଲୁ।

ରାମ-ଲକ୍ଷ୍ମଣ ଦୁଇଭାଇ ସଂଗୀତ ସମ୍ବନ୍ଧରେ ବାବାଙ୍କଠାରୁ ଅନେକ କଥା ଶିଖୁଥିଲେ। ସେଥିପାଇଁ ଯେତେବେଳେ ସୁବିଧା ପାଇଲେ ପୁଟ୍ଟପର୍ତ୍ତି ଚାଲି ଆସୁଥିଲେ। ବାବା ଦେଖିଲେ ସେମାନଙ୍କର ତାମିଲ ଜିଭ ଅନେକ ସମୟରେ ତ୍ୟାଗରାଜଙ୍କର ତେଲୁଗୁ ଭାଷାକୁ ବିକୃତ କରି

ବଡ଼ ହାସ୍ୟକର ପରିସ୍ଥିତି ସୃଷ୍ଟି କରୁଥିଲା । ଏପରି ଅନେକ ଘଟଣାରୁ ଗୋଟିଏ ଉଦାହରଣ ଦେବି । ଗୋଟିଏ ଗୀତରେ କବିଙ୍କର ବିନୟ ଭାବକୁ ସେମାନେ ଅପମାନସୂଚକ ଗାଳିରେ ପରିଣତ କରିଦେଇଥିଲେ । 'ପୋଗଡା କୁନ୍ତେ' କୁ 'ପକୋଡ଼ା ତିନ୍ତେ' ବୋଲି ଉଚ୍ଚାରଣ କରି ସେମାନେ ଘୋର କଦର୍ଥ କରି ଦେଉଥିଲେ । ଏହା ଫଳରେ କବିଙ୍କର ପ୍ରାର୍ଥନା 'ହେ ପ୍ରଭୁ, ତୁମର ମହିମା ମୁନିରଷିମାନେ ଗାନ କରିଛନ୍ତି, ଏ ତୁଚ୍ଛ ତ୍ୟାଗରାଜର ନୀରବତା କ'ଣ ତାକୁ କ୍ଷୀଣ କରିପରିବ ?' ରାମ-ଲକ୍ଷ୍ମଣଙ୍କ କଣ୍ଠରେ 'ହେ ପ୍ରଭୁ, ମୁଁ ପକୋଡ଼ା ଖାଇଲେ ତୁମର ମହିମା କ'ଣ ହ୍ରାସ ପାଇବ ?' ପାଲଟି ଯାଇଥିଲା ! ବାବା ଏସବୁ ଶୁଣି ହସି ହସି ଗଡ଼ି ଯାଉଥିଲେ ।

ସେ ସମୟରେ ବାବା ପ୍ରକୃତରେ ଥିଲେ ଗୋଟିଏ ଚଳନ୍ତା ଗୀତ, ବହନ୍ତା ସଂଗୀତ । କନ୍ନଡ଼ ଭକ୍ତମାନଙ୍କ ମଧ୍ୟରେ ଥିଲେ ତାଙ୍କ ମୁହଁରୁ ଝରିଆସିବ '*ତଲ୍ଲନି ଶାଦିରୁ କନ୍ଦ୍ୟ ତାଲୁ ମାନବେ*' (ରେ ମନ, ଭୟରେ ଥରେ ନା) ପୁରନ୍ଦର ଦାସଙ୍କ କୃତି । କିମ୍ବା ସେ ହଠାତ୍ ଗାଇ ଉଠିବେ ବସବନ୍ନଙ୍କ '*କଲ୍ଲ ନାଗର କନ୍ଦରେ*'(ଯେତେବେଳେ ସେମାନେ ପଥର ନାଗ ଦେଖନ୍ତି), ଅଥବା ହରିହରଙ୍କ କୁମ୍ଭାରସନ୍ଥ ଗୁନ୍ଦାନ୍ନାଙ୍କ ଉପରେ ଗୋଟିଏ ରାଗ ସଂଗୀତ । ତାମିଲ୍ ଭକ୍ତମାନେ ତାଙ୍କୁ ଘେରି ବସିଥିଲେ ସେ ଗାଉଥିବେ ଗୋପାଳକୃଷ୍ଣ ଭାରତୀଙ୍କ ନନ୍ଦନାରଙ୍କ ସମ୍ବନ୍ଧରେ ଗୋଟିଏ ଗୀତ ବା ଅରୁଣ ଗିରିନାଥଙ୍କ ମୁରୁଗ କିମ୍ବା ଅଣ୍ଡଲଙ୍କ ବିଷ୍ଣୁଙ୍କ ଉପରେ ଗୀତ । ପ୍ରତ୍ୟେକ ଥର ଗୀତଟିରୁ ଝରେ ନବ ମାଧୁର୍ଯ୍ୟ, ନବରସ ଯାହା ହୃଦୟ ପାଇଁ ଶକ୍ତିଦାତା, ଅଙ୍ଗପ୍ରତ୍ୟଙ୍ଗ ପାଇଁ ପୁଷ୍ଟିଦାତା, ମୁଣ୍ଡ ପାଇଁ ଭାବଦାତା ଓ ମନ ପାଇଁ ପ୍ରାଣଦାତା ଥିଲା ।

ଆମ ଘରେ ବାବା ଟିକେ ବେଶୀ ସମୟ ବସିବାକୁ ରାଜି ହେଲେ ଆମେ ବି ଗୋଟାଏ ଦି'ଟା ଗାଇ ପକାଉ । ମୋର ପତ୍ନୀ ଥରେ ବାବାଙ୍କ ଉପରେ ଲେଖିଥିବା ଓ ବହୁଦିନ ଧରି ଅଭ୍ୟାସ କରିଥିବା କନ୍ନଡ଼ ଗୀତଟିଏ ବାବାଙ୍କ ଆଗରେ ଗାଇବାକୁ ସାହସ କରିଥିଲା । ଗୀତଟି ଥିଲା, '*ନିନ୍ନା ନାମ୍ବିବନ୍ଦେ, ଏନ୍ନା କେ୍ୟ ବିଦାଦିରୁ, ଘନ ମହିମାମାନେ ସାଇନାଥ*' , ଅର୍ଥାତ୍, 'ହେ ମହିମାଘନ ସାଇନାଥ, ମୁଁ ସଂପୂର୍ଣ୍ଣ ବିଶ୍ୱାସର ସହିତ ତୁମ ପାଖକୁ ଆସିଛି, ମୋ ହାତ ଛାଡି ଦିଅ ନାହିଁ ।' ବାବା ଚୁପ୍ କରି ହାତ ଯୋଡି ବସି ଗୀତଟି ଶୁଣିଲେ; ତା'ପରେ ତାଙ୍କ କଣ୍ଠରୁ ଝରି ଆସିଲା ତାର ମାତୃଭାଷା ତାମିଲ୍‌ରେ ଏକ ଆଶ୍ୱାସନା ଭରା କଲ୍ୟାଣଗାନ '*ବିରଚନ୍ଦୁମ୍ ମୁନ୍ନେ ତରୁବାରେ ସାଇବାବା, ବେନ୍ଦୁମ୍ ମୁନ୍ନେ ବରୁଓ୍ୱାରେ*'-ଭୟ କାହିଁକି ? ତୁ ମାଗିବା ଆଗରୁ ସାଇବାବା ବର ପ୍ରଦାନ କରିବେ, ତୁ ତାଙ୍କୁ ଡାକିବା ଆଗରୁ ସେ ତୋତେ ଉଦ୍ଧାର କରିବେ ।

ଘରକୁ ଗଲେ ଭକ୍ତ ତାଙ୍କୁ କି ଗୀତ ଶୁଣାଇବ ବାବା ତାହା ଆଗରୁ ଜାଣି ବେଳେ ବେଳେ ସେଇ ଗୀତଟି ଗାଇ ଗାଇ ଘରେ ପ୍ରବେଶ କରନ୍ତି ! ଥରେ ବାବା ବାଙ୍ଗାଲୋରରେ ଥିଲାବେଳେ ଉଇଲସନ୍ ଗାର୍ଡନ୍‌ଠାରେ ଥିବା ଆମର 'ଅଶୋକ' ନାମକ ଘରଟିକୁ ଆସିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆମେ ସବୁ ଉତ୍କଣ୍ଠାରେ ଅଧୀର ହୋଇ ଅପେକ୍ଷା କରିଥାଉ । ମୋ ସ୍ତ୍ରୀ ବାବାଙ୍କ ଆଗରେ ଗାଇବା ପାଇଁ ଗୋଟିଏ ଗୀତ ଅଭ୍ୟାସ କରିଥାଏ । ବୋଉ ବି ବାବାଙ୍କ ଅବତାର ମହିମା ସମ୍ବନ୍ଧରେ ଗୀତଟିଏ ଲେଖି ଗୁଣ୍ଣୁ ଗୁଣ୍ଣୁ ହେଉଥାଏ । ବାବା ଆସି ଘର ଆଗରେ ଗାଡ଼ିରୁ ଓହ୍ଲାଇଲେ, ଆଉ ମୋ ସ୍ତ୍ରୀ ଯେଉଁ ଗୀତଟି ଗାଇବାକୁ ପ୍ରସ୍ତୁତ ହୋଇଥିଲା ସେଇ ଗୀତଟି ନିଜେ ଗାଇ ଘରେ ପ୍ରବେଶ କଲେ ! ଗୀତଟିର ପ୍ରଥମ ଧାଡ଼ିଟି ଥିଲା 'ବାବା, ପରମ କୃପାନିଧି....' । ତା' ପରେ ଗୀତର ବାକୀ ଅଂଶତକ ଗାଇବାକୁ ତାକୁ ଆଦେଶ ଦେଲେ । ତାର ଗୀତ ସରିଲା ପରେ ବୋଉ ଆଡ଼କୁ ଚାହିଁ ତା ଗୀତଟି ଗାଇବାକୁ କହିଲେ । ପରମାନନ୍ଦରେ ବୋଉ ଆରମ୍ଭ କଲା, 'ନାନକନ୍ଦ ମଣିଗଲିଲେ.....' (ମୁଁ ଯେତେ ମଣି ଦେଖିଛି ସେ ସମସ୍ତଙ୍କ ମଧ୍ୟରେ ସାଇରାମ ଶିରୋମଣି....) ବୋଉ ଗାଇସାରି ଯେତେବେଳେ ତାଙ୍କ ପାଦ ଛୁଇଁଲା, ବାବା କହିଲେ, "ଭଲ" । ତା' ପରେ ତାଙ୍କ ଆଦେଶରେ ମୁଁ ଯେତେବେଳେ ଆରତି ଲଗାଇ ବୁଲାଇବା ଆରମ୍ଭ କଲି, ବାବା ମୋତେ କହିଲେ, "ହଁ, ବୋଲେ ସଦାଏନ୍ନା ହୃଦ ଦଲ୍ଲୀ...." । ଆମ ଘରେ ଭଜନ ହେଲାବେଳେ ଆମେ ଏଇ ଗୀତଟି ଆରତିରେ ବୋଲୁ । ଏଇଟା ମୁଁ ଲେଖିଥିଲି । ଆମେ ପରସ୍ପରକୁ କହିଲୁ, "ବାବା ତାହାହେଲେ ଆମର ଭଜନ ଶୁଣୁଛନ୍ତି ।"

ପ୍ରତିଦିନ ଭଜନ ମନ୍ଦିରରେ ଘଣ୍ଟାଏ ଭଜନ ହୁଏ । ସେ ସମୟରେ ସମସ୍ତଙ୍କୁ ପାଦ ସ୍ପର୍ଶ କରିବାର ସୁଯୋଗ ବାବା ଦେଉଥିଲେ ଭଜନ ପରେ । ପ୍ରଶାନ୍ତିନିଳୟମ୍ ଉଦ୍‌ଘାଟନର କେତେମାସ ପରେ ଆରତି ବୁଲାଇବାର ସୌଭାଗ୍ୟ ଶ୍ରୀ ଶେଷଗିରି ରାଓଙ୍କୁ ମିଳିଥିଲା । ଆରତି ଗ୍ରହଣ କରିବାକୁ ବାବା ଚଉକି ଛାଡ଼ି ଠିଆ ହୁଅନ୍ତି, ଆଉ ପ୍ରସାଦ ଯାହା ଥିବ ତାକୁ ଛୁଇଁ ପାଟିରେ ଟିକେ ପକାନ୍ତି । ତା'ପରେ ସେ ମନ୍ଦିରର ଉତ୍ତର ଦିଗରେ ପ୍ରବେଶଦ୍ୱାର ପାଖରେ ଠିଆ ହୁଅନ୍ତି । ପୁରୁଷମାନେ ସେବାଟେ ବାହାରିଗଲାବେଳେ ପାଦ ନମସ୍କାର କରି ଯାଆନ୍ତି । ପୁରୁଷମାନେ ଗଲା ପରେ ବାବା ହଲ୍ ଭିତରେ ଦକ୍ଷିଣ ପାଖ ଦ୍ୱାର ଆଡ଼କୁ ଯାଆନ୍ତି ମହିଳାମାନଙ୍କୁ ପାଦ ନମସ୍କାର ଦେବା ପାଇଁ ।

ସେ ସମୟରେ ନିଳୟମ୍‌ରେ ଦଶହରା ଉତ୍ସବ ପାଳିତ ହେଉଥାଏ। ମାତ୍ର ଏ ଉତ୍ସବ ପାଳନରେ ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କର ସଂଖ୍ୟା ଓ ଉତ୍ସାହ ଅଧିକ ଥାଏ। କାରଣ ଦଶହରା ହେଉଛି ମାତୃପୂଜା ଉତ୍ସବ। ପ୍ରତିଦିନ ଭଜନ କକ୍ଷରେ ମହିଳାମାନେ ପ୍ରତ୍ୟେକେ ବାବାଙ୍କର ଗୋଟିଏ ଗୋଟିଏ ଫଟୋ ଆଗରେ ରଖି ଧାଡ଼ି କରି ବସନ୍ତି ଓ ଲଳିତା ସହସ୍ରନାମ ପାଠ କରନ୍ତି। ବାବା ଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀ- ଏ ତ୍ରିମୂର୍ତ୍ତି ସ୍ୱରୂପ ଥିବାରୁ ସେମାନେ ବାବାଙ୍କର କୁଙ୍କୁମ ଅର୍ଚ୍ଚନା କରିଥାନ୍ତି। ଆମର ଏ ମାତୃଭୂମିରେ ଏହି ମାତୃପୂଜା ପାଇଁ ସବୁଠାରେ ବିଧବାମାନଙ୍କୁ ବାରଣ କରାଯାଉଥିଲେ ମଧ୍ୟ ବାବା ସେମାନଙ୍କୁ ଏ ପୂଜାର ସୁଯୋଗ ଦେଇଥିଲେ। ବାବାଙ୍କର କରୁଣା କୌଣସି ବନ୍ଧ-ବାଡ଼ ମାନିବାକୁ ପ୍ରସ୍ତୁତ ନ ଥିଲା। ପୂଜା ଶେଷ ଆଡ଼କୁ ବାବା ମନ୍ଦିର ଭିତରକୁ ଆସୁଥିଲେ ଓ ଦୁଇଧାଡି ମଧ୍ୟରେ ଧୀରେ ଧୀରେ ଚାଲି ପ୍ରତ୍ୟେକଙ୍କୁ ପଦସ୍ପର୍ଶର ସୁଯୋଗ ଦେଉଥିଲେ। ଦଶଦିନ ଧରି ପୂଜାରେ ଯେଉଁ କୁଙ୍କୁମ ବ୍ୟବହୃତ ହେଉଥିଲା, ସେ ସବୁ ଦଶମ ଦିନ ଏକାଠି କରାଯାଉଥିଲା, ଆଉ ବାବା ନିଜର ନୀରବ ପ୍ରତିନିଧି ଶିରଡି ମୂର୍ତ୍ତି ଉପରେ ସେ ସବୁ ଅଜାଡି ଦେଉଥିଲେ।

ପ୍ରଶାନ୍ତି ନିଳୟମ୍‌କୁ ଆସିବା ପରେ ମଧ୍ୟ ବାବା ଦଶହରାବେଳେ ପ୍ରତିଦିନ ସଂଧ୍ୟାବେଳେ ଶୋଭାଯାତ୍ରାରେ ଗାଁ ଭିତରକୁ ଯାଉଥିଲେ। କେଉଁଦିନ ହଂସ ତ କେଉଁଦିନ ଗରୁଡ, କେଉଁଦିନ ରଥ, କେବେ ବିମାନ ବା କେବେ ପାଲିଙ୍କି ରୂପରେ ଜିପ୍ ସଜା ହେଉଥିଲା, ଆଉ ବାବା ସେଥିରେ ବସି ଗାଁ ଦାଣ୍ଡରେ ବୁଲୁଥିଲେ। ଗାଁ ଦାଣ୍ଡ ଖୁବ୍ ଅଣଓସାରିଆ ଥିବାରୁ ଶୋଭାଯାତ୍ରାରେ ଯେଉଁ ଭକ୍ତମାନେ ଯାଉଥିଲେ ସେମାନଙ୍କ ସହ ଜିପ୍ ବୁଲିବା ଭାରି ଅସୁବିଧା ହେଉଥିଲା। ଏଣୁ ପରକାଳରେ ବାବା ଦଶଦିନ ଶୋଭାଯାତ୍ରାକୁ କାଟି କେବଳ ଦଶମ ଦିନଟି ଗାଁକୁ ଯାଉଥିଲେ। ଭଜନ, ନାଦସ୍ୱର, ଢୋଲ, ମୃଦଙ୍ଗ, ଥଳିବଂଶୀ(bagpipe) ସହିତ ବାଣ ମିଶି ସେଦିନ ଉତ୍ସବଟି ଏକ ଅପୂର୍ବ ଜନଉତ୍ସବରେ ପରିଣତ ହୋଇଯାଉଥିଲା। ଅବଶ୍ୟ ସବୁଠାରୁ ଅଧିକ ଆକର୍ଷଣୀୟ ମୁହୂର୍ତ୍ତ ଥିଲା ଯେତେବେଳେ ବାବାଙ୍କ ଭ୍ରୂଯୁଗଳରୁ ବିଭୂତି ବା କୁଙ୍କୁମ ଝରୁଥିଲା, କିମ୍ବା ଦିବ୍ୟଜ୍ୟୋତି ନିର୍ଗତ ହେଉଥିଲା। କୈଳାସ ନିବାସୀ ମହାଦେବ ଆପଣା କପାଳରେ ବିଭୂତିରେଖା ଅଙ୍କନ କରୁଥିଲେ, ଅଙ୍ଗରେ ମଧ୍ୟ ବିଭୂତି ବୋଳୁଥିଲେ। ଏଣୁ ବାବାଙ୍କ କପାଳରୁ ଝରୁଥିବା ବିଭୂତିକୁ ଗାଁ ଲୋକେ କହୁଥିଲେ କୈଳାସ ବିଭୂତି।

ଆମେ ଏ ବିଭୂତିକୁ କୈଳାସ-ବିଭୂତି କହୁଛୁ ବୋଲି ଦିନେ ମୁଁ ବାବାଙ୍କୁ କହିବାର ସୁଯୋଗ ପାଇଲି। ବାବା ଉତ୍ତର ଦେଲେ, "ନା, ତା ନୁହଁ। ଜଣେ କେହି ସାଧୁ,

ସନ୍ଥ ଦେହ ଛାଡିଲେ ଶିବ ଶ୍ମଶାନରୁ ତାଙ୍କରି ପାଉଁଶ ସଂଗ୍ରହ କରି ଦେହରେ ବୋଳି ହୁଅନ୍ତି । ତେବେ ସେଥିରୁ ଟିକେ ଦେବି କି ? ଏବେ ଜଣେ ଭାରି ଧର୍ମାତ୍ମା ସାଧୁ ଦେହ ଛାଡିଛନ୍ତି, ଆଉ ତାଙ୍କର ଚିତା ଏବେ ବି ଗଙ୍ଗା କୂଳରେ ଜଳୁଚି ।" ଏହା କହି ବାବା ପାପୁଲି ଘୂରାଇଲେ । କେତେ ଆଉନ୍ସ ବିଭୂତି ମୋ ପାପୁଲିରେ ଦେଲାବେଳେ ମତେ ଲାଗିଲା ପାପୁଲିର ଚମ ପୋଡିଯିବ ! ଏତେ ଗରମ ଥିଲା ସେ ବିଭୂତି ! "ଏହି ବିଭୂତି ହେଉଛି ଶିବଙ୍କ କଲ୍ୟାଣ ବିଭୂତି", ବାବା କହିଲେ ।

ଦଶହରା ଉତ୍ସବ ଭକ୍ତମାନଙ୍କ ପାଇଁ ପରମାନନ୍ଦର ମହୋତ୍ସବ ଥିଲା । ସେତେବେଳେ ଆମେ ମାତ୍ର କେତେ ଶହ ଥିଲୁ, ପ୍ରଶାନ୍ତିନିଲୟମ୍ର ଭଜନକକ୍ଷ ପାଇଁ ଯଥେଷ୍ଟ । ପୁରୁଣା ମନ୍ଦିର ପରି ଏଠି ମଧ୍ୟ ଦଶହରା ଦଶଦିନଯାକ ବାବା ଆମକୁ ପୂରାଦିନ ଖୁଆଉଥିଲେ - ଜଳଖିଆ, ଦିନ ଓ ରାତିର ଭୋଜନ । ଫଳରେ ସାରାଦିନଟି ଆମେ ଆତ୍ମଚିନ୍ତନ ଓ ପ୍ରାର୍ଥନାରେ କଟାଉଥିଲୁ । ଗୋଟିଏ ଦିନ ଭକ୍ତମାନଙ୍କ ପିଲାମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଥିଲା । ପିଲାମାନେ ଭଜନ ଗାଉଥିଲେ, ପୁରାଣ କଥାସବୁ ନାଟକ ରୂପେ ମଞ୍ଚସ୍ଥ କରୁଥିଲେ । ବାବା ପିଲାମାନଙ୍କୁ ଆଦର କରୁଥିଲେ, ଭଜନ ଗାଇ ଆନନ୍ଦିତ ହେବାକୁ ଉତ୍ସାହିତ କରୁଥିଲେ । ଆଉ ଦିନେ ଗାଁର ସ୍କୁଲ ପିଲା, ପଣ୍ଡାରି ଭଜନଦଳ ଏବଂ ଅନନ୍ତପୁର ଜିଲ୍ଲା ବୋର୍ଡ ଦ୍ୱାରା ପରିଚାଳିତ ବୁକ୍କାପଟ୍ଟନମ୍ର ସ୍କୁଲ ଛାତ୍ରମାନେ ଟର୍ଚ୍ଚଲାଇଟ୍ ଡ୍ରିଲ୍ ଆଦି କେତୋଟି କସରତ୍ ଦେଖାଉଥିଲେ । ଆଉ ଦିନେ ଗାଁ ସଫେଇ, ଦରିଦ୍ରନାରାୟଣ ସେବା, ଲୁଗାପଟା ବଣ୍ଟନ ଓ ସେବାକାର୍ଯ୍ୟରେ ଅଭିଜ୍ଞତା ଥିବା ବିଭିନ୍ନ ଲୋକଙ୍କର ସମ୍ଭାଷଣ ପାଇଁ ଉଦ୍ଦିଷ୍ଟ ରହୁଥିଲା ।

୧୯୪୫ରୁ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଦିନଟିର କାର୍ଯ୍ୟକ୍ରମ ବଢି ପରେ ବାଳବିକାଶ ଆନ୍ଦୋଳନରେ ପରିଣତ ହେଲା । ଏବେ ବାଳବିକାଶ କାର୍ଯ୍ୟକ୍ରମ ସାରା ପୃଥିବୀରେ ମାନବିକ ମୂଲ୍ୟବୋଧ କାର୍ଯ୍ୟକ୍ରମ ରୂପେ ପ୍ରସାରିତ ହୋଇ ଚାଲିଛି । ସେଦିନର ସଫେଇ ଦିନଟି ଥିଲା ପରବର୍ତ୍ତୀ କାଳର ସେବାଦଳ କାର୍ଯ୍ୟକ୍ରମର ଜନ୍ମଦାତା । ଏବେ ସଙ୍ଗଠନର ବିଭିନ୍ନ ସ୍ଥାନରେ ତାଲିମପ୍ରାପ୍ତ ସେବାଦଳଙ୍କ ସଂଖ୍ୟା ସହସ୍ରାଧିକ ।

କ୍ରମଶଃ ପଣ୍ଡିତମାନେ ମଧ୍ୟ ପୁଟ୍ଟପର୍ତ୍ତିରେ ପହଞ୍ଚିଲେ । ସଭାମାନଙ୍କରେ ଶାସ୍ତ୍ରଗୁଡିକରୁ ତତ୍ତ୍ୱକଥା ବୁଝାଇବାର ସୁଯୋଗ ଦେଇ ବାବା ସେମାନଙ୍କୁ ପ୍ରଚଳିତ ବିଧିମୁତାବକ ନାନା ପୁରସ୍କାର ପ୍ରଦାନ କରୁଥିଲେ । ନବମ ଦିନ ଥାଏ ସରସ୍ୱତୀ ପୂଜା । ସେଦିନ ନାନା ତେଲୁଗୁ

ଓ ସଂସ୍କୃତ ପଣ୍ଡିତ, ଏପରିକି ବାବାଙ୍କର ଭାଇ ବିଦ୍ୱାନ୍ ଶେଷମା ରାଜୁ ବି ବାବାଙ୍କ ଉପରେ ସ୍ୱରଚିତ କବିତାମାନ ଆବୃତ୍ତି କରୁଥିଲେ। ମୁଁ ବି କବି ଚୂଡ଼ାମଣିଙ୍କ ଆଗରେ ଇଂରାଜୀ ଭାଷାରେ ଗୋଟିଏ ଦୁଇଟି କବିତା ପଢ଼ିବାର ସୁଯୋଗ ପାଉଥିଲି।

ପ୍ରଭୁଙ୍କ ସମୀପକୁ ସଙ୍ଗୀତ ବିଶାରଦମାନେ ମଧ୍ୟ ଆସିବା ଆରମ୍ଭ କଲେ। ବାବା ସେମାନଙ୍କୁ ସେମାନଙ୍କ କୃତିର ନିଦର୍ଶନ ଦେଖାଇବାର ସୁଯୋଗ ଦେଉଥିଲେ। ରାଗ ଆଳାପନାରେ ବା ସଙ୍ଗୀତ ଗାନରେ କଳାକାରଙ୍କ ଭଗବତ୍-ଅନୁରାଗ ପ୍ରକାଶିତ ହେଲେ ବାବା ଭାରି ଖୁସି ହେଉଥିଲେ। ମୋର ମନେଅଛି ବାଙ୍ଗାଲୋର୍‌ର ବିଖ୍ୟାତ ଗାୟକ ହନ୍ନାପ୍ପା ଭାଗବତାର ଯେତେବେଳେ ପ୍ରଶାନ୍ତିନିଳୟମ୍‌ରେ ଥରେ ଗାଉଥିଲେ, ବାବା ନିଜର ସିଂହାସନ ଛାଡି ମଞ୍ଚ ଉପରେ ବାଦ୍ୟକାରମାନଙ୍କ ଗହଣରେ ବସିଲେ, ଆଉ ଗାନ ସରିଲା ପରେ ଗୋଟିଏ ସୁନାହାର ସୃଷ୍ଟି କରି ଆପେ ତାଙ୍କ ଗଳାରେ ଲମ୍ବାଇ ଦେଇଥିଲେ। ଏ ସୁନାହାରର କାହାଣୀ ମୁଁ ସତ୍ୟଂ ଶିବଂ ସୁନ୍ଦରମ୍‌ରେ ଲେଖିଥିଲେ ମଧ୍ୟ ଏଠି ଆଉଥରେ ଲେଖିବାର ଲୋଭ ସମ୍ବରଣ କରିପାରୁନାହିଁ। କାରଣ ଭାଗବତାରଙ୍କ ବିଡ଼ମ୍ବନା ଓ ଆନନ୍ଦପ୍ରାପ୍ତିର ମୁଁ ଥିଲି ଜଣେ ସମ୍ବେଦନଶୀଳ ମୂକଦ୍ରଷ୍ଟା।

ବାଙ୍ଗାଲୋରକୁ ଫେରିବା ବାଟରେ ହନ୍ନାପ୍ପା ଭାଗବତାର ଓ ତାଙ୍କ ବନ୍ଧୁମାନେ ବାବା ଦେଇଥିବା ସୁନାହାରର ମୂଲ୍ୟ ଓ ସୁନାର ପରିମାଣ କଳିବାରେ ଲାଗିଗଲେ। ଏହାର ମୂଲ୍ୟ କେତେଟଙ୍କା ହେବ ସେ ବିଷୟରେ ସେମାନଙ୍କ ମଧ୍ୟରେ ତର୍କବିତର୍କ ଚାଲିଲା। ବାବାଙ୍କ ଅଲୌକିକତାର ସତ୍ୟତା ସମ୍ପର୍କରେ ବି ସେମାନେ ସନ୍ଦେହ ପ୍ରକାଶ କରିବାକୁ ଛାଡିଲେ ନାହିଁ। ବାଟରେ ଗୋଟିଏ ସ୍ଥାନରେ ବଢ଼ିପାଣି ରାସ୍ତା ଉପରେ ଖୁବ୍ ଜୋର୍‌ରେ ଚାଲିଥିବାରୁ ସେମାନଙ୍କ କାର୍ ଯାଇ ନପାରି ରାସ୍ତାରେ ଅଟକି ରହିଲା। ରାତିସାରା ସେମାନେ ଗାଡ଼ି ଭିତରେ ହିଁ ବସି ରହିଲେ। ସକାଳେ ପାଣି କମିଗଲା। କାର୍ ଷ୍ଟାର୍ଟ ହେଲା। ହଠାତ୍ ସେମାନେ ଆବିଷ୍କାର କଲେ ଭାଗବତାରଙ୍କର ବେକରୁ ବାବା ଦେଇଥିବା ସୁନାହାରଟି ଅନ୍ତର୍ହିତ ହୋଇଯାଇଛି। ଯେତେ ଖୋଜିଲେ ମଧ୍ୟ ମିଳିଲା ନାହିଁ। ସେ କି ଆଉ ଫେରିବା ଧନ ? ଶେଷରେ ଭାଗବତାର ଠିକ୍ କଲେ ପୁଟ୍ଟପର୍ତ୍ତି ଫେରି ବାବାଙ୍କଠାରେ କ୍ଷମାପ୍ରାର୍ଥନା କରିବେ। ଏକଥା ସେମାନେ ଫେରି ଆସିବା ଆଗରୁ ବାବା ମୋତେ ପୁଟ୍ଟପର୍ତ୍ତିରେ କହି ସାରିଥିଲେ। ଏପରି ଜଣେ ବିଖ୍ୟାତ ଗାୟକଙ୍କ ଦୁରବସ୍ଥା ଦେଖି ମୋ ମନର ଉତ୍କଣ୍ଠା ବଢ଼ିଗଲା। ବିଚରା ଭାଗବତାର ମନ୍ଦିର ଖମ୍ବକୁ ଆଉଜି ମୁଣ୍ଡପୋତି ଠିଆ ହୋଇଥାନ୍ତି, ଆଉ କଣ୍ଠରୋଧ କରି ଉଠି ଆସୁଥିବା କୋହ ଏବଂ ଆଖିର ବନ୍ଧ

ଭାଙ୍ଗି ଉଛୁଳି ପଡିବାକୁ ପ୍ରସ୍ତୁତ ହେଉଥିବା ଲୁହକୁ ଚାପି ରଖିବାକୁ ପ୍ରାଣପଣେ ଚେଷ୍ଟା କରୁଥାନ୍ତି। ମାତ୍ର ଯେତେବେଳେ ବାବା ଆସି ପାଖରେ ଠିଆ ହେଲେ, ଝଡ଼ ଆଉ କିଛି ବାଧାବିଘ୍ନ ମାନିଲା ନାହିଁ। ବନ୍ଧ ଭୁଷୁଡ଼ି ପଡ଼ିଲା।

କେତେ ସମୟ ଯାଏ ବାବା ତାଙ୍କୁ ଥାପୁଡ଼ାଇ ଆଦର କଲେ। "କିଛି ଭୁଲ ନାହିଁ ଏଥିରେ। ଅନ୍ୟମାନେ ଯାହା କରିଥାନ୍ତେ ତୁମେ ତ ତାହା ହିଁ କଲ। ତୁମ ବନ୍ଧୁମାନେ ମଧ୍ୟ ଏଥିରେ ତୁମକୁ ଉତ୍ସାହିତ କରିଥିଲେ। ବ୍ୟସ୍ତ ହୁଅନା। ଏଥିରେ ତୁମ ପ୍ରତି ମୋର ପ୍ରେମ କମିଯାଇନାହିଁ। ସଂଶୟକୁ ମୁଁ ପ୍ରଶୟ ଦିଏ, କାରଣ ତାହାହେଲେ ଯାଇ ବିଶ୍ୱାସ ଦୃଢ ହେବ। ଆଚ୍ଛା, ଏଇ ନିଅ। ମୁଁ ଯାହା ସୃଷ୍ଟି କରେ ତାହା ମୋର ଗୋଟିଏ ଅଂଶ। ଏଣୁ ମୋ ପାଖକୁ ତାହା ଫେରି ଆସିଛି।" ବାବାଙ୍କର ପାପୁଲି ଶୂନ୍ୟରେ ବୁଲିଗଲା କେତେଥର ସଚକିତ ପଣ୍ଡିତ ଆଖିରେ ଦେଖିଲେ ହଜିଯାଇଥିବା ସୁନାହାରଟି ବାବାଙ୍କ କରତଳରେ ପୁଣି ଚକ୍ ଚକ୍ କରୁଛି।

କୋଡ଼ିଏ ବର୍ଷ ପରେ ଟାଇଡ୍‌ମ୍ୟାନ୍ ନାମକ ଜଣେ ନରୱେବାସୀଙ୍କ କ୍ଷେତ୍ରରେ ଯାହା ଘଟିଥିଲା ଏଠାରେ ତାହା ଉଲ୍ଲେଖ ନ କରି ମୁଁ ରହିପାରୁନାହିଁ। ଯେତେବେଳେ ବାଙ୍ଗଲାଦେଶର ଚିଟାଗଙ୍ଗ ବନ୍ଦରର ପୁନଃ ନିର୍ମାଣ ଯୋଜନା ହାତକୁ ନେବା ଉଦ୍ଦେଶ୍ୟରେ ସେ ବାବାଙ୍କଠାରୁ ବିଦାୟ ନେଲେ, ବାବା ଗୋଟିଏ ମୁଦି ସୃଷ୍ଟି କରି ତାଙ୍କର ଡାହାଣ ହାତର ବିଶି ଆଙ୍ଗୁଠିରେ ପିନ୍ଧାଇ ଦେଲେ। ଏହାର ଛଅ ମାସ ପରେ ଦିନେ ସେ ବାଙ୍ଗାଲୋର ପାଖ ହ୍ୱାଇଟ୍‌ଫିଲ୍ଡ଼ରେ ଥିବା ବାବାଙ୍କ ନିବାସ ଦ୍ୱାର ମୁହଁରେ ଆସି ପହଞ୍ଚିଲେ। ସେତେବେଳେ ଭଜନ ଆରମ୍ଭ ହେବାକୁ ଯାଉଥାଏ। ଟାଇଡ୍‌ମ୍ୟାନ୍ ଆସି ଭଗବନ୍ତମ୍ ଓ ମୋ ମଝିରେ ଥିବା ଖାଲି ଜାଗାରେ ବସି ପଡିଲେ। ବାବା ତାଙ୍କୁ ଚାହିଁ ପଚାରିଲେ, "ମୁଦି କାହିଁ ?" ଟାଇଡ୍‌ମ୍ୟାନ୍ ଅନୁତପ୍ତ ସ୍ୱରରେ ଉତ୍ତର ଦେଲେ, "ହଜିଗଲା" "କେଉଁଠି ?" "ଚିଟାଗଙ୍ଗ ବନ୍ଦରରେ ଗୋଟିଏ ଜାହାଜରୁ ଦଉଡି ଧରି ତଳକୁ ଆସୁଥିବାବେଳେ ମୁଦିଟି ପାଣିରେ ଖସି ପଡ଼ିଲା।" ସେ ଉତ୍ତର ଦେଲେ। "କେବେ ?" "ଫେବୃୟାରୀ ତେଇଶି।" ମୋ ପାଟିରୁ ବାହାରି ପଡିଲା, "ତିନି ମାସ ତଳେ।"

ବାବାଙ୍କର ହାତ ପାପୁଲି ଶୂନ୍ୟରେ କିଛି ସମୟ ବୁଲିଲା ପରେ ସେ ହଠାତ୍ କ'ଣ ଗୋଟାଏ ଧରିନେଲେ। ସେ ଦୁଇ ଆଙ୍ଗୁଠିରେ ତାକୁ ଟେକି ଆମକୁ ଦେଖାଇଲେ। ସେଠାରେ ଆମେ ପ୍ରାୟ ପଚାଶଜଣ ବସିଥିଲୁ। ଗୋଟିଏ ମୁଦି ! ମାତ୍ର ଏଇଟା କ'ଣ

ସେଇ ମୁଦି ? ସମସ୍ତଙ୍କ ମନରେ ଗୋଟିଏ ଅକୁହା ପ୍ରଶ୍ନ । ମୁଁ ପଚାରିବାକୁ ଯାଉଛି ଡକ୍ଟର ଭଗବନ୍ତମ୍ ଆଗ ପଚାରି ପକାଇଲେ । ବୈଜ୍ଞାନିକର କୁତୂହଳକୁ ସେ ଦମନ କରିପାରିଲେ ନାହିଁ! ବାବା ସଙ୍ଗେ ସଙ୍ଗେ ତାଙ୍କ ଆଡ଼କୁ ଚାହିଁ କହି ଉଠିଲେ, "କାହିଁକି ? ତୋର ବିଶ୍ୱାସ କ'ଣ ଏ ଯାଏ ଟାଣ ହୋଇନି ?"

ଟାଇଡ଼୍‌ମ୍ୟାନ୍ ଉଠି ବାବାଙ୍କ ପାଦ ଛୁଇଁଲେ । ତାଙ୍କର ଖୋଲା ପାପୁଲିରେ ମୁଦିଟିକୁ ରଖି ଦେଇ ବାବା କହିଲେ, "ସେଇ ମୁଦି । ମୋ ହାତରେ ହିଁ ଏଇଟା ଖସି ପଡ଼ିଥିଲା । ମୁଁ ସେ ନଈରେ ଥିଲି । ମୋର ଆଖି, ମୋର କାନ, ମୋର ମୁହଁ ସବୁଠି । ମୁଁ ସମସ୍ତଙ୍କୁ ଆବୋରି ରହିଛି ।" ଆମେ ସେଦିନ ଅପରାହ୍ଣରେ ଦେଖିଲୁ ଆମର ସଂଶୟାଚ୍ଛନ୍ନ ଆଖିରୁ ସଂଶୟର ପରଦା ଘୁଞ୍ଚାଇବା ନିମନ୍ତେ ସାଇ ଅବତାରଙ୍କ ଆଗମନର ଆଉ ଏକ ପ୍ରମାଣ ।

ଆଉ ଏକ ଦଶହରାରେ ଆସିଥିଲେ ଗାୟନପଟୁ ସରସ୍ୱତୀ ବାଇ । ସେ ରାମାୟଣ ସମ୍ପର୍କରେ ଏପରି ସୁନ୍ଦର ସଙ୍ଗୀତ ପରିବେଷଣ କରିଥିଲେ ଯେ ଶହ ଶହ ଶ୍ରୋତା ମୁଗ୍ଧ ହୋଇ ଯାଇଥିଲେ । ସତୁରୀ ବର୍ଷ ବୟସରେ ମଧ୍ୟ ତାଙ୍କ ଶରୀରର ରଜୁତା ଆଉ ସ୍ମୃତିର ନିର୍ମଳତା ଊଣା ପଡି ନଥିଲା । ତାଙ୍କୁ ବାବା ବିଦାୟବେଳରେ ଗୋଟିଏ ବନାରସୀ ଶାଢ଼ୀ ଉପହାର ଦେଇଥିଲେ । ସେଦିନ ଟିକେ ପରେ ସେ ଆମକୁ କହିଲେ ବୋଧହୁଏ ବାରହାତିଆ ଶାଢ଼ୀଟି ତାଙ୍କୁ ଅଣ୍ଟିବ ନାହିଁ । କେତେ ଜଣ ମହିଳା ନିର୍ଦ୍ଦିଷ୍ଟ ଭାବରେ କହିଲେ ସରସ୍ୱତୀ ବାଇ ଅଠରହାତିଆ ଶାଢ଼ୀ ପିନ୍ଧନ୍ତି । ବାବା ମନ ଦୁଃଖ କଲାଭଳି ଅଭିନୟ କଲେ । ଆଉ କେତୋଟି ବନାରସୀ ଶାଢ଼ୀ ବାବାଙ୍କ ପାଖରେ ଥିଲା । ସେସବୁ ପରୀକ୍ଷା କରି ବାବା 'ଦୁଃଖ' ର ସହ ପ୍ରକାଶ କଲେ ଯେ ସବୁଯାକ ୧୨ ହାତିଆ । ମାତ୍ର କେତେଦିନ ପରେ ଉପରୋକ୍ତ ବିଶିଷ୍ଟ ଗାୟିକାଙ୍କଠାରୁ ମାଡ୍ରାସରୁ ଗୋଟିଏ ଚିଠି ପାଇଲି । ସେଥିରେ ସେ ଗୋଟିଏ ଅଲୌକିକ ଘଟଣା ବର୍ଣ୍ଣନା କରିଥିଲେ । ସେ ବାବାଙ୍କ ହାତରୁ ପାଇଥିବା ଶାଢ଼ୀଟି ଖୋଲି ଦେଖିଲେ ତାହା ଖୁବ୍ ଛୋଟ । ତଥାପି ଅନ୍ତତଃ ପୂଜାବେଳେ ତାକୁ ପିନ୍ଧିବାକୁ ସେ ମନସ୍ଥ କଲେ । ମାତ୍ର ପିନ୍ଧିବାକୁ ଆଉଥରେ ଖୋଲି ସେ ଦେଖିଲେ ଶାଢ଼ୀଟି ବାବାଙ୍କ ସଙ୍କଳ୍ପରେ ଅଠରହାତ କେତେ ଇଞ୍ଚ ଲମ୍ୱ ହୋଇଯାଇଛି ।

ଆଉ ଦିନେ ଏକ ଅପରାହ୍‌ଣରେ ବିଶିଷ୍ଟ ଭାୟୋଲିନ୍ ବିଶାରଦ ବିଦ୍ୱାନ୍ ଟି.ଚଉଦିଆଙ୍କର ଅପୂର୍ବ ଭାୟୋଲିନ୍ ବାଦନ ଶୁଣିବାର ସୁଯୋଗ ଆମେ ପାଇଥିଲୁ । ଘଣ୍ଟାଏ

କାଳ ତାଙ୍କ ବାଦନ ଶୁଣିସାରି ରୂପା ସିଂହାସନରୁ ବାବା ଉଠି ଆସିଲେ ଓ ବିଦ୍ୱାନ ଚଉଦିଆଙ୍କ ପାଇଁ ଗୋଟିଏ ସୁନାର ମେଡାଲ ସୃଷ୍ଟି କରିଥିଲେ। ସଙ୍ଗୀତ ବିଶାରଦ ଉଠି ଆସି ବାବାଙ୍କ ହାତରୁ ମେଡାଲଟି ନେବାକୁ ହାତ ବଢ଼ାଇବା ମାତ୍ରେ ବାବା କହିଲେ, "ଓହୋ, ତୁମର ତ ଅନେକ ମେଡାଲ ଅଛି। ଏ ମେଡାଲରେ ମୋର ନାମ ରହିବା ଦରକାର।" ତାପରେ ମେଡାଲଟିକୁ ମୁହଁ ପାଖକୁ ନେଇ ଥରେ ଫୁଙ୍କି ଦେଲେ। ତାପରେ ବାବାଙ୍କ ଆଙ୍ଗୁଠିରୁ ସୁନାର ପଦକଟି ଯେତେବେଳେ ଝୁଲିପଡିଲା, ଆମେ ଦେଖିଲୁ ତାର ଗୋଟିଏ ପାଖରେ ସୁନ୍ଦର ଅକ୍ଷରରେ ଲେଖା ହୋଇଯାଇଛି : "ଟି ଚଉଦିଆଙ୍କୁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଦ୍ୱାରା ପ୍ରଦତ୍ତ।"

ଅଲୌକିକତାର ଶେଷ ନାହିଁ। ପ୍ରଶାନ୍ତିନିଳୟମ୍‌ରେ ସେ ଦିନଗୁଡ଼ିକ ଥିଲା ମହିମାଭରା ଦିନ। ଆମେ ସେତେବେଳେ କ୍ୱଚିତ୍ ବୁଝିଥିଲୁ ଯେ ପ୍ରଶାନ୍ତିନିଳୟମ୍‌ର ସୀମାରେଖା ନାହିଁ, କିମ୍ବା ଭଗବାନଙ୍କ ଚମତ୍କାରିତା ଭୂଗୋଳ, ଜାତି ଓ ଧର୍ମର ପରିସୀମା ମଧ୍ୟରେ ଆବଦ୍ଧ ନୁହେଁ। ଯେତେବେଳେ ବାବାଙ୍କ ମହିମାର ଝଲକ ଆମ ଆଖିରେ ପଡୁଥିଲା, ମୁଗ୍ଧ ଆଖିରେ ଆମେ ଚକିତ ହୋଇ ଦେଖୁଥିଲୁ ବାବାଙ୍କର ମହତ୍ତ୍ୱର ବ୍ୟାପ୍ତି।

ସେତେବେଳେ ବାବା ସବୁଦିନ ସମ୍ଭାଷଣ ପ୍ରଦାନ କରୁ ନଥିଲେ। ଅନେକ ଦିନ ପର୍ଯ୍ୟନ୍ତ ବାବା ଛୋଟ ସମାବେଶରେ ସାଧନା ଓ ଦର୍ଶନ ସମ୍ବନ୍ଧୀୟ ପ୍ରଶ୍ନୋତ୍ତରକୁ ହିଁ ପସନ୍ଦ କରୁଥିଲେ। ଏବେ ବି ସେ ଏପରି ଛୋଟ ପ୍ରଶ୍ନୋତ୍ତର ସମାବେଶକୁ ଅଧିକ ପସନ୍ଦ କରନ୍ତି। ଗୋଟିଏ ବିଜୟାଦଶମୀ ଉତ୍ସବର ଶେଷଦିନ ଝୁଲାରେ ବସିଥିବା ବେଳେ ବାବା ଭକ୍ତ ସମାବେଶକୁ ତାଙ୍କର ସର୍ବପ୍ରଥମ ଦିବ୍ୟ 'ସମ୍ଭାଷଣ' ପ୍ରଦାନ କରିଥିଲେ।

ସେ ବର୍ଷଟି ଥିଲା ୧୯୫୩। ସୌଭାଗ୍ୟକୁ ମୋ ପକେଟ୍‌ରେ ପେନ୍ ଥିଲା, ଆଉ ଜଣେ କେହି କେତେ ଫର୍ଦ୍ଦ କାଗଜ ମୋ ହାତକୁ ବଢ଼ାଇ ଦେଇଥିଲେ। ବାବାଙ୍କ ଭାଷଣରୁ କିଛି ମୁଁ ସେଥିରେ ଟିପି ନେଇଥିଲି। ବାବା ସେଦିନ କହିଥିଲେ, "ମୁଁ ଆଜି ପର୍ଯ୍ୟନ୍ତ ବ୍ୟକ୍ତିଗତ ଉପଦେଶ ଓ ବ୍ୟକ୍ତିଗତ ପ୍ରଶ୍ନୋତ୍ତରରେ ହିଁ ସମୟ କାଟୁଥିଲି। ଏସବୁ ଥିଲା କେତୋଟି ବିଶିଷ୍ଟ ଦୋକାନରେ ବିଶିଷ୍ଟ ଗ୍ରାହକମାନଙ୍କ ନିମନ୍ତେ ଥିବା ବିଶିଷ୍ଟ ପଦାର୍ଥ ପରି। ମାତ୍ର ଏବେ ମୁଁ ଦେଉଥିବା ସମ୍ଭାଷଣ ବିଭିନ୍ନ ଲୋକଙ୍କ ଦରକାର ହେଉଥିବା ବିଭିନ୍ନ ବସ୍ତୁ ବିକ୍ରି କରୁଥବା ବଜାର ବା ହାଟ ପରି। ତୁମ୍ଭମାନଙ୍କ ପାଇଁ ଏପରି ଏକ ସମ୍ଭାଷଣ ନୂଆ ହେଲେ ବି ଏହା ମୋ ପାଇଁ ନୂଆ ନୁହେଁ। ଏ ଅବତାରରେ ନ ହେଲେ ବି ଅନ୍ୟାନ୍ୟ ଅବତାରରେ ମୁଁ ଅନେକଥର ସାଧକ

ସମାବେଶମାନଙ୍କରେ ଉପଦେଶ ପ୍ରଦାନ କରିଛି। ଯେତେବେଳେ ନିରାକାର ନିର୍ଗୁଣ ବ୍ରହ୍ମ ସାକାର ସଗୁଣ ମଣିଷ ରୂପରେ ଆସନ୍ତି ସେତେବେଳେ ସେ ତାଙ୍କ ଅବତାରତ୍ୱର ବ୍ରତ ପୂରଣ କରିବା ନିମନ୍ତେ ଏପରି ଉପଦେଶ ଓ ଶିକ୍ଷା ପ୍ରଦାନ କରିଥାନ୍ତି।''

ଏଠାରେ ଟିକିଏ ଅଟକି ଭାବିବାର ଅନୁମତି ମିଳୁ ମୋତେ। ବାବା ଆଜି ଝୁଲାରେ ଆମକୁ ଯାହା କହିଲେ, ଶ୍ରୀକୃଷ୍ଣ ବି ସେଇକଥା ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କୁ କହିଥିଲେ। ସେତେବେଳେ ଶ୍ରୀକୃଷ୍ଣ କହିଥିଲେ, "ବହୁଯୁଗ ତଳେ ଏ ଜ୍ଞାନ ମୁଁ ବିବସ୍ୱାନଙ୍କୁ ପ୍ରଦାନ କରିଥିଲି। ଆଜି ସେଇକଥା ତୁମକୁ କହୁଛି। ଅତୀତରେ ଅନେକଥର ମୁଁ ଆସିଛି ଏଥିପାଇଁ।" ରାମକଥା ରସବାହିନୀରେ ମଧ୍ୟ ବର୍ଣ୍ଣନା ଅଛି ଶ୍ରୀରାମ ସିଂହାସନରୁ ଅନେକଥର ବଡ ବଡ ଜନସମାବେଶକୁ ଉପଦେଶ ପ୍ରଦାନ କରୁଥିଲେ।

ବାବା ସମ୍ଭାଷଣରେ ଆହୁରି କହିଲେ, "ଏ ଶରୀରର ପ୍ରଥମ ଷୋହଳ ବର୍ଷ ଲୀଳାରେ କଟିଗଲା। ତାପର ଷୋହଳ ବର୍ଷ ଏବେ ମହିମା ପ୍ରକାଶରେ କଟିବ। ବତିଶି ବର୍ଷ ପରେ ତୁମ୍ଭେମାନେ ଦେଖିବ ମୁଁ ଅଧିକରୁ ଅଧିକ ସମୟ ଦେବି ଉପଦେଶ ଓ ଶିକ୍ଷାରେ, ବିଭ୍ରାନ୍ତ ମଣିଷଜାତିକୁ ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମ ମାର୍ଗରେ ଆଗେଇ ନେବାରେ। ଏହାର ଅର୍ଥ ନୁହେଁ, ବତିଶି ବର୍ଷ ପରଠୁ ଲୀଳା ଓ ମହିମାକୁ ସଂପୂର୍ଣ୍ଣ ଭାବରେ ଦୂରେଇ ଦେବି। ତାପରଠୁ ମଣିଷର କୁଟିଳ ମନକୁ ସଜାଡ଼ି ଧର୍ମର ପୁନଃପ୍ରତିଷ୍ଠା ଓ ମଣିଷକୁ ସନାତନ ଧର୍ମ ମାର୍ଗରେ ପୁନଃସଂସ୍ଥାପନ ମୋର ମୁଖ୍ୟ କର୍ମ ହେବ।''

ମାତ୍ର ସାଇଶ୍ୱର ଏପରି ଦୟାଳୁ ଓ କୃପାଘନ ଯେ ୩୨ ବର୍ଷରୁ ହିଁ ତାଙ୍କର ଉପଦେଶ ପ୍ରଦାନ ଆରମ୍ଭ ହେବ ବୋଲି ଘୋଷଣା କଲେ ବି ୫ବର୍ଷ ଆଗରୁ (ବାବାଙ୍କର ବୟସ ସେତେବେଳେ ୨୭) ସେ ଉପଦେଶ ଆରମ୍ଭ କରି ଦେଇଥିଲେ। ଝୁଲା ସରିଲା ପରେ ଆଗଥର ପରି ମହିଳା ଭକ୍ତମାନେ ବାବାଙ୍କର ସୁଦୀର୍ଘ ଆରତି କରିବାକୁ ବାହାରି ଆସିଲେ। ଏଥିରେ ଗୋଟାଏ ବହୁସ୍ତରର ଦୀପ ବାବାଙ୍କ ଆଗରେ ୧୦୮ଥର ବୁଲାଯାଏ, ବାବାଙ୍କୁ ଫଳ ଓ ପୁଷ୍ପ ଅର୍ପଣ କରାଯାଏ। ମହିଳା ଭକ୍ତମାନେ ଆରତି ବନ୍ଦନା ଗାଉଥାନ୍ତି।

ସେ କାଳରେ ନଭେମ୍ବରରେ ପାଳନ କରାଯାଉଥିବା ଜନ୍ମଦିନ ଉତ୍ସବ ଥିଲା ଏକ ଆନନ୍ଦ-ମୁଖର ପାରିବାରିକ ଭେଟ। ସେଦିନ ବାବା ଅନ୍ୟସବୁ ଦିନମାନଙ୍କଠାରୁ ଆମର ଅଧିକ ଆପଣାର, ଅଧିକ ପ୍ରାଣପ୍ରିୟ ହୋଇ ଉଠୁଥିଲେ। ସେ ଥିଲେ ଆମର ଜୀବନଧନ। ସେଦିନ ତାଙ୍କଠାରେ ଆମର ଭକ୍ତି, ପ୍ରେମ ଓ ଆପଣାରପଣିଆ ପ୍ରକାଶ କରିବା ପାଇଁ ସେ

ଆମକୁ ସ୍ୱାଧୀନତା ଦେଉଥିଲେ। ପ୍ରଶାନ୍ତିନିଳୟମ୍‌କୁ ଆସିବା ପରେ ମଧ୍ୟ କେତେବର୍ଷ ବାବା ତାଙ୍କ 'ଭଉଣୀ' ମାନଙ୍କ ଘରକୁ ଯାଉଥିଲେ ଓ ପିତାମାତାଙ୍କ ସାଙ୍ଗରେ ଭୋଜନ କରୁଥିଲେ। ମାତ୍ର ପରେ ସେମାନଙ୍କୁ ପ୍ରଶାନ୍ତିନିଳୟମ୍‌କୁ ଖାଇବା ଜିନିଷ ଆଣିବାକୁ ପଡ଼ିଲା।

ଜନ୍ମଦିବସର ପ୍ରାତଃକାଳରେ ବାବା ମନ୍ଦିର ଭିତର ପଶ୍ଚିମ ମଣ୍ଡପରେ ଯାଇ ବସୁଥିଲେ। ସେଇଠି ଶିରଡି ମୂର୍ତ୍ତି ମଧ୍ୟ ପ୍ରତିଷ୍ଠିତ ଥିଲେ। ମାତ୍ର ସେଦିନ ଶିରଡି ମଣ୍ଡପରେ ବାବାଙ୍କ ପାଇଁ ଜାଗା ଛାଡ଼ି ଦେଉଥିଲେ। ସେ ମଣ୍ଡପ ଉପରକୁ ବାପା ମା, ବଡ଼ଭାଇ ଓ ଭାଉଜ ଏବଂ କେତେଜଣ ବୟସ୍କ ଭକ୍ତ ସେମାନଙ୍କ ପତ୍ନୀମାନଙ୍କ ସହିତ ଜଣକ ପରେ ଜଣେ ଯାଇ ବାବାଙ୍କ ମସ୍ତକରେ ଟୋପାଏ ଦିଟୋପା ତେଲ ଘଷି ଆସୁଥିଲେ। ତୈଳସ୍ନାନର ଏହା ଥିଲା ଏକ ସାଙ୍କେତିକ କର୍ମ। ଦକ୍ଷିଣ ଭାରତରେ ଜନ୍ମଦିନ ତଥା ଅନ୍ୟାନ୍ୟ ଶୁଭଦିନମାନଙ୍କରେ ତୈଳସ୍ନାନ ଏକ ଭାରି ମଙ୍ଗଳକର ବିଧି।

ତୈଳ ମର୍ଦ୍ଦନ ଓ ସ୍ନାନ ଦେହ ପକ୍ଷରେ ହିତକାରକ। ସବୁଦିନ ନହେଲେ ବି ଅନ୍ତତଃ ମାସକୁ ଥରେ ତୈଳସ୍ନାନ କରିବା ଆବଶ୍ୟକ। ବାବା ମଧ୍ୟ ପିଲାଦିନେ ଏ ବିଧି ପାଳୁଥିଲେ। ପରେ ଭକ୍ତମାନଙ୍କର ଏକାନ୍ତ ଅନୁରୋଧରେ ବାବା ୧୯୬୦ ପର୍ଯ୍ୟନ୍ତ ଏ ସାଙ୍କେତିକ ବିଧି ସ୍ୱୀକାର କରିଥିଲେ। ମାତ୍ର ୧୯୬୦ ପରେ ଏହା ବନ୍ଦ ହୋଇ ଯାଇଥିଲା।

ଏଠାରେ ମୋର ମନେପଡୁଛି କେତୋଟି ଲୋଭନୀୟ ଦିନର ସ୍ମୃତି। ନିୟମିତ ନ ହେଲେ ବି ବାବା କେବେ କେବେ ତୈଳମର୍ଦ୍ଦନ କରି ସ୍ନାନ କରୁଥିଲେ। ଏ ପବିତ୍ର ଉତ୍ସବରେ ଆମେ କେତେଜଣ ଅଂଶ ଗ୍ରହଣ କରିବାର ସୌଭାଗ୍ୟ ଲାଭ କରୁଥିଲୁ। ଏହା ଆମ ପାଇଁ ଥିଲା କୃପା-ଉପହାର। ଏଥିପାଇଁ ମନ୍ଦିର ପରିସର ମଧ୍ୟରେ ଥିବା କୁଟୀରମାନଙ୍କ ମଧ୍ୟରୁ ଗୋଟିଏ ବଡ଼ ଘର ଠିକ୍ କରାଯାଉଥିଲା। ସ୍ନାନଦିବସର ଦିନେ ଆଗରୁ ଭକ୍ତମାନେ ଏହାକୁ ସଫାସୁତୁରା କରୁଥିଲେ। ସଜ ପତ୍ରମାଳ ଝୁଲାଉଥିଲେ। ଚଟାଣରେ ମୁରୁଜ ଦିଆଯାଉଥିଲା। ବାବା ପ୍ରାୟ ସକାଳ ନଅଟାରେ ମନ୍ଦିରରୁ ବାହାରି ସେ ଘରକୁ ଆସୁଥିଲେ। ତା ଭିତରେ ଆମେ ଚାରି-ପାଞ୍ଚଜଣ ପୁରୁଷଲୋକ କେବଳ ରହୁଥିଲୁ। ସୁବାସିତ ତେଲ ଗୋଟିଏ ରୂପା ପାତ୍ରରେ ରଖା ଯାଉଥିଲା। ପାତ୍ରଟି ବାହାରେ ଠିଆ ହୋଇଥିବା ବୟସ୍କ ବାପା-ମାଆମାନଙ୍କ ପାଖକୁ ନିଆଯାଉଥିଲା। ସମସ୍ତେ ପାତ୍ରଟିକୁ ଭକ୍ତି ଓ ପ୍ରାର୍ଥନା ସହ ସ୍ପର୍ଶ କରୁଥିଲେ। ସେ ପାତ୍ରର ତେଲସବୁ ବ୍ୟୋମକେଶରେ ଅଜାଡି ବେଶ୍ ସଜୋରେ ମର୍ଦ୍ଦନ କରାଯାଉଥିଲା। ଏଥିପାଇଁ ଯେଉଁ କୌଶଳ ଓ ବଳ ଦରକାର ତାହା କେବଳ ଜଣେ ଦୁଇଜଣଙ୍କର ଥିଲା। ଅନ୍ୟମାନେ

ବାବାଙ୍କ ପିଠି, ହାତ ଓ ପାଦରେ ତେଲ ମାଲିସ୍ କରୁଥିଲେ। ଏହି ସମୟରେ ଗୋଟିଏ ବିରାଟ ପିତ୍ତଳ ହଣ୍ଡାରେ ଗରମ ପାଣି ଭର୍ତ୍ତି କରାଯାଉଥିଲା। ଆମେ ସେତେବେଳେ ତାଙ୍କର କୃଷ୍ଣାବତାର ଗୋକୁଳ ବାଳକ ସାଙ୍ଗ ସବୁ ଥିଲୁ। ଆମେ ଦୁଇଜଣ ମୁଣ୍ଡ ଓ ଦେହରୁ ତେଲ ଚିକିଟା ଛଡ଼ାଇବା ପାଇଁ ମୁଗ୍ଧା ମଞ୍ଜା ବଟା ଘଷୁଥିଲୁ। ଅନ୍ୟମାନେ ଗରମ ପାଣି ଆଣି ଢାଳୁଥିଲେ। ଚିକିଟା ଛାଡିଗଲା ପରେ ପୁଣି ସାବୁନ ଲଗା ଯାଉଥିଲା। ଏ ସମୟ ମଧ୍ୟରେ ବାବା ମଜା ମଜା କଥା କହି ଥଟ୍ଟା ପରିହାସ କରି ଆମକୁ ଖୁବ୍ ହସାଉଥିଲେ। ଶେଷରେ ଶୁଖିଲା ଗାମୁଛାରେ ଶ୍ରୀଅଙ୍ଗକୁ ପୋଛୁଥିଲୁ।

ତାପରେ ପାଖ କୋଠରୀକୁ ଯିବାପାଇଁ ବାବା ପ୍ରସ୍ତୁତ ହେଉଥିଲେ। ସେଠାରେ ସିଲ୍କ ଧୋତି ଓ ଅଙ୍ଗାଭରଣ ପିନ୍ଧି କିଛି ସମୟ ବିଶ୍ରାମ କରୁଥିଲେ। ବେଳେବେଳେ ଟିକିଏ କମଳାରସ ପିଉଥିଲେ। ସୁବାସିତ ଧୂପ ପବନରେ କେଶରାଶିକୁ ଶୁଖାଇ, କୁଣ୍ଡାଇ ସଜାଡି ଦେଉଥିଲେ। ଘର ଭିତରେ ଆମେ ଶ୍ରୀଅଙ୍ଗର ମାଜଣାରେ ଲାଗିଥିଲାବେଳେ ବନ୍ଦ କବାଟ ବାହାରେ ବ୍ରହ୍ମଶ୍ରୀ କାମାବଧାନି ନମକ ଚମକ ପାଠ କରୁଥିଲେ। ଏ ସ୍ତୋତ୍ର ଶିବସ୍ନାନବେଳେ ପାଠ କରାଯାଏ। କାମାବଧାନି ବାବାଙ୍କୁ ଶିବ ସ୍ୱରୂପ ବୋଲି ଜ୍ଞାନ କରୁଥିବାରୁ ନମକ ଚମକ ପାଠ କରିବାର ଏ ଅପୂର୍ବ ସୁଯୋଗ କେବେ ଛାଡୁ ନଥିଲେ। ତାପରେ ବାବା ବାହାରି ଦର୍ଶନ ଦେବା ନିମନ୍ତେ ଭଜନ ମନ୍ଦିର ଭିତରେ ପ୍ରବେଶ କରୁଥିଲେ।

'ବୟସ୍କ ଭକ୍ତ' ମାନଙ୍କ ମଧ୍ୟରେ ମୁଁ ଜଣେ ଥିଲି। ତେଣୁ ପ୍ରଶାନ୍ତିନିଲୟମ୍‌ରେ ଯେବେ ପ୍ରଥମ ଜନ୍ମ ଦିବସ ପାଳିତ ହେଲା , ତାଙ୍କ ମସ୍ତକରେ ତୈଳ ମର୍ଦ୍ଦନ କରିବାର ସୌଭାଗ୍ୟ ମୁଁ ପାଇଥିଲି। ମଣ୍ଡପ ଉପରକୁ ପୁରୁଷମାନଙ୍କ ପଟରୁ ମୁଁ ଉଠିଲି, ଆଉ ନାରୀମାନଙ୍କ ପଟରୁ ମୋ ସ୍ତ୍ରୀ।

ଉଠି ଠିଆ ହେଲା ବେଳକୁ ମୋ କାନରେ ବାଜିଲା ସଇତାନର ଫୁସ୍ ଫୁସ୍ ଉପଦେଶ- " ଏହା ଗୋଟିଏ ପରମ ସୁଯୋଗ। ଏବେ ଭଲ କରି ଦେଖିନିଅ ତାଙ୍କ ମୁଣ୍ଡରେ ଏସବୁ ପ୍ରକୃତ କେଶ, ନା ଗୋଟିଏ କେଶର ଟୋପି" । ଉପଦେଶ ଆସୁଥିଲା ମୋ ପାଖରେ ବସିଥିବା ମୋର ଜଣେ ବହୁଦିନର ପରିଚିତ ବନ୍ଧୁଙ୍କଠାରୁ। ସେ ବାଙ୍ଗାଲୋରର ଗୋଟିଏ ବ୍ୟାଙ୍କର ମ୍ୟାନେଜର, ଆଉ ତାଙ୍କରି ଶାଖାରେ ମୋର ତେଲ ଲୁଣର ହିସାବ ଗଚ୍ଛିତ ଥିଲା। କେଶର ଟୋପି ଖଞ୍ଜୁଥିବା ଓ ବାହାର କରୁଥିବା କେତେ ବେଶଘରେ ମୁଁ ଚଳପ୍ରଚଳ କରିଛି, ମୁଁ ନିଜେ ମଧ୍ୟ ନାନା ରକମର ଟୋପି ପିନ୍ଧି ସୁର୍ପଣଖା, ଶ୍ରୀମତୀ ମାଲାପ୍ରପ୍ ବ୍ରୁଟସ୍, ଆଉରଙ୍ଗଜେବ,

ବିଦ୍ୟାରଣ୍ୟ ଓ ବ୍ରହ୍ମା ପାଳଟିଛି। ତେଣୁ ମଣ୍ଡପ ଉପରକୁ ଉଠିଲା ବେଳେ ପେଣ୍ଡୁଲମ୍‌ର ହାତଟି ବିଶ୍ୱାସ ଓ ସଂଶୟ ମଧ୍ୟରେ ଦୋଳାୟିତ ହେବା ଆରମ୍ଭ କରିଦେଲା। ମୁଁ ଶେଷ ମୁହୂର୍ତ୍ତରେ ସଇତାନର ଉପଦେଶ ମାନିବାକୁ ନିଷ୍ପତ୍ତି କଲି। ଯଦି ସମ୍ଭବ, ବାବାଙ୍କ କେଶକୁ ଟାଣି ଦେଖିବି ତାହା ସତ କି ମିଛ! ମୋ ପତ୍ନୀ ମୁଣ୍ଡରେ ସୁଗନ୍ଧିତ ତେଲ କେତେଟୋପା ଢାଳିଲା। ମୁଁ ହାତରେ ମର୍ଦ୍ଦନ କରୁ କରୁ ମୁଠାଏ ବାଳକୁ ଧରି କଣେଇ କରି ଟିକିଏ ଟାଣି ଦେଲି। ଆମକୁ ସୁବିଧା ହେବ ବୋଲି ବାବା ମୁଣ୍ଡ ନୋଇଁ ବସିଥାନ୍ତି। ମୋ ଦୁର୍ବିନୀତ ଦୁଃସାହସର ଟାଣ ଯେତେବେଳେ ସେ ଅନୁଭବ କଲେ, ଚୁପ୍ ଚୁପ୍ ମତେ କୁହିଲେ, "ହଁ, ଏଥର ସେ ପାଖକୁ ବଙ୍କେଇ ଟାଣିଦେ।" ମୋ ତାଳୁରୁ ତଳିପା ଯାଏ ଭୟ ଚହଟି ଗଲା। କି କଲି, କି କଲି ଭାବି ନିଜକୁ ଶାପ ଦେବାରେ ଲାଗିଗଲି। ମୋ ଅବସ୍ଥା ଦେଖି ମୋ ସ୍ତ୍ରୀ ଭାବୁଥାଏ - ୟାଙ୍କର କ'ଣ ହେଲା ହଠାତ୍! ମର୍ଦ୍ଦନ ସରିଲା। ଝାଳନାଳ ହୋଇ, ମୁଣ୍ଡ ତଳକୁ ପୋତି ଯାଇ ପୁଣି ସେ ସାପ ପାଖରେ ବସିପଡିଲି। ଏବେ ବି ବାବା ବେଳେବେଳେ ଭକ୍ତ ସମାବେଶରେ ମୋର ପରୀକ୍ଷା କାହାଣୀଟି କହି ଉଦ୍ଦାମ ହାସ୍ୟରୋଳ ସୃଜିଥାନ୍ତି। ସେତେବେଳେ ଲଜ୍ଜାରେ ମୁଁ ମରିଯାଏ।

ତୈଳମର୍ଦ୍ଦନ ଉତ୍ସବ ପରେ ସମସ୍ତେ ମଣ୍ଡପ ଉପରକୁ ଯାଇ ବାବାଙ୍କ ଗଳାରେ ଫୁଲମାଳ ଗୋଟିଏ ଗୋଟିଏ ଲମ୍ବାଇଲେ। କେତେକ ସେମାନଙ୍କ ବାଳସାଇ, ଟିନ୍ନି ସାଇଙ୍କ ପାଇଁ କିଛି କିଛି ଉପହାର ମଧ୍ୟ ଆଣିଥିଲେ। ଏ ଉପହାର ଭିତରେ ଥାଏ ମିଶିରି ଖଣ୍ଡ, କାଜୁବାଦାମ, ଆପ୍ରିକଟ୍ କୋଳି, କଣ୍ଢେଇ, ଖେଳନା ଗାଡ଼ି, ଖେଳନା ଜାହାଜ, ରଥ, ନାନାପ୍ରକାରର ମୂର୍ତ୍ତି, ପାନିଆ, ଦର୍ପଣ, ବଂଶୀ, ବିଗୁଲ ଆଦି। ଏସବୁ ଦାତାର ନିର୍ମଳ ପ୍ରେମ ଓ ଗ୍ରହୀତାଙ୍କର ପରମ ଉଦାରତାର ସୂଚନା ମାତ୍ର। ପ୍ରତିଟି ପୁଡିଆ ଖୋଲା ହୋଇ ଉପହାର ସାମଗ୍ରୀ ବାହାର କଲାବେଳେ ସାରା ହଲ୍ ଭିତରେ ଆନନ୍ଦର ଗୁଞ୍ଜରଣ ଖେଳି ଯାଉଥାଏ। ଉପହାର ଦେଖି ବାବା ଯେତେବେଳେ ଦାତାର ଭକ୍ତିକୁ ସ୍ୱୀକାର କରୁଥାନ୍ତି ଓ ସନ୍ତୋଷ ପ୍ରକାଶ କରୁଥାନ୍ତି, ସେମାନଙ୍କ ହୃଦୟ ଭରି ଉଠୁଥାଏ। ମାତ୍ର ବାବା ଯେତେବେଳେ ଦେଖିଲେ ପ୍ୟାକେଟ ଭିତରୁ ବାବାଙ୍କୁ ଯେତିକି ବୟସ ହେଲା ସେତିକି ପରିମାଣର ଟଙ୍କା ବାହାରିଲା, ବାବା ଏ ଉପହାର ବ୍ୟବସ୍ଥା ବନ୍ଦ କରିଦେଲେ। କାରଣ ଏହାଦ୍ୱାରା ନିର୍ମଳ ଶ୍ରଦ୍ଧା ଓ ଭକ୍ତିର ବନ୍ଧନ କଳୁଷିତ ହୋଇଗଲା।

ସେ ସମୟରେ ବାବା ପ୍ରତିବର୍ଷ ଜନ୍ମଦିନରେ ବୁକ୍‌କାପଟ୍ଟନମ୍‌ର ସତ୍ୟସାଇ ବାବା ହାଇସ୍କୁଲ ପରିଦର୍ଶନରେ ଯାଉଥିଲେ। ବାବା ପିଲାଦିନେ ଏ ସ୍କୁଲର ଛାତ୍ର ଥିଲେ। ଏଣୁ

ପରବର୍ତ୍ତୀ କାଳରେ କେତେଜଣ ଭକ୍ତ କିଛି ଟଙ୍କା ସଂଗ୍ରହ କରି ଏଠାରେ ଗୋଟିଏ ପ୍ରଶସ୍ତ ପ୍ରାସାଦ ଠିଆ କରିଥିଲେ। ଏ ସ୍କୁଲଟି ଅନନ୍ତପୁରରେ ଥିବା ଜିଲ୍ଲା ବୋର୍ଡ ଅଧୀନରେ ଥିଲେ ମଧ୍ୟ ଅନେକ ବର୍ଷ ପର୍ଯ୍ୟନ୍ତ ବାବା ଏହାର ପରିଚ୍ଳନା କମିଟିର ସଭାପତି ଥିଲେ। ଏ ସ୍କୁଲଟି ନିଜ ଗୋଡ଼ରେ ଠିଆ ହେବା ଯାଏ ବାବା ଏହାର ତତ୍ତ୍ୱାବଧାନ କରୁଥିଲେ।

ବୁକ୍କାପଟ୍ଟନମ୍‌ରେ ପହଞ୍ଚିବାକୁ ବାବା ଚିତ୍ରାବତୀ ବାଲିରେ ଚ୍ଲି ଚ୍ଲି, ମଝିରେ ଗୋଟିଏ ଅଣଓସାରିଆ ପାଣି ସୁଅକୁ ଟପି ସେପଟକୁ ଯାଉଥିଲେ। ତାପରେ କାର୍‌ରେ ବସି ବାକୀ ବାଟତକ ଅତିକ୍ରମ କରୁଥିଲେ। ସେଠୁ ବୁକ୍କାପଟ୍ଟନମ୍ ଥିଲା ମାତ୍ର ତିନିମାଇଲ୍। ବାବାଙ୍କ ଗାଡ଼ି ପଛରେ କେତେକ ଭକ୍ତଙ୍କ ଗାଡ଼ି ମଧ୍ୟ ଯାଉଥିଲା। ସ୍କୁଲରେ ପିଲାଙ୍କ ଭଜନ ପରେ ସେମାନଙ୍କୁ କିଛି ଉପଦେଶ ଦେଉଥିଲେ। ସେତେବେଳେ ସ୍କୁଲର ବିଦ୍ୟାର୍ଥୀଙ୍କ ସଂଖ୍ୟା ଥିଲା ୩୦୦। ସମ୍ଭାଷଣ ପରେ ବାବା ପ୍ରଧାନଶିକ୍ଷକଙ୍କ ହାତରେ ସ୍କୁଲ ପାଇଁ ତାଙ୍କର ଜନ୍ମଦିନ ଉପହାର ପ୍ରଦାନ କରୁଥିଲେ। ମୋର ମନେଅଛି, ବର୍ଷେ ବାବା ସ୍କୁଲ ଲାଇବ୍ରେରୀ ପାଇଁ ପ୍ରଚୁର ପୁସ୍ତକ ଦାନ କରିଥିଲେ। ଆଉ ବର୍ଷେ ଗୋଟିଏ ରେଡିଓ ଏବଂ ତା ପରବର୍ଷ ସ୍କୁଲ କିଛି ବାଦ୍ୟଯନ୍ତ୍ର ବାବାଙ୍କଠାରୁ ଲାଭ କରିଥିଲା।

ସ୍କୁଲରେ ବାବାଙ୍କ ସମ୍ଭାଷଣ ପରେ ବାବା ସାଧାରଣତଃ ପ୍ରଶାନ୍ତିନିଳୟମ୍‌ରେ ଜନ୍ମଦିନ ଭୋଜିରେ ଯୋଗ ଦେବା ପାଇଁ ବିଦ୍ୟାର୍ଥୀମାନଙ୍କୁ ଡାକିଥାନ୍ତି। ପ୍ରଶାନ୍ତିନିଳୟମ୍ ସେଠାରୁ ପ୍ରାୟ ତିନି ମାଇଲ ଦୂର ହୋଇଥିବାରୁ ଛାତ୍ରଛାତ୍ରୀମାନଙ୍କୁ ଚିତ୍ରାବତୀର ପୂର୍ବ କୂଳ ଯାଏ ଭକ୍ତମାନଙ୍କର ପାଞ୍ଚଛଅଟି ଗାଡ଼ି ବୋହି ନେଇଥାଏ। ବାବା ଆଗ ଜିପ୍‌ରେ ଯାଇ ଚିତ୍ରାବତୀ ସେପଟେ ଥିବା କର୍ଣ୍ଣାଟନାଗପଲ୍ଲୀ ଗାଁର ତୋଟାରେ ଗଛ ଛାଇରେ ସବୁଜ ପତ୍ରର ଗାଲିଚ୍ ଉପରେ ବସି ଅପେକ୍ଷା କରନ୍ତି। ସେଠାରେ ସବୁ ଛାତ୍ରଛାତ୍ରୀ ଓ ଶିକ୍ଷକ ଆସି ଜମାହେବା ପର୍ଯ୍ୟନ୍ତ ବାବା ଆମକୁ ବସାଇ କୋଳି ଖୁଆନ୍ତି। କାର୍ ଓ ଜିପ୍ ସମସ୍ତଙ୍କୁ ସ୍କୁଲରୁ ଆଣିବା ପାଇଁ ପ୍ରାୟ ପାଞ୍ଚ-ଛଅଥର ଯିବା ଆସିବା କରେ। ତାପରେ ବାବାଙ୍କ ସହ ଆମେ ସମସ୍ତେ ଚିତ୍ରାବତୀର ତାତିଲା ବାଲି ଉପରେ ଚ୍ଲି ଚ୍ଲି ପ୍ରଶାନ୍ତିନିଳୟମ୍ ଆସୁ। ପରେ ମରୁଡି ରିଲିଫ୍ କାର୍ଯ୍ୟକ୍ରମ ଯୋଜନାରେ (କାମ ବଦଳରେ ଖାଦ୍ୟ) ଯେତେବେଳେ ଚିତ୍ରାବତୀ ଉପରେ ଗୋଟିଏ ଖରାଦିନିଆ ରାସ୍ତା ତିଆରି ହେଲା, ବାବାଙ୍କ ଜିପ୍ ପ୍ରଶାନ୍ତିନିଳୟମ୍‌ରୁ ସିଧା ବୁକ୍କାପଟ୍ଟନମ୍ ପର୍ଯ୍ୟନ୍ତ ଯାଉଥିଲା। ଗାଡିରୁ ଓହ୍ଲାଇ ବାବାଙ୍କୁ ପାଣି ଓ ବାଲିରେ ପଶି ଚିତ୍ରାବତୀ ପାର ହେବାକୁ ପଡିଲା ନାହିଁ।

ମନ୍ଦିରରେ ଜନ୍ମାଷ୍ଟମୀ ମଧ୍ୟ ପାଳନ କରାଯାଉଥିଲା । ମନ୍ଦିରର ପ୍ରାର୍ଥନା କକ୍ଷରେ ସମସ୍ତଙ୍କ ଆଖି ଲାଖି ରହୁଥିଲା ଗୋଟିଏ ପାଞ୍ଚଫୁଟ ଉଚ୍ଚ ସୁନ୍ଦର ବେଣୁଗୋପାଳ ମୂର୍ତ୍ତିଙ୍କଠାରେ । ଜନ୍ମାଷ୍ଟମୀ ଦିନ ବାବା କୃଷ୍ଣଙ୍କୁ ନବବସ୍ତ୍ର ପିନ୍ଧାନ୍ତି ଓ ଦେହରେ ଉତ୍ତରୀୟ ଭାବରେଏକ ସୁନ୍ଦର ସୁନାଜରିଦିଆ ପୀତାମ୍ବର ପକାନ୍ତି । ପ୍ରତିବର୍ଷ କାନ, ବାହୁ, କାନ୍ଧ କଚଟିର ଅଳଙ୍କାରମାନ ମଧ୍ୟ ବଦଳାନ୍ତି । ନବବସ୍ତ୍ର ଓ ନବ ଅଳଙ୍କାର ପିନ୍ଧି ବେଣୁଗୋପାଳ ଜକ୍‌ଜକ୍ ଦିଶନ୍ତି । କୃଷ୍ଣଙ୍କ ଗଳାରେ ପାଞ୍ଚ ସାତ ସରି ମୁକ୍ତା ଓ ରତ୍ନମାଳ ଝୁଲାଇ ଦେଲା ପରେ ପ୍ରଭୁଙ୍କର ବକ୍ଷଦେଶର ଇନ୍ଦ୍ରଧନୁ ଶୋଭା ମନପ୍ରାଣ ମୋହିଦିଏ । ନିଳୟମ୍‌ର ଗୋରୁଗାଈମାନଙ୍କୁ ସେଦିନ ଭଲରୂପେ ଧୋଇ ଦିଆଯାଏ ଓ ସେମାନଙ୍କ ପିଠିରେ ଭେଲ୍‌ଭେଟ କନାର ଘୋଡ଼ଣୀ ପକାଯାଏ । ଶିଂଘଗୁଡିକୁ ନାଲି, ସବୁଜ ବା ହଳଦିଆ ରଙ୍ଗରେ ରଞ୍ଜିତ କରାଯାଏ । ଖୁରାରେ ହଳଦୀ ଓ ମସ୍ତକରେ କୁଙ୍କୁମଟୋପା ଲଗାଇ, ବେକରେ ଘାଗୁଡିମାଳ ପିନ୍ଧି ସେମାନେ ବଡ ଆନନ୍ଦରେ ଟହଲୁଥାନ୍ତି ।

ଅପରାହ୍ଣରେ ବେଣୁଗୋପାଳ ନଗର ବୁଲି ବାହାରନ୍ତି । ଆଗରେ ତାଙ୍କର ରୁଣୁଝୁଣୁ ଗୋଧନ ଚାଲନ୍ତି ଡେଇଁ ଡେଇଁ । ବେଣୁଗୋପାଳ ଭକ୍ତଙ୍କ କାନ୍ଧରେ ବୁହା ହୋଇ ଯେବେ ବାହାରନ୍ତି, ବାବା ମଧ୍ୟ ତାଙ୍କ ସାଙ୍ଗରେ ଆସନ୍ତି । ଏ ଶୋଭାଯାତ୍ରା ନିଳୟମ୍ ଭିତରେ ଥିବା ପୂର୍ବ, ପଶ୍ଚିମ ଓ ଦକ୍ଷିଣ ସାହିରେ ବୁଲାଇଲା ବେଳେ ବେଣୁଗୋପାଳ ପ୍ରତି ଘର ଆଗରେ ଅଟକି ଆଳତି ଗ୍ରହଣ କରନ୍ତି, କେହି ବାବାଙ୍କୁ ଫୁଲମାଳ ଅର୍ପଣ କଲେ ବାବା ତଳେ ଠିଆ ହୋଇ ଫୁଲମାଳଟିକୁ ଏପରି ଭାବରେ କୃଷ୍ଣଙ୍କ ଉପରକୁ ଫିଙ୍ଗନ୍ତି ଯେ ତାହା ଶୂନ୍ୟରେ ଚକ୍ର ପରି ବୁଲି ବୁଲି ଯାଇ ତାଙ୍କ ବେକରେ ଗଳିଯାଏ । ଏ ସମୟରେ ବାବା ଭକ୍ତମାନଙ୍କର ଆକୁଳ ପ୍ରାର୍ଥନା ସ୍ୱୀକାର କରି ସେମାନଙ୍କ ଘର ଭିତରେ ପାଦ ପକାଇ ସେମାନଙ୍କୁ ଆଶୀର୍ବାଦ କରିଥାନ୍ତି ।

ଜନ୍ମାଷ୍ଟମୀ ଦିନ ଭାରତର ପ୍ରତ୍ୟେକ ଘରେ କୃଷ୍ଣଙ୍କର ଆରାଧନା ଅନୁଷ୍ଠିତ ହୋଇଥାଏ । ପିଲାଦିନେ ବାଳକୃଷ୍ଣଙ୍କର ପ୍ରିୟ ଖାଦ୍ୟ ଥିଲା ସର, ଲହୁଣୀ ଓ ଦହି । ଏଣୁ ସେଦିନ ପୂଜାମଣ୍ଡପରେ ଏହା ହିଁ ଭୋଗ ଲଗାଯାଏ । ମୋର ମନେଅଛି ପ୍ରଶାନ୍ତି ନିଳୟମ୍‌ରେ ମୁଁ, ବୋଉ, ମୋର ସ୍ତ୍ରୀ ଓ ଝିଅ ଗୋଟିଏ ଅସ୍ଥାୟୀ ଘରେ ରହୁଥିଲା ବେଳେ ଦିନେ ଜନ୍ମାଷ୍ଟମୀରେ ବାବା ବେଣୁଗୋପାଳଙ୍କୁ ଧରି ସେ ଘର ଆଗରେ ଆସି ପହଞ୍ଚିଲେ । ସେତେବେଳେ ଆମେ ଯେଉଁ ଘରେ ରହୁଥିଲୁ ତାକୁ କାହିଁକି କେଜାଣି ମରାମତ ଓ ସୁଦୃଶ୍ୟ କରାଯାଉଥିଲା । ଏଣୁ ଆମେ ବାବାଙ୍କ ପ୍ଲାଇମାଉଥ୍ ଗାଡ଼ି ସହିତ ଗରାଜରେ ରହୁଥିଲୁ । ବାବା ମତେ 'ପ୍ଲାଇ-ମାଉଥ' ନାମ ଦେଇଥିଲେ, କାରଣ ମୋର ପ୍ରଗଲ୍‌ଭତା ଦିନକୁ ଦିନ ବଢ଼ିବାରେ ଲାଗିଥିଲା ।

ବାବା ଗରାଜ ଭିତରକୁ ଆସିଲେ। ମୋ ବୋଉ ବାବାଙ୍କ ଆଗରେ ମିଠା କ୍ଷୀର ଗିଲାସେ ଓ ଟିକେ ଲହୁଣୀ ନେଇ ରଖିଲା । ବୋଉକୁ ନିରାଶ ନ କରି ବାବା ଗିଲାସରେ ଆଙ୍ଗୁଠି ଟିପଟି ବୁଡ଼ାଇ ନିଜ ପାଟି ଭିତରେ ଛିଞ୍ଚି ଦେଲେ, ଯେମିତି ଟୋପେ କ୍ଷୀର ପାଟିରେ ପଡିବ। "ଢେଙ୍କେମା, ଗୋକୁଳରେ ଥିଲା ବେଳେ ମୁଁ ହାଣ୍ଡି ହାଣ୍ଡି କ୍ଷୀର ଚୋରି କରି ପିଇଛି। ଏବେ ଆଉ କ୍ଷୀର ପିଇବାକୁ ଇଚ୍ଛା ନାହିଁ", ବାବା ବୋଉକୁ କହିଲେ। ବାବା ବୋଉକୁ ଢେଙ୍କେମା ବୋଲି ସମ୍ବୋଧନ କଲା ମାତ୍ରେ ବୋଉର ଆଖି ଆଗରେ ନାଚି ଯାଇଥିଲା ସ୍ମିତ ସ୍ମିତ ସୁନ୍ଦର ବାଳଗୋପାଳ ମୂର୍ତ୍ତି। ବୋଉର ଅଧୀର-ଆନନ୍ଦର ଆବେଗ କଟିଲାବେଳକୁ ବାବା ଚାଲି ଯାଇଥିଲେ। ଦକ୍ଷିଣଧାଡ଼ି ଘରସବୁ ଆହୁରି ବୁଲିବାକୁ ଅଛି ଯେ !

ରାମନବମୀ ମଧ୍ୟ ଏହିପରି ଗୋଟିଏ ବିଶିଷ୍ଟ ପର୍ବ ଦିନ। ଏହିଦିନ ବାବା ଥରେ ଦିଥର ପୁଟ୍ଟପର୍ତ୍ତି ଗାଁରେ ଥିବା ରାମ ମନ୍ଦିରକୁ ଯାଇଥିଲେ ଓ ସେଠାରେ ଗାଁ ଲୋକମାନଙ୍କୁ ଆଶୀର୍ବାଦ କରିଥିଲେ। ସାଧାରଣତଃ ରାମନବମୀରେ ବାବା ଭକ୍ତମାନଙ୍କୁ ନେଇ ଚିତ୍ରାବତୀ ଯାଉଥିଲେ ଓ ବାଲିରେ ବସି ଆମେ ଭଜନ କରୁଥିଲୁ। ସେତେବେଳେ ବାବା ବାଲି ଭିତରୁ ବାହାର କରୁଥିଲେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ମୂର୍ତ୍ତି। ଏମିତି ଗୋଟିଏ ଦିନରେ ଥରେ ବାବା ଚାରି ମୂର୍ତ୍ତିଯାକ ଗୋଟିଏ ଥାଳୀରେ ପାଖ ପାଖ ରଖିଥିଲେ, ଆଉ କହିଲେ, "ଆରେ, ଏମାନେ ଅଲଗା ଅଲଗା ରହିବେ କିପରି ? ସେମାନେ ସମସ୍ତେ ତ ଏକ ହୋଇ ରହିବା କଥା।" ତାଙ୍କ ହାତ ପୁଣି ବାଲି ଭିତରେ ପଶିଗଲା, ଆଉ ବାଲିରୁ ଟାଣି ଆଣିଲା ଗୋଟିଏ ରୂପାର ସମତଳ ପୀଢ଼ା। ଚାରିଟି ଗୋଡ଼ ଲାଗିଛି ସେଥିରେ। "ମୁଁ ଏଇଠି ରାମଙ୍କୁ ରଖିବି" ବୋଲି କହୁ କହୁ ରାମମୂର୍ତ୍ତି ଠିକ୍ ଖାପ ଖାଇବାଭଳି ଖୋପଟିଏ ସେ ପୀଢାରେ ଆମ ଆଖି ଆଗରେ ତିଆରି ହୋଇଗଲା। ଅନ୍ୟ ତିନୋଟି ମୂର୍ତ୍ତି ମଧ୍ୟ ତଦନୁରୂପ ତତ୍କ୍ଷଣାତ୍ ନିର୍ମିତ ଖୋପରେ ଖଞ୍ଜା ହୋଇଗଲେ। ମାତ୍ର ଅଧିକ ଚମତ୍କାର କଥା ହେଲା, ହନୁମାନଙ୍କ ପାଇଁ ଏ ତିନୋଟି ଖୋପ କଡ଼ରେ ଛୋଟ ଖୋପଟିଏ ଦରକାର ହେଲା। ବାବାଙ୍କ ସଂକଳ୍ପରେ ତତ୍କ୍ଷଣାତ ସେହିପରି ଖୋପଟିଏ ରୂପା ପୀଢ଼ା ଦେହରେ ଝଲେଇ ହୋଇଗଲା ! ଆମେ ରୂପା ପୀଢ଼ା ଓ ସେଥିରେ ବସିଥିବା ଚାରିମୂର୍ତ୍ତିଙ୍କୁ ଧରି ମନ୍ଦିରକୁ ଆସିଲୁ ଓ ସେଠାରେ ଆଉ କିଛି ସମୟ ଭଜନ ଗାଇଲୁ। କି ଅପୂର୍ବ ମହିମା ! ରୂପାର ପୀଢ଼ା, ତାର ଗୋଡ଼, ଚାରି ମୂର୍ତ୍ତି- ସଭିଏଁ ଚିତ୍ରାବତୀ ବାଲିରୁ ହିଁ ଜନ୍ମ ନେଲେ । ଏ ଅଭୂତପୂର୍ବ ଅଲୌକିକତାର ତାତ୍ପର୍ଯ୍ୟ ହେଲା, ବାବା

ଆମକୁ ତାଙ୍କର ଅଦୃଶ୍ୟ କାରଖାନାରେ ଭର୍ତ୍ତି କରି ଆମକୁ ଭାଙ୍ଗି, ତାଙ୍କରି ରୂପ ଦେଇ ପୁନଶ୍ଚ ନୂଆ କରି ଗଢ଼ିବାକୁ ଚାହାନ୍ତି ।

ଏହାକୁ ଛାଡ଼ି ନିଳୟମ୍‌ରେ ପାଳିତ ହେଉଥିଲା ବୈକୁଣ୍ଠ ଏକାଦଶୀ, ଉତ୍ତରାୟଣ, ଯୁଗାଦି, ଶିବରାତ୍ରି ଏବଂ ଦୀପାବଳୀ । ପୁରାଣ କଥା ଅନୁସାରେ ପ୍ରତିମାସ ଏକାଦଶୀ ଦିନ ସମସ୍ତଙ୍କ ପାଇଁ ବୈକୁଣ୍ଠର ଦ୍ୱାର ଖୋଲିଯାଏ । ସେଦିନ ଆମେ ନଈ ବାଲିରେ ଭଜନ ଗାଇ ଏ ପର୍ବଟି ପାଳନ କରୁଥିଲୁ । ସେଦିନ ବାବାଙ୍କ ଆଙ୍ଗୁଠିରୁ ଅମୃତ ଝରି ଗୋଟିଏ ପାତ୍ର ଭରିଯାଉଥିଲା, ଆଉ ଆମେ ସେ ଦିବ୍ୟ ଅମୃତ ପାଉଥିଲୁ । ଭଜନ ଚାଲୁଥାଏ, ବାବା ତାଳି ମାରୁଥାନ୍ତି, ବାବାଙ୍କ ଦୁଇ ପାପୁଲି ଅମୃତରେ ଅଠାଳିଆ ହୋଇଯାଏ । ଆଉ ଏକ ଦିବ୍ୟ ସୁଗନ୍ଧରେ ସେ ସ୍ଥାନଟି ଭରିଯାଏ । ତା'ପରେ ବାବା ଦୁଇପାପୁଲି ଯୋଡ଼ି ହାତକୁ ଚିପୁଡ଼ିଲା ପରି କରନ୍ତି । ଆଙ୍ଗୁଠି ଅଗରୁ ଅମୃତର ଧାରା ସ୍ରବି ତଳେ ଥିବା ପାତ୍ରଟି ଭରିଯାଏ ।

ଥରେ ଗୋଟିଏ ଏକାଦଶୀ ରାତିରେ ଆହୁରି ଅପୂର୍ବ ଘଟଣାଟିଏ ଘଟିଲା । ବାଲିରେ ପ୍ରାୟ ତିନିଶହ ଭକ୍ତ ବସିଥିଲେ । ବାବା କହିଲେ, "ବଡ଼ ଦୁଃଖର କଥା ତୁମେ ସବୁ ତଳେ ବସିଛ, ମୁଁ ବି ତଳେ ବସିଛି; ଏଣୁ ତୁମେ ଅମୃତ ସ୍ରବିବା ଦେଖିପାରିବ ନାହିଁ ।" ମୁଁ ବାବାଙ୍କ ପାଖରେ ବସିଥିଲି । ମୁଁ ସାହସ କରି କହି ପକାଇଲି, "ବାବା, ଆପଣ ଠିଆ ହୋଇ ପଡ଼ନ୍ତୁ । ଆକାଶରୁ ହାଣ୍ଡିଏ ଅମୃତ ଆପଣଙ୍କ ହାତକୁ ଆସିଯାଉ । ଆମେ ତାହା ଦେଖି ନୟନ ସାର୍ଥକ କରିବୁ; ଆଉ ସମସ୍ତଙ୍କ ପାଇଁ ମଧ୍ୟ ଯଥେଷ୍ଟ ଅମୃତ ହୋଇଯିବ ।"

କିଛିଦିନ ତଳେ ମୁଁ ମାଡ୍ରାସ୍‌ରେ ଦେଖିଥିଲି, ଜନ୍ମାଷ୍ଟମୀ ଦିନ ଗୋଟିଏ ସୁନ୍ଦର କାଚର ହାଣ୍ଡି ଶୂନ୍ୟରୁ ବାବାଙ୍କ ହାତକୁ ଆସିଯାଇଥିଲା । ସେଦିନ ବାବା ଶ୍ରୀଯୁକ୍ତ ହନୁମନ୍ତ ରାଓଙ୍କ ଘରେ ଥିଲେ । ଭଜନ ସରିଲା ପରେ ବାବା କହିଲେ, "ତୁମକୁ ଏବେ ମୁଁ ମଥୁରାର ପ୍ରସାଦ ଖୁଆଇବି ।" ତାପରେ ମଥୁରାର ନାନା ପ୍ରକାରର ଅପୂର୍ବ ମିଠେଇଭରା ହାଣ୍ଡିଟି ବାବାଙ୍କ ହାତକୁ ଆସିଥଲା ।

ତେଣୁ ସେଦିନ ବାବାଙ୍କୁ ମୁଁ ଯେଉଁ ପ୍ରାର୍ଥନା କଲି, ତାହା କେତେଜଣଙ୍କୁ ଅସମ୍ଭବ ଲାଗିଲେ ମଧ୍ୟ ପ୍ରକୃତରେ ତାହା ଅସମ୍ଭବ ନ ଥିଲା । ମାତ୍ର ବାବା ନିଜର ଅନନ୍ୟ ଢଙ୍ଗରେ ଉତ୍ତର ଦେଲେ, "ନା । ପ୍ରଥମେ ଯାହା ମଧ୍ୟରୁ ଅମୃତ ମିଳିଥିଲା, ମୁଁ ତାକୁ ସୃଷ୍ଟି କରିବି ।" ତା'ପରେ ବାଲିଗଦା ଭିତରୁ ବାହାରି ଆସିଲା ଏକ ଅତି ସୁଦୃଶ୍ୟ, ଶ୍ୱେତ ବର୍ଣ୍ଣର ଉଜ୍ଜ୍ୱଳ ଦକ୍ଷିଣମୁହାଁ ଶଙ୍ଖ । ଦକ୍ଷିଣମୁହାଁ ଶଙ୍ଖ ପବିତ୍ର ଶଙ୍ଖମାନଙ୍କ ମଧ୍ୟରେ ପବିତ୍ରତମ । ତା'ପରେ

ବାବା ଶଙ୍ଖଟିକୁ ଧରି ଠିଆ ହୋଇ ପଡିଲେ। ସେ ଶୂନ୍ୟ ଶଙ୍ଖ ମଧ୍ୟରୁ କଳ କଳ ନାଦରେ ଝରି ଆସିଲା ଅମୃତ ଧାରା ! ଏ ଅମୃତ ତଳେ ଥିବା ଗୋଟିଏ ରୂପାର ହାଣ୍ଡିରେ ଭର୍ତ୍ତି ହୋଇଗଲା। ବୈଜ୍ଞାନିକର ଅନ୍ଧ ତର୍କ ତାର ଆଖି ଆଗରେ ସ୍ୱର୍ଗର ଦ୍ୱାରକୁ ବନ୍ଦ କରିଦିଏ। ମାତ୍ର ଆମପାଇଁ ଆମ ଆଖି ଆଗରେ ସ୍ୱର୍ଗର ଦ୍ୱାର ଖୋଲି ଯାଇଥିଲା ସେଦିନ। ନିଳୟମ୍‌କୁ ଆମେ ଯେତେବେଳେ ଫେରିଲୁ, ବାବା ଏ ଅମୃତରୁ ଚାମୁଚେ ଲେଖାଏଁ ପ୍ରତ୍ୟେକ ଭକ୍ତଙ୍କ ପାଟିରେ ଦେଇଥିଲେ।

ପ୍ରତିବର୍ଷ ବୈକୁଣ୍ଠ ଏକାଦଶୀ ଅଧିକରୁ ଅଧିକ ଲୋକଙ୍କୁ ପ୍ରଶାନ୍ତିନିଳୟମ୍ ଟାଣି ଆଣିବାକୁ ଲାଗିଲା। ଅମୃତ ସ୍ରବିବା ଦେଖିବାକୁ, ଆଉ ଏଥିରୁ ଟୋପେ ପାଇବା ସଙ୍ଗେ ସଙ୍ଗେ ଅମୃତଧାରା ବାବାଙ୍କ ସନ୍ନିଧିରେ କେତୋଟି ଦିନ କଟାଇବାକୁ କାହାର ପ୍ରାଣ ଆକୁଳ ନ ହେବ ? ଆଉ ଗୋଟିଏ ଏକାଦଶୀରେ ଆମେ ବାଲିରେ ଲଗାଲଗି ହୋଇ ବସିଥାଉ। ବାବା କେବଳ ଆମର ବନ୍ଦନା ଶୁଣୁ ନ ଥାନ୍ତି, କିପରି ଭଜନ ଗାଇବାକୁ ହେବ ତାହା ଶିଖାଇବା ଉଦ୍ଦେଶ୍ୟରେ ନିଜେ ଭଜନ ଗାଉଥାନ୍ତି। ମୁଁ ତାଙ୍କ ପଛରେ ବାବାଙ୍କ କଣ୍ଠର ମାଧୁରୀରେ ତନ୍ମୟ ହୋଇ ବସିଥାଏ। ହଠାତ୍ ସେ ରହିଗଲେ। ତଳୁ ରୂପାର ପାଣି ଗିଲାସଟି ଉଠାଇ ନେଲେ। ମୁଁ ଭାବିଲି ବୋଧହୁଏ ବାବା ଟିକିଏ ଜଳପାନ କରିବେ। କଣ୍ଠ ଶୁଖି ଯିବାରୁ ଭଜନ ବନ୍ଦ ହୋଇଗଲା। ମାତ୍ର ନା ! ପାଣିତକ ବାଲିରେ ଢାଳି ଦେଇ ବାବା ଗିଲାସଟିକୁ ଆଗରେ ରଖିଲେ। ବଡ ଆଶ୍ଚର୍ଯ୍ୟ କଥା ! ଏପରି ତ ଥରେ ହେଲେ କେବେ ଆଗରୁ କରିନାହାନ୍ତି ସେ ! ଅଳ୍ପ ସମୟ ପରେ ଦେଖିଲି ତାଙ୍କର ହିକ୍‌କା ଉଠୁଛି। ପ୍ରଥମେ ଧୀରେ ଧୀରେ, ମାତ୍ର ଅବିଳମ୍ବେ ତାହା ଦ୍ରୁତ ହେବାକୁ ଲାଗିଲା। ଭଜନ ଚାଲିଥାଏ ପୂର୍ଣ୍ଣ ଭାବରେ। ହଠାତ୍ ଖାଲି ଗିଲାସକୁ ଉଠାଇ ନେଇ ବାବା ନିଜ ମୁହଁ ଆଗରେ ଧରିଲେ। ପବନରେ ସୁଗନ୍ଧ ଚହଟିଗଲା।

ଖଳ ଖଳ ଶବ୍ଦ ଶୁଣି ଆମେ ଉହୁଙ୍କି ଦେଖିଲୁ ଯେ ବାବାଙ୍କ ପାଟିରୁ ଅମୃତ ଝରି ଗିଲାସ ଭରି ଯାଇଛି ! ଏ ଅମୃତ ପାତ୍ରଟିକୁ ଧରି ମନ୍ଦିର ଆସିବା ପାଇଁ ମୋତେ ଆଦେଶ ମିଳିଲା। ହାତ ବଢ଼ାଇ ସେ ଦେବଦୁର୍ଲ୍ଲଭ ଅପୂର୍ବ ପଦାର୍ଥଟିକୁ ଧରିଲି। ମାତ୍ର ପ୍ରତିଟି ପାଦ ଉଠାଇଲାବେଳେ ପ୍ରାଣଭରି ଡାକୁଥାଏ - ପ୍ରଭୁ, ବିନ୍ଦୁଟିଏ ହେଲେ ତଳେ ନ ପଡୁ। ପୁରାଣରେ ଅଛି ବିଷ୍ଣୁ ଗରୁଡଙ୍କୁ ଆଦେଶ ଦେଇଥିଲେ ଅମୃତ ଆଣି ଦେବତାମାନଙ୍କୁ ଦେବାପାଇଁ। ନିର୍ମଳ ମେଘଯୁକ୍ତ ଆକାଶରେ ଉଡି ଯିବାପାଇଁ ଗରୁଡଙ୍କୁ କିଛି କଷ୍ଟ ହୋଇ ନଥିବ। ମାତ୍ର ଉଦ୍‌ଗ୍ରୀବ ଜନତା ମଧ୍ୟରେ ଅଙ୍କାବଙ୍କା, ପଥରଗୋଡିଭରା ଦୁଇ ଫର୍ଲଙ୍ଗ ରାସ୍ତା ମୁଁ କିପରି ନିର୍ବିଘ୍ନରେ ଅତିକ୍ରମ କରିବି ! ମୋ ହାତରେ ଥିବା ଅଲୌକିକ, ଅପୂର୍ବ ପାତ୍ରଟିର ଦର୍ଶନ ପାଇଁ ଉଦ୍ଦାମ ଆଗ୍ରହରେ ମାଡିପଡୁଥିବା ଲୋକଙ୍କ

ମଧ୍ୟରେ ମୋତେ ନିରାପଦ ରଖିବା ନିମନ୍ତେ ମୋ ଚାରିପଟେ ବଳବାନ୍ ଲୋକଙ୍କର ଏକ ବ୍ୟୂହ ରଚନା କରାଗଲା । ଏମାନଙ୍କ ଭିତରେ ମୁଁ ଧୀରେ ଧୀରେ ପାଦ ଗଣି ଗଣି ମନ୍ଦିରକୁ ଚାଲିଲି ।

ଆମେ ମନ୍ଦିରରେ ନିରାପଦରେ ପହଞ୍ଚିଲାବେଳକୁ ବାବା ଆମକୁ ଅପେକ୍ଷା କରିଥିଲେ । ପୁରୁଷ ଲୋକମାନେ ପରସ୍ପରକୁ ସାମ୍ନା କରି ଧାଡି ହୋଇ ମନ୍ଦିର ଆଗରେ ବାଲିରେ ବସିଲେ । ବାବା ମୁଠାଏ ପବନକୁ ଧରି ଗୋଟିଏ ସୁଦୃଶ୍ୟ ସୁନାର ଚାମୁଚରେ ପରିଣତ କରିଦେଲେ । ଏହା ଚାହା ଚାମୁଚଠୁ ବଡ, ଆଉ ଟେବୁଲ ଚାମୁଚଠାରୁ ଛୋଟ ଥିଲା । ତାପରେ ଆରମ୍ଭ ହେଲା ଅମୃତ ବଣ୍ଟନ । ମାତ୍ର ଅଧା ବାଟରେ ଦେଖାଗଲା ଗିଲାସ ଚକିରେ ଆଉ ଟିକିଏ ଅମୃତ ଅଛି । ଦିବ୍ୟହସ୍ତ ଗିଲାସର ମୁହଁଟିକୁ ବନ୍ଦ କରି ରଖିବା ମାତ୍ରେ ସେଥିରେ ଅମୃତ ପୁଣି ଭରିଗଲା । ପାଟିରେ ଅମୃତ ବିନ୍ଦୁଏ ଦେବା ସଙ୍ଗେ ସଙ୍ଗେ ଗୋଟିଏ ଅମୃତ-ଉପଦେଶ ମଧ୍ୟ ମିଳୁଥାଏ- "ଦେଖ, ଯେଉଁ ଜିଭ ଅମୃତ ଚାଖିଛି, ସେ ଆଉ ଅନୃତ (ମିଥ୍ୟା) ନ ଚାଖୁ ।"

ଚାନ୍ଦ୍ରାୟଣ ମାସ ଅନୁସାରେ ଯେଉଁମାନେ ବର୍ଷ ଗଣନ୍ତି, ସେମାନଙ୍କ ପାଇଁ ଯୁଗାଦି ହେଉଛି ନବବର୍ଷ ଆରମ୍ଭ । ସେଦିନର ଗୋଟିଏ ତାତ୍ପର୍ଯ୍ୟପୂର୍ଣ୍ଣ ବିଧି ହେଲା ନିମ୍ବପତ୍ର ରସ ଓ ଚିନି ପାଣିରେ ମିଶାଇ ପିଇବା । ଏ ସରବତ୍ ତିଆରି ସରିଲାପରେ ବାବା ଟିକିଏ ବିଭୂତି ସୃଷ୍ଟି କରି ଏଥିରେ ପକାଇ ଦିଅନ୍ତି, ଆଉ ଆମ୍ଭେମାନେ ଆଗାମୀ ବର୍ଷସାରା ସୁଖ-ଦୁଃଖର ପାହାରକୁ ବିଶ୍ୱାସ ଓ ଧୈର୍ଯ୍ୟର ସହ ସହିବା ପାଇଁ ଶକ୍ତି ପ୍ରାର୍ଥନା କରି ଏହା ପିଉ ।

ଉତ୍ତରାୟଣ ବା ମକର ସଂକ୍ରାନ୍ତି ଦିନଠାରୁ ସୂର୍ଯ୍ୟ ଉତ୍ତର ଆଡକୁ ଯାତ୍ରା କରିଥାନ୍ତି । ଫଳରେ ଉତ୍ତର ଗୋଲାର୍ଦ୍ଧରେ ସେଦିନଠାରୁ ଦିନ କ୍ରମଶଃ ବଡ଼ ହୁଏ, ଆଉ ଉଷ୍ମତା ବି ବଢ଼େ । ସଂକ୍ରାନ୍ତି ଦିନ ଲୋକେ ପରସ୍ପରକୁ ରାଶି ଓ ଚିନି ଦେଇ ସ୍ୱାଗତ, ଅଭ୍ୟର୍ଥନା କରିଥାନ୍ତି । ରାଶିରେ ତେଲ ଅଂଶ ବହୁତ । ତେଲକୁ ସଂସ୍କୃତରେ କୁହାଯାଏ 'ସ୍ନେହ' , ଯାହାର ଆଉ ଗୋଟିଏ ଅର୍ଥ ମିତ୍ରତା, ଭ୍ରାତୃତ୍ୱ । ଏଣୁ ଏ ବିଧିର ତାତ୍ପର୍ଯ୍ୟ ହେଲା ପରସ୍ପରକୁ ମିତ୍ରତା ଓ ଭ୍ରାତୃତ୍ୱ ପ୍ରଦାନ କରିବା । ଏହି ଉତ୍ସବ ଦିନ ଆଖପାଖ ଗାଁରୁ ବହୁତ ଲୋକ ଆସନ୍ତି । ବାବା ସେମାନଙ୍କୁ ଆଦର, ସ୍ନେହ ଦେଖାଇ ସେମାନଙ୍କୁ ଖୁସି କରି ଛାଡନ୍ତି ।

ମାତ୍ର ଶିବରାତ୍ରି ଉତ୍ସବ ବାବାଙ୍କର ଦୈବତ୍ୱର ସର୍ବୋତ୍ତମ ପ୍ରକାଶର ଉତ୍ସବ । ଶିବରାତ୍ରି ସପ୍ତାହକ ଆଗରୁ ବାବାଙ୍କ ପେଟ ଭିତରେ ଲିଙ୍ଗ ଗଠନ ଆରମ୍ଭ ହୁଏ, ଆଉ ସେଦିନ ଏ ଲିଙ୍ଗ ଆତ୍ମପ୍ରକାଶ କରିଥାଏ । ପ୍ରଶାନ୍ତିନିଳୟମ୍‌ରେ ହଜାର ହଜାର ଭକ୍ତଙ୍କ ସମ୍ମୁଖରେ ପବିତ୍ର ଓ ଦିବ୍ୟ ବାତାବରଣ ମଧ୍ୟରେ ଏହି ଲିଙ୍ଗଙ୍କର ପ୍ରକାଶ ସମସ୍ତଙ୍କ ମଧ୍ୟରେ ଦୈବତ୍ୱର ବିଦ୍ୟୁତ୍

ଖେଳାଇ ଦେଇଥାଏ। ଲିଙ୍ଗ ଗଠନ ଆରମ୍ଭ ହେବା ଦିନଠାରୁ ବାବାଙ୍କ ଘରିପଟେ ଶୁଭ୍ର ଜ୍ୟୋତିର ବଳୟ ଘେରି ରହେ। ଏହି ଜ୍ୟୋତି-ବଳୟର ପରିସୀମା ସାମାନ୍ୟ ଆରକ୍ତ ଦିଶେ। ବାବା ନିଜେ ପେଟ ଭିତରେ ଲିଙ୍ଗ ଗଠନ କଥା ଘୋଷଣା କରିଥାନ୍ତି। ଲିଙ୍ଗ ବଢିବା ଯଦି ଅଧିକ ଯନ୍ତ୍ରଣାଦାୟକ ହୁଏ, ତେବେ ତାହା ସଂଖ୍ୟାରେ ଥାଏ ଏକାଧିକ।

୧୯୫୬ ପର୍ଯ୍ୟନ୍ତ ଶିବରାତ୍ରି ଉଜାଗର ଭଜନ ଓ ଉତ୍ସବ ମନ୍ଦିରର ଭଜନ ହଲ୍‌ରେ ହିଁ ଅନୁଷ୍ଠିତ ହେଉଥିଲା। ଏକ କାଠର ବଡ଼ ପୀଢ଼ା ଉପରେ ବାଘଛାଲ ବିଛା ହୋଇଥାଏ। ଆଉ ତା ଉପରେ ସ୍ଥାପିତ ରୌପ୍ୟ ସିଂହାସନରେ ବାବା ବସନ୍ତି। ସନ୍ଧ୍ୟା ଆଠଟା ପାଖ ପାଖ ହେଲେ ଅନ୍ତର୍ଗତ ଲିଙ୍ଗ ବାହାରକୁ ଆସିବାକୁ ବ୍ୟଗ୍ର ବୋଲି ଜଣାପଡ଼େ। କାରଣ ଏହି ସମୟରେ ବାବାଙ୍କୁ କଷ୍ଟ ହୁଏ ଓ ଲିଙ୍ଗ ଆସିବାର ବାଟକୁ ସୁଗମ କରିବା ଉଦ୍ଦେଶ୍ୟରେ ବାବା ମଧ୍ୟେ ମଧ୍ୟେ ପାଣି ପିଅନ୍ତି। ବର୍ଷ ବର୍ଷ ଧରି ଏହି ସମୟରେ ରୂପାର ପାଣି ପାତ୍ରଟିଏ ହାତରେ ଧରି ମୁଁ ବାବାଙ୍କ ବାମ ପାଖେ ଓ ଶେଷଗିରି ରାଓ ଆତ୍ମଲିଙ୍ଗ ଗ୍ରହଣ କରିବା ପାଇଁ ରୂପା ଥାଳୀଟିଏ ଧରି ଡାହାଣ ପାଖେ ଠିଆ ହୋଇ ଆସିଛୁ। ଶିରଡିରେ ଥିଲାବେଳେ ବାବା ବାଳକ ବୟସରେ ଖେଳୁଥିବା ବେଳେ ଲିଙ୍ଗଟିଏ ଗିଳି ଦେଇଥିଲେ। ଏ ଅବତାରରେ ବର୍ଷ ବର୍ଷ ଧରି ପୂର୍ବ ନିର୍ଦ୍ଧାରିତ ଦିନରେ ନିୟମିତ ଏକ ବା ଏକାଧିକ ଲିଙ୍ଗ କଣ୍ଠନଳୀ ଓ ପାଟି ଦେଇ ଜନସାଧାରଣଙ୍କ ସମ୍ମୁଖରେ ବାହାରକୁ ଆସିବା ଅତ୍ୟନ୍ତ ଅଲୌକିକ ନୁହେଁ କି ? ଥରେ ଗୋଟିଏ ପରେ ଗୋଟିଏ ଏଗାରଟି, ଆଉ ବର୍ଷେ ନଅଟି ଲିଙ୍ଗ ବାହାରିଥିଲେ। ଏ ନଅଟିରୁ ବାବା ମତେ ଗୋଟିଏ ଲିଙ୍ଗ ଦେଇଥିଲେ, ଆଉ ସେ ଆମ ପାଖେ ପ୍ରତିଦିନ ଶାସ୍ତ୍ର ବିଧିମତେ ପୂଜା ପାଇ ଆସୁଛନ୍ତି। ବାବା ଯେଉଁଠି ଥିଲେ ମଧ୍ୟ ଶିବରାତ୍ରି ଦିନ ଲିଙ୍ଗୋଦ୍‌ଭବ ଘଟଣାଟି ଅବଶ୍ୟ ଘଟୁଥିଲା।

ଅନେକ ଲୋକ ଆଖିରେ ଦିଶୁଥିବା ବସ୍ତୁଜଗତକୁ ଏକମାତ୍ର ସତ୍ୟ ବୋଲି ଦାବିକରି ବସ୍ତୁର ଧର୍ମ ବାହାରେ ଆଉ କିଛି ସତ୍ୟ ଥିବା ଅସ୍ୱୀକାର କରନ୍ତି। ଏଣୁ ସେମାନଙ୍କ ମଧ୍ୟରେ ଅଲୌକିକତା ଅବାସ୍ତବ ଓ ଅସମ୍ଭବ। ବାବା ଜାଣନ୍ତି ଲିଙ୍ଗ ଯେ ବିଶ୍ୱର ପ୍ରତୀକ ଏହା ଆମେ ମାନୁ। ଏହି ବ୍ରହ୍ମ-ଅଣ୍ଡ ବ୍ରହ୍ମଙ୍କ ଶ୍ୱାସରେ ସୃଷ୍ଟି ହୁଏ, ନିଃଶ୍ୱାସରେ ଲୀନ ହୁଏ। ନିଜ ଭିତରେ ଲିଙ୍ଗ ସର୍ଜନା ଓ ତାପରେ ଏହାର ଉଦ୍ଭବ ଦ୍ୱାରା ବାବା ଆମକୁ ସୃଷ୍ଟିର କାରଣ ଯେଉଁ ମହାଶକ୍ତି ତାହା ବିଷୟରେ ଅଧିକ ସଚେତନ କରି ଆମର ଚେତନାର ସୀମାକୁ ପ୍ରସାରିତ କରିବାକୁ ଚାହୁଁଥିଲେ।

ପରବର୍ତ୍ତୀ କାଳରେ ଅଧିକ ବିଦ୍ୱାନ୍ ଭକ୍ତ ଆସିବାରୁ ସୃଷ୍ଟି ଓ ପ୍ରଳୟ ସମ୍ପର୍କରେ ଅଧିକ ସଙ୍କେତଧାରୀ ଲିଙ୍ଗ ପ୍ରକାଶିତ ହୋଇଥିଲେ। ବାବା କହନ୍ତି, 'ଲୀୟତେ

ଗମ୍ୟତେ ଇତି ଲିଙ୍ଗମ୍', ଅର୍ଥାତ୍ ଯାହା ମଧ୍ୟରେ ଚରାଚର ସୃଷ୍ଟି ବିଲୀନ ହୋଇଯାଏ, ତାହା ହିଁ ଲିଙ୍ଗ । ଶକ୍ତି ଓ ବସ୍ତୁ ମଧ୍ୟରେ ଯେଉଁ ପ୍ରଭେଦ, ତରଙ୍ଗ ଓ *ବସ୍ତୁ ମଧ୍ୟରେ ବି ସେଇ ପ୍ରଭେଦ ।*

ଯେତେବେଳେ ମୁଁ ପଛକୁ ଘୃହେଁ ଓ ଦେଖେ କେଉଁ ମାର୍ଗ ଦେଇ ଆସି ପ୍ରଶାନ୍ତିନିଳୟମ୍‌ରେ ମୁଁ ପହଞ୍ଚି ଯାଇଛି, ମୋ ଆନନ୍ଦର ବନ୍ଧ ଭାଙ୍ଗିଯାଏ । ସେତେବେଳେ ପ୍ରଶାନ୍ତିନିଳୟମ୍‌ରେ ଆମେ ଯେଉଁ କେତେଜଣ ଅନ୍ତେବାସୀ ଥିଲୁ, ସେମାନଙ୍କ ପାଇଁ ପ୍ରତ୍ୟେକଟି ଦିନ ଥିଲା ଉତ୍ସବର ଦିନ । ବିଭିନ୍ନ ଦୂରତାରୁ, ବିଭିନ୍ନ ଅଞ୍ଚଳରୁ ବାବା ଯେଉଁ ପରିବାରଗୁଡ଼ିକୁ ଆକୃଷ୍ଟ କରି ଆଣି ପ୍ରଶାନ୍ତିନିଳୟମ୍‌ରେ ଏକାଠି କରିଥିଲେ, ସେମାନଙ୍କୁ ସେ ନାନା ରଙ୍ଗର ଫୁଲଗୁଚ୍ଛ ପରି ଏକତ୍ର ବାନ୍ଧି ରଖିଥିଲେ । ପୂର୍ଣ୍ଣିମା ପକ୍ଷରେ ବାବା ସମସ୍ତଙ୍କୁ ଏକାଠି ହେବାକୁ ଡାକୁଥିଲେ । ନିଜେ ମନ୍ଦିର ବାଲିରେ ମଝିରେ ବସୁଥିଲେ ଓ ସବୁ ଅନ୍ତେବାସୀ ପରିବାର ନିଜ ନିଜର ଭାତ-ସମ୍ବର ହାଣ୍ଡିଟିମାନ ଧରି ତାଙ୍କୁ ଘେରି ବସୁଥିଲେ । ତାଙ୍କ ଆଦେଶରେ ପ୍ରତି ପରିବାରର 'ମାଆ' ସମସ୍ତଙ୍କୁ ନିଜ ହାଣ୍ଡିରୁ ପରଷୁଥିଲେ । ଅନେକ ସମୟରେ ବାବା ହାଣ୍ଡିର ଘୋଡଣୀ ଟେକି ଦେଖୁଥିଲେ ଭିତରେ କ'ଣ ଓ କେତେ ପରିମାଣର ଅଛି । ଯାହା ଅଛି ଯଦି ସମସ୍ତଙ୍କ ପତ୍ରରେ ଲାଗିବାକୁ ଊଣା ହେବ, ବାବା କହୁଥିଲେ, "ହେ, ମତେ ଦେ ସେ ହାଣ୍ଡିଟା । ମୁଁ ପରଷିଲେ ତା ଭିତରେ ଯାହା ଅଛି ବଢ଼ିଯିବ, ଆଉ ସମସ୍ତେ ଚଟୁଏ କରି ପାଇବେ ।" ତାହା ହିଁ ଘଟୁଥିଲା । ମୋ ବୋଉ ମଧ୍ୟ ଦୁଇଥର ଏ ଅପମାନଜନକ(?) ଅବସ୍ଥାରେ ପଡ଼ିଥିଲା, ଆଉ ବାବାଙ୍କୁ ସେ ଆଣିଥିବା ବରା ଓ ପାମ୍ପଡ଼ର ସଂଖ୍ୟା ବଢ଼ାଇ ଦେବାପାଇଁ ପ୍ରଲୋଭିତ କରିପାରିଥିଲା । ବାଇବେଲ୍‌ର 'ମାର୍କ' ଅଧ୍ୟାୟରେ (୬.୩୫) ଲେଖା ଅଛି: "ସେମାନେ ରୁଟିର ସଂଖ୍ୟା ବଢିଯିବା ଅଲୌକିକ ଘଟଣାର ତାତ୍ପର୍ଯ୍ୟ ଦେଖିପାରି ନଥିଲେ, କାରଣ ସେମାନଙ୍କ ହୃଦୟ କଠୋର ହୋଇଯାଇଥିଲା ।" ଯୀଶୁ ପାଞ୍ଚଖଣ୍ଡ ପାଉଁରୁଟି ଭାଙ୍ଗି ଯେତେବେଳେ ପାଞ୍ଚ ହଜାର ଲୋକଙ୍କୁ ଖାଇବାକୁ ଦେଇଥିଲେ, ଯୀଶୁଙ୍କର ଏହି ମହିମା ଦେଖି ମଧ୍ୟ ସେମାନେ ଉପକୃତ ହୋଇ ନଥିଲେ, କାରଣ ସେମାନଙ୍କ ହୃଦୟ କଠିନ ହୋଇ ଯାଇଥିଲା । ମାତ୍ର ଆମ ପକ୍ଷରେ, ୧୯୫୬ ମସିହାରେ, ପୁଟପର୍ତ୍ତି ଗ୍ରାମରେ ସେହି ମହିମା ଆମ ପରମ ପିତାଙ୍କ କରୁଣା, ଦୟା ଓ ଶକ୍ତିରେ ଆମକୁ ଦ୍ରବୀଭୂତ କରି ପକାଇଥିଲା । ଏସବୁ ଚମତ୍କାରିତା ପ୍ରକୃତିର ନିୟମକୁ ଲଙ୍ଘନ କରୁଥିଲା ବୋଲି କୁହାଯାଇ ନପାରେ, କାରଣ ପ୍ରାକୃତିକ ନିୟମ ଅଲଙ୍ଘନୀୟ ନୁହେଁ । ବରା ଓ ପାମ୍ପଡ଼ ପୁଣି ଆମ ମନର ଭାବନା ନ ଥିଲା, ସେସବୁ ବାସ୍ତବ ଥିଲା । ଆମେ ତାକୁ ଦାନ୍ତରେ ଘେବାଇ ପାକୁଳାଇ ପାକୁଳାଇ ଖାଉଥିଲୁ । ସବୁ ପତ୍ର

ପୂର୍ଣ୍ଣ ହେଲାପରେ ବାବା ନିଜ ପତ୍ରରେ ବାଢୁଥିଲେ, ଆଉ ଆନନ୍ଦରେ ଯାଇ ମଝିରେ ବସୁଥିଲେ। ତାଙ୍କର ଆନନ୍ଦ ସତେ ଯେପରି ଉଦ୍‌ବେଳ ହୋଇ ଉଠୁଥିଲା। ଲୋକସଂଖ୍ୟା ଅଧିକା ହେଲେ ଏ ଭୋଜି ପାଇଁ ଆମେ ଚିତ୍ରାବତୀ ଯାଉଥିଲୁ, ନହେଲେ ମନ୍ଦିରର ଛାତରେ ଯାଇ ବସୁଥିଲୁ।

ସେତେବେଳେ ପାହାଡ଼ କଡ଼ରେ ସତ୍ୟସାଇ ଆରୋଗ୍ୟନିଳୟ ତିଆରି ଚାଲିଥିଲା। ଏହି ସମୟରେ ପୂର୍ବତନ ନିଜାମଙ୍କ ରାଜ୍ୟ ଅନ୍ତର୍ଭୁକ୍ତ ତେଲେଙ୍ଗାନା ଅଞ୍ଚଳରୁ କେତେଜଣ ଭାରି ଉତ୍ସାହୀ ଭକ୍ତ ବାବାଙ୍କ ସନ୍ନିଧିରେ କିଛି ବେଶୀଦିନ ରହିବା ଉଦ୍ଦେଶ୍ୟରେ ପ୍ରଶାନ୍ତିନିଳୟମ୍‌ରେ ପହଞ୍ଚିଲେ। ସେମାନଙ୍କ ମଧ୍ୟରେ ଦଶ-ବାରଜଣ ସବଳ, ସୁଠାମ ତରୁଣ ଥିଲେ ଯେଉଁମାନଙ୍କୁ ଦେଖିଲେ ଜଣାପଡୁଥିଲା ସେମାନେ ଶାରୀରିକ ପରିଶ୍ରମ ପାଇଁ ଭୋକିଲା ଅଛନ୍ତି ! ଅନ୍ୟସବୁ ବୟସ୍କ ନାରୀ ଓ ପୁରୁଷ ବି ନିଜ ହାତଗୋଡର କୌଶଳ ବ୍ୟବହାର କରିବା ପାଇଁ ସୁଯୋଗ ଖୋଜୁଥିଲେ। ସେମାନେ କୂଅଗୁଡିକ ସଫା କଲେ, ବୁଦାଗୁଡିକ କାଟି ନିର୍ମଳ କଲେ, ଗୋରୁଗାଈଙ୍କ କଥା ବୁଝିଲେ। ଗଛଗୁଡିକ ସୁଦୃଶ୍ୟ କରି କାଟିଲେ, ରାସ୍ତା ଝାଡୁ ଦେଇ ସଫା କଲେ। ସେମାନେ ଧାଡିକରି ପାହାଡ ଉପରଯାଏ ଠିଆ ହୋଇ ତଳୁ ଆରୋଗ୍ୟନିଳୟମ୍ ପାଇଁ ଦରକାର ଇଟା, ପଥର, ବାଲି ଆଦି ଉପକରଣ ସବୁ ନିର୍ମାଣସ୍ଥାନକୁ ବୋହିନେଲେ। ଏ କାମ ଦେଖିଲେ ଜଣାପଡୁଥିଲା ସତେ ଯେମିତି ଗୋଟିଏ ମଣିଷରେ ଗଢ଼ା ବାହକ-ଫିତା (କନ୍‌ଭେୟର୍ ବେଲ୍‌ଟ) ଅନବରତ କାମ କରି ଚାଲିଛି ! ଏହି ଆଗନ୍ତୁକମାନେ ପାହାଡ଼ ଉପରକୁ ଏସବୁ ଉପକରଣ ବୋହିବାରେ ଲାଗି ପଡିଥିଲା ବେଳେ ଆମେ ଅନ୍ତେବାସୀମାନେ ସେମାନଙ୍କୁ ପିଇବା ପାଣି ଓ ଅନ୍ୟାନ୍ୟ ଆବଶ୍ୟକ ପଦାର୍ଥ ଯୋଗାଇ ଦେଉଥିଲୁ। ପରେ ଏମାନେ ମାଟି ଖୋଳି, ସିମେଣ୍ଟ ବୋହି ଇଟା, ପଥର ଯୋଡ଼ିବାରେ ବି ମିସ୍ତ୍ରୀମାନଙ୍କୁ ସାହାଯ୍ୟ କରିଥିଲେ।

ଯେଉଁ ପୁରୁଷ ଓ ସ୍ତ୍ରୀଲୋକମାନେ ଧାଡ଼ି କରି ତଳେ ଓ ପାହାଡ଼ ଉପରେ କାମ କରୁଥିଲେ, ବାବା ଅଧିକାଂଶ ସମୟ ସେମାନଙ୍କ ପାଖରେ କଟାଉଥିଲେ। ସେମାନଙ୍କ ମାଂସପେଶୀରେ ବଳ ଖୁନ୍ଦି ଦେଉଥିବା ଭଜନସବୁ ବାବାଙ୍କ ଉପସ୍ଥିତିରେ ଆହୁରି ମଧୁର ଓ ଅର୍ଥପୂର୍ଣ୍ଣ ଶୁଭୁଥିଲା। ଦିନରେ ବା ଚନ୍ଦ୍ରପକ୍ଷ ରାତିରେ କାମ ସରିଲା ପରେ ଏ ଭକ୍ତମାନେ ବାବାଙ୍କ ପାଖରେ ଅନେକ ପରିମାଣର ଫଳ ନେଇ ଜମାଉଥିଲେ ଓ ସେସବୁ ଆମ୍ଭମାନଙ୍କ ମଧ୍ୟରେ ବାଣ୍ଟିବାକୁ ବାବାଙ୍କୁ ପ୍ରାର୍ଥନା କରୁଥିଲେ। ଦିନର କ୍ଳାନ୍ତିକର ପରିଶ୍ରମ ପରେ ବାବାଙ୍କ ହାତରୁ ପ୍ରସାଦ ଆମର କ୍ଳାନ୍ତି ଧୋଇଦେବା ସଙ୍ଗେ ସଙ୍ଗେ ପରଦିନ କାମରେ ସମସ୍ତଙ୍କର ପୁଣି ଯୋଗଦାନ ପ୍ରାୟ ସୁନିଶ୍ଚିତ କରିଦେଉଥିଲା।

ଏହି ଦଳଟି ବାବାଙ୍କ ପ୍ରତି ଏକାନ୍ତ ଅନୁରକ୍ତ ଥିଲେ। ବାବା ମନ୍ଦିରର ଉପର ମହଲାରେ ସୋଫାରେ ବସିଥିବାବେଳେ ଏମାନେ ତାଙ୍କୁ ଘେରି ବସୁଥିଲେ ଓ ତାଙ୍କର ପାଦ ମଞ୍ଜାଳୁଥିଲେ। କେହି କେହି ପଦସେବା ନାମରେ ବାବାଙ୍କ କୋମଳ ପାଦରେ ଅଧିକ ଚାପ ମଧ୍ୟ ପକାଉଥିଲେ। ଟିକିଏ ପାଦସେବାର ସୁଯୋଗ ପାଇବା ପାଇଁ ମୋତେ ସେମାନଙ୍କ ମଧ୍ୟରେ ଗଳି, ହାତ ଭର୍ତ୍ତି କରି କୌଶଳ କରିବାକୁ ପଡୁଥିଲା। ଦିନେ ବାବା ଆମକୁ ସବୁ ହସକଥା କହି ହସାଉଥିବାବେଳେ ମାଡ୍ରାସ୍‌ର ପାର୍ଥସାରଥିଙ୍କ ମୁଣ୍ଡକୁ ଚମତ୍କାର ପ୍ରସ୍ତାବଟିଏ ଢୁକିଗଲା। ସେ ତାଙ୍କ ବ୍ୟାଗ୍‌ରୁ କ୍ୟାମେରାଟି ବାହାରକରି ଆମେସବୁ ଖୁବ୍ ଲମ୍ବା ହସମଣ୍ଡିତ ମୁଖମଣ୍ଡଳ ସହ ବାବାଙ୍କ ପାଦସେବା କରୁଥିବା ବେଳେ ଫଟୋଟିଏ ଉଠାଇନେଲେ। ଏହା ଦେଖି ବାବା ସଙ୍ଗେ ସଙ୍ଗେ କ୍ୟାମେରାଟି ମାଗିଲେ। ମୋର ଭୟ ହେଲା ବାବା କ୍ୟାମେରାଟିକୁ ଧରି ସେ ଫଟୋର ନେଗେଟିଭକୁ ନଷ୍ଟ କରିଦେବେ। ଏଡ଼େ ସୁନ୍ଦର ଅପୂର୍ବ ଚିତ୍ରଟି ମାଟି ହୋଇଯିବ। ମାତ୍ର ବାବା ଉଠିପଡ଼ି ପାର୍ଥସାରଥିଙ୍କୁ କହିଲେ, "ତୁ ଯା ସେ ସୋଫା ପଛରେ ଠିଆ ହେବୁ। ମୁଁ କ୍ୟାମେରା କ୍ଲିକ୍ କରିବି।" ମାତ୍ର ତେଲେଙ୍ଗାନା ଭାଇମାନଙ୍କୁ ଏ କଥାଟା ସୁଖ ଲାଗିଲା ନାହିଁ। ସେମାନେ ଏଯାଏ ଅନୁଚ୍ଚ ସ୍ୱରରେ କଥା କହିବା ଶିଖି ନଥିଲେ। ଏଣୁ ସମସ୍ତେ ବଡ଼ ପାଟିରେ ଚିତ୍କାର କରି କହିଲେ ଖାଲି ସୋଫାଟା ଫଟୋରେ ଉଠିବାକୁ ଯୋଗ୍ୟ ନୁହେଁ। ମାତ୍ର ମୁଁ ମଧ୍ୟ ଆପତ୍ତି କରି କହିଲି, "କ'ଣ ? ବାବା ଯେତେବେଳେ ଫଟୋ ନେବେ ସୋଫାଟା କ'ଣ ଖାଲି ରହିବ ?" ବାବା ସଂଗେ ସଂଗେ ଦୃଢ ସ୍ୱରରେ କହିଉଠିଲେ, "କସ୍ତୁରୀ ଠିକ୍ କହିଛି।" ବାବା ଯେତେବେଳେ କ୍ୟାମେରାର ଲେନ୍‌ସ ଭିତରେ ଚାହିଁ ଫୋକସ୍ ଠିକ୍ କରୁଥିଲେ ମୁଁ ଡାହାଣ ହାତର ପାପୁଲିକୁ ନେଇ ଖାଲି ପାଦରଖା ଉପରେ ଥୋଇଲି। ମୁଁ ପରୀକ୍ଷା କରିବାକୁ ଚାହୁଁଥିଲି, ଫଟୋରେ ମୋ ପାପୁଲି ବାବାଙ୍କ ପାଦତଳେ ଥିଲାପରି ଉଠିବ, ନା ପାଦ ଉପରେ ଥିଲା ପରି ଉଠିବ। ବାବା ଏକଥା ଜାଣିପାରି ସଂଗେ ସଂଗେ ହାତ ଉଠାଇ ନେବାକୁ ଆଦେଶ ଦେଲେ। ଆଉ କରିବି କ'ଣ, ଆଦେଶ ମାନିବାକୁ ବାଧ୍ୟ।

କ୍ୟାମେରାଟିକୁ ପାର୍ଥସାରଥିଙ୍କ ହାତକୁ ଫେରାଇ ଦେବାବେଳେ ବାବା କହିଲେ, "ହେ ସାବଧାନ, ମୁଁ ସେଠି ବସିଛି।" ମୁଁ ପାର୍ଥସାରଥିଙ୍କୁ ଚାହିଁ କହିଲି, "ଦେଖ, ଆମ-ସମସ୍ତଙ୍କୁ ଯେମିତି ଏଥିରୁ ଗୋଟିଏ ଗୋଟିଏ କପି ମିଳେ।" ତାପରେ ବାବାଙ୍କୁ ଚାହିଁ ଅନୁନୟ କଲି, "ସ୍ୱାମୀ, ଆପଣ ତାଙ୍କୁ ନ କହିଲେ ସେ ଆମକୁ ଜମା ଦେବେନି। ତାଙ୍କୁ କୁହନ୍ତୁ ସେ ଆମପାଇଁ ଗୋଟିଏ ଗୋଟିଏ ଫଟୋ ପଠାଇବେ।" ବାବା ତାଙ୍କୁ କହିଲେ ଆମ ପ୍ରତ୍ୟେକଙ୍କ ପାଇଁ ପୋଷ୍ଟକାର୍ଡ ଆକାରର ଗୋଟିଏ ଗୋଟିଏ ଫଟୋ ପଠାଇବାକୁ। ଦଶଦିନ ପରେ ଫଟୋ

ଆସିଗଲା । ବାବା ସୋଫାରେ ବସିଛନ୍ତି । ମୁହଁ ଓ କେଶ ଟିକିଏ ଝାପ୍‌ସା ଦିଶୁଥିଲା । ମୁହଁରେ ଆଶ୍ଚର୍ଯ୍ୟର ଭାବ - ନିଜ ଉପରେ ନିଜେ ଯେଉଁ ଅଭିନୟର ଦାୟିତ୍ୱ ନେଇଥିଲେ, ସେଥିପାଇଁ ।

ତେଲେଙ୍ଗାନା ଦଳଟିର ଭକ୍ତିକୁ ପ୍ରଶଂସା କଲେ ମଧ୍ୟ ବାବାଙ୍କ ଉପସ୍ଥିତିରେ ବି ସେମାନେ ଯେଉଁ ଅସମ୍ଭ୍ରମ ଆଚରଣ ପ୍ରକାଶ କରୁଥିଲେ ତାହା ମୋତେ ଆଦୌ ଭଲ ଲାଗୁ ନ ଥିଲା । ସେମାନେ ବାବାଙ୍କ ପାନଡବା ଖୋଲି ନିଜେ ପାନ ଖାଇ ଯାଉଥିଲେ । ବାବାଙ୍କ କୋଠରୀ ପାଖରେ ପାଚିଲା କଦଳୀ ଫେଣା ଦେଖିଲେ ସଙ୍ଗେ ସଙ୍ଗେ ସମସ୍ତେ ମିଶି ତାକୁ ଶେଷ କରି ଦେଉଥିଲେ । ବୃନ୍ଦାବନର ଗୋପାଳଙ୍କ ପରି ହିଁ ସେମାନେ ବ୍ୟବହାର କରୁଥିଲେ । କୋଏମ୍ବାଟୁର୍‌ର ରାଧାକୃଷ୍ଣନ୍ ସେଠାରେ ଥିଲେ । ମୁଁ ତାଙ୍କୁ ବେଳେ ବେଳେ ଚୁପ୍ ଚୁପ୍ କହେ, " ସେମାନେ ଏପରି ଭରସି ଯିବା ଠିକ୍ ନୁହେଁ ।" ସେ ବି ମୋ କଥାରେ ରାଜି ହୋଇ ମୁଣ୍ଡ ହଲାନ୍ତି । ଭଗବାନଙ୍କ ସନ୍ନିଧିର ପବିତ୍ର, ଦିବ୍ୟ, ସମ୍ଭ୍ରମ ମହତ୍ତ୍ୱକୁ ଏମାନେ ଯେପରି କ୍ଷୁଣ୍ଣ କରିବାରେ ଲାଗିଥିଲେ ତାହାକୁ ଆମେ କେହି ସମର୍ଥନ କରିପାରୁ ନଥିଲୁ । ଆମେ ଚୁପ୍ ଚୁପ୍, କେବଳ ପରସ୍ପରକୁ କହୁଥିଲୁ ବାବା ଏମାନଙ୍କୁ କାହିଁକି ଏତେ ପ୍ରଶ୍ରୟ ଦେଉଛନ୍ତି ! ମାତ୍ର ଆମର ସହିବା ଶକ୍ତି ଶେଷ ସୀମାରେ ପହଞ୍ଚିଲା ଯେତେବେଳେ ବାବା ସେମାନେ ଫେରିଗଲାବେଳେ ସେମାନଙ୍କ ସହ ତାଙ୍କ ଗାଁକୁ ଯିବାକୁ ରାଜି ହୋଇଗଲେ ।

ଯେଉଁ ସବୁ ଜିପ୍‌ରେ ସେମାନେ କେତେ ସପ୍ତାହ ତଳେ ଏଠାକୁ ଆସିଥିଲେ ଓ ଆମେ ମଝିରେ ମଝିରେ ବାବାଙ୍କ ସହିତ ଚିତ୍ରାବତୀ କୂଳରେ ଥିବା ଜଙ୍ଗଲକୁ ବଣଭୋଜି ପାଇଁ ଯାଉଥିଲୁ, ସେସବୁ ଏବେ ଘର ଆଡ଼କୁ ମୁହଁ କଲେ । ମୋ କାନରେ ପଡୁଥିଲା ଏମାନେ ବାବାଙ୍କୁ ନେଇ ତେଲେଙ୍ଗାନା ଅଞ୍ଚଳରେ ପୁରାତନ କାକତୀୟ ସାମ୍ରାଜ୍ୟର ରାଜଧାନୀ ଏକଶିଳାପୁରୀ ଓ ବୌଦ୍ଧ ଚିତ୍ରକଳା ଏବଂ ବିହାରରେ ପୂର୍ଣ୍ଣ ବିଖ୍ୟାତ ଅଜନ୍ତା ଆଦି ନାନା ସ୍ଥାନ ବୁଲିବେ । ଏସବୁ ଶୁଣି ଏ ଦଳରେ ଯୋଗ ଦେବାପାଇଁ ମୋର ଅଭିଳାଷ ତୀବ୍ର ହୋଇଉଠିଲା । ମୁଁ କଲେଜରେ ଥିଲାବେଳେ ପିଲାମାନଙ୍କୁ ନେଇ ଏସବୁ ସ୍ଥାନ ଯାଇଥିଲି, ମାତ୍ର ବାବାଙ୍କ ସଂଗରେ ପୁଣି ଏ ସ୍ଥାନକୁ ଯିବା ଯେ ନିଶ୍ଚୟ ଅପୂର୍ବ ହେବ, ସେଥିରେ ମୋର ସନ୍ଦେହ ନଥିଲା । ବାବା କାହାକୁ ଯେ ଏ ଦଳରେ ଯୋଗ ଦେବାପାଇଁ ଡାକିବେ ତାହା କାହାରିକୁ ଜଣା ନ ଥିଲା । ଏଣୁ ଆମେ ସମସ୍ତେ ଟିପ ଅଗରେ ଠିଆ ହୋଇ ଅପେକ୍ଷା କରିଥିଲୁ ।

ବାବାଙ୍କ ରହିବା କୋଠରୀରୁ ଦୁଇଟା ବଡ଼ ବଡ଼ ଚମଡ଼ା ବାକ୍‌ସ ତଳକୁ ଆସିବାର ଦେଖିଲି । ଏହି ସମୟରେ ଜଣେ ତେଲେଙ୍ଗାନା ଭାଇ ଉର୍ଦ୍ଧ୍ୱଶ୍ୱାସରେ ତଳକୁ ଧାଇଁଆସି ମୋତେ କହିଲେ, " ବାବା ଆପଣଙ୍କୁ ଡାକୁଛନ୍ତି ।" ସେ ଆଉ କିଛି ନ କହିଲେ ବି ମୁଁ ମନେ ମନେ ଠିକ୍

କରିନେଲି ତା'ପରେ ବାବା ମୋତେ କହିବେ " ହଁ, ଜିପ୍‌ରେ ଚଢ଼ିଯା ।" ଦୁଇ ଦୁଇଟା ପାହାଚ ଡେଇଁ ମୁଁ ଯେତେବେଳେ ଯାଇ ବାବାଙ୍କ ସାମନାରେ ହାଜର ହୋଇଗଲି, ବାବା ସେତେବେଳେ ଶେଷଗିରି ରାଓଙ୍କ ସହ କଥା ହେଉଥିଲେ । ମୋତେ ଦେଖି କହିଲେ, " ଏ ଲୋକମାନେ ମୋ ସହ ଏପରି ମିଶିବା ତୋତେ ସୁଖ ଲାଗୁ ନ ଥିଲା । ତୋତେ ଖାଉଥିଲା ଈର୍ଷା । ତୁ ଆଉ ତୋ ସାଙ୍ଗ ରାଧାକୃଷ୍ଣ । ତେଲେଙ୍ଗାନାରୁ ଏତେ ଭକ୍ତ ଆସି ଏଠାରେ ଏପରି ସେବା କଲେ ଓ କୃପା ଲାଭ କଲେ - ଏହା ତୋତେ ଆନନ୍ଦ ଦେଇପାରିଲା ନାହିଁ । ମାତ୍ର ସେଥିପାଇଁ ଏ ଶେଷଗିରି ରାଓ ଭାରି ଖୁସି ହେଉଥିଲା । ଶେଷଗିରି ରାଓ, ଯା ଜିପ୍‌ରେ ବସ୍ ।"

ବାସ୍ । ଅନୁଶୋଚନା, ଅନୁତାପ, ଦୁଃଖ....ର ପାହାଡ ବୋହି ଗୋଟିଏ ଗୋଟିଏ କରି ଅଠରଟି ପାହାଚ ଓହ୍ଲାଇଲି । ପୁଟ୍ଟପର୍ତ୍ତିର ଉଠାପଡ଼ା ରାସ୍ତାରେ ବାବା ଯେତେବେଳେ ହାଇଦ୍ରାବାଦ ରାଜପଥ ଉଦ୍ଦେଶ୍ୟରେ ଜିପ୍‌ରେ ତାଙ୍କର ଗୋପାଳ ସାଙ୍ଗମାନଙ୍କ ସହ ଚାଲିଗଲେ, ମୁଁ ବାରଣ୍ଡାରେ ପଥର ପରି ଠିଆ ହୋଇଥାଏ । ସେଦିନ ପ୍ରଥମଥର ପାଇଁ ମୁଁ ତୀବ୍ର ଭାବରେ ଏକୁଟିଆ ଅନୁଭବ କଲି । କୌଣସି କାମରେ ମୋର ଆଉ ମନ ଲାଗିଲା ନାହିଁ । ମୋର ବଡ଼ପଣ ମୋ ହୃଦୟରେ ଯେଉଁ ଗଭୀର କ୍ଷତ ରଖିଗଲା, ତାର କାରଣ ଖୋଜିବାରେ ସବୁ ସମୟ କଟିଲା 'ସାଙ୍ଗ' ରାଧାକୃଷ୍ଣ ସହିତ । ଭକ୍ତି ସବୁବେଳେ ଇସ୍ତ୍ରୀଦିଆ ସାର୍ଟ ଖୋଜେ ନାହିଁ । ସେମାନଙ୍କର ହୃଦୟଖୋଲା ବ୍ୟବହାର ମତେ ଆସ୍ପର୍ଦ୍ଧାପରି ଲାଗୁଥିଲା, ସେମାନଙ୍କର ନିର୍ମଳ ସରଳତାକୁ ମୁଁ ଅସଭ୍ୟତା ବୋଲି ଭାବୁଥିଲି । ମୋ ଉପରେ ଯେଉଁ ତୁଚ୍ଛ ବିଦ୍ୟାର ଡିଗ୍ରୀ ମାଡ଼ି ବସିଥିଲା ତାକୁ ଫିଙ୍ଗି ଦେବାକୁ ସଂକଳ୍ପ କଲି । ମୋର ବିଶ୍ୱବିଦ୍ୟାଳୟ ଡିଗ୍ରୀ ଓ ସହର ତଥା ବିଦ୍ୟାବନ୍ତ ଗୋଷ୍ଠୀରେ ଶିଖିଥିବା ଆତ୍ମପ୍ରଶଂସା ଯୁକ୍ତ ମାନସମ୍ମାନ ବୋଧ ବାବାଙ୍କ ଆଗରେ କଡ଼ାକର ବି ହେଲା ନାହିଁ ! ଶେଷଗିରି ରାଓଙ୍କ ପରି ମୁଁ ନିର୍ମଳ ଭାବରେ ମୋ କର୍ତ୍ତବ୍ୟ ପାଳନ କରିବି; ଅନ୍ୟକୁ ବିଚାର କରିବାର ଅଧିକାର ମୋତେ କିଏ ଦେଲା ? ଏହିପରି ଭାବରେ ମୁଁ ନିଜକୁ ସତର୍କବାଣୀ ଶୁଣାଇବାରେ ଲାଗିଗଲି । ବାବାଙ୍କ ସନ୍ନିଧିରେ ରହିବାକୁ ହେଲେ, ମୋତେ ଅନ୍ୟର ଦୋଷ ଦେଖିବାର ମୋର ପୂର୍ବ କୋରାବାଞ୍ଚି ଅଭ୍ୟାସକୁ ଜଳାଞ୍ଜଳି ଦେବାକୁ ହେବ । ପଥର ତଳେ ସାଧୁତା ଓ ଶୁଭ୍ରତାର ଝର ଖୋଜିବାରେ ଏଣିକି ମୋର ରହସ୍ୟପ୍ରିୟ ସ୍ୱଭାବକୁ ଲଗାଇବି ବୋଲି ମନେ ମନେ ସଂକଳ୍ପ କଲି ।

ପ୍ରଶାନ୍ତିନିଳୟମ୍ ମତେ ଶୂନ୍ୟ ଲାଗିଲା, ମତେ ଜନମାନବ ଶୂନ୍ୟ ବୋଧ ହେଲା, କାରଣ ବାବା ମତେ ଛାଡି ଚାଲିଯାଇଛନ୍ତି ଆପଣାର ରକ୍ତଝରା ଘାଆକୁ ଆପେ ଚାଟିବାକୁ ଛାଡିଦେଇ । ଅନ୍ୟର ଦୋଷ ଦେଖିବାର ମୋର ଯେଉଁ ଅଭ୍ୟାସ ବାବା ତାକୁ ଅନେକ ସମୟରେ

ଦୁଷ୍ଟଗୁଣ ତାଲିକାରେ ଏକ ନମ୍ବରରେ ରଖନ୍ତି । ଏବେ ଏକୁଟିଆ ବସି ମୁଁ ମୋର ସେ ଗୁଣଟିକୁ ଛଡାଇବା ପାଇଁ ନିଜକୁ ଜୋର୍‌ରେ ଘଷାମଜା କରିବାରେ ଲାଗିଲି । ପ୍ରାର୍ଥନା ଓ ଧ୍ୟାନରେ ଅଧିକ ସମୟ କଟାଇଲି । ତେଲେଙ୍ଗାନା ଭକ୍ତମାନଙ୍କ ସହିତ ବାବା ବୁଲି ଚାଲିଯିବାରୁ ପିତା ବେଙ୍କାପ୍‌ପା ରାଜୁଙ୍କ ଦୋକାନ ପାଇଁ ଆଉ ଗରାଖ ବେଶୀ ନ ଥିଲେ । ଏଣୁ ତାଙ୍କ ସହିତ ଅଧିକ ସମୟ କଟାଇ ବାବାଙ୍କ ପିଲାଦିନର କଥା ତାଙ୍କଠୁ କିଛି ଟିପିବାରେ ମଧ୍ୟ ମୋର ସମୟ କଟିଲା ।

ବେଙ୍କାପ୍‌ପା ରାଜୁଙ୍କ ପ୍ରତି ମୋର ଗଭୀର ସମ୍ମାନ ଥିଲା । ବିଶେଷତଃ ମଦନାପଲ୍ଲୀଠାରୁ ସେ ବାବାଙ୍କ ପାଖକୁ ଲେଖିବା ଚିଠି ବାବା ମୋତେ ପଢ଼ିବାକୁ ଦେବା ପରଠାରୁ ଏହା ବଢ଼ିଯାଇଥିଲା । ବେଙ୍କାପ୍‌ପା ରାଜୁ ତାଙ୍କର ଅଠର ବର୍ଷ ବୟସର ସାନ ପୁଅକୁ ଧରି ସେଠାରେ ଯକ୍ଷ୍ମା ସାନାଟୋରିୟମ୍‌ରେ ଭର୍ତ୍ତି କରିବାକୁ ଯାଇଥିଲେ । ସେଠାରେ ଡାକ୍ତରମାନେ ତାର ଡାହାଣ ଫୁସ୍‌ଫୁସ୍‌ରେ ଅସ୍ତ୍ରୋପଚାର କରିଥିଲେ ଓ ଏହା ସଫଳ ହୋଇଥିଲା । ପିତା ବେଙ୍କାପ୍‌ପା ରାଜୁ ଗୋଟିଏ ପୋଷ୍ଟକାର୍ଡରେ ଏକଥା ବାବାଙ୍କ ପାଖକୁ ଲେଖିଥିଲେ । ଡାକ ଆସିଲାବେଳେ ମୁଁ ତାଙ୍କ ଆଗରେ ଠିଆ ହୋଇଥିଲି । ବାବା ଚିଠିଗୁଡାକ ଆଙ୍ଗୁଠିରେ ଟାଣି ବାହାର କରି ଗୋଟିଏ ପାଖରେ ରଖୁଥିଲେ । ଚିଠିତାଡ଼ା ଭିତରୁ ଗୋଟିଏ ଟାଣି ବାହାର କରି ହାତରେ ଧରିଲେ । ତାପରେ ସେଟାକୁ ମୋ ଉପରକୁ ଫିଙ୍ଗି ଦେଇ କହିଲେ, "ପଢ଼େ" । ତେଲୁଗୁରେ ଲେଖା । ବଡ଼ପାଟି କରି ପ୍ରଥମ ଧାଡ଼ିଟି ପଢିଲି, "ପେଦ୍ଦା ବେଙ୍କାପ୍‌ପା ରାଜୁର ଭଗବାନ ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣରେ ଦଣ୍ଡବତ" । ବାବା ମୋ ମୁହଁକୁ ଚାହିଁଥାନ୍ତି । ସେତକ ପଢ଼ା ସରିବା ମାତ୍ରେ କହିଲେ, "ବାସ୍" । ମୁଁ ବି ଖୁସିହେଲି ।

ବାବା ମତେ ପଚାରିଲେ, "ଚିଠି କାହାଠୁ ଆସିଛି ?" କଥାକୁ ଅଧା ଗିଳି ଭୟରେ ଉତ୍ତର ଦେଲି, "ମଦନାପଲ୍ଲୀରୁ ଜଣେ କିଏ ପେଦ୍ଦା ବେଙ୍କାପ୍‌ପା ରାଜୁ ଲେଖିଛନ୍ତି ।" "ସେ ଏ ଦେହର ପିତା । ତୋ ମନରେ କୌତୂହଳ ଥିଲା ଜାଣିବା ପାଇଁ ସେ ମୋତେ କିପରି ସମ୍ବୋଧନ କରନ୍ତି, ନୁହେଁ ?" ମୁଁ ମାନିଲି । ଏ ଚିଠିଟି ପ୍ରମାଣ କରିଦେଲା ଯେ ସେ ତାଙ୍କ ପୁଅଙ୍କର ଜଣେ ପ୍ରକୃତ ଭକ୍ତ, ଅନ୍ୟମାନଙ୍କଠାରୁ ଟିକିଏ ବି ଊଣା ନୁହଁ ।

ମୋର ମନେ ପଡିଗଲା ଆଉ ଜଣେ 'ପିତା' କିପରି ତାଙ୍କ ପୁତ୍ର ରୂପେ ଆସିଥିବା ଅବତାରଙ୍କୁ ଭକ୍ତି ଜ୍ଞାପନ କରିଥିଲେ । ଭାଗବତରେ ଅଛି ମହର୍ଷି କର୍ଦ୍ଦମଙ୍କ ଘରେ ଯେତେବେଳେ କପିଳ ଜାତ ହେଲେ, ସେ କପିଳଙ୍କର ଅବତାରତ୍ୱ ବୁଝିପାରିଥିଲେ । ପୁତ୍ର ପାଖକୁ ଯାଇ ମହର୍ଷି କର୍ଦ୍ଦମ କହିଲେ, "ତୁମେ ଏ ଘରେ ମଣିଷ ଭାବରେ ଜନ୍ମ

ନେଇ ଏହାକୁ ସୌଭାଗ୍ୟବନ୍ତ କରିଛ। ତୁମେ ଆସିଛ ମଣିଷକୁ ଶିଖାଇବାକୁ ଯେ ତାର ପ୍ରକୃତ ସ୍ୱଭାବ ଦିବ୍ୟ। ତୁମେ ଆନନ୍ଦ ଓ ଜ୍ଞାନର ଆଧାର। ତୁମେ ଯେ କୌଣସି ରୂପ ଗ୍ରହଣ କଲେ ମଧ୍ୟ ତୁମର ସ୍ୱଭାବ ସ୍ୱରୂପ ଦ୍ୱାରା ସଙ୍କୁଚିତ ହୋଇପାରେନା। ତେଣୁ ମହର୍ଷିମାନେ ତୁମକୁ ଚତୁର୍ଭୁଜ ରୂପରେ ଦେଖିଲେ ସୁଦ୍ଧା, ସେ ରୂପ ଓ ମୁଁ ଏବେ ପ୍ରତ୍ୟକ୍ଷ କରୁଥିବା ଦୁଇଭୁଜ ରୂପ ମଧ୍ୟରେ କିଛି ପାର୍ଥକ୍ୟ ନାହିଁ। ଉଭୟ ରୂପ ତୁମର।" ଏହା କହି କର୍ଦ୍ଦମ ପୁତ୍ରକୁ ସାଷ୍ଟାଙ୍ଗ ପ୍ରଣାମ କଲେ ଓ ତପସ୍ୟା ପାଇଁ ବଣକୁ ଚାଲିଗଲେ। ପିତାଙ୍କୁ ପୁତ୍ର ଆଶୀର୍ବାଦ ଦେଇ କହିଥିଲେ; "ସବୁ କର୍ମ, ଭାବ ଓ ଭାବନା ମୋତେ ସମର୍ପଣ କର। ସକଳ ପ୍ରାଣସତ୍ତାର ମୂଳ ଯେଉଁ ଆତ୍ମା, ମୁଁ ତୁମକୁ ଯଥା ସମୟରେ ସେ ଆତ୍ମାର ଦର୍ଶନ ଦେବି। ବର୍ତ୍ତମାନଠାରୁ ତୁମେ ସନ୍ନ୍ୟାସୀ ଭାବରେ ରହିବା ପାଇଁ ମୁଁ ଅନୁମତି ଦେଉଛି।"

ଅବତାରଙ୍କ ଆଗମନ ହେଲା ବୋଲି ବୁଝିବା ପରଠାରୁ ତାଙ୍କ ପାଖକୁ ଆସୁଥିବା ଲୋକଙ୍କର ସେବାରେ ବେଙ୍କାପ୍ପା ରାଜୁ ନିଜକୁ ନିୟୋଜିତ ରଖିଥିଲେ। ଯେଉଁମାନେ ସବୁ ପ୍ରଶାନ୍ତିନିଳୟମ୍ ଆସନ୍ତି ସେ ସମସ୍ତଙ୍କ ପାଖକୁ ଯାଇ ବେଙ୍କାପ୍ପା ରାଜୁ ପଚାରନ୍ତି କାହାର ବୁକ୍କାପଟ୍ଟନମ୍‌ର ସୋମବାର ହାଟରୁ, ବା ହିନ୍ଦୁପୁର, ଅନନ୍ତପୁର ଓ କୋତ୍ତାଚେରୁବୁ ଦୋକାନରୁ କ'ଣ କ'ଣ ଦରକାର। ତାପରେ ସେ ନିଜେ ଯାଇ ସେସବୁ ଆଣୁଥିଲେ ଓ ଭକ୍ତମାନଙ୍କ ଘର ଘର ବୁଲି ସେସବୁ ଦେଇ ଆସୁଥିଲେ। ସେ ବଡ଼ ସରଳ, ସାଦାସିଧା ଓ ସ୍ନେହୀ ମଣିଷଟିଏ ଥିଲେ। ଅପୂର୍ବ କର୍ତ୍ତବ୍ୟନିଷ୍ଠା ଦ୍ୱାରା ସେ ସମସ୍ତଙ୍କ ହୃଦୟକୁ ଜୟ କରିଥିଲେ।

ମାତ୍ର ଈଶ୍ୱରାମ୍ମା ତାଙ୍କ ପୁଅ, ଝିଅ, ନାତି, ନାତୁଣୀଙ୍କ ବିଷୟରେ ସବୁବେଳେ ବିବ୍ରତ ରହୁଥିଲେ। ଏପରିକି ଲକ୍ଷେ ଲୋକଙ୍କର ରକ୍ଷକ ବାବାଙ୍କ ବିଷୟରେ ବି ତାଙ୍କ ଚିନ୍ତାର ଅନ୍ତ ନଥିଲା। ବାବା ତେଲେଙ୍ଗାନା ଭକ୍ତମାନଙ୍କ ସହିତ ଚାଲିଯିବା ପରେ ପ୍ରାୟ ଦୁଇ ସପ୍ତାହ ଧରି ଆମେ ତାଙ୍କଠାରୁ କିମ୍ବା ତାଙ୍କ ସମ୍ପର୍କରେ ଆଉ କାହାଠାରୁ କିଛି ଖବର ପାଇଲୁ ନାହିଁ। ମାଆଙ୍କ ମନ କି ଆଉ ଥୟ ଧରେ ? ସେ ମୋତେ ବାଧ୍ୟ କଲେ ହାଇଦ୍ରାବାଦ ଯାଇ ବାବାଙ୍କ ଖବର ବୁଝିବାକୁ, ଆଉ ତାଙ୍କୁ ଫେରାଇ ଆଣିବାକୁ। ବେଙ୍କାପ୍ପା ରାଜୁଙ୍କ ଭାଇଙ୍କ ପୁଅ କୃଷ୍ଣାପ୍ପା ମୋ ସଙ୍ଗରେ ଆସିଲା। ଦୁଇ ଜଣ ହେଲେ ଭଲ। ମୁଁ ଚିଠି ଲେଖିବାକୁ ଭୁଲିଗଲେ ମଧ୍ୟ କୃଷ୍ଣାପ୍ପା ଲେଖିବ।

ବାବା ଔରଙ୍ଗାବାଦ, ଏଲୋରା ଏବଂ ଅଜନ୍ତା ବୁଲିସାରି ଫେରିବାର ଦୁଇଘଣ୍ଟା ଭିତରେ ଆମେ ଯାଇ ତାଙ୍କ ରହଣୀ ସ୍ଥାନରେ ପହଞ୍ଚିଗଲୁ। ତେଲେଙ୍ଗାନା ଭକ୍ତମାନଙ୍କୁ ନିଜ ନିଜ ଘରକୁ

ଫେରିଯିବା ପାଇଁ କହି ବାବା ଶେଷଗିରି ରାଓଙ୍କ ସହିତ ହାଇଦ୍ରାବାଦ ଆସିଲେ । ସେ ସମୟରେ ସାରା ରାଜ୍ୟରେ ପେଟ୍ରୋଲ ବ୍ୟବସାୟୀଙ୍କ ଧର୍ମଘଟ ଚାଲିଥିଲା । ଏଣୁ ବାବା କହିଲେ ବିନା ପେଟ୍ରୋଲ୍‌ରେ ତାଙ୍କୁ ଦେଢ଼ଶହ ମାଇଲ ବାଟ ଗାଡ଼ି ଚଳାଇ ଆସିବାକୁ ପଡ଼ିଥିଲା । ବାବା ହସି ହସି କହିଲେ, "ଏଥର ମତେ ଆଉ ପାଣିକୁ ପେଟ୍ରୋଲ୍‌ରେ ପରିଣତ କରିବାକୁ ପଡ଼ିନାହିଁ। କାରଣ ବାଟରେ କେଉଁଠି ଟୋପେ ହେଲେ ପାଣି ନଥିଲା । କେବଳ ସଂକଳ୍ପ ବଳରେ ଗାଡ଼ିର ଚକ ଗଡୁଥିଲା ।" ଅସମ୍ଭବ ଲାଗୁଚି ମାତ୍ର ସତ୍ୟ ।

ଆମେ ସ୍ୱାମୀଙ୍କ ସହ ପୁଟ୍ଟପର୍ତ୍ତି ଫେରିଲାବେଳେ ଆମ ସହିତ ଥିଲେ ଜଣେ ରାସ୍ତା ଇଞ୍ଜିନିୟର, ଶ୍ରୀ ଟି.ଏ. ରାମନାଥ ରେଡ୍‌ଡି । ବାବା ତାଙ୍କୁ 'ଆଲକାତରା' ଡାକୁଥିଲେ। କାରଣ ତାଙ୍କର କାମ ଥିଲା ରାସ୍ତାରେ ଆଲକାତରା ଢାଳିବା ।

ରାଇଚୁର୍ ଟାଉନ୍ ପାଖରେ ଆମେ ଜଳଖିଆ ପାଇଁ ପରିଦର୍ଶକ କୋଠି (ଇନ୍‌ସ୍ପେକ୍‌ସନ୍ ବଙ୍ଗଲୋ)ରେ ଘଣ୍ଟାଏ ଅଟକି ଥିଲୁ । ତାପରେ ହାମ୍ପି ଅଭିମୁଖରେ ଚାଲିଲୁ । ଘଣ୍ଟାଏ ଗାଡ଼ି ଚାଲିଲା ପରେ ବାବା ଦେଖିଲେ ଇଞ୍ଜିନିୟର୍‌ଙ୍କ ନାକ ଉପରେ ତାଙ୍କ ଚଷମାଟି ନାହିଁ । ଅବଶ୍ୟ ରାମନାଥ ରେଡ୍‌ଡିଙ୍କର ଏହା ମନେ ନଥିଲା । ବାବା ପଚାରିବାରୁ ସେ ଚମକିପଡ଼ି କହିଲେ ଯେ ପରିଦର୍ଶକ କୋଠିରେ ମୁହଁ ଧୋଇଲା ବେଳେ ବେସିନ୍ ପାଖରେ ଚଷମାଟି କାଢ଼ି ରଖି ଦେଇଛନ୍ତି, ଆଉ ପୁଣି ଲଗାଇବାକୁ ତାଙ୍କର ମନେ ନାହିଁ । ବାବା ଆଶ୍ୱାସନା ଦେଇ କହିଲେ, "ବ୍ୟସ୍ତ ହୁଅନା । ହାମ୍ପିଠାରୁ ରାଇଚୁର ଜିଲ୍ଲା କଲେକ୍ଟର ପାଖକୁ ଟେଲିଗ୍ରାମ କରିଦେବ । ସେ ସେଠାରୁ ତୁମ ଚଷମା ଆଣି ଡାକରେ ତୁମ ପାଖକୁ ପଠାଇ ଦେବ ।" ମାତ୍ର ତାଙ୍କୁ ଏପରି ଆଶ୍ୱାସନା ଦେଉଥିଲାବେଳେ ହିଁ ବାବାଙ୍କ ହାତ ପାପୁଲି ଶୂନ୍ୟରେ ଘୂରିଗଲା, ଆଉ ବାବାଙ୍କ ହାତରେ ପହଞ୍ଚିଗଲା ରାଇଚୁର୍‌ରେ ସେ ଛାଡି ଆସିଥିବା ଚଷମା । "ଇଏ ତୁମର ଚଷମା ତ ?" ବାବା ପଚାରିଲେ । ରାମନାଥ ରେଡ୍‌ଡିଙ୍କ ପାଟିରେ ଭାଷା ନଥିଲା, ଆଖିର ଦୁଇକୂଳ ଟପି ଝରିପଡୁଥିବା ଲୁହ ନୀରବସମ୍ମତି ଜଣାଉଥିଲା । ଆମେ ପ୍ରଶାନ୍ତିନିଳୟମ୍‌ରେ ପହଞ୍ଚିଲାପରେ ମାତା ଈଶ୍ୱରାମ୍ମା ମୋତେ ଆନନ୍ଦଭରା ଆଖିରେ କହିଲେ, "କସ୍ତୁରୀ, ତୁମେ ତାଙ୍କୁ ଘେନି ଆସି ଭାରି ଭଲ କାମଟିଏ କଲ । ଆମେ ତୁମଠୁ ଚିଠିଟିଏ ଆଶା କରୁଥିଲୁ, ମାତ୍ର ତୁମେ ତାଠୁ ଆହୁରି ବଡ଼ କାମଟିଏ କଲ ।" ମାତୃସ୍ନେହର ଆଧିକ୍ୟରେ ମାଆ ଈଶ୍ୱରାମ୍ମା ଆମର ଭୂମିକାକୁ ଓଲଟା ଦେଖୁଥିଲେ ।

❖

ବେଦନା, ବିଦାୟ

ମାତ୍ର ମୋ ପାଇଁ ଆଉ ଗୋଟିଏ ଚିଠି ଅପେକ୍ଷା କରିଥିଲା । ଚିଠି ପଢି ମୋର ପ୍ରଥମ ମନୋଭାବ ହେଲା ଏହାକୁ ଉପେକ୍ଷା କରିବା । ଦ୍ୱିତୀୟରେ ମୁଁ ଭାବିଲି ବାବାଙ୍କ ଆଗରେ ନେଇ ଏ ସମସ୍ୟାକୁ ସ୍ଥାପନ କରିବା ଉଚିତ ହେବ । କାରଣ ମୋର ମନେହେଲା, ବହୁଦିନ ଧରି ଥିବା ଯେଉଁ କ୍ଷତଟିକୁ ମୁଁ ମନ ଭିତରେ ଦାବି ଦେଇଥିଲି ତାକୁ ଶୁଖାଇବା ପାଇଁ ଏ ଚିଠି ବାବାଙ୍କର ଗୋଟିଏ କୃତି ।

ଚିଠିଟି ଆସିଥିଲା ନୂଆ କରି ପ୍ରତିଷ୍ଠିତ ଆକାଶବାଣୀର ବାଙ୍ଗାଲୋର କେନ୍ଦ୍ରରୁ । ଏଥିରେ କନ୍ନଡ଼ ଭାଷାରେ ଜଣେ ପ୍ରୋଗ୍ରାମ ପ୍ରଡ୍ୟୁସର ଭାବରେ ଯୋଗଦେବା ନିମନ୍ତେ ମୋତେ ଆମନ୍ତ୍ରଣ କରାଯାଇଥିଲା । ମୋର ଜଣେ ପୁରୁଣା ଛାତ୍ର ଶ୍ରୀ ଏଚ୍. ସିଦ୍ଧବୀରାପ୍ପା ମହୀଶୂର ସରକାରରେ ଗୃହମନ୍ତ୍ରୀ ଥିଲା । ସେକାଳରେ ଗାଁ ଗହଳିର ଉନ୍ନତି ଉଦ୍ଦେଶ୍ୟରେ ପ୍ରଚାରମାଧ୍ୟମର ସଫଳ ଓ ସାର୍ଥକ ଉପଯୋଗ କ୍ଷେତ୍ରରେ ମୋର ଆଗ୍ରହ ଓ ଉତ୍ସାହ ସେ ଦେଖିଥିଲା । ମୋର ଆଶଙ୍କା ଥିଲା ସେ ହିଁ ଦିଲ୍ଲୀ ଆକାଶବାଣୀକୁ ମୋରି ନାମ ସୁପାରିଶ୍ କରି ପଠାଇଥିଲା । ଆକାଶବାଣୀର କାର୍ଯ୍ୟକ୍ରମ ସବୁ ଲୋକଙ୍କର କାନ, ମନ ଓ ହୃଦୟକୁ ଧରିବା ଉଦ୍ଦେଶ୍ୟରେ କେନ୍ଦ୍ର ସମ୍ବାଦ ଓ ବେତାର ମନ୍ତ୍ରୀ ସାହିତ୍ୟିକମାନଙ୍କୁ ପ୍ରଡ୍ୟୁସର ଭାବରେ ନେବାର ଏକ ନୂତନ ଯୋଜନା କରିଥିଲେ । ଏହି ଯୋଜନା ଅନୁସାରେ ବିଭିନ୍ନ କେନ୍ଦ୍ର ଆଞ୍ଚଳିକ ଭାଷାରେ ଲୋକପ୍ରିୟ ସାହିତ୍ୟିକମାନଙ୍କୁ ନିମନ୍ତ୍ରଣ କରି ବଡ଼ ଆତ୍ମପ୍ରଶଂସା କରିବାରେ ଲାଗିଥିଲେ । ବାଙ୍ଗାଲୋର୍ ବେତାର କେନ୍ଦ୍ର ପୁରୁଣା ଫାଇଲ୍‌ମାନଙ୍କ ଭିତରୁ ଯେତେବେଳେ ଆବିଷ୍କାର କଲେ ଯେ ବର୍ତ୍ତମାନ ବେତାର ଯେଉଁ 'ଆକାଶବାଣୀ' ନାମରେ ପରିଚିତ ତାହା ମୋ ମୁଣ୍ଡରୁ ବାହାରିଥିଲା, ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସେମାନେ ଆହୁରି ଦେଖି ତୃପ୍ତ ହୋଇଥିଲେ ଯେ ଯେଉଁ 'ଶୃଙ୍ଖଳାଭଙ୍ଗ' ଅଭିଯୋଗରେ ମୋତେ ବେତାର କେନ୍ଦ୍ରରୁ ବାହାର କରି ଦିଆଯାଇଥିଲା, ତାହା ଏକ ଯଥାର୍ଥ ଓ ପ୍ରଶଂସାଯୋଗ୍ୟ 'ଶୃଙ୍ଖଳାଭଙ୍ଗ' ଥିଲା । ମହୀଶୂର ସହର ବେତାର କେନ୍ଦ୍ରରୁ ମୋର ବିଦାୟ ଖବର ଗୃହମନ୍ତ୍ରୀଙ୍କ ମନରେ ଦୁଃଖ ଦେଇଥିଲା । ତେଣୁ ଏବେ ପୁନଶ୍ଚ ମୋତେ ପ୍ରୋଗ୍ରାମ ପ୍ରଡ୍ୟୁସର ଭାବରେ ନେବାପାଇଁ ମୋର ନାମକୁ ସୁପାରିଶ୍ କଲେ ଓ ବେତନ ଭାବରେ ବେଶ୍ ଆକର୍ଷଣୀୟ ଟଙ୍କା ମଧ୍ୟ ଦେବାକୁ ଠିକ୍ କଲେ । ମୋ ନିଯୁକ୍ତିପତ୍ରରେ ଆହୁରି ମଧ୍ୟ ଲେଖା ଥିଲା ଯେ ବେତାର କେନ୍ଦ୍ରରୁ ମୁଁ ଯେଉଁ ଦରମା ପାଇବି ତାହା ମୋ ଅବସରକାଳୀନ ଭତ୍ତାକୁ ସ୍ପର୍ଶ କରିବ ନାହିଁ ।

ମୁଁ ମାନିବି ଯେ ଏ ନିମନ୍ତ୍ରଣ ଭାରି ଲୋଭନୀୟ ଥିଲା। ମାତ୍ର ମୋତେ ଏହା ଲୋଭ ଦେଖାଇ ପାରିଲା ନାହିଁ। ଥରେ ପୋତାଶ୍ରୟରେ ଲଙ୍ଗର ପକାଇ ସାରିବା ପରେ ପୁଣି ପାଲ ଟାଣିବାକୁ ମୋର ଆଦୌ ଇଚ୍ଛା ନଥିଲା। ମୁଁ ସେଥିପାଇଁ ପ୍ରାର୍ଥନା କଲି, ଅନୁନୟ କରି, ପାଦ ଧରି ଲୁହ ଢାଳିଲି, ଯିବିନି ବୋଲି ଜିଦ୍ ଧରିଲି। ମାତ୍ର ବାବା ମୋର କୌଣସି କଥା ଶୁଣିଲେ ନାହିଁ। ମୋର ଅବାଧ୍ୟତା ଭାଙ୍ଗିବାକୁ ସେ ବହୁ ଯୁକ୍ତି ଦେଖାଇଲେ। ମୋ ସ୍ତ୍ରୀ ମଧ୍ୟ କହିଲା ଏହା ଗୋଟିଏ ଦଣ୍ଡ। ଆମ ପାଦପଦ୍ମ ତଳେ ବସି ଦିବ୍ୟାନନ୍ଦର ଅମୃତ ଚାଖିବା ଆରମ୍ଭ କରୁ କରୁ ବାବା ଆମକୁ ବାଙ୍ଗାଲୋରକୁ ଠେଲି ଦେଲେ। ଆମେ ତାଙ୍କ ପାଦତଳେ ଯେତେ କାନ୍ଦି କାନ୍ଦି ଗଡ଼ିଲୁ, କିଛି ଲାଭ ହେଲା ନାହିଁ।

ବାବା କହିଲେ, " ତୋର ପ୍ରତିଭା ଓ ଦକ୍ଷତା ବୃଥା ହୋଇଯିବା ଉଚିତ ନୁହେଁ। ତାର ସଦୁପଯୋଗ ଦରକାର। ଏଠାରେ ତାର ଉପଯୋଗ କରିବା ସୁଯୋଗ ତୋତେ ମିଳିବ ନାହିଁ। ସେଠାରେ ତୁ ଯାହା କରିବାକୁ ଯାଉଛୁ, ତାହା ବି ମୋ କାମ। ତୁ କ'ଣ ଭାବୁଛୁ ଏ ଚାକିରି ଗ୍ରହଣ କଲେ ତୁ ଆଉ କାହାର ସେବକ ହୋଇଯିବୁ ? 'ଆଉ' ବୋଲି କେହି ନାହିଁ। ସବୁକାମ ମୋରି ପାଇଁ, ସବୁକାମ ମୋର। ତାଛଡ଼ା ତତେ ମୁଁ ଗୋଟିଏ ଅସୁଆଦ କାମରେ ପ୍ରଶାନ୍ତିନିଳୟମ୍‌ଠାରୁ କାହିଁ କେଉଁ ଅଜଣା ଦୂର ଜାଗାକୁ ତ ପଠାଇ ଦେଉନି। ଏଠାରୁ ତିନିଘଣ୍ଟା ଦୂରରେ ରହିବୁ। ବାଙ୍ଗାଲୋରରେ ତୋର ଘର ଅଛି, ଝିଅ ଓ ତା ପିଲାମାନେ ଅଛନ୍ତି। ଏବେ ଯାହା କରିବୁ ତାହା ତ ବହୁଦିନ ଧରି ତୁ ଆନନ୍ଦରେ କରିଥିଲୁ, ତୋ ମନ ମାନିଲାଭଳି କାମ। 'କସ୍ତୁରୀ' ନାମଟି କନ୍ନଡ ଭାଷାର ଆଉ ଏକ ନାମ ବୋଲି କ'ଣ ତୁ ଜାଣିନୁ (ଗୋଟିଏ ଲୋକକଥା ଅନୁସାରେ କନ୍ନଡ ଭାଷା କସ୍ତୁରୀ ପରି ସୁବାସିତ) ? ମୁଁ ଜାଣେ ତୋ ମନ ଭିତରେ ଗୋଟିଏ ଗୁପ୍ତ ଇଚ୍ଛା ଅଛି ଯେ ତୋ କଣ୍ଠସ୍ୱର ପୁଣି ବେତାର ଯନ୍ତ୍ରରେ ପ୍ରଚାରିତ ହୁଅନ୍ତା, କନ୍ନଡ଼ ଭାଷାର ଲୋକ ପୁଣି ତୋ କଣ୍ଠସ୍ୱର ଶୁଣନ୍ତେ। ଏ ନିମନ୍ତ୍ରଣ ତୁ ଚାହିଁ ନଥିଲୁ, ଅଯାଚିତ ଆସିଛି। ଏଣୁ ଏହା କୃପା-ଉପହାର। ଯା। ତୁ ମୋ ପାଖରୁ ପଳେଇ ଯାଉନୁ। ତୁ ଇଚ୍ଛା କଲେ ବି ପାରିବୁ ନାହିଁ।" ମୋ ସ୍ତ୍ରୀକୁ ବି ମୋ ସାଙ୍ଗେ ଯିବାକୁ ଆଦେଶ ମିଳିଲା। ମାତ୍ର ବୋଉ କହିଲା ପ୍ରଶାନ୍ତିନିଳୟମ୍‌ରୁ ପାଦେ ବି ସେ କୁଆଡ଼େ ଘୁଞ୍ଚିବ ନାହିଁ। ବାବା ମଧ୍ୟ ତାର ଅବାଧ୍ୟପଣିଆକୁ ମାନିନେଇ କହିଲେ, " ଜେଜେମା, ତୁ ଏଇଠି ରହ। ତୋର ଯଦି କିଛି ଅସୁବିଧା ହୁଏ, ଏ କସ୍ତୁରୀ କ'ଣ କରେ ? ସେ ମୋରି ପାଖକୁ ଧାଇଁ ଆସେ। ଏବେ ସେ ଏଠି ରହିବ ନାହିଁ, ମୁଁ ନିଜେ ତୋ ପାଖକୁ ଧାଇଁଯିବି।" ଓଜନିଆ ନିରାଶ ହୃଦୟଟିମାନ ଧରି ଆମକୁ ଅଗତ୍ୟା ପ୍ରଶାନ୍ତିନିଳୟମ୍ ଛାଡିବାକୁ ପଡିଲା।

ବାଙ୍ଗାଲୋର ଆକାଶବାଣୀ ମୋତେ ପୁରୁଣା ପ୍ରେମିକ ପରି ସ୍ୱାଗତ କଲା । ମୁଁ ବହୁଦିନ ତଳେ ଏହି କେନ୍ଦ୍ରର ପୋତରେ ପାଲ ଟାଣିବା ଆରମ୍ଭ କରିବା ଦିନଠାରୁ ଅନେକ କଳାକାର ଏଥିରେ ଯୋଗଦେଇ ସାରିଲେଣି । ସେକାଳରେ, ଊନବିଂଶ ଶତାବ୍ଦୀର ଚତୁର୍ଥ ଦଶନ୍ଧିରେ, ନାଭି ଲାଗିଥିବା ବେତାର କେନ୍ଦ୍ରରେ ଯେଉଁମାନଙ୍କ ସହ ମୁଁ କାମ କରୁଥିଲି, ସେମାନେ ସମସ୍ତେ ଆକଶବାଣୀର କାର୍ଯ୍ୟକ୍ରମ ବିଭାଗରେ ଯୋଗ ଦେଇଥିଲେ । ମୁଁ ଫେରି ଆସିବାରେ ମୁଁ ନିଜେ ଯେତିକି ଆନନ୍ଦିତ ହୋଇଥିଲି ସେମାନେ ମୋଠାରୁ ଆହୁରି ଅଧିକ ଆନନ୍ଦିତ ହୋଇଥିଲେ, କାରଣ ଯେପରି ଅଶୋଭନୀୟ ଭାବରେ ସେ ସମୟର ପରିଚାଳକ ମୋତେ ନିକାଲି ଦେଇଥିଲେ ସେଥିରେ ଏମାନେ ମୋ ଅପେକ୍ଷା ଅଧିକ କ୍ରୁଦ୍ଧ ହୋଇଥିଲେ ।

ଗାଁ ଗହଳିର ଅଶିକ୍ଷିତ ଲୋକମାନଙ୍କ ପାଇଁ ପ୍ରଚାରମାଧ୍ୟମକୁ ସଫଳ ବ୍ୟବହାର କରିବା କ୍ଷେତ୍ରରେ ସେକାଳର ମୋର ପରୀକ୍ଷାକୁ ମର୍ଯ୍ୟାଦା ଦେଇ ଏବେ ମୋତେ ଗାଁ ଗହଳିର ବୟସ୍କ ଲୋକ, ଶିଶୁ ଓ ମହିଳାମାନଙ୍କ ନିମନ୍ତେ କାର୍ଯ୍ୟକ୍ରମ ପରିଚାଳନାର ଦାୟିତ୍ୱ ଦିଆଗଲା । ତା ସାଙ୍ଗକୁ ନୌବାହିନୀ ଦିବସ, ସ୍ଥଳବାହିନୀ ଦିବସ, ହସ୍ତତନ୍ତ ଦିବସ, ତାଳଗୁଡ ଦିବସ, ଖଦି ଦିବସ, ପତାକା ଦିବସ, ମାନବିକ ଅଧିକାର ଦିବସ, ଜାତିସଙ୍ଘ ଦିବସ, ଗୁରୁ ଦିବସ, ଶିଶୁ ଦିବସ ଇତ୍ୟାଦି ଅସଂଖ୍ୟ ଦିବସର ବିଶେଷ ପ୍ରଚାର ପାଇଁ ମୋତେ ଲେଖା ପ୍ରସ୍ତୁତ କରିବାକୁ ହେବ । ଯେଉଁସବୁ ଲେଖା ପ୍ରଚାର ପାଇଁ ଆସିବ, ତାର ସମ୍ପାଦନା କରିବାକୁ ହେବ, ନୂଆଦିଲ୍ଲୀରୁ ଡାକରେ ଯେଉଁ ଲେଖା ଆସିବ ତାକୁ କନ୍ନଡ଼ ଭାଷାରେ ଅନୁବାଦ କରିବାକୁ ହେବ । ତାଛଡ଼ା ଇତିହାସର ବାଲିପ୍ରାନ୍ତରରେ ପାଦଚିହ୍ନ ଛାଡ଼ି ଯାଇଥିବା ପାଞ୍ଚ ଡଜନ ମହାଜନଙ୍କ ଜନ୍ମବାର୍ଷିକୀ ଓ ମୃତ୍ୟୁବାର୍ଷିକୀ ଦିନମାନଙ୍କରେ ସେମାନଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଉଦ୍ଦେଶ୍ୟରେ ବିଶେଷ କାର୍ଯ୍ୟକ୍ରମ ସଂଯୋଜନା କରିବାକୁ ପଡ଼ିବ । ପାଞ୍ଚ ହଜାର ବର୍ଷ ଧରି ତିରିଶି କୋଟି ଲୋକ ଭାରତମାତା କୋଳରେ ଜୀବନ ବିତାଇଛନ୍ତି, ଆଉ ସେମାନଙ୍କ ମଧ୍ୟରୁ ଅନ୍ତତଃ ଡଜନେ ମହାଜନ ହିନ୍ଦୁ, ବୌଦ୍ଧ, ଜୈନ, ଶିଖ୍, ଖ୍ରୀଷ୍ଟିୟାନ୍, ମୁସଲମାନ ପାଞ୍ଜିମାନଙ୍କରେ ଗୋଟିଏ ଗୋଟିଏ ଅମର ସ୍ଥାନ ହାସଲ କରିଛନ୍ତି । ବିଶେଷ ଦିନମାନଙ୍କରେ ସେମାନଙ୍କୁ ସ୍ମରଣ କରିବା ଉଦ୍ଦେଶ୍ୟରେ, ସେମାନଙ୍କର ଦାନ ଅବିସ୍ମରଣୀୟ ବୋଲି ବର୍ଣ୍ଣନା କରିବା ପାଇଁ ଆମକୁ ବିଶେଷଣମାନ ଖୋଜିବାକୁ ପଡ଼େ । ଆମକୁ ଶ୍ରୋତାମାନଙ୍କୁ ମନେ ପକାଇଦେବାକୁ ହେବ ଯେ " ପରଲୋକଗତ ମହାନ୍ ଆତ୍ମା ପ୍ରତି ଆମର ଶ୍ରଦ୍ଧା ଓ ଭକ୍ତି ନିବେଦନ ସେମାନଙ୍କ ଜୀବନ ଓ ଚିନ୍ତା ଅନୁରୂପ ହେବା ଦରକାର ।" କେବଳ ଭଗବାନ ବୁଦ୍ଧଙ୍କର ୨୫୦୦ ତମ

ଜନ୍ମଦିବସ ପାଇଁ କାର୍ଯ୍ୟକ୍ରମ ଭିତରେ ଥିଲା ଭ୍ରମଣ ବୃତ୍ତାନ୍ତ, ନାଟକ, ବର୍ଣ୍ଣନା, ସାକ୍ଷାତ୍‌କାର, ଭାଷଣ, ଶାସ୍ତ୍ରପଠନ, ସ୍ତୋତ୍ର ଏବଂ ସଙ୍ଗୀତ ବିଚିତ୍ରା ।

ଆମ ଦେଶର ମୌଳିକ ଦର୍ଶନ ହେଲା ପ୍ରତ୍ୟେକ ପ୍ରାଣୀ ଏକ ପରମାତ୍ମାଙ୍କ ପ୍ରତିବିମ୍ବ ହୋଇଥିବାରୁ ପ୍ରତ୍ୟେକ ପ୍ରାଣୀ ମଧ୍ୟରେ ବିରାଜିତ ଆତ୍ମା ପରସ୍ପର ସହ ସମାନ ଓ ଅଭିନ୍ନ। ସେଥିପାଇଁ ସମ୍ବିଧାନକାରୀମାନେ ଆମ ଦେଶକୁ ଗଣତନ୍ତ୍ର ବୋଲି ବର୍ଣ୍ଣନା କରିବା ଛଡ଼ା ଆଉ କିଛି ଉପାୟ ପାଇ ନଥିଲେ । ସେଥିପାଇଁ ଧନୀ-ଦରିଦ୍ର, ସୁସ୍ଥ-ଖଣ୍ଡିତ, ନାରୀ-ପୁରୁଷ, ଶିକ୍ଷିତ-ଅଶିକ୍ଷିତ ସମସ୍ତେ ଭୋଟାଧିକାର ପାଇଲେ । ରାଜନୈତିକ କ୍ଷମତା ପାଇବା ନିମନ୍ତେ ଅନ୍ୟ ଦଳଠାରୁ ଅଧିକ ମୁଣ୍ଡ ପାଇ ପାରିଲେ ହେଲା । ଆପଣା ଟୋକେଇରେ ଅନ୍ୟଠାରୁ ଅଧିକ ମୁଣ୍ଡ ବୋହିବାର ସୌଭାଗ୍ୟ ପାଇବା ପାଇଁ ସେମାନଙ୍କୁ ଲୋକଙ୍କର ବିଭିନ୍ନ ମତ, ମତାନ୍ଧତା, ଖିଆଲ ଓ ଜିଦ୍‌କୁ ମାନିନେବାକୁ ପଡ଼ିବ । ଫଳରେ ରୌପ୍ୟ, ସୁବର୍ଣ୍ଣ, ହୀରକ ଓ ପ୍ଲାଟିନମ୍ ଜୁବିଲୀମାନଙ୍କର ସଂଖ୍ୟା ବଢ଼ିଗଲା ଓ ତାର ଚାପ ଆକାଶବାଣୀକୁ ମଧ୍ୟ ସହିବାକୁ ହେଲା। ଏହା ଆକାଶବାଣୀର ସମୟ ଓ କାର୍ଯ୍ୟକ୍ରମ ଯୋଜନାକାରୀମାନଙ୍କ ମନୋଭାବ ଉପରେ ବି ଯଥେଷ୍ଟ ଚାପ ପକାଇବାରେ ଲାଗିଲା । ଆମର ଶବ୍ଦ ଭଣ୍ଡାର ଓ ପ୍ରଗଲ୍‌ଭତା ବି ଯେ ଛିଣ୍ଡିବା ଉପରେ ଥିଲା ତାହା କହିବା ବାହୁଲ୍ୟ ମାତ୍ର । ଆମ ଅବସ୍ଥା ଭଡ଼ାରେ ଯାଇଥିବା ଗଧ ଓ ଘୋଡା ପରି ହୋଇ ଯାଇଥିଲା: ମୁଣ୍ଡ ପୋତି କଲମ ଠେଲିବା ଛଡ଼ା ଉପାୟ କିଛି ନଥିଲା। ବାବା ଯେତେବେଳେ ମୋତେ ଆଦେଶ ଦେଇଛନ୍ତି ମୋର ପ୍ରତିଭା ଓ ଦକ୍ଷତାକୁ ତାଙ୍କ ସେବାରେ (ଏବଂ ଆକାଶବାଣୀର ସଂଯୋଜକ କାମ ବି ତାଙ୍କରି ସେବା) ଲଗାଇବାକୁ, ମୁଁ ପ୍ରାଣପଣେ ଲାଗିଥାଏ ସେ ମୋତେ ଏଥିପାଇଁ ବାଛିବା ଯଥାର୍ଥ ବୋଲି ପ୍ରମାଣ କରିବା ପାଇଁ। ଯା ସହିତ ତାଙ୍କରି ଆଗମନ ବାର୍ତ୍ତା ଓ ତାଙ୍କ ଉପଦେଶକୁ ଆକାଶବାଣୀ ମାଧ୍ୟମରେ ପ୍ରଚାର କରିବାର ସୁଯୋଗ ଦେବାକୁ ମୁଁ ବାବାଙ୍କୁ ମନେ ମନେ ଖୁବ୍ ଡାକୁଥାଏ ।

ମୋର ଏ ଚାକିରୀ ଭିତରେ ଅନ୍ତତଃ ଥରେ ମୋ ମୁହଁ ଆଗରେ ବେତାର ଯନ୍ତ୍ର ମାଇକ୍‌ଟି ରଖିବା ସୁଯୋଗ ପାଇଁ ମୁଁ ବାବାଙ୍କୁ ଆଗ୍ରହ ଓ ଉନ୍ମାଦନାର ସହିତ ଧନ୍ୟବାଦ ଦେଇଥିଲି । ସେ ଦିନଟି ଥିଲା ୧୯୫୬ ମସିହା ନଭେମ୍ବର ପହିଲା । ଏହି ଦିନ ଭାରତର ରାଷ୍ଟ୍ରପତି ବାବୁ ରାଜେନ୍ଦ୍ର ପ୍ରସାଦ ଶତକଡ଼ା ୯୯ ଭାଗ କନ୍ନଡ଼ ଭାଷାଭାଷୀ ଅଞ୍ଚଳକୁ ଏକାଠି କରି ଗଠିତ ହୋଇଥିବା ମହୀଶୂର (ପରେ କର୍ଣ୍ଣାଟକ) ପ୍ରଦେଶକୁ ଉଦ୍‌ଘାଟନ କରିଥିଲେ, ଆଉ ଏହି ଉତ୍ସବର ଧାରାବିବରଣୀ ଦେବା ପାଇଁ ମୋତେ ଦାୟିତ୍ୱ ମିଳିଥିଲା । ଦେଢ଼ଶହ

ବର୍ଷରୁ ଅଧିକ କାଳ କନ୍ନଡ଼ ଭାଷାର ଲୋକେ ତାମିଲ୍, ତେଲୁଗୁ ଓ ମରାଠୀ ପବନ ପ୍ରଶ୍ୱାସରେ ଗ୍ରହଣ କରୁଥିଲେ । ଏହି ଲୋକମାନଙ୍କ ଐକ୍ୟ ନିମନ୍ତେ ମୁଁ ବହୁଦିନ ଧରି କନ୍ନଡ଼ ଭାଷାଭାଷୀ ସହକର୍ମୀମାନଙ୍କ ସହିତ ମୋର ସମସ୍ତ ଶିକ୍ଷା ଓ ପ୍ରଗଲ୍‌ଭତାକୁ ଖୁବ୍ ଉତ୍ସାହର ସହ (ଯଦିଓ ସେତେ ବେଶୀ ପାରଙ୍ଗମତାର ସହ ନୁହେଁ) ବ୍ୟବହାର କରିଥିଲି ।

ଏହି ଚାକିରୀ କାଳରେ ମୁଁ ଦିଲ୍ଲୀରେ ଗୋଟିଏ ସାହିତ୍ୟ ସମାରୋହରେ ଯୋଗ ଦେଇ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ କନ୍ନଡ ସାହିତ୍ୟର ଧାରା ସମ୍ବନ୍ଧରେ ଦଶମିନିଟ୍ କହିବାର ସୁଯୋଗ ପାଇଥିଲି । ଭାରତର ସବୁ ଭାଷାଭାଷୀ ଅଞ୍ଚଳରୁ ବେତାର କେନ୍ଦ୍ରମାନଙ୍କରେ ଯୋଗ ଦେଇଥିବା ସାହିତ୍ୟରଥୀମାନେ ମଧ୍ୟ ସେଠାରେ ଥିଲେ । ଆମେ ସମସ୍ତେ ରାଷ୍ଟ୍ରପତିଙ୍କ ଦ୍ୱାରା ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ଭୋଜି ସଭାରେ ଯୋଗ ଦେଇଥିଲୁ । ସେଠାରେ ଆମେ ଯେଉଁ ଆଡ଼ମ୍ବର ଦେଖିଲୁ ତା ଭିତରେ ଗାନ୍ଧୀ ଟୋପିର ଅବାନ୍ତର ଉପସ୍ଥିତି ଆମ ସାହିତ୍ୟିକମାନଙ୍କୁ କଷ୍ଟ ଦେଇଥିଲା । ଡାକୋଟା ବିମାନରେ ମୁଁ ନୂଆଦିଲ୍ଲୀରୁ ବାଙ୍ଗାଲୋର ଫେରିଲି । ସେଥର ପ୍ରଥମ କରି ଯନ୍ତ୍ରପକ୍ଷୀର ଅବାଂଛିତ ଦୁର୍ଘଟଣା ଓ ତା ସଙ୍ଗେ ସଙ୍ଗେ ମୋ ଇହକାଳର ପରିସମାପ୍ତିର ଭୟ ମୋର ନ ଥିଲା । ଆକାଶରୁ ମାତୃଭୂମିର ରୂପ ଓ ଜନବସତି ଦେଖିବା ଗୋଟାଏ ଶିକ୍ଷାପ୍ରଦ ଅଭିଜ୍ଞତା ଥିଲା । ଏହିପରି ଅହୁରି ଅଧିକ ଅଭିଜ୍ଞତା ନିମନ୍ତେ ମନରେ ଅଭିଳାଷ ମଧ୍ୟ ଜନ୍ମିଲା ।

ଯମୁନାଠାରୁ କାବେରୀ ପର୍ଯ୍ୟନ୍ତ ଡାକୋଟାରେ ଉଡ଼ି ଆସୁଥିଲାବେଳେ ମୋ ମୁଣ୍ଡ ଭିତରେ ଗୋଟାଏ ଭଅଁର ଭଅଁ ଭଅଁ କରୁଥିଲା । ଅବଶ୍ୟ ବାବା ହିଁ ଏ ଭଅଁରଟାକୁ ମୋ ମୁଣ୍ଡରେ ଛାଡି ଦେଇଥିଲେ । ବାବା ମଝିରେ ମଝିରେ ମୋ ବୋଉକୁ କହୁଥିଲେ ଯେ ମୋ ସମ୍ପର୍କରେ ଗୋଟାଏ କଥା ତାଙ୍କୁ ଭଲ ଲାଗୁନି । ଏକଥା ମୋର ଏ ନୂଆ ଚାକିରୀ ପରେ । ସେ ବୋଉକୁ କହୁଥିଲେ, "ମୋର ଅନୁଗ୍ରହ ଲାଭ କରିଥିବା ଅନେକ ଭକ୍ତ ନିଜ ନିଜ କାର୍‌ରେ ପୁଟ୍ଟପର୍ତ୍ତି ଆସୁଛନ୍ତି, କାରଣ ଗାଡ଼ି ସିଧା ମନ୍ଦିର ଦ୍ୱାରଯାଏ ଆସିପାରିବ । ଜେଜେମା, ତୋ ପୁଅକୁ ଅଧିକା ପଇସା ଦେଲି, ସେ ବି ଯଦି ଗୋଟାଏ ଗାଡ଼ି ଧରି ଆସନ୍ତା, ମୋ ମନରେ ବଡ଼ ଆନନ୍ଦ ଆସନ୍ତା ।" ବୋଧହୁଏ ବାବା ଏକଥା ମୋ ବୋଉକୁ କହିଲାବେଳେ ତାଙ୍କ ଓଠ ଟିକେ ବଙ୍କା ହୋଇଯାଇଥିଲା । କାରଣ ବ୍ୟାଙ୍କରେ ଯେତିକି ଧନ ମୋର ବୋଲି ଥିଲା, ସେଥିରେ ମୁଁ ଗୋଟାଏ ବୁଢ଼ା ମୋରିସ୍ ୮ ଗାଡ଼ିଟିଏ କିଣି ପାରିଥିଲି । ସେ ଗାଡ଼ିର ମାଲିକ ମଧ୍ୟ ଏହାକୁ ହାତଛଡ଼ା କରିବାକୁ ବ୍ୟସ୍ତ ହୋଇ ପଡିଥିଲା ।

ଗାଡ଼ିଟି ଯେତେବେଳେ ପ୍ରଶାନ୍ତିନିଲୟମ୍‌ରେ ପହଞ୍ଚିଲା ବୋଉର ମନ କୁଣ୍ଢେମୋଟ ହୋଇଗଲା, ଆଉ ବାବାଙ୍କ ପାଖରେ ଗାଡ଼ିକୁ ଭାରି ଟେକାଟେକି କରି କହିଲା । ବାବା ଆସି ଗାଡ଼ିପାଖରେ ଠିଆ ହେଲେ, ଆଉ ମୋତେ ଥିରି ଥିରି କହିଲେ, "ଗୋଟାଏ ଗାଡ଼ି କିଣିବାକୁ ତୋର କେତେ ବର୍ଷରୁ ଇଚ୍ଛା ଥିଲା । ଏବେ ଗାଡ଼ି ଧରି ମନଇଚ୍ଛା ଉଠାପଡ଼ା ହୁଅ ।" କିନ୍ତୁ ମୋ ପାଇଁ ଉଠିବା ବାଟଟା ବନ୍ଦ ହୋଇ ଯାଇଥିଲା, ଖାଲି ପଡ଼ିବାଟା କପାଳରେ ଲେଖାଥିଲା । ବୁଢ଼ା ମୋରିସ୍ ଥିଲା ଗୋଟାଏ ପୁରୁଣା ରୋଗୀ । ଡାକ୍ତରଖାନାରେ ତାର ଅଧିକାଂଶ କାଳ କଟୁଥିଲା । ମାତ୍ର ଏଥିରେ ବେଶୀ ତେଲ ଲାଗୁ ନଥିଲା । କାରଣ ଚାଲିବା ପାଇଁ ଯାର ଦରକାର ଥିଲା ଠେଲା ଓ ବେଶ୍ ଲମ୍ବା ଟାଣ । ଥରେ ପୁଟ୍ଟପର୍ତ୍ତି ଆସିଲାବେଳେ ପାଲସମୁଦ୍ରମ୍, ସୋମନ୍ଦପଲ୍ଲୀ ଆଦି ଗାଁର ଲୋକମାନେ ମୋ ଗାଡ଼ି ଦେଖିବାକୁ ଜମା ହୋଇଯାଇଥିଲେ । କାରଣ ମୋଟରଗାଡ଼ିକୁ ଦୁଇଟା ବଳଦ ଟାଣୁଥିବା ସେମାନେ ଅବଶ୍ୟ କେବେ ଦେଖିନଥିଲେ । ଗାଡ଼ିର ପଛ ସିଟ୍‌ରେ ରାଜକୁମାର ପରି ମୁଁ ଛାତି ଫୁଲାଇ ବସିଥାଏ, ଆଉ ଆମ୍ଭର ସାରଥି ଚିନ୍ନାଦୋରାଇ ଗାଡ଼ିର ଷ୍ଟିଅରିଂ ଚକ ଧରି ଗୋଟାଏ ଭାରି ବଡ଼ ନାମଜାଦା ଡ୍ରାଇଭର ପରି ବସିଥାଏ । ଏକ୍‌ସିଲ ଭଙ୍ଗା ବୁଢ଼ା ମୋରିସ୍‌କୁ ଦୁଇଟା କଙ୍କାଳସାର ବଳଦ ପେନୁକୋଣ୍ଡା ଆଡ଼କୁ ଟାଣି ଚାଲିଥାନ୍ତି ।

ଅବଶ୍ୟ ଆଗେ ମହୀଶୂର ବେତାର କେନ୍ଦ୍ରର ସହକାରୀ ପରିଚାଳକ ଥିଲାବେଳେ ଗୋଟାଏ ଗାଡ଼ି ରଖିବାର ସମ୍ଭାବନା ଆସୁ ଆସୁ ହାତଛଡ଼ା ହୋଇ ଯାଇଥିଲା । ପରିଚାଳକ ମହୋଦୟ ମୋତେ ପୁନଶ୍ଚ ଅଧ୍ୟାପକଙ୍କ ବୈଠକଖାନାକୁ ପଠାଇଦେବାକୁ ଯେଉଁ ଗୁପ୍ତ ସିଦ୍ଧାନ୍ତ କରିଥିଲେ ସେ ବିଷୟରେ ମୋତେ ଆଶଙ୍କା ବି କରିବାକୁ ସୁଯୋଗ ନ ଦେବାପାଇଁ ମୋତେ କହିଥିଲେ ବେତାର କେନ୍ଦ୍ରର ଗୋଟିଏ ଗାଡ଼ି ସେ ପୂରା ମୋ ହାତରେ ଛାଡ଼ିଦେବେ । କୃଷ୍ଣମୂର୍ତ୍ତିପୁରମ୍‌ଠାରେ ଯେଉଁ ଘରେ ମୁଁ ରହୁଥିଲି, ତାର ନାମ ଥିଲା କଳ୍ପତରୁ । ଏ କଳ୍ପତରୁ ପାଖରେ ମୋଟରଗାଡ଼ି ପାଇଁ ଗୋଟାଏ ଗରାଜ୍ ମଧ୍ୟ ତିଆରି କରିବାକୁ ସେ ମୋତେ ଉତ୍ସାହିତ କରିଥିଲେ । ମାତ୍ର ଗରାଜଟି ଯେତେବେଳେ ତାର ମାଲିକ ପାଇଁ ପ୍ରସ୍ତୁତ ହେଇଗଲା, ପରିଚାଳକଙ୍କ ପେନ୍‌ର ଗୋଟିଏ ଶର ମାଡ଼ରେ ମୁଁ ଛିଟିକି ଯାଇ ମହାରାଜା କଲେଜର ଅଧ୍ୟାପକ ବୈଠକଖାନାରେ ପଡ଼ିଲି ।

ତେଣୁ ଯେତେ ଭଙ୍ଗା-ଦଦରା ହେଲେ ବି ମୋରିସ୍ ଚଢିବା ଦ୍ୱାରା ମୋର ସେ ପୁରୁଣା ଘାଆରେ ମଲମ ବୋଳିଲା ପରି ହୋଇଥିଲା । ବାବା କହନ୍ତି ଆଗକୁ ଚାଲିଲାବେଳେ ପଛକୁ

ମୁହଁ ବୁଲାଇ ଚାହିଁବା ଅନୁଚିତ। ତାଙ୍କ ଭାଷାରେ, "ଗତ, ଗତ ହୋଇଯାଇଛି। ଯେଉଁ ରାସ୍ତାରେ ଚାଲି ଆସିଲଣି, ସେ ରାସ୍ତାକୁ ବୁଲି ଚାହିଁବା କ'ଣ ଦରକାର? ଅତୀତର ଦୋଷ-ଦୁର୍ବଳତା ବା ଅପକର୍ମ ବିଷୟରେ ମୁଣ୍ଡ କୋଡିଲେ କ'ଣ ହେବ? ବର୍ତ୍ତମାନ ଆପଣାର ବଳକୁ କଳି ଆଗେଇ ଚାଲ।" ଆକାଶବାଣୀର ଏ ଚାକିରୀ ଓ ପ୍ରିୟ ମୋରିସ ୮ ଦୁହେଁ ମିଶି ୧୯୪୭ରେ ମୋର ଅପମାନଜନକ ବିଦାୟର ଘାଆକୁ ପୂରା ଶୁଖାଇ ଦେଲେ। ଚିନ୍ତା ଓ ବସ୍ତୁ ଏକା ଜାତିର। ମନରୁ ଭାବନାସବୁ କାଢି ଫିଙ୍ଗି ନ ଦେଲେ ସେମାନେ ବାଟରେ ପଥର ପକାଇବେ, ଗୋଡରେ ବେଡି ପିନ୍ଧାଇବେ।

ଆକାଶବାଣୀର କାର୍ଯ୍ୟକ୍ରମ ସଂଯୋଜକ ଭାବରେ ମୁଁ ଯେଉଁ ୧୫ ମାସ କାମ କରିଥିଲି ତା ମଧ୍ୟରେ ଦୁଇଥର ଲମ୍ବା ଛୁଟି ନେଇଥିଲି। ଥରେ ବାବାଙ୍କ ସହ ଦିଲ୍ଲୀ, ଋଷିକେଶ, ବୃନ୍ଦାବନ ଓ କାଶ୍ମୀର ଭ୍ରମଣରେ ଯିବା ପାଇଁ। ବାବା ଦୟାକରି ମୋତେ ତାଙ୍କ ଦଳରେ ଆସିବାକୁ ଅନୁମତି ଦେଇଥିଲେ। ମୁଁ ଭାବୁଛି ତାଙ୍କର ଜୀବନୀ ଲେଖିବାରେ ମୋର ଏକାନ୍ତ ଉତ୍ସାହ ଦେଖି ଓ ବାବାଙ୍କ ପ୍ରଥମ ଉତ୍ତର ଭାରତ ଭ୍ରମଣରେ ତାଙ୍କ ସହିତ ଯିବା ପାଇଁ ମୋର ଏକାନ୍ତ ପ୍ରାର୍ଥନା ଶୁଣି ସେ ମୋତେ ସାଙ୍ଗରେ ନେଇଥିଲେ। ଋଷିକେଶ ଯିବା ପାଇଁ ଅବଶ୍ୟ ଦୁଇଜଣ ବିଖ୍ୟାତ ସନ୍ନ୍ୟାସୀ, ସ୍ୱାମୀ ସଚ୍ଚିଦାନନ୍ଦ ଓ ସ୍ୱାମୀ ସଦାନନ୍ଦ ବାବାଙ୍କୁ ନିମନ୍ତ୍ରଣ କରିଥିଲେ। ସେମାନେ ମନେ ମନେ ଆଶା କରୁଥିଲେ ଯେ ବାବା ତାଙ୍କ ଦିବ୍ୟଶକ୍ତି ଦ୍ୱାରା ଗୁରୁ ଶିବାନନ୍ଦଙ୍କୁ ଆରୋଗ୍ୟ କରିଦେବେ। ଏ ଦୁଇ ସନ୍ନ୍ୟାସୀ ଆଗରୁ ବାବାଙ୍କୁ ଭେଙ୍କଟଗିରିଠାରେ ଭେଟିଥିଲେ। ବାବା ଭେଙ୍କଟଗିରି ଯାଇଥିଲେ ସେଠାରେ ଅନୁଷ୍ଠିତ ହେଉଥିବା ଦିବ୍ୟଜୀବନ ସଂଘର ସର୍ବଭାରତୀୟ ସମ୍ମିଳନୀରେ ଉଦ୍‌ବୋଧନ ଦେବାକୁ। ସମ୍ମିଳନୀ ଉଦ୍‌ଘାଟନ କରିବାକୁ ନିମନ୍ତ୍ରିତ ହୋଇଥିବା ଭେଙ୍କଟଗିରିର ରାଜାଙ୍କ ସହିତ ବାବା ଯାଇଥିବାରୁ ସେ ସନ୍ନ୍ୟାସୀମାନେ ଭାବିଥିଲେ ବାବା କେବଳ ରାଜାଙ୍କ ଦଳର ଜଣେ ଲୋକ। କେବଳ ରାଜାଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେମାନେ ସତ୍ୟସାଇ ବାବାଙ୍କୁ ସମ୍ମିଳନୀରେ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ, ଯଦିଓ ସେମାନେ ଜାଣିଥିଲେ ଏ ବାବାଙ୍କର ଶିକ୍ଷାଗତ ଯୋଗ୍ୟତା କିଛି ନାହିଁ, ଆଧ୍ୟାତ୍ମିକ ରାଜ୍ୟରେ ଆଚାର୍ଯ୍ୟ ପଦବୀ ବି ନାହିଁ। ମାତ୍ର ବାବାଙ୍କଠାରୁ ଯେଉଁ ପ୍ରେମ ଝରି ଆସୁଥିଲା, ତାଙ୍କ ସମ୍ଭାଷଣ ଓ କଥାବାର୍ତ୍ତାରେ ଯେଉଁ ଜ୍ଞାନ ଫୁଟି ଉଠୁଥିଲା, ସେମାନଙ୍କ ପ୍ରଶ୍ନର ଉତ୍ତର ଦେବା ସମୟରେ ବାବା ଯେଉଁ ଧୈର୍ଯ୍ୟ ଓ ସହିଷ୍ଣୁତା ପ୍ରକାଶ କରୁଥିଲେ ତାହା ଦେଖି ସନ୍ନ୍ୟାସୀମାନେ ସ୍ୱୀକାର କରିଥିଲେ, "ଆମେ ତାଙ୍କୁ ଅବଜ୍ଞା କରିବାକୁ ବସିଥିଲୁ, ମାତ୍ର

ଶେଷରେ ଆମର ଅଜ୍ଞତା ହିଁ ସେ ପ୍ରକାଶ କରି ଦେଇଥିଲେ।" ବାବା ସେମାନଙ୍କୁ କହିଥିଲେ ଯେ ପ୍ରତ୍ୟେକ ପ୍ରାଣୀ ଈଶ୍ୱର ସତ୍ତା, ଆଉ ପ୍ରତ୍ୟେକଙ୍କୁ ଦିବ୍ୟଜୀବନର ଅଧିକାରୀ ହେବାକୁ ପଡିବ।

ସମ୍ମିଳନୀ ସରିଲା ପରେ ବାବା ସ୍ୱାମୀ ସଚ୍ଚିଦାନନ୍ଦଙ୍କୁ ବ୍ୟକ୍ତିଗତ ସାକ୍ଷାତ୍‌କାର ପାଇଁ ଡାକିଥିଲେ। ସେ ସମୟରେ ବାବା ତାଙ୍କର ଏକ ଦିବ୍ୟ ଦର୍ଶନ କଥା ଉଲ୍ଲେଖ କରି କହିଲେ ପୂର୍ଣ୍ଣଚନ୍ଦ୍ର ତଳେ ଶାନ୍ତ, ଶୀତଳ ଉଜ୍ଜ୍ୱଳ ସୁନୀଳ ସମୁଦ୍ର ଦେଖି ସ୍ୱାମୀ ସଚ୍ଚିଦାନନ୍ଦ ବହୁଦିନ ଯାଏ ଏହାର ସ୍ମରଣରେ ଦିବ୍ୟ ଆନନ୍ଦ ଉପଲବ୍ଧ କରୁଥିଲେ। ଲକ୍ଷ୍ୟ ଏତେ ପାଖରେ ଥିଲେ ମଧ୍ୟ ବାଟ ହୁଡିଯିବା ଯୋଗୁ ବାବା ତାଙ୍କୁ ମୃଦୁ ତିରସ୍କାର କରିଥିଲେ। ଲକ୍ଷ୍ୟପଥରେ ଆଗେଇବା ସମୟରେ ବାବା ନିରନ୍ତର ତାଙ୍କ ପାଖରେ ରହିବାର ପ୍ରତିଶ୍ରୁତି ମଧ୍ୟ ଦେଲେ। ଏହି ସମୟରେ ବାବାଙ୍କ ହାତ ପାପୁଲି ଶୂନ୍ୟରେ ଘୂରିବାକୁ ଆରମ୍ଭ କରିବା ଦେଖି ସ୍ୱାମୀ ସଚ୍ଚିଦାନନ୍ଦ ବାବାଙ୍କ ହାତକୁ ଧରିପକାଇ କହିଲେ, "ନା, ମୁଁ ଆପଣଙ୍କୁ ହିଁ ଚାହେଁ, ଟିକେ ପାଉଁଶ ବା ଆପଣଙ୍କର ଗୋଟିଏ ଛବି, ବା ଟିକିଏ ସୁନା ବା ରୂପା ନୁହେଁ। ଆପଣଙ୍କର ସମସ୍ତ ଅମୂଲ୍ୟ ଉପହାର ଭିତରେ ସବୁଠୁ ଅଧିକ ଅପୂର୍ବ ଆପଣ ନିଜେ। ଆପଣ ଆମଠାରେ ଆପଣଙ୍କର ତଥା ଆମର ଦୈବତ୍ୱ ହିଁ ଉନ୍ମୋଚନ କରନ୍ତୁ।"

ପୁଟ୍ଟପର୍ତ୍ତିରେ ଆମର ମାଡ୍ରାସ ଯାତ୍ରା ଓ ତତ୍‌ପରେ ସେଠାରୁ ବିମାନରେ ଦିଲ୍ଲୀ ଯାତ୍ରା ପାଇଁ କାର୍‌ଗୁଡିକ ବୋଝେଇ ହେଉଥିବାବେଳେ ମାତା ଈଶ୍ୱରାମ୍ମା ମୋ ପାଖରେ ଗୋଟିଏ ଅନୁରୋଧ ଘେନି ଆସି ପହଞ୍ଚିଲେ। ଏହା ମୋତେ ଭାଗବତର ବାଳକୃଷ୍ଣ ଓ ମା ଯଶୋଦାଙ୍କ କଥା ମନେ ପକାଇ ଦେଇଥିଲା। ଯଶୋଦା କୃଷ୍ଣଙ୍କର ଏତେ ମହିମା ଓ ଅଲୌକିକତା ଦେଖିଲେ ମଧ୍ୟ, ବାଳକୃଷ୍ଣ ଏତେ ଲୋକଙ୍କଠାରୁ ପାଉଥିବା ଭକ୍ତିଅର୍ଘ୍ୟ ସବୁ ସତ ଓ ଯଥାର୍ଥ ବୋଲି ବୁଝିବାର ସୁଯୋଗ ଥିଲେ ମଧ୍ୟ ମାତା ଯଶୋଦା ଭାବୁଥିଲେ କୃଷ୍ଣ ତାଙ୍କର ପୁଅ, ଆଉ ତାଙ୍କୁ ଭୋକ କଲେ ଖାଇବାକୁ ଦେବା, ଛୋଟ ପିଲାଟିର ହାନିଲାଭ ଦେଖିବା ମାଆର କର୍ତ୍ତବ୍ୟ। ମାତା ଈଶ୍ୱରାମ୍ମା ଶୁଣିଥିଲେ ଯେ ବଡ଼ ବଡ଼ ସନ୍ନ୍ୟାସୀମାନଙ୍କ ଭିତରେ ଖୁବ୍ ମନାନ୍ତର ଓ କଳହ ଥାଏ, ଆଉ ସେମାନେ ପରସ୍ପର ଅନିଷ୍ଟ କରିବା ପାଇଁ ବଡ଼ ବଡ଼ ଗୁଣିଆ ଲଗାନ୍ତି! ବାବା ଯେତେବେଳେ କାହିଁ କେତେ ଦୂରରେ ଥିବା ହିମାଳୟର କୌଣସି ଆଶ୍ରମର ବଡ଼ ଗୁରୁଙ୍କ ଶିଷ୍ୟମାନଙ୍କ ନିମନ୍ତ୍ରଣରେ ସେଠାକୁ ଯାଉଛନ୍ତି, ମାଆଙ୍କ ମନରେ ଭୟ ଓ ଆଶଙ୍କା ଗଭୀର ହୋଇ ଉଠିଥିଲା। ସେ ଭାବୁଥିଲେ ଏ ଜାଗାରେ ସନ୍ନ୍ୟାସୀମାନେ କାଳେ ତାଙ୍କ ପୁଅଙ୍କ ସୁନାମ

ଓ ଅଲୌକିକତାରେ ଅସହିଷ୍ଣୁ ହୋଇ ଗୁଣି କରିଦେବେ।'ଦୃଷ୍ଟି' ପଡି ଯେ ନାନାରକମର ଦୁଃସାଧ୍ୟ ରୋଗ ହୋଇଯିବ, ଗାଁ ଗହଳିର ଏ ବୁଢୀ ଗପ ଓ ଧାରଣାରୁ ମୁକୁଳିବା ଈଶ୍ୱରାମ୍ମାଙ୍କ ପକ୍ଷରେ ସମ୍ଭବ ନଥିଲା। ସେଥିପାଇଁ ସେ ମୋତେ ଗୋଟିଏ ବିଶେଷ ଦାୟିତ୍ୱ ଦେଇଥିଲେ- " ପୁଅକୁ ସବୁବେଳେ ଆଖି ଆଗରେ ରଖିଥିବ, ଘରିଆଡକୁ ନଜର ରଖିଥିବ।" ମୁଁ ଜାଣିଥିଲି ହିମାଳୟର ଗୁଣି ଗାରେଡି ମଧ୍ୟ ବାବାଙ୍କୁ ଛୁଇଁ ପାରିବ ନାହିଁ, ମାତ୍ର ଭୟାଳୁ ମାଆଙ୍କୁ ସାନ୍ତ୍ୱନା ଦେବାପାଇଁ ମୁଁ କହିଲି ସେ ଚିନ୍ତା କରିବା ଦରକାର ନାହିଁ, ମୋର ସର୍ବଶକ୍ତିମାନ୍ ଗାୟତ୍ରୀ ମନ୍ତ୍ର ବାବାଙ୍କୁ ସବୁ ଆପଦ ବିପଦରୁ ଘଣ୍ଟ ଘୋଡାଇ ର୍‌ଖିବ। ମାଆଙ୍କ ଭୟ ଦୂର କରିବା ଥିଲା ମୋର ଉଦ୍ଦେଶ୍ୟ, ଆଉ ସେଥିରେ ମୁଁ ସଫଳ ହୋଇଥିଲି।

ମାଡ୍ରାସ୍ ଯିବା ବାଟରେ ବାବା ପୁଟ୍ଟପର୍ତ୍ତିଠାରୁ ୧୨୦ ମାଇଲ୍‌ଠାରୁ କିଛି ଅଧିକା ଦୂରରେ ଥିବା ଗୋଟିଏ ଗାଁରେ ଅଟକିଲେ। ସେଠାରେ ଜଣେ ମହିଳା ଭକ୍ତ ଗୋଟିଏ ଆଶ୍ରମ ଚଳାଉଥିଲେ। ଆଶ୍ରମରେ ବାବା ଶିରଡିଙ୍କର ଗୋଟିଏ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ। ସେ ମହିଳା ତପସ୍ୱିନୀ ଅନାହାରରେ ସାଧନା କରୁଥିଲେ। ବାବା କୌଣସି ପ୍ରକାରର କୃଚ୍ଛ୍ର ସାଧନାକୁ ଆଦୌ ପସନ୍ଦ କରନ୍ତି ନାହିଁ। ଦେହକୁ ନୀରୋଗ ଓ ସୁସ୍ଥ ରଖିବାକୁ ହେବ, କାରଣ ଏହାରି ସାହାଯ୍ୟରେ ହିଁ ଦେହର ମାଲିକ ଆତ୍ମା ଏକତ୍ୱ ଉପଲବ୍‌ଧିରେ ପହଞ୍ଚି ପାରିବ। ତେଣୁ ଆଶ୍ରମରେ ଶିରଡିଙ୍କ ମୂର୍ତ୍ତି ସ୍ଥାପନ କରିବା ବାହାନାରେ ବାବା ଯାଇଥିଲେ ସେ ତପସ୍ୱିନୀଙ୍କ ଅନାହାର ଓ କୃଚ୍ଛ୍ର ସାଧନାର ଆଦର୍ଶକୁ ଭାଙ୍ଗିବାକୁ। ଗାଁ ଲୋକେ ତାଙ୍କୁ ବଡ ଭକ୍ତି କରୁଥିଲେ, କାରଣ ସେ ଯାହା କରୁଥିଲେ ଲୋକେ ତାହା କରିବା ଦୁଃସାଧ୍ୟ ମଣୁଥିଲେ। ବାବା ଲୋକଙ୍କୁ କହି ଆସିଲେ ଯେ ବିଚରା ପେଟକୁ ଖାଦ୍ୟ ନ ଦେବା ଅପେକ୍ଷା ମନର ସଂଯମ ଅଧିକ କଷ୍ଟକର ସାଧନା, ଆଉ ତାହାଦ୍ୱାରା ହିଁ ଋଷିତ୍ୱ ଲାଭ ହୋଇଥାଏ।

ବାବା ଯେଉଁଠି ରହୁଥିଲେ ସେଠାକୁ ସବୁ ବୟସର, ସବୁ ଜାତି ଓ ଧର୍ମର ଲୋକଙ୍କୁ ଆକୃଷ୍ଟ କରି ଆଣୁଥିଲା ଭଜନ। ଭଗବାନଙ୍କର କୌଣସି ଗୋଟିଏ ନାମରେ ଲୋକଙ୍କର ବିଶ୍ୱାସକୁ ଅଧିକ ଦୃଢ଼ କରି ତାକୁ ଗୋଟିଏ ଦମ୍ଭ ଗଛରେ ପରିଣତ କରିବା ଉଦ୍ଦେଶ୍ୟରେ ହରିନାମର ପ୍ରବର୍ତ୍ତକମାନେ ଘରିପାଖରେ ବାଡ଼ ଘେରାଇ ଗୋଷ୍ଠୀ ଗଠନ କରିଥିଲେ। ପିଲା ପେଟେଇ ପେଟେଇ ଘୁଞ୍ଚୁଥିବାବେଳେ, ବା ହାମୁଡୁଥିବା ବେଳେ ତାକୁ ନେଇ କେହି ରାସ୍ତା ଉପରେ ଛାଡିଦିଏ କି ? ମାତ୍ର ବଡ଼ ହୋଇଗଲେ, ଗୋଡହାତ ଟାଣ ହୋଇଗଲେ ପିଲାଟିକୁ ରାସ୍ତାରେ ମଧ୍ୟ ଖେଳକୁଦ କରିବାପାଇଁ କେହି ବାଧା ଦିଅନ୍ତି ନାହିଁ। ରାସ୍ତାରେ ଯେପରି

"ଏକତରଫା ରାସ୍ତା", "ଛକ ଟପିବା ଆଗରୁ ଉଭୟ ପଟକୁ ଚାହାନ୍ତୁ", "କେବଳ ପଥଚାରୀମାନଙ୍କ ପାଇଁ" ଆଦି ନିର୍ଦ୍ଦେଶ ପତ୍ର ଥାଏ, ଆଧ୍ୟାତ୍ମିକ ମାର୍ଗରେ ମଧ୍ୟ ସେପରି ନିର୍ଦ୍ଦେଶ ପତ୍ର ଟଙ୍ଗା ହୋଇଥାଏ। ମାତ୍ର ଏ ସତର୍କବାଣୀ ବି ବେଳେବେଳେ ଦୁର୍ଘଟଣା ଘଟାଇ ଥାଏ। "ଏଇଟା ବାଟ" ଯେତେବେଳେ "ଏହା ଏକମାତ୍ର ବାଟ" ରେ ପରିଣତ ହୁଏ, ଆଉ ପରେ ତାହା "ଅନ୍ୟସବୁ ବାଟ ନର୍କକୁ ପଡିଛି" ପାଲଟି ଶେଷରେ "ତୁମେ ମାନ ବା ନ ମାନ ଆମେ ତୁମକୁ ନର୍କରୁ ଉଦ୍ଧାର କରିବୁ" ବୋଲି ଘୋଷଣା କରାଯାଏ, ସେତେବେଳେ ଦୁର୍ଘଟଣା ନ ଘଟି ଆଉ କ'ଣ ହେବ ?

ମାତ୍ର ଭଜନରେ ଭଗବାନଙ୍କ ସବୁ ନାମର ମହିମା ଗାଇବାକୁ ବାବା ନିର୍ଦ୍ଦେଶ ଦେଇଥିଲେ। ଏପରିକି ଭଜନ ସରିଲା ପରେ ଲୋକେ ଆବିଷ୍କାର କରୁଥିଲେ ଯେଉଁ ସବୁ ନାମକୁ ସେମାନେ ଏଯାଏ ଅବଜ୍ଞା କରି ଆସିଥିଲେ ସେମାନେ ସେ ନାମର ମହିମା ମଧ୍ୟ ଗାଇଛନ୍ତି। ଏହା କରି ସେମାନେ ଖୁସି ବି ହେଉଥିଲେ । ବାବା ବରାବର କହୁଥିଲେ ଭଗବାନଙ୍କ ସମ୍ବନ୍ଧରେ ମଣିଷ ମନରେ ଯେତେସବୁ ଭାବନା ଓ ଧାରଣା ଜାତ ହୋଇଛି, ସେସବୁ ସମାଲୋଚନାର ଉର୍ଦ୍ଧ୍ୱରେ। ସେ ସବୁଗୁଡିକର ମୂଲ୍ୟ ରହିଛି।

ମାଡ୍ରାସରେ କିଛିଦିନ କଟାଇ ଆମେ ଆକାଶ ପକ୍ଷୀରେ ଚଢ଼ି ଦିଲ୍ଲୀରେ ପହଞ୍ଚିଲୁ। ସେଠାରୁ ମୋଟରଗାଡ଼ିରେ ଋଷିକେଶ। ସେଠାରେ ସ୍ୱାମୀ ଶିବାନନ୍ଦ ଆମକୁ ତାଙ୍କ ଆଶ୍ରମରେ ଅପେକ୍ଷା କରିଥିଲେ। ଶିବାନନ୍ଦ ଆଶ୍ରମରେ ବି ଭଜନ ଦୈନନ୍ଦିନ ସାଧନାର ଗୋଟିଏ ଅଙ୍ଗ। ଗୁରୁଙ୍କର ଆନନ୍ଦ-ଉଲ୍ଲାସ ଭଜନକୁ ଆନନ୍ଦମୁଖର କରି ପକାଇଥାଏ। ଶିବାନନ୍ଦ ମହାରାଜ ଗୋଟିକ ପରେ ଗୋଟିଏ ଭଜନ ଯେପରି ଆତ୍ମ-ବିସ୍ମୃତ ଭାବରେ ବୋଲି ସମସ୍ତ ସମାବେଶକୁ ମତ୍ତ କରି ପକାଉଥାନ୍ତି ତାହା ଦେଖି ଆମେ ପୁଲକିତ ହେଲୁ। ଶିବାନନ୍ଦ ନିଜର ଏକାନ୍ତ ନିଷ୍କପଟ ଓ ସରଳ ଶୈଳୀରେ ଗଭୀର ଆଧ୍ୟାତ୍ମିକ ତତ୍ତ୍ୱକୁ ସନ୍ନ୍ୟାସୀମାନଙ୍କୁ ବୁଝାଉଥାନ୍ତି। ତାଙ୍କ ଉପଦେଶର ମର୍ମ ଥିଲା ସମସ୍ତ ବସ୍ତୁ ଓ ଭାବନା ଭିତରେ ପରମାତ୍ମାଙ୍କ ଉପସ୍ଥିତି ଉପଲବ୍ଧି କରିବାକୁ ହେବ। ସେଥିପାଇଁ ସେ ମଜା କରି କହନ୍ତି ରାମକୃଷ୍ଣ-ଗୋବିନ୍ଦ, ମୋତିହାର-ଗୋବିନ୍ଦ, ଏ-ବି ସି-ଡି-ଗୋବିନ୍ଦ।

ଋଷିକେଶରେ ଆମ ରହଣୀର ପ୍ରଥମ ଦିନ ମୁଁ ମୋର ନଅବର୍ଷର ଯନ୍ତ୍ରଣାଦାୟୀ ଶତ୍ରୁକୁ ହରାଇ ଗୋଟାଏ ଅପୂର୍ବ ବିଜୟ ହାସଲ କଲି। ମହୀଶୂରର ରୟାଲ କଲେଜରେ ଅଧ୍ୟାପନା କରୁଥିବାବେଳେ ଏ ଶତ୍ରୁ ମୋତେ କାବୁ କରିପକାଇ ଥିଲା। ତାହା ହେଲା ନାସ। ବୁଢ଼ା

ଆଙ୍ଗୁଠି ଓ ବିଶି ଆଙ୍ଗୁଠି ଟିପରେ ଏଥିରୁ ଟିପେ ଧରି ଯେତେବେଳେ ନାକପୁଡ଼ା ଭିତରକୁ ପ୍ରବେଶ କରୁଥିବା ପବନ ସହିତ ଛାଡି ଦିଆଯାଏ, ତାର ସ୍ୱର୍ଗୀୟ ମାଦକତା ଉପଲବ୍ଧି କରିବାର ସୌଭାଗ୍ୟ ଖୁବ୍ କମ୍ ଲୋକଙ୍କର ହୋଇଥାଏ। ମୋର ବନ୍ଧୁ ସ୍ୱାମୀ ସିଦ୍ଧେଶ୍ୱରାନନ୍ଦ, କବି ବନ୍ଧୁ ପୁଟ୍ଟାପ୍ପାଙ୍କ ସହ ଅଳ୍ପ କେତେଜଣ ମହାତ୍ମା ମନକୁ ସକ୍ରିୟ ଓ ସତେଜ କରିବାର ଏହି ଦୁର୍ଲ୍ଲଭ ଉପାୟଟି ଜାଣିଥିଲେ। ନାସ ଶୁଙ୍ଘିବା ସେତେବେଳେ ଗୋଟାଏ ରାଜକୀୟ ଢଙ୍ଗ ଥିଲା। ତିରିଶି ବର୍ଷ ଧରି ନାସ ମହାଶୟ ମୋ ନାସିକାରେ ଦଉଡି ବାନ୍ଧି ମତେ ଘୋଷାରୁଥିଲେ। ବାବାଙ୍କ ପାଖକୁ ଆସିଲା ପରେ ସିନ୍ଦ୍‌ବାଦ ତା ବେକରେ ବସିଥିବା ସେ ବୁଢାକୁ ଫିଙ୍ଗିବାକୁ ଚେଷ୍ଟା କରିବାପରି ମୁଁ ବି ଏ ରାଜକୀୟ ଅଭ୍ୟାସକୁ ଖସାଇ ପକାଇବାକୁ ଲାଗି ପଡିଲି ମାତ୍ର ସେ ଦୁର୍ଦ୍ଦାନ୍ତ ବୁଢା ସିନ୍ଦ୍‌ବାଦ୍‌ର ବେକକୁ ଜାବୁଡି ଧରିବା ପରି ନାସବୁଢା ମୋ ନାକକୁ ଜାବୁଡି ଧରିଥିଲା ! ବାବା ଅନେକ ସମୟରେ ମୁଁ ଶୁଣିବା ପରି ନାସ ସମ୍ବନ୍ଧରେ ଭାରି କଡ଼ା କଡ଼ା କଥାମାନ କହୁଥିଲେ—ମାତ୍ର ସେସବୁ ସେ ସାଧାରଣ ଆଲୋଚନା ପ୍ରସଙ୍ଗରେ ହିଁ କହୁଥିଲେ। ମୋ ଜାଣିବାରେ ଆଉ ଯେତେଜଣ ନାସର ଭକ୍ତ ଥିଲେ ବାବା ସେମାନଙ୍କୁ ଏ ଗନ୍ଧିଆ ଧୂଳି ଶୁଙ୍ଘିବା ଅଭ୍ୟାସରୁ ନିଜକୁ ମୁକ୍ତ କରିପାରି ନ ଥିବାରୁ ନିନ୍ଦା କରିଥିଲେ। ମାତ୍ର ମୁଁ ନିଜକୁ କହୁଥାଏ, "ହଁ, ବାବା କ'ଣ ମୋ ନାଁ ଧରିଛନ୍ତି କି ? ମୋ ନାମ ତ ସେ ଖାତାରେ ଚଢ଼ିନି।" ଋଷିକେଶ ଯାତ୍ରା ଆଗରୁ ମୁଁ ମାଡ୍ରାସରୁ ଗୋଟିଏ ପାଉଣ୍ଡିକିଆ ଡବା କିଣି ବାକ୍ସରେ ସଯତ୍ନରେ ସମ୍ଭାଳିଲି, ଯେମିତି ସେ ନାସବିହୀନ ରାଜ୍ୟରେ ବି ଆମ୍ଭର ନାସିକା ସ୍ୱର୍ଗୀୟ ସୁଗନ୍ଧ ଆସ୍ୱାଦନ କରିବାରୁ ବଞ୍ଚିତ ହେବେ ନାହିଁ।

ମାତ୍ର ସେଦିନ ରାତି ଥିଲା ଏକ ପରମ ଦୁର୍ବିପାକର ରାତି। ବାବା ଆଶ୍ରମ ପରିସର ମଧ୍ୟରେ ଯେଉଁ କୋଠରୀରେ ରହୁଥିଲେ ସେଠାରୁ ଚାଲି ଚାଲି ହୋଇ ଆମର ରହିବା ଘରକୁ ଆସିଲେ। ଲମ୍ବା ହଲ୍‌ଟିରେ ଆମେ ପାଞ୍ଚଜଣ ବିଛଣା ପାରିଥାଉ। ବିଛଣା ଉପରେ ବସି ମୁଁ ହାତଗୋଡ ସଳଖୁଛି ବାବା ସ୍ୱାମୀ ସଚ୍ଚିଦାନନ୍ଦ ଓ ସ୍ୱାମୀ ସଦାନନ୍ଦଙ୍କ ଗହଣରେ ଆମ ଘରକୁ ପଶି ଆସିଲେ। ସେ ମୋ ଖଟ ପାଖକୁ ଆସି ତକିଆଟିକୁ ଓଲଟାଇ ଦେଲେ। ତକିଆ ତଳୁ ଆତ୍ମପ୍ରକାଶ କଲେ ଏକ ସୁଦୃଶ୍ୟ ନାସ-ଡିବା। ସେତେବେଳକୁ ମୋର ବାର ବାଜିଗଲାଣି। ମନେ ମନେ ନିଜକୁ କେତେ ଧିକ୍କାରିବାରେ ଲାଗି ଗଲିଣି। ବାବା କଠୋର ଭାବରେ ମୋତେ ଚାହିଁ କେବଳ ଗୋଟିଏ ଶବ୍ଦ କହିଲେ, "ଛି"। ହିନ୍ଦୁମାନେ ତୀର୍ଥକ୍ଷେତ୍ରକୁ ଆସିଲେ ସ୍ନାନ କରିସାରି ଗୋଟିଏ ଦୁରଭ୍ୟାସକୁ ସେଇଠି ଛାଡି ଯିବାର ବିଧି ମୋ ମନେ ପଡିଗଲା।

ନାସଡିବାଟିକୁ ଧରି ଅନ୍ଧାର ରାତି ଭିତରକୁ ଫିଙ୍ଗି ଦେଲି, ଆଉ ଉଦ୍‌ଗତ କୋହକୁ ଚାପି ଧରି ବାବାଙ୍କ ପାଦରେ ଲୋଟିପଡି ଜୋର୍‌ରେ ପ୍ରତିଜ୍ଞା କଲି, "ଆଉ ନାଇଁ ସ୍ୱାମୀ, ଏଇ ମୁହୂର୍ତ୍ତରୁ ତାକୁ ଜଳାଞ୍ଜଳି ଦେଲି।"

ବାବା ମୋ କାନ୍ଧକୁ କୋମଳ ଭାବରେ ଥାପୁଡାଇ ଦେଲେ। ମୁଁ ନଇଁପଡି ଖଟ ତଳୁ ମୋ ବାକ୍‌ସଟା ଟାଣି ଆଣିଲି। ତା ଭିତରୁ ପାଉଣ୍ଡିକିଆ ନାସ ଡବାଟି ବାହାର କରି ଝରକାବାଟେ ବୁଦା ଭିତରକୁ ଫିଙ୍ଗି ଦେବାକୁ ବସିଛି ଦୁଇଜଣ ସନ୍ନ୍ୟାସୀ ଡବାଟିକୁ ମୋ ହାତରୁ ଝାମ୍ପି ନେଲେ। (ସେମାନେ ଶିବାନନ୍ଦ ଆଶ୍ରମର ଅନ୍ତେବାସୀ ନଥିଲେ)। ସେମାନେ କହିଲେ ବହୁ ଦୂରରେ ଥିବା ନୂଆ ଦିଲ୍ଲୀରୁ ସେମାନେ ବଡ କଷ୍ଟରେ ଏ ଜ୍ଞାନଚୂର୍ଣ୍ଣ ସଂଗ୍ରହ କରୁଛନ୍ତି। ଏଣୁ ସେମାନେ ଏୟାକୁ ନଷ୍ଟ ହେବାକୁ ଦେବେ ନାହିଁ। ଗୋଳମାଳ ଶୁଣି ବାବା ପଛକୁ ଚାହିଁଲେ ଓ ହସି ଉଠିଲେ। ସଚ୍ଚିଦାନନ୍ଦ ଓ ସଦାନନ୍ଦ ମଧ୍ୟ ହସକୁ ରୋକି ପାରିଲେ ନାହିଁ। ସେ ଦିନଠାରୁ ଏ ରାଜସିକ ଚୂର୍ଣ୍ଣ ଆଉ ମୋ ନାକ ଛୁଇଁନାହିଁ। ମାତ୍ର ଦେଖ କି ଦୁଃଖର କଥା ! ମୋ ଭଳି ଜଣେ ସଂସାରୀ ଗୃହସ୍ଥ ଯାହା ଫିଙ୍ଗି ଦେବାକୁ ବ୍ୟଗ୍ର, ଏ ସନ୍ନ୍ୟାସୀମାନେ ତାହା ନିଜର କରିବାକୁ ବ୍ୟଗ୍ର !

ସନ୍ନ୍ୟାସାଶ୍ରମ ଗ୍ରହଣ କରିବା ଆଗରୁ ସ୍ୱାମୀ ସଦାନନ୍ଦ ମାଡ୍ରାସ୍ ପ୍ରେସିଡେନ୍‌ସି କଲେଜରେ ଇତିହାସ ଅଧ୍ୟାପକ ଥିଲେ। ସେ ଥରେ ଆଗରୁ ତାମିଲ୍ ନୂଆବର୍ଷରେ ପୁଟ୍ଟପର୍ତ୍ତି ଆସିଥିଲେ। ବାବା ଆମ ଦୁହିଁକୁ ନେଇ ମନ୍ଦିରର ପଶ୍ଚିମପଟ ପାହାଡ ଉପରେ ଥିବା ଗୋଟାଏ ଝରଣା ପାଖକୁ ଯାଇଥିଲେ ଓ ସେଠାରେ ତାଙ୍କୁ ଶିବଲିଙ୍ଗର ତାତ୍ପର୍ଯ୍ୟ କ'ଣ ବୋଲି ପଚାରିଥିଲେ। ସ୍ୱାମୀ ସଦାନନ୍ଦ ଶୈବତତ୍ତ୍ୱ ଉପରେ ଅଧିକ ଅଧ୍ୟୟନ କରିଥିଲେ। ବାବା ସେଦିନ ତାଙ୍କୁ ବୁଝାଇଥିଲେ ଯେ ଅପ୍ରକଟିତ ମହାତତ୍ତ୍ୱ ମଧ୍ୟରୁ ବିଶ୍ୱର ପ୍ରକାଶ ଓ ତା ମଧ୍ୟରେ ବିଶ୍ୱର ପୁନଃ ଲୀନ ହେବା ଶିବଲିଙ୍ଗର ତାତ୍ପର୍ଯ୍ୟ। ବାବା ତାଙ୍କୁ କହିଥିଲେ, "ଉଦୟସୂର୍ଯ୍ୟ ଓ ଅସ୍ତସୂର୍ଯ୍ୟ ବଡ ଥାଳିପଟ ପରି ଦିଶେ।"

ସଦାନନ୍ଦ ଶିବାନନ୍ଦାଶ୍ରମରେ ବାବାଙ୍କୁ କହିଲେ, "ନବବର୍ଷରେ ଆପଣଙ୍କ ସେ କଥାଟି ମୋ ପକ୍ଷରେ ନୂତନ ଜ୍ଞାନୋଦୟ ଥିଲା।" "ମାତ୍ର ବହୁଦିନ ହେଲା ତୁମେ ନବବର୍ଷ ପାଳନ କରିନାହଁ। ସେତେବେଳେ ତୁମେ ସନ୍ନ୍ୟାସ ଗ୍ରହଣ କରି ନଥିଲ। ନିଜ ପରିବାର ମଧ୍ୟରେ ଥିଲ। ଏବେ ସାଇ ପରିବାରରେ ପ୍ରବେଶ କରିଛ। ତେଣୁ ଏହା ନିଅ।" ବାବା ଏହା କହି ସଙ୍ଗେ ସଙ୍ଗେ ହାତ ବୁଲାଇ ତାମିଲ୍ ରାଜ୍ୟର ଏକ ବିଶିଷ୍ଟ ମିଠା ଓ ବାଟ୍‌ଟୁ ବାହାର କରି ସଦାନନ୍ଦଙ୍କୁ ଦେଲେ। ଏହାର ବାସନା ଓ ରସରସିଆ ରୂପ ଦେଖି ମୋ ପାଟିରୁ ଲାଳ ବୋହିଲା।

ମୋ ଅବସ୍ଥା ଦେଖି ବାବା ପୁଣି ମୋ ପାଇଁ ଗୋଟିଏ ଆଣି ଦେଲେ। ମୁଁ ପ୍ରକୃତରେ ଜଣେ ତାମିଲ୍, ଜନ୍ମ ମୋର ମାଲାୟାଲାମ ରାଜ୍ୟରେ, କନ୍ନଡ ରାଜ୍ୟରେ ୩୨ ବର୍ଷ କାମ କରି ଶେଷରେ ସାଇ ପୋତାଶ୍ରୟରେ (ତେଲୁଗୁ) ଆସି ଲଙ୍ଗର ପକାଇଛି। ଏଣୁ ତାମିଲ୍ ନୂଆବର୍ଷ ମଧ୍ୟ ମୋ ପାଇଁ ନୂଆବର୍ଷ। ତାମିଲ୍ ନୂଆବର୍ଷର ମିଠା ଓ ବାଟ୍‌ଟୁର ଯୁକ୍ତ ଗ୍ରହୀତା ଓ ପୂର୍ବତନ ଇତିହାସ ଅଧ୍ୟାପକ ଭାବରେ ସଦାନନ୍ଦ ଓ ମୁଁ ଯାଆଁଳା ଭାଇ ପରି ରଷିକେଶରେ ଚଳପ୍ରଚଳ ହେଉଥିଲୁ।

ସ୍ୱାମୀ ଶିବାନନ୍ଦ ସମଭାବରେ ପ୍ରଶାନ୍ତ ମୂର୍ତ୍ତି ଥିଲେ। ଦର୍ଶକମାନଙ୍କର ହଟ୍ଟଗୋଳ, ଅଭିଯୋଗ ଓ ଅନୁନୟ ମଧ୍ୟରେ ତାଙ୍କ ଶିଷ୍ୟମାନେ ଗୋଟିଏ ଚକଲଗା ଚଉକିରେ ତାଙ୍କୁ ଆଶ୍ରମ ଭିତରେ ନିଆଆଣ କରୁଥିଲେ।

ଗଙ୍ଗାରେ କେତେ ମାଇଲ୍ ଉପରେ ଡାହାଣ ପଟ କୂଳରେ ଥିବା ଘରୱାଲ୍ ପ୍ରାସାଦରେ ଦିନଟିଏ କଟାଇ ଫେରି ଆସୁଥିବାବେଳେ ବାବା ସ୍ୱତଃ ବଶିଷ୍ଠଗୁହା ମଧ୍ୟରେ ପ୍ରବେଶ କଲେ। ସେଠାରେ ଜଣେ ସନ୍ନ୍ୟାସୀ ରହୁଥିଲେ। ସେ ଯେତେବେଳେ ଶୁଣିଲେ ମୁଁ କେରଳରୁ ଆସିଛି, ମୁଁ ମାଲାୟାଲାମ୍ କହିପାରେ ଓ ମୁଁ ତାଙ୍କର ଗୁରୁ ତାରକ ମହାରାଜ (କେବଳ ମହାପୁରୁଷଜୀ ନାମରେ ସେ ପରିଚିତ ଥିଲେ)ଙ୍କଠାରୁ ମୁଁ ବି ରାମକୃଷ୍ଣ ମନ୍ତ୍ର ଗ୍ରହଣ କରିଚି, ସେ ମୋତେ ଡାକିଲେ। ମୁଁ ତାଙ୍କୁ ନିଜ ବିଷୟରେ ଏସବୁ କହିଥିବାରୁ ନିଜକୁ ଧିକ୍‌କାର କଲି। କାରଣ ଜଣେ ନାମ ଓ ଗୃହ ତ୍ୟାଗ କରିଥିବା ସନ୍ନ୍ୟାସୀଙ୍କୁ ପୁଣି ନାମ ଓ ଗୃହ ମନେ ପକାଇଦେବା ମୋ ପକ୍ଷରେ ଆଦୌ ଉଚିତ ହୋଇ ନଥିଲା। "ଯେଉଁ ଘଟଣା ଓ ଭାବନାକୁ ସେ ବିସର୍ଜି ଦେବାକୁ ଏତେ ସାଧନା କରୁଛନ୍ତି ସେସବୁ ତାଙ୍କୁ ମନେପକାଇ ଦେବାର କି ଅଧିକାର ମୋର ଅଛି ?" ମୁଁ ନିଜକୁ ଏ ପ୍ରଶ୍ନ ପଚାରିଥିଲି। ମୋ ମନେ ପଡିଥିଲା କିପରି ଜୈନ୍ ବୌଦ୍ଧତତ୍ତ୍ୱର ପ୍ରତିଷ୍ଠାତା ବୋଧିସେନ ସାତଟି ଭାଷାରେ ନୀରବ ବୋଲି ପରିଚିତ ଥିଲେ। ସନ୍ନ୍ୟାସୀ ଜଣକ କେରଳର ବିଖ୍ୟାତ ଅନନ୍ତ ପଦ୍ମନାଭ ମନ୍ଦିର ଥିବା ତ୍ରିଭାନ୍ଦ୍ରମର ଅଧିବାସୀ ଥିଲେ। ମୋ ମାଲାୟାଲମ୍ ଭାଷା ତାଙ୍କ ମନରେ ଅତୀତର ସ୍ମୃତି ଜାଗରୁକ କରିପାରେ।

ଉତ୍ତର ଭାରତର ଶୀର୍ଷର ଏହି ବଶିଷ୍ଠଗୁହାରେ ବସି ଦକ୍ଷିଣ ଭାରତର ଶେଷ ସୀମାରେ ଥିବା ମନ୍ଦିରର ସ୍ମୃତିରେ ସନ୍ନ୍ୟାସୀ ପୁରୁଷୋତ୍ତମାନନ୍ଦ ଉଲ୍ଲସିତ ହେଉଥିଲା ବେଳେ ବାବା ଆମ ସମସ୍ତଙ୍କୁ ସେ ଗୁହା ଛାଡି ବାହାରକୁ ଯିବାକୁ ଆଦେଶ ଦେଲେ। ଗୁମ୍ଫାର ଦ୍ୱାର ବନ୍ଦ ହୋଇଗଲା। ବାବା ସତୁରୀ ବର୍ଷର ବୃଦ୍ଧ ସନ୍ନ୍ୟାସୀଙ୍କ କୋଳରେ ମୁଣ୍ଡ ଦେଇ ଶୋଇଗଲେ। ହଠାତ୍ ବାବାଙ୍କ

ଶରୀରରୁ ଅପୂର୍ବ ଜ୍ୟୋତି ଉଦ୍‌ଗତ ହେଲା । ବାବାଙ୍କ ଶରୀର ପୁଣି ଏତେ ବଡ ହୋଇଗଲା ଯେ ତାହା ଗୁମ୍ଫାରେ ନ ଧରିବା ପରି ବୋଧ ହେଲା । ବାବାଙ୍କ ଶରୀର ଓ ମୁଖମଣ୍ଡଳରୁ ବିଶ୍ୱାସାତୀତ ଦିବ୍ୟଜ୍ୟୋତିର ଆଭା ବାହାରି ସାରା ଗୁମ୍ଫାକୁ ଉଦ୍‌ଭାସିତ କରି ପକାଇଲା । ପୁରୁଷୋତ୍ତମାନନ୍ଦ ଆନନ୍ଦର ଆତିଶଯ୍ୟରେ ଆତ୍ମବିସ୍ମୃତ ହୋଇଗଲେ । ତାଙ୍କର ଦୁଇଜଣ ଶିଷ୍ୟ ଆଦୌ କିଛି ବୁଝି ନପାରି ସ୍ତବ୍ଧ ହୋଇ ଯାଇଥିଲେ । ବାବା ପରେ ଆମକୁ କହିଥିଲେ ଯେ ପୁରୁଷୋତ୍ତମାନନ୍ଦଙ୍କ ହୃଦୟରେ ପଦ୍ମନାଭଙ୍କ ମୂର୍ତ୍ତି ପିଲାଦିନୁ ଅଙ୍କିତ ହୋଇଯାଇଥିବାରୁ ସେ ତାଙ୍କୁ ଜ୍ୟୋତିଃପଦ୍ମନାଭ ରୂପରେ ଦର୍ଶନ ଦେଇଥିଲେ ।

କିଛି ସମୟ ପରେ ବାବା ଉଠି ବସିଲେ ଓ ସତୁରୀ ବର୍ଷର ବୃଦ୍ଧ ପୁରୁଷୋତ୍ତମାନନ୍ଦଙ୍କୁ ନାମ ଧରି ଡାକି ତାଙ୍କୁ ବାସ୍ତବ ସଂସାରକୁ ଫେରାଇ ଆଣିଲେ । ସେଠାରେ ତ୍ୟାଗରାଜଙ୍କ ଦ୍ୱାରା ରଚିତ ଏକ ଶ୍ରୀରାମଭଜନ ଗାଇଲେ । ଗାନ ସରିଲା ପରେ ବାବା ଶୂନ୍ୟରୁ ପୁରୁଷୋତ୍ତମାନନ୍ଦଙ୍କ ପାଇଁ ଉଜ୍ଜ୍ୱଳ ସ୍ଫଟିକର ଏକ ଜପମାଳା ସୃଷ୍ଟି କଲେ ।

ଏହାର ୩୮ ବର୍ଷ ତଳେ ପୁରୁଷୋତ୍ତମାନନ୍ଦ ତାଙ୍କ ଗୁରୁଙ୍କ ପାଖକୁ ଲେଖିଥିଲେ, "ସବୁ ମିଛ । ପରମ ସତ୍ୟକୁ ଆଖି ଆଗରେ ନ ଦେଖିବା ଯାଏ ମୁଁ ସନ୍ତୁଷ୍ଟ ହେବି ନାହିଁ ।" ମୋର ବିଶ୍ୱାସ ସେଇ ଅପରାହ୍ଣରେ ପରୁଷୋତ୍ତମାନନ୍ଦ ସେଇ ସତ୍ୟକୁ ଆଖି ଆଗରେ ଦେଖିଥିଲେ, ଯେଉଁ ସତ୍ୟ ମହାପୁରୁଷଜୀ, ଶ୍ରୀ ରାମକୃଷ୍ଣ, ସତ୍ୟସାଇ ବାବା ଏବଂ ଅନନ୍ତ ପଦ୍ମନାଭ ରୂପରେ ଏକ ଏବଂ ଅଭିନ୍ନ ଅନନ୍ୟତାର ପ୍ରକାଶ । ପାଞ୍ଚବର୍ଷ ପରେ ସେ ଯେତେବେଳେ ଏ ଦେହ ଛାଡି ଏକ ମହାସତ୍ୟରେ ଲୀନ ହେଲେ, ସେ ମୁହୂର୍ତ୍ତରେ ବାବା ନିଜେ ମୋତେ ପ୍ରଶାନ୍ତିନିଳୟମ୍‌ରେ ତାଙ୍କ ଦେହ ଛାଡିବା କଥା ଜଣାଇ ଦେଇଥିଲେ । ଶିବରାତ୍ରି ଦିନ ଆତ୍ମଲିଙ୍ଗ ଉଦ୍ଭବର କେତୋଟି ମୁହୂର୍ତ୍ତରେ ହିଁ ସ୍ୱାମୀ ପୁରୁଷୋତ୍ତମାନନ୍ଦ ଶିବଲୀନ ହେଲେ । ବାବା କହିଥିଲେ ସ୍ୱାମୀଙ୍କ ଶରୀରକୁ ସେ ସ୍ଫଟିକମାଳା ସହିତ ହିଁ ସମାଧି ଦିଆଯିବ । (ଆଉ ତାହା ହିଁ ହୋଇଥିଲା) ।

ବଶିଷ୍ଠଗୁହାର ସେ ଘଟଣା ପ୍ରକୃତରେ ମଣିଷକୁ ସମ୍ପୂର୍ଣ୍ଣ ସ୍ତବ୍ଧ କରିଦେଲାଭଳି ଘଟଣାଟିଏ । ଆମେ ଶେଷରେ ଯେତେବେଳେ ଗୁହାରେ ପ୍ରବେଶ କରିବାର ଅନୁମତି ପାଇଲୁ, ସବୁ ଇନ୍ଦ୍ରିୟ ଏକାଠି କରି ବାବାଙ୍କର ପ୍ରତିଟି କଥା ବୁଝି ସାଇତିବାରେ ଲାଗି ପଡିଲୁ । ଦେଖିଲୁ ସତୁରୀ ବର୍ଷର ବୃଦ୍ଧ ସନ୍ନ୍ୟାସୀ ହାତ ଯୋଡି, ଭୂଲତା ଟେକି, ଆଖିକୁ ମିଟି ମିଟି କରି, ବିସ୍ମୟରେ ପାଟିକୁ ମେଲା କରି ଓ ପ୍ରାଣର ଉଲ୍ଲାସରେ ଓଠରେ ସ୍ମିତହାସ ଆଙ୍କି ବାବାଙ୍କ କଥାକୁ ପିଇ

ଯାଉଛନ୍ତି । ବାବା ତାଙ୍କୁ କହିଲେ ଗୁମ୍ଫାରେ ସେ ଆଗ ଆଗ କି କଷ୍ଟରେ କାଳ କାଟୁଥିଲେ । ଗୁମ୍ଫାରେ ଡିଆସିଲିଟିଏ ଦେଖି ସେ କିପରି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ମାତ୍ର ତାଙ୍କର ଆଶ୍ଚର୍ଯ୍ୟ ଶହେଗୁଣ ବଢ଼ି ଯାଇଥିଲା ବାବା ଯେତେବେଳେ କହିଲେ, "ତୁମ ପାଇଁ ମୁଁ ସେ ଡିଆସିଲିଟି ରଖି ଦେଇଥିଲି ।" ବୃଦ୍ଧ ସନ୍ନ୍ୟାସୀ ଏହା ଶୁଣି ଅଣ୍ଟା ସଳଖି ବସିଗଲେ । ଆଖି ତାଙ୍କର ବଡ଼ ବଡ଼ ହୋଇଗଲା । ଶିଷ୍ୟମାନେ କହିଲେ ବର୍ଷ ବର୍ଷ ଧରି ସେମାନେ ଚକମକି ପଥର ଘଷି ନିଆଁ ବାହାର କରୁଥିଲେ । ଅର୍ଦ୍ଧସ୍ଫୁରିତ କଣ୍ଠରୁ ସେମାନଙ୍କର ବାହାରି ପଡିଲା, "ସେ ସବୁ ଜାଣନ୍ତି ସବୁ ଜାଣନ୍ତି ।" ସେମାନଙ୍କ ଗୁରୁଙ୍କ କଷ୍ଟ ଓ ତାଙ୍କର ସାମାନ୍ୟ ଆବଶ୍ୟକତା ମଧ୍ୟ ବାବାଙ୍କର ଅଗୋଚର ନଥିଲା ଜାଣି ସେମାନେ ହତବାକ୍ ହୋଇପଡିଥିଲେ । ଯାହା ଅବୋଧ୍ୟ ତାକୁ ବୁଝିବା ପାଇଁ, ଯାହା ଅମାପ ତାକୁ ମାପିବା ପାଇଁ ମଣିଷର ଜୁ ନାହିଁ । ଏପରି ଏକ ମହାଶକ୍ତି ଆଗରେ ଭାବ ଓ ଭାଷାକୁ ଜଳାଞ୍ଜଳି ଦେଇ ଗଭୀର ସମ୍ଭ୍ରମତାର ସହ ଚୁପ୍ ହୋଇ ବସିବା ଛଡା ଆଉ କ'ଣ କରାଯାଇପାରେ ?

ସେ ଜ୍ୟୋତିର ପ୍ରଭାବ ଏତେ ଅସହ୍ୟ ଥିଲା ଯେ ଜିପ୍‌ରେ ସେଇ ବାବାଙ୍କ ସହିତ ମୁଁ ବସିଛି ବୋଲି ବିଶ୍ୱାସ କରିବା ମୋ ପକ୍ଷରେ କଷ୍ଟକର ହୋଇପଡିଥିଲା । ବାବା ଆମର ଅସୁବିଧା କଥା ବୁଝୁଥିଲେ । ଏଣୁ ବାଟସାରା ଜିପ୍‌ରେ ନାନା ମଜାକଥା, ବିଶେଷ କରି ଈଶ୍ୱରଙ୍କ ଅଧିଷ୍ଠାନ ଆମର ହୃଦୟଗୁହା ସମ୍ପର୍କରେ ନାନା କୌତୁକ କଥା କହି ପରିବେଶକୁ ହାଲୁକା କରି ଦେଇଥିଲେ । ସେ ଯେତେବେଳେ କହିଲେ ଛାରପୋକ ଭୟରେ ଦେବତାମାନେ ଆସି ହିମାଳୟର ବରଫ ଭିତରେ, ଆଉ ବିଷ୍ଣୁ ସମୁଦ୍ର ଭିତରେ ଘର କରି ରହିଛନ୍ତି, ଆମେ ହସି ହସି ନୟାନ୍ତ ହୋଇଗଲୁ, ଆଉ ସ୍ୱର୍ଗର ଆଲୋକରୁ ପୁଣି ଧୂଳିଧୂସରିତ ଧରଣୀକୁ ଓହ୍ଲାଇ ଆସିଲୁ ।

ଋଷିକେଶ ଛାଡିବା ଆଗରୁ ସ୍ୱାମୀ ସଦାନନ୍ଦଙ୍କ ଅନୁରୋଧରେ ବାବା ଆଶ୍ରମର ଅନ୍ତେବାସୀମାନଙ୍କୁ ସାଧନା ଓ ଆଧ୍ୟାତ୍ମିକ ଜୀବନ ସମ୍ବନ୍ଧରେ ଉପଦେଶ ଦେଇଥିଲେ । ବାବା ସେମାନଙ୍କୁ କହିଲେ ଯେଉଁଠାରେ ଜୀବନ ଖୁବ୍ ବେଶୀ ନିୟମିତ ଓ ନିରାପଦ ସେଠାରେ ଜୀବନ ପ୍ରତି ଅନାଗ୍ରହ ପ୍ରକାଶ ପାଇଥାଏ । ଏଣୁ ସନ୍ନ୍ୟାସୀମାନେ ପ୍ରତି ମୁହୂର୍ତ୍ତରେ ସତେଜ ଓ ସଜୀବ ଅନୁଭବ କରିବା ଉଚିତ । ସେମାନେ ଆଜିକୁ ଗତକାଲିର ପୁରସ୍କାର ଓ ଆସନ୍ତାକାଲିର ଅଭିନୟର ପୂର୍ବାଭ୍ୟାସ ଭାବରେ ଗ୍ରହଣ କରିବା ଦରକାର । ଯେଉଁଦିନ ଆମେ ଆଶ୍ରମ ଛାଡ଼ିବୁ ସେଦିନ ଶିବାନନ୍ଦ ନିଜେ ବାବାଙ୍କୁ ଆଶ୍ରମ ବୁଲାଇ ଦେଖାଇବାକୁ ଜିଦ୍ କଲେ । ପ୍ରତିଦିନ କିଛି କିଛି ଗଙ୍ଗାପାଣି ପିଆଇ ବାବା ଶିବାନନ୍ଦଙ୍କୁ ଆରୋଗ୍ୟ କରିଦେଇଥିଲେ । ବାବା ଗଙ୍ଗାଘାଟରେ

ସବା ତଳ ପାହାଚରୁ ନଇଁ ଯେତେବେଳେ ନଦୀରୁ କପେ ପାଣି ଉଠାଇ ଆଣିଲେ ତାଙ୍କ ସ୍ପର୍ଶରେ ଏହା ଅମୃତ ପାଲଟି ଯାଇଥିଲା, ଆଉ ସ୍ୱାମୀଜୀ ପରମ ଆନନ୍ଦ ଓ ସନ୍ତୋଷରେ ତାହା ପାନ କରିଥିଲେ। ବାବାଙ୍କର ଋଷିକେଶ ରହଣୀରେ ଏପରି ନୀରବ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଘଟଣା ଘଟି ତାଙ୍କର ସାର୍ବଭୌମତାକୁ ପ୍ରକଟ କରିଥିଲା।

ଦିଲ୍ଲୀକୁ ଫେରିଆସି ଆମେ ଦେଖିଲୁ ଆମ ପାଇଁ ରହିଛି ବାବାଙ୍କର ଆଉ ଏକ ସଦୟ କୃପା-ଉପହାର। ବାବାଙ୍କ ସହ ଆମେ କାଶ୍ମୀର ଉପତ୍ୟକାରେ ଆହୁରି ସପ୍ତାହେ କଟାଇବୁ। ହିମାଳୟର ଶୃଙ୍ଗମାନେ ଧରିପଟେ ବରଫ ଘୋଡି ହୋଇ ସାରିଥିଲେ। ଉପତ୍ୟକା ଖଣ୍ଡ ଖଣ୍ଡ ସବୁଜ ରଙ୍ଗର ଶାଢ଼ୀ ପିନ୍ଧି ଅପୂର୍ବ ଦିଶୁଥିଲା। ଶତଲେଜ୍ ପାଣିରେ ଭାସୁଥିଲା ଅନେକ ଡଙ୍ଗାଘର। ଭାସନ୍ତା ଭେଳାରେ ବି ଥିଲା ବାସନା ଫୁଲର ବୁଦା। ଯୁଆଡ଼େ ଆଖି ପାଇବ ସିଆଡେ ଦିଶୁଥିଲା ଝରଣା, ଲମ୍ବା ଲମ୍ବା ଗଛ, ହରିଣ ଓ ଶୁଆସାରୀଙ୍କ ଭିଡ଼। ସବୁଠି ଭରିଯାଇଥିଲା ନାନାରଙ୍ଗର ଗୋଲାପ। ଏହା କେବଳ ବାହାର ଆଖି ପାଇଁ ସୌନ୍ଦର୍ଯ୍ୟର ରସ ଢାଳୁ ନଥିଲା, ଭିତର ଆଖିରେ ବି ଆନନ୍ଦରେ ରସ ଭରି ଦେଉଥିଲା। ବାବା ଯେଉଁ ଡଙ୍ଗାଘରେ ଥିଲେ, ଅନେକ ତୀର୍ଥଯାତ୍ରୀ ସେଠାରେ ଧାଡି ବାନ୍ଧିଥିଲେ ଦର୍ଶନ ଆଶାରେ। ସୁବାସଚନ୍ଦ୍ର ବୋଷଙ୍କ ଭଉଣୀଙ୍କ ପରି କେତେଜଣଙ୍କୁ ବାବା ସ୍ୱପ୍ନରେ ପହଞ୍ଚି ନିଜ ପାଖକୁ ଡାକି ଆଣିଥିଲେ।

ଆମେ ଶଙ୍କରାଚାର୍ଯ୍ୟ ଗିରି ଚଢ଼ି ନଥିଲୁ। ନିଜେ ଶଙ୍କର ଆମ ପାଖରେ ଥାଉ ଥାଉ ଗିରି ଚଢ଼ିବା କ'ଣ ଦରକାର? ଆଚାର୍ଯ୍ୟଙ୍କ ଶିଷ୍ୟମାନେ ତାଙ୍କ ଜୀବନ ସମ୍ବନ୍ଧରେ ଏପରି ଗୋଟାଏ ଅତିରଞ୍ଜିତ ଘଟଣା ପ୍ରଚାର କରିଛନ୍ତି ଯେ ତାହା ଶୁଣିଲେ ହସ ମାଡ଼ିବା ସଙ୍ଗେ ସଙ୍ଗେ ହୃଦୟରେ ପୀଡ଼ା ଜାତ ହୁଏ। ଶଙ୍କରାଚାର୍ଯ୍ୟ ଜଣେ ପଣ୍ଡିତଙ୍କୁ ତର୍କରେ ପରାସ୍ତ କଲା ପରେ କୁଆଡ଼େ ତାଙ୍କ ପତ୍ନୀ ଏ ପରାଜୟକୁ ମାନିଲେ ନାହିଁ। କାରଣ ପତ୍ନୀ ସ୍ୱାମୀର ଅର୍ଦ୍ଧେକ, ଏଣୁ ପତ୍ନୀଙ୍କୁ ପରାସ୍ତ କଲେ ଯାଇ ଆଚାର୍ଯ୍ୟ ପୂର୍ଣ୍ଣବିଜୟ ଗୌରବର ଅଧିକାରୀ ହେବେ। ତାପରେ ଆସିଲା ଏ କାହାଣୀର ଅମର୍ଯ୍ୟାଦାକର ଅଂଶ। ଭାରତୀୟ ନାରୀତ୍ୱର ସମସ୍ତ ଗୌରବ ଓ ମହତ୍ତ୍ୱକୁ ପାଣିରେ ଫିଙ୍ଗି ଦେଇ ଉକ୍ତ ପଣ୍ଡିତଙ୍କ ପତ୍ନୀ କୁଆଡ଼େ ସନ୍ନ୍ୟାସୀ ଆଚାର୍ଯ୍ୟଙ୍କୁ ଗାର୍ହସ୍ଥ୍ୟ ଜୀବନରେ ସ୍ୱାମୀ-ସ୍ତ୍ରୀର ସମ୍ପର୍କର ଗୂଢ଼ କଥା ପଚାରିଲେ, ଆଉ ଏ ଅବାନ୍ତର, ଅଶ୍ଳୀଳ କାହାଣୀ ଅନୁସାରେ ଏ ପ୍ରଶ୍ନର ଉତ୍ତର ଦେବାପାଇଁ ଆଚାର୍ଯ୍ୟ ଶଙ୍କର କିଛି ସମୟ ଚାହିଁଲେ! ତାପରେ ସେ ଦେଖିଲେ ଜଣେ ମହାରାଜା ସଦ୍ୟ ଦେହ ଛାଡିଛନ୍ତି। ଆଚାର୍ଯ୍ୟ ତତ୍କ୍ଷଣାତ୍ ପରକାୟା ପ୍ରବେଶ ବିଦ୍ୟାରେ ଆପଣା ଶରୀରକୁ ଶିଷ୍ୟମାନଙ୍କ ଯତ୍ନରେ ଛାଡି ରାଜାଙ୍କ ଶରୀରରେ ପ୍ରବେଶ

କଲେ। ରାଜା ମୃତ୍ୟୁଶଯ୍ୟାରୁ ଉଠି, ବା ଅଧିକ ସଠିକ୍ ଭାବରେ ବର୍ଣ୍ଣନା କଲେ, ଆଚାର୍ଯ୍ୟ ଶଙ୍କର ରାଜାଙ୍କ ଶରୀରରେ ପଶି ଏହାପରେ ଦୀର୍ଘଦିନ ଅନ୍ତଃପୁରରେ ରାଣୀମାନଙ୍କ ସହ ବିହାରରେ ମାତିଲେ। ମାତ୍ର ରାଣୀମାନେ ରାଜାଙ୍କ ପ୍ରକୃତ ପରିଚୟ ସମ୍ବନ୍ଧରେ ସଂଶୟ ପ୍ରକାଶ କରିବାରୁ ଆଚାର୍ଯ୍ୟ ଶଙ୍କରଙ୍କୁ ତରତର ହୋଇ ସେ ପୁରୁଣା ଦେହ ଛାଡି ଆପଣା ଦେହକୁ ଫେରି ଆସିବାକୁ ପଡିଲା । ଏହାପରେ ଆଚାର୍ଯ୍ୟ ପୂର୍ବୋକ୍ତ ନାରୀଙ୍କ ସହିତ ତର୍କଯୁଦ୍ଧରେ କାମଶାସ୍ତ୍ରରେ କୁଆଡ଼େ ତାଙ୍କୁ ପରାସ୍ତ କରି ପୂର୍ଣ୍ଣ ବିଜୟ ଗୌରବର ଅଧିକାରୀ ହେଲେ। ବାବା କହନ୍ତି , ଏପରି କୁତ୍ସିତ କାହାଣୀସବୁ ଆଚାର୍ଯ୍ୟ ଶଙ୍କରଙ୍କ ସୌରଜ୍ୟୋତିକୁ ପ୍ରକାଶ କରିବା ଦୂରେ ଥାଉ, ତାଙ୍କ ଉପରେ କୁହୁଡି ଘୋଡ଼ାଇ ପକାଇଥାଏ। ତାଙ୍କର ପ୍ରକୃତ ମହତ୍ତ୍ୱକୁ ମ୍ଳାନ କରିପକାଏ।

ବାବା ଆମକୁ ବରଫ ପଡ଼ିବା ସ୍ଥାନକୁ ନେବାକୁ ଠିକ୍ କଲେ। ଯେଉଁ ଟ୍ରାଭେଲିଂ ଏଜେଣ୍ଟ ଆମର ଯାତ୍ରା ଆୟୋଜନ କରୁଥିଲେ ସେ ବ୍ୟବସାୟୀର ପୋଷାକ ଉତାରି ଆମରି ପରି ଜଣେ ଭକ୍ତର ପୋଷାକ ପିନ୍ଧି ସାରିଥିଲେ। ସେ ବାବାଙ୍କୁ ଶ୍ରୀନଗରରେ ଥିବା ତାଙ୍କର ବୃଦ୍ଧ ପିତାମାତା, ତାଙ୍କ ପତ୍ନୀ ଓ ପିଲାପିଲି, ଏବଂ ତାଙ୍କ ଭାଇଙ୍କ ପରିବାରକୁ ଦର୍ଶନ-ଆଶୀର୍ବାଦ ଦେବାପାଇଁ ପ୍ରାର୍ଥନା କଲେ। ଆମପାଇଁ ସେ ବଡ଼ ଆନନ୍ଦରେ ଗୁଲମାର୍ଗକୁ ଗୋଟିଏ ବସ୍ ଭଡ଼ା କଲେ, ସେଠୁ ହିମାଳୟ ପିଠିରେ ଜମା ହୋଇଥିବା ବରଫଧାର କିଲନ୍‌ମାର୍ଗ ଯିବାପାଇଁ ଟଟୁ ଘୋଡ଼ା ମଧ୍ୟ ଠିକ୍ କଲେ।

ଏହି ସମୟରେ ଡକ୍ଟର ଲକ୍ଷ୍ମୀ ମୋ ଜିଭ ତଳେ ଥର୍ମୋମିଟର ଦେଇ ଘୋଷଣା କଲେ ମୋ ଦେହରେ ଶହେ ଚାରି ଡିଗ୍ରୀ ତାତି ରହିଛି, ଆଉ ମୁଁ ବିଛଣା ଛାଡ଼ି କୁଆଡ଼େ ଯାଇପାରିବି ନାହିଁ! ମାତ୍ର ତାହା କି ସମ୍ଭବ ! ଗୁଲ୍‌ମାର୍ଗ ଯିବାପାଇଁ ବସ୍ ଘଁ ଘଁ ହେଉଥିବା ବେଳେ ଡକ୍ଟରଙ୍କ ଛଅାଣ ଆଖି ଏଡ଼ାଇ ମୁଁ ଯାଇ ବସ୍‌ରେ ଚଢ଼ିଗଲି। ମୁଣ୍ଡର ଟୋପି ଓ ସାରା ଦେହକୁ ଘୋଡ଼ାଇ ରଖିଥିବା ଶାଲ୍ ଭିତରେ ବାବା ମୋତେ ଚିହ୍ନି ପକାଇ କହିଲେ, “କସ୍ତୁରୀ, ଏତେ ଡେରି କାହିଁକି ? ଯା-ବସ୍‌ରେ ଚଢ଼୍।” ବାବା ତାଙ୍କର କାର୍ ପାଖରେ ଠିଆ ହୋଇଥିଲେ। ମୁଁ ବସ୍ ଭିତରକୁ ଡେଇଁ ପଡିଲି। ଜିଭତଳର ତାତି ସେଇଠି ରହିଗଲା।

ଗୁଲମାର୍ଗରେ କିନ୍ତୁ ଗୋଟିଏ ଭାରି ବଡ଼ ସମସ୍ୟାରେ ପଡ଼ିଗଲି। ମୋ ପାଇଁ ଯେଉଁ ଟଟୁ ଘୋଡ଼ାଟା ଠିକ୍ ହୋଇଥିଲା, ସେଥିରେ ଚଢ଼ିବି କି ନାହିଁ! ମୋ ଘୋଡ଼ାଟି ସଲଖ ସୁନ୍ଦର ଓ ଚିକ୍‌କଣ ଦିଶୁଥିଲା। ନାମଟି ବି ଭାରି-ଚିକ୍‌କଣ, *କାଳିଆ ସୁନ୍ଦରୀ* । ମାତ୍ର ମତେ କ’ଣ

ଘୋଡ଼ା ଚଢ଼ିବା ଜଣା ! କନା-ବାଉଁଶ ତିଆରି ଘୋଡ଼ା ବି ମୁଁ କେବେ ଚଢ଼ି ନଥିଲି। ଅଳ୍ପ ଆପତ୍ତି କରି କାଳିଆ ସୁନ୍ଦରୀ ହ୍ରେଷା ଛାଡିଲା। ମୁଁ ମନେ ମନେ କହିଲି ସେ ମୋତେ ସ୍ୱାଗତ କରୁଛି। ମାତ୍ର ସେ ଯେମିତି ଭାବରେ ମତେ ଅବିଶ୍ୱାସରେ ଗ୍ୱହିଁଲା, ମୁଁ ଭାବିଲି ଗୋଟିଏ ଅବସରପ୍ରାପ୍ତ ଇତିହାସ ଅଧ୍ୟାପକଙ୍କୁ ପିଠିରେ ବୋହିବା ତାର ପସନ୍ଦ ହେଉନାହିଁ। ସେ ବରଂ ଆଉ କାହାକୁ ପିଠେଇବ, ମୋତେ ନୁହଁ। ଗୋଟିଏ ଗ୍ୱରିଗୋଡିଆ ଅବନ୍ଧୁ ପିଠିରେ ଯାଇ ବସିବାର ସମ୍ଭାବନାକୁ ଗ୍ରହଣ କରିବାକୁ ମୁଁ ବି କୁନ୍ଥୁ କୁନ୍ଥୁ ହେଉଥିଲି। ମାତ୍ର ସଙ୍ଗେ ସଙ୍ଗେ ବାବାଙ୍କ ଆଦେଶ ଶୁଣିଲି- " କସ୍ତୁରୀ, ସେଇଟା ତୋ ଘୋଡା। ଯା ତା ପିଠିରେ ବସ୍।" ମୁଁ ସଇସକୁ କହିଲି କାଳିଆ ସୁନ୍ଦରୀକୁ ଟିକେ ଆଗକୁ ଗୋଟିଏ ଅଧାକାନ୍ଥ ପାଖକୁ ନେବାକୁ। ସେଠାରେ ମୁଁ କୌଣସି ମତେ ଅଧାକାନ୍ଥରେ ଚଢ଼ି ଭାରି ସନ୍ତର୍ପଣରେ ଧୀରେ ଧୀରେ ସଇସକୁ ଆଶ୍ରୟ କରି କାଳିଆ ସୁନ୍ଦରୀ ପିଠିରେ ମୋ ଭାର ଲଦି ଦେଲି। ସଇସ ସାହାଯ୍ୟରେ ଡାହାଣ ଗୋଡକୁ ଡାହାଣପଟ ଓ ବାମ ଗୋଡକୁ ବାମ ପଟ ପାଦରଖାରେ ଭର୍ତ୍ତିକରି ଭାରି ବୀରତ୍ୱପୂର୍ଣ୍ଣ କାମଟିଏ କଲି ବୋଲି ଗ୍ୱରିଆଡ଼କୁ ଗ୍ୱହିଁଲି। ମାତ୍ର ସଇସର ଗ୍ୱବୁକ୍ ଛଟ୍ କରି ପିଟିବା ମାତ୍ରେ କାଳିଆ ସୁନ୍ଦରୀ ତତ୍କ୍ଷଣାତ ଆଜ୍ଞା ପାଳନ କଲା ଓ ଅବସରପ୍ରାପ୍ତ ଇତିହାସ ଅଧ୍ୟାପକ ତତ୍କ୍ଷଣାତ୍ ସାମନାକୁ ଝୁଙ୍କି ପଡିଲେ ! ସଇସ ମତେ ବିରକ୍ତିରେ ପଛକୁ ଠେଲି ଦେଲା। ଘୋଡ଼ା ପିଠିରେ ଜୀନ୍ ବଡ ବିପଦଜନକ ଭାବରେ ପଡିଥିଲା। ମୁଁ ଉଠି ଭଦ୍ରଲୋକ ପରି ଭଲ ଭାବରେ ବସିଲି।

ଆମେ ସବୁ ସମୁଦାୟ ଥିଲୁ ପନ୍ଦରଟି ଘୋଡ଼ା। ମାତ୍ର ମୋ ଘୋଡ଼ାଟି ଥିଲା ସବୁଠୁ ବେଶୀ ବିଗ୍ୱରବନ୍ତ। ଏଣୁ ପାଦେ ଗ୍ୱଲିବାକୁ ସେ ଦଶ ଥର ବିଗ୍ୱର କରୁଥିଲା। ଯିବି- କି-ନ- ଯିବି ବିଗ୍ୱର ସହିତ କାଳିଆ ସୁନ୍ଦରୀ ଭାବୁଥିଲା କିଏ ମୋ ପିଠିରେ ବସିଚି, କାହିଁକି ବସିଚି, ଇଏ କାହିଁକି ବସିଲା, ଯାକୁ କିମିତି ଖସାଇବା ଇତ୍ୟାଦି। ଏହି ସମୟରେ ସଇସର ଗ୍ୱବୁକ୍ ପଛପଟୁ ତା ପଛକୁ ଆଲିଙ୍ଗନ କରିବା ମାତ୍ରେ କାଳିଆ ସୁନ୍ଦରୀର ପଛ ଦୁଇଗୋଡ ଉପରକୁ ଡେଇଁ ପଡୁଥିଲା, ମାତ୍ର ଆଗ ଦୁଇଗୋଡ ଦାର୍ଶନିକ ପରି ସ୍ଥିର ହୋଇ ରହୁଥିଲା। ଅନେକ ସମୟରେ ସଇସ ଘୋଡା ପାଖରେ ଗ୍ୱଲି ତାର ବେକର କେଶରକୁ ଜୋର୍‌ରେ ମୁଠାଇଧରି ତାକୁ ଆଗକୁ ଟାଣୁଥିଲା ଆଉ ବେଶ୍ ମଧୁର କଣ୍ଠରେ ତାର ଚଉଦ ପୁରୁଷର ଶ୍ରାଦ୍ଧ କରୁଥିଲା। ଏ ଐତିହାସିକ ଅଭିଯାନରେ କାଳିଆ ସୁନ୍ଦରୀ ପୃଷ୍ଠଦେଶରେ ଉପବେଶନ କରି ମୁଁ ମନେ ମନେ ବାବାଙ୍କୁ ପ୍ରାର୍ଥନା କରୁଥିଲି, "ହେ ପ୍ରଭୁ, ବରଫଧାରକୁ ପାଖକୁ ଘେନି ଆସ।"

ଘୋଡା ପିଠିରେ ପଡିଥିବା କାଠପରି ଟାଣ ଜୀନ୍ ଉପରେ ବସି ଦୁଇ ଗୋଡରେ ଘୋଡାର ପିଠିକୁ ଜାବୁଡି ଧରିବା ଫଳରେ ମୋ ଦୁଇ ଜଙ୍ଘ ତା ପିଠିରେ ଘଷି ହୋଇ ପୋଡିବା ଆରମ୍ଭ କରିଦେଲା । ମୋତେ ଲାଗିଲା ଆଉ ଅଳ୍ପ ସମୟ ମଧ୍ୟରେ ସେଠୁ ନିଆଁ ବାହାରିବ..... । ଅନ୍ୟ ଘୋଡ଼ାମାନେ ମୋ କାଳିଆ ସୁନ୍ଦରୀଠାରୁ ଟିକେ କମ୍ ବେଶୀ ଭଦ୍ର ଥିଲେ । କାରଣ ସେମାନେ ବି ବିବିଧ ଭଙ୍ଗୀରେ ନୃତ୍ୟ ଆରମ୍ଭ କରି ଦେଇଥିଲେ । ଆମେ ଯେତେବେଳେ ଉଠାଣି ଉଠୁ ସଇସମାନେ ଆମକୁ କହିଥାନ୍ତି ଆଗକୁ ଝୁଙ୍କି ପଡିବାକୁ, ଗଡାଣିବେଳେ ପଛକୁ ଝୁଲି ପଡିବାକୁ । ମାତ୍ର କେତେବେଳେ ଆଗକୁ ଓ କେତେବେଳେ ପଛକୁ ଝୁଲିବାକୁ ହେବ ତାହା ବିଚାର କରିବା ମୋ ପକ୍ଷରେ ବଡ କଷ୍ଟସାଧ୍ୟ ହୋଇ ଉଠିଥିଲା । ଶେଷରେ ଆମ ଅଭିଯାନ ସରିଲା । ମୋ ଘୋଡ଼ାପଠିରୁ ଓହ୍ଲାଇ ଦେଖିଲି ମୋର ବେଶୀ ଭଙ୍ଗାରୁଜା ହୋଇନି, କାରଣ ବାବାଙ୍କ ପାଖକୁ ଚାଲି ଚାଲି ଯାଇ ମୁଁ ତାଙ୍କ ପାଦ ଛୁଇଁ ପାରିଲି ।

ତାପରେ ମଜା ଦେଖ । ଆମେ କୃଷ୍ଣଙ୍କ ଚାରିପଟେ ଗୋଠେ ଗଉଡ଼ ପିଲା ପାଲଟି ଗଲୁ । ବାବା ଆମ ଉପରକୁ ବରଫଗୁଳା ସବୁ ଫିଙ୍ଗୁଥାନ୍ତି । ଗୁଣ୍ଡ, ଚିକକ୍ଣ ବରଫରେ କାଠ ତିଆରି ସ୍ଲେଜ୍‌ଗାଡ଼ି ଭଳି ଯାନରେ ଆମେ ଗଡାଣିରେ ଖସିବା ଓ ପଡିବା ବାବାଙ୍କୁ ଭାରି ମଜା ଲାଗୁଥାଏ । ଉଠାଣି ଉପରକୁ ଉଠି ଆମେ ଏ ଯାନରେ ବସୁ ଓ ଛାଡି ଦେଉ । ତାହା ଖସି ତଳକୁ ଚାଲିଆସେ । ହାତରେ ଦୁଇଖଣ୍ଡ କାଠି ଗାଡିର ବ୍ରେକ୍ ପରି କାମ କରେ । ଜୋର୍‌ରେ ଖସିଲେ ସେ କାଠି ଦୁଇଖଣ୍ଡ ଟାଣିଲେ ତାହା ବରଫରେ ପୋତି ହୋଇଯାଏ ଓ ଗାଡି ଅଟକିରହେ । ଏ ରକ୍ତ ଜମାଟ ବାନ୍ଧି ଯିବା ଥଣ୍ଡାରେ ବି ବାବାଙ୍କର ଚିନ୍ତା ନଥାଏ । ସେ ପଶମର ଜାମା ପିନ୍ଧି ନଥିଲେ ବା ଶାଲ୍ ଘୋଡାଇ ହୋଇ ନଥିଲେ । ସାଧାରଣ ସିଲ୍କ ଜାମାଟିଏ ତାଙ୍କ ଶରୀରକୁ ଆବୃତ୍ତ କରିଥାଏ । ତାଙ୍କୁ ଦେଖି ଆମର କୈଳାସ ଶିଖରରେ ବରଫ ଗାଲିଚା ଉପରେ ନୃତ୍ୟରତ ଶିବଙ୍କ ଭ୍ରମ ହେଉଥାଏ ।

ପରସ୍ପର ଉପରକୁ ବରଫ ଫିଙ୍ଗିବା, କୌତୁକ କରିବା ଖେଳରେ ଆମେ ଯେତେବେଳେ ହାଲିଆ ହୋଇଗଲୁ ବାବା ଖେଳ ବନ୍ଦ କଲେ । ତାପରେ ସାଇ ମାତାଙ୍କ ହାତରୁ ଆମେ ଗରମ କଫି ନେଇ ପିଇସାରିବା ପରେ ବାବାଙ୍କ ସହିତ ଏକାଠି ଫଟୋ ଉଠାଇବା ପାଇଁ ପ୍ରସ୍ତୁତ ହେଲୁ । ବାବା ତାଙ୍କ ଘୋଡ଼ା ରାଜା ପିଠିରେ ବସିଲେ । ଏକାଠି ଫଟୋ ଉଠିସାରିବା ପରେ ପ୍ରତ୍ୟେକ ଆରୋହୀ ନିଜ ନିଜ ଘୋଡ଼ାରେ ବସି ବାବାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ତାପରେ ଗୁଲ୍‌ମାର୍ଗକୁ ଫେରି ସେଠୁ ବସ୍‌ରେ ଶ୍ରୀନଗର ଚାଲିଲୁ ।

ଭାରତମାତାର ମଉଡମଣି ଏହି କାଶ୍ମୀର ଉପତ୍ୟକାର ବିଭିନ୍ନ ସ୍ଥାନ ଦେଇ ଆମର ବସ୍ ଗ୍ଭଲିଥିଲାବେଳେ ସଂସ୍କୃତରେ ଲିଖିତ ଏହାର ଇତିହାସ ରାଜତରଙ୍ଗିଣୀର ପୃଷ୍ଠା ପରେ ପୃଷ୍ଠା ମୋ ଆଖି ଆଗରେ ଖୋଲି ହୋଇ ଯାଉଥାଏ।

ଦିଲ୍ଲୀର ଭକ୍ତମାନେ ଠିକ୍ କଲେ କୃଷ୍ଣଙ୍କ ମଧୁର ବେଣୁସ୍ୱନ ଓ ଗୋପୀମାନଙ୍କର ଘୁଙ୍ଗୁରର ନିକ୍ୱଣର ସ୍ମୃତି ବିଜଡିତ ମଥୁରା ଓ ବୃନ୍ଦାବନରେ ବାବାଙ୍କ ସହିତ ଦିନଟିଏ କଟାଇବେ। ବାବା ଓ ଆମେ ଯାହାଙ୍କର ଅତିଥି ଥିଲୁ ସେମାନେ ଆମର ବହୁ ଆଗରୁ ମଥୁରାରେ ପହଞ୍ଚିଗଲେ, କାରଣ ଅଧା ବାଟରେ ଆମର ବସ୍ ଖରାପ ହୋଇଗଲା । ଦିଲ୍ଲୀରୁ ଆଉ ଗୋଟିଏ ବସ୍ ଆସିବାଯାଏ ଆମେ ସେଠାରେ ଅଟକି ରହିଲୁ। ବାବା ମଧ୍ୟ ଆମକୁ ଅପେକ୍ଷା କରି ମଥୁରା ଉପକଣ୍ଠରେ ବାଟରେ ଅଟକି ରହିଥିଲେ। ସହର ଭିତରକୁ, ବା ଯମୁନା ପୁଳିନକୁ କିମ୍ବା ମନ୍ଦିରକୁ ଯିବାପାଇଁ ଭକ୍ତମାନଙ୍କର ଶତ ଅନୁନୟ ପ୍ରତ୍ୟାଖ୍ୟାନ କରି ଆମେ ତାଙ୍କଠାରେ ପହଞ୍ଚିବା ଯାଏ ଆମକୁ ସେ ଅପେକ୍ଷା କରି ରହିଥିଲେ। ସମସ୍ତଙ୍କୁ ନ ନେଇ ସେଠୁ ନ ଘୁଞ୍ଚିବା ବାବାଙ୍କର ଅଭିପ୍ରାୟ ଥିଲା।

ତରୁଣ ବୟସରେ ବି ଗୋରୁ ଚରାଉଥିବାବେଳେ ଓ ପଣ୍ଡାରୀ ଭଜନ ଦଳର ଭଜନ ଗାୟକ ଥିଲାବେଳେ ବାବା ଘୋଷଣା କରିଥିଲେ ମଥୁରା-ବୃନ୍ଦାବନର କୃଷ୍ଣ ଓ ତାଙ୍କ ଭିତରେ କିଛି ପାର୍ଥକ୍ୟ ନାହିଁ। ସେତେବେଳେ ଯେଉଁମାନେ କୃଷ୍ଣଗତ ପ୍ରାଣ ଥିଲେ ସେମାନଙ୍କୁ ତରୁଣ ବାବା କୃଷ୍ଣ ରୂପରେ ଦର୍ଶନ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଥିଲେ ପଶ୍ଚିମ ଗୋଦାବରୀ ଜିଲ୍ଲାର ଚେବ୍ରୋଲ୍‌ର ଅଧିବାସୀ । ଦିବ୍ୟ ଦର୍ଶନ ପାଇବାର ସାତବର୍ଷ ପରେ ବି ସେ ଏ ଦର୍ଶନର ଆନନ୍ଦମୟ ପ୍ରଭାବରୁ ମୁକ୍ତ ହୋଇ ନଥିଲେ। ଆଉ ଜଣେ ମହିଳା ଏହାପରେ ନିରନ୍ତର କୃଷ୍ଣ, କୃଷ୍ଣ ଉଚ୍ଚାରଣ କରି କୃଷ୍ଣ ଭାବନାରେ ମଜ୍ଜି ରହୁଥିଲେ।

ସେଦିନ ନିଶ୍ଚୟ ଥିଲା ଏକ ଅଭୁଲା ମଧ୍ୟାହ୍ନ। ଆମେ ବର୍ତ୍ତମାନର କୃଷ୍ଣଙ୍କ ସହିତ ଯମୁନା ପୁଳିନରେ ଯାଇ ପହଞ୍ଚିଲୁ। ମୁଁ ଦେଖି ଆଶ୍ଚର୍ଯ୍ୟ ହେଲି ଯେ ଯମୁନାର ଗାଧୁଆ ଘାଟମାନଙ୍କରେ ବିଶାଳକାୟ କଇଁଛ ଭର୍ତ୍ତି। ଯୁଗ ଯୁଗ ଧରି ଚିତ୍ର ଶିଳ୍ପରେ କଇଁଛ ପୁଣ୍ୟତୋୟା ଯମୁନାର ପ୍ରତୀକ ହୋଇ ଆସିଛି। ଯମୁନା ତଟରେ ସଗର୍ବରେ ଆପଣାର ପୁଚ୍ଛ ବିସ୍ତାର କରି ବୁଲୁଥିବା ମୟୂରମାନଙ୍କୁ ବି ଦେଖିଲୁ। ମୋର ମନେ ହେଲା ସେମାନେ ଆମକୁ କହୁଛନ୍ତି- "ଦ୍ୱାପର ଯୁଗରୁ ଆମେ ଏଠି ଅଛୁ। କୃଷ୍ଣଙ୍କ ମୁଣ୍ଡରେ ଖୋସିବା ପାଇଁ ଆମେ ପରା ଆମ ପୁଚ୍ଛ ଦେଉଥିଲୁ।"

ଯେଉଁ ମନ୍ଦିରରେ ମୀରାବାଈ ପ୍ରାଣର ମଧୁର ସଙ୍ଗୀତରେ ନିଜର ଆତ୍ମାକୁ କୃଷ୍ଣଙ୍କ ଶ୍ରୀଚରଣରେ ଢାଳି ଦେଉଥିଲେ ବାବା ଆମକୁ ନେଇ ସେ ମନ୍ଦିରକୁ ଗଲେ। ଆମେ ଯେତେବେଳେ ସେଠାରେ କେତୋଟି ମୀରାଭଜନ ଗାଇବା ପାଇଁ ବାବାଙ୍କ ଅନୁମତି ମାଗିଲୁ, ମନ୍ଦିରର ଦ୍ୱାରଦେଶରେ ହିଁ ବାବାଙ୍କ ହାତ ଶୂନ୍ୟରେ ଚହଲି ଗଲା ଓ ମୀରାବାଈଙ୍କ ପ୍ରାଣାରାଧ୍ୟ ଗିରିଧର ଗୋପାଳଙ୍କ ଗୋଟିଏ ମୂର୍ତ୍ତି ବାବାଙ୍କ ହାତକୁ ଚାଲି ଆସିଲା। ବାବା କହିଲେ, "ଆମେ ଡାକବଙ୍ଗଳାକୁ ଫେରିଲାପରେ ସେଠାରେ ଏ କୃଷ୍ଣଙ୍କ ଆଗରେ ତୁମେ ମନଭରି ମୀରାଭଜନ ଗାଇବ।" କିଏ ଜାଣିଥିଲା ବାବାଙ୍କ ସଙ୍କଳ୍ପରେ ମୀରାଙ୍କ ଆରାଧ୍ୟ କୃଷ୍ଣଙ୍କର ସାତ ଇଞ୍ଚର ଏକ ନିଛକ ରୌପ୍ୟ ପ୍ରତିରୂପ ତାଙ୍କ ଅଙ୍ଗଭଙ୍ଗୀର ସମସ୍ତ ରମଣୀୟତା ଘେନି ଆମ ଆଗରେ ଉପସ୍ଥିତ ହେବ ବୋଲି! ବାବାଙ୍କୁ ବୁଝିବାରେ ମୋର ଆବେଗ ଓ ଆଗ୍ରହ ଅସହ୍ୟ ହୋଇ ଉଠୁଥାଏ। ମାତ୍ର ମୋର କେବଳ ପ୍ରାର୍ଥନା ଥିଲା ମୋ ମନର ଏ ଉନ୍ମାଦନା ଚିରନ୍ତନ ହେଉ, ତାଙ୍କୁ ଜାଣିବାର ଉଲ୍ଲାସ ଓ ଅଧୀରତା ବିନୟ ପ୍ରଦାନ କରୁ। ଏହା ମୋ ମନରେ ବଡପଣ ନ ଆଣୁ, ତାଙ୍କୁ ଭାଷାରେ ବର୍ଣ୍ଣନା କରିବାର, ଗୋଟିଏ ସୂତ୍ରରେ ବା ତତ୍ତ୍ୱରେ ବାନ୍ଧିବାର, ତାଙ୍କ ସ୍ୱରୂପ ପ୍ରକଟ କରିବାର କିମ୍ବା ତାଙ୍କୁ ନେଇ ବିଶ୍ୱାସର ନିଗଡ଼ ଗଢ଼ିବାର ଅହଂକାର ମୋର କଦାପି ନ ହେଉ। ଡାକବଙ୍ଗଳାରେ ଗିରିଧର ଗୋପାଳଙ୍କ ଆଗରେ ଆମେ ଘଣ୍ଟାଏ ଭଜନ କଲୁ। ତାପରେ ଦିଲ୍ଲୀ ଫେରିଲୁ। ଏବେ ସେଇ ଗୋପାଳ ଆମର ଆତିଥ୍ୟ କରିଥିବା ଭକ୍ତଙ୍କ ପୂଜାମଣ୍ଡପରେ ବିରାଜିତ।

ପ୍ରତିଦିନ ମୋ ବୟସ ବଢୁଥିଲା। ଏ ବିଷୟରେ ଅବଶ୍ୟ ମୁଁ କ୍ୱଚିତ୍ ଚିନ୍ତା କରୁଥିଲି, କାରଣ ବାବା ଆମକୁ ସବୁବେଳେ ଏପରି ଅସରନ୍ତି ବିସ୍ମୟ ଓ ଆନନ୍ଦରେ ବୁଡାଇ ରଖିଥିଲେ ଯେ କପାଳର କୁଞ୍ଚିତ ରେଖା ଗଣିବାର ଅବସର ମୋର ନଥିଲା। ତଥାପି ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଜନ ରେଖା ୬୦ତମ ବର୍ଷକୁ ଛୁଇଁବା ପାଇଁ ମୁଁ ଦ୍ରୁତ ଗତିରେ ଆଗେଇ ଚାଲିଥିଲି। ହିନ୍ଦୁ ବିଧାନ ଅନୁସାରେ ଷାଠିଏ ବର୍ଷ ପୂରିଲେ ଜୀବନର ଆଧ୍ୟାତ୍ମିକ ସାଧନାକୁ ତୀବ୍ରତର କରିବା ଉଦ୍ଦେଶ୍ୟରେ ବୈଦିକ ବିଧାନରେ ଦୈବପ୍ରୀତି ଓ ଦୈବକୃପା ନିମନ୍ତେ ହୋମ ଆଦି କରାଯାଇଥାଏ। ବାବା କହନ୍ତି ଜୀବନରେ ଛଅଟି ଦଶନ୍ଧି ପୂରିବା ଦିନ ମଣିଷ ଷଡରିପୁର ବିନାଶ ନିମନ୍ତେ ସେମାନଙ୍କୁ ସତର୍କବାଣୀ ଶୁଣାଇବା ଉଦ୍ଦେଶ୍ୟରେ ଏ ଦିନଟି ବିଶେଷ ଭାବରେ ପାଳନ କରିବା ଉଚିତ। ମୋ ପୁଅ ଏହି ସମୟରେ କାନାଡ଼ାରେ ସେଠାର ଭୂତତ୍ତ୍ୱ ବିଭାଗରେ କାମ କରୁଥିବାରୁ ମୋ ପାଖରେ ନଥିଲା। ଏଣୁ ମୋର ଷଷ୍ଠିପୂର୍ତ୍ତି ଉତ୍ସବ ସମ୍ପର୍କରେ ମୁଁ

ବିଶେଷ ଆଗ୍ରହୀ ନଥିଲି। ତାର ପତ୍ନୀ ସେଠି ଥିଲା। ଆଉ ତାର ଦୁଇ ପୁଅ ମାଡ୍ରାସର ଗୋଟିଏ ସ୍କୁଲ୍‌ରେ ପ୍ରଧାନଶିକ୍ଷକଙ୍କ ତତ୍ତ୍ୱାବଧାନରେ ଥିଲେ। ପୁଅ ଓ ବୋହୂ ଯେତେବେଳେ ଟରଣ୍ଟୋ ଯିବା ଉଦ୍ଦେଶ୍ୟରେ ବାବାଙ୍କଠୁ ବିଦାୟ ନେଲେ, ବାବା ପିଲା ଦୁଇଟିଙ୍କୁ କହିଥିଲେ, " ତୁମର ଯେବେ ବାପା-ମାଆଙ୍କୁ ଦେଖିବାକୁ ମନହେବ, ମୋତେ ମନେପକାଇବ" । ବିଧାନ ଅନୁସାରେ ବାପା ନିଜର ଷଷ୍ଟିପୂର୍ତ୍ତି ପାଳନ କରିବା ଅଶୋଭନୀୟ। ଏହା ପୁଅମାନଙ୍କର ବିଶେଷ ଦାୟିତ୍ୱ। ଏଣୁ ମୁଁ ଚୁପ୍ ରହିଲି।

ମାତ୍ର ବାବା କହିଲେ ମୋ ବୋଉ ଖୁସି ହେବାର ଦେଖିଲେ ସେ ଖୁସି ହେବେ। ଏଣୁ ସାଧାରଣ ବିଧିକୁ ଲଙ୍ଘି ମୋତେ ମୋର ଷଷ୍ଟିପୂର୍ତ୍ତି ପାଇଁ ଆୟୋଜନ କରିବାକୁ ହେବ। ବୁକ୍‌କାପଟ୍ଟନମ୍‌ରୁ ଜଣେ ପୁରୋହିତଙ୍କୁ ଆମେ ହୋମ ଆଦି ଅନୁଷ୍ଠାନ ପରିଚାଳନା କରିବାକୁ ଡାକି ଆଣିଲୁ। ମୋର କେତେଜଣ ଆକାଶବାଣୀ ବନ୍ଧୁ ବାଙ୍ଗାଲୋରରୁ ଆସିଲେ। ୧୯୪୩ରେ ଯେଉଁ ନାଦସ୍ୱର ଦଳଟିକୁ ମୁଁ ଆକାଶବାଣୀରେ ବ୍ୟବହାର କରିଥିଲି, ସେମାନେ ବି ପୁଟପର୍ତ୍ତି ଆସିଲେ ସେମାନଙ୍କ କଳାର ପରାକାଷ୍ଠା ପ୍ରଦର୍ଶନ କରିବାକୁ। ଆମର ତୈଳସ୍ନାନ ନିମନ୍ତେ ତୈଳକୁ ମନ୍ତ୍ରପୂତ କରିବା ସମୟରେ ବି ବାବା ଆମ ଘରକୁ ଆସିଲେ- ସେ ଆମର ଆନନ୍ଦବର୍ଦ୍ଧନ କରିବାକୁ ଏତେ ଯତ୍ନଶୀଳ ଥିଲେ। ସମସ୍ତଙ୍କୁ ହାସ୍ୟ-ପରିହାସରେ ସେ ପୂର୍ଣ୍ଣ କରି ରଖିଥିଲେ, ମାତ୍ର ଅଧିକାଂଶ ପରିହାସ-ମନ୍ତବ୍ୟ ଆମ ପତି-ପତ୍ନୀଙ୍କ ନିମନ୍ତେ ହିଁ ଉଦ୍ଦିଷ୍ଟ ଥିଲା। ଆମ ଘର ପାଖରେ ଗୋଟିଏ ତମ୍ବୁ ଟାଣି ସେଠାରେ ରୋଷେଇବାସର ବ୍ୟବସ୍ଥା କରିଥିଲୁ। ବାବା ସେ ତମ୍ବୁ ଭିତରକୁ ଯାଇ ରାନ୍ଧୁଣିଆମାନଙ୍କୁ ଆଶୀର୍ବାଦ କରିଥିଲେ।

ଦିନ ଦଶଟାବେଳେ ହୋମ ଆଦି କ୍ରିୟା ଆରମ୍ଭ ହେଲା। ବାବା ଦେଇଥିବା ପୋଷାକ ପିନ୍ଧି ଆମେ ଭଜନ କକ୍ଷରେ ପ୍ରବେଶ କଲୁ। ପୂଜାମଣ୍ଡପରେ ଏକାଠି ଆଭୂମ ପ୍ରଣାମ କରି ଆମେ ମନ୍ଦିରର ପୂର୍ବପଟ ମଣ୍ଡପରେ ପ୍ରଜ୍ୱଳିତ ହୋମ ଆଗରେ ବସିଲୁ। ସେଇ ମଣ୍ଡପର ଦକ୍ଷିଣ ପୂର୍ବ ପଟେ ବାବାଙ୍କ ରୌପ୍ୟ ସିଂହାସନ ସ୍ଥାପନ କରାଯାଇଥିଲା। ଆମ ସୌଭାଗ୍ୟକୁ ସେଇଦିନ ଜଣେ ଭକ୍ତ ଖୋଲା ପଦ୍ମପାଖୁଡା ଆକାରରେ ନିର୍ମିତ ଏକ ରୂପାର ପାଦରଖା ଆଣି ପହଞ୍ଚିଥିଲେ। ବାବା ସିଂହାସନରେ ବସି ହୋମ ଦେଖିବା ସମୟରେ ତାଙ୍କ ଅନୁମତି ନେଇ ଆମେ ସେ ନୂଆ ପାଦରଖାଟି ତାଙ୍କ ପାଦ ତଳେ ସ୍ଥାପନ କଲୁ। ପୂଜାବିଧିରେ ଯେଉଁସବୁ ଉପଚାର ବାବା ପସନ୍ଦ କରନ୍ତି କେବଳ ତାହା ହିଁ କରିବାକୁ ପୁରୋହିତଙ୍କୁ ଆଗରୁ କହିଦେଇଥିଲୁ। ସେସବୁ ହେଲା ଗଣେଶ ପୂଜା, ନବଗ୍ରହ ପରିତୋଷ ଏବଂ ଭଗବାନଙ୍କ କୃପା ଆବାହନମୂଳକ

ବିଧାନ। ଶେଷ ଅଂଶଟି ପୁରୋହିତ କରୁଥିଲା ବେଳେ ବାବା ସିଂହାସନରେ ବସିଥିଲେ। ଏସବୁ ସରିଲା ପରେ ଆମେ ତାଙ୍କୁ ପୂଜା କରିବାର ଅନୁମତି ମାଗିଲୁ। ଆମେ ପାଦପଦ୍ମରେ ଫୁଲ ଢାଳି ପୂଜା କଲୁ। ମନ୍ଦିରରେ ଭକ୍ତମାନେ ଭର୍ତ୍ତି ହୋଇ ଯାଇଥିଲେ।

ପୁରୋହିତ ନିର୍ମଳ କଣ୍ଠରେ ଗୋଟି ଗୋଟି କରି ସାଇ ଅଷ୍ଟୋତ୍ତର ସହସ୍ରନାମ ପାଠ କରୁଥାନ୍ତି, ଆଉ ଆମେ ପତି-ପତ୍ନୀ ଦୁହେଁ ବାବାଙ୍କ ଡାହାଣ ଓ ବାମ ପାଖରେ ବସି ପାଦରେ ଫୁଲ ଚଢ଼ାଉଥାଉ। ବାବା ଶାନ୍ତ ଭାବରେ ସହାସ ବଦନରେ ବସି ଆମକୁ ଏ ଅପୂର୍ବ ସୌଭାଗ୍ୟ ଦାନ କରୁଥାନ୍ତି। ବାବା ମଝିରେ ମଝିରେ ମୋର ଭୁଲ ଉଚ୍ଚାରଣକୁ ସଂଶୋଧନ କରୁଥାନ୍ତି ଓ ପୁରୋହିତ ତାପର ମନ୍ତ୍ରଟି ପଢ଼ିବା ଆଗରୁ ନିଜେ ବୋଲି ଦେଉଥାନ୍ତି। ଯେଉଁ ମନ୍ତ୍ରସବୁ ବାବାଙ୍କର ମହିମା, ଶକ୍ତି ଓ ଦୈବତ୍ୱ ପ୍ରକଟ କରୁଥାଏ ଓ ମୋର ହୃଦୟର ଗଭୀର କୃତଜ୍ଞତାକୁ ସ୍ପର୍ଶ କରୁଥାଏ, ସେ ମନ୍ତ୍ରସବୁ ଉଚ୍ଚାରଣ କଲାବେଳେ ମୁଁ ଆଖିର ଲୁହକୁ ଅଟକାଇ ପାରୁନଥାଏ।

ତାଙ୍କ ଆଡ଼କୁ ମୋର ପ୍ରତିଟି ପଦକ୍ଷେପ ମୋ ପାଇଁ ସ୍ୱର୍ଗର ପରିସୀମା ବଢ଼ାଇ ଦେଉଥାଏ, ଆଉ ମୋ ଚେତନା ଭିତରକୁ ତାଙ୍କର ପ୍ରତିଟି ପଦକ୍ଷେପ ମୋର ଅହଙ୍କାରକୁ ସଙ୍କୁଚିତ କରି ଦେଉଥାଏ। ଆମକୁ ଏପରି ସାମୀପ୍ୟ ପ୍ରଦାନ କରିଥିବା ଦୈବସତ୍ତାର ସମ୍ମୁଖରେ ପତ୍ନୀ ମଧ୍ୟ ଅଭିଭୂତ ହୋଇ ପଡ଼ିଥାଏ। ପୂଜା ସରିଲା। ବାବା ସିଂହାସନରୁ ଉଠି ଆମ ଆଡ଼କୁ ଆସିଲେ। ଆମେ ଦୁହେଁ ହାତ ଯୋଡ଼ି ଠିଆହେଲୁ। ମୋ ବୋଉ ଆମ ଦୁହିଁଙ୍କ ମଧ୍ୟରେ ଠିଆ ହୋଇଥିଲା। ପିଲାଦିନେ ବୋଉ ମୋତେ କେରଳର ବୈକୋମ୍ ଶିବଙ୍କଠାରେ ଅର୍ପି ଦେଇଥିଲା; ଏବେ ସେ ଦେଖୁଥିଲା ସଜୀବ ଶିବଙ୍କ ସମ୍ମୁଖରେ ସେଇ ପିଲାଟି ତାର କିପରି ହାତ ଯୋଡ଼ି ଠିଆ ହୋଇଛି।

ବାବାଙ୍କ ହାତ ଶୂନ୍ୟରେ ଚହଲିଗଲା, ଆଉ ଶୂନ୍ୟରୁ ସେ ଯାହା ମୁଠେଇ ଧରିଲେ ତାହା ଥିଲା ପତ୍ନୀ ପାଇଁ ଗୋଟିଏ ମଙ୍ଗଳସୂତ୍ର ଓ ମୋ ପାଇଁ ଗୋଟିଏ ପଦକ। ଉଭୟଟିଯାକ ସାଇ-ସୁବର୍ଣ୍ଣରେ ତିଆରି। ମୁଁ ପତ୍ନୀ ବେକରେ ମଙ୍ଗଳସୂତ୍ରଟି ବାନ୍ଧି ଦେଲାବେଳେ ବାବା ତା ମୁଣ୍ଡ ଉପରେ ହାତ ରଖିଲେ, ଆଉ ସେଥିରୁ ଝରି ଆସିଲା କୁଙ୍କୁମ, ହଳଦୀଗୁଣ୍ଡ ଓ ଚାଉଳ। ହଳଦୀଗୁଣ୍ଡ ମଧ୍ୟ। ଏହି ପବିତ୍ର ବସ୍ତୁଦ୍ୱାରା ଗୁରୁଜନମାନେ ନବପରିଣୀତ ଦମ୍ପତିଙ୍କୁ କଲ୍ୟାଣ କରିଥାନ୍ତି। ଆମେ ପୁନଶ୍ଚ ବିବାହିତ ହେଲୁ, ମାତ୍ର ଏଥର ଦିବ୍ୟ ଜୀବନ ସହ ଆମର ବିବାହ। ବାବା ତା ହାତରେ ଗୋଟିଏ ସିଲ୍କ ଶାଢ଼ୀ ଓ ମୋ ହାତରେ ଗୋଟିଏ ସିଲ୍କ ଧୋତି ଦେଲେ। ଏହା ଥିଲା କରୁଣାର ମଧୁରତମ ପ୍ରକାଶ। ମୋ ସ୍ତ୍ରୀ ଏପରି ଅଭିଭୂତ ହୋଇ ପଡ଼ିଥିଲା ଯେ ସେ

ଆଉ ପୃଥିବୀ ଉପରେ ଠିଆ ହୋଇ ନଥିଲା, ଆକାଶରେ ଝୁଲୁଥିଲା ! ତାକୁ ଧରି ପକାଇ ନଥିଲେ ସେ ପଡ଼ି ଯାଇଥାନ୍ତା । ଆନନ୍ଦର ଆତିଶଯ୍ୟରେ ତା ମୁହଁ ରଙ୍ଗା ଓ ହଳଦିଆ ଦିଶୁଥିଲା, ଭାବନାଶକ୍ତି କାମ କରୁ ନଥିଲା, ମୁଣ୍ଡର କେଶ ଭିତରେ ଭର୍ତ୍ତି ହୋଇଯାଇଥିଲା କୁଙ୍କୁମ ଓ ହଳଦୀ ଚାଉଳ । ତାକୁ ହାତ ଧରି କେତେଜଣ ଘରକୁ ନେଇଗଲେ । ମୋର ଷଷ୍ଠିପୂର୍ତ୍ତି ଉତ୍ସବ ସତରେ ଏପରି କୃପାଧାରାରେ ଭରିଯାଇଥିଲା ଯେ ତାହା ଆମ ବୁଝିବାର ବାହାରେ ଥିଲା । ଏବେ ବି ସେକଥା ଚିନ୍ତା କଲେ ହିଁ ହୃଦୟ ଦ୍ରବୀଭୂତ ହୋଇଯାଏ ।

ଆମକୁ ପୁଣି ବାଙ୍ଗାଲୋର ଫେରିଯିବାକୁ ହେଲା । କର୍ଣ୍ଣାଟକର ଅଧିକାଂଶ ଲୋକଙ୍କଠାରେ ରେଡିଓ ନଥିଲା । ଏଣୁ ଆକାଶବାଣୀର ଶବ୍ଦ ଓ ସଙ୍ଗୀତର ଆହ୍ୱାନ ମୋ ପକ୍ଷରେ ମଳିନ ପଡ଼ି ଆସିଲା । ରୌପ୍ୟ ପଦ୍ମ-ପାଦରଖାରେ ଫୁଲଗଦା ମଧ୍ୟରେ ଦୁଇଟି ପଦ୍ମ-ସତେଜ ପାଦ ମୋତେ ବାରମ୍ବାର ପୁଟ୍ଟପର୍ତ୍ତିକୁ ଡାକିବାକୁ ଲାଗିଲା ।

ଆନନ୍ଦର ଝରଠାରୁ ଆମକୁ ଦୂରରେ ରହିବା ଦେଖି ବୋଉର ମନ ମଧ୍ୟ ବ୍ୟସ୍ତ ହେଲା । ସେ ଆମକୁ ବାରମ୍ବାର ଚିଠି ଲେଖିବାକୁ ଲାଗିଲା ଆକାଶବାଣୀ ଯନ୍ତା ଭିତରୁ ମୁକୁଳି ଘରକୁ ଉଡ଼ି ଆସିବାକୁ । ସେ ଲେଖୁଥାଏ- "ଆଜି ବାବା ଆମ ରୋଷେଇଘର ଭିତରେ ପଶି ମୋର ଖାଦ୍ୟ ଦେଖି ମୋତେ ଗାଳି ଦେଲେ । ଏତେ କମ୍ କାହିଁକି ଖାଉଛୁ ବୋଲି ଶୋଧିଲେ ।" "ଆଜି ଭଜନ ଚାଲିଥିଲା ବେଳେ ବାବା ମୋତେ ହାତ ଧରି ସାକ୍ଷାତ୍କାର ଘରକୁ ନେଲେ । ଆଉ ମୋତେ ଅଧିକା ଫଳ ଓ ପରିବା ଖାଇବାକୁ କହିଲେ । ସେ କହିଲେ କସ୍ତୁରୀକୁ ତ ମୁଁ ବେଶୀ ପଇସା ଦେଲି ସେଥିପାଇଁ । ତୋ ପାଇଁ ପ୍ରତିଦିନ ଭଲ ଫଳର ବ୍ୟବସ୍ଥା କରିଦେବି ।" ବୋଉଠୁ ଆଉଦିନେ ଚିଠି ପାଇଲୁ, "ଆଜି ବାବା ଆମ ଘରେ ଅନେକ ସମୟ ବସିଲେ, ଆଉ ମୋତେ କହିଲେ ତୁ ସେଠି ଜମା ସୁଖୀ ନୁହଁ । ସେ କହିଲେ ତୋ ପାଇଁ ଏଇଠି କୁଆଡ଼େ କ'ଣ କାମ ସେ ରଖିଛନ୍ତି ।" ଏସବୁ ଚିଠି ପଢିଲା ପରେ ଆମେ କି ଆଉ ସମ୍ଭାଳି ରହିପାରିବୁ ! ବିଛଣାପତ୍ର ବାନ୍ଧି, ଆକାଶବାଣୀରୁ ବିଦାୟ ନେଇ ପଳାଇ ଆସିବାକୁ ଛକି ବସିଲୁ ।

କଲମର ତପସ୍ୟା

ଅବିଳମ୍ୱେ ମୋତେ ଶୁଭଖବର ମିଳିଗଲା; ବାବା ବାଙ୍ଗାଲୋର ଆସିଛନ୍ତି । ରହୁଛନ୍ତି ଉଇଲ୍‌ସନ୍ ଗାର୍ଡନ ପାଖରେ ନବମ ଛକ ରାସ୍ତାର ଶ୍ରୀ ବିଠଲ ରାଓଙ୍କ ଘରେ । ଦ୍ୱାଦଶ ଛକ ରାସ୍ତାରେ ଥିବା ମୋ ଘର "ଅଶୋକ"ଠାରୁ ପାଞ୍ଚମିନିଟର୍ ଚଲାବାଟ । ବାବା ସେଠାକୁ ଆସିବାର ସମ୍ଭାବନା ଅନୁମାନ କରି ମୁଁ ବିଠଲ ରାଓଙ୍କ ଧୋବାକୁ ଆଗରୁ ଲାଞ୍ଚ ଦେଇଥିଲି ସେ ତାଙ୍କର ଝରକା କବାଟର ପରଦା ସଫାକରି ଦେବାମାତ୍ରେ ମୋତେ ଯେମିତି ଖବର ଦେଇଦେବ । ମୁଁ ଜାଣିଗଲି ବାବା ତାଙ୍କ ଘରକୁ ଆସିବା ଆଗରୁ ଘରକୁ ସଫା ସୁତରା କରିବା ଆରମ୍ଭ ହୋଇଗଲାଣି, ଆଉ ସେଥିପାଇଁ ପରଦାମାନଙ୍କୁ ଆଗ ନିର୍ମଳ କରାଯାଇଛି । ଏ ଖବର ମୋ କାନରେ ପଡିବାମାତ୍ରେ ମୁଁ ଆଉ ଗୋଟିଏ ପନ୍ଥା ଅବଲମ୍ବନ କଲି । ଆମ ଘରେ କାମ କରୁଥିବା ଚାକରାଣୀଟିର ଛୋଟ ଝିଅକୁ କହିଲି ସେ ବିଠଲ ରାଓଙ୍କ ଘର ସାମ୍ନାରେ ପଡିଥିବା ପଥରଟି ଉପରେ ବସିଥିବ, ଆଉ ଗୋଟିଏ ବଡ଼ କାର୍ ଏବଂ ଗେରୁଆ ରଙ୍ଗର ପୋଷାକ ଦେଖିଲା ମାତ୍ରେ ମୋତେ ଖବର ଦେବ । ଏହା ଫଳରେ ବାବା ତାଙ୍କ ଘରେ ପହଞ୍ଚିବାର ଦଶ ମିନିଟ୍ ନ ଯାଉଣୁ ମୋତେ ତାଙ୍କ ବାରଣ୍ଡାରେ ଯାଇ ପହଞ୍ଚିଥିବା ଦେଖି ବିଠଲ ରାଓଙ୍କ ଆଖି ଉପରକୁ ଉଠିଗଲା ! ବିଠଲ ରାଓ ମୋତେ ଟିକେ ଅପେକ୍ଷା କରିବାକୁ ଅନୁରୋଧ କରୁ କରୁ ବାବାଙ୍କ ଆଖି ମୋ ଉପରେ ପଡିଗଲା, ଆଉ ବାବା ମୋ କାନ୍ଧରେ ଗୋଟିଏ ବଡ଼ ଚାପଡା ବସାଇ କହିଲେ, "ହଁ, ଏବେ ତୋ ପାଇଁ ପୁଟପର୍ତ୍ତିରେ କାମର ବ୍ୟବସ୍ଥା ହୋଇଗଲା । ଗୋଟିଏ ମାସିକ ପତ୍ରିକା ଅଳ୍ପଦିନ ଭିତରେ ବାହାରିବ । ଅନୁମାନ କଲୁ, କ'ଣ ତାର ନାମ ?" ମୁଁ ମାନିଗଲି ତାଙ୍କ ସଙ୍କଳ୍ପ ଭିତରୁ ନାମଟି ଠାବ କରିବା ମୋ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ । ତଥାପି ମୋର କୁଣ୍ଠିତ ପାଟିରୁ ସେ କେତୋଟି ନାମ ବାହାର କରିନେଲେ- "ଭଗବତ୍ ମାର୍ଗ", "କର୍ମ ଧର୍ମ....", "ପ୍ରେମଯୋଗ" -ଇତ୍ୟାଦି । ଏ ସବୁଗୁଡିକ ନାମକୁ ଅଗ୍ରାହ୍ୟ କରିଦେଇ ସେ କହିଲେ ସେ ଯେଉଁ ନାମ ଠିକ୍ କରିଛନ୍ତି ମାସିକ ପତ୍ରିକା ପାଇଁ, ତାହା ହେଲା "ସନାତନ ସାରଥି" !

ଏ ନାମଟି ହିଁ ଥିଲା ଏକ ଯୁଗାନ୍ତକାରୀ ଆହ୍ୱାନ । ସନାତନ ସାରଥି; ବିଷ୍ଣୁଙ୍କର ଶଙ୍ଖ ଅଥବା ଶିବଙ୍କର ଡମ୍ବରୁ - ନିଦ୍ରିତର ନିଦ୍ରାଭଙ୍ଗ ପାଇଁ, ବା ବିପଥଗାମୀର ଭ୍ରାନ୍ତି ଦୂର କରିବା ପାଇଁ ନାମଟିର ସଙ୍କେତ ଥିଲା ଯଥେଷ୍ଟ । ପତ୍ରିକାର ନାମଟି ସଂସାରକୁ ଜଣେଇଦେବ ଯେ ଅନାଦି କାଳରୁ ଆମିବାଠାରୁ ବର୍ତ୍ତମାନ ମହାକାଶର ଯାତ୍ରୀ ଯାଏ ସମସ୍ତ ପ୍ରାଣୀଙ୍କର ସଙ୍କଳ୍ପକୁ

ରୂପାୟିତ ଓ ରୂପାନ୍ତରିତ କରି ଆସୁଥିବା ସେ ଅନନ୍ତ ମହାଶକ୍ତି ଆଜି ବାବା ରୂପରେ ହିଁ ବିଦ୍ୟମାନ। କେବଳ ନାମ ମାଧ୍ୟମରେ ହିଁ ସଂସାରକୁ ବାବା ଯେଉଁ ବାର୍ତ୍ତା ପ୍ରଦାନ କରିବାକୁ ଯାଉଛନ୍ତି, ବୋଧହୁଏ ତାହା ହେଲା, ଭଗବାନଙ୍କୁ ତୁମ ଅନ୍ତରର ସାରଥି ଭାବରେ ସ୍ୱୀକାର କର, ମନପ୍ରାଣ ଦେଇ ସେ ଦେଖାଉଥିବା ବାଟରେ ଚାଲ, ଆଉ ଅକ୍ଷତ-ଅନାହତ ଭାବରେ ଜୀବନର ଲକ୍ଷ୍ୟଠାରେ ଉପସ୍ଥିତ ହୁଅ।" ଏହା ଚିନ୍ତାକରି ମୁଁ ଉଲୁସି ଉଠିଲି।

୧୯୫୩ ଦଶହରାରେ ବାବାଙ୍କର ପ୍ରଥମ ଲୋକସମ୍ଭାଷଣ ମନେ ପକାଇ ମୁଁ ମନେ ମନେ ଭାବିଲି, ଅବତାରଙ୍କର ଏହା ୩୨ତମ ବୟସ। ଏହି ବୟସରେ ହିଁ ସଂସାରର ଗୁରୁ ଭାବରେ ଆତ୍ମପ୍ରକଟ କରିବା ଏକାନ୍ତ ଯଥାର୍ଥ। ଅର୍ଜୁନଙ୍କ ରଥର ସାରଥି ଥିଲାବେଳେ ଅର୍ଜୁନଙ୍କ ମାଧ୍ୟମରେ ସେ ମାନବକୁ ଗୀତା-ମହାବାଣୀ ଶୁଣାଇଥିଲେ। ସେଥିପାଇଁ ପ୍ରଭୁଙ୍କର ଅନ୍ୟ ଏକ ନାମ ପାର୍ଥସାରଥି। ଏବେ ବାବା ଠିଆ ହୋଇଛନ୍ତି ସନାତନ ସାରଥି ରୂପେ - ସବୁକାଳ ପାଇଁ ସମସ୍ତଙ୍କର ସାରଥି ଭାବରେ। ପତ୍ରକାଟିର ପ୍ରଥମ ସଂଖ୍ୟାଟି ବାହାରିବା କେତେଦିନ ଆଗରୁ ଚିତ୍ରାବତୀ ବାଲିରେ ଏକାଠି ହୋଇଥିବା ଭକ୍ତମାନଙ୍କୁ ବାବା କଥା ପ୍ରସଙ୍ଗରେ କହିଥିଲେ, " ଶାନ୍ତି ଓ ମୁକ୍ତିର ସାଧକ ପାଇଁ ଭଗବତ୍ ଗୀତା ଗୋଟିଏ ମାର୍ଗଦ୍ରଷ୍ଟା, ଗୋଟିଏ ମାନଚିତ୍ର। ଭଗବାନ ପ୍ରତ୍ୟେକଙ୍କ ହୃଦୟରେ ସାରଥି ଭାବରେ ଅଧିଷ୍ଠିତ। ତାଙ୍କୁ ତୁମ ଚାଲିବାର ବାଟ ପଚାର, ସେ ଦେଖାଇ ଦେବେ। ତାଙ୍କୁ ପଚାରିଲେ ତୁମରି ପାଇଁ ସ୍ୱତନ୍ତ୍ର ଭାବରେ ସଙ୍କଳିତ ଗୀତାଟିଏ ସେ ତୁମ ହାତକୁ ବଢାଇ ଦେବେ।" ଏଥିପାଇଁ ବର୍ତ୍ତମାନର ପଥଚ୍ୟୁତ, ଧ୍ୱଂସାଭିମୁଖୀ ସଂସାର ପାଇଁ ନୂତନ ଗୀତାର ଭଗବାନ ଉବାଚ(ଭଗବାନ କହିଲେ) ଥିଲା ଏ ମାସିକ ପତ୍ରିକା ସନାତନ ସାରଥି।

ମୁଁ ଆକାଶବାଣୀକୁ କହିଦେଲି ସେଠାରେ ମୋ କାଳ ପୂରିଗଲା। ମହୀଶୂର ଆକଶବାଣୀର ପ୍ରତିଷ୍ଠାତା-ସାରଥି ପ୍ରଫେସର୍ଙ୍କ ହାତରୁ ମୁଁ ଯେଉଁ ମାଡ଼ ଖାଇଥିଲି ଆକାଶବାଣୀରେ ମୋ ଦ୍ୱିତୀୟ ରହଣୀ କାଳରେ ତାର ଖୁବ୍ କ୍ଷତିପୂରଣ ପାଇଗଲି। ଭାରତୀୟ ବେତାରର ନାମ 'ଆକାଶବାଣୀ'କୁ କିପରି ଆବିଷ୍କାର କଲି ସେ ସମ୍ବନ୍ଧରେ କହିବା ପାଇଁ ମୋତେ ପରେ ନିମନ୍ତ୍ରଣ କରାଯାଇଥିଲା। ଏହାଫଳରେ ମୋ ଭିତରେ ରହିଥିବା ଅନାଦରର ବିତୃଷ୍ଣା ପୂରାପୂରି ଦୂର ହୋଇଗଲା। ଆକାଶବାଣୀରୁ ମୋର ବିଦାୟ ଏହାପରେ ସହଜ ହୋଇଗଲା। ଡାଇରେକ୍ଟର ମୋତେ ରଖିବାକୁ ଚେଷ୍ଟା କଲେ, ମୋତେ କିଛି ପ୍ରଲୋଭନ ବି ଦେଖାଇଲେ। ମାତ୍ର ମୋର ଭାଗ୍ୟ ଭଲ, ମୁଁ ଖସି ଆସିଲି। କାରଣ ମୁଁ ବେତାରକେନ୍ଦ୍ର

ଛାଡିବା ପରେ ପରେ ଦିଲ୍ଲୀରୁ ଏକ ନୂତନ ସରକାରୀ ଆଦେଶନାମା ଆସି ପହଞ୍ଚିଲା। ସେଥିରେ ଆଦେଶ ଥିଲା, ମୋ ପରି ଯେଉଁ କେତେ ସାହିତ୍ୟଜୀବୀଙ୍କୁ ଅବସର ପରେ ଆକାଶବାଣୀ ନୂଆ ଚାକିରୀ ଦେଇଥିଲା, ସେମାନଙ୍କଠାରୁ ସରକାର ଦେଇଥିବା ଅଧିକା ଦରମା ଫେରାଇ ନିଆଯିବ। ସରକାରୀ ନିୟମ ଅନୁସାରେ କୌଣସି ସରକାରୀ କର୍ମଚାରୀ ଅବସର ପରେ ପୁଣି ଚାକିରୀ କଲେ ତାଙ୍କର ନୂଆ ଦରମା ତାଙ୍କ ଅବସର ପୂର୍ବ ମାସିକ ଦରମାରୁ ଅଧିକ ହେବ ନାହିଁ। ଦିଲ୍ଲୀ ସେକ୍ରେଟେରୀଏଟ୍‌ର କୌଣସି ଚତୁର ବ୍ୟକ୍ତି ଆବିଷ୍କାର କରି ପକାଇଲେ ଯେ ଆମ କ୍ଷେତ୍ରରେ ଏ ନିୟମ ଭଙ୍ଗ ହୋଇଯାଇଛି ! ଅବସର ନେବା ସମୟରେ ମୋର ମାସିକ ଦରମା ଥିଲା ୩୫୦ ଟଙ୍କା । ଏବେ ପେନ୍‌ସନ୍ ଓ ଆକାଶବାଣୀରେ ମୁଁ ରହିଥିଲେ ମୋତେ ମାସିକ ୨୫୦ ଟଙ୍କା ଲେଖାଏଁ ସବୁତକ ଫେରାଇବାକୁ ପଡିଥାନ୍ତା । ଯେଉଁମାନେ ରହିଲେ, ସେମାନେ ଦେଲେ, ମାତ୍ର ମୁଁ ଖସି ଆସିଲି !

କ୍ରୋଧ-ବିଦ୍ୱେଷର ଝଡ଼ରୁ ସନାତନ ସାରଥି ମୋତେ ଉଦ୍ଧାର କରି ପୁଣି ଆଲୋକ ଓ ପ୍ରେମର ରାଜ୍ୟକୁ ଘେନି ଆସିଲା। ବାବା ଦିବ୍ୟଜୀବନ ସଙ୍ଘର ସନ୍ନ୍ୟାସୀମାନଙ୍କୁ ଉପଦେଶ ଦେଇ କହିଥିଲେ, " ଭଗବାନଙ୍କ ପ୍ରଶ୍ୱାସକୁ ନିଜର ପ୍ରଶ୍ୱାସ କରିବା ହିଁ ପ୍ରକୃତ ଦିବ୍ୟଜୀବନ। ମୁରଲୀ ପରି ଫାଙ୍କା, ମମକାରଶୂନ୍ୟ ହୁଅ। ତାହାହେଲେ ତୁମ ମଧ୍ୟରେ ଥିବା ପବିତ୍ର ଶୂନ୍ୟତା ଭିତରେ ଭଗବାନ କୃଷ୍ଣଙ୍କର ଫୁଙ୍କା ପବନ ଦିବ୍ୟସଙ୍ଗୀତର ଝଙ୍କାର ତୋଳିବ। ସାରା ସୃଷ୍ଟିକୁ ବିମୋହିତ କରିବ।" ଏବେ ସନାତନ ସାରଥି ମାଧ୍ୟମରେ ସେଇ ଦିବ୍ୟ ସଙ୍ଗୀତର ମୂର୍ଚ୍ଛନା ଦ୍ୱାରା ସଂସାରକୁ ବିମୋହିତ କରିବା ନିମନ୍ତେ ପ୍ରଭୁ ପ୍ରସ୍ତୁତ ହେଉଥିଲେ।

ଫେବୃୟାରୀ ୧୯୫୮, ମହାଶିବରାତ୍ରି ଉତ୍ସବ ଅବସରରେ ସନାତନ ସାରଥିର ପ୍ରଥମ ସଂଖ୍ୟା ବାହାରି ସାରିଥିଲା। ଶ୍ରୀ ବି.ଭି. ରାଜା ରେଡ୍‌ଡି ଏହାର ପ୍ରକାଶକ ବୋଲି ସେଥିରେ ଛପା ହୋଇଥିଲା। ପତ୍ରିକାଟି ଧର୍ମାଭରମ୍‌ର କୌଣସି ପ୍ରେସ୍‌ରେ ଛପା ହୋଇଥିଲା ଓ ଭକ୍ତମାନଙ୍କ ମଧ୍ୟରେ ଏହି କେତେ ଶହ କପି ବିତରଣ କରି ଦିଆ ଯାଇଥିଲା। ବାବା ଯେତେବେଳେ ଏହାପରେ ବାଙ୍ଗାଲୋର ଗଲେ, ଆଭିନିଉ ରୋଡରେ (ମାତ୍ର ଏ ରାସ୍ତାରେ ଗୋଟିଏ ହେଲେ ଗଛ ନଥିଲା !) ଥିବା ବିଚାରଦର୍ପଣ ପ୍ରେସ୍‌କୁ ଯାଇଥିଲେ। ମୁଁ ଓ ରାଜା ରେଡ୍‌ଡି ସେତେବେଳେ ବାବାଙ୍କ ସହିତ ଥିଲୁ। ସେଠାରୁ ବାବା ଗୋଟାଏ ଗୋଡରେ ଚାଳିତ ଛୋଟ ଟ୍ରେଡ୍‌ଲ ଛପା ଯନ୍ତ୍ର ଚଉଦ ଇଞ୍ଚ ବ୍ୟାସ ବିଶିଷ୍ଟ ଗୋଟିଏ ପ୍ଲେଟ୍, ଗୋଟାଏ ଅନାମଧେୟ ବସ୍ତୁରେ ତିଆରି ରୋଲର ଏବଂ ଇଂରାଜୀ ଓ ତେଲୁଗୁରେ ଦୁଇଟି ଅକ୍ଷର ବାକ୍ସ କିଣିଥିଲେ।

ପ୍ରଥମ ସଂଖ୍ୟା ସନାତନ ସାରଥିରେ ପ୍ରଥମ ବାର୍ତ୍ତାରେ ବାବା ଲେଖିଥିଲେ, ସେ କାହିଁକି ପତ୍ରିକାର ଏହି ନାମ ବାଛିଥିଲେ। ବାବା ଲେଖିଥିଲେ, "ଆଜିଠାରୁ ସନାତନ ସାରଥି ଆଧ୍ୟାତ୍ମିକ ଶାସ୍ତ୍ର ଓ ଗ୍ରନ୍ଥର ସୈନ୍ୟବାହିନୀକୁ ମମକାର ରାକ୍ଷସ ଦ୍ୱାରା ପରିଚାଳିତ ଅବିଚାର, ଦୁର୍ନୀତି, ମିଥ୍ୟା ଓ ଦୁଷ୍କର୍ମର ସୈନ୍ୟବାହିନୀ ବିରୁଦ୍ଧରେ ନେତୃତ୍ୱ ଦେବ। ଏହି ସାରଥି ସଂସାରରେ ସୁଖଶାନ୍ତିର ସୁପ୍ରତିଷ୍ଠା ନିମନ୍ତେ ଲଢିବ ଓ ଦୁନ୍ଦୁଭି ନାଦରେ ଆପଣାର ବିଜୟ ଘୋଷଣା କରିବ। ଏହି ବିଜୟ ଦ୍ୱାରା ସମଗ୍ର ମାନବଜାତି ପକ୍ଷରେ ଆନନ୍ଦ ସୁଲଭ ହୋଇଯିବ।" ସନାତନ ସାରଥି ଭାବରେ ସଂସାରକୁ ରୋଗ, ଶୋକ ଓ ବିନାଶ ମଧ୍ୟରୁ ଉଦ୍ଧାର କରିବା ନିମନ୍ତେ ବାବା ବଦ୍ଧପରିକର ଥିଲେ।

ଆନନ୍ଦ ସମ୍ବନ୍ଧରେ ବାବା ୧୯୪୭ ମସିହାରୁ ହିଁ ଘୋଷଣା କରିଥିଲେ ଯେ ତାଙ୍କର ମାନବ ଶରୀର ଧାରଣ କରିବାର ଲକ୍ଷ୍ୟ ହେଲା, "ମଣିଷଜାତିକୁ ଅବଶ୍ୟମ୍ଭାବୀ ବିନାଶରୁ ରକ୍ଷା କରି ସବୁଠି, ସବୁ ଲୋକଙ୍କ ପ୍ରାଣରେ ଆନନ୍ଦ ଖେଳାଇ ଦେବା।" ତାଙ୍କର ସଙ୍କଳ୍ପର ଗୋଟିଏ ଆୟୁଧ ଥିଲା ସନାତନ ସାରଥି। ଆଉ ତାଙ୍କ କୃପାରେ ତାଙ୍କ ରଥର ଚକ ଉପରେ ଗୋଟିଏ ମାଛି ଭାବରେ ବସି ପରମ ଆନନ୍ଦ ଆସ୍ୱାଦନ କରିବା ସଙ୍ଗେ ସଙ୍ଗେ ମୁଁ ବସିଥିବା ହେତୁ ରଥଟି ଚାଲୁଚି ବୋଲି ବିଚାରିବାର ସୁଯୋଗ ମୋତେ ମିଳିଗଲା !

୧୯୫୪ରେ ଡରୋଥି ସେୟର ଲେଖିଥିଲେ, "ବ୍ୟର୍ଥତା, ପ୍ରାଣପୂର୍ଣ୍ଣ ବିଶ୍ୱାସର ଅଭାବ, ଅନୈତିକ ସ୍ୱେଚ୍ଛାଚାର, ଲୋଭପୂର୍ଣ୍ଣ ଭୋଗ, ଆର୍ଥିକ ଦାୟିତ୍ୱଶୂନ୍ୟତା ଓ ଲଗାମଛଡା କ୍ରୋଧ; ଆତ୍ମକୈନ୍ଦ୍ରିକ ବ୍ୟକ୍ତିବାଦ, ହିଂସା, 'ଗଠନମୂଳକ କ୍ରିୟାଶୀଳତାର ଅଭାବ, ଜୀବନ ଓ ସମ୍ପଦ ପ୍ରତି ଅସମ୍ମାନବୋଧ, ଯୌନ ବ୍ୟଭିଚାର, ବିଜ୍ଞାପନ ଓ ପ୍ରଚାରଦ୍ୱାରା ଭାଷାର ମୂଲ୍ୟହାନି, ଧର୍ମ-ବ୍ୟବସାୟ, ଧର୍ମାନ୍ଧତାର ପୃଷ୍ଠପୋଷକତା ଏବଂ ସମୂହ-ଉନ୍ମାଦନା ତଥା ସବୁପ୍ରକାରର ଉତ୍ତେଜନା ଦ୍ୱାରା ଲୋକଙ୍କର ଭାବ ସମ୍ମୋହ ସମ୍ପାଦନ କରୁଥିବା ଜନସେବା, କାର୍ଯ୍ୟକଳାପରେ ଅସାଧୁତା ଓ ଲାଞ୍ଚ, ବୌଦ୍ଧିକ ଅସାଧୁତା, ବ୍ୟକ୍ତିଗତ ସ୍ୱାର୍ଥ ନିମନ୍ତେ ଶ୍ରେଣୀ-ସଂଘର୍ଷ ଓ ଜାତି-ସଂଘର୍ଷର ପରିପୋଷଣ, ପ୍ରଚାର ମାଧ୍ୟମର ସମସ୍ତ ଅବଲମ୍ବନ ମଧ୍ୟରେ ମିଥ୍ୟାଚାର, ନିର୍ବୋଧ ଏବଂ ହୀନ ଲୋକବୃତ୍ତିଗୁଡ଼ିକର ସ୍ୱାର୍ଥପର ପ୍ରୟୋଗ, ବ୍ୟକ୍ତିଗତ ଓ ଜାତିଗତ ସମ୍ପର୍କ କ୍ଷେତ୍ରରେ ମୌଳିକ ବିଶ୍ୱାସର ବିନାଶ - ଏ ସମସ୍ତ ଆଜି ମଣିଷ ସମାଜକୁ ଏକ ଶୀତଳ ମୃତ୍ୟୁ ଓ ସକଳ ସଭ୍ୟ ମୂଲ୍ୟବୋଧର ବିନାଶ ଆଡକୁ ଘେନିଯାଉଛି।"

୧୯୫୮ରେ ବାବା ଆମକୁ ଆଶ୍ୱାସନା ଦେଇ କହିଥିଲେ ଏ ଶୀତଳ-ମୃତ୍ୟୁ ଘଟିବ ନାହିଁ ଏବଂ ମଣିଷ ସମାଜର ବିନାଶର ଭୟ ଦୂର ହେବ। ଡରୋଥି ସେୟର୍ସ ମଣିଷ ସମାଜର

ନୈତିକ ବ୍ୟାଧିର ଯେଉଁ କାରଣସବୁ ନିର୍ଦ୍ଦେଶ କରିଥିଲେ ତା ପଛରେ ଅଛି ପରାକ୍ରମଶାଳୀ ଅହଂକାରର ଜୀବାଣୁ । ଅହଙ୍କାରକୁ ଆନନ୍ଦରେ ବୁଡାଇ ଦେବାକୁ ହେବ, ତାହାହେଲେ ଏହାର କାମୁଡି ଘା କରିଦେବାର ଶକ୍ତି, ଘା ଉପଶମ କରିବା ଶକ୍ତି ପାଲଟି ଯିବ । ଏହି ଆନନ୍ଦ ଗୋଟିଏ ଭାବୋଚ୍ଛ୍ୱାସ ନୁହେଁ, ଗୋଟିଏ ଗତାଗତ କରିବା ବସ୍ତୁ ନୁହେଁ । ଏହା ଆତ୍ମ-ସମ୍ପୂର୍ଣ୍ଣତାର ଏକ ସ୍ଥାୟୀ ଅନୁଭବ । ଆନନ୍ଦ ମଣିଷକୁ ଭୟ, ଭ୍ରାନ୍ତି, ଈର୍ଷା, ବିଦ୍ୱେଷ, ମମକାର ଓ କ୍ଷୁଦ୍ରତାରୁ ମୁକ୍ତ କରେ । ଏକମାତ୍ର ଆନନ୍ଦରେ ହିଁ ଈଶ୍ୱର-ଉପଲବ୍ଧି ସମ୍ଭବ ହୁଏ ।

ବାବା ସନାତନ ସାରଥିର ପାଠକମାନଙ୍କୁ ସ୍ମରଣ କରାଇ ଦେଇଥିଲେ ଯେ ତାଙ୍କର ନାମ(SSSB - ଶ୍ରୀ ସତ୍ୟସାଇ ବାବା) ତାଙ୍କ ସଂକଳ୍ପ ଓ କର୍ମପରିସରର ସୂଚନା ଦେଇଥାଏ । ପ୍ରଥମ S ହେଲା ସଂଘ ବା ସମାଜ । ବାବାଙ୍କର ଗୋଟିଏ କାମ ହେଲା ସମାଜରେ ସଂହତି ଓ ଏକତା ପ୍ରତିଷ୍ଠା କରି ଏହାର ବିକାଶ ସାଧନ କରିବା । କାରଣ ସମାଜରେ ହିଁ ବ୍ୟକ୍ତି ପରିପୁଷ୍ଟ ହେଇଥାଏ । ଦ୍ୱିତୀୟ S ହେଲା ସଂସ୍କୃତି । ବାବାଙ୍କର ଆଉ ଗୋଟିଏ କାମ ହେଲା ମଣିଷର ଭାବ, ପ୍ରବୃତ୍ତି, ଆବେଗ ଓ କାମନାକୁ ମାର୍ଜିତ ଏବଂ ଉନ୍ନତ କରିବା, ଯାହା ଫଳରେ ସମାଜରେ ସୁଖ, ସଂହତି ପ୍ରତିଷ୍ଠିତ ହେବା ସଙ୍ଗେ ସଙ୍ଗେ ବ୍ୟକ୍ତିଗତ ଜୀବନରେ ମଧୁରତା ଓ ଶାନ୍ତି ବରାଜମାନ କରିବ । ତୃତୀୟ S ହେଉଛି ସନାତନ ମୂଲ୍ୟବୋଧ । ବାବାଙ୍କର ତୃତୀୟ କାମ ବିଭିନ୍ନ ଦେଶ ଓ କାଳର ସାଧୁସନ୍ଥମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ମାନବିକ ମୂଲ୍ୟବୋଧର ସୁରକ୍ଷା ଓ ସମୃଦ୍ଧି ସାଧନ । ଚତୁର୍ଥ ଅକ୍ଷର B ହେଉଛି ବାଧା । ଅର୍ଥାତ୍ ପ୍ରଥମ ତିନୋଟି ସାଧନ କରିବା କ୍ଷେତ୍ରରେ ଯେଉଁସବୁ ବାଧା-ବିଘ୍ନ ଆସିବ ସେ ସବୁକୁ ବିନାଶ କରିବା ତାଙ୍କର ଚତୁର୍ଥ କାମ । ସନାତନ ସାରଥିର ପରିସର ଥିଲା ପ୍ରଥମ ତିନୋଟି S । ଅନ୍ୟସବୁ ଏହାର ପରିସୀମା ବାହାରେ ।

ପତ୍ରିକାଟିର ସମ୍ପାଦନା ଓ ମୁଦ୍ରଣ ଦାୟିତ୍ୱରେ ଯେଉଁମାନେ ଥିଲେ, ପନ୍ଦର ବର୍ଷ ପରେ ମଧ୍ୟ ବାବା ସେମାନଙ୍କୁ ମନେପକାଇ ଦେଇଥଲେ ଯେ ସେମାନଙ୍କର କର୍ତ୍ତବ୍ୟ ହେଲା ପତ୍ରିକାର ସାଜସଜ୍ଜା ଏବଂ ଲାଭକ୍ଷତି ବିଷୟର ପ୍ରତି ଦୃଷ୍ଟି ନ ଦେଇ, ଏହା ମାଧ୍ୟମରେ ମଣିଷଜାତିର ଏକୀକରଣ ପ୍ରତି ଦୃଷ୍ଟି ଦେବା ।

ବାବା ଆମର ଆଉ ଗୋଟିଏ କର୍ତ୍ତବ୍ୟ ମଧ୍ୟ ନିର୍ଦ୍ଦେଶ କରି ଦେଇଥିଲେ: "ମଣିଷ ସମଗ୍ର ପ୍ରପଞ୍ଚକୁ ଶାସନ କରିବାର ସାମର୍ଥ୍ୟ ଲାଭ କରିପାରେ, ମାତ୍ର ନିଜକୁ ଶାସନ କରିବାର ସାମର୍ଥ୍ୟ ନ ଥିଲେ, ଏହାର ବା ମୂଲ୍ୟ କ'ଣ ? ଯେଉଁ ପର୍ଯ୍ୟନ୍ତ ସେ ନିଜକୁ ଜାଣିନାହିଁ, ସେ

ଜ୍ଞାତା ସମ୍ବନ୍ଧରେ ଅଜ୍ଞ। ସନାତନ ସାରଥିର କର୍ତ୍ତବ୍ୟ ହେଲା ଏହି ସତ୍ୟ ପ୍ରକାଶ କରିବା, ମଣିଷ ହୃଦୟରେ ଏହାକୁ ପ୍ରତିଷ୍ଠା କରି ଏହାର ଅଭ୍ୟାସ ଦିଗରେ ସମସ୍ତଙ୍କୁ ପ୍ରରୋଚନା ଦେବା।"

"ମଣିଷ ପକ୍ଷରେ ଯାହା ଜାଣିବାର କଥା, ତାହା ହେଲା ସତ୍ୟ ଓ ଧର୍ମ, ପଞ୍ଚଭୂତ ଜଗତ ନୁହେଁ, ବା ଦେହ ଓ ମନର ତତ୍ତ୍ୱ ନୁହେଁ। ଅବଶ୍ୟ ଦେହ ଓ ମନ ସମ୍ବନ୍ଧରେ କିଛି ଜ୍ଞାନ ଅର୍ଜ୍ଜନ କରିବା ବେଳେ ବେଳେ ଆବଶ୍ୟକ, ବା ଏପରିକି ଅନିବାର୍ଯ୍ୟ ବୋଧହୁଏ; ମାତ୍ର ଏହା ସେପରି ଗୁରୁତ୍ୱପୂର୍ଣ୍ଣ ନୁହେଁ।" ବିଦ୍ୟା ଯେ କୌଣସି ବିଷୟରେ ହେଲେ ବି ତାର ମୂଳ ଭିତ୍ତି ହେଉଛି ଆତ୍ମା। ଆତ୍ମା ହିଁ ସକଳ ରୂପ ଓ କ୍ରିୟା ଭାବରେ ପ୍ରକଟିତ ହୁଏ। ସନାତନ ସାରଥି ପତ୍ରିକାର ଆଦର୍ଶ ଥିଲା ଏହି ଉପଲବ୍ଧିକୁ ପ୍ରକାଶ କରିବା। ଏହାର ଲକ୍ଷ୍ୟ ଥିଲା ସାଧକମାନଙ୍କୁ ନୂତନ ଅଭିଯାନର ଦିଗ୍‌ଦର୍ଶନ ଦେଇ ସେମାନଙ୍କ ବ୍ୟକ୍ତିଗତ ଜୀବନରେ ସଂଯମ, ସଦାଚାର ପ୍ରତିଷ୍ଠା କରି ସାମାଜିକ ଜୀବନରେ ଶୁଦ୍ଧତା ପ୍ରବର୍ତ୍ତନ କରିବା। ବାବା ସନାତନ ସାରଥିକୁ ଆଶୀର୍ବାଦ ଦେଇ କହିଥିଲେ, "ସନାତନ ସାରଥି ସନ୍ତୋଷଦାୟୀ ହେଉ। ଏହା ନିଜର ପରମ ଲକ୍ଷ୍ୟ ସର୍ବଜୀବ-ସମ-ଐକ୍ୟ-ବାରିଧିରେ ପହଞ୍ଚୁ।" ୧୯୭୮ରେ ବାବା ପୁଣି ଏହା ସମ୍ବନ୍ଧରେ ଲେଖିଥିଲେ, "ସନାତନ ସାରଥି ତୁମ ଓ ମୋ ଭିତରେ ସେତୁ ସ୍ୱରୂପ। ଏହା ତୁମକୁ ମୋ ପାଖରେ ପହଞ୍ଚାଇ ଦିଏ ଓ ମୋତେ ତୁମଠାକୁ ଘେନିଯାଏ।"

ଏପରି ଏକ ପତ୍ରିକାର ସମ୍ପାଦକର ପୋଷାକ ପିନ୍ଧିବା ମୋ ପକ୍ଷରେ ଏକ ମହା ତପସ୍ୟା ଥିଲା। ଭକ୍ତମାନେ ମଧ୍ୟ ଏହାକୁ ପ୍ରସାଦ ଭାବରେ ଗ୍ରହଣ କରୁଥିଲେ। ଡାକବାଲା ପତ୍ରିକାଟିକୁ ଭକ୍ତମାନଙ୍କର ଘରେ ପହଞ୍ଚାଇ ସେମାନଙ୍କ ଗଭୀର କୃତଜ୍ଞତା ଓ ଆନନ୍ଦର ପାତ୍ର ହୋଇପଡୁଥିଲା। ଭକ୍ତମାନେ ପତ୍ରିକାଟିକୁ ପୂଜା ମଣ୍ଡପରେ ରଖୁଥିଲେ। ଭକ୍ତିର ସହ ପଢୁଥିଲେ। ଏହି ପତ୍ରିକା ପାଇବା ପାଇଁ ଏତେ ଆଗ୍ରହୀ ହାତ ଲମ୍ବି ଆସିଲା ଯେ ପତ୍ରିକାଟିକୁ ପଠାଇବା ପାଇଁ ଡାକ ଖର୍ଚ୍ଚ ସହ ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇବା ନିମନ୍ତେ ବାର୍ଷିକ ତିନି ଟଙ୍କା ଚାନ୍ଦା ବସାଇବାକୁ ପଡିଲା। ବାବା ପତ୍ରିକା ପ୍ରସାର ପାଇଁ ଗ୍ରାହକ ସଂଗ୍ରହ କରିବା, ଦାତା ଓ ପୃଷ୍ଠପୋଷକ ସଂଗ୍ରହ କରିବା ବିରୁଦ୍ଧରେ ଥିଲେ। ଏପରିକି ବର୍ଷକରୁ ଅଧିକ କାଳ ଏଥିପାଇଁ ସେ କୌଣସି ଚାନ୍ଦା ଗ୍ରହଣ କରିବାକୁ ସ୍ୱୀକର କରି ନଥିଲେ। ପାଠକମାନେ ସେମାନଙ୍କ ଆଗରେ ପରିବେଷଣ କରାଯାଉଥିବା ଏ ଦିବ୍ୟଭୋଜନ ଅବ୍ୟାହତ ରଖିବାକୁ ଚାହାନ୍ତି କି ନାହିଁ, ତାହା ବିଚାର କରିବାକୁ ସମ୍ପୂର୍ଣ୍ଣ ଭାବରେ ସେମାନଙ୍କ ଉପରେ ଛାଡ଼ି ଦିଆଯାଇଥିଲା। ବର୍ଷ ପୂରିଗଲେ ପୁଣି ଚାନ୍ଦା ନ ପଠାଇଲେ ସନାତନ ସାରଥି ସେମାନେ ଆଉ ପାଇବେ ନାହିଁ ବୋଲି ମନେ ପକାଇ

ଗ୍ରାହକମାନଙ୍କୁ ଚିଠି ଲେଖିବାକୁ ମଧ୍ୟ ବାବା ମନା କରୁଥିଲେ। ବାବା କହୁଥିଲେ, "ସେମାନଙ୍କ ଉପରେ ତାହା ଛାଡ଼ିଦିଅ। ଭୋକ ଥିଲେ ଖାଇବାକୁ ଆପେ ମନେ ପଡ଼ିବ।" ବାବା ପୁଣି କହୁଥିଲେ, "ସନାତନ ସାରଥି ପାଇଁ ଲୋକେ ଆଗ୍ରହରେ ଅପେକ୍ଷା କରନ୍ତୁ, ଶ୍ରଦ୍ଧା ଓ ଭକ୍ତିର ସହ ଏହାକୁ ଗ୍ରହଣ କରନ୍ତୁ, ଆଉ ଭୋକିଲା ଲୋକ ପରି ଏହାକୁ ପଢ଼ନ୍ତୁ। ଗୋଟିଏ ମାସ ନ ମିଳିଲେ ଅଜଣା ରାଜ୍ୟ ଭ୍ରମଣ କଲାବେଳେ ଜଣେ ବିଶ୍ୱାସୀ ବନ୍ଧୁ ହରାଇଲେ ଯେମିତି ଲାଗେ, ଲୋକଙ୍କୁ ସେମିତି ଲାଗୁ।"

ସନାତନ ସାରଥି ପାଇଁ ବିଜ୍ଞାପନ ଖୋଜିବା ପାଇଁ ମଧ୍ୟ ବାବା ଆମକୁ ମନା କରିଥିଲେ। ପତ୍ରିକାର ପ୍ରଥମ ସଂଖ୍ୟାରେ ହିଁ ଏହା ଘୋଷଣା କରି ଦିଆଯାଇଥିଲା। " ଏ ପତ୍ରିକା ବିଜ୍ଞାପନ ଗ୍ରହଣ କରିବ ନାହିଁ।" ବିଜ୍ଞାପନ ସମ୍ବନ୍ଧରେ ବାବା କହିଥିଲେ, "ବିଜ୍ଞାପନ ମଣିଷର ଅହିତକର ବାସନାକୁ ଉତ୍ସାହିତ କରେ ଓ ଅତିଶୟୋକ୍ତି, ଆତ୍ମ-ପ୍ରଚାରଦ୍ୱାରା ହିଁ ପରିପୂଷ୍ଟ ହୁଏ।" ଆଉ ଥରେ ବାବା କହିଥିଲେ, "ମୁଁ ସତ୍ୟର ସତ୍ୟ। ସତ୍ୟ ମଣିଷ ରୂପରେ ସଂସାରକୁ ଆସେ କାହିଁକି ? ଉତ୍ତର ହେଲା, ମଣିଷ ହୃଦୟରେ ସତ୍ୟର ଜିଜ୍ଞାସା ଜାଗ୍ରତ କରିବା, ସତ୍ୟପ୍ରାପ୍ତି ନିମନ୍ତେ ସନ୍ମାର୍ଗରେ ଚାଲିବା ପାଇଁ ମଣିଷକୁ ସାହାଯ୍ୟ କରିବା।" ପୁନଶ୍ଚ, "ସନାତନ ସାରଥି ମୋ ସଙ୍କଳ୍ପର ଫଳ, ମୋ ଉତ୍ସାହ, ମୋ ଆନନ୍ଦର ରୂପାୟନ। ମୋ ବ୍ରତ ପୂରଣରେ କୌଣସି ପଦକ୍ଷେପକୁ ଖଣ୍ଡିତ କରିବା ଭଳି ଶକ୍ତି କାହାରି ନାହିଁ।" ପ୍ରଶାନ୍ତିନିଳୟମ୍‌ରେ ସନାତନ ସାରଥିର ବାର୍ଷିକ ଉତ୍ସବ ଉପଲକ୍ଷ୍ୟେ ୧୯୬୨ରେ ବାବା କହିଥିଲେ, "ପାଠକମାନେ ଏଥିରୁ ଉପଦେଶ ଓ ଉତ୍ସାହ ଆହରଣ କରିବା ଉଚିତ।"

ପ୍ରଥମ ସଂଖ୍ୟାରେ ଛପା ହୋଇଥିଲା, "ଲେଖାଗୁଡିକ ଧର୍ମ ଓ ଦର୍ଶନ ସମ୍ବନ୍ଧୀୟ ହେଲେ ସନାତନ ସାରଥିରେ ପ୍ରକାଶ ପାଇଁ ଗ୍ରହଣ କରାଯିବ। ଯେଉଁମାନେ ଯାହା ଲେଖନ୍ତି ତାହା ନିଜେ ଅଭ୍ୟାସ କରନ୍ତି ସେମାନଙ୍କର ଲେଖା ହିଁ ଗ୍ରହଣ କରାଯିବ। ଶାଳୀନତାଶୂନ୍ୟ ଭାଷା ଓ ବ୍ୟକ୍ତିଗତ ଅଭିଯୋଗମୂଳକ ଲେଖା ନିମନ୍ତେ ସନାତନ ସାରଥିରେ ସ୍ଥାନ ନାହିଁ।" ଲେଖକ ଭାବରେ କିଛି ସୁନାମ ଅର୍ଜିଥିବା ଅନେକ ପାଠୁଆ ବନ୍ଧୁ ମୋ ଆଗରେ ଅଭିଯୋଗ କରି କହିଥିଲେ, 'ଯାହା ଲେଖିଥିବ ତାହା ଅଭ୍ୟାସ କରୁଥିବ' ସର୍ତ୍ତ ଫଳରେ ସେମାନେ ସନାତନ ସାରଥି ପାଇଁ ଲେଖିବା ସୁଯୋଗରୁ ବଞ୍ଚିତ ହୋଇଗଲେ। ଏହି ପତ୍ରିକାଟି ବାବାଙ୍କ ବାର୍ତ୍ତାର ମୁଖ୍ୟ ବାହକ ହୋଇଥିବାରୁ ଏବଂ ଏହାର ଅଧିକାଂଶ ଦିବ୍ୟ ସମ୍ଭାଷଣରେ ପୂର୍ଣ୍ଣ ହୋଇ ଯାଉଥିବାରୁ ଅବଶିଷ୍ଟାଂଶ ପୂର୍ଣ୍ଣ କରିବାକୁ ଖୁବ୍ ସାବଧାନତା ସହକାରେ ଲେଖା ବାଛିବାକୁ

ପଡୁଥିଲା । ଜଣେ ଲେଖକ-ବନ୍ଧୁ କେତୋଟି ଲମ୍ବା ଲମ୍ବା ଲେଖା ପଠାଇଥିଲେ । ମୁଁ ତାକୁ ସଂକ୍ଷିପ୍ତ କରି ପ୍ରକାଶ କରିବାରୁ ତାଙ୍କ ରାଗ ଆଉ କହିଲେ ନ ସରେ । ସେ ଏପରି କ୍ରୋଧ ଓ ବିରକ୍ତିରେ ମୋତେ ଗାଳି କରି ଚିଠି ଲେଖିଲେ ଯେ ଫେରନ୍ତା ଡାକରେ ହିଁ ମୋତେ ସେ ଚିଠିଟି ଫେରାଇ ଦେବାକୁ ପଡ଼ିଲା । ଅବଶ୍ୟ ମୋ ଚିଠିକୁ ତାଙ୍କୁ ଶାନ୍ତ କଲା ଭଳି ଏକ ବିଶେଷ ଦ୍ରବଣରେ ବୁଡାଇ ତାଙ୍କ ପାଖକୁ ପଠାଇଥିଲି । ଭାଗ୍ୟକୁ ଏପରି ପାହାର ମୋତେ ଥରେ ମାତ୍ର ମିଳିଥିଲା । ସାଧାରଣତଃ ପାଠକମାନଙ୍କ ପାଖରୁ ମୁଁ ଯେତେ ସ୍ନେହ ଓ ସହିଷ୍ଣୁତା ଲାଭ କରିଛି, ତାହା ମୋତେ ଅଭିଭୂତ କରିଛି ବୋଲି ମୁଁ କୃତଜ୍ଞତାର ସହ ସ୍ୱୀକାର କରିବି । ମୁଁ ମୋ କାମ ପାଇଁ କେବେହେଲେ ପ୍ରଶଂସା କିମ୍ବା ସ୍ୱାଗତ-ବାଣୀ ଖୋଜିନାହିଁ, କାରଣ ମୁଁ ନିଜର ଦୁର୍ବଳତା ସମ୍ବନ୍ଧରେ ଅନ୍ୟମାନଙ୍କଠାରୁ ଅଧିକ ଜାଣିଥିଲି । ମୋ ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତ ସେ ଦୁର୍ବଳତାମାନଙ୍କ ସହ ଲଢ଼ିବାରେ କଟିଛି । ମୋର ଅପାରଗତାର ସଂଶୋଧନ ପାଇଁ, ଅନୁତାପ ପାଇଁ ବାବା ମୋତେ ଉତ୍ସାହିତ କରି ଆସିଛନ୍ତି ।

ବହୁତ ମାସ ଯାଏ ସନାତନ ସାରଥିର ଅଧେ ଥିଲା ତେଲୁଗୁ ଓ ଅଧେ ଥିଲା ଇଂରାଜୀ । ପରେ ସେ ଦୁଇଟି ଅଂଶକୁ ଅଲଗା କରି ଦିଆଯାଇଥିଲା । କନ୍ନଡ଼ ଭାଷାରେ ମୁଁ କିଛି ପ୍ରବୀଣତା ଅର୍ଜିଥିଲି ଓ ସେ ଭାଷାରେ ଜଣେ ଲେଖକର ସୁନାମ ମଧ୍ୟ ମତେ ମିଳିଥିଲା । ତେଲୁଗୁ ଭାଷାର ବ୍ୟବହାର କଲାବେଳେ ତାହା ମୋ ପକ୍ଷରେ ବଡ ବିଘ୍ନ ହୋଇ ଠିଆହେଲା ! କାରଣ କନ୍ନଡ଼ ଭାଷାର ଢଗଢମାଳି, ଲୋକବଚନ, ବାକ୍ୟଖଣ୍ଡ ସବୁ ତେଲୁଗୁ ଭାଷା ଭିତରେ ପଶି ଯାଉଥିଲା ! ନିଜ ଲେଖା ଭିତରୁ ସେଗୁଡ଼ିକୁ ବାହାର କରି ନେବାକୁ ପଡୁଥିଲା । ମାତ୍ର ମୁଁ ଅବଶ୍ୟ ସ୍ୱୀକାର କରିବି ଯେ ପାଠକମାନଙ୍କର ମନ ମାନିଲା ଭଳି ସଫଳତା ମୁଁ ପାଇପାରି ନ ଥିଲି । ବାବା ପୁଟ୍ଟପର୍ତ୍ତି ବାହାରେ ଥିଲାବେଳେ ମୁଁ ସ୍ଥାନୀୟ ମିଡ୍‌ଲ ସ୍କୁଲର ପ୍ରଧାନଶିକ୍ଷକଙ୍କ ସହାୟତାରେ “ ପେଦ୍ଦା ବାଳଶିକ୍ଷା ” ନାମକ ବହିଟି ପଢ଼ିବାରେ ଅନେକ ସମୟ ଖର୍ଚ୍ଚ କରୁଥିଲି । ମାତ୍ର ପ୍ରଧାନଶିକ୍ଷକ ମତେ ବେଶୀ ବାଟ ନେଇ ପାରିଲେ ନାହିଁ । ବାବା ଦିନେ ସଦୟ ଭାଷାରେ ମୋତେ ନିର୍ଦ୍ଦେଶ ଦେଲେ ମୁଁ ତାଙ୍କ ସହିତ କେବଳ ତେଲୁଗୁ ଭାଷାରେ ହିଁ କଥାବାର୍ତ୍ତା କରିବି । ଏ ନିର୍ଦ୍ଦେଶ ଯୋଗୁଁ ବାବାଙ୍କ ଆଗରେ କେତେ ବର୍ଷ ଯାଏ ମୋତେ ନୀରବରେ ଠିଆ ହୋଇ ରହିବାକୁ ପଡ଼ିଛି । ଯେତେବେଳେ ସାହସ ଦେଇ ତେଲୁଗୁରେ କଥା କହିଲି, ମୋର ବିଚିତ୍ର ତେଲୁଗୁ ଅନେକ ସମୟରେ ଅସଙ୍ଗତ ଓ ଅନର୍ଥକ ହୋଇ ପଡୁଥିଲା । ଏପରି ଘଟଣାରେ ତେଲୁଗୁ ଭାଷା ବ୍ୟାକରଣର ଓ ଶୈଳୀ ସମ୍ବନ୍ଧରେ ବାବାଙ୍କଠାରୁ ଶିକ୍ଷା ପାଇବାର ସୌଭାଗ୍ୟ ମଧ୍ୟ ମୋର ହେଉଥିଲା ।

ତେଲୁଗୁ ଭାଷାରେ ମୋର ଦୁର୍ବଳତାକୁ ବାବା ଅନେକଥର ସାଧାରଣ ସଭାମାନଙ୍କରେ ବ୍ୟଙ୍ଗ କରି ମୋତେ ସତର୍କ କରାଇ ଦେଇଛନ୍ତି। ଉଦାହରଣ ସ୍ୱରୂପ, ବାବାଙ୍କର ଗୋଟିଏ ତେଲୁଗୁ ଲେଖାକୁ ଇଂରାଜୀରେ ଅନୁବାଦ କଲାବେଳେ ମୁଁ ଗୋଟିଏ ଶବ୍ଦ ଉପରେ ଝୁଣ୍ଟି ପଡ଼ିଲି। ଶବ୍ଦଟି ଥିଲା "ଶାନ୍ତାପକୋଡ଼ିଲୁ"। ମୁଁ ତେଲୁଗୁ ପ୍ରଧାନଶିକ୍ଷକଙ୍କଠାରୁ ଶିଖିଥିଲି ଯେଉଁସବୁ ଶବ୍ଦ ଆକାରାନ୍ତରେ ଶେଷ ହୁଏ, ତାର ବହୁ ବଚନ ସଙ୍କେତ 'ଆଲୁ', ଯେଉଁସବୁ ଶବ୍ଦ ଇକାରାନ୍ତରେ ଶେଷ ହୁଏ, ସେମାନଙ୍କର ବହୁ ବଚନ ଚିହ୍ନ ହେଲା 'ଇଲୁ'। ତେଣୁ ମୁଁ ବୁଦ୍ଧି 'ଖର୍ଚ୍ଚ' କରି ଶାନ୍ତାପକୋଡିଲୁ ଶବ୍ଦକୁ ଭାଙ୍ଗି କରିଦେଲି ଶାନ୍ତାପା+କୋଡିଲୁ। ତେଲୁଗୁରେ କୁକୁଡାକୁ କହନ୍ତି କୋଡି। ବହୁବଚନରେ କୋଡିଲୁ। ମାତ୍ର 'ଶାନ୍ତାପା' କ'ଣ ? ଅଭିଧାନରେ ଏପରି ଗୋଟିଏ ଶବ୍ଦର ଚିହ୍ନ ବି ମିଳିଲା ନାହିଁ। ବାଧ୍ୟ ହୋଇ ଶେଷରେ ବାବାଙ୍କ ପାଖକୁ ଗଲି ଓ ବଡ ସନ୍ତର୍ପଣରେ ମୋ ସମସ୍ୟା ତାଙ୍କ ଆଗରେ ଉପସ୍ଥାପନ କଲି "ଶାନ୍ତାପା କିଏ, ଆଉ କୁକୁଡା ସହ ତା'ର ସମ୍ପର୍କ କ'ଣ ?" ବାବା ହସି ହସି ପଚାରିଲେ "କସ୍ତୁରୀ, ତୋର କ'ଣ ହୋଇଛି ?" "ସ୍ୱାମୀ, ମୋତେ ଶାନ୍ତାପାକୁ ଇଂରାଜୀରେ ଅନୁବାଦ କରିବାକୁ ହେବ" - ମୁଁ ଉତ୍ତର ଦେଲି। ହେ ଭଗବାନ୍! ଶବ୍ଦଟିକୁ ମୁଁ ବିକଳାଙ୍ଗ କରିପକାଇଛି! ଶାନ୍ତାପା ନାମରେ ଭୂତଟିକୁ ମୁଁ ହିଁ ସୃଷ୍ଟି କରିଛି! ଶବ୍ଦଟି ଶାନ୍ତାପା+କୋଡିଲୁ ନୁହେଁ ଶାନ୍ତା+ପକୋଡିଲୁ! ଶାନ୍ତା ବୋଇଲେ ବଜାର ଆଉ ପକୋଡିଲୁ ହେଉଛି 'ପକୋଡି'ର ବହୁବଚନ! ମୋର ବ୍ୟାକରଣ ଜ୍ଞାନରେ ମୁଁ ବିଚାରିଲି 'ପକୋଡା' ଶବ୍ଦର ବହୁବଚନ ହେବ 'ପକୋଡାଲୁ'। ଏଣୁ 'ଶାନ୍ତା ପକୋଡିଲୁ' ମୋତେ ଖାଲରେ ନେଇ ପକାଇଦେଲା, ଆଉ ମୁଁ ଅର୍ଥ କଲି 'ଶାନ୍ତାପା ନାମକ ଲୋକର କୁକୁଡା'! ବାବା କହିବାକୁ ଚାହୁଁଥିଲେ ବଜାରରେ ଖୋଲା ଚାଙ୍ଗୁଡିରେ ବିକ୍ରି ହେଉଥିବା ପକୋଡି ଲୋକଙ୍କୁ ଆକୃଷ୍ଟ କରେ ଓ ସେମାନଙ୍କର ସ୍ୱାସ୍ଥ୍ୟ ହାନି ଘଟାଏ। ବାଳବିକାଶ ଶିକ୍ଷକ ଓ ସ୍କୁଲ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଭାଷାର ଯଥାର୍ଥ ବିନ୍ୟାସ ସମ୍ବନ୍ଧରେ କହିଲାବେଳେ ମୋର କୀର୍ତ୍ତିକୁ ବାବା ଅନେକଥର ପଦାରେ ପକାଇଛନ୍ତି!

ପ୍ରୁଫ୍ ସଂଶୋଧନ କରିବା ଅର୍ଥ ଛାପାଖାନାର ଭୂତ ସାଙ୍ଗେ ଲଢ଼ିବା। ଏ ଭୂତ ମୋତେ ମାସ ମାସ ଧରି ହରାଇ ଚାଲିଥିଲା ଓ ଏମିତି ଗୋଟିଏ ଗୋଟିଏ ବାକ୍ୟ ଛାପା ଯନ୍ତ୍ରରୁ ଛାପା ହୋଇ ବାହାରି ପଡୁଥିଲା ଯାହା ଫଳରେ ରାତି ରାତି ଧରି ନିଦ୍ରା ଦେବୀ ମୋତେ ପର କରି ଦେଉଥିଲେ! ଅବଶ୍ୟ ମୋର ଇଂରାଜୀ ଟାଇପ୍ ଅସ୍ପଷ୍ଟ ଥିଲା ଓ ତେଲୁଗୁ ଅକ୍ଷର ବୁଝିବା କଷ୍ଟକର ଥିଲା, ପୁଣି ସେଥିରେ କନ୍ନଡ଼ ପ୍ରଭାବ ଏହାକୁ ଆହୁରି ଅଧିକ ଅସ୍ପଷ୍ଟ କରିଦେଉଥିଲା।

ପ୍ରତି ବାକ୍ୟର ଉପରେ ଓ ତଳେ କଟାକଟି କରି ମୁଁ ଲେଖୁଥିଲି । କମ୍ପୋଜିଟର୍ ତ ଆଉ ଭାଷା ବିଶେଷଜ୍ଞ ନୁହେଁ, ଏଣୁ ତା ପକ୍ଷରେ ମୋ ଲେଖା ପଢ଼ି ଅକ୍ଷର ଖଞ୍ଜିବା ଗୋଟିଏ ବିଷମ ବ୍ୟାପାର ଥିଲା । ପୁଣି ପ୍ରଥମ ଛାପା ଫର୍ଦ୍ଦଟି ଯେତେବେଳେ ମୋ ପାଖରୁ ଛାପାଖାନା ଫେରୁଥିଲା, ତାହା ସଂଶୋଧନର ପ୍ରାଚୁର୍ଯ୍ୟରେ ଏକ ଚିତ୍ର-ଅକ୍ଷର ଲେଖା ଫର୍ଦ୍ଦ ପରି ଦିଶୁଥିଲା । ଏସବୁ ସତ୍ତ୍ୱେ ଯେ ସନାତନ ସାରଥି ପଠନଯୋଗ୍ୟ ହୋଇ ବାହାରୁଥିଲା ଓ ସେଥିରେ ଖୁବ୍ ବେଶୀ ପ୍ରମାଦ ରହୁ ନ ଥିଲା, ସେଥିପାଇଁ ମୁଁ ନିଜକୁ ଧନ୍ୟବାଦ ଦେଉଥିଲି ଯେ ଛାପାଖାନା-ଭୂତ ଖୁବ୍ ବେଶୀ ବଦମାସୀ କରିପାରୁ ନ ଥିଲା ।

ଇଂରାଜୀ ଅକ୍ଷରମାଳାରେ ମାତ୍ରା ନ ଥିବାରୁ ଏଥିରେ ଉପରେ ବା ତଳେ କିଛି ମଣ୍ଡନ କରିବାର ସୁଯୋଗ ସେ ଭୂତ ପାଉ ନ ଥିଲା । ମାତ୍ର ତେଲୁଗୁ ଅକ୍ଷରର ତଳେ ଓ ଉପରେ ମାତ୍ରା ରହୁଥିବାରୁ ଛାପାଖାନା ଭୂତକୁ ଏଥିରେ ଗଣ୍ଡଗୋଳ କରିବାର ସୁଯୋଗ ମିଳି ଯାଉଥିଲା ।

ଥରେ ଛାପାଖାନା ଭୂତ ମୋତେ ଏମିତି ଅପଦସ୍ତ କରିଦେଲା ଯେ ତାହା ମୁଁ କେବେ ଭୁଲି ପାରିବି ନାହିଁ । ବାବା ମଧ୍ୟ ଏ ଘଟଣାକୁ କେତେଥର ସାଧାରଣ ସଭାମାନଙ୍କରେ କହି ଏହାକୁ ବିଖ୍ୟାତ କରି ଦେଲେ ! ତେଲୁଗୁ ବର୍ଣ୍ଣମାଳାର 'ର' ଅକ୍ଷରଟିରେ ଇଂରାଜୀ 'U' ପରି ଚିହ୍ନଟିଏ ଅକ୍ଷରର ଡାହଣ ପଟେ ଲାଗେ । ସେଇଟା ନ ଲାଗିଲେ ଯେଉଁ ଅକ୍ଷରଟି ରହିବ, ତାହା କନ୍ନଡ଼ ବର୍ଣ୍ଣମାଳାର 'ବୁ' । 'ବାବାଙ୍କର' 'ଋଷିକେଶ' ଶବ୍ଦରୁ ଛାପାଖାନା ଭୂତ ଉପରୋକ୍ତ ଚିହ୍ନଟିକୁ ଥରେ ଭାଙ୍ଗିଦେଲା । ଫଳରେ ବାବା ତାକୁ ପଢିଲେ 'ବୁଷିକୋଟ' । ଏ ନୂତନ ଶବ୍ଦଟି ଫଳରେ ତାର ଅର୍ଥ ହେଲା ବଣର ଋଷିମାନେ ବୁସ୍‌କୋଟ୍ ପିନ୍ଧି ରାମଙ୍କ ଦର୍ଶନକୁ ଆସିଥିଲେ ! ଏଥିରେ ଯେଉଁ ହସରୋଳ ବୃଷ୍ଟି ହେଲା ପୁରାତନ ଭାରତୀୟ ଇତିହାସର ପ୍ରଫେସର ଶ୍ରୀ ଏନ୍.କସ୍ତୁରୀ ଶଙ୍କିତ ଓ କମ୍ପିତ ହେବା ସ୍ୱାଭାବିକ ! ମୋର ଭାଗ୍ୟ ଭଲ ବାବାଙ୍କର ଏ ନୂତନ ମନ୍ତବ୍ୟ କେବଳ ହାସ୍ୟରୋଳ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ଥିଲା ! ତେଣୁ ଏ ହସରେ ମୁଁ ମଧ୍ୟ ଯୋଗ ଦେଇ ଉପଭୋଗ କରିବା ଭିତରେ ମନେ ମନେ ଭଲ ଶିକ୍ଷାଟିଏ ବି ପାଇଥିଲି ।

ଅନ୍ୟମାନେ ନିର୍ଭୁଲ ହେବା ଆଶା କରି ମୁଁ ଆଉ କେତେଦିନ ଏହିପରି ଅସଂଖ୍ୟ ଭୁଲର ନମୁନା ହୋଇ ଠିଆ ହୋଇ ରହିଥାନ୍ତି ? ଆହୁରି କେତେଥର ଏପରି ଛାପାଖାନା ଭୂତର ଦଣ୍ଡରେ ପଡିସାରିଲା ପରେ ଏବଂ କନ୍ନଡ଼ ରାଜ୍ୟରେ (ସେତେବେଳେ ସନାତନ ସାରଥି ବାଙ୍ଗାଲୋର୍‌ରେ ଛାପା ହେଉଥିଲା) ସୁଲଭ ଅପାରଗ ତେଲୁଗୁ କମ୍ପୋଜିଟର୍ ମୁଣ୍ଡରେ ଅଠାବୋଳିବା ପରେ ସନାତନ ସାରଥିକୁ ହାଇଦ୍ରାବାଦ୍‌ରେ ଛାପିବାର ବ୍ୟବସ୍ଥା କରାଗଲା ।

ମାତ୍ର ଯିଏ କମ୍ପୋଜିଟର ହେଉ, ଯେଉଁଠି ବି ଛାପା ହେଉ, ଛାପାରେ ଭୁଲ ରହିଯିବା ଯେ ଅନିବାର୍ଯ୍ୟ ଏହା ଆବିଷ୍କାର କଲାପରେ ଆଉ ଏ ପରୀକ୍ଷା ଚଳେଇବାର ଆବଶ୍ୟକତା ରହିଲା ନାହିଁ। ତେଲୁଗୁ ସନାତନ ସାରଥିର ସମ୍ପାଦକ ଧାଡିରେ ଏଯାଏ ଯେ ମୋ ନାମଟା ପାଠକମାନେ ପଢୁଛନ୍ତି, ତାହା ହିଁ ବାବାଙ୍କର ସବୁଠୁ ବଡ଼ ଚମତ୍କାର !

ପ୍ରାୟ ବର୍ଷକଯାଏ ଶ୍ରୀଯୁକ୍ତ ନରସିଂହସ୍ୱାମୀ ଟ୍ରେଡଲ୍ ଛାପା ଯନ୍ତ୍ରଟିର ଏକମାତ୍ର ପ୍ରଭୁ ଥିଲେ। ଅକ୍ଷରଗୁଡିକ ଫର୍ମାରେ ଖଞ୍ଜିବାଠାରୁ ଗୋଡ଼ରେ ଯନ୍ତ୍ରଟି ଚଳାଇ ଥରକୁ ୨ପୃଷ୍ଠା କାଢ଼ିବା ତାଙ୍କର ଏକଚାଟିଆ ଥିଲା। ତାଙ୍କୁ ଡେରି କରୁଥିବାର ଦେଖିଲେ, ବା ବସି ଢୁଳାଉଥିବାର ଦେଖିଲେ ଯନ୍ତ୍ରଟିକୁ ମୁଁ ଚଳାଇବାର ଇଚ୍ଛା ପ୍ରକାଶ କରିବାରୁ ସେ ତତ୍‌କ୍ଷଣାତ୍ ରାଜି ହୋଇଗଲେ। ମୁଁ ଦେଖିଲି କାମଟା ପ୍ରକୃତରେ ଭାରି କଷ୍ଟ ଯଦିଓ ସେ ମୁହଁରେ ହସ ଖେଳାଇ ଓ କାମ ଭିତରେ ଭଜନ ଗାଇ ସବୁ କାମ ଚଳାଇ ନେଉଥିଲେ।

ସନାତନ ସାରଥିର ପାଠକଙ୍କ ସଂଖ୍ୟା ବଢ଼ିଲା। ମୋ କାମ ବି ବଢ଼ିଲା। ଦିନର ଅଧିକାଂଶ ସମୟ ଓ ରାତିର କେତେକାଂଶ ବି ମୋର ଏଥିରେ କଟିଲା। ଭକ୍ତମାନେ ଯେତେବେଳେ ବୁଝିଗଲେ ଯେ ସନାତନ ସାରଥି ରଥ ଓ ସାରଥି ମଧ୍ୟରେ ଗୋଟିଏ ଯୋଗସୂତ୍ର, ଚାନ୍ଦା ଡାକରେ ଆସିଲା ଓ ଏଠାକୁ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ହାତରେ ଦେଇଗଲେ। ପ୍ରଶାନ୍ତିନିଳୟମ୍‌ରେ ଉତ୍ସବ ସମୟରେ ସନାତନ ସାରଥିର ଚାନ୍ଦା ଖାତାର କଳେବର ବଢ଼ିଯାଏ କାରଣ ଦର୍ଶନକୁ ଯେଉଁମାନେ ଆସନ୍ତି, ସେମାନେ ଘରକୁ ଗଲା ପରେ ପ୍ରଭୁଙ୍କର ବାଣୀ ଯେପରି ଘରେ ବସି ଶୁଣିପାରିବେ ତାର ବ୍ୟବସ୍ଥା କରିଯିବାପାଇଁ ଭୁଲନ୍ତି ନାହିଁ।

ଦୁଇ ବର୍ଷରୁ ବେଶୀ ଦିନ ନରସିଂହାସ୍ୱାମୀ ଓ ମୋ ମୁଣ୍ଡରେ ଏ ଭାର ପଡ଼ିଥିଲା । ପ୍ରଥମ ସଂଖ୍ୟାରେ ହିଁ ଘୋଷଣା କରାଯାଇଥିଲା ସନାତନ ସାରଥି ପ୍ରତିମାସ ୧୬ତାରିଖରେ ଡାକଘରକୁ ଯିବ। ସେଇ ଘୋଷଣାକୁ ଠିକ୍ ରଖିବା ପାଇଁ ଆମେ ପ୍ରାଣପଣେ ଲାଗିଥାଉ। ଆମେ ପ୍ରଶାନ୍ତିନିଳୟମ୍‌ରେ ନୂଆ କରି ଖୋଲା ଯାଇଥିବା ଡାକଘରେ ହିଁ ଏ ପତ୍ରିକା ପୋଷ୍ଟ କରିବାପାଇଁ ଠିକ୍ କଲୁ। ଭକ୍ତମାନେ ଯେତେବେଳେ ଦେଖିବେ ପତ୍ରିକାର ମାଟିଆ ଖୋଳର ଡାହାଣ କଣରେ 'ପ୍ରଶାନ୍ତି ନିଳୟମ୍' ବୋଲି ଗୋଲ୍ କଳା ଡାକମୋହରଟି ବସିଛି, ସେମାନଙ୍କର ଆନନ୍ଦ ବହୁତ ବଢ଼ିଯିବ। କିଛିଦିନ ପରେ ମାସକୁ ୨୫୦୦ କପି ଛାପିବା ପାଇଁ ଗୋଟିଏ ସିଲିଣ୍ଡର ପ୍ରେସ୍ ଓ ତାର ବହୁ ପରେ ଗୋଟିଏ କଟାଯନ୍ତ୍ର ଅଣାଯାଇଥିଲା। ତା ପୂର୍ବରୁ ପୁଟ୍ଟପର୍ତ୍ତିରୁ ୧୦୦ ମାଇଲ ଦୂର ବାଙ୍ଗାଲୋର୍ ସହରରେ ହିଁ ପତ୍ରିକାଗୁଡିକର ଧାର ସମାନ କରି କଟାଯାଉଥିଲା।

ସେଥିପାଇଁ ପ୍ରତିମାସ ସନାତନ ସାରଥିର ଛାପା ସରିବା ପରେ ଇଂରାଜୀ ଓ ତେଲୁଗୁ ବହିଗୁଡିକୁ ଦୁଇଟି ରାକ୍ଷସିଆ ଡବାରେ ଭର୍ତ୍ତିକରି ଗୋଟିଏ ଶଗଡ଼ରେ ସେଗୁଡିକୁ ଲଦି ମୁଁ ବୁକ୍‌କାପଉନମ୍ ଯାଏ । ସେଠାରୁ ପେନୁକୋଣ୍ଡା ରେଳଷ୍ଟେସନଠାରୁ ପ୍ରାୟ ୫୦୦/୬୦୦ ହାତ ଦୂରରେ ଥିବା ଲେଭେଲ୍ କ୍ରସିଂ ଦେଇ ଗଲାବେଳେ ଡବା ସହ ମୁଁ ବସ୍‌ରୁ ଅବତରଣ କରି ନରସାପ୍‌ପା ନାମକ ଜଣେ ରାକ୍ଷସିଆ କୁଲି ମୁଣ୍ଡରେ ସେ ଡବା ଲଦି ପ୍ଲାଟଫର୍ମ ଯାଏ । ସେଠାରୁ ୮୬ ମାଇଲ୍ ଦୂର ବାଙ୍ଗାଲୋର ମହାନଗରୀରେ ପହଞ୍ଚିବା ପାଇଁ ପାସେଞ୍ଜର ଗାଡ଼ିରେ ମୋର ମାଲ ବୁକ୍ କରି ଯନ୍ତ୍ରରାକ୍ଷସକୁ ଅପେକ୍ଷା କରି ବସେ । ବାଙ୍ଗାଲୋର୍ ମହାନଗରୀରେ ସେହିପରି କୁଲି ମୁଣ୍ଡ ଓ ଘୋଡ଼ାଗାଡ଼ିରେ ଚଢ଼ି ସନାତନ ସାରଥିମାନେ ଗୋଟିଏ ପ୍ରେସ୍‌କୁ ଯାଆନ୍ତି । ସେଠାରେ କଟାକଟି କରିସାରି ମୋ ନିଧିମାନଙ୍କୁ ନଗରୀ ମଝିରେ ଥିବା ଜଣେ ଭକ୍ତଙ୍କ ଘରକୁ ଧରି ଯାଏ । ସେଠାରେ ପ୍ରାୟ ଡଜନେ ସ୍ୱେଚ୍ଛାସେବକ ପତ୍ରିକାଗୁଡିକୁ ଭାଙ୍ଗି ସେଥିରେ ଡାକଖୋଳ ମଡ଼ାନ୍ତି । ଏ ଖୋଳଗୁଡ଼ିକ ଉପରେ ଗ୍ରାହକମାନଙ୍କର ଠିକଣା ଲେଖାଥାଏ, ଆଉ ସେମାନେ ବି ପୁଟ୍ଟପର୍ତ୍ତିରୁ ଗାଡିଘୋଡ଼ା ଚଢ଼ି କୁଲି ମୁଣ୍ଡରେ ବୁହାହୋଇ ବାଙ୍ଗାଲୋର୍ ମହାନଗରୀକୁ ଆସିଥାନ୍ତି । ପ୍ୟାକେଟ୍ ସରିଲାପରେ ପତ୍ରିକାମାନେ ପୁଣି ଡବାରେ ପ୍ରବେଶ କରନ୍ତି ଓ ଘୋଡାଗାଡ଼ି, କୁଲି, ରେଳଗାଡି, ପେନୁକୋଣ୍ଡା, ନରସାପ୍‌ପା, ଲେଭେଲ୍‌କ୍ରସିଂ, ବସ୍, ବୁକ୍‌କାପଉନମ୍, ଘୋଡାଗାଡ଼ି ବାଟ ଦେଇ ପୁଟ୍ଟପର୍ତ୍ତିରେ ପହଞ୍ଚନ୍ତି । ସେଠାରେ ପ୍ରଶାନ୍ତିନିଳୟମ୍ ଡାକଘରର ପବିତ୍ର ଡାକମୋହର ଅଙ୍ଗରେ ବହନ କରି ପ୍ରସାଦ ରୂପେ ତିନିହଜାରରୁ ଅଧିକ ଘରେ ପହଞ୍ଚିବା ନିମନ୍ତେ ସାନନ୍ଦ ଯାତ୍ରା ଆରମ୍ଭ କରନ୍ତି ।

ହଁ, ଆଉ ଗୋଟିଏ କଥା କହିବାକୁ ଭୁଲି ଯାଇଛି । ପ୍ରାୟ ଆଠ ମାସରୁ ଅଧିକ କାଳ ମୁଁ ପୋଷ୍ଟମାଷ୍ଟର ଭୂମିକାରେ ମଧ୍ୟ ଅଭିନୟ କରିଥିଲି । ଆନ୍ଧ୍ରପ୍ରଦେଶର ମହା ଡାକ ପାଳ (P.M.G) ଜିଦ୍ ଧରିଲେ ଯେ ପ୍ରଶାନ୍ତିନିଳୟମ୍‌ରେ ସେ ଗୋଟିଏ ସ୍ୱତନ୍ତ୍ର ଡାକ ଘର ମଞ୍ଜୁର କରିବା ଆଗରୁ ଜଣେ ସରକାରୀ ପେନ୍‌ସନ୍ ଭୋଗୀ କର୍ମଚାରୀଙ୍କୁ କିଛି ଦିନ ପୋଷ୍ଟମାଷ୍ଟର କାମ ତୁଲାଇବାକୁ ପଡ଼ିବ । ମୁଁ ସଙ୍ଗେ ସଙ୍ଗେ ହାତ ଟେକିଦେଲି । ମାସିକ କିଛି ଭତ୍ତା ସାଙ୍ଗେ ସାଙ୍ଗେ ଡାକଘରଟି ମତେ ମିଳିଗଲା ! କାମର ଚାପା ଖୁବ୍ ଅଧିକ ଥିଲେ ମଧ୍ୟ ଏ ଅଭିଯାନର ଉନ୍ମାଦନା କମ୍ ନଥିଲା । ପ୍ରଶାନ୍ତିନିଳୟମ୍‌ରେ ଜୀବନର ସ୍ୱାଦକୁ ତିକ୍ତ କରିବା ପାଇଁ ମୋ ଭିତରୁ ଟିକିଏ କୁଣ୍ଠା ବା ଆପତ୍ତିର ଅନୁଚ୍ଚ ସ୍ୱର ମଧ୍ୟ ଶୁଭିନଥିଲା ।

ସନାତନ ସାରଥିର ବ୍ରତ ଥିଲା ଅବତାରଙ୍କ ଉପଦେଶର ବିଶ୍ଳେଷଣ, ଅର୍ଥନିର୍ଦ୍ଦେଶ ଓ ପ୍ରସାରଣ । ମଣିଷ ଯେତେବେଳେ ଭଗବାନଙ୍କୁ ଅସ୍ୱୀକାର ବା ଅବଜ୍ଞା କରେ କେବଳ

ସେତେବେଳେ ଅବତାର ଆସନ୍ତି ନାହିଁ, ମଣିଷ ଯେତେବେଳେ ପାଶୋରିଯାଏ ଯେ ଭଗବାନ ହିଁ ତାର ଅନ୍ତରବାସୀ, ତାର ଗୁରୁ, ପ୍ରତିଟି ଶ୍ୱାସ-ପ୍ରଶ୍ୱାସରେ ବିଦ୍ୟମାନ ପ୍ରାଣ-ପ୍ରେରଣା, ସେତେବେଳେ ସେ ଆସନ୍ତି। ସେଥିପାଇଁ ଅବତାରଙ୍କ ପ୍ରେମ, ଜ୍ଞାନ ଓ ଶକ୍ତି ସମ୍ବନ୍ଧରେ ଭକ୍ତମାନଙ୍କ ଆପଣାର ଅଭିଜ୍ଞତା ସମ୍ବଳିତ ଲେଖାମାନ ମଧ୍ୟ ସନାତନ ସାରଥିରେ ପ୍ରକାଶିତ ହୁଏ। ପ୍ରକୃତିର ଆମେ ଜାଣିଥିବା ନିୟମକୁ ଭଙ୍ଗକରି ପ୍ରକଟିତ ଅବତାରଙ୍କ କୃପା ଓ ଶକ୍ତିର ନିଦର୍ଶନ ଯେତେବେଳେ ମୋ ନଜରକୁ ଆସିଲା, ଏ ସମ୍ବନ୍ଧୀୟ ଲେଖା ସନାତନ ସାରଥିରେ ପ୍ରକାଶ କରିବା ନିମନ୍ତେ ମୁଁ ବାବାଙ୍କର ଅନୁମତି ଭିକ୍ଷା କଲି। ମାତ୍ର ଏ ଅନୁମତି ପାଇବା ମୋ ପକ୍ଷରେ କାଠିକର ପାଠ ହୋଇପଡିଲା। ବାବା କହିଲେ ଏସବୁ ଘଟଣା ଶକ୍ତି ଓ କ୍ଷମତାର ପ୍ରଦର୍ଶନ ନୁହେଁ ଯେ ଏସବୁ ପତ୍ର-ପତ୍ରିକାରେ ପ୍ରକାଶିତ ହେବ,ଏସବୁ ତାଙ୍କ ପ୍ରେମର ନିଛକ ସ୍ୱତଃପ୍ରକାଶ। ଏଗୁଡିକୁ ଲୋକେ ଆଚମ୍ବିତ ଘଟଣା ବା ଚମତ୍କାର ବୋଲି କହୁଛନ୍ତି, କାରଣ ସେ ସମସ୍ତ ଚମତ୍କାରିତା, ଅଲୌକିକତା ଏବଂ ଦୁର୍ବୋଧ୍ୟତାର ଆଧାର। ବାବା କହୁଥିଲେ ସେ ଇଚ୍ଛା କରି ଏସବୁ ଚମତ୍କାର ଘଟାନ୍ତି ନାହିଁ, ସେସବୁ ମନକୁ ମନ ଘଟେ; କାରଣ ତାଙ୍କର ପ୍ରେମ ଦେଶ, କାଳ ଓ ସମ୍ଭାବନାର ବହୁ ଊର୍ଦ୍ଧ୍ୱରେ। ଏହା ଅସୀମ, ଶାଶ୍ୱତ। ସେ ତର୍କବିତର୍କରେ ଧରା ପଡ଼ନ୍ତି ନାହିଁ। ପରବର୍ତ୍ତୀ କାଳରେ ଆର୍‌ନୋଲ୍‌ଡ ସୁଲମାନ ନାମକ ଜଣେ ଆମେରିକାବାସୀ ଲେଖକ ଯେତେବେଳେ ବାବାଙ୍କର ପ୍ରକୃତ ସ୍ୱରୂପ ସମ୍ବନ୍ଧରେ ଲେଖିବାକୁ ଇଚ୍ଛା ପ୍ରକାଶ କରିଥିଲେ, ବାବା ତାଙ୍କୁ କହିଥିଲେ, "ମାଛ କ'ଣ ଆକାଶର ସ୍ୱରୂପ ବୁଝିପାରେ ?"

ତେଣୁ ବାବାଙ୍କ ଅନୁମୋଦନ ବିନା ତାଙ୍କ ସମ୍ବନ୍ଧୀୟ କୌଣସି ଅଭିଜ୍ଞତାମୂଳକ ଲେଖା ସନାତନ ସାରଥି ପାଇଁ ଗ୍ରହଣ କରିବାର ଆସ୍ପର୍ଦ୍ଧା ମୋର ନଥିଲା । ବାବା ଅନେକ ଦିନ ଯାଏ ଏ ପ୍ରକାରର ଲେଖା ବାହାର କରିବାକୁ ରାଜି ହୋଇ ନ ଥିଲେ। କାରଣ ଏହାଦ୍ୱାରା ହୁଏତ ବୁଝାଯିବ ଯେ ଆମେ ମଧ୍ୟ ପ୍ରଚାରରେ ମାତିଛୁ। ଏକ ସ୍ୱତନ୍ତ୍ର ସଂପ୍ରଦାୟ ଗଢ଼ିବା ମତ୍‌ଲବରେ ଅଛୁ। ଏହାଦ୍ୱାରା କୃପାପ୍ରାପ୍ତ ବ୍ୟକ୍ତିର ବଡ଼ପଣ ଓ ଅହଙ୍କାର ମଧ୍ୟ ପରିପୁଷ୍ଟ ହେବ। ମାତ୍ର କେରଳର ମଞ୍ଜେରୀ ନିବାସୀ ଶ୍ରୀଯୁକ୍ତ ରାମାନନ୍ଦ ରାଓଙ୍କ ଘରେ ବାବା ବ୍ୟକ୍ତିଗତ ଭାବରେ ଯାଇ ଉପସ୍ଥିତ ହେବା, ସେଠାରେ ଭଜନ ଶୁଣିବା ଓ ଭଜନ ଗାଇବା ତଥା ଭକ୍ତମାନଙ୍କୁ ଉପଦେଶ ଦେବାରେ କେତୋଟି ଘଣ୍ଟା ଅତିବାହିତ କରିବା ଘଟଣା ଯେତେବେଳେ ମୁଁ ଶୁଣିଲି, ଏ ଘଟଣାକୁ ସନାତନ ସାରଥିରେ ଛାପିବା ନିମନ୍ତେ ଦିନ ପରେ ଦିନ ବାବାଙ୍କୁ ମୁଁ ଅବିଶ୍ରାନ୍ତ

ଭାବରେ ପ୍ରାର୍ଥନା, ଅନୁନୟ, ବିନୟ କରିବାକୁ ଲାଗିଲି। ଯେଉଁଦିନ ବାବା ମଞ୍ଜେରୀରେ ଥିଲେ, ସେଇଦିନ ସେଠାରୁ ୬୦୦ ମାଇଲ୍ ଦୂର ଭେଙ୍କଟଗିରି ପ୍ରାସାଦରେ ମଧ୍ୟ ଉପସ୍ଥିତ ଥିଲେ, ସେଇଦିନ ସେଠୁ ୩୦ ମାଇଲ୍ ଦୂର କାଳହସ୍ତୀଠାରେ ଏକ ସାଧାରଣ ସମାବେଶରେ ଉଦ୍‌ବୋଧନ ମଧ୍ୟ ଦେଇଥିଲେ ! ବାବା ସେଦିନ ଅପରାହ୍ଣରେ ଯେତେବେଳେ ରାମାନନ୍ଦ ରାଓଙ୍କ ଘର ଛାଡ଼ିଲେ, ସେତେବେଳେ ତାଙ୍କୁ ନିଜେ କହିଥିଲେ ଯେ କାଳହସ୍ତୀଠାରେ ଗୋଟିଏ ଜନସମାବେଶରେ ସେ ସମ୍ଭାଷଣ ହେବାକୁ ଯାଉଛନ୍ତି। ରାମାନନ୍ଦ ରାଓ ଭାବିଥିଲେ କାଳହସ୍ତୀ ମଞ୍ଜେରୀର ଖୁବ୍ ପାଖରେ କୌଣସି ସ୍ଥାନ ହେବ। ମାତ୍ର ବାବା ଯେତେବେଳେ ତାଙ୍କ ଘରର ଫାଟକ ଖୋଲି ରାସ୍ତାକୁ ଆସିଲେ, ତାଙ୍କୁ ଅନୁସରଣ କରିବାକୁ ରାମାନନ୍ଦ ରାଓଙ୍କୁ କଠୋର ଭାବରେ ମନା କରି ଦେଇଥିଲେ।

ଏପରି ଏକ ଅବିସମ୍ବାଦିତ ଘଟଣାରେ ମୋର ଅଦମ୍ୟ ଉତ୍ସାହ ଓ ଆଗ୍ରହ ଦେଖି ଶେଷରେ ବାବା ଛାପିବା ଆଗରୁ ମୋତେ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ପ୍ରକୃତ ତଥ୍ୟ ନିଜେ ସଂଗ୍ରହ କରିବାକୁ ଉପଦେଶ ଦେଲେ। ଆମେରିକାର ମନସ୍ତାତ୍ତ୍ୱିକ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡକ୍ଟର କାର୍ଲିସ୍ ଓସିସ୍ ସନାତନ ସାରଥିରେ ଏ ଲେଖାଟି ପଢ଼ିଲେ। ସେ ନିଜେ ତଦାରଖ କରିବାକୁ ଭାରତକୁ ଆସିଲେ, ଆଉ ପ୍ରଶାନ୍ତିନିଳୟମ୍‌ରେ ମୋତେ ଭେଟିଲେ। ମୋଠାରୁ ଗୋଟିଏ ପରିଚୟ ପତ୍ର ନେଇ ସେ ନିଜେ ମଞ୍ଜେରୀ ଓ ଭେଙ୍କଟଗିରି ଗଲେ ଓ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସହ କଥାବାର୍ତ୍ତା କଲେ। ପରେ ସେ ମୋ ପାଖକୁ ଲେଖିଥିଲେ ଯେ ତାଙ୍କର ଅନୁସନ୍ଧାନ ଖୁବ୍ ସଫଳ ହୋଇଥିଲା ଏବଂ ବାବାଙ୍କ ସମ୍ବନ୍ଧରେ ଦେହାନ୍ତର ଅଭିଜ୍ଞତାମୂଳକ କେତୋଟି ଘଟଣା ସହ ଏହି ଘଟଣାକୁ ସେ ସ୍ଥାନ ଦେଇଥିଲେ। ହାୱାର୍ଡ୍ ମର୍ଫେଟ୍ ମଧ୍ୟ ତାଙ୍କର 'Sai Baba, Man of Miracles' ପୁସ୍ତକରେ ସନାତନ ସାରଥିରୁ କେତୋଟି ଘଟଣା ଉଦ୍ଧାର କଲାବେଳେ ଘଟଣାର ସତ୍ୟତା ଆପେ ପରୀକ୍ଷା କରି ଦେଖିବା ବିଷୟରେ ଖୁବ୍ ସତର୍କତା ଅବଲମ୍ବନ କରିଥିଲେ। ଉଦାହରଣ ସ୍ୱରୂପ 'ଆହୁରି ଅଦ୍ଭୁତ ନିରାମୟ' ନାମକ ଅଧ୍ୟାୟରେ ଠାଏ ସେ ଲେଖିଛନ୍ତି, "ମୁଁ ଏ କଥାଟି ନିଜେ ଅନୁସନ୍ଧାନ କରିବାକୁ ବିଗ୍ଧରିଲି; ତାପରେ ଅନୁସନ୍ଧାନ ପରେ, ମୁଁ ପ୍ରଫେସରଙ୍କଠାରୁ ଉତ୍ତର ପାଇଲି। ସେଥିରେ ସନାତନ ସାରଥିରେ ବର୍ଣ୍ଣିତ ଘଟଣାର ବିଶଦ ବିବରଣୀ ସତ୍ୟ ବୋଲି ସେ ମୋତେ ନିର୍ଭରତା ପ୍ରଦାନ କରିଛନ୍ତି।"

୧୯୬୯ ମସିହା ବେଳକୁ ଦେଶର ଗ୍ଧରିଆଡ଼େ ଅବତାର ଆପଣାର ଆଗମନ ବାର୍ତ୍ତା କିପରି ଆପେ ଜଣାଇ ଦେଉଛନ୍ତି ସେ ସମ୍ବନ୍ଧରେ ନାନା ଅପୂର୍ବ ଘଟଣାମାନଙ୍କର ବିବରଣୀ

ମୋ ପାଖରେ ପହଞ୍ଚିବାକୁ ଲାଗିଲା । ବାବା ଭକ୍ତମାନଙ୍କର ବ୍ୟବହାର ନିମନ୍ତେ ବିଭୂତି, ମୁଦି, ଲକେଟ୍, ଘଣ୍ଟା, ଡେଉଁରିଆ ଆଦି ଯେଉଁ କୃପା-ଉପହାର ଢାଳି ଦେଇଥାନ୍ତି ସେଗୁଡିକୁ 'ମୋର ପରିଚୟ ପତ୍ର' ବୋଲି କହିଥାନ୍ତି । ବାବା ଏପରି ପ୍ରଚୁର ପରିମାଣରେ ଏସବୁ ଉପହାର ଢାଳି ଦେଉଥାନ୍ତି ଯେ ଗ୍ରହୀତାମାନଙ୍କର ଆନନ୍ଦ, ଆଗ୍ରହ ଓ ଉତ୍ସାହକୁ ବନ୍ଧ ପକାଇ ଅଟକାଇ ରଖିବା ଆଉ ସନାତନ ସାରଥି ପକ୍ଷରେ ସମ୍ଭବ ହେଲା ନାହିଁ । ମାତ୍ର ଇଆଡ଼େ ବାବା ମୋର ଲଗାମଟିକୁ ଧରି ଟାଣ ହୋଇ ବସିଥାନ୍ତି । କାରଣ ଏ ଉପହାରସବୁ ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କ ପାଇଁ, ସେମାନଙ୍କର ଆଧ୍ୟାତ୍ମିକ ଓ ଗୂଢ଼ ଆବଶ୍ୟକତା ପୂରଣ କରିବା ପାଇଁ ଉଦ୍ଦିଷ୍ଟ ଥିବାରୁ ଏ ଘଟଣାଗୁଡିକ ସମସ୍ତଙ୍କୁ ଜଣାଇବା ଉଚିତ ନୁହେଁ । ଏସବୁ ଛୋଟ ଛୋଟ ପରିଚୟପତ୍ର ବ୍ୟତୀତ ଅବତାର-ଆଗମନ ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବାବା ବଡ ବଡ଼ 'ପ୍ରାଚୀର ପତ୍ର' ମଧ୍ୟ ପ୍ରଦାନ କରୁଥାନ୍ତି । ଏପରି ପ୍ରାଚୀର ପତ୍ରଗୁଡିକ ଭିତରେ ଗୋଟିଏ ନିର୍ଭୁଲ ନିଦର୍ଶନ ହେଲା ଭକ୍ତମାନଙ୍କ ଘରେ ବା ସାଧାରଣ ପୂଜା-ଅର୍ଚ୍ଚନା କ୍ଷେତ୍ରରେ ତାଙ୍କର ଚିତ୍ରପଟମାନଙ୍କରୁ ଅବିରତ ବିଭୂତି ବା ମହୁ ଝରିବା । ଫଟୋମାନଙ୍କରୁ ବର୍ଷ ବର୍ଷ ଧରି ବିଭୂତି ଓ ମହୁ ଝରେ, ଆଉ ସେସବୁ ପାତ୍ରମାନଙ୍କରେ ସଂଗ୍ରହ କରି ରଖିବା ମଧ୍ୟ ସମ୍ଭବ ହୋଇଥାଏ । ଯେତେବେଳେ ଏପରି କେତୋଟି ଘଟଣା ସମସ୍ତଙ୍କୁ ଜାଣିବାକୁ ଦିଆଗଲା, ଯେଉଁ ଭକ୍ତମାନେ ବାବାଙ୍କ ପ୍ରତି ଭକ୍ତି ଓ ସମ୍ମାନର ଏପରି ପ୍ରତିଦାନ ପାଇ ନଥିଲେ ସେମାନେ ମନେ ମନେ ଅପମାନିତ ଓ କ୍ଷୁଦ୍ର ବୋଧ କଲେ, ଆଉ ଲୋକଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ନାନା ଅସତ୍ୟ କଥା କହିବାକୁ ଲାଗିଲେ । ତେଣୁ ସନାତନ ସାରଥିର ଆଉ ଗୋଟିଏ କାମ ହେଲା ବାବାଙ୍କ କୃପା ପାଇ ନାନା ଅଲୌକିକ ଘଟଣା ନିଜ ନିଜ ଘରେ ଘଟୁଥିବାର ମିଛ ଦାବୀ କରୁଥିବା ଠକ ଓ ପ୍ରତାରକମାନଙ୍କ ସମ୍ବନ୍ଧରେ ପାଠକମାନଙ୍କୁ ମଝିରେ ମଝିରେ ସତର୍କ କରାଇ ଦେବା ।

ଆଉ ପ୍ରକାରେ ଲୋକ ମଧ୍ୟ ବାହାରିଲେ । ବିକୃତମସ୍ତିଷ୍କ ଓ ଦୁର୍ବଳ, ବିକଳ ମତି ସମ୍ପନ୍ନ କେତେକ ଭାବିଲେ ବାବା ସେମାନଙ୍କ ଦେହରେ ବିଜେ ହୋଇ ଯାଉଛନ୍ତି; ଆଉ ସେପରି ଭଣ୍ଡ ଆଚରଣ ମଧ୍ୟ ସେମାନଙ୍କଠାରେ ଦେଖିବାକୁ ମିଳିଲା । ଫଳରେ ସରଳବିଶ୍ୱାସୀ ସାଧାରଣ ଲୋକେ ଏହାକୁ ସତ ମଣି ସେମାନଙ୍କଠାରୁ 'ବର' ପାଇବା ପାଇଁ ଭିଡ ଜମାଇଲେ । ବାବା ତାଙ୍କ ନାମରେ ଗଢା ହେଉଥିବା କୌଣସି ଅନୁଷ୍ଠାନ କିମ୍ୱା ସତ୍ୟସାଇ ସେବା ସଂଗଠନ ନିମନ୍ତେ ଚାନ୍ଦା ଉଠାଇବାର ଘୋର ବିରୋଧୀ । ମାତ୍ର ପ୍ରଚଳିତ ସାମାଜିକ ଜୀବନରେ ଏହା କେଉଁଠି ଦେଖାଯାଉ ନଥିବାରୁ ବାବାଙ୍କୁ ଅବତାର ବୋଲି ମାନୁଥିବା ଲୋକମାନଙ୍କ ଭିତରେ

ଏପରି ପ୍ରତାରକ ସବୁ ଦେଖାଗଲେ, ଆଉ ଚିହ୍ନା ପଡ଼ିବା ଆଗରୁ ବେଶ୍ ଦୁଇପଇସା ହାତପଇଠ ମଧ୍ୟ କରିନେଲେ ! ସେଦିନଠାରୁ ଆଜିଯାଏ ସନାତନ ସାରଥିର ବିଭିନ୍ନ ଭାଷାର ସମସ୍ତ ସଂସ୍କରଣରେ ପାଠକମାନଙ୍କୁ ଜଣାଇ ଦିଆଯାଉଛି ଯେ ବାବାଙ୍କ ନାମରେ ଚାନ୍ଦା ଅସୁଲ କରୁଥିବା ଲୋକଙ୍କୁ ସେମାନେ ବିଶ୍ୱାସ କରିବେ ନାହିଁ, କିମ୍ବା ଏପରି ଲୋକଙ୍କୁ କିଛି ଚାନ୍ଦା ଦେବେ ନାହିଁ।

ଗତ ପ୍ରାୟ ୨୭ ବର୍ଷ ଧରି ସନାତନ ସାରଥି ଭଗବାନଙ୍କ ବାଣୀ ପ୍ରସାର କରି ଆସିଛି। ପ୍ରତିମାସରେ ତାଙ୍କର ବାଣୀ ବହନ କରି ଭକ୍ତମାନଙ୍କ ଘରେ ଯାଇ ପହଞ୍ଚିବାର ଅପୂର୍ବ ସୌଭାଗ୍ୟ ସନାତନ ସାରଥି ପାଇ ଆସିଛି। ତେଲୁଗୁ ଓ ଇଂରାଜୀ ସଂସ୍କରଣ ବ୍ୟତୀତ ଏବେ ଏହାର ହିନ୍ଦୀ, ସିନ୍ଧି, ମରାଠୀ, ନେପାଳୀ, ବଙ୍ଗଳା, ଓଡ଼ିଆ, ଆସାମୀ, ତାମିଲ୍, କନ୍ନଡ଼ ଓ ମାଲାୟାଲମ୍ ସଂସ୍କରଣ ମଧ୍ୟ ପାଠକମାନେ ପଢିବାକୁ ପାଉଛନ୍ତି। ଖୁବ୍ ନିକଟରେ ଜାପାନୀ ଭାଷାର ସନାତନ ସାରଥି ଏ ପରିବାରରେ ଯୋଗ ଦେଇଛି।

ଭଗବାନଙ୍କ ନିର୍ଦ୍ଦେଶ ହେଲା ଭଜନ ଅଧିବେଶନ ପରେ ଭକ୍ତମାନଙ୍କୁ କେବଳ ବିଭୂତି ପ୍ରସାଦ ରୂପେ ବଣ୍ଟାଯିବ। ସନାତନ ସାରଥି ସେହିପରି ଏକ ପ୍ରସାଦ। ଏହାର ପ୍ରଭାବ ମଧ୍ୟ କିଛି କମ୍ ନୁହେଁ, ଯଦିଓ ପ୍ରସାଦ ଭାବରେ ବିଭୂତି ଭଳି ଏହା ଆଖିଦୃଶିଆ ନୁହେଁ। ଏହାର ପୃଷ୍ଠା ସଂଖ୍ୟା ୧/୮ କ୍ରାଉନ୍ ଆକାରର ୩୨ କିମ୍ବା ଡବଲ କ୍ରାଉନ୍ ଆକାରର ୩୦ରୁ କେବେ ଅଧିକ ହୋଇ ନାହିଁ। ପ୍ରାୟ ଦଶବର୍ଷ ଧରି ଏହାର ମଲାଟ ଉପରେ ଆଧ୍ୟାତ୍ମିକ ଅର୍ଥସମ୍ପନ୍ନ ନାନାପ୍ରକାରର ଛବି ଛପା ହେଉଥିଲା। ୧୯୬୦ ମସିହାର ଶିବରାତ୍ରି ଉତ୍ସବ ସମୟରେ ବାବା ଗୋଟିଏ ପୁରୁଣା ଲଫାପାର ପଛପଟେ ପେନ୍‌ରେ ପୃଥିବୀର ୫ଟି ମୁଖ୍ୟ ଧର୍ମଗୁଡିକର ପ୍ରତୀକ ଚିହ୍ନ ବୃତ୍ତାକାରରେ ଆଙ୍କି ମଝିରେ ପଦ୍ମଦଣ୍ଡ ଚିହ୍ନଟି ରଖିଲେ। ଏହାର ତାତ୍ପର୍ଯ୍ୟ ହେଲା ସାଧକ ଯେ କୌଣସି ଧର୍ମ ଅନୁସରଣ କରୁ ନା କାହିଁକି, ନିଷ୍ଠାପର ସାଧନା ଦ୍ୱାରା ସେ କେବଳ ଗୋଟିଏ ଲକ୍ଷ୍ୟରେ ହିଁ ପହଞ୍ଚିବ। ପରେ ଏ ଛବିଟିକୁ ବ୍ଲକ୍ କରାଯାଇଥିଲା। ସେଇଦିନଠାରୁ ଏ ଧର୍ମ ସମନ୍ୱୟ ଚିହ୍ନଟି ସାଇବାର୍ତ୍ତାର ମୌଳିକ ଚିହ୍ନ ଭାବରେ ହିଁ ଗୃହୀତ ହୋଇ ଆସିଛି। ବିଭିନ୍ନ ମତାବଲମ୍ବୀମାନଙ୍କ ମଧ୍ୟରେ ବିଦ୍ୱେଷ ଓ କଳହରେ ପୀଡିତ ସଂସାରଏହି ଧର୍ମ ସମନ୍ୱୟ ଚିହ୍ନର ପ୍ରସାର ଦ୍ୱାରା ଶାନ୍ତି ସଂହତି ଅନୁଭବ କରି ଆସଛି। ଏହି ଚିହ୍ନର ଅର୍ଥ ହେଲା, "ସଂସାରରେ ମାତ୍ର ଗୋଟିଏ ଧର୍ମ ବିଦ୍ୟମାନ; ଆଉ ତାହା ହେଲା ପ୍ରେମ।"

ସନାତନ ସାରଥିର ସବୁଠାରୁ ଅଧିକ ନିୟମିତ ଲେଖକ ନିଜେ ବାବା। ପ୍ରେମ, ଧର୍ମ, ପ୍ରଶାନ୍ତି, ଜ୍ଞାନ, ଗୀତା, ଉପନିଷଦ୍, ଭାଗବତ, ରାମାୟଣ ଏବଂ ବିଦ୍ୟା ଓ ଆତ୍ମ ସାକ୍ଷାତ୍କାର

ନିମନ୍ତେ ସାଧନାର ମୌଳିକ ତତ୍ତ୍ୱ ଓ ତଥ୍ୟ ଉପରେ ଆଧାରିତ ଏହି ଲେଖାସବୁ ପ୍ରତିମାସ ସନାତନ ସାରଥିର ୩/୪ ପୃଷ୍ଠା ମଣ୍ଡନ କରିଥାଏ। ପ୍ରତି ମାସରେ ଏହାର ତେଲୁଗୁ ଓ ଇଂରାଜୀ ସଂସ୍କରଣ ପ୍ରଥମେ ବାବାଙ୍କୁ ନେଇ ଦେବାପାଇଁ ଉପର ମହଲାର ପାହାଚ ଚଢିଲାବେଳେ ମୋର ନାଡି ସ୍ପନ୍ଦନ ବଢିଯାଏ। ମାତ୍ର ଫେରିଲା ବେଳକୁ ଆଗାମୀ ସଂଖ୍ୟା ପାଇଁ ବାବାଙ୍କର ଲେଖା ଯଦି ମୋ ହାତରେ ଥାଏ, ତେବେ ମୋ ହୃଦୟ ଭିତରେ ଆନନ୍ଦ କୁଳୁକୁଳୁ ହେଉଥାଏ। ବାବାଙ୍କ ହାତଲେଖା ତେଲୁଗୁ ପ୍ରବନ୍ଧଟିର ଲମ୍ବା ସବୁବେଳେ ସମାନ ଥାଏ। କୌଣସି ମାସରେ ଏହା କମ୍ ବେଶୀ ହୁଏନା। ଲେଖାର ଶୈଳୀ ସରଳ ଓ ସାବଲୀଳ। ଏଥିରେ ପାଣ୍ଡିତ୍ୟର ପରାକାଷ୍ଠା ନ ଥାଏ, କିମ୍ବା ଭାବଧାରାର ଜଞ୍ଜାଳ ନ ଥାଏ। ପ୍ରାଞ୍ଜଳ, ସୁବୋଧ ଓ ସ୍ପଷ୍ଟ। ହାତଲେଖାର ସୌନ୍ଦର୍ଯ୍ୟ ଆଖିକୁ ଆନନ୍ଦ ଦିଏ। ଦାର୍ଶନିକ ଗୂଢ ତତ୍ତ୍ୱଗୁଡ଼ିକର ବ୍ୟାଖ୍ୟା ଛୋଟ ଛୋଟ ବାକ୍ୟ, ଅର୍ଥପୂର୍ଣ୍ଣ ଢଗ କିମ୍ବା କିଛି ଲୋକକଥା ମାଧ୍ୟମରେ ସରଳ ଓ ମନୋହର ହୋଇଉଠେ। ବୈଦିକ ତତ୍ତ୍ୱ ହେଉ, ଖ୍ରୀଷ୍ଟିୟାନ ନୀତିବାଦ ହେଉ କିମ୍ବା ଇସଲାମ୍‌ର ଗୂଢଦର୍ଶନ ହେଉ, ବାବାଙ୍କ କଲମରେ ଗୋଟିଏ ଗୋଟିଏ ବାକ୍ୟ ଓ ରୂପକରେ ନିର୍ମଳ ଭାବରେ ପ୍ରତିଫଳିତ ହୋଇଥାଏ।

ଆମର ବୁଦ୍ଧିକୁ ଅଧିକ ସ୍ପଷ୍ଟ ଆଉ ଭାବଗୁଡିକୁ ଅଧିକ ପବିତ୍ର କରିବା ନିମନ୍ତେ ବାବା ଆମକୁ ସବୁବେଳେ ଉତ୍ସାହିତ କରିଥାନ୍ତି, କାରଣ ଏହା ଫଳରେ ଆମର କ୍ରିୟାକଳାପଗୁଡିକ ମଧ୍ୟ ଅଧିକ ସଫଳ ଓ ସାର୍ଥକ ହୋଇଥାଏ। ତଥାପି ସେ ଜାଣନ୍ତି ଯେ ଆମର ସ୍ୱାଭାବିକ ଆଳସ୍ୟ ଆମ କର୍ତ୍ତବ୍ୟ ସାଧନରେ ବିଘ୍ନ ଘଟାଇଥାଏ। ଆମେ ଯେତେବେଳେ ଅସୁବିଧାରେ ପଡିଯାଉ, ଆମ ସମସ୍ୟାର ସମାଧାନ କରିବା ପାଇଁ ସେ ସବୁବେଳେ ପ୍ରସ୍ତୁତ ଥାଆନ୍ତି। ମୋର ମନେ ଅଛି ଥରେ ପ୍ରଶାନ୍ତିନିଳୟମ୍‌ର କୌଣସି ଏକ ଆଗାମୀ ଉତ୍ସବ ସମ୍ପର୍କରେ ସନାତନ ସାରଥିରେ ଘୋଷଣା ପ୍ରକାଶ କରିବାକୁ ମୁଁ ପାଶୋରି ଗଲି। ବାବା ଏହାର କାରଣ ନିର୍ଦ୍ଦେଶ କରିବାକୁ ଯାଇ ମୋତେ କହିଲେ, "ଏଥିରୁ ଜଣାପଡୁଛି, ତୁ ଗାୟତ୍ରୀ ଜପରେ ବହୁତ ଅବହେଳା କରୁଛୁ।" ଏଇ ପଦେ କଥାରୁ ମୁଁ ବୁଝିଗଲି ଆମ ଶାସ୍ତ୍ରମାନଙ୍କରେ ନିହିତ ବିଧିବିଧାନର ମହତ୍ତ୍ୱ କେତେ ବେଶୀ। ମୋର ଦୈନନ୍ଦିନ କର୍ତ୍ତବ୍ୟକୁ ଅବହେଳା କରି ଏକ ସହଜ ମାର୍ଗ ଅନୁସରଣ କରୁଥିବାରୁ ଏହା ମୋ ପାଇଁ ଏକ ତିରସ୍କାର ମଧ୍ୟ ଥିଲା।

ଆମେ କେଉଁଠି ଝୁଣ୍ଟିବୁ, କେଉଁଠି ଆମ ଗୋଡ଼ ଖସିଯିବ ତାହା ବାବାଙ୍କୁ ଆଗରୁ ଜଣାଥାଏ। ସେଥି ସକାଶେ ଆମପାଇଁ ସେ ଆଗରୁ ସମସ୍ୟାର ସମାଧାନ ନିର୍ଦ୍ଦିଷ୍ଟ କରି

ରଖିଥାନ୍ତି। ଯଥା ସମୟରେ ଆମର ବିଗ୍ଭର ପ୍ରମାଦ ଏଡାଇବା ନିମନ୍ତେ ବାଟ ଦେଖାଇ ଦିଅନ୍ତି। ବାବାଙ୍କର ସତର୍କ ଦୃଷ୍ଟି ନିରନ୍ତର ମୋ ଉପରେ ରହି ଆସିଛି। ମୁଁ ଅନୁଭବ କରିଛି ମୁଁ ଯେଉଁଠି ଥିଲେ ବି, ଯେ କୌଣସି କାମରେ ଲାଗିଥିଲେ ବି ମୋ କାନ୍ଧ ସତେ ଯେମିତି ତାଙ୍କ କାନ୍ଧକୁ ଲାଗିଛି, ମୋର ଶ୍ୱାସପ୍ରଶ୍ୱାସ ସତେ ଯେମିତି ତାଙ୍କ ମୁହଁରେ ବାଜୁଛି। ମୋ ପାଖରେ ତାଙ୍କର ଏପରି ଅଖଣ୍ଡ ଉପସ୍ଥିତି ହିଁ ଅନିର୍ବାଣ ଆଲୋକ ଶିଖା ପରି ପଚିଶି ବର୍ଷାଧିକ କାଳର ଆଧ୍ୟାତ୍ମିକ ସାମ୍ବାଦିକତା ମଧ୍ୟରେ ମୋତେ ବାଟ ଦେଖାଇ ଆସିଛି। କାରଣ ମୁଁ ଜାଣିଛି ଏ ବିଦ୍ୟାରେ ମୋର ପ୍ରବେଶ ପ୍ରାୟ କିଛି ନାହିଁ।

ଦିନେ ଅପରାହ୍ନରେ ମୁଁ ଚିନ୍ତାକୁଳ ଭାବରେ ପ୍ରେସ୍ ବାରଣ୍ଡାରେ ଠିଆ ହୋଇ ନିଜ ସହିତ କଥାବାର୍ତ୍ତା କରୁଛି, ଜଣେ ଭଦ୍ରଲୋକ ସେବାଟେ ଗଲାବେଳେ ଅଟକି ଯାଇ ମୋତେ ପଗ୍ଭରିଲେ, "ଏଠି ସ୍ୱାମୀଙ୍କର କିଛି ବହିପତ୍ର ମିଳେ କି ?" ମୁଁ ଉତ୍ତର ଦେଲି, "ନା, ଆମେ ଏଠି କେବଳ ଗୋଟିଏ ମାସିକ ପତ୍ରିକା ଛାପୁ।" ସେ ଭଦ୍ରଲୋକ ଟିକିଏ ନିରାଶ ହୋଇ ଗ୍ଭଲିଗଲେ। ମନ୍ଦିରର ପ୍ରଥମ ମହଲାରୁ ମୁଁ ଠିଆ ହୋଇଥିବା ବାରଣ୍ଡାଟି ଦିଶେ। ବାବା ଆମ ଭିତରେ କଥାବାର୍ତ୍ତାକୁ ଲକ୍ଷ୍ୟ କରୁଥିଲେ। ସଙ୍ଗେ ସଙ୍ଗେ ମୋତେ ଡକରା ଆସିଲା। ମୁଁ ଧାଇଁଗଲି। ମୋତେ ସେ ପଗ୍ଭରିଲେ, "ସେ ଭଦ୍ରଲୋକ ତୋତେ କ'ଣ ପଗ୍ଭରିଲେ ?" ମୁଁ ଉତ୍ତର ଦେଲି, "ସ୍ୱାମୀ, ସେ ପଗ୍ଭରିଲେ ଏଠି ସ୍ୱାମୀଙ୍କର କିଛି ବହି ମିଳେ କି ?" "ଆଉ ତୁ କ'ଣ କହିଲୁ ?" ଥିଲା ତାଙ୍କର ଦ୍ୱିତୀୟ ପ୍ରଶ୍ନ। "ସ୍ୱାମୀ, ମୁଁ କହିଲି, କିଛି ବହି ଏଠି ମିଳେନି।" "ନା, ସେ ଉତ୍ତର ଠିକ୍ ହେଲାନି। ତୁ କହିଥାନ୍ତୁ କେହି ବହି ପଢି ସ୍ୱାମୀଙ୍କୁ ବୁଝିପାରେନା। ଏବେ ଯା।" ମୁଣ୍ଡ ପୋତି ତଳକୁ ଆସିଲାବେଳେ ମୋ ମନରେ ଥିଲା ଆନନ୍ଦ ଓ ଦୁଃଖ। ଆନନ୍ଦ ଏଥିପାଇଁ ଯେ ବାବାଙ୍କର ରହସ୍ୟ ସମ୍ବନ୍ଧରେ ମୁଁ ଆଉ ଗୋଟିଏ ନିଦର୍ଶନ ଦେଖିଲି, ମାତ୍ର ଦୁଃଖ ହେଲା ବାବାଙ୍କ ସମ୍ପର୍କରେ ଏଯାଏ ଖଣ୍ଡିଏ ହେଲେ ବହି ବାହାରିପାରିନି-ଏପରିକି ମୁଁ ମଧ୍ୟ ବହିଟିଏ ଲେଖି ପାରିନି। ମୁଁ ଧୀରେ ଧୀରେ ପ୍ରେସ୍ ଆଡକୁ ଗଲାବେଳେ ବାବା ମୋତେ ଉପରୁ ଗ୍ଭହିଁଥିଲେ। ଅଧା ବାଟରୁ ଧୂଆଁଳିଆ ଆଖି ଫେରାଇ ଯେତେବେଳେ ପଛକୁ ଗ୍ଭହିଁଲି, ଦେଖିଲି ଅନ୍ତର୍ଯ୍ୟାମୀ ପ୍ରଭୁ ମୋର ମୋ ଦୁଃଖର ଲହରୀକୁ ଶାନ୍ତ କରିବା ନିମନ୍ତେ ହସି ହସି ଆଶୀର୍ବାଦ ହାତ ଟେକି ଧରିଛନ୍ତି !

ଏଥିପାଇଁ ସାନ୍ତ୍ୱନା ପାଇବାକୁ ଡେରି ହୋଇ ନଥିଲା। ବାବା ମାଡ୍ରାସ ଓ ଭେଙ୍କଟଗିରିରେ ଭକ୍ତମାନଙ୍କ ଗହଣରେ କିଛିଦିନ କଟାଉଥାନ୍ତି। ଆମେ ପୁଟ୍ଟପର୍ତ୍ତିରେ ଆଶା

ବାନ୍ଧି ବସିଥାଉ ଯେ ବାବା ସେ ସପ୍ତାହ ଶେଷ ବେଳକୁ ଫେରି ଆସିବେ। ମାତ୍ର ବାବା ଦିନେ ହଠାତ୍ ପହଞ୍ଚିଯାଇ ଆମକୁ ଆଶ୍ଚର୍ଯ୍ୟ କରିଦେଲେ। ସଙ୍ଗେ ସଙ୍ଗେ ମୋତେ ଡାକି ପଠାଇଲେ। ମୋ ଛାତି ପଡିଲା ଉଠିଲା। କି ଭୁଲ କରି ପକାଇଛି କି ? ମୋତେ ସାଙ୍ଗେ ସାଙ୍ଗେ କାହିଁକି ଡାକିଲେ ? ଅନ୍ୟ କାହା ନାମରେ କିଛି ଖରାପ କଥା କହିଚି କି ? କିଛି ଖରାପ ଭାବନା ମନରେ ସ୍ଥାନ ଦେଇଚି କି ? ଭଗବାନଙ୍କ ଡାକରା ଆସିଛି ଶୁଣି ମୋ ବୋଉ ମୋର ସବୁ ଅପରାଧ ମାର୍ଜନା କରିଦେବା ପାଇଁ ମନେ ମନେ ଡାକିବାରେ ଲାଗିଗଲା। ବଡ ସନ୍ତର୍ପଣରେ ପ୍ରଣାମ କରି ଠିଆ ହେଲି। ମୋ ଅବସ୍ଥା ଦେଖି ବାବା ମୁରୁକିହସା ଦେଲେ ଓ ମୁଣ୍ଡଠୁ ଗୋଡଯାଏ ଅନାଇ ଦେଇ ଗଲେ। ତା'ପରେ କହିଲେ "ହଇରେ, ମାଡ୍ରାସ ଓ ଭେଙ୍କଟଗିରିରେ ଲୋକେ ପଚାରୁଛନ୍ତି ସ୍ୱାମୀଙ୍କ ସମ୍ବନ୍ଧରେ କିଛି ବହି ଅଛି କି ? ଆଉ ତୁ ଏଠି ଗୋଡ ହାତ ଲମ୍ବାଇ ଚୁପ୍‌ଚାପ୍ ବସିଚୁ।"

ବାଙ୍ଗାଲୋର୍‌ରେ ତାଙ୍କ ସହ ସେଇ ପ୍ରଥମ ଦେଖାର ଏଗାର ବର୍ଷ ପରେ ବାବା ଠିକ୍ କଲେ ଯେ ଏଥର ସମୟ ଆସିଲାଣି, ସଂସାର ଭୋକ କ'ଣ ବୁଝିଲାଣି, ଆଉ ଭୋକ ଶାନ୍ତ କରିବାପାଇଁ ଏଥର ବହିଟିଏ ଲେଖା ହେଉ। ବହିଟିର ପାଣ୍ଡୁଲିପି ଯେତେବେଳେ ଟାଇପ୍ ସରିଲା, ଏହାର ଉପଯୁକ୍ତ ନାମଟିଏ ବାଛିବାକୁ ବସି ଭାବିଲି। ବାବାଙ୍କ ମନ୍ଦିରର ଉପରମହଲା ବାରଣ୍ଡା ବାଡରେ ସିମେଣ୍ଟରେ ଲେଖା ହୋଇଥାଏ ୯ ୯ ୯ । ତିନୋଟି '୯'କୁ ବାବା ବେଳେବେଳେ 'ଶରଷ୍ଟ' ବୋଲି ମଧ୍ୟ ଉଲ୍ଲେଖ କରିଥାନ୍ତି। ଏଣୁ ମୁଁ ବିଚାରିଲି ତାଙ୍କ ଜୀବନୀର ନାମ ଏଇ 'ଏସ୍' ଅକ୍ଷରରେ ହିଁ ଗଢା ହେବା ଉଚିତ। ଯେଉଁ ପରମପ୍ରଭୁଙ୍କର ଲୀଳା ଓ ମହତ୍ତ୍ୱର କାହାଣୀ ଏ ବହିରେ ଅଛି, ବହି ନାମଟିରୁ ବି ତାହା ବାରି ହୋଇପଡୁଥିବା ଦରକାର; ଏଥିରୁ ପ୍ରଭୁଙ୍କ ଦିବ୍ୟ ମହିମାର କମ୍ପନ ଖେଳି ଯାଉଥିବା ଆବଶ୍ୟକ। ବେଦ, ଉପନିଷଦ୍ ଓ ପୁରାଣର ପ୍ରାନ୍ତରମାନଙ୍କରେ ଅନେକ ବୁଲିବୁଲି ମଧ୍ୟ 'ସତ୍ୟଂ ଜ୍ଞାନଂ ଅନନ୍ତଂ' ଠାରୁ ଅଧିକ ଭଲ ନାମଟିଏ ମନକୁ ଆସିଲା ନାହିଁ। ତିନୋଟି 'ଏସ୍' ହେଲା ଶ୍ରୀ ସତ୍ୟସାଇ। ଗୋଟିଏ 'ଏସ' ସତ୍ୟଂ ମାତ୍ର ଆଉ ଦୁଇଟି 'ଏସ୍' କ'ଣ ହେବ ? ମନେ ମନେ କେତୋଟି ଶବ୍ଦ ଖେଳିଗଲା-ଶୁଭଂ, ଶାନ୍ତଂ, ସୁନ୍ଦରଂ, ଶିବଂ, ସନ୍ତୋଷଂ, ସୁଖଂ। ଏଥିରୁ କେଉଁଟି ବାଛିବି ? ଆଉ କେତେ ଲୋକଙ୍କୁ ପଚାରିଲି। ମାତ୍ର ମନପୂରିଲା ଭଳି ସମାଧାନ ମିଳିଲା ନାହିଁ। ଦିନେ ଦାବନ୍‌ଗିରେ ରେଳଷ୍ଟେସନ୍‌ଠାରେ ଗୋଟିଏ ଗାଡିକୁ ଅପେକ୍ଷା କରି ବସିଛି, ହଠାତ୍ ମନକୁ ଆସିଲା ବହିଟିର ନାମ ରହିବ ସତ୍ୟଂ ଶିବଂ ସୁନ୍ଦରଂ।

ନନ୍ଦନବନରେ ବାବା ଥିଲେ ସେତେବେଳେ। ତାଙ୍କୁ ଯାଇ ପଚାରିଲି। ବାବା ସଙ୍ଗେ ସଙ୍ଗେ ନାମଟିକୁ ଶୁଭକଲ୍ୟାଣ କଲେ। ଘର ଭିତରକୁ ଯାଇ ଗୋଟିଏ ଫଟୋ ଆଲ୍‌ବମ୍ ଆଣିଲେ। ସେଥିରୁ ତିନୋଟି ଫଟୋ ବାଛିଲେ। ଫଟୋ ତିନୋଟି ବାବା ନନ୍ଦନବନରେ ହିଁ ଚଉକିରେ ବସିଥିବା ବେଳେ ଗୋଟିଏ ପରେ ଗୋଟିଏ ଉଠାଯାଇଥିଲା। ତିନୋଟି ଫଟୋକୁ ଧରି ବାବା କହିଲେ "ଏ ତିନୋଟି ପାଖ ପାଖ ରଖି ବହିର ମଲାଟରେ ଛାପିବୁ। ଏଇ ଦେଖ୍ - ଏ ଫଟୋଟି ଟିକେ ଗମ୍ଭୀର - ସତ୍ୟଂ। ଏଇଟିରେ ଟିକିଏ ହସର ପାଖୁଡା ଦିଶୁଚି - ଶିବଂ। ଆଉ ତୃତୀୟଟିରେ ହସ ପୁରା ଫୁଟି ପଡିଛି - ସୁନ୍ଦରଂ। ସତ୍ୟଂ ଶିବଂ ସୁନ୍ଦରଂ - ବେଶ୍ ଭଲ ନାମ। ମୋ କାନ୍ଧରେ ଛୋଟ ଏକ ସ୍ନେହର ଥପୁଡା ମଧ୍ୟ ପାଇଲି।

ସତ୍ୟଂ ଶିବଂ ସୁନ୍ଦରଂ ନାମଟି ଶୁଣି ଶ୍ରୀ କେ. ଗୁରୁଦତ୍ତ ମତ ପ୍ରକାଶ କରିଥିଲେ ଏ ନାମଟି ସହ ଉପନିଷଦ୍‌ର ସମ୍ପର୍କ ଅଛି, ମାତ୍ର ଏହାର ମୂଳ ଉତ୍ସ କେଉଁଠି ହଠାତ୍ ଜଣା ପଡୁନାହିଁ। ବାବା ସତ୍ୟ, ଶିବ ଓ ସୁନ୍ଦର ତିନୋଟିର ସମାହାର ହୋଇଥିବାରୁ ପାଠକ ଭକ୍ତମାନଙ୍କ ପକ୍ଷରେ ମଧ୍ୟ ଏ ନାମଟି ଗ୍ରହଣୀୟ ହୋଇଥିଲା। ଏ ପୁସ୍ତକ ପ୍ରକାଶିତ ହେବାର ଦୁଇବର୍ଷ ପରେ ମହାଶିବରାତ୍ରି ଦିନ ବ୍ରହ୍ମଶ୍ରୀ ଦୁପାଟି ତିରୁମଲରାଓଙ୍କ ଦ୍ୱାରା ଅନୁବାଦିତ ଏହାର ତେଲୁଗୁ ସଂସ୍କରଣ ବାବାଙ୍କ ପାଦତଳେ ଅର୍ପିତ ହୋଇଥିଲା। ସେଦିନ ବାବା ମୋତେ ଓ ତିରୁମଲରାଓ ଉଭୟଙ୍କୁ ଆଶୀର୍ବାଦ କରିଥିଲେ ଆମ କାନ୍ଧରେ ଶାଲ ମଣ୍ଡନ କରି। ସେଦିନ ଉପସ୍ଥିତ ସମାବେଶକୁ ବାବା ସଂଭାଷଣ ପ୍ରସଙ୍ଗରେ କହିଥିଲେ, "ତୁମ୍ଭମାନଙ୍କ ମଧ୍ୟରୁ ହୁଏତ ଅନେକ ପଚାରିବ ମୋ ଜୀବନ କାହାଣୀ ପ୍ରକାଶିତ ହେବାରେ ମୁଁ କାହିଁକି ଉତ୍ସାହ ଦେଖାଉଛି। ମୁଁ କେବଳ ଭକ୍ତମାନଙ୍କ ପ୍ରାର୍ଥନାକୁ ସ୍ୱୀକାର କରି ସେମାନଙ୍କୁ ଏ ଜୀବନୀ ଲେଖିବାର ଅନୁମତି ଦେଇଛି। ରମୟତି ଇତି ରାମଃ: ଯିଏ ଆନନ୍ଦ ଦାନ କରନ୍ତି ସେ ରାମ। ଭକ୍ତମାନଙ୍କର ଆନନ୍ଦ ପ୍ରଭୁଙ୍କୁ ଆନନ୍ଦ ଦିଏ; ଆଉ ପ୍ରଭୁଙ୍କର ଆନନ୍ଦ ଭକ୍ତମାନଙ୍କର ପୁରସ୍କାର।"

ବାବା କହିଲେ,"ଏ ପୁସ୍ତକର ନାମଟି ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ। ନାମଟି ସୂଚିତ କରୁଛି ଯେ ମୁଁ ତୁମ ପ୍ରତ୍ୟେକଙ୍କ ମଧ୍ୟରେ ଅନ୍ତରବାସୀ ଭାବରେ ଅଛି। ମନେରଖ ଯେ ତୁମ ପ୍ରତ୍ୟେକଙ୍କର ପ୍ରକୃତ ସ୍ୱରୂପ ହେଲା ସତ୍ୟ। ସେଥିପାଇଁ ତୁମକୁ କେହି ମିଛୁଆ କହିଲେ ତୁମେ ରାଗିଯାଅ। ତୁମର ପ୍ରକୃତ ସ୍ୱରୂପ ମିଥ୍ୟା କ'ଣ ଜାଣେନା। ତେଣୁ ସେ ଏ ଅଭିଯୋଗ ମାନିବ କାହିଁକି ? ତୁମର ପ୍ରକୃତ ସ୍ୱରୂପ ସାଧୁତା, ଆନନ୍ଦ , ଶାନ୍ତି, ମଙ୍ଗଳ, ଶିବ। ଏହା ଶବ ନୁହେଁ, ଏହା ଶୁଭ, ନିତ୍ୟ ଓ ଆନନ୍ଦ। ତେଣୁ ତୁମକୁ ଭଲ ନ କହି ମନ୍ଦ କହିଲେ ତାହା ତୁମେ ସହିବ

କିପରି ? ତୁମର ଆତ୍ମସ୍ୱରୂପ ହେଉଛି ସୌନ୍ଦର୍ଯ୍ୟ। ତେଣୁ ଅସୁନ୍ଦର ବା କଦାକାର ବୋଲି କେହି କହିଲେ ତୁମକୁ ଭାରି ଖରାପ ଲାଗେ। ତୁମେ ଆତ୍ମସ୍ୱରୂପ। ଏଣୁ ଏ ଦେହରଥକୁ କେହି କଦାକାର ବା କୁତ୍ସିତ କହିଲେ ତୁମେ ମୁହଁ ଆମ୍ବିଳା କରିବା ସ୍ୱାଭାବିକ।" ଏଥିରୁ ବୁଝାଯିବ ବହିଟିର ନାମ ମୁଁ ବାଛିଲି ବୋଲି ବଡପଣ କରିବାର ସାମାନ୍ୟତମ ସୁଯୋଗ ମଧ୍ୟ ନାହିଁ। କାରଣ ଏହା ଭଗବତ୍ ସଙ୍କଳ୍ପର ଫଳ। ଡକ୍ଟର ଭଗବନ୍ତମ୍ ମୋତେ ଅଳ୍ପ କିଛିଦିନ ତଳେ କହିଲେ ସ୍ୱାମୀ ବିବେକାନନ୍ଦ ଆମେରିକାରେ ଭକ୍ତିଯୋଗ ସମ୍ପର୍କରେ ଯେଉଁସବୁ ଭାଷଣ ଦେଇଥିଲେ ସେଗୁଡିକର ତେଲୁଗୁ ଅନୁବାଦ ସମ୍ୱଳିତ ପୁସ୍ତକର ନାମ ସତ୍ୟଂ ଶିବଂ ସୁନ୍ଦରଂ। ମୁଁ ମୂଳ ଇଂରାଜୀ ବହିଟି ପଢିଲି। କି ଆଶ୍ଚର୍ଯ୍ୟ ! ବିବେକାନନ୍ଦ ସେଥିରେ ସତ୍ୟର ଅବତାର ପ୍ରଭୁଙ୍କ (ସତ୍ୟସାଇ !) ଆଗମନ କଥା ହିଁ କହୁଛନ୍ତି। ସ୍ୱାମୀଙ୍କ ମତରେ ପ୍ରଭୁ ସତ୍ୟ, ଶିବ ଓ ସୁନ୍ଦର ସମ୍ପର୍କରେ ଅପୂର୍ବ କଥା ମାନ ପ୍ରକଟ କରିବେ।

କେତେମାସ ତଳେ ଆଉ ଗୋଟିଏ ଘଟଣା ମୋ ନଜରକୁ ଆସିଲା, ଯାହା ମୋ ଅହଂକାରର ଶେଷତମ ଚିହ୍ନଟିକୁ ବି ମୂଳପୋଛ କରିଦେଲା। ମୁଁ ନିଃସନ୍ଦେହ ଭାବରେ ନିଶ୍ଚିନ୍ତ ହୋଇଗଲି ଯେ ବାବାଙ୍କ ଜୀବନୀର ଉପଯୁକ୍ତ ଶିରୋନାମା ଖୋଜୁଥିଲାବେଳେ ତିନୋଟି 'ଏସ୍'କୁ ନେଇ ଏ ନାମଟି ଗଢ଼ିବାର ଯେଉଁ ଭାବନା ମୋ ମନକୁ ଉଠିଥିଲା, ତା ପଛରେ ସମ୍ପୂର୍ଣ୍ଣ ଭାବରେ ବାବାଙ୍କର ହାତ ଥିଲା। ନିକଟରେ ଗୋସ୍ୱାମୀ ତୁଳସୀ ଦାସଙ୍କର ଚରିତ ଓ ଗୀତାପ୍ରେସ୍‌ରେ ମୁଦ୍ରିତ ଗୋଟିଏ ରାମଚରିତ ମାନସ ପୁସ୍ତକ ଉପରେ ମୋ ଆଖି ପଡ଼ିଲା। ତାର ଭିତରର ପ୍ରଥମ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଛି 'ସତ୍ୟଂ, ଶିବଂ, ସୁନ୍ଦରଂ !' ପୁସ୍ତକଟିର ନିବେଦନ ପୃଷ୍ଠାରେ ଏହାର ରହସ୍ୟ ଉନ୍ମୋଚନ କରାଯାଇଛି ମଧ୍ୟ। ଗୋସ୍ୱାମୀ ଯେତେବେଳେ ରାମକଥାକୁ କଥିତ ମୈଥିଳୀ ଭାଷାରେ ଲେଖିଲେ, କାଶୀର ପଣ୍ଡିତମାନେ କୁଆଡେ ଏହାକୁ ପବିତ୍ର ରାମକଥାର ଅବମାନନା କହି ଭାରି ପାଟିତୁଣ୍ଡ କଲେ। କଥିତ ଭାଷାରେ ଲିଖିତ ରାମାୟଣକୁ ସ୍ୱୀକାର କରିବାକୁ ମଧ୍ୟ ସେମାନେ ମନା କରିଦେଲେ। ଶେଷରେ ପଣ୍ଡିତ ସଭା ସିଦ୍ଧାନ୍ତ କଲେ ଯେ ଗୋସ୍ୱାମୀଙ୍କ ରାମାୟଣ ଗ୍ରନ୍ଥଟି କାଶୀବିଶ୍ୱେଶ୍ୱରଙ୍କ ମନ୍ଦିରରେ ରଖି ଦିଆଯିବ ଏବଂ ଏ ପୁସ୍ତକ ଗୃହୀତ ହେବ କି ନାହିଁ ତାହା ଜଣାଇବା ନିମନ୍ତେ ପ୍ରଭୁ ବିଶ୍ୱନାଥଙ୍କୁ ପ୍ରାର୍ଥନା କରାଯିବ। ସନ୍ଧ୍ୟାବେଳେ ରାମାୟଣ ଗ୍ରନ୍ଥଟିକୁ ମନ୍ଦିର ଭିତରେ ରଖି ମନ୍ଦିରର ଦ୍ୱାର ବନ୍ଦ କରି ଦିଆଗଲା। ପଣ୍ଡିତମାନେ ତାପରେ ଯେଝା ଘରକୁ ଚାଲିଗଲେ। ସକାଳୁ ଦ୍ୱାର ଖୋଲାଗଲା। ପଣ୍ଡିତମାନେ ନିଶ୍ଚିତ ଥିଲେ ଯେ ପ୍ରଭୁ ବିଶ୍ୱନାଥ ମୈଥିଳୀ

ରାମାୟଣକୁ ଆସ୍ଥାନରୁ ତଳକୁ ଫିଙ୍ଗି ଦେଇଥିବେ। ମାତ୍ର ପଣ୍ଡିତମାନେ ବିସ୍ମିତ ହୋଇ ଦେଖିଲେ ଗ୍ରନ୍ଥ ଉପରେ ଲେଖା ହୋଇଛି ସତ୍ୟଂ ଶିବଂ ସୁନ୍ଦରଂ ଓ ତା ତଳକୁ ପ୍ରଭୁ ବିଶ୍ୱନାଥଙ୍କର ଦିବ୍ୟ ସ୍ୱାକ୍ଷର - ଏକ ଲିଙ୍ଗ ଚିହ୍ନ। ନିବେଦନରେ ଲେଖା ଯାଇଛି ପ୍ରଭୁ ନିଜ ହାତରେ (ଅପ୍‌ନେ ହାଥସେ) ଏହା ଆଙ୍କି ଦେଇଥିଲେ। କି ଅପୂର୍ବ ଯୋଗାଯୋଗ ! ତିନୋଟି 'ଏସ୍' କୁ ନେଇ ଗଢ଼ା ଏକ ନାମ ଖୋଜି ଖୋଜି ଶେଷରେ ମୁଁ ଅନ୍ୟ ଏକ ଅବତାରଙ୍କର ଅମର ଜୀବନକାହାଣୀକୁ ପ୍ରଭୁ ବିଶ୍ୱନାଥ ଦେଇଥିବା ନାମଠାରେ ଯେ ହାବୁଡ଼ିଗଲି, ତାହା ଏ ପର୍ଯ୍ୟନ୍ତ ମୋ ପକ୍ଷରେ ଏକ ବିସ୍ମୟ ହୋଇ ରହିଛି।

ପୁସ୍ତକର ନାମଟିକୁ ବାବା ଗ୍ରହଣ କରିଥିଲେ ତାଙ୍କର ଅନ୍ୟ ଏକ ନାମ ଭାବରେ। କେରଳର ଶ୍ରୀଶୈଳମ୍‌ଠାରେ (ଏ ନାମଟି ଦେଇଥିଲେ ବିଶ୍ୱକବି ରବୀନ୍ଦ୍ର ନାଥ) ଗୋଟିଏ ସତ୍ୟସାଇ ବିଦ୍ୟାପୀଠର ଭିତ୍ତି ସ୍ଥାପନ କରିସାରି ବାବା ଯେତେବେଳେ ହଜାର ହଜାର ଛତାର ଛାତୁଆତଳେ ପ୍ରବଳ ବର୍ଷାରେ ବି ସମାଗତ ଲୋକମାନଙ୍କୁ ଉଦ୍‌ବୋଧନ ଦେବାକୁ ଉଠିଲେ, ସେତେବେଳେ ଚତୁର୍ମୁଖ ବିଦ୍ୟୁତ୍‌ଶିଖା ପରି ଏକ ସଂସ୍କୃତ ଶ୍ଳୋକ ବାବାଙ୍କ ମୁହଁରୁ ଅନାୟାସରେ ଝରି ଆସୁଥିଲା:

ସର୍ବନାମଧରଂ ଶାନ୍ତଂ ସର୍ବରୂପଧରଂ ଶିବମ୍,
ସଚ୍ଚିଦାନନ୍ଦ ରୂପୋଽହଂ ସତ୍ୟଂ ଶିବଂ ସୁନ୍ଦରମ୍।

ମୁଁ ସର୍ବନାମଧର ଶାନ୍ତମୂର୍ତ୍ତି, ସର୍ବରୂପଧର ଶିବ; ସଚ୍ଚିଦାନନ୍ଦ ସତ୍ୟ, ଶିବ ଓ ସୁନ୍ଦର।

କଥିତ ପୁସ୍ତକଟିରେ ମୁଁ ଏ ତିନୋଟି ଶବ୍ଦର ତାତ୍ପର୍ଯ୍ୟ ସମ୍ପର୍କରେ ବାବାଙ୍କ ଦ୍ୱାରା ପ୍ରଦତ୍ତ ଭାବନା ଓ ଅନ୍ତର୍ଦୃଷ୍ଟି ସାହାଯ୍ୟରେ ହିଁ କିଛି ବିଶଦ ଭାବରେ ଲେଖିଛି। ସେ ହିଁ ମୂଳାଧାର, ସେ ହିଁ ସତ୍ୟ, ତତ୍ତ୍ୱ ଓ ତଥ୍ୟ। ସେ ହିଁ ଚିତ୍, କ୍ରିୟା ଓ ଭାବ -ସତ୍ୟଂ। ସେ ହିଁ ସଂକଳ୍ପ ଓ ସଂକଳ୍ପର ରୂପାୟନ - ଶିବଂ। ସେ ହିଁ ଜ୍ୟୋତି, ସଂହତି, ଆନନ୍ଦ ଓ ଶାନ୍ତି - ସୁନ୍ଦର।

ଏହି ପ୍ରେମମୟ ଭଗବାନଙ୍କ କରୁଣା ଅପାର ହେଲେ ମଧ୍ୟ କେତେକ ଲୋକ ସେ ଅସରନ୍ତି ଆଧାରର ନିର୍ଦ୍ଦିଷ୍ଟ ଗୋଟିଏ ଗୋଟିଏ ରୂପକୁ ସର୍ବମୟ ପ୍ରକାଶ ବୋଲି ଜାବୁଡି ଧରି ଅନ୍ୟ ସକଳ ରୂପକୁ ନିର୍ବୋଧ ଭାବରେ ଅସ୍ୱୀକାର କରିଥାନ୍ତି। ଅନ୍ୟ ଝରକାବାଟେ ଆସୁଥିବା ସେଇ ଏକ ଜ୍ୟୋତି ପ୍ରତି ଅନ୍ଧ ଭାବରେ ଆଖି ବନ୍ଦ କରି ଦିଅନ୍ତି। ତେଣୁ ରାମକୃଷ୍ଣ ପନ୍ଥାର ମୋର ସହଗାମୀ ଭାଇମାନେ ବିଗିଡ଼ିଲେ ମୁଁ ଦଳ ବଦଳ କରିଦେଇଛି ! ସେମାନେ ବୁଝିପାରିଲେ ନାହିଁ, ରାମକୃଷ୍ଣ ନିଜେ ମୋତେ ସାଇମାତାଙ୍କ ହାତରେ ଟେକି ଦେଇଛନ୍ତି। ମୁଁ ସାଲେମ୍‌କୁ

ଏକ ସାଇ ସମାବେଶରେ କହିବାପାଇଁ ଯାଇଥିଲାବେଳେ ରାମକୃଷ୍ଣ ପନ୍ଥାର ଜଣେ ଅଧିକ ଜଣାଶୁଣା ସନ୍ନ୍ୟାସୀ ସେଠାରେ ଥିଲେ । ସେ ଦୀକ୍ଷା ନେଲା ଦିନଠାରୁ ମୋର ଅକୁଣ୍ଠ ଶ୍ରଦ୍ଧା ଓ ସମ୍ମାନର ପାତ୍ର ଥିଲେ । ଏ ସୁଯୋଗରେ ମୁଁ ତାଙ୍କୁ ଭେଟିବାକୁ ଇଚ୍ଛାପ୍ରକାଶ କରି ଖବର ପଠାଇଲି । ମାତ୍ର ସେ ସୌଜନ୍ୟ ରକ୍ଷା ନ କରି ଖବର ଦେଲେ ମୋତେ ଭେଟିବାପାଇଁ ତାଙ୍କର ସମୟ ନାହିଁ । ହୃଦୟରେ ଦୁଃଖର ଭାର ବହି ମୁଁ ଫେରିଆସିଲି । କାରଣ ମୋର ଦୃଢ଼ ବିଶ୍ୱାସ ଶିରଡି ସାଇବାବା କିମ୍ବା ସତ୍ୟସାଇ ବାବା କଲିକତା ଆସିଛନ୍ତି ବୋଲି ଶୁଣିଥିଲେ ମୋର ଗୁରୁ ମହାରାଜା ନିଶ୍ଚୟ ଆଶ୍ରମ ଛାଡି ତାଙ୍କୁ ଦର୍ଶନ କରିବାକୁ ଆସିଥାନ୍ତେ । ସେ ନିଜେ ତୈଲଙ୍ଗ ସ୍ୱାମୀ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, କେଶବ ଚନ୍ଦ୍ର ସେନ୍ ଏବଂ ଅନ୍ୟାନ୍ୟ ଧର୍ମମତର ଅଗ୍ରଣୀ ନେତାମାନଙ୍କୁ ଭେଟିବାକୁ ଯାଇଥିଲେ । ମୁଁ ଭାବିଲି ଶ୍ରୀ ରାମକୃଷ୍ଣଙ୍କର ପିଲାମାନଙ୍କର ବିଶ୍ୱାସ କ'ଣ ଏତେ ଦୁର୍ବଳ ହୋଇଗଲାଣି ଯେ ତାଙ୍କ ଗୁରୁ ଅନ୍ୟ ଏକ ପୋଷାକ ପିନ୍ଧି ଆସିଲେ ତାଙ୍କୁ ଚିହ୍ନିବା ତ ଦୂରେ ଥାଉ ତାଙ୍କ ଉପରେ ଆଖି ପଡିଲେ ଅପରାଧ ହୋଇଯିବ ବୋଲି ବିଚାରୁଛନ୍ତି ।

ସ୍ୱାମୀ ନିଖିଳାନନ୍ଦ ନିଉୟର୍କରେ ଶ୍ରୀ ରାମକୃଷ୍ଣଙ୍କ ଉପଦେଶାମୃତର ଇଂରାଜୀ ଅନୁବାଦ ପ୍ରସ୍ତୁତ କଲାବେଳେ ତାଙ୍କୁ ସାହାଯ୍ୟ କରୁଥିଲେ ଶ୍ରୀ ଜନ୍ ମୋଫିଟ୍ ଜୁନିୟର୍ । ବାବାଙ୍କ ସହିତ ଘଣ୍ଟାଏ କଥାବାର୍ତ୍ତା କରିସାରିଲା ପରେ ସେ ମୋ ପାଖକୁ ଲେଖିଥିଲେ ସେ ଶ୍ରୀ ରାମକୃଷ୍ଣଙ୍କ ସହିତ ଘଣ୍ଟାଏ କଟାଇଛନ୍ତି । ବାବାଙ୍କଠାରେ ସେ ଉପଲବ୍ଧି କରିଥିଲେ ଶ୍ରୀ ରାମକୃଷ୍ଣଙ୍କ ସ୍ୱଭାବସୁଲଭ ଗମ୍ଭୀରତା, ରହସ୍ୟ, ପ୍ରେମ, ପ୍ରାଣଖୋଲା ହସ, ପ୍ରଶାନ୍ତି ଓ ମଧୁରତା । ଏଠି ମୋର ଲେଖିବା ଉଚିତ ଯେ ରାମକୃଷ୍ଣ ପନ୍ଥାର ମୋର ପ୍ରିୟ ବନ୍ଧୁ ସ୍ୱାମୀ ସିଦ୍ଧେଶ୍ୱରାନନ୍ଦ ମୋର ବାବାଙ୍କୁ ପାଇବା ସୌଭାଗ୍ୟରେ ମୋତେ ଅଭିନନ୍ଦନ ଜଣାଇଥିଲେ । ମମିତା ନାମରେ ଜଣେ ଆର୍ଜେଣ୍ଟିନା ମହିଳା ବାଙ୍ଗାଲୋର୍‌ରେ ବହୁଦିନ ଧରି ସନ୍ନ୍ୟାସୀମାନଙ୍କର ମାତା ଭାବରେ ଆଶ୍ରମ ପାଖରେ ରହିଥିଲେ । ସେ ବାବାଙ୍କର କରୁଣା ଲାଭ କରିଥିଲେ, କାରଣ ଦୀନ, ଦୁଃଖୀମାନଙ୍କର ସେବା କରିବା ପାଇଁ ତାଙ୍କର ଆଗ୍ରହ ଅପରିସୀମ ଥିଲା । ତାଙ୍କୁ ସେତେବେଳେ ପଞ୍ଚଷଠୀ ବର୍ଷ ବୟସ ହୋଇଥିଲେ ମଧ୍ୟ ପୁଟପର୍ତ୍ତି ଯାଇ ସେଠାରେ ବାବାଙ୍କ ବାଣୀ ଉପନିଷଦ୍ ସମ୍ପର୍କରେ ମନନ କରିବା ଓ କିଛି ସେବା କରିବାର ସୁଯୋଗକୁ କେବେ ହାତଛଡ଼ା କରୁ ନ ଥିଲେ । ଲୁଗା ସଫା କରିବା, ଶୁଖାଇବା ଓ ସେଗୁଡିକୁ ଇସ୍ତ୍ରୀ କରିବାରେ ତାଙ୍କର ଆନନ୍ଦ ସବୁଠୁ ବେଶୀ ଥିଲା । ସେ ଯେତେବେଳେ ଆର୍ଜେଣ୍ଟିନା ଫେରିଲେ ବାଙ୍ଗାଲୋର୍‌ରେ ଯାହାଙ୍କ ଘରେ ସେ ରହୁଥିଲେ ତାଙ୍କ ସାନପୁଅକୁ ସାଥିରେ ନେଇ ଯାଇଥିଲେ । ପ୍ୟାରିସ୍ ଦେଇ ଗଲାବେଳେ ମାତା ମମିତା ଗୋପାଳ ମହାରାଜଙ୍କ ସହ ରାମକୃଷ୍ଣ ମଠରେ ରହିଥିଲେ ଓ ତାଙ୍କୁ ସ୍ପଷ୍ଟ ଭାବରେ

କହିଥିଲେ ବାବା ହିଁ ବର୍ତ୍ତମାନ ଯୁଗର ଏକମାତ୍ର ଆଶା ଓ ଭରସା । ସେଠାରେ ସେ ଗୋପାଳ ମହାରାଜଙ୍କୁ ବାବାଙ୍କ ସମ୍ବନ୍ଧରେ ତାଙ୍କୁ ଲେଖିଥିବା ମୋ ଚିଠିଗୁଡିକ ଯଥାର୍ଥ ବୋଲି ବୁଝାଇ ଦେଇଥିଲେ । ମୁଁ ଗୋପାଳ ମହାରାଜଙ୍କୁ ଲେଖିଥିଲି ବାବା ଏ ଯୁଗର ଅବତାର । ଏ କଥା ବୁଝାଇ ହେବ ନାହିଁ, ମାତ୍ର ଉପଲବ୍ଧି କରିହେବ । ଦରିଆ ସେପାରି ଘରୁ ମମିତା ମୋତେ ଲେଖିଥିଲେ ବାବା ତାଙ୍କୁ ତାଙ୍କର ପ୍ରିୟତମ ଆରାଧ୍ୟ କୃଷ୍ଣଙ୍କ ଦର୍ଶନ ଦେଇଛନ୍ତି । ସେ ଖୁବ୍ ସୁଖ ଓ ଶାନ୍ତିରେ ଅଛନ୍ତି । କିଛି ବର୍ଷ ପରେ ମୋ ପୁଅ କାନାଡ଼ା ଯିବା ବାଟରେ ଯେତେବେଳେ ଗୋପାଳ ମହାରାଜଙ୍କୁ ତାଙ୍କ ପ୍ୟାରିସ୍ ଆଶ୍ରମର ବୈଠକ ଘରେ ଭେଟିଲା ସେତେବେଳେ ସେଠାରେ ସେ ପ୍ରଶାନ୍ତିନିଳୟମ୍‌ର ଭଜନ ଟେପ୍ ରେକର୍ଡରରେ ବାଜୁଥିବାର ଶୁଣିଥିଲା । ଆମେ ଦୁହେଁ ପୁଣି ସେଇ ଗୋଟିଏ ଛାତ ତଳକୁ ଆସିଗଲୁ ।

ପ୍ରଭୁ ସତ୍ୟସାଇଙ୍କ ପାଖରେ ଆଣି ପହଞ୍ଚାଇ ଦେଇଥିବାରୁ ଶ୍ରୀ ରାମକୃଷ୍ଣଙ୍କ ପ୍ରତି ମୋର କୃତଜ୍ଞତା ଅସୀମ । ମୁଁ ବାବାଙ୍କୁ ଯେତିକି ଅଧିକ ଦର୍ଶନ କରେ, ତାଙ୍କ ବାଣୀ ଶ୍ରବଣ କରେ ଓ ଭକ୍ତମାନଙ୍କ ଗହଣରେ ଯେତିକି ଅଧିକ ସମୟ କାଟେ, ମୋର ଆନନ୍ଦ ସେତିକି ବଢିଥାଏ । ମୋର ପୁରୁଣା ସହକର୍ମୀମାନେ ବେଳେ ବେଳେ ଦୁଃଖ କରି କହିଥାନ୍ତି ଯେ ଦିନେ ଯେଉଁ ଭାଷାକୁ ମୁଁ ଏତେ ଭଲ ପାଉଥିଲି ତାକୁ ପରିତ୍ୟାଗ କରିଛି ଓ ଦିନେ ଯେଉଁ ହାସ୍ୟରସ ମୋ ଭିତରେ ଉଜାଣି ବହୁଥିଲା, ଆଜି ତାହା ଶୁଖିଲା ପଡିଛି । ମାତ୍ର ସେମାନେ ଜାଣନ୍ତି ନାହିଁ ହୃଦୟକୁ ଭରି ଦେଉଥିବା ଭାଷା; ଆଉ ମଣିଷଜାତିର ଆଶା, ଅଭୀପ୍‌ସା, ଅଶ୍ରୁ ପ୍ରତି ସମ୍ବୋଦନଶୀଳତାରୁ ଜାତ ଶାନ୍ତି ଓ ସହନଶୀଳତାର ଆନନ୍ଦ ।

ଆଠବର୍ଷ ପରେ ସତ୍ୟଂ ଶିବଂ ସୁନ୍ଦରଂର ଦ୍ୱିତୀୟ ଭାଗ ଛପା ହୋଇଥିଲା । ମୋତେ ପଞ୍ଚସ୍ତରୀ ବର୍ଷ ବୟସ ହେଲା ବେଳକୁ ଏହାର ୩ୟ ଭାଗ ଲେଖା ସରିଥିଲା, ଆଉ ୪ର୍ଥ ଭାଗ ଛପାହେଲା ଏହାର ଦଶବର୍ଷ ପରେ । ସେତେବେଳେ ଏହାର ପୃଷ୍ଠାରେ ମୁଁ ସ୍ୱୀକାରୋକ୍ତି ଲେଖିଥିଲି: " ସାଇ ଅବତାରଙ୍କ ମହିମାର କ୍ରମ-ବର୍ଦ୍ଧମାନ ପ୍ରକାଶ ସାଙ୍ଗରେ ତାଳ ଦେଇ କଲମ ଚାଲୁ ରଖିବା ଅସମ୍ଭବ ହୋଇ ଉଠିଛି । ଏହି ସର୍ବଶକ୍ତିମାନ୍ ପ୍ରେମସ୍ୱରୂପଙ୍କ ସନ୍ନିଧିରୁ ପ୍ରାପ୍ତ ଅତ୍ୟଧିକ ଆନନ୍ଦ ଆମକୁ ନିର୍ବାକ୍ କରିଦିଏ । ତାଙ୍କର ସର୍ବମୟ ମହାଶକ୍ତି ଆମକୁ ମୂକ କରିଦିଏ, ଆମର କ୍ଷୁଦ୍ରତା ସମ୍ପର୍କରେ ଆମକୁ ସଚେତନ କରିଦିଏ । ଏହା ସତ୍ତ୍ୱେ ତାଙ୍କର ଦୈବତ୍ୱ ଆମକୁ ଆକୃଷ୍ଟ କରେ, ଏବଂ ଶାନ୍ତ, ଅଶାନ୍ତ ଉଭୟ ପ୍ରକାରର ଲୋକଙ୍କୁ ସେ ନିଜ ଆଡକୁ ଟାଣି ଆଣନ୍ତି ନିଜର ନିରାପଦ ବାହୁଛାୟା ତଳେ ଆଶ୍ରୟ ଦେବାପାଇଁ ।

❖

ଚଳନ୍ତା ପ୍ରେମ

ଆରିଜୋନା ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସର୍ ବାବାଙ୍କୁ ଚଳନ୍ତା ପ୍ରେମ ବୋଲି ବର୍ଣ୍ଣନା କରିଥିଲେ। ସେ ବସନ୍ତୁ ବା ଚାଲନ୍ତୁ, କଥା କହନ୍ତୁ ବା ଚୁପ୍ ରହନ୍ତୁ, ବାବା ସବୁବେଳେ, ସବୁଠାରେ, ସମସ୍ତଙ୍କ ପାଇଁ ପୂର୍ଣ୍ଣ ପ୍ରେମସ୍ୱରୂପ। ତାଙ୍କର ପ୍ରେମ ଏପରି ଅନ୍ତର୍ଭେଦୀ ଯେ ଆମ କଥାରେ ସାମାନ୍ୟ ବ୍ୟାକରଣ ଅଶୁଦ୍ଧି, ସାମାନ୍ୟ ବାଗାଡ଼ମ୍ବର କିମ୍ବା ଆମ ଆଚରଣରେ ସାମାନ୍ୟତମ ଅହଂକାର ବି ତାଙ୍କ ଆଖିରୁ ବାଦ୍ ଯାଏନା। ତାଙ୍କ ସନ୍ନିଧିରେ ଘଣ୍ଟାଏ ରହିବା ଅର୍ଥ ସଦାଚାର, ସାମାଜିକ ଭଦ୍ରତା ଏବଂ ଆଧ୍ୟାତ୍ମିକ ସାଧନା ବିଧି ସମ୍ପର୍କରେ ବହୁ କଥା ଶିଖିବା। ମୋର ତେଲୁଗୁ ଭାଷାକୁ ବାବା ଆଜିଯାଏ କଟାକଟି କରି ମାର୍ଜିତ କରୁଛନ୍ତି। ଆଉ ମୋର ଇଂରାଜୀ ଭାଷା ମଧ୍ୟ ତଦ୍ରୂପ। ସେ ଅନେକଥର ଲକ୍ଷ୍ୟ କରିଛନ୍ତି ଯେ କେହି ହାତ ଯୋଡି ମତେ ନମସ୍ତେ କହିଲେ ମୁଁ ସେହିପରି ପ୍ରତି ନମସ୍କାର ଜଣାଉ ନାହିଁ। ଜଣେ କେହି ଧୈର୍ଯ୍ୟଶୀଳ ଶ୍ରୋତା ପାଇଲେ ମୁଁ ଯେପରି ଦୀର୍ଘ ସମୟ ଧରି ତାକୁ ମୋ କଥା ଶୁଣାଇ ଚାଲେ ସେ କଥା ବାବାଙ୍କ ଆଖିରୁ ଲୁଚିଯାଇ ନାହିଁ, କିମ୍ବା ଏଥିପାଇଁ ତାଙ୍କ ତିରସ୍କାରରୁ ମୁଁ ରକ୍ଷା ପାଇ ନାହିଁ। ମୁଁ ଯେତେବେଳେ ବସିଲାବେଳେ ଆଗକୁ ଝୁଙ୍କି ପଡେ, ସିଧାହୋଇ ବସିବା ପାଇଁ ମୋତେ ଆଦେଶ ମିଳେ। ମୋ ପୋଷାକ ପତ୍ର ମଧ୍ୟ ସେ ଲକ୍ଷ୍ୟ କରନ୍ତି, ଆଉ କହନ୍ତି ଧୋତି ଓ ସାର୍ଟ ଉଭୟ ସମାନ ଭାବରେ ଶୁଭ୍ର ରହିବା ଦରକାର। ଏପର୍ଯ୍ୟନ୍ତ ମୋର ଧୋତିପିନ୍ଧା ତାଙ୍କ ମନକୁ ପାଉନାହିଁ। ସେ ମୋତେ ୫୪ଇଞ୍ଚ ଚଉଡ଼ା ଦଶହାତି କଲିକତି ଧୋତି ଦେଲେ ମଧ୍ୟ ତାଙ୍କୁ ସନ୍ତୁଷ୍ଟ କଲାଭଳି ମୁଁ ତାକୁ ଏଯାଏ ପିନ୍ଧି ପାରିନି। ଧୋତି କିପରି ଠିକ୍ ଭାବରେ ପିନ୍ଧିବାକୁ ହେବ ସେ ସମ୍ପର୍କରେ ଶାସ୍ତ୍ରରେ କ'ଣ ଲେଖା ଅଛି ତାହା ସେ ଉଦ୍ଧାର କରିଥାନ୍ତି। ଶାସ୍ତ୍ରରେ ଅଛି ଯେ ଜଣେ ବ୍ରାହ୍ମଣ ଏପରି ଭାବରେ ଧୋତି ପିନ୍ଧିବା ଦରକାର ଯେପରି ଗୋଡ଼ର ପେଣ୍ଡା ଦିଶିବ ନାହିଁ। ମାତ୍ର ମୋର ପେଣ୍ଡାମାନେ ଏପରି ଅବାଧ୍ୟ ଓ ଅଦମ୍ୟ ଯେ ସେମାନେ ବରାବର ନିଜକୁ ଦେଖାଇ ହେବାକୁ ଚାହାନ୍ତି! ଶେଷରେ ନିରାଶ ହୋଇ ଭାବିଲି ଏମାନଙ୍କୁ ଘୋଡାଇ ରଖିବାକୁ ପୂରାପ୍ୟାଣ୍ଟ ପିନ୍ଧିବି। ମାତ୍ର ଅଧା ବୟସରେ ଆଉ ବେଶ ବଦଳାଇବା ବାବା ପସନ୍ଦ କରନ୍ତି ନାହିଁ। ସେ କହନ୍ତି, "ନିଜ ସଂସ୍କୃତି ପ୍ରତି ଶ୍ରଦ୍ଧା ଓ ଆଗ୍ରହର ସଂକେତ ରୂପେ ଏକ ନିର୍ଦ୍ଦିଷ୍ଟ ପରିଚ୍ଛଦ ପ୍ରତି ଅଭ୍ୟସ୍ତ ହୋଇସାରିଲା ପରେ ପୁଣି ଖିଆଲ ବଦଳିଲେ ତାକୁ ବଦଳାଇବା ଉଚିତ ନୁହେଁ।"

କଥାର ଢଙ୍ଗ ସମ୍ପର୍କରେ ମୁଁ ଅବଶ୍ୟ ମାନିଯିବି ଯେ ଇଂରାଜୀ 'ଇଡିଅଟ୍' ବା 'ନିର୍ବୋଧ' ଶବ୍ଦଟି ସ୍କୁଲ ଜୀବନରୁ ମୋ ଜିଭ ଅଗରେ ବସା ବାନ୍ଧି ରହିଛି। କାରଣ ମୋର ପ୍ରିୟ ଶିକ୍ଷକ

ଶ୍ରୀଯୁକ୍ତ ଏନ୍. ଆର୍.ସୁବ୍ବା ଆୟାର ଏ ଶବ୍ଦଟିକୁ ଯଥେଚ୍ଛା ପ୍ରୟୋଗ କରୁଥିଲେ। ଆଉ ତାଙ୍କ ପ୍ରଭାବ ମୋ ଉପରେ ଅବଶ୍ୟ ପଡିଥିଲା। ଫଳରେ ମୋର ନାପସନ୍ଦ ହେଲାଭଳି ଘଟଣା ଘଟିବା ମାତ୍ରେ ଏ ଶବ୍ଦଟି ମୋ ପାଟିରୁ ବାହାରି ପଡୁଥିଲା। ଅନେକେ ଭାବୁଥିଲେ ଏହା ମୋର ଅହମିକା ଓ ଅନ୍ୟକୁ ହେୟ ମନେ କରିବାର ମନୋଭାବର ଏକ ଚିହ୍ନ। ଏହି ଶବ୍ଦର ବ୍ୟବହାର ସେଥିପାଇଁ ସେମାନଙ୍କୁ କଷ୍ଟ ଦେଉଥିଲା। ବାସ୍ତବରେ ଅନ୍ୟକୁ ଆହତ କରିବା ପାଇଁ ଏ ଶବ୍ଦଟିକୁ ମୁଁ ବ୍ୟବହାର କରୁ ନ ଥିଲି। ମନକୁ ମନ ମୋ ପାଟିରୁ ଏହା ବାହାରି ପଡୁଥିଲା।ଏହା ବ୍ୟଙ୍ଗ ନ ଥିଲେ ମଧ୍ୟ ଶୁଣିବା ଲୋକଙ୍କୁ ବ୍ୟଙ୍ଗ ପରି ଲାଗୁଥିଲା। ମୋଠାରୁ ଏ ଭୂତ ଛଡ଼ାଇବା ପାଇଁ ବାବା ମତେ ଦିନେ କଠୋର ତିରସ୍କାର କରି କହିଲେ, "ଦେଖ୍, ଜାଣତରେ ହେଉ କିମ୍ବା ଅଜାଣତରେ ହେଉ, ଅନ୍ୟର ଆତ୍ମସମ୍ମାନକୁ ଆହତ କରିବା ଆଦୌ ଉଚିତ ନୁହେଁ।" ତାଙ୍କ ଅନୁଗ୍ରହରୁ ଏବେ ସେ ଶବ୍ଦଟି ମୋତେ ତ୍ୟାଗ କରି ଚାଲିଗଲାଣି। ବାବା କେବଳ ସ୍ନେହ କରନ୍ତି ନାହିଁ, ସେ ଆମର ଯତ୍ନ ନିଅନ୍ତି ମଧ୍ୟ।

ବାବା କହନ୍ତି ସାଧନା ଏକ ସାରା ଦିନବ୍ୟାପୀ, ସାରା ଜୀବନବ୍ୟାପୀ ପ୍ରଚେଷ୍ଟା। ଏଥିରେ ତରତର ହେବା କିମ୍ବା ଆଳସ୍ୟବଶ ହେବା ଉଚିତ ନୁହେଁ। ଶ୍ୱାସପ୍ରଶ୍ୱାସରେ ସବୁବେଳେ ଅଖଣ୍ଡ ଭାବରେ ସୋଽହଂ ସ୍ମରଣ କରୁଥିବା ଆବଶ୍ୟକ। ଆଖି ଆଗରେ, ବର୍ତ୍ତମାନ ହାତରେ ଯେଉଁ କାମ ଅଛି ତା ଉପରେ ଲକ୍ଷ୍ୟ ସ୍ଥିର ରଖି, ଅତୀତ ପାଇଁ ଦୁଃଖ ନ କରି ଏବଂ ଭବିଷ୍ୟତ ପାଇଁ ଚିନ୍ତିତ ନ ହୋଇ ଆଗେଇ ଚାଲିବା ଉଚିତ। ଅନ୍ୟର ମନରେ ଦୁଃଖ ଜାତ ହେଲାଭଳି ଅନ୍ୟର ଅପମାନ ହେଲାଭଳି ପଦେ କଥା ବି ଯେପରି ମୁହଁରୁ ନ ବାହାରିବ ସେଥିପ୍ରତି ଅତ୍ୟନ୍ତ ସତର୍କ ରହିବା ଉଚିତ।

ଥରେ ଆମେ ବାବାଙ୍କ ସହିତ ଯାଇଥିଲାବେଳେ ଗୋଟିଏ ଜାଗାରେ ଜଣକ ଘରେ ଅତିଥି ହୋଇଥିଲୁ। ମଧ୍ୟାହ୍ନ ଭୋଜନରେ ପ୍ରାୟ ଘଣ୍ଟାଏ ଆଗରୁ ଆମ ଭିତରୁ ଜଣେ ଚହ୍ଲା ଗ୍ଲାସଟିଏ ମାଗିଲେ। ପ୍ରାୟ ପନ୍ଦର ମିନିଟ୍ ପରେ ତାଙ୍କୁ ଚହ୍ଲା ଗ୍ଲାସଟି ମିଳିଲା। ଚାଗ ଖୁବ୍ ଗରମ ଓ ଶୁଖିଲା ଥିବାରୁ ତାଙ୍କୁ ଶୋଷ ଲାଗୁଥିଲା। କିଛି ସମୟ ପରେ ବାବା ବୁଲଚାଲ ହୋଇ ସେ ଘରକୁ ଆସି ଦେଖିଲେ ଗୋଟିଏ ଖାଲି ଗ୍ଲାସ ଝରକା ଦାଢରେ ଥୁଆ ହୋଇଛି। ସେ ପଚାରି ଜାଣିଲେ ଆମ ଭିତରୁ ଜଣେ ଚହ୍ଲା ଗିଲାସେ ପିଇବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏହା ଶୁଣୁ ଶୁଣୁ ବାବା ଖୁବ୍ ରାଗିଗଲେ ଓ ଆମେ ଅତିଥି ଭାବରେ ଗୃହସ୍ଥଙ୍କୁ ଅଯଥା ଅସୁବିଧାରେ ପକାଇଥିବାରୁ ଆମକୁ ଖୁବ୍ ଗାଳି କଲେ। ଆମକୁ ଯାହା ଦିଆଯାଉଛି ସେତିକିରେ ସନ୍ତୁଷ୍ଟ

ରହି ଲାଳସାଗୁଡିକୁ ପେଡ଼ିରେ ରଖିଦେବାକୁ ଉପଦେଶ ଦେଇ ବାବା ଖାଇବା ପିଇବା ସମ୍ବନ୍ଧରେ ଭଦ୍ର ଆଚରଣ କ'ଣ ତାହା ବୁଝାଇଥିଲେ। ସବୁ ସମୟରେ ସବୁମନ୍ତେ ସଂଯମ ଆଚରଣ ବିଧେୟ। ସେଥିପାଇଁ ଦ୍ୱିତୀୟ ଥର ମାଗି ଖାଇବା ମଧ୍ୟ ସ୍ପୃହଣୀୟ ନୁହେଁ ବୋଲି ବାବା କହିଥିଲେ। ଘଟଣାଟି ସାମାନ୍ୟ ହେଲେ ବି ବାବା ଏହାକୁ ଅସାମାନ୍ୟ କରିଦେଇଥିଲେ ଆମକୁ ଇନ୍ଦ୍ରିୟ ସଂଯମର ଆବଶ୍ୟକତା ଓ ମାର୍ଗ ସମ୍ପର୍କରେ ସଦୁପଦେଶ ପ୍ରଦାନ କରି।

ବାବା ବାହାରକୁ ଗଲାବେଳେ ଆମକୁ ଯଦି ସାଙ୍ଗରେ ନେବାପାଇଁ ଡାକନ୍ତି ତେବେ ଆମେ ନିଜକୁ ବଡ ଭାଗ୍ୟବାନ୍ ମଣୁଥିଲୁ। କାରଣ ଏ ଅବସରରେ ବାବା ଦୈନନ୍ଦିନ ଆଚରଣ ମଧ୍ୟରେ ସାଧନା ପ୍ରଣାଳୀ ସମ୍ପର୍କରେ ଆମକୁ ଅନେକ ଶିକ୍ଷା ଦିଅନ୍ତି। ଆମକୁ କିପରି ବିନୟ ପ୍ରକାଶ କରିବାକୁ ହେବ, ନୀରବ ରହିବାକୁ ହେବ, ଶାନ୍ତ ଓ ସନ୍ତୁଷ୍ଟ ତଥା ସରଳ ହେବାକୁ ପଡିବ ତାହା ବାବା ଆମକୁ ପ୍ରତି ପଦକ୍ଷେପରେ ଶିକ୍ଷା ଦିଅନ୍ତି। ଆମକୁ ସବୁବେଳେ ପ୍ରସ୍ତୁତ ହୋଇ ରହିବାକୁ ପଡ଼େ। କାରଣ ବାବା ହଠାତ୍ କହିବେ, ଚାଲ ଅମୁକ ସ୍କୁଲକୁ ଯିବା, କିମ୍ବା ଭକ୍ତମାନଙ୍କୁ ଭଜନ କରୁଥିବାବେଳେ ନଇବାଲିରେ ବା ସମୁଦ୍ର କୂଳରେ ଭେଟିବା। ତାଙ୍କର କାର୍ଯ୍ୟକ୍ରମ ଏପରି ଆକସ୍ମିକ ଥାଏ ଯେ ଆମକୁ ତତ୍କ୍ଷଣାତ୍ ଅନୁସରଣ କରିବାକୁ ପଡେ, ଗହଳି ଭିତରେ ଭିଡ଼ ଠେଲି ତାଙ୍କ ଚଉକି ପାଖରେ, ପଛରେ ମଣ୍ଡପ ଉପରେ ନିଜ ନିଜର ସ୍ଥାନ ବାଛି ନେବାକୁ ପଡେ। ଭଜନ ପରେ ତାଙ୍କ ସମ୍ଭାଷଣ ଚାଲିଥିଲାବେଳେ ଆମକୁ ତାଙ୍କ ଆଖିକୁ ଚାହିଁ ରହିବାକୁ ପଡେ, କାରଣ ଶେଷ ହେବା ଆଗରୁ ଆମକୁ ସେ ଟିକିଏ ଆଖିଠାର ମାରି ଜଣାଇ ଦିଅନ୍ତି ଯେ ଆମେ ସଙ୍ଗେ ସଙ୍ଗେ ଯାଇ ଆଗରୁ କାର୍‌ମାନଙ୍କରେ ବସିଯିବା ଦରକାର, ଫଳରେ ସେ ବସିବା ମାତ୍ରେ ଗାଡି ଚାଲିବା ଆରମ୍ଭ କରିବ। ନଚେତ୍ ପୁଣି ଦର୍ଶନ ପାଇଁ ଲୋକେ ଗାଡିକୁ ଘେରିଯିବେ। ବେଳେବେଳେ ଲୋକେ ତାଙ୍କୁ ଏପରି ଘେରି ଯାଆନ୍ତି ଯେ, ଉଦ୍‌ବେଳ ଜନତା ମଧ୍ୟରେ ବାଟ କରି ଯିବା ତାଙ୍କ ପକ୍ଷରେ କଷ୍ଟକର ହୋଇଯାଏ। ଯଦି ଲୋକସମାଗମ ଅସମ୍ଭାଳ ହୋଇପଡେ, ତେବେ ବାବାଙ୍କ ନିଜ ଗାଡି ଓ ତାଙ୍କ ଦଳର ଅନ୍ୟସବୁ ଗାଡି ମୁଖ୍ୟ ଦ୍ୱାରରେ ଜମା ହେଇଥିବାବେଳେ ବାବା ଅନ୍ୟ ଗୋଟିଏ ସାଧାରଣ ଗାଡିରେ ଅନ୍ୟ ବାଟରେ ବାହାରି ଯାଆନ୍ତି। ବାବା ଯେତେବେଳେ ଜାତୀୟ ରାଜପଥମାନଙ୍କରେ ଗୋଟିଏ ଦଳରେ ଯାଆନ୍ତି, ସେତେବେଳେ ମଧ୍ୟ ସେଇ କୌଶଳ ଅବଲମ୍ବନ କରାଯାଏ। ବାବା ଆଗ ଗାଡିଟିରେ ବସିଥାନ୍ତି। ସାଧାରଣତଃ ସାମନାର ଗାଡିଟି ପାଇଲଟ୍ ଗାଡି ଥିବାରୁ ତାକୁ କେହି ଭଲ କରି ନଜର ପକାନ୍ତି ନାହିଁ। ଫଳରେ ବାବା ବ୍ୟବହାର

କରୁଥିବା ଦ୍ୱିତୀୟ ଗାଡିଟି ନିରାପଦରେ ଓ ନିର୍ବିଘ୍ନରେ ଖସିଯାଏ । ପରିଚିତ ରେଜିଷ୍ଟ୍ରେସନ୍ ନମ୍ବର ଥିବା ପରିଚିତ ଗାଡିଟି ଭିତରକୁ ଲୋକେ ଉଙ୍କି ମାରନ୍ତି । ସେତେବେଳକୁ କିନ୍ତୁ ଆଗ ଗାଡିଟିରେ ବାବା ଛୁ କରିଥାନ୍ତି ! ବାବାଙ୍କୁ ତାଙ୍କ ଗାଡି ଭିତରେ ନ ଦେଖି ଲୋକେ ଆପଣାକୁ ନିନ୍ଦି ଘରକୁ ଫେରନ୍ତି । ଅନ୍ତତଃ ଆଗରେ ଥିବା ଗାଁରେ ବାବାଙ୍କର ସମ୍ଭାଷଣ ଶୁଣିବାକୁ ଆଗରୁ କାହିଁକି ନ ଗଲୁ ବିଚାରି ମୁଣ୍ଡ କୋଡି ହୁଅନ୍ତି । ମାତ୍ର ବାବା ଯଦି ଦେଖନ୍ତି ଲୋକେ ରାସ୍ତାକଡ଼ରେ ଭକ୍ତି ଓ ଶୃଙ୍ଖଳାର ସହ ତାଙ୍କୁ ଅପେକ୍ଷା କରି ବସିଛନ୍ତି, ତାଙ୍କ ଗାଡିର ଗତି ବନ୍ଦ ହୋଇଯାଏ । ବେଳେବେଳେ ଲୋକଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ସେ ଗାଡିରୁ ଓହ୍ଲାଇ ପଡ଼ନ୍ତି ମଧ୍ୟ । ଯଦି ଲୋକେ ନିୟମ ଅନୁସାରେ ସ୍ତ୍ରୀ-ପୁରୁଷ ଅଲଗା ଧାଡ଼ିରେ ବସିଥିବେ, ଧାଡି ଭିତରେ ଖୋଲା ରାସ୍ତା ଥିବ, ତେବେ ଉଭୟ ଧାଡି ମଝିରେ ଚାଲି ସେ ଭକ୍ତମାନଙ୍କର ଆନନ୍ଦ ବର୍ଦ୍ଧନ କରିଥାନ୍ତି । ତାଙ୍କର ସ୍ମିତହାସ ଓ କଲ୍ୟାଣହସ୍ତର ପ୍ରାଣବନ୍ତ ସ୍ମୃତି ଧରି ଲୋକେ ବିହ୍ୱଳ ଭାବରେ ଘରକୁ ଫେରନ୍ତି । ଅବଶ୍ୟ ବାବାଙ୍କ ହାତରେ ସମୟ ଥିଲେ ଅପେକ୍ଷମାଣ ଭକ୍ତମାନଙ୍କୁ ଏ ଅନୁଗ୍ରହ ମିଳିଥାଏ । ଅବତାରଙ୍କର ଯାତ୍ରା କନ୍ୟାକୁମାରୀରୁ ମାଡ୍ରାସ୍ ହେଉ, ଚଣ୍ଡିଗଡ଼ରୁ ସିମ୍ଲା ହେଉ, ଜାମ୍ମୁରୁ ଶ୍ରୀନଗର ହେଉ, ବିଜୟୱାଡାରୁ ରାଜମହେନ୍ଦ୍ରୀ ହେଉ, କିମ୍ବା କୋଇମ୍ବାଟୁରରୁ ତ୍ରିଭାନ୍ଦ୍ରମ୍ ହେଉ, ଆକୁଳତା ଓ ଅନୁଗ୍ରହର ଏହି କାହାଣୀ ହିଁ ପୁନଃ ପୁନଃ ଘଟିଥାଏ । ଏହି ବିଶ୍ୱବ୍ୟାପକ ଚୁମ୍ବକ ନର, ନାରୀ, ବାଳକ , ବାଳିକା ସମସ୍ତଙ୍କୁ ଜାତି-ଧର୍ମ ନିର୍ବିଶେଷରେ କୁଡିଆମାନଙ୍କରୁ, ରାଜପ୍ରାସାଦରୁ, କଳକାରଖାନାରୁ, ସ୍କୁଲ-କଲେଜରୁ-ଅଫିସ୍ ଓ କ୍ଷେତବାଡିରୁ ହଜାର ହଜାର ସଂଖ୍ୟାରେ ଆକର୍ଷଣ କରି ଆଣନ୍ତି । ଯେଉଁ ଶ୍ରୀମୁଖ ଦର୍ଶନ ମାତ୍ରକେ ବନ୍ଧନ ଖୋଲିଯିବ, ସଂସାର ଭୟ ଦୂର ହୋଇଯିବ, ଦୁଃଖ-ଶୋକ ମିଳେଇ ଯିବ, ତାର ଦର୍ଶନ ପାଇଁ କିଏ ବା ପାଗଳ ହୋଇ ନ ଉଠିବ !

ଯାତ୍ରାପଥ ଦୀର୍ଘ ହେଉ ବା ନାତିଦୀର୍ଘ ହେଉ, ବାବାଙ୍କ ସାଙ୍ଗରେ ଗୋଟିଏ ଗାଡ଼ିରେ ଯାତ୍ରା କରିବା ଅର୍ଥ ଦିବ୍ୟାନନ୍ଦର ଚିରସ୍ରୋତା ନଦୀ ଜଳରେ ବୁଡି ରହିବା । ଏକୁଟିଆ ବା ଜଣେ ଦୁଇଜଣଙ୍କ ସହ ଗାଡ଼ିରେ ଯିବାକୁ ବାବାଙ୍କୁ ଭଲ ଲାଗେନା । ବାବା ପ୍ରଶାନ୍ତିନିଳୟମ୍‌ରେ ଦୁଃଖାଶ୍ରୁ ପୋଛୁଥିବା ସମାଗତ ଭକ୍ତମାନଙ୍କୁ ହାତ ହଲାଇ ବିଦାୟ ଜଣାଇ ଯେତେବେଳେ ଗାଡ଼ିରେ ବସନ୍ତି ସେତେବେଳେ ତାଙ୍କ ସହିତ ଜଣେ ବା ଦୁଇଜଣ ଗାଡ଼ିରେ ଥାଆନ୍ତି । ବାବାଙ୍କୁ ଗାଡ଼ିରେ ବି ଲୋକେ ଘେରି ବସିଥିବାର ଦେଖିଲେ ଅଧିକ ଭାବପ୍ରବଣ ଓ ଦୁର୍ବଳ ବୁଝାମଣା ଥିବା ଭକ୍ତମାନେ ହୁଏତ ମନଦୁଃଖ କରିବେ । ତେଣୁ ଗାଡି ପ୍ରଶାନ୍ତିନିଳୟମ୍ ଛାଡ଼ିଲାବେଳେ

ଖାଲି ଖାଲି ଦିଶୁଥିଲେ ବି ତାଙ୍କ ସହ ବସି ଯିବାପାଇଁ ବଛା ଯାଇଥିବା ଭାଗ୍ୟବାନ୍ ଭକ୍ତମାନେ ଆଗରୁ ଚାଲିଯାଇ ଦୂରରେ ଅପେକ୍ଷା କରି ରହିଥାନ୍ତି। ଆଉ ବାଟରେ ବାବାଙ୍କ ଗାଡ଼ିର ଖାଲି ସ୍ଥାନସବୁ ଭର୍ତ୍ତି ହେଇଯାଏ। ଫେରିଲାବେଳେ ମଧ୍ୟ ସେଇ କୌଶଳ ଅବଲମ୍ବନ କରାଯାଇଥାଏ। ମନ୍ଦିର ପ୍ରାଙ୍ଗଣରେ ଅପେକ୍ଷମାଣ ଭକ୍ତଙ୍କ ସାମ୍ନାରେ ଗାଡ଼ିରୁ ଓହ୍ଲାଇଥାନ୍ତି କେବଳ ବାବା; ଯେଉଁମାନେ ବାବାଙ୍କ ଗାଡ଼ିରେ ବସି ଆସୁଥିଲେ, ସେମାନେ ଆଗରୁ ବାଟରେ ଓହ୍ଲାଇ ପଡ଼ିଥିବାରୁ ସେମାନଙ୍କୁ ଦେଖିବା ଭକ୍ତମାନଙ୍କ ପକ୍ଷରେ ଆଉ ସମ୍ଭବ ହୁଏ ନାହିଁ।

ମାତ୍ର ଗାଡ଼ି ଭିତରେ ବାବାଙ୍କ ସହ ବସିଥିଲାବେଳେ ବ୍ୟକ୍ତିଗତ ସମସ୍ୟା କଥା ଉଠାଇବାକୁ ବାବା କାହାରିକୁ ସୁଯୋଗ ଦିଅନ୍ତି ନାହିଁ। ସାଧନା ସମ୍ପର୍କୀୟ କଥା ଓ ସାଧନା-ସମସ୍ୟାର ସମାଧାନ ହିଁ ସେଠାରେ ଆଲୋଚିତ ହୋଇଥାଏ। ଥରେ ବାବାଙ୍କ ଉପସ୍ଥିତିରେ ୨୦ ମାଇଲ୍‌ରୁ ଅଧିକ ବାଟ ଯାଏ ଗାଡ଼ିରେ କର୍ମସିଦ୍ଧାନ୍ତ ସମ୍ପର୍କରେ ଆଲୋଚନା ଚାଲିଥିଲା। ବାବା କହିଥିଲେ କର୍ମସିଦ୍ଧାନ୍ତ ଗୋଟିଏ ଅଲଂଘନୀୟ ବିଧାନ ନୁହେଁ; ତାହା ହୋଇଥିଲେ ଏଥିରେ ଅନୁଗ୍ରହ ହସ୍ତକ୍ଷେପ କରନ୍ତା କାହିଁକି ? ସେ କହିଲେ, "ଅନୁଗ୍ରହ କର୍ମଫଳର ପ୍ରଭାବ ହ୍ରାସ କରିଦିଏ ଏବଂ ଆନନ୍ଦପ୍ରାପ୍ତି ବର୍ଦ୍ଧନ କରିଥାଏ। ଜ୍ଞାନ କର୍ମପାହାରର ଯନ୍ତ୍ରଣା କମାଇ ଦେଇଥାଏ। ବନ୍ଧୁକରୁ ଖସିଯାଇଥିବା ଗୁଳିକୁ ବନ୍ଧୁକ ଭିତରକୁ ଫେରାଇ ଆଣିବା ଆଉ ସମ୍ଭବ ନ ହେଲେ ମଧ୍ୟ ତୁମେ ବନ୍ଧୁକ ଫୁଟାଇବାରୁ ତ ବିରତ ହୋଇପାରିବ, ଆଉ ବିନାଶରୁ ଉଦ୍ଧାର ପାଇପାରିବ। ଦୁଷ୍କର୍ମ ପାଇଁ ଅନୁତାପ କର, ତାହାହେଲେ ମନ ନିର୍ମଳ ହୋଇଯିବ।" ଆଉ ଦିନେ ଗାଡ଼ିରେ ବସିଥିବା ସମସ୍ତଙ୍କୁ ସେ ଭକ୍ତି କ'ଣ ବୋଲି ପଚାରିଲେ। ସମସ୍ତେ ନିଜ ନିଜର ମତ ଦେଇସାରିବା ପରେ ବାବା ପଦେ କଥାରେ ଭକ୍ତି କ'ଣ କହିଦେଲେ: "ତୁମେ ଯେତେବେଳେ ବିଭକ୍ତିରୁ ମୁକ୍ତ ହେବ, ସେତେବେଳେ ଭକ୍ତି ଜାତ ହୁଏ।" ଏକଥା ବୁଝାଇବାକୁ ଯାଇ ବାବା କହିଲେ, "ଜୀବନ୍ତ ଓ ଜଡ଼ ଉଭୟ ପ୍ରତି ପ୍ରେମ ଭାବ ପୋଷଣ ନ କରି ତୁମେ ଭଗବତ୍ ପ୍ରେମ ଲାଭ କରିପାରିବ ନାହିଁ।" ଜଣେ କେହି ପଚାରିଲେ, "ସ୍ୱାମୀ, ଗୀତାରେ କୁହାଯାଇଛି ଯେ ଯିଏ ଅନ୍ୟ କୌଣସି ଭାବନାକୁ ପ୍ରଶ୍ରୟ ନ ଦେଇ କେବଳ ଈଶ୍ୱର ଚିନ୍ତା କରେ ଈଶ୍ୱର ତାର ଯୋଗକ୍ଷେମ ବହନ କରନ୍ତି। ଏହାର ଅର୍ଥ କ'ଣ ମଣିଷକୁ ସବୁ କର୍ମ ଛାଡ଼ି କେବଳ ଈଶ୍ୱରଚିନ୍ତାରେ ବୁଡ଼ି ରହିବାକୁ ହେବ ?" ବାବା ଉତ୍ତର ଦେଲେ, "କୃଷ୍ଣ କହି ନାହାନ୍ତି ଅନ୍ୟ କାହାରି ଚିନ୍ତା ନ କରି କେବଳ ତାଙ୍କରି ଚିନ୍ତା କରିବାକୁ ହେବ। ସେ କହିଛନ୍ତି ମନରୁ 'ଅନ୍ୟ' ଭାବ ଛାଡ଼ିବାକୁ ହେବ। ବୁଝିବାକୁ ହେବ ଯେ 'ଅନ୍ୟ' ବୋଲି କିଛି ନାହିଁ। ସବୁ ଏକ, ଅଭିନ୍ନ। ତୁମେ

ଯେତେବେଳେ ମନରୁ ସମସ୍ତ 'ଅନ୍ୟ' ଭାବ ପରିହାର କରିବ, ପ୍ରେମମୟ ପରମାତ୍ମା ତୁମକୁ ନିଜର କରି ଭଲ ପାଇବେ।"

ବାବା ଯଦି ବେଳେ ବେଳେ ଦେଖନ୍ତି ଆପଣା ମନ ଭିତରକୁ ଚାହିଁ ଦେଖିବା ପାଇଁ କେହି ଅସମର୍ଥ, ତେବେ ସେ ଭଜନ ବରାଦ କରନ୍ତି। ପ୍ରତ୍ୟେକଙ୍କୁ ଗାଇବାକୁ ପଡେ - କେହି ଏଥିରୁ ଉଦ୍ଧାର ପାଇପାରନ୍ତି ନାହିଁ। ଗୀତ ଗାଇବାକୁ ଯଦି କାହାକୁ ଖୁବ୍ ବେଶୀ ସଙ୍କୋଚ ଲାଗେ, ତେବେ ତା ପାଇଁ ନିୟମ ଲଘୁ ହୋଇଯିବ- ଯେକୌଣସି ବୈଦିକ ମନ୍ତ୍ରକୁ ଖ୍ରୀଷ୍ଟପୂର୍ବ ପଞ୍ଚଦଶ ଶତାବ୍ଦୀ ଶୈଳୀରେ ବୋଲିଦେଲେ ମଧ୍ୟ ଚଳିଯିବ। ଥରେ କର୍ଣ୍ଣେଲ ଯୋଗା ରାଓ ଓ ଜି. ଭେଙ୍କଟେଶ୍ୱର ରାଓ ପୋତନା ଭାଗବତରୁ କେତେ ଧାଡ଼ି ବୋଲିଦେଇ ଖସି ଯାଇଥିଲେ। ଅନ୍ୟ ସମସ୍ତେ ଆଦେଶ ପାଳନ କରିସାରିଲା ପରେ ବାବା କିନ୍ତୁ ନିଜେ ଖସି ଯାଆନ୍ତି ନାହିଁ। ତେଣୁ ଆମକୁ ଗୀତ ବୋଲିବାକୁ ଆଦେଶ ମିଳିଲେ ଯାର ଶେଷ କଥାଟି ମନେରଖି ଆମେ ଆଗ୍ରହରେ କଣ୍ଠର କସରତ୍‌ରେ ଯୋଗ ଦେଉ। କାରଣ ଶେଷରେ, ଆମେ ଗନ୍ତବ୍ୟ ସ୍ଥଳର ପାଖାପାଖି ହେଲାଯାଏ ସେ ମଧୁର କଣ୍ଠରୁ ଯେଉଁ ଅପୂର୍ବ ସୁଧାମାଧୁରୀ ଝରି ଆସିବ, ତାର ତୁଳନା ନାହିଁ।

ବାବା ଥରେ ମୋତେ ବି ଗାଇବାକୁ କହିଲେ। ମୋ କାକ-କଣ୍ଠର କର୍କଶତା ଶୁଣିବାକୁ ମୋତେ ବି ଡର ଲାଗିଲା। ମାତ୍ର ବାବା ତ ତାହା ଶୁଣିବାକୁ ଚାହୁଁଛନ୍ତି, ମୁଁ ଆଉ କରିବି କ'ଣ ! ମୋତେ ଛାଡ଼ ଦେବା ପାଇଁ ସେ ଆଦୌ ପ୍ରସ୍ତୁତ ନ ଥିଲେ। ପ୍ରଥମଥର ଗଳା ସଫା କରି, କଣ୍ଠରୁ ଅଳନ୍ଧୁ ଝାଡି, କାଶି, ଛିଙ୍କି, ଗୁଣୁଗୁଣୁ ହୋଇ ଗାଇବାକୁ ଆରମ୍ଭ କଲି ବହୁବର୍ଷ ତଳେ ମୋତେ ମାତ୍ର ଦଶବର୍ଷ ହୋଇଥିଲାବେଳେ ଗାଁର ନାଚ ପାର୍ଟିରେ ବ୍ୟଙ୍ଗ-ଅଭିନେତାଠାରୁ ଶୁଣିଥିବା ଗୋଟିଏ ଅର୍ଦ୍ଧ-ଶ୍ଳୀଳ ଗୀତ ! ମୋ ଗୀତ ଶୁଣି ଗାଡିରେ ବସିଥିବା ଅନ୍ୟାନ୍ୟ ବନ୍ଧୁମାନେ ପାଟିରେ ହାତ ରଖି ଉଚ୍ଚହାସ୍ୟକୁ ବହୁ କଷ୍ଟରେ ରୋକି ରଖିଥିଲେ ମଧ୍ୟ ମୋ ପ୍ରଭୁ ମୋ ପିଠିରେ ହାତ ମାରି ମୋତେ ବାହାବା ଦେଇଥିଲେ ! ସେଇଦିନ ସିଦ୍ଧାନ୍ତ କଲି ଭବିଷ୍ୟତ ପାଇଁ ମୁଁ ଶ୍ରୀରାମଙ୍କ ଉପରେ ଗୋଟିଏ ଚାରିଧାଡିଆ ଭଜନ ଶିଖି ପ୍ରସ୍ତୁତ ହୋଇ ରହିବି। ମାତ୍ର ମୁଁ ଯେତେ ଅଭ୍ୟାସ କରି ପ୍ରସ୍ତୁତ ହୋଇ ରହିଲେ ମଧ୍ୟ ବାବାଙ୍କ ଆଦେଶରେ ମୋତେ ସେଇ ବ୍ୟଙ୍ଗ ଗୀତଟିକୁ ବହୁବାର ଗାଇବାକୁ ପଡିଥିଲା, କାରଣ ବାବା ତାକୁ ବେଶ୍ ଉପଭୋଗ କରୁଥିଲେ।

ଗାଡିରେ ଯାତ୍ରା କରୁଥିବାବେଳେ ବାବା ଅନେକ ସମୟରେ ପ୍ରକୃତିର ରଙ୍ଗପସରା ପ୍ରତି ଆମର ଦୃଷ୍ଟି ଆକର୍ଷଣ କରିଥାନ୍ତି। ସେ ଦେଖାଇ ଦେଇଥାନ୍ତି ପାହାଡ ପର୍ବତଗୁଡିକ

କିପରି ନୀଳରୁ ପାଣ୍ଡୁର, ପାଣ୍ଡୁରରୁ କଳା ପାଲଟି ଯାଉଛନ୍ତି, ମେଘମାନଙ୍କର ଧାଡ଼ିସବୁ କିପରି ବେଳେ ବେଳେ ରଜତ ଶୁଭ୍ର , ବେଳେ ବେଳେ ସ୍ୱର୍ଣ୍ଣାଭ ଦେଖାଯାଉଛି. ଚନ୍ଦ୍ରମଣ୍ଡଳ ମଧ୍ୟରେ ଚନ୍ଦ୍ର କିପରି ସୁନ୍ଦର ଦିଶୁଛି, ମଖମଲ ପରି ଚିକ୍‌କଣ ଅନ୍ଧାର ଆକାଶରେ ତାରାମାନେ ଝକ୍‌ଝକ୍ କରୁଛନ୍ତି, ଗାଡ଼ିର ହର୍ଣ୍ଣ ବାଜିଲେ ମେଣ୍ଢାପଲ କିପରି ଭୟରେ ଦୌଡ଼ି ପଳାଇ ଯାଉଛନ୍ତି, ଆଉ ପିଲାମାନେ ଆନନ୍ଦ କଳରୋଳ କରି କିପରି ସ୍କୁଲରୁ ଘରକୁ ଫେରୁଛନ୍ତି। ପ୍ରକୃତିର ଏ ଶୋଭାପସରା ଦେଖି ମୁଗ୍ଧ ହେଲାବେଳେ ଏସବୁର ଚିତ୍ରକରଙ୍କୁ ସ୍ମରଣ କରିବାକୁ ସେ ଆମକୁ ଉପଦେଶ ଦେଇଥାନ୍ତି। ବେଳେ ବେଳେ ଯଦି ଆମ ଭାଗ୍ୟ ତେଜ ଥାଏ, ଆଉ ତାଙ୍କର ମନ ଖୁସି ଥାଏ ବାବା ନିଜର ପିଲାଦିନ କଥା ଭାରି ଉତ୍ସାହର ସହ ବର୍ଣ୍ଣନା କରିଥାନ୍ତି। ତାଙ୍କର ବାଳ-ବାହିନୀ, ଗାଁର ମୁଖିଆ ଓ ଗୁରୁଜନମାନଙ୍କୁ ସରଳ ଜୀବନଯାପନ, ରୋଗୀର ସେବା, ଭ୍ରାତୃତ୍ୱ ଆଦି ସମ୍ପର୍କରେ ସାଧାରଣ ଶିକ୍ଷାଦେବା ଉଦ୍ଦେଶ୍ୟରେ ତାଙ୍କର ବ୍ୟଙ୍ଗ କବିତା ରଚନା ଶୁଣି ଆମେ ହସି ହସି ଗଡ଼ିଯାଉ। ଭଜନ କରି ସେ କିପରି କଲେରା ଠାକୁରାଣୀକୁ ଗାଁର ସୀମା ପାର କରାଇ ଦେଇଥିଲେ, ସ୍କୁଲର ସ୍କାଉଟ୍ ପିଲାଙ୍କୁ ନେଇ ଉରବକୋଣ୍ଡାର ହାଟ ଓ ଯାତ୍ରାମାନଙ୍କରେ ଚହଳ ପକାଇ ଦେଉଥିଲେ ସେ କଥା ମଧ୍ୟ ସେ ଭାରି ସୁନ୍ଦର ଭାବରେ ବର୍ଣ୍ଣନା କରନ୍ତି। ପ୍ରତିଥର ଏସବୁ କହିଲା ବେଳେ ନୂଆ ନୂଆ କଥା ବାହାରେ ଆମକୁ ସବୁ ମସ୍‌ଗୁଲ୍ କରି ରଖିବାକୁ।

ବେଳେ ବେଳେ ବାବା ଦୀର୍ଘ ସମୟ ଚୁପ୍‌ଚାପ୍ ହୋଇ ବସନ୍ତି। ଏସବୁ ଆମପାଇଁ ଥାଏ ନୀରବତା ସାଧନା କରିବାର ସମୟ। ଉଡ଼ାଜାହାଜରେ ଗଲାବେଳେ ସାଧାରଣତଃ ଏହା ଘଟିଥାଏ। ସେ ଯେତେବେଳେ ଚୁପ୍‌ଚାପ୍, ଆମର ମନ ଦୌଡ଼ିବା ଛାଡ଼ି ନୀରବ, ନିସ୍ତବ୍ଧ, ନିସ୍ତରଙ୍ଗ ଓ ପ୍ରଶାନ୍ତ ପ୍ରେମର ଉଷ୍ଣତାରେ ଦ୍ରବୀଭୂତ ହୋଇଯାଏ। ଚତୁର୍ଦ୍ଦିଗରେ ପରିବ୍ୟାପ୍ତ, ସକଳ ପଦାର୍ଥରେ ନିହିତ ମଧୁର ରସମୟ, ଅନ୍ତରଙ୍ଗ ଦିବ୍ୟ ଝଙ୍କାର ଆମ ମନପ୍ରାଣକୁ ଆଲୋଡ଼ିତ କରି ରଖେ। ଏକ ସୁକୋମଳ ସରସତା ଆମକୁ ଅଭିଭୂତ କରିଦିଏ। ଶ୍ୱାସପ୍ରଶ୍ୱାସରେ ଫୁଟିଉଠେ ଏକ ଅକମ୍ପ ସ୍ଥିରତା, ଚିନ୍ତାସ୍ରୋତ ଧୀର ଓ ପ୍ରଶାନ୍ତ ହୁଏ, ଶରୀର ମଧ୍ୟରେ ଜାତ ହୁଏ ଏକ ଅପୂର୍ବ ଶିହରଣ। ଜଣାପଡ଼େ ସତେ ଯେମିତି ନିର୍ଜୀବ ଯାନଟି ମଧ୍ୟ ଆନନ୍ଦରେ କୁରୁଳି ଉଠୁଛି। ବାବା ଯେତେବେଳେ ଏ ନିର୍ବାକ୍ ଉଲ୍ଲାସକୁ ସବାକ୍ ଉଲ୍ଲାସରେ ପରିଣତ କରିବାକୁ ଚାହାନ୍ତି, ଆମେ ସ୍ୱତଃ ଜାଗିଉଠୁ ଏବଂ ବାବାଙ୍କଠାରୁ ଝରି ଆସୁଥିବା ହାସ୍ୟ ଓ ଦର୍ଶନର ଏ ନୂତନ ଗଙ୍ଗାରେ ନିଜକୁ ବୁଡ଼ାଇ ଦେଉ।

ଆମ କ୍ଷୁଧା-ତୃଷାକୁ ନିବାରଣ କରିବାରେ ବାବାଙ୍କ କ୍ଷୁଧା-ତୃଷା ମଧ୍ୟ ଦୂର ହୋଇଯାଏ। ଆମେ ବାବାଙ୍କ ସାଙ୍ଗରେ ଗଲାବେଳେ ଗାଡିପଛରେ ବୋଝେଇ ହୋଇଥାଏ ପ୍ରଚୁର ଭୋଜନ ସାମଗ୍ରୀ। ଖୁବ୍ ସକାଳୁ ବାହାରି ଯାଇଥିଲେ ଜଳଖିଆ; ଜଳଖିଆ ପରେ ବାହାରିଥିଲେ ମଧ୍ୟାହ୍ନ ଭୋଜନ କିମ୍ବା ରାତ୍ରି ଭୋଜନ ପ୍ରଚୁର ପରିମାଣରେ ଗାଡିରେ ଗଚ୍ଛିତ ଥିବ। ଏହାଛଡା ନାନାପ୍ରକାରର ଜଳଖିଆ, ଫଳ, ଯାହାକୁ ଯେତେ। ଗାଡିରୁ ସେ ଲକ୍ଷ୍ୟ କରୁଥାନ୍ତି କେଉଁଠି ରାସ୍ତା କଡ଼ରେ ବୁଦିବୁଦିକିଆ ଛାଇ ଅଛି। ସେପରି ଜାଗାଟିଏ ତାଙ୍କ ଆଖିରେ ପଡିବା ମାତ୍ରେ ଗାଡି ଅଟକେ, ସତରଞ୍ଜି ବିଛା ହୁଏ, ପାଣି ସୁରେଇମାନ ଗାଡିରୁ ଆସି ଥୁଆ ହୁଏ, ଖାଦ୍ୟପାତ୍ରମାନଙ୍କରୁ ଘୋଡଣୀ ଉଠେ, ଆଉ ଥାଳି ଥାଳି ରୁଚିକର ଖାଦ୍ୟ, ଟୋକେଇ ଟୋକେଇ ରସମୟ ଫଳ ସତରଞ୍ଜି ଉପରୁ ଅଦୃଶ୍ୟ ହୋଇଯାଏ ! ଏସବୁ ମଧ୍ୟରେ ସାଇମାତା ମୁହଁରେ ପ୍ରାଣପୂର୍ଣ୍ଣ ହସ ଖେଳାଇ ଆମର ପ୍ରାଣ ପୂର୍ଣ୍ଣ କରୁଥାନ୍ତି। ଆମ ଭୋକକୁ ପସନ୍ଦ କରି ମାଆ ଆମ ଆଗରେ ବଢାଇଥିବା ଆମ ଥାଳିରେ ବାରମ୍ବାର ନାନା ଖାଦ୍ୟପଦାର୍ଥ ଢାଳି ଦେଲାବେଳେ ତାଙ୍କ ଆନନ୍ଦର ସୀମା ନ ଥାଏ। 'ଯଥେଷ୍ଟ ହେଲା ସ୍ୱାମୀ', 'ଆଉ ଖାଇବିନି ସ୍ୱାମୀ' ବୋଲି କହିବାର ସାହସ କାହାର ନଥାଏ। ଯାହା ସ୍ନେହମୟୀ ମାଆ ହାତରୁ ମିଳେ, ଆମେ ପରମ ତୃପ୍ତିର ସହ ପରମ ଆନନ୍ଦରେ ପେଟକୁ ଠେଲିଦେଉ। କାହାର ଡାଇବେଟିସ୍ ଅଛି, କାହାର ଅନ୍ୟ କିଛି ଅସୁସ୍ଥତା ଅଛି ସବୁ ସାଇମାତା ଜାଣିଥାନ୍ତି। ଖାଦ୍ୟ ପରଷିଲାବେଳେ ସେ ନିଜେ ଦେଖି, ମାପି ପରଷିଥାନ୍ତି। କାହାକୁ କହନ୍ତି, " ତୋର ଡାଇବେଟିସ୍ ଅଛି" , " ତୋର ବୟସ ଅଶୀ ଟପିଲାଣି - ଏଇଟା ଖା'ନା" , ଆଉ କାହାକୁ " ହଁ, ଏ ଆଗ୍ରରଟା ତୁମଆଡେ ବହୁତ ଲୋକପ୍ରିୟ - ଏଇଟା ଖା" , ଇତ୍ୟାଦି। କାହାକୁ ଖାଇବାକୁ ପ୍ରବର୍ତ୍ତାଇଥାନ୍ତି, କାହାକୁ ବା ଖାଇବାକୁ ବାରଣ କରିଥାନ୍ତି। ଥାଳିରେ ଖାଦ୍ୟ ପଡୁଥିଲାବେଳେ ମୁହଁରୁ ଏହିପରି ମିଠାକଥା ମଧ୍ୟ ବାହାରୁଥାଏ। ଥରେ ସେ ମୋ ଥାଳିରେ ଏଣ୍ଡୁରିପିଠା ଥିବାର ଦେଖି ଗୋଟିଏ କାଢି ନେଲେ, ଆଉ କହିଲେ ଦୁଇଟା ମଧ୍ୟ ମୋ ପକ୍ଷରେ ଅଧିକ ହୋଇଯିବ। ମୋର ଏଣ୍ଡୁରି ପିଠା ପ୍ରତି ଖୁବ୍ ବେଶୀ ଆଗ୍ରହ ଥିଲା। ଏଣୁ ବାବା ଗୋଟିଏ କାଢିନେବାରୁ ମୋ ମୁହଁ ଶୁଖିଗଲା। ପରେ ସେ ମୋତେ ବୁଝାଇଦେଲେ ଏଣ୍ଡୁରିରେ ଥିବା ବିରି ବୁଢ଼ା ବୟସରେ ଆଣ୍ଠୁଗଣ୍ଠି ବାତ ବଢାଇଥାଏ। ସେ ମୋତେ ବୁଝାଇ ଦେଇଥିଲେ ଯେ ତାଙ୍କର ବିଶ୍ୱନାଟକରେ ପ୍ରତ୍ୟେକ ଲୋକର ଗୋଟିଏ ଗୋଟିଏ ଭୂମିକା ଥିବାରୁ ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ସକ୍ଷମ ଓ ସବଳ ହୋଇ ରହିବା ସେ ଚାହାନ୍ତି। ତାହାହେଲେ ସେ ଆପଣାର ଅଭିନୟକୁ ଠିକ୍ ଭାବରେ ସମ୍ପନ୍ନ

କରିପାରିବ। ଆମ ସହିତ ବାବା ମଧ୍ୟ ଖାଆନ୍ତି । ମାତ୍ର ତାଙ୍କ ପରଶା ଖାଦ୍ୟକୁ ଆମେ ଆନନ୍ଦରେ ଖାଇବା ଦେଖିବାକୁ ସେ ଭାରି ସୁଖପାଆନ୍ତି। ଗାଡିରେ ବସିଥିଲାବେଳେ ତାଙ୍କ ପାଖରେ ଗୋଟିଏ ଥାଳିରେ ସେ ସେଓ ରଖିଥାନ୍ତି । ମଝିରେ ମଝିରେ ଗୋଟିଏ ଗୋଟିଏ କାଢ଼ି, ସଯତ୍ନରେ କାଟି ଆମ ହାତକୁ ବଢ଼ାଇ କହନ୍ତି- "ଖାଅ, ଖାଅ, ମନବୋଧ କରି ଖାଅ।" ଥରେ ବମ୍ବେରୁ ବାଙ୍ଗାଲୋର୍ ଗଲାବେଳେ ଗାଡିରେ ଥିଲେ ଦୀକ୍ଷିତ୍। ସେ କେତୋଟି ଗୀତ ଗାଇସାରିଲା ପରେ ବାବା ସେଓ କାଟି ବାଣ୍ଟିବା ଆରମ୍ଭ କରିଦେଲେ। ମାତ୍ର ମୁଁ କୃତ୍ରିମ ଦାନ୍ତ ଲଗାଇଥିବାରୁ ଚୋପା ଚୋବାଇ ଖାଇପାରୁ ନ ଥିଲି। ଚୋପାତକ ପାଟିରୁ କାଢ଼ି ଫିଙ୍ଗି ପାରୁ ନ ଥିଲି, କାରଣ ଭୟ ହେଉଥାଏ ଯଦି ଚୋପା ସାଙ୍ଗରେ ଦାନ୍ତ ତକ ବି ବାହାରେ ପଡିଯାଏ! ବାବା ମୋର ଦୁରବସ୍ଥା ବୁଝିପାରିଲେ। ଦ୍ୱିତୀୟଥର ସେଓ ଖଣ୍ଡଟି ମୋ ହାତକୁ ଆସିଲାପରେ ଦେଖିଲି ବାବା ସେଥିରୁ ଚୋପା ଚାଞ୍ଛି ବାହାର କରି ଦେଇଛନ୍ତି!

ଲୋକମାନଙ୍କ ମଧରେ ଶୃଙ୍ଖଳା ଦେଖିଲେ ବାବା ଦର୍ଶନ ଦେଇଥାନ୍ତି। ମାତ୍ର କ୍ଷୁଧାର୍ତ୍ତ ଲୋକେ ଖାଦ୍ୟ ଆସିବା ଯାଏ ଚୁପ୍‌ଚାପ ଧାଡିରେ ବସି ରହିବା ଆଶା କରିବା ବିଡମ୍ବନା ମାତ୍ର। ମୁଁ କାକିନାଡାରେ ଦେଖିଛି ପୋଲିସ ସିପାହୀମାନେ ଆଗରେ ବସି ଶୃଙ୍ଖଳା ରକ୍ଷା କରିବା ସମୟରେ ପରମ ଲୋଭନୀୟ ପଦ୍ମପାଦ ଦୁଇଟି ଆଗରେ ଚାଲିଯାଉଥିବା ବେଳେ ନିଜେ ମୁଣ୍ଡ ଲଗାଇ ଦେଇଥାନ୍ତି: ବାବା ଆସିବେ ବୋଲି ଅପେକ୍ଷା କରି ବସିଥିବା ଭଜନଗାନରତ ଜନତା ସମାରୋହ ବାହାରେ ଠିଆ ହୋଇଥିବା ସବୁଠୁ ଅଧିକ ଶୃଙ୍ଖଳିତ ଟ୍ରାଫିକ୍ ପୋଲିସ୍ ମଧ୍ୟ ଗୁଣୁ ଗୁଣୁ ହୋଇ ଭଜନ ଗାନ କରୁଥାଏ।

ବାବା ଯେତେବେଳେ କୌଣସି ସ୍ଥାନକୁ ଯାଆନ୍ତି, ସେ ଯାହାଙ୍କର ଅତିଥି ହେବେ, ତାଙ୍କୁ ଖୁବ୍ କମ୍ ସମୟ ଆଗରୁ ଜଣାଇଥାନ୍ତି। କାରଣ ଖବରଟି ଆଗରୁ ଜଣାପଡିଗଲେ ସେ ସ୍ଥାନରେ ପ୍ରତ୍ୟେକଙ୍କ ଘରେ ବନ୍ଧୁବାନ୍ଧବ ଆସି ଭର୍ତ୍ତି ହୋଇଯିବେ, ଛୋଟ ଛୋଟ ସ୍ଥାନମାନଙ୍କରେ ହୋଟେଲ-ବଜାର ଏତେ ଲୋକଙ୍କର ଆବଶ୍ୟକତା ମେଣ୍ଟାଇ ପାରିବ ନାହିଁ, ଏପରିକି ସେଠାରେ ପାଣି ମଧ୍ୟ ଅଭାବ ପଡିଯିବ। ବାବା କୌଣସି ସ୍ଥାନରେ ବେଶୀ ଦିନ ରହିପାରିବେ ନାହିଁ। ଯେଉଁମାନେ ସେ ସ୍ଥାନକୁ ଆସିବେ, ବାବା ନ ଯିବାଯାଏ କେହି ସେ ସ୍ଥାନ ଛାଡିବେ ନାହିଁ। ସେଥିପାଇଁ ବାବା ଯେଉଁଠି ରହନ୍ତି, ସେଠାରୁ ପ୍ରତିଦିନ ବିଭିନ୍ନ ଦିଗରେ ଆଖପାଖ ଗାଁ ଓ ସହରମାନଙ୍କୁ ଦର୍ଶନ ଦେବାପାଇଁ ଯାଇ ସନ୍ଧ୍ୟାବେଳକୁ ଫେରି ଆସନ୍ତି। ତେଣୁ ଆଖପାଖର ଲୋକମାନେ ବାବା ରହିବା ସ୍ଥାନରେ ଭିଡ ନ ଜମାଇ ନିଜ ନିଜ ଗାଁରେ

ବା ସହରରେ ରହନ୍ତି ବାବାଙ୍କୁ ଅପେକ୍ଷା କରି, ଆଉ କଳ୍ପତରୁ କୃପା-ପ୍ରସାଦ ବାଣ୍ଟିବା ପାଇଁ ପ୍ରାର୍ଥୀମାନଙ୍କର ଗାଁ ଗାଁ ବୁଲନ୍ତି ! ଭକ୍ତମାନେ ଯେତେବେଳେ ବାବାଙ୍କୁ ପ୍ରାର୍ଥନା କରିଥିଲେ ସେମାନଙ୍କ ସ୍ଥାନକୁ ବାବାଙ୍କୁ ନେବାପାଇଁ, ବାବା ସେମାନଙ୍କୁ କହିଥିଲେ, " ଏ ମିଶ୍ରିପାହାଡ ପିମ୍ପୁଡିମାନଙ୍କ ପାଖକୁ ଯିବ ନାହିଁ, ପିମ୍ପୁଡିମାନେ ଏ ପାହାଡ ପାଖକୁ ଆସିବେ ।" ମାତ୍ର ମିଶ୍ରି ପାହାଡ ପିମ୍ପୁଡିମାନଙ୍କ ପ୍ରତି କୃପାରେ ତରଳି ଯାଇ ଆପଣାର ସିଦ୍ଧାନ୍ତ ବଦଳାଇ ଦେଲେ। ଅବଶ୍ୟ ବାବାଙ୍କର ସିଦ୍ଧାନ୍ତ ପଛରେ କେତେ ଗମ୍ଭୀରତା ଥିଲା ଆମେ ତାହା ଜାଣିନାହୁଁ।

ଗାଡ଼ିରେ ଗଲାବେଳେ ବାବା କେବେ କେବେ ଦୁଇଜଣଙ୍କୁ ପରସ୍ପର ବିରୁଦ୍ଧରେ ତର୍କରେ ଲଗାଇଦେଇ ନିଜେ ମଝିରେ ମଜା ଦେଖନ୍ତି। କିଏ କିପରି ତର୍କ କରୁଛି, ଅନ୍ୟର ଯୁକ୍ତିକୁ କାଟୁଛି, ଗୋଟିଏ ତତ୍ତ୍ୱକୁ ବିରୋଧୀ ତତ୍ତ୍ୱଦ୍ୱାରା ପରାଭୂତ କରୁଛି ତାହା ଲକ୍ଷ୍ୟ କରନ୍ତି। ଦୁଇଜଣ ପରସ୍ପରକୁ ତଳେ ପକାଇ ଦେବାକୁ ଦାନ୍ତ କାମୁଡି ଲାଗି ପଡିଥିଲା ବେଳେ ବାବା ତାଙ୍କର ଆନନ୍ଦକୁ ଗୁପ୍ତ ରଖି ପାରନ୍ତି ନାହିଁ। ମାତ୍ର ବାକ୍ୟରଣ ଯେତେବେଳେ ମୁଥରଣ ଆଡକୁ ଯିବାର ଦେଖନ୍ତି, ବାବା ନିଆଁରେ ପାଣି ପକାଇ ଦିଅନ୍ତି। ଯୁଦ୍ଧ ଚାଲିଥିଲା ବେଳେ କେବେ ଏପଟ, କେବେ ସେପଟକୁ ସମର୍ଥନ କରି ବାବା ଉଭୟଙ୍କୁ ଚିହାନ୍ତି, ଆଉ ଶେଷରେ ଉଭୟଙ୍କୁ ନିରସ୍ତ୍ର କଲାଭଳି ସିଦ୍ଧାନ୍ତ ଦେଇ ଉଭୟଙ୍କୁ ଥଣ୍ଡା କରି ଦିଅନ୍ତି।

ଏପରି ଗୋଟିଏ ଯାତ୍ରା ମୋର ମନେଅଛି। ଆମେ ନୀଳଗିରିରୁ ବାଙ୍ଗାଲୋର୍ ଯାଉଥାଉ। ଗାଡିରେ ବାବାଙ୍କ ସାଙ୍ଗରେ ଜଣେ ଜଙ୍ଗଲ ବିଶାରଦ ବସିଥାନ୍ତି। ମୋତେ ଏପରି ଗୋଟିଏ ତର୍କଯୁଦ୍ଧ ଆରମ୍ଭ କରିବାକୁ ବାବା କୌଶଳ କ୍ରମେ ଚିହାଇବାକୁ ଆରମ୍ଭ କଲେ। ମୁଁ ଚନ୍ଦନ ଗଛ ସମ୍ପର୍କରେ ଆଲୋଚନା ଆରମ୍ଭ କଲି। ବେତାର କେନ୍ଦ୍ରରେ କାମ କରୁଥିଲାବେଳେ ଥରେ ଚନ୍ଦନ ବୃକ୍ଷ ସମ୍ପର୍କରେ ଗୋଟିଏ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲି। ଏ ସମ୍ପର୍କରେ ଲେଖାଟିର ଲେଖକ ଚନ୍ଦନ ବୃକ୍ଷ ସମ୍ପର୍କରେ ଜଣେ ବିଶାରଦ ଥିଲେ। ସେ ଲେଖିଥିଲେ ଚନ୍ଦନବୃକ୍ଷ ଅନ୍ୟ ବୃକ୍ଷ ଉପରେ ନିର୍ଭର କରି ଜୀବନ ଆରମ୍ଭ କରେ। ମୋତେ ତ କଳହର ସୂତ୍ରପାତ କରିବାକୁ ପଡିବ। ଏଣୁ ତାଙ୍କୁ ଆହ୍ୱାନ ଜଣାଇଲି- " ଚନ୍ଦନ ବୃକ୍ଷ ପରଜୀବୀ ଭାବରେ ଜୀବନ ଆରମ୍ଭ କରେ, ଆପଣ ପାରିଲେ ଏହାର ପ୍ରତିବାଦ କରନ୍ତୁ।" ଅବଶ୍ୟ ଏ କଥାଟା ତାଙ୍କ ପକ୍ଷରେ ସମ୍ପୂର୍ଣ୍ଣ ନୂଆ ଥିଲା। ଏଣୁ ସେ ମୋତେ ତଳେ ପକାଇ ଦେବା ପାଇଁ ଦୀର୍ଘ ସମୟ ଧରି ବେଶ୍ ତାଜା ଭାବରେ ଭାରି ତର୍କ କଲେ। ମୁଁ ପ୍ରସ୍ତାବ ଦେଲି ମାଡ୍ରାସ୍ ବିଶ୍ୱବିଦ୍ୟାଳୟରେ ବୃକ୍ଷ ତତ୍ତ୍ୱର ପ୍ରଫେସର ଚନ୍ଦନ ବୃକ୍ଷକୁ କାଟୁଥିବା କୀଟ ସମ୍ପର୍କରେ ବିଶେଷ ଗବେଷଣା କରୁଛନ୍ତି। ଏ

କଥାଟା ତାଙ୍କ ମତାମତ ପାଇଁ ପଠାଯାଉ । ସେ ସଙ୍ଗେ ସଙ୍ଗେ ମତେ ପଚାରିଲେ, "ଆପଣ କେତେ ବାଜି ରଖିବେ !" ମୁଁ ଉତ୍ତର ଦେଲି ଶହେ ଟଙ୍କା । ଆମେ କିପରି କ୍ରମଶଃ ନିଷିଦ୍ଧ ଅଞ୍ଚଳ ଭିତରକୁ ପ୍ରବେଶ କରୁଛୁ ବାବା ତାହା ସତର୍କତାର ସହ ଲକ୍ଷ୍ୟ କରୁଥିଲେ । ମାତ୍ର ସେ ଯେତେବେଳେ ଦାବୀ କଲେ, "ଶହେ ଟଙ୍କା ଆପଣଙ୍କୁ ଥରକରେ ହିଁ ଦେବାକୁ ପଡିବ", ବାବା ଦେଖିଲେ କଥାଟା ଅତିଶୟ ହୋଇଗଲା । ଏଣୁ ସେ ତର୍କଗୋଳକୁ ଛିଣ୍ଡାଇ ଦେଇ ସୂର୍ଯ୍ୟ ଅସ୍ତ ହେଉଥିବାରୁ ପଶ୍ଚିମ ଆକାଶର ମୁହଁ କିପରି ଆରକ୍ତ ଦିଶୁଛି ତାହା ଆମକୁ ଦେଖାଇଲେ । ଅଧିକାଂଶ ସମୟରେ ତର୍କର ବିଷୟବସ୍ତୁ ଥାଏ ପୁରାଣର କୌଣସି କାହାଣୀ ବା ଉପନିଷଦ୍‌ର କୌଣସି କଥା କିମ୍ବା କୌଣସି ବେଦବାକ୍ୟ । ଏହା ନିର୍ଭର କରେ ଗାଡିରେ ବସିଥିବା ଲୋକଙ୍କ ଉପରେ । କୁସ୍ତି କରିବାକୁ ମିଳୁଥିବା ପହିଲିମାନଙ୍କ ଉପରେ କୁସ୍ତିର ଢଙ୍ଗ ନିର୍ଭର କରିଥାଏ । ଏସବୁ ବାକ୍ୟରଣର ଉଦ୍ଦେଶ୍ୟ ଥିଲା ଲଢ଼େଇର ମଜା, କେତୋଟି କଣ୍ଠର ବାହାବା, ଆଉ ଅବଶ୍ୟ ଭଗବାନଙ୍କଠାରୁ ଗୋଟିଏ ଗୋଟିଏ 'ବଙ୍ଗାରୁ' ଚାପୁଡ଼ା ।

ଥରେ ବାବା ଦେଖିଲେ ମାଆଟିଏ ପିଲାଟିକୁ କାଖେଇ ମୁଣ୍ଡରେ ବେଶ୍ ଓଜନିଆ ଟୋକେଇ ମୁଣ୍ଡାଇ ରାସ୍ତାରେ ଚାଲିଛି । ତା ପରଦିନ ଥିଲା ଦୀପାବଳୀ । ନୂଆ ଲୁଗାପଟା ପିନ୍ଧି ଆନନ୍ଦ କରିବାର ଦିନ । ବାବା ଗାଡିଟିକୁ ରାସ୍ତାରେ ଅଟକାଇଲେ । ଆମ ପ୍ରଶ୍ନର ଉତ୍ତର ଦେଇ ସେ ମାଆଟି କହିଲା, ସେ ଜଣେ କେହି ସାଇବାବାଙ୍କ ନାମ ଶୁଣିଛି । ତାଙ୍କ ଗାଁରୁ କେହି କେହି ପୁଟ୍ଟପର୍ତ୍ତି ଯାଇ ସାଇବାବାଙ୍କ ଦର୍ଶନ କରି ଆସିଲେଣି । ସେ ବି ଦିନେ ପୁଟ୍ଟପର୍ତ୍ତି ଯାଇ ସାଇବାବାଙ୍କ ଦର୍ଶନ କରିବ ବୋଲି ବ୍ରତ କରିଚି । ବାବା ମାଆ ଓ ପିଲାକୁ କଲ୍ୟାଣ କଲେ । ସେମାନଙ୍କୁ ଦୀପାବଳୀରେ ନୂଆ ପିନ୍ଧିବା ପାଇଁ କିଛି ଟଙ୍କା ଦେଇ କହିଲେ, "ତୋର ବ୍ରତ ପୂର୍ଣ୍ଣ ହୋଇଗଲା । ମୁଁ ହେଉଛି ସାଇବାବା ।" ମାଆଟି ବାରମ୍ବାର ବାବାଙ୍କ ପାଦତଳେ ପଡିଲା । ଉଠି ହାତ ଯୋଡି ଠିଆ ହେଲା । ଗାଡିଟି ଆଗକୁ ଚାଲିଗଲା ବେଳେ ସେ ଆଶ୍ଚର୍ଯ୍ୟ ହୋଇ ନିଶ୍ଚୟ ଭାବୁଥିବ ଏସବୁ ସତ ନା ସ୍ୱପ୍ନ !

କେତେ କିଲୋମିଟର୍ ଆଗରୁ ବାବା ଜାଣିଯିବେ ଯେ ଆଗରେ ରାସ୍ତାରେ ଅନ୍ଧଟିଏ ବା ଛୋଟାଟିଏ ବସି ଭିକ ମାଗୁଛି । ସେ ଆଗରୁ ହାତରେ ପାଞ୍ଚଟଙ୍କା ବା ଦଶଟଙ୍କାର ନୋଟ୍‌ଟିଏ ଧରି ବସିଥିବେ । ଭିକାରୀ ଆଗରେ ଗାଡି ରହିବ । ଲୋକଟି ଅନ୍ଧ ହୋଇଥିଲେ ତା ହାତରେ ନୋଟ୍‌ଟି ପକାଇଦେଇ ବାବା କହିବେ, "ଏଇ ଦେଖ, ଏଇଟା ପାଞ୍ଚଟଙ୍କା । ଭଲକରି ଧରି ରଖ୍ ।" ବାବାଙ୍କର ପ୍ରତ୍ୟେକଟି କାମ ଦେଖୁଥିବା ଲୋକ ପକ୍ଷରେ ଗୋଟିଏ ଗୋଟିଏ ଶିକ୍ଷା ।

ଯେତେବେଳେ ମନ ମାନିଯାଇଥିବ ବା ପ୍ରେମର ସ୍ରୋତ ଉଜାଣି ବହୁଥିବ, ଗାଡିରେ ବସିଥିବା ଭକ୍ତମାନଙ୍କ ପାଇଁ ବାବା ଶୂନ୍ୟରୁ ମିଶ୍ରି ଖଣ୍ଡ ବା ମିଠେଇ ବାହାର କରି ବାଣ୍ଟିବେ। ଥରେ ହାଇଦ୍ରାବାଦ୍‌ରୁ ପୁଟ୍ଟପର୍ତ୍ତି ଆସୁଥିବାବେଳେ ଦେଖାଗଲା ବାବା ବାଟରେ ଭକ୍ତମାନଙ୍କ ମଧ୍ୟରେ ବାଣ୍ଟିବା ପାଇଁ ଗାଡିରେ କେବଳ ନାନା ପ୍ରକାରର ମିଠେଇ ଅଛି। ସେ ଗାଡିଟିକୁ ରାସ୍ତା କଡ଼ରେ ଗୋଟିଏ ଗୋଡ଼ିଗଦା ପାଖରେ ଅଟକାଇ ମୋତେ ସେ ଗଦାରୁ ଗୋଟିଏ ପଥର ଆଣିବାକୁ କହିଲେ। ମୁଁ ବାଛି ବାଛି ବଡ଼ ପଥରଟିଏ ଆଣିଲି। ମାତ୍ର ତାହା ଛୋଟ ହୋଇଥିବାରୁ ତାଠାରୁ ବଡ଼ ଓ ପତଳା ଗୋଡିଟିଏ ଆଣିବା ପାଇଁ ମୋତେ ଆଦେଶ ମିଳିଲା। ମୁଁ ସେପରି ପଥରଟିଏ ଆଣି ବାବାଙ୍କ ହାତକୁ ବଢ଼ାଇଦେଲି। ପର ମୁହୂର୍ତ୍ତରେ ମୋ ହାତକୁ ଫେରିଲା ସେଇ ଆକାରର ମିଶ୍ରିଟିଏ! ଏହାକୁ ଭାଙ୍ଗି ସମସ୍ତଙ୍କ ମଧ୍ୟରେ ବାଣ୍ଟିବା ପାଇଁ ନିର୍ଦ୍ଦେଶ ଦେଇ ବାବା କହିଲେ ଆଗଥର ଆଣିଥିବା ପଥରଟି ବଡ଼ ଟାଣ ଓ ତାକୁ ଭାଙ୍ଗି ବାଣ୍ଟିବା ଭାରି କଷ୍ଟ ହୋଇଥାନ୍ତା।

ତ୍ରିଚିନାପଲ୍ଲୀରୁ ପାଲାମାନେର୍ ଯାତ୍ରା ମୋ ପକ୍ଷରେ ଚିରସ୍ମରଣୀୟ ହୋଇ ରହିବ। କାରଣ ଏ ଯାତ୍ରା ବାବାଙ୍କ ପ୍ରେମର ଅନ୍ୟ ଏକ ଦିଗ ମୋ ଆଗରେ ଉନ୍ମୁକ୍ତ କରି ଦେଇଥିଲା। ଆମକୁ ବାଙ୍ଗାଲୋର୍ ଯିବାକୁ ପଡିବ। ମାତ୍ର ଅଧିକ ସହଜ ଓ ସୁଗମ ରାସ୍ତା ସାଲେମ୍ ଦେଇ ନ ଯାଇ ବାବା ପାଲାମାନେର୍ ଦେଇ ଯିବାକୁ ଠିକ୍ କଲେ। ଉଦ୍ଦେଶ୍ୟ ଥିଲା, ବାଟରେ କେତେକ ଆଡମ୍ବରପ୍ରିୟ ଲୋକଙ୍କ ଦ୍ୱାରା ବିନାନୁମତିରେ ଆୟୋଜିତ ପ୍ରାୟ ଡଜନେ ଅଭ୍ୟର୍ଥନାକୁ ଏଡ଼ାଇବା। ଅଧା ବାଟରେ ଗାଡ଼ିରୁ ବଡ଼ ଅଦ୍‌ଭୁତ ଭାବରେ ଚକାଟିଏ ଖସିଯିବାରୁ ଆମକୁ ଘଣ୍ଟାଏ ଅଟକିବାକୁ ପଡିଲା। ରାତି ଦଶଟାରେ ଜଙ୍ଗଲ ବିଭାଗର ବିଶ୍ରାମଶାଳା ଆଗରେ ବାବାଙ୍କ ଗାଡି ଅଟକିବାରୁ ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ। ବାବା ଆମ ମଧ୍ୟରୁ ଜଣକୁ ପାଖ ହୋଟେଲ୍‌ରୁ ଖାଇବା ଜିନିଷ ଆଣିବାକୁ ପଠାଇଲେ। ସେତେବେଳେ ହୋଟେଲ ବନ୍ଦ ହେବା ସମୟ ବହୁତ ଗଡି ଯାଇଥିଲେ ମଧ୍ୟ ଆମ ପାଇଁ ପ୍ରଚୁର ଖାଇବାକୁ ମିଳିଲା। ବିଶ୍ରାମଶାଳାରେ ରାତିଟା କଟାଇବା ପାଇଁ କମ୍ବଳ, ଚଦର ବା ଖଟ କିଛି ନ ଥିଲା। ମାତ୍ର ବହୁ କଷ୍ଟରେ ଗୋଟିଏ ଶାଲ ଦେହରେ ପକାଇବାକୁ ଆମେ ବାବାଙ୍କୁ ପ୍ରବର୍ତ୍ତାଇଲୁ। ରାତି ବଢ଼ିଲାଣି। ସେଇଠି ଗୋଟିଏ ଗୋଟିଏ ମସିଣା ଉପରେ ଆମେ ଗଡିପଡିଲୁ। ସକାଳେ ମୁଁ ଯେତେବେଳେ ଉଠିଲି, ଦେଖିଲି ମୋ ଉପରେ ଗୋଟିଏ ଶାଲ ଗୋଡଠୁ ମୁଣ୍ଡଯାଏ ପଡିଛି, ଆଉ ମୁଁ ବେଶ୍ ଉଷୁମ୍ ଅଛି! ମୁଁ ଶୋଇଥିବାବେଳେ ସାଇମାତା ଗୋଡ ଟିପି ଟିପି ମୋ ପାଖକୁ ଆସି ମୋ

ଉପରେ ତାଙ୍କ ଶାଲ୍‌ଟିକୁ ପକାଇଦେଇ ଯାଇଛନ୍ତି । ବାବା ଦେଖିଲେ ମୋ ଆଖିରୁ ଲୁହଧାରା ବହିଯାଉଛି । ସାଇମାତାଙ୍କ ପ୍ରତି ମୋର କୃତଜ୍ଞତା ଆଉ ମୁଁ କିପରି ପ୍ରକାଶ କରିପାରିଥାନ୍ତି ?

ବାବା ଯାହାଙ୍କୁ ତାଙ୍କ 'ପାର୍ଟି'ରେ ଯୋଗଦେବା ପାଇଁ ବାଛନ୍ତି, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଏପରି ଗୋଟିଏ ଗୋଟିଏ ଶିକ୍ଷାପ୍ରଦ ଅଭିଜ୍ଞତା ଲାଭ କରିଥାନ୍ତି । ଯାତ୍ରା ଦୀର୍ଘ ହୋଇଥିଲେ ବାବା ତାଙ୍କ ସହିତ ଆସୁଥିବା ଅନ୍ୟ ଭକ୍ତମାନଙ୍କ ମଧ୍ୟରୁ ଜଣେ ଦୁଇଜଣଙ୍କୁ ୪୦/୫୦ ମିନିଟ୍ ଅନ୍ତରରେ ନିଜ ଗାଡିକୁ ଡାକି ତାଙ୍କ ଗାଡିରୁ ଜଣେ ଦୁଇଜଣଙ୍କୁ ଅନ୍ୟ ଗାଡିକୁ ପଠାନ୍ତି । ତାହାହେଲେ ସେମାନେ ଆଉ ଏକୁଟିଆ ବୋଧ କରିବେ ନାହିଁ, ନିର୍ବାସନ ଦଣ୍ଡ ଭୋଗୁଛନ୍ତି ବୋଲି ଆଉ ଭାବିବେ ନାହିଁ । ତାଙ୍କ ସାଙ୍ଗରେ ଯାଉଥିବା ଶେଷତମ ବ୍ୟକ୍ତି ପାଇଁ ମଧ୍ୟ ତାଙ୍କର କରୁଣା ଅପାର । ପୁଟପର୍ତ୍ତିରୁ ବାଙ୍ଗାଲୋର ଯିବା ଅବସରରେ ଥରେ ବାବା ସାମୁଏଲ୍ ସାଣ୍ଡଉଇସ୍‌ଙ୍କୁ ତାଙ୍କ ସହିତ କିଛିବାଟ ଯିବାପାଇଁ ଡାକିଥିଲେ । ସାଣ୍ଡଉଇସ୍ ପରେ ଏ ବିଷୟରେ ଲେଖିଥିଲେ, " ବାବାଙ୍କ ପାଖରେ ବସିଯିବା କି ପରମ ଆନନ୍ଦମୟ ଅନୁଭୂତି ! ମୁଁ ଯେତେବେଳେ ତାଙ୍କୁ ଚାହିଁଲି, ହଠାତ୍ ମତେ ଲାଗିଲା ମୁଁ ପରମାନନ୍ଦ ଭିତରେ ବୁଡିଯାଇଛି, ମୋ ଭିତରେ ମୋର ବ୍ୟକ୍ତିତ୍ୱ ଭାବନାକୁ ସଂପୂର୍ଣ୍ଣ ଭାବରେ ଆତ୍ମସାତ୍ କରିପକାଇଛି ତାଙ୍କର ଅପୂର୍ବ ପ୍ରେମ ।"

ବାବା ତାଙ୍କ ଗାଡିକୁ ଭର୍ତ୍ତି କରି ରଖିବାର ଗୋଟିଏ କାରଣ ହୋଇପାରେ ଦୁର୍ଘଟଣା ଏଡ଼ାଇବା । ସେ ଯଦି ଗାଡିରେ ଏକୁଟିଆ ବସିଥିବେ, ତେବେ ତାଙ୍କ ପାଖଦେଇ ଯାଉଥିବା ପ୍ରତ୍ୟେକ ଗାଡିର ଆରୋହୀ ବାବାଙ୍କୁ ସହଜରେ ଆବିଷ୍କାର କରିପାରିବେ । କମଳା ରଙ୍ଗର ପୋଷାକ ଓ ବ୍ୟୋମକେଶ ତତ୍‌କ୍ଷଣାତ୍ ଜଣାଇ ଦେବ ଯେ ବାବା ଗାଡିରେ ଅଛନ୍ତି । ବେଳେ ବେଳେ ବାଟରେ ଯାଉଥିବା ଅନ୍ୟ ଗାଡଟିରେ ହୁଏତ ଜଣେ ଭକ୍ତ ବସିଥିବେ ଯିଏ ବହୁଦିନ ଧରି ଅନ୍ତତଃ ଦୂରରୁ ଭଗବାନଙ୍କର ଦର୍ଶନ ସୁଯୋଗ ଅପେକ୍ଷାରେ ଥିବେ । ବାବାଙ୍କୁ ଗାଡିରେ ଦେଖି ସେ ହୁଏତ ଭିଡ଼ ରାସ୍ତାରେ ଗାଡି ଅଟକାଇ, ବାମପଟରୁ ଦୌଡିଆସି ବାବାଙ୍କ ଗାଡି ଆଗରେ ହାତ ଯୋଡି ଠିଆ ହୋଇଯିବେ । ଏପରି ଏକ ନିର୍ବୋଧ, ଅନାବଶ୍ୟକ, ଚିନ୍ତାଶୂନ୍ୟ କାର୍ଯ୍ୟର କୁଫଳ ହେବ ଦୁର୍ଘଟଣା । ସେଥିପାଇଁ ଦୂରରୁ ଚିହ୍ନା ପଡିଯିବା ଭୟରେ ବାବା ଭକ୍ତମାନଙ୍କୁ ନିଜ ଚାରିପଟେ ଘେରି ବସିବାକୁ କହିଥାନ୍ତି । ଆଗରୁ ଗୋଟିଏ ବସ୍ ଆସୁଥିବାର ଦେଖିଲେ ଆଗ ସିଟ୍‌ରେ ବସିଥିବା ଦୁଇଜଣ ଆରୋହୀଙ୍କୁ ଆହୁରି ଲାଗି ଲାଗି ବସିବାକୁ ବାବା କହିଥାନ୍ତି, ଯେପରି ଗାଡିର କାଚ ଦେଇ ସେ ଦିଶିବେ ନାହିଁ । ସାଣ୍ଡଉଇସ୍ ଏପରି ଏକ ଘଟଣାର ଉଲ୍ଲେଖ କରି

କହନ୍ତି, " ବାବା ଡ୍ରାଇଭରକୁ କହିଲେ ଗାଡି ରଖିବାକୁ । ତା'ପରେ ସେ ମୋତେ ଓ ମୋ ଭାଇ ଡୋନାଲ୍‌ଡ୍‌ଙ୍କୁ ତାଙ୍କ ସହିତ ଚାଲିବା ପାଇଁ ଡାକିଲେ । ଅଳ୍ପ ସମୟ ମଧ୍ୟରେ ଆମେ ବହୁ ପୁରୁଣା ସାଙ୍ଗ ପରି ହସଖୁସି ଆରମ୍ଭ କରିଦେଲୁ । କିଛି ସମୟପରେ ଆମେ ପଛରୁ ଗୋଟିଏ ଗାଡିର ହେଡ୍‌ଲାଇଟ୍ ଦେଖିପାରିଲୁ । ବାବା ଆମକୁ କହିଲେ, " ତୁମେ ଦୁହେଁ ମୋତେ ଘେରି ଚାଲ । ଆମେ ଏମିତି ଚାଲିବା ଯେମିତି କେହି ମୋତେ ଠଉରାଇ ପାରିବେ ନାହିଁ । ନଚେତ୍ ପଛରୁ ଆସୁଥିବା ଲୋକେ ଯଦି ମୋତେ ଦେଖିବେ, ତେବେ ସେମାନେ ଗାଡ଼ି ଅଟକାଇ ଓହ୍ଲାଇ ପଡିବେ, ଆଉ ଆମର 'ଚାଲିବା'ର ଇତି ହୋଇଯିବ ।" ମୁଁ ତାଙ୍କର ଅଚିନ୍ତନୀୟ ଲୋକପ୍ରିୟତା ପାଶୋରି ଯାଇଥିଲି । ଏକଥା ଶୁଣିଲା ପରେ ମୁଁ ନିଜକୁ ସ୍ମରଣ କରାଇ ଦେଲି ଯେ ମୁଁ ଅବତାରଙ୍କ ସହିତ ଠିଆ ହୋଇଛି, ଆଉ ସେ ଯାହା କହୁଛନ୍ତି ତାହା ଏକାନ୍ତ ସତ୍ୟ ।''

ଭାରତର ଅଧିକାଂଶ ସ୍ଥାନରେ ଭକ୍ତି ଶୃଙ୍ଖଳିତ । କାରଣ ଶୃଙ୍ଖଳା ହିଁ ଭକ୍ତିର ପରମ ଗମ୍ୟ । ରାସ୍ତା କଡ଼ରେ ଲୋକେ ଧାଡି ହୋଇ ଶୃଙ୍ଖଳାର ସହ ବସି ଭଜନ କରୁଥିବା ଦେଖିଲେ ବାବା ଗାଡି ଅଟକାନ୍ତି, କବାଟ ଖୋଲି ବାହାରକୁ ଆସନ୍ତି, ଧାଡି ଭିତରେ ବେଳେବେଳେ ଚାଲନ୍ତି, ଆଉ କେବେ କେମିତି ଗୋଟିଏ ଦୁଇଟି ଭଜନ ବି ଶିଖାଇ ଆସନ୍ତି । ମାତ୍ର ବାବା ସମୟାନୁବର୍ତ୍ତିତାକୁ ଭାରି ଜଗନ୍ତି । କାର୍ଯ୍ୟକ୍ରମରେ ବାଧା ବା କାର୍ଯ୍ୟକ୍ରମକୁ ଡେରି କରିବାର ବିଘ୍ନକୁ ସେ ଆଦୌ ପ୍ରଶ୍ରୟ ଦିଅନ୍ତି ନାହିଁ । ତେଣୁ ଯେତେବେଳେ ସେ ଦେଖନ୍ତି ବିଶୃଙ୍ଖଳ, ଚିନ୍ତାଶୂନ୍ୟ ଜନତା ଆଗରେ ଜମା ହୋଇଛନ୍ତି ତାଙ୍କୁ ଅଟକାଇବା ପାଇଁ, ସେ ବାଟ ଭାଙ୍ଗି ଅନ୍ୟ ରାସ୍ତାରେ ଚାଲି ଯାଆନ୍ତି । ଏ ନୂଆ ରାସ୍ତାରେ ଦର୍ଶନାର୍ଥୀମାନେ ଆକସ୍ମିକ ଭାବରେ ଭଗବାନଙ୍କ ଦର୍ଶନ ଲାଭ କରି ଆନନ୍ଦ-ବିସ୍ମୟରେ ବୁଡି ଯାଆନ୍ତି । ଥରେ ସେ ଗୋଟିଏ ସ୍ଥାନକୁ ବିମାନରେ ଯିବାର ଥିଲା । ମାତ୍ର ସେ ବିମାନରେ ନ ଯାଇ ଗାଡ଼ିରେ ଯିବାକୁ ହଠାତ୍ ସିଦ୍ଧାନ୍ତ କରିଥିଲେ । କାରଣ ବାବା ଦେଖି ପାରିଲେ ବିମାନ ଘାଟିରେ ତାଙ୍କ ପାଇଁ ଅନାବଶ୍ୟକ, ଅନନୁମୋଦିତ ଭାବରେ ଭକ୍ତମାନେ ଅଭ୍ୟର୍ଥନାର ଆୟୋଜନ କରିଛନ୍ତି ।

ଭଗବାନଙ୍କ ଗାଡିର ଠିକ୍ ପଛେ ପଛେ ଅନ୍ୟ ଏକ ଗାଡିରେ ଯିବାର ସୌଭାଗ୍ୟ ପାଇଲେ ମୁଁ ସବୁବେଳେ ଆନନ୍ଦରେ ଅଭିଭୂତ ହୋଇପଡ଼େ । ବାବାଙ୍କ ପଛରେ କାର୍ ଦଳଟିଏ ଯିବାକୁ ପ୍ରସ୍ତୁତ ଥିଲେ, କିଏ କେଉଁ ଗାଡିରେ ଯିବ ବାବା ତାହା ନିର୍ଦ୍ଦେଶ ଦେଇଥାନ୍ତି । କେଉଁ ଗାଡି ବାବାଙ୍କ ଗାଡିର କେତେ ପଛରେ ରହିବ, ଗାଡି ଭିତରେ କିଏ କେଉଁ ଜାଗାରେ ବସିବେ, ବାବା ତାହା ମଧ୍ୟ ନିର୍ଦ୍ଦିଷ୍ଟ କରିଦେଇଥାନ୍ତି । ଭଗବାନଙ୍କ ଗାଡିର ଠିକ୍ ପଛ ଗାଡିରୁ ମୁଁ ଦେଖେ

କିପରି ପ୍ରଭୁଙ୍କୁ ଦେଖୁ ଦେଖୁ ରାସ୍ତାକଡରେ ଠିଆ ହୋଇଥିବା ଲୋକମାନଙ୍କ ମୁହଁମାନ ଫୁଟିଲା ଫୁଲପରି ଉଜ୍ଜ୍ୱଳ ହୋଇଉଠୁଛି । ରାସ୍ତା କଡ଼ରେ ଭଗବାନଙ୍କ ଦର୍ଶନ ନିମନ୍ତେ ଅପେକ୍ଷା କରିଥିବା ଲୋକଙ୍କ ପ୍ରତି ବାବା ସାଧାରଣତଃ ହାତ ହଲାଇ ଆଶୀର୍ବାଦ ଦେଇଥାନ୍ତି । ହିମାଳୟ ପର୍ବତମାଳା ଅଞ୍ଚଳରେ ସର୍ପିଳ ରାସ୍ତାରେ ଆମ ଗାଡି ସତର୍କ ଭାବରେ ଯିବାବେଳେ ମଧ୍ୟ ମୁଁ ଦେଖିଛି ରାସ୍ତା କଡରେ ଦର୍ଶନାର୍ଥୀମାନଙ୍କର ଭିଡ । ଆନ୍ନାମାଲାଇ ଓ କୋଡାଇକେନାଲର ନୀଳ ପର୍ବତମାଳା ମଧ୍ୟରେ ବାବାଙ୍କ ଗାଡି ଗଲାବେଳେ ପାହାଡିଆ ଲୋକେ ଓ ସରଳ ଗାଉଁଲୀ ଚାଷୀମାନେ ଭୂମିରେ ଲମ୍ବ ଲମ୍ବ ପଡି ପ୍ରଣାମ ଜଣାନ୍ତି । ଯେଉଁ ଭୂମିକୁ ଭଗବାନଙ୍କ ରଥର ଚକ ସ୍ପର୍ଶ କରି ପବିତ୍ର କରିଛି, ସେଇ ଭୂମିରେ ମୁଣ୍ଡ ଲଗାଇ ଧନ୍ୟ ହେବା ସେମାନଙ୍କର ଉଦ୍ଦେଶ୍ୟ ।

ବାବା କହିସାରିଛନ୍ତି ଯେ ଏଥର ଅବତାର ସତ୍ୟବୋଧକ ଭୂମିକା ଗ୍ରହଣ କରିଛନ୍ତି । ରାମ ଅବତାରରେ ତାଙ୍କର ମୁଖ୍ୟ କର୍ମ ସଂସାରରୁ ଦୈତ୍ୟନିବାରଣ ଥିଲେ ମଧ୍ୟ, ବାବା ତାଙ୍କର ରାମକଥା ରସବାହିନୀ ପୁସ୍ତକରେ ଦେଖାଇଛନ୍ତି ରାମ ଅଯୋଧ୍ୟାର ପ୍ରଜାମାନଙ୍କୁ ଅନେକ ସମୟରେ ନୈତିକତା ଓ ଆଧ୍ୟାତ୍ମିକତା ସମ୍ବନ୍ଧରେ ଉପଦେଶ ପ୍ରଦାନ କରୁଥିଲେ । ଭାଗବତ ପୁରାଣରେ କୃଷ୍ଣ କେବଳ ଦୁଇଥର ଉପଦେଶ ଦେବା ବର୍ଣ୍ଣନା କରାଯାଇଛି । ଥରେ ଅର୍ଜୁନଙ୍କୁ, ଆଉ ଥରେ ଉଦ୍ଧବଙ୍କୁ । ମାତ୍ର ତୁଣ୍ଡ ଫିଟିବା କାଳୁ ବାବା ଗୁରୁ ଭାବରେ ପରିଚିତ ହୋଇ ଆସିଛନ୍ତି । ବାବା କହିଛନ୍ତି, ତ୍ରେତାଯୁଗରେ ରାକ୍ଷସମାନେ ରାମଙ୍କୁ ପ୍ରାର୍ଥନା କରିଥିଲେ ସେମାନଙ୍କୁ ରାକ୍ଷସ ଜନ୍ମରୁ ଉଦ୍ଧାର କରିବାପାଇଁ । ଏବେ କଳିଯୁଗରେ ମଣିଷ ଭାବରେ ସେମାନେ ଧରାରେ ବସବାସ କରୁଛନ୍ତି, ଆଉ ରାମ ପୁନଶ୍ଚ ସାଇରାମ ଭାବରେ ଆସିଛନ୍ତି ସେମାନଙ୍କୁ ମୁକ୍ତି ଦେବାପାଇଁ । ସେମାନଙ୍କୁ ନର୍କରୁ ଉଦ୍ଧାର କରିବାର ବର୍ତ୍ତମାନ ପନ୍ଥା ଦର୍ଶନ, ସ୍ପର୍ଶନ ସମ୍ଭାଷଣ - ଭଗବାନଙ୍କୁ ଦର୍ଶନ କରିବା, ତାଙ୍କ ଦର୍ଶନର ପ୍ରଭାବ ଆହରଣ କରିବା ଏବଂ ତାଙ୍କ ଉପଦେଶକୁ ଦୈନନ୍ଦିନ ଜୀବନରେ ଫୁଟାଇବା । ସେଥିପାଇଁ ବାବା ସର୍ବଦା ସବୁ ଜାତି, ଗୋଷ୍ଠୀ ଓ ବର୍ଣ୍ଣର ଲୋକମାନଙ୍କ ମଧ୍ୟରେ ବୁଲୁଛନ୍ତି । କ୍ଷୀଣ ପ୍ରେମ ଓ ଆତ୍ମବିନାଶୀ ଶକ୍ତିଦ୍ୱାରା ପରିଚାଳିତ ହୋଇ ବିନାଶ ଆଡ଼କୁ ଗତି କରୁଥିବା ମଣିଷ ସମାଜକୁ ଉଦ୍ଧାର କରିବା ନିମନ୍ତେ ଦିବ୍ୟପ୍ରେମ ଓ ମହାଶକ୍ତି ସଂପନ୍ନ ପରମଗୁରୁଙ୍କର ଆବଶ୍ୟକତା ପଡିଲା । ସେଥିପାଇଁ ବାବାଙ୍କର ଆଗମନ ।

ତ୍ରିଭାନ୍ଦ୍ରମରେ ବାବା ଥରେ ଜଣେ ଭକ୍ତଙ୍କ ଶ୍ୱଶୁର ଘରେ ରହିଥିଲେ । ସେ ଥିଲେ ଜଣେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ । ସେତେବେଳେ କେରଳର ରାଜ୍ୟପାଳ ଥିଲେ ଡକ୍ଟର

ବି. ରାମକୃଷ୍ଣ ରାଓ। ସେ ଯେତେବେଳେ ଶୁଣିଲେ ଯେ ବାବା ନିର୍ଦ୍ଧାରିତ ବାଟ ଭାଙ୍ଗି ଯାଇ ଆଉ ଜଣକ ଘରେ ରହିଛନ୍ତି, ସେ ବାବାଙ୍କୁ ପ୍ରାର୍ଥନା କଲେ ଆସନ୍ତା ଥର ବାବାଙ୍କ କେରଳ ଭ୍ରମଣ କାଳରେ ସେ ଯେମିତି ନିଶ୍ଚୟ ରାଜଭବନରେ ରହିବେ। ଡକ୍ଟର ରାମକୃଷ୍ଣ ରାଓ ଦାବୀ କରିଥିଲେ ଜଣେ ଓକିଲ ଭାବରେ ତାଙ୍କର ସଫଳତା, ହାଇଦ୍ରାବାଦର ଅତ୍ୟାଚାରୀ ନିଜାମ ବିରୁଦ୍ଧରେ ଘଟିଥିବା ବିଦ୍ରୋହରେ ତାଙ୍କର ବଞ୍ଚି ରହିବା, ତାପରେ ମୁକ୍ତ ହାଇଦ୍ରାବାଦ ରାଜ୍ୟର ମୁଖ୍ୟମନ୍ତ୍ରୀତ୍ୱ ଏବଂ ବର୍ତ୍ତମାନ କେରଳର ରାଜ୍ୟପାଳ ପଦ ସବୁକିଛି ଭଗବାନଙ୍କର ଅମାପ ଅନୁଗ୍ରହର ଫଳ।

ଅଳ୍ପଦିନ ମଧ୍ୟରେ ବାବା ପୁଣି କେରଳ ଆସିଲେ ଓ ଏଥର ରାଜଭବନରେ ରହିଲେ। ରାଜା ରେଡ୍‌ଡି ଏବଂ ମୁଁ ବାବାଙ୍କ ସହ ରାଜଭବନରେ ରହିଲୁ, ମାତ୍ର ଅନ୍ୟମାନେ ପୂର୍ବୋକ୍ତ ପ୍ରଧାନଶିକ୍ଷକଙ୍କ ଅତିଥି ହେଲେ। ଆଗଥର ବାବା କେରଳ ଆସିଥିଲାବେଳେ ସେ ହିଁ ବାବାଙ୍କ ଆସିବା କଥା ରାଜ୍ୟପାଳଙ୍କୁ ଜଣାଇଥିଲେ। ବାବା ତାଙ୍କ ଘରୁ ତାମିଲ୍‌ନାଡୁ ଭ୍ରମଣରେ ବାହାରି ଗଲାପରେ ରାଜ୍ୟପାଳ ନିଜ ପିଲାଙ୍କର ପଢ଼ାପଢ଼ି ଦେଖିବାକୁ ପ୍ରଧାନଶିକ୍ଷକଙ୍କୁ ରାଜଭବନ ଡାକିଥିଲେ। ଆଉ କଥାବାର୍ତ୍ତା ପ୍ରସଙ୍ଗରେ ତାଙ୍କ ଘରକୁ ସ୍ୱର୍ଗରେ ପରିଣତ କରିଥିବା ଏ ଅପୂର୍ବ ଘଟଣାଟି ସେ ଗୁପ୍ତ ରଖିପାରି ନ ଥିବା ଏକାନ୍ତ ସ୍ୱାଭାବିକ।

ଏଥର ବାବା ରାମକୃଷ୍ଣ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୋଟିଏ ସାଧାରଣ ସମାବେଶରେ ଉଦ୍‌ବୋଧନ ଦେବାକୁ ରାଜି ହୋଇଥିଲେ। ରାଜଭବନରେ ମୁଁ ଗାଡିରୁ ଓହ୍ଲାଇବା ମାତ୍ରେ ସମସ୍ତଙ୍କର କେବଳ ଯେ ଦୃଷ୍ଟି ଆକର୍ଷଣ କଲି ତାହା ନୁହେଁ, ନିର୍ଦ୍ଦିଷ୍ଟ ଭାବରେ ସମସ୍ତଙ୍କ ଉଦ୍‌ବେଗର କାରଣ ମଧ୍ୟ ହୋଇ ଉଠିଲି। କାରଣ ପାଲଘାଟରୁ ରାଜଭବନ ଆସିବା ବାଟରେ କେଉଁଠି ମୁଁ ମୋର ସ୍ୱରକୁ ହଜାଇ ଦେଇଥିଲି । ବାବାଙ୍କ ସମ୍ଭାଷଣ ଶୁଣିବାକୁ ଆସିଥିବା ବନ୍ଧୁମାନେ ମୋତେ ଘେରିଗଲେ। ମାତ୍ର ମୋର କଥା କହିବା କେବଳ ବିକୃତ ମୁଖଭଙ୍ଗୀରେ ପର୍ଯ୍ୟବସିତ ହୋଇଗଲା। ତା ପରଦିନ ଅପରାହ୍ଣରେ ମୋର ଭଗବାନଙ୍କ ସମ୍ଭାଷଣକୁ ଅନୁବାଦ କରିବା କଥା। ଏଣୁ ସ୍ୱରକୁ ଫେରିପାଇବା ପାଇଁ ଯିଏ ଯାହା କହିଲା ବିକଳରେ ସବୁ କରିବାକୁ ଲାଗିଲି। କାଶିବା, ଛିଙ୍କିବା, କୁଳି କରିବା, ସେକ ଦେବା, ବଟିକା ଗିଳିବା—ସବୁ ପନ୍ଥା ପରୀକ୍ଷା କରିବାରେ ଲାଗି ପଡିଲି। ଆଶା ଥାଏ ଏ ସମସ୍ତଙ୍କର ଏକକାଳୀନ ଆକ୍ରମଣରେ ହୁଏତ ଶତ୍ରୁ ପୃଷ୍ଠଭଙ୍ଗ ଦେବ ଓ ମୋର କଣ୍ଠ ମୁଁ ଫେରି ପାଇବି। ମାତ୍ର ଏସବୁଗୁଡିକର ସଙ୍ଗଠିତ ପ୍ରଚେଷ୍ଟା ସତ୍ତ୍ୱେ ମୋ କଣ୍ଠ କେବଳ ଗୋଟାଏ ବିକୃତ ଶୃଙ୍ଖଳା ଗଁ ଗଁ ଶବ୍ଦ ସୃଷ୍ଟି କରିବାରେ

ସମର୍ଥ ହେଉଥାଏ। ରାଜା ରେଡ୍‌ଡି ମୋତେ ସାନ୍ତ୍ୱନା ଦେଇ ମୋ ଆଖିରୁ ଲୁହ ପୋଛୁଥିବା ବେଳେ ବାବା ଆମ କୋଠରୀକୁ ଆସିଲେ ଓ ମୋତେ ଶାସନ କରି କହିଲେ, "ଏ ମୂର୍ଖାମି ଛାଡି ଶୋଇବୁ ଯା।" ମୁଁ ଶୋଇବାକୁ ଗଲି। ରାତି ପାହିଲା। ମାତ୍ର କଣ୍ଠର ଅବସ୍ଥା ଠିକ୍ ସେଇମିତି। ଅନ୍ୟଜଣେ ଅନୁବାଦକ ଯୋଗାଡ଼ କରିବାକୁ ରାଜ୍ୟପାଳଙ୍କ ସାହସ ଅଣ୍ଟିଲା ନାହିଁ। ଡକ୍ଟର ରାମକୃଷ୍ଣ ରାଓଙ୍କୁ ଦେଖିବା ମାତ୍ରେ ମୁଁ ଅଙ୍ଗଭଙ୍ଗୀ କରି ବୁଝାଇବାକୁ ଚେଷ୍ଟା କରୁଥିଲି ଓ ନିଜକୁ ପ୍ରବର୍ତ୍ତାଉଥିଲି ଯେ ଠିକ୍ ସମୟରେ ମୁଁ ଭଲ ହୋଇଯିବି।

ଅପରାହ୍ଣ ବଡ଼ ଚଞ୍ଚଳ ଆସିଗଲା। ରାଜ୍ୟପାଳଙ୍କର ବିରାଟ ଗାଡି ଆସି ପୋର୍ଟିକୋରେ ଲାଗିଲା। ଗାଡିରେ ଯାଇ ବସିବାକୁ ମୋତେ ଆଦେଶ ମିଳିଲା। ସମ୍ଭାଷଣ ହଲ୍‌ରେ ଉଦ୍‌ଗ୍ରୀବ ଶ୍ରୋତାଙ୍କର ଭିଡ଼। ସୁସଜ୍ଜିତ ମଞ୍ଚ ଉପରେ ମଝିରେ ପଡିଥିବା ଚଉକି ବାବା ଗ୍ରହଣ କଲେ। ତାପରେ ରାଜ୍ୟପାଳ ତାଙ୍କ ଚଉକିରେ ବସିଲେ। ସଭାକାର୍ଯ୍ୟ ଆରମ୍ଭ ହେଲା। ରାଜ୍ୟପାଳ କେତୋଟି ସୁନିର୍ବାଚିତ ବାକ୍ୟରେ ଏକ ଛୋଟ ପ୍ରାରମ୍ଭ ଭାଷଣ ଦେଲେ। ମୋର ବନ୍ଧୁମାନେ ଭାବୁଥିଲେ ମୁଁ ପଙ୍ଗୁ ହୋଇପଡ଼ିଥିବାରୁ ବାବା ନିଜେ ମାଲାୟାଲାମ୍ ଭାଷାରେ କହି ସମସ୍ତଙ୍କୁ ଚମତ୍କୃତ କରିଦେବେ। ସେ ଉଠି ଠିଆ ହେଲେ, ଆଉ ଅନୁବାଦକ ମାଇକ୍ ପଛରେ ଠିଆ ହେବାକୁ ମୋତେ ସଙ୍କେତ ଦେଲେ। ବାବାଙ୍କର ପ୍ରଥମ ତେଲୁଗୁ ବାକ୍ୟଟି ସରିବାମାତ୍ରେ ମୋ କଣ୍ଠରୁ ବାହାରି ଆସିଲା ଦୃପ୍ତ ଓ ସ୍ପଷ୍ଟ ଭାବରେ ଏହାର ମାଲାୟାଲାମ୍ ଅନୁବାଦ ! ମୋ କାନକୁ ବି ମୋ ସ୍ୱର ଅପୂର୍ବ ଲାଗିଲା; କାରଣ ଏଥିରେ ଫୁଟି ଉଠୁଥିଲା ଏକ ନୂତନ ଝଙ୍କାର।

ତାପରେ ବାବାଙ୍କ ସହ ଆମେ କନ୍ୟାକୁମାରୀ ଗଲୁ। ସେଠାରେ ମନ୍ଦିରରେ ଅଧିଷ୍ଠାତ୍ରୀ ଦେବୀଙ୍କ ନାକରେ ଗୋଟିଏ ଅତି ଉଜ୍ଜ୍ୱଳ ହୀରାଖଣ୍ଡ ଥିଲା। ମାତ୍ର ତିନିଶହ ବର୍ଷ ତଳେ ଜଳଦସ୍ୟୁମାନେ ସେ ହୀରାଟିକୁ ଘେରାଇ ନେଇ ଯାଇଥିଲେ। ବାବା ଶୂନ୍ୟରେ ହସ୍ତ ସଞ୍ଚାଳନ କରି ଅଳ୍ପ ସମୟ ପାଇଁ ସେ ହୀରାଟିକୁ ଆମର ଦେଖିବା ନିମନ୍ତେ ଘେନି ଆସିଥିଲେ। ବାବା ସମୁଦ୍ର କୂଳରେ ଚାଲୁଥିବାବେଳେ ତାଙ୍କ ପାଦଚିହ୍ନରୁ ଜାତ ହେଉଥିବା ସ୍ଫଟିକଖଣ୍ଡଗୁଡିକ ମୁଁ ଗୋଟାଇବାରେ ଲାଗିଲି। ସମୁଦ୍ର ଲହଡ଼ା ଯେତେବେଳେ ଧାଇଁଆସି ମୋତେ ଓଦା କରି ଦେଉଥାଏ, ବାବା ମୋତେ ପରିହାସ କରି ସମସ୍ତଙ୍କୁ ହସାଉଥାନ୍ତି। ସମୁଦ୍ରରୁ ଲହଡ଼ା ଆସି ବାବାଙ୍କ ପାଦ ସ୍ପର୍ଶ କରିବା ଦେଖି ବାବା କହି ଉଠିଲେ, "ଦେଖ ଦେଖ, ବରୁଣ ମଧ୍ୟ କିପରି ମୋ ପାଦ ଧୋଇବାକୁ ମନ କରୁଛି।" କେବଳ ପାଦ ଧୋଇ ଦେଇ ବରୁଣ ସନ୍ତୁଷ୍ଟ ହୋଇ ନ ଥିଲେ। ଆପଣା ଘରକୁ ଫେରିଗଲାବେଳେ ବରୁଣ ବାବାଙ୍କ ପାଦପଦ୍ମରେ ଅର୍ପଣ କରି ଯାଇଥିଲେ ୧୦୮ଟି ଦୁର୍ଲ୍ଲଭ ସାମୁଦ୍ରିକ ମୁକ୍ତାରେ ଗୁନ୍ଥା ଗୋଟିଏ ମୁକ୍ତାହାର !

ଆଉ ଗୋଟିଏ ଅଭିଜ୍ଞତାକୁ ମୁଁ ସାଇତି ରଖିଚି। ତାହା ହେଲା ଭ୍ରମଣର ଶେଷ ପର୍ଯ୍ୟାୟରେ ଏର୍ଣ୍ଣାକୁଲମ୍ ଟାଉନ୍ ହଲ୍‌ରେ ବାବାଙ୍କର ଦିବ୍ୟ ସମ୍ଭାଷଣ। ସମ୍ଭାଷଣ ଶେଷରେ ସେଠା ଲୋକଙ୍କର ଆଧ୍ୟାତ୍ମିକ କ୍ଷୁଧାକୁ ବାବା ପସନ୍ଦ କରିଥିଲେ। ସେଠାରେ ସେ ପ୍ରତିଶ୍ରୁତି ଦେଇଥିଲେ ଯେ ଅଳ୍ପଦିନ ମଧ୍ୟରେ ସେ ପୁଣି କେରଳ ଆସିବେ ଓ ରାଜ୍ୟର ଉତ୍ତର ସୀମାଠାରୁ କନ୍ୟାକୁମାରୀ ଯାଏ ପ୍ରତ୍ୟେକ ସହରରେ କିଛି କିଛି ଦିନ କଟାଇବେ। ମୁଁ ଯେତେବେଳେ ବାବାଙ୍କର ଏ ପ୍ରତିଶ୍ରୁତିକୁ ମାଲାୟାଲାମ୍‌ରେ ଅନୁବାଦ କଲି ଲୋକଙ୍କର ଆନନ୍ଦ କରତାଳିରେ ଜଣାଗଲା ସତେ ଯେପରି ଛାତଟି ଖସି ପଡିବ! କାଲିକଟ୍ ବେତାର କେନ୍ଦ୍ରର ନିର୍ଦ୍ଦେଶକ ନିଜର ରେକର୍ଡ ଯନ୍ତ୍ରସବୁ ଧରି ବାବାଙ୍କ ଭ୍ରମଣକାଳୀନ ସମ୍ଭାଷଣଗୁଡିକୁ ରେକର୍ଡ଼ କରୁଥିଲେ। ସେ ବିଚାରିଲେ ଏ ସମ୍ଭାଷଣରୁ କିଛି ଅଂଶ ଏକାଠି କରି ସେ ଗୋଟିଏ ରେଡିଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବେ। ତାଙ୍କ ବିଚାରରେ ବାବା ଶେଷ ସମ୍ଭାଷଣରେ ପୁଣି ଥରେ କେରଳ ଆସିବେ ବୋଲି ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ସବୁଠୁ ବେଶୀ ମୂଲ୍ୟବାନ୍ ଥିଲା। ଏହା ସହ କେରଳବାସୀଙ୍କର ଅଧ୍ୟାତ୍ମିକ ଭାବକୁ ବାବାଙ୍କର ପ୍ରଶଂସା ମଧ୍ୟ ସେ ଉପରୋକ୍ତ କାର୍ଯ୍ୟକ୍ରମରେ ରଖିବାକୁ ଠିକ୍ କରିଥିଲେ। ବାବା ଅଳ୍ପଦିନ ଭିତରେ ପୁଣି କେରଳ ଆସିବେ ବୋଲି ଦେଇଥିବା ପ୍ରତିଶ୍ରୁତି ଯେତେବେଳେ ପ୍ରଚାରିତ ହୋଇଗଲା, ଏ କଥାର ସତ୍ୟତା ପରୀକ୍ଷା କରିବା ନିମନ୍ତେ କେତେଜଣ ବନ୍ଧୁ ମୁରଲୀଙ୍କ ଘରେ ଆସି ପହଞ୍ଚିଲେ। ସେ ବାରମ୍ବାର କହୁଥାନ୍ତି ଯେ କଥାଟା ଗୁଜବ ନୁହେଁ, ନିଛକ ସତ। ସେ ଉତ୍ସାହର ସହ କହିଲେ, " ବାବା ଯଦି ଆସନ୍ତା ମାସ ଶେଷ ସୁଦ୍ଧା କେରଳ ନ ଆସନ୍ତି ତେବେ ମୁଁ ଠିକ୍ କରିଛି ଏ କ୍ୟାସେଟ୍ ଧରି ପୁଟ୍ଟପର୍ତ୍ତି ଯିବି ଓ ଇଣ୍ଟରଭିଉ ସମୟରେ ବଜାଇ ବାବାଙ୍କୁ ଶୁଣାଇ ଦେବି। ଆଉ ନିଜ ପ୍ରତିଶ୍ରୁତି କାହିଁକି ପାଳିଲେ ନାହିଁ ବୋଲି ପ୍ରଶ୍ନ କରିବି।"

ମୁରଲୀ ଯେମିତି ଅଙ୍ଗଭଙ୍ଗୀ ଦେଖାଇଲେ ସେଥିରେ ତାଙ୍କ ବନ୍ଧୁମାନେ ତାଙ୍କୁ ପ୍ରଶଂସା ନ କରି ରହିପାରିଲେ ନାହିଁ। ସେମାନେ ବାବାଙ୍କର ସେଇ ଭାଷଣଟି ଶୁଣାଇବା ପାଇଁ ତାଙ୍କୁ ଅନୁରୋଧ କଲେ। କ୍ୟାସେଟ୍ ବାଜିଲା। ଅମୂଳଚୂଳ ପୂରା ଭାଷଣଟି ସମସ୍ତେ ଶୁଣିଲେ। ମାତ୍ର ବହୁକଥିତ ସେ ପ୍ରତିଶ୍ରୁତି କାହିଁ? ଭାଷଣ ସରିଲା। ମାତ୍ର ପ୍ରତିଶ୍ରୁତିଟି ରେକର୍ଡ଼ରେ ନାହିଁ! ମୁରଲୀ ଯେତେବେଳେ ବଡ଼ପଣ ଦେଖାଇବାକୁ ଯାଇ ବାବାଙ୍କୁ ପ୍ରଶ୍ନ କରିବେ ବୋଲି କହିଲେ, କ୍ୟାସେଟ୍‌ରୁ ସେଇ ବାକ୍ୟଟି ଅନ୍ତର୍ହିତ ହୋଇଗଲା। ମାତ୍ର ସେଇ ଅଂଶଟି ଉଠିଯାଇଛି ବୋଲି ଆଦୌ ଜଣାପଡିଲା ନାହିଁ, କାରଣ କେଉଁଠି ହେଲେ ବାବାଙ୍କର ତେଲୁଗୁ ଓ ମୋର

ମାଲାୟାଲାମ୍ ଭାଙ୍ଗିଯାଇ ନାହିଁ। କେବଳ ସେଇ ଅଂଶଟି ବ୍ୟତୀତ ସମଗ୍ର ସମ୍ଭାଷଣ ଅଖଣ୍ଡ ରହିଛି। ମୁରଲୀ ଯେତେବେଳେ ତାଙ୍କର ଏହି ଦୁଃଖଦାୟକ (ଏବଂ ଅପମାନଜନକ ମଧ୍ୟ !) ଅନୁଭୂତି ମୋ ଆଗରେ ବର୍ଣ୍ଣନା କଲେ, ମୁଁ ବୁଝିପାରିଲି ଶହ ଶହ ମାଇଲ୍ ଦୂରରେ ଗୋଟିଏ ଅଫିସ୍‌ର ଆଲମାରୀରେ ରଖିଦେଇ ରଖାଯାଇଥିବା କ୍ୟାସେଟ୍‌ରୁ ଗୋଟିଏ ଦୁଇଟି ବାକ୍ୟକୁ ସଂପୂର୍ଣ୍ଣ ପୋଛି ଦେବାର ଅସମ୍ଭବ କୀର୍ତ୍ତି ଅବଲୀଳାକ୍ରମେ ସଂପନ୍ନ କରିବା ପଛରେ ବାବାଙ୍କର ଉଦ୍ଦେଶ୍ୟ ଥିଲା କେତେଜଣ ଅନାବଶ୍ୟକ ଭାବରେ ଆଗ୍ରହୀ ବନ୍ଧୁ ଓ ସେମାନଙ୍କ ଗହଣରେ ବସିଥିବା ଜଣେ ପ୍ରଚାରସର୍ବସ୍ୱ ସରକାରୀ କର୍ମଚାରୀଙ୍କର ବଡିମାକୁ ଲୋପ କରିବା।

ହିନ୍ଦୁ ପୌରାଣିକ ମତରେ ବୈକୁଣ୍ଠ ଏକାଦଶୀ ଦିନ ବୈକୁଣ୍ଠର ଦ୍ୱାର ସମସ୍ତଙ୍କ ପାଇଁ ସାହାଣ ମେଲା ହୋଇଥାଏ। ଗୋଟିଏ ବୈକୁଣ୍ଠ ଏକାଦଶୀରେ ବାବା କେରଳର ଗୋଟିଏ ଉପକୂଳବର୍ତ୍ତୀ ନଗରୀ ଆଲ୍ଲେପ୍ପେରେ ଥିଲେ। ସବୁଥର ପରି ବାବାଙ୍କୁ ସେଥର ମଧ୍ୟ ଆମେ ପ୍ରାର୍ଥନା କଲୁ ଅମୃତ ସୃଷ୍ଟି କରିବା ପାଇଁ। ମାତ୍ର ବାବା କୌଣସି ପୂର୍ବ ବ୍ୟବସ୍ଥା ବା ଉଦ୍ଦେଶ୍ୟ ଦ୍ୱାରା ବନ୍ଧା ନୁହନ୍ତି। ତାହା ହିଁ ତାଙ୍କ ପ୍ରତି ଆମର ଆକର୍ଷଣ ବଢ଼ାଇ ଦେଇଥାଏ। ଅମୃତ ବଦଳରେ ସେ କୃଷ୍ଣଙ୍କର ଏକ ବିଗ୍ରହ ସୃଷ୍ଟି କଲେ ଏବଂ ସେଦିନ କୃଷ୍ଣପୂଜା କରିବାକୁ ନିର୍ଦ୍ଦେଶ ଦେଲେ। ବାବା ମୋତେ ଟ୍ରାଭାଙ୍କୋର୍ ମହାରାଜାଙ୍କ ବ୍ୟକ୍ତିଗତ ସେକ୍ରେଟାରୀଙ୍କ ପାଖକୁ ଯେତେବେଳେ ଗୋଟିଏ ବାର୍ତ୍ତା ଦେଇ ପଠାଇଲେ ତାଙ୍କ ପ୍ରେମର ଆଉ ଏକ ନିଦର୍ଶନ ମୁଁ ପାଇଲି। ସେ ମହାରାଜାଙ୍କ ପାଖରୁ ଏକ ପ୍ରାର୍ଥନା ବାବାଙ୍କୁ ଜଣାଇଥିଲେ। ପ୍ରାର୍ଥନାଟି ଥିଲା ବାବା ରାଜପ୍ରାସାଦରେ ପଦାର୍ପଣ କରି ମହାରାଜାଙ୍କୁ କୃତାର୍ଥ କରନ୍ତୁ। ମୁଁ ତାଙ୍କୁ କହିଦେଲି ଯେ ଜଣକର ପ୍ରାର୍ଥନା ପୂରଣ କରିବାକୁ ଯାଇ ବାବା ଦର୍ଶନ ପାଇଁ ସମାଗତ ସହସ୍ର ସହସ୍ର ଲୋକଙ୍କୁ ନିରାଶ କରିବାକୁ ଯିବେ ନାହିଁ। ବାବା ଯେଉଁଠି ଅଛନ୍ତି, ମହାରାଜା ସେଠାକୁ ଆସି ପାରନ୍ତି। ବାବାଙ୍କ ଅନୁମତି ପାଇଲା ମାତ୍ରେ ମହାରାଜା ବାବାଙ୍କ ପାଖକୁ ଆସିଥିଲେ ଓ ବାବାଙ୍କ ଅନୁଗ୍ରହପ୍ରାପ୍ତ ହୋଇଥିଲେ ମଧ୍ୟ। ବାବା ଧନୀ ଓ ନିର୍ଦ୍ଧନକୁ ଭିନ୍ନ ଦୃଷ୍ଟିରେ ଦେଖନ୍ତି ନାହିଁ। ଉଭୟେ ସମାନ ଭାବରେ ତାଙ୍କ ପ୍ରେମର ପାତ୍ର। ଆଧ୍ୟାତ୍ମିକ ଧନରେ ଅଧିକ ଧନଶାଳୀ ବ୍ୟକ୍ତି ହିଁ ତାଙ୍କର ଅଧିକ ଅନୁଗ୍ରହ ପାଇଥାଏ।

ବାବା ବମ୍ବେ ଯିବା ସମୟରେ ଦଶ-ବାର ଥରରୁ ଅଧିକ ତାଙ୍କ ସହିତ ଯିବାର ସୌଭାଗ୍ୟ ମୋତେ ମିଳିଛି। ବାଙ୍ଗାଲୋର୍‌ଠାରୁ ଧାରୱାର, ବେଲଗାଓଁ, ସାତାରା ଓ ପୁନା ଦେଇ ଲମ୍ବା କାର୍‌ଯାତ୍ରା ସମୟରେ ଦୀର୍ଘ ସମୟ ଧରି ବାବାଙ୍କ ଉପସ୍ଥିତିର ଦିବ୍ୟ ପ୍ରଭାରେ ଆବୃତ ହୋଇ

ରହିବା ଏବଂ ତାଙ୍କ ଉପଦେଶରେ ଉପକୃତ ହେବାର ଅନୁଭୂତି ଅବିସ୍ମରଣୀୟ। ଥରେ ମୁଁ ଯେଉଁ ଗାଡିରେ ବସଥିଲି, ତାହା ବିବିଧ ରୋଗରେ ଆକ୍ରାନ୍ତ ହୋଇଥିଲା। ହୁବ୍‌ଲିଠାରେ ବାବା ମୋତେ ଆଶ୍ୱାସନା ଦେଲେ ଯେ ଗାଡି ଆଉ କିଛି ଗଣ୍ଡଗୋଳ କରିବ ନାହିଁ। ବାବା ଗ୍ୱାଲିଅର୍ ପ୍ରାସାଦରେ ପହଞ୍ଚିବାର କିଛି ସମୟ ପରେ ମୁଁ ସେଠାରେ ପହଞ୍ଚିଲି। ମାତ୍ର ସେଠାରେ ମୋତେ ପହଞ୍ଚାଇ ଦେଇ ଗାଡି ଆଉ ଇଞ୍ଚେ ବି ଘୁଞ୍ଚିବାକୁ ସମର୍ଥ ନ ଥିଲା। ଏହାର ଅନ୍ତରୀଣ ବ୍ୟାଧି ଏତେ ବେଶୀ ହୋଇଯାଇଥିଲା ଯେ ଅଳ୍ପ ସମୟ ମଧ୍ୟରେ ସେ ଆରୋଗ୍ୟ ଲାଭ କରିବାର କୌଣସି ସମ୍ଭାବନା ନ ଥିଲା। ବାବାଙ୍କ ଆଶ୍ୱାସନାର ବାଣୀ ଗାଡିଟିକୁ ୬୦୦ ମାଇଲ୍‌ରୁ ଅଧିକ ବାଟ ଭିଡି ଆଣିଥିଲା। ପ୍ରତିଥର ବାବାଙ୍କର ବମ୍ବେ ରହଣୀ ଦର୍ଶନାର୍ଥୀ ଭକ୍ତମାନଙ୍କର ସଂଖ୍ୟାକୁ ହଜାର ହଜାର ବଢ଼ାଇ ଦେଉଥିଲା। ବାବାଙ୍କର ଦର୍ଶନ ପାଇବା ପାଇଁ ଓ ତାଙ୍କର ବାଣୀ ଶୁଣିବା ପାଇଁ ବମ୍ବେର ସୁଦୂର ସହରତଳି ଓ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକ ମାଲଓ୍ୱାର ପାହାଡ଼, କାର୍ମିକାଏଲ୍ ରୋଡ଼, ଗ୍ୱାଲିଅର୍ ପ୍ରାସାଦ କିମ୍ବା ଅନ୍ଧେରୀଠାରେ ଆସି ଜମା ହୋଇଯାଉଥିଲେ।

ବମ୍ବେରେ ବର୍ତ୍ତମାନର ଧର୍ମକ୍ଷେତ୍ର ନିମନ୍ତେ ଗୋଟିଏ ସ୍ଥାନ ବାଛିବା ପାଇଁ ସହରର ସୀମା ଅତିକ୍ରମ କରି ଗଲାଦିନ ମୁଁ ବାବାଙ୍କ ସାଙ୍ଗରେ ଥିଲି। ବାବା ଏଥିପାଇଁ ଯେଉଁ ଛୋଟ ମୁଣ୍ଡିଆଟିଏ ବାଛିଥିଲେ, ମୁଁ ସେଠି ମଧ୍ୟ ଯାଇ ଠିଆ ହୋଇଥିଲି। ବାବା ଯେଉଁଦିନ ଭୂମିପୂଜା କଲେ, ପ୍ରଥମ ଭିତ୍ତି ପ୍ରସ୍ତରର ସ୍ଥାପନ କଲେ ଏବଂ ନିର୍ମାଣ ସଂପୂର୍ଣ୍ଣ ହେଲା ପରେ ମନ୍ଦିରଟିକୁ ଉଦ୍‌ଘାଟନ କଲେ ସେତେବେଳେ ମଧ୍ୟ ମୁଁ ବାବାଙ୍କ ସାଙ୍ଗରେ ଥିଲି।

ବାବାଙ୍କ ଉପସ୍ଥିତି, ତାଙ୍କର କଣ୍ଠସ୍ୱର, ତାଙ୍କ ଦୃପ୍ତ ଭଙ୍ଗିମା, ବାର୍ତ୍ତା ସବୁ ଲକ୍ଷ ଲକ୍ଷ ଲୋକଙ୍କ ମନପ୍ରାଣ ଆଲୋଡିତ କରିଦେଇଥାଏ। ପ୍ରାୟ ୨୫ ବର୍ଷ ତଳେ ଚିତ୍ତୁର ଜିଲ୍ଲାର କନ୍ନନ ହାଇସ୍କୁଲକୁ ଯିବା ଘଟଣା ମୋର ଏବେ ବି ମନେ ଅଛି। ହାଇସ୍କୁଲର ଫୁଟବଲ ପଡିଆରେ ଲାଗି ଲାଗି ବସିଥିବା ବିଶାଳ ଜନତାକୁ ବାବା ଉଦ୍‌ବୋଧନ ଦେଉଥିବା ବେଳେ ଏ ଅଲୌକିକ ଘଟଣା ଘଟିଥିଲା। ବାବାଙ୍କର ଜ୍ୟୋତିର୍ମୟ ରୂପ, ତାଙ୍କ ସ୍ୱରର ଝଙ୍କାର ଏବଂ ସେଠାରେ ଖେଳୁଥିବା ଦିବ୍ୟଶକ୍ତିର ତରଙ୍ଗକୁ ସମ୍ଭାଳି ନପାରି ବାର-ତେର ଜଣ ଲୋକ ମୂର୍ଚ୍ଛା ହୋଇଯାଇଥିଲେ, ଆଉ ସେମାନଙ୍କୁ ସେଠାରୁ ଉଠାଇ ନେଇଯିବା ଦରକାର ପଡିଥିଲା। ବାବା କହିଥିଲେ ଅବତାର ଆପଣାକୁ ଆବୃତ କରି ରଖିଥିବା ପରଦାକୁ ସାମାନ୍ୟ ମାତ୍ର ଉଠାଇଲେ ବି ଦୈବତ୍ୱର ଯେଉଁ ଝଲକ ପ୍ରକାଶିତ ହୁଏ ତାକୁ ମଣିଷର ମନ ସମ୍ଭାଳିପାରେନା। ସେଥିପାଇଁ

ମୁଁ ଭାବୁଛି, ସେଦିନ ଅପରାହ୍ଣରେ ବାବାଙ୍କ ଦିବ୍ୟ ସମ୍ଭାଷଣ ସମୟରେ ଜନସମାବେଶ ମଧ୍ୟରେ ଦିବ୍ୟଭାବର ଯେଉଁ ଲହଡ଼ି ଖେଳୁଥିବ, ତାର ପ୍ରଭାବକୁ ସହ୍ୟ କରିବା ନିମନ୍ତେ ବାବା ଲୋକମାନଙ୍କ ଭାବଶକ୍ତିକୁ ନିଶ୍ଚୟ ବଢ଼ାଇ ଦେଇଥିବେ । କାରଣ ଏପରି ଏକ ଘଟଣା ତା' ପରଠାରୁ ଆଉ କୌଣସି ସମ୍ଭାଷଣ କାଳରେ ଘଟିନାହିଁ ।

ଥରେ କାକିନାଡାରେ ଗୋଟିଏ ତ୍ରିଛକି ରାସ୍ତାରେ ସାଧାରଣ ସଭାର ବ୍ୟବସ୍ଥା କରାଯାଇଥିଲା । ମଞ୍ଚର ସାମ୍ନା ଓ ଦୁଇପାଖରେ ଦୁଇଟି, ଏପରି ତିନୋଟି ରାସ୍ତାରେ ମଣିଷମାନେ ଭର୍ତ୍ତି ହୋଇ ଯାଉଥିଲେ । ଏ ବିଶାଳ ଜନସମାବେଶକୁ ଉଦ୍‌ବୋଧନ ଦେବା ପାଇଁ ବାବା ଉଠି ଠିଆ ହେଲେ । ଯେଉଁଠି ସବୁ ଲୋକମାନେ ବସିଥିଲେ ସବୁଆଡ଼େ ବାବାଙ୍କର ଆଖି ପହଁରିଗଲା ! ଘରର ଛାତ, ରାସ୍ତା, ଗଛଡାଳ ସବୁ ସ୍ଥାନକୁ ବାବା ସତେ ଯେମିତି ଚାହାଣୀରେ ଛୁଇଁ ଛୁଇଁ ଗଲେ । ଦୀର୍ଘ ପାଞ୍ଚମିନିଟ୍ ଏପରି ଚାହିଁସାରିଲା ପରେ ବାବା ସମ୍ଭାଷଣ ଆରମ୍ଭ କଲେ । ସମ୍ଭାଷଣ ସରିଲା । ପରେ ଏ ଘଟଣାର ଉଲ୍ଲେଖ କରି ବାବା ପଚାରିଲେ, " ମୁଁ କାହିଁକି ସେପରି ଚାରିଆଡ଼କୁ ଚାହୁଁଥିଲି ଜାଣିଛ ? ମୁଁ ସେ ଘରର କାନ୍ଥ ଓ ଗଛର ଡାଳରେ ଶକ୍ତି ସଞ୍ଚାର କରୁଥିଲି । ସେ ଘରସବୁ ତିଆରି କଲାବେଳେ କିଏ ଜାଣିଥିଲା ଯେ ଛାତ ଉପରେ ଦିନେ ଶହ ଶହ ଲୋକ ଚଢ଼ି ବସିବେ ? ଗଛଡାଳମାନଙ୍କରେ କିମିତି ଅସଂଖ୍ୟ ଲୋକ ବସିଥିଲେ ଲକ୍ଷ୍ୟ କରିଛ ?"

ବାବା ଏକଥା ଜାଣି ନିଜ ଚାହାଣୀ ଦ୍ୱାରା ଘରକୁ ଭୁଷୁଡି ପଡ଼ିବା ଓ ଡାଳକୁ ଭାଙ୍ଗି ପଡ଼ିବାକୁ ଯେ ବାରଣ କରିଥିଲେ ସେଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ଚିତ୍ତୁରଠାରେ ଏବଂ ପରେ ନେଲ୍ଲୁର ଓ ଆଖପାଖ ଗାଁମାନଙ୍କରେ ବାବା ହଜାର ହଜାର ଲୋକଙ୍କୁ ଅନେକ ସମ୍ଭାଷଣ ପ୍ରଦାନ କରିଥିଲେ । ବାବା ନିଜର ଏହି ଅନୁଗ୍ରହ ଯାତ୍ରାକୁ ଭାଗବତ ପୁରାଣର କାଳୀୟ ଦଳନ ସହିତ ତୁଳନା କରିଥିଲେ । ବାସ୍ତବରେ ମଣିଷ ହୃଦୟରେ ଗୁଡ଼ାଇ ହୋଇ ରହିଥିବା କାଳୀୟର ବିଷଜ୍ୱାଳା ଦୂର କରିବା ନିମନ୍ତେ ହିଁ ବାବାଙ୍କର ଏହି କଲ୍ୟାଣ-ଯାତ୍ରା । ବାଳକୃଷ୍ଣ ବହୁଫଣା କାଳୀୟ ମସ୍ତକରେ ନୃତ୍ୟ କରିଥିଲେ । ପ୍ରତ୍ୟେକଟି ଫଣା ଉପରେ ତାଙ୍କର କୃପା-କୋମଳ ପଦ ପଡ଼ିବା ମାତ୍ରେ ସେଥିରୁ ବିଷ ଝରିଯାଇଥିଲା ଓ ବିଷଦାନ୍ତ ମଧ୍ୟ ଝଡି ପଡିଥିଲା । ପ୍ରକୃତରେ ଏ ସମଗ୍ର ଅଞ୍ଚଳର ଲୋକମାନଙ୍କ ମୁହଁରେ ଯେପରି ଭାବରେ ଆନନ୍ଦ ଓ ଉତ୍ସାହ ଖେଳୁଥିଲା ତାହା ଥିଲା ମୋ ପକ୍ଷରେ ଗୋଟିଏ ଅତ୍ୟନ୍ତ ଶିକ୍ଷଣୀୟ ଅଭିଜ୍ଞତା । ବାବା ଲୋକମାନଙ୍କୁ କହୁଥିଲେ ସେ ପ୍ରେମସ୍ୱରୂପ । ଲୋଭୀ ଓ ସ୍ୱାର୍ଥପର ଲୋକଙ୍କ ପ୍ରବର୍ତ୍ତନାରେ

ନ ପଡିବାକୁ ସେ ସମସ୍ତଙ୍କୁ ଉପଦେଶ ଦେଇଥିଲେ। ସେ ସବୁବେଳେ କହୁଥିଲେ, "ନିଜ ଅନୁଭୂତି ଓ ଅଭିଜ୍ଞତାର ତୁଳାଦଣ୍ଡରେ ମାପି, ବୁଝି ବିଚାରି ବାଟ ଚାଲୁଥିବ।"

ରାଜମହେନ୍ଦ୍ରୀରେ ଜନସମାବେଶରେ ବାବା ସମ୍ଭାଷଣ ପ୍ରଦାନ କରୁଥିବା ବେଳେ ସଭାସ୍ଥଳର ଶେଷ ଆଡକୁ ଗୋଟିଏ ପିତା ଓ ତାଙ୍କର ଏକମାତ୍ର ତରୁଣ ପୁତ୍ର ଠିଆ ହୋଇ ଦିବ୍ୟ ଉପଦେଶ ଶୁଣୁଥିଲେ। ବାବାଙ୍କର କଥା ସେମାନଙ୍କୁ ଶୁଭୁଥିଲା। ମାତ୍ର ଏତେ ଦୂରରୁ ବାବା କେବଳ ମେଞ୍ଚାଏ କମଳାରଙ୍ଗ ପରି ଦିଶୁଥିଲେ। ଆତ୍ମସାକ୍ଷାତ୍କାରର ବୀରତ୍ୱପୂର୍ଣ୍ଣ ଅଭିଯାନରେ ବାହାରିବାକୁ ଅବତାରଙ୍କ ଆହ୍ୱାନ ପୁତ୍ର ଶୁଣିଲା, ଆଉ ଘରକୁ ଆସିଲା ପରେ ତାର ନିଜ ଘର ପରମେଶ୍ୱରଙ୍କ କୋଳକୁ ଫେରିଯିବା ପାଇଁ ବ୍ୟାକୁଳତା ଅନୁଭବ କଲା। ସପ୍ତାହକ ଭିତରେ ତାର ଏ ବ୍ୟାକୁଳତା ସଫଳ ହୋଇଥିଲା। ତାପରେ ତାର ପିତା ବାବାଙ୍କ ପାଖକୁ ଲେଖିଥିଲେ, "ଏପରି ନିର୍ମଳଚିତ୍ତ ଓ ସାଧନାତତ୍ପର ପୁତ୍ରଟିଏ ପାଇଥିବାରୁ ମୁଁ ଆପଣଙ୍କ ନିକଟରେ କୃତଜ୍ଞ। ମୁଁ ଜାଣେ ସେ ଆପଣଙ୍କଠାରେ ମିଶିଯାଇଛି। ଏଣୁ ପ୍ରଶାନ୍ତ ମନରେ ମୁଁ ଆଜି ତାର ଶେଷକୃତ୍ୟ ସମ୍ପନ୍ନ କଲି।" ଭଗବାନଙ୍କ ସମ୍ଭାଷଣ ଶୁଣି ବ୍ୟକ୍ତି ମଧ୍ୟରେ ତୁରନ୍ତ ହେଉ ବା ବିଳମ୍ବରେ ହେଉ, ଗଭୀର ହେଉ ବା ଅଗଭୀର ହେଉ, ପରିବର୍ତ୍ତନ ଘଟିବାର ନିଦର୍ଶନ ମୁଁ ଅନେକ ଦେଖିଛି। ନିମ୍ନଲିଖିତ ଉଦ୍ଧୃତିଟିଏ ଏ ସମ୍ପର୍କୀୟ ମୋର ଗୋଟିଏ ବଡ଼ କବିତାର ଅଂଶ :

ବଜ୍ରସେହ୍ନା ତାଙ୍କ ବାଣୀ, କାକର-କୋମଳ
ଆଲୋକର ଶିକ୍ଷା, ପୁଣି ସରସ ଅନିଳ;
ପ୍ରାଣଶକ୍ତି ଭରା ବୀଜ, ପଥର ଫଟାଇ
କି ଆଶ୍ଚର୍ଯ୍ୟ ! ମହାଦ୍ରୁମ ପାରେ ଉପୁଜାଇ
ପାହାଡ଼ ଫାଙ୍କରେ ଯଦି ଅବା ଯାଇ ପଡେ,
ଶିଳାବକ୍ଷ ଭେଦି, ନବ ଜୀବନକୁ ଗଢ଼େ।
ଅନ୍ଧ, ରୁଦ୍ଧ, ସୁକୋମଳ ଶିଶୁ ଚେରମାନ
ଶିଳାରେ ଜୀବନରସ କରନ୍ତି ସନ୍ଧାନ !
ପଥର ଖଣ୍ଡକୁ ଘେରି, କରି କୁତୁକୁତୁ,
ନିଷ୍ପ୍ରାଣ, ନୀରସ ଦେହେ ଜୀବନର ହେତୁ।
ଧୀରେ ଧୀରେ ବଢ଼ି, ଗଢ଼ି ଦ୍ରୁମ ଅବୟବ

ପତ୍ର, ପୁଷ୍ପ, ଶାଖା ମେଲି ରୂପ ଅଭିନବ ।
ବୀଜର ମହିମା ଦେଖ ପ୍ରକଟେ କିପରି
କଠିନ ପଥର ଭାଙ୍ଗି, ମୃତ୍ତିକା ସଞ୍ଚାରି !

ଯେଉଁଠାରେ ଭ୍ରାତୃବିବାଦ ଓ କଳହ, ଘୃଣା ଓ ବିଦ୍ୱେଷର ପ୍ରାଚୁର୍ଯ୍ୟ, ସେଠାରେ ବାବାଙ୍କ ବାଣୀର ପ୍ରଭାବ ମଧ୍ୟ ପ୍ରଚୁର । ଯିଏ ତାଙ୍କ ଆଶୀର୍ବାଦ ପାଏ, ସେ ତାଙ୍କ ପ୍ରେମର ବାର୍ତ୍ତାବହ ପାଲଟିଯାଏ । ଯେଉଁମାନେ ପ୍ରବୃତ୍ତିର ଜଙ୍ଗଲ ଭିତରୁ ଉଦ୍ଧାର ପାଇ ମଧ୍ୟ ପୁଣି ସେ ଜଙ୍ଗଲକୁ ଫେରିଯାଆନ୍ତି, ସାଇମାତା ସେମାନଙ୍କୁ ପୁଣି ଠାବ କରି ପାଖକୁ ଆଣନ୍ତି, ଦେହରୁ ଧୂଳି ପୋଛି ଦେଇ ଶୁଦ୍ଧସ୍ନାନ କରାନ୍ତି ଏବଂ ସତ୍‌ମାର୍ଗରେ ଯିବାପାଇଁ ପୁଣି ସସ୍ନେହ ସୁଯୋଗ ଦିଅନ୍ତି । ବାବା କହନ୍ତି ଯେତେ ବ୍ୟଭିଚାର, ଅନାଚାର, ଦୁଷ୍କର୍ମ କଲେ ମଧ୍ୟ ତାଙ୍କ କବଳରୁ ଖସି ପଳାଇବା ମଣିଷର ସାଧ୍ୟାତୀତ । ସନ୍ତାନକୁ ସ୍ନେହ ଦେବାପାଇଁ, ଉଦ୍ଧାର କରିବା ପାଇଁ ମାଆ ସର୍ବଦା ପ୍ରସ୍ତୁତ । ମୋର ମନେ ଅଛି ଜଣେ ବ୍ୟକ୍ତି କୌଣସି ଏକ ପ୍ରାନ୍ତୀୟ ପତ୍ରିକାରେ ବାବାଙ୍କ ସମ୍ବନ୍ଧରେ ଗୋଟାଏ କୁତ୍ସିତ ଲେଖା ଲେଖି ଛାପିଥିଲେ । ବାବା କହିଲେ ସେ ଏ ଅପକର୍ମ ପାଇଁ ଏପରି ଘୋର ମନସ୍ତାପ ଓ ଅନୁତାପ କରିବ ଯେ ସେ ଆଗଠାରୁ ଅଧିକ ନିର୍ମଳ ଓ ବିଶୁଦ୍ଧ ହୋଇଯିବ । ବର୍ଷକ ମଧ୍ୟରେ ବାବା ଯେତେବେଳେ ସେଇ ସହରକୁ ଯାଇଥିଲେ, ଅନ୍ୟାନ୍ୟ ଭକ୍ତଙ୍କ ଘର ସହ ତାଙ୍କ ଘରକୁ ମଧ୍ୟ ଯାଇଥିଲେ । ବାବା କହନ୍ତି ତାଙ୍କଠାରୁ ଦୂରେଇ ଯିବା ଗୋଟିଏ ଜଳାଶୟରେ ପଥରଟିଏ ପଡିଲେ ଜଳାଶୟରୁ ପାଣି ଛିଟିକି ପଡିବା ପରି । ପାଣି ଆଧାରଠାରୁ ଦୂରକୁ ଯାଉ ଯାଉ ଯେପରି ପୁଣି ଆସି ସେଥିରେ ମିଶିଯାଏ, ତାଙ୍କଠାରୁ ଦୂରକୁ ଯାଉ ଯାଉ ସେ ପୁଣି ତାଙ୍କଠାକୁ ଫେରିଆସେ ।

ବାବା ଥରେ ଯାହାକୁ ପାଖକୁ ଡାକନ୍ତି, ସେ ଫେରିଯାଏ ପୁଣି ଥରେ ତାଙ୍କ ପାଖକୁ ଆସିବା ପାଇଁ ଗୋଟିଏ ଟିକଟ ଧରି ! ପ୍ରକୃତରେ ସବୁ ରାସ୍ତା ପଡିଛି ପ୍ରଶାନ୍ତିନିଳୟମ୍‌କୁ । ଅର୍ଥାତ୍ ସବୁ ରାସ୍ତାରେ ଶେଷରେ ସେ ହିଁ ବିଦ୍ୟମାନ । ଆମର ଯାତ୍ରା ଯେଉଁଠି ସରିବ, ସେଠାରେ ଆମେ ଦେଖିବା ଆମକୁ ଗ୍ରହଣ କରିବା ପାଇଁ ସେ ଦୁଇହାତ ମେଲି ଠିଆ ହୋଇଛନ୍ତି । ସତେ ଯେମିତି ସେ ହସି ହସି କହୁଛନ୍ତି, "ଅନ୍ଧ, ଆଉ ବଳହୀନ ପ୍ରିୟ ପୁତ୍ର ମୋର, ଏଠାରେ ଅଛି ମୁଁ ଯା'କୁ ଖୋଜୁ ବାରମ୍ବାର !" ଅବତାର ଆସନ୍ତି ଆମ ଭିତରର ଦୈବତ୍ୱକୁ ଆକୃଷ୍ଟ କରିବା ପାଇଁ ।

ଘୃଣା, ବିଦ୍ୱେଷ ଓ କ୍ରୋଧର ସବୁଠାରୁ ଅଧିକ ଫଳପ୍ରଦ ପ୍ରତିକାର ହେଲା ପ୍ରେମ । ପ୍ରେମର ଶକ୍ତିକୁ କେହିହେଲେ ପ୍ରତିହତ କରିପାରିବ ନାହିଁ । ଏ ସମ୍ପର୍କରେ ଗୋଟିଏ ଘଟଣା

ଉଲ୍ଲେଖ କରିବି। ନେଲ୍ଲୋରରୁ ଦଶମାଇଲ୍ ଦୂରରେ କୋଡ଼ାବାଲୁର୍ ଗୋଟିଏ ଗାଁ। ବାବା ସେ ଗାଁକୁ ଯାଇଥାନ୍ତି। ବାବା ସେଠି ଯାହାଙ୍କ ଘରେ ଥାଆନ୍ତି ତାଙ୍କ ଘର, ଆଉ ଘର ଆଗରେ ଥିବା ଖୋଲା ପଡିଆରେ ଦର୍ଶନାର୍ଥୀମାନେ ଭର୍ତ୍ତି ହୋଇଯାଇଥାନ୍ତି। ବାବା ଯାହାଙ୍କର ଅତିଥି ହୋଇଥିଲେ, ତାଙ୍କୁ ପାଦପୂଜା କରିବାକୁ ସେ ଅନୁମତି ଦେଲେ, କାରଣ ବାବାଙ୍କୁ ସେ ନିଜର ଗୁରୁ ବୋଲି ଗ୍ରହଣ କରିଥିଲେ। ମାତ୍ର ପ୍ରତ୍ୟେକ କୋଠରୀରେ ଲୋକମାନେ ଏଭଳି ଭାବରେ ଭର୍ତ୍ତି ହୋଇଯାଇଥିଲେ ଯେ ସେଠାରୁ ବାହାରିବା କିମ୍ବା ସେଠାକୁ ଆସିବା ପ୍ରାୟ ଅସମ୍ଭବ ହୋଇ ଉଠିଥାଏ। ବାବାଙ୍କର ପ୍ରେମ ଓ କରୁଣା ଏଥିରୁ ମୁକୁଳିବାର ଗୋଟିଏ ନୂତନ ପନ୍ଥା ବାହାର କରିଥିଲା। ଭକ୍ତମାନଙ୍କୁ ଘରୁ ବାହାର କରିବାକୁ କହି ସେମାନଙ୍କୁ ଦୁଃଖ ଦେବାକୁ ବାବା ପସନ୍ଦ କଲେ ନାହିଁ। ସେ ଗୃହସ୍ୱାମୀଙ୍କୁ ତାଙ୍କ ଗାଡି ପଛରେ ଆସିବାକୁ ନିର୍ଦ୍ଦେଶ ଦେଲେ। କିଛିବାଟ ଯାଇ ରାସ୍ତାକଡ଼ରେ ଗୋଟିଏ ଆମ୍ବଗଛ ମୂଳେ ନିରୋଳାରେ ବାବା ବସିଲେ, ଆଉ ଉକ୍ତ ଭକ୍ତ ମନବୋଧ କରି ସେଠାରେ ବାବାଙ୍କ ପାଦପୂଜା କଲେ। ବାବାଙ୍କ ଚାରିପଟେ ଘେରି ଠିଆ ହୋଇଥିଲେ କେବଳ କେତୋଟି ଗାଈଗୋରୁ। ସେତେବେଳେ ମୋତେ ଲାଗିଥିଲା ମୁଁ ବୃନ୍ଦାବନରେ ଅଛି !

ବାବା କହନ୍ତି, "ମଣିଷ ଭଗବାନଙ୍କୁ ଯେତେ ବ୍ୟଗ୍ରତାର ସହ ଖୋଜେ, ଭଗବାନ୍ ମଣିଷକୁ ତାଠାରୁ ଅଧିକ ବ୍ୟଗ୍ରତାର ସହ ଖୋଜନ୍ତି, କାରଣ ମଣିଷ ହିଁ ଏ ରୂପ ପିନ୍ଧିଥିବା ଭଗବାନ୍। କେବଳ ତଫାତ୍ ହେଲା ସେ ଆପଣାର ପୋଷାକ ସହିତ ଖୁବ୍ ବେଶୀ ଜଡିତ ହୋଇପଡ଼ିଛି।" ଭଗବାନଙ୍କ ସମ୍ଭାଷଣ ଶ୍ରୋତାର ହୃଦୟ ସ୍ପର୍ଶ କରିଥାଏ ଓ ସେଠାରେ ଆବଦ୍ଧ ହୋଇପଡ଼ିଥିବା ପ୍ରେମ ଓ ଭକ୍ତିର ଝରଣାକୁ ମୁକୁଳାଇ ଦେଇଥାଏ। ବାବାଙ୍କ ଉପଦେଶ ଶୁଣି ଦରିଦ୍ରତମ ଲୋକ ଯେପରି ଅନୁଭବ କରେ, ଧନଶାଳୀ ଲୋକ ମଧ୍ୟ ସେହିପରି ଅନୁଭବ କରିଥାଏ। ଭଗବାନଙ୍କ ତେଲୁଗୁବାଣୀର ଅମୃତ ଇଂରାଜୀ ଅନୁବାଦରେ ନିଜର ସରସତା ଅନେକ ହରାଇ ବସିଲେ ମଧ୍ୟ ଏହାର ପ୍ରାଣକୁ ଚହଲାଇ ଦେବାର ଗୁଣକୁ ହଜାଏ ନାହିଁ। ବାବାଙ୍କର ସମ୍ଭାଷଣ ସାଧାରଣ ଶ୍ରୋତାର କ୍ଷୁଧା ଶାନ୍ତ କରେ, ବିଦ୍ୱାନ୍‌ର ଆତ୍ମା-କ୍ଷୁଧା ମଧ୍ୟ ଶାନ୍ତ ହୁଏ। ଶୁଣୁ ଶୁଣୁ ଏହାର ଉଷ୍ମତା ପ୍ରାଣକୁ ସ୍ପର୍ଶ କରେ, ତତ୍-ତ୍ୱମ୍‌ର ଆହ୍ୱାନ ହୃଦୟରେ ଅନୁରଣିତ ହୁଏ, ଦିବ୍ୟସ୍ୱରର ଝଙ୍କାର ଶ୍ରୋତାମାନଙ୍କୁ ଏକ ନୂତନ ଆନନ୍ଦମୟ ରାଜ୍ୟକୁ ଘେନିଯାଏ। ବିଶ୍ୱାସ ବଢ଼େ, ସଂଶୟ ଛିଡ଼େ। ଭାଷା-ଜାତି ନିର୍ବିଶେଷରେ ସମସ୍ତେ ମୁଗ୍ଧ ଭାବରେ ସମ୍ଭାଷଣ ଶୁଣନ୍ତି। ଆଉ ଶୁଣିଲାବେଳେ କେହି ହାଇମାରିବା କିମ୍ବା ଘଣ୍ଟା ଆଡକୁ

ରହିଁବା ବି ଦେଖାଯାଏ ନାହିଁ, କାରଣ ଦିବ୍ୟବାଣୀର ପ୍ରାଣ-ପ୍ରାଚୁର୍ଯ୍ୟ ପାଇଁ ହିଁ ସେମାନଙ୍କର ଆତ୍ମା କ୍ଷୁଧାର୍ତ୍ତ ଥାଏ ।

ଥରେ ଜଣେ ଭକ୍ତ ବାବାଙ୍କ ସମ୍ମୁଖରେ ପ୍ରସ୍ତାବ ବାଢ଼ିଲେ ଯେ ବାବା ଅମୁକ ଶୈଳନିବାସରେ ଦିନଟିଏ କଟାନ୍ତୁ । କାରଣ ତାହା ଅନେକ ସୁନ୍ଦର ଓ ଦର୍ଶନୀୟ । ବାବା ଉତ୍ତର ଦେଲେ, "ସୁନ୍ଦର ଦର୍ଶନୀୟ ସ୍ଥାନ ! ମୁଁ ହିଁ ସୁନ୍ଦର; ସେ ସବୁ ମୋର ପ୍ରତିଫଳନ, ଆଉ ତୁମର କଳ୍ପନା ମାତ୍ର ।" ମଞ୍ଚ ଉପରେ, ମଞ୍ଚ ତଳେ, ଦୂରରୁ, ପାଖରେ ଯେଉଁଠି ଓ ଯେତେବେଳେ ବି ବାବାଙ୍କର ଦର୍ଶନ ଅନ୍ତଶ୍ଚକ୍ଷୁରେ କରିପାରିଲେ ଆମେ ଦେଖିବା ପ୍ରକୃତ ସୌନ୍ଦର୍ଯ୍ୟ କ'ଣ; ଆଉ ତାହା ଆଖିରୁ ଯାଇ ଆତ୍ମାକୁ ସ୍ପର୍ଶ କରିବ ।

କେଉଁଠି ଲୋକେ ଭଗବାନଙ୍କ ଦର୍ଶନ ଦରକାର କରୁଛନ୍ତି ଓ ସେମାନେ ତାହା କିମିତି ପାଇବେ ବାବା ତାହା ଆପଣା ବାଟରେ ବିଚାର କରିଥାନ୍ତି । କେରଳର ଅଧିକ ସ୍ଥାନରେ ଅଧିକ ସମୟ କାଟିବାର ପ୍ରତିଶ୍ରୁତି ବାବା ପାଳନ କରିଛନ୍ତି । ଭକ୍ତମାନେ ରହୁଁଥିବା ପବିତ୍ର ବିଭୂତି ହଜାର ହଜାର ଘରେ ତାଙ୍କ ଚିତ୍ରପଟରୁ ଝରି ଆସୁଛି । ପାଲଘାଟର ଜଣେ ବୁଢ଼ୀଙ୍କ କଥା ମୁଁ ଶୁଣିଛି । ତାଙ୍କ ଘରେ ଗୋଟିଏ ଛୋଟିଆ ଭଜନ ସମାରୋହ ଅନୁଷ୍ଠିତ ହୁଏ । ବାବାଙ୍କ ଫଟୋରେ ଯେଉଁ ଫୁଲମାଳ ଚଢ଼ାଯାଏ, ଭଜନ ତାଳରେ ତାହା ଏପଟ ସେପଟ ଝୁଲେ । ତାଳିମାଡ ଜୋର୍ ହେଲେ, ସ୍ୱର ଚଢ଼ା ହେଲେ ଫୁଲମାଳ ଖୁବ୍ ଜୋର୍‌ରେ ଝୁଲେ । ମାତ୍ର ଅନ୍ୟାନ୍ୟ ଫଟୋରେ ଥିବା ଅନ୍ୟସବୁ ମାଳ ସେହିପରି ଶାନ୍ତ, ସ୍ଥିର ହୋଇ ରହନ୍ତି । ମୁଁ ଏକଥା ଶୁଣି ଘଟଣାଟିକୁ ଦେଖିବାକୁ ଗଲି । ଭଜନ ଆରମ୍ଭ ହେଲା, ମାତ୍ର ଭଜନ ଯେତେ ଜୋର୍‌ରେ ହେଲେ ମଧ୍ୟ ଫୁଲମାଳ ଟିକିଏ ବି ଝୁଲିଲା ନାହିଁ ! ବୁଢ଼ୀଙ୍କ ଆଖିରେ ଲୁହ ଭରିଗଲା, ଆଉ ସେମାନଙ୍କୁ ଏ ମଧୁର ଲୀଳା ଅନୁଭବରୁ ବଞ୍ଚିତ କରିଥିବାରୁ ମୁଁ ନିଜକୁ ନିନ୍ଦା କରିବାରେ ଲାଗିଲି । କିନ୍ତୁ ମୁଁ ଆସିଥିବା ହେତୁ ଯେ ଫୁଲମାଳ ଝୁଲିବା ବନ୍ଦ ହୋଇଗଲା ଏହା ସେ ବୁଢ଼ୀମା ମାନିବାକୁ ରାଜି ନ ଥିଲେ । ସେ ବାବାଙ୍କ ଫଟୋ ପାଖରେ ଠିଆ ହୋଇ ରୁଦ୍ଧ କଣ୍ଠରେ ଅନୁନୟ କରିବାରେ ଲାଗିଲେ, "ବାବା, ଆଜି ତୁମେ କିପାଇଁ ଚୁପ୍ ହୋଇଗଲ ? ପୁଟପର୍ତ୍ତିରୁ କସ୍ତୁରୀ ଆସିଛନ୍ତି । ସେ ଭାବିବେ ଯେ ଏଠାରେ ତୁମର ଲୀଳାକଥା ଆମେ ମନରୁ ଗଢ଼ି ପ୍ରଚାର କରୁଛୁ । ବାବା, ମୋତେ ଏ ନିନ୍ଦାରୁ ତ୍ରାହି କର ।" ତାଙ୍କର କଣ୍ଠ ଭାଙ୍ଗି ପଡିଲା ଓ ସେ ସୁଁ ସୁଁ ହୋଇ କାନ୍ଦିବା ଆରମ୍ଭ କରିଦେଲେ । ତତ୍‌କ୍ଷଣାତ୍ ମୋ ଆଖି ଆଗରେ ଫଟୋର ଫୁଲମାଳ ଖୁବ୍ ତେଜରେ ଝୁଲିବା ଆରମ୍ଭ କରିଦେଲା । ବୁଢ଼ୀମା ପିଣ୍ଡରେ ପ୍ରାଣ ପଶିଲା, ଆଉ ମୋ ମନପ୍ରାଣ ଚଞ୍ଚଳ

ହୋଇଉଠିଲା । ଗୀତାର ଗୋଟିଏ ବାଣୀ ମୋର ସ୍ମରଣ ହେଲା, "ମୋର ଆଖି ଓ କାନ ସର୍ବବ୍ୟାପୀ ।" ଏକଥାର ସତ୍ୟତା ପ୍ରମାଣ କରିବା ପାଇଁ ଭଗବାନ୍ ଆଉଥରେ ଆସିଛନ୍ତି ।

ତ୍ରିଭାନ୍ଦ୍ରମ୍‌ର ମହାରଜା କଲେଜରେ ମୁଁ ପଢୁଥିବାବେଳେ ମୋର ଜଣେ ସହପାଠୀର ନାମ ଥିଲା ସୁବ୍ରମଣ୍ୟ ଆୟାର୍ । ପରେ ସେ ମୋ ପରି ଆଇନ୍ କଲେଜରେ ବି ଯୋଗ ଦେଇଥିଲା । ପଢ଼ିସାରି ସେ ତ୍ରିଭାନ୍ଦ୍ରମ୍‌ରେ ହାଇକୋର୍ଟରେ ହିଁ ଆଇନ ବ୍ୟବସାୟ ଆରମ୍ଭ କଲା । ତାପରେ ଆମେ ଦୁହେଁ ଛାଡ଼ବାଡ଼ ହୋଇଗଲୁ । ଚାଳିଶି ବର୍ଷ ପରେ ଦିନେ ହଠାତ୍ ପୁଟ୍ଟପର୍ତ୍ତିରେ ଆମ ଦୁହିଁଙ୍କର ଭେଟାଭେଟି ହେଲା । ସେତେବେଳକୁ ସେ ବାବାଙ୍କ ଦୟା ଓ ଅନୁଗ୍ରହ କ'ଣ ଜାଣିସାରିଲାଣି । ବାବା ତାଙ୍କ ଘରେ ପୂଜା ମଣ୍ଡପରେ ବସି ତାଙ୍କ ଘରର ହାଲ୍ ଚାଲ୍ ସବୁ ଲକ୍ଷ୍ୟ କରିବା ଆରମ୍ଭ କଲେଣି । ମୋ ସହ ପାଠ ପଢ଼ିବା କାଳରୁ ସୁବ୍ରମଣ୍ୟ ଆୟାର ନାଲି ପିମ୍ପୁଡି ଥିଲା । ବୟସ ବଢ଼ିବା ସାଙ୍ଗେ ସାଙ୍ଗେ ସେ ଗୁଣଟା ବି ତାଙ୍କର ବଢ଼ିବାରେ ଲାଗିଥିଲା ବୋଲି ସେ ପୁଟ୍ଟପର୍ତ୍ତିରେ ମୋ ଆଗରେ ମାନିଗଲା । ଘରେ କାହା ଉପରେ ସେ ପାଟି କରୁ କରୁ ବାବା ତାଙ୍କ ଫଟୋରୁ ଗୋଟିଏ ଛୋଟ କାର୍ଡ ଖସାଇ ପକାଇବେ । ସେଥିରେ ଆୟାରର ମାତୃଭାଷା ତାମିଲ୍‌ରେ ଲେଖାଥିବ ଯେ ସେ ପୁଣି ଥରେ ଦୁର୍ଗୁଣର ଶିକାର ହେଲା । ସେଥିରେ ବାବା ତାମିଲ୍‌ରେ ନିଜ ନାମ ଦସ୍ତଖତ୍ ବି କରିଥିବେ ! ସେ ଯେତେବେଳେ ଏହିପରି ଥାକେ ଚିଠା ମୋ ହାତକୁ ବଢ଼ାଇଲା ମୁଁ ତାକୁ ପରିହାସ କରି କହିଲି, "ମୁଁ ଦେଖୁଚି, ତୁମର କ୍ରୋଧ ଗୋଟାଏ ଦୁର୍ଗୁଣ ନୁହେଁ, କାରଣ ଏହାଦ୍ୱାରା ତୁମେ ଭଗବାନଙ୍କ ଅନୁଗ୍ରହର ପୁରସ୍କାର ପାଇଛ ।"

"ନାଇଁ, ନାଇଁ, ଜମା ସେକଥା ନୁହଁ, ମୁଁ ଏ ରାଗଟାକୁ ଆଦୌ ଛାଡିପାରୁନି । ଏ ଦୁର୍ବଳତା ପାଇଁ ମୁଁ ଖୁବ୍ ଦଣ୍ଡ ଭୋଗୁଛି, ୟା ଆଗରୁ ପୁଟ୍ଟପର୍ତ୍ତି ମୁଁ ତିନିଥର ଆସିଛି, ଯଦିଓ ଏଇ ପ୍ରଥମଥର ତୁମକୁ ଭେଟିବାକୁ ଆସିଲି । ତୁମକୁ ମୋ ଦୁଃଖ କଥା କହିବିନି ତ ଆଉ କାହାକୁ କହିବି ? ତୁମେ ଜାଣିଛ, ବାବା ପ୍ରଶାନ୍ତିନିଳୟମ୍‌ର ଚାଳିଶିଟି ଘରେ ଗୃହପ୍ରବେଶ କରି ସେ ଘରସବୁ ପାଇଥିବା ପରିବାରମାନଙ୍କୁ ଶୁଭକଲ୍ୟାଣ କରିବେ । ସେ ଭାଗ୍ୟବାନ୍ ଚାଳିଶିଟି ପରିବାର ମଧ୍ୟରୁ ମୁଁ ଜଣେ । ଆଉ ଆସନ୍ତାକାଲି ମୁଁ ଏହି ଅପୂର୍ବ ସୌଭାଗ୍ୟ ଲାଭ କରିବି । ଗତକାଲି ମୁଁ ଓ ମୋର ସ୍ତ୍ରୀ ଆସି ବାହାରେ ଗୋଟିଏ ଭଡାଘରେ ଅଛୁ । ସନ୍ଧ୍ୟା ଭଜନରେ ବସିଥିବାବେଳେ ମୁଁ ମନେ ମନେ ବାବାଙ୍କୁ ପ୍ରାର୍ଥନା କରୁଥିଲି ପ୍ରଶାନ୍ତିନିଳୟମ୍‌ରେ ଆମକୁ ମିଳିଥିବା ଏ ଘରଟିରେ ଆମ ଦୁହିଁଙ୍କୁ ସବୁଦିନ ରହିବାର ଅନୁମତି ପାଇଁ । ପୁଅମାନେ ସବୁ ବଡ଼ ହୋଇଗଲେଣି ଓ ଭଲ ଚାକିରୀ ମଧ୍ୟ କଲେଣି । ସେମାନେ ତ୍ରିଭାନ୍ଦ୍ରମ୍ ଘରେ ରହିବେ ।

ବାବା ଭଜନ ଶେଷ ଆଡକୁ ମନ୍ଦିରକୁ ଆସି ସିଂହାସନ ଗ୍ରହଣ କଲେ। ମାତ୍ର ମୋ ପ୍ରାର୍ଥନାର ହଁ କି ନାହିଁ କିଛି ଉତ୍ତର ଦେଲେ ନାହିଁ। ତା ପରେ ମୁଁ ବିଚାରିଲି ବାବା ଯେତେବେଳେ ଆସନ୍ତାକାଲି ଗୃହ ପ୍ରବେଶ କରି ମୋ ଘରେ ସିଂହାସନରେ ଟିକିଏ ବସିବେ, ସେତେବେଳେ ତାଙ୍କ ପାଦ ଧରି ଏ ପ୍ରାର୍ଥନାଟି ଜଣାଇବି। ଭଜନ ପରେ ଆମେ ବାହାରେ ଭଡା ନେଇ ରହିଥିବା ଘରକୁ ଗଲୁ। କ୍ୟାଣ୍ଟିନ୍ କୁପନ ପାଇଁ ମୁଁ ଯେତେବେଳେ ଟଙ୍କାଥଳୀଟି ଖୋଲିଲି, ସେଥିରୁ ବାହାରିଲା ବାବାଙ୍କ ନାମ ଦସ୍ତଖତ୍ ହୋଇଥିବା ଏଇ ନିର୍ଦ୍ଦେଶ ପତ୍ରଟି।

ଏହା କହି ମୋର ବନ୍ଧୁ ମୋ ହାତକୁ ବଢ଼ାଇ ଦେଲେ ଖଣ୍ଡିଏ ଛୋଟ କାଗଜ। ସେଥିରେ ଲେଖା ହୋଇଥିଲା, "ପୁଅମାନଙ୍କୁ ତ୍ରିଭାନ୍ଦ୍ରମ୍‌ରେ ଛାଡି ତୁମ୍ଭେମାନେ ଏଠି ରହିବା ମୁଁ ପସନ୍ଦ କରେନା। ତୁମେ ପୁଅମାନଙ୍କ ସହ ଏକାଠି ରହ, ଭଜନ କର ଓ ନିଜ ଦୁର୍ଗୁଣକୁ ଛାଡି ସମସ୍ତଙ୍କୁ ଆନନ୍ଦ ଦିଅ।" ମୁଁ ଯେତେବେଳେ କାଗଜଟି ସୁବ୍ରମଣ୍ୟ ଆୟାର ହାତକୁ ବଢ଼ାଇଦେଲି, ତା ଆଖି ଲୁହରେ ଢଳ ଢଳ ହେଉଥିଲା। କାରଣ ଯେଉଁ ଦୁର୍ଗୁଣ ଯୋଗୁ ସେ ଅନୁଗ୍ରହ-ପ୍ରସାଦ ପାଇଲା ବୋଲି ମୁଁ ପରିହାସ କରିଥିଲି, ସେଇ ଦୁର୍ଗୁଣ ହିଁ ଆଜି ତାକୁ ସେ ବର୍ଷ ବର୍ଷ ଧରି ସ୍ୱପ୍ନ ଦେଖିଥିବା ସ୍ୱର୍ଗରେ ରହିବା ସୌଭାଗ୍ୟରୁ ବଞ୍ଚିତ କରୁଛି। ପ୍ରତ୍ୟେକ ମଣିଷ ମଧ୍ୟରେ ଗୋଟିଏ ଦୈବାଧିକାର ରହିଛି ଯାହା ତାକୁ ପଶୁପରି ଆଚରଣ କରିବାକୁ ବାରଣ କରିଥାଏ। ବାବା ହିଁ ସେହି ଅଧିକାରର ଅଧିକାରୀ।

ଗୋଟାଏ ଆଶ୍ଚର୍ଯ୍ୟ କଥା ହେଲା ଅବତାରଙ୍କ ଦର୍ଶନ ପରେ ଭଗବତ୍-କ୍ଷୁଧା ନ କମି ବରଂ ବଢ଼ିଥାଏ। ବର୍ଷ ବର୍ଷ ଧରି ତାଙ୍କର ଅନୁଗ୍ରହ-ପ୍ରସାଦ ପାଇଲେ ବି ତାଙ୍କୁ ଆହୁରି ଆହୁରି ପାଇବାର ତୃଷା ଟିକିଏ ବି ପ୍ରଶମିତ ହୁଏନା। ବାବା ଆନ୍ଧ୍ରପ୍ରଦେଶର ନେଲ୍ଲୋର୍, ଗୁଣ୍ଟୁର୍, କୃଷ୍ଣା, ପୂର୍ବ ଗୋଦାବରୀ ଓ ପଶ୍ଚିମ ଗୋଦାବରୀ ଜିଲ୍ଲାର ବିଭିନ୍ନ ଗାଁଗଣ୍ଡା ବୁଲିଗଲାବେଳେ ମୁଁ ପାଞ୍ଚଥର ବିଭିନ୍ନ ସମୟରେ ତାଙ୍କ ସହିତ ଯାଇଛି। ବାବା କହନ୍ତି ସେ ଆମକୁ ତାଙ୍କ ସାଙ୍ଗରେ ନେବାର ଉଦ୍ଦେଶ୍ୟ ହେଲା ଋକ୍ ବେଦର ପୁରୁଷସୂକ୍ତଟିର ଅର୍ଥ ଆମକୁ ବୁଝାଇଦେବା। ଏ ସୂକ୍ତରେ ଭଗବାନଙ୍କୁ ସହସ୍ର ସହସ୍ର ମସ୍ତକ ଓ ସହସ୍ର ସହସ୍ର ହସ୍ତପଦଧାରୀ ବୋଲି ବର୍ଣ୍ଣନା କରାଯାଇଛି। ବାବା ଲୋକମାନଙ୍କୁ ଦେଖାଇ କହନ୍ତି, "ଦେଖ - ଏହା ହିଁ ସହସ୍ରଶୀର୍ଷ ପୁରୁଷ। ସହସ୍ର ସହସ୍ର ନରନାରୀ କିପରି ପରିଧିରୁ କେନ୍ଦ୍ର ଆଡକୁ ଧାଇଁ ଆସୁଛନ୍ତି।" ସମ୍ଭାଷଣ ସମୟରେ ଘଣ୍ଟାକରୁ ଅଧିକ କାଳ ଦର୍ଶନ କଲେ ମଧ୍ୟ ବାବା ରହୁଥିବା ଘରର ଉପର ବାରଣ୍ଡାକୁ ଆସିବା ମାତ୍ରେ ପୁଣି ଟିକେ ଦର୍ଶନ କରିବାକୁ ଲୋକେ ଧାଇଁ ଆସୁଥାନ୍ତି।

ଦର୍ଶନାର୍ଥୀ ଜନତାକୁ ବାବା ଗୁଡର ପାହାଡ଼ ଆଡକୁ ଧାଇଁଥିବା ପିମ୍ପୁଡିମାନଙ୍କ ସହ ତୁଳନା କରିଥାନ୍ତି । ଅବତାର ଆସିଲେଣି ବୋଲି ପ୍ରତ୍ୟେକେ କେବଳ ତୁଣ୍ଡବାଇଦରେ ଘୋଷଣା କରନ୍ତି ନାହିଁ, ସେମାନଙ୍କର ଅଧିକ ସ୍ନେହସୌହାର୍ଦ୍ଦ୍ୟଭରା ଜୀବନ, ଜନସେବାରେ ଆଗ୍ରହ, ଅଧିକ ଧ୍ୟାନ-ଜପ ଏବଂ ଅଧିକ ପ୍ରେମଶୀଳତା ସେମାନଙ୍କ ଜୀବନରେ ଭଗବାନଙ୍କ ଆଗମନ ଘୋଷଣା କରିଥାଏ । ରିପାଲି, ରାଜମହେନ୍ଦ୍ରୀ, ଏର୍ଣ୍ଣାକୁଲମ୍, ବମ୍ବେ, ନବସାରୀ ଆଦି ସ୍ଥାନମାନଙ୍କରେ ବାବାଙ୍କ ଉପସ୍ଥିତି ଲୋକମାନଙ୍କ ମଧ୍ୟରେ କିପରି ଭକ୍ତିର ସ୍ରୋତ ବୁହାଇ ଦେଇଥାଏ ତାହା ମୁଁ ନିଜ ଆଖିରେ ଦେଖିଛି । ମୁଁ ଦେଖିଛି ଏସବୁ ସ୍ଥାନରେ ଯେତେ ଲୋକ ବାବାଙ୍କ ଦର୍ଶନ ପାଇଁ ଆସନ୍ତି ନୂଆଦିଲ୍ଲୀ ଏବଂ ବମ୍ବେ ଓ ପୁନା ମଧ୍ୟରେ ଥିବା ଉଲ୍ଲାସନଗର ପରି ଛୋଟ ସ୍ଥାନଟିରେ ବି ତାର ୩ ଗୁଣରୁ ୫ ଗୁଣ ଲୋକ ଅଧିକା ହୋଇଥାନ୍ତି । କୁରୁକ୍ଷେତ୍ରଠାରେ ରିଗ୍ୱଡ୍ ବକ୍ ମୋତେ କହିଥିଲେ, "ଏଠାରେ ପାଞ୍ଚହଜାର ବର୍ଷ ତଳେ ମହାଭାରତ ଯୁଦ୍ଧ ପାଇଁ ଯେତେ ସୈନ୍ୟ ଜମା ହୋଇଥିଲେ ଏବେ ବାବାଙ୍କର ଗୀତା-ପ୍ରବଚନ ଶୁଣିବା ପାଇଁ ବେଶୀ ଲୋକ ଜମା ହୋଇଥିବା ପରି ଲାଗୁଛି ।" ଶ୍ରୀକୃଷ୍ଣଙ୍କର ଗୀତା ମାତ୍ର ୪ ଜଣ ଶୁଣିଥିଲେ—ଅର୍ଜୁନ, ପତାକାରେ ବସିଥିବା ହନୁମାନ, ସଞ୍ଜୟ ଓ ଧୃତରାଷ୍ଟ୍ର । ଏକ ବିଶେଷ ବର ଯୋଗୁ ସଞ୍ଜୟ ତାହା ଶୁଣିପାରିଥିଲେ, ମାତ୍ର ଏଥିରୁ ଧୃତରାଷ୍ଟ୍ରଙ୍କର କିଛି ଉପକାର ହୋଇ ନ ଥିଲା । କିନ୍ତୁ କୁରୁକ୍ଷେତ୍ରରେ ପାଞ୍ଚହଜାର ଲୋକ ଉତ୍ସାହ-ଉନ୍ମାଦନାଭରା ହୃଦୟରେ ସାଇକୃଷ୍ଣଙ୍କର ଗୀତା ଶୁଣିଥିଲେ । ସେବେ ହେଉ ବା ଏବେ ହେଉ ଗୀତା ଶ୍ରୋତାର ହୃଦୟରେ ଭଗବତ୍ ଉପସ୍ଥିତି ସଞ୍ଚାର କରିଥାଏ ।

ନୂଆଦିଲ୍ଲୀରେ ବାବାଙ୍କର ଗଲ୍‌ଫ ଲିଙ୍କ୍‌ସ ବାସଭବନ ସାମନାରେ ମାଇଲ୍ ମାଇଲ୍ ଧରି ରାସ୍ତା ଏପରି ଜନାକୀର୍ଣ୍ଣ ହୋଇ ଯାଇଥିଲା ଯେ ଯାନବାହାନ ଚଳାଚଳ ଦିନ ଦିନ ଧରି ବନ୍ଦ ହୋଇଯାଇଥିଲା । ଏପରି ଲୋକଗହଳି ଦିଲ୍ଲୀରେ କେବେ ଦେଖା ନ ଥିଲା । ଗୁଜରାଟର ନବସାରୀଠାରେ ଯେତେ ଲୋକ ଦର୍ଶନ ପାଇଁ ଆସିଥିଲେ ସେମାନଙ୍କର ସଂଖ୍ୟା ସେ ସ୍ଥାନର ଲୋକସଂଖ୍ୟାର ଦୁଇଗୁଣ ଥିଲା । ଏତେ ଲୋକଙ୍କ ପାଇଁ କୌଣସି ସାମିୟାନା ଟାଣିବା ସମ୍ଭବ ନ ଥିଲା । ବାବା ପୁରୁଷ ଓ ସ୍ତ୍ରୀ ଲୋକଙ୍କ ମଝିରେ ଯେତେବେଳେ ଦର୍ଶନ ଦେବାପାଇଁ ଚାଲୁଥିଲେ, ଲୋକେ ଧୀରସ୍ଥିର ଭାବରେ ବସିଥିଲେ । ମାତ୍ର ବାବା ମଞ୍ଚ ଆଡ଼କୁ ଫେରିବା ମାତ୍ରେ ଲୋକେ ମଞ୍ଚ ଆଡ଼କୁ ଧାଇଁବାରେ ଲାଗିଲେ । ଫଳରେ ଅସମ୍ଭବ ପ୍ରକାରର ଦଳାଚକଟା ଆରମ୍ଭ ହୋଇଗଲା । ବାବା ମଞ୍ଚ ଉପରେ ଠିଆ ହୋଇ ଏ ଜନତା-ମନ୍ଥନ ଆଡ଼କୁ ଚାହିଁଲେ ।

ଆମେସବୁ ମଞ୍ଚ ଉପରେ ବାବାଙ୍କ ପାଇଁ ଉଦ୍ଦିଷ୍ଟ ଆସନ ପଛରେ ବସିଥାଉ । ଆମେ ଚାହୁଁ ଚାହୁଁ ବାବା ହଠାତ୍ ମଞ୍ଚ ତଳକୁ ଡେଇଁ ପଡିଲେ । ବାସ୍, ତାପରେ ବାବା ସମ୍ପୂର୍ଣ୍ଣ ହଜିଗଲେ । ଆମେ ଯେତେବେଳେ ଦେଖିଲୁ ମଞ୍ଚ ଉପରେ ବାବା ନାହାନ୍ତି ଆମେ ତରତର ହୋଇ ଓହ୍ଲାଇ ରାସ୍ତାଆଡକୁ ଭିଡ଼ ଠେଲି ଚାଲିଲୁ । କୋଡିଏ ମିନିଟ୍ ପରେ ଆମେ ଯେତେବେଳେ ରାସ୍ତା ଉପରକୁ ଆସିଲୁ, ଶୁଣିଲୁ ଜଣେ 'ସୁଦର୍ଶନ ବ୍ୟକ୍ତି' ଗୋଟିଏ ଟାକ୍ସି ଭିତରକୁ ଡେଇଁପଡି ଖୁବ୍ ତରତରରେ କୁଆଡ଼େ ଚାଲିଗଲେ । ନବସାରୀ ପରେ ବରୋଦା ଯିବାର ଥିଲା । ଏଣୁ ଆମେ ଖୁବ୍ ଦ୍ରୁତ ଗତିରେ ବରୋଦା ଆଡକୁ ଛୁଟିଲୁ । ପ୍ରାୟ ଅଧଘଣ୍ଟାଏ ପରେ ଆମ ପଛରୁ ଗୋଟାଏ ଟ୍ୟାକ୍ସିର ବାରମ୍ବାର ହର୍ଣ୍ଣ ଶବ୍ଦ ଶୁଣି ଚାହିଁ ଦେଖିଲୁ, ସେଥିରେ ବାବା ବସିଛନ୍ତି । ବାବା କହିଲେ ଜନତା ଅସମ୍ଭାଳ ହୋଇଯିବାରୁ ସେ ମଞ୍ଚ ଉପରୁ ଟ୍ୟାକ୍ସି ପାଖକୁ ଚାଲି ଆସିଲେ । ଅବଶ୍ୟ ସେଥିପାଇଁ ତାଙ୍କୁ ଲୋକଭିଡ ଠେଲି ଯିବାକୁ ପଡି ନ ଥିଲା ବୋଲି ବାବା ଆମକୁ ମୁରୁକି ହସି ବୁଝାଇ ଦେଇଥିଲେ ! ଆମ ସହିତ ବସି ବାବା ଶୃଙ୍ଖଳିତ ଆଚରଣର ଆବଶ୍ୟକତା ସମ୍ପର୍କରେ କହିଲେ, " ଦେଖ, ଏବେ ନବସାରୀ ନିଶ୍ଚୟ ଦୁଃଖିତ । କାରଣ ସେମାନେ ଆଦୌ ଶୃଙ୍ଖଳା ରଖିଲେ ନାହିଁ । ମୁଁ ଲୋକମାନଙ୍କ ମଧ୍ୟରେ ବୁଲି ଶେଷଯାଏ ଗଲି, ଆଉ ସମସ୍ତଙ୍କୁ ଦର୍ଶନ ଦେଲି । ମଞ୍ଚ ଉପରୁ ମଧ୍ୟ ଦର୍ଶନ ଦେଲି । ତାହା ତ ସେମାନଙ୍କ ପାଇଁ ଯଥେଷ୍ଟ ।"

ଆଉ ଥରେ ଭକ୍ତମାନଙ୍କର ଅସମ୍ଭବ ଭିଡ଼ରେ ନ ପଶି ବାବା ଗହଳି ଟପି ଯାଇଥିଲେ । ଘଟଣାଟି ଘଟିଥିଲା ଗୁଣ୍ଟୁର୍ ନିକଟସ୍ଥ ରେପାଲିରେ । ରେପାଲି ହେଉଛି ଗୋକୁଳର ତେଲୁଗୁ ନାମ । ଲୋକେ ବିଚାରନ୍ତି ଏ ସ୍ଥାନଟି ପ୍ରକୃତରେ ଗୋକୁଳ, ଯେଉଁଠି କୃଷ୍ଣଙ୍କର ବାଳଲୀଳା ପ୍ରକଟ ହୋଇଥିଲା । ସେଠାରେ ଜଣେ ଭକ୍ତ ଶିରଡିସାଇଙ୍କୁ ଆରାଧନା କରୁଥିଲେ । ତାଙ୍କର ଭକ୍ତି, ସେବା ଓ ଶୁଦ୍ଧଜୀବନର ସୁଗନ୍ଧ ଆଖପାଖ ଅଞ୍ଚଳରେ ଭରି ଯାଇଥିଲା । ସେ ଯେ ସତ୍ୟସାଇଙ୍କଠାରେ ତାଙ୍କ ମାତା, ପିତା, ଗୁରୁ ଓ ଭଗବାନ ଶିରଡି ରୂପକୁ ଦେଖିଲେ, ଏଥିରେ ବିଚିତ୍ରତା କିଛି ନାହିଁ । ସେ ରେପାଲିରେ ଗୋଟିଏ ମନ୍ଦିର ତୋଳି ସେଥିରେ ଶିରଡିଙ୍କର ମାର୍ବଲ ମୂର୍ତ୍ତି ପ୍ରତିଷ୍ଠା କରିବା ନିମନ୍ତେ ଭଗବାନ ସତ୍ୟସାଇଙ୍କୁ ପ୍ରାର୍ଥନା କଲେ । ବାବା ରାଜି ହେଲେ, ଏବଂ ମୂର୍ତ୍ତି ପ୍ରତିଷ୍ଠା ନିମନ୍ତେ ଉଦ୍ଦିଷ୍ଟ ଦିନ ସକାଳ ଦଶଟାରେ ରେପାଲିରେ ପହଞ୍ଚିଲେ । 'ପହଞ୍ଚିଲେ' ବୋଲି କହିବା ଠିକ୍ ନୁହଁ । କାରଣ ରାତି ପାହୁ ପାହୁ ମନ୍ଦିରକୁ ଯିବା ରାସ୍ତାରେ ଆଉ ସୋରିଷ ପକାଇବାକୁ ସ୍ଥାନ ନ ଥିଲା । ମନ୍ଦିରଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ଗୋଟିଏ ଦୁଇ ମହଲା କୋଠାଘରେ ଆମର ରହଣିର ବ୍ୟବସ୍ଥା ହୋଇଥିଲା । ଆମେ କୌଣସିମତେ ଭିଡ଼ ଭିତରେ ଠେଲିପେଲି କାଠପାହାଚ ଚଢ଼ି ଉପରମହଲାରେ ପହଞ୍ଚିଗଲୁ ।

ମାତ୍ର ତାପରେ ସେଠାରୁ ଘୁଞ୍ଚିବା ଅସମ୍ଭବ ହୋଇ ଉଠିଲା । ଏପରିକି ଆମ ପାଇଁ କଫି ଉପରମହଲାରେ ପହଞ୍ଚିବା ମଧ୍ୟ କଷ୍ଟକର ହୋଇଥିଲା । ଆମେ ଉପରକୁ ଏକ ଦଉଡିରେ କଫି ଡାଲଟିକୁ ବାନ୍ଧି ଉପରକୁ ଉଠାଇ ନେବାକୁ ବାଧ୍ୟ ହୋଇଥିଲୁ । ଉପରମହଲାର ବାରଣ୍ଡାରେ ଗୋଟିଏ ଉଚ୍ଚ ଟେବୁଲ ରଖାଗଲା ଏବଂ ଶିରଡିଙ୍କ ମାର୍ବଲ ମୂର୍ତ୍ତିଟିକୁ ଆଣି ସେ ଟେବୁଲ ଉପରେ ସ୍ଥାପନ କରାଗଲା । ଶିରଡିଙ୍କ ଅଭିଷେକ ତଳୁ ଅନ୍ତତଃ କେତେ ହଜାର ଲୋକ ଦେଖି ପାରିବେ ବୋଲି ଏ ବ୍ୟବସ୍ଥା କରାଯାଇଥିଲା । ବାବା ଶିରଡିଙ୍କୁ ପ୍ରଥମେ ପବିତ୍ର ତୀର୍ଥଜଳ ଏବଂ ପରେ ବିଭୂତିରେ ଅଭିଷେକ କରି ଉତ୍ସବ ସମାପନ କଲେ । କିନ୍ତୁ ମନ୍ଦିର ଭିତରେ ତାଙ୍କୁ ପ୍ରତିଷ୍ଠା କରିବାକୁ ହେବ । ରାତି ଏଗାରଟା ପରେ ଲୋକମାନେ ଯେତେବେଳେ ଯେଉଁଠି ବସିଥିଲେ ସେଇଠି ନିଦ୍ରାସକ୍ତ ହୋଇ ଗଡି ପଡିଲେ, ଆମେ ତଳକୁ ଓହ୍ଲାଇଲୁ । ବହୁ କଷ୍ଟରେ ମନ୍ଦିର ଯାଏ ଆସିଲୁ । ମାତ୍ର ତାପରେ ଦେଖିଲୁ ମନ୍ଦିର ଚାରିପାଖରେ ଶୋଇଥିବା ଲୋକଙ୍କର ସତେ ଯେମିତି ଗୋଟିଏ ଦରୀ ବିଛା ହୋଇଛି । ଦୁଇ ଜଣଙ୍କ ଭିତରେ ପାଦ ରଖିବା ଜାଗା ଖୋଜି ଆମେ ଆଗକୁ ଯିବାର ଯୋଜନା କରୁଛୁ, ହଠାତ୍ ଦେଖିଲୁ ବାବା ଆଉ ଆମ ପାଖରେ ନାହାନ୍ତି । ସେ ମନ୍ଦିର ଭିତରେ ! ବାବା ପରେ କହିଲେ, "ମୋତେ ପାଦ ପାଦ କରି ଯିବାକୁ ପଡ଼େ ନାହିଁ । ମୁଁ ସେମାନଙ୍କୁ ଶୂନ୍ୟରେ ଡେଇଁ ଯାଇପାରେ ।" ବାବା ଅଲୌକିକତା ଇଚ୍ଛା କରି ଘଟାନ୍ତି ନାହିଁ । ଆଚମ୍ବିତ ଘଟଣା ମନକୁ ମନ ଘଟିଯାଏ, କାରଣ ସେ ନିଜେ ହିଁ ଅଲୌକିକତାର ମୂର୍ତ୍ତି । ମନ୍ଦିରରେ ମୂର୍ତ୍ତି ପ୍ରତିଷ୍ଠା ସରିଲା ମାତ୍ରେ ବାବା ଗୋଟିଏ ଜିପ୍‌ରେ ରେପାଲି ଛାଡି ଚାଲିଗଲେ । କାରଣ ଆଉ ଗୋଟିଏ ପ୍ରଭାତ ଆସିବା ସଙ୍ଗେ ସଙ୍ଗେ ଆହୁରି କେତେ ସହସ୍ର ଦର୍ଶନାର୍ଥୀ ସେଠାରେ ଜମା ହୋଇଯିବେ, ଆଉ ସେମାନଙ୍କୁ ଏ ଛୋଟ ସ୍ଥାନରେ ଖାଦ୍ୟ, ପାନୀୟ ବା ଆଶ୍ରୟ ମିଳିବ ନାହିଁ ।

ଚୁମ୍ବକ ଆଡ଼କୁ ଲୁହା ଆକୃଷ୍ଟ ହୋଇ ଆସିବା ପରି ହଜାର ହଜାର ଲୋକ କେବଳ ଦର୍ଶନ ଆଶାରେ ଆସିଲେ ମଧ୍ୟ ବାବା ସେମାନଙ୍କ ହୃଦୟକ୍ଷେତ୍ରରେ ଭଜନ ମାଧ୍ୟମରେ ଭକ୍ତିର ବୀଜ ବପନ କରିବାକୁ ଚାହାନ୍ତି । ଏହି ବୀଜ ଭ୍ରାତୃତ୍ୱ ଏବଂ ଉତ୍ସାହ ଭାବରେ ସେମାନଙ୍କ ଜୀବନରେ ପ୍ରକାଶିତ ହୁଏ । ବାବା ସାଧାରଣ ସମାବେଶରେ ଭାଷଣ ଦେଲାବେଳେ ତେଲୁଗୁ ଭାଷା ବ୍ୟବହାର କରିଥାନ୍ତି ଏବଂ ଏହାକୁ ତତ୍‌କ୍ଷଣାତ୍ ଇଂରାଜୀରେ ଭାଷାନ୍ତରିତ କରାଯାଇଥାଏ । ବ୍ୟକ୍ତିଗତ ସାକ୍ଷାତ୍‌କାର ସମୟରେ ବାବା ଉକ୍ତ ବ୍ୟକ୍ତିଙ୍କର ବୋଧଗମ୍ୟ ଭାଷା ବ୍ୟବହାର କରିଥାନ୍ତି ।

❖

ମୋର ଭାଷାନ୍ତର ସାଧନା

ଭଗବାନଙ୍କ ସମ୍ଭାଷଣକୁ ତତ୍କ୍ଷଣାତ୍ ଇଂରାଜୀରେ ଭାଷାନ୍ତର କରିବାର ପ୍ରାୟ ଅସମ୍ଭବ କର୍ମ ପାଇଁ ମୋତେ କେବେ ଆଦେଶ ମିଳିଥିଲା ମୋର ଠିକ୍ ମନେପଡୁ ନାହିଁ। ମୁଁ ଭାବୁଛି ବୋଧହୁଏ ବମ୍ବେର ମାଲ୍‌ବାର ହଲ୍‌ଠାରେ ଥିବା ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ଯେଉଁ ସମାବେଶ ଅନୁଷ୍ଠିତ ହୋଇଥିଲା, ସେଠାରେ ପ୍ରଥମେ ମୋତେ ଏ ସେବାର ଆଦେଶ ମିଳିଥିଲା। ତା ପରଠାରୁ ବହୁବର୍ଷ ଧରି ଏ ଦୁଃସାଧ୍ୟ ସାଧନାରେ ନିଯୁକ୍ତ ଥିଲି। ମାତ୍ର ଯେଉଁଦିନ ମାଡ୍ରାସ୍‌ରେ ପ୍ରାୟ ୨ ୦ ହଜାର ଲୋକଙ୍କ ଆଗରେ ମୁଁ ତାଙ୍କ ବାର୍ତ୍ତାକୁ ଭାଷାନ୍ତର କରିବାରେ ଅକ୍ଷମ ହେଲି, ସେହିଦିନ ମୋତେ ବାବା ଏଥିରୁ ଅବ୍ୟାହତି ଦେଇଥିଲେ। ତେବେ ଶେଷ କଥାଟା ପରେ।

ବାବାଙ୍କର ଅନୁବାଦକ ଦରକାର ନାହିଁ। କାରଣ ଇଂରାଜୀରେ ହେଉ ବା ଅନ୍ୟ ଯେ କୌଣସି ଭାଷାରେ ହେଉ, ସେ ନିଜ ବାର୍ତ୍ତାକୁ ନିଜେ କହିପାରିବେ। ତାଙ୍କ ଶ୍ରୋତାମାନଙ୍କ ମଧ୍ୟରେ ଅଳ୍ପ କେତେଜଣଙ୍କୁ ଛାଡିଦେଲେ ଅଧିକାଂଶ ଅନୁବାଦ ପସନ୍ଦ ମଧ୍ୟ କରିବେ ନାହିଁ। କାରଣ ଭାଷା ତେଲୁଗୁ ହେଲେ ବି ବାର୍ତ୍ତା ଦିବ୍ୟ ଏବଂ ମାଧ୍ୟମ ହେଉଛି ହୃଦୟ। ବାବାଙ୍କର ତେଲୁଗୁ ଭାଷାର ଶୈଳୀ ଅପୂର୍ବ, ଦିବ୍ୟ। ଯେଉଁମାନେ ବାବାଙ୍କୁ ଜାଣନ୍ତି ନାହିଁ, କିମ୍ବା ତେଲୁଗୁ ଭାଷା ଜାଣନ୍ତି ନାହିଁ, ସେମାନଙ୍କ ପାଇଁ ମଧ୍ୟ ଇଂରାଜୀ ଭାଷାନ୍ତର ନ ହେଲେ କିଛି ଯାଏ ଆସେ ନାହିଁ, କାରଣ ସେମାନେ କୃଷ୍ଣଙ୍କ ମୁରଲୀ ଅନ୍ତତଃ ଅବାଧରେ ଶୁଣିପାରିବେ ତ। ଭଗବାନଙ୍କ ଶ୍ରୀମୁଖ ଦର୍ଶନ, ତାଙ୍କ ଉପସ୍ଥିତିର ପ୍ରଭା ଆହରଣ ଏବଂ କର୍ଣ୍ଣରେ ତାଙ୍କ ମଧୁର ସ୍ୱରର କମ୍ପନ ହିଁ ସେମାନଙ୍କ ପକ୍ଷରେ ପ୍ରଚୁର ଆନନ୍ଦଦାୟକ।

୧୯୭୦ ଦଶହରା ଉତ୍ସବ ସମୟରେ ଭଗବାନଙ୍କ ତେଲୁଗୁ ସମ୍ଭାଷଣର ଇଂରାଜୀ ସାରାଂଶ ଭକ୍ତସମାବେଶରେ ପରେ ପଢ଼ିବାର ବ୍ୟବସ୍ଥା କରାଯାଇଥିଲା। ଦଶହରାର ପ୍ରଥମ ଦିନ ପତାକା ଉତ୍ତୋଳନ ସମୟରେ ଭଗବାନ୍ ଦେଇଥିବା ସମ୍ଭାଷଣର ଇଂରାଜୀ ତର୍ଜମା ଅପରାହ୍ଣରେ ମୁଁ ଲୋକମାନଙ୍କୁ ପଢ଼ି ଶୁଣାଇ ଦେଇଥିଲି। ଏହିପରି ସେଥର ଦଶହରା ସମ୍ଭାଷଣଗୁଡିକର ଇଂରାଜୀ ସାରାଂଶ ପ୍ରତିଦିନ ସମ୍ଭାଷଣ ପରେ ଏକ ନିର୍ଦ୍ଦିଷ୍ଟ ସମୟରେ ଭକ୍ତ ସମାବେଶରେ ମୁଁ ପଢ଼ି ଶୁଣାଇଥିଲି। ତେଲୁଗୁ ଜାଣିଥିବା ଓ ନ ଜାଣିଥିବା ଭକ୍ତମାନେ ଏ ସମୟରେ ମୋର ନିଷ୍ପାପର ଉଦ୍ୟମକୁ ପସନ୍ଦ କରି ଚୁପ୍‌ଚାପ୍ ବସି ଶୁଣିଥିଲେ ମଧ୍ୟ ମୁଁ ବୁଝିପାରିଥିଲି ଏ ଉଦ୍ୟମ ସେମାନଙ୍କୁ ଅବାସ୍ତବ ଲାଗୁଛି।

ମୁଁ ପଢୁଥିବାବେଳେ ମଞ୍ଚ ଉପରେ ବାବାଙ୍କ ଉପସ୍ଥିତି ମଧ୍ୟ ସେମାନଙ୍କ ମୁହଁରୁ ଏ ଅବାସ୍ତବତାର ଛାପ ଘୁଞ୍ଚାଇ ପାରୁ ନ ଥିଲା। ବାବାଙ୍କ ଉପସ୍ଥିତି ମୋର ଇଂରାଜୀ ତର୍ଜମା ପଢ଼ିବାକୁ ଅଧିକ ଲଘୁ କରି ଦେଉଥିଲା, କାରଣ ସେମାନଙ୍କ କାନ ଅପେକ୍ଷା ଆଖି ଅଧିକ ଆଗ୍ରହୀ ଥିଲା। ଫଳରେ ଏ ପରୀକ୍ଷାକୁ ବର୍ଜନ କରିବାକୁ ପଡିଥିଲା।

ତତ୍‌କ୍ଷଣାତ୍ ଭାଷାନ୍ତର କରିବାକୁ ଗଲେ ବାବାଙ୍କ ବାଣୀର ଅର୍ଥ ନ ବୁଝାଇ ଏହା କରିବା ସମ୍ଭବ ନୁହେଁ। ଅର୍ଥ କରିବାକୁ ଗଲେ, ବ୍ୟକ୍ତି ଓ ତାଙ୍କ ଦୃଷ୍ଟିଭଙ୍ଗୀର ଏକ ସାମଗ୍ରିକ ଅବବୋଧ ମଧ୍ୟ ଏକାନ୍ତ ଆବଶ୍ୟକ। କେବଳ ସେତିକି ନୁହେଁ, ବାବାଙ୍କ କହିବାର ଶୈଳୀ ଓ ଭାଷା ସହିତ ବିଶେଷ ପରିଚୟ ଥିବା ମଧ୍ୟ ଆବଶ୍ୟକ। ବାବାଙ୍କ ଉପଦେଶର ଭାବରାଜ୍ୟରେ ଖୁବ୍ ପ୍ରବେଶ ଥିବା ମଧ୍ୟ ଦରକାର। ଭଗବାନଙ୍କ ତେଲୁଗୁ ଭାଷାର ଇଂରାଜୀ ଭାଷାନ୍ତର ଅର୍ଥ ଭାରତୀୟ ସଂସ୍କୃତି ଓ ଭାବରାଜ୍ୟର ଧ୍ୱନିଚିତ୍ରକୁ ବଣିକ ଓ ସିପାହୀମାନଙ୍କର ଭିନ୍ନ ସଂସ୍କୃତିର ଭାବ ଓ ଭାଷାର ସଂପୂର୍ଣ୍ଣ ଭିନ୍ନ ଧ୍ୱନିଚିତ୍ରରେ ରୂପାନ୍ତରିତ କରିବା। ଅନୁବାଦକୁ ଟଲଷ୍ଟୟ କହୁଥିଲେ, 'ଦରୀର ତଳପଟ'। ଇଟାଲୀ ଭାଷାରେ ଗୋଟିଏ ଲୋକକଥା ଅଛି ଯେଉଁଥିରେ ଅନୁବାଦକୁ ବିଶ୍ୱାସଘାତକ ବୋଲି ନାମ ଦିଆଯାଇଛି ! ଅନୁବାଦ ଅର୍ଥକୁ ବିଶ୍ଳେଷଣ କରିପାରେନା; ଖୁବ୍ ଭଲ ହେଲେ ଏହା ମୂଳଭାବର ପାଖାପାଖି ହୋଇପାରେ, ଆଉ ଖୁବ୍ ଖରାପ ହେଲେ ମୂଳଭାବକୁ ହତ୍ୟା ମଧ୍ୟ କରିପାରେ ! ମୋର ଜଣେ ପ୍ରଫେସର ପରିହାସ କରି କହୁଥିଲେ ଜଣେ ହତ୍ୟାକାରୀ ଦୁଇଟି ଗଧ ସାଙ୍ଗେ ସମାନ (କାରଣ 'assassin' ଶବ୍ଦରେ ଦୁଇଥର 'ass' ଅଛି !)

ମାତ୍ର ବାବା ଆଦେଶ ଦେଲେ 'ନାହିଁ' କରିବାର ଲୁ କାହାର ନାହିଁ। ଅବତାରଙ୍କ ଜ୍ଞାନର ସୂକ୍ଷ୍ମ ତାତ୍ପର୍ଯ୍ୟ ପ୍ରକଟ କରିବା ପାଇଁ ଇଂରାଜୀ ଗୋଟାଏ ନିତାନ୍ତ ଦରିଦ୍ର ଭାଷା। ତେଣୁ ଭଗବାନଙ୍କ ସମ୍ଭାଷଣ ସମୟରେ ତାଙ୍କୁ ଅନୁବାଦ କରିବାକୁ ଠିଆ ହୋଇଥିବା ଲୋକଟି ସବୁଠାରୁ ବଡ଼ ଦୁଃଖୀ। ବାବାଙ୍କ ତେଲୁଗୁ ଗଙ୍ଗା ଅଟକେ ନାହିଁ କିମ୍ବା ମନ୍ଥର ହୁଏ ନାହିଁ। ଇଂରାଜୀ ବାକ୍ୟଟି ପୂରା ନ ହେଉଣୁ ଏହାର ସ୍ରୋତ ତାକୁ ଡେଇଁ ଚାଲିଯାଏ। ଫଳରେ ତେଲୁଗୁ ଜାଣିଥିବା ଶ୍ରୋତାମାନେ ଯେଉଁ ରସ ପାଆନ୍ତି, ଇଂରାଜୀ ବୁଝିବା ଶ୍ରୋତାମାନେ ସେଥିରୁ ଜାଣିଚାଏ ବି ପାଆନ୍ତି ନାହିଁ। ସେମାନଙ୍କୁ ଛେପାଟି ପାଇ ସନ୍ତୁଷ୍ଟ ରହିବାକୁ ପଡ଼େ। ଇଂରାଜୀ ବାକ୍ୟର ଗଠନଶୈଳୀ ତେଲୁଗୁ ବାକ୍ୟର ଗଠନଶୈଳୀଠାରୁ ସଂପୂର୍ଣ୍ଣ ଭିନ୍ନ ହୋଇଥିବାରୁ ତେଲୁଗୁ ବାକ୍ୟର ଶେଷଠାରୁ ଇଂରାଜୀ ବାକ୍ୟକୁ ଆରମ୍ଭ କରି ପଛକୁ ଫେରିବାକୁ ପଡ଼େ ଯେଉଁଠି ବାବାଙ୍କ ଉପଦେଶର ମୂଳ ତତ୍ତ୍ୱଟି ଥାଏ।

ବାବାଙ୍କର ପ୍ରତ୍ୟେକଟି ସମ୍ଭାଷଣ ପ୍ରେମସିକ୍ତ ଜ୍ଞାନର ଝରଣା । ବାବା ନିଜର ସମ୍ଭାଷଣକୁ ବକ୍ତୃତା ବୋଲି କହନ୍ତି ନାହିଁ। ଶ୍ରୋତାମାନଙ୍କର ବ୍ୟାଧି ଦୂର କରିବା ପାଇଁ, ସେମାନଙ୍କୁ ବିଶୁଦ୍ଧ କରିବା ପାଇଁ, ଘାଆ ଶୁଖାଇବା ପାଇଁ ଏହା ନାରାୟଣ-ବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଏକ ବିଶେଷ ପାଚନ (Lecture ନୁହେଁ, Mixture) ବୋଲି କହିଥାନ୍ତି । ସେ ଏହାକୁ ସମ୍ଭାଷଣ ବୋଲି ବର୍ଣ୍ଣନା କରନ୍ତି ।

ବାବା ନିତ୍ୟ-ନୂତନ ଓ ସର୍ବଦା ସତେଜ । କୌଣସି ଦୁଇଟି ସମ୍ଭାଷଣ ଭାବ ଓ ଅର୍ଥରେ ଏକାପରି ନୁହଁ। ସମ୍ଭାଷଣ ଆଗରୁ ସେ ଯଦି ଗୋଟିଏ ପୁରୁଣା ଗୀତ ଆଉଥରେ ଗାଆନ୍ତି, ଏଥର ତାର ଭାଷା ବଦଳିଯାଏ । ବିଳାସବ୍ୟସନର ନଶ୍ୱରତା ସମ୍ବନ୍ଧରେ ସେ ଥରେ ଗୋଟିଏ ଗୀତ ଗାଇ ବସ୍ତୁଜଗତକୁ ଗୋଟିଏ ହାତୀ ଖାଇଥିବା କଇଥ ସାଙ୍ଗରେ ତୁଳନା କରିଥିଲେ । ଆଉଥରେ ସେଇ ଗୀତଟି ଗାଇଲାବେଳେ ବାବା ସଂସ୍କୃତଭାଷା ବ୍ୟବହାର କରି ଏଇ ତୁଳନାଟିକୁ 'ଦ୍ୱିପଭୁକ୍ତ-କପିତ୍ଥବତ୍' ବୋଲି ବର୍ଣ୍ଣନା କରିଥିଲେ । ଯଦି ଅନୁବାଦକ କେବଳ ପୁନରାବୃତ୍ତି ବା ଲୋକପ୍ରଚଳିତ ଭାଷା ଆଶା କରୁଥିବ, ତେବେ ତା କଥା ସରିଗଲା । ନାଇଁ, ନାଇଁ, ଏ ଦୁର୍ଦ୍ଦଶାରୁ ମଧ୍ୟ ବାବା ତାକୁ ଉଦ୍ଧାର କରିବେ ।

ଥରେ ଯେଉଁ 'ଚିନ୍ନାକଥା' ବାବାଙ୍କ ମୁହଁରୁ ବାହାରିଥିବ, ଆଉଥରେ କହିଲାବେଳେ ତାର ରୂପ ବଦଳି ଯାଇଥିବ । କଥାଟିର ଶୈଳୀ, ଗଠନ, ଶିକ୍ଷା ଏବଂ ଏହାର ଗତି ଓ ସମାପ୍ତି ଉପସ୍ଥିତ ସମାବେଶର ବୁଦ୍ଧି, ଆବଶ୍ୟକତା, ଆଦର୍ଶ ଓ ଆକାଂକ୍ଷା ଅନୁସାରେ ନୂଆ ରୂପ ନେବ । ଏତେଗୁଡାଏ ବିସ୍ମୟ ଅନୁବାଦକକୁ ନିରସ୍ତ କରିଦେବ । ସଂସ୍କୃତ ଶବ୍ଦଗୁଡିକର ଚିରାଚରିତ ଅର୍ଥ ମଧ୍ୟ ବାବା କହିଲାବେଳେ ବଦଳିଯିବ ।

ସଂସ୍କୃତ ଭାଷାବିତ୍‌ମାନଙ୍କ ମତରେ ମଧୁସୂଦନ ଶବ୍ଦ ଅର୍ଥ ହେଲା ଯିଏ ମଧୁ ନାମକ ଦୈତ୍ୟକୁ ସଂହାର କରିଥିଲେ । ମାତ୍ର ବାବାଙ୍କର ଅର୍ଥ ହେଲା, ଯେଉଁ କୃଷ୍ଣ ତାଙ୍କଠାରେ ଆତ୍ମସମର୍ପଣ କରିଥିବା ଲୋକର ଇନ୍ଦ୍ରିୟ ଭୋଗଲାଳସାର ମଧୁକୁ ବିନାଶ କରିଥାନ୍ତି । ଗୀତାରେ କୃଷ୍ଣ ଅର୍ଜୁନଙ୍କୁ କୁରୁନନ୍ଦନ ବୋଲି ସମ୍ବୋଧନ କରିଛନ୍ତି । ସବୁ ବ୍ୟାଖ୍ୟାକାର ଏ ଶବ୍ଦଟିକୁ କୁରୁବଂଶର ପୁତ୍ର ବୋଲି ଅର୍ଥ କରି ଆସିଛନ୍ତି । ମାତ୍ର ବାବା ଗୋଟିଏ ସମ୍ଭାଷଣରେ କହିଲେ କୁରୁ-ନନ୍ଦନ ଶବ୍ଦର ଅର୍ଥ ହେଲା, ଯିଏ କର୍ମ କରିବାରେ ଆନନ୍ଦ ପାଏ ! ଫଳରେ ସମାବେଶରେ ଭକ୍ତମାନେ ବୁଝିଗଲେ ଯୁଦ୍ଧକ୍ଷେତ୍ରରୁ ପଳାଇ ଯିବାକୁ ଚାହୁଁଥିବା ଗୋଟିଏ ଭୀରୁ ଯୋଦ୍ଧାକୁ କୃଷ୍ଣ କିପରି ଯୁଦ୍ଧରେ ଆନନ୍ଦ ଲାଭ କରୁଥିବା

ବୀରରେ ପରିଣତ କରିଦେଇଛନ୍ତି । ଏହାର ସଂସ୍କୃତ ହେଉ, ତେଲୁଗୁ, ହିନ୍ଦୀ ବା ଇଂରାଜୀ ହେଉ ବହୁ ଶବ୍ଦର ଗୂଢ଼ାର୍ଥ ପ୍ରକାଶ କରି ବାବା ସେଗୁଡ଼ିକୁ ଅଧିକ ସାର୍ଥକ କରିଦେଇଛନ୍ତି । କିଏ ଜାଣିଥିଲା ଚନ୍ଦ୍ରଯାତ୍ରୀର ' God is nowhere' କଥାଟିର ଅର୍ଥ ହୋଇପାରେ ' God is now here' ! କିମ୍ବା ' Property' ମଣିଷ ପକ୍ଷରେ ' Proper tie' ନୁହଁ (ଧନ ମଣିଷର ପ୍ରକୃତ ବନ୍ଧନ ନୁହେଁ) !

ବେଳେ ବେଳେ ସମ୍ଭାଷଣ ପୂର୍ବର ଗୀତଟିରେ ଶେଷ ଆଡ଼କୁ ଗୋଟିଏ ଦୁଇଟି ବିଦେଶୀ ଶବ୍ଦ ପଶିଯାଏ । ସେତେବେଳେ ଅନୁବାଦକର ଅକଲ୍ ଗୁଡ଼ୁମ୍ ହୋଇଯାଏ । ଥରେ ମାଡ୍ରାସରେ ସତ୍ୟସାଇ ସେବା ସଙ୍ଗଠନର କର୍ମକର୍ତ୍ତାମାନଙ୍କର ଏକ ନିଖିଳ ଭାରତ ସମ୍ମିଳନୀ ଉଦ୍‌ଘାଟନୀ ସମ୍ଭାଷଣକୁ ଅନୁବାଦ କରିବାକୁ ଯାଇ ମୋର ସେଇ ଦୁରବସ୍ଥା ହୋଇଥିଲା । ଗୀତଟି ଆରମ୍ଭ ହେଲା— " ଅଟୋମାଟିକ ଲାଇଟ ଉକ୍‌କୁ ଅଧିପୁଡ଼େଓ୍ୱାଡ୍ର......" ତାପରେ ନିର୍ମଳ ତେଲୁଗୁ । ମୋତେ ଲାଗିଲା ଏ ଧାଡ଼ିର ଅର୍ଥ ହେଲା, " ଅଟୋମାଟିକ୍ ଲାଇଟ୍‌ର ପ୍ରଭୁ କିଏ ବୋଲି ତୁମେ ଭାବୁଛ ?" ମାତ୍ର ସମ୍ବନ୍ଧ ରଖି ଏହାର ଅନୁବାଦ କରିବା ଅସମ୍ଭବ ହୋଇ ଉଠିଲା । ବାବାଙ୍କୁ ଘୁଁହିଁ ସ୍ୱୀକାର କଲି ଯେ ଗୀତଟି ବୁଝିପାରୁ ନାହିଁ । ବାବା ପୁଣି ଥରେ ଗୀତଟି ଆବୃତ୍ତି କଲେ । ପୁନଶ୍ଚ ମୁଁ କ୍ଷମାଭିକ୍ଷା କଲି । ଗୀତଟିର ଅନ୍ୟ ଧାଡ଼ିଗୁଡ଼ିକ ସ୍ପଷ୍ଟ ଥିଲା । ମାତ୍ର ଏ 'ଅଟୋମାଟିକ୍ ଲାଇଟ୍' ସହ ଅନ୍ୟ ଧାଡ଼ିଗୁଡ଼ିକର ସମ୍ପର୍କ ନିରୂପଣ କରିବା ମୋ ପକ୍ଷରେ ଅସମ୍ଭବ ଥିଲା । ବାବା କହିଲେ ଗୀତଟିର ଅର୍ଥ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାର ଅନୁବାଦ କରିବାକୁ ହେବ ! ମୋର ଅକ୍ଷମତା ଦେଖି ମୋତେ ଶ୍ରୋତାମାନଙ୍କ ଭିତରେ ବସିବାକୁ ଆଦେଶ ଦେଇ ବାବା ଡକ୍ଟର ଏସ୍. ଭଗବନ୍ତମ୍‌ଙ୍କୁ ଡାକିଲେ ଅନୁବାଦ ପାଇଁ । ମାତ୍ର ତାଙ୍କର ବି ସେଇ ଦଶା ହେଲା । ମାତ୍ର ସେଇଦିନଠାରୁ ସେ ବହୁବର୍ଷଯାଏ ଭଗବାନଙ୍କ ଅନୁବାଦକର କାର୍ଯ୍ୟ କରିଥିଲେ ।

ଏଠି ପାଠକମାନଙ୍କ ପ୍ରତି ମୋର ଗୋଟିଏ କର୍ତ୍ତବ୍ୟ ଅଛି । ସମ୍ଭାଷଣ ପରେ ଭଗବନ୍ତମ୍ ଓ ମୁଁ ବଡ଼ ସନ୍ତର୍ପଣରେ ଡରି ଡରି ଯାଇ ବାବାଙ୍କୁ ଏ 'ଅଟୋମାଟିକ୍ ଲାଇଟ୍'ର ରହସ୍ୟ କଥା ପଚାରିଲୁ । ବାବା କହିଲେ ଛକ ରାସ୍ତାମାନଙ୍କରେ ଯାନବାହାନ ନିୟନ୍ତ୍ରଣ କରିବାପାଇଁ ଯେଉଁ ଆଲୋକବତୀ ସ୍ଥାପନ କରାଯାଇଥାଏ ତାହା ସ୍ୱୟଂକ୍ରିୟ । ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ନାଲି -ନେଳି-ହଳଦିଆ ସଙ୍କେତ ଦେଖାଇ ଏହା ଯାନବାହନ ନିୟନ୍ତ୍ରଣ କରିଥାଏ । ସେହିପରି ମଣିଷ ସମାଜକୁ କଳହ, ହିଂସା ଓ ଯୁଦ୍ଧରୁ ଉଦ୍ଧାର କରିବା ନିମନ୍ତେ ପରମେଶ୍ୱରଙ୍କ ଦ୍ୱାରା ସ୍ଥାପିତ ସ୍ୱୟଂକ୍ରିୟ ଆଲୋକବତୀ ହେଉଛି ଧର୍ମ । ଏହା ପ୍ରତ୍ୟେକଙ୍କୁ ପ୍ରତ୍ୟେକଙ୍କର କର୍ତ୍ତବ୍ୟ ଦେଖାଇ

ଦେଇଥାଏ । ଏହାଛଡା ମହାବିଶ୍ୱରେ ଗ୍ରହ-ନକ୍ଷତ୍ରମାନଙ୍କର ଚଳନ ନିମନ୍ତେ ପ୍ରତିଷ୍ଠିତ ଧର୍ମର ଅଟୋମାଟିକ୍ ଲାଇଟ୍ କଥା ମଧ୍ୟ ବାବା କହିଥିଲେ ।

ଅଟୋମାଟିକ୍ ଲାଇଟ୍ ସଙ୍କଟ ସମ୍ପର୍କରେ ଲେଖିଲାବେଳେ ଆଉ ଗୋଟିଏ କାରଣରୁ ଭଗବାନଙ୍କ ପ୍ରତି ମୋର ଅସୀମ କୃତଜ୍ଞତାର କଥା ମଧ୍ୟ ଉଲ୍ଲେଖ କରିବି । ଭଗବାନ ଯେତେବେଳେ ସମ୍ଭାଷଣ ଆରମ୍ଭ କରନ୍ତି, ମୁଁ ନୋଟ୍ ଖାତାରେ ବିଶେଷ୍ୟ, ବିଶେଷଣ ଓ ନାମ ଟିପିନିଏ । ବାବା ବନ୍ଦ କରିବା ସଙ୍ଗେ ସଙ୍ଗେ ମୋର ଇଂରାଜୀ ଭାଷାନ୍ତର ଆରମ୍ଭ ହୁଏ ମାତ୍ର ମୁଁ କ'ଣ କହୁଛି ବାବା ଖୁବ୍ ନିର୍ଦ୍ଦିଷ୍ଟ ଭାବରେ ଲକ୍ଷ୍ୟ କରୁଥାନ୍ତି, ଆଉ ଯେତେବେଳେ ଗୋଟାଏ ଠିକ୍ ଇଂରାଜୀ ପ୍ରତିଶବ୍ଦ ମୋତେ ମିଳେ ନାହିଁ, କିମ୍ବା କୌଣସି ଭାବକୁ ଫୁଟାଇଲାବେଳେ ମୁଁ ଝୁଣ୍ଟି ପଡ଼େ, ବାବା ତତ୍କ୍ଷଣାତ୍ ମୋତେ ଠିକ୍ ଶବ୍ଦଟିକୁ ବତାଇ ଦିଅନ୍ତି, କିମ୍ବା ମୁଁ କେଉଁଠି ଭୁଲ କଲି ତାହା ଦେଖାଇ ଦିଅନ୍ତି । ତାଙ୍କର କୌଣସି ବାକ୍ୟାଂଶକୁ ଅନୁବାଦ ନ କରି ଛାଡିଦେବା ସେ ପସନ୍ଦ କରନ୍ତି ନାହିଁ । ସାଧନା ସମ୍ପର୍କୀୟ ବାବାଙ୍କର କୌଣସି ଉପଦେଶକୁ ଯଦି ମୁଁ କ୍ଷୀଣ ଭାବରେ ଅନୁବାଦ କରି ଛାଡିଦିଏ, ସେ କଥାଟି ଭଲ ଭାବରେ ପୁନରାବୃତ୍ତି କରିବାକୁ ବାବା ନିର୍ଦ୍ଦେଶ ଦିଅନ୍ତି । କୌଣସି ଗୋଟିଏ ଶବ୍ଦ ପାସୋରି ଗଲେ ବାବା ସଙ୍ଗେ ସଙ୍ଗେ ମନେପକାଇ ଦିଅନ୍ତି । ଲୌକିକ କଥାର ଇଂରାଜୀ ଶବ୍ଦ ହଠାତ୍ ପାଟିକୁ ନ ଆସିଲେ ବାବା ମୋ କାନରେ କହି ଦିଅନ୍ତି । ସେହିପ୍ରକାର କେତୋଟି ଶବ୍ଦ ହେଲା—belch, snake-gourd, shark, aesthetics, leach I galaxy । ମୋ ଅଭିଧାନ ମୋତେ ଠକିଲେ ବାବାଙ୍କର ଅଭିଧାନ ମୋତେ ସବୁବେଳେ ଉଦ୍ଧାର କରିଥାଏ ।

ଥରେ ମୁଁ ଦୁଇଟି ତେଲୁଗୁ ଶବ୍ଦର ସମ୍ମୁଖୀନ ହେଲି—ହଂସ ଓ ବାତ (ବତକ) । ମୋର ଇଂରାଜୀ ଭାଷାନ୍ତର ସମୟରେ ବାବା ହଂସ ଶବ୍ଦଟି ବ୍ୟବହାର କରିବାକୁ କହିଦେଇ ମୋତେ ଉଦ୍ଧାର କରିଦେଲେ । ମାତ୍ର 'ବାତ' ? ମୁଁ ଜାଣିଥିଲି ଏ ଚଢ଼େଇଟି କ'ଣ । ଆମ ଗାଁର ଗାଡିଆମାନଙ୍କରେ ଏପ୍ରକାରର ଚଢ଼େଇ ମୁଁ ଅନେକ ଦେଖିଛି । କିନ୍ତୁ ଏହାର ଇଂରାଜୀ ପ୍ରତିଶବ୍ଦ କ'ଣ ? ମୁଁ ହଡ଼ବଡ଼େଇ ଗଲି । ଇଂରାଜୀ ପ୍ରତିଶବ୍ଦଟି ମନେପକାଇବାକୁ ବହୁ ଚେଷ୍ଟା କରି ମଧ୍ୟ ବିଫଳ ହେବାରୁ ନାକକୁ ହାତ ବୁଲାଇ ଛୁଇଁବା ନ୍ୟାୟରେ ଅନୁବାଦ କଲି, ହଂସ ସାଙ୍ଗରେ ଦଶ ମିନିଟ୍ କଟାଇବା ସେହି ଜାତିର ଏକ ନ୍ୟୂନ ସ୍ତରର ପକ୍ଷୀ ସହିତ ଦଶବର୍ଷ କଟାଇବାଠାରୁ ବହୁତ ଭଲ ।" ବାବା ମୋ ମୁହଁ ଆଗରେ ଥିବା ମାଇକ୍ରୋଫୋନ୍‌କୁ ହାତରେ ଘୋଡ଼ାଇ ମୋତେ କହିଲେ— "କହ Duck " ।

ମୋ ନିଜ ଗାଁରେ ବାବାଙ୍କ ସମ୍ଭାଷଣକୁ ମାଲାୟାଲାମ୍‌ରେ ଅନୁବାଦ କଲାବେଳେ ବାବାଙ୍କଠାରୁ ଏପରି ଜରୁରୀକାଳୀନ ସାହାଯ୍ୟ ପାଇଛି। କୁର୍ଗ ଜିଲ୍ଲାର ମାଦିକେରୀଠାରେ କନ୍ନଡ଼ ଭାଷାରେ ଅନୁବାଦ କଲାବେଳେ ଏବଂ ତ୍ରିଚିନାପଲ୍ଲୀରେ ତାମିଲ୍‌ରେ ଅନୁବାଦ କଲାବେଳେ ମଧ୍ୟ ବାବା ମୋତେ ଉଦ୍ଧାର କରିଛନ୍ତି। ଗୁଜୁରାଟର ଜାମ୍‌ନଗରଠାରେ ବାବାଙ୍କ ସମ୍ଭାଷଣକୁ ମୁଁ ପ୍ରଥମେ ଇଂରାଜୀ କରୁଥିଲି ଓ ପରେ ପରେ ମୋ ଇଂରାଜୀକୁ ଗୁଜୁରାଟୀରେ ଅନୁବାଦ କରୁଥିଲେ ଡକ୍ଟର ଚୁଦାସମା। ବାବା ଆମ ଉଭୟଙ୍କ ଅନୁବାଦ ଉପରେ ସତର୍କ ଦୃଷ୍ଟି ରଖିଥିଲେ, ଆଉ ଉଭୟଙ୍କୁ ଅନୁବାଦକର ବିପତ୍ତିରୁ ତ୍ରାହି କରୁଥିଲେ।

ଅବତାର ଆପଣା ଉପରେ ନ୍ୟସ୍ତ କରିଥିବା ଦାୟିତ୍ୱ ପାଳନ କରିବାପାଇଁ ସୀମିତ ଶକ୍ତି ସାମର୍ଥ୍ୟ ପ୍ରକଟ କରିଥାନ୍ତି। ବାବା ଯାହାଙ୍କୁ ବ୍ୟକ୍ତିଗତ ସାକ୍ଷାତ୍‌କାର ବା 'ଇଣ୍ଟରଭିଉ' ପାଇଁ ଡାକନ୍ତି ତାଙ୍କ ସହ ତାଙ୍କରି ବୋଧଗମ୍ୟ ଭାଷାରେ କଥା ହୁଅନ୍ତି— ତାହା ସ୍ୱାହିଲି ହେଉ, ନେପାଳୀ, ଫ୍ରେଞ୍ଚ, ଆଦି, ମରାଠୀ କିମ୍ବା ବାଣ୍ଟୁ ହେଉ। ମାତ୍ର ସାଧାରଣ ସମାବେଶରେ ସମ୍ଭାଷଣ ପାଇଁ ସେ ସାଧାରଣତଃ ତେଲୁଗୁ ଭାଷା ବ୍ୟବହାର କରିଥାନ୍ତି। ବାବା ଯେଉଁ ସ୍ଥାନକୁ ଏଥର ଜନ୍ମସ୍ଥାନର ମର୍ଯ୍ୟାଦା ଦେଇଛନ୍ତି, ସେ ଅଞ୍ଚଳର ଲୋକେ ଟିକିଏ କନ୍ନଡ଼ (କର୍ଣ୍ଣାଟକ ପ୍ରଦେଶର ସୀମା ଏଠାରୁ ମାତ୍ର କେତେ ମାଇଲ୍ ଦୂର) ଓ ଟିକିଏ ତାମିଲ୍ (ଏହି ଅଞ୍ଚଳ ଗତ ତିରିଶିବର୍ଷ ତଳେ ମାଡ୍ରାସ୍ ପ୍ରେସିଡ଼େନ୍‌ସିର ଅନ୍ତର୍ଭୁକ୍ତ ଥିଲା) ମଧ୍ୟ ଜାଣନ୍ତି। ଧାରଓ୍ୱାର୍‌ଠାରେ କର୍ଣ୍ଣାଟକ ରାଜ୍ୟର ସତ୍ୟସାଇ ସେବା ସଙ୍ଗଠନଗୁଡିକର କର୍ମକର୍ତ୍ତାମାନଙ୍କର ବାର୍ଷିକ ସମ୍ମିଳନୀଟିଏ ଉଦ୍‌ଘାଟନ କରିବାକୁ ଯାଇ ବାବା କହିଥିଲେ, "ଏଥର କସ୍ତୁରୀ ଏଠି ନାହିଁ। ଏଣୁ ମୁଁ ତୁମ୍ଭମାନଙ୍କୁ କନ୍ନଡ଼ ଭାଷାରେ କହିବି। କନ୍ନଡ଼ ଭାଷାରେ ଭକ୍ତସମାବେଶରେ କହିବା ଏଇଥର ମୋର ପ୍ରଥମ।" ବାବା ସେ ଭାଷାରେ ଯେ ହଜାର ହଜାର ଶ୍ରୋତାଙ୍କୁ ମୁଗ୍ଧ କରିଦେଇଥିଲେ, ଏହା ଉଲ୍ଲେଖ କରିବା ବାହୁଲ୍ୟ ମାତ୍ର। ତାପରେ ବାଙ୍ଗାଲୋର୍, ବେଲ୍‌ଗାଓଁ, ଗଡ଼ାଗ୍, ଶୀର୍ଷି ଏବଂ ଅନ୍ୟାନ୍ୟ ସ୍ଥାନମାନଙ୍କରେ ବାବା ସାଧାରଣ ସମାବେଶମାନଙ୍କରେ କନ୍ନଡ଼ ଭାଷା ବ୍ୟବହାର କରିଥିଲେ, ଯଦିଓ ଭାଷଣ ଆରମ୍ଭରେ ତାଙ୍କଠାରୁ କନ୍ନଡ଼ ଭାଷା ଶୁଣି ଶ୍ରୋତାମାନେ କିପରି ପ୍ରତିକ୍ରିୟା ପ୍ରକାଶ କରିବେ ଏ ସମ୍ପର୍କରେ ଆଶଙ୍କାର ଅଭିନୟ ମଧ୍ୟ କରିଥିଲେ ! ବାବା ଯେତେବେଳେ ଆଲିକେର ସତ୍ୟସାଇ ଲୋକସେବା ଟ୍ରଷ୍ଟ ଦ୍ୱାରା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକ ପରିଦର୍ଶନରେ ଯାଇଥିଲେ, ସେଠାରେ ଯାଇ ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚିବାକୁ ମୋତେ ଟେଲିଗ୍ରାମ୍ କରିଥିଲେ। ସେଠି ଯାଇ ମୁଁ ଦେଖିଲି ବାବାଙ୍କର ତେଲୁଗୁ ସମ୍ଭାଷଣକୁ

ମୋତେ କନ୍ନଡ଼ରେ ଅନୁବାଦ କରିବାକୁ ହେବ ! ସମସ୍ତଙ୍କ ଆଗରେ ମୁଁ ବାବାଙ୍କୁ ଅନୁନୟ କଲି ସେ ତାଙ୍କର ସରଳ-ମଧୁର କନ୍ନଡ଼ ଭାଷାରେ ହିଁ କହନ୍ତୁ । ସେ ଅଞ୍ଚଳର ଲୋକେ ଟୁଲୁବୋଲୁ ବୋଲି ଗୋଟିଏ ଭାଷା କହନ୍ତି ଓ ବହିପତ୍ରମାନଙ୍କରୁ କନ୍ନଡ଼ ଭାଷା ଶିକ୍ଷା କରନ୍ତି । ବାବା ମୋତେ ଆଦେଶ ଦେଲେ ଲୋକଙ୍କର ମତାମତ କ'ଣ ବୁଝିବା ପାଇଁ । କାରଣ ବାବା କହିଲେ ତାଙ୍କର କନ୍ନଡ଼ ଭାଷା ସମସ୍ତଙ୍କର ବୋଧଗମ୍ୟ ଓ ରୁଚିକର ହୋଇ ନ ପାରେ । ମୁଁ ଜନସମାବେଶକୁ କହିଲି ଉତ୍ତର କର୍ଣ୍ଣାଟକରେ କନ୍ନଡ଼ ଭାଷା ମରାଠୀ ମିଶ୍ରିତ, ପୂର୍ବ କର୍ଣ୍ଣାଟକରେ ତେଲୁଗୁ ମିଶ୍ରିତ, ଦକ୍ଷିଣ କର୍ଣ୍ଣାଟକରେ ତାମିଲ୍ ମିଶ୍ରିତ ଏବଂ ପଶ୍ଚିମ କର୍ଣ୍ଣାଟକରେ କୋଙ୍କଣୀ ମିଶ୍ରିତ । ମାତ୍ର ସେମାନେ ଯଦି ପ୍ରେମମିଶ୍ରିତ କନ୍ନଡ଼ ଭାଷା ଶୁଣିବାକୁ ଚାହାନ୍ତି ତେବେ ସମସ୍ତେ ବାବାଙ୍କୁ ପ୍ରାର୍ଥନା କରନ୍ତୁ କନ୍ନଡ଼ ଭାଷାରେ ହିଁ ସମ୍ଭାଷଣ ପ୍ରଦାନ କରିବାକୁ । ସମସ୍ତେ ଅବଶ୍ୟ ସେଇ ପ୍ରାର୍ଥନା ଜଣାଇଲେ ଓ ବାବା କୃପାପରବଶ ହୋଇ ସେମାନଙ୍କ ପ୍ରାର୍ଥନା ମଞ୍ଜୁର କରିଥିଲେ ।

ଥରେ ବାବାଙ୍କ ସମ୍ଭାଷଣକୁ ଅନୁବାଦ କରିବା ଡାକରାର ଉତ୍ତର ଦେବାରେ ମୁଁ ଅସମର୍ଥ ହୋଇଥିଲି । ଘଟଣାଟି ଘଟିଥିଲା କେନିଆର ନାଇରୋବିଠାରେ । ଆମର ଏୟାର୍ ଇଣ୍ଡିଆ ବୋଇଙ୍ଗ ବିମାନଘାଟିରେ ଅବତରଣ କଲାମାତ୍ରେ ବିମାନର ସିଡି ପାଖରେ ହିଁ ହଜାର ହଜାର ଭକ୍ତ ଭକ୍ତିସମ୍ବର୍ଦ୍ଧନା ଜଣାଇଥିଲେ । ବିମାନଘାଟିର ପଛରେ ଯୁଗାବତାରଙ୍କର ଦର୍ଶନ ନିମନ୍ତେ ଗୋଟିଏ ବଡ଼ ପଡିଆରେ ପ୍ରାୟ ୫୦ ହଜାର ନରନାରୀ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ବସିଥିଲେ । ଏଣୁ ବିମାନଘାଟିରୁ ହିଁ ଭକ୍ତମାନେ ଭଗବାନଙ୍କୁ ସେ ସଭାମଞ୍ଚକୁ ଘେନିଗଲେ । ଆମେ ଯେଉଁ ଛଅଜଣ ତାଙ୍କ ସାଙ୍ଗରେ ଯାଇଥିଲୁ, ବିମାନରୁ ଓହ୍ଲାଇ କଷ୍ଟମ୍ସର ଅର୍ଗଳି ଟପି ଆମ ଜିନିଷପତ୍ର ସଂଗ୍ରହ କରିବାକୁ କନ୍‌ଭେୟର୍ ବେଲ୍ଟ ପାଖରେ ଅପେକ୍ଷା କରିଛୁ, ବାବାଙ୍କ ଆଦେଶରେ ମୋତେ ଡାକିବା ପାଇଁ ମୋ ନାମକୁ ବାରମ୍ବାର ମାଇକ୍‌ରେ ଘୋଷଣା କରାଯିବା ଶୁଣିଲି । ମୁଁ ଡାକରା ଶୁଣିଲି, ମାତ୍ର ବିମାନଘାଟି ଚାରିପଟେ ଜମା ହୋଇଥିବା ଶହ ଶହ କାର୍‌ମାନଙ୍କର ଭିଡ଼ ଟପି ସେଠାକୁ ଯିବା ମୋ ପକ୍ଷରେ ସମ୍ଭବ ହୋଇ ନ ଥିଲା । ସଭାସ୍ଥଳ ସେଠାରୁ କେତେ ଫର୍ଲଙ୍ଗ ଦୂର, ମାତ୍ର ସେଠାକୁ ବାଟ ଦେଖାଇବାକୁ ମଧ୍ୟ ମୋ ପାଖରେ କେହି ନ ଥିଲେ । ସଭାମଞ୍ଚଠାରେ ଜଣେ ଭାରତୀୟ ତାମିଲ୍ ସାହାଯ୍ୟ କରିବାକୁ ବାହାରି ଆସିବାରୁ ବାବା ସେଠାରେ ସେଦିନ ତାମିଲ ଭାଷାରେ ସମ୍ଭାଷଣ ଦେଇଥିଲେ ଓ ତାକୁ ଇଂରାଜୀ କରାଯାଇଥିଲା ।

ପୂର୍ବ ଆଫ୍ରିକା ଭ୍ରମଣରୁ ମୋତେ ୩ଟି ଅମୂଲ୍ୟ ଅନୁଗ୍ରହ ପ୍ରସାଦ ମିଳିଥିଲା । ପ୍ରଥମଟି ହେଲା କାର୍ ଦୁର୍ଘଟଣା । ଦୁର୍ଘଟଣାରେ ପଡି ମୁଁ ସାମାନ୍ୟ ଆହତ ହୋଇଥିଲି, ଆଉ ଫଳରେ ପୂରା ସାତଦିନକାଳ ସାଇମାତାଙ୍କର ଅପୂର୍ବ ମାତୃସ୍ନେହରେ ବୁଡି ରହିଥିଲି । ବହୁଦିନ ଧରି ମୋ ମନରେ ଏଇ ଇଚ୍ଛାଟି ଥିଲା । ମୁଁ ଭାବୁଥିଲି ମୋ ଦେହ ଟିକେ ଖରାପ ହୁଅନ୍ତା, ଆଉ ବାବା ମୋର ଯତ୍ନ ନିଅନ୍ତେ । ଆଫ୍ରିକାର ଗାଡି ଦୁର୍ଘଟଣା ମୋ ପକ୍ଷରେ ବର ଥିଲା । ଦ୍ୱିତୀୟ ପ୍ରସାଦ ପାଇଥିଲି ଭାରତଭୂମିରେ, ବମ୍ବେଠାରେ ।

ଆଫ୍ରିକା ଯିବାର କେତୋଟି ସପ୍ତାହ ଆଗରୁ ବମ୍ବେର ଧର୍ମକ୍ଷେତ୍ରଠାରେ ଗୋଟିଏ ସମାବେଶରେ ମୋର ଭାଷାନ୍ତର କାହାଣୀଟି ଏଠାରେ କହିବି । ଧର୍ମକ୍ଷେତ୍ର ଉଦ୍‌ଘାଟନ ଉପଲକ୍ଷ୍ୟେ ସେଠାରେ ସତ୍ୟସାଇ ସେବାସଙ୍ଗଠନ ସମୂହର ପ୍ରଥମ ବିଶ୍ୱସମ୍ମିଳନୀ ଆୟୋଜିତ ହୋଇଥିଲା । ଭାରତୀୟ ବିଦ୍ୟାଭବନର ଭକ୍ତି ଓ ଶ୍ରଦ୍ଧାପୂର୍ଣ୍ଣ ପରିସର ମଧ୍ୟରେ ପ୍ରାୟ ୬୦ ହଜାର ଲୋକ ସମବେତ ହୋଇଥିଲେ । ଭଗବାନ ସମ୍ଭାଷଣ ଦେବାକୁ ଉଠିଲେ । ମୁଁ ମୋର ଖାତା କଲମ ଧରି ଅନୁବାଦକର ମାଇକ୍ ଆଗରେ ଠିଆ ହେଲି । ମାତ୍ର ବାବାଙ୍କର ପ୍ରଥମ ବାକ୍ୟଟି ହିଁ ମୋତେ ସ୍ତବ୍ଧ, ନିର୍ବାକ୍ କରିଦେଲା । ପ୍ରଥମ ବାକ୍ୟଟି ନିର୍ମଳ ଶାସ୍ତ୍ରୀୟ ସଂସ୍କୃତ ଭାଷାରେ ରଚିତ । ତାଙ୍କର ମାତ୍ର ଦଶଫୁଟ ପାଖରେ ଥିଲେ ବି ମୋତେ ଜଣାଗଲା ମୁଁ ଶତାବ୍ଦୀ ଶତାବ୍ଦୀ ଦୂରରେ । ହାତକୁ ମଳି ମୁଁ ପ୍ରାର୍ଥନା କରୁଥିଲି ସେ ମୋ ମାଧ୍ୟମରେ ଇଂରାଜୀରେ କୁହନ୍ତୁ । ଦଶ ମିନିଟ୍ ପରେ ମୁଁ ଶୁଣିଲି ବାବା ମୋ ନାମ ଧରି କହୁଛନ୍ତି ମୁଁ ଭାରତର ନିଜସ୍ୱ ଭାଷାର ଅଧ୍ୟୟନରେ ହେଳା କରିଛି । ମୋତେ ମୋରି ଅପରାଧକୁ ଇଂରାଜୀରେ ଅନୁବାଦ କରି ଉକ୍ତ ସମାବେଶରେ ଘୋଷଣା କରିବାକୁ ପଡିଲା ।

ସମ୍ମିଳନୀର ଦ୍ୱିତୀୟ ଦିନ ଅପରାହ୍ଣରେ ବାବା ପୁଣି ସମ୍ଭାଷଣ ଦେଇଥିଲେ । ବୋଧହୁଏ ବିଭିନ୍ନ ଦେଶର ପ୍ରତିନିଧିମାନେ ମନେ ମନେ ଯୁଗାବତାରଙ୍କ ପରିଚୟ ସମ୍ପର୍କରେ ତାଙ୍କଠାରୁ ଏକ ଘୋଷଣା ପ୍ରାର୍ଥନା କରୁଥିଲେ । କିମ୍ବା ହୁଏତ ମଣିଷ ସମାଜ ପ୍ରତି ଦୟାପରବଶ ହୋଇ ସେ ନିଜେ ଆପଣାର ପରିଚୟ ଘୋଷଣା କରିବାକୁ ସଙ୍କଳ୍ପ କରିଥିଲେ । ବାବା ନାମସ୍ମରଣର ପ୍ରଭାବ ଓ ନବଧା ଭକ୍ତି ସମ୍ପର୍କରେ କହିସାରିଲା ପରେ ସ୍ୱର ତେଜିଦେଇ କହିଲେ, " ଏଠାରେ ପୃଥିବୀର ବିଭିନ୍ନ ଦେଶର ଭକ୍ତିସମ୍ପନ୍ନ ଲୋକେ ଏକାଠି ହୋଇଥିବାରୁ ଗୋଟାଏ ସତ୍ୟକଥା କହିବା ଉଚିତ ମନେ କରୁଛି ।"

ସମସ୍ତଙ୍କର ମୁହଁ ଉଜ୍ଜ୍ୱଳ ହୋଇଉଠିଲା। କାନସବୁ ଠିଆ ଠିଆ। ମୁଁ ମନେ ମନେ ପ୍ରାର୍ଥନା କରିବାରେ ଲାଗିଗଲି ଏ ଅନୁବାଦ ପରୀକ୍ଷାରେ ମୁଁ ଯେମିତି ସଫଳ ହୁଏ। ତାପରେ ବାବା ଆପଣାର ସ୍ୱରୂପ ସମ୍ବନ୍ଧରେ ସତ୍ୟ ଉଦ୍‌ଘାଟନ କରିବାକୁ ଯାଇ କହିଲେ, "ସାରା ମଣିଷଜାତି ଏକାଠି ହୋଇ ହଜାର ହଜାର ବର୍ଷ ଧରି ମୋର ପ୍ରକୃତ ତତ୍ତ୍ୱ ବୁଝିବା ନିମନ୍ତେ କଠୋର ତପ କଲେ ମଧ୍ୟ ସଫଳ ହୋଇପାରିବ ନାହିଁ। ତୁମ୍ଭମାନଙ୍କ ମଧ୍ୟରେ ମୁଁ ଚାଲବୁଲ କରୁଛି, ଖିଆପିଆ କରୁଛି ଓ କଥାବାର୍ତ୍ତା କରୁଛି ବୋଲି ତୁମେ ଭ୍ରମରେ ପଡି ଭାବୁଛ ମୁଁ ମଧ୍ୟ ତୁମରି ପରି ଜଣେ ମଣିଷ। ମୋର ଏହି ମଣିଷ ଦେହରେ ନିହିତ ପ୍ରତ୍ୟେକଟି ଦିବ୍ୟ ତତ୍ତ୍ୱ, ଭଗବାନଙ୍କର ପ୍ରତ୍ୟେକ ନାମ ଓ ରୂପ, ମଣିଷ ଦ୍ୱାରା ଆରାଧ୍ୟ ପ୍ରତ୍ୟେକ ଦୈବସତ୍ତା।" ଏହିପରି ଦିବ୍ୟଗଙ୍ଗା କୂଳ ଲଙ୍ଘି ବହି ଚାଲିଲା। ଆଜି ଯେତେବେଳେ ଏଇ ଘଟଣାକୁ ମନେପକାଏ, ମୁଁ ସ୍ତବ୍ଧ ହୋଇଯାଏ, ଆଉ ବୁଝିପାରେନା ଯେ ମୋର ଆନନ୍ଦ ଓ ଉଲ୍ଲାସର ବେଗକୁ ରୋଧି, ବାବାଙ୍କର ପ୍ରତ୍ୟେକଟି ଶବ୍ଦ ମନରେ ରଖି ମୁଁ କିପରି ସମ୍ମୁଖରେ ସମାଗତ ସାଧକମାନଙ୍କ ପାଇଁ ଏ ଯୁଗାନ୍ତକାରୀ ଘୋଷଣାକୁ ଅନୁବାଦ କରିପାରିଲି!

ଭାରତକୁ ଫେରିବା ପରେ ଧର୍ମକ୍ଷେତ୍ରଠାରେ ମୁଁ ବାବାଙ୍କର ଯେଉଁ କୃପା-ପ୍ରସାଦ ପାଇଥିଲି ଏବେ ତାହା ଉଲ୍ଲେଖ କରିବି। ସେଦିନ ଥିଲା ପବିତ୍ର ଗୁରୁପୂର୍ଣ୍ଣିମା ଉତ୍ସବ। ବାବା ସକାଳେ କାମ୍ପାଲା ଓ ନାଇରୋବିଠାରେ ଭକ୍ତମାନଙ୍କୁ ଆଶୀର୍ବାଦ ଓ ଦର୍ଶନାନନ୍ଦ ଦେଇ ବିମାନ ଚଢ଼ିଲେ। ସେଦିନ ଅପରାହ୍ଣରେ ହିଁ ବାବା ବମ୍ବେରେ ପହଞ୍ଚିଲେ। ଆଫ୍ରିକା ଗମନ ବାବାଙ୍କର ପ୍ରଥମ ବିଦେଶ ଯାତ୍ରା ବୋଲି ବିଚାରି ବମ୍ବେର ଭକ୍ତମାନେ ତାଙ୍କର ପ୍ରତ୍ୟାବର୍ତ୍ତନ ଉପଲକ୍ଷ୍ୟେ ଏକ ମହୋତ୍ସବର ଆୟୋଜନ କରିଥିଲେ। ଡକ୍ଟର କେ. ଏମ୍. ମୁନ୍‌ସୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ୩୦ ହଜାରରୁ ଅଧିକ ଲୋକ ଯୋଗ ଦେଇଥିଲେ। ବାବାଙ୍କର ଦରିଆପାରି ଅନ୍ୟ ଏକ ମହାଦେଶ ଭ୍ରମଣର ପ୍ରଶଂସା କରି ଅନେକ ଲୋକ ଭାଷଣ ମଧ୍ୟ ଦେଇଥିଲେ।

ବାବା ଏକ ମଧୁର ତିରସ୍କାରରେ ତାଙ୍କ ସମ୍ଭାଷଣ ଆରମ୍ଭ କରିଥିଲେ। "ମୋର ଆଫ୍ରିକା ଯିବା ଓ ବମ୍ବେ ଫେରିବା କଥାକୁ ଏତେ ବଡ଼ ବୋଲି ବିଚାରୁଛ କାହିଁକି ? ମୁଁ ସବୁଠାରେ ଅଛି। ସବୁ ସ୍ଥାନ ମୋର।" ବାବାଙ୍କର "ପ୍ରପଞ୍ଚମେ ନା ଇଲ୍ଲୁ" ଘୋଷଣାକୁ ମୁଁ ଅନୁବାଦ କରିଥିଲି— "ସାରା ପୃଥିବୀ ମୋର ଘର।'' ତାପରେ ମୋର ଅନୁବାଦଟି ଭାରି ଭଲ ହେଲା ବିଚାରି ଟିକିଏ ଅପେକ୍ଷା କଲି ଲୋକଙ୍କର ତାଳିମାଡ଼ ଶୁଣିବାପାଇଁ। ମାତ୍ର ଲୋକଙ୍କର

ପ୍ରଶଂସାପୂର୍ଣ୍ଣ ତାଳିମାଡ଼ ବଦଳରେ ଯାହା ଶୁଣିଲି ସେଥିରେ ମୋର ରକ୍ତ କାକର ହୋଇଗଲା ପରି ଲାଗିଲା। ବାବା ତାଙ୍କ ମାଇକ୍‌ର ମୁହଁକୁ ହାତରେ ଘୋଡ଼ାଇ ମୋ ଆଡ଼କୁ ଚାହିଁ ତୀବ୍ର ସ୍ୱରରେ କହୁଛନ୍ତି " ନା, ନା" ।

ମୋତେ ଚାହିଁ, ଆଙ୍ଗୁଠି ହଲାଇ ବାବା ଦୃଢ଼ ଭାବରେ ଶାସନ ସ୍ୱରରେ କହୁଛନ୍ତି, ନା - ନା। କେବଳ ସେତିକି ନୁହେଁ, ମୋ ଆଡ଼କୁ ଦୁଇଚାରି ପାଦ ଆଗେଇ ଆସିଲେ। ମୁଁ ଭାବିନେଲି ନିଶ୍ଚୟ କିଛି ଅକ୍ଷମଣୀୟ ଅପରାଧ ହୋଇଗଲା। କ'ଣ ମୁଁ କହିଲି ? ବୋଧହୁଏ ଠିକ୍ ଭାବରେ ବାବାଙ୍କ କଥାକୁ ଶୁଣିପାରିନି। ମୋର ଇଂରାଜୀ ଅନୁବାଦ ନିଶ୍ଚୟ ନିତାନ୍ତ ଆପତ୍ତିଜନକ ହୋଇଗଲା। ମୋ ଆଖି ଲୁହରେ ଢଳ ଢଳ ହେବାକୁ ବସିଲା। ତାଳୁରୁ ତଳିପାଯାଏ ମୁଁ ଭୟରେ ଥରିଗଲି । ବାବାଙ୍କ ଆଖିର ଚାହାଣୀ, ତର୍ଜନୀର ସଙ୍କେତ ଓ ତୀବ୍ର 'ନା-ନା' ମୋତେ ଜଡ଼ସଡ଼ କରିଦେଲା। ବାବାଙ୍କ ଆଡ଼କୁ ଦୁଇପାଦ ଘୁଞ୍ଚିଯାଇ ମୁଣ୍ଡ ପୋତିଦେଲି ଯାହା ଦଣ୍ଡ ଆସିବ ନୀରବରେ ଗ୍ରହଣ କରିନେବା ପାଇଁ।

ମୁନ୍‌ସୀଜୀ ସଭାପତି ଚଉକିରେ ବସିଥିଲେ। ତାଙ୍କ ଆଗରେ ଆମର ଭେଟ ହେଲା। ବାବା ମୋ ମୁହଁ ଆଗରେ ପୁଣି ତର୍ଜନୀ ଦେଖାଇ କହିଲେ, ''ନା, ନା, ପୃଥିବୀ ନୁହେଁ, ସାରା ବିଶ୍ୱ ମୋର ଘର।" ମୋ ଦେହରେ ଗୋଟିଏ ଚମକ ଖେଳିଗଲା। ମୁଁ ଯାହାଙ୍କ ଆଗରେ ଠିଆ ହୋଇଛି ତାଙ୍କ ଘର ନିଖିଳ ବିଶ୍ୱ। ବିଶ୍ୱପତି ଆପଣା ତୁଣ୍ଡରେ ଆପଣାର ବିଶ୍ୱରୂପ ଘୋଷଣା କରୁଛନ୍ତି। ସେଇ ମୁହୂର୍ତ୍ତରେ ବାବାଙ୍କ ପାଦତଳେ ଲଥିକିନି ପଡିଗଲି ଅମୃତସ୍ପର୍ଶ ପାଇଁ। ବାବା ମୋର କାନ୍ଧରେ ହାତ ଥୋଇ ସ୍ନେହରେ କହିଲେ " ଉଠୁ" । ତାପରେ ମାଇକ୍ ଆଡକୁ ଆଙ୍ଗୁଠି ଦେଖାଇ ଆଦେଶିଲେ- " ଯା" । ମୁଁ ମାଇକ୍ ପାଖକୁ ଯାଇ ଅଭିଭୂତ ଭାବରେ ଏ ଘୋଷଣା ପ୍ରକାଶ କରିବା ଯାଏ ବାବା ସେଇଠି ମୋତେ ଚାହିଁ ଠିଆ ହୋଇଥିଲେ। ମୋର 'ପୃଥିବୀ' ମୋତେ ଆଉ ଗୋଟିଏ ଅପୂର୍ବ ପ୍ରସାଦ ଅର୍ପଣ କରିଥିଲା ସେଦିନ।

ହଁ। ମୋତେ ଆହୁରି ଅଧିକ ସତର୍କ ଓ ବିଚାରବନ୍ତ ହେବାକୁ ପଡିବ। ମୁଁ ଇଂରାଜୀ 'Mansion' (ପ୍ରାସାଦ ବା ଘର) ଶବ୍ଦଟି ପ୍ରତି ଏତେ ବେଶୀ ଆକୃଷ୍ଟ ହୋଇପଡିଥିଲି ଯେ ବାବାଙ୍କର ତେଲୁଗୁ 'ପ୍ରପଞ୍ଚ' ଶବ୍ଦଟିର ଯଥାର୍ଥ ତାତ୍ପର୍ଯ୍ୟ ଧରିପାରି ନ ଥିଲି। ଏ ଶବ୍ଦଟିର ଅର୍ଥ 'ଯାହାସବୁ ପଞ୍ଚଭୂତରେ ଗଢ଼ା' ଅର୍ଥାତ୍ ନିଖିଳ ବିଶ୍ୱ। ତାଙ୍କର ମହିମାମୟ ସ୍ୱରୂପ ନିମନ୍ତେ 'ପୃଥିବୀ' ଗୋଟିଏ ନିତାନ୍ତ ତୁଚ୍ଛ ସ୍ଥାନ।

ସତ୍ୟସାଇ ଅବତାର ପୃଥିବୀକୁ ଆସିବାର ୨୪ ଘଣ୍ଟା ପରେ ୧୯୨୬, ନଭେମ୍ବର ୨୪ ତାରିଖ ଦିନ ଅରବିନ୍ଦ ଆଶ୍ରମର ଅନ୍ତେବାସୀମାନେ ଅରବିନ୍ଦଙ୍କର ଡାକରା

ପାଇ ଆଶ୍ରମର ସଭାକକ୍ଷରେ ଏକାଠି ହୋଇଥିଲେ । ତାପରଠାରୁ ଅରବିନ୍ଦ ସଂପୂର୍ଣ୍ଣ ଭାବରେ ଲୋକସମ୍ପର୍କଠାରୁ ଦୂରେଇ ଯାଇଥିଲେ । ସେଦିନ ଶ୍ରୀ ଅରବିନ୍ଦ ଅନ୍ତେବାସୀମାନଙ୍କୁ ଶୁଭ କଲ୍ୟାଣ ଜଣାଇଥିଲେ । କକ୍ଷଟି ଆଧ୍ୟାତ୍ମିକ ଭାବତରଙ୍ଗରେ ଏପରି ଭରପୂର ହୋଇ ଉଠିଥିଲା ଯେ ଜଣେ ସାଧକ କହିପକାଇଲେ, "ଆଃ ! ପୃଥିବୀରେ ଦିବ୍ୟ ଅବତରଣ ଘଟିସାରିଲାଣି ।" ଅଳ୍ପ କେତେମାସ ଆଗରୁ ଅରବିନ୍ଦ ତାଙ୍କ ଜନ୍ମଦିନରେ କହିଥିଲେ, "ଆମ ଯୋଗସାଧନାର ଲକ୍ଷ୍ୟ ହେଲା ମଣିଷର ପ୍ରାଣସତ୍ତା ଓ ଦେହସତ୍ତାରେ ସେ ଅତିମାନସ ଚେତନାର ଅବତରଣ କରାଇବା, ଯାହାଫଳରେ ମଣିଷ ଦେହରେ ସେ ସାର୍ବଭୌମ ଚେତନାର ପରମ ଶାନ୍ତି ସଂପୂର୍ଣ୍ଣ ଭାବରେ ବିରାଜିତ ହେବ ।" ବାବା ହିଁ ସେଇ ବିଶ୍ୱଚେତନା, ଯାହାର ଆବାସ ସାରା ବିଶ୍ୱ ।

ଯେଉଁମାନେ ଯୀଶୁଙ୍କର ଦ୍ୱିତୀୟ ଆଗମନ ସମ୍ପର୍କରେ କହନ୍ତି ସେମାନେ ମଧ୍ୟ ବାବାଙ୍କୁ ସାର୍ବଭୌମ ଶକ୍ତି ବୋଲି ମାନିବାରେ ଆଉ ବିଚିତ୍ରତା କ'ଣ ଅଛି ! ବାଇବଲ୍ ଯୀଶୁଙ୍କ ପିତାଙ୍କ ଆଗମନ କଥା କହିଥାଏ । ବାବା ହିଁ ସେହି ପରମ ପିତା ।

ଏବେ ଆଉ ଗୋଟିଏ ଘଟଣାର ଉଲ୍ଲେଖ କରିବି । ଧାର୍‌ୱାର୍‌ର ପୂର୍ବୋକ୍ତ ସମ୍ମିଳନୀରେ ବାବା କର୍ମୀମାନଙ୍କୁ ପ୍ରଥମଥର ପାଇଁ କନ୍ନଡ଼ ଭାଷାରେ ଉଦ୍‌ବୋଧନ ଦେବାର ବହୁ ଆଗରୁ ମୋତେ ଆଦେଶ ମିଳିଥିଲା ସେ ଅଞ୍ଚଳରେ ଯେଉଁଠି ବାବା ତେଲୁଗୁରେ ସମ୍ଭାଷଣ ଦେବେ, ତାକୁ କନ୍ନଡ଼ ଭାଷାରେ ଅନୁବାଦ କରିବାକୁ । ମୋତେ ମାନିବାକୁ ହେବ ଯେ ଭଗବାନଙ୍କ ବାଣୀକୁ ଅନୁବାଦ କରିବା ପାଇଁ ଠିଆ ହେଲେ ଅନୁବାଦକ ଯେଉଁ ଭୟ ଓ ଉଦ୍‌ବେଗ ଅନୁଭବ କରେ ତା ଫଳରେ ଭଗବାନଙ୍କ ବାର୍ତ୍ତାକୁ ଭଲକରି ବୁଝିବା ଓ ଅନ୍ୟ ଗୋଟିଏ ଭାଷାରେ ତାକୁ ପ୍ରକାଶ କରିବା ନିମନ୍ତେ ଯେଉଁ ନିବିଷ୍ଟତା ଲୋଡ଼ା, ତାହା ରଖିପାରେନା । ଏପରି ଏକ ମୁହୂର୍ତ୍ତରେ ଯେଉଁ ଭୁଲ କରିଥିଲି ତାହା ମୋର ମନର ଉଦ୍‌ବେଗ ବଢ଼ାଇ ଦେଇଥିଲା ଓ ଦେଢ଼ଘଣ୍ଟା କାଳ ମୁଁ ଖୁବ୍ ହନ୍ତସନ୍ତ ହୋଇଥିଲି । ସେଥିପାଇଁ ପାଠକମାନଙ୍କର ସହାନୁଭୂତି ମୋର ପ୍ରାପ୍ୟ ।

ସେଦିନ କୁର୍ଗ ଜିଲ୍ଲାର ମାଦିକେରୀଠାରେ ଗୋଟିଏ ଖୋଲା ପଡିଆରେ ଦର୍ଶନ ଓ ସମ୍ଭାଷଣ ନିମନ୍ତେ ତିନିହଜାରରୁ ଅଧିକ ଲୋକ ଜମା ହୋଇଥିଲେ । ବାବା ମୋତେ ପ୍ରଥମେ କିଛି ସମୟ କହିବାକୁ ନିର୍ଦ୍ଦେଶ ଦେଲେ, ବୋଧହୁଏ ଭଗବାନଙ୍କ ସମ୍ଭାଷଣ ଓ ଭଜନ ପାଇଁ

ଲୋକମାନଙ୍କୁ ପ୍ରସ୍ତୁତ କରିବା ଲକ୍ଷ୍ୟରେ। ମୁଁ ଯେତେବେଳେ ମାଇକ୍ ଆଗରେ ଠିଆହେଲି ମୋ ଆଖିରେ ପଡ଼ିଲା ଦିଗ୍‌ବଳୟ ଧାରେ ଧାରେ ଥିବା ପାହାଡ଼ ଉପରେ ମୌସୁମୀ ମେଘର ଅଭିଯାନ ଓ ଆଗାମୀ ଆକ୍ରମଣ ନିମନ୍ତେ ସେମାନଙ୍କର ଗମ୍ଭୀର ପ୍ରସ୍ତୁତି। ପ୍ରବଳ ବାରିପାତକୁ ଭୟ କରି ପର୍ବତଶ୍ରେଣୀ ଆଶଙ୍କିତ ଅବସ୍ଥାରେ ଥିଲାପରି ଜଣାପଡୁଥାଏ। ମୁଁ ଦେଖିଲି ଶ୍ରୋତାମାନଙ୍କ ଭିତରୁ ମଧ୍ୟ ଅଧିକାଂଶ ଡରି ଡରି ପଛକୁ ମେଘକୁ ଚାହୁଁଛନ୍ତି। ସେମାନଙ୍କର ଉଦ୍‌ବିଗ୍ନତା ଓ ଆଶଙ୍କା ଦୂର କରିବା ଉଦ୍ଦେଶ୍ୟରେ ସେମାନଙ୍କୁ ଗୋଟିଏ ସତ୍ୟଘଟଣା ଶୁଣାଇଲି।

ଘଟଣାଟି ଘଟିଥିଲା ପୁଟପର୍ତ୍ତିରେ। ବାବାଙ୍କର ବୟସ ସେତେବେଳେ ମାତ୍ର ତେରବର୍ଷ। ସାଇକୃଷ୍ଣ ଯେଉଁ ଗାଁରେ ଗାଈଗୋରୁଙ୍କ ସାଙ୍ଗେ ଖେଳୁଥିଲେ ସେଠାରେ ଥରେ ଘୋର ବର୍ଷା କରିବାକୁ ଇନ୍ଦ୍ର ଦେବଙ୍କର ଭାରି ମନହେଲା। ଲୋକେ ଆଶ୍ରୟ ପାଇଁ ବିବ୍ରତ ହୋଇ ଏଣେ ତେଣେ ଦୌଡ଼ିବାକୁ ଲାଗିଲେ। ବାବାଙ୍କ ବଡ ଭଉଣୀ ଓ୍ୱେଙ୍କାମ୍ମା ଭୟରେ ଶଙ୍କିଗଲେଣି ସେତେବେଳକୁ, କାରଣ ଗୋଟିଏ ନୂଆଘର କରିବାପାଇଁ ସେ ଯେଉଁ ଇଟାସବୁ ପକାଇଥିଲେ ସେଗୁଡ଼ିକ କଞ୍ଚା ଥିଲା ଓ ଭାଟିରେ ଲଦା ହୋଇ ନିଆଁକୁ ଅପେକ୍ଷା କରି ବସିଥିଲା। ଏ ସମୟରେ ଯଦି ବର୍ଷା ହୁଏ, ତେବେ ଇଟାଗୁଡ଼ିକ ନଷ୍ଟ ହୋଇଯିବ। ସାରା ଭାଟିଟି ମେଞ୍ଚାଏ କାଦୁଅରେ ପରିଣତ ହୋଇଯିବ। ଏହି ସମୟରେ ଓ୍ୱେଙ୍କାମ୍ମାଙ୍କୁ କିଏ କହିଲା ଚିତ୍ରାବତୀ ସେପଟେ ଥିବା କର୍ଣ୍ଣାଟନାଗପଲ୍ଲୀରୁ ଶୁଖିଲା ଆଖୁପତ୍ର ଆଣି ଭାଟି ଘୋଡାଇ ଦେବାକୁ। ପ୍ରାୟ ପନ୍ଦର ଜଣ ଲୋକ ତାଙ୍କୁ ସାହାଯ୍ୟ କରିବାକୁ ବାହାରି ପଡିଲେ ଓ ଚିତ୍ରାବତୀ ବାଲିରେ ବ୍ୟସ୍ତ ହୋଇ ଧାଉଁଥିବା ଓ୍ୱେଙ୍କାମ୍ମାଙ୍କୁ ଅନୁସରଣ କଲେ। ବାବା ବି ସେମାନଙ୍କ ପଛେ ପଛେ ଦୌଡ଼ିଲେ। ମାତ୍ର ଚିତ୍ରାବତୀ ନଈ ମଝିରେ ଠିଆ ହୋଇଯାଇ ତାଙ୍କର ଛୋଟ ହାତର ପାପୁଲିକୁ ଉପରକୁ ଟେକି ପାଟିକଲେ, "ଓ୍ୱେଙ୍କାମ୍ମା, ଓ୍ୱାନା ରାଦୁ" (ଓ୍ୱେଙ୍କାମ୍ମା, ବର୍ଷା ହେବ ନାହିଁ)। ଇନ୍ଦ୍ରଦେବଙ୍କୁ ସେଦିନ ଟିକି ବାବାଙ୍କର ଆଦେଶ ମାନିବାକୁ ହୋଇଥିଲା। ମେଘ ଡରି ଚାଲିଗଲା, ବର୍ଷା ହେଲା ନାହିଁ।

ମୁଁ ଏକଥା କହିବା ପରେ ଲୋକମାନଙ୍କର ମୁହଁ ଆଶା ଓ ବିଶ୍ୱାସରେ ଉଜ୍ଜ୍ୱଳ ଦିଶିଲା। ମୁଁ ଗୋଟାଏ ଭାରି ଭଲ କଥା କହିଦେଲି ବୋଲି ନିଜ ଉପରେ ସନ୍ତୁଷ୍ଟ ହୋଇ ବସିପଡିଲି। ତା ପରେ ବାବା ଉଠିଲେ।

ବାବାଙ୍କ ସମ୍ଭାଷଣର ଅନୁବାଦ କରୁଛି, ଆଗରେ ଥିବା ପାହାଡ଼ ଚୂଡ଼ାରେ କଳାହାଣ୍ଡିଆ ମେଘର ଗର୍ଜନ ଶୁଭିଲା। ଛାତି ମୋର ଦୁକୁ ଦୁକୁ ହେଲା। ମେଘମାନେ ପୁଣି ପାହାଡ଼ ଉପରୁ

ଥାଟ ପାଟ ଧରି ବତାସର ଡେଣାରେ ଆମରି ଆଡ଼କୁ ଉଡି ଆସୁଥିବା ଦେଖି ମୋର ତ୍ରାସ ଆଉ କହିଲେ ନସରେ। ମୋର ଗୋଟାଏ ସ୍ୱର ଅନୁବାଦରେ ଲାଗିଥିବାବେଳେ ଆଉ ଗୋଟିଏ ସ୍ୱର "ଓ୍ୱାନା ରାଦୁ" କଥାଟି କହିଥିବା ହେତୁ ନିଜକୁ ନିନ୍ଦିବାରେ ଲାଗିଥାଏ। ଓ୍ୱାନା ସମଗ୍ର ଉପତ୍ୟକାକୁ ଘେରି ମାଡି ଆସୁଥାଏ। ପାହାଡ଼ ଉପରେ ଥିବା ବୃକ୍ଷମାନେ ତାର ଚାବୁକ ମାଡ଼ ଖାଉଥିବା ମୋତେ ଦିଶୁଥାଏ। ବର୍ଷା ଘନ-ଘୋର ଜଳସମ୍ଭାର ଘେନି ଉପତ୍ୟକାକୁ ବୁଡ଼ାଇ ପକାଇଲା। ଛୋଟବଡ଼ ପାହାଡ଼ମାନେ ଆଉ ଦିଶିଲେ ନାହିଁ। ମାଦିକେରୀର ବଜାର ଓ ବସଷ୍ଟାଣ୍ଡ ଆମ ସଭାସ୍ଥଳରୁ ମାତ୍ର ଅଧମାଇଲେ ଦୂର। ମେଘମାନଙ୍କର ବିଜୟ ଯାତ୍ରା ସେଠାରେ ପହଞ୍ଚିଗଲା।

ମାତ୍ର ବାବାଙ୍କ କଣ୍ଠର ମଧୁରତା ଓ ପ୍ରଶାନ୍ତ ମାଦକତା ଟିକିଏ ବି ଊଣା ପଡ଼ି ନ ଥାଏ। ସମ୍ଭାଷଣ ସମାପ୍ତ ହେଲା, ବାବା ସମବେତ ଶ୍ରୋତାମାନଙ୍କୁ କଲ୍ୟାଣ କଲେ। ତିନୋଟି ଭଜନ ପରେ ରବୀନ୍ଦ୍ର ପୂଞ୍ଜା ଯେତେବେଳେ ଆଳତି ଦେବାକୁ ଉଠିଲେ ବାବା ଆଳତି ପାତ୍ରକୁ ଆଡ଼େଇ ମୋ ମନ ଭିତରର ଦ୍ୱନ୍ଦ୍ୱକୁ ପଦାରେ ପକାଇଦେଲେ। ମତେ ତାକୁ ବି କନ୍ନଡ଼ରେ ଅନୁବାଦ କରି ଲୋକଙ୍କୁ କହିବାକୁ ପଡିଲା ! ବାବା କହିଲେ— "ତୁମ୍ଭମାନଙ୍କୁ କସ୍ତୁରୀ ପ୍ରତିଶ୍ରୁତି ଦେଇଥିଲା ଯେ ମୁଁ ବର୍ଷାକୁ ତଡିଦେବି। ତୁମ୍ଭମାନଙ୍କ ମଧ୍ୟରେ ଏ ବିଶ୍ୱାସ ସଂଚ୍ଚାର କରିବାକୁ ସେ ଚେଷ୍ଟା କରୁଥିଲା, ମାତ୍ର ତାର ନିଜର ବିଶ୍ୱାସ ଦୃଢ଼ ନ ଥିଲା ! ବିଚରା କସ୍ତୁରୀ ମୋ ସମ୍ଭାଷଣକୁ ଅନୁବାଦ କରୁଥିଲା ବେଳେ ଭୟରେ, ଆତଙ୍କରେ ବର୍ଷା ବନ୍ଦ କରିବା ପାଇଁ ମୋତେ ଅନୁନୟ ବିନୟ କରି ଚାଲିଥିଲା। ଏବେ ବର୍ଷା ମହାଦେବପେଟଠାରେ ଅଛି। କୋଡିଏ ମିନିଟ୍ ପରେ ଏଠାକୁ ଆସିଯିବ।" ସେଦିନ ମୋତେ ଭକ୍ତମାନଙ୍କୁ ଜଣାଇବାକୁ ପଡିଥିଲା ଯେ ମୁଁ ଆଉ ସମସ୍ତଙ୍କ ପରି ଜଣେ, ବିଶ୍ୱାସ-ଅବିଶ୍ୱାସର ଦୋଳାରେ ଦୋଳାୟମାନ।

ବାବା ବରାବର କହି ଆସିଛନ୍ତି ଯେ ତାଙ୍କର ମହିମାକୁ ବୁଝିବା ଆମ ପକ୍ଷରେ ଅସମ୍ଭବ। ମର୍ଫେଟ୍ ବାବାଙ୍କ ସମ୍ବନ୍ଧରେ ଲେଖିଛନ୍ତି ବାବାଙ୍କ ହାତରେ ଦୈବତ୍ୱର ସକଳ ବିଭୂତି ବିଦ୍ୟମାନ - ଗୋଟିଏ ସ୍ୟାହି ବୋତଲରେ ସମୁଦ୍ରଟିଏ ରହିବା ପରି ! ବାବା ନିଜେ ବି କହନ୍ତି ସକଳ ଦୈବତ୍ୱ ତାଙ୍କ ମଧ୍ୟରେ ବିଦ୍ୟମାନ। ମଣିଷ ପ୍ରତି, ତାଙ୍କର ସୃଷ୍ଟି ପ୍ରତି ଗଭୀର ପ୍ରେମ ଥିବା ଯୋଗୁ ହିଁ ସେ ଏ ରୂପ ଘେନି ଆସିଛନ୍ତି। ଆମେ ତାଙ୍କ ପ୍ରେମକୁ ହୁଏତ କଳିପାରିବା, ମାତ୍ର ତାଙ୍କ ଜ୍ଞାନ ଓ ବିଭୂତିର କଳନା କରିବା ଅସମ୍ଭବ।

ଭଗବାନ ଘୋଷଣା କରିଛନ୍ତି ଏ ଅବତାର ସତ୍ୟବୋଧକ-ସତ୍ୟପାଠର ଗୁରୁ। ତେଣୁ ସେ ରାମ ଓ କୃଷ୍ଣ ଉଭୟ। ତାଙ୍କର କାହାଣୀ ରାମାୟଣ। ତାଙ୍କର କାହାଣୀ ମହାଭାରତ ମଧ୍ୟ। ବାବା ଯେତେବେଳେ କହନ୍ତି ତାଙ୍କର ଜୀବନ ହିଁ ତାଙ୍କର ବାର୍ତ୍ତା, ସେତେବେଳେ ସେ ରାମ। ମାତ୍ର ଯେତେବେଳେ ସେ କହନ୍ତି, "ରାମ ଯାହା କରିଥିଲେ ତାହା କର, ମାତ୍ର କୃଷ୍ଣ ଯାହା କରିଥିଲେ ତାହା କରିବାକୁ ଚେଷ୍ଟା କର ନାହିଁ", ସେତେବେଳେ ସେ ଆମକୁ ଅସାଧ୍ୟ ସାଧନ କରିବା ଉଦ୍ୟମରୁ ବିରତ କରାଇଥାନ୍ତି। ବାବାଙ୍କ ଭାଷାରେ, "ମୁଁ ମୋର କାଣି ଆଙ୍ଗୁଠିରେ ଗୋଟାଏ ସମଗ୍ର ପର୍ବତମାଳା ଟେକିଦେଇପାରେ, ମାତ୍ର ତୁମ ପାଇଁ ଗୀତାର ଗୋଟିଏ ଶ୍ଳୋକ ଅଭ୍ୟାସ କରିବା ଯଥେଷ୍ଟ।"

ବାବା ପ୍ରତ୍ୟେକ ସାଧକକୁ, ଜାତି,ବର୍ଗ, ବୟସ, ବୃତ୍ତି ଅନୁସାରେ ଭିନ୍ନ ଭିନ୍ନ ଗୀତା ଶିକ୍ଷା ଦିଅନ୍ତି । ପିଲା, ନାରୀ, ବୃଦ୍ଧ, ଚକ୍ଷୁହୀନ ଓ ଅଙ୍ଗହୀନ; ବେଦ ପାଠଶାଳା ଓ ହାଇସ୍କୁଲ ଛାତ୍ରଛାତ୍ରୀ; ସାଧାରଣ କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନ; ମହିଳା କଲେଜ, କୃଷି ବିଶ୍ୱବିଦ୍ୟାଳୟ, ମେଡିକାଲ କଲେଜ; ଅପରାଧୀ ଚରିତ୍ର-ଶୋଧନ ଅନୁଷ୍ଠାନ ଓ ଜେଲଖାନା; ଶିଶୁ-ପ୍ରାଇମେରୀ-ହାଇସ୍କୁଲ-କଲେଜର ଶିକ୍ଷକବର୍ଗ; ମନ ଓ ଶରୀରର ଚିକିତ୍ସକ; ବ୍ୟବସାୟୀ, ବଣିକ, ଶ୍ରମିକ, ଚାଷୀ ଓ କେଉଟ; ନର୍ସ ଓ ସମାଜ ସେବକ; ସେନାବାହିନୀର ଜୱାନ୍ ଓ ଅଫିସର; କବି, ପଣ୍ଡିତ, ଲେଖକ. ସାହିତ୍ୟିକ ଓ ସାମ୍ବାଦିକ; ଗାଁର ଅଶିକ୍ଷିତ କିମ୍ବା ସହରମାନଙ୍କର ଶିକ୍ଷିତ ନରନାରୀ; ସବୁପ୍ରକାରର ଶ୍ରୋତାମାନଙ୍କୁ ବାବା ଉପଦେଶ ଦେବା ମୁଁ ଶୁଣିଛି, ଆଉ ହଜାର ହଜାର ସଂଖ୍ୟାରେ ବାବାଙ୍କର ସମ୍ଭାଷଣ ଶୁଣିଲାବେଳେ ସେମାନଙ୍କ ମନୋଭାବକୁ ଲକ୍ଷ୍ୟ କରି ଦେଖିଛି ସେମାନେ କିପରି ଅଭିଭୂତ ହୋଇ ଏହା ଶୁଣୁଥାନ୍ତି।

(ଏହି ଅଧ୍ୟାୟରେ ବାବାଙ୍କର ସମ୍ଭାଷଣର ପ୍ରଭାବ ସଂପର୍କରେ ଲେଖକ ଶ୍ରୀଯୁକ୍ତ କସ୍ତୁରୀଙ୍କର ଏକାଧିକ ଇଂରାଜୀ କବିତାଂଶ ଅଛି, ଯାହାକୁ ଓଡିଆରେ ଅନୁବାଦ କରାଯାଇନାହିଁ। କାରଣ ଏଗୁଡିକୁ ଅନୁବାଦ କଲେ ଏହାର ମୂଳ ରସଲାଳିତ୍ୟ ଓ ଅର୍ଥଗୌରବ ଅକ୍ଷୁଣ୍ଣ ରଖିବା ଅସମ୍ଭବ। ତେଣୁ ପାଠକମାନଙ୍କୁ ଅନୁରୋଧ, ସେମାନେ ମୂଳ କବିତା ପାଠ କରିବେ। - ଅନୁବାଦକ)

❖

ସାଇକଥା ହିଁ ସତ୍ୟକଥା

୧୯୨୧ ରୁ ୧୯୫୪, ୩୨ ବର୍ଷରୁ ଅଧିକ କାଳ ପ୍ରି-ୟୁନିଭରସିଟିଠାରୁ ଆରମ୍ଭ କରି ସ୍ନାତକୋତ୍ତର ଶ୍ରେଣୀ ଯାଏ ସବୁ ଶ୍ରେଣୀର ପିଲାଙ୍କୁ ମୁଁ ଇତିହାସ ପଢ଼ାଇଛି। ସପ୍ତାହକୁ ମୋଟାମୋଟି ଦଶଟି କ୍ଲାସ ହିସାବରେ ପ୍ରତିବର୍ଷ ୩୬ ସପ୍ତାହ ପାଠ ପଢ଼ାଇଛି। ତରୁଣମାନଙ୍କୁ ଥଣ୍ଡା କରିବା ଓ ଗରମ କରିବାର ଖାଦ୍ୟ ବାଣ୍ଟି ବାଣ୍ଟି ମୋର ଶିକ୍ଷକ ଜୀବନ କଟିଛି। କାରଣ ଇତିହାସ ହେଉଛି ମଣିଷ ସମାଜର କାହାଣୀ; ଉତ୍‌ଥାନ-ପତନ, ଦ୍ୱେଷ-ବିଶ୍ୱାସ, ମୁକ୍ତି ଓ ମୃତ୍ୟୁର ଅଭିଯାନର କାହାଣୀ। ଏହା ତୈମୁରଲଙ୍ଗ୍, ଜୋଆନ୍ ଅଫ୍ ଆର୍କ, ନିରୋ, ଅଶୋକ, ଲିଗ୍ରୀ, ଲିଙ୍କନ୍, ମାର୍କୋପୋଲୋ ଓ ହୁଏନ୍‌ସାଙ୍ଗ୍‌ମାନଙ୍କର କାହାଣୀ। ଏ କାହାଣୀ ରକ୍ତାକ୍ତ ହେଲେ ମଧ୍ୟ ମଣିଷଜାତିର ମନଛୁଆଁ କଥା। ଏହି କଥା ବାରମ୍ବାର ପିଲାଙ୍କୁ କହିବାର କସରତ୍ କରିବା ସହ ମୁଁ ଆଉ ଗୋଟିଏ କାମ ହାତକୁ ନେଇଥିଲି- ଶ୍ରେଣୀଗୃହ ବାହାରେ ସାଧାରଣ ଲୋକଙ୍କୁ, ନିରକ୍ଷର, ବ୍ୟବସାୟୀ, କୃଷକ ଓ ଜେଲଖାନାର ଅପରାଧୀମାନଙ୍କୁ ମଣିଷର ସାହସିକ ଅଭିଯାନର କଥା, ମହତ୍ ଲୋକ, ସାଧୁସନ୍ଥ ଓ ମୁନିଋଷିମାନଙ୍କର ଜୀବନ କାହାଣୀ କହିବା। ଇତିହାସ ପଢ଼ାଇବା ଦାୟିତ୍ୱରୁ ମୁକ୍ତି ପାଇବାର ବହୁବର୍ଷ ଆଗରୁ ମୁଁ ସଂକଳ୍ପ କରିନେଇଥିଲି, ଅବସର ନେବା ପରେ ମଣିଷର ନିର୍ବୋଧତା ଓ କ୍ଷୁଦ୍ରତାକୁ ଅମର କରି ରଖିଥିବା ଏ ଇତିହାସ ସହିତ ମୁଁ ଆଉ କୌଣସି ସମ୍ପର୍କ ରଖିବି ନାହିଁ। ମଣିଷର ଛଳନାର ଏ ଅଭିଯାନ ଓ ଅଭିମାନ ସହିତ ମୁଁ ଆଉ ଜଡ଼ିତ ହେବି ନାହିଁ।

ମୋର ଭାଗ୍ୟ ଭଲ, ଦମ୍ଭ-ଅଭିମାନଭରା ଇତିହାସ ଫାଶରୁ ମୁକୁଳି ମୁଁ ଆନନ୍ଦର ଇତିହାସ ଫାଶରେ ପଡ଼ିଗଲି । ୧୯୬୦ ଦଶହରା ଉତ୍ସବ ସମୟରେ ସମାଗତ ଭକ୍ତମାନଙ୍କୁ ଉଦ୍‌ବୋଧନ ଦେଇ ବାବା କହିଥିଲେ, "ମୋ ଜୀବନ କାହାଣୀ ସହିତ ତୁମର ଜୀବନ କାହାଣୀକୁ ମିଶାଇ ଦିଅ।" ସେତେବେଳେ ବାବାଙ୍କର ଏହି କଥାକୁ ଅନୁବାଦ କଲାବେଳେ ମୁଁ ନିଜକୁ ପଚାରିଥିଲି- ଏହା ନ କଲେ ମୁଁ କିପରି ତାଙ୍କ ଜୀବନକାହାଣୀ ଲେଖିପାରିବି ? ତାପରଠାରୁ ମୁଁ ଅନ୍ୟସବୁ ଇତିହାସ ଛାଡ଼ି ଏଇ ଇତିହାସରେ ମନଧ୍ୟାନ ଢାଳିଦେବାର ସଂକଳ୍ପ କରିଥିଲି। ମୁଁ ଆବିଷ୍କାର କରିଥିଲି ତାଙ୍କରି କାହାଣୀ ହିଁ ଏକମାତ୍ର କହିବାର ଯୋଗ୍ୟ କାହାଣୀ, ମଣିଷକୁ ଗଢ଼ିବାର ଏକମାତ୍ର ସ୍ମରଣୀୟ ଇତିହାସ।

ବାବାଙ୍କ ସମ୍ପର୍କରେ କହିବାକୁ କୌଣସି ସ୍ଥାନରୁ ନିମନ୍ତ୍ରଣ ଆସିଲେ ତାକୁ ଗ୍ରହଣ କରିବାର ଲୋଭ ମୁଁ ସମ୍ବରଣ କରିପାରୁ ନ ଥିଲି। ଭଗବାନଙ୍କ ମହିମାର କୌଣସି ଅଦ୍‌ଭୁତ

ସଙ୍କେତ ବା ପୂର୍ବବର୍ତ୍ତୀ ଅବତାରଙ୍କ ସହ ତୁଳନୀୟ କୌଣସି ଘଟଣା କିମ୍ବା ବାବାଙ୍କଠାରୁ କୌଣସି ଯୁଗାନ୍ତକାରୀ ଘୋଷଣା ଶୁଣିଲାମାତ୍ରେ ମୁଁ ମହୀଶୂର ମହାବିଦ୍ୟାଳୟର ମୋର ପୂର୍ବ ସହକର୍ମୀ ଓ ଛାତ୍ରମାନଙ୍କ କଥା ହିଁ ଭାବୁଥିଲି, ଆଉ ସେମାନଙ୍କଠାକୁ ଯାଇ ମୋ ଆନନ୍ଦରେ ସେମାନଙ୍କୁ ଭାଗୀ କରୁଥିଲି। ଏହି ସମୟରେ ଶ୍ରୀ ରମଣାଶ୍ରମରେ ରହୁଥିବା ସ୍ୱାମୀ ଅଭେଦାନନ୍ଦଙ୍କଠାରୁ ଗୋଟିଏ ଚିଠି ପାଇଲି। ବାବା ପୁଟ୍ଟପର୍ତ୍ତିରେ ଅଛନ୍ତି କି ନାହିଁ ବୋଲି ସେ ପଚାରିଥିଲେ। ପ୍ରଶାନ୍ତିନିଳୟମ୍‌ରେ ବାବାଙ୍କ ଉପସ୍ଥିତି କଥା ତାଙ୍କୁ ମୁଁ ଚିଠିରେ ଜଣାଇବା ଆଗରୁ ସେ ରମଣାଶ୍ରମରେ ହିଁ ବାବାଙ୍କ ଦର୍ଶନ ପାଇଥିଲେ। ସକାଳ ଚାରିଟାବେଳେ ବାବା ସ୍ୱାମୀ ଅଭେଦାନନ୍ଦଙ୍କ କୋଠରୀରେ ଆବିର୍ଭୂତ ହୋଇ ତାଙ୍କ ମୁଣ୍ଡରେ ପାହାରେ ଦେଇଥିଲେ। ଏହି ପାହରକୁ ସତୁରୀ ବର୍ଷର ବୃଦ୍ଧ ସ୍ୱାମୀ ବର୍ଣ୍ଣନା କରିଥିଲେ, "ମଣିଷର ବିଭ୍ରାନ୍ତ ଚିନ୍ତାକୁ ସଙ୍ଗାଡ଼ି ଦେବାରେ ସମର୍ଥ ଥିଲା ଏ ପାହାର ।"

ଏ ଚିଠିଟି ପଢ଼ିଲା ପରେ ମୋର ଇଚ୍ଛା ହେଲା ଘର ଛାତ ଉପରକୁ ଚଢ଼ିଯିବି, ଆଉ ସେଠାରୁ କଣ୍ଠ ଫଟାଇ ଚିତ୍କାର କରି ପ୍ରତ୍ୟେକ ବାଟୋଇକୁ କହିବି ଭଗବାନ ଆସିଗଲେଣି। କୌଣସି ଦେଶର ଇତିହାସ ପୃଷ୍ଠାରେ କୌଣସି କାଳରେ ଏପରି ଘଟିଥିବା ଲେଖା ନାହିଁ। ବାବାଙ୍କ ସମ୍ପର୍କରେ ଏପରି କାହାଣୀ ଶୁଣିଲେ, କିମ୍ବା ପୁରାତନ ଧର୍ମଗ୍ରନ୍ଥମାନଙ୍କର ଗୂଢ଼ତତ୍ତ୍ୱର ସରଳ-ସାବଳୀଳ ବ୍ୟାଖ୍ୟା ବାବାଙ୍କଠାରୁ ଶୁଣିଲେ ମୋ ହୃଦୟ ନାଚି ଉଠେ। ସମଭାବାପନ୍ନ ବନ୍ଧୁମାନଙ୍କଠାକୁ ଧାଇଁଯାଇ ମୋ ଭିତରେ ଉବୁକି ଉଠୁଥିବା ଆନନ୍ଦକୁ ସେମାନଙ୍କ ଆଗରେ ଅଜାଡ଼ି ପକାଏ। ମୁଁ ମନକୁ ମନ ପ୍ରାର୍ଥନା କରେ, "ହେ ପ୍ରଭୁ, ସାରାଦିନ କେବଳ ତୁମରି ମହିମା, ତୁମରି ମୋକ୍ଷଦାୟୀ ଲୀଳା ମୋ ତୁଣ୍ଡରେ ଥାଉ।"

ବାଙ୍ଗାଲୋର ପାଖ ବୃନ୍ଦାବନରେ ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକତା ସମ୍ବନ୍ଧରେ ଯେଉଁ ପ୍ରଥମ ଗ୍ରୀଷ୍ମଶିକ୍ଷା ଶିବିରଟି ଅନୁଷ୍ଠିତ ହୋଇଥିଲା, ସେଥିରେ ବିଦ୍ୟାର୍ଥୀମାନଙ୍କୁ ଭଗବାନଙ୍କ ସମ୍ବନ୍ଧରେ କହିବା ପାଇଁ ମୋତେ ଅନୁମତି ମିଳିଥିଲା। ସେତେବେଳେ ବାବା ନିଜେ ବିଦ୍ୟାର୍ଥୀମାନଙ୍କ ଗହଣରେ ବସିଥିଲେ। ମୋ ପୂର୍ବବର୍ତ୍ତୀ ବକ୍ତାଙ୍କର କଥା ସରିବା ପରେ ଯେତେବେଳେ ମୁଁ ମଞ୍ଚ ଚଢ଼ିଲି, ବାବା ନିଜେ ଉପରକୁ ଆସି ମୋ ଭାଷଣର ବିଷୟବସ୍ତୁ ସମ୍ପର୍କରେ ଗୋଟିଏ ଧାଡ଼ିରେ କହିଲେ, "ଏବେ ଆମ କସ୍ତୁରୀ ନାଚିବ।"

ଭଗବାନ ଆମ ଉପରେ ଯେତେ ପ୍ରେମ ଓ ଅନୁଗ୍ରହ ଢାଳୁଛନ୍ତି ତାକୁ ପରସ୍ପରକୁ ବାଣ୍ଟିବାବେଳେ ଆମେ ନ ନାଚି ରହିପାରିବା କି ? ଅନନ୍ତ, ଅସୀମ ପରମାତ୍ମା ନିଜର ଆତ୍ମା-

ବୁଭୁକ୍ଷା ଶାନ୍ତ କରିବାକୁ ଏବଂ ଆମ ଆତ୍ମାର ଈଶ୍ୱର-କ୍ଷୁଧା ଦୂର କରିବାକୁ ଯେତେବେଳେ ଧରାଧାମକୁ ଆସନ୍ତି ଆମର ଏ କ୍ଷୀଣ, ଦୁର୍ବଳ ଶରୀର ସେ ଆନନ୍ଦ ଓ ଉଲ୍ଲାସକୁ ଧରି ରଖିପାରେନା, ଏଣୁ ନୃତ୍ୟ କରେ। ବାବା ନିଜେ ଘୋଷଣା କରିଛନ୍ତି, "ମୁଁ ନର୍ତ୍ତକଶିରୋମଣି ନଟରାଜ।" ସେ ଶରୀରର ପ୍ରତ୍ୟେକ କୋଷରେ ନୃତ୍ୟ କରନ୍ତି, ପ୍ରତ୍ୟେକ ପରମାଣୁରେ ନୃତ୍ୟ କରନ୍ତି, ଏଣୁ ଆମେ ବି ନାଚୁ। ବାବା ଠାଏ କହିଛନ୍ତି, "ମୁଁ କେବଳ ଜାଣେ ତୁମକୁ ନାଚ ଶିଖାଇବା କି କଷ୍ଟକର।" ଆମେ ଯେବେ ନାଚୁ, ଅଭିଭୂତ ହୋଇପଡୁ; ଧ୍ୱନି, ତାଳ ଓ ଶାନ୍ତରସରେ ଦ୍ରବୀଭୂତ ହୋଇଯାଉ। ମୋର ପୂଜ୍ୟ ଗୁରୁ ମହାପୁରୁଷଜୀ ଲେଖିଛନ୍ତି, "ଆମେ ଆନନ୍ଦାତିଶଯ୍ୟରେ ଭୋକଶୋଷ ମଧ୍ୟ ଭୁଲିଯାଉ। ଉପର ମହଲାରେ ଆମେ ଏପରି ନାଚୁ ଯେ ତଳେ ଥିବା ଜଗୁଆଳୀ ବେଳେବେଳେ ଭୟ କରେ କାଳେ ଘରଟା ଭୁଷୁଡି ପଡିବ। ଦିବ୍ୟଭାବର ନୃତ୍ୟରେ ଆମେ ଆପଣାର ବିଶାଳତା ଓ ଅମରତ୍ୱର ଅନୁଭବରେ ବୁଡିଯାଉ।" ଋକ୍‌ବେଦରେ ଋଷି ସକଳ ନୃତ୍ୟର ଅନ୍ତିମ ଲକ୍ଷ୍ୟ ବିଷୟରେ କହନ୍ତି, "ଆଗାମ ନୃତ୍ୟଯେ ହାସାୟ ଦ୍ରାଘିୟ ଆୟୁଃ" (ଆମେ ଆସିଛୁ ଦୀର୍ଘ ଜୀବନରେ ହସିବାକୁ ନାଚିବାକୁ)।

ବୋଧହୁଏ ପ୍ରଥମେ ଉତ୍ତରପୂର୍ବ ଭାରତଖଣ୍ଡର ଏକ ନୃତ୍ୟଶାଳାରେ ମୁଁ ପ୍ରଥମେ ନାଚିଥିଲି। ସେଠି ଘୋଷଣା କରିଥିଲି ସେ ଅସୀମ ଅନନ୍ତ ପରମେଶ୍ୱର ଅସୀମ ମଣିଷ ଦେହରେ ଆବିର୍ଭୂତ ହୋଇଛନ୍ତି। ସେଠାରେ ମୋ ପୁଅ ଭୂତତ୍ତ୍ୱ ବିଭାଗର ଡାଇରେକ୍ଟର ଭାବରେ କାମ କରୁଥିଲା। ତାର ମୁଖ୍ୟ କାର୍ଯ୍ୟାଳୟ ଥିଲା ଶିଲଂରେ, ଆଉ ସମଗ୍ର ଉତ୍ତରପୂର୍ବ ଭାରତ ତାର କର୍ମପରିସର ମଧ୍ୟରେ ଥିଲା। ମେଘାଳୟ, ଆସାମ, ତ୍ରିପୁରା, ମିଜୋରାମ୍, ନାଗାଲାଣ୍ଡ ଏବଂ ଅରୁଣାଚଳ ପ୍ରଦେଶଗୁଡିକ ତା ଅଧୀନରେ ଥିଲେ। ଏ ଅଞ୍ଚଳରେ କେତେଜଣ ସେନାବାହିନୀ ଓ ନୌବାହିନୀ ଅଫିସର, କେତେଜଣ ଇଞ୍ଜିନିୟର, ଡାକ୍ତର ଓ ସାଧାରଣ ସାଧକ ଅବତାରଙ୍କ ଆଗମନ କଥା ଶୁଣିସାରିଥିଲେ, ଆଉ ନିଜ ନିଜ ହୃଦୟମନ୍ଦିରରେ ତାଙ୍କୁ ପ୍ରତିଷ୍ଠା କରିବା ନିମନ୍ତେ ଉତ୍‌କଣ୍ଠିତ ଥିଲେ। ମୋ ପୁଅ ଏମାନଙ୍କ ସହିତ ନିଜର ଆନନ୍ଦ ଓ ଉତ୍ସାହ ସମ୍ପର୍କରେ କଥାବାର୍ତ୍ତା କରୁଥାଏ, ଆଉ ତାର ଗସ୍ତକାଳରେ ସାଧାରଣ ଲୋକଙ୍କୁ ଭଗବାନଙ୍କ ବାର୍ତ୍ତା ଶୁଣାଇବାର ଉଦ୍ୟମ କରୁଥାଏ। ଆସାମ ଲୋକମାନଙ୍କ ହୃଦୟରେ ସନ୍ଥ ଶଙ୍କରଦେବ ଆଗରୁ ଭକ୍ତି ସଂଗ୍ଚର କରିଦେଇ ଥିବାରୁ ଭଗବାନଙ୍କ ବାର୍ତ୍ତାର ବୀଜ ଅନୁକୂଳ କ୍ଷେତ୍ର ବି ପାଉଥାଏ। ଭାରତ ସରକାର ଏ ଅଞ୍ଚଳର ଗିରିବାସୀ ଆଦିବାସୀମାନଙ୍କ ପାଇଁ ଯେଉଁ ଭାରତ ଦର୍ଶନ ଭ୍ରମଣ ଆୟୋଜନ କରିଥିଲେ, ସେଥିରେ ସେମାନେ ପୁଟ୍ଟପର୍ତ୍ତି ଆସି ଭଗବାନଙ୍କ ଦର୍ଶନ କରି ଯାଇଥିଲେ।

ମୁଁ ଯେତେବେଳେ ଶିଲଂରେ ପହଞ୍ଚିଲି, ସେଠାର ଭକ୍ତମାନେ ଗୋଟିଏ ବଡ ପାଠାଗାର ହଲରେ ସ୍ଥାନୀୟ ନୃତ୍ୟ ଆୟୋଜନ କରିଥିଲେ। ଲୋୟର୍ ଶିଲଂରେ କେତେଜଣ ଜଓ୍ୱାନ ଏବଂ ଅପର ଶିଲଂରେ କେତେ ଜଣ ବିମାନବାହିନୀ ଅଫିସରଙ୍କ ସହିତ ମୁଁ କଥାବାର୍ତ୍ତା କରିଥିଲି। ଆସାମର ରାଜ୍ୟପାଳ ଶ୍ରୀ ବି. କେ. ନେହେରୁ ମୋର ଆସାମ ଆସିବା କଥା ଶୁଣି ମୋଠାରୁ ମଣିଷଜାତି ପାଇଁ ଭଗବାନଙ୍କ ବାର୍ତ୍ତା ସମ୍ବନ୍ଧରେ କିଛି ଜାଣିବାକୁ ଚାହିଁଥିଲେ। ସେ ମୋତେ କହିଥିଲେ ବମ୍ବେରେ ଥିବା ତାଙ୍କର କେତେଜଣ ନିକଟ ସଂପର୍କୀୟ ବାବାଙ୍କୁ ଗଭୀର ଭକ୍ତି କରନ୍ତି। ଆଉ ସେମାନଙ୍କଠାରୁ ଶ୍ରୀଯୁକ୍ତ ନେହେରୁ ବାବାଙ୍କ ସମ୍ବନ୍ଧରେ ସେମାନଙ୍କ ଅନୁଭୂତି ଓ ଭଗବାନଙ୍କ ଚମତ୍କାର ମହିମା କଥା କିଛି ଶୁଣିଥିଲେ। ଏହାପରେ ସେ ମୋତେ କହିଲେ , "ମାତ୍ର ବାବା ଯେଉଁଭଳି ଭାବରେ ଆସାମର ଆଦିବାସୀ ନେତା ବି. ଓ୍ୱାଇକୁ ସିଧା କରିଦେଲେ ତାହା ମୋ ପକ୍ଷରେ ସବୁଠୁ ବଡ଼ ଆଚମ୍ବିତ ଘଟଣା। ଆପଣ ଆସାମ ସୀମାରେ ଥିବା ଆଲଙ୍ଗ୍ ଯାଇ ସେଠାରେ ତା ଲୋକଙ୍କୁ ଭେଟିଲେ ଭାରି ଭଲ ହେବ ବୋଲି ମୁଁ ଭାବୁଛି। ସେଥିପାଇଁ ମୁଁ ସବୁ ବ୍ୟବସ୍ଥା କରିଦେବି। ଆପଣଙ୍କୁ ମୋ ଅନୁରୋଧ ରଖିବାକୁ ହେବ। ମୋ ଅନୁରୋଧର ଯଥାର୍ଥତା ଆପଣ ନିଜେ ଜାଣିପାରିବେ।" ମୁଁ ଏଇ ବି.ଓ୍ୱାଇ ନାମକ ଲୋକଟିକୁ ଜାଣିଥିଲି। ତାକୁ ଗୋଟିଏ ଭାରତଦର୍ଶନ ଦଳରେ ପୁଟ୍ଟପର୍ତ୍ତିରେ ହିଁ ଭେଟିଥିଲି। ଏ ଦଳଟିର ନେତୃତ୍ୱ କରିଥିଲେ ଭାରତ ସରକାରଙ୍କର ଅଣ୍ଡର ସେକ୍ରେଟାରୀ ଶ୍ରୀଯୁକ୍ତ ପାଟିଲ୍ ଏବଂ ପବ୍ଲିକ୍ ଓ୍ୱାର୍କସ୍ ବିଭାଗର ଜଣେ ଆର୍କିଟେକ୍ଟ ଶ୍ରୀଯୁକ୍ତ ଶର୍ମା। ଆଲଙ୍ଗ୍ଠାରେ ଆଦିବାସୀମାନଙ୍କର ପୂଜ୍ୟ ଢୋନୀ ଏବଂ ପୋଲୋ ଠାକୁର-ଠାକୁରାଣୀଙ୍କ ପାଇଁ ଭାରତସରକାର ଗଢ଼ିବାକୁ ଯାଉଥିବା ଗୋଟିଏ ମନ୍ଦିରର ନକ୍ସା ଦାୟିତ୍ୱରେ ଥିଲେ ଶ୍ରୀ ଶର୍ମା।

ବି. ଓ୍ୱାଇ ଏପରି ପେଟକାମୁଡା ରୋଗ ଭୋଗୁଥିଲା ଯେ ସେ ଶଯ୍ୟାଶାୟୀ ହୋଇପଡିଥିଲା। ଶିଲଂ ଓ ଗୌହାଟୀର ଡାକ୍ତରମାନେ ତା ପେଟକାମୁଡାକୁ ଭଲ କରିପାରି ନ ଥିଲେ କିମ୍ବା ତାର ଆଶଙ୍କା ବି ଦୂର କରିପାରି ନ ଥିଲେ। ଗୋଟାଏ ଚିମୁଟା ପରି ଏହା ତାକୁ କାମୁଡି ଧରିଥିଲା। ଅନେକ ଡାକ୍ତରଖାନା ବୁଲି ବୁଲି ସେ ନିରାଶ ହୋଇପଡ଼ିଥିଲା। ଭାରତ ସରକାରଙ୍କ ଆଦିବାସୀ ଉନ୍ନୟନ ବିଭାଗର ଉପଦେଷ୍ଟା କର୍ଣ୍ଣେଲ କେ. କେ. ରାଜା ଭାରତ ଭ୍ରମଣରେ ବାହାରିଥିବା ଦଳେ ଆଦିବାସୀଙ୍କ ସହିତ ଯିବାପାଇଁ ବି. ଓ୍ୱାଇକୁ ରାଜି କରାଇଥିଲେ। ସେ ନିଜେ ଜଣେ ସାଇ-ଆଶ୍ରିତ ଥିବାରୁ ତାଙ୍କର ବିଶ୍ୱାସ ଥିଲା ଏମାନେ ପୁଟ୍ଟପର୍ତ୍ତିରେ ପହଞ୍ଚିଲେ ତାର

ରୋଗ ଭଲ ହୋଇଯିବ । ସେ ବି. ଓ୍ୱାଇକୁ ବୁଝାଇ କହିଥିଲେ, "ଦେଖ, ତୁମେ ସ୍ୱୟଂ ଭଗବାନଙ୍କ ପାଖକୁ ଯାଉଛ । ସେଠାରେ ପହଞ୍ଚିଗଲେ ସେ ତୁମ ପେଟରେ ଥିବା ଭୂତକୁ ତଡ଼ିଦେବେ ।" କର୍ଣ୍ଣେଲ ରାଜା ସେ ଆଦିବାସୀ ନେତାକୁ ଦେଇଥିବା ଆଶ୍ୱାସନା ସତ ଫଳିଲା ।

ବାବା ପୁଟପର୍ତ୍ତିରେ ତାକୁ କହିଲେ ତାର ପେଟବେମାରି କଥା ସେ ଜାଣନ୍ତି । ସେଥିପାଇଁ ତା ଗୋଷ୍ଠୀର ସମସ୍ତେ ଚିନ୍ତିତ ଓ ଉଦ୍‌ବିଗ୍ନ । ତାପରେ ବାବା ତାକୁ ଟିକିଏ ବିଭୂତି ସୃଷ୍ଟି କରି ଦେଲେ । ଏହାପରେ ଏମାନଙ୍କ ଦାୟିତ୍ୱରେ ଥିବା ଅଫିସର ସିଲଂର ସରକାରୀ ଅଫିସ୍‌କୁ ରିପୋର୍ଟ ଦେଲେ ଯେ ବି. ଓ୍ୱାଇ ବଡ଼ ଆଶ୍ଚର୍ଯ୍ୟଜନକ ଓ ନାଟକୀୟ ଭାବରେ ଆରୋଗ୍ୟ ଲାଭ କରିଛି ଓ ବଡ଼ ଆରାମରେ ଦିନକୁ ୩୦ ଟଙ୍କାର ଖାଦ୍ୟ ଖାଇ ହଜମ କରିଦେଉଛି ! ଏ ଖବର ବି. ଓ୍ୱାଇର ଜାତିଭାଇମାନଙ୍କ ମଧ୍ୟରେ ବ୍ୟାପିଗଲା ଓ ସେମାନେ ପରମ ଆନନ୍ଦ ଲାଭ କଲେ । ବାବା ତତ୍‌କ୍ଷଣାତ୍ ସେମାନଙ୍କ ଭିତରେ ବୈଦ୍ୟନାରାୟଣ ପାଲଟି ଗଲେ ।

ଲକ୍ଷ୍ମୀପୁରରେ ବିମାନରୁ ଓହ୍ଲାଇ ଜିପ୍‌ରେ ହାଡ଼ଭଙ୍ଗା ଦେଢଶହ ମାଇଲ ଯାତ୍ରା କରି ମୁଁ ଆଲଙ୍ଗ୍‌ରେ ପହଞ୍ଚିଲି । ଆଦିବାସୀ ନରନାରୀମାନଙ୍କର ଗୋଟାଏ ବେଶ୍ ବଡ଼ ସମାବେଶରେ ମୁଁ ନୃତ୍ୟ କଲି । ସେମାନଙ୍କ ନେତାକୁ ଟିପେ ବିଭୂତି ଦେଇ ଭଲ କରିଦେଇଥିବା କଥାକୁହା ଭଗବାନଙ୍କ ସମ୍ପର୍କରେ ସେମାନଙ୍କୁ କହିଲି । ଯେଉଁଠି ଜୋନୀ-ପୋଲୋ ମନ୍ଦିର ନିର୍ମିତ ହେବ ସେ ସ୍ଥାନଟିକୁ ଦେଖିଲି । ସେମାନେ ମୋତେ କହିଲେ ମନ୍ଦିରର ଆର୍କିଟେକ୍‌ଟଙ୍କୁ ବାବା ମନ୍ଦିର ନକ୍‌ସା ଦେଇଛନ୍ତି ।

ବି.ଓ୍ୱାଇ ଏବଂ ଭାରତ-ଦର୍ଶନ ଆଦିବାସୀ ଦଳଟି ପୁଟପର୍ତ୍ତିରୁ ପାହାନ୍ତିଆ ବସ୍‌ରେ ବାଙ୍ଗାଲୋର ଚାଲି ଯାଇଥିଲେ । ଏଣୁ ବାବା ସେମାନଙ୍କୁ ମନ୍ଦିରର ନକ୍‌ସା ସହିତ ଗୋଟିଏ ପ୍ଲେଟ୍ ଦେଇଛନ୍ତି ବୋଲି ଶ୍ରୀ ପାଟିଲ୍ ମୋ କାନରେ ଚୁପ୍‌ଚୁପ୍ କହି ଦେଇଥିଲେ ମଧ୍ୟ ସେସବୁ ଦେଖିବାର ସୁଯୋଗ ପାଇ ନ ଥିଲି । ଆଲଙ୍ଗ୍‌ଠାରେ ଶିଲଂରୁ ମୋ ସାଙ୍ଗେ ଆସିଥିବା ଜଣେ ଅଫିସରଙ୍କୁ ଏ ଦୁଇଟି ବସ୍ତୁ ମୋତେ ଦେଖାଇବା ପାଇଁ ଅନୁରୋଧ କଲି । ସେ ତତ୍‌କ୍ଷଣାତ୍ ସେଠାର କମିଶନରଙ୍କ ଟ୍ରେଜେରୀକୁ ଯାଇ ଦୁଇଟି ବାକ୍‌ସ ଧରି ଫେରିଲେ । କାଠ ବାକ୍‌ସ ଦୁଇଟିକୁ ମୋ ଆଗରେ ବଡ଼ ସମ୍ଭ୍ରମ ସହକାରେ ଖୋଲିବାରୁ ଦେଖିଲି ଗୋଟିକରେ ପଞ୍ଚଲୋହର ପ୍ଲେଟଟିଏ । ସେଥିରେ ଓଁ ମଧ୍ୟରେ

ଢୋନୀ (ସୂର୍ଯ୍ୟ) ଓ ପୋଲୋ (ଚନ୍ଦ୍ର)ଙ୍କର ଛବି ଖୋଦେଇ କରାଯାଇଥିଲା । ଅନ୍ୟ ବାକ୍ସଟିରେ ସଯତ୍ନରେ ସାଇତା ହୋଇଥିଲା ଗୋଟିଏ ଖାଲି ଲଫାପା ଓ ଖଣ୍ଡେ ଖବର କାଗଜ । ଏସବୁ ମଧ୍ୟ ଭଗବାନଙ୍କ ଦିବ୍ୟହସ୍ତରୁ ମିଳିଛି ବୋଲି ସେମାନେ କହିଲେ । ଏହାକୁ ବି ସେମାନେ ଯେପରି ଭକ୍ତି କରୁଛନ୍ତି ତାହା ଦେଖି ମୋ ଓଠରେ ଟିକିଏ ହସ ଫୁଟି ଉଠୁ ଉଠୁ ମିଳେଇଗଲା । ଭଗବାନଙ୍କ ଦିବ୍ୟହସ୍ତ ଯେଉଁଥିରେ ବାଜିଛି ସେ ସବୁ କିଛି ସେମାନଙ୍କ ପାଇଁ ଥିଲା ଦିବ୍ୟ ଓ ପବିତ୍ର ।

ବାବାଙ୍କ ପାଖକୁ ଚିଠି ବହି ଆଣିଥିବା ଗୋଟିଏ ଲଫାପା ପଛରେ ବାବା ନିଜ ହାତରେ ଆଙ୍କି ଦେଇଥାନ୍ତି ନକ୍ସାଟି । ଆୟତାକାର ପୂଜାମଣ୍ଡପ ସାମ୍ନାରେ ଗୋଟିଏ ବୃତ୍ତ । ବାବା ସେମାନଙ୍କୁ ବୁଝାଇ ଦେଇଥିଲେ ଏ ବୃତ୍ତଟି ହେବ ସେମାନଙ୍କ ମନ୍ଦିର ଆଗର ନୃତ୍ୟବେଦୀ । ମନ୍ଦିରର ମୁଖ୍ୟ ପ୍ରବେଶଦ୍ୱାରଠାରୁ ଦୂରରେ ଆଉ ଗୋଟିଏ ବୃତ୍ତ କାଟି ବାବା ସେମାନଙ୍କୁ କହିଥିଲେ, "ଏଇଟା ତୁମର ବଳିପୀଠ । ମାତ୍ର ଢୋନୀ-ପୋଲୋଙ୍କୁ ସନ୍ତୁଷ୍ଟ କରିବାକୁ ଜୀବବଳି ଦିଅନା । ସେମାନେ ମଧ୍ୟ ଢୋନୀ-ପୋଲୋଙ୍କ ପିଲା । ତୁମ ଲୋକମାନଙ୍କୁ କୁହ ଯେ ତୁମ୍ଭେମାନେ ପରସ୍ପରକୁ ଭଲ ପାଇଲେ ଭଗବାନ ତୁମ ଉପରେ ଅଧିକ ଖୁସି ହେବେ । ମନେରଖ ଯେ ରବିବାରେ (ଢୋନୀଙ୍କର ଦିନ) ଓ ପୂର୍ଣ୍ଣିମାରେ (ପୋଲୋଙ୍କର ଦିନ) କଦାପି ଜୀବବଧ କରିବ ନାହିଁ । ଆଉ ଆଜିଠୁ ତୁମକୁ କହି ରଖୁଛି ଯେ ମୁଁ ଯେତେବେଳେ ଆଲଙ୍ଗ ଯିବି, ତୁମେମାନେ ଯେଉଁଠି ଥିଲେ ବି କୌଣସି କାରଣରୁ ଜୀବବଧ କରିବ ନାହିଁ ।" ସେମାନଙ୍କ କଥାରୁ ମୁଁ ବୁଝିଲି ଯେ ସେମାନଙ୍କ ଭିତରେ ପ୍ରଚଳିତ ଜୀବବଧ ପ୍ରଥାର ଯଥାର୍ଥତା ସମ୍ବନ୍ଧରେ ବାବା ସେମାନଙ୍କ ମନରେ ସନ୍ଦେହ ଓ ଅବିଶ୍ୱାସର ମଞ୍ଜି ପୋତି ଦେଇଛନ୍ତି, ଯାହା ଦିନେ ଏ ପ୍ରଥାର ସମ୍ପୂର୍ଣ୍ଣ ମୂଳପୋଛ କରିଦେବ । ଭଗବାନଙ୍କ ପୂଜାବେଦୀ ଆଗରେ ତାଙ୍କର ପିଲାଏ ନିଜର ଭାଇକୁ ତାଙ୍କ ନାମରେ ବଳି ପକାଇବା ସେ ସହିବେ କିପରି ?

ସେମାନଙ୍କୁ ମୁଁ ଦେଇଥିବା ଦୁଇଟି ଭାଷଣ ଜଣେ ଅଫିସର ସେମାନଙ୍କ ଆଦି ଭାଷାରେ ଅନୁବାଦ କରିଥିଲେ । ପୁଟପର୍ତ୍ତିରେ ମୋତେ ପାଟିଲ କହିଥିଲେ ଯେ ବାବା ବି.ଓ୍ୱାଇ ଓ ଅନ୍ୟ ଆଦିବାସୀମାନଙ୍କ ସହିତ ସେମାନଙ୍କ ଆଦି ଭାଷାରେ ହିଁ କଥାବାର୍ତ୍ତା କରିଥିଲେ । ଆଲଙ୍ଗ୍ର ରାମକୃଷ୍ଣ ମିସନ୍ ହାଇସ୍କୁଲରେ ମୁଁ ଦିନଟିଏ କଟାଇଥିଲି । ସ୍କୁଲର ମୁଖ୍ୟ ସ୍ୱାମୀ ଭବ୍ୟାନନ୍ଦ କର୍ଣ୍ଣାଟକର ଲୋକ ଥିଲେ ଓ ଆମେ ପରସ୍ପରକୁ ବହୁଦିନ ଧରି ଜାଣିଥିଲୁ । ଏଣୁ ଆମେ ଦୁହେଁ

ଦୀର୍ଘ ସମୟ ଧରି ଅତୀତର ସ୍ମୃତି ରୋମନ୍ଥନ କଲୁ। କବି ଯଥାର୍ଥରେ କହିଛନ୍ତି, "ସ୍ମୃତି ତ କଦାପି ନୁହେଁ ଫିଙ୍ଗିବାର....।" ମୁଁ ଆଶ୍ରମରେ ସନ୍ନ୍ୟାସୀ, ସାଧାରଣ ଭକ୍ତ ଓ ଛାତ୍ରଛାତ୍ରୀମାନଙ୍କୁ ସାଇ-ଅବତାରଙ୍କ ସମ୍ବନ୍ଧରେ କହିଲି। ମୋ ରହଣୀର ଶେଷ ଦିନ ବି. ୱାଇ. ତାର ବାସଭବନରେ ଗୋଟିଏ ସତ୍‌ସଙ୍ଗ ଆୟୋଜନ କରିଥିଲା। ସତ୍‌ସଙ୍ଗ ପରେ ମୁଁ ଓ ସ୍ୱାମୀ ଭବ୍ୟାନନ୍ଦ ସେଇଠି ବି. ୱାଇ ସହ ନୈଶ୍ୟ ଭୋଜନ କରିଥିଲୁ। ଆଦିବାସୀମାନଙ୍କର ସରଳ ବିଶ୍ୱାସ ଓ ଭକ୍ତି ମୋ ମନରେ ଗଭୀର ରେଖାପାତ କରିଥିଲା ଓ ମୋତେ ଦେଖାଇ ଦେଇଥିଲା ମୋ ବୁଦ୍ଧି ଉପରେ ବିଦ୍ୟା ଓ ପାଣ୍ଡିତ୍ୟର ଯେଉଁ ଶିଉଳି ବସିଯାଇଛି ତାକୁ ଛଡାଇବାକୁ ହେବ। କାରଣ ତା ଫଳରେ ଆତ୍ମାର ଜ୍ୟୋତି ବୁଦ୍ଧିକୁ ପ୍ରଦୀପ୍ତ କରିପାରୁ ନାହିଁ।

ପାଞ୍ଚବର୍ଷ ପରେ ମୁଁ ପୁଣି ସେ ଅଞ୍ଚଳକୁ ଯାଇଥିଲି। ସେଠାର ସତ୍ୟସାଇ ସେବାସଙ୍ଗଠନଗୁଡିକର ରାଜ୍ୟ ସଭାପତି ସଙ୍ଗଠନର ଗୋଟିଏ ରାଜ୍ୟସ୍ତରୀୟ ସମ୍ମିଳନୀରେ ମୋତେ ସଭାପତି କରିବାକୁ ମୋତେ ଡାକିଥିଲେ। ପରିବେଶଟି ଧୂପଗନ୍ଧରେ ମହକି ଉଠୁଥିଲା, ଚାରିପାଖର ପାହାଡ଼-ପର୍ବତ ଭଜନ ଧ୍ୱନିରେ ଗୁଞ୍ଜିତ ହୋଇ ଉଠୁଥିଲା; ସମଗ୍ର ଉପତ୍ୟକାଟି ସତେ ଯେମିତି ପ୍ରଣବ ନାଦରେ ନିନାଦିତ ହୋଇ ଉଠୁଥିଲା। ନାମଘରଗୁଡିକର ନିଦ ଭାଙ୍ଗିଯାଇଥିଲା ପକ୍ଷୀମାନେ ଉଠିବା ଆଗରୁ, ଆଉ ଲୋକଙ୍କର ହୃଦୟ-କବାଟ ଖୋଲିବାର ଚାବିକାଠି ଥିଲା ସାଇରାମ ମନ୍ତ୍ର। ବାଟି ଖେଳୁଥିବା ପିଲାଏ ସେମାନଙ୍କ ବାଟି ଗାତରେ ଗଳି ପଡ଼ିଲେ ଡାକୁଥିଲେ ସାଇରାମ! ମେଘାଳୟ ରାଜ୍ୟର ଶିଲଂଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ସମ୍ମିଳନୀ ଦୂର ଦୂରାନ୍ତର ଭକ୍ତମାନଙ୍କୁ ଏକାଠି କରିଥିଲା।

ସେତେବେଳେ ଅରୁଣାଚଳ ପ୍ରଦେଶର ଲେଫ୍‌ଟ୍‌ନାଣ୍ଟ୍ ଗଭର୍ଣ୍ଣର ଥିଲେ କର୍ଣ୍ଣେଲ କେ. କେ. ରାଜା। ସେ ରାଜ୍ୟର ମଧ୍ୟବର୍ତ୍ତୀକାଳୀନ ରାଜଧାନୀ ତେଜପୁର ଯିବା ପାଇଁ ମୋତେ ପ୍ରବର୍ତ୍ତାଇଥିଲେ। ସେଠାରେ ରାଜଭବନକୁ କର୍ଣ୍ଣେଲ ରାଜା ଯେଉଁ କେତେଜଣ ସାଧାରଣ ଲୋକ, ଅଫିସର୍ ଓ ମିଲିଟାରୀ ଲୋକଙ୍କୁ ଡାକିଥିଲେ ସେମାନଙ୍କୁ ମୁଁ ଭଗବାନଙ୍କ ସମ୍ବନ୍ଧରେ କିଛି କହିଥିଲି। ଆମେ ସବୁ ଆସନ ଗ୍ରହଣ କଲା ପରେ କର୍ଣ୍ଣେଲ ରାଜା ଯେତେବେଳେ ସଭାକାର୍ଯ୍ୟ ଆରମ୍ଭ କରିବାକୁ ଉଠିଲେ, ସେ ପ୍ରକାଶ କଲେ ଯେ ସେ ନିଜେ ଜଣେ ସାଇଭକ୍ତ, କାରଣ ବର୍ଷ ବର୍ଷ ଧରି ସେ ଯେଉଁ ରୂପର ଆରାଧନା କରୁଥିଲେ ଭଗବାନ ସତ୍ୟସାଇଙ୍କଠାରେ ସେ ସେହି ରୂପର ସ୍ଥିତି ଉପଲବ୍ଧି କରିଥିଲେ। ରାଜଭବନରେ ଘଟିଥିବା ଗୋଟିଏ ଅଲୌକିକ ଘଟଣା କର୍ଣ୍ଣେଲ ରାଜା ବର୍ଣ୍ଣନା କରିଥିଲେ। ରାଜଭବନର ହତାରେ ଗୋଟିଏ ବିରାଟ

ବାଉଁଶବୁଦା ଥିଲା । ତା ପରିପାଖରେ ନେପାଳୀ କୁଲିମାନଙ୍କ ତମ୍ବୁ ପକାଯାଇଥିଲା । ସେ ବାଉଁଶବୁଦାରେ ହଠାତ୍ ନିଆଁ ଲାଗିଗଲା । ଶୁଖିଲା ପତ୍ରରେ ନିଆଁ ଲାଗି ଶିଖା ଯେତେବେଳେ ଉପରକୁ ଉଠିଲା ଓ ବାଉଁଶ ଗଣ୍ଠିମାନ ଫାଟିବାକୁ ଲାଗିଲା, ଜଣାଗଲା ସତେ ଯେମିତି ବହୁ ତାଲଫୋଟକା ଏକାବେଳକେ ଫୁଟୁଛି । ସେତେବେଳେ ସେ ଏଠି ନ ଥିଲେ । ତାଙ୍କ ପତ୍ନୀ ବାହାରକୁ ଆସି ଯେତେବେଳେ ଏ ଆକାଶଛୁଆଁ ନିଆଁଶିଖା ଦେଖିଲେ, ଆତଙ୍କରେ ସେ ସାଇବାବା, ସାଇବାବା ବୋଲି ପାଟିକରି ଉଠିଲେ । କାରଣ ସେ ଖୁବ୍ ଡରିଯାଇଥିଲେ ଯେ ନେପାଳୀ କୁଲିମାନଙ୍କର କୁଡିଆଟିମାନ ପାଉଁଶରେ ପରିଣତ ହୋଇଯିବ ।

କର୍ଣ୍ଣେଲ ରାଜା ଟିକେ ଥମିଗଲେ । ଆମେ ଭାବୁଥିଲୁ ଯା ପରେ କ'ଣ ହେଲା । ତାପରେ ସେ କହିଲେ, ପାଞ୍ଚ ସେକେଣ୍ଡ ଭିତରେ ନିଆଁ ଲିଭିଗଲା । ଡଜନେ ନିଆଁଲିଭା ଗାଡି ଏକାଠି କାମ କରିଥିଲେ ବି ଏହା କରିପାରି ନ ଥାନ୍ତେ । ଏହା କହିସାରି ସେ ଆମ ସମସ୍ତଙ୍କୁ ବାଉଁଶବୁଦାଟି ଦେଖିବାକୁ ଡାକିଲେ । ରାଜଭବନରେ ସେ ଦରପୋଡା ବାଉଁଶବୁଦାଟି ଠିଆ ହୋଇଥିଲା ଭଗବାନଙ୍କ ଅନୁଗ୍ରହ ଓ ଶକ୍ତିର ମୂକସାକ୍ଷୀ ରୂପେ । ଭୂମିରୁ ସତର-ଅଠର ଫୁଟ ଉପରକୁ ପ୍ରତ୍ୟେକଟି ବାଉଁଶ ଗଛର ଅଗ ପୋଡି କଳା ଅଙ୍ଗାର ପାଲଟି ଯାଇଥିଲା । ଅଗ୍ନିଦେବ ଯେ ସାଇଦେବଙ୍କର ଆଜ୍ଞା ତତ୍କ୍ଷଣାତ୍ ପାଳନ କରିଥିଲେ ତାହା ନିଃସନ୍ଦେହ ଭାବରେ ପ୍ରମାଣିତ ହୋଇଥିଲା ।

ତେଜପୁରଠାରେ ଭାରତୀୟ ସୀମାର ନିରାପତ୍ତା ବାହିନୀ ଶିବିରକୁ ଯାଇଥିଲି ଓ ସେମାନଙ୍କ ଭଜନରେ ଯୋଗ ଦେଇଥିଲି । ସେମାନଙ୍କୁ ଅବତାର ଓ ତାଙ୍କର ପ୍ରେମ ମାଧ୍ୟମରେ ମୁକ୍ତିର ବାର୍ତ୍ତା ଶୁଣାଇଥିଲି । ସେଠାରେ ଥିବା କେରଳୀ ଜଓ୍ୱାନମାନେ ଜାଣିଗଲେ ଯେ ମୁଁ ବି ସେମାନଙ୍କ ସାଗର ସାନୁମାନ ପରିବୃତ୍ତ କେରଳଖଣ୍ଡରେ ଜନ୍ମ ନେଇଛି । ସେମାନେ ମୋତେ ଘେରିଗଲେ ଓ ମୁଁ ସେମାନଙ୍କୁ ମାଲାୟାଲାମ୍ ଭାଷାରେ ଭଗବାନଙ୍କ ଉପରେ ଲେଖିଥିବା ଦୀର୍ଘ କବିତାଟିଏ ପଢ଼ି ଶୁଣାଇଥିଲି । ତାଳ-ନଡିଆ ବଣ ଓ ଆମ୍ରକୁଞ୍ଜ ଅଧ୍ୟୁଷିତ ସେମାନଙ୍କ ମାତୃଭୂମିଠାରୁ ବହୁ ଦୂରରେ ଥାଇ ମଧ୍ୟ ସେମାନଙ୍କ ପ୍ରିୟ ମାତୃଭାଷାର ଗୁଞ୍ଜରଣ ତଥା କବିତାଟିର ମହାନ୍ ବାର୍ତ୍ତା ସେମାନଙ୍କୁ ଅଭିଭୂତ କରିଦେଇଥିଲା ।

ସେଠାରୁ କ୍ରୁଦ୍ଧ ବ୍ରହ୍ମପୁତ୍ରର ପରିମାଇଲ୍ ଓସାରର ଫେନଚୂଡ଼ ଜଳବିସ୍ତାର ପାରି ହୋଇ ଆମେ ନଓ୍ୱଗାଁ, ଦିବ୍ରୁଗଡ ଓ ତିନିସୁକିଆ ଗଲୁ । ଏଠାରେ ଶହ ଶହ ଭକ୍ତ ଭଗବାନଙ୍କର ଅହଙ୍କାର-ବିମୋଚନୀ ବାର୍ତ୍ତା-ରସାୟନ ପାନ କରିଥିଲେ । ମୁଁ ପୁଟ୍ଟପର୍ତ୍ତି ଛାଡିଲାବେଳେ ବାବା

ମୋତେ କହିଥିଲେ, " ତୁ ଭାଷଣ ଦେବୁ ବୋଲି ଘୋଷଣା କଲେ ତିରିଶିଟି ଲୋକ ତୋତେ ଶୁଣିବାକୁ ଆସିବେ, ମାତ୍ର ସେମାନେ ଯଦି ଘୋଷଣା କରିବେ ଯେ ତୁ ମୋ ସମ୍ବନ୍ଧରେ କହିବୁ, ଦେଖିବୁ ତିନିଶହରୁ ଅଧିକ ଲୋକ ତୋ କଥା ଶୁଣିବାକୁ ଆସିବେ ।'

ବାବା ଆପଣାର ଅପୂର୍ବ ରୀତିରେ ହଜାର ହଜାର ଘର ଓ ହୃଦୟ ଅଧିକାର କରି ବସିଥିଲେ, ଆଉ ମୁଁ ଦେଖିଲି ବାବା ମୋତେ ଏହି ଅଞ୍ଚଳକୁ ପଠାଇଥିଲେ ଯେତିକି ଶିଖାଇବାକୁ ତାଠୁ ଅଧିକ ଶିଖିବାକୁ । ମୁଁ ଯେତେବେଳେ ବିଭିନ୍ନ ସ୍ଥାନ ବୁଲି ଭକ୍ତମାନଙ୍କର କଥା ଶୁଣିଲି; ଗାଁ ଗହଳରେ, ସେନା ଛାଉଣୀରେ, ବଣଜଙ୍ଗଲର କୁଡିଆମାନଙ୍କରେ ଭଗବାନଙ୍କ ଅନୁଗ୍ରହର ନିଦର୍ଶନ, ତାଙ୍କ ଉପସ୍ଥିତି ଓ ପ୍ରେମର ପ୍ରକାଶ, ମଣିଷକୁ ନୂଆ କରି ଗଢ଼ିବାରେ ତାଙ୍କ ଆଗ୍ରହର ପ୍ରମାଣ ଦେଖିଲି; ଆପଣାର ପରିଚୟ ଦେବାକୁ ମୋତେ କୁଣ୍ଠା ଲାଗିଲା, ତାଙ୍କ ସମ୍ପର୍କରେ କିଛି କହିବାକୁ ମୋତେ ସଙ୍କୋଚ ଲାଗିଲା । ମୁଁ ନିଜେ ନିଜ ଭାଷଣରେ ବାରମ୍ବାର ଆବୃତ୍ତି କରୁଥିବା କଥାଟିର ସତ୍ୟତା ଉପଲବ୍ଧି କରିପାରିଲି: " ଯେଉଁମାନେ କେବଳ ପ୍ରଶାନ୍ତିନିଳୟମ୍‌କୁ ଜାଣନ୍ତି, ସେମାନେ ପ୍ରଶାନ୍ତିନିଳୟମ୍ ସମ୍ପର୍କରେ କ'ଣ ଜାଣନ୍ତି ?''

ଚଳିତ ଶତାବ୍ଦୀରେ ଦ୍ୱିତୀୟ ଦଶନ୍ଧିରେ ମୁଁ ଯେବେ ମୋର ଇତିହାସ ଶ୍ରେଣୀମାନଙ୍କରେ ବ୍ରିଟିଶ୍ ଇତିହାସ ପଢ଼ାଉଥିଲି, ସେତେବେଳେ "ଯେଉଁମାନେ କେବଳ ଇଂଲଣ୍ଡକୁ ଜାଣନ୍ତି, ସେମାନେ ଇଂଲଣ୍ଡ ବିଷୟରେ କ'ଣ ବା ଜାଣନ୍ତି" କଥାଟିକୁ ବୁଝାଉଥିଲି । ସେତେବେଳେ ଆଉ ଗୋଟିଏ ବ୍ୟଙ୍ଗାତ୍ମକ ବାକ୍ୟର ସାହାଯ୍ୟ ମଧ୍ୟ ନେଉଥିଲି । ସେଇଟି ହେଲା, "ବ୍ରିଟିଶ୍ ସାମ୍ରାଜ୍ୟରେ ସୂର୍ଯ୍ୟ କେବେ ଅସ୍ତ ହୁଅନ୍ତି ନାହିଁ, କାରଣ ବ୍ରିଟିଶ୍ ଲୋକମାନଙ୍କୁ ସୂର୍ଯ୍ୟ ଅନ୍ଧକାରରେ ଛାଡିଦେବାକୁ ଭୟ କରନ୍ତି ।" ମାତ୍ର ବାବାଙ୍କର ଏ ରାଜ୍ୟ ଭକ୍ତି, କର୍ତ୍ତବ୍ୟବୋଧ ଏବଂ ଶୃଙ୍ଖଳାର ଏକ ଦୟା ଓ କରୁଣାସିକ୍ତ ସାମ୍ରାଜ୍ୟ ଯାହା ଉପରୁ ପ୍ରେମର ସୂର୍ଯ୍ୟ କେବେ ଅସ୍ତ ଯାଆନ୍ତି ନାହିଁ ।

ତିନିସୁକିଆଠାରେ ପିଲାମାନଙ୍କର ଏକ ସମାବେଶରେ ମୁଁ ଭଗବାନଙ୍କ ଅଭୟହସ୍ତ ସମ୍ପର୍କରେ କହିଥିଲି । ଡିବ୍ରୁଗଡ଼ଠାରେ ଉପନିଷଦର ବ୍ରହ୍ମ ଅଗ୍ନିସ୍ତମ୍ଭ ରୂପେ ଦେବତାମାନଙ୍କ ସମ୍ମୁଖରେ ଆବିର୍ଭୂତ ହେବା କାହାଣୀଟି କହିଥିଲି । ଭକ୍ତମାନେ ବୁଝିପାରିଥିଲେ ଯେ ବାବା ସେଇ ସର୍ବମୟ ମହାଶକ୍ତିର ଏକ ଜ୍ୱଳନ୍ତ ଆଲୋକ ସ୍ତମ୍ଭ, ଯେଉଁଠାରେ ମଣିଷର ସମସ୍ତ ବିଦ୍ୟା ଆପଣାର କ୍ଷୁଦ୍ରତା ବୁଝି ବିନୟ ଶିକ୍ଷା କରିଥାଏ । ତାପରେ ମୁଁ ଯାଇଥିଲି ଗୌହାଟୀ । ସେଠାରେ

ଗୋଟିଏ ଚ଼ହା ବଗିଚ଼ର ଶ୍ରମିକମାନେ ରବିବାର ଓ ଗୁରୁବାର ଦିନ ସକାଳେ ନଗର ସଂକୀର୍ତ୍ତନ କରନ୍ତି ଓ ଭଗବାନଙ୍କ ପୂଜାପୀଠରେ ସାଷ୍ଟାଙ୍ଗ ପ୍ରଣାମ ଜଣାଇ ସଂକୀର୍ତ୍ତନ ସାଙ୍ଗ କରନ୍ତି। ସେଠାରେ ବାବା ବହୁଘରର ପୂଜାମଣ୍ଡପରେ ଅଧିଷ୍ଠିତ। କେତେକ ସ୍ଥାନରେ ବାବାଙ୍କର ଆଗମନର ସୂଚନା ସ୍ୱରୂପ ତାଙ୍କର ବିଭୂତିମଣ୍ଡିତ ପାଦଚିହ୍ନ ମଧ୍ୟ ଦେଖିଲି। ଗୋଟିଏ ବାଲବିକାଶ ପିଲାଙ୍କ ସମାରୋହରେ ମୁଁ ଭଗବାନଙ୍କର ପିଲାଦିନର କାହାଣୀ କହିଥିଲି। ସମିତିର ସେବାକେନ୍ଦ୍ରଠାରେ ଏବଂ ପାଠାଗାର ହଲ୍‌ରେ ମୋତେ ନାଚିବାର ସୁଯୋଗ ମିଳିଥିଲା। ମାତ୍ର ଗୌହାଟୀର ସରକାରୀ ଚିକିତ୍ସାଳୟର ମୁଖ୍ୟ ନର୍ସଙ୍କ ବାସଭବନରେ ଗୋଟିଏ ବିରାଡିକୁ ଛାତିରେ ଭିଡିଧରି ନାଚିବାର ଆନନ୍ଦ ମୋତେ ଆଉ କେଉଁଠି ମିଳି ନ ଥିଲା !

କର୍ଣ୍ଣାଟକର ଗାଁମାନଙ୍କରେ ଅନେକବାର ଗଜ-ଉଦ୍ଧାରଣ କାହାଣୀଟି ହରିକଥାରେ କହି ଲୋକଙ୍କୁ ନଚ଼ାଇଛି। ଏ କାହାଣୀଟି ହରିକୃପା ଓ ହରି ଅନୁକମ୍ପାର ଏକ ଅନବଦ୍ୟ କାହାଣୀ। ମାତ୍ର ମୋ କାହାଣୀରେ ମୁଁ କବିପ୍ରଚଳିତ ଅନାବଶ୍ୟକ 'କଥାର ଲଥା'ସବୁ ଛାଡି ଦେଇଥାଏ। ଉଦାହରଣ ସ୍ୱରୂପ, ହାତୀ ପ୍ରକୃତରେ ଜଣେ ରାଜା ଥିଲା ଓ ଅଭିଶାପ ଯୋଗୁ ହାତୀଜନ୍ମ ପାଇଥିଲା। କଇଁଛ ସାଙ୍ଗରେ ହଜାର ବର୍ଷ ଲଢିବା ପରେ ଯାଇ ତାର ହରିଙ୍କ କଥା ମନେ ପଡିଥିଲା ଇତ୍ୟାଦି ବର୍ଣ୍ଣନାମାନ ମୁଁ ଛାଡିଦିଏ। ଏସବୁ ଅତିଶୟୋକ୍ତିମାନ ହରି ଅନୁକମ୍ପାର ପ୍ରକୃତ ମହିମା ହ୍ରାସ କରି ଦେଇଥାଏ।

ହଁ, ଉପରେ ଯେଉଁ ବିରାଡିଟି କଥା କହୁଥିଲି, ତାର ନାମ ମିଙ୍କି। ତାକୁ ଯେଉଁ ଝିଅଟି ରଖିଥିଲା, ସେ ଥରେ ତାକୁ ଏପରି ପିଟିଲା ଯେ ସେଇଦିନ ତାର ଯମ ଦର୍ଶନ ହୋଇଯାଇଥାନ୍ତା। ମାତ୍ର ବାବାଙ୍କ ଅନୁଗ୍ରହ ମିଙ୍କିକୁ ମୃତ୍ୟୁମୁଖରୁ ଉଦ୍ଧାର କରିଥିଲା। ତାଙ୍କ ଘରେ ବାବାଙ୍କର ସମୁଦାୟ ଷୋଳ ଗୋଟି ଫଟୋ ଥିଲା। ମାତ୍ର ବିରାଡି ଉପରେ ପାହାର ବସିବା ସଙ୍ଗେ ସଙ୍ଗେ ସବୁଗୁଡିକ ଫଟୋ କାନ୍ଥରୁ ଝଣ ଝଣ ହୋଇ ଖସିପଡିଲା। ଦୟା ଓ କରୁଣାର ଆବଶ୍ୟକତା ସମ୍ପର୍କରେ ବାବା ଏହିପରି ସେମାନଙ୍କୁ ସତର୍କ କରିଦେଇଥିଲେ।

ଭଗବାନଙ୍କ ଉପସ୍ଥିତିର ଏହିପରି ସଙ୍କେତ ସାଇ ଭକ୍ତମାନଙ୍କ ପକ୍ଷରେ ଏକ ସାଧାରଣ (ନା ଅସାଧାରଣ ?) ଅଭିଜ୍ଞତା। କାଲିଫର୍ଣ୍ଣିଆର ମନସ୍ତାତ୍ତ୍ୱିକ ଚିକିତ୍ସକ ଡକ୍ଟର ସାଣ୍ଡଉଇସ୍ ତାଙ୍କ ବହିରେ ଲେଖିଛନ୍ତି, "ଦିନେ ଆମ ବୈଠକଖାନାରେ ଶାରନ୍ (ତାଙ୍କ ପତ୍ନୀ) ଓ ପିଲାମାନେ ବସି ଆଲୋଚନା କରୁଥିଲେ ସାଇବାବା କ'ଣ ସତରେ

ଭଗବାନ ? ସେମାନଙ୍କ ଭିତରୁ ଜଣେ କୁଣ୍ଠିତ ସ୍ୱରରେ କହିଲା ମୁଁ ଭାବୁଛି ସେ ସତରେ ଭଗବାନ । ଏପରି କହୁ କହୁ ଗୋଟିଏ ଟେବୁଲ ଉପରେ ଥିବା ବାବାଙ୍କର ବଡ ବନ୍ଧେଇ ଫଟୋଟିଏ ତଳେ ପଡି ଋଣଝଣ ହୋଇ ଭାଙ୍ଗିଗଲା ! ସେମାନେ ତଟସ୍ଥ ହୋଇଗଲେ ଓ ଅନୁଚ୍ଚ ସ୍ୱରରେ ପରସ୍ପରକୁ କହିଲେ, "ସେ ନିଶ୍ଚୟ ସତରେ ଭଗବାନ ।"

ମିଙ୍କିକୁ ପିଟୁଥିଲେ ମାଟ୍ରନ୍ (ମୁଖ୍ୟ ନର୍ସ)ଙ୍କ ଭଉଣୀ । ଏ ଘଟଣାରେ ତଟସ୍ଥ ହୋଇ ସେ ବିଲେଇକୁ ଆଉ ନ ପିଟିବା ପାଇଁ ଭଉଣୀକୁ ଅନୁରୋଧ କଲେ । ବିଚରା ବିଲେଇ ମାଡ ଖାଇ ଥରୁଥିଲା । ତାକୁ ନେଇ ଟେବୁଲ ଉପରେ ରଖିଦେବା ମାତ୍ରେ ସେ ଦେହକୁ ଝାଡିଦେଲା । ଆଉ ତା ସଙ୍ଗେ ସଙ୍ଗେ ତା ଦେହରୁ ଝରି ଆସିଲା ବିଭୂତି ! ଚିକ୍କଣ, ସୁଗନ୍ଧିତ ପୁଟ୍ଟପର୍ତ୍ତି ବିଭୂତି । ବାବା କହନ୍ତି, "ମୋତେ ଯଦି ତୁମେ ଦରକାର କର ତେବେ ମୋତେ ପ୍ରାପ୍ତ ହେବାର ଯୋଗ୍ୟତା ତୁମର ଆସିଗଲା ବୋଲି ଜାଣ ।" "ଯେକୌଣସି ନାମରେ ମୋତେ ଡାକ, ତତ୍‌କ୍ଷଣାତ୍ ମୁଁ ତୁମ ଡାକର ଉତ୍ତର ଦେବି ।" ଏ ଯୁଗର ଭାଗବତ ପାଇଁ କି ଅପୂର୍ବ କାହାଣୀଟିଏ ! ମାତ୍ର କଥାଟି ସେଇଠି ସରିଗଲା ନାହିଁ । ଏ ସମ୍ବନ୍ଧୀୟ ପରବର୍ତ୍ତୀ ଘଟଣାଟି ଶୁଣିଲେ ଆଖି ଖୋସି ହୋଇଯିବ ! ବିଲେଇକୁ ମାଡ଼ ଦେବାର କେତେ ମାସ ପରେ ଉପରୋକ୍ତ ମାଟ୍ରନଙ୍କ ଭଉଣୀ ପୁଟ୍ଟପର୍ତ୍ତି ଆସିଲେ । ବାବା ତାଙ୍କୁ ବିଭୂତି ଦେଇସାରି ଆଉ ଗୋଟିଏ ଦୁଇଟି ପୁଡ଼ା ଅଲଗା କରି ତାଙ୍କ ହାତରେ ଗୁଞ୍ଜି ଦେଇ କହିଲେ, "ୟେ ବିଲ୍ଲୀକେ ଲିୟେ" - (ଏହା ବିଲେଇ ପାଇଁ) ! ସେଇ ପୁଷିଟିକୁ ଛାତିରେ ଜାକିଧରି ମୁଁ ତାଙ୍କ ଘରେ କେତେପାଦ ନାଚିଗଲି । ମୁଁ ଏ ବହିଟି ଲେଖୁଥିଲା ବେଳେ ସେଇ ଭାଗ୍ୟବତୀ ପୁଷିଟିର ଫଟୋ ମୋ ଟେବୁଲ ଉପରେ ଶୋଭା ପାଉଛି । ଆଉ ମୋତେ ସତର୍କ କରି ଦେଉଛି ଯେ କଥାରେ, କାମ ବା ଚିନ୍ତାରେ ମୁଁ ଯେମିତି କୌଣସି ପ୍ରାଣୀର ଅନିଷ୍ଟ ନ କରେ ବା ଅବମାନନା ନ କରେ ।

ଗହନ କଳାମେଘରେ ବିଜୁଳୀ ଚମକୁଥିଲାବେଳେ ମୁଁ ବିମାନରେ ଗୌହାଟୀରୁ କଲିକତା ଆସିଲି । ସେଠାରେ ଛଅଦିନ ଥିଲି । କଲିକତାର ବିଭିନ୍ନ ଅଞ୍ଚଳରେ ଭଗବାନଙ୍କ ଲୀଳା କାହାଣୀ ଶୁଣିବା ପାଇଁ ଉଦ୍‌ବିଗ୍ନ ଭାଇଭଉଣୀମାନଙ୍କୁ କହିବା ଓ ଭେଟିବାର ଏପରି ଏକ ଗହଳ କାର୍ଯ୍ୟକ୍ରମ ମୋ ପାଇଁ ସେଠା ସାଇ ସଙ୍ଗଠନର ରାଜ୍ୟ ସଭାପତି ପ୍ରସ୍ତୁତ କରିଥିଲେ ଯେ ହାଓଡା ଷ୍ଟେସନରେ ପୁଟ୍ଟପର୍ତ୍ତି ଫେରିବା ବାଟରେ ମୁଁ ଯେତେବେଳେ ଟ୍ରେନ୍ ଚଢ଼ିଲି, ମୁଁ କଲିକତାରେ ଯାହାଙ୍କର ଅତିଥି ହୋଇଥିଲି, ସେତେବେଳେ ସେ ମନଦୁଃଖରେ ମୋତେ କହିଲେ, "ମଉସା, ଆପଣଙ୍କର ମନେଅଛି ନା, ମୁଁ ଆପଣଙ୍କୁ ଥରେ ମାତ୍ର ଖାଇବାକୁ ଓ ପିଇବାକୁ ଦେବାର ସୁଯୋଗ ପାଇଥିଲି,

ଆଉ ତାହା ହେଲା ଗୋଟିଏ ଆସ୍‌ପିରିନ୍ ଟାବ୍‌ଲେଟ୍ ଓ ଗିଲାସେ ପାଣି !" ଗୋଟିଏ ରାସ୍ତାରୁ ଗାଡ଼ିଟିଏ ମୋତେ ଟେକିଆଣି ଆଉ ଗୋଟିଏ ରାସ୍ତାରେ ଛାଡ଼ି ଦେଉଥାଏ। ମୋତେ ଆଉ ଲଙ୍ଗର ପକାଇବାକୁ ବେଳ କାହିଁ? ସବୁଠି ମୋତେ ଖୁବ୍ ସହୃଦୟ କୃତଜ୍ଞତାର ଅଭିନନ୍ଦନ ମିଳୁଥାଏ, କାରଣ ମୁଁ ବହି ଆଣିଥିଲି ପୁଟ୍ଟପର୍ତ୍ତି ଅମ୍ଳଜାନ, ଯାହା କଲିକତାବାସୀଙ୍କ ଅବରୁଦ୍ଧ ଫୁସ୍‌ଫୁସ୍ ପାଇଁ ଏକାନ୍ତ ଦରକାର ଥିଲା।

ଜଗଜ୍ଜନନୀ ମା କାଳୀ ଓ ତାଙ୍କର ସୁଯୋଗ୍ୟ ପ୍ରିୟ ପୁତ୍ର ଶ୍ରୀ ପରମହଂସ ଦେବ ମୋତେ ବାବାଙ୍କଠାରେ ପହଞ୍ଚାଇ ଦେଇଥିଲେ। ଏଣୁ ମୋର ଶ୍ରଦ୍ଧା ଓ ଭକ୍ତିର କୃତଜ୍ଞତା ଜଣାଇବା ପାଇଁ ମୁଁ ଦକ୍ଷିଣେଶ୍ୱରରେ ପହଞ୍ଚୁ ପହଞ୍ଚୁ ବହୁ ଯୋଡ଼ହସ୍ତର ସାଇରାମ ଶୁଣି ଆଶ୍ଚର୍ଯ୍ୟ ହୋଇଗଲି। ଦକ୍ଷିଣେଶ୍ୱରର ଅଧିବାସୀମାନେ ଗୋଟିଏ ସତ୍ୟସାଇ ଭଜନ ମଣ୍ଡଳୀ ସ୍ଥାପନ କରି ଭଜନ ଆଦି କରୁଛନ୍ତି। ମୁଁ ମା କାଳୀଙ୍କ ଦର୍ଶନ ସାରି ଶ୍ରୀ ରାମକୃଷ୍ଣଙ୍କ କୋଠରୀରେ କିଛି ସମୟ ବସି ଧ୍ୟାନ କଲି। ତାପରେ ଗଙ୍ଗାକୂଳର ପବିତ୍ର ପଞ୍ଚବଟୀରେ ବସି ତାର ପ୍ରଶାନ୍ତ ସ୍ତବ୍ଧତା ଆକଣ୍ଠ ପାନ କଲି। ଭଜନମଣ୍ଡଳୀର ଭାଇମାନେ ମୋ ପାଖେ ପାଖେ ଥିଲେ। ସେମାନେ ମୋତେ ଅନୁରୋଧ କଲେ ବାବାଙ୍କ ସମ୍ପର୍କରେ କହିବା ପାଇଁ । ମୋ ତୁଣ୍ଡକୁ ଯାହା ଆସିଲା ମୁଁ ସେମାନଙ୍କୁ କହିଲି, ମାତ୍ର ମୋର ମନେହେଲା ମୋର ଗୁରୁମହାରାଜ ନିଜେ ମୋ ଭିତରେ ଥାଇ ମୋ କଥାସବୁ ଗୁନ୍ଥି ଦେଉଛନ୍ତି। ସେମାନଙ୍କ ସହିତ ସେଇ ଯେଉଁ ଘଣ୍ଟାଟିଏ କଟାଇଲି, ତାହା ମୋ ସ୍ମୃତିପଟରେ ସୁନାର ସୁରଭିତ ଅକ୍ଷରରେ ସବୁଦିନ ଲେଖା ରହିଥିବ।

କଲିକତାରେ ମୋର କେତୋଟି ଉଲ୍ଲେଖଯୋଗ୍ୟ ଅଭିଜ୍ଞତା ଏଠାରେ କହିବା ଉଚିତ, କାରଣ ତାହା ବାବାଙ୍କର ଅବତାରତ୍ୱ ଉପରେ ଆଲୋକପାତ କରିବ। ଭଉଣୀ ମାଧୁରୀ ଜଣେ ଟ୍ରକ ଡ୍ରାଇଭରଙ୍କ ପତ୍ନୀ। ଆଖପାଖ ଘରମାନଙ୍କରେ କିଛି କିଛି କାମ କରି ସେ ଅଳ୍ପ କିଛି ରୋଜଗାର କରନ୍ତି। ଗୋଟିଏ ମାଟିକାଦୁଅଭରା ଗଳିରେ ଭଙ୍ଗାଦଦରା ଘରଟିରେ ସେମାନେ ରହନ୍ତି। ସେମାନଙ୍କ ଦୁଇଟି ପିଲାଙ୍କର ପ୍ରିୟ ଏହି 'ଆମ ଘର'ଟିରେ ଆମେ ଯେତେବେଳେ ପହଞ୍ଚିଲୁ ଏହାର ନିର୍ମଳତା ଓ ପବିତ୍ରତା ଆମକୁ ମୁଗ୍ଧ କରିଦେଲା। ଏହି ଛୋଟ ଘରଟିରେ ସେମାନେ କିପରି ଗୋଟିଏ ପୂଜାମଣ୍ଡପ ପାଇଁ ଜାଗା ରଖିପାରିଛନ୍ତି, ତାହା ମୋତେ ବିସ୍ମିତ କଲା। ମଣ୍ଡପରେ ବାବାଙ୍କର ଖରିଟି ସୁନ୍ଦର ସୁନ୍ଦର ଫଟୋ, କେରଳରେ ପୂଜିତ ଅନ୍ୟାନ୍ୟ ଦେବଦେବୀଙ୍କର କେତୋଟି ଫଟୋ ଶୋଭା ପାଉଥାନ୍ତି। ଆମେ ଯାଇ ସେଠାରେ ପହଞ୍ଚିଲାବେଳକୁ ସେମାନେ ଭଜନ କରୁଥାନ୍ତି। ଆମ ପାଇଁ ଫଟୋ ଆଗରେ ବସିବାକୁ

କେତୋଟି ଛୋଟ ମସିଣା ବିଛାଇ ଦେଲେ ସେମାନେ। ବାବାଙ୍କ ଫଟୋ ବିଭୂତିର ମୋଟା ଆସ୍ତରଣରେ ଘୋଡାଇ ପଡିଥାଏ, ଆଉ ଭଜନ ଚାଲିଥିଲା ବେଳେ ସେଥିରୁ ବିଭୂତି ଝରି ତଳେ ଥାଳୀରେ ପଡୁଥାଏ। ଫଟୋରେ ବାବାଙ୍କର ସର୍ବାଙ୍ଗ ବିଭୂତିରେ ଘୋଡ଼ାଇ ହୋଇ ପଡିଥିଲେ ମଧ୍ୟ ହସନ୍ତା ମୁହଁଟିମାନ ଦାଉ ଦାଉ ହୋଇ ଉଜ୍ଜ୍ୱଳ ଦିଶୁଥାଏ। ନେଲୋର୍, ମାଙ୍ଗାଲୋର ଆଉ ଏର୍ଣ୍ଣାକୁଲମ୍‌ଠାରେ ମଧ୍ୟ ମୁଁ ଏପରି ଫଟୋରୁ ବିଭୂତି ଝରିବା ଦେଖିଛି।

ତାଙ୍କ ପୂଜାମଣ୍ଡପରେ ମୁଁ ଦେଖିଲି ଛୋଟ ବାଳଗୋପାଳଙ୍କ ହାମୁଡ଼ା ମୂର୍ତ୍ତିଟିଏ । ଭଉଣୀ ମାଧୁରୀ କହିଲେ ଯେ ଜନ୍ମାଷ୍ଟମୀ ଦିନ ମଣ୍ଡପର ପୂଜାଫୁଲ ଭିତରେ ସେ ଏଇ ବାଳଗୋପାଳଙ୍କୁ ଆବିଷ୍କାର କରିଥିଲେ। ମଣ୍ଡପରେ ବାବାଙ୍କ ଫଟୋରୁ ଝରିଥିବା ମହୁଭରା ପାତ୍ରଟିଏ ବି ଥିଲା। ସେ ମହୁ ଚାଖିଲି। ପୁଟପର୍ତ୍ତି ମହୁ। ସ୍ୱାଦରେ ବା ସୁଗନ୍ଧରେ ଏତେ ଟିକିଏ ବି ଫରକ ନାହିଁ। ବାବା ପୁଟପର୍ତ୍ତି, କୋଡାଇକାନାଲ୍, ଭେଙ୍କଟଗିରି ଏବଂ ଅନ୍ୟାନ୍ୟ ସ୍ଥାନରେ ଯେଉଁ ଅମୃତ ସୃଷ୍ଟି କରିଥିଲେ ତାହା ମୁଁ ନିଜେ ଚାଖିଚି। ତା'ଛଡ଼ା ତାମିଲ୍‌ନାଡୁ, କେରଳ, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଉତ୍ତର-ପୂର୍ବ ଭାରତର ବିଭିନ୍ନ ସ୍ଥାନରେ ଫଟୋମାନଙ୍କରୁ ଝରିଥିବା ଅମୃତ ବି ଚାଖିଛି। ଏଣୁ ଭଉଣୀ ମାଧୁରୀଙ୍କ ଘରେ ଝରୁଥିବା ଅମୃତ ଯେ ସାଇମାର୍କା ଅମୃତ ଏଥିରେ ମୋର ସଂଶୟ ନ ଥିଲା।

ସେ ମାଟିକାଦୁଅଭରା ଗଳିରାସ୍ତାଟି ଯେ ତୀର୍ଥରାସ୍ତା ପାଲଟି ଯାଇଥିଲା ଏଥିରେ ଆଉ ବିସ୍ମିତ ହେବାର କ'ଣ ଅଛି ? ମୁଁ ଶୁଣିଲି ତାଙ୍କ ଘରର ଲୀଳା ପ୍ରଦର୍ଶନକୁ ଲୁଚାଇ ରଖାଯାଇ ପାରି ନ ଥିଲା। ଲୋକେ ଶୁଣିଲେ, ଆସି ଦେଖିଲେ, ପରଖିଲେ, ଉପଲବ୍ଧି କଲେ, ଆଉ ଅଭିଭୂତ ହେଲେ। ଯେଉଁମାନେ ଟାପରା କରିବାକୁ ଆସିଥିଲେ, ସେମାନେ ମୁଣ୍ଡକୁ ମାଟିରେ ଲଗାଇ ଫେରିଲେ। ଭଦ୍ରଲୋକେ ଭକ୍ତଲୋକ ହୋଇ ଫେରିଲେ ! ଚାରିକାତ ମେଲାଇ ପଡିଥିବା ଏଡ଼େବଡ ନଗରୀର ହଜାର ହଜାର ଘରେ ବାବା ଇଷ୍ଟଦେବତା ପାଲଟିଗଲେ।

ସୁଧା ମଜୁମ୍‌ଦାର୍ ଆମକୁ ପ୍ରଥମେ ଭଉଣୀ ମାଧୁରୀଙ୍କ କଥା ଶୁଣାଇଥିଲେ। ସୁଧା ମଜୁମ୍‌ଦାର୍ ନିଖିଳ ଭାରତ ମହିଳା ସଂଘର ସଭାପତି ଥିଲେ ଏବଂ ଜଣେ ଖୁବ୍ ଜଣାଶୁଣା ସମାଜସେବିକା ଥିଲେ। ସେ ନିଜେ ମଧ୍ୟ ଅଲୌକିକ ଭାବରେ ସାଇପରିଧି ଭିତରକୁ ଟଣା ହୋଇ ଆସିଥିଲେ। ବାବାଙ୍କ ହାବୁଡ଼ରେ ପଡ଼ିଲେ ପ୍ରଥମ ଦର୍ଶନରେ ହିଁ ପ୍ରେମ ଜାତ ହୋଇଯାଏ। ତାପରେ ରହିଯାଏ ଅନ୍ତର୍ଦୃଷ୍ଟିର ଆନନ୍ଦ। ସୁଧା ମଜୁମ୍‌ଦାର ପରେ ପରେ ଅନେକ ସ୍ୱପ୍ନ ଦେଖିଥିଲେ ଓ ଅଜ୍ଞାତ ସ୍ୱର ଶୁଣିଥିଲେ, ଯାହାସବୁ ସତ୍ୟ ବୋଲି ବାବା ନିଜେ ପୁଟପର୍ତ୍ତିରେ ତାଙ୍କୁ କହିଥିଲେ।

ଆଉ କେତେବର୍ଷ ପରେ ମୁଁ ଯେତେବେଳେ ପୁଣି ଥରେ କଲିକତା ଗଲି, ତାଙ୍କ ସହିତ ଆଲିପୁର ଜେଲ୍‌ଖାନାର ମହିଳା ବିଭାଗକୁ ଯାଇଥିଲି । ସେ ଏଠାକୁ ନିୟମିତ ଆସି ମହିଳାମାନଙ୍କୁ ରାମାୟଣ କଥା କହୁଥିଲେ । ଏ ସୁଯୋଗରେ ମୁଁ ସେ ଭାଗ୍ୟହୀନା ମହିଳାମାନଙ୍କୁ ଚଳନ୍ତି ସାଇରାମାୟଣର କେତୋଟି ଘଟଣା କହିଲି । ସେମାନଙ୍କ ସଂଖ୍ୟା ଥିଲା ସତୁରୀ । ମାତ୍ର ସେମାନଙ୍କ ଭଦ୍ରତା, ସ୍ଥିରତା, ଆଗ୍ରହ ଓ ଏକାଗ୍ରତା ଦେଖି ମୋର ବିଶ୍ୱାସ ହେଲା ଯେ ସ୍ନେହ, ସହାନୁଭୂତି ଓ ବୁଝାମଣା ବଳରେ ପତିତ ଓ ନଷ୍ଟ-ହୃଦୟରୁ ମଧ୍ୟ ଯଶୋଦାନନ୍ଦନଙ୍କ ପ୍ରିୟ ନବନୀତ ବାହାର କରିବା ସମ୍ଭବ ।

ଆଲିପୁର୍ ଜେଲ୍‌ର ମୁଖ୍ୟ ତତ୍ତ୍ୱାବଧାରକ ଥିଲେ ଶ୍ରୀ ଏସ୍.ପି. ଘୋଷ । ସେ ମଧ୍ୟ ରାମକୃଷ୍ଣ ଓ ତନ୍ତ୍ରପନ୍ଥାରେ ଗ୍ରାଜୁଏଟ୍ ହୋଇସାରି ସାଇପନ୍ଥାରେ ପୋଷ୍ଟଗ୍ରାଜୁଏଟ୍ ଶ୍ରେଣୀରେ ନାମ ଲେଖାଇ ସାରିଥିଲେ । ତାଙ୍କ ସହିତ ମୁଁ ଆଲିପୁର୍ ଜେଲ୍ ଭିତରେ ପ୍ରବେଶ କରିଥିଲି ଆଉ ୧୯୦୮ ମସିହାରେ ଯେଉଁ କୋଠରୀରେ ଶ୍ରୀ ଅରବିନ୍ଦ 'ବାସୁଦେବସର୍ବମିଦଂ' (ସବୁ ଭଗବତ୍‌ମୟ) ଉପଲବ୍ଧି କରିଥିଲେ ସେଇ କୋଠରୀରେ କିଛି ସମୟ ନୀରବ ପ୍ରାର୍ଥନା କରିଥିଲି । ଏହି ଆଲିପୁର ଜେଲ୍‌ରୁ ୧୯୦୯ରେ ଯେତେବେଳେ ଅରବିନ୍ଦ ଏକ ଭିନ୍ନ ମଣିଷ ହୋଇ ବାହାରିଲେ, ସେ ବୁଝିସାରିଥିଲେ ସେ ଭଗବାନଙ୍କ ହାତରେ ଗୋଟିଏ ଆୟୁଧ ମାତ୍ର ।

ଏଠାରେ ବାଟରୁ ଟିକିଏ ଘୁଞ୍ଚିଯାଇ ମୁଁ ପାଠକମାନଙ୍କୁ କହିବି ସେଦିନ ଅରବିନ୍ଦଙ୍କର ସେଇ ଉପଲବ୍ଧିଭରା କୋଠରୀରେ ଯାହା ମୋ ସ୍ମୃତିପଥକୁ ଆସିଥିଲା । ଅରବିନ୍ଦ ୧୯୧୦ରେ ପଣ୍ଡିଚେରୀରେ ଆସି ପହଞ୍ଚିଥିଲେ । ସେଠାରେ ଗୋଟିଏ ଫରାସୀ କଲୋନୀରେ ଆତ୍ମଗୋପନ କରି ରହିଲେ । ତାପରେ ଦୀର୍ଘ ୧୬ ବର୍ଷ ଧରି ଚାଲିଲା ତାଙ୍କର କଠୋର ଯୋଗସାଧନା । ପୁଟପର୍ତ୍ତିରେ ଶ୍ରୀ ସତ୍ୟସାଇ ବାବାଙ୍କର ଆବିର୍ଭାବର ଠିକ୍ ଶହେଦିନ ଆଗରୁ ୧୯୨୬, ଅଗଷ୍ଟ ପନ୍ଦର ଦିନ ଶ୍ରୀ ଅରବିନ୍ଦଙ୍କର ୫୪ ତମ ଜନ୍ମଦିବସ ଉତ୍ସବ ଉପଲକ୍ଷ୍ୟେ ସେ ଭାଷଣରେ କହିଥିଲେ, "ଆମ ଯୋଗସାଧନାର ଲକ୍ଷ୍ୟ ଉନ୍ନତ ଚେତନା ବା ମହାଶକ୍ତି, ସତ୍ୟର ଆଲୋକକୁ ପୃଥିବୀରେ ଅବତରଣ କରାଇବା । ଏହି ଦିବ୍ୟଶକ୍ତିଙ୍କ ଆଗମନ ଫଳରେ ଆମର ପାର୍ଥିବ ବା ଭୌତିକ ଚେତନାର ମଧ୍ୟ ଉତ୍ତରଣ ଘଟିବ ଓ ସଂସାରର ସବୁକିଛି ରୂପାନ୍ତରିତ ହୋଇଯିବ । ଏହି ଅତିଚେତନା ଶକ୍ତିକୁ ଆମର ପ୍ରାଣକୋଷ ଓ ଦେହକୋଷ ମଧ୍ୟରେ ଆବାହନ

କରି ଆଣିବାକୁ ହେବ, ଯାହାଦ୍ୱାରା ଆମ ବ୍ୟକ୍ତିତ୍ୱର ରନ୍ଧ୍ରେ ରନ୍ଧ୍ରେ ଫୁଟି ଉଠିବ ସେ ଚିନ୍ମୟ ସତ୍ତାର ପରମ ପ୍ରଶାନ୍ତି ଓ ସର୍ବବ୍ୟାପକତା।" ଏହାପରଠାରୁ ଶହେଦିନ ଧରି ଅରବିନ୍ଦ ଯେଉଁ ଭାଷଣ ଦେଇଥିଲେ, ସେଥିରେ ସେ ବାରମ୍ବାର ଏହି ଅତିମାନସ ଶକ୍ତିର ଅବତରଣ କଥା ହିଁ କହୁଥିଲେ। ଶ୍ରୋତାମାନଙ୍କର ବିଶ୍ୱାସ ହୋଇଯାଇଥିଲା ଯେ ଏହି ଅତିମାନସ ଶକ୍ତି ଅବତରଣ କରାଇବା ସାଧନାରେ ଅରବିନ୍ଦଙ୍କର ସିଦ୍ଧି ଅଦୂରବର୍ତ୍ତୀ।

ନଭେମ୍ବର ୨୪ ତାରିଖ ଦିନ, ସେହି ଅତିମାନସ ଶକ୍ତି 'ସାଇ' ରୂପେ ଅବତରଣ କରିବାର ୩୦ ଘଣ୍ଟା ନ ପୂରୁଣୁ, ଅରବିନ୍ଦଙ୍କ ଜରୁରୀ ଡାକରାରେ ଆଶ୍ରମର ଯେଉଁ ଅନ୍ତେବାସୀମାନେ ତାଙ୍କ ପାଖରେ ଆସି ପହଞ୍ଚିଥିଲେ ସେମାନେ ଅରବିନ୍ଦ ଓ ମାଆଙ୍କ ଉପସ୍ଥିତିରେ କିଛି ସମୟ ଧ୍ୟାନ କଲାପରେ ଦିବ୍ୟଶକ୍ତି ପୃଥିବୀକୁ ଆସିଗଲେଣି ବୋଲି ଅନୁଭବ କରିଥିଲେ। ଶ୍ରୀ ଅରବିନ୍ଦ ଯେଉଁଠି ତାଙ୍କର ପ୍ରଥମ ଯୋଗଦର୍ଶନର ଅଧିକାରୀ ହୋଇଥିଲେ ସେଠାରେ ଠିଆ ହୋଇ ମୁଁ ପରମ ଆନନ୍ଦ ଅନୁଭବ କରିଥିଲି।

ଆଉ ଥରେ ମୁଁ କଲିକତାର ଦମ୍‌ଦମ୍ ଜେଲ୍‌କୁ ଯାଇଥିଲି। ସେଦିନ କୌଣସି ଏକ ଉତ୍ସବ ଉପଲକ୍ଷ୍ୟେ ଜେଲଖାନାର ବନ୍ଦୀମାନଙ୍କୁ ଭୋଜି ଦିଆଯାଉଥିଲା। ମୁଁ ସେମାନଙ୍କୁ କହିଥିଲି ଯେ ଜେଲଖାନା ପାଚିରୀ ବାହାରେ ଆମେ ଯେଉଁମାନେ ଅଛୁ ବାବା ସେମାନ୍‌ଙ୍କୁ ଯେତିକି ଭଲ ପାଆନ୍ତି, ପାଚିରୀ ଭିତରେ ଥିବା ତାଙ୍କର ବାଟବଣା ପିଲାମାନଙ୍କୁ ମଧ୍ୟ ସେ ସେତିକି ସ୍ନେହ କରନ୍ତି। ଯେଉଁମାନେ ଭକ୍ତିର ସାବୁନ୍‌ରେ ନିଜର ମଇଳା ମନକୁ ସଫା କରିବାକୁ ଚାହାନ୍ତି, ସେମାନଙ୍କଠାରେ ଲୁହାର ଅର୍ଗଳି ଓ ପଥର କାନ୍ଥ ଭେଦି ତାଙ୍କ ପ୍ରେମ ପହଞ୍ଚିଯାଏ। ବାବାଙ୍କ କରୁଣା ଓ ସର୍ବବ୍ୟାପକତାର ଯେଉଁସବୁ କାହାଣୀ କହିଲି, ସେମାନେ ଖୁବ୍ ଆଗ୍ରହରେ ସେସବୁ ଶୁଣିଲେ। ଗୁଲବର୍ଗା, ସାଲେମ୍ ଏବଂ କୋଏମ୍ବାଟୁରର ଜେଲରେ ମଧ୍ୟ ଅବତାରଙ୍କ ପ୍ରେମ ଓ କରୁଣାର ବାର୍ତ୍ତା ଶୁଣାଇବାର ସୁଯୋଗ ମୁଁ ପାଇଥିଲି। ଯେଉଁ ସାଇଭକ୍ତମାନେ ସେମାନଙ୍କର ଅନ୍ଧକାରଭରା ହୃଦୟ କୋଠରୀରେ ଗୋଟିଏ ଗୋଟିଏ ଝରକା ଖୋଲି ଦେଇଥିଲେ ସାଇପ୍ରେମର ନୀଳ ଅନ୍ତରିକ୍ଷ ଆଡ଼କୁ, ସେମାନେ ମୋତେ ଏଇ ଆହତ ଓ ରକ୍ତାକ୍ତ ଭାଇମାନଙ୍କ ପାଖକୁ ଘେନି ଯାଇଥିଲେ। ହଜାରୀବାଗ୍ ଓ ୱାରଙ୍ଗଲ୍ ଜେଲରେ ଥିବା ଏମାନଙ୍କ ମଧ୍ୟରୁ କେତେଜଣ ଜେଲ ଖଟି ସାରିବା ପରେ ପୁଟ୍ଟପର୍ତ୍ତି ଆସିଥିବା ବେଳେ ମୁଁ ସେମାନଙ୍କୁ ଦେଖିଛି। ଅନୁତାପ ସେମାନଙ୍କୁ ଦୃଢ଼ କରିଛି, ଆଉ ବିଶ୍ୱାସ ଜୀବନର ଯାତ୍ରାପଥରେ ଆଉଥରେ ଝୁଣ୍ଟି ନ ପଡ଼ିବା ପାଇଁ ସେମାନଙ୍କୁ ବଳ ଯୋଗାଇଛି।

ବାବାଙ୍କ ଫଟୋରୁ ବିଭୂତି ଓ ଅମୃତ ଝରିବା ଭଗବାନଙ୍କର ଏକ କୌଶଳ ଯାହା ଦୁରାରୋଗ୍ୟ ତର୍କବାଦୀକୁ ମଧ୍ୟ ବଦଳାଇ ଦିଏ । କଲିକତାର ଜଣେ ଦାସଗୁପ୍ତଙ୍କ ଘରେ ମୁଁ ଯେତିକି ସମୟ ଥିଲି ତାହା ଅପାସୋରା ହୋଇ ରହିଯିବ । ସେ ମୋ ଆଗରେ ବର୍ଣ୍ଣନା କରିଥିଲେ କିପରି ବାବା ଓ ଆନନ୍ଦମୟୀଙ୍କ ଫଟୋରେ ଅଦ୍‌ଭୁତ ଭାବରେ କୁଙ୍କୁମ ଜାତ ହୋଇଥିଲା ଓ ଶିବରାତ୍ରି ଦିନ ବାବାଙ୍କ ଫଟୋରୁ ସେ ଗୋଟିଏ ଶିବଲିଙ୍ଗ ପାଇଥିଲେ । ପରଦିନ ଗୋଟିଏ ଡମରୁ, ତା ପରଦିନ ତ୍ରିଶୂଳ ଏବଂ ତା ପରଦିନ ରୂପାର ତ୍ରିଦଳ ବେଲପତ୍ର ସହ ଅମୃତ ମଧ୍ୟ ଫଟୋରୁ ଝରିଥିଲା । ବାବାଙ୍କ ଫଟୋରୁ ତ ବିଭୂତି ଝରୁଥିଲା, ମାତ୍ର ସବୁଠାରୁ ଅଧିକ ଆଶ୍ଚର୍ଯ୍ୟର କଥା ଦାସଗୁପ୍ତଙ୍କ ଗୁରୁ ମୋହନାନନ୍ଦଙ୍କ ଫଟୋରୁ ମଧ୍ୟ ବିଭୂତି ଜାତ ହୋଇଥିଲା । ଏହା ମୋହନାନନ୍ଦ ସ୍ୱୟଂ ପ୍ରତ୍ୟକ୍ଷ କରିଥିଲେ । ଏହାଦ୍ୱାରା ବାବା ପ୍ରମାଣ କରିଦେଇଥିଲେ ଯେ ସେ ତାଙ୍କର କାର୍ଯ୍ୟ ପାଇଁ ମୋହନାନନ୍ଦଙ୍କୁ ବି ଗୋଟିଏ ଆୟୁଧ ଭାବରେ ବ୍ୟବହାର କରୁଛନ୍ତି ।

ସେଇ ଘରର ସବାତଳ ମହଲାରେ ରବିକୁମାର ବସୁ ନାମରେ ଜଣେ ଭଦ୍ରବ୍ୟକ୍ତି ରହୁଥିଲେ । ତାଙ୍କର ତିନିବର୍ଷର ପୁଅ ସିଧା ଚାଲିପାରୁ ନ ଥିଲା । ସେଇ ଘରର ଉପର ମହଲାରେ ମିଳୁଥିବା ପ୍ରଚୁର ଲୀଳାବିଭୂତି ବ୍ୟବହାର କରିବାକୁ କେତେଜଣ ତାଙ୍କୁ ଉପଦେଶ ଦେଲେ ମଧ୍ୟ ଶ୍ରୀଯୁକ୍ତ ବସୁଙ୍କର ବୈଜ୍ଞାନିକ ଅନ୍ଧବିଶ୍ୱାସ ଏଥିରେ ବିଘ୍ନ ହୋଇ ଠିଆ ହୋଇଥିଲା । ମାତ୍ର ଦିନେ ସେ ପିଲାଟି ଉପର ମହଲାକୁ ୧୯ଟି ପାହାଚ ଚଢ଼ି ଆସି ଦାସଗୁପ୍ତଙ୍କ ପୂଜାଘରେ ପହଞ୍ଚିଲା ଓ ନିଜେ ଫଟୋରୁ ବିଭୂତି ଝାଡି ନିଜ ଗୋଡ଼ରେ ଲଗାଇଲା । ମୁଁ ସେ ପିଲାଟିକୁ ଦେଖିବାକୁ ଚାହିଁବାରୁ ସେମାନେ ତାକୁ ଉପରକୁ ଡାକିଲେ । ମୁଁ ଦେଖିଲି ସେ ଗୋଟିଏ ସ୍ୱାଭାବିକ, ସତେଜ ପିଲା ପାଲଟି ଯାଇଛି । ତାର ବାପା-ମା ବି ଏ କଥା ସତ୍ୟ ବୋଲି ପ୍ରକାଶ କରିଥିଲେ ।

ବିହାରର ରାଜ୍ୟସଭାପତି ଡକ୍ଟର ମୂର୍ତ୍ତି, ଡି.ଏସ୍.ସି. ମୋତେ ଜାମ୍‌ସେଦ୍‌ପୁର ଓ ରାଞ୍ଚି ଯିବାପାଇଁ ଡାକିଲେ । ସେ ଟାଟା କମ୍ପାନୀର ଚିଫ୍ କେମିଷ୍ଟ ଥିଲେ । ଜାମ୍‌ସେଦ୍‌ପୁର ରେଳଷ୍ଟେସନ୍‌ରେ ଆମକୁ ଓହ୍ଲାଇବା ଦେଖି ଅନେକ ପଞ୍ଜାବୀ ଲୋକ ଆମ ଆଡ଼କୁ ଧାଇଁ ଆସିଲେ । ପଶ୍ଚିମବଙ୍ଗର ରାଜ୍ୟସଭାପତି ମାନ୍ୟବର ଶ୍ରୀଯୁକ୍ତ ଏସ୍. ଡି. ଖେରା ମୋ ସହିତ ଥିଲେ । ସେ ମୋତେ ଆଗରୁ କହି ନ ଥିଲେ ଯେ ସେ ଅନେକ ପରିବାରର କୁଳଗୁରୁ । ଯେଉଁ ସମାବେଶରେ ମୁଁ ବାବାଙ୍କ ସମ୍ବନ୍ଧରେ କହିବି, ସେଥିରେ ସେ ସଭାପତିତ୍ୱ କରିବେ ବୋଲି ଘୋଷଣା କରାଯାଇଥିବାରୁ ତାଙ୍କର ଶିଷ୍ୟମାନେ ବହୁ ସଂଖ୍ୟାରେ ଏ ସଭାରେ ଯୋଗ ଦେଇ

ସାଇଙ୍କର ଭବରୋଗ ନିବାରିଣୀ ବାଣୀ ଶୁଣିଥିଲେ। ମାଡ୍ରାସ୍ ହଲ୍ ନାମକ ଆଉ ଗୋଟିଏ ସ୍ଥାନରେ ସାଧାରଣ ସଭା ଆରମ୍ଭ ହେବାର ଘଣ୍ଟାଏ ଆଗରୁ ତାମିଲ୍ କର୍ମଚାରୀମାନେ ଏକାଠି ହୋଇ ସେମାନଙ୍କ ମାତୃଭାଷାରେ ମୋର ସାଇ ଭାଗବତ ଶୁଣିଥିଲେ।

ମୋ ଯାତ୍ରା ଭାଙ୍ଗି ଚକ୍ରଧରପୁରଠାରେ ଓହ୍ଲାଇବାକୁ ବିହାରର ରାଜ୍ୟ ସଭାପତି ମୋତେ ଏକରକମ ବାଧ୍ୟ କରିଥିଲେ। ସେଠାରେ ସ୍ଥାନୀୟ ସତ୍ୟସାଇ ସମିତିର ଭକ୍ତମାନେ ଗୋଟିଏ ବେଶ୍ ବଡ଼ ହଲ୍ ତିଆରି କରିଥିଲେ ଭଜନ ଓ ସେବାକାର୍ଯ୍ୟ ପରିଚାଳନା କରିବା ନିମନ୍ତେ। ଏଠାରେ ଆଦିବାସୀମାନଙ୍କର ପ୍ରତିନିଧିତ୍ୱ କରୁଥିବା ଜଣେ ଏମ୍.ଏଲ୍.ଏ. ମୋତେ ଭେଟିଥିଲେ। ସେ ସ୍ଥାନୀୟ ସମିତିର ଜଣେ ସଭ୍ୟ ଥିଲେ। ତାଙ୍କ ସହିତ ରାଞ୍ଚି ଗଲାବେଳେ ବାଟରେ ଗାଡ଼ିରେ ସେ ମୋତେ ତାଙ୍କ ଲୋକମାନଙ୍କ ସମ୍ବନ୍ଧରେ କହୁଥିଲେ, " ଏ ଆଦିବାସୀମାନେ ନୀରବତାକୁ ଶୁଣି ପାରନ୍ତି, ଶୂନ୍ୟତାକୁ ଦେଖି ପାରନ୍ତି। ସେମାନେ ଚଳଚଞ୍ଚଳ ପତ୍ରରେ ଭଗବାନଙ୍କୁ ଦେଖନ୍ତି ଓ ଚିତ୍କାର କରୁଥିବା ଚଢ଼େଇଠାରେ ଅପଦେବତାକୁ ଦେଖନ୍ତି।" ଆଦିବାସୀମାନଙ୍କର ଏହି ଅସାଧାରଣ ଭାବବୋଧ ସହ ସେମାନଙ୍କର ଅଦମ୍ୟ ଉତ୍ସାହ ବର୍ଣ୍ଣନା କରି ସେ କହିଲେ ଯେ ସାଇ ଭକ୍ତମାନଙ୍କ ପ୍ରତି ଏମାନେ ବିରକ୍ତି ବା ବିତୃଷ୍ଣା ପୋଷଣ କରନ୍ତି ନାହିଁ; ବରଂ ସେମାନଙ୍କର ନିଷ୍ପାପର ସେବା କାର୍ଯ୍ୟକ୍ରମରେ ଏମାନେ ଉତ୍ସାହିତ ଓ ଆନନ୍ଦିତ। ସାଇ ସେବକମାନଙ୍କୁ ଆଦିବାସୀମାନେ ନିଜ ଲୋକ ପରି ଦେଖନ୍ତି। ମାତ୍ର ଧଳାପୋଷାକ ମଣ୍ଡିତ ସରକାରୀ ଆଦିବାସୀ-ମଙ୍ଗଳ ଅଫିସରମାନଙ୍କୁ ସେମାନେ ଘୃଣା କରନ୍ତି। ତଥ୍ୟ ସଂଗ୍ରହ ଓ ଗବେଷଣା ନାମରେ ଆସୁଥିବା ପାଠୁଆ ଲୋକଙ୍କୁ ସେମାନେ ସନ୍ଦେହ କରନ୍ତି। ସେମାନେ ଦାନ ଓ ଉଦାରତାର ବଡ଼ପଣକୁ ପସନ୍ଦ କରନ୍ତି କରନ୍ତି ନାହିଁ କିମ୍ବା ଫଟୋ ନେବା ଆଳରେ ଫଟୋଗ୍ରାଫରମାନଙ୍କର ଅନୁପ୍ରବେଶକୁ ଭଲ ପାଆନ୍ତି ନାହିଁ। ସଭ୍ୟ ଜଗତର ଏସବୁ ସନ୍ଦେହଜନକ ଆଚରଣକୁ ନିନ୍ଦା କରିବାରେ ସେ ଖୁବ୍ ପ୍ରଗଲ୍‌ଭ ହୋଇପଡ଼ିଥିଲେ। ତାଙ୍କଠାରୁ ଆଉକିଛି ଶୁଣିବା ମୋର ଇଚ୍ଛା ଥିଲେ ମଧ୍ୟ ଆମେ ଖୁବ୍ ଶୀଘ୍ର ରାଞ୍ଚିରେ ପହଞ୍ଚିଗଲୁ ଓ ମୋତେ ପୁଣି ଗୋଟିଏ ବକ୍ତୃତା ମଞ୍ଚରେ ଠିଆ ହେବାକୁ ପଡ଼ିଲା।

କଲିକତାକୁ ଫେରି ଖଡ଼ଗପୁର, ହାଓଡା ଏବଂ ବର୍ଦ୍ଧମାନଠାରେ ମୋତେ କହିବାକୁ ପଡିଲା। ଖଡ଼ଗପୁରରେ ରେଲୱେ କଲୋନୀ ତ ମୋତେ ସାଇକଲୋନୀ ପରି ଲାଗିଲା। ସେଠାରେ ସେମାନେ ଗୋଟିଏ ଜାଗା ନେଇ ଛୋଟ ମନ୍ଦିରଟିଏ ବି ଠିଆ କରିଥିଲେ। ହାଓଡାର ପୁରାତନ ଟାଉନ୍ ହଲ୍‌ରେ ତିଳ ପକାଇବାକୁ ଜାଗା ନ ଥିଲା। ଏଥିରୁ ମୁଁ ବୁଝିପାରିଥିଲି

ସାଇପ୍ରେମକୁ ଘରେ ଘରେ ପହଞ୍ଚାଇବା ନିମନ୍ତେ ସ୍ଥାନୀୟ ସେବା ସମିତର ସଭ୍ୟମାନେ କିପରି ନିଷ୍ଠାପର ଉଦ୍ୟମ କରିଛନ୍ତି। ବର୍ଦ୍ଧମାନ୍‌ଠାରେ ବି ସେୟା। ପୁରୁଣା ଟାଉନ୍ ହଲ୍‌ଟି ଶହ ଶହ କଣ୍ଠର ଭଜନ ତାଳରେ ପ୍ରତିଧ୍ୱନିତ ହୋଇ ଉଠିଥିଲା।

ଦାର୍ଜିଲିଂ ଯିବାକୁ ମୋର ଇଚ୍ଛା ଥିଲା, କାରଣ କୁଲୁ ଉପତ୍ୟକା ସିମ୍‌ଲା, ସିକିମ୍, ଭୁଟାନ୍ ଓ ନେପାଳ ଆଦି ହିମାଳୟ ରାଜ୍ୟରୁ ଅନେକ ଭକ୍ତ ଭବରୋଗର ନିଦାନ ଖୋଜି ପ୍ରଶାନ୍ତିନିଲୟମ୍ ଆସିଥିବା ଓ ନୂତନ ଆଲୋକ ଏବଂ ଆନନ୍ଦ ଘେନି ଫେରିଥିବା କଥା ମୁଁ ଜାଣିଥିଲି। ଏମାନଙ୍କୁ ପରେ ଯେଉଁମାନେ ଭେଟିଥିଲେ, ସେମାନେ ଏମାନଙ୍କଠାରେ ନୂତନ ଆତ୍ମବିଶ୍ୱାସ, ସୌଜନ୍ୟ ଏବଂ ବନ୍ଧୁଭାବ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ମୁଁ କଲିକତାରୁ ବିମାନରେ ଯାଇ ଗୋଟିଏ ଶାନ୍ତ ବିମାନଘାଟିରେ ଓହ୍ଲାଇଲି। ଏହି ସ୍ଥାନର ନାମଟି ଉଚ୍ଚାରଣ କରିବା ମୋର ପକ୍ଷରେ କଷ୍ଟକର ହୋଇଥିଲା। ଏଠାରୁ ଭାଇମାନେ ମୋତେ ଗାଡିରେ ଦାର୍ଜିଲିଂ ନ ନେଇ ପାହାଡ଼ ଉପରେ ଥିବା ଗୋଟିଏ ଛୋଟ ସହରରେ ପହଞ୍ଚିଲେ। ଅବଶ୍ୟ ଏହା ଏକ ବନ୍ଧୁତ୍ୱପୂର୍ଣ୍ଣ ଅପହରଣ କାରବାର ଥିଲା। ମୋତେ ଭାଇମାନେ ଟିକିଏ ବିଶ୍ରାମ ନେବାକୁ କହିଲେ। ଗରମ ଚା ପିଇବାକୁ ଦେଲେ। ଯା ଭିତରେ ପୁଟ୍ଟପର୍ତ୍ତି ପାହାଡ଼ ଉପରକୁ ଆସିଥିବାର ଖବର ଚାରିଆଡ଼େ ରାଷ୍ଟ୍ର ହୋଇଗଲା। ପାହାଡ଼ ମୁଣ୍ଡିଆ ଉପରେ ଗଡ଼ାଣିରେ ଥାକ ଥାକ ହୋଇ ଯେତେସବୁ ସାନବଡ଼ ଘର ଥିଲା, ଅଳ୍ପ ସମୟ ମଧ୍ୟରେ ସେଥିରୁ ତିନିଚତୁର୍ଥାଂଶ ଖାଲି ହୋଇଗଲା, ଆଉ ବାଳକ, ବାଳିକା, ବୃଦ୍ଧ, ବୃଦ୍ଧା - ଅନେକ ମୁହଁ ମୋ ଝରକାବାଟେ ମୋତେ ଉଙ୍କି ମାରିଲେ, ସତେ ଯେମିତି ମୁଁ ଚନ୍ଦ୍ରମଣ୍ଡଳରୁ ଆସିଥିବା ଜୀବଟିଏ ! କେହି ଜଣେ ସେମାନଙ୍କୁ ଗୋଟିଏ ହଲ୍ ଭିତରକୁ ନେଇ ବସାଇଲେ ଓ ତାପରେ ମୋତେ ତା ଭିତରକୁ ବାଟ କଢ଼ାଇ ନିଆଗଲା। ସେମାନେ ଭଜନ ଗାଇ ପରିବେଶଟିକୁ ଶାନ୍ତ ମଧୁର କରିଦେଲେ। ତାପରେ ବାବାଙ୍କର ପ୍ରେମର ଦିଗ୍‌ବିଜୟ କାହାଣୀ। ଭଗବାନଙ୍କ ବାର୍ତ୍ତା ଓ କଥା ଶୁଣିଲା ବେଳେ ସେମାନଙ୍କ ଆନନ୍ଦ ଓ ଆଗ୍ରହ ମୋତେ ବହୁତ ଆନନ୍ଦ ଦେଇଥିଲା।

ତାପରେ ଗାଡି ଚାଲିଲା ଦାର୍ଜିଲିଂ। ସେଠାରେ ମୋ ପାଇଁ ଅପେକ୍ଷା କରିଥିଲା ଖୁବ୍ ଗହଳ କାର୍ଯ୍ୟକ୍ରମ ଓ ପ୍ରଚୁର ପଶମ ପୋଷାକ, ସାଲ, ହାତମୋଜା, ଗୋଡ଼ମୋଜା ଇତ୍ୟାଦି।

ଦାର୍ଜିଲିଂରେ ଦୁଇଦିନ ଥିଲି । ଏ ଦୁଇଦିନ ଭିତରେ ମୁଁ ଅନେକଥର ବିଭିନ୍ନ ଧରଣର ଶ୍ରୋତାମାନଙ୍କୁ ବାବାଙ୍କ ବାଣୀ ଶୁଣାଇଥିଲି। ମାତ୍ର ଦୁଇଟି ଘଟଣା ମୁଁ ଆଦୌ ଭୁଲିପାରିବି ନାହିଁ। ପ୍ରଥମ ଘଟଣାଟି ହେଲା ଗୋଟିଏ ସ୍କୁଲର ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କୁ ମୋର ଭାଷଣ।

ସ୍କୁଲଟି ଦୁଇ ବର୍ଷ ତଳେ ପ୍ରତିଷ୍ଠିତ ହୋଇଥିଲା ବାବାଙ୍କର ଜଣେ ଏକାନ୍ତ ନିଷ୍ଠାପର ଭକ୍ତଙ୍କ ସ୍ମୃତିରେ। ସେ ସ୍କୁଟର ଦୁର୍ଘଟଣାରେ ପ୍ରାଣ ହରାଇଥିଲେ, ଆଉ ତାଙ୍କ ମାଆ, ପତ୍ନୀ ଓ ପୁତ୍ର ତାଙ୍କ ସ୍ମୃତିରେ ସ୍କୁଲଟି ଆରମ୍ଭ କରିଥିଲେ। ମୁଁ ଯାହାଙ୍କର ଅତିଥି ଥିଲି, ସେ ଦେଖିଲେ ସ୍କୁଲରେ ସହଜରେ ଏବଂ ଠିକ୍ ସମୟରେ ମୁଁ ପହଞ୍ଚିପାରିବି ଯଦି ଗୋଟିଏ ଉଦ୍ୟାନ ଭିତର ଦେଇ ଆମ ଗାଡି ଯିବ। ମାତ୍ର ନିୟମ ଅନୁସାରେ ସେ ଉଦ୍ୟାନ ଭିତରେ କୌଣସି ଗାଡି ଯାଇପାରିବ ନାହିଁ। ସ୍କୁଲ ମୋତେ ଚାହୁଁଥିଲା, ମୁଁ ବି ସ୍କୁଲକୁ ଚାହୁଁଥିଲି, ମାତ୍ର ମଝିରେ ଥିଲା ଉଦ୍ୟାନ।

ଆବଶ୍ୟକତା କୌଣସି ନିୟମକୁ ମାନେନା ବୋଲି କଥାଟିଏ ଅଛି। ଭାଇମାନେ ପ୍ରସ୍ତାବ ଦେଲେ ମୁଁ ଅସୁସ୍ଥତାର ଅଭିନୟ କରିବି। ତାହାହେଲେ ସେ ଉଦ୍ୟାନ ଭିତର ଦେଇ ଗୋଟିଏ ଆମ୍ବୁଲାନ୍ସ ଗାଡି ମୋତେ ସ୍କୁଲକୁ ନେଇଯାଇପାରିବ ! ଆମ୍ବୁଲାନ୍ସ ଗାଡି ପାଇଁ କିଛି କଟକଣା ନ ଥିଲା। ଅବଶ୍ୟ ପ୍ରସ୍ତାବଟି ଆଦୌ ଉତ୍ସାହପ୍ରଦ ନ ଥିଲା, ମାତ୍ର ଏହାକୁ ଗ୍ରହଣ କରିବାକୁ ଭାଇମାନେ ମୋତେ ଖୁବ୍ ଅନୁରୋଧ କଲେ। ଗାଡିର ଗଦିପକା ଲମ୍ବା ବେଞ୍ଚରେ ମୋତେ ଖାଲି ଲମ୍ବା ହୋଇ ଶୋଇଯିବାକୁ ହେବ। ତିନିଜଣ ଲୋକ ମୁହଁକୁ ଦୁଃଖରେ ଆମ୍ବିଳା କରି ମୋ ସହିତ ଯିବେ। ଜଣେ ବସିବ ମୁଣ୍ଡ ପାଖରେ, ଜଣେ ଗୋଡ଼ ପାଖରେ, ଆଉ ତୃତୀୟ ଜଣକ ମୁହଁକୁ ଆଉଟିକେ ଲମ୍ବାଇ ଅନ୍ୟ ବେଞ୍ଚଟିରେ ବସିବ। ମୋତେ ଜଣାଗଲା ବାବା ଏକଥା ଶୁଣି ଦାନ୍ତ ଚିପି ହସୁଛନ୍ତି, ମାତ୍ର ଏପରି କରିବାକୁ ଅନୁମତି ମଧ୍ୟ ଦେଉଛନ୍ତି। ମୁଁ ତାଙ୍କୁ ପ୍ରାର୍ଥନା କରୁଥିଲି ଏପରି ଅବସ୍ଥାରେ ମୁଁ ହଁ କରିବି କି ନାହିଁ କରିବି ସେ କହିଦିଅନ୍ତୁ। ଟେଲିଫୋନ୍ କରାଗଲା, ଆମ୍ବୁଲାନ୍ସ ଆସି ପହଞ୍ଚିଲା। ମୁଁ ଗାଡି ପଛରେ ଉଠି ଗଦିଲଗା ବେଞ୍ଚରେ ଲମ୍ବା ହୋଇ ପଡିଗଲି ଓ ଅନ୍ୟମାନେ ଶୋକମୁଖା ପିନ୍ଧି ନିଜ ନିଜ ସ୍ଥାନରେ ଯାଇ ବସିଲେ। ଆମ୍ବୁଲାନ୍ସ ଉଦ୍ୟାନ ଭିତରେ ଯାଇ ସ୍କୁଲରେ ପହଞ୍ଚିଲା। ସ୍କୁଲରେ ସୁସ୍ଥସବଳ ହୋଇ ମୁଁ ଉଠିବସିଲି। ଭାଷଣ ପରେ ପୁଣି ଅସୁସ୍ଥ ହୋଇପଡିଲି, ଆଉ ଆମ୍ବୁଲାନ୍ସ ମୋତେ ପୁଣି ବୋହି ଆଣି ଘରେ ପହଞ୍ଚାଇ ଦେଲା।

ଦାର୍ଜିଲିଂରୁ ମୋତେ ହିମାଚଳର କାଞ୍ଚନଜଙ୍ଘା ଶୃଙ୍ଗ ପରିଷ୍କାର ଦିଶୁଥିଲା। ଏଭରେଷ୍ଟ ଶୃଙ୍ଗରେ ସୂର୍ଯ୍ୟଙ୍କ ପ୍ରଥମ କିରଣପାତ ଦେଖିବାର ଲୋଭକୁ ସମ୍ବରଣ କରିପାରୁ ନ ଥିଲି। ବିଶେଷତଃ ଏହି ଅପୂର୍ବ ଅନୁଭୂତି ଲାଭ ଯେତେବେଳେ ମାତ୍ର ଦୁଇଟି ସୌଭାଗ୍ୟ ଦୂରରେ ଥିଲା, ଏଥିରୁ ନିଜକୁ ବଞ୍ଚିତ କରିବା ମୋ ପକ୍ଷରେ ଅସମ୍ଭବ ହୋଇ ଉଠିଥିଲା। ପ୍ରଥମଟି ହେଲା, ପ୍ରାତଃକାଳର ହାଡ଼ଥରା ଶୀତରେ ଜିପ୍ ଗାଡିରେ ବ୍ୟାଘ୍ରଗିରି ଆରୋହଣ ଏବଂ ଦ୍ୱିତୀୟଟି

ନିର୍ମଳ ପାଗ । ଭାଇମାନେ ମୋତେ ନେଇ ବ୍ୟାଘ୍ରଗିରିର ଠିକ୍ ସ୍ଥାନରେ ପହଞ୍ଚାଇ ଦେଲେ । ମୋ ପରି ଯେଉଁ ଅନ୍ୟାନ୍ୟ ଦର୍ଶକମାନେ ସେଠାରେ ଉତ୍କଣ୍ଠିତ ହୋଇ ସୂର୍ଯ୍ୟଦେବଙ୍କ ଆଗମନକୁ ଅପେକ୍ଷା କରିଥିଲେ, ସେମାନଙ୍କ ଧାଡ଼ିରେ ଯାଇ ଠିଆ ହେଲି । ମାତ୍ର ପରମ ନିରାସକ୍ତ ମେଘମାନେ ଆମ ଅନୁରୋଧ ରଖିବାକୁ ରାଜି ହେଲେ ନାହିଁ । ନିରାଶ ହୋଇ ଫେରିଲି । ଯେଉଁମାନେ ଏ ବ୍ୟର୍ଥତାକୁ ଗ୍ରହଣ କରି ପାରିଲେ ନାହିଁ, ମେଘମାନଙ୍କୁ ଶୋଧି ଶୋଧି ଫେରିଲେ, ଆଉ ଘୋଷଣା କଲେ ଯେ ମେଘମାନେ ନ ଦେଖାଇଲେ ବି ସେମାନେ ଯାହା ଦେଖିବାକୁ ଆସିଥିଲେ, ଦେଖିଛନ୍ତି !

ତେବେ ସେଇଦିନ ସକାଳେ ଅନ୍ୟ ଭାବରେ ମୋର ଏ ଅଭାବ ପୂର୍ଣ୍ଣ ହୋଇଗଲା । ମୋ ସାଙ୍ଗରେ ସିନା ଏଭରେଷ୍ଟ ଲୁଚକାଳି ଖେଳ ଖେଳିଲା, ମାତ୍ର ବ୍ୟାଘ୍ରଗିରିରୁ ଫେରିବା ପରେ ମୁଁ ଯାହାଙ୍କୁ ଭେଟିଲି ତାଙ୍କ ପାଖରେ ପୃଥିବୀର ଏହି ଉଚ୍ଚତମ ଶୃଙ୍ଗ ହାର୍ ମାନିଥିଲା । ସେ ହେଉଛନ୍ତି ତେନ୍‌ଜିଂ ନର୍କେ । ଦାର୍ଜିଲିଂର ପର୍ବତାରୋହଣ ପ୍ରତିଷ୍ଠାନରେ ତାଙ୍କ ସହିତ କରମର୍ଦ୍ଦନ କଲାବେଳେ ମୁଁ ଭାବୁଥିଲି ଏଭରେଷ୍ଟ ସିନା ମୋତେ ଠକିଦେଲା, ୟାଙ୍କୁ ଠକିପାରି ନ ଥିଲା ।

ପ୍ରତିଷ୍ଠାନରେ କିନ୍ତୁ ମୋ ପାଇଁ ଗୋଟିଏ ମଧୁର ବିସ୍ମୟ ଅପେକ୍ଷା କରିଥିଲା । ଗୋଡ଼ିବିଛା ରାସ୍ତା ଦେଇ ଆମେ ଭଜନଗୃହକୁ ଗଲାବେଳେ ଦେଖିଲୁ ଜଣେ ଲୋକ ରାସ୍ତା ଉପରୁ ଝଡ଼ି ପଡ଼ିଥିବା ଶୁଖିଲା ପତ୍ରସବୁ ଝାଡୁଦେଇ ସଫା କରୁଛି, ଆଉ ମନକୁ ମନ ସାଇରାମ, ସାଇରାମ ଜପ କରୁଛି ! ଆରେ ! ଏଠି ବି ଏ ଯୁଗର ମନ୍ତ୍ରଚୂଡ଼ାମଣି ! ଏଠି ବି ଧୂଳିଧୂସରିତ କୋହିନୂର ! ତାକୁ ଯେତେବେଳେ ମୋ ସହିତ ପରିଚୟ କରି ଦିଆଗଲା, ସେ ସଙ୍ଗେ ସଙ୍ଗେ ତାର ଲମ୍ବା ବେଣ୍ଟଲଗା ଝାଡୁକୁ ଫିଙ୍ଗିଦେଇ ତା ଘରକୁ ଧାଇଁଲା । ଘଣ୍ଟାଏ ପରେ ଆମେ ପ୍ରତିଷ୍ଠାନ ବୁଲିସାରି ଫେରିଲାବେଳକୁ ସେ ଦ୍ୱାରମୁହଁରେ ଠିଆ । ଆମକୁ ତା କୁଡିଆକୁ ଯିବାକୁ ହେବ । ସେଠି ଶ୍ରୀ ଗଣେଶଠାରୁ ଆରମ୍ଭ କରି ଜୟ ଜଗଦୀଶ ହରେ, ସତ୍ୟସାଇ ବାବାଜୀ କୀ ଜୟ ଏବଂ ବିଭୂତି ବଣ୍ଟନଯାଏ ପୂରା ପୁଟ୍ଟପର୍ତ୍ତି ଭଜନ । ଜନବସତିଠାରୁ ବହୁଦୂରରେ ସତ୍ୟସାଇଙ୍କର ଗୋଟିଏ ଅନାମଧେୟ ଦାସ ପ୍ରଭୁଙ୍କର ଆଜ୍ଞା ପାଳନ କରି ହିମାଳୟ ଗିରିଶ୍ରେଣୀ ସାଙ୍ଗରେ ଜୀବନ ବିତାଉଛି: " ମାମ୍ ଅନୁସ୍ମର ଯୁଧ୍ୟ ଚ" - ମୋତେ ଅନୁସ୍ମରଣ କରି ଜୀବନ ଯୁଦ୍ଧରେ ଲଢି ଚାଲ ।

ଏହାପରେ ଓଡିଶାରେ କେତୋଟି ଦିନ କଟାଇବାର ମୋର ସୌଭାଗ୍ୟ ହୋଇଥିଲା ।

ଓଡିଶାର ବୃହତ୍ ସେବାଦଳ ପୁଟ୍ଟପର୍ତ୍ତିରେ ସେବାକାର୍ଯ୍ୟରେ ଯେପରି ଉତ୍ସାହ ଓ ନିଷ୍ଠା ପ୍ରକାଶ କରିଥାନ୍ତି ତାହା ଦେଖି ଓଡିଶାକୁ ମୁଁ ଓଡିସାଇ ବୋଲି କହିଥାଏ। ସେମାନେ ପୁଟ୍ଟପର୍ତ୍ତି ଆସି କହନ୍ତି, " ଆମେ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ନିମନ୍ତେ ବଡ଼ଦାଣ୍ଡ ଝାଡୁ କରି ନିର୍ମଳ କରିଥାଉ, ଏଣୁ ଏଠାରେ ମଧ୍ୟ ଆମକୁ ସେଇ ସେବାର ସୁଯୋଗ ମିଳୁ।" ଓଡିଶାର ସାଧୁ, ସନ୍ଥ, ପଣ୍ଡିତ ଓ ଭକ୍ତକବିମାନେ ଲୋକମାନଙ୍କୁ ସରଳ, ନିଷ୍ଠାପର ଓ ଭକ୍ତିପରାୟଣ କରି ଗଢ଼ିଛନ୍ତି, ଆଉ ତ୍ରିଭୁବନର ପ୍ରଭୁ କୃଷ୍ଣରୂପୀ ଶ୍ରୀ ଜଗନ୍ନାଥ ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ସହ ଏ ରାଜ୍ୟଟିର ଅଧୀଶ୍ୱର ହୋଇ ବସିଛନ୍ତି। ନାମ ଓ ରୂପ ଯେ ପରମପୁରୁଷ ପରମାତ୍ମାଙ୍କର କ୍ଷୟଶୀଳ ପ୍ରକାଶ, ଏହା ଲୋକଙ୍କୁ ସ୍ମରଣ କରାଇ ଦେବାପାଇଁ ଶ୍ରୀମନ୍ଦିରର କାଷ୍ଠ ନିର୍ମିତ ବିଗ୍ରହମାନେ କିଛିବର୍ଷ ଅନ୍ତରରେ ନବ କଳେବର ଧାରଣ କରିଥାନ୍ତି। ଶ୍ରୀମନ୍ଦିରରେ ଅନ୍ନ ଭୋଗ ଲାଗେ ମାଟିପାତ୍ରରେ, କାରଣ ଏହି ପବିତ୍ର ଭୂମିର କୋଟି କୋଟି ଜଗନ୍ନାଥ ମାଟିପାତ୍ରରେ ହିଁ ଅନ୍ନଭୋଜନ କରି ଅନ୍ନମୟ କୋଷ ପାଳନ କରିଥାନ୍ତି। ସେଦିନ ମୁଁ ଏହି କୋଟିଏ ଜଗନ୍ନାଥଙ୍କ ମଧ୍ୟରେ ନିଜକୁ ମିଶାଇ ଦେଇ ପରମ ଆନନ୍ଦ ଲାଭ କରିଥିଲି।

କଲିକତା-ମାଡ୍ରାସ ଟ୍ରେନ୍‌ରୁ ଖୋର୍ଦ୍ଧାଠାରେ ଓହ୍ଲାଇ ମୁଁ ବ୍ରହ୍ମପୁର, ପୁରୀ ଓ କୋଣାର୍କ ଯାଇଥିଲି। ଓଡିଶାର ଭକ୍ତମାନେ ପୁଟ୍ଟପର୍ତ୍ତିରେ ପ୍ରତିବର୍ଷ ଯେଉଁ କେତୋଟି ଅବିସ୍ମରଣୀୟ ଆନନ୍ଦମୟ ଦିନ କଟାଇଥାନ୍ତି ମୋତେ ଦେଖିଲାମାତ୍ରେ ତାହା ସେମାନଙ୍କର ମନେ ପଡିଯାଇଥିଲା, ଆଉ ଏହି ଭକ୍ତି ଓ ଆନନ୍ଦର ଉଚ୍ଛ୍ୱାସରେ ମୁଁ ସ୍ଥାନରୁ ସ୍ଥାନାନ୍ତର ଭାସି ବୁଲୁଥିଲି !

ପୁରୀଠାରେ ଜଣେ ବୟୋବୃଦ୍ଧ ପଣ୍ଡିତଙ୍କ ସାଇଭକ୍ତିର ନମୁନା ଆଗରେ ଠିଆ ହୋଇ ସ୍ତମ୍ଭୀଭୂତ ହୋଇଯାଇଥିଲି। ତାଙ୍କ ଘର ପାଖରେ ଠିଆ ହୋଇଥିଲା ସିମେଣ୍ଟ-ଗୋଡିରେ ତିଆରି ଗୋଟିଏ ବେଶ୍ ବଡ ଯୁଦ୍ଧରଥ। କୁରୁକ୍ଷେତ୍ରରେ ପାର୍ଥସାରଥିଙ୍କୁ ଭାବୁକ କବି ଯେପରି ଦେଖିଥିଲେ ତାର ଏକ ନିଛକ ପ୍ରତିରୂପ। ଭୂମିରୁ ପତାକାସ୍ତମ୍ଭ ଅଗ ଯାଏ ପଚିଶଫୁଟ ଉଚ୍ଚ ଏବଂ ପନ୍ଦର ଫୁଟ ଚଉଡାର ଏହି ଦୃଶ୍ୟମାନ ସ୍ୱପ୍ନ, ସ୍ୱର୍ଗଗତ କଳ୍ପନା ମୋତେ ଅଭିଭୂତ କରିଥିଲା। ଦୁଃଖ, ନିରାଶା ଓ ଭ୍ରାନ୍ତିରେ ଆନନ ମସ୍ତକ ଅର୍ଜୁନଙ୍କ ମୁହଁରେ ଭକ୍ତି ଓ ସମର୍ପଣର ଭାବ ଏବଂ ପ୍ରଭୁଙ୍କ ମୁହଁରେ ବିଶ୍ୱକୁ ଧାରଣ, ପାଳନ, ପୋଷଣ କରୁଥିବା ସତ୍ୟ, ଶିବ, ସୁନ୍ଦରର ଦୀପ୍ତି। ହାତରେ ଚାବୁକ୍ ଏବଂ ରଥରେ ଲାଗିଥିବା ଘୋଡାମାନଙ୍କର ଉଦ୍ୟତ ଖୁରାରେ ଅକ୍ଲାନ୍ତ ଗତିର ଅଧୀର ଆବେଗ। ଆଉ ପାର୍ଥସାରଥି ପଛରେ ଥିବା ଅର୍ଜୁନଙ୍କୁ ବଢ଼ାଇ ଦେଉଛନ୍ତି 'ଗୀତାବାହିନୀ' ବହିଟିଏ।

ଏହି ରଥ ଥିଲା ନର-ନାରାୟଣଙ୍କ ମଧ୍ୟରେ, ସମୁଦ୍ର-ତରଙ୍ଗ ମଧ୍ୟରେ କଥାବାର୍ତ୍ତାର ପ୍ରତୀକ। ଏ ସମଗ୍ର ସ୍ଥାପତ୍ୟଟି ସତେ ଯେମିତି ଘୋଷଣା କରୁଥିଲା ଗୀତା ବାହିନୀର ପ୍ରବକ୍ତା ବାବା ହିଁ ସନାତନ ସାରଥି। ମୋର ମନେହୁଏ ଏ ରଥଟି ଯଦି ଏକ ସୁଗମ ଓ ବିସ୍ତୀର୍ଣ୍ଣ ସ୍ଥାନରେ ନିର୍ମିତ ହୋଇଥାନ୍ତା, ତେବେ ଦର୍ଶକମାନଙ୍କ ମନରେ ଖୁବ୍ ପ୍ରଭାବ ପକାଇ ପାରିଥାନ୍ତା।

ମୁଁ ଅନୁଭବ କରିଛି ଯେ ଯେଉଁମାନେ ସବୁ ବାବାଙ୍କ ସଂସ୍ପର୍ଶରେ ଆସିଛନ୍ତି, ତାଙ୍କ ଦର୍ଶନ ଲାଭ କରି ହେଉ ବା ତାଙ୍କୁ ସ୍ୱପ୍ନରେ ଦେଖି ହେଉ ବା ଚଳଚ୍ଚିତ୍ର, ସ୍ଥିରଚିତ୍ର, ପୁସ୍ତକ, ମହିମା ବା ଯେ କୌଣସି ଉପାୟରେ ହେଉ ସେ ସମସ୍ତଙ୍କଠାରେ ସମପନ୍ଥୀ ଭାଇ ଭଉଣୀମାନଙ୍କ ମଧ୍ୟରେ ଆପଣାର ଅଭିଜ୍ଞତା ଓ ଆନନ୍ଦ ବାଣ୍ଟିବାର ଆଗ୍ରହ ଜାତ ହୋଇଥାଏ। ପ୍ରତ୍ୟେକଙ୍କ ଅନ୍ତର ବେଦୀରେ ସାଇତା ହୋଇଥାଏ ସୁନ୍ଦର, ସୁରଭିତ ଓ ସତେଜ ସ୍ମୃତିର ଫୁଲତୋଡ଼ା। ମୋର ବହୁସ୍ଥାନ ଭ୍ରମଣ କାଳରେ ସାଇଙ୍କର ମହିମାର ନିଦର୍ଶନ ମୁଁ ଏତେ ଦେଖିଛି ଯେ ତାର ଗଭୀର ପ୍ରଭାବ ବାବାଙ୍କ ଦୈବତ୍ୱରେ ମୋର ବିଶ୍ୱାସକୁ ସ୍ଥିର ଓ ଅଚଞ୍ଚଳ କରିଦେଇଛି।

ରେଭିନ୍ୟୁ ବିଭାଗର ଜଣେ ଅଫିସର ମୋତେ କହିଲେ ସେ ଥରେ ତାଙ୍କ ସରକାରୀ ଜିପ୍‌ରେ ଗୋଟିଏ ଦୁର୍ଗମ ଜଙ୍ଗଲ ଭିତରେ ଥିବା ଶିବାଳୟକୁ ଶିବଦର୍ଶନ ନିମନ୍ତେ ଯାଇଥିଲେ। ଜନମାନବଶୂନ୍ୟ ସେ ନିର୍ଜନ ସ୍ଥାନକୁ କେବଳ ଦୀର୍ଘ ସର୍ପିଳ ଖରାଦିନିଆ ରାସ୍ତାରେ ଯିବା ସମ୍ଭବ। ଗାଡିରେ ଥିଲେ ତାଙ୍କର ଓ ତାଙ୍କ ପଡୋଶୀ ପରିବାରର ନାରୀ ଓ ପିଲାମାନେ। ମନ୍ଦିରଟି ଗୋଟିଏ ପାହାଡ ମୁଣ୍ଡିଆର ଗୁମ୍ଫାରେ। ଗୁମ୍ଫା ଭିତରେ ଶିବଲିଙ୍ଗ ଉପରେ ଉପରୁ ଅନବରତ ଟୋପା ଟୋପା ପାଣି ପଡୁଥିଲା। ସେଥିପାଇଁ ଲୋକେ ତାଙ୍କୁ ଭାରି ପ୍ରତ୍ୟକ୍ଷ ବୋଲି ମାନୁଥିଲେ। ମୁଁ ଅନୁମାନ କରିନେଲି ତାପରେ ସେ ମୋତେ କହିବେ କିପରି ତାଙ୍କ ଜିପ୍‌ଟି ଗୋଟିଏ ନାଳରେ ପଡିଗଲା। ଗାଡିର ଆରୋହୀମାନେ ତାକୁ ଠେଲି ବାହାର କରିବାକୁ ସମର୍ଥ ହେଲେ ନାହିଁ। ସେ ସଂକଟ କ୍ଷେତ୍ରରେ ଏକମାତ୍ର ପୁରୁଷ ଥିଲେ ଉକ୍ତ ରେଭିନ୍ୟୁ ଅଫିସର। ସେ ପିଲାଙ୍କୁ ସେଇଠି ଛାଡି ସାହାଯ୍ୟ ଆଶାରେ ଆଗକୁ ଧାଇଁଲେ।

ଶିବାଳୟରେ ପହଞ୍ଚି ସେ ଆଉ ଶିବ ଦର୍ଶନ ପାଇଁ ବ୍ୟଗ୍ର ନ ଥିଲେ। ମନ୍ଦିରରେ କେତେଜଣ ଅଛନ୍ତି ତାହା ସେ ଗଣିବାକୁ ଲାଗିଲେ। ମାତ୍ର ସେଠାରେ ଯେଉଁ ଛଅ-ସାତଜଣ ଗେରୁଆ ବସ୍ତ୍ରପିନ୍ଧା ସନ୍ନ୍ୟାସୀ ଥିଲେ, 'ହିଂସ୍ରଜନ୍ତୁ ଭରା' ଜଙ୍ଗଲରେ ଘରି ମାଇଲ ବାଟ ଯାଇ ଆସିବାର ସାଧନା ପାଇଁ ସେମାନେ ଆଦୌ ପ୍ରସ୍ତୁତ ହେଲେ ନାହିଁ। ଫଳରେ ବିଚରା ରେଭିନ୍ୟୁ ଅଫିସର ବିବ୍ରତ ହୋଇ ପୁଣି ଗାଡି ପାଖକୁ ଧାଇଁଲେ। ନାଳ ଆଉ ଅଳ୍ପ ଦୂର ଅଛି କେତେଜଣ

ଯୁବକ ତାଙ୍କୁ ଭେଟି କହିଲେ ଆଉ ଚିନ୍ତା କରିବାର କିଛି ନାହିଁ, ସେମାନେ ଗାଡିଟିକୁ ଠେଲି ରାସ୍ତା ଉପରକୁ ନେଇ ଆସିଛନ୍ତି। ଏଥର ଗାଡି ଚ୍ଲିବ। ସେ 'ହିଂସ୍ରଜନ୍ତୁଭରା' ଜଙ୍ଗଲ ଭିତରେ ସେମାନେ ହଜିଗଲାବେଳେ କହିଗଲେ ଯେ ସେମାନେ ହେଉଛନ୍ତି ସାଇସେବକ। ଏ ପ୍ରକାରର ଅଲୌକିକତାର ସମାହାର ଓଡିଶାକୁ ସେଥିପାଇଁ ମୁଁ ଓଡିସାଇ ବୋଲି କହିଥାଏ।

ସ୍ୱର୍ଗତ ରାଓ ସାହେବ ସୋହନ ଲାଲ ଦିଲ୍ଲୀ, ପଞ୍ଜାବ, ହରିଆନା ଓ ହିମାଚଳପ୍ରଦେଶ ପ୍ରଦେଶମାନଙ୍କର ରାଜ୍ୟସଭାପତି ଥିଲେ। ସେ ମୋତେ ତାଙ୍କ ରାଜ୍ୟରେ ସାଇଙ୍କ ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମର ବାର୍ତ୍ତା କିପରି ଚ୍ରିଆଡ଼େ ବ୍ୟାପି ଯାଇଛି ଦେଖାଇବାକୁ ଚ୍ହିଁଲେ। ବାବା ଯେତେବେଳେ ଦିଲ୍ଲୀ ଯାଆନ୍ତି ଦର୍ଶନ ପାଇଁ ହଜାର ହଜାର ଲୋକ ଆସି ଜମା ହୁଅନ୍ତି। ଭଗବାନଙ୍କ ପ୍ରତି ଭକ୍ତି-ଉପହାର ରୂପେ ସେବା ସଙ୍ଗଠନ ସହରତଳି ଅଞ୍ଚଳରେ ସେବା କାର୍ଯ୍ୟକ୍ରମ, ଡାକ୍ତରଖାନାରେ ସେବା, ରକ୍ତଦାନ, ଭଜନ, ଶାସ୍ତ୍ର ଅଧ୍ୟୟନ ଓ ବାଳବିକାଶ ଆଦି ନାନା କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ମେ ୧୯୮୨ ଯାଏ ମୁଁ ବାବାଙ୍କ ସହିତ ଦିଲ୍ଲୀ ଯିବାର ସୁଯୋଗ ପାଇ ନ ଥିଲି। ଏଣୁ ସୋହନଲାଲ ମୋତେ ଦିଲ୍ଲୀ ଓ ଅନ୍ୟାନ୍ୟ ସ୍ଥାନର ସେବା କେନ୍ଦ୍ରମାନ ବୁଲାଇ ଦେଖାଇଲେ। ଯେଉଁଠି ଭଗବାନଙ୍କ ପାଦପଦ୍ମ ମଣିଷ ହୃଦୟକୁ ଛୁଇଁଛି, ସେଠାରେ ଗଢ଼ି ଉଠିଛି ପ୍ରେମାପ୍ଳୁତ କୌଣସି ନା କୌଣସି ପ୍ରତ୍ୟକ୍ଷ ସେବାକେନ୍ଦ୍ର, ଆଉ ମଣିଷକୁ ଶିଖାଇଛି " ପ୍ରେମରେ ଦିନ ଆରମ୍ଭ କର, ପ୍ରେମରେ ଦିନଟି କଟାଅ, ଦିନଟିକୁ ପ୍ରେମରେ ଶେଷକର, ଏହା ହିଁ ଭଗବାନଙ୍କଠାରେ ପହଞ୍ଚିବାର ବାଟ।"

ସାଇ ଅବତାରଙ୍କ ଆଗମନ ଫଳରେ ପବିତ୍ର ହୋଇଥିବା ତେଲୁଗୁ ଭୂମିଠାରୁ ଦୂରରେ ରହି ଗୁଜୁରାଣ ମେଣ୍ଟାଉଥିବା ତେଲୁଗୁ ଭାଇ-ଭଉଣୀଙ୍କୁ ମଧ୍ୟ ମୁଁ ଭେଟିଥିଲି। ଦିଲ୍ଲୀର ଭେଙ୍କଟେଶ୍ୱର କଲେଜର ତେଲୁଗୁ ସମ୍ପ୍ରଦାୟ ସୋହନ ଲାଲ୍‌ଙ୍କ ବାସଭବନରେ ଥିବା ବଡ଼ ହଲ୍‌ରେ ତାମିଲ୍ ଓ ତେଲୁଗୁ ଭକ୍ତମାନଙ୍କର ଏକ ସମାବେଶ ଆୟୋଜନ କରିଥିଲେ, ଆଉ ସେଥିରେ ମୁଁ ଭଗବାନଙ୍କ ଲୀଳାକୀର୍ତ୍ତନ କରିଥିଲି ତେଲୁଗୁ ଭାଷାରେ। ସୋହନ ଲାଲ ସେଠାର ଛାତ୍ର, ବାଳବିକାଶ ପିଲା, ମହିଳା ଓ ସେବାଦଳ ଲୋକଙ୍କୁ ଭେଟିବାର ସୁଯୋଗ ମୋତେ ଦେଇଥିଲେ। ସେଠାରୁ ସେ ମୋତେ କୁରୁକ୍ଷେତ୍ର ନେଇଯାଇଥିଲେ। କୁରୁକ୍ଷେତ୍ରଠାରେ ପ୍ରାୟ ଦୁଇଲକ୍ଷରୁ ଅଧିକ ଲୋକ ନୀରବରେ ଆଗ୍ରହର ସହ ସାଇକୃଷ୍ଣଙ୍କର ପବିତ୍ରତା, ବୁଝାମଣା ଓ ସହାନୁଭୂତିର ଶଙ୍ଖନାଦ ଶୁଣିଥିଲେ। ବହୁ ଭ୍ରାତୃବିବାଦଜନିତ ଯୁଦ୍ଧ ଏଇଠି ଘଟିଥିଲା, ଆଉ ଅସହିଷ୍ଣୁତା ଓ ଅବୁଝାମଣାର ରକ୍ତରଞ୍ଜିତ ଏ ପବିତ୍ର ଭୂମିରେ ମୁଁ ସ୍ତବ୍ଧ ଭାବରେ ଠିଆହୋଇ

ଆଉ ଏକ ଛବି ମଧ୍ୟ ଦେଖୁଥିଲି- ସତ୍ୟ ଓ ଧର୍ମର ଚିରନ୍ତନ ସାରଥି ପାର୍ଥସାରଥିଙ୍କୁ । କୁରୁକ୍ଷେତ୍ର ଏ ଅପୂର୍ବ ସ୍ମୃତିର ସନ୍ତକ ମଧ୍ୟ ଥିଲା । ପାହାଡ଼ ଓ ମରୁଭୂମି ମଧ୍ୟରେ ଅବସ୍ଥିତ ଏହି ବିସ୍ତୀର୍ଣ୍ଣ ପ୍ରାନ୍ତର ଦେଇ ସୈନ୍ୟବାହିନୀ ସିନ୍ଧୁ ଅବବାହିକାରୁ ଗଙ୍ଗା ଅବବାହିକା ଓ ଗଙ୍ଗାରୁ ସିନ୍ଧୁ ଅବବାହିକା ଯିବା ଆସିବା କରିପାରୁଥିଲେ, ଆଉ ଫଳରେ ଏଠାରେ ଅନେକ ଐତିହାସିକ ଯୁଦ୍ଧରେ ମନୁଷ୍ୟରକ୍ତର ନଦୀ ମଧ୍ୟ ବହିଥିଲା ।

ଚଣ୍ଡିଗଡ଼ଠାରେ ବାବାଙ୍କ ବାର୍ତ୍ତାର ବିଶେଷତ୍ୱ ତଥା ଆମ ଭାବସମୂହକୁ ନିର୍ମଳ ଓ ଦିବ୍ୟ କରିବା ନିମନ୍ତେ ସେ ଦେଖାଇଥିବା ମାର୍ଗ ସମ୍ବନ୍ଧରେ କହିଥିଲି । ବାବା ଆଗରୁ ଏ ବାଟରେ ଆସିଥିଲେ । ଆମେ ବି ସେଇ ବାଟରେ ଗଲୁ । ବାବା ଯେଉଁଠି ଯେଉଁଠି ଅଟକି ଥିଲେ, ଆମେ ବି ସେଠାରେ ଅଟକିଲୁ, ଆଉ ଯେଉଁସବୁ ଲୋକଙ୍କୁ ଭେଟିଲୁ ଓ କଥା ହେଲୁ ସେ ସମସ୍ତଙ୍କଠାରେ ବାବାଙ୍କ କଣ୍ଠର ପ୍ରତିଧ୍ୱନି ଶୁଣିଲୁ । ଅମ୍ବାଲା ଓ କାଲ୍‌କାଠାରେ ଆମେ ସତେ ଯେମିତି ତାଙ୍କୁ ପବନରେ ଆଘ୍ରାଣ କଲୁ । ବାଟରେ ଗୋଟିଏ ଛୋଟ ସହରର ଭକ୍ତମାନେ ଯେଉଁ ରାସ୍ତାଟିକୁ ବାବାଙ୍କ ଗାଡି ଯିବା ନିମନ୍ତେ ଫୁଲପତ୍ରରେ ସଜାଇ ରଙ୍ଗମୟ ଓ ଭକ୍ତିଗାନଭରା ଶୁଭଯାତ୍ରାଦ୍ୱାରା ଭକ୍ତିମୟ କରିଦେଇଥିଲେ, ସେ ରାସ୍ତାଟିକୁ ପାଦରେ ଚାଲି ଚାଲି ଅତିକ୍ରମ କଲୁ । ସିମ୍‌ଲାରେ ପହଞ୍ଚି ବାବା ଯେଉଁ ଭବନଟିରେ ରହିଥିଲେ ଆମେ ସେଇଠି ରାତ୍ରିଯାପନ କଲୁ । ଏହି ଭବନର ଆଗରେ ଥିଲା ଏକ ଉଦ୍ୟାନ, ଯେଉଁଠି ସାଇମାତା ହିମାଚଳବାସୀ ତାଙ୍କ ପିଲାମାନଙ୍କୁ ପ୍ରେମ ବାଣ୍ଟିଥିଲେ । ଆଉ ଏବେ ସୋହନ୍ ଲାଲ ମୋର ମାଆ ପାଲଟି ମୁଁ ଶୋଇଥିବା କୋଠରୀରେ ଉହ୍ନେଇରେ ଶୁଖିଲା କାଠ ଭରିଦେଲେ ଓ ମୋତେ କୋମଳ ପଶମ ପୋଷାକ ଓ କମ୍ବଳରେ ପୋତିଦେଲେ । ଯେଉଁ ସ୍ତରର ଓ ଯେତେ ସଂଖ୍ୟକ ଲୋକ ସେ ଭବନକୁ ମୋତେ ଭେଟିବାକୁ ଆସୁଥିଲେ, ସେଥିରୁ ସେ ଅଞ୍ଚଳରେ ବାବାଙ୍କ ଗଭୀର ପ୍ରଭାବ ସମ୍ବନ୍ଧରେ ମୋର ସମ୍ୟକ୍ ଧାରଣା ହୋଇଥିଲା । ସେମାନେ ମୋତେ ଦେଖିବାକୁ ଓ ମୋ କଥା ଶୁଣିବାକୁ ଆସୁଥିଲେ, କାରଣ ସେମାନଙ୍କ ପାଇଁ ମୁଁ ଥିଲି ପୁଟପର୍ତ୍ତିର ଗୋଟିଏ 'ପୁରୁଣା ଚଢ଼େଇ' ।

ଦେବଦାରୁ ଓ ପାଇନ୍ ପାଦପମାନଙ୍କୁ ଛୁଇଁ ସୁକୋମଳ, ସୁଗନ୍ଧିତ ପ୍ରଭାତ ଆସିଲା ଓ ଭବନ ସାମ୍ନାରେ ଥିବା ଡେଜି ଓ ଡାଲିଆ ଫୁଲମାନଙ୍କ ଉପରେ ଉଜ୍ଜ୍ୱଳ ଆଲୋକ ବିଞ୍ଚିଦେଲା । ସିମ୍‌ଲାରେ ବି ଯାନବାହାନ ନିଷିଦ୍ଧ ଉଦ୍ୟାନଟିଏ ଥିଲା । କିନ୍ତୁ ଆଉଥରେ ମିଛ-ଝରର ପାଲରେ ପଡ଼ିବା ପାଇଁ ମୁଁ ମନ କଲି ନାହିଁ । ଚାଲି ଚାଲି ଭାଷଣ ଭବନକୁ ଗଲି । ମୋତେ ସୋହନ୍ ଲାଲ କହିଥିଲେ କିପରି ବାବା ଯେତେବେଳେ ଏହି ଉଦ୍ୟାନକୁ ଆସିଥିଲେ, ଉଦ୍ୟାନର ପ୍ରତିଟି ଇଞ୍ଚ

ଭକ୍ତମାନଙ୍କ ଦ୍ୱାରା ଭରପୂର ହୋଇଯାଇଥିଲା । ବାବା ସମାଗତ ଭକ୍ତମାନଙ୍କ ମଧ୍ୟରେ ଛନ୍ଦାଛନ୍ଦି ରାସ୍ତାରେ ଖାଲି ପାଦରେ ବୁଲି ବୁଲି ସମସ୍ତଙ୍କ ତୃଷ୍ଣା ଶାନ୍ତ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ସମ୍ଭାଷଣ ଶୁଣାଇଥିଲେ । ସମ୍ଭାଷଣ ପରେ ବାବାଙ୍କ କଣ୍ଠରୁ ଯେତେବେଳେ ଭଜନର ଅମୃତବାଣୀ ଝରିଲା ସେ ସମଗ୍ର ଅଞ୍ଚଳଟି ମଧୁର ଭଜନଗାନରେ ପ୍ରତିଧ୍ୱନିତ ହୋଇ ଉଠିଥିଲା ।

ଯେଉଁ ଭାଷଣବିଶାରଦମାନେ ମଞ୍ଚରୁ ମଞ୍ଚକୁ ବକ୍ତୃତା ଦେଇ ବୁଲନ୍ତି ସେମାନେ ଶ୍ରୋତାମାନଙ୍କର ଅନାଗ୍ରହତାର କାରଣ ହେବା ସଙ୍ଗେ ସଙ୍ଗେ ନିଜେ ମଧ୍ୟ ଆଗ୍ରହ ହରାଇ ବସନ୍ତି । ମାତ୍ର ବାବାଙ୍କ ସମ୍ବନ୍ଧୀୟ କଥା ହୋଇଥିଲେ ଶ୍ରୋତାମାନେ ସେଇ ଗୋଟିଏ କଥାକୁ ବାରମ୍ବାର ଶୁଣିଲେ ବି ଆଗ୍ରହ ହରାଇ ବସନ୍ତି ନାହିଁ । କାରଣ ଏ ପ୍ରକାରର ସମ୍ଭାଷଣରେ ଲୁଚି ରହିଥାଏ ଅନେକ ମଧୁର ସମ୍ଭାବନା । ଏହା ଶ୍ରୋତାମାନଙ୍କ ମଧ୍ୟରେ ବାରମ୍ବାର ବିସ୍ମୟ, ଶ୍ରଦ୍ଧା, ଭକ୍ତି, ନିବେଦନ, ଆନନ୍ଦ, କୃତଜ୍ଞତା ଏବଂ ଉଲ୍ଲାସ ଜାତ କରିଥାଏ । କିନ୍ତୁ ମୁଁ ବାବାଙ୍କ ସମ୍ବନ୍ଧରେ କୌଣସି ବକ୍ତୃତାର ପୁନରୁକ୍ତି କରିପାରେନା, କାରଣ ବାବାଙ୍କର ବିଭିନ୍ନ ପ୍ରକାଶ, ତାଙ୍କ ମହିମାର ବିଭିନ୍ନ ଆବେଦନ ଏତେ ଅସଂଖ୍ୟ ଯେ ଭାଷଣ ପୁନରୁକ୍ତି କରିବାର ସମ୍ଭାବନା ନ ଥାଏ । ତାଙ୍କ ମହିମାକୁ ସମୟ କୁଣ୍ଠିତ କରିପାରେନା, ସର୍ବମୟ ବାବା ସର୍ବଦା ଆନନ୍ଦମୟ, ସର୍ବଦା ଆନନ୍ଦପ୍ରଦ । ମୋର ଭାଷଣ ପରେ ସମିତିର ବାଳବିକାଶ ପିଲାମାନେ ଭଗବାନଙ୍କ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷ୍ୟେ ପୁଟପର୍ତିରେ ଯେଉଁ ହିମାଚଳ ଲୋକନୃତ୍ୟ ପ୍ରଦର୍ଶନ କରିବା କଥା ତାହା ଦେଖାଇଥିଲେ ।

ସିମ୍‌ଲାଠାରୁ ବାବା ୧୫ ମାଇଲ୍ ତୁଷାରାବୃତ ରାସ୍ତାରେ ଗୋଟିଏ ସ୍ଥାନକୁ ଯାଇଥିଲେ ଯେଉଁଠାରୁ ହିମାଚଳ ଗିରିଶ୍ରେଣୀ ଉପରେ ଶୁଭ୍ର ତୁଷାର-ସମୁଦ୍ର ଶୋଇ ରହିଲା ପରି ଦେଖାଯାଏ । ଆମେ ବି ସେଇବାଟେ ଯାଇ ସେଇ ସ୍ଥାନରେ ପହଞ୍ଚିଲୁ । ସେଠାରେ ଠିଆ ହୋଇ ଦିଗନ୍ତବ୍ୟାପୀ ତୁଷାରର ପ୍ରଶାନ୍ତ-ଗମ୍ଭୀର ଦୃଶ୍ୟ ଦେଖି ମୁଁ ବିମୋହିତ ହୋଇଗଲି । ସମ୍ମୁଖରେ ପ୍ରସାରିତ ସୀମାହୀନ ଭୂଖଣ୍ଡରେ ଦଣ୍ଡାୟମାନ ତୀକ୍ଷ୍ଣଶିର, କର୍ତ୍ତିତଶିର, ଅସମାନଶିର ଅନେକ ଗିରିଶୃଙ୍ଗ । ସେମାନଙ୍କ ମସ୍ତକରେ ସୁଶୋଭିତ ଉଜ୍ଜ୍ୱଳ ହିମବନ୍ତ ମୁକୁଟଶ୍ରେଣୀ । ମହାକାଶକୁ ସ୍ପର୍ଶ କରି ଆପଣାର ସମୁନ୍ନତ ଗ୍ରୀବା ଟେକି ସ୍ଥିତପ୍ରଜ୍ଞ ପରି ବିଦ୍ୟମାନ ଏହି ଗିରିଶ୍ରେଣୀର ଅପୂର୍ବ ଦ୍ୟୁତିମାନ୍ ଦୃଶ୍ୟ ମୋ ସ୍ମୃତିପଟରେ ରଖିଗଲା ଅଲିଭା ଆଲେଖ୍ୟ ।

ତାପରେ ସୋହନ୍ ଲାଲ ଓ ମୁଁ ଜଳନ୍ଧର ଗଲୁ । ଭଗବାନ ପାକିସ୍ତାନ ସୀମା ପାଖରେ ଥିବା ମୋଘା ଯାଇ ସେଠାରେ ଗୋଟିଏ ଅତ୍ୟାଧୁନିକ ଡାକ୍ତରଖାନା ଉଦ୍‌ଘାଟନ କରିଥିଲେ ।

ତାହା ଥିଲା ବିଶେଷ ଅନୁଗ୍ରହର ନିଦର୍ଶନ। ମୋଘାଠାରେ ଲକ୍ଷ ଲକ୍ଷ ଲୋକ ଭଗବାନଙ୍କ ଦର୍ଶନ କରିଥିଲେ ଓ ତାଙ୍କର ବାର୍ତ୍ତା ଶୁଣିଥିଲେ। ଭଗବାନଙ୍କ ସହ ଏହି ମୁହୂର୍ତ୍ତକର ସମ୍ପର୍କ କ୍ରମଶଃ ବୀରଭୂମି ପଞ୍ଜାବ ହୃଦୟରେ ବିଶ୍ୱାସ ପାଲଟିଗଲା ଏବଂ ଅନୁଗ୍ରହର ଅଲୌକିକ ସଙ୍କେତମାନ ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଲା। ସୈନ୍ୟବାହିନୀର ଶିଖ ଜୱାନମାନେ ଭଗବତ୍ ଦର୍ଶନ ନିମନ୍ତେ ବ୍ୟାକୁଳତା ପ୍ରକାଶ କଲେ। ଜଳନ୍ଧରଠାରେ ଗୋଟିଏ ବଡ଼ ହଲ୍‌ରେ ଭକ୍ତମାନଙ୍କୁ ମୁଁ ବାବାଙ୍କର ପ୍ରେମ, ଜ୍ଞାନ ଓ ଶକ୍ତି ସମ୍ପର୍କରେ କହିଥିଲି।

ମଧ୍ୟପ୍ରଦେଶର ସତ୍ୟସାଇ ସେବା ସଙ୍ଗଠନ ସମୂହର ରାଜ୍ୟ ସମ୍ମିଳନୀରେ ପୌରୋହିତ୍ୟ କରିବା ପାଇଁ ବାବା ମୋତେ ଦୁଇଥର ଅନୁମତି ଦେଇଥିଲେ। ଥରେ ପଶ୍ଚିମ ଏମ୍.ପି.ର ଇନ୍ଦୋରଠାରେ, ଆଉଥରେ ପୂର୍ବ ଏମ୍.ପି. ର ରାୟପୁରଠାରେ ଏ ସମ୍ମିଳନୀ ବସିଥିଲା। ସେଠାରେ ସଭ୍ୟମାନଙ୍କ ଆଖିରେ ମୁଁ ବାବାଙ୍କୁ ଦେଖିଥିଲି, ଆଉ ଦେଖିଥିଲି ବାବାଙ୍କର ସର୍ବଦା ସୁଲଭ କରୁଣା ଓ ଦୟାର କୌଣସି ନିଦର୍ଶନର ବର୍ଣ୍ଣନା ଶୁଣିବାମାତ୍ରେ ସେମାନଙ୍କ ଆଖିରେ ଜଳି ଉଠୁଥିବା ଆନନ୍ଦ ଓ ବିଶ୍ୱାସର ଦୀପ। ସେମାନଙ୍କୁ ମୁଁ କହିଥିଲି ଅବତାରଙ୍କ ବ୍ରତ କ'ଣ ଓ ଆମେ ତାଙ୍କର ସମସାୟିକ ହେବାର ସୌଭାଗ୍ୟ ପାଇଥିବା ହେତୁ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ କ'ଣ।

ଇନ୍ଦୋରଠାରେ ସାଇ ଆଧ୍ୟାତ୍ମିକ ଆନ୍ଦୋଳନ ସମ୍ପର୍କରେ ମୁଁ ଅନେକ କଥା ଜାଣିବାକୁ ପାଇଥିଲି। ସେଠାରେ ଭକ୍ତମାନେ ସାଧନାର ଅଙ୍ଗସ୍ୱରୂପ ନାରାୟଣ ସେବାର ଏକ ନୂତନ ପନ୍ଥା ଅନୁସରଣ କରୁଥିଲେ। ଭକ୍ତମାନେ ସେଦିନ ନିଜ ପରିବାର ପାଇଁ ଯେଉଁ ଅନ୍ନବ୍ୟଞ୍ଜନ ପ୍ରସ୍ତୁତ କରିଥିବେ, ସେଥିରୁ ଗୋଟିଏ ପୁଡିଆ କରି ରଖିଥିବେ, ଆଉ ମଧ୍ୟାହ୍ନରେ ସେବାଦଳ ଭାଇମାନେ ପ୍ରତ୍ୟେକଙ୍କ ଘରକୁ ଯାଇ ଏସବୁ ସଂଗ୍ରହ କରି କ୍ଷୁଧାର୍ତ୍ତ ନାରାୟଣଙ୍କ ହାତରେ ଶ୍ରଦ୍ଧା ଓ ଆଗ୍ରହର ସହିତ ନେଇ ଦେବେ। ମୁଁ ସେବାଦଳ ଭାଇଭଉଣୀଙ୍କ ଭିତରେ ଗୋଟିଏ ପ୍ରଶ୍ନୋତ୍ତର ପରୀକ୍ଷା ବା 'କୁଇଜ୍' ଆୟୋଜନ କରିଥିଲି। ମାତ୍ର ଦେଖିଲି ସତ୍ୟଂ ଶିବଂ ସୁନ୍ଦରଂ ସମ୍ପର୍କରେ ସେମାନଙ୍କର ଜ୍ଞାନ ବହୁତ ସୀମିତ। ଏହାପରେ ରାଜ୍ୟସଭାପତି ସଙ୍ଗଠନର ବିଭିନ୍ନ ଅଙ୍ଗର ସଭ୍ୟମାନଙ୍କ ମଧ୍ୟରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ ଯେ ପ୍ରତ୍ୟେକେ ଭଗବାନଙ୍କ ଜୀବନ କାହାଣୀ ଭଲରୂପେ ପଢ଼ି ମନେରଖିବା ଦରକାର। ସେଠାରେ ଗୋଟିଏ ଅନାଥାଶ୍ରମର ପିଲାମାନଙ୍କୁ ଦେଖିବାକୁ ଯାଇଥିଲି। ବାଳବିକାଶ ଦ୍ୱାରା ସେଠାର ପିଲାମାନଙ୍କ ମଧ୍ୟରେ ଏପରି ପରିବର୍ତ୍ତନ ଆସିଯାଇଥିଲା ଯେ ସେମାନଙ୍କୁ ମୁଁ ହାଲୁଆ ଦେବାର ପ୍ରଲୋଭନ ଦେଖାଇଲେ

ମଧ୍ୟ ସେମାନେ ଧସ୍ତାଧସ୍ତି କରି ନ ଥିଲେ କିମ୍ବା ଉତ୍କଣ୍ଠିତ ହୋଇ ହାତ ବଢ଼ାଇ ନ ଥିଲେ । କେତୋଟି ପିଲା ଧ୍ୟାନମୁଦ୍ରାରେ ଆଖି ବୁଜି ବସି ରହିଥିଲେ ମୁଁ ସେମାନଙ୍କର ଧ୍ୟାନ ଭାଙ୍ଗିବାଯାଏ । ମୁଁ ଏହାପରେ ଉଜ୍ଜୟିନୀ ଯାଇଥିଲି ଓ ସେଠାରେ ମୋର ଇଂରେଜୀ ଭାଷଣର ଭାଷାନ୍ତର କରିଥିଲେ ସ୍ଥାନୀୟ ବିଶ୍ୱବିଦ୍ୟାଳୟର ଜଣେ ତାମିଲ୍‌ନାଡୁବାସୀ ପ୍ରଫେସର ।

ସେଠାରେ ତାଙ୍କର ସରଳ-ତରଳ ସୁମଧୁର ହିନ୍ଦୀ ଏବଂ ଇନ୍ଦୋରଠାରେ ଜଣେ କେରଳୀ ଆୟକର କମିଶନରଙ୍କ ଓଜସ୍ୱିନୀ ହିନ୍ଦୀ ଭାଷଣ ଶୁଣିବାପରେ ମୋତେ ଲଜ୍ଜା ଲାଗିଲା ଯେ ଭଗବାନଙ୍କ ମହିମା ଓ ଅନୁଗ୍ରହର କାହାଣୀ କହିବାକୁ ମୁଁ ବହୁଲୋକଙ୍କର ଅଜ୍ଞାତ ଗୋଟିଏ ଭାଷା ବ୍ୟବହାର କରୁଛି । ତେଣୁ ମୁଁ ଗୋଟିଏ କାଶ୍ମିରୀ କଲେଜର ହିନ୍ଦୀ ପି. ଏଚ୍. ଡି. ଅଧ୍ୟାପକଙ୍କୁ ମୋତେ ସାହାଯ୍ୟ କରିବା ପାଇଁ ଫୁସୁଲାଇଲି । ମୋର ଗୋଟିଏ ଇଂରାଜୀ ଭାଷଣକୁ ଟେପ୍‌ରେ ରେକର୍ଡ଼ କରାଗଲା ଓ ସେ ଏହାକୁ ସରଳ ସୁବୋଧ୍ୟ ହିନ୍ଦୀରେ ଅନୁବାଦ କରି ମୋତେ ଦେଲେ । ଦୀର୍ଘଦିନ ଧରି ଦ୍ରାବିଡ ଭାଷା-ପରିବାର ସହ ସୁପରିଚିତ ମୋର ଜିହ୍ୱା ଇଣ୍ଡୋ-ଇଉରୋପୀୟ ଭାଷା ପରିବାରର ଅନ୍ତର୍ଭୁକ୍ତ ହିନ୍ଦୀ ଭାଷା ଉଚ୍ଚାରଣ କରିବାକୁ ଯଥେଷ୍ଟ କୁଣ୍ଠା ପ୍ରକାଶ କଲେ ମଧ୍ୟ ମୁଁ ତାକୁ ବାଧ୍ୟ କଲି ହିନ୍ଦୀ ଶିଖିବାକୁ । ସେଇ ଭାଷଣର ହିନ୍ଦୀ ଅନୁବାଦକୁ କହିବାର ଅଭ୍ୟାସ କରି ପ୍ରତି ସପ୍ତାହରେ ନୂଆ ନୂଆ ଶ୍ରୋତା ଶିକାର ଖୋଜି ସେମାନଙ୍କ ଆଗରେ ମୋର ପ୍ରବୀଣତା ଦେଖାଇବାରେ ଲାଗିଲି । ଯେତେବେଳେ ମୋ ମନରେ ବିଶ୍ୱାସ ଦୃଢ଼ ହୋଇଗଲା ଯେ ଏଥର ମୁଁ ହିନ୍ଦୀ ଭାଷାଭାଷୀ ଶ୍ରୋତାମାନଙ୍କୁ ହିନ୍ଦୀରେ ଭାଷଣ ଶୁଣାଇ ପାରିବି, ମୋର ଶେଷ ରିହର୍ସାଲ ପାଇଁ କେତେଜଣ ହିନ୍ଦୀ ଭକ୍ତଙ୍କୁ ଡାକି ବସାଇଲି ଓ ମୋ ଭାଷଣ ପଢ଼ିବା ଆରମ୍ଭ କରିଦେଲି । ମାତ୍ର ଅଧାବାଟ ନ ଯାଉଣୁ ସେମାନେ ମୋତେ ମୋର ଉଦ୍ୟମକୁ ପ୍ରଶଂସା କଲେ ଓ ହିନ୍ଦୀ ଭାଷଣ ଦେବାର ଅଭିଳାଷ ତ୍ୟାଗ କରିବାକୁ ଉପଦେଶ ଦେଲେ ।

ଉଜ୍ଜୟିନୀରୁ ଭୋପାଳ ଯିବା ବାଟରେ ମୁଁ ସିହୋର ନାମକ ସ୍ଥାନରେ ଅଟକି ସେଠାର କୃଷି ମହାବିଦ୍ୟାଳୟର ଛାତ୍ରମାନଙ୍କୁ ଇଂରାଜୀରେ ବାବାଙ୍କ ସମ୍ପର୍କରେ କହିଥିଲି । ସେମାନେ ସାଇଅବତାରଙ୍କ ସମ୍ପର୍କରେ ପ୍ରାୟ ଅଜ୍ଞ ଥିବାରୁ ସେମାନଙ୍କ ମଧ୍ୟରେ ଅବତାରଙ୍କ ସମ୍ପର୍କରେ ଆଗ୍ରହ ଓ ଅନୁସନ୍ଧିତ୍ସା ସୃଷ୍ଟି କରିବାରେ ମୁଁ ସମର୍ଥ ହୋଇଥିଲି । ସେମାନଙ୍କ ମଧ୍ୟରେ ବିସ୍ମୟ ମଧ୍ୟ ଜାତ ହୋଇଥିଲା । ସେଦିନ ଟାଉନ୍‌ର ସମିତି ସଭ୍ୟମାନେ କୁଷ୍ଠ ନିବାସକୁ ଯାଉଥିବାରୁ

ସେଠାକୁ ମୋତେ ନେବାକୁ ସେମାନଙ୍କ ଆମନ୍ତ୍ରଣ ମୁଁ ଗ୍ରହଣ କରିଥିଲି। ଗାଡିର ହର୍ଣ୍ଣ ଶୁଭିଲାମାତ୍ରେ ସେଠାରେ ପ୍ରାୟ ୪୦ ଜଣ ଅନ୍ତେବାସୀ ଦୁଇଧାଡି କରି ବସିଗଲେ ନିଜ ନିଜର ଥାଳୀ ଧରି। କାରଣ ସେଦିନ ସେମାନେ ସମିତି ସଭ୍ୟମାନଙ୍କଠାରୁ ଚପାତି, ଡାଲି ଓ ପାମ୍ପଡ଼ ସହ 'ଶ୍ରୀଖଣ୍ଡ' ଆଶା କରୁଥିଲେ। ଶ୍ରୀଖଣ୍ଡ ଏକ ବିଶେଷ ଧରଣର ମିଷ୍ଟାନ୍ନ। ସେମାନେ ଏ ସପ୍ତାହରେ ସମିତି ସଭ୍ୟମାନଙ୍କୁ ଶ୍ରୀଖଣ୍ଡ ଆଣିବାକୁ ଅନୁରୋଧ କରିଥିଲେ ଓ ସଭ୍ୟମାନେ ସେ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ।

ସିହୋର୍‌ଠାରେ ସାଇପ୍ରେମର ଏକ ଅଭିନବ ପ୍ରକାଶ ମୁଁ ଦେଖିବାକୁ ପାଇଥିଲି। ପ୍ରତି ରବିବାରଦିନ ସେବାଦଳଙ୍କୁ ନେଇ ଗାଡି ଫେରିଲାବେଳେ ସେମାନଙ୍କର ନେତା କୁଷ୍ଠନିବାସର ଭାଇଭଉଣୀଙ୍କୁ ପଚାରନ୍ତି ଆସନ୍ତା ଥର ସେମାନେ କେଉଁ ମିଠା ଚାହାନ୍ତି। ସେମାନେ ଯେଉଁ ମିଠା ଖାଇବାକୁ ଚାହିଁବେ ସେବାଦଳ ଭାଇଭଉଣୀମାନେ ତାହା ପ୍ରସ୍ତୁତ କରି ଆଣନ୍ତି। ପୂର୍ବ ଥର କୁଷ୍ଠନିବାସର ଜଣେ ବୁଢ଼ୀ (ଯିଏ ଅନେକ ବର୍ଷ ଧରି ଶିରଡିରେ ସନ୍ନ୍ୟାସିନୀ ଭାବରେ ଥିଲା ଓ ଭିକ୍ଷା ମାଗି ଚଳୁଥିଲା) ଶ୍ରୀଖଣ୍ଡ ପାଇଁ ଭୋଟ ସଂଗ୍ରହ କରିଥିଲା। ଏଣୁ ସମସ୍ତେ ଏକ ସ୍ୱରରେ ସେବାଦଳଙ୍କୁ ଶ୍ରୀଖଣ୍ଡ ଆଣିବାକୁ କହିଥିଲେ। ମାତ୍ର ସେବାଦଳ ଭାଇଭଉଣୀମାନେ ଏ ମିଠା କ'ଣ ଜାଣି ନ ଥିଲେ। ସେମାନେ ବୁଢ଼ୀକୁ ପଚାରି ବୁଝିଥିଲେ ଏ ମିଠା କିପରି ତିଆରି କରାଯାଏ। ଯେଉଁ ଶ୍ରୀଖଣ୍ଡ ସେମାନଙ୍କ ପାଇଁ ତିଆରି କରି ମୋ ସହ ଗାଡିରେ ଆଣିଥିଲେ, ତାହା 'ଅପୂର୍ବ' ହୋଇଛି ବୋଲି ବୁଢ଼ୀ ମନ୍ତବ୍ୟ କରିଥିଲା। ଏ ରୋଗ ଭୋଗିବା ଆଗରୁ ସେ ନିଶ୍ଚୟ ଜଣେ ଦକ୍ଷ ପୁଝାରୀ ଥିବ।

ଭୋପାଳର ଶ୍ରୀ ସତ୍ୟସାଇ ମହିଳା କଲେଜର ଛାତ୍ରୀ ଓ ଅଧ୍ୟାପିକାମାନଙ୍କୁ ଭେଟି ମୁଁ ଖୁବ୍ ଆନନ୍ଦିତ ହୋଇଥିଲି। ସେଠାର ସେବା ସମିତିର ସଭାପତି ମୋ ପାଇଁ ଆଉ ଦୁଇଟି ଭାଷଣର କାର୍ଯ୍ୟକ୍ରମ ସ୍ଥିର କରିଥିଲେ। ମେଡିକାଲ୍ କଲେଜରେ ମୁଁ ସେମାନଙ୍କୁ କହିଥିଲି ବାବା କିପରି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବିଭିନ୍ନ ପ୍ରକାରରେ ରୋଗ ଦୂର କରିଛନ୍ତି। ଭାରତ ହେଭି ଇଲେକ୍‌ଟ୍ରିକାଲ୍‌ସ ଲିମିଟେଡ୍ କମ୍ପାନୀ ହଲରେ ମୋର ଦ୍ୱିତୀୟ ଭାଷଣ ଥିଲା। ହଲ୍‌ଟି ବୈଜ୍ଞାନିକ, ଇଞ୍ଜିନିୟର ଓ ଟେକ୍‌ନିସିଆନମାନଙ୍କ ଦ୍ୱାରା ଭରପୂର ହୋଇଯାଇଥିଲା। କମ୍ପାନୀର ମାନେଜିଂ ଡାଇରେକ୍‌ଟର ସଭାପତିତ୍ୱ କରିଥିଲେ। ଏହି ସୁଯୋଗରେ ମୁଁ ଶ୍ରୋତାମାନଙ୍କୁ କହିଥିଲି ବାବା କିପରି ବିଜ୍ଞାନର ସସୀମ କ୍ଷମତାର ଉର୍ଦ୍ଧ୍ୱରେ। ଆଉ ଗୋଟିଏ ଅପରାହ୍ନରେ ଉକ୍ତ ଭାଇଭଉଣୀମାନଙ୍କୁ ମୁଁ ସେବା ସଙ୍ଗଠନର ଶୃଙ୍ଖଳା ସମ୍ବନ୍ଧରେ କହିଥିଲି।

ମୁଁ ଯେଉଁଠାକୁ ଯାଇଥିଲି ସେଠାରେ ଦେଖିଥିଲି ସାଇଯୁଗର ନୂତନ ସମାଜ। ନର-ନାରୀ, ବାଳକ- ବାଳିକାମାନଙ୍କର ସୁସଂହତ, ଐକ୍ୟବଦ୍ଧ ସମାଜ। କୌଣସି କ୍ଷେତ୍ରରେ ବି

ପ୍ରଗତି ଧୀରେ ଧୀରେ, ପଦେ ପଦେ ଆସେନା। ବର୍ଗସଁଙ୍କ ଭାଷାରେ ପ୍ରଗତି ଏକ ଲମ୍ୱା ଡିଆଁ। ଏ ଲମ୍ୱା ଡିଆଁ ସମ୍ଭବ ହୁଏ ଯେତେବେଳେ ମଣିଷ ସମାଜ କୌଣସି ଘଟଣା ବା ବ୍ୟକ୍ତିଙ୍କ ପ୍ରଭାବରେ ଚହଲିଯାଏ, ବା ସ୍ତବ୍ଧ ହୋଇଯାଏ। ଆଜି ସେଇ ବ୍ୟକ୍ତି ବାବା। ମୁଁ ଯେଉଁସବୁ ଭକ୍ତମାନଙ୍କୁ ଭେଟିଲି, ସେମାନେ ହେଉଛନ୍ତି ଏଇ ପ୍ରଗତିର ବାର୍ତ୍ତାବହ, ଅଗ୍ରଗାମୀ ଯାତ୍ରୀ। ମାଟି ଯାହା ହେଉନା କାହିଁକି ମଞ୍ଜି ଗୋଟିଏ ଜାତିର, ସେଇ ଗୋଟିଏ ସୂର୍ଯ୍ୟଦ୍ୱାରା ପରିପୁଷ୍ଟ, ଆଉ ଗୋଟିଏ ଫସଲର ଉତ୍ପାଦକ, ଯାହା ପ୍ରେମର ଫସଲ। ପ୍ରତ୍ୟେକଟି ୟୁନିଟ୍ ଗୋଟିଏ ଗୋଟିଏ ବୀଜ, ସ୍ଥାନୀୟ ଭାବ ଓ ଅଭାବ ଭିତରେ ଆପଣା ଆପଣା ଗତିରେ ସେମାନେ ବଢ଼ି ଚାଲିଛନ୍ତି।

ବାବା ବମ୍ବେକୁ ଭାରତର ପେଟ ବୋଲି ବର୍ଣ୍ଣନା କରିଛନ୍ତି। ଏଣୁ ପ୍ରତିବର୍ଷ ବାବା ବମ୍ବେ ଯାଆନ୍ତି। ସିଅନ୍, ଚେମ୍ବୁର୍, ଫୋର୍ଟ୍, ଅନ୍ଧେରୀ, ଶିବାଜୀ ପାର୍କ, ଓ୍ୱର୍ଲି, ଥାନା, ଉଲ୍ଲାସନଗର ଆଦି ସହରତଳି ଅଞ୍ଚଳରେ ଏକାଧିକଥର ମୁଁ ଭକ୍ତମାନଙ୍କୁ ଭେଟିଛି, ଆଉ ସେମାନଙ୍କ କ୍ରମବର୍ଦ୍ଧମାନ ସଂଖ୍ୟା, ଶୃଙ୍ଖଳା ଓ ବିଶ୍ୱାସ ମୋ ମନରେ ବିସ୍ମୟ ଜାତ କରିଛି।

କେତେବର୍ଷ ତଳେ ମହାରାଷ୍ଟ୍ରର ସଭାପତି ଶ୍ରୀ ଏମ୍.ଏମ୍. ପିଙ୍ଗେ ସଙ୍ଗଠନ ନୂଆକରି କିଣିଥିବା ଏକ ମୋଟରଗାଡିରେ ଏକ ଦଶଦିନିଆ ସାଇ-ଯାତ୍ରା ପାଇଁ ମୋତେ ନିମନ୍ତ୍ରଣ କରିଥିଲେ। ଗାଡିରେ ଆମେ ସମୁଦାୟ ପାଞ୍ଚଜଣ ଥିଲୁ। ବମ୍ବେଠାରୁ ବାହାରି ସେଠାକୁ ଫେରିଆସିବା ଆଗରୁ ଆମେ ପାଞ୍ଚଜଣ ଦିଗ୍‌ବିଜୟୀ ବୀର ପରି ଗଭୀର ଆତ୍ମୀୟତା ପାଶରେ ଆବଦ୍ଧ ହୋଇଯାଇଥିଲୁ। ମୋର ଭାଷଣ, ତାପରେ ବାବାଙ୍କ ସମ୍ପର୍କରେ ଚଳଚ୍ଚିତ୍ର। ଚଳଚ୍ଚିତ୍ର ଦେଖିବାର ଲୋଭ ଛୋଟ ଛୋଟ ସ୍ଥାନମାନଙ୍କରେ ବି ବହୁତ ଲୋକଙ୍କୁ ଟାଣି ଆଣୁଥିଲା, ଆଉ ପ୍ରୋଜେକ୍ଟର୍ ଦାୟିତ୍ୱରେ ଥିବା ଆମ ସେବାଦଳ ଭାଇମାନେ ଯେ କୌଣସି ସ୍ଥାନରେ ପ୍ରୋଜେକ୍ଟର ଚଳାଇବାକୁ ପ୍ରସ୍ତୁତ ଥିଲେ। ଗାଡିଟି ମଧ୍ୟ ଖୁବ୍ ସଂଯତ ଓ ଭଦ୍ର ଆଚରଣ ଦେଖାଇଥିଲା। ସତେ ଯେମିତି ସେ ବି ନିଜର ପବିତ୍ର କର୍ତ୍ତବ୍ୟ ସମ୍ବନ୍ଧରେ ଅବହିତ ଥିଲା। ଆମ ଯାତ୍ରାର କାର୍ଯ୍ୟକ୍ରମ ସେବା ସମିତିଦ୍ୱାରା ବହୁ ଆଗରୁ ଲୋକଙ୍କୁ ଜଣାଇ ଦିଆଯାଇଥିଲା। ଏଣୁ ଆମେ ଯେଉଁ ସବୁ ସ୍ଥାନକୁ ଯାଉଥିଲୁ ସେଠାର ଛାତ୍ର, ଶିକ୍ଷକ, ସମାଜ-ସେବକ ଓ ଆଧ୍ୟାତ୍ମିକ ସାଧକମାନେ ଆମକୁ ସ୍ୱାଗତ ଜଣାଇବା ପାଇଁ ପ୍ରସ୍ତୁତ ହୋଇ ରହିଥିଲେ।

ସେ ସମୟରେ ଦକ୍ଷିଣେଶ୍ୱରର ପବିତ୍ର ପବନ ଆଘ୍ରାଣ କରିଥିବା ଜଣେ ବିଶ୍ୱବିଦ୍ୟାଳୟ କୁଳପତି ସୂର୍ଯ୍ୟଙ୍କୁ ଚାହିଁ ନ ପାରିବାରୁ ସୂର୍ଯ୍ୟ ଉପରେ ଗାଳି ବର୍ଷଣ କରୁଥିଲେ। ଯେଉଁ ସତ୍ୟ

ଶିବ ସୁନ୍ଦର ପୃଥିବୀକୁ ଆସିବା କଥା ନିଜେ କହି ଯାଇଥିଲେ, ସେଇ ମୂର୍ତ୍ତି ବିରୁଦ୍ଧରେ ନିଜର ବିଷ ଉଦ୍‌ଗାରଣ କରୁଥିଲେ। ଯେଉଁ ତଥାକଥିତ ତର୍କବାଦୀମାନଙ୍କୁ ବହୁ ଆଗରୁ ଏଡିଙ୍ଗ୍‌ଟନ୍, ଜିନ୍‌ସ ଏଣ୍ଡ କୋ. ସମାଧି ଦେଇସାରିଥିଲେ ସେମାନେ ହଠାତ୍ ସମାଧିରୁ ଉଠି ଦାବୀ କରୁଥିଲେ ଯେ ସେମାନେ ତର୍କମନ୍ତ୍ରଦ୍ୱାରା ଏ ଦୂଷିତ ସଂସାରରୁ ଭଗବାନ ଓ ଭଗବତ୍‌କୋଟୀ ମହାପୁରୁଷମାନଙ୍କୁ ନିର୍ମୂଳ କରିଦେଇଛନ୍ତି ! ସେମାନଙ୍କର ଏ ଆତ୍ମବଡିମା ଓ ଆତ୍ମପ୍ରବଞ୍ଚନା ଲୋକମାନଙ୍କ ମଧ୍ୟରେ ଯେଉଁ ବିରକ୍ତି ଜାତ କଲା ଓ ସାଇଭକ୍ତମାନଙ୍କର ଏମାନଙ୍କ ପ୍ରତି ଅପୂର୍ବ ଉଦାର ଉପେକ୍ଷା ଯେଉଁ ନୂତନ ଶ୍ରଦ୍ଧାର ତରଙ୍ଗ ସୃଷ୍ଟି କଲା, ତା ଫଳରେ ଭଗବତ୍ ବିଶ୍ୱାସ ଓ ଭଗବତ୍ ଚେତନା ଅଧିକ ଗଭୀର ଓ ଅଧିକ ଦୃଢ଼ ହୋଇଥିଲା।

ବମ୍ବେଠାରୁ ଆମେ ରତ୍ନଗିରି ଗଲୁ। ସେଠାରେ ସାଧାରଣ ସଭା ଓ ଚଳଚ୍ଚିତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ଥିଲା। ସେଠାକୁ ଆସିବା ପାଇଁ ଭଗବାନ ପ୍ରତିଶ୍ରୁତି ଦେଇଥିଲେ। ଦୀର୍ଘ ପ୍ରତୀକ୍ଷା କରିଥିବା ଭକ୍ତମାନେ ସଭା ମଣ୍ଡପରେ ଭଗବାନଙ୍କ ନିମନ୍ତେ ସ୍ଥାପନ କରାଯାଇଥିବା ଆସନ ଦେଖି ହୁଏତ ବାବାଙ୍କର ଉପସ୍ଥିତି ଅନୁଭବ କରିଥିବେ। ଆମର ତାପର କାର୍ଯ୍ୟକ୍ରମ ଥିଲା ଗୋଆରେ। ଗୋଆ ରାଜଭବନରେ ଭଗବାନଙ୍କର ଆପେଣ୍ଡିସାଇଟିସ୍ ଲୀଳା ପ୍ରଦର୍ଶନ ଗୋଆକୁ ସାଇ-ମାନଚିତ୍ରରେ ଏକ ସ୍ମରଣୀୟ ସ୍ଥାନରେ ପରିଣତ କରିଦେଇଥିଲା। ଗୋଆଠାରୁ ଆମେ ଗଲୁ ସଙ୍ଗଲି, ମିରାଜ, ସାତାରା ଏବଂ ପୁନା। ଗୋଆ ଏବଂ ପୁନାରେ ଦୁଇଟି ସ୍ଥାନରେ ୨ଟି ସମାବେଶରେ ମୁଁ ଭଗବତ୍ କଥା କହିବାର ଆନନ୍ଦ ଲାଭ କରିଥିଲି। ସଙ୍ଗଲିଠାରେ ଯେତେବେଳେ ମୋତେ ନାଚିବାକୁ ଭଗବାନଙ୍କ ଆଦେଶ ମିଳିଥିବା କଥା କହିଲି, ପ୍ରିନ୍‌ସପାଲ ଦେଶାଇ କହିଲେ ଭଗବାନଙ୍କର ଏ ଆଦେଶ ପରିହାସରେ କୁହାଯାଇଛି ବୋଲି ବିଚାରିବା ଠିକ୍ ନୁହେଁ, କାରଣ ଏହା ଋକ୍‌ବେଦର ସମର୍ଥନ (୧୦-୧୮.୩) ବହନ କରେ।

ପୁନାଠାରେ ସମିତିଦ୍ୱାରା ଆୟୋଜିତ ସାଧାରଣ ସଭା ବ୍ୟତୀତ ଖଡଗ ବାସଲାଠାରେ ଥିବା ସେନାବାହିନୀର ତାଲିମ୍ କେନ୍ଦ୍ରରେ ମଧ୍ୟ କହିବାକୁ ମୋତେ ନିମନ୍ତ୍ରଣ ମିଳିଥିଲା। ଏଠାରେ ମୁଁ କର୍ଣ୍ଣେଲ୍ ଭୌଁସଲେଙ୍କର ଅତିଥି ହୋଇଥିଲି । ସେ ସଭାରେ ଅଧ୍ୟକ୍ଷତା ମଧ୍ୟ କରିଥିଲେ। ମୋର ଭାଷଣ ପରେ ମୁଁ ଆସନ ଗ୍ରହଣ କଲି। କର୍ଣ୍ଣେଲ ଭୌଁସଲେ ଉଠିଲେ ବାବାଙ୍କର ଦୈବତ୍ୱ ସମ୍ବନ୍ଧରେ ତାଙ୍କ ନିଜର ଅଭିଜ୍ଞତା ବର୍ଣ୍ଣନା କରିବାକୁ। ସେତେବେଳେ ସେ ହିମାଳୟ କୋଳରେ ଥିବା କୁଲୁ ଉପତ୍ୟକାରେ ସୈନ୍ୟଛାଉଣୀର ଦାୟିତ୍ୱରେ ଥାଆନ୍ତି । ସୈନ୍ୟବିଭାଗ ଦ୍ୱାରା ପରିଚାଳିତ ଗୋଟିଏ ପ୍ରାଇମେରୀ ସ୍କୁଲ ସେଠାରେ ଥାଏ। ଦିନେ କର୍ଣ୍ଣେଲ ଆବିଷ୍କାର

କଲେ ସ୍କୁଲର ଜଣେ ଶିକ୍ଷୟିତ୍ରୀ ତିନିଦିନ ହେବ ସ୍କୁଲକୁ ଆସିନାହାନ୍ତି, ସେ ଅଞ୍ଚଳରେ ବି ନାହାନ୍ତି। ଚତୁର୍ଥ ଦିନ ସେ ହଠାତ୍ ଆସି ପହଞ୍ଚିଲେ। କର୍ଣ୍ଣେଲ ଭୋଁସଲେ ତାଙ୍କୁ ଡାକି ଏ ଅନୁପସ୍ଥିତିର କାରଣ ପଚାରିଲେ। ଶିକ୍ଷୟିତ୍ରୀ କହିଲେ ତାଙ୍କ ଦୁଃଖର କାହାଣୀ। ସେ ଯାଇଥିଲେ ଚଣ୍ଡିଗଡକୁ ଡାକ୍ତର ପରାମର୍ଶ ନେବାପାଇଁ। ଡାକ୍ତର ତାଙ୍କୁ ପରୀକ୍ଷା କରି କହିଲେ ଯେ ସେ କ୍ୟାନ୍‌ସର ରୋଗରେ ଆକ୍ରାନ୍ତ, ଆଉ ସଙ୍ଗେ ସଙ୍ଗେ ଅସ୍ତ୍ରୋପଚାର ଦରକାର।

ସେ ସମୟରେ ଭୋଁସଲେ ହାୱାର୍ଡ୍ ମର୍ଫେଟ୍ ନାମକ ଜଣେ ଅଷ୍ଟ୍ରେଲିଆବାସୀ ଲେଖକଙ୍କର 'Sai Baba : Man of Miracles' ନାମକ ବହିଟି ପଢ଼ି ଶେଷ କରିଥାନ୍ତି। ଏ ପୁସ୍ତକରେ ବାବା କ୍ୟାନ୍‌ସର ରୋଗୀକୁ ଭଲ କରି ଦେଇଥିବା କାହାଣୀ ଭୋଁସଲେଙ୍କୁ ପରୀ କାହାଣୀ ପରି ଲାଗୁଥିଲା। ସେ ଭାବୁଥିଲେ ମର୍ଫେଟ୍ ଜଣେ ନିତାନ୍ତ ସହଜ-ବିଶ୍ୱାସୀ ଲୋକ ! ନଚେତ୍ ଏପରି ଅସମ୍ଭବ କଥା ସେ ଲେଖନ୍ତେ କିପରି ? ସେ ଯାହହେଉ କର୍ଣ୍ଣେଲ ଭୋଁସଲେ ଠିକ୍ କଲେ ଏ ଅଷ୍ଟ୍ରେଲିଆ ଲେଖକଟିର କଥାର ସତ୍ୟତା ଓ ନିର୍ଭର ଯୋଗ୍ୟତା ପରୀକ୍ଷା କରିବାକୁ ତାଙ୍କୁ ଏବେ ସୁଯୋଗ ମିଳିଯାଇଛି। ଏଣୁ ସେ ଶିକ୍ଷୟିତ୍ରୀଙ୍କୁ କହିଲେ ସେ ଏହି ଅଲୌକିକ ଶକ୍ତିସମ୍ପନ୍ନ ମହାତ୍ମାଙ୍କ ପାଖକୁ ପୁଟ୍ଟପର୍ତ୍ତି ଯାଆନ୍ତୁ।

ଶିକ୍ଷୟିତ୍ରୀ ପ୍ରଥମେ ତାଙ୍କ ଭଉଣୀଙ୍କ ପାଖକୁ ବମ୍ବେ ଗଲେ। ସେଠାରୁ ଦୁହେଁ ସାଙ୍ଗ ହୋଇ ଦୁର୍ଗମ ପୁଟ୍ଟପର୍ତ୍ତିରେ ପହଞ୍ଚିଲେ। ମାତ୍ର ସେତେବେଳେ ବାବା ପୁଟ୍ଟପର୍ତ୍ତିରେ ନ ଥିଲେ। ତେଣୁ ସେ ନିରାଶ ହୋଇପଡିଲେ। ବାବା ମାଡ୍ରାସରେ ଥିବାର ଶୁଣି ଦୁଇ ଭଉଣୀ ମାଡ୍ରାସ ଗଲେ। ସୌଭାଗ୍ୟକୁ ଜଣେ ଟ୍ୟାକ୍‌ସି ଡ୍ରାଇଭର ବାବାଙ୍କର ମାଡ୍ରାସ୍ ରହଣୀ ସ୍ଥାନ ଦେଖିଥିଲା। ଦୁଇ ଭଉଣୀ ସେଠାରେ ପହଞ୍ଚିଲେ। ମାତ୍ର ବାବା କାହାନ୍ତି ? ସେ ଥିଲେ ସିନ୍ଧି ହଲ୍‌ରେ। ଅନ୍ତତଃ ଦୂରରୁ ଦର୍ଶନ ପାଇବା ଆଶାରେ ସେମାନେ ସିନ୍ଧି ହଲ୍ ଆଡ଼କୁ ଚାଲିଲେ। ମାତ୍ର ଅଧକିଲୋମିଟର ଦୂରରୁ ଟ୍ୟାକ୍‌ସିକୁ ବିଦାୟ ଦେଇ ସେମାନଙ୍କୁ ପଦଯାତ୍ରା କରିବାକୁ ପଡିଲା। କାରଣ ରାସ୍ତାଟି ଦୁଇଚକିଆ, ତିନିଚକିଆ ଓ ଚାରିଚକିଆ ଯାନମାନଙ୍କ ଦ୍ୱାରା ଭରପୂର ହୋଇଯାଇଥିଲା। କୌଣସିପ୍ରକାରେ ଦୁଇ ଭଉଣୀ ଏ ଜନସମୁଦ୍ରର ସୀମାରେ ଠିଆ ହେବାର ସ୍ଥାନଟିଏ ପାଇଲେ। ମାତ୍ର ସେମାନେ ଦୂରରୁ ଦେଖିଲେ କେବଳ କମଳାରଙ୍ଗ ଟିକିଏ, ଆଉ ଶୁଣିଲେ ଭଗବାନଙ୍କର ଆହ୍ୱାନ।

ଶିକ୍ଷୟିତ୍ରୀ ଜାଣି ନ ଥିଲେ ଯେ ବାବା ଏତେ ଦୁର୍ଲ୍ଲଭ ଯେ ଲକ୍ଷ ଲକ୍ଷ ଲୋକ ତାଙ୍କୁ ପାଇବାକୁ ଚାହାନ୍ତି। କର୍ଣ୍ଣେଲ ଭୋଁସଲେ କହିଥିଲେ ବାବାଙ୍କୁ ଭେଟିବା ସହଜ। ତାଙ୍କ ପାଦ

ଛୁଇଁଦେବ, ଆଉ ଛୁଇଁଲା ମାତ୍ରକେ କ୍ୟାନ୍‌ସର ଛୁ କରିବ। ସେଇ ପାଦତଳେ ନିଜକୁ ଅଜାଡି ଦେବାକୁ ସେ ଦୁଇହଜାର ମାଇଲ ଦୂରରୁ ଧାଇଁ ଆସିଥିଲେ ତାଙ୍କ ମରଣ ଯନ୍ତ୍ରଣା ଧରି। ଆଉ ପାଇଲେ କ'ଣ ? ଲାଉଡ୍‌ସ୍ପିକର୍ ଭିତରୁ ଗର୍ଜନ କରୁଥିବା ତାଙ୍କର ସ୍ୱର ମାତ୍ର ! ତାଙ୍କର ଦୁଃଖ ଅଜାଡି ହୋଇପଡିଲା ଭୋଁସଲେ, ମର୍ଫେଟ ଓ ବାବାଙ୍କ ପ୍ରତି କ୍ରୋଧ ଆକାରରେ। "ତୁମେ କ'ଣ ଜାଣନା ମୁଁ କେତେ କଷ୍ଟ ପାଉଛି ? କିଏ ମୋତେ ପୁଟ୍ଟପର୍ତ୍ତି ଟାଣି ଆଣିଲା ? କିଏ ମତେ ଏଠାରେ ପହଞ୍ଚାଇଲା ? ବହି କହୁଛି ତୁମେ ସର୍ବଜ୍ଞ। ଆଉ ଏଠି ତୁମର ଅନୁଗ୍ରହ ଯାହାର ସବୁଠୁ ବେଶୀ ଦରକାର, ସେ ଲୁହ ଝରାଉଥିବା ବେଳେ ତୁମେ ଧର୍ମ ଓ ପ୍ରେମ ସମ୍ବନ୍ଧରେ ବଡ଼ ବଡ କଥା କହିବାରେ ଲାଗିଛ।" ହୃଦୟଫଟା କୋହ ତାଙ୍କର ଲୁହ ଓ କ୍ରନ୍ଦନ ଭାବରେ ପ୍ରକାଶ ପାଉଥିଲା ବେଳେ ଉଭଣୀ ତାଙ୍କର ବୁଝିପାରୁ ନ ଥିଲେ କି ଭାଷାରେ ସେ ସାନ୍ତ୍ୱନା ଦେବେ। ସେ ନିଜେ ବି ଅଶ୍ରୁସ୍ନାନ କରୁଥିଲେ।

ଭୋଁସଲେ କହୁଥାନ୍ତି, "ଠିକ୍ ଏହି ସମୟରେ ଜଣେ କଳାରଙ୍ଗର ପତଳା ଲୋକ ଚଣ୍ଡିଗଡ଼ ଚଣ୍ଡିଗଡ଼ ବୋଲି ବଡ଼ ପାଟିରେ କହି କହି ଭିଡ ଠେଲି ଏମାନଙ୍କ ଆଡ଼କୁ ମାଡି ଆସିଲା। ଏମାନଙ୍କୁ ଦେଖିଲାମାତ୍ରେ ଚିହ୍ନିପକାଇ କହିଲା, "ଆପଣ ଦୁଇଜଣ ଚଣ୍ଡିଗଡ ହସ୍‌ପିଟାଲରୁ ଆସିଛନ୍ତି ନା ?" ଦୁଇଭଉଣୀଙ୍କ ରୁଦ୍ଧକଣ୍ଠରୁ ବାହାରି ଆସିଲା କେବଳ ଗୋଟିଏ ଶବ୍ଦ "ହଁ"। ସେ ଲୋକଟି କହିଲା, "ଦେଖନ୍ତୁ, ସାଇବାବା ମୋ ହାତରେ ଶିକ୍ଷୟିତ୍ରୀ ଭଉଣୀଙ୍କ ପାଇଁ ଏ ବିଭୂତି ପଠାଇଛନ୍ତି। ବାବା କହିଛନ୍ତି ସେ ଏବେ କାମରେ ଯାଇ ଯୋଗ ଦିଅନ୍ତୁ। ଶିବାଜୀ ଯେପରି କହିବେ ସେପରି ଭାବରେ ସେ ଏ ବିଭୂତି ଖାଇବେ। ଆଉ କେତୋଟି ପୁଡିଆ ସେ ଶିବାଜୀଙ୍କ ପାଇଁ ଦେଇଛନ୍ତି। ଏଇ ନିଅନ୍ତୁ, ତାଙ୍କୁ ଦେଇଦେବେ; ଭୁଲିବେ ନାହିଁ। ଏଥର ଆପଣମାନେ ଯାଇପାରନ୍ତି।"

ଭୋଁସଲେଙ୍କ କଥା ସରି ନ ଥିଲା। ଦୁଇ ଭଉଣୀ ଚଣ୍ଡିଗଡ଼ ଗଲେ। ଡାକ୍ତର ପୁଣି ପରୀକ୍ଷା କରି କହିଲେ ଅସ୍ତ୍ରୋପଚାର ଦରକାର ନାହିଁ। ସେମାନେ ଯାଇ କର୍ଣ୍ଣେଲ ଭୋଁସଲେଙ୍କୁ ଏ ଅଲୌକିକ ଘଟଣା ଜଣାଇଲେ, ମାତ୍ର ଦୁଃଖ ପ୍ରକାଶ କରି କହିଲେ ଯେ, ସେମାନେ ଶିବାଜୀ କିଏ ଆହୁରି ଜାଣିପାରି ନାହାନ୍ତି। କର୍ଣ୍ଣେଲ୍ ଭୋଁସଲେ ଉତ୍ତର ଦେଲେ, ମୁଁ ନିଜେ ଶିବାଜୀ। ମୋର ନାମ ଶିବାଜୀ ଭୋଁସଲେ। ମାତ୍ର ଏଠି ଖୁବ୍ କମ୍ ଲୋକ ମୋର ପୂରା ନାମ ଜାଣନ୍ତି।"

ଶ୍ରୋତାମାନଙ୍କୁ ଏ କାହାଣୀ ନିଶ୍ଚୟ ଟନିକ୍ ପରି ଲଗିଥିବ, ଆଉ ବହୁମୁଖରେ ଏ କାହାଣୀ ବହୁ ପ୍ରଚରିତ ହୋଇଥିବ। ମୁଁ ମଧ୍ୟ ବହୁ ସମାବେଶରେ ଭଗବାନଙ୍କ ଏ ଅପୂର୍ବ

ଲୀଳା କାହାଣୀ ବହୁବାର କହିଛି। ଆଉ ଶ୍ରୋତାମାନଙ୍କ ଆନନ୍ଦରେ ଆପେ ଆତ୍ମହରା ହୋଇଛି।

ବମ୍ବେକୁ ଫେରି ଗୋଟିଏ ସାଧାରଣ ସମାବେଶରେ ମୁଁ ମୋର ଏହି ପ୍ରାଣପୂର୍ଣ୍ଣକାରୀ ଅନୁଭୂତି ସବୁ କହିଲି। ସାଈଙ୍କର ସର୍ବମୟ ଉପସ୍ଥିତର ଅପୂର୍ବ ତରଙ୍ଗ କିପରି ମଣିଷକୁ ମଣିଷର ଓ ଭଗବାନଙ୍କର ନିକଟବର୍ତ୍ତୀ କରିପାରିଛି ସେକଥା ବୁଝାଇ କହିଥିଲି।

ଏହି ସଭା ଆରମ୍ଭରେ ମୋର ପରିଚୟ ପ୍ରଦାନ କରିଥିବା ବମ୍ବେ ସମିତିର ସେକ୍ରେଟାରୀ ଯେତେବେଳେ କିଛିଦିନ ପରେ ପୁଟପର୍ତ୍ତି ଆସିଲେ, ବାବା ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଳନ କରିବାରେ ଅବହେଳା କରିଥିବା ଦୋଷ ଯୋଗୁ ତାଙ୍କୁ ତିରସ୍କାର କରିଥିଲେ। ପ୍ରଶାନ୍ତିନିଲୟମ୍ ଓ ବାବାଙ୍କ ସମ୍ବନ୍ଧରେ ଶ୍ରୋତାମାନଙ୍କୁ ବୁଝାଇ କହିବାରେ ମୋର କି ଯୋଗ୍ୟତା ଅଛି ସେ ଶ୍ରୋତାମାନଙ୍କୁ ଜଣାଇ ନ ଥିଲେ। ମୁଁ ଏକଥା ସେତେବେଳେ ଲକ୍ଷ୍ୟ କରି ନ ଥିଲି, କିମ୍ବା ପରେ ବି ମୋ ମନରେ ଏହା ନ ଥିଲା। ମାତ୍ର ବାବା କହିଲେ, "ତୁମେ ତୁମ କର୍ତ୍ତବ୍ୟରେ ଅବହେଳା କରିଛ। ତୁମେ କସ୍ତୁରୀ ସମ୍ବନ୍ଧରେ କେବଳ କହିଥିଲ, କସ୍ତୁରୀଙ୍କର ପରିଚୟ ଦେବା ଦରକାର ନାହିଁ।" ସେକ୍ରେଟାରୀ ଏଥିପାଇଁ କ୍ଷମା ମାଗୁଥିଲା ବେଳେ ଓ ବାବା ତାହା ଅସ୍ୱୀକାର କରୁଥିବାବେଳେ ବାବା ମୋର ପ୍ରତିକ୍ରିୟା ଲକ୍ଷ୍ୟ କରୁଥିବା ମୁଁ ଜାଣିପାରିଲି। ମୁଁ ଜାଣିଥିଲି ଏହି ଦୃଶ୍ୟ ବାବା ନିଜେ ସୃଷ୍ଟି କରିଛନ୍ତି ଉଦ୍ଦେଶ୍ୟମୂଳକ ଭାବରେ। ଏହାଦ୍ୱାରା ସେ ଆମକୁ ତାଙ୍କର ସର୍ବମୟତା ସମ୍ପର୍କରେ ପୁନଶ୍ଚ ସଚେତନ କରାଇ ଦେଉଛନ୍ତି ଓ ଶିକ୍ଷା ଦେଉଛନ୍ତି ଯେ ଆତ୍ମୀୟତା ନାମରେ ପ୍ରଚଳିତ ବିଧାନକୁ ଲଙ୍ଘନ କରିବା ବିଧେୟ ନୁହେଁ। ଏହା ମୋ ପାଇଁ ଥିଲା ଏକ ଅହଙ୍କାର-ବିମର୍ଦ୍ଦିନୀ ଶିକ୍ଷା।

ବମ୍ବେଠାରୁ ମାଡ୍ରାସ ଅଭିମୁଖରେ ରେଳଗାଡି ଧରିଲି। ରେଣିଗୁଣ୍ଟାରେ ଓହ୍ଲାଇ ନେଲୋର୍‌ରେ ପହଞ୍ଚିଲି ଯେତେବେଳେ, ଭକ୍ତମାନେ ମୋତେ ସାଧାରଣ ସଭାରେ ସମ୍ଭାଷଣ ଦେବାକୁ କହିଲେ। ଶ୍ରୋତାମାନେ ମୋତେ ତେଲୁଗୁରେ କହିବାକୁ ଅନୁରୋଧ କରୁଥିଲାବେଳେ ସଭା ଆୟୋଜକମାନେ ଇଂରାଜୀ ସପକ୍ଷରେ ଥିଲେ। ବାବା ମୋତେ ମାସ ମାସ ଧରି ସନାତନ ସାରଥିର ତେଲୁଗୁ ଲେଖା ମାଧ୍ୟମରେ ତେଲୁଗୁ ଶିକ୍ଷା ଦେଇ ଆସିଛନ୍ତି। ବାବା ପ୍ରଥମେ ତାଙ୍କ ଲେଖାଟିକୁ ମୋତେ ପଢ଼ି ଶୁଣାନ୍ତି। କୌଣସି ଢଗ, ଲୋକକଥା କିମ୍ବା ଭାଷାର ବିଶେଷ ପ୍ରୟୋଗ ତଥା ତତ୍ତ୍ୱ ବୁଝି ନ ପାରିଲେ ସହଜ ତେଲୁଗୁ ଭାଷାରେ ବୁଝାଇ ଦିଅନ୍ତି। ପ୍ରଶାନ୍ତିନିଲୟମ୍‌ରେ ସେ ମୋତେ ଯେଉଁ ଘର ଦେଇଥିଲେ ସେଠି ଆସି ରହିବା ପରଠାରୁ

ବାବା ତାଙ୍କ ସହିତ ତେଲୁଗୁରେ ହିଁ କଥାବାର୍ତ୍ତା କରିବାକୁ ମୋତେ ନିର୍ଦ୍ଦେଶ ଦେଇଥିଲେ। ଫଳରେ ପୋତନାଙ୍କ ଭାଗବତ, ନାନ୍ନାୟା ଭଟ୍ଟଙ୍କ ମହାଭାରତ ଏବଂ ତ୍ୟାଗରାଜଙ୍କ କୀର୍ତ୍ତନସବୁ ପଢ଼ିବାର ଧୈର୍ଯ୍ୟ ଓ ସାହସ ମୁଁ ପାଇଥିଲି। ଏସବୁ ପୁସ୍ତକ ପୂର୍ବ ଗୋଦାବରୀ ଜିଲ୍ଲାର ଜଣେ ଭକ୍ତଙ୍କ ପାଖରେ ବସି ମୁଁ ପଢ଼ିଥିଲି। ସେ ଅବଶ୍ୟ ପରେ ପୁଟ୍ଟପର୍ତ୍ତିରୁ ରମଣାଶ୍ରମ ଚାଲି ଯାଇଥିଲେ। ଏସବୁ ପୁରାତନ କାବ୍ୟମାନଙ୍କରୁ ମୁଁ ବେଶୀ କିଛି ଶିଖିପାରି ନ ଥିଲି, ମାତ୍ର ଯାହା ଶିଖିଥିଲି ତାହା ଖୁବ୍ ମୂଲ୍ୟବାନ୍ ଥିଲା। ଏହାଫଳରେ ତେଲୁଗୁ ସନାତନ ସାରଥିର ସମ୍ପାଦନା ଟିକିଏ ଅଧିକ ଆତ୍ମବିଶ୍ୱାସର ସହ କରିପାରିଥିଲି। ସାଇ ପୁସ୍ତକ ପ୍ରକାଶନ ଫାଉଣ୍ଡେସନ୍‌ର ତେଲୁଗୁ ପୁସ୍ତକ ପ୍ରକାଶନ ବିଭାଗର ଆବାହକ ଭାବରେ ବର୍ଷଟିଏ କାମ କରିଥିଲି। ତେଲୁଗୁ ଭାଷାଭାଷୀ ଅଞ୍ଚଳମାନଙ୍କରେ ତେଲୁଗୁ ଶ୍ରୋତାଙ୍କୁ ତେଲୁଗୁ ଭାଷାରେ ଭଗବାନଙ୍କ ସମ୍ପର୍କରେ ନିର୍ଭୟର ସହ କହିପାରିଥିଲି। ମାତ୍ର ଅବତାରଙ୍କ ମାତୃଭାଷାରେ ତାଙ୍କ ଉପସ୍ଥିତିରେ ଭାଷଣ ଦେବାର ସାହସ ଏଯାଏ ମୋର ହୋଇନାହିଁ।

୧୯୭୭ ମସିହା ନଭେମ୍ବର ୧୯ ତାରିଖ ଦିନ ଆନ୍ଧ୍ରପ୍ରଦେଶର କୃଷ୍ଣାନଦୀ ଅବବାହିକାରେ ପ୍ରବଳ ବାତ୍ୟା ଯୋଗୁ ସମୁଦ୍ର ମାଡି ଆସି ଅକଳନ ଧନଜୀବନର ବିନାଶ ଘଟାଇଥିଲା। ସେହି ସମୟରେ ଦୁର୍ଦ୍ଦଶାଗ୍ରସ୍ତ ଲୋକମାନଙ୍କୁ ଭଗବାନଙ୍କର କୃପା ଓ ଅନୁଗ୍ରହ ସମ୍ପର୍କରେ ଲୋକମାନଙ୍କୁ ବୁଝାଇ କହିଲାବେଳେ ମୁଁ ତେଲୁଗୁ ଭାଷା ସନ୍ତୋଷଜନକ ଭାବରେ ବ୍ୟବହାର କରିପାରିଥିଲି। ସେ ସମୟରେ ପୁଟ୍ଟପର୍ତ୍ତିରେ ୨୦, ୨୧ ଏବଂ ୨୨ ତାରିଖରେ ସତ୍ୟସାଇ ସେବା ସଙ୍ଗଠନ ସମୂହର ନିଖିଳ ଭାରତ ସମ୍ମିଳନୀ ହେଉଥିଲା ଏବଂ ଅନେକ ଭକ୍ତ ଏ ଦୁର୍ବିପାକ ଆଗରୁ ପୁଟ୍ଟପର୍ତ୍ତି ଚାଲିଆସିଥିଲେ। ଭଗବାନଙ୍କ ନିର୍ଦ୍ଦେଶରେ ସପ୍ତାହକ ମଧ୍ୟରେ ପ୍ରାୟ ଦୁଇଶହ ତାଲିମପ୍ରାପ୍ତ ସେବାଦଳ ସେବକ, ଡାକ୍ତର ଓ ସେମାନଙ୍କ ଚିକିତ୍ସା-ସହାୟକଦଳ ଯାଇ ବାତ୍ୟା ପ୍ରପୀଡିତ ଅଞ୍ଚଳରେ ପହଞ୍ଚିଗଲେ। ସେଠାର ଦୃଶ୍ୟ ବଡ଼ କରୁଣ ଥିଲା। ହଜାର ହଜାର ଲୋକ ନିଃସହାୟ ହୋଇଯାଇଥିଲେ ଓ ଅସଂଖ୍ୟ ଶବ ମାଟି କାଦୁଅରେ ପଡି ସଢୁଥିଲା

ଭକ୍ତମାନେ ଏଠାରେ ଯେଉଁସବୁ ରିଲିଫ୍ ଶିବିରମାନ ସ୍ଥାପନ କରିଥିଲେ, ସେଠାରେ କିଛିଦିନ କଟାଇ ସେବାଦଳ କର୍ମୀମାନେ ଜନସେବାର ଯେଉଁ ଅମୂଲ୍ୟ ଶିକ୍ଷା ଲାଭ କରୁଥିଲେ ତାହାଦ୍ୱାରା ଉପକୃତ ହେବାର ସୁଯୋଗ ଭଗବାନ୍ ମୋତେ ଦେଇଥିଲେ। ପ୍ରକୃତିର କ୍ରୋଧରୁ ଯେଉଁମାନେ ବର୍ତ୍ତି ଯାଇଥିଲେ ସେମାନଙ୍କର ମୁଣ୍ଡ ଗୁଞ୍ଜିବାକୁ ଛାତ ନ ଥିଲା, ପେଟର ଭୋକ ଦୂର କରିବାକୁ ଚାଉଳ ମୁଠେ ନ ଥିଲା। ରିଲିଫ୍ ଶିବିରମାନଙ୍କରେ ଦୁଇଓଳି ପେଟ ପୂରାଇବାକୁ

ସେମାନେ ମାଇଲ୍ ମାଇଲ୍ ଚାଲି ଚାଲି ଆସୁଥିଲେ । ସୂର୍ଯ୍ୟାସ୍ତ ଆଗରୁ ରାତିର ଖାଦ୍ୟ ସେମାନଙ୍କୁ ପରଷା ଯାଉଥିଲା, ଯେମିତି ସେମାନେ ରାତି ଘୋଡ଼ାଇ ପକାଇବା ଆଗରୁ ଆପଣା ଆପଣା ସ୍ଥାନକୁ ଫେରିଯାଇ ପାରିବେ । ଏହି ଅତିଥିମାନଙ୍କୁ ଖାଇବାକୁ ଦେବା ସ୍ଥାନରେ ବାବାଙ୍କର ବଡ ବଡ଼ ଫଟୋମାନ ରଖାଯାଇଥିଲା । ବ୍ରହ୍ମାର୍ପଣଂ ମନ୍ତ୍ର ବୋଲି ସାରିଲା ପରେ ଜୟ ସାଇରାମ କହି ଖାଇବା ଆରମ୍ଭ ହେଉଥିଲା । ମୁଁ ଯାଇ ସେଠାରେ ପହଞ୍ଚିଲା ପରେ ଭକ୍ତମାନେ ଲୋକମାନଙ୍କୁ ଭଗବାନଙ୍କ ସମ୍ବନ୍ଧରେ କିଛି କହିବାପାଇଁ ମୋତେ ଅନୁରୋଧ କଲେ । କାରଣ ଯେଉଁମାନେ ରିଲିଫ୍ ଶିବିରକୁ ଖାଇବାକୁ ଆସୁଥିଲେ ସେମାନେ ଭଗବାନଙ୍କର ଛବି ଦେଖି, ସେବକମାନଙ୍କର ଶ୍ରଦ୍ଧା, ବିନୟ ଓ ଆଗ୍ରହରେ ମୋହିତ ହୋଇ ବାବାଙ୍କ ସମ୍ପର୍କରେ କିଛି ଜାଣିବାକୁ ଚାହୁଁଥିଲେ । ଖାଦ୍ୟ ପରଷା ହେବା ଆଗରୁ ସେମାନଙ୍କୁ ପନ୍ଦର ମିନିଟ୍ ମୋତେ କହିବାକୁ ପଡିବ । ଭୋକିଲା ପେଟରେ ଅନ୍ନ ପାଇଁ ପନ୍ଦର ମିନିଟ୍‌ର ଅପେକ୍ଷା ଖୁବ୍ ଦୀର୍ଘ ହେଲେ ମଧ୍ୟ ସେମାନେ ଏ ଖାଦ୍ୟ ବି ଚାହୁଁଥିବାରୁ ଲୋକମାନଙ୍କ ମଧ୍ୟରେ ମୁଁ ଅଧୀରତା ଦେଖି ନ ଥିଲି ।

ରିଲିଫ୍ ଶିବିରରେ ସେବକମାନଙ୍କୁ ମଧ୍ୟ ମୁଁ କହିଥିଲି ଭଗବାନଙ୍କ ସମ୍ବନ୍ଧରେ । ସେମାନେ ନିରନ୍ନ ଲୋକଙ୍କୁ ଅନ୍ନ ଦେଉଥିଲେ, ବାସହୀନମାନଙ୍କ ପାଇଁ ଛୋଟ ଛୋଟ କୁଡିଆ ଠିଆ କରୁଥିଲେ, ଆଉ ଥଇଥାନ ହେଉଥିବା ଲୋକମାନଙ୍କୁ କିଛି କିଛି ବାସନ ମଧ୍ୟ ଦେଉଥିଲେ । ଗୋଟିଏ ଗାଁରେ ପ୍ରକୃତିର ତାଣ୍ଡବ ନୃତ୍ୟରୁ ବଞ୍ଚିଯାଇଥିଲା ଗୋଟିଏ ମାତ୍ର କୋଠାଘର । ମାତ୍ର ତାର ଗୋଟିଏ ଅଂଶ ବି ଭାଙ୍ଗି ପଡିବା ଅବସ୍ଥାରେ ଥିଲା । ସେ ଘର ଚାରିପଟେ ଜମା ହୋଇଥିଲା ବାତ୍ୟାର ପ୍ରବଳ ଧ୍ୱଂସକାରୀ ଶକ୍ତିର ମୂକସାକ୍ଷୀ ରୂପେ ଉପୁଡି ପଡିଥିବା ମହାଦ୍ରୁମ ଓ ନଡିଆଗଛର ମୁଣ୍ଡଟିମାନ ! ସେଠାରେ ଯେଉଁଦିନ ମୁଁ ପହଞ୍ଚିଲି, ସେଦିନ ଥିଲା ଆମ ସେବା ଶିବିରର ଶେଷଦିନ । ଗତ ୨୫ ଦିନ ହେବ ସେବକମାନେ ଅସହାୟ ଲୋକମାନଙ୍କୁ ଖୁଆଇ ଆସୁଥିଲେ । ମାତ୍ର ସରକାର ଦେଖିଲେ ଏହା ଫଳରେ ଲୋକମାନେ ନିଜ ନିଜର ଗାଁକୁ ଫେରିଯାଇ ପୁଣି କିଛି ଧନ୍ଦାରେ ଲାଗିପଡିବାକୁ କୁଣ୍ଠିତ ହେଉଛନ୍ତି । ସେମାନଙ୍କୁ ମାଛ ଧରିବା ଜାଲ, ହଳଲଙ୍ଗଳ ସବୁ ଯୋଗାଇ ଦେଲେ ମଧ୍ୟ ବସି ବସି ମାଗଣା ଖାଇବାର ଲୋଭ ସେମାନେ ଛାଡିପାରୁ ନାହାନ୍ତି । ଏଣୁ ଆମକୁ ଏ ସେବା ଶିବିର ବନ୍ଦ କରିଦେବାକୁ ନିର୍ଦ୍ଦେଶ ଆସିଥିଲା । ଫଳରେ ସେଦିନ ଲୋକଙ୍କୁ ଗୋଟିଏ ବିଦାୟ ଭୋଜି ଦିଆଯାଇଥିଲା । ଅଲଗା ହୋଇ ବସିଥିବା ପିଲାମାନଙ୍କୁ ମୁଁ ସେଦିନ କ୍ଷିରୀ ପରଷିଥିଲି, ଆଉ ସେମାନେ ଆଖିରେ କୃତଜ୍ଞତା ଭରି ପରମ ଆନନ୍ଦରେ ତାହା ଖାଇଥିଲେ ।

ସପ୍ତଦଶ ଶତାବ୍ଦୀରେ କନ୍ନଡ଼ କବି ଗାଇଥିଲେ, "କନ୍ନଡ଼ ଭାଷା କସ୍ତୁରୀ ନୁହେଁ କି ?" ଏ ଭାଷାର ସୁଗନ୍ଧ ଆବିଷ୍କାର କରି ମୁଁ ଦୀର୍ଘ ୩୩ ବର୍ଷ କାଳ ଏହାର ସେବା କରିଥିଲି । କନ୍ନଡ଼ ଭାଷାଭାଷୀ ମୋର ଏହି ସେବାକୁ ଶ୍ରଦ୍ଧାର ସହ ସ୍ୱୀକାର କରିଥିଲେ ଓ ଫଳରେ କର୍ଣ୍ଣାଟକ ସାହିତ୍ୟ ଏକାଡେମୀ ଦ୍ୱାରା ମୁଁ ପୁରସ୍କୃତ ହୋଇଥିଲି ।

କର୍ଣ୍ଣାଟକ ଛାଡି ମୁଁ ଯେତେବେଳେ ଆନ୍ଧ୍ରପ୍ରଦେଶ ଆସିଲି, ମୋର ଜଣେ ପ୍ରିୟ ଛାତ୍ର ଏବଂ ଜଣେ ବିପ୍ଲବୀ କବି ଓ ଲେଖକ ଶ୍ରୀ ଜି.ପି.ରାଜରତ୍ନମ୍ ଏହାକୁ ନଦୀରୁ ସମୁଦ୍ରଗମନ ବୋଲି ବର୍ଣ୍ଣନା କରିଥିଲେ । କନ୍ନଡ଼ ଭାଷାରେ ବି ସତ୍ୟଂ ଶିବଂ ସୁନ୍ଦରଂ ଲେଖିବାରେ ମୁଁ ସମର୍ଥ ହୋଇଥିଲି । ମୋର ପୂର୍ବପୁରୁଷମାନେ ତାମିଲ୍ ରାଜ୍ୟରୁ କେରଳ ଯାଇଥିଲେ । ମୋ ବୋଉର ତାମିଲ୍ ଭାଷା ମାତୃଭାଷା ଥିଲା । ଏଣୁ ସେ ଭାଷାପ୍ରତି ମୋର ଋଣ ପରିଶୋଧ କରିଥିଲି ସତ୍ୟଂ ଶିବଂ ସୁନ୍ଦରଂ ପୁସ୍ତକଟିକୁ ତାମିଲ୍‌ରେ ଲେଖି । ଗତ ପଚିଶି ବର୍ଷ ଧରି ଭାରତୀୟ ଉପମହାଦେଶରେ ଶହ ଶହ ଗାଁ ଓ ନଗରୀମାନଙ୍କରେ ଭଗବାନଙ୍କର ମହିମା ଓ ପ୍ରେମ ସମ୍ବନ୍ଧରେ ମୋର କ୍ଷୀଣ ଜ୍ଞାନକୁ ବୁଝାଇ କହିଛି । ଏସବୁ ସ୍ଥାନରେ ମୁଁ ଶ୍ରୋତାମାନଙ୍କୁ ଅନୁପ୍ରାଣିତ ଓ ଉତ୍ସାହିତ କରିବା ଭଳି ଜଣାପଡୁଥିଲେ ମଧ୍ୟ ମୁଁ ଜାଣିଥିଲି ଭଗବାନ୍ ମୋତେ ଏ କାମ ଦେଇଥିଲେ ମୋର ବିଶ୍ୱାସକୁ ଟାଣ କରିବାକୁ ଓ ମୋର ଅହଂକାରକୁ ନାଶ କରିବାକୁ ।

ମୁଁ ଦେଖିଛି ବହୁ ଦୂରଦୂରାନ୍ତର ଭକ୍ତମାନେ ବି ବାବାଙ୍କର ଅଖଣ୍ଡ ଉପସ୍ଥିତି ଉପଲବ୍ଧି କରୁଛନ୍ତି । ମୁଁ ଯେତେବେଳେ ସେମାନଙ୍କୁ ବାବାଙ୍କ ସର୍ବଜ୍ଞତା ଓ ସର୍ବମୟତାର ନିଦର୍ଶନ ସବୁ କହେ, ସେମାନଙ୍କ ମୁହଁ ଆନନ୍ଦରେ ଝଲି ଉଠେ, ସନ୍ତୋଷରେ ସେମାନଙ୍କ ପ୍ରାଣ ପୂରି ଉଠେ । ବାବାଙ୍କର କୌଣସି ସମ୍ଭାଷଣପୂର୍ବ ଗୀତଟିଏ ଗାଇଲାବେଳେ ଏହା ସେମାନଙ୍କ ହୃଦୟରେ ଯେଉଁ ପ୍ରତିଧ୍ୱନି ସୃଷ୍ଟି କରେ, ମୁଁ ତାହା ଶୁଣିପାରେ । ବାବାଙ୍କ ମୁହଁରୁ ବାହାରିଥିବା ଭାଷାର ମଧୁରତା ସତେ ଯେମିତି ସେମାନଙ୍କ ପକ୍ଷରେ ଯଥେଷ୍ଟ, ଏହାକୁ ବୁଝାଇବା ବାହୁଲ୍ୟ ମାତ୍ର । ତିରୁପତି, ତାଞ୍ଜୋର୍, ମଦୁରାଇ ଓ ଉଡୁପିର ଭକ୍ତମାନେ ବାବାଙ୍କୁ ସେଇ ପୁରାତନ ମନ୍ଦିରମାନଙ୍କର ଅଧିଷ୍ଠାତା ଦେବମୂର୍ତ୍ତି ବୋଲି ବିଚାରିଥାନ୍ତି । ସେମାନଙ୍କର ବିଶ୍ୱାସ ଭକ୍ତରକ୍ଷଣ ନିମନ୍ତେ ଏହି ଦେବମୂର୍ତ୍ତିମାନେ ମନୁଷ୍ୟ ଶରୀର ଘେନି ବାବାଙ୍କ ରୂପରେ ହିଁ ଆସିଛନ୍ତି ।

ସତ୍ୟସାଇ ସେବା ସଙ୍ଗଠନ ଏକ ନିର୍ଦ୍ଦିଷ୍ଟ ପ୍ରଶାସନିକ ରୂପ ଗ୍ରହଣ କରିବା ଆଗରୁ ସାଧାରଣ ଭକ୍ତମାନଙ୍କୁ ପ୍ରତାରକମାନଙ୍କ ସମ୍ପର୍କରେ ସତର୍କ କରାଇ ଦେବାପାଇଁ ଭଗବାନ୍

ମୋତେ ନିର୍ଦ୍ଦେଶ ଦେଇଥିଲେ। ନିଜକୁ ଭଗବାନଙ୍କ ପ୍ରତିନିଧି ବା ଶିଷ୍ୟ ବୋଲି ଦାବି କରୁଥିବା ଏହି ପ୍ରତାରକମାନେ ଅବତାରଙ୍କୁ ଏକ ନୂତନ ଧର୍ମମତର ପ୍ରତିଷ୍ଠାତା ବୋଲି ପ୍ରଚାର କରି ସେଥିରୁ ଲାଭ ଉଠାଇବା ମତଲବ୍‌ରେ ଥିଲେ! ଯେଉଁ ସରଳବିଶ୍ୱାସୀ ଭକ୍ତମାନେ ଜାଣି ନ ଥିଲେ ଯେ ଅବତାର ଏକ ନୂତନ ମତ ପ୍ରତିଷ୍ଠା କରିବାକୁ ଆସନ୍ତି ନାହିଁ, ଲୋକମାନଙ୍କ ମଧ୍ୟରେ ଈଶ୍ୱରବିଶ୍ୱାସ ଦୃଢ଼ କରିବାକୁ ଆସନ୍ତି, ଯିଏ ଯେଉଁ ନାମ ଓ ରୂପର ଉପାସନା କରୁ ସେଥିରେ ତାର ପ୍ରତ୍ୟୟ ଟାଣ କରିବା ତାଙ୍କର ବ୍ରତ, ସେମାନେ ଏ ମିଥ୍ୟାଚାରୀମାନଙ୍କୁ ଯେ କେବଳ ବିଶ୍ୱାସ କରୁଥିଲେ ତାହା ନୁହଁ, ଏମାନଙ୍କୁ ଶ୍ରଦ୍ଧା ଓ ଭକ୍ତି ଦେଖାଇବାରେ ମଧ୍ୟ କୁଣ୍ଠିତ ହେଉ ନଥିଲେ। ଏ ପ୍ରକାରର ମାନସିକ ରୋଗୀମାନେ ଦାବି କରୁଥିଲେ ଯେ ବାବା ସେମାନଙ୍କୁ ବିଶେଷ ବର ଓ କ୍ଷମତା ଦେଇଛନ୍ତି। ଏହି କାମରେ ତାମିଲନାଡୁ, କର୍ଣ୍ଣାଟକ ଓ କେରଳର ବିଭିନ୍ନ ଜିଲ୍ଲାକୁ ମୋତେ ଏକାଧିକ ବାର ଯିବାକୁ ପଡିଛି। କର୍ଣ୍ଣାଟକ ରାଜ୍ୟ ସେବା ସଙ୍ଗଠନର ରାଜ୍ୟ ସଭାପତି ଭାବରେ ମୁଁ ତିନିବର୍ଷ କାମ କରିଥିଲି। ଏ ସମୟ ମଧ୍ୟରେ ମୋର ପ୍ରଧାନ କାମ ଥିଲା ରାଜ୍ୟରୁ ଏସବୁ ପ୍ରତାରଣା ଓ ଭଣ୍ଡାମିର ବିଷ ଦୂର କରି ଭକ୍ତମାନଙ୍କର ବିଶ୍ୱାସ ଓ ଜ୍ଞାନକୁ ନିର୍ମଳ ଓ ଟାଣ କରିବା।

ଜଣେ ଜିଲ୍ଲା ସଭାପତିଙ୍କର ବାବାଙ୍କ ସମ୍ବନ୍ଧରେ ଆକାଶଚୁମ୍ବୀ ଅଜ୍ଞତା ଦୂର କରିବା ନିମନ୍ତେ ମୋତେ ବିଶେଷ ଯତ୍ନ କରିବାକୁ ପଡିଥିଲା। ସେ ବିଚାରିଥିଲେ ବାବା ଜଣେ ଦୀକ୍ଷିତ ସନ୍ନ୍ୟାସୀ। ଏଣୁ ସେ ତାଙ୍କ ଜିଲ୍ଲାର କୌଣସି ତୀର୍ଥକ୍ଷେତ୍ରରେ ବାବାଙ୍କୁ ଚାତୁର୍ମାସ୍ୟା ବ୍ରତ ପାଳନ କରିବା ନିମନ୍ତେ ନିମନ୍ତ୍ରଣ କରିଥିଲେ। ସଙ୍ଗଠନର ଆଉ ଜଣେ ପଦାଧିକାରୀ ଗୋଟିଏ ସୁନ୍ଦର ଚଉକି ତିଆରି କରାଇ ମୋତେ ଲେଖିଥିଲେ ଯେ ସେ ବାବାଙ୍କ ପାଇଁ ଗୋଟିଏ ସୁନ୍ଦର ଚଉକି ତିଆରି କରି ଆଣିଛନ୍ତି, ତେଣୁ ତାଙ୍କ ଜିଲ୍ଲାକୁ ଗସ୍ତରେ ଆସିବାପାଇଁ ମୁଁ ତାଙ୍କ ପକ୍ଷରୁ ବାବାଙ୍କୁ ଅନୁରୋଧ କରିବି। ଏହି ଜିଲ୍ଲା ସଭାପତିଙ୍କ ପାଖକୁ ମୋତେ କିଛି ଉତ୍ତମ-ମଧ୍ୟମ ଲେଖିବାକୁ ପଡିଥିଲା। ଆଉଥରେ ଗୋଟିଏ ସହରର ସଂଗଠନର ଦୁଇଜଣ ବିରୋଧୀ ନେତାଙ୍କୁ ଏକାଠି ଗୋଟିଏ ତିନିଚକିଆ ମୋଟର ରିକ୍‌ସାରେ ବସାଇ ଘଣ୍ଟାଏ ବୁଲାଇବାକୁ ପଡିଥିଲା। ଫେରିଲାପରେ ସେମାନେ ପରସ୍ପର ମଧ୍ୟରେ ଥିବା ବିବାଦ ପାସୋରି ସବୁଦିନ ପାଇଁ ପରସ୍ପରର ବନ୍ଧୁ ହୋଇଗଲେ। କୁମାରୀକା ଅନ୍ତରୀପ ନିକଟରେ ଗୋଟିଏ ଟାଉନ୍‌ରେ ଦୁଇଟି ବିବଦମାନ ସମିତି ଥିଲା। ମୁଁ ମୂଳ ସମିତିରେ ସଭ୍ୟମାନଙ୍କୁ ଭାଷଣ ଦେଉଥିବା ବେଳେ ବିରୋଧୀ ସମିତିର ସଭାପତି ସେ ହଲର ଫାଟକ ପାଖରେ ମୋ ପାଇଁ ଅପେକ୍ଷା କରିଥିଲେ। ଆଉ ଗୋଟିଏ

ସ୍ଥାନରେ ତାଙ୍କର ଶହେ ପାଖାପାଖି ସମର୍ଥକ ବସି ଭଜନ କରୁଥିଲେ। ସେଠାକୁ ଯିବା ପାଇଁ ସେ ମୋତେ ବାଧ୍ୟ କରିବାରୁ ମୁଁ ଗଲି, ଆଉ ସେମାନଙ୍କୁ ସେମାନଙ୍କର ସଭାପତି ତଥା ଦୁଇଟି ସମିତିର କଳହ ଏବଂ ସେମାନେ କିପରି ମମକାରର ବଶବର୍ତ୍ତୀ ହୋଇ ଆଧ୍ୟାତ୍ମିକତାର ପ୍ରଥମ ପାଠ ଶିଖିବାକୁ ଅନିଚ୍ଛୁକ, ତାହା ବୁଝାଇ କହିଲି।

ଥରେ ଗୋଟିଏ ସମିତି ତାମିଲ୍‌ନାଡୁର ଅଶୀବର୍ଷ ବୟସର କବି ଯୋଗୀ ଶୁଦ୍ଧାନନ୍ଦ ଭାରତୀଙ୍କୁ ଦୁଇଟି ସନ୍ଧ୍ୟାରେ ଦୁଇଟି ସଭାରେ ସଭାପତିତ୍ୱ କରିବାକୁ ଡାକିଥିଲେ। ସେଥିରେ ମୋର ମଧ୍ୟ ଭାଷଣ ଦେବାର ଥିଲା। ଦ୍ୱିତୀୟ ସନ୍ଧ୍ୟାରେ ବାବାଙ୍କ ସମ୍ବନ୍ଧରେ ସେ ଦୀର୍ଘ ପଚିଶ ମିନିଟ୍ ଏଣୁତେଣୁ କହିବା ପରେ ଖୁବ୍ ଉଚ୍ଚ କଣ୍ଠରେ ଚିତ୍କାର କରି କହିଲେ, "ଜୟ ମେହେର ବାବା କୀ ଜୟ" !

ଆପଣମାନଙ୍କୁ ମୋର ଆଉ କେତୋଟି ଅଦ୍‌ଭୁତ ଅଭିଜ୍ଞତାର କଥା କହିବି। ଧର୍ମପୁରମ୍ ସମିତିର ସଭାପତି ଥରେ ମୋତେ ତାଙ୍କ ଘରକୁ ଡାକିଥିଲେ। ମୁଁ ତାଙ୍କ ଘରକୁ ଯାଇ ଚଉକିରେ ବସିପଡ଼ିବା ମାତ୍ରେ, ମୋ ପାଦର ଉପରଭାଗରେ ଚମଡ଼ା ଧଳା ପଡ଼ିଯାଇଥିବା ସେ ଲକ୍ଷ୍ୟ କଲେ। ଏ ବିଷୟରେ ସେ ମୋତେ ପଚାରିବାରୁ ମୁଁ କହିଲି ଅନେକଦିନ ତଳେ ଚମଡ଼ା ଚପଲ ପିନ୍ଧି ସେଠାରେ ଏକ୍‌ଜିମା ହୋଇଯାଇଥିଲା। ଡାକ୍ତରମାନେ ପାଦକୁ ଖୋଲା ରଖିବାକୁ ପରାମର୍ଶ ଦେଇଥିଲେ। ବୋଧହୁଏ ସେମାନେ ଅଲ୍‌ଟ୍ରାଭାୟୋଲେଟ୍ କିରଣ ପାଦରେ ପଡୁ ବୋଲି ଭାବୁଥିଲେ। ଏ କିରଣ କେଉଁ ଜାତିର ତାହା ମୁଁ ଜାଣି ନ ଥିଲେ ମଧ୍ୟ ମୁଁ ସେମାନଙ୍କ ଉପଦେଶ ମାନିଥିଲି। ରୋଗଟା ଭଲ ହୋଇଗଲା, ମାତ୍ର ଚମଡ଼ା ଉପରେ ତାର ଚିହ୍ନ ରହିଗଲା। ମାତ୍ର ସେ ମୋ କଥା ବିଶ୍ୱାସ ନ କରି ମୁଣ୍ଡ ହଲାଇ ହଲାଇ କହିଲେ, "ନାଇଁ ସାର୍, ଆପଣ ମୋତେ ଠକିପାରିବେ ନାହିଁ। ଏଇଟା ହେଉଛି କୁଷ୍ଠ ରୋଗ।" ଏହା କହି ସେ ଗୋଟାଏ ବଡ଼ କିଛି ଆବିଷ୍କାର କରିଛନ୍ତି ବିଚାରି ଟିକେ ସ୍ମିତହାସ କଲେ। ମୁଁ ଆଶ୍ଚର୍ଯ୍ୟ ହୋଇ ଚାହିଁଛି, ସେ ଏଥିପାଇଁ ଯୁକ୍ତି ବାଢ଼ିଲେ "ସାର୍, ଶ୍ରୀ ସତ୍ୟସାଇ ବାବା ହେଉଛନ୍ତି ଶିରଡ଼ି ବାବାଙ୍କର ପୁନଃ ଅବତାର। ଆପଣ ଏହା ମାନିବେ ତ ?" ମୁଁ କହିଲି, "ହଁ, ସେ ନିଜେ ତ ଏକଥା କହିଛନ୍ତି।" "ତାହାହେଲେ ସାର୍, ଆପଣ ନିଶ୍ଚୟ ମାନିବେ ଯେ, ଶିରଡିବାବା ଲେଣ୍ଡିକୁ ଗଲାବେଳେ ତାଙ୍କ ମୁଣ୍ଡ ଉପରେ ଗୋଟିଏ ଛତ୍ର ଧାରଣ କରାଯାଉଥିଲା, ଆଉ ଏବେ ସତ୍ୟସାଇବାବା ଶୋଭାଯାତ୍ରାରେ ଗଲାବେଳେ ବି ତାଙ୍କ ମୁଣ୍ଡ ଉପରେ ଗୋଟିଏ ଛତ୍ର ଧରାଯାଏ।" ତାଙ୍କର ଯୁକ୍ତିର ଦିଗଟିକୁ ବୁଝି ନ ପାରି ମୁଁ କେବଳ କହିଲି, "ହଁ"। ତାପରେ ସେ ମୋତେ ଆଙ୍ଗୁଠି

ଦେଖାଇ କହିଲେ, "ଆପଣ ନିଜେ ସେ ଛତ୍ର ଧରନ୍ତି ନା ?" ମୁଁ ଉତ୍ତର ଦେଲି, "ହଁ, ଯେତେବେଳେ ବାବା ମୋତେ ସେ ସୌଭାଗ୍ୟ ପ୍ରଦାନ କରନ୍ତି।" ସେ ସଙ୍ଗେ ସଙ୍ଗେ କହିଉଠିଲେ, "ଆପଣ ମନା କରିପାରିବେ ନାହିଁ। ମୋ ପାଖରେ ସେ ଫଟୋ ଅଛି।" ସେ ଘର ଭିତରକୁ ଯାଇ ଶ୍ରୀ ସାଇ ସଚ୍ଚରିତ୍ର ବହିଟି ଆଣିଲେ ଆଉ ମୋତେ କହିଲେ, "ସାର୍, ଶୁଣନ୍ତୁ। ଏ ବହିଟି ହେଉଛି ଆମ ବାବାଙ୍କ ଶିରଡିରେ ଥିଲାବେଳର ଜୀବନ ଚରିତ। ସେ ସମୟରେ ଭାଗୋଜୀ ସିନ୍ଧିଆ ନାମକ ଜଣେ କୁଷ୍ଠରୋଗୀ ଶିରଡି ବାବା ଲେଣ୍ଡିକୁ ଗଲାବେଳେ ଓ ସେଠାରୁ ଫେରିଲାବେଳେ ତାଙ୍କ ମୁଣ୍ଡ ଉପରେ ଦେବଛତ୍ର ଟେକି ଧରୁଥିଲା। ପ୍ରତିଦିନ ସକାଳେ ବାବା ଧୂନି ପାଖରେ ବସିଲାପରେ ସେ ତାଙ୍କର ସେବା କରୁଥିଲା।" ତାପରେ ବହିଟିକୁ ବନ୍ଦ କରିଦେଇ ସେ ଘୋଷଣା କଲେ "ତେଣୁ ଆପଣ ହେଉଛନ୍ତି ସେଇ ଭାଗୋଜୀ ସିନ୍ଧିଆ, ଆଉ ଆପଣଙ୍କ ପାଦର ଏ ଧଳାଚିହ୍ନ କୁଷ୍ଠ।" ମୁଁ ଉତ୍ତର ଦେଲି, "ତୁମର ଏ ଆବିଷ୍କାର ଯଦି ଆମ ବାବାଙ୍କଠାରେ ତୁମର ବିଶ୍ୱାସକୁ ଦୃଢ଼ କରୁଛି, ତେବେ ଏହାକୁ ମୁଁ ଗ୍ରହଣ ନ କଲେ ମଧ୍ୟ ଏହାର ବିରୋଧ କରିବି ନାହିଁ।"

ପ୍ରାୟ ଆଠ ବର୍ଷ ତଳେ ଚାରିଜଣ ସୁସ୍ଥସବଳ ଯୁବକ ପ୍ରଶାନ୍ତିନିଲୟମ୍ ଆସି ଏଠି କେତେ ସପ୍ତାହ ଥିଲେ। ସେମାନେ ବିଖ୍ୟାତ ନଟରାଜ ମନ୍ଦିର ଥିବା ଚିଦାମ୍ବରମ୍‌ଠାରୁ ଆସିଥିଲେ। ସେଠା ସମିତିର ସେମାନେ ଥିଲେ ସକ୍ରିୟ କର୍ମୀ। ସେମାନେ ବାରମ୍ବାର ମୋତେ ଭେଟି ସେମାନଙ୍କ ଟାଉନ୍‌କୁ ଯିବା ପାଇଁ ମୋତେ ବାଧ୍ୟ କରୁଥିଲେ। ସେମାନେ ମୋତେ ସାଙ୍ଗରେ ନେବାପାଇଁ ଏକରକମ୍ ବଦ୍ଧପରିକର ଥିଲେ, ଆଉ ମୁଁ ରାଜି ହେବାଯାଏ ପ୍ରଶାନ୍ତିନିଲୟମ୍‌ରେ ରହିବାକୁ ଠିକ୍ କରିଥିଲେ। ସାରାଦିନ ସେମାନେ ଦଳ ଭାବରେ ଆସି ବା ଜଣେ ଜଣେ ଆସି ମୋତେ ସେ ଗୋଟିଏ ପ୍ରଶ୍ନ ହିଁ ପଚାରୁଥିଲେ, "ସାର୍, କେଉଁଦିନ ବାହାରିବା ?" ଦିନେ ମୁଁ ବ୍ୟସ୍ତ ହୋଇ ପାଟିକରି ଉଠିଲି, "କ'ଣ ତୁମ୍ଭେମାନେ ମୋତେ ହାତଗୋଡ଼ ବାନ୍ଧି ଟେକି ନେବାକୁ ବସିଛ ?" ତଥାପି ସେମାନେ ନିରସ୍ତ ହେଲେ ନାହିଁ। ବରଂ ଦିନକୁ ଦିନ ମୋ ଉପରେ ସେମାନଙ୍କର ଚାପ ବଢ଼ିବାକୁ ଲାଗିଲା। ଶେଷରେ ବାଧ୍ୟ ହୋଇ ସେ ଚାରିଜଣଙ୍କ ସାଙ୍ଗରେ ଯିବା ପାଇଁ ମୁଁ ରାଜି ହୋଇଗଲି।

ଆମେ ଚିଦାମ୍ବରମ୍‌ରେ ପହଞ୍ଚିବାକୁ ଆଉ ଅଳ୍ପ ସମୟ ଅଛି, ସେମାନେ ମୋତେ ଗୋଟିଏ ଗୁପ୍ତ କଥା କହିବାକୁ ବାହାରିଲେ। ମୁଁ ପ୍ରଶାନ୍ତିନିଲୟମ୍‌ରେ ସେମାନଙ୍କ ଉପରେ

ରାଗି ପାଟି କଲେ ମଧ୍ୟ ସେମାନେ କାହିଁକି ନିରସ୍ତ ହେଲେ ନାହିଁ ତାହା ଫିଟାଇ କହିଲେ। ସେ ଌରିଜଣଙ୍କ ମଧ୍ୟରେ ଯିଏ ସବୁଠୁ ଅଧିକ ବୟସ୍କ ସିଏ ଚିଦାମ୍ବରମ୍‌ଠାରେ ଗୋଟିଏ ଗୁରୁବାର ରାତି ଓ ଶୁକ୍ରବାର ପାହାନ୍ତିଆବେଳକୁ ସ୍ୱପ୍ନ ଦେଖିଲା ଯେ ସେମାନେ ଌରିଜଣଯାକ ପ୍ରଶାନ୍ତିନିଳୟମ୍ ବାରଣ୍ଡାରେ ବସିଛନ୍ତି। ସୂର୍ଯ୍ୟ ଉଇଁ ଆସୁଛି, ପାଗ ବେଶ୍ ନିର୍ମଳ ଓ ଉଷୁମ ଅଛି। ଖୁବ୍ ସୁନ୍ଦର ପବନ ବହୁଛି। କେବଳ ସେଇମାନେ ହିଁ ବାବାଙ୍କ ଇଣ୍ଟରଭ୍ୟୁ ରୁମ୍‌ର ଦ୍ୱାର ସାମନାରେ ବସିଛନ୍ତି। ହଠାତ୍ ଦ୍ୱାର ଖୋଲିଗଲା ଓ ଅଧାମେଲା ଦ୍ୱାର ଭିତରେ ଌହିଁ ବାବା ସେମାନଙ୍କୁ ଡାକିଲେ। ସେମାନେ ଭିତରକୁ ଯାଇ ଦେଖିଲେ ମୁଁ ଚଟାଣରେ ଶୋଇଛି। ବାବା ସେମାନଙ୍କୁ କହିଲେ, "ସେ ମରିଯାଇଛି। ତୁମେ ଌରିଜଣ ୟାର ମୃତ ଶରୀରକୁ କାନ୍ଧେଇ ବାହାରକୁ ନେଇଯାଅ।" ସେମାନେ ମୋତେ ଭିତରୁ ବାହାର କରି ଆଣିଲାବେଳେ ବାବା ନୀରବରେ ଌହିଁ ରହିଥିଲେ। ବାହାରକୁ ଆସିଲା ପରେ ବାବା କବାଟ ବନ୍ଦ କଲେ, ଆଉ ତାର ସ୍ୱପ୍ନ ବି ଭାଙ୍ଗିଗଲା। ଉଠିପଡି ସେ ଯେତେବେଳେ ତାର ଅନ୍ୟ ତିନିଜଣ ସାଙ୍ଗକୁ ଏକଥା କହିଲା, ସେମାନେ ସେଇଦିନ ପ୍ରଶାନ୍ତିନିଳୟମ୍ ଆସିବା ପାଇଁ ସିଦ୍ଧାନ୍ତ କଲେ ଆଉ କେହି ଏ ସୁଯୋଗ ନେଇସାରିଛି, ନା ଏ ଘଟଣା ସେମାନଙ୍କ ପାଇଁ ଅପେକ୍ଷା କରି ରହିଛି ଦେଖିବାକୁ! ପ୍ରଶାନ୍ତିନିଳୟମରେ ସେମାନେ ଆସି ପହଞ୍ଚିଲେ, ସପ୍ତାହେ ଅପେକ୍ଷା କଲେ! ମାତ୍ର ମୋର ମୃତ୍ୟୁ ହେବାର କୌଣସି ସୂଚନା ନ ଦେଖି ସେମାନେ ଠିକ୍ କଲେ ମୋତେ ଧରି ଚିଦାମ୍ବରମ୍ ଫେରିବେ। ସେମାନେ ଭାବିଲେ ପ୍ରଶାନ୍ତିନିଳୟମ୍‌ରେ ପହଞ୍ଚିବା ପରେ ସେମାନଙ୍କର କିଛି ଗୋଟାଏ କରିବାର ଅଛି! ଯିଏ ସ୍ୱପ୍ନ ଦେଖିଥିଲା, ସେ କହିଲା, "ସାର୍, ପ୍ରଶାନ୍ତିନିଳୟମ୍‌ରେ ଆପଣ ଆମ ଉପରେ ରାଗି ଯାହା କହିଲେ ତାହା ଆପଣଙ୍କର ମନେଅଛି ନା? ବାବା ସ୍ୱପ୍ନରେ ଆମକୁ ଯେଉଁ କାମ ଦେଇଥିଲେ ତାହା ଆପଣଙ୍କ କଥା ସମର୍ଥନ କରୁନାହିଁ କି?" ତାର ସାଙ୍ଗଟିଏ ମୋ କଥାକୁ ଉଦ୍ଧାର କରି କହିଲା, "ଆପଣ କହିଥିଲେ, ତୁମେ ଌରିଜଣ କ'ଣ ମୋର ଗୋଡ଼ହାତ ବାନ୍ଧି ଟେକି ନେବାକୁ ବସିଛ?" ଏକଥା ଶୁଣି ମୁଁ ହସରେ ଫାଟି ପଡିଲି, ଆଉ ଚିଦାମ୍ବରମ୍ ଭାଇଟିର ସ୍ୱପ୍ନ କଥା ମନେ ପକାଇ ମନେ ମନେ ଭାବିଲି, ସତେ କ'ଣ ଏପରି ପରମ ଆନନ୍ଦମୟ ମୃତ୍ୟୁ ମୁଁ ଲାଭ କରିବି! ସେମାନେ ଯାହା ନିଜର କର୍ତ୍ତବ୍ୟ ବୋଲି ଭାବିଥିଲେ ତା ପ୍ରତି ଏପରି ନିଷ୍ଠା ଓ ତୀବ୍ର ଆକର୍ଷଣ ଦେଖି ସେମାନଙ୍କ ପ୍ରତି ମୋ ମନ ପ୍ରଶଂସାରେ ଭରିଗଲା।

ଦକ୍ଷିଣ ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କାଳରେ ଭଜନ ପ୍ରତି ଲୋକଙ୍କର ଅପରିସୀମ ଆଗ୍ରହ ମୁଁ ଦେଖିଛି। ଭଜନ ଗାଁଲୋକଙ୍କର ପରମ ଆଗ୍ରହର ବସ୍ତୁ। ଭଜନ ଏକମାତ୍ର ସାଧନା

ଯାହା ଗାଁଗହଳର ସାଧାରଣ ଲୋକଙ୍କୁ ଆକୃଷ୍ଟ କରି ସେମାନଙ୍କୁ ଏକାଠି ରଖିପାରେ। କାଠ କାଟିବା, ପାଣି କାଢ଼ିବା ଓ ମାଟି ତାଡିବା ଭିତରେ ଭଜନ ହିଁ ସେମାନଙ୍କ ମଧ୍ୟରେ ସଂହତି ଓ ଐକ୍ୟ ପ୍ରତିଷ୍ଠା କରିପାରେ। ଭଜନର ଉପାଦେୟତା ଉପରେ ଜୋର୍ ଦେଇ ବାବା କହନ୍ତି ଯେ ଏହା ବ୍ୟକ୍ତିର ଚେତନାକୁ କ୍ରମଶଃ ଉର୍ଦ୍ଧ୍ୱମୁଖୀ କରିଥାଏ।

ଲୋକେ ଯେତେବେଳେ ଆପେ ଅନୁଭବ କଲେ ବା ଅନୁଭୂତିସମ୍ପନ୍ନ ଲୋକଙ୍କଠାରୁ ଶୁଣିଲେ ଯେ ସର୍ବବ୍ୟାପୀ, ସର୍ବଜ୍ଞ ଓ ସର୍ବଶକ୍ତିମାନ୍ ପରମାତ୍ମା ସାଇବାବା ରୂପରେ ଅବତାର ନେଲେଣି, ତାଙ୍କର ଚିତ୍ରପଟ କ୍ରମଶଃ ପୂଜାଘରେ ସ୍ଥାନ ପାଇଲା ଓ ଲୋକମାନେ ଶାସ୍ତ୍ରୀୟ ବିଧିମତେ ପୂଜା ଅର୍ଚ୍ଚନା ଆରମ୍ଭ କରିଦେଲେ, ଏଥିପାଇଁ ଭକ୍ତମାନେ ୧୦୮ ନାମ ରଚନା କଲେ ଓ ଏହି ନାମ ଉଚ୍ଚାରଣ କରି ଭଗବାନଙ୍କର ଅର୍ଚ୍ଚନା କଲେ। ମାତ୍ର ବାବା କହନ୍ତି କେବଳ ଯନ୍ତ୍ରପରି ନାମ ଉଚ୍ଚାରଣ କରି ଫୁଲ ଚଢ଼ାଇଲେ ତାହା ଭଗବାନ୍ ଗ୍ରହଣ କରିବେ ନାହିଁ। ଭଗବାନ୍ ଦେଖନ୍ତି ନାମୋଚ୍ଚାରଣ ଓ ପୁଷ୍ପାର୍ଚ୍ଚନା ମଧ୍ୟରେ ଭକ୍ତର ହୃଦୟରେ ଭକ୍ତି ଓ ଆନନ୍ଦ ଅଛି ନା ନାହିଁ। ନାମର ଅର୍ଥ, ତାତ୍ପର୍ଯ୍ୟ ଓ ମହିମା ଉପଲବ୍ଧି କଲେ ଯାଇ ହୃଦୟରେ ଏହି ମୁଗ୍ଧଭାବ ଜାତ ହେବ। ଏହି ଉଦ୍ଦେଶ୍ୟରେ ଭଗବାନ୍‌ଙ୍କ ପାଦପଦ୍ମ ଅର୍ଚ୍ଚନା କରିବା କାଳରେ ଭକ୍ତମାନଙ୍କର ବ୍ୟବହାର ନିମନ୍ତେ ମୁଁ କନ୍ନଡ଼ ଓ ମାଲାୟାଲାମ୍ ଭାଷାରେ ଭଗବାନଙ୍କ ଅଷ୍ଟୋତ୍ତରଶତନାମ ରଚନା କରିଥିଲି। ବାବାଙ୍କର ମଣିଷ ସମାଜକୁ ପ୍ରଥମ ବାର୍ତ୍ତା ହେଲା, ଭକ୍ତିଭରେ ଗୁରୁଚରଣ ପୂଜା କର। ସେଥିପାଇଁ ଭକ୍ତମାନେ ତାଙ୍କର ପାଦପଦ୍ମକୁ ପୂଜା-ଅର୍ଚ୍ଚନା କରିଥାନ୍ତି।

ଏହି ଦିବ୍ୟଚରଣର ଆରାଧନା ନିମନ୍ତେ ମୁଁ ଯେଉଁ ୧୦୮ଟି କନ୍ନଡ଼ ଚରଣ ରଚନା କରିଥିଲି, ତାକୁ ପୁଣ୍ୟତୋୟା କାବେରୀ ତଟରେ ମହୀଶୂର ନିକଟସ୍ଥ ଶ୍ରୀରଙ୍ଗାପତ୍ତନମ୍‌ର ଏକ ମନ୍ଦିରରେ ପ୍ରଥମେ ଆବୃତ୍ତି କରି ବୁଝାଇଥିଲି। ଏହି ମନ୍ଦିରରେ ଗୋଟିଏ ପଥର ଉପରେ ବାବା ନିଜର ଅନୁଗ୍ରହଚିହ୍ନ ଆପଣାର ପାଦଯୁଗଳ ଅଙ୍କିତ କରି ଦେଇଥିଲେ। ଏହି ଅଷ୍ଟୋତ୍ତରଶତନାମ ଚରଣ ମଧ୍ୟରୁ କେତୋଟି ଏହିପରି :

ନିତ୍ୟ ଯୌବନ ଚରଣ,
ଦତ୍ତ ଦେବନା ଚରଣ ,
ମତ୍ତେ ଶିରଡି ଚରଣ ।

ବାବା ଆମକୁ ଆଶ୍ୱାସନା ଦେଇ କହିଛନ୍ତି, ତାଙ୍କୁ ବୟସ ଛୁଇଁବ ନାହିଁ। ସେ ସବୁବେଳେ ଏହିପରି ଯୌବନଭରା ହୋଇ ରହିଥିବେ। ହିନ୍ଦୁ ମତରେ ଦତ୍ତାତ୍ରେୟ ବ୍ରହ୍ମା- ବିଷ୍ଣୁ- ମହେଶ୍ୱର

ତ୍ରିଦେବଙ୍କ ସମାହାର-ରୂପ; ବାବା ପୁଣି ପ୍ରକାଶ କରିଛନ୍ତି ଯେ ସେ ନିଜେ ଦତ୍ତାତ୍ରେୟସ୍ୱରୂପ। ଥରେ ଫଟୋଗ୍ରାଫର୍‌ମାନେ ତାଙ୍କର ଫଟୋ ନେଉଥିଲେ। ସେ ଜଣକୁ କହିଲେ, "ହଁ, ଫଟୋ ନିଅ। ତୁମକୁ ମୋର ପ୍ରକୃତ ରୂପର ଛବି ଦେବି।" ଫଟୋଗ୍ରାଫର ଯେତେବେଳେ କ୍ୟାମେରା କ୍ଲିକ୍ କଲେ ସେ ପାଇଲେ ଦତ୍ତାତ୍ରେୟଙ୍କର ଛବି ! କନ୍ନଡ଼ ଭାଷାରେ 'ମତ୍ତେ' ଶବ୍ଦର ଅର୍ଥ 'ପୁଣି'। ମାଡ୍ରାସର ଜଣେ ଭକ୍ତ ଗୋଟିଏ ପାଟକନା ଉପରେ ଚନ୍ଦନ ବୋଲି ଆଣିଥିଲା ବାବାଙ୍କ ପାଦର ଛବି ନେବାପାଇଁ। ସେମାନେ ମାଡ୍ରାସ୍‌ର ଶିରଡି ସାଇ ମନ୍ଦିର ସାମ୍ନାରେ ବସିଥିଲେ। ବାବା ତାଙ୍କୁ କହିଲେ, "ମୁଁ ତୁମକୁ ଶିରଡ଼ି ପାଦର ଛବି ଦେବି।" ଆଉ ସେ ପାଟକନା ଉପରେ ପାଦ ରଖି ପାଦ ଉଠାଇ ଆଣିଲେ; ମାତ୍ର ଯାହା ଅଙ୍କିତ ହୋଇ ରହିଗଲା ତାହା ସତ୍ୟସାଇଙ୍କର ଛୋଟ କୋମଳ ପାଦର ଚିହ୍ନ ନୁହେଁ, ଶିରଡି ବାବାଙ୍କ ବୟସ୍କ ଓ ବିରାଟ ପାଦର ଚିହ୍ନ। ପ୍ରତ୍ୟେକଟି ନାମ ତାଙ୍କ ମହିମା, ଲୀଳାକାହାଣୀରେ ଆପ୍ଲୁତ। ଆଉ ଗୋଟିଏ ଚରଣ—

କୁଗି କାରେଦବର ବାଲି, ଧାବିସୁବ ଦୟେ ଚରଣ।

ଏହାର ଅର୍ଥ ହେଲା "ସେ ଚରଣ ଯିଏ ବିକଳରେ ଡାକେ ତା ପାଖକୁ ଧାଇଁଯାଏ।" ଏହି ନାମଟି ଅନେକ ଲୋକଙ୍କୁ ଆନନ୍ଦ ଦେବ, କାରଣ ଏହା ଭକ୍ତମାନଙ୍କର ଅଭିଜ୍ଞତାର କଥା। ଏହା ଭକ୍ତମାନଙ୍କୁ ସ୍ମରଣ କରାଇଦେବ ବାବାଙ୍କର ସେହି ଅପୂର୍ବ ସାନ୍ତ୍ୱନାଭରା ସ୍ନେହମୟ ବାଣୀ— "ତୁମେ ମୋତେ ଚାହିଁଲେ ମୁଁ ତୁମର।"

ଆଉ ଗୋଟିଏ ନାମ ବର୍ଣ୍ଣନା କରିଥାଏ ଆଉ ଏକ ମଧୁର ଲୀଳା। ରୟାପେଟ୍ଟା ନାମକ ସ୍ଥାନରେ ଭଜନ ଚାଲିଥାଏ। ଆଗରେ ପ୍ରଭୁଙ୍କ ପାଇଁ ପଡିଥିଲା ରୂପାର ସିଂହାସନ, ସିଂହାସନ ତଳେ ପାଦରଖା। ଭଜନ ସମୟରେ ସିଂହାସନ ଖାଲି ପଡିଥିଲା, ମାତ୍ର ଭଜନ ସରିଲାମାତ୍ରେ ପାଦରଖାଟି ମନକୁ ମନ ପଛକୁ ଘୁଞ୍ଚିଗଲା- ସତେ ଯେମିତି ଠିଆ ହେବାପାଇଁ ବାବା ପାଦରଖାଟି ପଛକୁ ଠେଲି ଦେଲେ ! ଏହିପରି ଭାବରେ ପ୍ରତ୍ୟେକଟି ନାମ ଥିଲା ଅର୍ଥମୟ ଓ ରସମୟ।

୧୦୮ ନାମ ମାଧ୍ୟମରେ ମୁଁ ବାବାଙ୍କର ଦୈବତ୍ୱର ବିଭିନ୍ନ ପ୍ରକାଶକୁ ପରିପୁଷ୍ଟ କରିବାକୁ ଚେଷ୍ଟା କରେ। କୌଣସି ସଙ୍ଗୀତପ୍ରବୀଣ ଭକ୍ତ ନାମଗୁଡିକୁ ଗାନ କଲାବେଳେ ମୁଁ ଏହାର ଅର୍ଥ କରେ। ବାବାଙ୍କ ସଂଭାଷଣରୁ ଉପଯୁକ୍ତ ଅଂଶ ଉଦ୍ଧାର କରି, କିମ୍ବା ତାଙ୍କ ସରଳ ଉପଦେଶର ମର୍ମ ବର୍ଣ୍ଣନା କରି ମୁଁ ଦେଖାଏ ତାଙ୍କ ଦୈବତ୍ୱର ଓ ମହତ୍ତ୍ୱର ଚମତ୍କାରୀ ନିଦର୍ଶନ। ଏଥିରେ ଗୋଟିଏ ନାମ ହେଲା ସଙ୍କଟତରୁ ଚରଣ।

ଏହି ନାମଟି ବୁଝାଇବାକୁ ଯାଇ ମୁଁ ଏକ ଦୀର୍ଘ ବର୍ଣ୍ଣନାର ଆଶ୍ରୟ ନିଏ। ସ୍ୱର୍ଗର କଳ୍ପତରୁ ପ୍ରାର୍ଥୀର ସମସ୍ତ ପ୍ରାର୍ଥନା ପୂରଣ କରିଥାଏ। ମୁଁ ବୁଝାଇ କହେ କିପରି ସେହି କଳ୍ପତରୁ ଆଜି ସଙ୍କଳ୍ପତରୁ ଭାବରେ ପ୍ରକାଶିତ। କଳ୍ପତରୁ ପାଖକୁ ଯିବାକୁ ପଡେ ନିଜର ପ୍ରାର୍ଥନା ଧରି, ମାତ୍ର ଆଜି ବାବାଙ୍କ ପାଦ ସଙ୍କଳ୍ପତରୁ ଭାବରେ ସର୍ବବ୍ୟାପୀ। ଯାହା ପ୍ରକୃତରେ ଆମର ଆବଶ୍ୟକ, ନିଜର ନିର୍ବୋଧତା ଓ ଅହଙ୍କାର ଯୋଗୁ ଆମେ ତାହା ମାଗି ନପାରିଲେ ବି, କିମ୍ବା ଯାହା ଆମର ଅପକାର କରିବ ତାହା ମାଗିଲେ ବି, ଏହି ସଙ୍କଳ୍ପତରୁ ଆମକୁ ପ୍ରଦାନ କରେ ଯାହା ଆମର ମଙ୍ଗଳ କରିବ। ତେଣୁ ଆମେ ଯେଉଁଠି ଥିଲେ ବି, ତାଙ୍କୁ ଆମେ ଯେ କୌଣସି ନାମରେ ଡାକିପାରିବା।

ଏହି ନାମାବଳୀ ଭକ୍ତମାନଙ୍କୁ ଆନନ୍ଦ ଦେବା ଦେଖି ମୁଁ କନ୍ନଡ଼ରେ ୩୦୦ ଧାଡି ବିଶିଷ୍ଟ ଆଉ ଗୋଟିଏ ଦୀର୍ଘ କବିତା ରଚନା କରିଥିଲି ବାବାଙ୍କ ଜୀବନୀ ଓ ବାଣୀ ଉପରେ। ଏଥିରେ କବିତାର ପାଦ ଯେଉଁ ଧାଡିରେ ଛିଡୁଥିଲା, ତାହା ପ୍ରତିଥର 'ଜୟ ସତ୍ୟ ସନାତନ ସାରଥି' ସହ ତାଳ ରଖୁଥିଲା। ଏହାକୁ କୌଣସି ଭକ୍ତ ଗାଉଥିଲେ ଓ ମୁଁ ପ୍ରତ୍ୟେକଟି ପଦର ସବିଶେଷ ଅର୍ଥ ବୁଝାଉଥିଲି। ଭଗବାନଙ୍କ ବାଣୀ ଓ ମହିମା ସମ୍ବନ୍ଧରେ ଲୋକଙ୍କୁ ଅନୁପ୍ରାଣିତ କରିବାର ଏ ନୂତନ ଶୈଳୀ ଯଥେଷ୍ଟ ଆଗ୍ରହ ସୃଷ୍ଟି କରିଥିଲା। ଯେଉଁଠାରେ ବିଭିନ୍ନ ପ୍ରକାରର ଲୋକେ ଏକାଠି ହେଉଥିଲେ, ଭକ୍ତ, ଅନୁସନ୍ଧିତ୍ସୁ ଓ କୌତୂହଳୀ ଲୋକେ ସମାବେଶକୁ ଆସୁଥିଲେ, ସେଠାରେ ମୁଁ ଏହି ଉପାୟ ଅବଲମ୍ବନ କରୁଥିଲି।

ପବିତ୍ର ଭାଗବତ ପୁରାଣ ଅବତାରମାନଙ୍କ କାହାଣୀର ଏକ ଅତି ମହତ୍ତ୍ୱପୂର୍ଣ୍ଣ ଗ୍ରନ୍ଥ ଭଗବତ୍ ସନ୍ନିଧିରେ ପହଞ୍ଚିବା ନିମନ୍ତେ ଏହା ଗୋଟିଏ ପ୍ରେରଣାପୂର୍ଣ୍ଣ ପଥଦ୍ରଷ୍ଟା। ବାବା କହନ୍ତି ପ୍ରତ୍ୟେକ ସାଧକ ନିମନ୍ତେ ଭାଗବତ ଏକାନ୍ତ ଆବଶ୍ୟକ ଗ୍ରନ୍ଥଟିଏ। ଭବସାଗର ପାରିହେବା ନିମନ୍ତେ ଭାଗବତ ଏକ ଡଙ୍ଗା ବୋଲି ବାବା କହିଥାନ୍ତି। ୧୯୫୬ରେ ଦଶହରା କବି ସମ୍ମିଳନୀରେ 'Sai Stores' ବୋଲି ଇଂରାଜୀ କବିତାଟିଏ ମୁଁ ପଢ଼ିଥିଲି। ଏଥିରେ ମୁଁ ବର୍ଣ୍ଣନା କରିଥିଲି ବାବା କିପରି ଆମର ଭୁଲ, ଭ୍ରାନ୍ତି, ଭୟ, ବ୍ୟାଧି, ଦୁର୍ଭାବନା ସବୁ ତାଙ୍କଠାରେ ଅଜାଡି ଦେବାପାଇଁ ଆମକୁ ଉତ୍ସାହିତ କରି ଆମକୁ ବିଶ୍ୱାସ, ଧୈର୍ଯ୍ୟ, ସାର୍ଥକତା ଓ ପ୍ରଶାନ୍ତି ପ୍ରଦାନ କରିଥାନ୍ତି। ତେଣୁ ମୁଁ କନ୍ନଡ଼ ଭାଷାରେ ଯେଉଁ ସାଇ-ଭାଗବତ କବିତାଟି ଲେଖିଲି, ତାହା ଏହି ଭାବଧାରା ଉପରେ ଆଧାରିତ ଥିଲା। ଏହାପରେ ଏହି ଦୀର୍ଘ କବିତା କେରଳ ଓ ତାମିଲ୍‌ନାଡୁର ଭାଷାର ଶୌର୍ଯ୍ୟ ବହନ କରି ମାଲାୟାଲାମ୍ ଓ ତାମିଲ୍‌ରେ ମଧ୍ୟ ଆତ୍ମପ୍ରକାଶ କରିଥିଲା।

ଏ ଦୁଇଭାଷା ପ୍ରତି ମୋର କୃତଜ୍ଞତା ପ୍ରକାଶ କରିବାକୁ ଯାଇ ଉକ୍ତ ଅଞ୍ଚଳର ଭକ୍ତକବିମାନଙ୍କ ଶୈଳୀ ଅନୁସରଣ କରି ଏ ଦୁଇଭାଷାରେ ବି କବିତାଟିର ରୂପାନ୍ତର କରିଥିଲି ।

ମୁଁ ସିନା ଗୀତଟି ଲେଖିଦେଲି, ମାତ୍ର ଯାକୁ ଗାଇବାର ଦୁଃସାହସ କେବେ କରିନି । ବାବା ବି ମତେ ଥରେ ଏ ନିର୍ବୋଧତା ନ ଦେଖାଇବାକୁ ସତର୍କ କରି ଦେଇଥିଲେ । ଦିନେ ଆସାମ ଯିବା ଆଗରୁ ତାଙ୍କର ଆଶୀର୍ବାଦ ଘେନି ଉପର ମହଲାରୁ ତଳକୁ ଆସୁଛି, ବାବା ପୁଣି ଡକାଇ ପଠାଇଲେ ଆଉ ମତେ ସାବଧାନ କରିଦେଇ କହିଲେ, "ଦେଖ୍, ଆସାମ ଯାଉଛୁ, ସେଠି ମନଇଚ୍ଛା ନାଚିପାରୁ । ମାତ୍ର କେବେହେଲେ ଗାଇବୁ ନାହିଁ । ତାହାହେଲେ ଶୁଣିବାକୁ ଆସିଥିବା ଲୋକେ ଦୌଡ଼ି ପଳାଇଯିବେ ।"

ତେବେ ମୋ ପୁଅ କେତୋଟି କର୍ଣ୍ଣାଟକ ରାଗ ଭଲ ଭାବରେ ଗାଇପାରେ । ତାର ସ୍ୱର ବି ବେଶ୍ ଭଲ । ସ୍ୱରାଜ ପାଇଁ ଆନ୍ଦୋଳନ ସମୟରେ ସେ ବାଙ୍ଗାଲୋର୍‌ରେ କଲେଜରେ ପଢୁଥିଲା । ବ୍ରିଟିଶ୍ ହଟାଓ ଆନ୍ଦୋଳନ ତେଜି ଉଠିବାରୁ କଲେଜ ଓ ବିଶ୍ୱବିଦ୍ୟାଳୟମାନ ବନ୍ଦ ହୋଇଗଲା । ସେତେବେଳେ ସେ ଘରକୁ ଆସି ମୋର ସହକର୍ମୀ ବନ୍ଧୁ କୃଷ୍ଣଗିରି କୃଷ୍ଣ ରାଓଙ୍କଠାରୁ ପୁରାଣ ପଢ଼ିବାର ଶୈଳୀ ଶିଖିଥିଲା । ପୁରାଣ ପଢ଼ିଲାବେଳେ ବିଭିନ୍ନ ରସ ଫୁଟାଇବାକୁ ହେଲେ ବିଭିନ୍ନ ରାଗରେ ବୋଲିବାକୁ ପଡ଼େ । କରୁଣ, ବୀର, ଶୃଙ୍ଗାର ଆଦି ରସ ଫୁଟାଇଲାବେଳେ ସ୍ୱରକୁ ଉଦାତ୍ତ-ଅନୁଦାତ୍ତ କରିବାକୁ ପଡ଼େ, ଶବ୍ଦ ଓ ଧ୍ୱନି ଉପରେ କେଉଁଠି କେଉଁଠି ଜୋର୍ ଦେବାକୁ ପଡେ, କେଉଁଠି ମାଡିଯିବାକୁ ହୁଏ, ଆଉ କେଉଁଠି ମନ୍ଦଗତି କରିବାକୁ ପଡେ । କେଉଁ ଶବ୍ଦଟିର ପୁନରାବୃତ୍ତି କରିବାକୁ ହୁଏ, ବା କେଉଁ ଧ୍ୱନିକୁ କଣ୍ଠର ଗମ୍ଭୀରତାରେ ଗଭୀର ଭାବରେ ଫୁଟାଇବାକୁ ପଡ଼େ । କେଉଁଠି କଣ୍ଠରେ ଭକ୍ତିର ଆବେଶ ଆଣିବାକୁ ହୁଏ ତ ଆଉ କେଉଁଠି ଦର୍ଶନର ସ୍ଥିରତା ପ୍ରକାଶ କରିବାକୁ ହୁଏ । ତାହାହେଲେ ସାଧାରଣ ଶ୍ରୋତାଙ୍କ ମନରେ ପୌରାଣିକ ଚରିତ୍ରର ଉତ୍କର୍ଷ, ମହତ୍ତ୍ୱ ଓ କବିଙ୍କ ଗଭୀର ଜୀବନଦର୍ଶନ ଛାପ ରଖିପାରେ ।

ମୋ ପୁଅ ଯେତେବେଳେ ଏହି ପୁରାଣ ପଢ଼ିବା କଳା (ଗମ୍‌କା)ରେ ସମୟ କଟାଇବାକୁ ଚାହିଁଲା, ବ୍ରିଟିଶ୍ ଲୋକେ ଭାରତ ଛାଡି ଚାଲିଯିବାକୁ ଠିକ୍ କଲେ । ତାପରେ ସ୍ୱାଧୀନ ଭାରତର ସରକାର ତାକୁ ଉଚ୍ଚତର ଶିକ୍ଷା ନିମନ୍ତେ ଇଂଲଣ୍ଡର ଗ୍ଲାସଗୋ ବିଶ୍ୱବିଦ୍ୟାଳୟକୁ ପଠାଇଲେ । ତଥାପି ପୁରାଣପଢ଼ାର ରସ ତା ଭିତରେ ଜୀବନ୍ତ ରହିଥିଲା । ମୋର ସାଇଭାଗବତ ଲେଖା ପରେ ସେ କନ୍ନଡ଼ ଓ ତାମିଲ୍ ଭାଷାରେ ପୁରାଣପଢ଼ା ଢଙ୍ଗରେ ଏହାକୁ ଗାଇବାକୁ ଆଗ୍ରହ ପ୍ରକାଶ କଲା । ମୁଁ ଦେଖିଲି ଏହାଦ୍ୱାରା ଶ୍ରୋତାମାନଙ୍କ ମନରେ ଏହାର ପ୍ରଭାବ ଅଧିକ ଗଭୀର ଭାବରେ ଅଙ୍କା ହୋଇଯାଉଛି ।

ଥରେ ଆକସ୍ମିକ ଭାବରେ ଏହି ପିତା-ପୁତ୍ର ଅଭିଯାନ ଭଗବାନଙ୍କ ଆଶୀର୍ବାଦ ପାଇପାରିଥିଲା । ବାବା ଚିଠିସବୁ ଖୋଲି ପଢୁଥିଲେ । ତାମିଲନାଡୁର ଧର୍ମପୁରୀଠାରେ ଗୋଟିଏ ଦୁଇଦିନିଆ ସମ୍ମିଳନୀ ସମ୍ପର୍କରେ ଆସିଥିବା ଛାପା କାର୍ଯ୍ୟକ୍ରମର ଚିଠାଟି ବାବାଙ୍କ ଆଖିରେ ପଡିଲା । ସେ କାଗଜଟି ଉଠାଇ ଦେଖିଲେ ସେଥିରେ ମୋର ଓ ମୋ ପୁଅର ନାମ ଅଛି । ବାବା ପଚାରିଲେ, ''ତୁ ସେଠି କ'ଣ କରିବୁ ?" "ସ୍ୱାମୀ, ସେବା ସମ୍ବନ୍ଧରେ ମୋର କହିବାକୁ ଅଛି", ମୁଁ ଉତ୍ତର ଦେଲି । "ଆଉ ମୂର୍ତ୍ତି ?" ବାବା ପଚାରିଲେ । "ସେ ବି ସେବାସହ ସମ୍ପୃକ୍ତ ଆଉ ଗୋଟିଏ ବିଷୟ ଉପରେ କହିବ ।" ବାବା କହିଲେ, "ଦୁଇଟି ଭାଷଣ କ'ଣ ଦରକାର ? ତୋର ଭାଗବତ ସେଠି ଶୁଣା । ତାମିଲ୍‌ରେ ଲେଖିଚୁ ଟି ?'' ଭଗବାନଙ୍କ ସ୍ୱୀକୃତିର ଛାପା । ପୁଅ ପୁରାଣଶୈଳୀରେ ଗାଇଲା, ଆଉ ମୁଁ ମହିମା ଲୀଳା ଓ ଉପଦେଶ ବର୍ଣ୍ଣନା କଲି ।

୧୯୭୪ର ଦଶହରା ସମ୍ଭାଷଣରେ ବାବା କହିଲେ, "ଭକ୍ତମାନେ ସାଇରୂପ ଆରାଧନା କରୁଛନ୍ତି ଓ ପ୍ରଶାନ୍ତିନିଳୟମ୍ ଯାଉଛନ୍ତି ବୋଲି ପ୍ରକାଶ କରିବାକୁ ସଙ୍କୋଚ କରୁଛନ୍ତି । ସଙ୍କୋଚ କାହିଁକି ? ଆପଣାର ପ୍ରଭୁଙ୍କ ଅନୁସରଣ କର, ଦୁଷ୍ଟଶକ୍ତିର ସମ୍ମୁଖୀନ ହୁଅ, ଶତ୍ରୁ ସାଙ୍ଗେ ଲଢ଼େଇ କର, ଆଉ ଏ ଖେଳକୁ ଶେଷ କର । ଦୃଢ଼ ହୁଅ, ସାହସୀ ହୁଅ । ଯଦି କେହି ପଚାରେ ଭଗବାନ୍ କ'ଣ ଅଛନ୍ତି ? କୁହ, ହଁ । ଯଦି ସେ ପୁଣି ପଚାରେ କେଉଁଠି ? ଏଣୁତେଣୁ କିଛି ନ ବତାଇ, ଶାସ୍ତ୍ର ପୁରାଣ ଉଦ୍ଧାର କରି କୁହନା ଭଗବାନ୍ ସବୁଠି ଅଛନ୍ତି । କୁହ ଯେ ଭଗବାନ ଅଛନ୍ତି ପୁଟ୍ଟପର୍ତ୍ତିରେ ।"

ଥରେ ସେଣ୍ଟ ପଲ୍ ରୋମରେ ଥିବା ଭକ୍ତମାନଙ୍କୁ ଲେଖିଥିଲେ, "ଭଗବାନ୍ ଆମକୁ ଯେତିକି ଅନୁଗ୍ରହ କରିଛନ୍ତି ତଦନୁସାରେ ଆମେ ଆମର ସାମର୍ଥ୍ୟକୁ କାମରେ ଲଗାଇବା । ଆମ ଭିତରୁ ଯିଏ ପ୍ରଭୁଙ୍କ ବାର୍ତ୍ତା ଲୋକଙ୍କୁ ବୁଝାଇପାରିବ, ସେ ଆପଣାର ବିଶ୍ୱାସ ଅନୁସାରେ ସେଇ କାମ କରିବା ଉଚିତ । ଯିଏ ସେବା କରିପାରିବ, ସେ ତାହା କରିବ; ଯିଏ ପାଠ ପଢ଼େଇ ପାରିବ, ସିଏ ପଢ଼େଇବ; ଯିଏ ଅନ୍ୟକୁ ସାନ୍ତ୍ୱନା ଦେଇପାରିବ, ସିଏ ବି ତାହା ହିଁ କରିବ । ଯାହାର ଯାହା କରିବାର ସାମର୍ଥ୍ୟ ଅଛି, ସେ ଉଦାର ଭାବରେ ତାହାକୁ ଅନ୍ୟର ଉପକାରରେ ଲଗାଇବ । ଯାହାର ଅଧିକାର ଅଛି, ସେ କଠୋର ଶ୍ରମ କରିବ, ଯାହାର ଅନ୍ୟକୁ ସ୍ନେହ-ଶ୍ରଦ୍ଧା ଦେବାର ଅଭିପ୍ରାୟ ଅଛି, ମୁକ୍ତ ଭାବରେ ଆନନ୍ଦ ମନରେ ତାହା ଦେବ ।" ମୋର ଗୁରୁଦେବ ଶ୍ରୀ ରାମକୃଷ୍ଣ ପରମହଂସଙ୍କର ଗୋଟିଏ ଗପ ମୋତେ ସାଇଭାଗବତ ଲେଖିବା ଓ ବୁଝାଇବା କାମରେ ଅଧିକ ଅନୁପ୍ରାଣିତ କରିଥିଲା । ଗପଟି ହେଲା, ଚାରିଜଣ ବନ୍ଧୁ ଗୋଟିଏ କାନ୍ଥ ସେପଟେ

କ'ଣ ଅଛି ଦେଖିବାକୁ ମନ କଲେ। ଜଣ ଜଣ କରି କାନ୍ଥ ଚଢ଼ିଲେ, ମାତ୍ର ସେପଟେ ଥିବା ବିସ୍ତୀର୍ଣ୍ଣ ସବୁଜ ପ୍ରାନ୍ତରର ଶୋଭା ଦେଖି ଦେଖି ସେମାନଙ୍କ ଭିତରୁ ତିନିଜଣ ମୋହିତ ହୋଇ ସେପଟକୁ ଖସି ପଡିଲେ। କେବଳ ଚତୁର୍ଥ ଲୋକଟି ଓହ୍ଲାଇ ଆସି ଲୋକଙ୍କୁ କହିଲା ସେପଟେ କ'ଣ ଅଛି। ବାବାଙ୍କର ଏପରି ଅନେକ 'ଚତୁର୍ଥ ଲୋକ' ଅଛନ୍ତି। ଆମେ ବାପ-ପୁଅ ଥିଲୁ ଭଗବାନଙ୍କର ଏହି ଚତୁର୍ଥ ଲୋକ।

ସେଣ୍ଟ୍ ପଲ୍‌ଙ୍କର ଆଉ ଗୋଟିଏ କଥା ଏଠି ଉଦ୍ଧାର କଲେ ଖୁବ୍ ପ୍ରାସଙ୍ଗିକ ହେବ। ସେ ଥରେ ଲେଖିଥିଲେ, "ଶାସ୍ତ୍ରରେ ଅଛି ଯେଉଁମାନେ ଭଗବାନଙ୍କ ନାମ ସ୍ମରଣ କରିବେ, ସେମାନେ ଉଦ୍ଧାର ପାଇଯିବେ। ମାତ୍ର ନାମରେ ବିଶ୍ୱାସ ନଥିଲେ ସେମାନେ ନାମସ୍ମରଣ କରିବେ କିପରି ? ପୁଣି ଭଗବାନଙ୍କ ନାମ ଶୁଣି ନ ଥିଲେ ସେମାନଙ୍କର ବିଶ୍ୱାସ ଆସିବ କୁଆଡୁ ? ସେମାନଙ୍କୁ କୁହା ନ ଗଲେ ସେମାନେ ଶୁଣିବେ ବା କିପରି ? ପୁଣି ବାର୍ତ୍ତା ପ୍ରଚାରକମାନଙ୍କୁ ପଠା ନଗଲେ ଲୋକେ ଏ ପରମ ବାର୍ତ୍ତା ଶୁଣିବେ କାହାଠୁ ?" ସେଣ୍ଟ ପଲ୍ ଏଠି ବାର୍ତ୍ତାପ୍ରଚାରକମାନଙ୍କୁ ପଠାଇବା ପାଇଁ କହୁଛନ୍ତି। ମାତ୍ର ବାବା ଏପରି ପ୍ରଚାର ଚାହାନ୍ତି ନାହିଁ, କିମ୍ବା ଦରକାର କରନ୍ତି ନାହିଁ। ସୂର୍ଯ୍ୟଦେବ ନିଜକୁ ଘୋଷଣା କରିବା ପାଇଁ ଘଣ୍ଟା ମର୍ଦ୍ଦଳ ଦରକାର କରନ୍ତି କି ? ମାତ୍ର ସେ ଉଠିଲାମାତ୍ରେ ପକ୍ଷୀମାନେ କାକଳି ନ କରି ରହିବେ କିପରି ? କେଁ କଟର କରି ସେମାନେ ଶୋଇଥିବା ଲୋକଙ୍କୁ ତ ନିଶ୍ଚୟ ଉଠାଇବେ। ଆମେ ଆମର ଆନନ୍ଦ ବାଣ୍ଟିବାକୁ ଚାହୁଁ, ଆମେ ନିଜର ପ୍ରସାରଣ ଚାହୁଁ, 'ମୁଁ' ବଢ଼ି ବଢ଼ି 'ଆମେ' ପାଲଟିଯିବା ଚାହୁଁ, କାନ୍ଥ ଉପରେ ଚଢ଼ି ସେପଟକୁ ଡେଇଁପଡିବା ଆମର ଅଭିପ୍ରାୟ ହେବ ନାହିଁ, ସବୁଜ ପ୍ରାନ୍ତରରେ ସତ୍ୟ-ଶିବ-ସୁନ୍ଦରର ଯେଉଁ ସମ୍ଭାର ଆମେ ଦେଖିଛୁ, ତାହା ଲୋକଙ୍କୁ କହିବା ଓ ସେମାନଙ୍କୁ ବି ଏହା ଅନୁଭବ କରିବାରେ ସହାୟତା କରିବା ଆମର ଲକ୍ଷ୍ୟ ହେବ।

ତାମିଲ୍ ସାଇ ଭାଗବତ ତାମିଲନାଡୁର ବହୁ ସ୍ଥାନରେ ପହଞ୍ଚି ପାରିଛି। କାରଣ ତାମିଲନାଡୁର ଭୂତତ୍ତ୍ୱ ବିଭାଗର ନିର୍ଦ୍ଦେଶକ ଭାବରେ ମୋ ପୁଅ ସାରା ରାଜ୍ୟ ବୁଲିଲାବେଳେ ଯେଉଁଠି ଯେତେବେଳେ ସମ୍ଭବ ମୁଁ ତା ସାଙ୍ଗରେ ବୁଲିଛି ଆଉ ପିତା-ପୁତ୍ରଙ୍କ ସାଇ ଭାଗବତ ବହୁ ଲୋକଙ୍କ କାନରେ ପଡିଛି। ମୂର୍ତ୍ତି ଯେତେବେଳେ ପଦୋନ୍ନତି ପାଇ ସାରା ଦକ୍ଷିଣ ଖଣ୍ଡର ଭୂତତ୍ତ୍ୱ ନିର୍ଦ୍ଦେଶକ ହେଲା, ସେତେବେଳେ ତେଲୁଗୁ (ମୁଁ ତେଲୁଗୁରେ ବି ଯାକୁ ଲେଖିଥିଲି) ତାମିଲ୍, କନ୍ନଡ଼ ଓ ମାଲାୟାଲାମ୍ ସାଇ ଭାଗବତ ଲୋକଙ୍କୁ ସାଇଙ୍କର ବାର୍ତ୍ତା ଶୁଣାଇବାର ଆନନ୍ଦ ଆମକୁ ପ୍ରଦାନ କରିଥିଲା। ଦକ୍ଷିଣ ଖଣ୍ଡର ପଚାଶରୁ ଅଧିକ ଗାଁ ଓ ସହରରେ ମୂର୍ତ୍ତି

ଭାଗବତ ବୋଲିଚି, ଆଉ ମୁଁ ନୃତ୍ୟ କରିଛି। ବୃନ୍ଦାବନର ସତ୍ୟସାଇ କଲେଜ, ପୁଟ୍ଟପର୍ତ୍ତିର ସତ୍ୟସାଇ କଲେଜ ଏବଂ ପ୍ରଶାନ୍ତି ନିଳୟମ୍‌ରେ ବି ଆମେ ଏହା ଶୁଣାଇଛୁ।

ସାଇ ଭାଗବତ ପ୍ରତି ଲୋକଙ୍କର ଆଗ୍ରହ ଏପରି ଉତ୍ସାହଜନକ ହେଉଥିଲା ଯେ ଏହା ବୋଲିବାର ଓ ବୁଝାଇବାର କୌଣସି ସୁଯୋଗ ମୁଁ ଛାଡୁ ନ ଥିଲି। ମୁଁ ଯେତେବେଳେ ଶୁଣିଲି ବାଙ୍ଗାଲୋର୍‌ଠାରୁ ୩୬୦ ମାଇଲ୍ ଦୂର ଗଡାଗ ନାମକ ସ୍ଥାନକୁ ମୂର୍ତ୍ତି ସରକାରୀ ଗସ୍ତରେ ଯାଉଛି, ମୁଁ ସଙ୍ଗେ ସଙ୍ଗେ ସେଠାର ସମିତିକୁ ଲେଖିଲି ମୁଁ ବି ସେଦିନ ସନ୍ଧ୍ୟାରେ ସେମାନଙ୍କୁ ଭେଟିବି। ନିଜେ ନିଜର କାର୍ଯ୍ୟକ୍ରମ ଠିକ୍ କରି ୩୦୦ ମାଇଲ୍ ଟ୍ରେନ୍‌ରେ ଏବଂ ଅବଶିଷ୍ଟ ବାଟତକ ବସ୍‌ରେ ଯାଇ ମୁଁ ସେଠାରେ ପହଞ୍ଚିଲି। ଭାଗବତ ଶୁଣାଇବାକୁ ମୁଁ ଭଗବାନଙ୍କ ପାଦପଦ୍ମରେ ମୋର ଭକ୍ତି-ନିବେଦନ ବୋଲି ଭାବିଥାଏ। ସେଠୁ କାନାନୋର୍, ତ୍ରିଭାନ୍ଦ୍ରମ୍, ମାଡ୍ରାସ୍, ପଣ୍ଡିଚେରୀ, କୋଏମ୍ବାଟୁର୍, ହାଇଦ୍ରାବାଦ ଏବଂ ତିରୁପତି ଯାଇ ଆମେ ସାଇକଥା କୀର୍ତ୍ତନ କରିଥିଲୁ। ମୁଁ ଯେତେବେଳେ ଦିଲ୍ଲୀ ଯାଇଥିଲି, ମୋ ପୁଅ ପଶ୍ଚିମ ଖଣ୍ଡରେ ଥିଲା ଡେପୁଟି ଡାଇରେକ୍ଟର୍ ଜେନେରାଲ ଭାବରେ। ସେ ଜୟପୁରରୁ ଆସି ଦିଲ୍ଲୀରେ ପହଞ୍ଚିଲା। ସୋହନ୍‌ଲାଲଜୀ ଦିଲ୍ଲୀର ତାମିଲ୍ ଭକ୍ତମାନଙ୍କ ଭିତରେ ଏ ଶୁଭ ସମ୍ବାଦ ପ୍ରଚାର କରିଦେଲେ, ଆଉ ଆମେ ସେମାନଙ୍କୁ ଗୀତ, କଥା ଓ ଦର୍ଶନ ମାଧ୍ୟମରେ ଭଗବତ୍ ମହିମା ଶୁଣାଇବା ସେବାର ସୌଭାଗ୍ୟ ଲାଭ କରିଥିଲୁ।

କେତେଜଣ ବିଦେଶୀ ଭକ୍ତ ସାଇଭାଗବତ ଶୁଣୁଥିବା ଶ୍ରୋତାମାନଙ୍କ ମଧ୍ୟରେ ପଶି ଯାଇଥିଲେ। ସେମାନେ ମନେ ମନେ ଭାବୁଥିଲେ ଆମେସବୁ ମଣ୍ଡପ ଉପରେ ବସି କ'ଣ କରୁଛୁ, ଆଉ ଶ୍ରୋତାମାନେ ବି କ'ଣ ଏମିତି ପିଇଯାଉଛନ୍ତି ! ସେମାନେ ମୂର୍ତ୍ତିକୁ ଯାଇ କହିଲେ ଇଂରାଜୀରେ ସେମାନଙ୍କୁ ସେ ଗୀତଟି ଶୁଣାଇବା ପାଇଁ। ଭଗବାନଙ୍କୁ ପ୍ରାର୍ଥନା କରି ଗୀତଟି ଇଂରାଜୀରେ ଲେଖିଲି। ପ୍ରକୃତରେ କହିବାକୁ ଗଲେ, ମୂଳ କନ୍ନଡ଼ ଗୀତ ମାଲାୟାଲାମ୍ ବେଶ ପିନ୍ଧିଲାବେଳକୁ ବଦଳି ଯାଇଥିଲା, ତାମିଲ୍ ରୂପ ଧରିଲାବେଳକୁ ଅଳଙ୍କାର ମଣ୍ଡି ହୋଇଯାଇଥିଲା, ଆଉ ଦେବଭାଷା ତେଲୁଗୁ ପୋଷାକରେ ତାହା ଦିବ୍ୟ ଦିଶୁଥିଲା। ଏଠି ଗୋଟିଏ କଥା ମୁଁ ଜୋର୍ ଦେଇ କହିବାକୁ ଚାହେଁ। ସାର୍ବଭୌମ ସାଇ ମଣିଷର ରୂପରେ ଏକ-ପାତ୍ର ଅଭିନୟ (ବହୁଚରିତ୍ର ବିଶିଷ୍ଟ ନାଟକକୁ ଜଣେ ଅଭିନୟ କରିବା) ପାଇଁ ମନ ବଳାଇଲେ। ଏହି ଅଭିନୟ ସମ୍ପର୍କରେ ଯେ କୌଣସି ଦର୍ଶକ ଯାହା କହିଲେ ମଧ୍ୟ ତାହା ଖଣ୍ଡିତ ଓ ଅପୂର୍ଣ୍ଣ ହୋଇ ରହିଯିବ। ଭଗବାନଙ୍କ ଲୀଳା ଓ ମହିମାର ଅଲୌକିକ ଦୀପ୍ତି ଆଗରେ ସେ ସ୍ତବ୍ଧ ଓ ବିମୁଗ୍ଧ ହୋଇ ରହିଯିବ।

ମୋ ଇଂରାଜୀ ଭାଗବତ ଋଗ୍‌ବେଦର ଋଷିବାଣୀରେ ଏହିପରି ଆରମ୍ଭ ହୋଇଛି ।

ଶୃଣନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ ।
ବେଦାହମେତ ପୁରୁଷଂ ମହାନ୍ତଂ
ଆଦିତ୍ୟବର୍ଣ୍ଣଃ ତମସଃ ପରସ୍ତାତ୍ ।
କହିଥିଲେ ବେଦର ମହର୍ଷି
କାହିଁ କେତେ ଶତାବ୍ଦୀର ଆଗେ,
ମୋ ମନରେ ଜାଗିଛି ବାସନା
କହିବି ତୁମକୁ ଯାହା ନିଜେ ଦେଖିଅଛି,
ସହସ୍ର ସୂର୍ଯ୍ୟର ଦୀପ୍ତି ସାମାନ୍ୟ ପ୍ରଦୀପ
ସେଇ ମହାଦୀପ୍ତି ଆଗେ ସିନା !

ଋଗ୍‌ବେଦର ଏହି ମନ୍ତ୍ର ବୈଦିକ ଋଷିଙ୍କର ଧ୍ୟାନନେତ୍ରରେ ବିଶ୍ୱରୂପ ଦର୍ଶନ ବର୍ଣ୍ଣନା କରି ଆମକୁ ସେଇ ପନ୍ଥା ଅନୁସରଣ କରିବା ପାଇଁ ଅନୁପ୍ରାଣିତ କରିଥାଏ । ଆମେ ବି ସେହି ଅପୂର୍ବ ଅନୁଭୂତି ଲାଭ କରିପାରିବା, କାରଣ ବାବା ବର୍ତ୍ତମାନ ଆମ ମଧ୍ୟରେ ବିଦ୍ୟମାନ—

ଶୁଣ, ଶୁଣ ହେ ମାନବ,
ସେହି ଦିବ୍ୟବାର୍ତ୍ତା ଆଜି ମୁଁ ଆଣିଛି
ସତ୍-ଚିତ୍-ଆନନ୍ଦ, ପରମ ପୁରୁଷ
ପୁଣି ଥରେ ଆବିର୍ଭୂତ ଏ ଧରାଧାମରେ ।

ବାବା କହିଛନ୍ତି ତାଙ୍କର ନାମ (ବା-ବା : BABA)ର ତାତ୍ପର୍ଯ୍ୟ ହେଲା ସତ୍-ଚିତ୍-ଆନନ୍ଦ-ଆତ୍ମା (BEING -AWARENESS- BLISS- ATMA) ।

ତାଙ୍କ ନାମ ସତ୍ୟ, ପ୍ରେମ ତାଙ୍କ ଶ୍ୱାସ
ଧର୍ମ ସ୍ୱର, ଆଉ ତାଙ୍କ ପବିତ୍ର ସନ୍ନିଧି
ପରମ ପ୍ରଶାନ୍ତି । ତାଙ୍କ ଆଗମନ
ତୁମପାଇଁ, ମୋ ପାଇଁ, ଚରାଚର ପାଇଁ,
ଖେଚର, ଭୂଚର, ଜୀବଖିଳ ପାଇଁ ।
(ସେମାନେ ବି ଆମରି ଆତ୍ମୀୟ)
ତାଙ୍କର ଏ ବିଶ୍ୱ ନାଟକରେ
ଆମେ ସବୁ ପାତ୍ରଧାରୀ ମାତ୍ର ।

ଏଠାରେ ମୁଁ ବିଲେଇ, କୁକୁର, ମଇଁଷି ଆଦି ପଶୁପକ୍ଷୀମାନଙ୍କ ପ୍ରତି ବାବାଙ୍କର ଦୟା ସମ୍ବନ୍ଧରେ ମୋ ଅନୁଭୂତିରୁ ମୁଁ କିଛି ଉଦାହରଣ ଦିଏ। ଆମେସବୁ ତାଙ୍କ ହାତରେ ଖେଳନା କଣ୍ଢେଇ ବୋଲି ବର୍ଣ୍ଣନା କରି ସେ ଗାଇଥିବା କେତୋଟି ଗୀତରୁ କେତେଧାଡି ଉଦ୍ଧାର କରେ। ତାପରେ ସାଇ ଭାଗବତ ଗାଏ—

କୌଣସି ମଣିଷ କେବେ ଏହି ମହାସତ୍ୟ
ଶୁଣି ବି ନ ଥିଲା—
ଏ କାହାଣୀ ସତ୍ୟ, ଶିବ, ସୁନ୍ଦର।
କୌଣସି ମଣିଷ କଣ୍ଠେ ଏ ଗାନର ସ୍ୱର
ସ୍ଫୁରି ବି ନ ଥିଲା—
ଏହି ମହାଗୀତ ଗଙ୍ଗା, ଗୀତା ଓ ଗାୟତ୍ରୀ।

ତାଙ୍କର କାହାଣୀ ଆଜି କୋଟି କୋଟି ଆଖି ଆଗରେ ସମଗ୍ର ଜଗତରେ ପ୍ରସାରି ଯାଉଛି, ଆଉ ତା ସଙ୍ଗେ ସଙ୍ଗେ ବିକଶିତ ହେଉଛି ସତ୍ୟ, ଶିବ ଓ ସୁନ୍ଦର। ଏହା ହୃଦୟକୁ (ଭକ୍ତି-ଗୀତା) ରସମୟ କରୁଛି, ହାତକୁ (କର୍ମ-ଗଙ୍ଗା) କର୍ମମୟ କରୁଛି, ଆଉ ମସ୍ତକକୁ (ଜ୍ଞାନ-ଗାୟତ୍ରୀ) ଜ୍ଞାନମୟ କରୁଛି। ସାଇ ସର୍ବବ୍ୟାପୀ, ସମସ୍ତ ରଥର ସାରଥି—

ସିଏ ମତେ କହୁଛନ୍ତି ମୋ ଭିତରେ ରହି
ଗାଇବାକୁ ତାଙ୍କ ମିଠାଗୀତ,
କିନ୍ତୁ ତାଙ୍କ ବିନା କିଏ ଅବା ଗାଏ !
ସିଏ ପୁଣି ତୁମରି ଭିତରେ କହୁଛନ୍ତି—ଶୁଣ,
ମାତ୍ର ଆପେ ବସି ଶୁଣୁଛନ୍ତି ଆପଣାର ଗୀତ !

ପରମେଶ୍ୱର ସଂସାରକୁ ଆସିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆଉ ସେହି ପ୍ରତିଶ୍ରୁତି ପାଳନ କରି ମଣିଷଜାତିକୁ ଅଧୋଗତିରୁ ଉଦ୍ଧାର କରିବାକୁ ତାଙ୍କ ପ୍ରତିନିଧିମାନଙ୍କୁ ପଠାଉଛନ୍ତି ଓ ନିଜେ ବି ଆସୁଛନ୍ତି।

ମଣିଷ ବେଶରେ ଆଜି ତାଙ୍କ ଅବତାର
ମଣିଷକୁ ତାରିବା ପାଇଁକି।
ସେ ଆସନ୍ତି ଧରି ପ୍ରେମର ଦୀପାଳୀ
ଯେବେ ଶତକଣ୍ଠ କରେ ଅଳି
ମହାପ୍ରଭୁ, ଅନ୍ଧାରରୁ ଆଲୋକକୁ ନିଅ।

ବାବା କହିଛନ୍ତି ଯେ ଆମର ସବୁ ଦୁର୍ଗୁଣ, ଦୁରାଚାର ଓ ଦୁର୍ନୀତିକୁ ଗ୍ରହଣ କରି ଆମକୁ ଆନନ୍ଦ ଦେବାପାଇଁ ସେ ଆସିଛନ୍ତି; ଆମକୁ ଅବାଟରୁ ସତ୍ୟ, ଧର୍ମ, ସଦାଚାର ବାଟକୁ ନେବାପାଇଁ ଆସିଛନ୍ତି, ଦରିଦ୍ର ଓ ଦୁର୍ବଳକୁ ଆଶ୍ରା ଦେବାକୁ ଆସିଛନ୍ତି । ସେ ଆମକୁ ଡାକୁଛନ୍ତି - ଆସ, ଦେଖ, ମନହେଲେ ପରୀକ୍ଷା କର, ଅନୁଭବ କର, ଆଉ ଉଦ୍ଧାର ପାଇଯାଅ । ଏଠି ସାଇ ଭାଗବତ ଗାଏ—

ଯେଉଁମାନେ କ୍ଳାନ୍ତ, ଶ୍ରାନ୍ତ, ଆଉ ଅବସନ୍ନ
ଲୁଣ୍ଠ ହୁଅ ପାଦପଦ୍ମ ତଳେ,
ଯେଉଁମାନେ ଧୂଳିର ଏ ଧରଣୀରେ
ସ୍ୱର୍ଗ ଖୋଜ ପ୍ରାଣର ଆକୁଳେ,
ଆଶ୍ରା କର ତାଙ୍କ ବାହୁଛାୟା ।
ଚାହଁ ଯଦି ଜୀବନ-ଯନ୍ତ୍ରଣା ହେଉ ଉପଶମ,
ଥରେ ମାତ୍ର ପ୍ରାଣଭରି ମାଗ ।
ତୁମ ଅଙ୍ଗୁ, ତୁମ ମନୁ ସିଏ
ଖୋଲିଦେବେ ଜଡ଼ତାର ବେଡ଼ି;
ତୁମକୁ ନିଃସାର କରି ଶୋଷୁଥିବା
ବିଭ୍ରାନ୍ତିର ମାୟା ଅଙ୍ଗୁ ଯିବ ଛାଡ଼ି ।
ସେଥିପାଇଁ, ହେ ଅନନ୍ତ-ଯାତ୍ରୀ,
ତୁମର ସକଳ ତ୍ରାସ, ପ୍ରାସ ଆଉ ପରାଜୟ
ଢାଳିଦେଇ ତାଙ୍କ ପାଦତଳେ
ମାଗିନିଅ ପ୍ରେମ-ବରାଭୟ ।
ପାଦକୁ ଉଶ୍ୱାସ କରି
ହୃଦୟେ ଆଲୋକ ଭରି
ନାଚି ନାଚି ମାଡ଼ିଚାଲ ଗୀତ ଗାଇ ମୁକ୍ତିର ହରଷେ ।

ଏଠାରେ ଗୀତ ବନ୍ଦ ହୁଏ । ମୋ ତୁଣ୍ଡ ଖୋଲେ । ମୁଁ କହେ ପ୍ରଶାନ୍ତିନିଳୟମ୍ କଥା, ଏ ଧୂଳିର ଧରଣୀରେ ଶାନ୍ତିମୟ ସ୍ୱର୍ଗରାଜ୍ୟ କଥା । ଏ ପ୍ରଶାନ୍ତିନିଳୟମ୍ ସାରା ପୃଥିବୀର ପ୍ରତ୍ୟେକଟି ହୃଦୟରେ, ଆଉ ବାବା କହନ୍ତି, ସେ ସେଇ ପ୍ରଶାନ୍ତିନିଳୟମ୍‌ର ହିଁ ଅଧିବାସୀ । ଗୀତ ପୁଣି ଗଡ଼ିଚାଲେ—

ଥାକ ଥାକ ପାହାଡ଼ ମେଖଳା
ଗେରୁ ଆଉ ନୀଳ ଆଭରଣ
ପୂତନୀରା ପ୍ରିୟ ଚିତ୍ରାବତୀ
ପୁଟପର୍ତ୍ତି ଦିବ୍ୟ ଶୁଭ ନାମ ।

ପ୍ରଶାନ୍ତିନିଳୟମ୍, ଜେରୁସାଲେମ୍
ସନାତନ ସାରଥିଙ୍କ ସୁରମ୍ୟ ନିବାସ
ଉଭୟ ନାମର ଏକ, ଅଦ୍ୱିତୀୟ ଅର୍ଥ;
କ୍ଷୁଧା-ତୃଷା-ଆକୁଳ ଆତ୍ମାର
ଏକ ଆଶା; ସାର୍ବଭୌମ ତୀର୍ଥ।
ରୂପାର କବାଟ ଦେଖ କେଡ଼େ ମନୋହର,
ଘେରିପଟେ ବେଢ଼ିଛନ୍ତି
ଯକ୍ଷ, ରକ୍ଷ, ଗନ୍ଧର୍ବ, କିନ୍ନର।
ମନ୍ଦିରର ସୁବର୍ଣ୍ଣ କଳସ ପରେ
ଦେବତାଏ କରନ୍ତି ବିହାର।
ଏବେ ମୋ ପୁରକୁ ଚାହଁ
ଉପରକୁ ଉପରକୁ ଦୃଷ୍ଟି ସଞ୍ଚରିଲେ
ଆଖି ଯାଇ ଯେଉଁଠି ଲାଖିବ,
ସେଠି ଅଛି ମନ୍ତ୍ରସାର, ଅକ୍ଷୟ ପ୍ରଣବ।

ପ୍ରଣବ ସକଳ ଜୀବନର ଆଧାର, ସକଳ ଶକ୍ତି ଓ ଚେତନାର ଉତ୍ସ, ସମସ୍ତ ସତ୍ତାର ଧାରକ, ପୋଷକ ଏବଂ ଅନ୍ତର୍ଗତ ଦୈବତ୍ୱ। ପ୍ରଶାନ୍ତିନଳୟମ୍‌ର ପ୍ରବେଶଦ୍ୱାର ଗୋପୁରମ୍‌ର ପ୍ରତି ସ୍ତରରେ ଦ୍ୱାରଶିରଠାରୁ ସର୍ବୋଚ୍ଚ ଚୂଡ଼ା ଯାଏ ବିଭିନ୍ନ ଭାଷାରେ ଅଙ୍କିତ ପ୍ରଣବ - ଆଗନ୍ତୁକ ଯାତ୍ରୀ ପକ୍ଷରେ ଏହାଠାରୁ ଆଉ ବଡ଼ ଉପଦେଶ କ'ଣ ଥାଇପାରେ ?

ତାପରେ ସାଇ ଭାଗବତ ଶ୍ରୋତାଙ୍କୁ ଘେନିଯାଏ ପ୍ରଶାନ୍ତିନିଳୟମ୍‌ର ଆଉ ଏକ ଆକର୍ଷଣ - ପୂର୍ଣ୍ଣଚନ୍ଦ୍ର ପ୍ରେକ୍ଷାଳୟ ଏବଂ ଏହାର ଗୋଟିଏ ପାଖରେ ଥିବା ପଚାଶ ଫୁଟ ଉଚ୍ଚ ସର୍ବଧର୍ମଐକ୍ୟ ସ୍ତୂପ ଆଡ଼କୁ—

ଚାଲ ଯିବା, ପୂର୍ଣ୍ଣଚନ୍ଦ୍ର ଦର୍ଶକ ଭବନ
କିଏ ଏଠି ଦର୍ଶକ ଜାଣିଛ ?
ସେ ଯେବେ ମଣ୍ଡପରେ ସୁକୋମଳ ପାଦ ସଞ୍ଚାରନ୍ତି
ସ୍ୱର୍ଗ ଖାଲି ପଡ଼େ, ଦେବଦେବୀ ଠେଲାଠେଲି ହୋଇ
ଶୂନ୍ୟେ ବିରାଜନ୍ତି ଦର୍ଶନ ଲୋଭରେ !

ରମଣୀୟ ସର୍ବଧର୍ମ ସ୍ତୂପ;
ପ୍ରକଟଇ ତାଙ୍କ ମୂଳ ବାର୍ତ୍ତା—
ସମସ୍ତ ବିଶ୍ୱାସ ଆଉ ସବୁ ଧର୍ମମତ
ଏକ ସତ୍ୟ, ହୋଇପାରେ ଭିନ୍ନ ଭିନ୍ନ ରୂପ।
ଆଣ୍ଠୁମାଡି ବସି ଡାକିପାର ତାଙ୍କୁ,
ଡାକ ଅବା ଧର୍ମଚକ ବୁଲାଇ ବୁଲାଇ,
ନିରାକାର ତାଙ୍କୁ ଭାବ, ଅଥବା ସାକାର,
ତୁମ ଇଚ୍ଛା, ଯେଉଁ ରାସ୍ତା ବାଛିପାର
ମାତ୍ର ମନେରଖ ଯାତ୍ରୀ
ଚ୍ଲିବାର ଅନ୍ତେ ତାଙ୍କୁ ହିଁ ଭେଟିବ।
ଗୁରୁ କୁହ, କୁହ ବା ଈଶ୍ୱର
ପଥଦ୍ରଷ୍ଟା, ଶେଷ ଲକ୍ଷ୍ୟ ଅବା କହିପାର,
ସବୁ ସିଏ, ନାହିଁ ଆଉ ତାଙ୍କ ବିନା କେହି;
ସିଏ ପଥ, ସିଏ ପଥଦ୍ରଷ୍ଟା,
ସିଏ ହିଁ ପଥାନ୍ତ, ସିଏ ନିଖିଳର ସ୍ରଷ୍ଟା।

ଏଠି ଭାଗବତ ବନ୍ଦ ହୁଏ। ଭାଗବତ ବୁଝାଇବା ଛଳରେ ମୁଁ କହେ କିପରି ସାଇଧର୍ମ ହେଲା ପ୍ରତ୍ୟେକଟି ଧର୍ମର ନିଷ୍ଠାପର ଅଭ୍ୟାସ। ମୁସଲମାନ, ଖ୍ରୀଷ୍ଟିୟାନ୍, ଜୀଉ, ବୌଦ୍ଧ, ପାର୍ଶି, ଶିଖ, ଜୈନ ପ୍ରତ୍ୟେକେ କିପରି ବାବାଙ୍କଠାରେ ଆପଣା ଆପଣା ଧର୍ମର ଆଲୋକ ଓ ଆଶ୍ରୟ ଦେଖିଥାନ୍ତି ସେ ସମ୍ପର୍କରେ ଏଠି ଅନେକ କଥା କୁହାଯାଇପାରିବ। ବମ୍ବେରେ ଅନୁଷ୍ଠିତ ପ୍ରଥମ ବିଶ୍ୱ-ସମ୍ମିଳନୀରେ ବାବା ଘୋଷଣା କରିଥିଲେ "ଏଇ ରୂପ ମଧ୍ୟରେ ଦୈବତ୍ୱର ସକଳ ରୂପ, ସକଳ ତତ୍ତ୍ୱ, ମଣିଷ ଦ୍ୱାରା ଆରାଧ୍ୟ ସକଳ ଦେବଦେବୀ ବିଦ୍ୟମାନ।" ଏହାପରେ ଭାଗବତ ପ୍ରଶାନ୍ତିନିଳୟମ୍‌ର ପ୍ରଭାବ ବର୍ଣ୍ଣନା କରିବାକୁ ଯାଇ କହେ—

ପ୍ରଶାନ୍ତିନିଳୟମ୍ ପୀଠ ଅଟେ ବୈଦ୍ୟଶାଳା।
ଲୁହାର ହୃଦୟ ଏଠି ସୁବର୍ଣ୍ଣ ପାଲଟେ!
ଏ ଆଶ୍ରମେ ସଦ୍‌ଗୁରୁ ବସି
ଆନତ, ନିରାଶ ଆଉ ନିଷ୍ପ୍ରାଣ ଅନ୍ତରେ

ଜୀବନର ରସ ସଞ୍ଚାରନ୍ତି;
ହାତେ ଘେନି ପ୍ରୀତିର ମଲମ ।
ଏହା ପୁଣି ଏକ କର୍ମଶାଳା
ଭୁଲି ସବୁ ଜୀବନର ଜ୍ୱାଳା
ବିଭଗ୍ନ ହୃଦୟ ଆଉ ବିଖଣ୍ଡିତ ମନ
ତାଙ୍କ ହାତେ ପୂର୍ଣ୍ଣରୂପ ପାଏ ।
ଏହି ବିଦ୍ୟାଳୟେ ଶିଖା ହୁଏ
ଅଭିନବ ଆତ୍ମା-ବର୍ଣ୍ଣମାଳା,
ଅଧିକା କେତୋଟି 'D' ଆଉ 'F'
ତା ସାଙ୍ଗରେ ନୂଆ ଅଙ୍କ ପାଠ—
ତିନିରୁ ଫେଡ଼ିଲେ ଏକ, ରହେ ମାତ୍ର ଏକ,
ଏକକୁ ମିଶାଇବ ଯଦି ଚାରିଥର
ଯୋଗଫଳ ଏକ ହେବ ତାର !

ଏ ଧାଡ଼ିଗୁଡିକ ଉପରେ ମନ୍ତବ୍ୟ ଦେବାକୁ ଯାଇ ମୁଁ କହେ ଯେ ବାବା କାହାକୁ କଲ୍ୟାଣ କଲେ "ବଙ୍ଗାରୁ, ବଙ୍ଗାରୁ"(ସୁନା)ବୋଲି କହିଥାନ୍ତି । ଏହା ହୃଦୟର କଠୋରତା ଦୂର କରେ ଆଉ ଲୁହାକୁ ସୁନା କରେ । ନିଷ୍ପ୍ରାଣ ଦେହରେ ବାବା ପ୍ରାଣ ସଞ୍ଚାର କରିବା, ମାନସିକ ରୋଗୀକୁ ଆରୋଗ୍ୟ କରିବା ଆଦି କେତୋଟି ଘଟଣା ମଧ୍ୟ ମୁଁ ଶ୍ରୋତାମାନଙ୍କୁ ଶୁଣାଇଥାଏ । ଆଉ କେତୋଟି 'D'କୁ ବାବାଙ୍କ ଉପଦେଶ Duty, Discipline I Devotion, (କର୍ତ୍ତବ୍ୟପାଳନ, ଶୃଙ୍ଖଳିତ ଜୀବନଯାପନ ଓ ଭକ୍ତି) ବୋଲି ବୁଝାଏ । ସେହିପରି ଚାରିଗୋଟି F କୁ Follow the Master, Face the Devil, Fight to the end, Finish the game (ଗୁରୁଙ୍କୁ ଅନୁସରଣ କର, ନିଜ ଭିତରର ଦୁଷ୍ଟଶକ୍ତିର ସମ୍ମୁଖୀନ ହୁଅ, ଶେଷ ପର୍ଯ୍ୟନ୍ତ ଯା ସହ ଲଢ଼େଇ କର, ଆଉ ଜୀବନର ଖେଳ ଶେଷ କର) ବୋଲି କହିଥାଏ । ପ୍ରକୃତିକୁ ମନର ବିକାର ବୋଲି ବୁଝିଗଲେ ଜୀବାତ୍ମା ପରମାତ୍ମାଙ୍କଠାରେ ଲୀନ ହୋଇଯାଏ । ବାବା ଆମକୁ ଏହି ମୂଳସତ୍ୟ ଶିଖାଇବାକୁ ଆସିଛନ୍ତି । ମାତ୍ର ସାଧନା ଦ୍ୱାରା ମନକୁ ନିର୍ମଳ ଓ ବୁଦ୍ଧିକୁ ଅମ୍ଳାନ ନ କଲେ ଏହି ମହାସତ୍ୟ ଶିକ୍ଷା କରିବା ସମ୍ଭବ ହୁଏ ନାହିଁ ।

ଏହାପରେ ସାଇ ଭାଗବତ ପ୍ରଶାନ୍ତିନିଳୟମ୍‌କୁ ଆସୁଥିବା ଆଗନ୍ତୁକ ଭକ୍ତମାନଙ୍କର ସାଧନା ସମ୍ପର୍କରେ ସୂଚନା ଦିଏ—

ବସ ଯାଇ ଦର୍ଶନ ଧାଡ଼ିରେ
ହାତ ଆଉ ମନ-ମୁନ ଯୋଡ଼ି
ଦ୍ୱେଷ ଆଉ ଅହଙ୍କାର ଝାଡ଼ି,
ଈର୍ଷା ଆଉ ଲୋଭ ସାଙ୍ଗେ ସମ୍ପର୍କ ତୁଟାଇ
ମନେ ମନେ ଗୁଣି ତାଙ୍କ କମନୀୟ ମୂର୍ତ୍ତି
ଦୟିନୀ ଜଣାଅ—ପ୍ରଭୁ ଦୟାମୟ
ଦର୍ଶନ, ସ୍ପର୍ଶନ ଆଉ ସମ୍ଭାଷଣ ଆଶେ
ବସିଅଛି ଧ୍ୟାୟି ।

ଦର୍ଶନ ଅର୍ଥ କେବଳ ବାହ୍ୟରୂପ ପ୍ରତ୍ୟକ୍ଷ କରିବା ନୁହେଁ, ଧ୍ୟାନନେତ୍ରରେ ତାଙ୍କର ଦିବ୍ୟରୂପ ପ୍ରତ୍ୟକ୍ଷ କରି ଆନନ୍ଦରେ ବୁଡ଼ିଯିବା ଯେଉଛି ଯଥାର୍ଥ ଦର୍ଶନ । ସ୍ପର୍ଶନ ଅର୍ଥ କେବଳ ତାଙ୍କ ପାଦପଦ୍ମକୁ ସ୍ପର୍ଶ କରିବା ନୁହଁ, ହୃଦୟରେ ପଦ୍ମପାଦକୁ ଓ ପଦ୍ମର ଗୁଣାବଳୀ ପ୍ରତିଷ୍ଠା କରିବା । ସେହିପରି, ସମ୍ଭାଷଣ କହିଲେ ବୁଝାଏ ତାଙ୍କୁ ଅନ୍ତର ଭିତରେ ପ୍ରାର୍ଥନା କରି ଅନ୍ତର ଭିତରେ ତାଙ୍କର ଉପଦେଶ ବାଣୀ ଶୁଣିବା ।

ଦେଖ ଆହା ଦିଶିଲାଣି ରମ୍ୟ ଆଭରଣ—
ଜ୍ୟୋତିର ଝଲକ, ଅବା ଆଲୋକର ଶିଖା
ଗନ୍ଧବହ ମଳୟ ମରୁତ
ବହିଆଣେ ଶ୍ରୀଅଙ୍ଗର ବାସ
କେଶଦାମ ଦିବାକର କରେ ଉଦ୍‌ଭାସିତ ।
ଦୂରତମ ସ୍ୱପ୍ନ ସତେ ଆଜି ପୂର୍ଣ୍ଣ ହେଲା
ନିରେଖିଲା ଯେବେ ଆଜି ନୟନ ଯୁଗଳ
ଏହି ସର୍ବସାର ମୂର୍ତ୍ତି
ଯାହା ମଧ୍ୟେ ସନ୍ନିହିତ ଦୈବତ୍ୱ ସମସ୍ତ
ସମସ୍ତ କରୁଣା, ଶକ୍ତି, ମହତ୍ତ୍ୱ, ଉଲ୍ଲାସ ।

ପୃଥିବୀର ସବୁ ଦେଶର, ସବୁ ଧର୍ମ ଓ ଜାତିର ଲୋକେ ଏଠାକୁ ଆସନ୍ତି। କିଏ ସ୍ୱପ୍ନ ଦେଖି ଆସେ, କିଏ ବ୍ୟାଧିରୁ ମୁକ୍ତ ହେବା ପାଇଁ ଆସେ, କାହାକୁ ବାବା ଅନ୍ୟ କୌଣସି ବର ଦେବା ନିମନ୍ତେ ଡାକି ଆଣନ୍ତି। ଧାଡ଼ି ଧାଡ଼ି ବସିଥିବା ଦର୍ଶନାର୍ଥୀମାନଙ୍କ ମଧ୍ୟରେ ବାବା ବୁଲୁଥିବା ବେଳେ ଅନେକେ ବାବାଙ୍କୁ ନିଜ ନିଜର ଆରାଧ୍ୟ ଇଷ୍ଟଦେବ ବା ଦେବୀ ରୂପରେ ମଧ୍ୟ ଦର୍ଶନ କରିଥାନ୍ତି। ଏଠାରେ ଏପରି କେତେକ ଉଦାହରଣ ଦେଇସାରିଲା ପରେ ଭାଗବତ ଗାଏ—

ଏହି ମୂର୍ତ୍ତି ଶିବ-ଶକ୍ତି, କୃଷ୍ଣ ଆଉ ରାମ
ଯେହୋଭା, ବୁଦ୍ଧ, ଯୀଶୁ ନୟନାଭିରାମ।
ଭିଡ଼ି ଧର ତାଙ୍କ ପଦ୍ମପାଦ,
ଆଉ ସେ ପାଦର କୋମଳ ପରଶ
ରଖ ହେ ସାଇତି।
ତୁମକୁ ସେ ରଖିବ କୋମଳ ଅହର୍ନିଶ।

ଏହାପରେ ଯଥାପୂର୍ବ ରହିବା ସମ୍ଭବ ନୁହେଁ। ହୃଦୟରେ ପ୍ରେମର ମନ୍ଦାକିନୀ ଉଦ୍‌ବେଳ ହୋଇ ଉଠିବ। ମାତ୍ର ବ୍ୟକ୍ତିଗତ ସାକ୍ଷାତ୍‌କାରର ସୌଭାଗ୍ୟ ପାଇଁ ଡକରା ମିଳିଲେ ବ୍ୟକ୍ତିର ରୂପାନ୍ତର ଦ୍ରୁତତର ହୋଇଯାଏ।

ଦେଖ ଦେଖ, ଏଇ ତାଙ୍କ ତର୍ଜନୀ ସଙ୍କେତ—
ହାତ ଠାରି ତୁମକୁ ସେ ଡାକୁଛନ୍ତି ପରା,
ତୁମ ରାତି ପାହିଗଲା, ଆଜି ଏକ ନୂତନ ପ୍ରଭାତ।
ଉଠ, ଯାଅ ତାଙ୍କ ପଛେ-
ଆଉ ମାତ୍ର କେତୋଟି ମୁହୂର୍ତ୍ତ ପରେ
ହେବ ତୁମ ନବଜନ୍ମ ତାଙ୍କ ସନ୍ନିଧିରେ ।

ବାବା କହନ୍ତି ନୂଆ ଗଢ଼ିବାକୁ ହେଲେ ପୁରୁଣାକୁ ଭାଙ୍ଗିବାକୁ ହେବ। ତାଙ୍କ ସହିତ ବ୍ୟକ୍ତିଗତ ସାକ୍ଷାତ୍‌କାର (ଇଣ୍ଟରଭିଉ) ବେଳେ ଏହି ଭାଙ୍ଗିବା-ଗଢ଼ିବା ସମ୍ପନ୍ନ ହୋଇଥାଏ। ସେ ପ୍ରତ୍ୟକ୍ଷରେ ଆମ ଅଭିଳାଷ ପୂରଣ କରିପାରନ୍ତି କିମ୍ବା ପରୋକ୍ଷରେ ଆମ ହୃଦୟ ଭିତରେ ସାରଥି ଭାବରେ ରହି ଆମ ପ୍ରାର୍ଥନା ପୂର୍ଣ୍ଣ କରିପାରନ୍ତି—

ଯେତେସବୁ ଭଙ୍ଗାତୁଟା ଆବର୍ଜନା ମୁଣ୍ଡରେ ରଖିଛ,
ସବୁ ସିଏ କରିଦେବେ ସଫା।

କିଏ ତୁମେ, କାହିଁକି ଆସିଛ
ଦିନ ପରି ସ୍ପଷ୍ଟ ହୋଇଯିବ ।
ଆଜ୍ଞାଚକ୍ରେ ଆଙ୍କିଦେବେ ବିଭୂତିର ବିନ୍ଦୁ;
ଭୟରେ ରଞ୍ଜିତ ତୁମ ଚକ୍ଷୁ ଉପାନ୍ତରେ
ଅଭୟର କଳା ମାଖିଦେବେ ।
ନାସିକାରେ ଗତାଗତ ଅବିରତ ସୋଽହଂ
ଶୁଣିବାରେ କର୍ଣ୍ଣକୁ ବଧିର ଜାଣି
ମନ୍ଦ ମନ୍ଦ କେବଳ ହସିବେ ।
ପରନିନ୍ଦା, ପରଚର୍ଚ୍ଚା, ଅସହିଷ୍ଣୁ କଥା
କହୁଥିବା ଜିଭ ପାଇଁ ଖଞ୍ଜିବେ ନିଦାନ
ଧ୍ୟାନ ଆଉ ଜପ, ନିୟମିତ ପ୍ରତିଦିନ ।
ଓଠରେ ଆଙ୍ଗୁଠି ଦେଇ କହିବେ- 'ସେତିକି'
କଣ୍ଠେ ଦେଇ ଅଚ୍ୟୁତ ପରଶ
ହୃଦୟରେ ଭରି ପ୍ରୀତିରସ ।
ପିଠିରୁ ଓହ୍ଲାଇ ବୋଝ ଜନ୍ମଜନ୍ମାନ୍ତର
କହିବେ ଘେନିଲି ମୁଁ ସବୁ ବ୍ୟଥା ତୋର
ବେଗି ବେଗି ଚ୍ଛଲିବୁ ଏଥର ।
ଭୟାତୁର ଛାତି ପାଇଁ ତାଙ୍କ ଅନୁଗ୍ରହ
ଅଭୟ, କବଚ, ଆଉ ତାଙ୍କ ଆଖିର ଝଲକ
ବିନାଶିବ ତୁମ ଚଲାପଥୁ
ବାସନାର ଡାହାଣୀ ଆଲୋକ !

ଏଇ କେତୋଟି ଧାଡ଼ି ବ୍ୟକ୍ତିତ୍ୱର ଭଙ୍ଗା-ଗଢ଼ା କଥା କହେ । ଏଣୁ ଏହା ଶ୍ରୋତାମାନଙ୍କୁ ବୁଝାଇ ସାରିବା ପରେ ସେମାନଙ୍କ ମନରେ ଏହାର ପ୍ରଭାବ ରଖିଯିବା ଉଦ୍ଦେଶ୍ୟରେ ମୁଁ ଏ ଧାଡ଼ିଗୁଡ଼ିକ ପୁଣି ଥରେ ଗାଇବାକୁ ପୁଅକୁ କହେ । ବିଭୂତି କହିଲେ ପବିତ୍ର ଭସ୍ମକୁ ବୁଝାଏ । ଏହାର ଆଉ ଗୋଟିଏ ଅର୍ଥ ହେଲା ଭଗବାନଙ୍କ ଶକ୍ତି ଓ ମହିମା । ରାଜଯୋଗ ଶାସ୍ତ୍ର ଅନୁସାରେ ଆମର ଭ୍ରୂ-ମଧ୍ୟ ସ୍ଥାନକୁ ଆଜ୍ଞାଚକ୍ର କୁହାଯାଏ । ବାବା ବିଭୂତି ସୃଷ୍ଟି କରି ଆମର ଏହି ଭ୍ରୂ-ମଧ୍ୟ ସ୍ଥାନରେ ଲଗାଇ ଦେଇଥାନ୍ତି । ବର୍ଣ୍ଣଦ୍ୱେଷ ହେଉଛି ସଂସାରରେ ସମସ୍ତ ଧର୍ମଗୋଳର

କାରଣ। ଆମ ଆଖିରୁ ଏ ଦୃଷ୍ଟିଦୋଷ ଦୂର କରନ୍ତି ସେ। ବାବା କହନ୍ତି ଆମର ଶ୍ୱାସପ୍ରଶ୍ୱାସରେ ନିରନ୍ତର ସୋଽହଂ ମନ୍ତ୍ର ଉଚ୍ଚାରିତ ହେଉଛି। ଆମେ ଯଦି ଏହି ମହାମନ୍ତ୍ର ଶୁଣି ପାରିବା ତେବେ ଜୀବାତ୍ମା ପରମାତ୍ମାଙ୍କଠାରେ ଲୀନ ହୋଇଯିବ।

ବାବା ସର୍ବବ୍ୟାପୀ। ଜୀବନର ଉତ୍ତୁଙ୍ଗ-ତରଙ୍ଗ-ସଙ୍କୁଳ ସମୁଦ୍ରରେ ଯାତ୍ରା କରୁଥିବା ଯାତ୍ରୀ ତାଙ୍କର ସାହାଯ୍ୟ ସବୁଠାରେ ସବୁ ସମୟରେ ପାଇପାରେ।

ପ୍ରତି ହୃଦୟର କାତର ଆହ୍ୱାନ
ଶୁଣନ୍ତି ସେ ଅବିଳମ୍ବେ।
ଝଡ଼ କ୍ଷୁବ୍ଧ ସମୁଦ୍ରରେ ନାବ ଗଲେ ଭାଙ୍ଗି
ଯେତେ କ୍ଷୀଣ ହେଲେ ମଧ୍ୟ ଯାତ୍ରୀର ଡାକରା
ଦିନ ହେଉ, ହେଉ ଅବା ରାତ୍ରି
ସାଇଙ୍କର ଅଭୟ ସେ ପାଏ।
ସେ ସର୍ବଦା ତୁମ ଦ୍ୱାରେ ବିଦ୍ୟମାନ
ତୁମ ଆଗେ, ପଛେ, ଆଉ ସମ୍ମୁଖରେ।
ମନରେ ସଂଶୟ ! ପାଇବ ଉତ୍ତର;
ହୃଦୟରେ ତାଲା ? ପ୍ରବେଶିବେ ଅତି ସହଜରେ;
ମନ୍ଦହାସ, ଶୁଣି ତୁମ ନିନ୍ଦା ତିରସ୍କାର।
ଅସ୍ୱୀକାର କଲେ ମଧ୍ୟ ତୁମକୁ ସେ ଯିବେ ନାହିଁ ଛାଡି।
ତୁମର ଅତୀତ, ଭବିଷ୍ୟତ ଆଉ ବର୍ତ୍ତମାନ
ଚିହ୍ନିନିଖି ପାରନ୍ତି ସେ ପଢ଼ି।

ତାଙ୍କର ସର୍ବମୟ ପ୍ରେମ ଓ କରୁଣାର ଶହ ଶହ ନିଦର୍ଶନ ମନରେ ଜମା ହୋଇଯାଏ। କେବଳ ସେଥିରୁ କେତୋଟି ବାଛି ଶ୍ରୋତାମାନଙ୍କୁ ବୁଝାଇବା କଥା। ଶ୍ରୋତାମାନେ ମଧ୍ୟ ଅବତାରଙ୍କ କରୁଣାର କଥା ଆହୁରି ଆହୁରି ଶୁଣିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି।

ଯେଉଁ ପରମ ସତ୍ୟକୁ ବାବା ଆଜି କଥାରେ ଓ କର୍ମରେ ପ୍ରକଟ କରୁଛନ୍ତି, ସାଇ ଭାଗବତ ତାହା ବି ବର୍ଣ୍ଣନା କରେ। ବାବା ଗୋଟିଏ ପଥର ଧରି ଫୁଙ୍କି ଦିଅନ୍ତି, ଆଉ ସେ ପଥରଟି ବେଣୁଗୋପାଳ ମୂର୍ତ୍ତି ପାଲଟିଯାଏ ! ଗୋଟିଏ ଘାସକୁ ଆଉ ଗୋଟିଏ ଘାସ ଉପରେ

ଯୁକ୍ତଚିହ୍ନ ପରି ଧରନ୍ତି, ଆଉ ତାଙ୍କର ଫୁଙ୍କା ପବନରେ ତାହା ତତ୍‌କ୍ଷଣାତ୍ ଗୋଟିଏ କ୍ରସ୍ ହୋଇଯାଏ ! ସେ କ୍ରସ୍ ଉପରେ ଯୀଶୁଙ୍କର କ୍ରୁସବିଦ୍ଧ ଯନ୍ତ୍ରଣାଦାୟକ ମୂର୍ତ୍ତି ମଧ୍ୟ ଫୁଟିଉଠେ ।

କିଏ ସେ ମାପିବ ତାଙ୍କ ଅମାପ କରୁଣା !
ଯାହା ବଳେ ଆମେ ଶୁଣିପାରୁ
ଶୈଳବକ୍ଷେ ସନ୍ନିହିତ ମଧୁର ମୂର୍ଚ୍ଛନା ।
ପ୍ରତି ଘାସପତ୍ରେ ଦେଖିପାରୁ କ୍ରୁସବିଦ୍ଧ ଯୀଶୁ ।
ଝରେ ତାଙ୍କ ଶ୍ରୀହସ୍ତରୁ ପବିତ୍ର ବିଭୂତି
ଝରେ ପୁଣି ଲକ୍ଷ ଲକ୍ଷ ଘରେ
ତାଙ୍କ ଦୟା ଆଉ ପ୍ରେମର ସନ୍ତକ
ଅଲୌକିକ, ମହିମା ବିଚିତ୍ର
ଯାହା ତାଙ୍କ ପରିଚୟ-ପତ୍ର !
'ମୁଁ ତୁମର', 'ମୁଁ ତୁମର'—କହନ୍ତି ସେ ଡାକି
ତାଙ୍କ ହସ୍ତପଦ, ଦୃଷ୍ଟି ଆଉ ସ୍ୱର
ମେଖଳା ଏ ନିଖିଳ ବିଶ୍ୱର ।

ଏଠାରେ ବାବା ଭୂତତ୍ତ୍ୱବିଦ୍ ୱାଇ. ଜେ.ରାଓ, ଖ୍ରୀଷ୍ଟିୟାନ୍ ହିସ୍‌ଲପ୍ ଏବଂ ଆହୁରି ଅନେକ ଭକ୍ତଙ୍କୁ ପ୍ରଦାନ କରିଥିବା ଦିବ୍ୟଦର୍ଶନ ସମ୍ପର୍କରେ ମୁଁ ଆଲୋଚନା କରେ । ଆମର ଏ ଛୋଟିଆ ଗ୍ରହଟିରେ ଯେଉଁମାନେ ସବୁ ତାଙ୍କୁ ଦର୍ଶନ କରିଛନ୍ତି, ତାଙ୍କ ସମ୍ଭାଷଣ ଶୁଣିଛନ୍ତି ଓ ନାନା ଆପଦ-ବିପଦରୁ ତାଙ୍କର ଅଭୟହସ୍ତ ଯେଉଁମାନଙ୍କୁ ଉଦ୍ଧାର କରିଛି, ସେମାନେ ସମସ୍ତେ ବାବାଙ୍କୁ ପାଖରେ ପାଇଛନ୍ତି । ଏହା ହିଁ ତାଙ୍କର ସର୍ବବ୍ୟାପକତାର ନିଦର୍ଶନ ବୋଲି ମୁଁ ବୁଝାଇଥାଏ ।

ସାଇଭାଗବତର ସମାପ୍ତି ଏକ ପ୍ରତିଶ୍ରୁତି, ଏକ ଅନୁରୋଧ ଏବଂ ଏକ ପ୍ରାର୍ଥନା :

ଜୀବନର ଯେତେ ସବୁ ଆମେ ତୀର୍ଥଯାତ୍ରୀ
ଆଉ କିମ୍ବା ହେବା ବିବ୍ରତ, ବିଷାଦ ?
ପଦ୍ମପାଦ ଅନ୍ୱେଷଣେ
ଭ୍ରମ କିମ୍ବା ପୂର୍ବ ଓ ପଶ୍ଚିମ ?
ପାହାଡ଼-ପର୍ବତ ଚଢ଼ି, ଟପି ନଦୀ-ନଦ

କାହାକୁ ଖୋଜୁଛ ବୁଲି ସାଗର-ପ୍ରାନ୍ତର ?
ପଦ୍ମପାଦ ? ସେ ତ ଏଠି ବିରାଜିତ
ଖୋଜୁଥିବା ହାତ ପାଇଁ ସୁଲଭ, ଶାଶ୍ୱତ ।
ମନେ ନାହିଁ ତାଙ୍କ ଆଦ୍ୟ ଗୀତ ?
'ମାନସ ଭଜରେ ଗୁରୁଚରଣମ୍' ।
ହୃଦୟର ନିଭୃତ ବେଦୀରେ
ଆସ ଥାପି ପ୍ରେମଭରେ ସେ ଦୁଇଚରଣ
କରିବା ପ୍ରାର୍ଥନା—ସାଇ ପ୍ରଭୁ
ମୋ ଅନ୍ତରେ ଦୟାବହି କର ପ୍ରକଟନ,
ତୁମର ସେ ଦିବ୍ୟଧାମ, ନିତ୍ୟ ଚିରନ୍ତନ ।
ତୁମପାଇଁ କର୍ମ ହେଉ ଆରାଧନା ମୋର
ତୁମ ବାକ୍ୟେ ଶ୍ରଦ୍ଧା ଯାର
ଢାଳେ ଯିଏ ତୁମପାଇଁ ଅଶ୍ରୁ
ଦିଅ ମୋତେ ତାଙ୍କ ସତ୍‌ସଙ୍ଗ;
ନେତ୍ର ମୋର ଯେଉଁଠି ପଡ଼ିବ,
ଦେଖିବି ମୁଁ ତୁମ ମୁଗ୍ଧ ଛବି;
ଆଉ, ମହାପ୍ରଭୁ,
ପୂର୍ଣ୍ଣ କର ଏଇ ଶେଷ ଭିକ୍ଷା—
ତୁମରି ଏ ଅଭିନ୍ନ ରୂପଟି
ଲୀନ ହେଉ ଅବିଳମ୍ବେ ତୁମ୍ଭ ଶ୍ରୀ ପୟରେ ।

ଆଜି ପୃଥିବୀର ଚ଼ରିଆଡ଼େ ଏହି ଶୁଭଖବର ଖେଳିଯାଇଛି ଯେ ମଣିଷ ରୂପରେ ପରମେଶ୍ୱର ପୃଥିବୀରେ ଏବେ ବିଚରଣ କରୁଛନ୍ତି । ଯେଉଁମାନେ ଏ ସମ୍ବାଦ ଅନ୍ୟମାନଙ୍କୁ ଶୁଣାଉଛନ୍ତି ସେମାନଙ୍କର ଆନନ୍ଦ ଶ୍ରୋତାମାନଙ୍କ ମନରେ ଆନନ୍ଦ ଜାତ କରୁଛି । ସେମାନଙ୍କର ସାଧୁତା, ସଦାଚ଼ର, ସ୍ନେହ, ନିଷ୍ଠା, ସରଳତା ଓ ଭଗବତ୍‌ପ୍ରେମ ଅନ୍ୟମାନଙ୍କ ମଧ୍ୟରେ ଏହିସବୁ ଗୁଣ ସଞ୍ଚାର କରୁଛି । ଯେଉଁ ନିରାଶ, ହତାଶ ଓ ବ୍ୟାଧିଗ୍ରସ୍ତ ଲୋକେ ସେମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସାଇ ଦର୍ଶନ ପାଇଁ ଆସୁଛନ୍ତି, ସେମାନେ ନିଶ୍ଚୟ ଏହି ପଥଦ୍ରଷ୍ଟାମାନଙ୍କ

ପ୍ରତି କୃତଜ୍ଞ ରହିବେ। ଯେଉଁମାନେ ସାଇଙ୍କ ପ୍ରଭାବରେ ଅଭିଭୂତ ମୁଁ ସେ ସମସ୍ତଙ୍କୁ ଆହ୍ୱାନ କରୁଛି, ସେମାନେ ରାମକୃଷ୍ଣଙ୍କ କାହାଣୀର ଚତୁର୍ଥ ଲୋକଟିର ଭୂମିକା ଗ୍ରହଣ କରନ୍ତୁ। ଏହି ଉଦ୍ଦେଶ୍ୟରେ ମୁଁ ଏଗାରବର୍ଷ ତଳେ ପାଇଥିବା ଗୋଟିଏ ଚିଠିର କେତେକାଂଶ ଉଦ୍ଧାର କରୁଛି। ପତ୍ରଲେଖକ କେବଳ 'କାଲିଫର୍ଣ୍ଣିଆର ଜନ୍' ବୋଲି ନିଜର ନାମ ସ୍ୱାକ୍ଷର କରିଥିଲେ।

"ପ୍ରିୟ କସ୍ତୁରୀ ମହାଶୟ, ମୁଁ କିଏ ଓ କ'ଣ ତାହା ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଗୁରୁତ୍ୱପୂର୍ଣ୍ଣ ହେଲା ଆପଣ ମୋ ଆଗରେ ଯେଉଁ ଦ୍ୱାର ଖୋଲିଦେଲେ, ସେ ବାଟରେ ବାବାଙ୍କ ମନ୍ଦିରରେ ପ୍ରବେଶ କରି ମୁଁ ତାଙ୍କ ଚରଣରେ ପ୍ରଣାମ କରିବାର ଓ ମୋର ଏ ଜନ୍ମର ଆସିବା ଓ ଯିବା ସମୟ ମଧ୍ୟରେ ଏଠି ତାଙ୍କୁ ଜାଣିବାର ଆନନ୍ଦ ପାଇପାରିଛି। ମୁଁ ପ୍ରାର୍ଥନା କରୁଛି ଆପଣଙ୍କ ପରି ତାଙ୍କୁ ଏ ଦୁଇ ଆଖି ପୂରାଇ ଦେଖିବାର, ତାଙ୍କ ପାଖରେ ଠିଆ ହେବାର ଓ ତାଙ୍କ ବାଣୀ ଶୁଣିବାର ସୌଭାଗ୍ୟ ମୋର ହେଉ। ମୁଁ ଆଜି ତାଙ୍କୁ ପ୍ରାର୍ଥନା କରିପାରୁଛି, ତାଙ୍କୁ ଚିଠି ଲେଖି ପାରୁଛି ଓ ମୋ ହୃଦୟ ଭିତରେ ତାଙ୍କ ଉତ୍ତର ଶୁଣିପାରୁଛି, କାରଣ ଆପଣ ମୋତେ ତାଙ୍କୁ ବୁଝିବା ପାଇଁ ଓ ତାଙ୍କ ପାଇଁ ମୋ ହୃଦୟ ଖୋଲିଦେବା ପାଇଁ ମୋତେ ସାହାଯ୍ୟ କରିଛନ୍ତି। ମୁଁ ଯେ ତାଙ୍କୁ ପୂରାପୂରି ବୁଝି ପାରିଛି ସେ ଛଳନା ମୁଁ କରୁନାହିଁ, ମାତ୍ର ଆପଣଙ୍କ ଚେଷ୍ଟାରୁ ହିଁ ତାଙ୍କରି କଥା ମୋ ପାଖରେ ପହଞ୍ଚିପାରିଛି, ଆଉ ମୋର ସାମର୍ଥ୍ୟ ଅନୁସାରେ ତାଙ୍କୁ ବୁଝିବା ପାଇଁ ମୁଁ ଉଦ୍ୟମ କରୁଛି। ଭାଇ କସ୍ତୁରୀ, ଆପଣଙ୍କୁ ଅନେକ ଅନେକ ଧନ୍ୟବାଦ।"

ଦେବାଳୟରେ ଦେବାବତରଣ

ମଣିଷମନର ପରିବର୍ତ୍ତନ ନିମନ୍ତେ ଅବତାର ନାନା ପ୍ରକାରର ଉପାୟ ଅବଲମ୍ବନ କରିଥାନ୍ତି। ପ୍ରଶାନ୍ତିନିଳୟମ୍‌ରେ ଗାଇଥିବା ଗୋଟିଏ ଗୀତରେ ବାବା ଏହି ବିଭିନ୍ନ ପନ୍ଥା କ'ଣ ତାହା ବୁଝାଇଛନ୍ତି। ତାହା ହେଲା, "ଦ୍ୱୈତ ଜଗତର ବନ୍ଧନରୁ ମୁକ୍ତ କରି ମୋକ୍ଷ ପ୍ରଦାନ କରୁଥିବା ଭକ୍ତି ଓ ଆତ୍ମନିବେଦନ ଉପରେ ଲୋକଙ୍କର ବିଶ୍ୱାସ ଫେରାଇ ଆଣିବା; ବ୍ୟକ୍ତି ବ୍ୟକ୍ତି ମଧ୍ୟରେ, ଗୋଷ୍ଠୀ ଗୋଷ୍ଠୀ ଭିତରେ, ସମାଜ ଓ ଜାତି ମଧ୍ୟରେ ପ୍ରେମ ପରିପୋଷଣ କରି ଶାନ୍ତି ପ୍ରତିଷ୍ଠା କରିବା, ସାଧୁ ଓ ସଦାଚାରସମ୍ପନ୍ନ ଲୋକଙ୍କ ଜୀବନର ଆଦର୍ଶକୁ ଦୃଢ଼ତର କରିବା ନିମନ୍ତେ ସେମାନଙ୍କୁ ସାନ୍ତ୍ୱନା ଓ ସନ୍ତୋଷ ପ୍ରଦାନ କରିବା ଏବଂ ଜନସମାଜରେ ସଦାଚାର ଓ ସୁଗୁଣ ପ୍ରବର୍ତ୍ତନ କରୁଥିବା ବିଭିନ୍ନ ଦେଶର ଧର୍ମଶାସ୍ତ୍ରମାନଙ୍କର ତାତ୍ପର୍ଯ୍ୟ ବୁଝାଇବା।"

ବାବା ପୁରାତନ ଶାସ୍ତ୍ରମାନଙ୍କର କେବଳ ତାତ୍ପର୍ଯ୍ୟ ବୁଝାଇ ନାହାନ୍ତି, ପୁରାତନ ମନ୍ଦିରମାନଙ୍କରେ ନୂତନ ଭକ୍ତିଭାବ ଓ ଦୈବତ୍ୱ ସଞ୍ଚାର କରିଛନ୍ତି। ଯୁଗ ଯୁଗ ଧରି ମନ୍ଦିରମାନଙ୍କରେ ଯେଉଁ ଦେବଦେବୀ ପ୍ରତିମାମାନେ ଶାସ୍ତ୍ରମତେ ପୂଜା ପାଇଆସୁଥିଲେ, ଆଜିକାଲି ଆଧୁନିକ ଜୀବନର ବ୍ୟଭିଚାର ଓ ମତାନ୍ଧତାର ପ୍ରାବଲ୍ୟ ଯୋଗୁ ସେମାନେ ଲୋକଙ୍କର ଭକ୍ତି ବଦଳରେ ତିରସ୍କାର ହିଁ ପାଉଛନ୍ତି। ଏପରିକି ମନ୍ଦିରର ପୂଜକମାନେ ମଧ୍ୟ ପୂଜା-ଆରାଧନାରେ ବିଶ୍ୱାସ ହରାଇ ବସିଛନ୍ତି। ତୀର୍ଥଯାତ୍ରୀ କହିଲେ ପକେଟମାରୁ ବୋଲି ବୁଝାଯାଉଛି! ମନ୍ଦିରଗୁଡିକ ବ୍ୟବସାୟର କ୍ଷେତ୍ର ହୋଇପଡିଛି। ମନ୍ଦିରସବୁ ଯେତେବେଳେ ଗଢ଼ା ହୋଇଥିଲା, ସେତେବେଳେ ଏସବୁ ଧର୍ମ, ଜ୍ଞାନ ଓ ସାମାଜିକ ସଦାଚାରର ପୀଠସ୍ଥଳ ଥିଲା। ତେଣୁ ବାବା କହନ୍ତି, 'ମନ୍ଦିରମାନଙ୍କର ଆଧ୍ୟାତ୍ମିକ ବ୍ୟାଟେରୀକୁ ପୁଣି ଚାର୍ଜ୍ଜ କରିବା' ମଧ୍ୟ ତାଙ୍କ ଅବତାରତ୍ୱର ଗୋଟିଏ ଲକ୍ଷ୍ୟ।

ଏହି କାର୍ଯ୍ୟକ୍ରମ ପୂର୍ଣ୍ଣ କରିବା ନିମନ୍ତେ ବାବା ଛଅଗୋଟି ମନ୍ଦିରକୁ ଯାଇଥିଲେ। ଏମାନଙ୍କ ମଧ୍ୟରେ ତିନୋଟି ବିଷ୍ଣୁ ଦେବାଳୟ ଓ ତିନୋଟି ଶିବାଳୟ— ଉତ୍ତର, ମଧ୍ୟ ଓ ଦକ୍ଷିଣ ଭାରତରେ ପ୍ରତ୍ୟେକରୁ ଗୋଟିଏ ଲେଖାଏଁ। ଉତ୍ତର ଭାରତର ଗଙ୍ଗାକୂଳରେ ବାରାଣସୀର ବିଶ୍ୱନାଥ ମନ୍ଦିର ଓ ହିମାଳୟର ବଦ୍ରିନାଥ, ମଧ୍ୟଭାରତର ଗୁଜୁରାଟରେ ଥିବା ସୋମନାଥ ଓ ଦ୍ୱାରକାର କୃଷ୍ଣ ଦେବାଳୟ, ଦକ୍ଷିଣ ଭାରତରେ ଶ୍ରୀଶୈଳମ୍‌ର ମଲ୍ଲିକାର୍ଜ୍ଜୁନ

ଏବଂ ମହାରାଷ୍ଟ୍ରର ପଣ୍ଡରପୁରରେ ଥିବା ବିଠ୍ଠଲ ମନ୍ଦିର। କେବଳ ଶେଷଟିକୁ ଛାଡିଦେଲେ ଅନ୍ୟ ସବୁ ମନ୍ଦିରରେ ବାବାଙ୍କର 'ଆଧ୍ୟାତ୍ମିକ ବ୍ୟାଟେରୀ ଚ଼ର୍ଜ କରିବା' ଦେଖିବାର ସୌଭାଗ୍ୟ ମୋର ହୋଇଥିଲା।

ବାବାଙ୍କ ସାଙ୍ଗରେ ବଦ୍ରିନାରାୟଣ ଯିବା ପାଇଁ ଯେତେ ଭକ୍ତ ପ୍ରାର୍ଥନା କରୁଥିଲେ, ବାବା ସେମାନଙ୍କ ମଧ୍ୟରୁ ଅଳ୍ପ କେତେଜଣଙ୍କୁ ସାଙ୍ଗରେ ନେଇଥିଲେ, କାରଣ ବଦ୍ରିନାଥ ଯିବା ବହୁତ କଷ୍ଟସାଧ୍ୟ ଥିଲା। ଟ୍ରେନ୍ ଓ ବସ୍‌ରେ ପ୍ରାୟ ସପ୍ତାହେ କଟାଇବା ପରେ ପ୍ରାୟ ୨୦ ମାଇଲ ପର୍ବତରେ ଚଢ଼ିବାକୁ ପଡ଼ିବ; ତଥାପି ଆମ୍ଭମାନଙ୍କର ସଂଖ୍ୟା ୭୫ ଟପି ଯାଇଥିଲା। ବଦ୍ରିନାରାୟଣଙ୍କ ମନ୍ଦିର ଉତ୍ତର ପ୍ରଦେଶରେ ଅବସ୍ଥିତ, ଆଉ ସେତେବେଳେ ଉତ୍ତର ପ୍ରଦେଶର ରାଜ୍ୟପାଳ ଥିଲେ ଆମର ପ୍ରିୟ ଡକ୍ଟର୍ ରାମକୃଷ୍ଣ ରାଓ। ସେ ବି ତାଙ୍କ ଦଳବଳ ଘେନି ହରଦ୍ୱାରଠାରେ ଆମ ସହିତ ଯୋଗ ଦେଇଥିଲେ। ୧୯୬୧, ଜୁନ୍ ୧୧ ଦିନ ଆମେ ସମସ୍ତେ ବାବାଙ୍କ ଉପସ୍ଥିତିରେ ଗଙ୍ଗାପୂଜା ଓ ଗଙ୍ଗା ଆରତି ଉତ୍ସବ ଦେଖିଥିଲୁ। ଗଙ୍ଗା ଭିତରେ ଗୋଟିଏ ଛୋଟ ଟାପୁରୁ ମୁଁ ଓ ମୋ ସ୍ତ୍ରୀ ଦେଖିଲୁ ବାବା ଗଙ୍ଗାକୂଳରେ ଗୋଟିଏ ପାହାଚ ଉପରେ ଠିଆ ହୋଇଛନ୍ତି, ଯେଉଁଠି ଆମେ ବୋଉକୁ ଘେନି କେତେବର୍ଷ ତଳେ ତୀର୍ଥ କରିବାକୁ ଆସିଥିଲା ବେଳେ ତାଙ୍କର ଜ୍ୟୋତିର୍ମୟ ରୂପ ଦର୍ଶନ କରିଥିଲୁ। ଅନ୍ୟ ସମସ୍ତଙ୍କ ପରି ବାବା ମଧ୍ୟ ଗଙ୍ଗାଜଳରେ ଦୁଇଟି ଦୀପ ଭସାଇଲେ। ଏସବୁ ଦୀପମାନଙ୍କୁ ଗଙ୍ଗା ସ୍ରୋତରେ ବହି ନେଇଥିଲା ଅନେକ ଦୂରକୁ। ରାତିରେ ଗଙ୍ଗାବକ୍ଷରେ ଛୋଟ ଛୋଟ ତରଙ୍ଗରେ ଥରି ଥରି ଶହ ଶହ ଦୀପ ଭାସି ଯାଉଥିବାର ଦୃଶ୍ୟ ଅତ୍ୟନ୍ତ ଅପୂର୍ବ ଥିଲା। ତାପରେ ବାବା ପୂଜକ ଓ ସମବେତ ଭକ୍ତମାନଙ୍କ ଉପରେ ଗଙ୍ଗାଜଳ ସିଞ୍ଚନ କରିଥିଲେ।

ଏହାପରେ ବାବା ରହୁଥିବା ଘରର ଅଗଣାରେ ଆମେସବୁ ଏକାଠି ହେଲୁ। ଆକାଶରେ ତାରାମାନେ ବି ଅବତାରଙ୍କ ଦର୍ଶନ ପାଇବା ଆନନ୍ଦରେ ଅଧିକ ଉଜ୍ଜ୍ୱଳ ଦିଶୁଥିଲେ। ଆମ୍ଭମାନଙ୍କ ଭିତରେ ବାବାଙ୍କୁ ବସିଥିବା ଦେଖି ଚନ୍ଦ୍ରର ମୁଖ ସତେ ଯେମିତି ଉଲ୍ଲାସ ଓ ଆନନ୍ଦରେ ଫାଟି ପଡୁଥିଲା। ଏଠାରୁ ୧୮୨ ମାଇଲ ଭିତରେ କି କି ପବିତ୍ର ସ୍ଥାନସବୁ ଅଛି ବାବା ଆମ ଆଗରେ ବର୍ଣ୍ଣନା କରୁଥିଲେ। କେଉଁଠି କଣ୍ୱଙ୍କର ଆଶ୍ରମ ଥିଲା, କେଉଁଠି ଅର୍ଜୁନ ତପସ୍ୟା କରୁଥିଲେ, କେଉଁଠି ଦକ୍ଷଯଜ୍ଞ ହୋଇଥିଲା ଏବଂ କେଉଁଠି ବ୍ୟାସଦେବଙ୍କ ଆଶ୍ରମ ଥିଲା, ଏସବୁର ବିଶଦ ବର୍ଣ୍ଣନା ଶୁଣି ଆମେ ବିସ୍ମିତ ହୋଇଯାଇଥିଲୁ। ବାବାଙ୍କର ବିଶଦ ଭୌଗୋଳିକ ଜ୍ଞାନ ଆମକୁ ସ୍ତମ୍ଭୀଭୂତ କରି ଦେଇଥିଲା। ତାପରେ ବାବା ବଦ୍ରିନାଥ ମନ୍ଦିର, ଏହାର ବେଢ଼ା,

ପାର୍ଶ୍ୱଦେବଦେବୀ, ମୂଳ ପ୍ରତିମା ଆଦି ସବୁ ବର୍ଣ୍ଣନା କରୁଥିବାବେଳେ ମୁଁ ଗୋଟିଏ ଖାତାରେ ସେସବୁ ଟିପି ରଖୁଥିଲି। ପାଠକମାନେ ମତେ କ୍ଷମା କରିବେ- ମୋର ଉଦ୍ଦେଶ୍ୟ ଥିଲା ପରେ ମନ୍ଦିରରେ ଏସବୁ ତଥ୍ୟ ସତ କି ମିଛ ମିଳାଇ ଦେଖିବା ! ବାବା ଆମକୁ ଘଣ୍ଟାକର୍ଣ୍ଣଙ୍କ ପୌରାଣିକ କାହାଣୀ କହି ମନ୍ଦିରରେ ଘଣ୍ଟାକର୍ଣ୍ଣ ମୂର୍ତ୍ତି ଦେଖାଇଦେବେ ବୋଲି ପ୍ରତିଶ୍ରୁତି ଦେଲେ। ଆମ ସହିତ ଆସିଥିବା ସ୍ତ୍ରୀ ଲୋକମାନଙ୍କୁ ବାବା ରହସ୍ୟ କରି କହିଲେ ମନ୍ଦିରରେ ସେମାନେ ଦେଖିବେ ଲକ୍ଷ୍ମୀ ଜଣେ ଉତ୍ତର ପ୍ରଦେଶର ସ୍ତ୍ରୀଲୋକ, କାରଣ ସେ ଉତ୍ତର ପ୍ରଦେଶର ପ୍ରଚଳିତ ଢଙ୍ଗରେ ହିଁ ଶାଢ଼ୀ ପିନ୍ଧିଥିବେ। ତାପରେ ବାବା ମନ୍ତବ୍ୟ କରିଥିଲେ, "ଅନ୍ୟମାନେ ବଦ୍ରି ଯାଆନ୍ତି ନାରାୟଣଙ୍କ ଦର୍ଶନ ପାଇଁ, ମାତ୍ର ତୁମ୍ଭେମାନେ ନାରାୟଣଙ୍କ ସହିତ ଯାଉଛ ମୂର୍ତ୍ତି ଦେଖିବାକୁ।" ବାବା କହିଲେ (ଦାସଗଣୁଙ୍କୁ ଶିରଡିରେ କହିଥିଲେ) ସେ ଶିରଡି ଛାଡ଼ି ଆସିଲେ କାରଣ • ସେଠାରେ ବ୍ୟବସାୟ ମନୋଭାବ ମାଡ଼ିବସିଲା। ବଦ୍ରିର ପବିତ୍ର ପରିବେଶକୁ ଦୂଷିତ କରିପକାଉଛି ସେଇ ଏକା ଲୋଭ। ବାବା କହିଥିଲେ ତାଙ୍କର ଲକ୍ଷ୍ୟ ଥିଲା ଏ ପବିତ୍ର ସ୍ଥାନକୁ ବିଶୁଦ୍ଧ କରିବା, ଭକ୍ତମାନଙ୍କର ବିଶ୍ୱାସ ଓ ଶ୍ରଦ୍ଧାକୁ ଅକ୍ଷୟ ରଖିବା ଏବଂ ଯେଉଁମାନେ ମନ୍ଦିରର ପୂଜା-ଆରାଧନା ଓ ପରିଚାଳନା ଦାୟିତ୍ୱରେ ଅଛନ୍ତି, ସେମାନଙ୍କ ଆଗରେ ସେମାନଙ୍କ ଆରାଧ୍ୟ ପ୍ରଭୁଙ୍କର ମହତ୍ତ୍ୱ, ଶକ୍ତି ଏବଂ ଦୈବତ୍ୱ ପ୍ରକଟ କରିବା। ବାବା କହିଲେ ସେମାନଙ୍କୁ ସେ ବୁଝାଇଦେବେ ଯେ ବଦ୍ରି ଓ କୈଳାସ ଗୋଟିଏ ମୁହଁର ଦୁଇଟି ଆଖି।

ବଦ୍ରିନାଥ ମନ୍ଦିରରେ ଜୁନ୍ ୧୬ ତାରିଖ ଦିନ ମନ୍ଦିରର ମୁଖ୍ୟ ପୂଜକ (ଯିଏ ମହନ୍ତ ନାମରେ ପରିଚିତ, ଆଉ ପରମ୍ପରା କ୍ରମେ ଦକ୍ଷିଣ ଭାରତର ସାଗର ବିଧୌତ ଶେଷ ସୀମାରୁ ଆଗତ) ମନ୍ଦିରରେ ପବିତ୍ର ଅଭିଷେକ ପାଳନ କରୁଥିବାବେଳେ ବାବା ମନ୍ଦିରର ବିଗ୍ରହଙ୍କଠାରେ ଦୈବଶକ୍ତି ସଂଚାର ରୂପକ ଅବତାର-କ୍ରିୟା ଆରମ୍ଭ କଲେ। ମନୁଷ୍ୟ ସମାଜର ମଙ୍ଗଳ ନିମନ୍ତେ ଅଭିପ୍ରେତ ଏହି ଦୈବକ୍ରିୟା ଆରମ୍ଭରେ ବାବା ଶୂନ୍ୟରେ ହସ୍ତ ସଞ୍ଚାଳନ କରି ପ୍ରଥମେ ଏକ ସହସ୍ରଦଳ ସ୍ୱର୍ଣ୍ଣକମଳ ସୃଷ୍ଟି କଲେ। ପୁନଶ୍ଚ ତାଙ୍କ ହସ୍ତ ଶୂନ୍ୟକୁ ଆଲୋଡନ କଲା। ମାତ୍ର ଏଥର ତାଙ୍କ ହାତ ପାପୁଲିରେ ଶୋଭା ପାଉଥିଲା ପବିତ୍ର, ଜ୍ୟୋତିର୍ମୟ ଜ୍ୟୋତିର୍ଲିଙ୍ଗ। ବାବା ସେଦିନ ଅପରାହ୍ଣରେ ବଦ୍ରିନାଥର ତୀର୍ଥଯାତ୍ରୀ, ଭକ୍ତ ଓ ଅଧିବାସୀମାନଙ୍କ ଆଗରେ ପ୍ରକାଶ କରିଥିଲେ ଯେ ୧୨୦୦ ବର୍ଷ ତଳେ ନିଜେ ଶଙ୍କରାଚାର୍ଯ୍ୟ ମନ୍ଦିରର ନାରାୟଣ ମୂର୍ତ୍ତିଙ୍କ ପୀଠ ତଳେ ଥିବା ଏକ ପଥର ଖୋଲରେ ଏହି ଜ୍ୟୋତିର୍ଲିଙ୍ଗ ସ୍ଥାପନ କରିଥିଲେ। ବାବା ଜ୍ୟୋତିର୍ଲିଙ୍ଗଙ୍କୁ ସ୍ୱର୍ଣ୍ଣ କମଳ ଉପରେ ସ୍ଥାପନ କଲେ। ଆମେ ଦେଖିଲୁ ସତେ ଯେମିତି ସେ ଦୁଇଟି ପରସ୍ପର

ନିମନ୍ତେ ହିଁ ଗଢ଼ା ! ସେତେବେଳେ ଏ ଦିବ୍ୟ ଦୃଶ୍ୟ ଦେଖିବା ପାଇଁ ମନ୍ଦିରରେ ନାହିଁ ନଥିବା ଭିଡ଼ । ହଜାର ହଜାର ଯାତ୍ରୀ ମନ୍ଦିରର ଦେବପୀଠ ସମ୍ମୁଖରେ ଥିବା ଛୋଟ କୋଠରୀ ଭିତରେ ପଶିବାକୁ ଠେଲାପେଲା ଲଗାଇଥାନ୍ତି । ବାବାଙ୍କ ସହ ଆମେ ସବୁ ବଦ୍ରିର ଗୁଜୁରାଟ ଧର୍ମଶାଳାରେ ରହୁଥିଲୁ । ସମସ୍ତଙ୍କର ଦେଖିବାର ସୁବିଧା ପାଇଁ ବାବା ମନ୍ଦିରର 'ବ୍ୟାଟେରୀ ଚାର୍ଜ' ଉତ୍ସବ ଧର୍ମଶାଳାରେ କରିବାକୁ ଠିକ୍ କଲେ ।

ଶଙ୍କରାଚାର୍ଯ୍ୟ ଅଷ୍ଟମ ଶତାବ୍ଦୀରେ କେରଳ ରାଜ୍ୟରେ ଜନ୍ମଗ୍ରହଣ କରିଥିଲେ । ସେ ଉପନିଷଦ, ବ୍ରହ୍ମସୂତ୍ର, ଭାଗବତ ଓ ଗୀତାକୁ ଅଦ୍ୱୈତ ସିଦ୍ଧାନ୍ତ ଅନୁସାରେ ବୁଝାଇଥିଲେ । ତାଙ୍କର ତର୍କ ଅକାଟ୍ୟ ଥିଲା । ସେ ଅଦ୍ୱୈତ ତତ୍ତ୍ୱର ଅଦ୍ୱିତୀୟ ପ୍ରବକ୍ତା ଥିଲେ ମଧ୍ୟ ଦ୍ୱୈତଭାବ ଦୂର କରି ଏକ ବ୍ରହ୍ମତତ୍ତ୍ୱରେ ନିମଜ୍ଜିତ ହେବା ନିମନ୍ତେ ଭକ୍ତିମାର୍ଗକୁ ପ୍ରାଧାନ୍ୟ ଦେଇଥିଲେ । ସେ ଏକାଧିକ ଥର ସମଗ୍ର ଭାରତଖଣ୍ଡରେ ପଦଯାତ୍ରା କରି ପଣ୍ଡିତ ଓ ତର୍କବାଦୀମାନଙ୍କୁ ଅଦ୍ୱୈତ ଭାବରେ ଦୀକ୍ଷିତ କରିଥିଲେ ଓ ସାଧାରଣ ଜନ ଜୀବନରେ ଭକ୍ତିଭାବ ବଢ଼ାଇ ସେମାନଙ୍କ ଧର୍ମ ଜୀବନରେ ଅଧିକ ବିଶୁଦ୍ଧତା ଆଣିଥିଲେ । ସେଦିନ ଅପରାହ୍ଣରେ ବାବା ପ୍ରକାଶ କରିଥିଲେ ଯେ ଶଙ୍କରାଚାର୍ଯ୍ୟଙ୍କୁ ଭଗବାନ୍ ଶଙ୍କର କୈଳାସରେ ପାଞ୍ଚଗୋଟି ନେତ୍ରଲିଙ୍ଗ ପ୍ରଦାନ କରି ଭାରତର ୫ଟି ପୀଠରେ ଏମାନଙ୍କୁ ପ୍ରତିଷ୍ଠା କରିବା ନିମନ୍ତେ ଆଦେଶ ଦେଇଥିଲେ । ବଦ୍ରିନାଥ ମନ୍ଦିରରେ ବାବା ଯେଉଁ ନେତ୍ରଲିଙ୍ଗଙ୍କୁ ପ୍ରକଟ କରାଇଥିଲେ, ସେ ଶଙ୍କର ପ୍ରଦତ୍ତ ପଞ୍ଚଲିଙ୍ଗ ମଧ୍ୟରୁ ଗୋଟିଏ । ଯେତେବେଳେ କୌଣସିଠାରେ ଗୋଟିଏ ମନ୍ଦିର ଗଢ଼ାଯାଏ, ଏହାର ଉପାସ୍ୟ ମୂର୍ତ୍ତି ତଳେ ଲୋକଲୋଚନ ଅନ୍ତରାଳେ ପ୍ରତିଷ୍ଠା କରାଯାଏ ଏହାର ଆଧ୍ୟାତ୍ମିକ ଡାଇନାମୋ, ଏକ ତାନ୍ତ୍ରିକ ଚକ୍ର । ବାବା ଜାଣିଥିଲେ ଏହି ଶକ୍ତିର ଆଧାରଟିକୁ ହିଁ ଚାର୍ଜ କରିବାକୁ ପଡିବ ।

ହିନ୍ଦୁମାନେ ଆଚାର୍ଯ୍ୟ ଶଙ୍କରଙ୍କୁ ଦେବଦେବ ଶଙ୍କରଙ୍କର ଅବତାର ବୋଲି ଗ୍ରହଣ କରିଥାନ୍ତି । ବାବା ଆଉ କିଏ କି ? ସେ ନିଜେ ଶଙ୍କର, ବାବାଙ୍କୁ କୋଡ଼ିଏ ବର୍ଷ ପୂରିବା ଆଗରୁ ଶ୍ରୀଯୁକ୍ତ ଶେଷଗିରି ରାଓ ଏବଂ ଆଉ କେତେଜଣ ଭକ୍ତ ତାଙ୍କର ପୂଜା ନିମନ୍ତେ ଅଷ୍ଟୋତ୍ତରଶତ ନାମାବଳୀ ରଚନା କରିଥିଲେ । ଏହି ପୁସ୍ତକଟି ବହୁଦିନ ହେବ ଦୁର୍ଲ୍ଲଭ ହୋଇଯାଇଥିବାରୁ ସନାତନ ସାରଥିର ଛୋଟ ପ୍ରେସ୍ ଆସିବା ପରେ ତାକୁ ଆଉଥରେ ଛାପିବା ନିମନ୍ତେ ମୋତେ ଭକ୍ତମାନେ ଅନୁରୋଧ କରିଥିଲେ । ମୁଁ ବାବାଙ୍କୁ ପଚାରି କେତୋଟି ନାମର ଯଥାର୍ଥତା ସମ୍ବନ୍ଧରେ ସ୍ପଷ୍ଟ ଆଦେଶ ଚାହିଁଥିଲି ।

ବାବା କେତୋଟି ନାମକୁ ଉଠାଇ ତା ବଦଳରେ ଅନ୍ୟନାମ ରଖିବାକୁ ଆଦେଶ ଦେଇଥିଲେ। ପାଠକମାନେ ମୋତେ ବିଶ୍ୱାସ କରନ୍ତୁ, ବାବା ଯେଉଁ କେତୋଟି ନାମ ଉଠାଇ ଦେଇଥିଲେ ସେଥିରୁ ଗୋଟିଏ ହେଲା "ଓଁ ଶ୍ରୀ ଶଙ୍କର ଅଂଶାୟ ନମଃ" । ଏହା ବଦଳରେ "ଓଁ ଶ୍ରୀ ଶଙ୍କରାୟ ନମଃ" ନାମଟିକୁ ରଖିବାକୁ ବାବା ମୋତେ ନିର୍ଦ୍ଦେଶ ଦେଇଥିଲେ।

ତେଣୁ ଶଙ୍କରଙ୍କଠାରୁ ପାଇ ଶଙ୍କରାଚାର୍ଯ୍ୟ ଯେଉଁ ବ୍ୟାଟେରୀ ପ୍ରତିଷ୍ଠା କରିଥିଲେ ସେଥିରେ ଶଙ୍କର ପୁଣି ଶକ୍ତି ସଞ୍ଚାର କରିଥିଲେ ! ମାତ୍ର ଦୁଇଶହରୁ ଅଧିକ ଲୋକଙ୍କ ଆଖି ଆଗରେ ବ୍ୟାଟେରୀକୁ ପୁଣି ଚାର୍ଜ କରିବାର ଏହି ଉତ୍ସବଟି ଥିଲା ଅତ୍ୟନ୍ତ ରୋମାଞ୍ଚକର। ବାବା ସ୍ୱର୍ଣ୍ଣକମଳ ଉପରେ ଜ୍ୟୋତିର୍ଲିଙ୍ଗ ସ୍ଥାପନ କରି ଆମମାନଙ୍କ ମଧ୍ୟରେ ବୁଲିଲେ ଓ ଲିଙ୍ଗ ମଧ୍ୟରେ ଥିବା ଆଖିଟିକୁ ଆମକୁ ଦେଖାଇଲେ। ଶୁଭ୍ର ଚିକ୍କଣ ଲିଙ୍ଗ ମଧ୍ୟରେ ଆଖିଡୋଳା ପରି ଦାଗଟିଏ ଓ ତାର ଉପରେ ଓ ତଳେ ଦୁଇଟି ଆଖିପତା ପରି ଦାଗ ପରିଷ୍କାର ଦିଶୁଥିଲା। ବାବା ଲିଙ୍ଗଙ୍କୁ ବାମ ଓ ଡାହାଣ ଆଡ଼କୁ ବୁଲାଇଲେ ଆଖିଡୋଳା ବି ବୁଲିବା ପରି ଦିଶୁଥିଲା। "ସମସ୍ତେ ଦେଖିସାରିଲ ତ ? ଯଦି କେହି ଦେଖି ନ ଥାଅ, ପାଖକୁ ଆସ, କାରଣ ଶଙ୍କରାଚାର୍ଯ୍ୟ ଯେଉଁ ଜାଗାରେ ସ୍ଥାପନ କରିଥିଲେ ସେଠାକୁ ସେ ଫେରିଯିବ", ବାବା କହିଲେ।

ଆମ ଭଜନରେ ବଦ୍ରିନାଥ ପ୍ରକମ୍ପିତ ହେଉଥିଲା ବେଳେ ବାବାଙ୍କ ପାପୁଲି ପୁଣି ଶୂନ୍ୟକୁ ଆଲୋଡ଼ନ କଲା, ଆଉ ଆମେ ଦେଖିଲୁ ତାଙ୍କ ହାତରେ ଗୋଟିଏ ରୂପାର ଡାଳ ଚକ ଚକ ହେଉଛି। ଗୋଟିଏ ଟେବୁଲ ଉପରେ ରୂପାର ଥାଳୀରେ ସ୍ୱର୍ଣ୍ଣକମଳ ଉପରେ ନେତ୍ରଲିଙ୍ଗ ବିରାଜିଥିଲେ। ବାବା କହିଲେ ରୂପାର ଡାଳରେ ଗଙ୍ଗୋତ୍ରୀର ଜଳ ଅଛି। ଗଙ୍ଗୋତ୍ରୀ ଗଙ୍ଗାନଦୀର ଜନ୍ମସ୍ଥାନ ହୋଇଥିବାରୁ ଏକ ପରମ ପବିତ୍ର ତୀର୍ଥ। ବାବା ଡାଳ ତଳୁ ହାତ ପାପୁଲି କାଢ଼ିଦେବା ମାତ୍ରେ ଆମେ ଦେଖିଲୁ ଡାଳରେ ଗୋଟିଏ କଣା ହୋଇଯାଇଛି, ଆଉ ପବିତ୍ର ଗଙ୍ଗୋତ୍ରୀର ଜଳ ନେତ୍ରଲିଙ୍ଗଙ୍କ ଅଭିଷେକ କରୁଛି। ଏହି ସମୟରେ ପଣ୍ଡିତ ଓ ପୁରୋହିତମାନେ ମନ୍ତ୍ରପାଠ କଲେ। ଅଭିଷେକ ପରେ ବାବା ପୁଣି ଶୂନ୍ୟରେ ହାତ ହଲାଇଲେ, ଆଉ ଲିଙ୍ଗ ଉପରେ ଝରିପଡିଲା ସୁନା ଓ ରୂପାର ଫୁଲ। ତାପରେ ପୁଣି ଶଙ୍କରଙ୍କ ଶୂନ୍ୟ ହାତରୁ ନେତ୍ରଲିଙ୍ଗଙ୍କ ଉପରେ ଝରିଆସିଲା ସଜ କାକରଧୂଆ ଗଇଷ ଫୁଲ ! ଏ ଫୁଲ ପୁଟପର୍ତ୍ତିର ପାହାଡ଼ କଡ଼େ କଡ଼େ ଫୁଟେ ଓ ଭକ୍ତମାନେ ତାକୁ ସଂଗ୍ରହ କରି ବାବାଙ୍କର ପୂଜା କରିଥାନ୍ତି। ମାତ୍ର ବାହାରୁ ଆସିଥିବା ଲୋକମାନେ ଏ ଫୁଲ ଦେଖି ନଥିବାରୁ ଏହା କ'ଣ ବୋଲି ଉଙ୍କିମାରି

ଦେଖୁ ଦେଖୁ ବାବା କହିଲେ, "ଏଥର ନେତ୍ରଲିଙ୍ଗ ଆପଣା ସ୍ଥାନକୁ ଫେରିଯିବ।" ତା'ପର ମୁହୂର୍ତ୍ତରେ ଆମେ ଦେଖିଲୁ ସ୍ୱର୍ଣ୍ଣକମଳ ଖାଲି!

ଆମେ ଯେତେବେଳେ ବାବାଙ୍କ ସହ କାଶୀ ବିଶ୍ୱନାଥ ମନ୍ଦିର ଭିତରେ ପ୍ରବେଶ କଲୁ ରାଜ୍ୟପାଳ ଡକ୍ଟର ରାମକୃଷ୍ଣ ରାଓ ମଧ୍ୟ ଆମ ସହିତ ଥିଲେ। ଲକ୍ଷ୍ନୌରୁ ଅଯୋଧ୍ୟା, ପ୍ରୟାଗ ଓ କାଶୀ ଯାତ୍ରାରେ ଆମେ ପ୍ରାୟ ୨୦ ଜଣ ବାବାଙ୍କ ସହିତ ଥିଲୁ। ମନ୍ଦିରର ମୁଖ୍ୟ ପୂଜାରୀ ଯେତେବେଳେ ବିଶ୍ୱନାଥଙ୍କ ମହିମା ସ୍ତବ ବୋଲୁଥିଲେ, ବାବା ଚାହିଁ ରହିଥିଲେ ତାଙ୍କର ଭକ୍ତମାନଙ୍କୁ। ସେମାନେ ଭକ୍ତିଭାବରେ ସାଙ୍ଗରେ ଆଣିଥିବା ଗଙ୍ଗାଜଳ ବିଶ୍ୱନାଥ ମହାଲିଙ୍ଗ ଉପରେ ଢାଳୁଥିଲେ। ବାବାଙ୍କର ପିତାମାତା ଯେତେବେଳେ ଗୋଟିଏ କଳସକୁ ଦୁହେଁ ଧରି ବିଶ୍ୱନାଥଙ୍କର ଅଭିଷେକ କରିବାକୁ ଆସିଲେ, ବାବା ମୋତେ ସେମାନଙ୍କ ସହ କଳସଟି ଧରିବା ପାଇଁ ନିର୍ଦ୍ଦେଶ ଦେଲେ। ପିତାମାତା ଯେଉଁ ଆନନ୍ଦ ପାଉଥିଲେ ବିଶ୍ୱନାଥଙ୍କର ଅଭିଷେକ କରି, ମୋତେ ବି ସେଥିରୁ ଟିକିଏ ମିଳିଗଲା। ପ୍ରତ୍ୟେକ ହିନ୍ଦୁ, ଧନୀ ହେଉ ବା ଦରିଦ୍ର ହେଉ, ଗଙ୍ଗାସ୍ନାନ କରିବା, ଗଙ୍ଗାଜଳ ଟିକିଏ ପାଇବା ପରମ ସୌଭାଗ୍ୟ ବୋଲି ମନେକରେ। ଆଉ ଗଙ୍ଗାଜଳରେ ବିଶ୍ୱନାଥଙ୍କର ଅଭିଷେକ କରିପାରିଲେ ତା'ର ଜୀବନ ସାର୍ଥକ ହୋଇଗଲା ବୋଲି ବିଶ୍ୱାସ କରେ।

ଅଭିଷେକ ସରିଲା। ବିଶ୍ୱନାଥଙ୍କ ପାଇଁ ସାଇନାଥଙ୍କ ହାତରେ ବିଭୂତି ଆସିଗଲା। ବାବା ନିଜେ ଲିଙ୍ଗ ଦେହରେ ବିଭୂତିର ତିନଗାର କାଟି ତାଙ୍କଠାରେ ମହାଦେବତ୍ୱ ସଞ୍ଚାର କଲେ। ତାପରେ ଘୋରା ଚନ୍ଦନର ପିଣ୍ଡୁଳାଟିଏ ସୃଷ୍ଟି କରି ହାତରେ ତାକୁ ପିଠା ଆକାର କଲେ। ତାପରେ ତିନି ବିଭୂତି ଗାର ମଝିରେ ଚନ୍ଦନର ଚିତା ଘେନି ବିଶ୍ୱନାଥ ଅପୂର୍ବ ଦିଶିଲେ। ପୁଣି ଦିବ୍ୟହସ୍ତ ସଞ୍ଚାଳିତ ହେଲା। ଏଥର ଯାହା ହାତକୁ ଆସିଲା ତାର ଉଜ୍ଜ୍ୱଳତାରେ ମନ୍ଦିର ଗହ୍ୱରଟି ଝଲସି ଉଠିଲା। ହାତମୁଠା ଖୋଲି ବାବା ଆମକୁ ଦେଖାଇଲେ—ଏକ ଗୋଲାକାର ଅଳଙ୍କାର। ଏକ ରତ୍ନଖଚିତ ଓଁକାର, ମଝିରେ ହୀରାଖଚିତ ତିନିଗାର, ଆଉ ତଳେ ନୀଳମଣିରେ ଅଙ୍କିତ ତିନୋଟି ବିଲ୍ୱଦଳ! ବିଶ୍ୱନାଥଙ୍କର ଚନ୍ଦନ ଚିତା ଉପରେ ବାବା ଯେତେବେଳେ ଏ ଅମୂଲ୍ୟ ଅଳଙ୍କାରଟି ଥାପିଦେଲେ, ବିଶ୍ୱନାଥ ସତରେ ବିଶ୍ୱନାଥ ପରି ଦିଶିଲେ।

ଗୁଜୁରାଟର ବିଖ୍ୟାତ ସୋମନାଥ ମନ୍ଦିର ଅନେକ ଥର ମୁସଲ୍‌ମାନ ଆକ୍ରମଣକାରୀଙ୍କ ହାତରେ ଲୁଣ୍ଠିତ ହୋଇଛି। ଗଜନୀ ଓ ଦିଲ୍ଲୀର ଶାସକମାନେ ଏ ମନ୍ଦିରରୁ ଗାଡ଼ି ଗାଡ଼ି ସୁନା, ରୂପା, ରତ୍ନ ସହିତ ସେମାନଙ୍କର ତୀବ୍ର ମୂର୍ତ୍ତିପୂଜା ବିରୋଧୀ ଧର୍ମାନ୍ଧତାର ସାକ୍ଷୀ ରୂପେ ମୂଳ

ମନ୍ଦିରରୁ ଶ୍ରୀ ସୋମନାଥଙ୍କ ପଥର ଲିଙ୍ଗ ମଧ୍ୟ ବୋହି ନେଇଯାଇଥିଲେ। ୧୯୪୭ରେ ଭାରତ ସ୍ୱାଧୀନତା ପାଇବାପରେ ଭୁଷୁଡି ପଡ଼ିଥିବା ମନ୍ଦିରଟି ପୁଣି ଠିଆ ହେଲା, ଆଉ ଗର୍ଭଗୃହରେ, ପୁରାତନ ଲିଙ୍ଗ ଥିବା ସ୍ଥାନରେ ହିଁ ନୂତନ ଲିଙ୍ଗଙ୍କର ପ୍ରତିଷ୍ଠା କରାଗଲା। ଯଦିଓ ଏଠାରେ ପୂଜା-ଆରାଧନା ନିୟମିତ ଚାଲିଥିଲା, ବାବା ଠିକ୍ କଲେ ଯେ ଏଥର ଅଧର୍ମର ଉତ୍ପାତ ସରି ଧର୍ମର ରାଜତ୍ୱ ଆରମ୍ଭ ହେଲା ବୋଲି ସଂସାରକୁ ଜଣାଇ ଦେବାକୁ ହେବ। ବାବା ଜାଣିଥିଲେ ଯେ ମନ୍ଦିର ଉପରେ ସମସ୍ତ ଉତ୍ପାତ ସତ୍ତ୍ୱେ ଲିଙ୍ଗପୀଠ ତଳେ ଗୁପ୍ତ ଗହ୍ୱର ମଧ୍ୟରେ ସ୍ଥାପିତ ଆଧ୍ୟାତ୍ମିକ ଶକ୍ତିର ବ୍ୟାଟେରୀ ଜ୍ୟୋତିର୍ଲିଙ୍ଗ ଅକ୍ଷତ ଅଛନ୍ତି। କେବଳ ଶିବ ହସ୍ତର ସ୍ପର୍ଶ ପାଇଲେ ପୁନଶ୍ଚ ଆଧ୍ୟାତ୍ମିକ ଶକ୍ତି ତାଙ୍କଠାରୁ ବିଚ୍ଛୁରିତ ହେବ।

ବାବା ଅଳ୍ପ କେତେଜଣଙ୍କୁ ସାଙ୍ଗରେ ଧରି ସୋମନାଥ ମନ୍ଦିରରେ ପ୍ରବେଶ କଲେ। ତାଙ୍କ ସଙ୍ଗରେ ଥିଲେ ନବନଗରର ରାଜମାତା। ସେ ବାବାଙ୍କୁ ପ୍ରାର୍ଥନା କରି ଆସୁଥିଲେ ମନ୍ଦିରର ନବନିର୍ମିତ ଦିଗ୍‌ବିଜୟ ସିଂହ ଗୋପୁରମ୍‌ଟିକୁ ବାବା ଉଦ୍‌ଘାଟନ କରନ୍ତୁ। ଏହି ଗୋପୁରମ୍‌ଟି ନିର୍ମିତ ହୋଇଥିଲା ସୋମନାଥ ମନ୍ଦିର ପୁନର୍ଗଠନ କମିଟିର ଜଣେ ଅତ୍ୟନ୍ତ ଭକ୍ତିପୂତ ପ୍ରତିପୋଷକ ନବନଗରର ରାଜା ଜାମ୍ ସାହେବଙ୍କ ସ୍ମୃତିରେ। ଗୋପୁରମ୍‌ଟି ଉଦ୍‌ଘାଟନ କରିସାରି ବାବା ମନ୍ଦିରର କେନ୍ଦ୍ରରେ ଥିବା ସୋମନାଥଙ୍କ ପାଖକୁ ଗଲେ। ବେଶ୍ ବଡ଼ କୋଠରୀଟିଏ, ମଝିରେ ସୁଦର୍ଶନ ମହାଲିଙ୍ଗ। ସେଠାରେ ଠିଆହୋଇ ବାବା କେତେ ମିନିଟ୍ ପୁରୋହିତମାନଙ୍କର ମନ୍ତ୍ରପାଠ ଶୁଣିଲେ ଓ ଅଭିଷେକ ଦେଖିଲେ। ତାପରେ ତାଙ୍କ ଶ୍ରୀହସ୍ତ ଶୂନ୍ୟରେ ସଂଚାଳିତ ହେଲା। ବାବାଙ୍କ ହାତରୁ ଚାରିଫୁଟ ଉଚ୍ଚ ସୋମନାଥ ଲିଙ୍ଗଙ୍କ ଉପରେ ଝରି ଆସିଲା ସୁନାର ବେଲପତ୍ର। ତାପରେ ବାବା ପୁଣି କୌତୁକ କଲାପରି ଶୂନ୍ୟରେ ହାତପାପୁଲି ଘୂରାଇଲେ। ଗୋଟିଏ ବୃତ୍ତ ପୂର୍ଣ୍ଣ ହେବା ଆଗରୁ ମନ୍ଦିର ଭିତରେ ବିଜୁଳୀର ଝଲକ ପରି ଆଲୋକ ଝଲସି ଉଠିଲା। ମନ୍ଦିରର ଦ୍ୱାରଦେଶରେ ଆମେ ପ୍ରଶାନ୍ତିନିଳୟବାସୀ କେତେଜଣ ଠିଆ ହୋଇଥିଲୁ, ମନ୍ଦିର ଭିତରେ ଯୋଡ଼ହସ୍ତେ ନବନଗରର ରାଜମାତା ଓ ଲିଙ୍ଗ ନିକଟରେ ପୂଜାରୀ ପୁରୋହିତମାନେ। ଆମେ ସମସ୍ତେ ଚକିତ ହୋଇଗଲୁ। ଝଲକଟି ଯେତେବେଳେ ଆଲୋକର ବଳୟ ପାଲଟି ବାବାଙ୍କ ମୁଠା ଚାରିପାଖରେ ସ୍ଥିର ହୋଇ ରହିଲା, ଆମେ ଦେଖିଲୁ ବାବାଙ୍କ ଡାହାଣ ହାତର ପାପୁଲି ଉପରେ ଅପୂର୍ବ ଜ୍ୟୋତିର୍ମୟ ଅଣ୍ଡାକାର ବସ୍ତୁଟିଏ। ଦିବ୍ୟଜ୍ୟୋତିର ଆଭରଣରେ ମଣ୍ଡିତ ଏହି ଲିଙ୍ଗ ହିଁ ଥିଲେ ଜ୍ୟୋତିର୍ଲିଙ୍ଗ, କାହିଁ କେତେ ଶତାବ୍ଦୀ ତଳେ କେହି ଜଣେ ଅଜ୍ଞାତ ଋଷି ଏଠାରେ ଏହି ଜ୍ୟୋତିର୍ଲିଙ୍ଗ ସ୍ଥାପନ କରିଥିଲେ।

ବାବା ଜ୍ୟୋତିର୍ଲିଙ୍ଗଙ୍କୁ ହାତରେ ଧରି ଆମ ପାଖକୁ ଆସି ଦେଖାଇଲେ ଓ ଏହାଙ୍କର ମହିମା ଆମକୁ ବୁଝାଇଲେ। ଯେତେବେଳେ ସୋମନାଥ ମନ୍ଦିର ଗଢ଼ାହେବାର ଦିବ୍ୟ ସଂକଳ୍ପ ଇଶ୍ୱରଙ୍କ ମନରେ ଜାତ ହେଲା, ତା ସହ ଏହି ମହିମାମୟ ଲିଙ୍ଗ ମଧ୍ୟ ଜାତ ହୋଇଥିଲେ। ବଦ୍ରିନାଥ ପରି ଏଠାରେ ବି ଗୁପ୍ତ ସ୍ଥାନରୁ ଦୈବଶକ୍ତିର ଉତ୍ସ ଲିଙ୍ଗଙ୍କୁ ଆଣି ବାବା ପୁଣି ସେଥିରେ ଦୈବଶକ୍ତି ସଂଚରିତ କଲେ। ମାତ୍ର ବଦ୍ରିନାଥ ପରି ଏଠାରେ ବାବା ଏହି ଜ୍ୟୋତିର୍ଲିଙ୍ଗଙ୍କୁ ପୁଣି ସେହି ଗୁପ୍ତ ଗହ୍ୱରକୁ ପଠାଇ ଦେଲେ ନାହିଁ। ବାବା କହିଲେ, "ଏବେ ଏ ମନ୍ଦିର ଉପରେ ଆଉ କିଛି ବିପଦ ପଡିବ ନାହିଁ। ଏଣୁ ତୁମ୍ଭେମାନେ ଭକ୍ତମାନଙ୍କ ଆଗରେ ବାହାରେ ଏହି ଲିଙ୍ଗ ପୂଜା କର।" ତାପରେ ବାବା ତାଙ୍କ ପାଇଁ ଏକ ରୂପାର ପୀଠ ସୃଷ୍ଟି କରି ତାଙ୍କୁ ସେ ପୀଠ ମଧ୍ୟରେ ସ୍ଥାପନ କଲେ। ମନ୍ଦିରର ମୁଖ୍ୟ ପୁରୋହିତ ଭକ୍ତିଭରେ ତାହାଙ୍କୁ ବାବାଙ୍କ ଶ୍ରୀହସ୍ତରୁ ଗ୍ରହଣ କଲେ। ଏବେ ମଧ୍ୟ ସାଇଲୀଳାର ମୂକସାକ୍ଷୀ ରୂପେ ଐତିହାସିକ ସୋମନାଥ ମନ୍ଦିରରେ ସମସ୍ତଙ୍କ ଆଗରେ ଏହି ଗୁପ୍ତଲିଙ୍ଗ ପୂଜା ପାଉଛନ୍ତି। ଦିବ୍ୟ କରୁଣାର ଉତ୍ସ ରୂପେ ଏହି ଜ୍ୟୋତିର୍ଲିଙ୍ଗ ସାରା ମଣିଷଜାତି ପାଇଁ ଆଲୋକଶିଖା ରୂପେ ସେଠାରେ ବିଦ୍ୟମାନ।

ସେଇ ଯାତ୍ରା ସମୟରେ ଦ୍ୱାରକାନାଥ ମନ୍ଦିରରେ ବାବା ଦ୍ୱାରକାନାଥ ପ୍ରତିମାଙ୍କର ମଧ୍ୟ ପୁନଃ ଜାଗରଣ କରାଇଥିଲେ। ମାତ୍ର ଏଥର ବାବା ମନ୍ଦିରରେ ପ୍ରବେଶ କରି ନ ଥିଲେ କିମ୍ବା ଦ୍ୱାରକାନାଥଙ୍କ ବିଗ୍ରହ ତାଙ୍କ ଦିବ୍ୟହସ୍ତର ସ୍ପର୍ଶ ପାଇ ନ ଥିଲେ। ମନ୍ଦିର ଭିତରେ ତୀର୍ଥଯାତ୍ରୀମାନେ ଏପରି ଖୁନ୍ଦି ହୋଇଯାଇଥିଲେ ଯେ ତା ଭିତରେ ପଶିବା ପାଇଁ ଆମେ ଟିକିଏ ବି ଜାଗା ପାଇଲୁ ନାହିଁ। ମନ୍ଦିରର ବାହାର ଦ୍ୱାରରେ ମଧ୍ୟ ତିଳ ପକାଇବାକୁ ସ୍ଥାନ ନ ଥିଲା। ଅବଶ୍ୟ ରେପାଲି ପରି ବାବା ଏଠାରେ ବି ମନ୍ଦିରର ଗର୍ଭଗୃହରେ ଦ୍ୱାରକାନାଥ ମୂର୍ତ୍ତିଙ୍କ ପାଖରେ ଆବିର୍ଭୂତ ହୋଇପାରିଥାନ୍ତେ, ମାତ୍ର ଆମ ଅବସ୍ଥା କ'ଣ ହୋଇଥାନ୍ତା ! ଆମ ପ୍ରତି କରୁଣା କରି ବାବା ଏଥର ଆଉ ଆମକୁ ଛାଡିଗଲେ ନାହିଁ। ମନ୍ଦିର ବାହାରେ ଜମା ହୋଇଥିବା ଲୋକମାନଙ୍କୁ ଦର୍ଶନ ଦେଲେ। ବାବା ଆଉ ମନ୍ଦିର ଭିତରକୁ ଯିବେ ନାହିଁ ବୋଲି ଆଶଙ୍କା କରି ଭିତରୁ ଲୋକେ ବାହାରକୁ ଛୁଟିଲେ ଓ ବାବାଙ୍କ ଦର୍ଶନ ଲାଭ କଲେ। ତାପରେ ବାବା ଅନ୍ୟ ଗାଡିଗୁଡିକୁ ତାଙ୍କ ଗାଡିକୁ ଅନୁସରଣ କରିବାର ନିର୍ଦ୍ଦେଶ ଦେଇ ଆପେ ଜାମ୍‌ନଗର ଆଡ଼କୁ ଚାଲିଲେ। ବାଟରେ ରାସ୍ତାର ଡାହଣ ପଟେ ଗୋଟିଏ ଛୋଟ ଢିପ ସେପଟେ ସମୁଦ୍ର ଲହଡ଼ା ଭାଙ୍ଗୁଥିଲା। ବାବା ସେଠି ଗାଡ଼ି ରଖି ସମୁଦ୍ରବାଲିକୁ ଚାଲିଲେ। ସେଠାରେ ଆମେ ସମସ୍ତେ ବସିଲୁ। ବାବା ଗୋଟାଏ ଜାଗାରେ ବାଲି ଗଦାଇଲେ ଓ ତା ଭିତରେ ହାତ ଭର୍ତ୍ତି କରି

ବାଲି ଭିତରୁ ବାହାର କରି ଆଣିଲେ ଏକ ସୁନାର କୃଷ୍ଣମୂର୍ତ୍ତି । ବମ୍ବେର ଦୀକ୍ଷିତ ଯେତେବେଳେ ସ୍ତନ କ୍ୟାନ୍‌ସର ଭୋଗୁଥିବା ତାଙ୍କର ବୋହୂକୁ ବାବାଙ୍କ ପାଖକୁ ଆଣିଥିଲେ, ବାବା ବିଭୂତି ସୃଷ୍ଟି କରି ଦୀକ୍ଷିତଙ୍କ ଛାତିରେ ଘଷି ଦେଇଥିଲେ । ସେଥିରେ ତାଙ୍କର ବୋହୂର ସ୍ତନ କ୍ୟାନ୍‌ସର ଭଲ ହୋଇଯାଇଥିଲା, ଆଉ ଡାକ୍ତରମାନେ ପରୀକ୍ଷା କରି ଅପରେସନ୍ ଦରକାର ନାହିଁ ବୋଲି କହିଥିଲେ । ସେହିପରି ବାଲି ଭିତରୁ ସୁବର୍ଣ୍ଣର ଦ୍ୱାରକାନାଥଙ୍କୁ ବାହାର କରି ବାବା ସତେ ଯେମିତି ମଣିଷର ସଂଶୟ, ତର୍କ ଓ ଅବଜ୍ଞାର ବାଲି ଭିତରୁ ମନ୍ଦିରର ଦ୍ୱାରକାନାଥଙ୍କୁ ଉଦ୍ଧାର କରିଥିଲେ ଏବଂ ମନ୍ଦିରରେ ନୂତନ ଦିବ୍ୟଶକ୍ତି ସଂଚାର କରିଥିଲେ । ବାବା ନିଜେ କହିଥିଲେ ବାଲି ଭିତରୁ ଦ୍ୱାରକାନାଥଙ୍କ ସୁନାର ମୂର୍ତ୍ତି, ସୃଷ୍ଟି କରିବାର ଏହା ହିଁ ଥିଲା ଗୂଢ଼ ତାତ୍ପର୍ଯ୍ୟ ।

ଶ୍ରୀ ଶୈଳମ୍ ଆନ୍ଧ୍ରପ୍ରଦେଶର ଏକ ବିଖ୍ୟାତ ଶୈବ ଆରାଧନାର କେନ୍ଦ୍ର । ଏହା କୃଷ୍ଣାନଦୀର ଉପକଣ୍ଠରେ ଅବସ୍ଥିତ । ଏଠାରେ ଶିବ ମଲ୍ଲିକାର୍ଜ୍ଜୁନ ଓ ମାତା ଭ୍ରମରାମ୍ବା ନାମରେ ପୂଜିତ । ମହାରାଷ୍ଟ୍ର ଓ କର୍ଣ୍ଣାଟକ ଦୁଇ ପ୍ରଦେଶର ଅନେକ ଶିବଭକ୍ତ ଏଠାରେ ଆରାଧନା କରି ଶିବଲୀନ ହୋଇଛନ୍ତି । ଶଙ୍କରାଚାର୍ଯ୍ୟ ମଧ୍ୟ ମଲ୍ଲିକାର୍ଜ୍ଜୁନ ଓ ଭ୍ରମରାମ୍ବାଙ୍କର ଅନେକ ସ୍ତବ ରଚନା କରିଛନ୍ତି । ଏଠାରେ ବି ବାବା ପ୍ରବେଶ କରି ମଲ୍ଲିକାର୍ଜ୍ଜୁନଙ୍କ ଉପରେ ସୁବର୍ଣ୍ଣ ବେଲପତ୍ର ବୃଷ୍ଟି କରିଥିଲେ ।

ବାବା ପିଲାଦିନେ ତାଙ୍କର କିଶୋର ସାଙ୍ଗସାଥିଙ୍କୁ ପଣ୍ଢାରପୁରର ପାଣ୍ଡୁରଙ୍ଗା ଓ ବିଠଲ ଗାନ ଶିଖାଇଥିଲେ । ସେତେବେଳେ ସେମାନଙ୍କୁ କେବଳ ସେତିକରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା । ବାବା ଯେତେବେଳେ ବମ୍ବେରୁ ହାଇଦ୍ରାବାଦକୁ ଫେରୁଥିଲେ ସେତେବେଳେ ଅନ୍ୟମାନଙ୍କୁ ଧରି ସେ ପଣ୍ଢାରପୁର ଯାଇଥିଲେ । ଭଗବାନଙ୍କର ଶକ୍ତି ତାଙ୍କର କରୁଣା, ଅନୁଗ୍ରହ, କ୍ଷମାଶୀଳତା, କୋମଳତା ଆଦି ଗୁଣର ପ୍ରତୀକ । ପଣ୍ଢାରପୁରଠାରେ ବାବା ଭଗବାନଙ୍କର ଶୌର୍ଯ୍ୟ, ବୀର୍ଯ୍ୟ, ମହିମାର ପ୍ରତୀକ ପୁରୁଷ ରୂପ ଅପେକ୍ଷା ପ୍ରକୃତି ସ୍ୱରୂପିଣୀ ରୁକ୍ମିଣୀଙ୍କ ପ୍ରତି ଅଧିକ ଦୃଷ୍ଟି ଦେଇଥିଲେ । ମନ୍ଦିର ଭିତରେ ପ୍ରବେଶ କରି ବାବା ଗୋଟିଏ ମଣିଖଚିତ ରତ୍ନହାର ସୃଷ୍ଟି କରିଥିଲେ ଓ ତାହାକୁ ରୁକ୍ମିଣୀଙ୍କ ଗଳାରେ ଲମ୍ବାଇ ଦେଇଥିଲେ । ଯେଉଁମାନଙ୍କର ବିଶ୍ୱାସ ନାହିଁ କିମ୍ବା ଯେଉଁମାନଙ୍କର ବିଶ୍ୱାସ ଦୁର୍ବଳ ସେମାନେ ଦେବମୂର୍ତ୍ତିଙ୍କଠାରେ ଦୈବଶକ୍ତି ସଂଚାର କରିବା କଥାଟିକୁ ହସରେ ଉଡ଼ାଇ ଦେଇ ପାରନ୍ତି । ଦିବ୍ୟଶକ୍ତି ନିଜର ସଂକଳ୍ପ, ସ୍ପର୍ଶ ବା କଥା ବଳରେ ପଥର ମୂର୍ତ୍ତିରେ ନୂଆ କରି ଦୈବତ୍ୱ ସଂଚାର କରିବା କେବଳ ବିଶ୍ୱାସସଂପନ୍ନ ଲୋକ ମାନିବ, କାରଣ ସେ ବିଶ୍ୱାସର ଅନ୍ତର୍ଦୃଷ୍ଟିର ଅଧିକାରୀ ।

ଯେଉଁଦିନ ଚଉଦ ବର୍ଷ ବୟସରେ ବାବା ସ୍କୁଲରୁ ଫେରି ବହିବସ୍ତାନି ଫିଙ୍ଗିଦେଇ ଘୋଷଣା କରିଥିଲେ "ମୋ ଭକ୍ତମାନେ ମୋତେ ଡାକୁଛନ୍ତି, ମୋର ଅନେକ କାମ କରିବାକୁ ଅଛି", ସେହିଦିନଠାରୁ ବାବା କେବେହେଲେ ଭଗବାନ ତାଙ୍କଠାରୁ ଭିନ୍ନ ବୋଲି କହି ନାହାନ୍ତି। ଯୁଗ ଯୁଗ ଧରି ସାଧୁସନ୍ଥମାନେ ଲୋକଙ୍କୁ "ଭଗବାନ ତୁମର କଲ୍ୟାଣ କରନ୍ତୁ," ବା "ଏହା ପ୍ରଭୁଙ୍କର ଇଚ୍ଛା," କିମ୍ବା "ଈଶ୍ୱରଙ୍କୁ ପ୍ରାର୍ଥନା କର, ସେ ତୁମକୁ ଆରୋଗ୍ୟ କରିଦେବେ" ବୋଲି ଆଶୀର୍ବାଦ କରି ଆସିଛନ୍ତି। ମାତ୍ର ବାବାଙ୍କ ସହିତ ମୋର ଦୀର୍ଘ ୩୬ ବର୍ଷର ରହଣୀ ଭିତରେ ବାବା ନିଜ ଛଡ଼ା ଅନ୍ୟ କୌଣସି ଦୁଃଖ-ତାପହାରୀ ଭଗବାନଙ୍କ ଅସ୍ତିତ୍ୱ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବା ମୁଁ କେବେ ଦେଖିନାହିଁ। ଈଶ୍ୱରଙ୍କ ସମ୍ବନ୍ଧରେ କହିଲାବେଳେ ଦ୍ୱିତୀୟ ବା ତୃତୀୟ ପୁରୁଷ ଉଚ୍ଚାରଣ କରି ନାହାନ୍ତି। ଈଶ୍ୱରଙ୍କ ସମ୍ବନ୍ଧରେ ସେ ସବୁବେଳେ ପ୍ରଥମ ପୁରୁଷ ଏକବଚନ ହିଁ ବ୍ୟବହାର କରିଥାନ୍ତି। ତାଙ୍କର କ୍ଷମା ମାଗି ମୁଁ ଗୋଟିଏ ବ୍ୟକ୍ତିଗତ ଅନୁଭୂତିର କଥା କହିବି। ମୁଁ ତାଙ୍କଠାରେ ଉପଲବ୍ଧି କରିଛି ପିତା ଓ ମାତା ଉଭୟଙ୍କର ସମାହାର; ଶିବ-ଶକ୍ତିଙ୍କର ଐକ୍ୟ। ପ୍ରକୃତରେ ସେ ବିଖ୍ୟାତ ଗୁରୁପୂର୍ଣ୍ଣିମା ଘୋଷଣାର ଅନେକ ବର୍ଷ ଆଗରୁ ବାବା ମୋତେ ତାଙ୍କର ଶିବ-ଶକ୍ତି ଐକ୍ୟ ରୂପ ଦେଖାଇଥିଲେ। ମୁଁ ଜାଣିଛି, ତାଙ୍କଠାରେ ଅନ୍ୟମାନେ ଅନ୍ୟ ବିବିଧ ଦର୍ଶନ ମଧ୍ୟ ଲାଭ କରିଛନ୍ତି।

ବାବା ପୂଜା, ଭଜନ ଓ ମନ୍ଦିରର ନାନା ଉତ୍ସବ ପାଳନ କରିବାକୁ ଉତ୍ସାହିତ କରିଥାନ୍ତି ମଣିଷର ଇନ୍ଦ୍ରିୟ ଓ ଅନ୍ତଃକରଣକୁ ପରିଶୁଦ୍ଧ କରିବାର ପନ୍ଥା ଭାବରେ। ପ୍ରଚଳିତ ବିଧିବିଧାନ ଓ ବିଶ୍ୱାସକୁ ବାବା ସମର୍ଥନ କରିଥାନ୍ତି, କାରଣ ସେ ଜାଣନ୍ତି ମଣିଷ ଯେଉଁଠି ଠିଆ ହୋଇଛି, ସେଠାରୁ ହିଁ ତାକୁ ଆଗେଇ ନେବାକୁ ହେବ, ଯଦି ସେ ଆଗକୁ ପାଦେ ଯିବାକୁ ଅମଙ୍ଗ ନ ହୁଏ। ଗଣେଶ ଏହି ପ୍ରଥମ ପଦକ୍ଷେପର ଆରାଧ୍ୟ ଦେବତା। ଏଣୁ ପ୍ରଶାନ୍ତିନିଳୟମ୍‌ର ନିର୍ମାଣରେ ଗଣେଶଙ୍କୁ ସେ ଅଗ୍ରାଧିକାର ଦେଇଛନ୍ତି। ମାତ୍ର ମଣିଷକୁ ପୁନର୍ଗଠିତ କରିବାରେ, ତାର ଦୈବଶକ୍ତି ଉନ୍ମୋଚନ କରିବାରେ ଗଣେଶ ଯେ ଏକ ମଧ୍ୟବର୍ତ୍ତୀ ସୋପାନ ଏକଥା ଭୁଲିଯିବା ଉଚିତ ନୁହେଁ।

ତିରୁମଲ, ମଦୁରାଇ, ଅନନ୍ତଶୟନମ୍ ଏବଂ ରାମେଶ୍ୱରମ୍ ପରି ଲୋକପ୍ରିୟ ମନ୍ଦିରମାନଙ୍କରେ ମଧ୍ୟ ଅବତାର ସଂକଳ୍ପର ପ୍ରତ୍ୟକ୍ଷ ପ୍ରୟୋଗ ନିମନ୍ତେ ବହୁ ପ୍ରାର୍ଥନା ସତ୍ତ୍ୱେ ବାବା ଭକ୍ତମାନଙ୍କୁ ଶକ୍ତିପାତର ଦିବ୍ୟ ଉତ୍ସବ ଦର୍ଶନ କରିବାର ସୌଭାଗ୍ୟ ଦେଇ ନାହାନ୍ତି।

ମାତ୍ର ବ୍ୟକ୍ତିର ଉତ୍‌ଥାନ ଏବଂ ସାମାଜିକ ଐକ୍ୟ ସାଧନ କରିବାରେ ମନ୍ଦିରଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ବାବା ଅବହିତ ଅଛନ୍ତି ବୋଲି ସେ ସର୍ବଦା ପ୍ରକାଶ କରିଥାନ୍ତି। ହ୍ୱାଇଟ୍‌ଫିଲ୍‌ଡ ଓ ପ୍ରଶାନ୍ତିନିଳୟମ୍ ଚାରିପଟେ ଥିବା ଗାଁମାନଙ୍କରେ ବିଭିନ୍ନ ଦେବଦେବୀଙ୍କ ମନ୍ଦିର ଓ ମସ୍‌ଜିଦ୍ ତୋଳିବାରେ ସବୁବେଳେ ଉତ୍ସାହ ଦେଇ ଆସିଛନ୍ତି, ଜରାଜୀର୍ଣ୍ଣ ଦେବାଳୟଗୁଡ଼ିକର ସଂସ୍କାର ମଧ୍ୟ କରିଛନ୍ତି। ସତେ ଯେମିତି ଏହିସବୁ ଦେବାଳୟମାନଙ୍କରୁ ତାଙ୍କରି ଆଶ୍ୱାସନାର ବାଣୀ ଶୁଭୁଛି: "ମୁଁ ତୁମ୍ଭମାନଙ୍କୁ ମୋରି ପାଖକୁ ବାଟ କଢ଼ାଇ ଆଣିବି; ଅସତ୍ୟରୁ ସତ୍ୟକୁ, ଅନ୍ଧକାରରୁ ଆଲୋକକୁ, ମୃତ୍ୟୁରୁ ଅମରତ୍ୱକୁ ଘେନିଯିବି। ତୁମେ ଏ ମହାଯାତ୍ରାରେ ଆଉ ଝୁଣ୍ଟି ପଡ଼ିବ ନାହିଁ, କିମ୍ବା କ୍ଳାନ୍ତ ହୋଇ ବାଟରେ ଅଟକି ଯିବ ନାହିଁ।"

ଯେଉଁ ଗାଁରେ ମନ୍ଦିର ନାହିଁ, ସେ ଗାଁରେ ଗୋଟିଏ ରାତି ବି କଟାଇବା ଅନୁଚିତ— ଏହି ପାରମ୍ପରିକ ବିଶ୍ୱାସକୁ ବାବା ସମର୍ଥନ କରିଥାନ୍ତି। ସେ କହନ୍ତି, ଗାଁର ମନ୍ଦିରକୁ ଦେଖିଲେ ଗାଁ ଲୋକଙ୍କର ଆଧ୍ୟାତ୍ମିକତା ଓ ନୈତିକତାର ସ୍ତର କେଉଁଠି ଜାଣିହେବ। ଯଦି ମନ୍ଦିର ଅଗଣା ଜୁଆ ଖେଳିବାରେ, ଖଚମିଛ ଗପିବାରେ, ରାଜନୀତିର ପ୍ରାଙ୍ଗଣ ଭାବରେ ଓ ଅନ୍ୟର ମନ୍ଦ ପାଞ୍ଚିବାରେ ବ୍ୟବହାର କରାଯାଉଥାଏ, ତେବେ ତାହା ବାବାଙ୍କ ତିରସ୍କାରରୁ ଉଦ୍ଧାର ପାଇପାରେନା। ମଣିଷର ଶରୀର ବି ଗୋଟିଏ ଦେବାଳୟ, ଆଉ ଏହା ଭିତରେ ପ୍ରତିଷ୍ଠିତ ବଦ୍ରିନାଥର ନେତ୍ରଲିଙ୍ଗ ଏବଂ ସୋମନାଥ କ୍ଷେତ୍ରର ଜ୍ୟୋତିର୍ଲିଙ୍ଗ। ଗୋଟିଏ ସର୍ବଦ୍ରଷ୍ଟା ତୃତୀୟ ନୟନ, ଅନ୍ୟଟି ଚିର ଦେଦୀପ୍ୟମାନ ପ୍ରେମ-ନୟନ।

ସବୁ ରାଜ୍ୟର ପୌରାଣିକ କାହାଣୀରେ ଗୋଟିଏ ଗୋଟିଏ କଳ୍ପତରୁ କଥା ଅଛି। ମାତ୍ର ଏସବୁ କଳ୍ପତରୁମାନେ ସ୍ୱର୍ଗରେ ବିରାଜିତ—ଯେଉଁଠି ଏମାନଙ୍କର ଆବଶ୍ୟକତା କିଛି ନାହିଁ! ଫଳରେ ଯେଉଁମାନଙ୍କର କଳ୍ପତରୁ ଆବଶ୍ୟକ, ସେମାନଙ୍କୁ ଅନେକ ପାହାଚ ଚଢ଼ି ସ୍ୱର୍ଗକୁ ଯିବାକୁ ପଡ଼େ! ମାତ୍ର ଆଜି ସେ କଳ୍ପତରୁ ବାବା ଆମ ପାଖରେ ଠିଆ; ସେଠାକୁ ଯିବାପାଇଁ ଅଣ୍ଟା ଭାଙ୍ଗିବା ଦରକାର ନାହିଁ, କିମ୍ବା ପାଦରୁ ପାଣି ମରିବା ଦରକାର ନାହିଁ। ଏ କଳ୍ପତରୁ ସମଗ୍ର ଅନ୍ତରିକ୍ଷକୁ ବ୍ୟାପି ରହିଛି। ଆମେ ଯିଏ ଯେଉଁଠି ଥିଲେ ବି ତାରି ଛାଇ ତଳେ ହିଁ ଅଛେ। ଆମେ ଆମର ବାଞ୍ଛାପୂରଣ ପାଇଁ ଏ ତରୁ ପାଖକୁ ଯାଉ, ମାତ୍ର କ୍ୱଚିତ୍ ବୁଝିପାରୁ ଏ କଳ୍ପତରୁ ଆମ ପାଇଁ କ'ଣ କରେ। ସେ ଆମକୁ ପ୍ରେରଣା ଦିଏ ସବୁଦିନ ପାଇଁ ତାକୁ କୁଣ୍ଢେଇ ଧରିବାକୁ। ପ୍ରଶାନ୍ତିନିଳୟମ୍‌ରେ ଏକ ସମ୍ଭାଷଣରେ ବାବା ଘୋଷଣା କରିଥିଲେ, "ମୁଁ ଜାଣେ, ଦୀର୍ଘ ସମୟ ଧରି ଲୋକଙ୍କର ଦୁଃଖ-ସୁଖର କଥା ଶୁଣିବାରେ, ସକାଳେ ଓ ସଞ୍ଜରେ

ସେମାନଙ୍କର କାମନା-ବାସନାର ତାଲିକା ପଢ଼ିବାରେ, ଆଉ ଲୋକଙ୍କୁ ଡାକି ସେମାନଙ୍କୁ ସାନ୍ତ୍ୱନା ଦେବା, ସଂସାରିକ ଅଭାବ-ଅସୁବିଧା ମେଣ୍ଟାଇବାରେ ମୁଁ କାହିଁକି ଯେ ଏତେ ସମୟ ଖର୍ଚ୍ଚ କରୁଛି ତାହା ଅନେକଙ୍କୁ ବୁଝାପଡୁ ନାହିଁ। ସେମାନେ କହୁଛନ୍ତି କୌଣସି ଅବତାର ଆଗରୁ କେବେ ଏକଥା କରି ନାହାନ୍ତି; ଏ ଅବତାର ସଂସାରସର୍ବସ୍ୱ ଲୋକଙ୍କ କଥା ହିଁ ବେଶି ବୁଝୁଛନ୍ତି। ଲୋକେ ତାଙ୍କ ପାଖକୁ ଆସୁଛନ୍ତି ଗୁଡ଼ିଏ ତୁଚ୍ଛା ବାଜେ କାମନା ଓ ବାସନା ଧରି, ତଥାପି ଅବତାର ସେମାନଙ୍କୁ ସ୍ନେହ ଓ ପ୍ରେମର ସହ ପାଖକୁ ଡାକି କଥା ହେଉଛନ୍ତି ! ମୁଁ କେବଳ ଜାଣେ ଏସବୁ ହୃଦୟର ତୃଷା କେଉଁଥିପାଇଁ, ଏମାନଙ୍କ ଅଶାନ୍ତିର ମୂଳ କେଉଁଠି। ମୁଁ ଖୁସି ଯେ ସେମାନେ କାମନା-ବାସନାରେ ପୀଡ଼ିତ ଅନ୍ୟ ମଣିଷମାନଙ୍କ ପାଖରେ ଗୋଡ଼ ଭାଙ୍ଗି ଠିଆ ନ ହୋଇ ମୋ ପାଖକୁ ଆସୁଛନ୍ତି। ଧୀରେ ଧୀରେ ସେମାନଙ୍କୁ ମୁଁ ଆଧ୍ୟାତ୍ମିକ ତୀର୍ଥକୁ ପଡ଼ିଥିବାର ରାସ୍ତାରେ ନେଇ ଠିଆ କରିଦେବି। ସେମାନେ ବାଟ ଭୁଲି ଜଙ୍ଗଲରେ ପଶି ଦୁଃଖକଷ୍ଟ ଭୋଗୁଥିବା ବେଳେ ମୁଁ କିପରି ଚୁପ୍ ହୋଇ ରହିଁ ରହିଥିବି ?

❖

ନିହାଣ-ମୁଗୁର

ମୋର ଦୈବୀମାତା ରାମକୃଷ୍ଣ ପରମହଂସ ଜାଣିଥିଲେ ମୁଁ ଗୋଟିଏ ପିତୃହୀନ ବାଳକ। ଉଚ୍ଚବଂଶଜାତ ଅଳସୁଆମାନଙ୍କ ପାଇଁ ଖୋଲାଯାଇଥିବା ଅନ୍ନଛତ୍ରରେ ଦୁଇଓଳି ଦୁଇମୁଠା ଅନ୍ନ ମୋତେ ବଞ୍ଚାଇ ରଖିଥିଲା। ଏଠାରେ ପେଟ ପୂରାଇ ବାକୀ ସମୟ ପଶା ଖେଳ ଏବଂ ଅନ୍ୟାନ୍ୟ ଅବାଞ୍ଛିତ କର୍ମରେ ଲିପ୍ତ ରହୁଥିବା ଅଳସୁଆମାନଙ୍କ ପ୍ରଭାବରୁ ସେ ମୋତେ ବଞ୍ଚାଇ ରଖିଥିଲେ। କୁକର୍ମ ଓ ପାପପଙ୍କରେ ମୋତେ ପଡ଼ିବାକୁ ଦେଇ ନ ଥିଲେ। ତାଙ୍କ ଭକ୍ତ, ମୁଁ ପଢୁଥିବା ସ୍କୁଲର ପ୍ରଧାନଶିକ୍ଷକ, ମୋ ହୃଦୟରେ ଗୁରୁ ମହାରାଜଙ୍କୁ ଜାଗ୍ରତ ପ୍ରହରୀ ଭାବରେ ପ୍ରତିଷ୍ଠିତ କରିଦେଇଥିଲେ। ସେ ରାମକୃଷ୍ଣ ପରମହଂସ ଓ ତାଙ୍କର ସନ୍ନ୍ୟାସୀ ଶିଷ୍ୟମାନଙ୍କ ସମ୍ବନ୍ଧରେ ବିବିଧ କାହାଣୀ ଏପରି ଜୀବନ୍ତ କରି ଆମ ଆଗରେ ବର୍ଣ୍ଣନା କରୁଥିଲେ ଯେ ଆମେ ସବୁବେଳେ ଆହୁରି ଆହୁରି ଶୁଣିବାକୁ ଚାହୁଁଥିଲୁ। ବିବେକାନନ୍ଦଙ୍କର ଯେଉଁ ଅଗ୍ନିବର୍ଷୀ ଭାଷଣର ଶେଷରେ ଅଛି, "ଭଗବାନ, ମତେ ମଣିଷ କର", ସେ ଭାଷଣର କେତେକାଂଶ ଆମକୁ ଘୋଷି ମନେ ରଖିବାକୁ ସେ ଉତ୍ସାହିତ କରିଥିଲେ। ମୋତେ ପଚିଶ ଟପିଲା ଯାଏ ଗୁରୁ ମହାରାଜ ମୋ ଜୀବନର ସବୁ କିଛି ଥିଲେ। ତାପରେ ସେ ମୋତେ ସାଇଙ୍କ କୋଳରେ ଛାଡି ଦେଇଗଲେ ଯେଉଁଠି ମୁଁ ଗୋଟିଏ ନୂଆ ପ୍ରାର୍ଥନା ଶିଖିଲି, "ପ୍ରଭୁ, ତୁମେ ମୋ ଭିତରେ ଅଛ, ଆଉ ମୁଁ ତୁମ ଭିତରେ ଅଛି, ଆମେ ଦୁହେଁ ଏକ ଓ ଅଭିନ୍ନ - ଏହି ଚେତନା ମୋ ଭିତରେ ଜାଗ୍ରତ କର।" ଗୁରୁ ମହାରାଜ ମୋତେ ସାଇଙ୍କ ପାଖରେ ଛାଡ଼ିଲା ବେଳେ ମୋ ପାଇଁ ତାଙ୍କୁ ନିଶ୍ଚୟ କହିଥିବେ, "ମୋର ଏ ପିଲାଟି ଉପରେ ଅକୁଣ୍ଠ ପ୍ରେମ ଢାଳିଦେବ। ସେ ଶିଖୁ ଯେ ତୁମେ ହିଁ ତାର ଅନ୍ତର୍ଗତ ଦିବ୍ୟସତ୍ତା।"

ମହାପୁରୁଷଜୀ ମୋ ଭିତରେ ଯେଉଁ ରାମକୃଷ୍ଣ ମନ୍ତ୍ର ପୋତିଦେଲେ, ମୋର ଆଳସ୍ୟ ଓ ପରଦୋଷ କୀର୍ତ୍ତନ ସ୍ୱଭାବ ସତ୍ତ୍ୱେ ଅଦ୍‌ଭୁତ ଭାବରେ ତାହା ଗଜୁରି ଉଠିଥିଲା, ଆଉ ସେଥିରେ ଦୁଇପତ୍ର ହୋଇ ଯେତେବେଳେ ଡଙ୍କଟିଏ ବେକ ଭାଙ୍ଗି ଉଠିଲା, ଆଉ କାହାର ହାତ ଧରି ଆହୁରି ଉପରକୁ ଯିବାର ପ୍ରୟାସ କଲା, ସେତେବେଳେ ବାବା ତାଙ୍କ ହାତ ବଢ଼ାଇ ଦେଇ ଆଶ୍ୱାସନା ଦେଇଥିଲେ, "ମୁଁ ଥାଉ ଥାଉ ଥାଉ ଡର କାହିଁକି ?"

ସେତେବେଳେ ଯାଇ ମୁଁ ବୁଝିଲି ଦିବ୍ୟ ଅନୁଗ୍ରହ ପାଇବା ପାଇଁ ମୁଁ କେତେ ଅଯୋଗ୍ୟ। ମୋ ଚାରିପାଖରେ ମୁଁ ଯେଉଁ ଜାଲ ଘେରାଇ ବସିଥିଲି, ସେଥିରେ ନିଜେ ତ ବନ୍ଧା ପଡିଥିଲି, ତା'ଛଡା ସେ ଜାଲର ଦଉଡ଼ିସବୁ ଅପରର ଦୋଷ ଦର୍ଶନ ଏବଂ ବ୍ୟଙ୍ଗରେ ଗଢ଼ା ହୋଇଥିଲା। ଏସବୁ ସାଧାରଣତଃ ମୋତେ କୃପାରୁ ବଞ୍ଚିତ କରିବା କଥା। ମୋର ହାସ୍ୟରସ ସମ୍ବଳିତ ଲେଖାସବୁ ଦିଲ୍ଲୀ ଓ ବାଙ୍ଗାଲୋରର ଖ୍ୟାତି ଦରବାରରେ ମୋ ପାଇଁ ଗୋଟିଏ ଆସନ ଯୋଗାଡ଼

କରିଦେଇଥିଲେ ମଧ୍ୟ ଏହା ବଡ ସହଜରେ କୁତ୍ସା ଓ ଉପହାସର ନିଷିଦ୍ଧ ଅଞ୍ଚଳରେ ମୋତେ ଭର୍ତ୍ତି କରିଦେଇଥିଲା ! ମୋର ଏହି ଉନ୍ମାଦ ହାସ୍ୟରସ ମୋର ଅଜାଣତରେ ଅନେକ ଭାବପ୍ରବଣ ଲୋକଙ୍କୁ ଆହତ କରିଥିଲା । ନିଜକୁ ଇଂରାଜୀ ସାହିତ୍ୟର ଲିକକ୍ ଓ ଉଡ୍‌ହାଉସଙ୍କ ସହ ସମାନ କରିବାକୁ ଯାଇ ମୋ ଘରିପାଖର ଲୋକଙ୍କ ଭିତରେ ମୁଁ କେବଳ କାଦୁଅ ଲାଗିଥିବା ପାଦ, ମୁଁ-କାରରେ ଫୁଲିଥିବା ମୁଣ୍ଡ, ହଳଦିଆ ପଡିଥିବା ଆଖି, ଆଉ କୁଣ୍ଡେଇ ହେଉଥିବା ହାତପାପୁଲି ଖୋଜୁଥିଲି; ଯଦି ଏସବୁ ମିଳୁ ନ ଥିଲା, ତେବେ ଏସବୁ ଉଦ୍ଭାବନ କରିବାକୁ ମୋତେ ବେଶୀ ସମୟ ଲାଗୁ ନ ଥିଲା । ମୋର ଏ ଅଭ୍ୟାସ ଓ ଦୃଷ୍ଟିଭଙ୍ଗୀ ଜୀବନରେ ଯାହା ସ୍ୱାଭାବିକ, ସୁସ୍ଥ, ମୌଳିକ, ସୁସଂହତ ଏବଂ ସରଳ, ସେସବୁଠାରୁ ମୋତେ ଦୂରକୁ ଘେନି ଯାଇଥିଲା ।

ଚଉତିରିଶି ବର୍ଷର ଅଧ୍ୟାପନା ବ୍ୟବସାୟ ମୋ ଭିତରେ ଏ ବ୍ୟବସାୟଗତ ରୋଗ, ଅନ୍ଧବିଶ୍ୱାସ, ଅଧିକାରପ୍ରବଣତା, ରୁଗ୍‌ଣ ଆତ୍ମପ୍ରଶଂସା ଓ ଆତ୍ମବଡିମା ଜାତ କରିଥିଲା । ଅନ୍ୟସବୁ ଅଧ୍ୟାପକମାନଙ୍କ ପରି ମୁଁ ମଧ୍ୟ ପୁସ୍ତକ-କୀଟ ବ୍ୟାଧି ଭୋଗୁଥିଲି । ଏହା ସହିତ ବି ଅନ୍ୟମନସ୍କ ରହିବାର ବିକୃତିରୁ ମୁଁ ମୁକ୍ତ ନ ଥିଲି । ଏହି ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିଠାରୁ ପଞ୍ଚମ ଦଶନ୍ଧି ଯାଏ ପ୍ରତିବର୍ଷ ନୂଆ ଉତ୍ସାହ ଓ ଉଦ୍ଦୀପନାଭରା ତରୁଣମାନଙ୍କ ମଧ୍ୟରେ ଚଳପ୍ରଚଳ ହୋଇ, ସେମାନଙ୍କଠାରୁ କୃତଜ୍ଞତା ଓ ଶ୍ରଦ୍ଧା ପାଇ ମୁଁ ଆତ୍ମବଡ଼ିମାରେ ଉବୁଟୁବୁ ହେଉଥିଲି । ମୁଁ ନିଶ୍ଚୟ ସ୍ୱୀକାର କରିବି ଯେ ମୋର ବୟସ ତାରୁଣ୍ୟକୁ ବହୁ ପଛରେ ପକାଇ ସାରିଥିଲେ ମଧ୍ୟ ଜୀବନର ସମସ୍ୟା ସଙ୍କଟ ପ୍ରତି ମୋର ପ୍ରତିକ୍ରିୟା ତରୁଣ-ସୁଲଭ ଅପରିପକ୍ୱତା ପ୍ରକଟ କରୁଥିଲା । ପ୍ରିନ୍‌ସଟନ୍ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନର ଅଧ୍ୟାପକ ଥିଲାବେଳେ ଉଡ୍ର ଉଇଲସନ୍ ଖୁବ୍ ହାସ୍ୟରସପ୍ରିୟ ଥିଲେ, ସେ ନିଜର ଚେହେରାକୁ ନିଜେ ଉପହାସ କରି ଅନ୍ୟମାନଙ୍କ ସହ ଖୋଲା ହସରେ ଯୋଗ ଦେଇପାରୁଥିଲେ । ମାତ୍ର ସେ ଯେତେବେଳେ ପ୍ରେସିଡେଣ୍ଟ ହେଲେ, ଯୁଦ୍ଧୋତ୍ତର ଇଉରୋପର ସମ୍ମୁଖୀନ ହେବା ସମୟରେ ଲୟଡ୍ ଜର୍ଜ ଓ କ୍ଲେମେନ୍‌ସଙ୍କ ଆଗରେ ଜଣେ ସ୍ନାତକ ଛାତ୍ର ପରି ଅପରିପକ୍ୱତା ପ୍ରକାଶ କରୁଥିଲେ ।

କର୍ଣ୍ଣାଟକର ମୋର ସ୍ତାବକମାନେ ଓ ଅନ୍ୟାନ୍ୟ ପ୍ରଶଂସାମୁଖର ପାଠକମାନେ ମଧ୍ୟ ମୋର ଆକାର ଓ ଆଘରକୁ ବିକୃତ କରିବାରେ ସାହାଯ୍ୟ କରିଥିଲେ । ସେମାନେ ଯେତେବେଳେ ଦେଖିଲେ କେରଳର ସମୁଦ୍ର ଉପକୂଳରେ ଜନ୍ମ ହୋଇ ମଧ୍ୟ ମୁଁ ସେମାନଙ୍କ ମାତୃଭାଷାରେ ଜଣେ କନ୍ନଡ଼ ଭାଷାରେ ଜନ୍ମ ହୋଇଥିବା ଲୋକ ପରି ଲେଖିପାରୁଛି ଓ କହିପାରୁଛି, ସେମାନେ ଖୁବ୍ ଆନନ୍ଦ ପ୍ରକାଶ କରୁଥିଲେ । କନ୍ନଡ଼ ଭାଷାର ମହାରଥୀମାନେ ମତ ଦେଉଥିଲେ ଯେ ବିଧି କନ୍ନଡ଼ ରାଜ୍ୟରୁ ମୋତେ ଅପହରଣ କରି କେରଳ ରାଜ୍ୟରେ ଜନ୍ମ ଦେଇସାରିଲା ପରେ ମୋତେ ମୋର ଆପଣା ରାଜ୍ୟକୁ ଫେରାଇ ଆଣିଛି । ମୋର ଆପତ୍ତି

ସତ୍ତ୍ୱେ ଗୋଟିଏ ସର୍କସ ଜୀବପରି ମୋତେ ଜନତା ମଧ୍ୟରେ ବୁଲାଇ ନିଆଯାଉଥିଲା। ମୋର ଗୋଟିଏ ଉପନ୍ୟାସ 'ଗାଲି ଗୋପୁରମ୍' (ପବନ ପ୍ରାସାଦ)ରେ ଜନତାର ଉଚ୍ଛ୍ୱସିତ ସମ୍ମାନର ଶିକାର ହୋଇଥିବା ଏହିପରି ଗୋଟିଏ ଚରିତ୍ର କଥା ମୁଁ ଲେଖିଛି। ଏସବୁ ଧୂପ ଧୂଆଁରୁ ନିଜକୁ ଉଦ୍ଧାର କରିବା ପାଇଁ ମୁଁ ମୋର ହାସ୍ୟରସକୁ ଯେତେ ପ୍ରୟୋଗ କଲେ ବି ଧୂଆଁ ମୋ ମୁଣ୍ଡ ଭିତରେ ପଶି ତାକୁ ବେଶ୍ ଭଲ ଭାବରେ ଯେ ଫୁଲାଇ ଦେଇଥିଲା ଏଥିରେ ସନ୍ଦେହ ନାହିଁ।

ହାଇସ୍କୁଲର ଛାତ୍ର ଥିଲାବେଳେ ବି ମଣିଷଜାତିର ରଙ୍ଗ ବେରଙ୍ଗ ଇତିହାସର କାହାଣୀ ମୋତେ ବେଶ୍ ଆକୃଷ୍ଟ କରିଥିଲା। ସେତେବେଳେ ଏନ୍. କେ. ସୁବ୍‌ବା ଆୟାର ଥିଲେ ମୋର ହୀରୋ ! ତାଙ୍କ ପରି ପଣ୍ଡିତ ହେବା ଓ ତାଙ୍କ ପରି ପଢ଼ାଇବା ଥିଲା ମୋର ତରୁଣ ମନର ସ୍ୱପ୍ନ। କିନ୍ତୁ ମୁଁ ଯେତେବେଳେ ମହୀଶୂର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗରେ ଅଧ୍ୟାପକ ଭାବରେ ଯୋଗ ଦେଲି, ମୋର ଆଖି ଆଗରେ ବଡ଼ ହୋଇ ଠିଆହେଲା ଦରମା ଓ ପଦୋନ୍ନତି। ସେତେବେଳେ ଆମେ ପ୍ରାୟ ଡଜନେ ଅଧ୍ୟାପକ ସେ ବିଭାଗରେ ଥିଲୁ, ଆଉ କାହାରି ଦରମା ଓ ପଦବୀରେ ଉନ୍ନତିର ସମ୍ଭାବନା କୌଣସି ଅଧ୍ୟାପକଙ୍କ ପଦତ୍ୟାଗ କିମ୍ୱା ମୃତ୍ୟୁ ଉପରେ ନିର୍ଭର କରୁଥିଲା। ମାତ୍ର କେହିହେଲେ ଅନ୍ୟମାନଙ୍କର ଏ ଆଶା ପୂରଣ କରିବାକୁ ବାହାରୁ ନଥିଲେ, କାରଣ ଆମେ ସମସ୍ତେ ଊଣା ଅଧିକେ ସମାନ ବୟସର ଥିଲୁ। ଦୀର୍ଘଦିନ ଧରି ଦରମା ଓ ପଦବୀରେ ସ୍ଥିର ହୋଇ ରହିବା ଫଳରେ ମୋ ଭିତରେ ବିରକ୍ତି ଜାତ ହୋଇଥିଲା ଓ ମୁଁ ମଣିଷକୁ ଘୃଣା କରିବା ଆରମ୍ଭ କରିଥିଲି।

ଇତିହାସ ପ୍ରତି ମୋର ପ୍ରୀତି ଭାଗ୍ୟର ବିଡ଼ମ୍ୱନାକୁ ସମ୍ଭାଳି ପାରି ନଥିଲା। ମୋର ଏ ବିକୃତିର ଆଉ ଗୋଟିଏ ଗଭୀର କାରଣ ଥିଲା। ମଣିଷ ଇତିହାସର କାଦୁଅକୁ ଘାଣ୍ଟି ମୋ ମନରେ କାଦୁଅର ଛିଟା ଲାଗିଯାଇଥିଲା। ପ୍ରାୟ ପ୍ରତି ତିରିଶ ବର୍ଷରେ ଇତିହାସର ପୁନରାବୃତ୍ତି ଘଟିଲେ ମଧ୍ୟ ମଣିଷ ସେଥିରୁ କିଛି ଶିଖେ ନାହିଁ। ମଣିଷ ଏବେ ଚନ୍ଦ୍ରରେ ପାଦ ଦେଲାଣି ସତ, ମାତ୍ର ତା ଭିତରର ଘୃଣା ଓ ହିଂସା ଗଭୀରତର ହୋଇ ଉଠିଛି। ମଣିଷ ଭିତରର ପଶୁତ୍ୱକୁ ଭେଟିବା ପାଇଁ ତାକୁ ଟିକିଏ ବି ରାମ୍ପୁଡ଼ିବା ଦରକାର ନାହିଁ, ଆପେ ତାହା ଫୁଟି ଉଠୁଛି। ମୁଁ ତରୁଣମାନଙ୍କୁ ଇତିହାସ ପଢ଼ାଇବାର ନିରର୍ଥକତା ସମ୍ୱନ୍ଧରେ ଅଧିକରୁ ଅଧିକ ସଚେତନ ହେବାକୁ ଲାଗିଲି। ଇତିହାସ ଯଦି ବର୍ଣ୍ଣଗତ, ଜାତିଗତ, ଧର୍ମଗତ, ଭାଷାଗତ ଓ ରାଷ୍ଟ୍ରଗତ ବିଭେଦର ନିଆଁକୁ ତେଜିପାରିବ, ତେବେ ଇତିହାସ ଗୃହୀତ ହେବ, ନଚେତ୍ ନୁହେଁ ! ଇତିହାସ ବିଭାଗକୁ ଆସୁଥିବା ଛାତ୍ରମାନଙ୍କର ସଂଖ୍ୟା ଓ ଆଗ୍ରହ ମଧ୍ୟ କମିବାରେ ଲାଗୁଥିଲା। ଇତିହାସ ଅଧ୍ୟାପକମାନେ ପରିହାସ ଓ ଅବହେଳାର ପାତ୍ର ଥିଲେ। ଛାତ୍ର ସମାଜରୁ ଯାହା ଟିକିଏ ସମ୍ମାନ ଓ ଶ୍ରଦ୍ଧା ମୁଁ ପାଉଥିଲି ତାର କାରଣ ଥିଲା କ୍ଲାସ ବାହାରେ ଗାଁ ଗହଳରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଁ ସେମାନଙ୍କୁ ଜଡିତ କରୁଥିଲି। କିନ୍ତୁ ମଣିଷର ମଣିଷ ଓ ପ୍ରକୃତି ପ୍ରତି

ଅକୃତଜ୍ଞତାର ବିବରଣୀ ଇତିହାସ ତଥା ଇତିହାସର ଆଧ୍ୟାପନା ପ୍ରତି ମୁଁ ସମ୍ପୂର୍ଣ୍ଣ ବୀତସ୍ପୃହ ଓ ବିରକ୍ତ ହୋଇ ପଡିଥିଲି ।

ତେଣୁ ମୁଁ ଯେତେବେଳେ ଯାଇ ସ୍ୱାମୀଙ୍କ ପାଦତଳେ ପଡିଲି, ବେଶ୍ ଜୋର୍‌ରେ ପଡିଥିଲି, କାରଣ ବଡ଼ପଣରେ ବଡ ବୋଝ ମୋ ମୁଣ୍ଡରେ ଥିଲା । ହୃଦୟ ତିକ୍ତ ହୋଇ ଯାଇଥିଲା । ଅଭ୍ୟାସ ବିକୃତ ହୋଇଥିଲା । ମୋର ହସ ଗୋଟାଏ ମୁଖା ଥିଲା । ମୋ ଚେହେରାରେ ଫୁଟି ଉଠୁଥିଲା ଈର୍ଷା ଓ ନାରୀମାନଙ୍କ ପ୍ରତି ଘୃଣା । ମୋ ପାଦ ଅସ୍ଥିର ଥିଲା ଓ ଲକ୍ଷ୍ୟ ଧୂଆଁଳିଆ । ମୁଁ ମାତ୍ର ଗୋଟିଏ ସାଧନା ଜାଣିଥିଲି, ତାହା ହେଲା ସେବା । ବୋଧହୁଏ ଏ ସେବା ମୁଁ ଗ୍ରହଣ କରିଥିଲି ତାହା ମୋର ଅହଙ୍କାରକୁ ପୁଷ୍ଟ କରୁଥିଲା ବୋଲି । ଅନ୍ୟମାନଙ୍କର ବିଚିତ୍ର ସ୍ୱଭାବ ଆଉ ଆଡମ୍ବରକୁ ଉପହାସ କଲାବେଳେ ଭୁଲିଯାଉଥିଲି, ମୋ ଭିତରେ ଏସବୁ ଅଛି ବୋଲି ଅନ୍ୟମାନଙ୍କଠାରେ ତାହା ହିଁ ମୋ ଆଖିରେ ପଡୁଛି ।

ଆଉ ମୋର ନୂଆ ଗୁରୁଦେବ ମୋର ଏସବୁ ବିକୃତି ସହିତ ମୋତେ ସ୍ୱୀକାର କରିଥିଲେ । ବାବା କହନ୍ତି, "ମଣିଷକୁ ଗଢ଼ିବାକୁ ହେଲେ ପ୍ରଥମେ ତାକୁ ଭାଙ୍ଗିବାକୁ ପଡିବ ।" ପଇଁତିରିଶି ବର୍ଷ ଧରି ଭଗବାନଙ୍କ ହତିଆରର ମାଡ଼ ଖାଇବାର ସୌଭାଗ୍ୟ ପାଇ ଆଜି ମୁଁ ନିଜକୁ ପରମ ଭାଗ୍ୟବାନ ମନେକରୁଛି । ଏ ଭାଙ୍ଗିବାର ଓ ଗଢ଼ିବାର କାମ ମୋ ଉପରେ ଏବେ ବି ଚାଲିଛି; ଆଉ ନିଜ ବିଷୟରେ ମୁଁ ଯେତିକି ଜାଣିଛି, ଭାବୁଛି ଆହୁରି ଗୋଟିଏ ବା ଦୁଇଟି ଜନ୍ମ ଧରି ଏ କାମ ଚାଲିବ । ଏବେ ବାବା ଯଦି କାହା ହାତରେ ମୋତେ ଡକାଇ ପଠାନ୍ତି ତେବେ ମୋର ପ୍ରଥମ ଆଶଙ୍କା ହୁଏ, ମୁଁ କିଛି ଅପରାଧ କରି ପକାଇଛି କି ? ମନେ ମନେ ମୁଁ ଖୋଜିବୁଲେ କେଉଁଠି ମୋ ଗୋଡ଼ ଖସିଯାଇଛି, ବା ଜିଭ ଖସିଯାଇଛି, ବା କେଉଁ ନିଷିଦ୍ଧ ଅଞ୍ଚଳର ଗାର ଟପିଯାଇଛି ବା କାହାରିକୁ କଥାରେ ବା କାମରେ ଆଘାତ ଦେଇଛି । କାରଣ ଅଧିକାଂଶ ସମୟରେ ସେ ଡାକନ୍ତି ମୋ ଉପରେ ନିହାଣ-ମୁଗୁର ଚଳାଇବା ପାଇଁ ।

ଭଗବଦ୍‌ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ସେ ମଣିଷର ଅନ୍ତିମ ଗତି, ପ୍ରଭୁ, ସାକ୍ଷୀ, ସଖା, ମାତା, ପିତା ସବୁ । ବାବା ମୋ ପାଇଁ ଏବଂ ମୋ ପରି ଆହୁରି କୋଟି କୋଟି ଲୋକଙ୍କ ପାଇଁ ଏ ସବୁକିଛି । କାରଣ ସେ ଆମକୁ ହାତ ଧରି ପାଖକୁ ଆଣି ତାଙ୍କ ପ୍ରେମର ନିଆଁରେ ପୋଡ଼ି ଶୁଦ୍ଧ କରିବାକୁ ଚାହାନ୍ତି ।

ଯେତେବେଳେ ମୋତେ ତାଙ୍କ ସହିତ କଥା ହେବାର ସୁଯୋଗ ମିଳେ, ଆଉ କେହି ପାଖରେ ନ ଥିଲେ ବି ସେ ମୋ କଥା ଉପରେ ଅତ୍ୟନ୍ତ ସତର୍କ ଦୃଷ୍ଟି ରଖିଥାନ୍ତି ଏବଂ କେଉଁଠି କୌଣସି ଶବ୍ଦକୁ ମୁଁ ଅନାବଶ୍ୟକ ଭାବରେ ଲଘୁ କରିପକାଉଛି ବା ଗୁରୁ କରି ପକାଉଛି, କେଉଁଠି ଭାଷାର ବ୍ୟାକରଣ ଭୁଲ ହୋଇଯାଉଛି କେଉଁଠି ଉପଯୁକ୍ତ ଶବ୍ଦ ବ୍ୟବହାର କରୁ ନ ଥିବାରୁ ମୋ କଥା ଠିକ୍ ଭାବରେ ଫୁଟି ପାରୁ ନାହିଁ, କେଉଁଠି ଅନ୍ୟ ଶବ୍ଦଟିଏ ବ୍ୟବହାର କଲେ ମୋ

ବକ୍ତବ୍ୟ ଆହୁରି ସ୍ପଷ୍ଟ ହୋଇପାରିବ, ଏସବୁ ଦେଖାଇ ଦିଅନ୍ତି। କଥାବାର୍ତ୍ତାରେ ମୋର ବେଢଙ୍ଗପଣିଆ ତାଙ୍କ ଆଖିରୁ କେବେ ବାଦ୍ ଯାଏ ନାହିଁ। ମୋ ଆଚରଣରେ କୃତ୍ରିମତା, ଅନାବଶ୍ୟକ ଅଙ୍ଗଭଙ୍ଗୀ ଓ କୌଣସି ଶବ୍ଦର ବହୁଳ ବ୍ୟବହାର ପ୍ରତି ତାଙ୍କର ନିର୍ଦ୍ଦୟ ପରିହାସ ମୋ ଭିତରୁ ଏ ସବୁ ଦୂର କରିଦେଇଥିଲା । ପ୍ରତିଥର ମାଡ଼ ଖାଇବା ପରେ ମୋ ଭିତରର ଶିକ୍ଷକର ବଡ଼ପଣ ମାଟି କାମୁଡ଼ି ପଡୁଥିଲା। ଏହି ଭାବରେ ସେ ମୋର ନାସ ଶୁଙ୍ଘିବା ଛଡ଼ାଇ ଦେଇଥିଲେ, ଆଉ କଥାବାର୍ତ୍ତାରେ ଅନାବଶ୍ୟକ ବିଶେଷଣ ବ୍ୟବହାର, ଅଙ୍ଗପ୍ରତ୍ୟଙ୍ଗର ଅପ୍ରାସଙ୍ଗିକ ସଞ୍ଚାଳନ ଛାଡ଼ି ସିଧା ଭାବରେ ଠିଆ ହେବା ଶିଖାଇଥିଲେ। ଦେହ ସିଧା, ସରଳ ଓ ଶାନ୍ତ ଭାବ ଆହରଣ କଲେ ଯାଇ ତାଙ୍କ ଉପସ୍ଥିତିର ଦୈବତ୍ୱ ଆଘ୍ରାଣ କରିବା ସମ୍ଭବ ହୋଇଥାଏ।

ଯେଉଁଦିନ ମୋତେ ଦିଆଯାଇଥିବା ଘରଟିରେ ମୁଁ ପ୍ରବେଶ କଲି, ସେଦିନ ବାବା ମୋତେ ଗୋଟିଏ କାମ ଦେଲେ ଯାହା ମୋର ଅହଙ୍କାର ପକ୍ଷେ ଆଦୌ ପ୍ରୀତିକର ହେଲା ନାହିଁ। ମନ୍ଦିର ପଛରେ ଥିବା ମୁଣ୍ଡିଆ ଉପରେ ଯେଉଁ ଡାକ୍ତରଖାନା ତିଆରି ହେଉଥିଲା ସେଥିରେ କାମ କରୁଥିବା ମୂଲିଆମାନଙ୍କ ନାମ ତାଲିକା ମୁଁ ରଖିବି, କାମ ତଦାରଖ କରିବି ଓ ପ୍ରତି ସୋମବାର ଦିନ ସେମାନଙ୍କ ମଜୁରୀ ହିସାବ କରି ପଇସା ଗଣି ପ୍ରତ୍ୟେକଙ୍କୁ ଦେବି। ମୂଲିଆଙ୍କୁ ପଇସା ଦେବା କାମ ମତେ ମିଳିଲା ବତିଶି ବର୍ଷର ସମ୍ମାନଜନକ ଅଧ୍ୟାପନା ଚାକିରୀ ମଧ୍ୟରେ ୫ ବର୍ଷର ଅଧ୍ୟକ୍ଷତା ପରେ ! ମାତ୍ର ପ୍ରଶାନ୍ତିନିଳୟମ୍‌ରେ କାମ ହେଉଛି ଉପାସନା; ଏଣୁ ମୋତେ ଏ କାମ ଅତି ନିଷ୍ଠାପର ଭାବରେ କରିବାକୁ ହେବ। ମୋର ସୌଭାଗ୍ୟକୁ ଅଳ୍ପଦିନ ଭିତରେ ଆଉ ଜଣେ ଭକ୍ତ ଏଠି ଆସି ପହଞ୍ଚିଲେ ଯିଏ ପାଣିକୁ ମାଛ ପରି ଏ କାମକୁ ଗ୍ରହଣ କରିନେଲେ। ଫଳରେ ମୁଁ ସିନା ଏ ବିରକ୍ତିକର କାମରୁ ଉଦ୍ଧାର ପାଇଗଲି, ମାତ୍ର ଏଥିରେ ମୋର ଶିକ୍ଷାଟାଏ ହୋଇଗଲା। ଯେଉଁ କାମ ମିଳିବ, ତାହା ଯେତେ ଅପରିଚିତ ଓ ଅସ୍ୱାଦକର ହେଲେ ବି ଏହାକୁ ଭଗବତ୍-ପ୍ରେମ ବଢାଇବାର ଏକ ସୁଯୋଗ ଭାବରେ ଆନନ୍ଦ ମନରେ ଗ୍ରହଣ କରିବାକୁ ହେବ। ଏଥିରୁ କିନ୍ତୁ ମତେ ମୁକ୍ତି ମିଳିଗଲା ନାହିଁ। ବାବା ମୋତେ କିଛିଦିନ ପରେ ବାଙ୍ଗାଲୋର ପଠାଇଲେ ଆଉ ଗୋଟିଏ ସେହିପରି ମୋ ପକ୍ଷରେ ସଂପୂର୍ଣ୍ଣ ଅପରିଚିତ କାମରେ - ବୁକ୍‌କାପଟ୍ଟନମ୍‌ର ସାଇବାବା ସ୍କୁଲ ନିମନ୍ତେ ଟାଇଲ୍ ଓ କାଠ ଆଣିବାକୁ। ଆଉ ଥରେ ମୋତେ ବାଙ୍ଗାଲୋର ଯିବାକୁ ପଡ଼ିଥିଲା ବିଭିନ୍ନ ଧର୍ମର ମହାତ୍ମାମାନଙ୍କର ଫଟୋ କିଣି, ତାକୁ ଫ୍ରେମ୍ କରି ଆଣିବା ପାଇଁ; ସେସବୁ ଫଟୋ ପ୍ରଶାନ୍ତିନିଳୟମ୍‌ର ଭଜନ ହଲ୍‌ର କାନ୍ଥରେ ଝୁଲା ହେବା କଥା।

ବିଜୟାଦଶମୀ ଦିନ ଅନେକ ବର୍ଷ ଯାଏ ତ୍ରିଚିନାପଲ୍ଲୀର ଜଣେ ଟେଲିଗ୍ରାଫ ସୁପରିଟେଣ୍ଡେଣ୍ଟଙ୍କ ସହିତ ମୁଁ ପ୍ରଶାନ୍ତିନିଳୟମ୍ ପୂର୍ବଫାଟକ ପାଖରେ ଥିବା କୂଅରୁ ମାଠିଆରେ

ପାଣି ବୋହି ପଶ୍ଚିମପଟେ ଥିବା ରୋଷେଇଘରକୁ ଆଣୁଥିଲି । ସେତେବେଳେ କାମ କରିବାକୁ ସମର୍ଥ ପୁରୁଷ ଲୋକେ ବହୁତ କମ୍ ଥିବାରୁ ଯେକୌଣସି କାମ ପଡ଼ିଲେ ଆମକୁ ଅଣ୍ଟା ଭିଡି ବାହାରିବାକୁ ପଡୁଥିଲା । ଯେତେବେଳେ ହାଇଦ୍ରାବାଦର ପୋଷ୍ଟମାଷ୍ଟର ଜେନେରାଲ ପ୍ରଶାନ୍ତିନିଳୟମ୍‌ରେ ଗୋଟିଏ ପୋଷ୍ଟ ଅଫିସ ଖୋଲିବାର ପ୍ରସ୍ତାବ ଦେଇ ଏପରି ପୋଷ୍ଟମାଷ୍ଟର ଭାବରେ କାମ କରିବା ନିମନ୍ତେ ଯେକୌଣସି ରାଜ୍ୟ ସରକାରଙ୍କ ଜଣେ ଲେଖାପଢା ଜାଣିଥିବା ଅବସରପ୍ରାପ୍ତ କର୍ମଚାରୀଙ୍କୁ ଖୋଜିବାର ଦାୟିତ୍ୱ ଆମକୁ ଦେଲେ, ମୁଁ ବୁଝିଗଲି ଏ କାମ ପାଇଁ ମୁଁ ଏକମାତ୍ର ଉପଯୁକ୍ତ ପ୍ରାର୍ଥୀ । ମୋ ଅହଙ୍କାରର ଯାହା କିଛି ଅବଶେଷ ଥିଲା, ତାକୁ ଗୁଣ୍ଡାଏ କରି ବଡ କଷ୍ଟରେ ଗିଳି ପୋଷ୍ଟମାଷ୍ଟର ବେଶ ପିନ୍ଧିଲି । ମୋର ଏ ନୂଆ ଭୂମିକାରେ ମୋର କର୍ତ୍ତବ୍ୟପରାୟଣତା ଦେଖି ବାବା ପରିହାସ କରି କହୁଥିଲେ, " ଜଣେ ପ୍ରିନ୍‌ସପାଲ ଓ ପି.ଏଚ.ଡି ସାମାନ୍ୟ ପୋଷ୍ଟମାଷ୍ଟର ନାମରେ ପରିଚିତ ହେବା ମତେ ସୁଖ ଲାଗୁ ନାହିଁ ।" ମୁଁ ଜାଣିଥିଲି ଏ କଥା କହିବା ପଛରେ ବାବାଙ୍କର ଉଦ୍ଦେଶ୍ୟ ଥିଲା ମୋର ପ୍ରତିକ୍ରିୟା ଲକ୍ଷ୍ୟ କରିବା । ମୋର ପଦବୀ ତଳକୁ ଖସିଯିବା କଥାରେ ମୁଁ ସମ୍ମତି ଦେଉଛି କି ନାହିଁ ସେ ପରୀକ୍ଷା କରିବା ଚାହୁଁଥିଲେ । ମାତ୍ର ମୁଁ ଉତ୍ତର ଦେଉଥିଲି, " ସ୍ୱାମୀ, ପ୍ରଶାନ୍ତିନିଳୟମ୍‌ର ପୋଷ୍ଟମାଷ୍ଟର ବୋଲାଇବା ତ ଯେ କୌଣସି ଲୋକ ପକ୍ଷରେ ଗର୍ବର କଥା ହେବ ।"

୫୦ ରୁ ୬୦ ମସିହା ଭିତରେ ପ୍ରଶାନ୍ତିନିଳୟମ୍‌କୁ ଦୈନିକ ଖୁବ୍ ବେଶୀ ୨୦ ରୁ ୩୦ ଯାତ୍ରୀ ଆସୁଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ମୋ ପାଖକୁ ଆସି ସେମାନଙ୍କର ଦୁଃଖ ଓ ଦୟିନୀ ବାବାଙ୍କୁ ଜଣାଇବା ପାଇଁ ମୋତେ ଅନୁରୋଧ କରୁଥିଲେ । ସେମାନେ ଭାବୁଥିଲେ ଏ ବାବା ଅନ୍ୟସବୁ ବାବାମାନଙ୍କ ପରି ଭକ୍ତ ସଂଗ୍ରହ କରିବା ପାଇଁ ନିଶ୍ଚୟ ଧନଲାଭ ଓ ଶତ୍ରୁ ବିନାଶ ଉଦ୍ଦେଶ୍ୟରେ କିଛି ମନ୍ତ୍ର ବାଣ୍ଟୁଥିବେ, କିମ୍ୱା ଦେହ ଓ ମନର ରୋଗ ଭଲ କରିଦେଉଥିବେ । ବାବା ପ୍ରଶାନ୍ତିରେ ନ ଥିଲେ ସେମାନେ ବାବା ଆସିବା ଯାଏ ଅପେକ୍ଷା କରୁଥିଲେ । ମୋତେ ଜଣେ ବଡ ଧୈର୍ଯ୍ୟଶାଳୀ ଶ୍ରୋତା ଦେଖି ସେମାନେ ସବୁ ଆସି ମୋ ଆଗରେ ସେମାନଙ୍କ ଦୁଃଖ ଓ ଆଶାର କାହାଣୀ କହୁଥିଲେ । ସେମାନେ ମୋତେ ଦେଖି ହୁଏତ ଭାବୁଥିବେ ମୁଁ ସେମାନଙ୍କ ପକ୍ଷରୁ ବାବାଙ୍କୁ କହିବି. କାରଣ ସେମାନଙ୍କ ଭିତରୁ ଜଣେ ଦି'ଜଣଙ୍କୁ ପରେ ସାକ୍ଷାତ୍‌କାର ସମୟରେ ବାବା ସତର୍କ କରି କହିଥିଲେ ଯେ ଯେଉଁମାନେ ଖାଲି ମୁହଁରେ ଆହା କରନ୍ତି ସେମାନଙ୍କ ଆଗରେ ନିଜର ବ୍ୟକ୍ତିଗତ ଦୁଃଖର କଥା କହିବା ଉଚିତ ନୁହେଁ । ବାବା କହିଥିଲେ, " ତୁମ ଦୁଃଖ ଶୁଣି ସେମାନେ ତୁମ ସହିତ ଦି'ଟୋପା ଲୁହ ଢାଳିପାରନ୍ତି ବା ସହାନୁଭୂତି ଦେଖାଇ ପାରନ୍ତି, ମାତ୍ର ଯେଉଁ ପରିସ୍ଥିତି ତୁମକୁ ଏତେ ଦୁଃଖ ଆଣିଦେଇଛି ତାକୁ ଟିକିଏ ହେଲେ ବଦଳାଇବା କିମ୍ବା ସଜାଡ଼ିବାର କ୍ଷମତା ସେମାନଙ୍କର ନାହିଁ । ତାହାହେଲେ ତୁମ କଥା ଶୁଣି ସହାନୁଭୂତି ଦେଖାଉଥିବା ଏ ସାମାନ୍ୟ ମଣିଷମାନଙ୍କ ଆଗରେ

ତୁମେ ନିଜର ଦୈନ୍ୟ ପ୍ରକାଶ କରିବ କାହିଁକି ? ତୁମେ କାହିଁକି ଏଠାକୁ ଆସିଛ ତାହା ମୋତେ ଜଣାଇବା ଦରକାର ନାହିଁ । ତୁମ କଥା ଶୁଣି ତୁମକୁ ତ୍ରାହି କରିବି ବୋଲି ତ ମୁଁ ତୁମ୍ଭମାନଙ୍କୁ ଏଠାକୁ ଆଣିଛି !" ଏମାନେ ମୋ ପାଖକୁ ଆସି ସେମାନଙ୍କ ସମସ୍ୟାରେ ମୋତେ ଅଯଥା ଜଡ଼ିତ କରାଇଥିବାରୁ ମୋତେ ଯେତେବେଳେ କ୍ଷମା ମାଗନ୍ତି, ମୁଁ ବୁଝେ ଏହା ମୋ ପାଇଁ ମଧ୍ୟ ଗୋଟିଏ ଶିକ୍ଷା । ମୁଁ ଯେ ଅନ୍ୟଲୋକଙ୍କଠାରୁ କିଛି ଭିନ୍ନ ସେମାନଙ୍କୁ ଏ ଧାରଣା ଦେବାର ଅଧିକାର ମୋର ନାହିଁ; ପ୍ରଶାନ୍ତିନିଳୟମ୍‌ରେ ମୁଁ ଅଛି କେବଳ ମୋରି ତପସ୍ୟା, ମୋରି ଜୀବନଯାତ୍ରାକୁ ବାଟରେ ପକାଇବାକୁ ।

ଅନେକ ଦିନ ପରେ, ବାବାଙ୍କଠାରୁ ଅନେକ ଗାଳି ଖାଇବାପରେ ଯାଇ ମୁଁ ବୁଝିଲି ପ୍ରଶାନ୍ତିନିଳୟମ୍‌କୁ ଯେଉଁମାନେ ଆସୁଛନ୍ତି ସେମାନଙ୍କୁ ବାବା ଡାକି ଆଣୁଛନ୍ତି, ଆଉ ବାବା ସେମାନଙ୍କ କଥା ବୁଝିବେ ଯେତେବେଳେ ଚାହିଁବେ, ଯେଉଁପରି ଭାବରେ ଚାହିଁବେ । ମୁଁ ଯେତେବେଳେ ଏମାନଙ୍କ କଥା ଶୁଣିବାକୁ କାନ ଦିଏ, ସେତେବେଳେ ମୁଁ ସହାନୁଭୂତିର ଶିକାର ହୋଇପଡ଼େ, ଆଉ ମୋର ଅହଙ୍କାର ମୋତେ ଆଉ ଜଣେ ଗୁଡ୍ ସାମାରିଟାନ୍ (ବାଇବେଲ୍‌ର Good Samaritan କାହାଣୀ) ପରି ଏମାନଙ୍କ ପକ୍ଷରୁ ବାବାଙ୍କୁ ପ୍ରାର୍ଥନା କରିବାକୁ ମୋତେ ପ୍ରବର୍ତ୍ତାଏ । ପ୍ରଥମ କେତୋଟି ବର୍ଷ ଯେଉଁମାନଙ୍କ ପକ୍ଷ ନେଇ ବାବାଙ୍କୁ ପ୍ରାର୍ଥନା କରିବାକୁ ମୁଁ ବାହାରି ପଡ଼ିଥିଲି ସେମାନେ ସାଧାରଣତଃ କନ୍ନଡ଼ ଭାଷାଭାଷୀ ଥିଲେ, କିମ୍ବା କେରଳର ଲୋକ ଥିଲେ । ଏସବୁ କ୍ଷେତ୍ରରେ ଭାଷାପ୍ରୀତି ମୋର ଗୋଟାଏ ଦୁରାରୋଗ୍ୟ ବ୍ୟାଧି ପରି କାମ କରୁଥିଲା । ବାବା ଏ ସମସ୍ତଙ୍କର ଦୁଃଖ ଯନ୍ତ୍ରଣା ବିଷୟରେ ଭଲରୂପେ ଜାଣିଥିବା ସତ୍ତ୍ୱେ ମୋର ପ୍ରତିନିଧିପଣିଆ ବାବା ଆଦୌ ପସନ୍ଦ କରୁ ନଥିଲେ ଏବଂ ନାନା ପ୍ରକାରର ପରିହାସ ଓ କଟୁମନ୍ତବ୍ୟ ଦ୍ୱାରା ମୋତେ ଏଥିରୁ ନିବର୍ତ୍ତାଇବାକୁ ଚେଷ୍ଟା କରୁଥିଲେ । ଥରେ ଥରେ ତାଙ୍କ କଥା ମୋ ଦେହରେ ଛୁରୀ ପରି ଭେଦି ଯାଉଥିଲା । ବେଳେ ବେଳେ ସେ କହନ୍ତି, "ହଁ, ଏ ପଣ୍ଡାଗିରି ପାଇଁ ତୁ ତାଠୁଁ କେତେ କମିଶନ୍ ଆଦାୟ କରିଚୁ ?" ଆଉ କେବେ କେବେ କହନ୍ତି, "କାହିଁକି ? ସେ ଲୋକର କି ବିଶେଷତ୍ୱ ଅଛି ଯେ ତୁ ତାପାଇଁ କହୁଛୁ ? ତା ମୁଣ୍ଡରେ କ'ଣ ଦୁଇଟା ଶିଙ୍ଘ ଅଛି ?" କେବେ କେବେ ବିରକ୍ତ ହୋଇ କହନ୍ତି; "ତତେ ଏ ଦାୟିତ୍ୱ କିଏ ଦେଇଛି ? ଏଠି ପୁଣି ଆସକ୍ତି ବଢ଼ାଉଛୁ କାହିଁକି ?" ଆର୍‌ନୋଲ୍ଡ ସୁଲମାନଙ୍କୁ ବାବା କହିଥିଲେ, "ମୁଁ ନ ଡାକିଲେ କେହି ପୁଟପର୍ତ୍ତି ଆସିପାରିବ ନାହିଁ । ଯେଉଁମାନେ ମୋର ଦର୍ଶନ ପାଇଁ ପ୍ରସ୍ତୁତ, କେବଳ ସେଇମାନଙ୍କୁ ମୁଁ ଡାକିଥାଏ । ଅବଶ୍ୟ ଏ ପ୍ରସ୍ତୁତିର ସ୍ତର ଭିନ୍ନ ଭିନ୍ନ ।" ଏକଥା ସେ ତାଙ୍କ ବହିରେ ଲେଖିଛନ୍ତି ।

ମୁଁ ଏହିପରି ଶିଖିଲି ଯେ ସମସ୍ତଙ୍କ ବିଷୟରେ ସବୁ ଜାଣିଥିବା ବାବାଙ୍କୁ କାହା ବିଷୟରେ କିଛି 'ଖବର' ଦେବାକୁ ଯିବା ସଂପୂର୍ଣ୍ଣ ଅନାବଶ୍ୟକ । ଦୟାର ଅବତାର ସେ, ଅନ୍ୟ କାହରିକୁ

ଦୟା ଦେଖାଇବା ପାଇଁ ନିବେଦନ କରିବା ବାହୁଲ୍ୟ ମାତ୍ର। ଭକ୍ତରକ୍ଷଣ ନିମନ୍ତେ ତାଙ୍କର ଆଗମନ, ଏଣୁ ଭକ୍ତକୁ ଉଦ୍ଧାର କରିବା ନିମନ୍ତେ ତାଙ୍କୁ ଜଣାଣ କରିବାକୁ ଯିବା ଅନାବଶ୍ୟକ। ଏସବୁ କରିବାକୁ ମୋତେ ମୋର ଅହଙ୍କାର ପ୍ରବର୍ତ୍ତାଉଥିଲା, ଏଣୁ ବାବା ତାର ମୁଣ୍ଡଟିକୁ ମୋଡ଼ି ଫିଙ୍ଗିଦେଲେ। ତଥାପି ବେଳେ ବେଳେ ଲୋକେ ଦେଖନ୍ତି ଯେ ମୁଁ ଦର୍ଶନାର୍ଥୀମାନଙ୍କ ଭିତରୁ କାହାକୁ ଖୋଜି ବାହାର କରେ ଓ ତାଙ୍କୁ ବାବାଙ୍କ ସହିତ ସାକ୍ଷାତ୍‌କାର ନିମନ୍ତେ ବସିଥିବା ଲୋକଙ୍କ ଭିତରେ ବସାଏ। ଏଥିରୁ ସେମାନେ ବୋଧେ ଅନୁମାନ କରିଥିବେ ଯେ ମୁଁ ଯାହାକୁ ଚାହିଁବି ତାଙ୍କୁ ବାବାଙ୍କ ସହିତ ଭେଟ କରାଇଦେବାର ବଶେଷ କ୍ଷମତା ମୋତେ ସେ ଦେଇଛନ୍ତି। ସେମାନେ ବୁଝିପାରନ୍ତି ନାହିଁ ଯେ ମୁଁ ଗୋଟାଏ ସାମାନ୍ୟ ଚପ୍ରାସୀ; ପ୍ରଭୁଙ୍କ ଆଦେଶ ମୁଣ୍ଡରେ ମୁଣ୍ଡାଇ ଏପଟ ସେପଟ ଧାଁ ଦଉଡ଼ କରୁଥାଏ ମାତ୍ର। ଲୋକମାନେ ଏପରି ଭାବିବା ମଧ୍ୟ କାରଣ ଅଛି। ଅଧିକାଂଶ ମଠ ବା ଆଶ୍ରମରେ ଯିଏ ଗୁରୁ ବା ମହାତ୍ମା ବା ପୀଠାଧୀଶ, ତାଙ୍କର ଜଣେ କେହି ପ୍ରଧାନ ଶିଷ୍ୟ ବା ଶିଷ୍ୟା ଥାଆନ୍ତି। ସେ ଆପଣାର ଇଚ୍ଛା ଅନୁସାରେ ଗୁରୁଙ୍କୁ କହି ବିଶେଷ ଅନୁଗ୍ରହର ବ୍ୟବସ୍ଥା କରାଇପାରନ୍ତି। ମାତ୍ର ପ୍ରଶାନ୍ତିନିଳୟମ୍ ତ ସେପରି ଗୋଟିଏ ମଠ ବା ଆଶ୍ରମ ନୁହେଁ। କସ୍ତୁରୀ ନାମଟି ଗୋଟିଏ ସ୍ତ୍ରୀଲୋକର ନାମ ବି ହୋଇପାରେ। ଏଣୁ ନିଜର ମହାନ୍ ଅଜ୍ଞତା ବଳରେ କେରଳର ଜଣେ ସମ୍ବାଦପତ୍ର ସଂପାଦକ ମନ୍ତବ୍ୟ କରିଥିଲେ ଯେ ପ୍ରଶାନ୍ତିନିଳୟମ୍‌ରେ ମଧ୍ୟ ତଥାକଥିତ ଗୁରୁଙ୍କ ପାଖରେ ଜଣେ ପ୍ରଭାବଶାଳୀ ମହିଳା ତାଙ୍କର ପ୍ରତିନିଧି ଭାବରେ କାମ କରନ୍ତି। ସେ କ'ଣ ଜାଣିଥିଲେ କି କସ୍ତୁରୀ ପ୍ରଶାନ୍ତିନିଳୟମ୍‌ର ଜଣେ ବିଶ୍ୱସ୍ତ ଚପରାଶି ମାତ୍ର। ନାନା ଆଦେଶ ଓ ନିର୍ଦ୍ଦେଶ ପାଳିବାକୁ ତାଙ୍କୁ ଦିନସାରା ଏପଟ ସେପଟ ଧାଇଁବାକୁ ପଡ଼ିଥାଏ।

ପ୍ରଶାନ୍ତିନିଳୟମ୍‌ର ପ୍ରଥମ କେତେବର୍ଷ ମୋତେ ବହୁତ ଖଟିବାକୁ ପଡୁଥିଲା, କାରଣ ସେତେବେଳେ ଏଠାରେ ବାସିନ୍ଦାଙ୍କ ସଂଖ୍ୟା ବହୁତ କମ୍ ଥିଲା। ମୁଁ ବଡ଼ ଖୁସି ଯେ ମୁଁ ଏସବୁ ଆକ୍ରମଣର ଶିକାର ହୋଇଥିଲି; କାରଣ ଏସବୁ ହାତୁଡ଼ି ପାହାର ଖାଇ ମୋର ମୁଣ୍ଡରେ ବସିଥିବା ଅହଙ୍କାର ଶିଳାଟି ଗୁଣ୍ଡ ହୋଇଯାଇଥିଲା। ଯେଉଁ ଭକ୍ତମାନେ ଅଧିକାଂଶ ସମୟରେ ଭଗବାନଙ୍କ ପାଖକୁ ଆସୁଥିଲେ, ସେମାନେ ଏଠି ଗୋଟିଏ ଭୋଜନାଳୟ ଆରମ୍ଭ କଲେ। ଏହା ଅବଶ୍ୟ ବିନା ଲାଭ ଓ କ୍ଷତିରେ ଚାଲୁଥିଲା। ଜଣେ ଭାଇ ରୋଷେଇଶାଳ ଓ ଭୋଜନଶାଳା ଦାୟିତ୍ୱରେ ଥିଲେ। ଯେଉଁମାନେ ସବୁ ଖାଇବାକୁ ଆସୁଛନ୍ତି ସେମାନଙ୍କୁ ସମାଦର କରି ଶ୍ରଦ୍ଧାର ସହ ଖାଇବାକୁ ଦେବାକୁ ବାବା ଆମକୁ ନିର୍ଦ୍ଦେଶ ଦେଇଥିଲେ। ବେଳେ ବେଳେ ଏପରି ଭକ୍ତ ଆସୁଥିଲେ ଯେଉଁମାନେ କ୍ୟାଣ୍ଟିନ୍‌ର ଖାଦ୍ୟକୁ ମଧ୍ୟ ପବିତ୍ର ପ୍ରସାଦ ବୋଲି ମନେ କରୁଥିଲେ। ଏପରି ଭକ୍ତଙ୍କଠାରୁ ଖାଦ୍ୟ ନିମନ୍ତେ ପଇସା ନେବାକୁ ହେବ ନାହିଁ। ଏପରି ଜଣେ ବଡ଼ ଅଫିସର ଆସିଥିଲେ। ସରକାରୀ ରାଜକୋଷରୁ ସେ ଦୈନିକ ଭତ୍ତା ଭାବରେ ଯେତିକି ପଇସା

ପାଉଥିଲେ ସେତକ ଖର୍ଚ୍ଚ କରିବା ମଧ୍ୟ ତାଙ୍କ ପକ୍ଷରେ କଷ୍ଟକର ଥିଲା । ଆଉଥରେ ସେ ଯେବେ ଆସିଲେ ତାଙ୍କୁ ରହିବାକୁ ଘରଟିଏ ମୁଁ ଦେଲି, ମାତ୍ର କ୍ୟାଣ୍ଟିନ୍‌ରୁ ତାଙ୍କ ପାଇଁ ଖାଇବାକୁ ପଠାଇବା ଆବଶ୍ୟକ ମନେକଲି ନାହିଁ। ବାବା ସେଦିନ ଅପରାହ୍ଣରେ ଯେତେବେଳେ ତାଙ୍କୁ ଡାକି ତାଙ୍କ ସହ କଥା ହେଲେ, ସେ ଦେଖିଲେ ଭଦ୍ରଲୋକ ସକାଳୁ ଉପାସରେ ଅଛନ୍ତି। କାରଣ ତାଙ୍କୁ ପ୍ରସାଦ ମିଳିନାହିଁ। ସେ ଏହାକୁ ମୋର ମନମୁଖୀ ଆଚରଣ ନ ବିଚାରି ଭଗବାନଙ୍କ ଇଚ୍ଛା ବୋଲି ଧରିନେଲେ। ବାବା ଏଥର ବାଟକୁ ଆଣିବାକୁ ଠିକ୍ କଲେ। ମୋଠାରେ ସ୍ନେହ, ଶ୍ରଦ୍ଧା, ଭକ୍ତି ଓ ସଦାଚାରର ଅଭାବ ଥିଲା। ତାଙ୍କର କରୁଣା ଓ ଏହାର ପ୍ରକାଶ ଆଗରେ ମୋର କ୍ଷୁଦ୍ରତାକୁ ଆଗୁଆଳ କରି ରଖିବାର ଆସ୍ପର୍ଦ୍ଧା ଭାଙ୍ଗିବାକୁ ହେବ।

ତାପରେ ସେ ମୋତେ କଥା କହିଲେ ନାହିଁ, କିମ୍ୱା ମୋତେ ଅନାଇଲେ ନାହିଁ । ମୋର ବିଚରା ବଡ଼ପଣଟି ତାତିଲା କରେଇରେ ପଡ଼ିଗଲା। ତାଙ୍କଠାରୁ ସ୍ନେହର କୌଣସି ସଙ୍କେତ ନ ପାଇ ମୋ କଥା ସରିଗଲା। ମନେ ମନେ ନିଜକୁ ଖୋଳି ତାଡ଼ି କି ଭୁଲ କରିଛି ଖୋଜିବାରେ ଲାଗିଗଲି। ମାତ୍ର ଯେ ମୁଁ-କାର ଅପରାଧୀ, ସେ କ'ଣ କେବେ ନିଜର ଅପରାଧ ଦେଖିପାରେ ? ଏହାର ସ୍ୱଭାବ ହେଲା ଅନ୍ୟ ମୁଣ୍ଡରେ ଅଠା ବୋଳିବା। ଦର୍ପଣରେ ମୋ ନିଜ ମୁହଁକୁ ବି ଦେଖିବାକୁ ମୁଁ ସାହସ କଲି ନାହିଁ, କାରଣ ସେ ମୁହଁରେ ମୁଁ ଦେଖୁଥିଲି ଭଗବାନଙ୍କର ଦ୍ରୋହ ଆଚରଣ କରିଥିବା ଅପରାଧୀକୁ। ମୋ ପ୍ରଭୁଙ୍କଠାରୁ ଏହିପରି ଦୂର ହେବାର ମରଣାନ୍ତକ ଯନ୍ତ୍ରଣା ମୁଁ ଭୋଗିଲି ନଅ ଦିନ ଓ ନଅ ରାତି। ଏ ଯନ୍ତ୍ରଣା ମରଣଠୁ ବଳି ପଡ଼ିବାର କାରଣ ହେଲା ପ୍ରଭୁ ମୋ ପାଖରେ ଥାଇ ମଧ୍ୟ ଯୋଜନେ ଦୂରରେ; ମୋ କାତର ପ୍ରାର୍ଥନା ଶୁଣି ମଧ୍ୟ ସେ ନୀରବ। ତାଙ୍କ ଆଖି ମୋ ଉପରେ ପଡ଼େ, ମାତ୍ର କାନ୍ଥରେ ପଡ଼ିଲା ପରି। ମୁଁ କାନ୍ଥକୁ ଆଉଜି ଠିଆ ହୋଇଥାଏ, ମାତ୍ର ସତେ ଯେମିତି କାନ୍ଥ ଛଡ଼ା ମୋର ଆଉ କିଛି ଅସ୍ତିତ୍ୱ ନ ଥିଲା। ଆଖିର ଲୁହ ନିଦକୁ ବି ଧୋଇନେଲା। ଜିଭର ସ୍ୱାଦ ବାରିବାର ଶକ୍ତି ବି ହଜିଗଲା। ମୋର ବିକଳ ଅବସ୍ଥା ଦେଖି ମୋ ବୋଉ ଆତଙ୍କିତ ହୋଇ ଉଠିଲା। ଦିନେ ବାବା ମଲ୍ଲୀବୁଦା ପାଖରେ ଠିଆ ହୋଇଥିଲାବେଳେ ବଡ଼ ସନ୍ତର୍ପଣରେ ଯାଇ ପଚାରିଲା, "ସ୍ୱାମୀ, କସ୍ତୁରୀର କ'ଣ ହୋଇଛି ?" ବାବା ଉତ୍ତର ଦେଲେ, "କିଛି ନାହିଁ। ଅଳ୍ପ ଦିନ ଭିତରେ ସେ ଠିକ୍ ହୋଇଯିବ। ମାତ୍ର ତୁ ଏକଥା ମତେ ପଚାରିଛୁ ବୋଲି ତାକୁ କହିବୁ ନାହିଁ।" ସେ ସାନ୍ତ୍ୱନା ପାଇଲା ସିନା, ମାତ୍ର ଏକଥା କହି ପକାଇବାର ଅସମ୍ଭବ ପ୍ରଲୋଭନକୁ ବଡ଼ କଷ୍ଟରେ ଚାପି ରଖିଲା। ଅନେକ ସପ୍ତାହ ପରେ ଯାଇ ବୋଉ ଏକଥା ମୋ ଆଗରେ ପ୍ରକାଶ କରିଥିଲା।

କେତେଦିନ ଆଉ ଭାଜି ହେବି। ବେଳକୁ ବେଳ ନିଆଁର ତାତି ବଢୁଥାଏ। ତାଙ୍କ ଆଗରେ ଘଣ୍ଟା ଘଣ୍ଟା ଧରି ଠିଆ ହୁଏ, ମାତ୍ର ସେ ପରମ ରମଣୀୟ ଶ୍ରୀମୁଖରେ ତାଙ୍କ ପ୍ରେମର ବୃତ୍ତରେ ପୁଣି ପ୍ରବେଶାଧିକାର ଦେବାର ସାମାନ୍ୟତମ ଚିହ୍ନ ବି ଦେଖେ ନାହିଁ। ଅଷ୍ଟମ ଦିନ

ଆଉ ସମ୍ଭାଳି ପାରିଲି ନାହିଁ। ତାଙ୍କ ପାଦ ଦୁଇଟିକୁ ଜାବୁଡ଼ି ଧରି ପଡ଼ିଗଲି, ଆଉ ଧକେଇ ଧକେଇ କାନ୍ଦିବାରେ ଲାଗିଲି। ବାବା ମୋ କାନ୍ଧକୁ ଧରି ଉଠାଇଲେ, ଆଉ କହିଲେ, "ଏବେ ତୁ କାନ୍ଦୁଛୁ। ମାତ୍ର ତୁ ଜାଣିଛୁ ସେ ଭକ୍ତଟି ସେଦିନ ପ୍ରସାଦ ନ ପାଇ କେତେ କାନ୍ଦିଥିଲା। ତୁ ଚାହିଁଥିଲୁ ସେ ପଇସା ଦେଇ ପ୍ରସାଦ କିଣିକରି ଖାଉ, ନୁହେଁ ?" ମୋ ମନରେ ଧପ୍ କରି ଆଲୁଅ ଜଳି ଉଠିଲା- ସେଦିନ କ୍ୟାଣ୍ଟିନ୍ ଦାୟିତ୍ୱରେ ଥିବା ଭାଇ ଓ ମୁଁ ଏହି ଅଫିସରଙ୍କ ସରକାରୀ ଭତ୍ତା ସମ୍ପର୍କରେ ଆଲୋଚନା କରିଥିଲୁ। "ଏପରି ଭୁଲ ଆଉ କେବେ କରିବୁ ନାହିଁ, ଆଉ ନିଜ ଦୁର୍ଦ୍ଦଶାକୁ ଏମିତି ଦେଖାଇ ହେବୁ ନାହିଁ। ଏବେ ଯା।" ମୁଁ ଧକେଇ ଧକେଇ କହିଲି, "ସ୍ୱାମୀ, ମୁଁ ଜାଣି ନଥିଲି। ମୁଁ ମନେ ରଖିବା ଉଚିତ ଥିଲା ଯେ ସେ ଆପଣଙ୍କ ଆଶୀର୍ବାଦ ପାଇଥିଲେ।" "ସମସ୍ତେ ମୋ ଆଶୀର୍ବାଦର ଅଧିକାରୀ। ଏବେ ଯା।"

ମାତ୍ର ବାବା ଯେତେବେଳେ 'ଯା' ବୋଲି କହିଲେ, ମୁଁ ବୁଝିଗଲି ବାବା ମୋ ଉପରେ ଆହୁରି ରାଗିଛନ୍ତି। ଯଦିଓ ସେ କହନ୍ତି, "ମୋ ଭିତରେ କ୍ରୋଧ ନାହିଁ। ଯେତେବେଳେ ତୁମର ଆଚରଣ ଠିକ୍ ହୁଏନା, ମୁଁ ନିରାଶ ହୋଇ ରାଗିଲା ପରି ଦିଶେ ମାତ୍ର।" ତେଣୁ ମୋ ହୃଦୟର କ୍ଷତ ସଂପୂର୍ଣ୍ଣ ଆରୋଗ୍ୟ ହେଲା ନାହିଁ। ପାହାଚ ଗୋଟିଏ ଗୋଟିଏ ଗଣି ତଳକୁ ଆସିଲି। ଭଜନ ହଲରେ ଭଜନ ଚାଲିଥାଏ। ଉତ୍ତର ଫାଟକ ଆଡ଼କୁ ଚାଲିଲି। ଗୋଟିଏ ଅଳ୍ପ ଉଚ୍ଚ କାନ୍ଥ ଉପରେ ବସି ବହୁତ ଅନୁତାପ କଲି। ଆରତି ସରିଲା, ବାବା ଉପରକୁ ଗଲେ। ମୁଁ ବି ତାଙ୍କ ପଛେ ପଛେ ଯାଇ ତାଙ୍କ ଆଗରେ କାନ୍ଥକୁ ଲାଗି ଠିଆ ହେଲି। ମୋ ମୁହଁରେ ଆହୁରି ମେଘ ଢାଙ୍କିଥିବା ଦେଖି ବା ପଚାରିଲେ, "ଆଉ ପୁଣି କ'ଣ ହେଲା ? ପୁଣି କାହିଁକି ?" ମୁଁ ବଡ଼ କଷ୍ଟରେ ଠିଆହୋଇ ରହିଲି, ଆଉ ଢୋକ ଗିଳି କହିଲି, "ସ୍ୱାମୀ, ଆପଣ ଯେତେବେଳେ ମୋତେ ଯା ବୋଲି କହିଲେ ମୁଁ ବୁଝିଲି ଆପଣ ଆହୁରି ସନ୍ତୁଷ୍ଟ ହୋଇ ନାହାନ୍ତି। ସ୍ୱାମୀ 'ବଙ୍ଗାରୁ' କହି ମୋ ମୁଣ୍ଡକୁ ଥାପୁଡାଇଲେ ଯାଇ ମୁଁ ଜାଣିବି ଆପଣ ମୋତେ ସଂପୂର୍ଣ୍ଣ କ୍ଷମା କରିଛନ୍ତି।" ମୁଣ୍ଡକୁ ଝୁଲାଇ ଅପେକ୍ଷା କରି ରହିଲି। ପରମ କାରୁଣିକ ସଙ୍ଗେ ସଙ୍ଗେ ହସି ହସି ମୋ ମୁଣ୍ଡକୁ ଥାପୁଡ଼ାଇ ଦେଲେ ଆଉ କହିଲେ, "ବଙ୍ଗାରୁ, ଏବେ ଯାଇ ତୋ ବୋଉକୁ କହ ଯେ ତୁ ଖୁସି।"

ଏ ଭୂମିରୁ ଉପନିବେଶ ଶାସନ ଅପସରି ଗଲା। ଧଳା ସାହେବମାନେ ମୁଣ୍ଡରୁ ବୋଝ ଖସାଇ ଅଧିକ ଦୁଃଖିତ ଓ ବିଜ୍ଞ ହୋଇ ନିଜର ଜନ୍ମଭୂମିକୁ ଫେରିଗଲେ। ରାଜରାଜୁଡ଼ା ଶାସନ ବି ଶେଷ ହେଲା। ୬୫୦ଟି ରାଜ୍ୟ ସହ ସେଗୁଡିକର ମହାରାଜାଧିରାଜ, ମହାରାଜା, ରାଜା, ସୁଲତାନ ଓ ନବାବମାନେ ଗଣତନ୍ତ୍ର, ସମାଜବାଦ ଓ ଧର୍ମନିରପେକ୍ଷତାର ସମୁଦ୍ରରେ ବୁଡ଼ିଗଲେ। ଦିଲ୍ଲୀରୁ ଯେଉଁ ହାତଖର୍ଚ୍ଚ ପାଇ ରାଜାମାନେ ପ୍ରାସାଦ ଗଢୁଥିଲେ, ତାହା କମି କମି ଯାଇ ଶେଷରେ ପୂରାପୂରି ବନ୍ଦ ହୋଇଗଲା। ଦେଶରେ ଅସନ୍ତୁଷ୍ଟ ରାଜା, ମହାରାଜା ଓ ରାଜକୁମାରମାନେ

ସେମାନଙ୍କର ଅବ୍ୟବହୃତ ସିଂହାସନ ଓ ଅନାବଶ୍ୟକ ପତାକାମାନ ଧରି ଗାଉଁ ଗାଉଁ ହେବାକୁ ଲାଗିଲେ ।

ଦିନେ ବୁକ୍କାପତ୍ତନମ୍‌ରୁ ଶଗଡ଼ ଗାଡ଼ିଟିଏ ଭଡ଼ା କରି ଏହିପରି ଜଣେ ଦୁର୍ଗତ ରାଜକୁମାର ତାଙ୍କ ପତ୍ନୀ, ବାରବର୍ଷର ପୁଅ ଓ ସାତବର୍ଷର ଝିଅଟିଏ ଧରି ଆସି ପୁଟ୍ଟପର୍ତ୍ତିରେ ପହଞ୍ଚିଲେ । ଗାନ୍ଧୀ-ଆନ୍ଦୋଳନର ତରଙ୍ଗ ତାଙ୍କ ଦରବାର ଘରିପଟେ ଗର୍ଜି ତାଙ୍କୁ ନେଇ ଶୃଙ୍ଖଳା ଭୂଇଁରେ ଫିଙ୍ଗି ଦେଇଥିଲା । ତାଙ୍କ ରାଜବଂଶର ଇତିହାସ ଭାରତୀୟ ଇତିହାସର କେତୋଟି ପୃଷ୍ଠା ଅଧିକାର କରିଥାଏ । ଏସବୁ ମୋତେ ଭଲକରି ଜଣାଥିଲା । ଇତିହାସର ବିଡ଼ମ୍ବନା ଏହି ରାଜକୁମାରଙ୍କ ଦୁଃଖକର କାହାଣୀ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ମୁଁ ଶୁଣେ । ତାଙ୍କ ରାଜବଂଶର ଯାହା କିଛି ସମ୍ପତ୍ତି ଥିଲା, ସେସବୁ ସେ ହରାଇ ବସିଥିଲେ, କାରଣ ସେ ଆସାମ ଘଲିଯାଇଥିଲେ । ସେଠାରେ ତାଙ୍କ ଘହା ବଗିଚ୍ଚ ମଧ୍ୟ ଦୁର୍ଭାଗ୍ୟକୁ ଭୁଷୁଡି ପଡିଲା । ତାଙ୍କର ଏ ଦୁର୍ଦ୍ଦଶା ଓ ଦୁଃଖର କାହାଣୀ ମୋତେ ଏତେ ବାଧିଲା ଯେ ଦିନେ ମୁଁ ଯାଇ ବାବାଙ୍କୁ କହିଲି, “ସ୍ୱାମୀ, ବିଚରା ଏବେ ମାଙ୍କଡ଼ଖିଆ ବୁଟଚଣା ମୁଠାଏ ଘେବାଇ ବଞ୍ଚି ରହିଛି, ତାପାଇଁ କିଛି ନ କଲେ ସେ ଭାସିଯିବ ।”

ବାବା ଉତ୍ତର ଦେଲେ ନାହିଁ । ମୁହଁକୁ କଠୋର କରି ମୁହଁ ବୁଲାଇ ଦେଲେ । ମୁଁ ଜାଣିଗଲି ସେ ଦରିଦ୍ର ରାଜକୁମାରଟି ପାଇଁ ମୋର ଅନୁନୟ ବାବା ପସନ୍ଦ କଲେ ନାହିଁ । ମୁଁ ତରକି ଗଲି- ନିଷିଦ୍ଧ ଅଞ୍ଚଳରେ ପାଦ ପକାଇଦେଲି କି ଆଉ ! ମୋ ସ୍ୱରରେ ତାଙ୍କ ଦୁଃଖରେ ବ୍ୟକ୍ତିଗତ ଦୁଃଖର ମାତ୍ରା ଫୁଟି ଉଠୁଥିଲା । ମୁଁ ଯେତେବେଳେ ମାଙ୍କଡ଼ଖିଆ ବୁଟଚଣା କଥା ଉଠାଇଲି, ମୋ ମନରେ ଥିଲା ୧୯୪୭ ମସିହାର ଅଗଷ୍ଟ ୧୪ ମଧ୍ୟରାତ୍ରି ଯାଏ ସେ କିପରି ରାଜକୀୟ ଭୋଜି, ଶିକାର, ଘୋଡ଼ାଚଢ଼ା, ପୋଲୋ ଖେଳ ଆଦିରେ ମସ୍ତ ହୋଇ ଜୀବନ ବିତାଉଥିଲେ ତାର ଚିତ୍ର । ଏହି ରାଜକୁମାର ଜାଣିପାରି ନଥିଲେ, କିମ୍ବା ତାଙ୍କର ଜାଣିବାର ଆବଶ୍ୟକତା ବି ନ ଥିଲା ଯେ କିପରି ତାଙ୍କ ପାଇଁ ବାବାଙ୍କୁ କହି ମୁଁ ଧକ୍‌କା ଖାଇଛି । ସମସ୍ତଙ୍କ ମୁହଁରେ ଥିଲା ବାବାଙ୍କ ସ୍ନେହର ଆଲୁଅ, ମାତ୍ର ମୋ ପାଇଁ ତାହା ଅନ୍ଧାର ପାଲଟିଗଲା । ବିକଳ ହୋଇ ମନେ ମନେ ପ୍ରାର୍ଥନା କଲି, “ପ୍ରଭୁ, କେତେ ଦିନ ପୁଣି ଏ ଦଣ୍ଡ ।”

ଏଥର ଗୋଟିଏ ନୂତନ ଶିକ୍ଷା, ଚେପ୍‌ପିନାଟ୍‌ଟୁ ଚେୟାଲି- ଯାହା କହିବ, ସେ ଅନୁସାରେ କାମ କର । ଶୃଙ୍ଖଳା ଆହା ପଦରେ ପେଟ ପୂରେ ନାହିଁ । ଭଣ୍ଡାମି ମହାପାପ । ଚଉଦ ବର୍ଷ ବୟସ ବେଳୁ ବାବା ଜଗତକୁ ଏଇ କଥାଟି ହିଁ ଶିଖାଇ ଆସିଛନ୍ତି । ବାର ବର୍ଷ ବୟସରେ ଉରବକୋଣ୍ଡାରେ ଥିଲାବେଳେ ବାବା ଯେଉଁ ଛୋଟ ନାଟକଟି ଲେଖି ନିଜେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ, ସେଥିରେ ସେ ବାପା, ମା ଓ ଶିକ୍ଷକଙ୍କ ଭଣ୍ଡାମିକୁ ପଦାରେ ପକାଇ ଦେଇଥିଲେ । ମଣିଷ କଥା ଖାଇ ବଞ୍ଚେନା, ବଞ୍ଚିବାକୁ ତାର ଦରକାର ଭାତ ମୁଠେ, ଆଉ ଭଗବାନ ସଦୟ ହେଲେ ତା ସାଙ୍ଗକୁ ଟିକିଏ ତରକାରୀ ।

ବାବାଙ୍କର ତାତିଲା ତେଲ କଡ଼େଇରେ ମୁଁ ସବୁଠୁ ବେଶି ଦିନ ପଡ଼ିଥିଲି ଉତ୍ତର ପୂର୍ବ ଭାରତ, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ଭ୍ରମଣ ପରେ। ବାବା ମୋତେ ହାଇଦ୍ରାବାଦରୁ ଉଡ଼ାଜାହାଜରେ ବମ୍ବେ ଯାଇ ସେଠାରେ ତାଙ୍କ ପାଇଁ ଅପେକ୍ଷା କରିବାକୁ କହିଥିଲେ। ଉପରୋକ୍ତ ରାଜ୍ୟମାନଙ୍କରେ ରାଜ୍ୟ ସଭାପତିମାନେ ମୋ ପାଇଁ ଯେଉଁ ଅବିଶ୍ରାନ୍ତ ଭାଷଣ କାର୍ଯକ୍ରମ ପ୍ରସ୍ତୁତ କରିଥିଲେ ତାହା ସମାପ୍ତ ହେବା ପରେ ମୁଁ ଆନନ୍ଦରେ ଉବେଇ ଟୁବେଇ ହେଉଥିଲି। ଏସବୁ ସ୍ଥାନମାନଙ୍କରେ ତାଙ୍କ କାହାଣୀ ଶୁଣିବାକୁ କିପରି ଶହ ଶହ ଲୋକ ଜମା ହେଉଥିଲେ, ସବୁଠାରେ ତାଙ୍କ ସଂକଳ୍ପ ଯୋଗୁଁ ପ୍ରକଟିତ ହେଉଥିବା ଅଲୌକିକ ଲୀଳାସବୁ କିପରି ମୋତେ ସ୍ତବ୍ଧ କରି ଦେଉଥିଲା ଏବଂ ସମାଜର ଦୀନ-ଦଳିତର ସେବାରେ ସେବାଦଳ କିପରି ଉତ୍ସାହ ଓ ଆଗ୍ରହ ପ୍ରକାଶ କରୁଥିଲେ ସେକଥା ବାବାଙ୍କ ଆଗରେ ବଖାଣିବାକୁ ମୋ ଜିଭ ଖଲ ଖଲ ହେଉଥିଲା।

ଧର୍ମକ୍ଷେତ୍ରରେ ସାରାଦିନ ମୁଁ କାନ ଡେରି ବସିଲି ବାବାଙ୍କ ଗାଡ଼ିର ଶବ୍ଦ ଶୁଣିବାକୁ। ଶେଷରେ ବାବା ଆସିଲେ। ଗାଡ଼ିରୁ ଓହ୍ଲାଇ ଧର୍ମକ୍ଷେତ୍ର ମନ୍ଦିରରେ ପ୍ରବେଶ କଲେ। ମୁଁ ଦ୍ୱାର ଆଗରେ ଠିଆ ହୋଇଥାଏ। ସେ ଦ୍ୱାର ଦେଇ ଭିତରେ ପ୍ରବେଶ କଲେ ଗୋଟିଏ ବଡ଼ କକ୍ଷ। ସେଠୁ ୧୮ଟି ପାହାଚ ଚଢ଼ି ବାବା ଉପର ମହଲାକୁ ଯାଆନ୍ତି ତାଙ୍କ ରହିବା କୋଠରୀକୁ। ହଲ ଭିତରେ ପ୍ରବେଶ କଲାବେଳେ ସେ ମୋତେ ଚାହିଁ ପଚାରିଲେ, "ଏଠି କେବେ ପହଞ୍ଚିଲୁ ?" "ଦୁଇଦିନ ତଳେ ସ୍ୱାମୀ," ମୁଁ ଉତ୍ତର ଦେଲି। ବାବାଙ୍କ ସାଙ୍ଗରେ ଯେଉଁ ତିନିଜଣ ଭକ୍ତ ବାବାଙ୍କ ଗାଡ଼ିରେ ଆସିଥିଲେ ସେମାନେ ବାବାଙ୍କ ପଛେ ପଛେ ମାର୍ବଲ ପାହାଚ ଚଢ଼ି ଉପରକୁ ଗଲେ। ମୁଁ ବି ପଛେ ପଛେ ଯାଇ ପରିଚିତ ଦ୍ୱାର ଆଗରେ ଠିଆହେଲି। ମାତ୍ର ଦ୍ୱାର ଭିତରୁ ବନ୍ଦ। ବାବା ଭିତରେ, ଆଉ ମୁଁ ବାହାରେ। ଭିତରେ ବାବାଙ୍କର ମିଠା ହସ କବାଟ ଫାଙ୍କରେ ବାହାରକୁ ଛିଟିକି ପଡୁଥିଲା। ମୋ ଭିତରର ଆନନ୍ଦ କ୍ରମଶଃ ତରଳି ଆଖି ବାଟେ ଲୁହ ହୋଇ ଝରିବାକୁ ଲାଗିଲା।

ଘଣ୍ଟାକ ପରେ ତଳକୁ ଆସି ମୋତେ ଦିଆଯାଇଥିବା ରୁମ୍‌ରେ ଆଶ୍ରୟ ନେଲି। ରାତିରେ ଖାଇବା ସମୟରେ ବାବାଙ୍କ ସାମ୍ନାରେ ଅନ୍ୟମାନଙ୍କ ସାଙ୍ଗରେ ତଳେ ଖାଇ ବସିଲି। ବାବା ଦୁର୍ବୋଧ୍ୟ ତତ୍ତ୍ୱକଥା ବୁଝାଇବାବେଳେ ମଧ୍ୟ ମଜାକଥା କହି ସମସ୍ତଙ୍କୁ ହସାଉଥାନ୍ତି। ମାତ୍ର ସେ ଥରେ ହେଲେ ମୋ ଆଡ଼କୁ ଚାହିଁଲେ ନାହିଁ। ଯେଉଁ ଗସ୍ତ କାର୍ଯ୍ୟକ୍ରମକୁ ସେ ନିଜେ ଆଶୀର୍ବାଦ କରି ମୋତେ ପଠାଇଥିଲେ ତାହା କେମିତି ହେଲା ବୋଲି ଥରେ ହେଲେ ପଚାରିଲେ ନାହିଁ କିମ୍ବା ଖାଇବା ବେଳେ ଏଇଟା ବେଶି ଖା, ସେଇଟା ଖା'ନା ବୋଲି ପଦେ ହେଲେ କହିଲେ ନାହିଁ। ଖାଦ୍ୟରୁ ରୁଚି ଚାଲିଗଲା ଓ ମୋ ଆଖିରୁ ନିଦ ହଜିଗଲା। ଖାଲି ଛଟପଟ ହେବା ହିଁ ସାର ହେଲା। ତାଙ୍କ ରୁମ୍‌କୁ ଯିବାକୁ ମୋତେ ବାରଣ ନ ଥିଲା, ମାତ୍ର ମୁଁ ଗୋଟିଏ ନିର୍ଜୀବ

ଖମ୍ଭ ପରି ଠିଆ ହୋଇ ରହେ । ମୋର ଭୟ ହେଲା ବାବାଙ୍କର ତେଲୁଗୁ ଭାଷଣକୁ ଇଂରାଜୀରେ ଅନୁବାଦ କରିବା ପାଇଁ ମୋତେ ଆଦେଶ ମିଳିବ ନାହିଁ - ମୁଁ କେବଳ ସେଥିପାଇଁ ଧର୍ମକ୍ଷେତ୍ର ଆସିବାର ଆଦେଶ ପାଇଥିଲି । ସଭା ଆରମ୍ଭ ହେଲା, ଆଗ ଧାଡ଼ିରେ ତଳେ ଚକା ପକାଇ ବସିଲି । ହାତରେ ମୋର ଖାତା କଲମ ଥିଲା ସତ ମାତ୍ର ମନରେ ଭରସା ନ ଥିଲା ଯେ ସେ ଡାକିବେ । ଚାରିଆଡ଼କୁ ଚାହିଁଲି, ତେଲୁଗୁକୁ ଇଂରାଜୀ କରିବାଭଳି ଲୋକ ମୋ ଆଖିରେ ପଡ଼ିଲେ ନାହିଁ । ମାତ୍ର ବାବା ହଠାତ୍ ଇଂରାଜୀ ବା ହିନ୍ଦୀ ବା ମରାଠୀ ଭାଷାରେ ଭାଷଣ ଆରମ୍ଭ କରିଦେଇ ପାରନ୍ତି - ଯାହା ମୋର କ୍ଷତକୁ ଆହୁରି ଗଭୀର କରିଦେବ । ମାତ୍ର ତାଙ୍କ ଆଙ୍ଗୁଠି ମୋତେ ସଂକେତ ଦେଲା, ମୁଁ ମଞ୍ଚ ଉପରକୁ ହସହସ ମୁହଁରେ ଉଠିଗଲି, ଆଉ ରୁମାଲରେ ଲୁହ ପୋଛି ମାଇକ୍ ଆଗରେ ଠିଆ ହେଲି ।

ତାଙ୍କ ଭାଷଣକୁ ଅନୁବାଦ କରିବାର ସୁଯୋଗ ଦେଇ ବାବା ମୋର ଅପରାଧ (କି ଅପରାଧ ତାହା ଖୋଜିବା ପାଇଁ ମୋ ଭିତରେ ସାହସ ନ ଥିଲା, ତେଣୁ ସେ ବିଷୟରେ ଚିନ୍ତା ନ କରିବାକୁ ମୁଁ ଠିକ୍ କରିଥିଲି- ତା ଛଡ଼ା ନିଜେ ନିଜର ଅପରାଧ ଜାଣିପାରିବା ସମ୍ଭବ ନ ଥିଲା) କ୍ଷମା କରି ଦେଇଛନ୍ତି ଭାବି ଖୁସି ମନରେ ବାବାଙ୍କ ପଛେ ପଛେ ତାଙ୍କ ସାଙ୍ଗରେ ବାଙ୍ଗାଲୋରରୁ ଆସିଥିବା ଭକ୍ତମାନଙ୍କ ସହିତ ତାଙ୍କ ରୁମ୍‌ରେ ପଶିଲି । ମାତ୍ର ମୁଁ ସ୍ତମ୍ଭ ପରି ଠିଆ ହୋଇଥାଏ କେବଳ । ମୋ ପାଇଁ ବାବାଙ୍କ ପାଟିରେ ଗୋଟିଏ ବି ଶବ୍ଦ ନ ଥିଲା । ଭୟ ଓ ଆଶଙ୍କାରେ ମୋ ଦେହ ଥରିବାକୁ ଲାଗିଲା । ଝାଳରେ ଗୋଟାସୁଦ୍ଧା ବୁଡ଼ିଗଲି । କିଛି ସମୟ ପରେ ସ୍ୱପ୍ନାବେଶ ପରି ତଳକୁ ଆସି ମୋ ଶେଯରେ ପଡ଼ିଗଲି । ବାବାଙ୍କ ପାଖକୁ ଚିଠିଟିଏ ଲେଖିଲି । ମାତ୍ର ତାହା କେବଳ ସ୍ୟାହିର କେତୋଟି ବୁନ୍ଦା ମାତ୍ର ଥିଲା । ନିଜକୁ କହିବାରେ ଲାଗିଲି, "ସେ ସବୁ ଜାଣନ୍ତି, ସବୁ ଜାଣନ୍ତି, ଚିଠି ଲେଖିବି କାହିଁକି ? ସେ ତ ସନାତନ ସାରଥି ।"

ଘଣ୍ଟାଏ ଖଣ୍ଡେ ଶେଯରେ ଛଟପଟ ହେବାପରେ ମୋତେ ନିଦ ଆସିଗଲା । ଇନ୍ଦୁଲାଲ୍ ସାହା ମୋତେ ହଲାଇ ଉଠାଇଲେ, "ଖାଇବା ସମୟ ହେଲା । ସ୍ୱାମୀ ଆସୁଛନ୍ତି ।" ଯନ୍ତ୍ର ପରି ଖାଇବା ପର୍ବ ଶେଷ କଲି । ମାତ୍ର ଆହତ କୁଆ ପରି ମୁଁ ଭିତରେ ବୋବାଉଥାଏ - କାଆ, କାଆ - ମୋତେ ଉଦ୍ଧାର କର ପ୍ରଭୁ, ମୋତେ ଉଦ୍ଧାର କର । ମୁଁ ଦେଖିଲି ଇନ୍ଦୁଲାଲ୍ ସାହା ବାବାଙ୍କ ରୁମ୍‌ରୁ ହସି ହସି ଆସୁଛନ୍ତି । ମନେ ମନେ ପ୍ରାର୍ଥନା କଲି ଏ ହସ ମୋ ପାଇଁ ହେଉ । ତାହା ହିଁ ଥିଲା । ସେ କହିଲେ, "ବାବା ସକାଳ ୫ଟାରେ ବିମାନ ଯୋଗେ ଅହମଦାବାଦ ଯାଉଛନ୍ତି । ପ୍ରସ୍ତୁତ ରହନ୍ତୁ । ଦିନକ ପରେ ଆମେ ଫେରିବା ।" ମୁଁ କବାଟ ବନ୍ଦ କରି ଆଲୁଅ ଲିଭାଇ ଦେଇ ଆନନ୍ଦରେ ବୁହେ ନାଚିଗଲି । ମୋ ଝରକାରୁ ବାବାଙ୍କ ଝରକାର ଆଲୁଅ ଝକ ଝକ ଦିଶୁଥାଏ । ସେଇଠୁ ମନେ ମନେ ମୋର ଶତ କୃତଜ୍ଞତା ଜଣାଇଲି । ଭୂମିରେ ଶୋଇ

ସାଷ୍ଟାଙ୍ଗ ପ୍ରଣାମ କଲି ମୋର ପରମ କାରୁଣିକ ପ୍ରଭୁଙ୍କୁ, ଯିଏ ଏତେ ପାଖରେ ଥାଇ ମଧ୍ୟ ଏତେ ଦୂରରେ।

ସକାଳ ତିନିଟା ବେଳକୁ ମୁଁ ପ୍ରସ୍ତୁତ ହୋଇଗଲି। ମନରେ ଉତ୍କଣ୍ଠା, ଉଦ୍‌ବେଗ ପ୍ରଚୁର। ସେ ଆଗ ପରି ମୋ ସାଙ୍ଗେ କଥା ହେବେ ନା ନାହିଁ ? ତାଙ୍କଠାରୁ ମୋର ଦୂରତା ବଢ଼ିଯିବ ନା କମିବ ? ତାଙ୍କର ପରଶ ଆଗ ପରି କଲ୍ୟାଣ-କୋମଳ ଏବଂ ସ୍ୱର ସ୍ନେହସିକ୍ତ ହେବ ନା ନାହିଁ ? ଇନ୍ଦୁଲାଲ ସାହା କବାଟ ଠେଲି ପ୍ରବେଶ କଲେ। ମୁଁ କବାଟକୁ ଜାଣିଶୁଣି ଖୋଲା ରଖିଥିଲି ଯେମିତି ଡାକିଲା ମାତ୍ରକେ ମୁଁ ସେ ସ୍ୱର୍ଗୀୟ ଆନନ୍ଦ ଓ ଶାନ୍ତିମୟ ଗାଡ଼ି ଭିତରକୁ ଡେଇଁ ପଡ଼ିବି। ତେଣୁ ସେ ଆସୁ ଆସୁ ମୁଁ କହି ଉଠିଲି, "ଭାଇ, ମୁଁ ପ୍ରସ୍ତୁତ।" ମାତ୍ର ସେ କହିଲେ, "ଆପଣଙ୍କୁ ଆମ ସହ ଆସିବାକୁ ହେବ ନାହିଁ। ବାବା ଚାହାନ୍ତି ଆପଣ ଏଠି ରହିବେ। ଆମେ ଯାଉଛୁ।"

ସେମାନେ ଫେରିଲା ପରେ ମୋତେ ଆଦେଶ ମିଳିଲା ଟ୍ରେନ ଯୋଗେ ପୁଟପର୍ତ୍ତି ଫେରିଯିବାକୁ। ବାବା ଓ ତାଙ୍କ ଦଳଟି ହାଇଦ୍ରାବାଦ ବିମାନ ଯୋଗେ ଯିବେ, ତା ପରେ ସେଠୁ ବାଙ୍ଗାଲୋର। ମୁଁ କେଉଁଠି ଗୋଟାଏ ଲୁଚିଯିବାକୁ ଆକୁଳ ହେଉଥିଲି, ମାତ୍ର ତାହା ସମ୍ଭବ ନ ଥିଲା। କାରଣ ସନାତନ ସାରଥି ପ୍ରେସ୍‌କୁ ଯିବ, ଆଉ ୧୬ ତାରିଖରେ ପୋଷ୍ଟ କରାଯିବ। ଜଳାପୋଡା ହେଉଥିବା ହୃଦୟକୁ ହସହସ ମୁହଁର ମୁଖା ତଳେ ଘୋଡାଇ ରଖିବା ଅଭିନୟ ମୋ ପକ୍ଷରେ ପ୍ରାଣାନ୍ତକ ହୋଇଗଲା। ବାବା ପ୍ରଶାନ୍ତି ଫେରିଲେ। ମାତ୍ର ଏ ଯନ୍ତ୍ରଣା ଅତ୍ୟାଚାର ପାଲଟିଗଲା। ମୁଁ ତାଙ୍କ କୋଠରୀକୁ ଯାଏ, ଆଉ କାନ୍ଥକୁ ଆଉଜି ଠିଆ ହୋଇ ରହେ। ମୋର ପ୍ରିୟ ପ୍ରଭୁଙ୍କୁ ଘେରି ବସିଥିବା ଲୋକମାନେ ତାଙ୍କର ରହସ୍ୟ, ଥଟ୍ଟା, ପରିହାସ, କାହାଣୀ ଓ ଗୀତ ଶୁଣି ଆନନ୍ଦରେ ହସି ହସି ଫାଟି ପଡୁଥିଲାବେଳେ ମୁଁ ବସିଥାଏ ଗୋଟିଏ କୋଣରେ ମୋ ଜ୍ୱାଳାର ତାପକୁ ଧରି। ତାଙ୍କର କଣ୍ଠ ସତେ ଯେମିତି ମୋତେ ସତର୍କ କରିଦେଉଥାଏ ସେମାନଙ୍କର ଆନନ୍ଦ ଭିତରେ ମୋ ବେଦନାର ଜୀବାଣୁ ଛାଡି ନ ଦେବା ପାଇଁ। ଦିନ ଘୋରି ହୋଇ ରାତି ପାଲଟୁଥାଏ, ଆଉ ରାତିର ଅନ୍ଧାର ଅଧିକରୁ ଅଧିକ ହୋଇପଡୁଥାଏ।

ସତ୍ୟସାଇ ସେବା ସଂଗଠନ ସମୂହର ସେବକମାନଙ୍କର ନିଖିଳ ଭାରତ ସମ୍ମିଳନୀ ମାଡ୍ରାସ୍‌ରେ ହେବାର ଥାଏ। ମୋ ଭିତରୁ ଗୋଟିଏ ସ୍ୱର ଫୁସ୍ ଫୁସ୍ କରି କହିଲା, "ବାବାଙ୍କୁ ପଚାରେ"। ସନାତନ ସାରଥିର କାମ ଅଛି ବୋଲି ତାଙ୍କର ଆଜ୍ଞା ହେବାରୁ ତ ତୁ ବମ୍ବେରୁ ଶୀଘ୍ର ଚାଲିଆସିଲୁ। ଏବେ ମାଡ୍ରାସ ଯିବା ପାଇଁ ତାଙ୍କ ଅନୁମତି ମାଗ। ସେ ଜାଣନ୍ତି, ସନାତନ ସାରଥି ପାଇଁ ସେଠାରେ ତୋର ଉପସ୍ଥିତି ଦରକାର।" ବଡ଼ ସାହସରେ ତାଙ୍କ ପାଦରେ ମୁଣ୍ଡିଆ ମାରି ବଡ଼ କଷ୍ଟରେ ଉଠି ଠିଆହେଲି। ଥର ଥର କଣ୍ଠରୁ ମୋର ବାହାରି ଆସିଲା, "ସ୍ୱାମୀ, ମାଡ୍ରାସ କନଫରେନ୍‌ସ ?" "କଣ କହିଲୁ ?" ସେ ପଚାରିଲେ। "ସ୍ୱାମୀ ମାଡ୍ରାସ ସମ୍ମିଳନୀ.....ସନାତନ ସାରଥି....."। "ଏଥର ନାରାୟଣାୟା ସେଠାକୁ ଯିବ।"

ଏଥର ନିହାଣ ପଥରରୁ ମଧ୍ୟ ରକ୍ତ ଝରାଇଦେଲା । ମୋତେ ପ୍ରକୃତରେ ଭାରି କଷ୍ଟ ହେଲା । ଅହଂକାର କାନ୍ଦି କାନ୍ଦି କହିଲା, "ଏଥର ମୁଁ ସରିଗଲି ।" ମାତ୍ର ମୁଁ ଏ ହତାଶ ଅବସ୍ଥାକୁ ସହଜରେ ଗ୍ରହଣ କଲିନାହିଁ । ବାବାଙ୍କର ଗାଡ଼ି ଆସି ବାହାରେ ଠିଆ ହେଲା । ଆଉ ମୁହୂର୍ତ୍ତକ ପରେ ବାବା ମନ୍ଦିର ଭିତରୁ ଆସି ଗାଡ଼ିରେ ବସିବେ, ଆଉ ଗାଡ଼ି ତାଙ୍କୁ ଘେନି ମାଡ୍ରାସ୍ ଚାଲିଯିବ । ମନ୍ଦିର ଆଗରେ ବାବାଙ୍କ ଦର୍ଶନ ପାଇଁ ଲୋକେ ଜମା ହୋଇଥାନ୍ତି; ମୁଁ ଭିଡ଼ ଠେଲି କୌଣସି ପ୍ରକାରେ କବାଟ ଆଗରେ ଯାଇ ଠିଆହେଲି । ଭିତରୁ ସେ ସ୍ୱରଟି କହୁଥାଏ, "ପଚାର, ଉତ୍ତର ପାଇବୁ" । କବାଟ ଖୋଲିଲା, ବାବା ବାରଣ୍ଡାରେ ଆସି ଠିଆ ହେଲେ । ସେ କଣ୍ଠରୁ ବାହାରି ଆସିଲା, "ସ୍ୱାମୀ, ମାଡ୍ରାସ୍ ସମ୍ମିଳନୀ....." । ସେ ପଦଟିଏ କହି ମୁହଁ ବୁଲାଇଦେଲେ, "ହଉ, ଆ" ।

ସେଇ କୁଟାଖିଅଟିକୁ ଜାବୁଡ଼ିଧରି ସମ୍ମିଳନୀ ଆରମ୍ଭ ହେବାର ଆଗଦିନ ଯାଇ ମାଡ୍ରସ୍‌ରେ ପହଞ୍ଚିଲି । ସକାଳ ୮ଟାରେ ସମ୍ମିଳନୀ ଆରମ୍ଭ ହେବ ଆବଟ୍‌ସବରୀରେ । ସାତଟାବେଳେ ଯାଇ ହାଜର ହୋଇଗଲି । ମାତ୍ର ମୋତେ ପ୍ରବେଶାଧିକାର ମିଳିଲା ନାହିଁ । "କାହିଁକି ?" ମୁଁ ପଚାରିଲି । ଉତ୍ତର ପାଇଲି, "ବ୍ୟାଜ୍ ଦେବାବେଳ ପାର ହୋଇଗଲାଣି ।" ଠିକ୍ ବାଟରେ ମୋତେ ପ୍ରବେଶାଧିକାର ମିଳିଲା ନାହିଁ ଲୁଚି ଛପି ବା ଯିବି କିପରି ?

ଆବଟ୍‌ସବରୀ ହଲଟି ଇଂରାଜୀ L ଅକ୍ଷର ପରି । ଗୋଟିଏ ପାଖ ଭୋଜନାଳୟ । ଅନ୍ୟଟି ଅଧିକ ଲମ୍ବ ଥିବାରୁ ସେଠାରେ ସମ୍ମିଳନୀ ବସିଥାଏ । ଦୁଇ ଖଞ୍ଜା ମଧ୍ୟରେ ଗୋଟିଏ ଜାଲି ଲୁହା କବାଟ । କବାଟ ସେପଟରେ ବସି ମଧ୍ୟ ଜଣେ ଫାଙ୍କ ଭିତରେ ସମ୍ମିଳନୀର ମଞ୍ଚ ଦେଖିପାରିବ ଓ ଆଲୋଚନା ଶୁଣିପାରିବ । ମାତ୍ର ଖାଇବା ଖଞ୍ଜା ଭିତରକୁ ବାଟ ସମ୍ମିଳନୀ ବସିଥିବା ଖଞ୍ଜା ଭିତର ଦେଇ । ଜଣେ ସଦୟ ଭାଇଙ୍କର ଚେଷ୍ଟାରୁ ମୁଁ କୌଣସିମତେ ଖାଇବା ଖଞ୍ଜା ଭିତରକୁ ଗଲି । ସେଠାରେ ଲୁହା ଜାଲି କବାଟ ପଛରେ ବସି ଜେଲ୍‌ଖାନାର ବନ୍ଦୀ ପରି ସମ୍ମିଳନୀ ହଲକୁ ଚାହିଁ ରହିଲି । ବାବା ଠିକ୍ ସମୟରେ ମଞ୍ଚକୁ ଆସି ଦୀପ ଲଗାଇଲେ, ଆଉ ପ୍ରାରମ୍ଭିକ ସମ୍ଭାଷଣ ଆରମ୍ଭ କଲେ । ବାବାଙ୍କର ପ୍ରେମମୟ ଅମୃତବାଣୀ ଯେତେବେଳେ ମୋ କାନରେ ପଡିଲା, ଲୁହା କବାଟ ପଛରେ ସତେ ଯେମିତି ମୋ ଦେହରେ ଡେଣା ଲାଗିଗଲା । ମୋତେ ଲାଗିଲା କୁନି ପିଲାଟିଏ ପରି ମୁଁ ମୋ ମାଆକୁ ଭିଡ଼ି ଧରି ଆଖି ବୁଜି ସ୍ତନ୍ୟପାନ କରିବାକୁ ଲାଗିଛି ! ସାମାନ୍ୟ କବାଟଟି ମୋତେ ମୋ ପ୍ରଭୁଙ୍କଠାରୁ ଅଲଗା କରିପାରିଲା ନାହିଁ । ପରେ କେତେଜଣ ମୋତେ ଜାଲି କବାଟ ପଛପଟେ ବସିଥିବାର ଦେଖି ମୋ ପାଇଁ ଗୋଟିଏ ପ୍ରବେଶାଧିକାର ଥିବା ବ୍ୟାଜ୍ ଯୋଗାଡ଼ କରିଦେଲେ, ଆଉ ମୁଁ ପ୍ରତିନିଧି ଦଳରେ ଯୋଗଦେଲି । ମାତ୍ର ମତେ ଚୋର ପରି ଲାଗୁଥାଏ । ଭୟ ହେଉଥାଏ ଯେ କୌଣସି ମୁହୂର୍ତ୍ତରେ ମୋତେ ଜାହାଜରୁ ସମୁଦ୍ର ଭିତରକୁ ଫିଙ୍ଗି ଦିଆଯାଇପାରେ ।

ସମ୍ମିଳନୀରୁ ବଞ୍ଚି ଫେରିଲି। ବାଙ୍ଗାଲୋରରେ ମୋ ଝିଅ ଓ ପିଲାମାନଙ୍କ ସହ କେତୋଟି ଏକାନ୍ତ ଅସହାୟ ଦିନ କଟାଇବାକୁ ଗଲି। ମୋର ଦୀର୍ଘ ସମୟ ଚୁପ୍‌ଚାପ ବସି ରହିବା ଦେଖି ମୋ ଝିଅ ବୋଧେ ଭାବୁଥିବ ମୁଁ ଦୀର୍ଘ ସମୟ ଯୋଗନିଦ୍ରାରେ କଟାଉଛି। ସେ ବିଚାରୀ କାହିଁକି ଜାଣିବ ମୋର ବିୟୋଗ-ଯନ୍ତ୍ରଣା ! ବାବା ବୃନ୍ଦାବନକୁ ଆସିଲେଣି ଶୁଣି ବସ୍ ଚଢ଼ି ଯାଇ ସେଠାରେ ପହଞ୍ଚିଲି। ଧୀରେ ଧୀରେ ବଡ଼ ସନ୍ତର୍ପଣରେ ବାବାଙ୍କ କୋଠରୀରେ ପହଞ୍ଚିଲି। ବାବା ମୋତେ ଅଳ୍ପ ହସିଲା ଆଖିରେ ଚାହିଁଲେ। ମୁଁ ଭାରି ଦମ୍ଭ ଧରି, ସତେ ଯେମିତି କିଛି ଘଟିନାହିଁ ସେପରି ଭାବରେ କହି ପକାଇଲି, "ସ୍ୱାମୀ, ମୋ ନାତି ପ୍ରସାଦ ଟେକ୍‌ନୋଲଜି ଇନ୍‌ଷ୍ଟିଚ୍ୟୁଉଟ୍‌ରେ ଗୋଟିଏ ସିଟ୍ ପାଇଛି।"

ବାବା ସୋଫାରୁ ଉଠିପଡି ତୀବ୍ର ଭାବରେ ମୋତେ କହିଲେ, "ସେକଥା ପଛକୁ ଥାଉ। ତୋର ହୋଇଛି କ'ଣ ? ତୋର ମୁଁ-କାର ବଡ଼ ଅସହ୍ୟ ହେଲାଣି। ତୋ ମୁଣ୍ଡ ଏମିତି ଫୁଲିବାରେ ଲାଗିଛି ଯେ ଦିନେ ତାହା ଠୋ କରି ଫାଟିଯିବ। ଓଡ଼ିଶାରେ ତୁ ଯାଇ କ'ଣ କଲୁ ? ତତେ କଷି କରି ବେତମାଡ଼ ହେବା ଦରକାର।" ବାବା ମୋତେ ଏମିତି ମନଇଚ୍ଛା ଶୋଧି ଦେଇଗଲେ। ହାତ ଯୋଡ଼ି ଥର ଥର କଣ୍ଠରେ ମୁଁ ବଡ଼ ଅନୁନୟ ହୋଇ କହିଲି, "ସ୍ୱାମୀ, ଓଡ଼ିଶାରେ କ'ଣ ହେଲା ମୋତେ ଜଣା ନାହିଁ।" "ଓହୋ, ତତେ ଜଣାନାହିଁ" ! ମୋତେ ବ୍ୟଙ୍ଗ କରି ସେ ଅନ୍ୟ ରୁମ୍‌କୁ ଚାଲିଗଲେ। ସେଠାରୁ ଗୋଟିଏ ବ୍ୟାଗ୍ ଖୋଲି ଗୋଟିଏ ଛପା କାଗଜ ନେଇ ଫେରିଲେ। ସେ କାଗଜଟି ଥିଲା ଓଡ଼ିଶାରେ ମୋର ଗସ୍ତ କାର୍ଯ୍ୟକ୍ରମର ଗୋଟିଏ ଛପା ତାଲିକା। ସେଥିରେ ଗୋଟିଏ ଜାଗାରେ ଆଙ୍ଗୁଠି ରଖି ମୋତେ ଆଦେଶ ଦେଲେ କ'ଣ ଲେଖା ହୋଇଛି ପଢ଼ିବା ପାଇଁ।

ସେଥିରେ ଛପା ହୋଇଥିଲା, "ସକାଳ ୧୦ଟାରୁ ୧୧ଟା ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ଇଣ୍ଟରଭିଉ।" ଏ ଧକ୍‌କା ସମ୍ଭାଳିବା ପାଇଁ ମତେ କିଛି ସମୟ ଲାଗିଗଲା। ଧୀରେ ଧୀରେ ଉତ୍ତର ଦେଲି, "ହଁ ସ୍ୱାମୀ, କଲିକତାକୁ ଯିବା ବାଟରେ ହାଓଡ଼ା ଏକ୍‌ସପ୍ରେସ୍‌ରେ ଖୋର୍ଦ୍ଧାରୋଡ ଷ୍ଟେସନ୍‌ରେ ମୋତେ ସମିତିର ସେକ୍ରେଟେରୀ ଭେଟି ପଚାରିଲେ କେତେ ଜଣ ଅଧ୍ୟାପକଙ୍କ ସହିତ କଥାବାର୍ତ୍ତା ହେବାକୁ ମୁଁ ସମୟ ଦେଇପାରିବି କି ? ସେମାନେ ବାବାଙ୍କ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଛନ୍ତି। ମୁଁ ହଁ ଭରିଥିଲି।" "ଆଚ୍ଛା, ଯେତେବେଳେ ତୁ ଏ ଛାପା କାଗଜ ଦେଖିଲୁ, ଏହା ଭୁଲ ବୋଲି ସେମାନଙ୍କୁ କହିଥିଲୁ କି ?" "ନା ସ୍ୱାମୀ", ଉତ୍ତର ଦେଲି। "ହଁ, ସେଇଟା ହେଉଛି ତୋର ମୁଁ-କାର, ତୋର ଅହଙ୍କାର"। ମୋ ଆଖିରୁ ଧାରାଶ୍ରାବଣ ଛୁଟିଥିଲା। ତାଙ୍କ ପାଦତଳେ ପଡ଼ିଗଲି। ମୋ ମନରେ ଆନନ୍ଦ ଥିଲା ଯେ ବାବା ମୋ ଅହଙ୍କାରକୁ ନିର୍ଦ୍ଦୟ ଭାବରେ କାଟୁଛନ୍ତି, ତାକୁ ମୂଳରୁ ଉପାଡ଼ି ଦେଉଛନ୍ତି। "ଉଠ୍। ସେ ଲୋକଙ୍କ ପାଖକୁ ଟେଲିଗ୍ରାମ୍‌ଟିଏ ପଠାଇ ସେମାନଙ୍କୁ କହିଦେ ଯେ ସେମାନେ ଯଦି ଆଉଥରେ

ଏ ନିର୍ବୋଧତା କରିବେ, ତୁ ଓଡ଼ିଶାର ସୀମା ମାଡ଼ିବୁ ନାହିଁ।" "ହଁ ସ୍ୱାମୀ।" ମାତ୍ର ମୁଁ ଭାବିଲି ମୁଁ ତ ଏତେ କଷ୍ଟ ପାଇଲିଣି, ଆଉ ସେମାନଙ୍କ ମନରେ କଷ୍ଟ ଦେବି କାହିଁକି ? ଏବେ ଏତେ ଡେରିରେ ଆଉ ଟେଲିଗ୍ରାମ କରି ଲାଭ କ'ଣ ? କଥାଟା ଖାଲି ପଦାରେ ପଡିବ ସିନା। ବାବାଙ୍କୁ ଦୟିନୀ ହୋଇ ଏ କଥା କହିଲି। ବାବା ମୋତେ ଥାପୁଡ଼ାଇ ଦେଇ କୋମଳ ସ୍ୱରରେ କହିଲେ, "ଯା, ଟେଲିଗ୍ରାମ୍‌ଟି ପଠାଇଦେ।" ବାବା ମୋତେ ପୁଣି ଧୋଇ ସଫା କଲେ ସତ, ମାତ୍ର ଆଲୋକ ଏବଂ ଆନନ୍ଦର ରାଜ୍ୟକୁ ପୁଣି ଆସିବାପାଇଁ ମୋତେ ଅନ୍ଧକାରର ସୁଡ଼ଙ୍ଗ ଭିତରେ କି ଯମ ଯନ୍ତ୍ରଣା ଭୋଗିବାକୁ ନ ପଡିଛି !

ଆପେ ପୁସ୍ତକକୀଟ ହୋଇ ଏବଂ ପୁସ୍ତକକୀଟମାନଙ୍କୁ ପ୍ରିୟଜନ ବିଚାରି ସାଧାରଣ ଘଟଣାକୁ ତଳେଇ କରି ପରୀକ୍ଷା କରିବାର କ୍ଷମତା ମୋର ନ ଥିଲା। ଯଦି ତାହା ମୁଁ କରି ପାରିଥାନ୍ତି ତେବେ ବ୍ରହ୍ମପୁରଠାରେ 'ବିଶିଷ୍ଟ ଜନମାନଙ୍କ' ସହ 'ଇଣ୍ଟରଭିଉ' କାର୍ଯ୍ୟକ୍ରମରେ ଦୁଇଟି ଆପତ୍ତିଜନକ ଶବ୍ଦଭିତରେ ମୁଁ-କାରର ପ୍ରକାଶକୁ ଅବଶ୍ୟ ଧରିପାରିଥାନ୍ତି। ଏଥିରୁ ମୋର ଶିକ୍ଷାଟାଏ ହୋଇଗଲା। ମନକୁ ମନ କାନ ମୋଡ଼ି ଚପୁଡ଼ା ଖାଇ କହିଲି ନା ଆଉ କେବେ ନୁହେଁ, ଆଉ କେବେ ନୁହେଁ।

ମୁଁ ଏଠି ନିଶ୍ଚୟ ମାନିବି ଯେ ମୋର ଓଡିଶା ଭ୍ରମଣ ସମ୍ପର୍କୀୟ ଦୁର୍ବିପାକର କାରଣ ହେଲା 'ବିଶିଷ୍ଟ ଜନ' ଏବଂ 'ଇଣ୍ଟର୍‌ଭିଉ'(ସାଇ ପରିବାରର V.I.P ମାନଙ୍କ ସହ !) ଏ ଶବ୍ଦ ଦୁଇଟି ମୋ ଅଜାଣତରେ ମୋତେ ଭଲ ଲାଗିଥିଲା। ଅବଶ୍ୟ ସେମାନଙ୍କ କାର୍ଯ୍ୟକ୍ରମର ଭାଷା ମୁଁ ସଦାଚାରର ବଶବର୍ତ୍ତୀ ହୋଇ ଗ୍ରହଣ କରି ନେଇଥିଲି। ହୁଏତ ଏହାକୁ ସାମାନ୍ୟ ବୋଲି ବିଚାରି ମୁଁ ଆପତ୍ତି କରି ନ ଥିଲି। ମାତ୍ର ବାବା ଜାଣିଥିଲେ, ଯେତେବେଳେ ଏହି ବିଶିଷ୍ଟ ଜନମାନେ ମୋ ସହ ଇଣ୍ଟରଭିଉ ପାଇଁ ଆସିଥିଲେ, ସେତେବେଳେ ମୋର ବଡ଼ପଣ ଆତ୍ମପ୍ରସାଦ ଅନୁଭବ କରିଥିଲା। ଆଧ୍ୟାତ୍ମିକତାରେ ଏହା ଗୋଟିଏ ଭାରି ଗହୀର ଫାଟ, ଆଉ ବାବା ସଦୟ ହୋଇ ଏହାକୁ ଯୋଡ଼ି ଦେଇଥିଲେ।

ସେ ଗରିବ ରାଜକୁମାର ପ୍ରତି ମୋର ଶୃଙ୍ଖଳା ସହାନୁଭୂତିକୁ ବାବା ନାପସନ୍ଦ କଲା ପରେ ମୁଁ ବାଙ୍ଗାଲୋରରେ ଗୋଟିଏ ବେଶ୍ ବଡ଼ ସାଇକଲ୍ ଦୋକାନ ଚଳାଉଥିବା ମୋର ଗୋଟିଏ ଛାତ୍ରକୁ ଲେଖିଥିଲି ରାଜକୁମାରକୁ ଗୋଟିଏ ହିସାବରକ୍ଷକ ଚାକିରୀ ଦେବାପାଇଁ। ମୋର ସୌଭାଗ୍ୟକୁ ରାଜକୁମାର ତା ଦୋକାନ ଛାଡ଼ି ମହୀଶୂର ଚାଲିଗଲେ ଓ ତାଙ୍କ ରାଜବଂଶର ଜଣେ ସ୍ତାବକ ଗୋଟିଏ ପଞ୍ଜାବୀ ମିଠେଇ ଦୋକାନୀ ପାଖରେ ହିସାବରକ୍ଷକ ଭାବରେ କାମ କଲେ। ବାବା ମୋତେ ଦିନେ ଡାକି କହିଲେ ସେ ଭଦ୍ରଲୋକ ଦୋକାନରୁ ସେ ଦିନର ରୋଜଗାର ଆଠ ହଜାର ଟଙ୍କା ଧରି ଫେରାର ହୋଇ ଯାଇଛନ୍ତି ! "ପୋଲିସ୍ ଏବେ ତୋର ସେ ବନ୍ଧୁକୁ ଖୋଜୁଛି। ସେ ବାଙ୍ଗାଲୋର୍

ସାଇକଲ୍ ଦୋକାନରେ ଥିଲା ବେଳେ ଏୟା କରିଥାନ୍ତା । ମାତ୍ର ତୋତେ ବଦ୍‌ନାମରୁ ରକ୍ଷା କରିବା ପାଇଁ ସେ ଯେମିତି ଶୀଘ୍ର ତୋ ଛାତ୍ରର ଦୋକାନ ଛାଡ଼ି ଯିବ ତାର ବ୍ୟବସ୍ଥା ମୁଁ କରି ଦେଇଥିଲି ।" ବାବା ପ୍ରତ୍ୟେକ ଲୋକର ଅତୀତ କର୍ମ, ବର୍ତ୍ତମାନର ପରିସ୍ଥିତି ଏବଂ ଭବିଷ୍ୟତର ସୌଭାଗ୍ୟ ବା ଦୁର୍ଭାଗ୍ୟ ସବୁ ଜାଣନ୍ତି ।

ସବୁ ଝକ୍ ଝକ୍ ହେଉଥିବା ବସ୍ତୁ ଯେ ସୁନା ନୁହେଁ ଏହା ମନେ ରଖିବାକୁ ମୋତେ ଏହିପରି ବହୁଥର ଶିକ୍ଷା ମିଳିଥିଲା । ପରମ କାରୁଣିକ ପ୍ରଭୁ ମୋତେ କିପରି ଆଉ ଗୋଟିଏ ଶିକ୍ଷା ଦେଇଥିଲେ ତାହା ଏବେ ବର୍ଣ୍ଣନା କରିବି । ବାବା ସେତେବେଳେ ବୃନ୍ଦାବନରେ ପ୍ରାୟ ଦୁଇ ସପ୍ତାହ ରହିଲେଣି । କାଲିଫର୍ଣ୍ଣିଆର ଜଣେ ଯୁବକକୁ ମୁଁ ବର୍ଷେ ହେବ ପ୍ରଶାନ୍ତିନିଳୟମ୍ ବାଲିରେ ଦର୍ଶନ ଧାଡ଼ିରେ ସକାଳେ ଓ ସନ୍ଧ୍ୟାରେ ବସୁଥିବା ଦେଖୁଥାଏ । ମୁଁ ଜାଣିଥିଲି ଯେ ତାର ଭିସାର ସମୟ ବଢ଼ାଇବା ତା ପକ୍ଷରେ ଗୋଟିଏ ଗୁରୁତର ସମସ୍ୟା ହୋଇ ଉଠିଥିଲା । ବାବା ତାକୁ ଘରକୁ ଫେରିଯିବାକୁ କହିସାରିଥିଲେ, ମାତ୍ର ସେ ଯାଇ ନ ଥିଲା । ତାକୁ କର୍ତ୍ତୃପକ୍ଷ ବୋଧହୁଏ ଅନୁମତି ଦେଇଥିଲେ ଯେ ପ୍ରଶାନ୍ତିନିଳୟମ୍‌ରେ ସେ ସାଧନା ଓ ଅଧ୍ୟୟନ କରୁଛି ବୋଲି ଯଦି ଚିଠିଟିଏ ସେ ଆଣିପାରିବ ତେବେ ତାର ଭିସାର ସମୟ ବଢ଼ାଇ ଦିଆଯାଇପାରିବ । ସେ ଜାଣିଥିଲା ବାବାଙ୍କ ନିର୍ଦ୍ଦେଶରେ ପୂର୍ବବର୍ଷମାନଙ୍କରେ ଏପରି କେତୋଟି ଚିଠି ମୁଁ କେତେଜଣ ଆମେରିକାନ୍‌ଙ୍କୁ ଦେଇଥିଲି । ତେଣୁ ସେ ବାରମ୍ବାର ମୋ ପାଖକୁ ଆସି ମୋତେ ଅନୁରୋଧ କରିବାକୁ ଲାଗିଲା ଯେ ବାବାଙ୍କୁ କହି, ଅନୁମତି ଆଣି ମୁଁ ତା ପାଇଁ ଏପରି ଚିଠିଟିଏ ଲେଖିଦିଏ । ସେ ଏ ପ୍ରସ୍ତାବ ଦେବା ସମୟରେ ମୁଁ କୌଣସି ପ୍ରକାରେ ତା କବଳରୁ ଖସିଯାଏ । ବାବା ଯେତେବେଳେ ବାଙ୍ଗାଲୋରରୁ ବୃନ୍ଦାବନକୁ ଗଲେ ସେ ବି ତାଙ୍କ ପଛେ ପଛେ ଚାଲିଗଲା, ମୁଁ ନିଃଶ୍ୱାସ ମାରିଲି । ମୋତେ ଆଉ କହିବାକୁ ପଡ଼ିବ ନାହିଁ ଯେ ବାବାଙ୍କ ପାଖରେ ମୁଁ ଭଙ୍ଗା କୁଟାଖିଏ ମାତ୍ର ।

ମାତ୍ର ଦିନେ ସକାଳେ ହଠାତ୍ ସେ ଭୂତ ପରି ମୋ ପାଖରେ ଆସି ପହଞ୍ଚିଗଲା । ମୋତେ କହିଲା, " ମୋର ଭିସାର ସମୟ ପୂରିଯିବାକୁ ଆଉ ମାତ୍ର ଦୁଇଦିନ ଅଛି । ମୁଁ ବାବାଙ୍କୁ ଦର୍ଶନ ଧାଡ଼ିରେ ପଚାରିବାରୁ ସେ କହିଲେ - ଯାଅ କସ୍ତୁରୀଠୁ ଚିଠି ଲେଖିଆଣ । ମିଷ୍ଟର କସ୍ତୁରୀ, ଆପଣ ମୋ ଦୁରବସ୍ଥା ବୁଝନ୍ତି । ଆପଣ ଜଣେ ବିଜ୍ଞଲୋକ, ଆପଣଙ୍କ ହୃଦୟ ବଡ଼ କୋମଳ - ମୋ ପାଇଁ ଦୟାକରି ଚିଠିଟି ଲେଖିଦିଅନ୍ତୁ ।" ଲୁହ ଦେଖି ସେ ପାଣି ଦେଲା, ଆଉ ମୁଁ ତା କଥାରେ ଭଳିଗଲି । ସେ ଯେମିତି ଚାହୁଁଥିଲା ସେମିତି ଚିଠିଟିଏ ଲେଖିଦେଲି । ମାତ୍ର ମୋ ଭିତରେ ସ୍ୱରଟି କହିଲା, " ଚିଠିଟା ସିଧା ଯା ହାତରେ ଦେଇପକାନା, ତା ହାତରେ ବାବାଙ୍କ ପାଖକୁ ପଠାଇଦେ ।" ମୁଁ ବାବାଙ୍କୁ ଚିଠିଟିଏ ଲେଖିଲି, ଆଉ ଦୁଇଟାଯାକ ଗୋଟିଏ ଖାମ୍‌ରେ ଭର୍ତ୍ତିକରି ଭଲକରି ଅଠା ଲଗାଇ ତା ହାତରେ ଦେଲି । ଚିଠି ପାଇବା ମାତ୍ରେ ସେ ଯୁବକଟି ବସ୍‌ଷ୍ଟାଣ୍ଡକୁ ଧାଇଁଲା, ଆଉ ବାଙ୍ଗାଲୋର ଚାଲିଗଲା ।

ସେଦିନ ସନ୍ଧ୍ୟାବେଳେ ବାବା ହ୍ୱାଇଟ୍‌ଫିଲ୍ଡର ଗୋଟିଏ କାରଖାନାକୁ ଯିବାର ଥିଲା । ସେଠାରେ ବାବାଙ୍କର ସମ୍ଭାଷଣ ଶୁଣିବା ନିମନ୍ତେ ଅନେକ ଲୋକ ଜମା ହୋଇଥିଲେ । ସେ କାଲିଫର୍ଣ୍ଣିଆ ଯୁବକଟି ମଧ୍ୟ ଧାଡ଼ିରେ ବସିଥିଲା । ବାବା ସେ ବାଟ ଦେଇ ଗଲାବେଳେ ସେ ପାଟି କରି ଆନନ୍ଦରେ କହି ଉଠିଲା, "ସ୍ୱାମୀ, କସ୍ତୁରୀ ଚିଠି ଦେଇଛନ୍ତି । ସ୍ୱାମୀ, କସ୍ତୁରୀ, ଚିଠି..... ।" ବାବା କିଛି ନ ଶୁଣି ଚାଲିଗଲେ । ବାବା ନିଶ୍ଚୟ ମୋର ଆସ୍ପର୍ଦ୍ଧା କଥା ଭାବୁଥିବେ ।

ତା ପରଦିନ ଅପରାହ୍ଣରେ ବାବା ପୁଟପର୍ତ୍ତି ଅଭିମୁଖରେ ବୃନ୍ଦାବନ ଛାଡ଼ିଲେ । ବୃନ୍ଦାବନ ଛାଡ଼ିବାର କେତୋଟି ମିନିଟ୍ ପୂର୍ବରୁ ସେ ସେଠାର ପରିଚାଳକଙ୍କୁ ଡାକି କହିଲେ ସେ ସଙ୍ଗେ ସଙ୍ଗେ ପୁଟପର୍ତ୍ତି ଟେଲିଫୋନ୍ କରି ମୋତେ ତତ୍‌କ୍ଷଣାତ୍ ପ୍ରଶାନ୍ତିନିଳୟମ୍ ଛାଡ଼ି ଯିବାକୁ ବାବାଙ୍କର ଆଜ୍ଞା ଜଣାଇବେ । ବାବା ପୁଟପର୍ତ୍ତିରେ ଆସି ପହଞ୍ଚିଲା ବେଳକୁ ମୁଁ ଯେମିତି ସେଠାରେ ନ ଥିବି । ମାତ୍ର ସାଇରାମ ଏପରି ଏକ ଅମୋଘ ବାଣ ପେଷିଥିବା ମୋତେ ଜଣା ନ ଥିଲା । ବାବା ପୁଟପର୍ତ୍ତିରେ ଆସି ପହଞ୍ଚିବା ମାତ୍ରେ ମୁଁ ଯାଇ ଜୁହାର ହେଲି । ବାବା ମୋତେ ଏଣୁ ତେଣୁ କେତୋଟି କଥା ପଚାରିଲେ । ତା ପରଦିନ ସକାଳେ ସେ କାଲିଫର୍ଣ୍ଣିଆ ଯୁବକଟି ଆସି ମୋ ପାଖରେ ପହଞ୍ଚିଲା, ଆଉ ବାବାଙ୍କ ପାଇଁ ଯେଉଁ ଚିଠି ମୁଁ ତା ହାତରେ ଦେଇଥିଲି ତାହା ବାବା ନେଲେ ନାହିଁ ବୋଲି କହି ମୋତେ ସେ ଖାମ୍‌ଟି ଫେରାଇ ଦେଲା । ବାବାଙ୍କ ପାଖକୁ ମୁଁ ଲେଖିଥିଲି ଯେ ଏପରି ଏକ ଚିଠି ତାକୁ ଦେବା ଯଦି ସେ ଚାହାନ୍ତି ତେବେ ଚିଠିଟି ସେ ଲୋକଟିକୁ ଦେଇପାରନ୍ତି ।

ମାତ୍ର ବାବା ମୋତେ ଛାଡ଼ିଲେ ନାହିଁ । ମୋ ଉପରେ ଗାଳି ବର୍ଷଣ ହେଲା । ବାବା କହିଲେ ମୁଁ ମୋର ସୀମା ଲଙ୍ଘନ କରି ପ୍ରଶାନ୍ତିନିଳୟମ୍‌ରେ ହିପ୍‌ପୀ, ଅଳସୁଆ ଓ ଭଣ୍ଡମାନଙ୍କୁ ରହିବାପାଇଁ ଉତ୍ସାହିତ କରୁଛି । ଏସବୁ ଯେ ମୋର ବୟସ ଖସିବାରୁ ମୋ ମତିଭ୍ରମ ଯୋଗୁଁ ଏବଂ ମୋର ଚାଟୁବାକ୍ୟ ଶୁଣିବାରେ ଶ୍ରଦ୍ଧାଯୋଗୁଁ ଘଟୁଛି ତାହା କହିବାରେ ବାବା ଆଦୌ ହେଳା କରି ନ ଥିଲେ । ସେ ମୋ ହାତରୁ ଖାମ୍‌ଟି ନେଇ ଖୋଲିଲେ, ଆଉ ତା ଭିତରୁ ଚିଠିଟିଏ ବାହାର କରି ଆଣି ମୋତେ କହିଲେ ସେ ଲୋକଟି ବାଙ୍ଗାଲୋରରେ ଲଫାପା ଖୋଲି, ମୋ ଚିଠିର ଚାରିଗୋଟି ଫଟୋ କପି କରି ସାରି ଲଫାପାଟି ନେଇ ବାବାଙ୍କୁ ଦେଇଥିଲା । ତା ପରେ ମୋତେ ଆଦେଶ ଦେଲେ, "ଯା, ତା ପାଖରୁ ସେ ଚାରିଗୋଟି ଫଟୋ କପି ଆଣିବୁ, ମୂଳ ଚିଠି ସହ ସେଗୁଡିକୁ ନଷ୍ଟ କରିଦେବୁ । ଏ ଚିଠି ଲେଖିବାକୁ ମୁଁ ତୋତେ କହିଥିଲି ? ଦେଖ୍, ସେ କେମିତି ଲୋକ । ମୁଁ ତାହା ଆଗରୁ ଜାଣେ ।" ମୁଁ ଧାଇଁ ଧାଇଁ ସେ କାଲିଫର୍ଣ୍ଣିଆ ଯୁବକଠାରୁ ଚାରିଟି ଫଟୋ କପି ଉଦ୍ଧାର କଲି, ମାତ୍ର ବାବା ତାର କୀର୍ତ୍ତିକଳାପ ଜାଣିଦେଲେ ବୋଲି ଶୁଣି ସେ ପୂରାପୂରି ସ୍ତମ୍ଭୀଭୂତ ହୋଇଗଲା ।

ଏ ଘଟଣାର ପ୍ରାୟ ସପ୍ତାହକ ପରେ ବୃନ୍ଦାବନର ଗୃହରକ୍ଷକଙ୍କ ସହ ମୋର ଦେଖାହେଲା । ସେ ମୋତେ ଚୁପ୍‌ଚୁପ୍ କହିଲେ ଯେ ବାବା ପ୍ରଶାନ୍ତି ଅଭିମୁଖେ ଗ୍ଭଲିଯିବା ପରେ ସେ ପ୍ରଶାନ୍ତିନିଳୟମ୍‌କୁ ଟେଲିଫୋନ୍ ବୁକ୍ କରିଥିଲେ । ମାତ୍ର ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କୁ କଲ୍ ମିଳିଲା ନାହିଁ । ପ୍ରଶାନ୍ତିନିଳୟମ୍‌କୁ ଟେଲିଫୋନ୍ ଲାଇନ୍ ନିସ୍ତବ୍ଧ ହୋଇଯାଇଥିଲା । ଫଳରେ ମୁଁ ଏବେ ବଞ୍ଚି ରହିଛି ।

ସେଇଟା ମୋ ପାଇଁ ଥିଲା ଆଉ ଗୋଟିଏ ଶିକ୍ଷା । ମୋ ଦ୍ୱାରା କିଛି କରାଇବାକୁ ବାବା କହିଛନ୍ତି ବୋଲି ଅନ୍ୟ କେହି ମୋତେ ଜଣାଇଲେ ବି ମୋତେ ସେଥିରେ କାନ ଦେବାକୁ ହେବ ନାହିଁ । ଯଦି ମୋ ଦ୍ୱାରା ସେ କିଛି କରାଇବେ, ସେ ନିଜେ ମୋତେ ନିର୍ଦ୍ଦେଶ ଦେବେ । କିଏ କିମିତି ଲୋକ, କିଏ କିପରି ଏ ଅବସ୍ଥାକୁ ଆସିଛି ଓ କିଏ କେତେବେଳେ କ'ଣ ହେବ ସବୁ ବାବାଙ୍କୁ ଜଣା ।

ଏବେ ବି ନିହାଣ ମୋତେ ଖୋଳି ଗ୍ଭଲିଛି । ମୁଁ ଯେ କେତେ ଥର ଝୁଣ୍ଟିଛି ତାର ଇୟତ୍ତା ନାହିଁ । ଅନ୍ୟ ଜଣଙ୍କର ଭାଷଣ ବା ଲେଖା ବା କବିତା ବା ପୁସ୍ତକ ସମ୍ବନ୍ଧରେ ବାବାଙ୍କର ମତାମତ ଖୁବ୍ ହାଲୁକା ଭାବରେ ତାଙ୍କୁ ଜଣାଇବା ମାତ୍ରେ ସେ ଏହାକୁ ଆତ୍ମପ୍ରଗ୍ଭରରେ ବ୍ୟବହାର କରିଥାନ୍ତି । ବେଳେ ବେଳେ ମୋ କଥାକୁ ଲୋକେ ବାବାଙ୍କ କଥା ବୋଲି ଉଦ୍ଧାର କରିଥାନ୍ତି । ଗଛ ଡାଳ ଫାଙ୍କରେ ଜହ୍ନ ପତ୍ରଗହଳରେ ଲୁଚି ବସିଥିବା ପରି ଲାଗେ । ଆମକୁ ଜଣାପଡ଼େ ପତ୍ରମାନେ ଜହ୍ନ ସାଙ୍ଗରେ ଫୁସ୍‌ଫାସ୍ ହେଉଛନ୍ତି । ଲୋକେ ମଧ୍ୟ ଏଇ ନିର୍ବୋଧ ଭୁଲ କରିଥାନ୍ତି । ସେମାନେ ଭାବନ୍ତି ଭଗବାନଙ୍କ ପାଖରେ ଯେଉଁ ଡାଳପତ୍ର ଅଛନ୍ତି ସେମାନେ ଭଗବାନଙ୍କର କୃପା ସେମାନଙ୍କ ପାଇଁ ଆଣିଦେଇ ପାରିବେ ! ଏପରି ଲୋକଙ୍କ ସାଙ୍ଗରେ ମୁଁ ଦୀର୍ଘ ସମୟ କଥାବାର୍ତ୍ତା କରି ସାଇ ଅବତାରଙ୍କ ବିଶେଷତ୍ୱ ତାଙ୍କୁ ବୁଝାଏ । ସାଇ ସେମାନଙ୍କୁ ଡାକି ଆଣିଛନ୍ତି, ସେମାନଙ୍କୁ ସେ ଭଲ ରୂପେ ଜାଣନ୍ତି, କିପରି ଓ କେତେବେଳେ ସେ ସେମାନଙ୍କ କଥା ବୁଝିବେ ତାହା କେବଳ ତାଙ୍କୁ ହିଁ ଜଣା । ସାଇ ସଂଗଠନର ଜିଲ୍ଲା ସଭାପତିମାନେ ଯେତେବେଳେ କେତେକଙ୍କ ହାତରେ ମୋ ପାଖକୁ ଚିଠି ଦେଇ ପଠାନ୍ତି ବାବାଙ୍କ ସହିତ ସେମାନଙ୍କର ଇଣ୍ଟରଭିଉ ଆୟୋଜନ କରିବାକୁ, ମୋତେ ସବୁକଥା ବୁଝାଇ ସେମାନଙ୍କୁ ଦୀର୍ଘ ପତ୍ର ଲେଖିବାକୁ ପଡେ । ବାବା ସଂସାରରେ ଯେ ଜଣେ ମାତ୍ର ବ୍ୟକ୍ତି ଯାହାଙ୍କୁ କେହିହେଲେ ପ୍ରଭାବିତ ବା ପ୍ରରୋଚିତ କରିପାରିବ ନାହିଁ, ତାଙ୍କୁ ଉପଦେଶ ଦେବାର ସାମର୍ଥ୍ୟ କାହାର ହେଲେ ନାହିଁ ଏବଂ ସେ ନିମ୍ନତମ ସ୍ତରଠାରୁ ଉଚ୍ଚତମ ସ୍ତର ଯାଏ ସବୁ ପ୍ରକାରର ଲୋକଙ୍କୁ ପ୍ରଭାବିତ କରିପାରନ୍ତି, ଉପଦେଶ ଦେଇପାରନ୍ତି - ଏକଥା ବୁଝିବା ସାଧାରଣ ଲୋକ ପକ୍ଷରେ ଖୁବ୍ କଷ୍ଟକର ।

ଭକ୍ତମାନଙ୍କୁ ଶୃଙ୍ଖଳିତ ହେବାକୁ ପଡ଼ିବ । ଭକ୍ତମାନେ ଶତକଡ଼ା ଶହେ ସ୍ଥିର ଏବଂ ସିଧାସଳଖ ନ ହେବା ଯାଏ ବାବା ସନ୍ତୋଷ ପ୍ରକାଶ କରନ୍ତି ନାହିଁ । ସାମାନ୍ୟତମ ସ୍ଖଳନ ମଧ୍ୟ

ତାଙ୍କ ଆଖିରେ ଯିବ ନାହିଁ। ସାଧକର ପାଦ ଖସିଗଲେ ବାବାଙ୍କର ରୋଷ ଅବଶ୍ୟମ୍ଭାବୀ ହୋଇଉଠେ। ବାବାଙ୍କର ମହିମା ଓ ଉପଦେଶରୁ ମୁଁ ଯେଉଁ ଆନନ୍ଦ ପାଏ, ତାହା ଅନ୍ୟ ଆଗରେ ବର୍ଣ୍ଣନା କରିବାର ଉତ୍ସାହ ଯୋଗୁ ଅଧିକାଂଶ ସମୟରେ ମୁଁ ପ୍ରଗଲ୍‌ଭ ହୋଇଉଠେ, ଆଉ ଯେଉଁମାନେ ଏ ଆଲୋକ ସମ୍ଭାଳି ପାରିବାକୁ ଅସମର୍ଥ ସେମାନଙ୍କ ପ୍ରତି ରୁକ୍ଷ ମନ୍ତବ୍ୟ ପ୍ରକାଶ କରି ପକାଏ।

ବାବା ଲକ୍ଷ୍ୟ କରିଛନ୍ତି ଯେ ମୁଁ କୌଣସି ସ୍ଥାନକୁ ଗଲେ ଗୁରୁଜନଙ୍କୁ ସମ୍ମାନ ଦେଖାଇବାର ଆମର ପ୍ରଚଳିତ ଚଳଣି ଅନୁସାରେ ଭକ୍ତମାନଙ୍କ ମଧ୍ୟରୁ କେହି କେହି ମୋର ପାଦ ଛୁଇଁଥାନ୍ତି। ବହୁ ଯୁଗ ଧରି ଏ ବିଧି କୁର୍ଗର ଲୋକମାନଙ୍କ ମଧ୍ୟରେ ଅଲଙ୍ଘନୀୟ ଚଳଣି ହୋଇଆସିଛି। ଏବେ ବି ଅଧିକାଂଶ ପରିବାରରେ ଏ ବିଧି ପ୍ରଚଳିତ। ଭାରତର ଉତ୍ତରପୂର୍ବ ଅଞ୍ଚଳରେ ତଥା ବଙ୍ଗଦେଶରେ ତରୁଣମାନେ ବୟସ୍କ ଗୁରୁଜନମାନଙ୍କର ପାଦ ଛୁଇଁ ପ୍ରଣାମ କରିଥାନ୍ତି। ତେଣୁ ମୋ ପାଦ ଛୁଇଁବାକୁ ଗଲାବେଳେ ସେମାନଙ୍କର ମନଦୁଃଖ ହେବ, କିମ୍ବା ମୋର ଆଚରଣ ତରୁଣମାନଙ୍କର ଚରିତ୍ରରେ ମୋର ସନ୍ଦେହ ପ୍ରକାଶ କରିବା ପରି ହେବ ବୋଲି ଭୟ କରି ସେମାନଙ୍କୁ ଏଥିରୁ ମୁଁ ବାରଣ କରିପାରି ନ ଥିଲି। ଅନେକ ଗୁରୁ ସେମାନଙ୍କ ଶିଷ୍ୟମାନଙ୍କୁ ତାଙ୍କ ପାଦ ଛୁଇଁବାକୁ ଦେଇ ନ ଥାନ୍ତି; କାରଣ ଏହା ଦ୍ୱାରା ଶିଷ୍ୟମାନଙ୍କ ଦୁର୍ଗୁଣ ସବୁ ସେମାନଙ୍କୁ ପ୍ରଭାବିତ କରିଦେବ, କିମ୍ବା ସେମାନଙ୍କ ରୋଗ ନିଜ ଦେହକୁ ଚାଲିଆସିବ ବୋଲି ସେମାନେ ଭୟ କରିଥାନ୍ତି। ମୋର ୩୩ ବର୍ଷର ଶିକ୍ଷକ ଜୀବନର ହଜାର ହଜାର ଛାତ୍ର ଏବେ ଦେଶସାରା ଘୂରିଆଡ଼େ ବିଞ୍ଚି ହୋଇ ରହିଛନ୍ତି। ସେମାନେ ଯେତେବେଳେ ଜାଣନ୍ତି ମୁଁ ଗସ୍ତରେ ବାହାରିଛି, ସେମାନେ ମୋ ପାଖକୁ ଆସି ମୋ ପାଦ ଛୁଇଁ ପ୍ରଣାମ କରିଥାନ୍ତି । ଏସବୁ ବିଧାନ ସମାଜ ପ୍ରବର୍ତ୍ତନ କରିଛି। ଆଉ ବୟସ୍କ ଗୁରୁଜନମାନେ ଏହା ସ୍ୱୀକାର କରି ତରୁଣମାନଙ୍କୁ ଆଶୀର୍ବାଦ କରିବାକୁ ବାଧ୍ୟ। ମାତ୍ର ଆମେ ଯେତେବେଳେ ଆଶୀର୍ବାଦ-ପ୍ରାର୍ଥୀ ଅନ୍ୟକୁ ଆଶୀର୍ବାଦ କରିବାର ଅଧିକାର ଆମର ଆସିବ କୁଆଡୁ ? ବାବା ମୋତେ ଏହାଦ୍ୱାରା ଅହଙ୍କାର ପୁଷ୍ଟ ହେବ କହି ସତର୍କ କରିଦେଇଥିଲେ। ମୋତେ ଥରେ କହିଥିଲେ, "ହଇରେ, ତୁ ତ ନିଜକୁ ଭାରି ବଡ଼ ବୋଲି ବିଚାରିଲୁଣି !" ମୁଁ ଆପତ୍ତି କରି କହିଲି "ନା, ସ୍ୱାମୀ" । "ତେବେ ଲୋକେ ତୋ ପାଦ ଛୁଇଁଲେ ତୁ ସେମାନଙ୍କୁ ବାରଣ କରୁ ନାହୁଁ କାହିଁକି ? ତୁ ଭାବି ନେଉଛୁ ଯେ ସେଇଟା ତୋର ପ୍ରାପ୍ୟ, ନୁହେଁ ?" ଆମର ସହଯାତ୍ରୀମାନଙ୍କୁ ନିଜର ପାଦ ଛୁଇଁବାକୁ ବଢ଼ାଇଦେବା କିପରି ହାସ୍ୟାସ୍ପଦ କଥା ବାବା ତାହା ବ୍ୟଙ୍ଗ କରି ବୁଝାଇଦେବା ଆମ ପ୍ରତି ତାଙ୍କ ଦୟାର ଚିହ୍ନ ନୁହେଁ କି ?"ଏ ଦୁରଭ୍ୟାସ ଛାଡ୍", ବାବା ମୋତେ ଆଦେଶ ଦେଇଥିଲେ।

ଭକ୍ତମାନଙ୍କ ମେଳରେ ଏକାଠି ଭୋଜିଭାତ ମତେ ଭଲ ଲାଗେ। ବାବା ଏ ବିଷୟରେ ବି ମୋତେ ସତର୍କବାଣୀ ଶୁଣାଇଥିଲେ। ଯେତେବେଳେ ସମିତିଗୁଡିକ ବୁଲି ଦେଖିବା ପାଇଁ

ବାବା ମୋତେ ଅନୁମତି ଦିଅନ୍ତି, ତା ସାଙ୍ଗରେ ଗୋଟିଏ ଧମକ ମଧ୍ୟ ଦେଇଥାନ୍ତି "ଆସିଲାବେଳକୁ ଯଦି ତୋର ଓଜନ ବଢିଥିବ, ତେବେ ଦ୍ୱାର କିଳିଦେବି ଜାଣିଥା।" ବେଳେ ବେଳେ ମୋତେ ଯେଉଁ ଜିନିଷଟି ଖାଇବାକୁ ଭାରି ଭଲ ଲାଗେ, ତାହା ଆଦୌ ନ ଖାଇବାକୁ ନିର୍ଦ୍ଦେଶ ଦେଇଥାନ୍ତି; ଏପରିକି କେତୋଟି ଏଣ୍ଡୁରି ପିଠା ଖାଇବି ତାର ସଂଖ୍ୟା ମଧ୍ୟ ସେ ନିର୍ଦ୍ଦିଷ୍ଟ କରି ଦେଇଥାନ୍ତି। ସେ କହନ୍ତି "ଖାଦ୍ୟକୁ କ୍ଷୁଧା ରୋଗ ପାଇଁ ଔଷଧ ବୋଲି ବିଚାରିବାକୁ ହେବ।" ଥରେ ସେ ମୋତେ କହିଲେ, "ତୁ ବିଚାରୁଛୁ ସାଧାରଣ ଲୋକଙ୍କଠାରୁ ତୋର ବହୁତ ବେଶୀ ଜ୍ଞାନ ଅଛି, ମାତ୍ର ମୁଁ ଦେଖୁଛି ତୋର ସାଧାରଣଜ୍ଞାନ ବି ନାହିଁ।"

ମୋର ନିରନ୍ତର କ୍ଷୁଧାର୍ତ୍ତ ଅହଙ୍କାର ଏହି ବୈଦ୍ୟ-ନାରାୟଣଙ୍କଠାରୁ ଆଉ ଗୋଟିଏ ଖୁଣ୍ଡା ଖାଇଥିଲା। ପ୍ରଶାନ୍ତିନିଳୟମ୍‌ରେ ବଡ଼ ବଡ଼ ଜନ ସମାବେଶ ହେଲେ ଏଠାରେ କିପରି ଶୃଙ୍ଖଳା ମାନି ଚଳିବାକୁ ହେବ ସେ ବିଷୟରେ କେତୋଟି ନିର୍ଦ୍ଦେଶ ଲୋକମାନଙ୍କୁ ଶୁଣାଇବାକୁ ପଡିଥାଏ। ସବୁ ଥର ଏ କାମ କରିବାକୁ ମୋତେ ଆଜ୍ଞା ମିଳେ। ମାଇକ୍‌ରେ ମୁଁ ଏ ନିର୍ଦ୍ଦେଶର ଇଂରାଜୀ, ତେଲୁଗୁ, ତାମିଲ୍, କନ୍ନଡ, ମାଲାୟାଲାମ୍ ଓ ହିନ୍ଦୀ ତର୍ଜମା ପଢ଼ିଥାଏ, ଆଉ ସେଥିପାଇଁ କେତେକ ଲୋକଙ୍କଠାରୁ ମୁଁ ବାହାବା ପଦ ଶୁଣିଥାଏ। ଥରେ ଦଶହରା ଉତ୍ସବ ହେବା ଆଗରୁ ଏ ନିର୍ଦ୍ଦେଶନାମା ପଢ଼ିବା ସମୟ ହେଲାବେଳେ ବାବା ମୋତେ ଖୋଜିଲେ, ମାତ୍ର ମୁଁ ପାଖରେ ନ ଥିଲି। ମୁଁ ସିନା ଜାଣି ନ ଥିଲି, ମାତ୍ର ବାବା ଜାଣିଥିଲେ ଯେ ଏଥିପାଇଁ ମୋତେ ଡକାଇ ପଠାଇବା ମୁଁ ଚାହୁଁଥିଲି। ମୋ ଅହଙ୍କାରର ଆଉ ଏକ ଖେଳ। ସେଥର ଦଶହରା ଏଗାରଦିନଯାକ ମୁଁ ଅଲୋଡ଼ା ହୋଇ ରହି ଯାଇଥିଲି।

ମୋ ଜିଭର ଗୋଟିଏ କୁଣ୍ଡିଆ ରୋଗ ଅଛି ! ସବୁବେଳେ କାହାରି ସାଥିରେ ହେଲେ କଥା ହେବାକୁ ମୋତେ ସୁଖ ଲାଗୁଥାଏ। ସେଥିପାଇଁ ବାବା ମୋତେ "ପ୍ଲାଇମାଉଥ୍" ନାମ ଦେଇଥିଲେ ବି ମୋର ଏ କୁଣ୍ଡିଆ ଯାଉ ନ ଥିଲା। କିଛି ମାସ ତଳେ ବାବା ଶୁଣିଲେ ଗୁଜୁରାଟର ଜଣେ ଡାକ୍ତରଙ୍କ ଆଗରେ ମୁଁ ଭାରି ଉତ୍ସାହରେ ବର୍ଣ୍ଣନା କରୁଛି ବାବା ମୋତେ କିପରି ଗୋଟିଏ ହସ୍‌ପିଟାଲ୍‌ରୁ ଜୀବନ ଦେଇ ଫେରାଇ ଆଣିଥିଲେ। ବୃନ୍ଦାବନରେ ଥିବା ବାବାଙ୍କ ବାସଗୃହର ଗୋଟିଏ ରୁମ୍‌ରେ ଆମେ ବସିଥିଲୁ। ବାଙ୍ଗାଲୋର କଲେଜର ପ୍ରାୟ ୨୦ ଜଣଯାଏ ଛାତ୍ର ବାବାଙ୍କ ପାଦପଦ୍ମ ସ୍ପର୍ଶ କରିବାର ସୁଯୋଗ ଅପେକ୍ଷା କରି ବସିଥିଲେ ସେଠାରେ। ଉପରୋକ୍ତ ଡାକ୍ତର ମୋତେ ଦୂରରୁ ଦେଖି ମୋତେ ଶୁଭେଚ୍ଛା ଜଣାଇବାର ଲୋଭ ସମ୍ବରଣ କରିପାରି ନ ଥିଲେ। ମୋ ଗପୁଡି ଜିଭ କଥା ଆରମ୍ଭ କରିଦେଲା। ମୁଁ-କାର ଭିତରେ ଅଧା ବୁଡି ମୁଁ କହି ଚାଲିଛି ବାବା ଆସି ଦ୍ୱାରବନ୍ଧରେ ଠିଆ ହୋଇଗଲେ, ଆଉ କହିଲେ, "ନୀରବତାର ସାଧନା ଏପରି ଭାଙ୍ଗିବାକୁ ତ ତୋର ଟିକିଏ ହେଲେ କୁଣ୍ଠା ନାହିଁ। ତୁମେ ଗୁରୁଜନମାନେ ପିଲାମାନଙ୍କ ଆଗରେ ଯେଉଁ ନିୟମ ଭାଙ୍ଗୁଛ, ତାକୁ ସେମାନଙ୍କୁ ପାଳନ କରିବାକୁ କହିବ କିପରି ?" ତା

ପରେ ଘରୁ ବାହାରି ଯିବାକୁ ସେ ଡାକ୍ତରଙ୍କୁ ଆଦେଶ ଦେଲେ। ସେତେବେଳେ ମୁଁ ଝାଳରେ ବୁଡ଼ିଗଲିଣି। ମାତ୍ର ମୁଁ ଉଦ୍ଧାର ପାଇଗଲି। ସେ ମୋର ବନ୍ଧୁଙ୍କୁ ଗୋଟାଏ ମୂର୍ଖ ଓ ମୋତେ ଗୋଟାଏ ଗଧ ବୋଲି ପିଲାଙ୍କୁ ଆମ ଆଗରେ ସତର୍କ କରାଇଦେଲେ ଯେ ସେମାନେ ଯେପରି ଆମକୁ ଆଦର୍ଶ ବୋଲି ନ ବିଚାରନ୍ତି। ଲଜ୍ଜା ଓ ଅପମାନରେ ଆମ ମୁଣ୍ଡ ତଳକୁ ହୋଇଗଲା। ସେଦିନ ଦୀର୍ଘ ସମୟ ଯାଏ ଆମ ତୁଣ୍ଡରୁ କଥା ବାହାରି ନ ଥିଲା। ମନେ ମନେ ଚାପଡ଼ା ଖାଇଲୁ ଏପରି ଭୁଲ ଆଉ କେବେ ନ କରିବାକୁ।

ଜଣେ ସଦ୍‌ଗୁରୁ ଭାବରେ ବାବା ଏପରି ତତ୍ପର, ବିଚାରବନ୍ତ ଓ ଦୟାଶୀଳ ଯେ ଆମେ ଭୁଲ କଲାମାତ୍ରେ ସେ ସୁଧାରି ଦେଇଥାନ୍ତି। ଏପରିକି ଅନ୍ୟମାନଙ୍କ ଆଗରେ ମଧ୍ୟ ଆମ ଭୁଲକୁ ପଦାରେ ପକାଇ ଶୋଧି ଦେଇଥାନ୍ତି। ଏହାଦ୍ୱାରା ଅନ୍ୟମାନେ ଶିଖିବେ ଓ ଆମେ ଏ ଭୁଲ ଆଉ ଥରେ କେବେ କରିବୁ ନାହିଁ ବୋଲି। ସେଇଥିପାଇଁ ତ ତାଙ୍କର ଆଗମନ। ଅଠର ଉଣେଇଶି ବର୍ଷ ବୟସରେ ବାବା ତାଙ୍କ ବଡ଼ ଭାଇଙ୍କ ପାଖକୁ ଲେଖିଥିଲେ, "ଯେଉଁମାନେ ବାଟ ଭୁଲି ଯାଇଛନ୍ତି ସେମାନଙ୍କ ହାତ ଧରି ଠିକ୍ ବାଟକୁ ଆଣି ସେମାନଙ୍କୁ ମୁଁ ଉଦ୍ଧାର କରିବି।" ଆମେ ପରମ ଭାଗ୍ୟବାନ୍ ଯେ ଏପରି କରୁଣାମୟ, ପ୍ରେମଶୀଳ ପ୍ରଭୁ ଆମ ପାଖକୁ ଆସିଛନ୍ତି ଆମକୁ ନିହାଣ ମୁଗୁରରେ କାଟି, ପିଟି, ସଜାଡ଼ି ନିର୍ମଳ କରିବାକୁ।

❖

ପ୍ରେମମୟ ଭଗବାନ

ଗତ ଯେଉଁ ପଇଁତିରିଶି ବର୍ଷ ଧରି ମୁଁ ସାଇଙ୍କୁ ହୃଦୟରେ ଧରି ରଖିବାକୁ ଅଦମ୍ୟ ଚେଷ୍ଟା କରି ଆସିଛି, ଗୋଟିଏ ବସନ୍ତ ପରି ତାହା ମୋତେ ସାମାନ୍ୟ ବୋଧ ହେଉଛି। ଯେଉଁ ଭକ୍ତମାନେ ସେଇ ପ୍ରଥମ ଦିନଗୁଡିକରେ ମୋ ସାଙ୍ଗରେ ତାଙ୍କ ଶ୍ରୀପଦ ଆଶ୍ରୟ କରିଥିଲେ, ସେମାନଙ୍କ ମଧ୍ୟରୁ କେହି କେହି ଆଗରୁ ରମଣ ମହର୍ଷିଙ୍କ ଶିଷ୍ୟ ଭାବରେ ତିରୁବନ୍ନମଲାଇରେ, ରାମଦାସଙ୍କ ଶିଷ୍ୟ ଭାବରେ କାୟାଁଗାଦରେ, ନିତ୍ୟାନନ୍ଦଙ୍କ ଶିଷ୍ୟ ଭାବରେ ବଜ୍ରେଶ୍ୱରୀରେ, ମଳୟସ୍ୱାମୀଙ୍କ ଶିଷ୍ୟ ଭାବରେ ୟେର୍‌ପେଡୁ କିମ୍ବା ଶିବାନନ୍ଦଙ୍କ ଶିଷ୍ୟ ଭାବରେ ଋଷିକେଶରେ ରହି ଆସିଥିଲେ। ମୁଁ ଜାଣିଥିଲି ପ୍ରଶାନ୍ତିନିଲୟମ୍ ଥିଲା ମଣିଷର ପ୍ରଶାନ୍ତି ପ୍ରାପ୍ତିର ସର୍ବୋତ୍ତମ ଓ ସର୍ବଶ୍ରେଷ୍ଠ ସ୍ଥାନ।

ବାବାଙ୍କୁ ମୁଁ ଯେତିକି ଲକ୍ଷ୍ୟ କଲି ଓ ତାଙ୍କର ବଚନାମୃତ ଶୁଣିଲି ଭଗବଦ୍ ଗୀତା ପ୍ରତି ମୋର ଭକ୍ତି ଓ ଶ୍ରଦ୍ଧା ସେତିକି ବଢ଼ିବାକୁ ଲାଗିଲା। ଗୀତାରେ ଭଗବାନ୍ କୃଷ୍ଣ କହିବା ଆଗରୁ ମହର୍ଷି ବ୍ୟାସ 'ଭଗବାନ ଉବାଚ' (ଭଗବାନ କହିଲେ) ଲେଖି ଶ୍ଳୋକ ଆରମ୍ଭ କରିଥାନ୍ତି। ମାତ୍ର ମୋ ପକ୍ଷରେ 'ଭଗବାନ୍ ଉବାଚ' କଥାଟି ଅପୂର୍ବ ହୋଇ ଉଠିଥିଲା। କାରଣ ବ୍ୟାସଙ୍କ ଶ୍ଳୋକରେ ମୁଁ ସାଇଙ୍କ କଥା ହିଁ ଶୁଣୁଥିଲି, ସାଇଙ୍କଠାରେ ପ୍ରକଟିତ ସତ୍ୟ ହିଁ ଦେଖୁଥିଲି। ଗୀତାରେ ଶ୍ରୀକୃଷ୍ଣ କହିଥିଲେ ତାଙ୍କର ହସ୍ତ, ପଦ, ଚକ୍ଷୁ, ଶ୍ରବଣ ସର୍ବତ୍ର ବିଦ୍ୟମାନ। ନରଓ୍ୱେର ଟାଇଡ୍‌ମାନଙ୍କୁ ମଧ୍ୟ ବାବା ଠିକ୍ ସେଇ କଥା ହିଁ କହିଥିଲେ। ବଙ୍ଗଳା ଦେଶର ଚିଟାଗଙ୍ଗ ନଦୀରେ ସେ ହଜାଇ ଦେଇଥିବା ମୁଦିଟି ବହୁଦିନ ପରେ ବାବା ହ୍ୱାଇଟ୍ ଫିଲ୍‌ଡ୍‌ରେ ତାଙ୍କ ହାତକୁ ବଢ଼ାଇ ଦେଲାବେଳେ କହିଥିଲେ, "ମୁଦିଟି ମୋ ହାତରେ ହିଁ ଖସି ପଡ଼ିଥିଲା, କାରଣ ମୁଁ ସେ ନଦୀରେ ଥିଲି, ମୁଁ ତ ସବୁ ନଦୀରେ, ସବୁଠାରେ ଅଛି।" ଗୀତାର ସେ ଭଗବାନ୍ ଆଜି ଆମର ଭଗବାନ୍ ରୂପେ ଆମ ପ୍ରତ୍ୟେକଙ୍କୁ ଗୋଟିଏ ଗୋଟିଏ ଗୀତା ପ୍ରଦାନ କରୁଛନ୍ତି।

କେତେବର୍ଷ ତଳେ ଥରେ ଗୋଟିଏ ଦଶହରା ଉତ୍ସବରେ ବାବା ମୋତେ ଦିନେ ସନ୍ଧ୍ୟାବେଳେ ଜନସମାଗମକୁ କିଛି କହିବା ପାଇଁ ନିର୍ଦ୍ଦେଶ ଦେଲେ। ମୁଁ ଗୀତାର ଉପରୋକ୍ତ ଶ୍ଳୋକଟିର ସତ୍ୟ ଏବେ କିପରି ସାଇକୃଷ୍ଣଙ୍କ ସମୟରେ ଅକ୍ଷରେ ଅକ୍ଷରେ ସତ୍ୟ ପ୍ରତିପାଦିତ ହୋଇଛି ତାହା ବୁଝାଇବାକୁ ଯାଇ କେତୋଟି ଘଟଣା ବର୍ଣ୍ଣନା କରିଥିଲି। ମାତ୍ର ବାବା ଜାଣିଥିଲେ ବାବାଙ୍କର ସର୍ବବ୍ୟାପକତାରେ ମୋର ବିଶ୍ୱାସ ସେତେ ଦୃଢ଼ ନୁହେଁ। ତେଣୁ ତାପରେ ତାଙ୍କ ସମ୍ଭାଷଣରେ ମୋ କଥା ଉଲ୍ଲେଖ କରି ସେ କହିଲେ, "ଏ କସ୍ତୁରୀ ମୋର ସର୍ବବ୍ୟାପକତା ପ୍ରମାଣ କରିବାକୁ ତୁମ୍ଭମାନଙ୍କୁ କେତୋଟି ଗପ କହିଲା। ମାତ୍ର ସେ ନିଜେ କ'ଣ କରେ ମୁଁ କହିବି। ମୁଁ ପୁଟପର୍ତ୍ତି ଛାଡ଼ି ଅଳ୍ପ କେତେଦିନ ପାଇଁ ବାହାରକୁ ଚାଲିଗଲେ ସେ ମୋ ପାଖକୁ ଚିଠି ଉପରେ ଚିଠି ଲେଖେ ଯେ ମୋର ଅନୁପସ୍ଥିତି ତା ପକ୍ଷରେ ଅସହ୍ୟ ହେଲାଣି। ସେ

ମୋର ପାଦ ଛୁଇଁବାକୁ ବ୍ୟାକୁଳ ହେଲାଣି । ତୁମ୍ଭମାନଙ୍କୁ ସେ କହୁଛି ମୋର ପାଦ ସବୁଠାରେ ଅଛି, ଆଉ ନିଜେ ଲୁହ ଝରାଉଛି ଯେ ସେ ପାଦସ୍ପର୍ଶରୁ ବଞ୍ଚିତ ହେଉଛି ।" ମୋ ପକ୍ଷରେ ଏହା କେବଳ ଗୋଟିଏ ଉପଦେଶ ନ ଥିଲା, ଏହା ଥିଲା ଗୋଟିଏ ବଟିକା ଓ ଗୋଟିଏ ଛୁଞ୍ଚି ।

ଥରେ ଜଣେ ବୈଦିକ ବିଦ୍ୱାନ୍ ମୋତେ ଗୋଟିଏ ଚିଠି ଦେଖାଇଲେ । ଚିଠିଟି ବାବା ତାଙ୍କୁ ଲେଖିଥିଲେ ତାଙ୍କୁ ସତର୍କ କରାଇଦେବା ପାଇଁ । ସେମାନଙ୍କର ଦରିଦ୍ରତା ବିଷୟରେ ବାବାଙ୍କୁ ଜଣାଇବାକୁ ତାଙ୍କ ପତ୍ନୀ ତାଙ୍କୁ ଅନୁରୋଧ କରିବାରୁ ପଣ୍ଡିତେ ପତ୍ନୀଙ୍କ ଉପରେ ଅଗ୍ନିଶର୍ମା ହୋଇ ଉଠିଥିଲେ ଓ ଯଥେଷ୍ଟ ତିରସ୍କାର ମଧ୍ୟ କରିଥିଲେ । ପଣ୍ଡିତେ ପୂର୍ବ ଓ ପଶ୍ଚିମ ଗୋଦାବରୀ ଜିଲ୍ଲା ଦୁଇଟିରେ ବହୁ ସଭାସମିତିରେ ଭାଷଣ ଦେଇ ବାବାଙ୍କର ସର୍ବବ୍ୟାପକତା ବିଷୟରେ କହିଲା ବେଳେ ପ୍ରଗଳ୍ଭ ହୋଇ ଉଠନ୍ତି, ମାତ୍ର ମୋ ପରି ତାଙ୍କର ମଧ୍ୟ ବିଶ୍ୱାସ ଜିଭ ଅଗରେ ଥିଲା । ଯେଉଁଦିନ ସେ ତାଙ୍କ ପତ୍ନୀଙ୍କୁ ତିରସ୍କାର କଲେ, ସେଦିନ ବାବା ପୁଟପର୍ତ୍ତିରୁ ତାଙ୍କୁ ଗୋଟିଏ ଚିଠି ଲେଖିଥିଲେ । ସେ ଚିଠିରେ ପଣ୍ଡିତଙ୍କୁ ବାବା ପଚାରିଥିଲେ, "ତୁ ତୋର ଭାର୍ଯ୍ୟାକୁ ମୋ ପାଖକୁ ଚିଠି ଲେଖିବାକୁ କାହିଁକି ବାରଣ କଲୁ ? ତୁ କ'ଣ ଭାବୁଛୁ ମୋତେ ନ ଜଣାଇଲେ ମୁଁ କିଛି ଜାଣିପାରେ ନା ?"

ଏ ବିଶ୍ୱ ପରମେଶ୍ୱରଙ୍କର ଗୋଟିଏ ସଂକଳ୍ପ ଏବଂ ପରମେଶ୍ୱର ଏ ବିଶ୍ୱରେ ଓତଃପ୍ରୋତଃ ଭାବରେ ବ୍ୟାପ୍ତ ଏବଂ ବିଶ୍ୱାତୀତ । ପରମେଶ୍ୱର ସର୍ବବ୍ୟାପୀ ହୋଇଥିବାରୁ ସେ ମଝିରେ ମଝିରେ ଅବତାର ଭାବରେ ପୃଥିବୀକୁ ଆସିଥାନ୍ତି । ଯେଉଁମାନେ ଏହା ବିଶ୍ୱାସ କରନ୍ତି ନାହିଁ, ସେମାନଙ୍କ ଅବିଶ୍ୱାସ ପ୍ରତି ବାବା ଗୋଟିଏ ଆହ୍ୱାନ । ତ୍ରିଭୁବନକୁ ପଦାନତ କରି ରଖିବାର ଅସ୍ତ୍ରଶସ୍ତ୍ର ଯେତେବେଳେ ରାବଣ ହାତରେ ପଡିଗଲା, ସେତେବେଳେ ଧର୍ମମୂର୍ତ୍ତି ଶ୍ରୀରାମ ଅବତାର ଆସିଥିଲେ । ବାବା ସେଇ ଅବତାର କାହାଣୀ ନିଜେ ଲେଖିଛନ୍ତି । ଏହି କାହାଣୀର ଛତ୍ରେ ଛତ୍ରେ ଫୁଟି ଉଠେ ଅସ୍ତ୍ରାକ୍ରାନ୍ତ ଏ ସଂସାରରେ ତାଙ୍କ ନିଜ କର୍ତ୍ତବ୍ୟର ସୂଚନା ।

ବାବାଙ୍କ ଜୀବନକୁ ଅଧ୍ୟୟନ କଲେ ଉପନିଷଦଗୁଡିକ ମଧ୍ୟ ଆଜିର ଲେଖା ପରି ଜଣାପଡ଼େ । ଈଶାବାସ୍ୟ ଉପନିଷଦର ଗମ୍ଭୀର ବାଣୀ "ଈଶବାସ୍ୟମିଦଂ ସର୍ବଂ...." ଈଶ୍ୱର ନିଖିଳ ଚରାଚର ବ୍ୟାପୀ, କେବଳ ପୁରାତନ ଯୁଗର ତପସିଦ୍ଧ ମହର୍ଷି ଦେଖିଥିବା ସତ୍ୟ ନୁହେଁ, ତାହା ଏବର ଅନୁଭୂତି ମଧ୍ୟ । ବାବା ଜଣେ ଉପନିଷଦ ତତ୍ତ୍ୱଜ୍ଞ ପଣ୍ଡିତଙ୍କଠାକୁ ଚିଠିରେ ଲେଖିଥିଲେ ଉପନିଷଦର ସେହି ସର୍ବବ୍ୟାପୀ ମହାତତ୍ତ୍ୱ ସେ ନିଜେ । ଏ କଥାଟିକୁ ବାବା ବଡ଼ ସହଜ ଓ ସରଳ ଭାବରେ କହିଥାନ୍ତି, ସତେ ଯେମିତି ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଏହି ସତ୍ୟଟି ଏତେ ସ୍ୱାଭାବିକ ଯେ ଏହାକୁ ଜୋର୍ ଦେଇ କହିବା ବାହୁଲ୍ୟ ମାତ୍ର । ବାବା କହନ୍ତି, "ଏ ବିଶ୍ୱର ପ୍ରତି ଇଞ୍ଚ ମୋ ଦ୍ୱାରା ଆବୃତ ।" ମୁଁ ଜଣେ ବୟସ୍କ ବୃଦ୍ଧଙ୍କୁ ଭେଟଥିଲି ଯାହାଙ୍କୁ ବାବା କର୍ଣ୍ଣାଟକର ଜୋଗ ଜଳପ୍ରପାତର ୮୦୦ ଫୁଟ ଗଭୀର ଗର୍ତ୍ତରୁ ଉଦ୍ଧାର କରି

ଆଣିଥିଲେ; ଆଉ ଜଣଙ୍କୁ କୋଡିଏ ହଜାର ଫୁଟ ଉଚ୍ଚ ଆକାଶ ବକ୍ଷରେ ଓଲଟପାଲଟ ହେଉଥିବା ବିମାନରୁ ଅକ୍ଷତ ଅବସ୍ଥାରେ ବିମାନ ସହ ତଳକୁ ଖସାଇ ଆଣିଥିଲେ। ଏ ପୃଥିବୀର ଦୂରତମ ସ୍ଥାନରେ ମଧ୍ୟ ଭକ୍ତମାନେ ତାଙ୍କର ଉପସ୍ଥିତି ଓ ସହାୟତା ଉପଲବ୍ଧି କରୁଛନ୍ତି।

ବେଦରେ ଲେଖା ଅଛି, ଯେତେବେଳେ ଏକ ଅନନ୍ୟ ଚିତ୍‌ସତ୍ତା ମଧ୍ୟରେ ଆପଣାର ସଂକଳ୍ପ ଦ୍ୱାରା ଆପଣାକୁ ପ୍ରକ୍ଷେପ କରିବାର ଇଚ୍ଛା ଜାଗ୍ରତ ହେଲା ସେତେବେଳେ ସୃଷ୍ଟି ଜାତ ହେଲା। ଅପ୍ରକଟ ସତ୍ତା ପ୍ରକଟିତ ହେବାକୁ ଇଚ୍ଛା କଲେ। ବାବା କହନ୍ତି ଆମେ ସମସ୍ତେ ତାଙ୍କରି ଭିନ୍ନ ଭିନ୍ନ ରୂପ। ସେ ଏକ; ଆମେ ସବୁ ତାଙ୍କର ବହୁରୂପ। ଏଣୁ ସେ ଯେପରି ଦିବ୍ୟ, ଆମେ ବି ସେହିପରି ଦିବ୍ୟ। ସେଥିପାଇଁ ବାବା କହନ୍ତି, "ମୁଁ ତୁମ୍ଭମାନଙ୍କ ମଧ୍ୟରେ ଅଛି, ତୁମ୍ଭେମାନେ ମୋ ଭିତରେ ଅଛ। ଏଣୁ ଆମେ ପରସ୍ପରଠାରୁ ଅଲଗା ନୁହଁ।" ବାବାଙ୍କର ଆଧ୍ୟାତ୍ମିକ ରାଜ୍ୟରେ ଏହି ବୈଦିକ ମହାସତ୍ୟ ଆଜି ଗୋଟିଏ ସାଧାରଣ ପ୍ରଚଳିତ ବିଶ୍ୱାସରେ ପରିଣତ ହୋଇଯାଇଛି। ତାଙ୍କର ବାର୍ତ୍ତା ଭିତରେ ଏହା ହେଉଛି ଅନ୍ତଃସଲୀଳା ଗଙ୍ଗା। ଦର୍ଶନ ଧାଡ଼ିରେ ଜଣକ ପାଖରେ ଠିଆ ହୋଇ ବାମ ହାତରେ ବହିଟିକୁ ଧରି ବାବା ଡାହାଣ ହାତରେ ସେଥିରେ ବାର୍ତ୍ତା ଲେଖନ୍ତି, "ଏ ନିଖିଳ ବିଶ୍ୱକୁ ମୁଁ ମୋରି ଲୀଳା ନିମନ୍ତେ ଗୋଟିଏ ଶବ୍ଦରେ ସୃଷ୍ଟି କରିବା ଯାଏ ମୋତେ ବୁଝିବା ପାଇଁ ଦ୍ୱିତୀୟ ହୋଇ କେହି ନ ଥିଲେ।" ସବୁ ଧର୍ମଶାସ୍ତ୍ର ସୃଷ୍ଟିର ଆରମ୍ଭ ସମ୍ବନ୍ଧରେ ସେଇ ଗୋଟିଏ କଥା କହନ୍ତି— "ବିଶ୍ୱର ଆଁରମ୍ଭ ହୋଇଥିଲା ଗୋଟିଏ ଶବ୍ଦରୁ ......"।

ବୃନ୍ଦାବନର କଲେଜ ଛାତ୍ରାବାସ ଓ୍ୱାର୍ଡେନଙ୍କ ପାଖକୁ ବାବା ଗୋଟିଏ ଚିଠିରେ ଲେଖନ୍ତି ଛାତ୍ରମାନଙ୍କୁ ପଢ଼ି ଶୁଣାଇବା ପାଇଁ - "ମୁଁ ଯେତେବେଳେ ନିଜକୁ ଭଲପାଏ, ତୁମ୍ଭମାନଙ୍କୁ ଭଲପାଏ; ତୁମ୍ଭେମାନେ ଯେତେବେଳେ ନିଜକୁ ଭଲପାଅ, ମୋତେ ହିଁ ଭଲପାଅ। କାରଣ ଆମ୍ଭମାନଙ୍କ ମଧ୍ୟରେ ଭିନ୍ନତା ନାହିଁ, ତୁମେ ଓ ମୁଁ ଏକ, ଅଭିନ୍ନ। ମୁଁ ନିଜଠାରୁ ନିଜକୁ ଅଲଗା କରିଛି ନିଜକୁ ଭଲପାଇ ପାରିବି ବୋଲି।" ଯେଉଁ ବୈଦିକ ଋଷି ଏକ ବହୁ ହେବାର ରହସ୍ୟ ଜାଣିବାକୁ ଚାହିଁଥିଲେ ସେ ବି ଏହା ହିଁ ଉପଲବ୍ଧି କରିଥିବେ।

ବେଦ କହନ୍ତି ସେଇ ଏକ ବ୍ରହ୍ମ ଅବାଙ୍‌ମାନସଗୋଚର; ତାଙ୍କୁ ମନରେ ବୁଝି ହୁଏନା, କିମ୍ବା ଭାଷାରେ ପ୍ରକାଶ କରିହୁଏନା। ଯେ କହେ ସେ ବ୍ରହ୍ମଙ୍କୁ ଜାଣିଛି, ସେ ଜାଣେନା। ଯେଉଁ ତଥାକଥିତ ପଣ୍ଡିତମାନେ କହନ୍ତି ଯେ ଯାହା ସେମାନେ ଜାଣନ୍ତି ନାହିଁ, ତାହା କାହାରି ଜାଣିବାର ଯୋଗ୍ୟ ନୁହେଁ, ସେମାନଙ୍କର ଅବାନ୍ତର ବଡ଼ପଣକୁ ଦେଖାଇ ଦେବା ନିମନ୍ତେ ଅବତାର କ'ଣ କହନ୍ତି ଶୁଣନ୍ତୁ : "ସାରା ମଣିଷଜାତି ଏକାଠି ହଜାର ହଜାର ବର୍ଷଯାଏ ତପସ୍ୟା କଲେ ମଧ୍ୟ ମୋର ରହସ୍ୟ ବୁଝିବାକୁ ସମର୍ଥ ହୋଇପାରିବ ନାହିଁ।" ବାବା ଏକଥା ଘୋଷଣା କରିଥିଲେ ବମ୍ବେଠାରେ ଅନୁଷ୍ଠିତ ପ୍ରଥମ ବିଶ୍ୱସମ୍ମିଳନୀ ଉପଲକ୍ଷ୍ୟେ ସମାଗତ ପଚ୍ଚାଶ ହଜାର ସାଇଭକ୍ତଙ୍କ ସମାବେଶରେ।

ମୋ ବୋଉ ଦେହ ଛାଡ଼ିବାର ପ୍ରାୟ ଛଅ ମାସ ପରେ ତାକୁ ସ୍ୱପ୍ନରେ ଦେଖିଥିଲି । ସେ ଜଣେ ଖୁବ୍ ତେଜସ୍ୱିନୀ ଯୋଗିନୀ ପରି ଦିଶୁଥିଲା । ଦେହରେ ଗେରୁଆ ବସ୍ତ୍ର ଓ ମୁଣ୍ଡ ଚାରିପାଖରେ ତେଜମଣ୍ଡଳ । ମୁଁ ତାକୁ ପ୍ରଣାମ କଲି ଓ ଉଠି ହାତ ଯୋଡ଼ି ଠିଆହେଲି । ସେ ମୋତେ କହିଲା, "କସ୍ତୁରୀ, ଆଜିଠାରୁ ପ୍ରତିଦିନ ସକାଳେ ଭାଗବତ ପଢ଼ିବୁ ! ଦେଶରେ ଯେତେବେଳେ ଅରାଜକତା ପ୍ରବଳ ହୋଇ ଉଠିଥିଲା, ମୁଁ ନିୟମିତ ଭାଗବତ ପଢୁଥିଲି ।" ମୁଁ ହଁ କଲି । ବୋଉ ମୋ ମୁଣ୍ଡରେ ହାତ ରଖି ମୋତେ ଆଶୀର୍ବାଦ କଲା । ତାପରେ ମୁଁ କାନ୍ଦି ପକାଇଲି । ମୋ କାନ୍ଦରେ ନିଦ ଭାଙ୍ଗିଗଲା । ଉଠି ମଧ୍ୟ ମୁଁ କାନ୍ଦିବାରେ ଲାଗିଲି ମୋର ପରମ ପ୍ରିୟ ବୋଉଠାରୁ ଆଜ୍ଞା ପାଇବାର ଆନନ୍ଦରେ । ସେ କୋମଳ ସ୍ନେହମୟ ପରଶ; ସେଇ ମଧୁର ସ୍ୱର 'କସ୍ତୁରୀ'.... । ମୋ ବୋଉ ପରି ଆଉ କିଏ ହେବ !

ଅଳ୍ପଦିନ ମଧ୍ୟରେ ବୁଝିପାରିଲି ଭାଗବତ ପଢ଼ିବାର ଆଜ୍ଞା କାହିଁକି ପାଇଲି । ବାବା ସେଇ ବୃନ୍ଦାବନର ବଂଶୀଧାରୀ ନୁହନ୍ତି କି ? ମୁରଲୀ ସ୍ୱନରେ ପଶୁପକ୍ଷୀ, ଗଛଲତା, ନଦୀପାହାଡ଼ ସମସ୍ତଙ୍କୁ ପାଗଳ କରି ପକାଉଥିବା ସେଇ ବେଣୁଧର ଆଜି ଏଇ ରୂପରେ ଆସି ନାହାନ୍ତି କି ? ସେତେବେଳେ ଯେଉଁ ବାଳଗୋପାଳ ବାଳକସୁଲଭ ମଧୁର ଚପଳତା, ମହିମା ଓ ଅଦ୍‌ଭୁତ କୀର୍ତ୍ତିକଳାପରେ ସାଙ୍ଗସାଥିମାନଙ୍କୁ ମୋହିତ ଓ ସ୍ତବ୍‌ଧ କରି ରଖିଥିଲେ ଆଜି ସେଇ ଗୋପାଳ ଏ ନୂଆ ରୂପରେ ଲକ୍ଷ ଲକ୍ଷ ହୃଦୟ ଅଧିକାର କରି ବସି ନାହାନ୍ତି କି ? ଯୁଦ୍ଧଭୂମିରେ ଘୋଡ଼ାମାନଙ୍କର ଲଗାମ ଧରିଥିବା ପାର୍ଥସାରଥି ଆଜି ଆମ୍ଭମାନଙ୍କ ରଥର ସାରଥି ନୁହନ୍ତି କି ? ଭାଗବତ ପଢ଼ି ମୁଁ ବୁଝିଲି ଅବତାରଙ୍କ ଭାଷାର ଇଙ୍ଗିତଭରା ତାତ୍ପର୍ଯ୍ୟ ଓ ମାଦକତା । ବାବା କହନ୍ତି, "ଏ ଦେହର ପିତାମାତାଙ୍କୁ ମୁଁ ବାଛିଥିଲି ।" ଭାଗବତରେ କୃଷ୍ଣ ମଧ୍ୟ ତାହା ହିଁ କରିଥିଲେ । ବାବା କହନ୍ତି, "ମୁଁ ସେମାନଙ୍କର ନୁହେଁ ।" ମହାଭାରତରେ ବସୁଦେବ ରାଜା ବିରାଟଙ୍କୁ କହିଛନ୍ତି : "ମୋ ପୁଅ ? କୃଷ୍ଣ ମୋ ପୁଅ ବୋଲି କହୁଛ ରାଜା ? ତାକୁ ମୋ ପୁଅ ବୋଲି ମୁଁ କିମିତି ଦାବି କରିବି ?" ବାବା କହନ୍ତି, "ମୋର ପିତା, ମାତା, ଆତ୍ମୀୟ କେହି ନାହାନ୍ତି । ମୁଁ ମୋ ଭକ୍ତମାନଙ୍କ ସହ ବନ୍ଧା ।" କୃଷ୍ଣ କହନ୍ତି , "ମୋ ଭକ୍ତର ଦୁଃଖ ମୋର ଦୁଃଖ । ମୋ ଭକ୍ତର ସୁଖ ମୋର ସୁଖ ।" ପୁନଶ୍ଚ ବସୁଦେବ କହନ୍ତି, "ହେ ରାଜା, ସେ ଅନ୍ୟମାନଙ୍କ ପରି ନୁହେଁ । ତା ପରି ଆଉ କେହି ହେବ ନାହିଁ । ଲୋକେ ଦୁଃଖ ଭୋଗିଲେ ତା ହୃଦୟ ତରଳିଯାଏ, ଆଉ ଯିଏ ତାର ବିରୋଧ କରେ, ଶତ୍ରୁତା କରେ, ସେ ତାରି ପାଖରେ ନିଜକୁ ସମର୍ପଣ କରେ । ସେ କହେ ସେ ସାରା ମଣିଷଜାତିର ।"

ବୋଉ ମୋତେ ଠିକ୍ ବାଟ ଦେଖାଇ ଦେଇଥିଲା । ଭାଗବତର ଦଶମ ସ୍କନ୍ଧରେ ଥିବା ଗୋଟିଏ ଶ୍ଳୋକରୁ ମୁଁ ବିଶେଷ ଶକ୍ତି ଓ ଉତ୍ସାହ ପାଉଥିଲି । ଏହି ଶ୍ଳୋକଟି ବୃନ୍ଦାବନ, ମଥୁରା

ଓ ଦ୍ୱାରକାର ବୃଦ୍ଧ ନରନାରୀଙ୍କର ସୌଭାଗ୍ୟ ବର୍ଣ୍ଣନା କରି କହେ ଯେ ସେମାନେ ଖୁବ୍ ବୟସ୍କ ହେଲେ ମଧ୍ୟ ସେମାନଙ୍କ ଦେହ ଓ ମନର ବଳ ମ୍ଳାନ ପଡ଼େ ନାହିଁ, କାରଣ ସେମାନେ ପ୍ରତିଦିନ ଶ୍ରୀକୃଷ୍ଣଙ୍କ ପଦ୍ମମୁଖର ଶୋଭା-ମଧୁ ପାନ କରନ୍ତି । ଆଜିଯାଏ ମୋର କଥା ଅସଙ୍ଗତ ହୋଇ ନାହିଁ ଏବଂ ଅନ୍ୟମାନେ ପଢ଼ିପାରିବା ଭଳି ମୁଁ ଲେଖିପାରୁଛି; ତାର କାରଣ ମୁଁ ଏହି ଦର୍ଶନାନନ୍ଦର ଟନିକ୍ ପାଉଛି ।

ଭାଗବତରେ ବେଦବ୍ୟାସ ଅବତାରମାନଙ୍କର ବିଶିଷ୍ଟତା ଓ କ୍ରିୟାକଳାପ ସମ୍ବନ୍ଧରେ ଯାହା ଲେଖିଛନ୍ତି ସେସବୁ ଅଧ୍ୟୟନ ଓ ଅନୁଧ୍ୟାନ କରି ମୁଁ ଦେଖିଲି ସେ ସବୁ ବାବାଙ୍କଠାରେ ବିଦ୍ୟମାନ । ବାବା କହନ୍ତି ଅବତାରଙ୍କର ଷୋଳକଳା ମଧ୍ୟରୁ ପଞ୍ଚ କର୍ମେନ୍ଦ୍ରିୟ, ପଞ୍ଚ ଜ୍ଞାନେନ୍ଦ୍ରିୟ, ମନ, ବୁଦ୍ଧି, ଚିତ୍ତ ଏବଂ ଅହଙ୍କାର ମଣିଷମାନଙ୍କର ବି ଅଛି । ଅବଶ୍ୟ ଏସବୁଗୁଡିକ ଅବତାରଙ୍କଠାରେ ଆହୁରି ଅଧିକ ବିଶୁଦ୍ଧ ଓ ବ୍ୟାପକ ଭାବରେ ବିଦ୍ୟମାନ । ଈଶ୍ୱରକୋଟୀ ମହର୍ଷିମାନେ ଅବତାରଙ୍କର ଆଉ ତିନୋଟି କଳାର ଅଧିକାରୀ - ସୃଷ୍ଟି, ସ୍ଥିତି ଓ ଲୟ । ଅବତାରଙ୍କର ଆଉ ଗୋଟିଏ ବିଶେଷ କଳା ଅଛି । ତାହା ହେଲା, କରୁଣା । କେବଳ ସଦାଚାରୀ ଏବଂ ଦୈବସ୍ୱଭାବସଂପନ୍ନ ବ୍ୟକ୍ତି ନୁହନ୍ତି, ଯାହାଙ୍କୁ ବି ସେ ଉଦ୍ଧାର କରିବାକୁ ଚାହାନ୍ତି, ତାଙ୍କ ଉପରେ ଅନୁଗ୍ରହ ଢାଳି ଦିଅନ୍ତି । ମାତ୍ର ପୂର୍ଣ୍ଣାବତାରଙ୍କଠାରେ ଦୁଇଟି କଳା ବିଦ୍ୟମାନ ଯାହା ଆଉ କାହାରି ପାଖରେ ନାହିଁ । ସେ ଦୁଇଟି ହେଲା ଯେଉଁଠାରେ ତାଙ୍କର ରୂପ ପ୍ରତିଷ୍ଠିତ, ସେ ସେଠାରେ ଉପସ୍ଥିତ; ସେ ଓ ତାଙ୍କର ନାମ ଅଭିନ୍ନ (ଏବଂ ମଣିଷ ଭଗବାନଙ୍କୁ ଯେଉଁ ନାମରେ ଡାକିଲେ ବି ସେ ନାମ ତାଙ୍କର !)

ପୁଟ୍ଟପର୍ତ୍ତିର ଗୋଡ଼ିମାଟି ଭରା ଅଙ୍କାବଙ୍କା ରାସ୍ତାରେ ଚାଲିଲାବେଳେ ଆମେ ଗୋକୁଳ ଓ ବୃନ୍ଦାବନରେ କୃଷ୍ଣଙ୍କର ବାଲଲୀଳା ଭଲ ଭାବରେ ବୁଝିପାରୁଥିଲୁ । କାହିଁକି ? ବାବା ଯେଉଁଠି ଶତ ବୃନ୍ଦାବନ ଓ ଶତ ଗୋକୁଳ ସେଇଠି । ଶ୍ରୀକୃଷ୍ଣଙ୍କ ପରି ବାବା ସବୁ ବୟସର ପିଲାମାନଙ୍କୁ ଏବଂ ଉଭୟ ଲିଙ୍ଗର ନାରୀମାନଙ୍କୁ (ବାବା କହନ୍ତି ନାରୀ-ପୁରୁଷ ନିର୍ବିଶେଷରେ ଆପଣା ସନ୍ତାନକୁ ସ୍ନେହ କରିବାର ମାତୃତ୍ୱଭାବ ସମସ୍ତଙ୍କଠାରେ ଅଛି) ନିଜର ଅଲୌକିକ ମହିମା ବଳରେ ଆକୃଷ୍ଟ କରିଥାନ୍ତି । ଥରେ ସେ ତାଙ୍କ ସାଙ୍ଗମାନଙ୍କୁ ଗୋଟିଏ ଟୋକେଇରେ ବେଙ୍ଗ ଗୋଟାଇ ଆଣିବାକୁ କହିଲେ । ପିଲାମାନେ ଗୁଡ଼ିଏ ବେଙ୍ଗ ଧରି ତାଙ୍କ ପାଖକୁ ଆଣିଲେ । ବାବା ଟେକେଇ ଉପରେ ଖଣ୍ଡେ କନା ଘୋଡ଼ାଇ ମୁହୂର୍ତ୍ତକ ପରେ କନାଟିକୁ କାଢ଼ିଦେଲେ । ବେଙ୍ଗମାନେ ଘରଚଟିଆ ପାଲଟି କିରି କିରି ହୋଇ ଉଡ଼ି ଚାଲିଗଲେ ! ବାବା ଏକଥା ହସି ହସି ରମଣାଶ୍ରମର ଜଣେ ଅଶୀତିପର ବର୍ଷ ବୟସ୍କ ସନ୍ନ୍ୟାସୀଙ୍କ ଆଗରେ ବର୍ଣ୍ଣନା କରିଥିଲେ । ଥରେ ବାବା ପୁଟ୍ଟପର୍ତ୍ତିକୁ ଇନ୍ଦ୍ରକୋପରୁ ଉଦ୍ଧାର କରିଥିଲେ । ତାଙ୍କର ଭଉଣୀ ମୋତେ କହୁଥିଲେ ବାଲସାଇ ଆକାଶକୁ ତାଙ୍କ ଛୋଟ ପାପୁଲିଟି ଦେଖାଇ ଟିକିଏ ଠିଆ ହୋଇଗଲେ, ଆଉ ଅଳ୍ପ ସମୟ ମଧ୍ୟରେ ମେଘ ତା ବାଟରେ ଚାଲିଗଲା, ଆକାଶ ନିର୍ମଳ ହୋଇଗଲା ! ବାବା କହିଛନ୍ତି

ଏ ଅବତାରଙ୍କ ପ୍ରଥମ ଷୋଳ ବର୍ଷ କଟିବ ବାଲଲୀଳାରେ; ଦ୍ୱିତୀୟ ଷୋଳବର୍ଷ ମହିମା ପ୍ରକଟ କରିବାରେ; ତାପରେ ୩୨ ବର୍ଷଠାରୁ ସେ ଉପଦେଶ ମାଧ୍ୟମରେ ମଣିଷକୁ ପରିବର୍ତ୍ତନ କରିବାରେ ଲାଗିବେ। ଭାଗବତରେ ମୁଁ ଦେଖିଲି କୃଷ୍ଣଙ୍କ ଜୀବନରେ ମଧ୍ୟ ଏହିପରି ତିନୋଟି ଅବସ୍ଥା ଥିଲା। ଏବେ ସେ ବାବା ରୂପରେ ପୁଣି ଆସିଛନ୍ତି, ଆଉ ଆପଣାର ଅପ୍ରାକୃତ ପ୍ରେମ ରସରେ ସାରା ସଂସାରକୁ ବାନ୍ଧି ରୂପାନ୍ତର ଘଟାଉଛନ୍ତି। କୃଷ୍ଣଙ୍କ ପରି ବାବା ମଧ୍ୟ ମାନିଛନ୍ତି ଯେ ସେ ଜାଣିଶୁଣି ମଣିଷ ପରି ଆଚରଣ ଦେଖାଇ ଆମକୁ ଭ୍ରମରେ ପକାଉଛନ୍ତି। କେବଳ ସାଧାରଣ ମଣିଷଠାରୁ ଅଳ୍ପ କିଛି ଅଧିକ ସାମର୍ଥ୍ୟ ପ୍ରକଟ କରୁଛନ୍ତି ମାତ୍ର। "ତୁମ୍ଭମାନଙ୍କ ପରି ଖାଇ ପିଇ, ତୁମ୍ଭମାନଙ୍କର ଭାଷା କହି, ତୁମକୁ ରୁଚିକର ଲାଗୁଥିବା ଗୀତ ଗାଇ ମୁଁ ଗୋଟାଏ ବଡ଼ ନାଟକ ମଧ୍ୟରେ ଛୋଟ ନାଟକ ଅଭିନୟ କରୁଛି। ମାତ୍ର ତୁମକୁ ସତର୍କ କରିଦେଉଛି, ମୋର କ୍ରିୟାକଳାପ ତୁମ୍ଭମାନଙ୍କ ମଧ୍ୟରେ ଚିରନ୍ତନ ସତ୍ୟରୂପେ ବିରାଜିତ ମୋରି ଆଡ଼କୁ ଟାଣି ଆଣିବା ନିମନ୍ତେ ଗୋଟିଏ ଅଭିନୟ ମାତ୍ର।" ତାଙ୍କର ଏହି ମାୟାରୂପ ପାଖରେ ଥାଇ ଆମେ ଯଦି ତାଙ୍କର ପ୍ରକୃତ ସ୍ୱରୂପ ପାଶୋରିଯିବା, ତେବେ ଏପରି ଏକ ସୁବର୍ଣ୍ଣ ସୁଯୋଗ ହରାଇ ବସିବା ଯାହା ଆଉ କେବେ ଆମ ହାତକୁ ଆସିବ ନାହିଁ।

ଯେଉଁମାନେ ଏହି 'ମାୟା ମାନୁଷ-ରୂପଧାରୀ'ଙ୍କ ପାଖେ ପାଖେ ଅଛନ୍ତି ସେମାନେ ପରମ ଭାଗ୍ୟବାନ୍। ଭଗବଦ୍‌ଗୀତାର ଶେଷ ଅଧ୍ୟାୟରେ ସଞ୍ଜୟଙ୍କ ଦ୍ୱାରା କଥିତ ଶ୍ଳୋକଗୁଡ଼ିକ ଭଗବତ୍‌ଦର୍ଶନ କିପରି ଆନନ୍ଦ-ରୋମାଞ୍ଚ ଜାତ କରିଥାଏ ତାହାର ସୂଚନା ଦେଇଥାଏ। ସେଠାରେ ସଞ୍ଜୟ ଧୃତରାଷ୍ଟ୍ରଙ୍କୁ କହୁଛନ୍ତି, "ହେ ରାଜା, କୃଷ୍ଣଙ୍କର ସେହି ଅଦ୍‌ଭୁତ ବିଶ୍ୱରୂପ ସ୍ମରଣ କରି ମୋର ଅତୀବ ବିସ୍ମୟ ଜାତ ହେଉଛି, ମୁଁ ବାରମ୍ବାର ରୋମାଞ୍ଚିତ ହେଉଛି।" ବାବାଙ୍କର ବିଶ୍ୱରୂପ ଯେତେବେଳେ ମୋର ସ୍ମରଣ ହୁଏ, ପଞ୍ଚମହାଦେଶ, ସପ୍ତସମୁଦ୍ର ଏବଂ ଅନ୍ତରିକ୍ଷରେ ପରିବ୍ୟାପ୍ତ ତାଙ୍କର କରୁଣା ଓ କଲ୍ୟାଣମୟ ଉପସ୍ଥିତି ମୋ ହୃଦୟରେ ଜାଗ୍ରତ ହୁଏ, ମୁଁ ମଧ୍ୟ ସଞ୍ଜୟଙ୍କ ପରି ଅପୂର୍ବ ରୋମାଞ୍ଚ ମଧ୍ୟରେ ବୁଡ଼ିଯାଏ। ୧୯୪୮ରେ ଯେଉଁଦିନଠାରୁ ବାବା ମୋତେ ତାଙ୍କ ପାଖକୁ ଘେନି ଆସିଲେ ସେଇଦିନଠାରୁ ମୋର ଛୋଟ ହୃଦୟଗୁମ୍ଫାଭିତରେ ମୁଁ ଏହିପରି ବହୁ ଦିବ୍ୟଦର୍ଶନର ସ୍ମୃତି ସାଇତି ରଖିଛି।

ବାବା କହନ୍ତି, "ଜନ୍ମ ଓ ମୃତ୍ୟୁ ଯଦି ରହିବ ନାହିଁ, ତେବେ ମୁଁ ମୋର ସମୟ କାଟିବି କିମିତି... ମୁଁ ପ୍ରତ୍ୟେକ ରଥର ସାରଥି...... ମୁଁ ଶିବ-ଶକ୍ତି...... ମୁଁ ସନାତନ ସାରଥି..... ମୁଁ ତୁମ ପ୍ରତ୍ୟେକଙ୍କର ବିଶେଷ ଆବଶ୍ୟକତା ପୂରଣ କରୁଥିବା ଗୋଟିଏ ଗୋଟିଏ ଗୀତା ତୁମ ପ୍ରତ୍ୟେକଙ୍କୁ ଦେବି...... ମଣିଷ ପରମେଶ୍ୱରଙ୍କୁ ଆରାଧନା କରିବା ନିମନ୍ତେ ତାଙ୍କର ଯେତେ ସବୁ ରୂପ କଳ୍ପନା କରିଛି ସେ ସମସ୍ତ ମୋ ଭିତରେ ବିଦ୍ୟମାନ..... ମୋର ସ୍ୱତନ୍ତ୍ର ନାମ କିଛି ନାହିଁ, ସବୁ ନାମ ମୋର..... ତୁମେ ଯେ କୌଣସି ନାମରେ ମୋତେ ଡାକିଲେ ବି ମୁଁ ଉତ୍ତର ଦେବି...... ମୁଁ ପ୍ରତ୍ୟେକ ହୃଦୟର ଚାଳକ....... ମୋର ବୋଲି କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ନାହିଁ,

ସବୁ ସ୍ଥାନ ମୋର....... ମୋର କଥା କଦାପି ଅନ୍ୟଥା ହେବ ନାହିଁ.... ସବୁକିଛି ମୋରି ଲୀଳା; ମୋର ପ୍ରତ୍ୟେକ ଲୀଳା ତାତ୍ପର୍ଯ୍ୟପୂର୍ଣ୍ଣ..... ମୁଁ ମହାକାଳ ଓ ମହାକାଶର ଦ୍ରଷ୍ଟା...... ତୁମେ ନିଜକୁ ଭଲ ପାଇଲେ ମୋତେ ହିଁ ଭଲ ପାଅ । ତୁମେ ମୋତେ ନିନ୍ଦା କରି ବା ଅସ୍ୱୀକାର କରି ମୋଠାରୁ ପଳାଇ ଯାଇପାରିବ ନାହିଁ....... ମୁଁ ଆସିଛି ମଣିଷମାନଙ୍କର ମନକୁ ମନ୍ଥନ କରି ତାକୁ ନିର୍ମଳ କରିବାକୁ........ ମୁଁ ପରମାତ୍ମା, ତୁମେ ବି ପରମାତ୍ମା...... ।" ଇତିହାସର ପୃଷ୍ଠା ଖୋଜନ୍ତୁ—ଆପଣ ଆଉ ଜଣକୁ ମାତ୍ର ଭେଟିବେ କି ଯିଏ ଏପରି ମୁକ୍ତକଣ୍ଠରେ ଘୋଷଣା କରିଛି ସେ ଏ ସମସ୍ତ ଚରାଚର ବିଶ୍ୱରେ ପରିବ୍ୟାପ୍ତ ! ଆଉ କେହି କହିପାରିବ କି "ମୋ ଜୀବନ ହିଁ ମୋର ବାର୍ତ୍ତା" ? ପୁଣି ଏ ସମସ୍ତ ଘୋଷଣା କିଏ କରିପାରିଛି ବର୍ତ୍ତମାନର ଉନ୍ନତ ପ୍ରସ୍ତର ମାଧ୍ୟମକୁ ସାମନା କରି ? ତେଣୁ ଲୋକେ ଯେତେବେଳେ ବାବାଙ୍କ ପାଖରେ ରହୁଥିବା ଆମ୍ଭମାନଙ୍କର ସୌଭାଗ୍ୟକୁ ପ୍ରଶଂସା କରନ୍ତି, ସେମାନଙ୍କର ଶୁଭେଚ୍ଛାକୁ ଅକୁଣ୍ଠିତ ଭାବରେ ଗ୍ରହଣ କରିବାର ଅଧିକାର ଆମର ଅଛି । ସ୍ୱାମୀଙ୍କର ଏ ଦିବ୍ୟଶରୀର ବ୍ରହ୍ମସଂକଳ୍ପର ଫଳ, ତାଙ୍କର ଚେତନା ଏ ନିଖିଳ ବିଶ୍ୱକୁ ଆବୋରି ରଖିଛି । ଋଗ୍‌ବେଦର ପୁରୁଷସୂକ୍ତ ଅନୁସାରେ ଏ ନିଖିଳ ବିଶ୍ୱ ତାଙ୍କର ଶରୀର । ତାଙ୍କର ବାଣୀ ମହାଶକ୍ତି ଓ ମହାସତ୍ୟର ପ୍ରକାଶ ମାତ୍ର ।

ବାବାଙ୍କ ପାଖରେ ଏତେଦିନ ରହି ମୁଁ କ'ଣ ପାଇଛି ବୋଲି କେହି ପଚାରିଲେ ମୁଁ ମୋ ଛାତିରେ ହାତ ରଖି କହିବି, ଯାହା ସଂପୂର୍ଣ୍ଣ ଅସମ୍ଭବ ତାହା ସମ୍ଭବ ହୋଇପାରେ ବୋଲି ମାନିବା ଶିଖିଛି; ଯାହା ଏକାନ୍ତ ଆବଶ୍ୟକ ବୋଲି ଆଗ ମନେକରୁଥିଲି, ତାହା ଏକାନ୍ତ କ୍ଷତିକର ବୋଲି ବୁଝିଛି; ଯାହା ଦୀର୍ଘଦିନ ଧରି ମୋତେ ଅସହ୍ୟ ବୋଧ ହେଉଥିଲା, ତାହା ବିନା ଆପତ୍ତିରେ ଆପେ ଭୋଗିବା ଏବଂ ସମୟ ପ୍ରବାହର ପ୍ରଭାବଠାରୁ ନିଜକୁ ବଞ୍ଚାଇ ରଖିବା ଶିଖିଛି । ତାହାଦ୍ୱାରା ଆଜି ମୋର ଅଜ୍ଞାତରେ ମୁଁ ପଞ୍ଚାଅଶୀ ବର୍ଷ ବୟସ ସୀମା ମଧ୍ୟ ଅତିକ୍ରମ କରିପାରିଛି । ତାଙ୍କ ପ୍ରେମରେ ମୋର ବିଶ୍ୱାସ ମୋର ଲଘୁଭାବକୁ ଅଧିକ ଟାଣ କରିବା ସଙ୍ଗେ ସଙ୍ଗେ ମୋର ମନରେ ଶାନ୍ତି ମଧ୍ୟ ଆଣିଦେଇଛି । ମୁଁ ପାରିବାରିକ ସଂଘର୍ଷ, ଶାରୀରିକ ଦୁର୍ବିପାକ ଏବଂ ବୃତ୍ତିଗତ ବିପାକ କ'ଣ ଜାଣିନାହିଁ । ମୃତ୍ୟୁ, ବ୍ୟାଧି, ବନ୍ଧୁହାନି, ଛାଡ଼ପତ୍ର, ବ୍ୟଙ୍ଗ କିଛି ହେଲେ ବାବାଙ୍କ ଅନୁଗ୍ରହରୁ ମୋର ବିଶ୍ୱାସକୁ ଟହଲାଇ ପାରିନାହିଁ । ପାଖାପାଖି ୪୦ ବର୍ଷ ମଧ୍ୟରେ ମୁଁ ଦେଖିଛି ଅନେକ ସହଯାତ୍ରୀ ଏସବୁ ଝଡ଼ଝଞ୍ଜାକୁ ସମ୍ଭାଳି ନପାରି ଏ ବାଟରୁ ଆଡ଼େଇ ହୋଇଯାଇଛନ୍ତି । ଅବଶ୍ୟ ସେମାନେ ଏସବୁ ବିଘ୍ନକୁ ଅତିରଞ୍ଜିତ କରି ଅସାଧ୍ୟ ବୋଲି ବର୍ଣ୍ଣନା କରିଥାନ୍ତି ।

ଦୀର୍ଘଦିନର ଆଲର୍ଜି ଯୋଗୁ ଯେତେବେଳେ ବହୁଦିନ ଧରି ମୁଁ ଥଣ୍ଡା ଓ ଛିଙ୍କ ଭୋଗିଲି, ବାବା ତା ପାଇଁ ଔଷଧ ଦେଇଥିଲେ ବାହାଦୂର ଶାହ ନାମକ ଅତ୍ୟନ୍ତ ସୁସ୍ୱାଦୁ ମିଠା ! ପେଟରେ ଘା (ଅଲ୍‌ସର୍) ହେବାରୁ ଡାକ୍ତରମାନେ ଅପରେସନ୍ ପାଇଁ ପ୍ରସ୍ତୁତ ହେଲେ । ବାବା କହିଲେ, "ଡାକ୍ତରମାନେ ଏହାକୁ କଳାରୋଗ ବୋଲି କହନ୍ତି ନା ? ମୁଁ ତୋତେ ଏଥିପାଇଁ ଧଳା ଔଷଧ

ଦେବି.....।" ଶୂନ୍ୟରୁ ତାଙ୍କର ଦିବ୍ୟହସ୍ତ ତୋଳି ଆଣିଥିଲା ଗ୍ଭରିଟି ସିରା ଜୁଡୁବୁଡୁ ରସଗୋଲା ! ମୋ ହାତରେ ଏ ନୂଆ ଧଳାବଟିକା ଦେଇ ଆଦେଶ ଦେଲେ, ଖା- ସତେ ଯେମିତି ମୁଁ ଏହାକୁ ପାଟିରେ ପକାଇବାରେ ସାମାନ୍ୟ ବି ହେଳା କରିଥାନ୍ତି ! ତାପରେ ମୋ ଅଳସର୍ ତା ବାଟ ଦେଖିଲା, ମୁଁ ଶେଯରୁ ଉଠି ମୋ ବାଟ ଦେଖିଲି। ଆଉ ଥରେ କାମ୍ପାଲା (ପୂର୍ବ ଆଫ୍ରିକା)ରେ ଗୋଟିଏ ଗଡ଼ାଣି ରାସ୍ତାରେ ଗଡୁଥିବା ଗାଡ଼ି ଭିତରେ ମୁଁ କେତେ କଚଡ଼ା ଖାଇ ଲହୁଲୁହାଣ ହୋଇଗଲି, କାର୍‌ର କବାଟ ଭାଙ୍ଗି ମୋତେ ଉଦ୍ଧାର କରାଯାଇଥିଲା— ଫଳରେ ଦୀର୍ଘ ଦୁଇସପ୍ତାହ ସାଇମାତାଙ୍କର ଅତୁଳନୀୟ ପ୍ରେମ ଓ ଶୁଶ୍ରୂଷାର ସୌଭାଗ୍ୟ ମୁଁ ପାଇଥିଲି। ଜ୍ୱରରାଜ୍ୟରୁ ଜଣେ ଅଜ୍ଞାତ ମଲ୍ଲଯୋଦ୍ଧା ଆସି ମୋତେ ଥରେ ଡାକ୍ତରଖାନାରେ ଶଯ୍ୟାଶାୟୀ କରିଦେଇଥିଲା। ପ୍ରତିଦିନ ତିନିଟାରୁ ରାତି ଦଶ ପର୍ଯ୍ୟନ୍ତ ଏ ମଲ୍ଲଯୋଦ୍ଧା ମୋତେ ଆକ୍ରମଣ କରୁଥାଏ। ତିନିସପ୍ତାହ ପରେ ଡାକ୍ତରମାନେ ମୋର ଏ ନୂତନ ବନ୍ଧୁଟିକୁ ଚିହ୍ନି କହିଲେ ଏହା ଉଦର-ଯକ୍ଷ୍ମାର ଶେଷ ଅବସ୍ଥା ! ମୁଁ ଏ ବିଷୟରେ ଚିନ୍ତା କରି ଗୋଟାଏ ସିଦ୍ଧାନ୍ତରେ ପହଞ୍ଚିଲି। ବାବାଙ୍କୁ ପ୍ରାର୍ଥନା କଲି ମୋ ଉପରେ ସନାତନ ସାରଥିର ଯେଉଁ ଭାର ସେ ଲଦି ଦେଇଛନ୍ତି ତାହା ଆଉ କାହାକୁ ଦିଅନ୍ତୁ, କାରଣ ମୋ ଗାଡ଼ି ଶେଷ ଷ୍ଟେସନରେ ପହଞ୍ଚିବାକୁ ସଜ ହେଲାଣି। ବାବା ଖବର ପଠାଇଲେ ମୋ ଦାୟିତ୍ୱ ଅନିର୍ଦ୍ଦିଷ୍ଟ କାଳଯାଏ ବଢ଼ାଇ ଦିଆଗଲା। ମୋର ମାଣକ ପୂରିଲା ନାହିଁ। ମଲ୍ଲଯୋଦ୍ଧା ହାରି ବିଦାୟ ନେଲା। କିଛିଦିନ ନୂଆ ଗ୍ଭଲିବା ଶିଖୁଥିବା ଶିଶୁ ପରି ଥରଥର ପାହୁଣ୍ଡ କାଢିବା ପରେ ଯେତେବେଳେ ଦମ୍ଭିଲା ହୋଇ ଠିଆ ହେଲି, ଶ୍ରୀଛାମୁରୁ ଡକରା ମିଳିଲା। ଯାଇ ହାଜର ହେଲି। ବାବା କହିଲେ ଆଉ କିଛିଦିନ ତାଙ୍କ ସହିତ ରହିବା ପାଇଁ ମୋତେ ବୋନସ୍ ଜୀବନ(ଅଧିକା ପୁରସ୍କାର) ମିଳିଛି। ସେ ଅଭିଯୋଗ କଲେ ଯେ ଅଗ୍ନିଦେବତା ମୋତେ ଝାମ୍ପି ନେବାପାଇଁ ବସିଥିଲାବେଳେ ମୁଁ ତାଙ୍କୁ ଠକି ପଳାଇ ଆସିଛି।

ଭଗବାନ ଭଗବଦ୍ ଗୀତାରେ (ଅ: ୯, ଶ୍ଳୋକ: ୧୮) ଘୋଷଣା କରିଛନ୍ତି ମଣିଷ ରୂପରେ ଆସି ମଣିଷମାନଙ୍କ ଆଗରେ ସେ କି ରୂପରେ ଠିଆ ହୁଅନ୍ତି। ବାବା ସେହି ଘୋଷଣାର ପରିପୂର୍ଣ୍ଣ ପ୍ରମାଣ। ଗୀତାର ଘୋଷଣା - " ମୁଁ ଏ ଜଗତର ଗତି, ପିତା-ମାତା, ଭର୍ତ୍ତା, ପ୍ରଭୁ, ସାକ୍ଷୀ, ସଖା। ମୋର ଦୃଷ୍ଟି ସର୍ବବ୍ୟାପୀ। ମୁଁ ସଭିଙ୍କର ଆଶ୍ରୟ, ରକ୍ଷକ, ଲୟସ୍ଥାନ, ଅବିନାଶୀ, ନିତ୍ୟ ହିତକାରୀ ବନ୍ଧୁ ।" ବାବା ଆଜି ଆମ ଆଗରେ ଏ ସମସ୍ତ ରୂପରେ ବିଦ୍ୟମାନ। ତାଙ୍କ ସହ ଆଉ କିଏ ବା ସମାନ ହେବ !

ତାଙ୍କର ଏହି ଅଫୁରନ୍ତ ପ୍ରେମ ସମସ୍ତଙ୍କୁ ବୁଡ଼ାଇ ବହି ଗ୍ଭଲିଛି। ବାବା କାହାରିକୁ ପାପୀ ବୋଲି କହନ୍ତି ନାହିଁ—ଏପରି କି ଆମର ପ୍ରଥମ ପିତା-ମାତାଙ୍କୁ ବି। କଥାରେ ଅଛି ଘୁଷୁରି ଆଗରେ ମୁକ୍ତା ଫିଙ୍ଗନାହିଁ। ମାତ୍ର ବାବାଙ୍କ ଆଖିରେ କେହି ଘୁଷୁରି ନୁହନ୍ତି। ସେ କହନ୍ତି ମୁକ୍ତାରେ ଅଧିକାର ସମସ୍ତଙ୍କର। ଏମିତି କେହି ଲୋକ ନାହିଁ ଯିଏ ଭଗବଦ୍-ମୁକ୍ତାଦ୍ୱାରା ଉପକୃତ

ନ ହେବ। ସବୁଠୁ ଅଧିକ କଠୋରହୃଦୟ ମଣିଷ ମଧ୍ୟ କାହାକୁ ହେଲେ ଭଲ ପାଏ। ସେଇ ପ୍ରେମ ଜଣାଇଦିଏ ଯେ ପ୍ରତ୍ୟେକ ମଣିଷ ମଧ୍ୟରେ ରହିଛି ଜଣେ ସାଧୁ ଓ ମହାତ୍ମା ହେବାର ମୌଳିକ ସାମର୍ଥ୍ୟ। ମଣିଷ ଅତି ନିମ୍ନସ୍ତରକୁ ଖସିଯିବାର କାରଣ ସେ ନିଜ ଆଗରେ ଉପରକୁ ମୁଣ୍ଡ ଟେକି ଚାଲୁଥିବା କାହାରିକୁ ଦେଖେ ନାହିଁ, କିମ୍ବା ଆପେ ଉନ୍ନତ ହେବାକୁ ଚାହିଁଲେ ବି କାହାଠାରୁ ପଦେ ଉତ୍ସାହର କଥା ଶୁଣେ ନାହିଁ। ଜଣେ କବିଙ୍କ ଭାଷାରେ, "ଆମକୁ ଉଠିବା ପାଇଁ ଆହ୍ୱାନ ନ ମିଳିଲେ ଆମେ ଜାଣିପାରୁନା କେତେ ତଳକୁ ଆମେ ଖସିଯାଇଛୁ। ଯଦି ଉନ୍ନତ ଆଦର୍ଶକୁ ଆମେ ଠିକ୍ ଭାବରେ ଅନୁସରଣ କରିପାରୁ, ତେବେ ମାଟିରେ ଗଡୁଥିବା ମୁଣ୍ଡ ଆକାଶ ଛୁଇଁପାରେ।" ବାବା କେବଳ ଉପରକୁ ଉଠିବା ପାଇଁ ଆମକୁ ଆହ୍ୱାନ ଦେଇ ନାହାନ୍ତି, ସେ ଆମକୁ ଆପଣା ହାତରେ ଉପରକୁ ଉଠାନ୍ତି ଆମ ମୁଣ୍ଡ ଆକାଶ ଛୁଇଁବା ଯାଏ, ପାଦ ମାଟିରେ ଦୃଢ଼ ହେବାଯାଏ, ଆଉ ଦୁଇ ହାତ ହୃଦୟଭରା ପ୍ରେମକୁ ସେବାକର୍ମରେ ଲଗାଇବାଯାଏ।

ସୌଭାଗ୍ୟ ମୋତେ କେବେହେଲେ ଛାଡିଯାଇ ନାହିଁ। ଆମର ପୁରାତନ ନୀତିଦ୍ରଷ୍ଟା ମନୁ କହିଛନ୍ତି ପଚାଶ ପୂରିଲାପରେ ମଣିଷ ସକ୍ରିୟ କ୍ରିୟାକଳାପ ଓ ସଂସାରର ଭାରରୁ ଅବସର ନେଇ ନୀରବ ସାଧନାରେ ଜୀବନର ବାକି ସମୟତକ କଟାଇବା ଦରକାର। କାରଣ ସେତେବେଳେ ଜୀବନ ଯୁଦ୍ଧରେ ସେ ଆଉ ଠିକ୍ ଭାବରେ ଲଢ଼ି ପାରେନା। ମନୁ କହନ୍ତି, "ଆତ୍ମାର ବାଣୀ ଶୁଣି ସେତେବେଳେ ମଣିଷ ଜୀବନର ଲକ୍ଷ୍ୟ ପାଇବା ବାଟରେ ଚାଲିବାକୁ ସଜ ହେବା ଦରକାର, ଯେଉଁଠାରେ ସମୟ ସ୍ତବ୍ଧ ଓ ନିସ୍ପନ୍ଦ।" ପଚାଶ ବର୍ଷ ବୟସରେ ମୁଁ ମୋ ମୁଣ୍ଡର ବୋଝ ଶ୍ରୀପଦରାଜୀବରେ ଅଜାଡି ଦେଇ ପ୍ରଶାନ୍ତିନିଳୟମ୍‌ର ପ୍ରଶାନ୍ତି ଆଘ୍ରାଣ କରିବା ଆରମ୍ଭ କରିଥିଲି। ମୋ ଚାକିରୀ ଜୀବନ ଆରମ୍ଭ ହୋଇଥିଲା ମହୀଶୂରରେ ସ୍କୁଲମାଷ୍ଟ୍ର ଭାବରେ ମାସକୁ ଶହେ ଟଙ୍କା ବେତନରେ। ୧୯୨୧ରୁ ବତିଶ ବର୍ଷ ପରେ ୧୯୫୩ରେ ଚାକିରୀରୁ ଅବସର ନେଇ ଯେତେବେଳେ ପ୍ରଶାନ୍ତିନିଳୟମ୍‌ରେ ଡେଣାକୁ ଜାକି ଆସି ବସିଲି, ମୋର ମାସିକ ପେନ୍‌ସନ୍ ଥିଲା ଶହେ ଅଶୀ ଟଙ୍କା ଚଉଦ ଅଣା, ଯାହାର ପ୍ରକୃତ ମୂଲ୍ୟ ଥିଲା ସତୁରୀ ଟଙ୍କା । ବାବା କହନ୍ତି ବୁଟ୍‌ଯୋତା ପାଦକୁ ଠିକ୍ ହେବା ଦରକାର, ଖୁବ୍ ବଡ଼ ହେଲେ ଚଳିବ ନାହିଁ, କିମ୍ବା ଖୁବ୍ ଛୋଟ ହେଲେ ଚଳିବ ନାହିଁ। ମହୀଶୂର ସରକାର ଓ ପରେ କର୍ଣ୍ଣାଟକ ସରକାର ମଝିରେ ମଝିରେ ବର୍ଦ୍ଧିତ ମହଙ୍ଗା ଭତ୍ତା ସହ ମୋତେ ଆଜିଯାଏ ଯେଉଁ ପେନ୍‌ସନ୍ ଦେଇ ଆସୁଛନ୍ତି, ତାହା ମୋର ଚଳିବା ପାଇଁ ଯଥେଷ୍ଟ ହୋଇଆସିଛି—ଅଧିକା ନୁହେଁ, କିମ୍ବା କମ୍ ନୁହେଁ।

କୃଷ୍ଣଙ୍କର ଜଣେ ବାଲ୍ୟସଖା ସୁଦାମା ଯେତେବେଳେ ବଡ଼ ହୋଇ ଘରଦ୍ୱାର କଲେ ଲୋକେ ତାଙ୍କ ଦରିଦ୍ରତା ଦେଖି ତାଙ୍କୁ 'କୁଚେଲ' ବା ଛିଣ୍ଡାଲୁଗା ପିନ୍ଧା ବ୍ରାହ୍ମଣ ବୋଲି ଡାକିଲେ।

ସେ ବିଚାରିଲେ କୃଷ୍ଣଙ୍କ ପାଖକୁ ଯିବେ ସାହାଯ୍ୟ ପାଇଁ। କୃଷ୍ଣ ତାଙ୍କୁ ଦେଖି ପରମାନନ୍ଦରେ ଆଲିଙ୍ଗନ କରି ଉଆସ ଭିତରକୁ ଘେନିଗଲେ ଆଉ ରାଜସିଂହାସନରେ ବସାଇଲେ। ଗୁରୁ ସନ୍ଦିପନୀଙ୍କ ଆଶ୍ରମରେ ସୁଦାମାଙ୍କ ସହିତ ଶିଷ୍ୟ ଭାବରେ କଟାଇଥିବା ଦିନଗୁଡିକ ମନେପକାଇ ସେ ସୁଦାମାଙ୍କୁ ରାଜା ଭଳି ଚର୍ଚ୍ଚା କଲେ। ସୁଦାମା ଲୁଗାକାନିରେ ବାନ୍ଧି ଆଣିଥିବା ଚୂଡ଼ାଭଜାକୁ ଅମୃତ ମନେକରି ଖାଇଲେ ଓ ଶେଷରେ ତାଙ୍କୁ ବିଦାୟ ଦେଲେ। ସୁଦାମା କୃଷ୍ଣଙ୍କର ପବିତ୍ର ଉଆସ ଆଡକୁ ଶେଷଥର ପାଇଁ ଅନାଇ ମନେ ମନେ ଭାବିଲେ, "ଆଃ, ମହାପ୍ରଭୁଙ୍କର ଦୟା ଓ କରୁଣାର ସୀମା ନାହିଁ। ସେ ମୋର ବହୁ ପୁରାତନ ଓ ବହୁ ପ୍ରିୟ ବନ୍ଧୁ ହେଲେ ମଧ୍ୟ ମୋତେ ସେମିତି ଦରିଦ୍ରଭାବରେ ହିଁ ଫେରାଇ ଦେଇଛନ୍ତି, କାରଣ ସେ ଜାଣନ୍ତି ମୋତେ ଧନ ଦେଲେ ମୁଁ ସଂସାରର କାଦୁଅରେ ପୁଣି ଲାଖିଯିବି, ଭୋଗ ବିଳାସରେ ମତ୍ତ ହୋଇ ତାଙ୍କୁ ଭୁଲିଯିବି।"

ଭଗବାନଙ୍କର ପ୍ରେମ ହିଁ ମୋତେ ବଞ୍ଚାଇ ରଖିଛି। ଏହା ମୁଁ ପାଇଛି କେବଳ ତାଙ୍କ ଆଗରେ ଆସି ୧୯୪୮ରେ ହାଜର ହେବା ପରଠାରୁ ନୁହେଁ, ତାହା ମୋତେ ଘଣ୍ଟ ଘୋଡାଇ ରଖିଚି ଅନ୍ତତଃ ମୁଁ ଏଥର ଜନ୍ମହେବା ଦିନଠାରୁ। ଥରେ ମୋତେ ବାବା କହିଥିଲେ ଏଥର କେରଳ ରାଜ୍ୟରେ ମୁଁ ଜନ୍ମ ନେବା ଆଗରୁ ବି ସେ ମୋତେ ଜାଣିଛନ୍ତି। ନିଉୟର୍କ ସିନେମା ଜଗତର ଆର୍ନୋଲ୍ଡ଼ ସୁଲ୍‌ମାନଙ୍କୁ ବାବା କହିଥିଲେ, "କେତେ ଲୋକ ଭାବୁଛନ୍ତି ମଣିଷ ଶରୀର ଘେନି ଭଗବାନ ସଂସାରକୁ ଆସିବା ଗୋଟାଏ ଭାରି ବଢ଼ିଆ କଥା! ମାତ୍ର ତୁମେ ଯଦି ମୋ ସ୍ଥାନରେ ଥାଆନ୍ତ ତେବେ ବୁଝିପାରନ୍ତ ଯେ ଏହା ସେମିତି ବଢିଆ କଥାଟିଏ ନୁହଁ। ପ୍ରତ୍ୟେକ ଲୋକର ଅତୀତ ଜୀବନରେ କ'ଣ କ'ଣ ଘଟିଥିଲା ତାହା ମୋତେ ଜଣା, ବର୍ତ୍ତମାନ କ'ଣ ଘଟୁଛି ତାହା ମଧ୍ୟ ମୁଁ ଜାଣିଛି, ଭବିଷ୍ୟତରେ ତା ଜୀବନରେ କ'ଣ ଘଟିବ ତାହା ବି ମୋର ଅଗୋଚର ନୁହେଁ। କିଏ ଏ ଜୀବନରେ କାହିଁକି କଷ୍ଟ ପାଏ ତାହା ମୁଁ ଜାଣିଛି; ଆଉ ଭବିଷ୍ୟତ ଜୀବନ ବର୍ତ୍ତମାନର ଦୁଃଖ ଭୋଗ ଯୋଗୁଁ କି ରୂପ ନେବ ତାହା ମଧ୍ୟ ମୋତେ ଜଣା।" ମୁଁ ଠିକ୍ ଜାଣିଛି ସ୍କୁଲରେ ପଢୁଥିଲା ବେଳେ ମୁଁ ଯେତେବେଳେ ଅନ୍ନଛତ୍ରରେ ପତର ପକାଉଥିଲି, ସେ ମୋ ସାଙ୍ଗରେ ଥିଲେ, ଜେଜେବାପା ଓ ଅଜା ମିଶି ଯେତେବେଳେ ମୋ ହାତରେ ଗଣ୍ଠି ପକାଇବାର ଯୋଜନା କଲେ ସେତେବେଳେ ସେ ମୋ ସାଙ୍ଗରେ ଥିଲେ, ମୋର ଡଙ୍ଗା ଯେତେବେଳେ ରାତିରେ ନଈରେ ଭାସି ଭାସି ମହୀଶୂର ଆଡେ ଯାଉଥିଲା ସେତେବେଳେ ବି ସେ ମୋତେ ଦୁଇହାତ ବଢ଼ାଇ କୋଳକୁ ଟେକି ନେବାପାଇଁ ଅପେକ୍ଷା କରି ବସିଥିଲେ। ମୋର ଷୋଳବର୍ଷ ବୟସର ପୁଅ ଟାଇଫଏଡ୍‌ରେ ଆଖି ବୁଜିଲା ବେଳେ ସେ ମୋର ଆହତ ପ୍ରାଣରେ ସାନ୍ତ୍ୱନା ବୋଳିଦେଇଥିଲେ। ମୋର ଗୋଟିଏ ମାତ୍ର ଝିଅର ବାହାଘର ବେଳେ ସେ ହିଁ ମୋର ସାଥୀ ଓ ସାରଥି ଭାବରେ ମୋ ଆଗରେ ଠିଆ ହୋଇଥିଲେ। ମୋର ବଞ୍ଚିଥିବା ପୁଅଟି କାନାଡାରେ ସେ ଦେଶର ଭୂତତ୍ତ୍ୱ ବିଭାଗରେ ଚାକିରୀ କରୁଥିଲାବେଳେ ଯେତେବେଳେ ମୋତେ

ଲେଖିଲା ସେ ସେଇ ଦେଶରେ ହିଁ ଅଧ୍ୟୟନ ଓ ଗବେଷଣା ପାଇଁ ରହିଯିବାକୁ ଚାହୁଁଛି, ବାବା ଆପେ କେବଳ ତା ପାଖକୁ ଚିଠି ଲେଖି ନଥିଲେ, ସେ ଦେଶରେ ରହିବାର ବାସନା ତେଜି ଭାରତଭୂମିକୁ ଫେରି ଆସିବା ନିମନ୍ତେ ତାକୁ ପ୍ରବର୍ତ୍ତାଇ ତାର ସଙ୍କଳ୍ପ ଭାଙ୍ଗି ଦେଇଥିଲେ।

ପରେ ପୁଅଠାରୁ ମୁଁ ଶୁଣିଲି ଯେ ବାବା ତାକୁ ଲେଖିଥିବା ଚିଠିରେ ତାକୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ କାନାଡ଼ାରେ ଯେଉଁ ସୁନାମ ଓ ଅର୍ଥ ଉପାର୍ଜନ କରିବ ସେ ସବୁ ତାକୁ ଭାରତରେ ମଧ୍ୟ ମିଳିବାର ବ୍ୟବସ୍ଥା ସେ କରିଦେବେ। ବାବା ତାକୁ ତାର ପିତାମାତା ଓ ମାତୃଭୂମି ପ୍ରତି ଥିବା କର୍ତ୍ତବ୍ୟ ସ୍ମରଣ କରାଇ ଦେଇ ଲେଖିଥିଲେ ଯେ କୌଣସି ଲୋକ ଭାରତରେ ବା ଅନ୍ୟ କୌଣସି ଦେଶରେ ଆକସ୍ମିକ ଭାବରେ ଜନ୍ମ ହୁଏନା। ପ୍ରତ୍ୟେକ ଲୋକ ତାର ପ୍ରତିଭା ଓ ପରିଶ୍ରମ ନିଜର ମାତୃଭୂମି ଓ ଆପଣା ଦେଶର ଲୋକଙ୍କର ମଙ୍ଗଳ ସାଧନ କରିବାରେ ପ୍ରୟୋଗ କରି ଏ ଜନ୍ମର ଋଣ ପରିଶୋଧ କରିବା ଦରକାର। ଜୀବନର ପରବର୍ତ୍ତୀ ଅବସ୍ଥାରେ ମୋ ପୁଅ ଓ ଝିଅ ଉଭୟେ ଯେତେବେଳେ ଘୋର ଝଡ଼ଝଞ୍ଜାର ସମ୍ମୁଖୀନ ହୋଇଥିଲେ, ଯାହା ସେମାନଙ୍କର ବିଶ୍ୱାସକୁ ଭାଙ୍ଗି ଚୂର୍ଣ୍ଣ କରିଦେଇଥାନ୍ତା, ସେତେବେଳେ ବାବା ଏକ ସବଳ ଖୁଣ୍ଟ ଭାବରେ ସେମାନଙ୍କ ଆଗରେ ଠିଆ ହୋଇଥିଲେ। ସେମାନେ ତାଙ୍କୁ ହିଁ ଜାବୁଡ଼ି ଧରି ଉଦ୍ଧାର ପାଇପାଇଥିଲେ। ଭୂତତ୍ତ୍ୱ ବିଭାଗର ସର୍ଭେ କାମରେ ଥିଲାବେଳେ ଗୋଟିଏ ଭାଲୁ ହାବୁଡ଼ରେ ପଡିଥିବା ମୋ ପୁଅକୁ ବାବା ରକ୍ଷା କରିଥିଲେ। ଆଉଥରେ ଗୋଟିଏ ଦୁର୍ଘଟଣାରେ ପଡି ଏକ ଜନମାନବଶୂନ୍ୟ ଅଞ୍ଚଳରେ ଭୂତତ୍ତ୍ୱ ବିଭାଗର ତମ୍ବୁରେ ଶଯ୍ୟାଶାୟୀ ହୋଇପଡିଥିଲାବେଳେ ବାବା ତା ପାଖକୁ ଗୋଟିଏ ଟ୍ରକ୍ ପଠାଇ ଦେଇଥିଲେ ୪୦ ମାଇଲ୍ ଦୂରରେ ଥିବା ହସ୍‌ପିଟାଲ ଯିବା ପାଇଁ। ପରେ ଯେତେବେଳେ ସେ ପ୍ରଶାନ୍ତିନିଲୟମ୍ ଆସିଥିଲା, ବାବା ତାକୁ କହିଲେ, "ମୁଁ ତୋର ଫୋନ୍‌କଲ ପାଇଥିଲି, ଆଉ ତୋ ପାଖକୁ ଟ୍ରକ୍‌ଟିଏ ପଠାଇ ଦେଇଥିଲି।"

ମନ୍ଦିରର ପୂଜକ ଶ୍ରୀ କୃଷ୍ଣାପ୍‌ପାଙ୍କୁ ବାବା କହିଥିଲେ, " ଶୁଣ, ମୋର ହଜାର ହଜାର ଝିଅ ଓ ଜୋଇଁ ଅଛନ୍ତି। ସେ ସମସ୍ତଙ୍କର ଚଳାଚଳ, ସେମାନଙ୍କର ଦୁଶ୍ଚିନ୍ତା ଓ ସମସ୍ୟାସବୁ ମୋତେ ଜଣା।" ବାବା ମୋ ଝିଅ ଓ ତାର ପିଲାଙ୍କୁ ବହୁତ ଅନୁଗ୍ରହ କରିଛନ୍ତି। ଆମ ପରିବାରର ମୁଖ୍ୟ ହିସାବରେ ସେ ମୋ ଝିଅର ପିଲାଙ୍କୁ ଗାୟତ୍ରୀ ମନ୍ତ୍ର ଦେଇଛନ୍ତି। ଯେଉଁଦିନ ବାବା ମୋ ପୁଅର ବଡ଼ପୁଅକୁ ଗାୟତ୍ରୀ ଦୀକ୍ଷା ଦେଲେ, ମୋ ବୋଉ ବାବାଙ୍କଠାରେ କୃତଜ୍ଞତା ପ୍ରକାଶ କରିଥିଲା ତା ପୁଅର ନାତି ପଇତା ପକାଇବା ଯାଏ ତାକୁ ସେ ବଞ୍ଚାଇ ରଖିଛନ୍ତି ବୋଲି। ବାବା ମୋ ନାତିର ପୁଅକୁ ବି ପ୍ରଣବ ଲେଖିଦେଇ ଅକ୍ଷରାଭ୍ୟାସ କରାଇଥିଲେ।

ଯେ କୌଣସି ଅବସ୍ଥାରେ ଥିଲେ ବି ମୋର ୫୦ ବର୍ଷ ପରେ ମୋ ଏକମାତ୍ର ଚିନ୍ତା ଥିଲା ବାବାଙ୍କୁ କିପରି ପ୍ରୀତ କରିବା, ଏବଂ ବାବା କ'ଣ କରିବାକୁ ମୋତେ ନିର୍ଦ୍ଦେଶ ଦେବେ

ଅନୁମାନ କରି ତାହା କରିବା । ବାବା ଯେତେବେଳେ ମୋର ସମସ୍ୟାର ପ୍ରତ୍ୟକ୍ଷ ସମାଧାନ କରିବାକୁ ପାଖରେ ନଥାନ୍ତି ମୁଁ ଏହା କରିଥାଏ । ତାଙ୍କ ଭକ୍ତମାନଙ୍କ ଜୀବନର ଉତ୍‌ଥାନ ପତନରେ ବାବା ନିଜକୁ ଯେପରି ସଂପୃକ୍ତ କରିଥାନ୍ତି ତାହା ଅତ୍ୟନ୍ତ ଗଭୀର ଓ ଆନନ୍ଦଦାୟକ । ଅବଶ୍ୟ ଯେଉଁମାନେ ତାଙ୍କୁ ନିଜ ନିଜ ଜୀବନର ସର୍ବସ୍ୱ ବୋଲି ଗ୍ରହଣ କରିଥାନ୍ତି, ଉତ୍‌ଥାନ-ପତନକୁ ସମାହିତ, ଶାନ୍ତ ଭାବରେ ଗ୍ରହଣ କରିବାକୁ ବାବା ସେମାନଙ୍କୁ ବଳ ଦେଇଥାନ୍ତି । ମୋ ପୁଅର ସାନପୁଅ ବସନ୍ତ ଯେତେବେଳେ ଗୌହାଟୀ ବିଶ୍ୱବିଦ୍ୟାଳୟରେ ସାମୁଦ୍ରିକ ପ୍ରାଣୀବିଜ୍ଞାନ (Marine Biology) ରେ ଏମ୍.ଏସ୍‌ସି. ପଢ଼ିବାକୁ ଠିକ୍ କଲା, ବାବା ତା ମନରେ ଥାଇ ତାକୁ ପଚ୍ଚରିଲେ, କି ବିଷୟରେ ଏମ୍.ଏସ୍‌ସି. ପଢ଼ିବୁ ? ସେ ଯେତେବେଳେ ଉତ୍ତର ଦେଲା ସାମୁଦ୍ରିକ ପ୍ରାଣୀବିଜ୍ଞାନ, ବାବା ତାକୁ ବାରଣ କରି କହିଲେ, "ନା, କୀଟତତ୍ତ୍ୱ ବିଜ୍ଞାନ (Entomology)ନେ ।" ବସନ୍ତ ଅଡୁଆରେ ପଡିଗଲା । ବାବା ଇଚ୍ଛା କରି ଅନୁଗ୍ରହ ପ୍ରଦାନ କରିବାକୁ ସ୍ୱପ୍ନରେ ଆସନ୍ତି । ତେଣୁ ସେ ମୋତେ ଲେଖିଲା ବାବାଙ୍କୁ ପଚ୍ଚରିବାକୁ ସେ କ'ଣ କରିବ । ବାବାଙ୍କୁ ତା ଚିଠି ବିଷୟରେ ଯେତେବେଳେ କହିଲି ବାବା ଉତ୍ତର ଦେଲେ, "ହଁ, ତାର ସିନା ମନେ ନାହିଁ, ମୁଁ ମନେରଖିଛି । ତାକୁ ଲେଖିଦେ କୀଟତତ୍ତ୍ୱ ପଢ଼ିଲେ ଭଲ ହେବ ।" ଏ ବିଷୟର ଉତ୍କର୍ଷ ସମ୍ପର୍କରେ କେତୋଟି ଟାଣୁଆ ଯୁକ୍ତି ମଧ୍ୟ ମୋତେ ଡାକିଦେଲେ ।

ବସନ୍ତର ବଡ଼ଭାଇ ସୁଧାକର ସାନଫ୍ରାନ୍‌ସିସ୍କୋରେ ୧୮ ବର୍ଷ କଟାଇସାରିବା ପରେ ଯେତେବେଳେ ତାର ପତ୍ନୀ ଓ ଦୁଇଟି ପିଲା ସହ ଭାରତକୁ ଆସି କର୍ଣ୍ଣାଟକର ଗୋଟିଏ ଗ୍ରାମରେ ଲୋକସେବା ନିମନ୍ତେ ତାର ବିଦ୍ୟା ଓ ଅଭିଜ୍ଞତାକୁ ଖଟାଇବାକୁ ଠିକ୍ କଲା, ବାବା ଭାରି ଖୁସି ହୋଇଥିଲେ ଯେ ସେ ତାର ବାପାକୁ ଦେଇଥିବା ଉପଦେଶ ପୁଅ ମଧ୍ୟ ମାନୁଛି ।

ବାବାଙ୍କ ଅନୁଗ୍ରହରେ ମୋ ଝିଅର ପୁଅ ରମେଶ ବେଦ ଅଧ୍ୟୟନ କରି ତାଙ୍କ ବିଶେଷ କୃପା ଫଳରେ କିଶୋର ବୟସରେ ବି ଦଶହରା ବେଳେ ବୁଢ଼ା ବୁଢ଼ା ପଣ୍ଡିତଙ୍କ ସହ ତାଳ ଦେଇ ନିର୍ଭୁଲ ଭାବରେ ସାରା ଯଜୁର୍ବେଦ ବୋଲିପାରୁଥିଲା । ବେଦ ପାଠଶାଳାରେ ପାଠ ପଢୁଥିଲାବେଳେ ବାବା ତା ଆଖିର ଗୋଟାଏ ଜନ୍ମଗତ ରୋଗକୁ ଭଲ କରି ଦେଇଥିଲେ । ନହେଲେ ସେ ପରବର୍ତ୍ତୀ କାଳରେ ସଂପୂର୍ଣ୍ଣ ଅନ୍ଧ ହୋଇଯାଇଥାନ୍ତା । ଏସବୁ ଆମ ପ୍ରତି ତାଙ୍କର ଅପରିସୀମ ପ୍ରେମର ନିଦର୍ଶନ । ମୁଁ ବା ଅନ୍ୟମାନେ ଯେ ଆମର ବିନୟ, ଭକ୍ତି କିମ୍ବା ସାଧୁତା ଦ୍ୱାରା ଭଗବାନଙ୍କର ଏହି ଅକୁଣ୍ଠ ପ୍ରେମ ପାଇବାର ଯୋଗ୍ୟତା ଅର୍ଜନ କରିଥିଲୁ ଏହା ନୁହେଁ, ଏସବୁ ଥିଲା ତାଙ୍କର ଅହେତୁକୀ କୃପାର ଚିହ୍ନ ।

ବାବା ଯୋଗ୍ୟତା ବସି ମାପନ୍ତି ନାହିଁ । ଶୁଖିଲା ଭୂଇଁ ଉପର ତାତିଲା ବାୟୁ ଉପରକୁ ଉଠେ, ଆଉ ସେଠାରେ ଯେଉଁ ଶୂନ୍ୟତା ସୃଷ୍ଟି ହୁଏ ତାହା ମେଘ ଓ ପବନ ଆକର୍ଷଣ କରି ବର୍ଷା ଆଣେ । ସନାତନ ସାରଥିର ସଂପାଦକ ଭାବରେ ଭଗବାନଙ୍କ କରୁଣାର ଆନନ୍ଦ-ଉଲ୍ଲାସଭରା ବହୁ କାହାଣୀ ମୋ ପାଖକୁ ଆସେ । ଏସବୁ ଚିଠିଗୁଡ଼ିକର

ଲେଖକମାନଙ୍କ ମଧ୍ୟରେ ଥିଲେ ଆଫ୍ରିକା ରାଜ୍ୟଗୁଡିକର ରାଷ୍ଟ୍ରଦୂତମାନେ, କାଲିଫର୍ଣ୍ଣିଆ ଉପକୂଳର କେଉଟମାନେ, ଆଇସ୍‌ଲାଣ୍ଡର ପ୍ରଫେସରମାନେ, ଆମେରିକାର ବ୍ୟାୟାମ ବିଶାରଦ, ହାୱାଇର ଆର୍କିଟେକ୍‌ଟ୍ (ନିର୍ମାଣକଳା ବିଶେଷଜ୍ଞ), ଭାଙ୍କୋଭରର ଡାକ୍ତର, ଟରଣ୍ଟୋର ଭୂ-ପଦାର୍ଥବିତ୍, UNO,UNESCO ଏବଂ WHO (ଜାତିସଙ୍ଘର ବିଭିନ୍ନ ବିଭାଗ)ରେ କାମ କରୁଥିବା ପ୍ରଶାସକ, ଶିକ୍ଷକ ଏବଂ ଡାକ୍ତର, ସ୍କାଣ୍ଡିନେଭିଆର ସାମୁଦ୍ରିକ ଇଂଜିନିୟର ଏବଂ ହୀରା ବ୍ୟବସାୟୀ, ଟାସ୍‌ମାନିଆର ସାମ୍ବାଦିକ, ନିଉଜିଲାଣ୍ଡର ପୁସ୍ତକ ବିକ୍ରେତା, ଫିଜି ଦ୍ୱୀପପୁଞ୍ଜର ଚାଷୀ, ଥାଇଲାଣ୍ଡର ଜଳସେଚନ ଅଫିସର ଇତ୍ୟାଦି । ନିରାଶାର ମରୁଭୂମିରେ, ରୁଗ୍‌ଣ ଅବିଶ୍ୱାସର କଣ୍ଟକିତ ଭୂଖଣ୍ଡରେ, ଆଶାର ସବୁଜ ପ୍ରାନ୍ତରରେ, ପାଣ୍ଡିତ୍ୟର ସୁ-ଉଚ୍ଚ ଉପତ୍ୟକାରେ, ଧର୍ମାନ୍ଧତାର ନିର୍ଜ୍ଜନ ଦ୍ୱୀପରେ, ଅଭୀପ୍‌ସାର ଅନ୍ତରୀପରେ ଏବଂ ଦୈବାନୁଭୂତିର ନଭଚ୍ଚୁମ୍ବୀ ଶିଖରରେ ସେମାନେ ସମସ୍ତେ ଶୁଣିଛନ୍ତି ବାବାଙ୍କର ସ୍ନେହମୟ ଆଶ୍ୱାସନାର ବାଣୀ । ବାବାଙ୍କର ପ୍ରେମ ସାନ୍ତ୍ୱନା ଦିଏ ଅଶାନ୍ତ ହୃଦୟକୁ, ବିଶୁଦ୍ଧ କରେ ଅଶୁଦ୍ଧ ଚିତ୍ତକୁ, ଅପୂର୍ଣ୍ଣକୁ ପୂର୍ଣ୍ଣ କରେ ଓ ଅହଙ୍କାରୀକୁ ବିନୟ ଶିଖାଏ; ରୋଗୀକୁ ଆରୋଗ୍ୟ କରେ, ଅସନ୍ତୁଷ୍ଟ ପ୍ରାଣରେ ସନ୍ତୋଷ ଭରିଦିଏ । ଏ ପ୍ରେମ ସମସ୍ତଙ୍କୁ ଆପଣାର କରେ ।

ମୋର ପିତାମାତା ମୋତେ ଭାଇ କିମ୍ବା ଭଉଣୀର ବୋଝ ଦେଇ ନ ଥିଲେ । ତେଣୁ ମନସ୍ତତ୍ତ୍ୱ ବିଦ୍ୟାର ପାଠ୍ୟପୁସ୍ତକ ଭାଷାରେ ମୁଁ ଥିଲି ଗୋଟିଏ ନିଃସଙ୍ଗ ଶିଶୁ । ମାତ୍ର ବାବା ମୋତେ ପୃଥିବୀସାରା ଘେରିଆଡ଼େ ଅସଂଖ୍ୟ ଭାଇ-ଭଉଣୀ ଯୋଗାଇ ଦେଇଛନ୍ତି । ବାବା ବେଳେ ବେଳେ ମୋ ନାମକୁ ନେଇ ରହସ୍ୟ କରନ୍ତି, କାରଣ ଭାରତର କେତେକ ଅଞ୍ଚଳରେ ଝିଅମାନଙ୍କୁ ଏହି ନାମ ଦିଆଯାଇଥାଏ । କାହାକୁ ସେ ପଚାରନ୍ତି, "ତୋ ଭଉଣୀ ସାଙ୍ଗେ ଦେଖା କଲୁଣି ?" ସେ ବିଚରା ଯେତେବେଳେ କିଛି ବୁଝି ନପାରି ଚୁପ୍ କରି ଠିଆ ହେବ, ବାବା କହିବେ, "ଆରେ, କସ୍ତୁରୀ ମ !" ତାପରେ ଖୁବ୍ ହାସ୍ୟରୋଳ ଉଠିବ । ମୁଁ ଏବେ W .B.Yeats ଙ୍କ ଭାଷାରେ "ଗୋଟାଏ ଅନାବଶ୍ୟକ ଆଲଣା ଉପରେ ଝୁଲା ଯାଇଥିବା ଛିଣ୍ଡାକୋଟ୍" ପାଲଟିଗଲିଣି । ମାତ୍ର ଏ ଅନାବଶ୍ୟକ ଜୀବନରୁ ରକ୍ଷା ପାଇବାକୁ ବି Yeats ଉପାୟ ବତାଇ କହନ୍ତି ଯେତେବେଳେ "କୋଟ୍ ଯେତିକି ଛିଣ୍ଡିଯାଉଥିବ, ଆତ୍ମା ଯଦି ସେତିକି ଜୋରରେ ତାଳି ମାରି ଗୀତ ଗାଉଥିବ" ତାହାହେଲେ ଅନାବଶ୍ୟକତା ବାଧିବ ନାହିଁ । ବାବାଙ୍କ ଅନୁଗ୍ରହରୁ ମୁଁ ଏବେ ଦ୍ୱିତୀୟ କଥାଟି କରୁଛି—ତାଳି ମାରି ସାଇଗୀତ ଗାଉଛି । ତେଣୁ ନୂଆ କରି ଆସିଥିବା କୌଣସି କୌଣସି ବିଦେଶୀ ଭକ୍ତଙ୍କଠାରେ ବାବାଙ୍କ ପ୍ରସାଦରୁ ମୁଁ ଶାଶୁ ପାଲଟିଯାଏ । ଶାଶୁ ବୋଧହୁଏ ଯେକୌଣସି ଲୋକ ଜୀବନରେ ସବୁଠୁ ବେଶୀ ଭୟଙ୍କର ପ୍ରାଣୀ ! ସେମାନେ ଯେତେବେଳେ ବୁଝି ନ ପାରି ଆଁ କରି ଚାହାନ୍ତି, ବାବା ହସି ହସି କହନ୍ତି ଯେ ସେ ମୋରି କଥା କହୁଥିଲେ ।

ବାବାଙ୍କର ଅବୋଧ୍ୟ ରହସ୍ୟକୁ ମୁଁ ଯେତେବେଳେ ବିସ୍ମୟଭରା ଭାଷାରେ ବର୍ଣ୍ଣନା କରେ, ବାବା କହନ୍ତି ଏସବୁ ମୋର କବିସୁଲଭ ପାଗଳାମି। ଆମେ ଯାହାକୁ ବାବାଙ୍କର ଅଲୌକିକ ମହିମା ବୋଲି କହୁ , ବାବା ସେସବୁ ସାମାନ୍ୟ କଥା ବୋଲି ଏଡାଇ ଦେଇଥାନ୍ତି। ସେସବୁ ତାଙ୍କ ସ୍ୱଭାବ ଓ ସ୍ୱରୂପ ତୁଳନାରେ କିପରି ସାମାନ୍ୟ ତାହା ବୁଝାଇବାକୁ ଯାଇ ଏସବୁ ହାତୀକାନରେ ବସିଥିବା ମଶା ସଙ୍ଗେ ସମାନ ବୋଲି ସେ କହନ୍ତି! ବାବା କହନ୍ତି, " କବିମାନେ ଏ ତୁଚ୍ଛ ଘଟଣାଗୁଡିକୁ ଏପରି ବଢ଼ କରି ବର୍ଣ୍ଣନା କରନ୍ତି ଯେ ମୋର ପ୍ରକୃତ ଅଲୌକିକତା ସେମାନଙ୍କ ଆଖିରେ ପଡେ ନାହିଁ। ନଦୀର ଉତ୍ସକୁ ସେମାନେ ଦେଖନ୍ତି ନାହିଁ।" ବାବା ଅଲୌକିକ ଘଟଣା ଘଟାଇ ପାରନ୍ତି ବୋଲି କହି ସେମାନେ ନିଜର ଘୋର ଅଜ୍ଞତାକୁ ହିଁ ପଦାରେ ପକାଇ ଥାଆନ୍ତି। ଏସବୁ ଘଟଣା ଅବୋଧ୍ୟ, କାରଣ ବାବା ନିଜେ ଅବୋଧ୍ୟ। ୧୯୬୦ ଦଶହରାର ବିଜୟାଦଶମୀରେ ପୁଟ୍ଟପର୍ତ୍ତିରେ ଅଳ୍ପ କେତେଜଣ କବି ଉପସ୍ଥିତ ଥିବାରୁ ବାବା ସେଦିନ କବିସମ୍ମିଳନୀ ହେବ ବୋଲି ଘୋଷଣା କରାଇ ନଥିଲେ। ମାତ୍ର କବିମାନଙ୍କର କବିଙ୍କ ଚରଣରେ ଲାଗି ହେବା ଆଶାରେ କନ୍ନଡ କିମ୍ବା ଇଂରାଜୀ ଭାଷାରେ କେତୋଟି ଧାଡି ବାନ୍ଧିବାରେ ମୁଁ ଭାରି ଲାଗିପଡିଥିଲି। ମାତ୍ର ସଫଳ ହୋଇ ନଥିବାରୁ ମନେ ମନେ ଡାକୁଥିଲି , " ବାବା, ଯଦି କବି ସମ୍ମିଳନୀ ହେବ, ମୋତେ ଡାକିବ ନାହିଁ।" ମାତ୍ର ବାବାଙ୍କ ସଂକଳ୍ପରେ ସାତଜଣ କବି ସାତଟି କବିତା ଲେଖି ପକେଟରେ ସଯତ୍ନରେ ରଖି ସହଜ ହୋଇ ବାହାରି ପଡିଲେ। ବାବା ମୋତେ ପଚାରିଲେ। ମୁଁ କହିଲି ଏଥର କିଛି ଲେଖି ନାହିଁ। ବାବା ପଚାରିଲେ କନ୍ନଡ ନା ଇଂରାଜୀ କେଉଁ ଭାଷାରେ ମୁଁ ସହଜରେ ଲେଖି ପାରିବି। ମୁଁ କୁଣ୍ଠିତ ହୋଇ ରହି ରହି ଉତ୍ତର ଦେଲି 'କନ୍ନଡ଼'। ତା'ପରେ ମୋତେ ଆଜ୍ଞା ମିଳିଲା ସନ୍ଧ୍ୟା ସୁଦ୍ଧା ଇଂରାଜୀରେ ଗୋଟିଏ କବିତା ଲେଖି ପ୍ରସ୍ତୁତ ହେବାକୁ। ଏ ଆଜ୍ଞା ଶୁଣି ମୁଁ ଡରିଗଲି। ସେତେବେଳେ ମୋ ଆଗରେ ମହାକବି ବସିଛନ୍ତି ବୋଲି ପାସୋରି ଯାଇଥିଲି ନିଶ୍ଚୟ। ସେ କହିଲେ, " ତୋ ପାଇଁ ଏ କାମଟା ସହଜ। ହଁ, ଏମିତି ଆରମ୍ଭ କର—Twinkle twinkle, little star...., ତାପରେ ଅନ୍ୟ ଧାଡି ସବୁ ମନକୁ ଆସିଯିବ।" ସେଦିନ ସନ୍ଧ୍ୟାବେଳେ ପଚିଶି ହଜାର ଶ୍ରୋତାଙ୍କ ଆଗରେ ବିଶିଷ୍ଟ କବିମାନଙ୍କ ଗ୍ରହଣରେ ବସି ମୁଁ ଯେଉଁ କବିତାଟି ପଢ଼ିଥିଲି, ତାର ପ୍ରଥମ ଧାଡି ଥିଲା,Twinkle twinkle, little star.

ଏ ବିଶ୍ୱବ୍ରହ୍ମାଣ୍ଡରେ ପ୍ରତ୍ୟେକଟି ତାରା ସାଇଙ୍କ ସଂକଳ୍ପର ଏକ ଛୋଟିଆ ଝଲକ ବୋଲି ବର୍ଣ୍ଣନା କରି ଏବଂ ସାଇଙ୍କୁ ନିଖିଳ ଚରାଚର ବିଶ୍ୱରେ ରାଜାଧିରାଜ ବୋଲି ଚିତ୍ରଣ କରି ୬୮ ଧାଡ଼ିର ଯେଉଁ କବିତାଟି ମୁଁ ପଢ଼ିଥିଲି ତାହା ସେଦିନ ସନ୍ଧ୍ୟାବେଳେ ଶ୍ରୋତାମାନଙ୍କୁ କେବଳ ସ୍ତବ୍ଧ କରିଦେଇ ନ ଥିଲା, ଏ କବିତାର ଭାବ ଓ ଭାଷା ମୋତେ ମଧ୍ୟ ସ୍ତମ୍ଭୀଭୂତ କରି ପକାଇଥିଲା! ଶ୍ରୋତାମାନେ ବିସ୍ମୟ-ବିମୂଢ଼ ହୋଇ ବିଚାରୁଥିଲେ, ସେମାନଙ୍କ ଆଗରେ ସିଂହାସନରେ ବସି ମନ୍ଦ ମନ୍ଦ ହସୁଥିବା ଛୋଟିଆ ମଣିଷଟି କ'ଣ ସତରେ କସ୍ତୁରୀ ପଢୁଥିବା

କବିତାର ବିଶ୍ୱପତି ! ସେଦିନ ବାବା ମୋ କଲମ ଧରି ଯେଉଁ ଅପୂର୍ବ କବିତାଟି ମୋ ମାଧ୍ୟମରେ ଲେଖିଥିଲେ, ତାରି ସାରକଥା କିଛି ଦିନ ପରେ ନିଜେ ଆହୁରି ବଡ଼ ଏକ ଜନସମାବେଶରେ ଘୋଷଣା କରି ସମସ୍ତଙ୍କୁ ତଟସ୍ଥ କରିଦେଇଥିଲେ । ସେଦିନ ବାବା କହିଥିଲେ ସେ ହିଁ ପରଂବ୍ରହ୍ମ, ସେ ହିଁ ଏ ମହାବିଶ୍ୱର ସ୍ରଷ୍ଟା, ସଞ୍ଚାଳକ ଓ ଲୟକାରୀ । " ସୂର୍ଯ୍ୟ ଆକାଶରେ ସ୍ଥିର ହୋଇ ରହିଛି, ପୃଥିବୀ ଘୂରୁଛି, ନଦୀ ପ୍ରବାହିତ ହେଉଛି ଓ ପବନ ବୋହୁଛି, କାରଣ ଏହା ମୋର ସଂକଳ୍ପ । ..... ମଣିଷମାନେ ବିବିଧ ଭାବର ଅଧିକାରୀ, ବିବିଧ ଭାଗ୍ୟ ଓ ବର୍ଣ୍ଣର ପ୍ରକାଶ, କାରଣ ସେମାନେ ସବୁ ମୋର ନାଟକର ପାତ୍ରଧାରୀ । ଅନ୍ତରିକ୍ଷରେ ଅସଂଖ୍ୟ ଗ୍ରହନକ୍ଷତ୍ରମାନଙ୍କର ଚଳାଚଳ ପାଇଁ ମୁଁ ଗୋଟିଏ ସ୍ୱୟଂକ୍ରିୟ ଆଲୋକର ବତୀଖୁଣ୍ଟ ରଖିଛି... ।" ଏସବୁ କଥା Twinkle twinkle, little star କବିତାରେ ପ୍ରତିଧ୍ୱନିତ । କାରଣ କବିତାଟି ଥିଲା ତାଙ୍କର ପ୍ରଥମ ଘୋଷଣା । ୧୯୭୦ରେ ବାବା କେତେକ ଭକ୍ତଙ୍କୁ ଯେଉଁ ବାର୍ତ୍ତା ଦେଇଥିଲେ ତାହା ତୁଳନାରେ ଉପରୋକ୍ତ ଘୋଷଣାଟି ମିଞ୍ଜି ମିଞ୍ଜି ତାରା ପରି ଜଣାପଡ଼ିଥିଲା । ବାବା ଲେଖିଥିଲେ:

ଗୋଟିଏ ଶବ୍ଦରେ ମୁଁ ମୋରି ଖୁସି ପାଇଁ
ଏ ବିଶ୍ୱକୁ ସୃଷ୍ଟି କଲି ।
ସେ ଯାଏ ମୁଁ କିଏ ତାହା ଜାଣିବାକୁ
ଆଉ କାହାରି ଅସ୍ତିତ୍ୱ ନଥିଲା
ସଙ୍ଗେ ସଙ୍ଗେ ପାହାଡ଼ମାନେ ମୁଣ୍ଡ ଟେକିଲେ,
ମୋର ଅସ୍ତିତ୍ୱ ପ୍ରମାଣ କରିବା ପାଇଁ
ମହାଶୂନ୍ୟରୁ ଜାତ ହେଲା
ମହାସାଗର, ଭୂମି, ସୂର୍ଯ୍ୟ, ଚନ୍ଦ୍ର ଓ ମରୁବାଲି ।
ତାପରେ ଜାତ ହେଲା ଜୀବଜଗତ—
  ମନୁଷ୍ୟ, ପଶୁ ଏବଂ ବିହଙ୍ଗ,
  ଖେଚର, ଭୂଚର ଏବଂ ଶ୍ରୁତିଧର ।
  ମୋ ଆଦେଶରେ ସେମାନେ ପାଇଲେ ସମସ୍ତ ଶକ୍ତି ।
  ଏମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ
ମନୁଷ୍ୟ ଲାଭ କଲା, ଆଉ ତା ମନରେ
ସଂଚରିତ ହେଲା ମୋର ଜ୍ଞାନ ।

ପାଠକମାନେ, ବିଚାରନ୍ତୁ । ଏହା ପରମାତ୍ମାଙ୍କର ପ୍ରତିଶ୍ରୁତି । ଆମ୍ଭମାନଙ୍କ ପରି ସାମାନ୍ୟ ମରଣଶୀଳ ମଣିଷ ସାର୍ବଭୌମ, ସର୍ବମୟ ପରମେଶ୍ୱରଙ୍କର ସାନ୍ନିଧ୍ୟ ଦାବି କରିବ କିପରି ? ତଥାପି ସେ ଆମ ସମସ୍ତଙ୍କର ଶେଷ ଆଶ୍ରୟ ଓ ଭରସା, ସେ ଆମର ଶେଷ ଲକ୍ଷ୍ୟ ଓ ଶେଷ ପ୍ରାପ୍ତି ।

ତେଣୁ ସାଇପ୍ରଭୁଙ୍କର ସୁବର୍ଣ୍ଣଜୟନ୍ତୀ ଉପଲକ୍ଷ୍ୟେ ଯେଉଁ କବିତାଟି ତାଙ୍କ ଶ୍ରୀଚରଣରେ ଅର୍ପଣ କରିଥିଲି, ତାହା ଯେ ଗୋଟିଏ ସତ୍ୟପାଠ ପରି ଶୁଭୁଥିଲା, ସେଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? ସେ କବିତାର ଅଂଶଟିଏ ହେଲା -

ହେ ଆଦିଜୀବନର ପ୍ରଥମ ଯନ୍ତ୍ରଣା,
ହେ ଆନନ୍ଦର ପ୍ରଥମ ପ୍ରକାଶ
ବିଶ୍ୱଗର୍ଭେ ସୃଜନର ପ୍ରଥମ ଚାଞ୍ଚଲ୍ୟ,
କେବେ ତୁମେ ହେଲ ଆତ୍ମସଚେତନ ?
କେଉଁ ଶବ୍ଦେ ଜାତ ହେଲା ସୃଷ୍ଟି ?
କେଉଁ ଶବ୍ଦେ ତୁମ ଆଜ୍ଞା ହେଲା ପ୍ରକଟିତ ?
'ବହୁସ୍ୟାମ', ଅବା ସର୍ବବ୍ୟାପୀ 'ଓଁ' ?
ଯାହା ଭେଦକରି ସମସ୍ତ ଅସ୍ତିତ୍ୱ
ବ୍ୟାପିଗଲା କାଳର ଅଙ୍ଗନେ ।
ବୋଧହୁଏ ଏହି ଶବ୍ଦ ଅଟେ 'ଅହଂ'
ଯାହାକୁ ଶତଧା କରି ତୁମେ ମୁଁ ଆଉ ତୁମେ
ବାଟଦେଇ ଆମେ ପାଲଟିଲ ।
ଏବେ ମୁଁ ଜାଣେ ମୋର ପରିଚୟ
କାରଣ ତୁମେ କରିଛ ଘୋଷଣା ନିଜର ସ୍ୱରୂପ
ମୋ ଭିତରେ ନିଃସଙ୍ଗତା କାନ୍ଦେ ଯେବେ
ମୁଁ ବୁଝିଯାଏ, ଏହା ମୋର ଆକୁଳତା ପ୍ରିୟତମ ପାଇଁ
ସମୟର ଉପାନ୍ତରେ ଯାହା ତୁମଠାରୁ ଜାତ;
ଆଉ ଯେବେ ରୋମାଞ୍ଚରେ ହୁଏ ମୁଁ ଆବୃତ
ତୁମେ ଯେବେ ମୋ ପାଶରେ ଆସି ଠିଆହୁଅ,
ବୁଝିଯାଏ, ଏହା ଅଟେ ମୋ ଆତ୍ମାର ଉଲ୍ଲାସ
ମୋ ରୂପରେ ତୁମରି ପ୍ରକାଶ ।
ବିଶ୍ୱରୂପେ ଆପଣାକୁ ପ୍ରକଟିତ କରି
ଜାଣେ ମୁହିଁ, ରୂପାୟିତ ତୁମରି ସନ୍ତୋଷ;
ସଂସାରର ଲୁହ-ଲହୁ ଭରା ଆର୍ତ୍ତନାଦ ମଧ୍ୟେ
ମୋର କାନ ଶୁଣିପାରେ ତୁମ
ଶିଶୁପରି କଳ କଳ ଛଳ ଛଳ ହସ ।

ସେଇ ନିସ୍ତରଙ୍ଗ ଅସ୍ତିତ୍ୱ ହିଁ ବାବା । ବାବାଙ୍କ ସ୍ୱୀକାରୋକ୍ତି ଅନୁସାରେ ସେ ହେଉଛନ୍ତି ଏହି ଅସ୍ତିତ୍ୱ, ଯାହା ମହାକାଳ ଓ ମହାକାଶର ଅତୀତ ହୋଇ ମଧ୍ୟ ମହାକାଶ ଓ ମହାକାଳରେ ପରିଣତ ହେଲା, ଇତିହାସରେ ଧରା ପଡ଼ିବାର ବସ୍ତୁ ନ ହୋଇ ମଧ୍ୟ ଇତିହାସ ପାଲଟିଲା ଓ ଆପଣା ସାଙ୍ଗରେ ଲୁଚକାଳି ଖେଳିବାକୁ ଇଚ୍ଛା କଲା । ବାବା କହନ୍ତି, "ମୁଁ ନିଜଠାରୁ ନିଜକୁ ଭିନ୍ନ କଲି ନିଜକୁ ଭଲ ପାଇବି ବୋଲି ।" ତେଣୁ ଏ କସ୍ତୁରୀ ତାଙ୍କରି ଏକ ଅନ୍ୟ ରୂପ ଓ ନାମ କେବଳ ତାଙ୍କଠାରୁ ଭିନ୍ନ ଜଣାପଡ଼ିବ ବୋଲି । ବାବା ତାଙ୍କ କଲେଜର ଛାତ୍ରମାନଙ୍କୁ କହିଛନ୍ତି (ମୁଁ ନିଜକୁ ମଧ୍ୟ ତାଙ୍କ 'କଲେଜ'ର ଜଣେ ଛାତ୍ର ବୋଲି ଦାବି କରେ) "ତୁମେ ଯେତେବେଳେ ନିଜକୁ ଭଲପାଅ, ସେତେବେଳେ ମୋତେ ହିଁ ଭଲପାଅ; ଆଉ ମୁଁ ଯେତେବେଳେ ନିଜକୁ ଭଲପାଏ, ସେତେବେଳେ ତୁମ୍ଭମାନଙ୍କୁ ହିଁ ଭଲପାଏ ।" ଏ ଭଲପାଇବା ଗଛ ଓ ଫୁଲ ମଧ୍ୟରେ, ସମୁଦ୍ର ଓ ତରଙ୍ଗ ମଧ୍ୟରେ, ବିମ୍ବ ଓ ପ୍ରତିବିମ୍ବ ମଧ୍ୟରେ ଥିବା ଭଲପାଇବା ପରି ଏକାନ୍ତ ଭାବରେ ପାରସ୍ପରିକ ।

ଓସ୍ଲୋରୁ ଟାଇଡ୍‌ମାନ୍ ନାମକ ଜଣେ ଲେଖକ ଆସିଥିଲେ ପୁଟପର୍ତ୍ତି । ବମ୍ବେରୁ ବାଙ୍ଗାଲୋର ଉଡି ଆସି ସେ ପୁଟପର୍ତ୍ତିରେ ପହଞ୍ଚିଲା ପରେ ବାବା ତାଙ୍କୁ ଉପର ମହଲାକୁ ଡାକି ନେଇଥିଲେ । ବାବା ତାଙ୍କୁ ଦେଖୁ ଦେଖୁ କହିଲେ, "ତୁମେ ତ ବେଶ୍ ପ୍ରଫୁଲ୍ଲ ଓ ସୁସ୍ଥ ଦିଶୁଛ । ମୁଁ କେମିତି ଦିଶୁଛି ?" ଏ ପ୍ରଶ୍ନ ତାଙ୍କ ପାଇଁ ନିତାନ୍ତ ଅପ୍ରତ୍ୟାଶିତ ଥିଲା । ସେ ଉତ୍ତର ଦେଲେ, "ସ୍ୱାମୀ, ଆପଣ ବି ଖୁବ୍ ପ୍ରଫୁଲ୍ଲ ଓ ସତେଜ ଦିଶୁଛନ୍ତି ।" "ଆଉ, କସ୍ତୁରୀ ?" ବାବାଙ୍କର ଦ୍ୱିତୀୟ ପ୍ରଶ୍ନ । ଏଥର ମୁଁ ତଟସ୍ଥ ହୋଇଗଲି । ମାତ୍ର ଖୁବ୍ ଫୁର୍ତ୍ତି ଥିଲା ପରି ଦିଶିବାକୁ ଚେଷ୍ଟା କଲି । ଟାଇଡ୍‌ମାନ୍ ଅଡୁଆରେ ପଡିଗଲେ । ଏପରି ସିଧାସଳଖ ପ୍ରଶ୍ନର କି ଉତ୍ତର ଦେବେ ସେ ! ଟିକିଏ ଥତମତ ହୋଇ କହିଲେ, "ସେ ବି ପ୍ରଫୁଲ୍ଲ ଓ ସୁସ୍ଥ ଦିଶୁଛନ୍ତି ।" ସେତେବେଳେ ବାବା କହିଲେ, "ଜାଣିଛ ଏହାର କାରଣ କ'ଣ ? ଏହାର କାରଣ ହେଲା, ତୁମେ ସମସ୍ତେ ମୋରି ପ୍ରତିବିମ୍ବ ମାତ୍ର ।"

ଅନେକ ସାଧକ ଭକ୍ତ ମୋତେ ପଚାରନ୍ତି ବିଶ୍ୱାସକୁ ଟାଣ କରିବାକୁ ଏବଂ ଚିନ୍ତାର ତରଙ୍ଗକୁ ଶାନ୍ତ କରିବାକୁ ବାବା ମୋତେ କେଉଁ ବାଟରେ ଯିବାକୁ ଉପଦେଶ ଦେଇଛନ୍ତି- କର୍ମ, ଭକ୍ତି, ଧ୍ୟାନ ନା ଜ୍ଞାନ ? ସେମାନେ ମୋତେ ପଚାରନ୍ତି ସପ୍ତାହର କେଉଁ କେଉଁ ଦିନ ମୁଁ ଉପାସ କରେ, ଆଉ କି କି ପଦାର୍ଥ ଖାଏ ନା । ଗୁରୁବାର ମୌନବ୍ରତ କରେ କି ? ଦିନକୁ କେତେ ସମୟ, କେଉଁପରି ଓ କାହା ଉପରେ ମୁଁ ଧ୍ୟାନ କରିଥାଏ । ସେମାନଙ୍କର ଏ କୌତୂହଳ ଦୂର ହୁଏନା । ହୁଏତ ଏସବୁ ପ୍ରଶ୍ନର ଯାହା ଉତ୍ତର ମୁଁ ଦିଏ, ତାହା ସେମାନଙ୍କୁ ବିରକ୍ତ କରୁଥିବ । ମୁଁ କହିଥାଏ ପ୍ରତ୍ୟେକ ରୋଗୀକୁ ବାବାଙ୍କର ଔଷଧ ଭିନ୍ନ ଭିନ୍ନ । ବୈଦ୍ୟନାରାୟଣଙ୍କ ପାଖକୁ ଆସି ରୋଗୀ ପାଖରୁ ଔଷଧ ଖୋଜିବା କ'ଣ ଦରକାର ?

ମହାପୁରୁଷଜୀ ମୋତେ ଯେଉଁ ରାମକୃଷ୍ଣ ମନ୍ତ୍ର ଦେଇଥିଲେ, ତାହା ମୋର ଆଶାବାଡି ପରି ମୋତେ ପ୍ରଶାନ୍ତିନିଳୟମ୍ ଯାଏ ବାଟ କଢ଼ାଇ ଘେନି ଆସିଲା । ମାତ୍ର ଏଠାରେ ପହଞ୍ଚିବା ପରଠାରୁ ତାହା ମୋର ଅବଲମ୍ବନ ନ ହୋଇ ମୋର ସହଗାମୀ ପାଲଟିଗଲା । ପ୍ରଶାନ୍ତିନିଳୟମ୍‌ରେ ବେଦପାଠଶାଳାର ଆଉ ତିରିଶି ଜଣ ବ୍ରହ୍ମଚାରୀଙ୍କ ସହିତ ମୋର ନାତି ଯେତେବେଳେ ଗାୟତ୍ରୀ ଦୀକ୍ଷା ନେଲା, ବାବା ମୋତେ ନାତିଠାରୁ ଗାୟତ୍ରୀ ଶିଖିବାକୁ ଆଦେଶ ଦେଇଥିଲେ, କାରଣ ମୋ ଜିଭରୁ ଗାୟତ୍ରୀର ପାବନୀ ଧାରା ଶୁଖିଯାଇଥିଲା । ବାବା ମୋତେ କହିଲେ ମୁଁ ଯେ କୌଣସି କାମ କରୁଥିଲେ ବି ଜିଭ ଗାୟତ୍ରୀ ଜପୁଥିବା ଦରକାର । ଏହି ଉପାୟରେ ବାବା ମୋର ମାନସ ସରୋବରରୁ ଫେଣ ଓ ଦଳ ଓ ସଫା କରିବାକୁ ଚେଷ୍ଟା କରିଥିବେ । ଫେଣ ଥିଲା ମୋର ପ୍ରଗଲ୍‌ଭତା ଓ ଦଳ ମୋର ଭୋଜନପ୍ରିୟତା ! ମଝିରେ ମଝିରେ ମୋତେ ପଚାରୁଥାନ୍ତି ଗାୟତ୍ରୀ ଖାଲି ଜିଭରେ ଗଡୁଛି ନା ଭିତରକୁ ପଶିଲାଣି !

ମାତ୍ର ପାଠକେ, ଆପଣଙ୍କ କାନ ଦେଖାନ୍ତୁ, ମୋ ସାଧନାର ଗୁପ୍ତକଥାଟି ଆପଣଙ୍କୁ ଚୁପ୍ କରି କହିଦେବି ! ମୋ ସାଧନା ଗୋଟିଏ ପ୍ରେମକାହାଣୀ । ପ୍ରେମ ହେଉଛି ମୋର ବସିବା ଓ ଚାଲିବା, ପ୍ରେମ ହେଉଛି ମୋ ମନ୍ତ୍ର ଓ ତନ୍ତ୍ର, ମୋର ଉପବାସ, ମୋର ଭୋଜନ, ମୋର ନୀରବତା ଓ ପ୍ରଗଲ୍‌ଭତା । ଆଉ କେତେକଙ୍କ ସହିତ ବାବା ମୋତେ ଯେତେବେଳେ ଲକ୍ଷ୍ନୌ, ବନାରସ ଓ ଅଯୋଧ୍ୟା ଆଦି ସ୍ଥାନକୁ ନେଇଥିଲେ ସେତେବେଳେ ମୁଁ ଗୋଟାଏ ଗୁପ୍ତ ଯୋଜନା କରିଥିଲି । ମୁଁ ମନେ ମନେ ଭାବିଥିଲି ମହାପବିତ୍ର କାଶୀକ୍ଷେତ୍ରରେ ଥିଲାବେଳେ ଭଗବାନଙ୍କଠାରୁ ମୋର ମନ୍ତ୍ରଟିଏ ପାଇବା ଦରକାର । ମୁଁ ଜାଣିଥିଲି ଶ୍ରୀ ରାମକୃଷ୍ଣ ଯେତେବେଳେ କାଶୀ ଯାଇଥିଲେ, ସେଠାରେ ସେ ଅହୋରାତ୍ର ସାମାଧିରେ ବୁଡ଼ି ରହୁଥିଲେ । କାଶୀକ୍ଷେତ୍ର ପ୍ରତ୍ୟକ୍ଷ ଶିବକ୍ଷେତ୍ର ବୋଲି ସେ ବାରମ୍ବାର କହୁଥିଲେ । ସମାଧିରେ ଥିଲାବେଳେ ସେ ଦେଖିଥିଲେ ଦେହ ଛାଡ଼ିବାକୁ ପ୍ରସ୍ତୁତ ହେଉଥିବା ଲୋକଙ୍କ କାନରେ ନିଜେ ଶିବ ତାରକମନ୍ତ୍ର କହି ଦେଉଛନ୍ତି । ତେଣୁ କାଶୀରେ ବାବାଙ୍କୁ ଏକୁଟିଆ ଦେଖି ଶ୍ରୀଛାମୁରେ ମୋର ଦରଖାସ୍ତ ପେଶ୍ କଲି । ବାବା ବି ସଙ୍ଗେ ସଙ୍ଗେ ରାଜି ହୋଇଗଲେ । ଆମେ ସବୁ ସାରନାଥ ଅତିଥିଶାଳାରେ ରହୁଥିଲୁ । ତା'ପରଦିନ ସକାଳେ ମୁଁ ଅତିଥିଶାଳାରେ ସ୍ନାନ ନ କରି ଗଙ୍ଗାରେ ଯାଇ ବୁଡ଼ ପକାଇ ଆସିଲି । ମହାପୁରୁଷଜୀ ଯେଉଁଦିନ ମୋତେ ରାମକୃଷ୍ଣ ମନ୍ତ୍ର ଦେଇଥିଲେ, ସେଦିନ ପେଟ ଖାଲି ରଖିବାକୁ ବାଙ୍ଗାଲୋର ଆଶ୍ରମର କେହି ଜଣେ ମୋତେ ଉପଦେଶ ଦେଇଥିବା କଥା ମୋର ମନେଥିଲା । ତେଣୁ ଗଙ୍ଗାସ୍ନାନ ପରେ ମୁଁ ଆଉ ଜଳଖିଆ ପଙ୍ଗତରେ ବସିଲି ନାହିଁ । ସେଦିନ ସକାଳୁ ବାବା ଖୁବ୍ ବେଶୀ କାର୍ଯ୍ୟବ୍ୟସ୍ତ ଥିବା ଜଣାପଡ଼ିଲେ । ଆମେ ମନ୍ଦିରକୁ ଗଲୁ ପ୍ରଥମେ । ତାପରେ କାଶୀ ବିଶ୍ୱବିଦ୍ୟାଳୟ । ସେଠୁ ଫେରିଲାବେଳକୁ ଆମକୁ ଅପେକ୍ଷା କରିଥିଲା ଏକ ଲୋଭନୀୟ ମଧ୍ୟାହ୍ନ ଭୋଜନ । ବାବା ଆମକୁ ଡାକି ଖାଇବାକୁ

ଘରକୁ ଗଲେ। ମୁଁ ବି ବାଧ୍ୟ ହୋଇ ସମସ୍ତଙ୍କ ସାଙ୍ଗରେ ବସିଲି। ବସିଲି ସିନା, ଥାଳୀକୁ ହାତ ଯାଉ ନଥାଏ। ଏହା ଦେଖି ବାବା ଆଦେଶ ଦେଲେ - ଖା। କୋହକୁ ଚାପି ରଖି ଖାଇଲି।

ଦୁଇ ସପ୍ତାହ ପରେ ଆମେ ପୁଟପର୍ତ୍ତିରେ ପହଞ୍ଚିଲୁ। ପରଦିନ ସକାଳେ ଭଜନ କକ୍ଷରେ ଏକାଠି ହୋଇଥିବା ପ୍ରଶାନ୍ତିର ବାସିନ୍ଦାମାନଙ୍କୁ ଆମର ଭ୍ରମଣ କାହାଣୀ ଶୁଣାଇବାକୁ ମୋତେ ଆଦେଶ ଦେଲେ। ଆମେ ଯେଉଁ ଯେଉଁ ସ୍ଥାନ ବୁଲିଯାଇଥିଲୁ, ଯେଉଁ ଯେଉଁ ମନ୍ଦିରରେ ସାଇନାଥଙ୍କ ଲୀଳା ଦେଖି ଧନ୍ୟ ହୋଇଥିଲୁ ସେସବୁର ଏକ ତାଲିକା ଦେଇ ଅଳ୍ପକରେ କଥାଟା ସାରିଦେଲି, କାରଣ ଭଗବାନଙ୍କ ଶ୍ରୀମୁଖରୁ କିଛି ଶୁଣିବା ପାଇଁ ଆମେ ସମସ୍ତେ ଉଦ୍‌ଗ୍ରୀବ ଥିଲୁ। ବାବା ତାଙ୍କର ସମ୍ଭାଷଣ ଆରମ୍ଭ କଲେ। ମଝିରେ କହିଲେ, "ଆମର ଏ କସ୍ତୁରୀ ଗୋଟାଏ ଘଟଣା ତୁମ୍ଭମାନଙ୍କଠାରୁ ଲୁଚାଇ ରଖିଛି। ଏ ଘଟଣାଟି ବନାରସରେ ଘଟିଥିଲା। ଏଥିରେ ସେ ନିଜେ ସଂପୃକ୍ତ ବୋଲି ସେ କଥାଟି କହିନି; ମାତ୍ର ମୁଁ କହିଦେଉଛି। ସେ କାଶୀରେ ମୋତେ ଗୋଟିଏ ମନ୍ତ୍ର ପାଇଁ ପ୍ରାର୍ଥନା କରିଥିଲା। ସେ କହିଲା ମନ୍ତ୍ର ଦୀକ୍ଷା ପାଇଁ କାଶୀ ଗୋଟାଏ ଭାରି ବଡ଼ ପୁଣ୍ୟକ୍ଷେତ୍ର। ସେଥିପାଇଁ ସକାଳୁ କିଛି ନ ଖାଇ ଉପାସ ରହିଲା; ଆଖିରୁ ଲୁହ ଝରାଇଲା। କିନ୍ତୁ ତାର ଏ ମୂର୍ଖାମି ଦେଖି ମୋତେ ଖାଲି ହସ ମାଡୁଥାଏ। ଦେଖ, କି ବୋକା ଏ କସ୍ତୁରୀ ! ସବୁ ମନ୍ତ୍ରର ଶେଷଗମ୍ୟ ଯିଏ, ତାଙ୍କୁ ପାଇସାରିଲା ପରେ ବି ସେ ମୋଠୁ ମନ୍ତ୍ର ଚାହୁଁଛି !" ତାଙ୍କର କଥାର ମର୍ମ ମୁଁ ବୁଝିଲି ଯେ ତାଙ୍କୁ ପାଇବାର ଏକମାତ୍ର ମନ୍ତ୍ର ହେଲା ପ୍ରେମ।

ବାବା କହନ୍ତି, ସେ ତ ଈଶ୍ୱର, ଆମେ ସମସ୍ତେ ବି ଈଶ୍ୱର। ଅନ୍ଧାରରେ ଅଣ୍ଡାଳି ହୋଇ, ଅଜ୍ଞାନର ଶିକୁଳି ପିନ୍ଧି, ମୁଁ-କାରର ଧୂଆଁରେ ଅତିଷ୍ଠ ହୋଇ ଆମେ ଏକଥା ବୁଝିପାରୁ ନାହୁଁ। ମୁଁ ଦେଖିଲି ମୋର କଥା, କାମ ଓ ଆଚରଣରେ ମୁଁ ନିଜକୁ ଯେତିକି ପ୍ରକାଶ କରୁଛି, ମୋର ପ୍ରକୃତ ପରିଚୟ ତା'ଠାରୁ ଯଥେଷ୍ଟ ଅଧିକ। ମୋର ପ୍ରକୃତ ପରିଚୟର ସଂପୂର୍ଣ୍ଣ ପ୍ରକାଶ ଘଟିଛି ସ୍ୱାମୀଙ୍କଠାରେ। ସେଥିପାଇଁ ମୋର ହୃଦୟ ତାଙ୍କଠାରେ ଲାଖି ରହିଛି। ତାଙ୍କର ପ୍ରେମ ପାଇବାକୁ ବ୍ୟାକୁଳ ହେଉଛି। ସେ ସମସ୍ତଙ୍କର ପ୍ରିୟତମ। ସେଥିପାଇଁ ଆମେରିକାର ଚାର୍ଲସ୍ ପେନ୍ ବାବାଙ୍କ ସମ୍ବନ୍ଧରେ ଯେତେବେଳେ ବହିଟିଏ ଲେଖିବାକୁ ବିଚାରିଲେ, ମୁଁ ତାଙ୍କୁ ବହିର ନାମ 'ମୋ ପ୍ରିୟତମ' ରଖିବାକୁ କହିଥିଲି। ମୋର ପ୍ରକୃତ ଆତ୍ମସତ୍ତା ଯାହା ବାବା ତାହାର ପରିପୂର୍ଣ୍ଣ ପ୍ରକାଶ- ସତ୍ୟ, ଶିବ ଓ ସୁନ୍ଦର। ମୁଁ ଜାଣେ ମୁଁ ଆଜି କସ୍ତୁରୀ ହୋଇ ପାରିଛି ତାଙ୍କରି ଆଗମନ ଯୋଗୁଁ। ତାଙ୍କ ଆଗରେ ଠିଆ ହୋଇଥିଲା ବେଳେ ମୋତେ ଖୁବ୍ ଅପୂର୍ବ ଆଉ ବିଶାଳ ଲାଗେ। ତାଙ୍କରି ଦ୍ୱାରା ନିର୍ଦ୍ଦେଶିତ ଏ ଜୀବନ-ନାଟକରେ ଅଭିନୟ କରୁଥିବା ଲୋକମାନଙ୍କର କଥାବାର୍ତ୍ତା ସବୁ ତାଙ୍କରି ସ୍ୱରରେ ଭାସି ଆସୁଥିବା ପରି ଲାଗେ। ଏବେ ମୁଁ ମୋର ଆଗର ଚତୁରପଣିଆକୁ ଜଳାଞ୍ଜଳି ଦେଇସାରିଛି। ଆଉ ଆଗ୍ରହରେ ବିସ୍ମୟଭାବକୁ ହିଁ

ମୋର ସର୍ବଶ୍ରେଷ୍ଠ ଧନ ଭାବରେ ଜାବୁଡ଼ି ଧରିଛି । ମୋର ପ୍ରିୟତମ ସାଇ ସଂସାରକୁ ତାଙ୍କର ଅପୂର୍ବ ଅନନ୍ୟତାରେ, ତାଙ୍କର ଅଲୌକିକତାରେ ସ୍ତବ୍ଧ କରି ରଖିଥିଲାବେଳେ ମୁଁ ଟିପ ଆଗରେ ଠିଆ ହୋଇ ଅଧୀର ଆଗ୍ରହରେ ଅପେକ୍ଷା କରି ବସିଛି ମିଠା ମିଠା ବିସ୍ମୟ ଟିକକ ପାଇଁ ! ଏ ବିସ୍ମୟରୁ ସେ ମୋତେ କେବେ ବଞ୍ଚିତ କରି ନାହାନ୍ତି । ତାଙ୍କୁ ପାଖରେ ପାଇବାର ଉଲ୍ଲାସ ଚାଖିବା ପରଠାରୁ ମୋତେ ଆଶ୍ଚର୍ଯ୍ୟ କରୁ ନ ଥିବା ପୂର୍ବ ନିର୍ଦ୍ଧାରିତ ଘଟଣାମାନଙ୍କରେ ମୋର ଆଉ ରୁଚି ନାହିଁ । ତାଙ୍କର ଅନିଶ୍ଚିତତା ମୋତେ ସବୁଠୁ ବେଶୀ ଆନନ୍ଦ ଦେଇଥାଏ । ତାଙ୍କର ସୁନିଶ୍ଚିତ ଅନିଶ୍ଚିତତା ମୋତେ ସବୁଠୁ ବେଶୀ ଉଦ୍‌ବୁଦ୍ଧ କରିଥାଏ । ତାଙ୍କ ଆଖିର ପଲକରେ କାଳ ଲୁପ୍ତ ହୁଏ, ତାଙ୍କ ହାତର ମୁଠାରେ ଆକାଶ ବନ୍ଦୀ ହୁଏ । ଡକ୍ଟର ବରାନାଉସ୍କି କହିଥିଲେ ବାବା ହେଉଛନ୍ତି ଜ୍ୱଳନ୍ତା ପ୍ରେମ । ତାଙ୍କ ପ୍ରତି ମୋର ଭକ୍ତି ପ୍ରଗାଢ଼ ହେବାର କାରଣ ସେ ଅବୋଧ୍ୟ, ସେ ଏକ ଶାଶ୍ୱତ ରହସ୍ୟ ।

ମୁଁ ମୋର ପ୍ରିୟତମଙ୍କୁ ସର୍ବଦା ଜାବୁଡ଼ି ଧରିଛି, ଆଉ ଆଶା କରୁଛି ସେ ବି ମୋତେ ଗ୍ରହଣ କରିବେ । ମୁଁ ତାଙ୍କଠାରୁ ପ୍ରେମ ପାଏ ବୋଲି ଯେ ତାଙ୍କୁ ପ୍ରେମ କରେ ଏହା ନୁହେଁ, ମୁଁ ତାଙ୍କୁ ପ୍ରାଣଭରି ଭଲପାଏ, କାରଣ ସାରା ସଂସାରରେ ତାଙ୍କ ପରି ପ୍ରେମାସ୍ପଦ ଆଉ କେହି ନାହିଁ । ମୋର ସବୁଠାରୁ ଅଧିକ ପ୍ରିୟ ସାଧନା ହେଲା, ସେ ଯେଉଁମାନଙ୍କୁ ଭଲ ପାଆନ୍ତି ସେମାନଙ୍କୁ ମୋ ପ୍ରିୟତମଙ୍କ କଥା କହିବା, ତାଙ୍କର ବନ୍ଦନାରେ ଆନନ୍ଦ ପାଇବା, ତାଙ୍କୁ ଯେଉଁମାନେ ଭଲ ପାଆନ୍ତି ସେମାନଙ୍କଠାରୁ ମୋ ପ୍ରିୟତମଙ୍କ କରୁଣା, ଦୟା, ମହିମା ଓ ଉଦାରତାର କାହାଣୀ ଶୁଣିବା ।

ବାବା ଆଜି ପର୍ଯ୍ୟନ୍ତ ମୋତେ ନିହାଣ ମୁଗୁରରେ କାଟୁଛନ୍ତି ତାଙ୍କ ପ୍ରେମର ଯୋଗ୍ୟ କରି ଗଢ଼ିବାକୁ । ମମକାରର ଫୋଟକାଟିଏ ଜାତ ହେଉ ହେଉ ସେ ମୋତେ ସତର୍କ କରିଦେଉଛନ୍ତି । ପାରମ୍ପରିକ ବିଧାନରେ ଗୃହୀତ ଗୁରୁଜନ ବା ଶିକ୍ଷକର ପ୍ରାପ୍ୟ ପାଦ-ପ୍ରଣାମ ମୋତେ ସ୍ୱୀକାର କରିବାକୁ ହେବ ନାହିଁ, କାରଣ ତାହା "ତୋର ଅହଙ୍କାରକୁ ପରିପୁଷ୍ଟ କରୁଛି ।" ପୁଟ୍ଟପର୍ତ୍ତିରୁ ବାଙ୍ଗାଲୋର ଗଲାବେଳେ କାହା ଗାଡ଼ିରେ ଯିବାର ନିମନ୍ତ୍ରଣ ଗ୍ରହଣ କରିବାକୁ ହେବ ନାହିଁ, କାରଣ ତାହାଦ୍ୱାରା ଗାଡ଼ିର ଅଧିକାରୀଙ୍କ ପ୍ରତି ମୋର କୃତଜ୍ଞ ଭାବ ମୋର ସ୍ୱାଧୀନ କ୍ରିୟାକଳାପରେ ଆଞ୍ଚ ଆଣିବ । ସେଥିପାଇଁ ମୁଁ କୁଆଡ଼େ ଗଲେ ବସ୍‌ରେ ଯାଏ । ମୁଁ କାହାରି ଉପହାର ଗ୍ରହଣ କରିବି ନାହିଁ, କାରଣ ଉପହାର ମୋର ଆବଶ୍ୟକତା କମାଇବା ସାଧନାରେ ବିଘ୍ନ ଘଟାଇବା ସଙ୍ଗେ ସଙ୍ଗେ ଉପହାର ଦେବା ବ୍ୟକ୍ତିଙ୍କଠାରେ ମୋତେ ଋଣୀ କରିବ । ଥରେ ମୋର ଜଣେ କନ୍ନଡ଼ ସ୍ତାବକ ଦେଖିଲେ ଯେ ମୁଁ ଗୋଟିଏ ଦରଭଙ୍ଗା ଚଉକିରେ ବସି ଲେଖାପଢ଼ା କରୁଛି । ଆରଥରକୁ ପୁଟ୍ଟପର୍ତ୍ତି ଆସିଲାବେଳେ ସେ ମୋ ପାଇଁ ଗୋଟିଏ ଆରାମଦାୟକ ଚଉକି ଆଣି ତାହା ବ୍ୟବହାର କରିବାପାଇଁ ମୋତେ ଅନୁରୋଧ କଲେ । ବାବା ଜାଣିଲେ ମୋତେ ଗୋଟିଏ ଆରାମଦାୟକ ଚଉକି ମିଳିଛି ! କଥା ପ୍ରସଙ୍ଗରେ ସେ ମୋତେ କହିଲେ

ସୁଖକର ଚଉକି ବ୍ୟବହାର କରିବା ସାଧକ ପକ୍ଷରେ ଅନୁକୂଳ ନୁହେଁ। ତା'ଛଡ଼ା, ବନ୍ଧୁ ହେଲେ ବି କାହାରିଠାରୁ କିଛି ଉପହାର ରଖିବା ଅହିତକର।

ବାବା ଲକ୍ଷ୍ୟ କରିଛନ୍ତି ଯେ ଲୋକେ ମୋତେ ନମସ୍କାର କଲେ ମୁଁ ସଙ୍ଗେ ସଙ୍ଗେ ଯୋଡ଼ ହସ୍ତରେ ପ୍ରତିନମସ୍କାର ଜଣାଉନାହିଁ। ସେଥିପାଇଁ ସତର୍କ କରାଇଦେଇ ବାବା ଥରେ କହିଲେ ଯେ ନମସ୍କାର ପ୍ରତିବଦଳରେ ଟିକିଏ ହସିଦେବା କିମ୍ବା ଜୋରରେ ମୁଣ୍ଡ ଲାଡିବା ଆଦୌ ଯଥେଷ୍ଟ ସୌଜନ୍ୟ ନୁହେଁ। ଏସବୁ ଉପରଠାଉରିଆ, ବଡ଼ଲୋକିଆ ଢଙ୍ଗ। ସେମାନଙ୍କର ନମସ୍କାର ଯେପରି ସ୍ୱାଭାବିକ ଶ୍ରଦ୍ଧା ଓ ସମ୍ମାନଯୁକ୍ତ, ମୋର ପ୍ରତିନମସ୍କାର ମଧ୍ୟ ସେହିପରି ଆନ୍ତରିକ ଓ ସଶ୍ରଦ୍ଧ ହେବା ଉଚିତ। କୌଣସି ପ୍ରକାରର ପ୍ରଶଂସା, ଖୁଚୁକଥା, କିମ୍ବା ସାଧାରଣ ଭାବରେ ପସନ୍ଦ କଲାଭଳି କଥା ବି କାହାରିଠାରୁ ମୋତେ ଗ୍ରହଣ କରିବାକୁ ହେବ ନାହିଁ।

ବାବାଙ୍କୁ ଅବତାର ବୋଲି ମାନିବା ଲୋକଙ୍କ ପକ୍ଷରେ ବଡ଼ କଷ୍ଟକର ହୋଇଥାଏ। ଆମେ ସାଧାରଣତଃ ଦେଖୁ ପଣ୍ଡିତ, ସାଧୁ, ସନ୍ନ୍ୟାସୀ, କୌଣସି ଧର୍ମମତର ପ୍ରଚାରକ, ଶାସ୍ତ୍ର ବ୍ୟାଖ୍ୟାକାର କିମ୍ବା ଉପାସନା ଫଳରେ କିଛି କିଛି ବିଭୂତିର ଅଧିକାରୀ ହୋଇଥିବା ଲୋକଙ୍କୁ। ନିଜ ନିଜର ଈଶ୍ୱର ଅନୁଭୂତିକୁ ପ୍ରକାଶ କରିବାକୁ ଚେଷ୍ଟା କରୁଥିବା ସନ୍ଥକବି, ଦାର୍ଶନିକ ମଧ୍ୟ ଆମ ଆଖିରେ ପଡ଼ନ୍ତି। ମାତ୍ର ଅବତାର ଅତ୍ୟନ୍ତ ବିରଳ। ମଣିଷ ଦେହରେ ଦୈବତ୍ୱର ସଂପୂର୍ଣ୍ଣ ପ୍ରକାଶ ଦେଖିବା, ସର୍ବଜ୍ଞ, ସର୍ବଶକ୍ତିମାନ, ସର୍ବମୟ, ନିତ୍ୟଚୈତନ୍ୟର ଅଧିକାରୀ ଅବତାରଙ୍କୁ ଭେଟିବାର ସୌଭାଗ୍ୟ ଗୋଟିଏ ଯୁଗରେ ଥରେ ଅଧେ ଆସେ। ତେଣୁ ଅବତାରଙ୍କୁ ନ ବୁଝି ତାଙ୍କ ଅନୁଗ୍ରହ ପାଇବା ନିମନ୍ତେ, ତାଙ୍କ ଦୃଷ୍ଟିପଥରେ ପଡ଼ିବା ନିମନ୍ତେ ଲୋକେ ନାନା ପ୍ରକାରର ଅଦ୍‌ଭୁତ ଓ ହାସ୍ୟକର ଉଦ୍ୟମ କରିଥାନ୍ତି। ଲୋକେ ବୁଝନ୍ତି ନାହିଁ ଯେ ଯେଉଁ ଦୈବାନୁଗ୍ରହ ସେମାନେ ଚାହାନ୍ତି, ଭଗବାନଙ୍କର ଯେଉଁ ଆତ୍ମୀୟତା ଆଶା କରନ୍ତି, ତାହା ସେମାନଙ୍କର ପ୍ରାପ୍ୟ, ଆଉ ସେଇ ପ୍ରାପ୍ୟ ପୂରଣ କରିବାକୁ ହିଁ ଅବତାର ଆସିଥାନ୍ତି। ବାବାଙ୍କର ପାଖଲୋକ କିଏ ସେମାନେ ଖୋଜନ୍ତି, ସତେ ଯେମିତି ସେମାନେ ଦୂର ଲୋକ! ସେମାନେ ଏସବୁ 'ପାଖଲୋକ' ମାନଙ୍କୁ ପ୍ରବର୍ତ୍ତାଇ, ପ୍ରଭାବିତ କରି ସେମାନଙ୍କ ମାଧ୍ୟମରେ ଭଗବାନଙ୍କୁ ମଧ୍ୟ ପ୍ରଭାବିତ କରି ସେମାନଙ୍କ ପ୍ରାର୍ଥନା ମଞ୍ଜୁର କରାଇ ନେବାକୁ ଚେଷ୍ଟା କରନ୍ତି!

ପ୍ରଶାନ୍ତିନିଳୟମ୍‌ରେ ମୁଁ ସବୁଠୁ ବେଶୀ ପୁରୁଣା ହୋଇଥିବାରୁ, ଆଉ ଅନେକ ବହିରେ ଛାପାଖାନା ମୋ ନାମଟିକୁ ଛାପିଥିବାରୁ ଲୋକେ ଭାବନ୍ତି ମୁଁ ଜଣେ ଭାରି ପ୍ରତିପତ୍ତି ଥିବା ଲୋକ ଏଠି, ଆଉ ମୋ ନଜରକୁ ଆସିବା ଦ୍ୱାରା ସେମାନଙ୍କର ଅନେକ ଉପକାର ହେବ। ମୋ ନାମରେ ଅନେକ ବିଶେଷଣ ମଧ୍ୟ ଯୋଡ଼ା ହୋଇଯାଏ, ଯଥା- ଭଗବାନଙ୍କର ଅଫିସିଆଲ୍ ଜୀବନୀଲେଖକ, ବ୍ୟକ୍ତିଗତ ସେକ୍ରେଟାରୀ, ପ୍ରଥମ ଓ ଜ୍ୟେଷ୍ଠ ଶିଷ୍ୟ, ଭକ୍ତଶିରୋମଣି, ଏ ଯୁଗର ବ୍ୟାସ, ବାଲ୍ମୀକି..... ଆଦି କେତେ କ'ଣ। ଏ ଟୋପିସବୁ ମୋର ବିକୃତ ରୂପକୁ ଲୋକଙ୍କ ଆଗରେ ଉପସ୍ଥାପିତ କରେ ମାତ୍ର। ଅବଶ୍ୟ ମୋତେ ଏସବୁ ଟୋପି

ପିନ୍ଧାଇବା ପଛରେ ଲୋକଙ୍କର ଉଦ୍ଦେଶ୍ୟ ଥାଏ ମୋର ମୁଁ-କାରକୁ ଟିହାଇ ଆପଣାର ସ୍ୱାର୍ଥସାଧନ କରିବା । ମୁଁ ଯେତେବେଳେ ଏସବୁ ଘଟୁକଥା ଶୁଣି ମୁହଁ ବୁଲାଇ ଦିଏ, ସେମାନେ କହନ୍ତି ଆପଣାର ପ୍ରଶଂସା ପ୍ରତି ବିମୁଖ ମୋପରି ଲୋକ କୋଟିକରେ ଗୋଟିଏ ମିଳିବେ ନାହିଁ ! ତେଣୁ ପ୍ରଥମେ ପ୍ରଥମେ ମୋର ଅଧେ ସମୟ ଯାଉଥିଲା ବୁଝାଇବାରେ ଯେ ଏ ବାବା ଅନ୍ୟ ବାବାଙ୍କ ପରି ନୁହନ୍ତି । ଏ ବାବାଙ୍କୁ ବୁଝିବା ଆମ ପକ୍ଷରେ ଅସମ୍ଭବ । ସେମାନେ ଏଠାକୁ ଆସିପାରିଛନ୍ତି କେବଳ ବାବା ଡାକିଆଣିଛନ୍ତି ବୋଲି । ଯେତେବେଳେ ଅନୁଗ୍ରହ ପାଇବାକୁ ସେମାନେ ପ୍ରସ୍ତୁତ ହେବେ, ବାବା ଆପେ ଡାକି ସେମାନଙ୍କୁ ବର ଦେବେ । ସେମାନଙ୍କ ପକ୍ଷରୁ ଭଗବାନଙ୍କ ସହିତ କଥାବାର୍ତ୍ତା କରିବା ପାଇଁ କୌଣସି ତୃତୀୟ ଲୋକ ନାହିଁ । ବାବା ପ୍ରଶାନ୍ତିନିଳୟମ୍‌ରେ ନ ଥିଲେ ଲୋକେ ପଚାରନ୍ତି ସେ କେବେ ଏଠାକୁ ଆସିବେ, ଆଉ ଏଠାରେ ଥିଲେ ପଚାରନ୍ତି କେବେ ସେ ପ୍ରଶାନ୍ତି ଛାଡ଼ି ବାହାରକୁ ଯିବେ । ଏସବୁ ପ୍ରଶ୍ନର ଉତ୍ତର ଦେଲେ ମୋର ଏଯାଏ ବାର୍ଦ୍ଧକ୍ୟ ଯୋଗୁ ମତିଭ୍ରମ ଘଟି ନ ଥିବାର ସୁଖ୍ୟାତିକୁ ହରାଇ ବସିବାର ଭୟ ଥିଲେ ବି ମୁଁ ଉତ୍ତର ଦିଏ ବାବା କାଳ ଓ କାରଣ ଦ୍ୱାରା ଆବଦ୍ଧ ନଥିବାରୁ ହିଁ ଆମେ ତାଙ୍କୁ ଏତେ ଭଲପାଉ ।

ମୋର ଭାଗ୍ୟ ଭଲ ଯେ ମୁଁ ଏପରି ଜଣଙ୍କ ପାଖରେ ଅଛି, ଯିଏ ନୀତି ବିଷୟରେ ଚଳାଇନେବା କଥାଟି ଜାଣନ୍ତି ନାହିଁ । ସିଏ ଭୁଲ୍ ମାଫ୍ କରି ଦିଅନ୍ତି ନାହିଁ, ପ୍ରଶଂସା କରନ୍ତି ନାହିଁ କିମ୍ବା ଦଣ୍ଡ ଦିଅନ୍ତି ନାହିଁ । ବାପରେ ଧନରେ କହି, ଚତୁର କଥା ଓ ଅର୍ଥପୂର୍ଣ୍ଣ ମନ୍ତବ୍ୟ ଦ୍ୱାରା ଆମର ସ୍ୱଭାବ-ଚରିତ୍ର ବଦଳାନ୍ତି । ସେ ଭକ୍ତଶିରୋମଣି, ବା ଆଧ୍ୟାତ୍ମରନ୍, ଗୁରୁସେବାପ୍ରବୀଣ, ଲୋକସେବାରତ ବା ପୂଜ୍ୟ ଆଦି ଉପାଧିମାନ ଆମ କଣ୍ଠମାଳା କରନ୍ତି ନାହିଁ । ମୁଁ ଯେତେଥର ଡାକ୍ତରଖାନାରେ ଯାଇ ପଡ଼ିଛି, ମୁଁ ବୁଝିପାରିଛି ମୋର ସେଠାରେ କିଛିଦିନ ବିଶ୍ରାମ ନେବା ଦରକାର ଥିଲା ବୋଲି ସେ ମୋତେ ସେଠାକୁ ଯିବାକୁ ଛାଡ଼ିଦେଇଛନ୍ତି । କାରଣ କେତେଥର ମୋତେ ଡାକ୍ତରଖାନା ଯିବାବାଟରୁ ଭଲ କରିଦେଇ ଫେରାଇ ଆଣିଛନ୍ତି । ସେ ଏପରି ସ୍ନେହରେ ମୋତେ ପାଳିଛନ୍ତି ଯେ କୌଣସି ଅପକର୍ମ କରି ତାଙ୍କ ସ୍ନେହରୁ ବଞ୍ଚିତ ହେବା ଆଗରୁ ସେ ମୋତେ ତିରସ୍କାର କରି ସତର୍କ କରାଇ ଦେଇଛନ୍ତି । ସେ ଆଗରୁ କହିଦିଅନ୍ତି, "ଦେଖ, ଦଶହରା ଆସୁଛି । ବିଶେଷ ସାବଧାନ ରହିବୁ । ଯେଉଁଠି ଯେଉଁଠି ତୋର କିଛି କରିବାର ଅଛି ସେଇଠି ଯଥା ସମୟରେ ଉପସ୍ଥିତ ରହିବୁ । ସାମାନ୍ୟ ଟିକିଏ ଗୋଡ଼ ଖସିଗଲେ ତୋର ଦଶଦିନଯାକ ମାଟି ହୋଇଯିବ ।" ମୋ ପ୍ରତି ଅସୀମ ଦୟା ନ ଥିଲେ ସେ କଥା କହନ୍ତେ କି ? ସେ ସବୁବେଳେ ମୋ ଉପରେ ଆଖି ରଖିଛନ୍ତି, ମୋତେ ବାଟ ଦେଖାଇ ଆସିଛନ୍ତି, ଆଉ ତାଙ୍କ ପ୍ରତି ମୋର ଅସରା କୃତଜ୍ଞତା ତାଙ୍କ ପ୍ରତି ମୋର ପ୍ରେମକୁ ଖାଦ୍ୟ ଯୋଗାଇ ଆସିଛି ।

ମୁଁ ମାନିଯିବି ଯେ ମୋର ଗୋଟାଏ ଭାରି ଦୁରାରୋଗ୍ୟ ବ୍ୟାଧି ଅଛି, ଆଉ ସେଇଟା ହେଲା ଭଗବାନଙ୍କ ସମ୍ବନ୍ଧରେ କେହି କହିବାକୁ ଡାକିଲେ ମୁଁ ସାଙ୍ଗେ ସାଙ୍ଗେ ରାଜି ହୋଇଯାଏ ।

ମହୀଶୂର ବିଶ୍ୱବିଦ୍ୟାଳୟରେ ଚାକିରି କଲାବେଳେ ମୋର ବୃତ୍ତି ଥିଲା ଭାଷଣ ଦେବା। ଦୀର୍ଘ ସତେଇଶି ବର୍ଷ କାଳ ଶ୍ରେଣୀଗୃହରେ ଭାଷଣ ଦେବା ଛଡ଼ା ରାମକୃଷ୍ଣ-ବିବେକାନନ୍ଦ ସମାରୋହମାନଙ୍କରେ ଓ ବିଶ୍ୱବିଦ୍ୟାଳୟ ଅଧ୍ୟାପକମାନଙ୍କ ସଭାମାନଙ୍କରେ ଅନେକ ଭାଷଣ ଦେଇଛି। କନ୍ନଡ଼ ସାହିତ୍ୟ ଓ ସଂସ୍କୃତିର ପୁନରୁତ୍‌ଥାନ ଆନ୍ଦୋଳନରେ ମଧ୍ୟ ମୁଁ ଜଣେ ଭାରି ଉତ୍ସାହୀ ବକ୍ତା ଓ ପ୍ରଚାରକ ଥିଲି। ମାତ୍ର ଏବେ କେଉଁଠାକୁ କେତେବେଳେ ଯିବି ବା ନ ଯିବି ତାହା ବିଚାର କରିବାକୁ ଭଗବାନ୍ ମୋତେ ଶିଖାଇଛନ୍ତି। ମୋର ସ୍ୱାସ୍ଥ୍ୟକଥା ଛାଡ଼ିଦେଲେ ରେଳଗାଡି ବା ବ୍ୟୋମଯାନରେ ଦୂରକୁ ଯିବାର ଥିଲେ ମୋତେ ଅନ୍ୟପକ୍ଷର ଆର୍ଥିକ ସଙ୍ଗତି କଥା ଚିନ୍ତା କରିବାକୁ ପଡ଼େ। ଅନେକ ସମୟରେ ମୁଁ ଅଡୁଆରେ ପଡ଼ିଗଲେ ସେ ଉଦ୍ଧାର କରନ୍ତି, ଆଉ ମୁଁ ଭାଷଣ ଦେଇ ଫେରିଲା ପରେ କେଉଁଠି କ'ଣ କହିଲି ତାର ଏକ ତାଲିକା ସହ ସତ୍ୟକୁ ଅତିରଞ୍ଜିତ କରି କହିଥିବା ଅପରାଧରେ ତିରସ୍କାର ବି କରନ୍ତି।

କୋରାବାଞ୍ଜି ଏବଂ Shanker's Weekly ପତ୍ରିକା ଦୁଇଟିରେ ଲେଖିବା ବନ୍ଦ କରି ଏବଂ କନ୍ନଡ ଭାଷାରେ ପ୍ରବନ୍ଧ, ଗଳ୍ପ, ଉପନ୍ୟାସ ଏବଂ ନାଟିକା ଆଦି ରାଜ୍ୟରେ ମୋ କଲମର ପ୍ରବେଶକୁ ବାରଣ କରି ମୁଁ ହାସ୍ୟରସ ସାହିତ୍ୟର ଅଶେଷ କ୍ଷତିସାଧନ କରିଛି ବୋଲି ମୋର ସାହିତ୍ୟପ୍ରେମୀ ବନ୍ଧୁମାନେ ଅନେକ ସମୟରେ ଦୁଃଖ ପ୍ରକାଶ କରିଥାନ୍ତି। ସେମାନଙ୍କର ଦୁଃଖ ଯେ ମୁଁ ଜଣେ ସନ୍ନ୍ୟାସୀ ପାଲଟି ବୃଥା ବିସମ୍ବାଦ ମଧ୍ୟରେ ନିଜକୁ ଆବଦ୍ଧ କରି ରଖିଛି। ସେମାନଙ୍କ ମତରେ ଯେଉଁ ନୂତନ ସାହିତ୍ୟସେବାରେ ମୋ କଲମ ଲାଗିଥିଲା ତାହା ଗୋଟାଏ ନିତାନ୍ତ ତୁଚ୍ଛ ଓ ସନ୍ଦେହଜନକ ବୃତ୍ତି। ସେମାନେ କ'ଣ ବୁଝିବେ ଦୈବତ୍ୱ ଆମକୁ କି ଅପୂର୍ବ ଆନନ୍ଦ ଦେଇପାରେ! ସେମାନେ କ'ଣ ଜାଣିବେ ଅବତାରଙ୍କ ପାଦପଦ୍ମ ଚାରିପାଖରେ ଖେଳୁଛି କି ମହାପ୍ରେମର ଉଷ୍ମତା! ବାବା ଦୂର ମେଘମାଳାର ଗମ୍ଭୀର ଗର୍ଜ୍ଜନ ନୁହନ୍ତି, କିମ୍ବା ଆତ୍ମମହିମାରେ ନିବିଷ୍ଟ ନିରାସକ୍ତ ହିମାବୃତ ଗିରିଶୃଙ୍ଗ ନୁହନ୍ତି। ପ୍ରତି ମୁହୂର୍ତ୍ତରେ ହସି ହସି ଆମକୁ ଛୁଇଁ ଚାଲିଯାଉଥିବା ନିର୍ମଳ ତଟିନୀ ସେ। ସେ ଚାଲିଲେ ନିର୍ମଳ ହର୍ଷର ମଲ୍ଲୀଫୁଲ ବିଞ୍ଚିହୋଇପଡ଼େ, ସେ କଥା କହିଲେ ନିରାଶ ପ୍ରାଣରେ ଆଶା ଗୁଞ୍ଜରି ଉଠେ, ସେ ହସିଲେ ହୃଦୟ ଆନନ୍ଦର ଆଲୋକରେ ଝଳିଉଠେ। ଯଦି ସରସତା ବୁଦ୍ଧିଦୀପ୍ତ ପ୍ରାଣର ଆତ୍ମା ହୁଏ, ତେବେ ବାବା ସରସତାର ଗୋଟିଏ ଅସରନ୍ତି ଭଣ୍ଡାର। ସେ ଯେପରି ହସନ୍ତି, ଆଉ କେହି ସେପରି ପାରେନା, କାରଣ ସେ ଆମର ଚତୁରତା ଭିତର ଦେଇ ଆମକୁ ଦେଖି ପାରନ୍ତି, ଆମର ମୁଖା ଭିତର ମଣିଷଟିକୁ ଛୁଇଁ ପାରନ୍ତି, ଆମର ମିଥ୍ୟାର ଆଭରଣକୁ ଟାଣି ବାହାର କରିଦେଇପାରନ୍ତି, ସଂସାରକୁ ମୁଠେଇ ଧରି ଆମେ ମୁଣ୍ଡ କୋଡୁଥିବାବେଳେ ଆମର ମୁଠା କୋହଳ କରିଦେଇପାରନ୍ତି, ଆଉ ଆମର ଆଡ଼ମ୍ବର, ବଡ଼ପଣକୁ ଭାଙ୍ଗିଦେଇପାରନ୍ତି। ତାଙ୍କର ହସ ବୈଦ୍ୟର ସରସ ରସାୟନ, ଯାହାପରେ ଆରୋଗ୍ୟକାରୀ ପାଚନପାଣି ମିଳିଥାଏ। ଏ ନୂଆ ପାଚନ ଦୟା ଓ ପ୍ରେମର ମିଶ୍ରଣ। ମଣିଷମାନେ ଯେତେବେଳେ ନିଜକୁ ଠକିବା ଗୋଟାଏ

ବୃତ୍ତିରେ ପରିଣତ କରି ଦିଅନ୍ତି ଓ ଯାହା ନାହିଁ ତାହା ଅଛି ବୋଲି ଦାବୀ କରନ୍ତି, ତାର ପ୍ରତିକ୍ରିୟା ହସ ଛଡ଼ା ଆଉ କ'ଣ ହୋଇପାରେ ? ହାସ୍ୟକର ପରିସ୍ଥିତି କାହାକୁ କୁହାଯାଏ ? ମୁଁ ବୋତଲ ପିଉ ପିଉ ବୋତଲ ଯେତେବେଳେ ମୋତେ ପିଇଦିଏ; ଧନସମ୍ପତ୍ତିକୁ ମୋର କହି କହି ମୁଁ ଯେତେବେଳେ ତାର ଦାସ ହୋଇଯାଏ; କଥା କହିବାର ଗୋଟାଏ କୃତ୍ରିମ ଢଙ୍ଗ, ଚାଲିଚଳଣରେ ଗୋଟାଏ ଭଙ୍ଗୀ, ଜୀବନରେ ଗୋଟିଏ ନିର୍ଦ୍ଦିଷ୍ଟ ମତବାଦ, କିମ୍ବା କୌଣସି ପ୍ରକାରର ଅନାବଶ୍ୟକ ଆତୁରତା ହେଉଛି ହାସ୍ୟକର ପରିସ୍ଥିତି । ଏପରି ଭାବଗତ ବ୍ୟଭିଚାରକୁ ପରିହାସ କରି, ହାସ୍ୟରସ ଆଢୁଆଳରେ ଏସବୁକୁ ପଦାରେ ପକାଇ ବାବା ବ୍ୟକ୍ତିର ଓ ସମାଜର ଭଦ୍ରତାକୁ ପରିପୁଷ୍ଟ କରିଥାନ୍ତି ।

ବାବା ଭକ୍ତମାନଙ୍କୁ ଯେଉଁସବୁ ଡାକନାମ ଦେଇଥାନ୍ତି ତାହା ସରସ ହସ ସୃଷ୍ଟି କରିଥାଏ । ସେ କାହାକୁ ଦୁନ୍ନାପୋତୁ (ମଇଁଷି) ବୋଲି ଡାକନ୍ତି, ତ କାହାକୁ ରାଉଡି, ରୋଡ୍ ରୋଲର୍ ବା ପକୋଡ଼ା ନାମ ଦେଇଥାନ୍ତି । କାହାକୁ-କାହାକୁ ତାଳଗଛ ନାମ ବି ମିଳିଥାଏ । ଅନେକ ସମୟରେ ବାବାଙ୍କ ଆଗରେ ପହଞ୍ଚିଲାମାତ୍ରେ ସେ ମୋତେ 'ଦୁନ୍ନାପୋତୁ, ଆ' ବୋଲି ଡାକିଥାନ୍ତି । ମୁଁ ଯେତେବେଳେ ସାହସ କରି ବାବାଙ୍କ କରୁଣା ଓ ସର୍ବମୟତାକୁ ଉତ୍ସାହର ସହ ଟିକିଏ ଆଳଙ୍କାରିକ ଭାଷାରେ ବର୍ଣ୍ଣନା କରେ, ବାବା ମୋର ପାରିବାରପଣିଆକୁ ଖର୍ବ କରିବାକୁ ଯାଇ ମୋତେ କପି ବା ମାଙ୍କଡ଼ ବୋଲି ଡାକନ୍ତି । କପି ଶବ୍ଦଟି 'କବି' ଶବ୍ଦ ସହ ମେଳ ଖାଉଥିବାରୁ ବାବା ଏ ଶବ୍ଦଟି ବ୍ୟବହାର କରିଥାନ୍ତି । ଅବଶ୍ୟ ବୈଦିକ ଭାଷାରେ ସତ୍ୟଦ୍ରଷ୍ଟା ସର୍ବଜ୍ଞ ପୁରୁଷ ହିଁ କବି । ମୁଁ ବ୍ରାହ୍ମଣ କୁଳରେ ଜନ୍ମ ଗ୍ରହଣ କରିଥିବାରୁ ବାବା କେତେବେଳେ କେଉଁ ଭଟ୍ଟ ବୋଲି ମଧ୍ୟ ଡାକିଥାନ୍ତି । ତେଲୁଗୁ ଭାଷାର ଆଦିକବି ଥିଲେ ନାନ୍ନାୟା ଭଟ୍ଟ; ଚନ୍ଦ୍ର ସାଙ୍ଗରେ ଚନ୍ଦ୍ରକାଣୀକୁ ତୁଳନା କଲାଭଳି ସେ ମୋତେ ନାନ୍ନାୟା ଭଟ୍ଟ ବୋଲି ଡାକି ହସ ସୃଷ୍ଟି କରିଥାନ୍ତି । ଅଧିକାଂଶ ସମୟରେ ମୋର ନାମ 'ବୁଢ଼ୀ', '୯୭ ମଡେଲ' (୧୮୯୭ରେ ମୋର ଜନ୍ମ), 'ଭଙ୍ଗା ଗାଡି' ଇତ୍ୟାଦି । ମୋତେ ଯେତେବେଳେ ସେ 'ସତୀବୁଢ଼ୀ' ବୋଲି ଡାକନ୍ତି ମୋର ବିଶେଷ ଆନନ୍ଦ ଜାତ ହୁଏ, ମାତ୍ର, ବେଳେବେଳେ ମୋତେ 'ଅସତୀ' ନାମ ବି ଶୁଣିବାକୁ ପଡ଼େ । ମାତ୍ର ଏସବୁ ନାମରେ ଡାକିଲାବେଳ ଏ ନାମ ସହିତ ତାଙ୍କର ପ୍ରେମର ରସ ଏପରି ମିଶି ରହିଥାଏ ଯେ ଏ ନୂଆ ନାମ ପାଇଥିବା ଭକ୍ତଟି ଆନନ୍ଦରେ ଲୁତୁବୁତୁ ହୋଇଯାଏ ।

ବର୍ତ୍ତମାନରେ ହିଁ ବଞ୍ଚିବାକୁ ବାବା ଉପଦେଶ ଦେଇଥାନ୍ତି । କାରଣ ତାଙ୍କ ଭାଷାରେ, " ଯେଉଁ ରାସ୍ତା ପାରି ହୋଇଆସିଲଣି, ତା ଆଡ଼କୁ ଆଉ ଚାହିଁ ଲାଭ କ'ଣ ? ଯେଉଁମାନେ ଅନେକ ପିଡ଼ିଉଠି ବହୁବାଟ ଚାଲି ଆସିଛନ୍ତି, ଯେଉଁମାନଙ୍କ ମନରେ ବହୁ ଅଭିଯୋଗ ଆଉ ବହୁ ନିରାଶା ରହିଛି, ସେମାନଙ୍କ ନିମନ୍ତେ ଏହି ଉପଦେଶ ଏକାନ୍ତ ଯଥାର୍ଥ । ମାତ୍ର ମୁଁ ପଛକୁ ଚାହେଁ ବହୁ ଅଭୁଲା ଓ ଚମତ୍କାର ଅନୁଭୂତି ଭିତର ଦେଇ ଜୀବନର ଶୋଭାଯାତ୍ରାରେ ଚାଲିଥିବା ଜଣେ ଯାତ୍ରୀ ପରି । ପତାକା ଖମ୍ବ ମୂଳରେ ଠିଆ ହୋଇ ସେ ଉଲ୍ଲସିତ ପ୍ରାଣରେ ଚାହେଁ ପଛରେ ଛାଡ଼ି ଆସିଥିବା ଏସବୁ ରନ୍ ଆଡ଼କୁ ।

ଅତୀତର ରତ୍ନଗୁଡ଼ିକୁ ମୁଁ ବାରମ୍ବାର ସ୍ମୃତିର ବେଳାଭୂମିରେ ସାଉଁଟିବାକୁ ଭଲ ପାଏ। ମୋର ପ୍ରିୟତମଙ୍କର ଅନେକ ଅମୃତକଥା ଓ ବହୁ ମଧୁମୟ ଲୀଳା ମୋର ବର୍ତ୍ତମାନକୁ ରସମୟ କରିଥାଏ। ତାଙ୍କର ଦୟା ଓ କରୁଣା ଭରା ଦିନଗୁଡ଼ିକୁ ମୁଁ ବାରମ୍ବାର ମନେ ପକାଏ। ହାୟ! କେତେ ଶୀଘ୍ର ସେ ଦିନଗୁଡ଼ିକ ଅତୀତ ହୋଇଗଲା! ତାଙ୍କର ବାଣୀ ଓ ଉପଦେଶକୁ ମୁଁ ବସି ବସି ମନନ କରେ; ଆଉ ବାଇବେଲର ପ୍ରାର୍ଥନା ସାଙ୍ଗେ ସ୍ୱର ମିଳାଇ କହିଉଠେ : "ଆମ ଭଗବାନଙ୍କ ସମତୁଲ ଭଗବାନ ଆଉ କାହାର ଅଛି ? ହେ ପ୍ରଭୁ, ତୁମେ ଅଲୌକିକ ଲୀଳା ପ୍ରକଟ କରିଛ, ଆଉ ଦେଶ ବିଦେଶରେ ଆପଣାର ଶକ୍ତିର ନିଦର୍ଶନ ଦେଖାଇଛ।"

ସାଇ ମୋ ଉପରେ କରୁଣାର ଧାରା ଢାଳି ଦେଇଛନ୍ତି, ଯଦିଓ ମୁଁ ଅବିଶ୍ୱାସ ଧରି ତାଙ୍କ ପ୍ରତି ଅବଜ୍ଞା ଆଚରଣ ଦେଖାଇଛି। ଯେତେବେଳେ ମୋର ତର୍କପ୍ରିୟ ମନ ମୋ ଆଖିକୁ ଅନ୍ଧ କରି ରଖିଛି ଓ ମୋ ଭିତରେ ସଂଶୟ ଉପହାସ କରିଛି, କ୍ରୋଧ ଗର୍ଜ୍ଜନ କରିଛି, ସେ ଏ ସବୁକୁ ଶାନ୍ତ କରି ଦେଇଛନ୍ତି। ଚତୁର ଲୋକେ ଯେତେବେଳେ ମୋ ବିଶ୍ୱାସ ହରି ନେଇଛନ୍ତି, ସେ ସଦୟ ହୋଇ ମୋତେ ମୋଠାରୁ ରକ୍ଷା କରିଛନ୍ତି। ଯେତେବେଳେ ମୋର ପୁଅ, ବୋହୂ, ଝିଅ ଏବଂ ଜ୍ୱାଇଁ ସଙ୍କଟରେ ପଡି ମୋ ସହିତ ତାଙ୍କୁ ବିକଳରେ ପ୍ରାର୍ଥନା କରିଛନ୍ତି, ବାବା ସେମାନଙ୍କ ହାତ ଧରି ପରମ ସ୍ନେହରେ ଆପଣାର ମମତାର ସ୍ୱର୍ଗକୁ ଘେନି ଆସିଛନ୍ତି। ମୁଁ ନିଶ୍ଚୟ ସ୍ୱୀକାର କରିବି ଯେ ବାବାଙ୍କ ବିଦ୍ୟାଳୟରେ ମୁଁ ଜଣେ ସମସ୍ୟା ସୃଷ୍ଟିକାରୀ ଛାତ୍ର ଥିଲି। ତାଙ୍କର ଅମାପ ଦୟା ପାଇ ନଥିଲେ ସ୍କୁଲ ହାଜିରା ଖାତାରୁ କେଉଁକାଳୁ ମୋର ନାମ କଟି ସାରନ୍ତାଣି। ମୋ ପାଇଁ ସେ ଯେଉଁ ପାଠ୍ୟକ୍ରମ ସଜାଡ଼ି ରଖିଥିଲେ, ତାହା ଅନୁବାଦ କାର୍ଯ୍ୟକ୍ରମ ଛଡ଼ା ମୋର ରୂପାନ୍ତର ନିମନ୍ତେ ଉଦ୍ଦିଷ୍ଟ ଧ୍ୟାନ, ଜପ, ଗାୟତ୍ରୀ ଓ ଜ୍ୟୋତିଧ୍ୟାନ। ମୁଁ ଜାଣୁଛି ଯାତ୍ରାର ଶେଷ ଦଉଡ଼ି ଛୁଇଁବା ପାଇଁ ମୋତେ ଆହୁରି ଅନେକ ବାଟ ଯିବାକୁ ପଡ଼ିବ - ହୁଏତ ଅନେକ ଜନ୍ମ।

ପୃଥିବୀରେ ମୋର ଏଥର ରହଣୀ କାଳରେ ଗାୟତ୍ରୀର ଦେବତାଙ୍କୁ ମୁଁ ପଞ୍ଚାଅଶୀ ଥର ପ୍ରଦକ୍ଷିଣ କରିସାରିଲିଣି। ସାଇ ମୋତେ ଆଉ କେତେଥର ପ୍ରଦକ୍ଷିଣ ସୁଯୋଗ ଦେଇ ପାରନ୍ତି, ନ ଦେଇ ପାରନ୍ତି ମଧ୍ୟ। ଉପନିଷଦରେ ଅଛି ମୃତ୍ୟୁ ତାଙ୍କ ଆଜ୍ଞା ମାନି ଯାଆ ଆସ କରେ। ଯେଉଁମାନଙ୍କର ମାଣକ ପୂରିଯାଏ, ମୃତ୍ୟୁ ସେମାନଙ୍କୁ ମୁକ୍ତି ଦେବାକୁ ଆଗେଇ ଆସେ, ମାତ୍ର ତାଙ୍କର କାମ କରିବାକୁ ଅଛି କହି ବାବା ମୃତ୍ୟୁଦୂତକୁ ଫେରିଯିବାକୁ ଆଦେଶ ଦେଇପାରନ୍ତି। ମୁଁ ନିର୍ଦ୍ଦିଷ୍ଟ ଭାବରେ ଜାଣିଛି ଯେ ତିନିବର୍ଷ ତଳେ ଡାକ୍ତରଖାନାରେ ମୋତେ ମୃତ୍ୟୁପୁରୀକୁ ନେଇଯିବା ପାଇଁ ଯମଦୂତମାନେ ମୋ ଶେଯ ପାଖରେ ଆସି ପହଞ୍ଚି ସାରିଥିଲେ। ମାତ୍ର ବାବା ସେମାନଙ୍କୁ ଫେରାଇ ଦେଇଥିଲେ। ଏବେ ମଧ୍ୟ ବାବା ହସି ହସି ମୋତେ ଜୁଇ ନିଆଁକୁ ଠକି ରହିଯାଇଥିବା ଅପରାଧରେ ଅପରାଧୀ ବୋଲି କହନ୍ତି। ମୋର କର୍ମଫଳକୁ କାଟି

କେତେ ଥର ସେ ମୋତେ ଏହିପରି ବଞ୍ଚାଇଛନ୍ତି ତାହା ତାଙ୍କ ଛଡ଼ା ଆଉ କିଏ ଜାଣେ ? ଏପରି ଅନୁଗ୍ରହର ମୁହୂର୍ତ୍ତଗୁଡିକ ବାବା ଘୋଷଣା କରନ୍ତି ନାହିଁ। ସକାଳର ଘାସ ପତ୍ର ଓ ଫୁଟନ୍ତା ଫୁଲ ପାଖୁଡ଼ାରେ ନୀରବରେ କାକର ଝରି ପଡ଼ିଲା ପରି ତାଙ୍କର ଅନୁଗ୍ରହ ନିଃଶବ୍ଦରେ ଆମ ଜୀବନ ଉପରେ ଝରିଆସେ। ଯେଉଁମାନଙ୍କର ସ୍ୱକୃତ ପାପର ଫଳ ପକ୍ଷାଘାତ, ହୃଦ୍‌ଘାତ ଏବଂ ଆପେଣ୍ଡିସାଇଟିସ୍ ଆଦି ରୋଗ ସବୁ ବାବା ଆପଣା ଦେହକୁ ଅପହରଣ କରି ଆଣନ୍ତି, ସେମାନେ ତାହା ଜାଣନ୍ତି ନାହିଁ। ସେମାନଙ୍କ ଅଗୋଚରରେ ଦେବାନୁଗ୍ରହ ସେମାନଙ୍କୁ ମୃତ୍ୟୁମୁଖରୁ କିମ୍ୱା ସାରାଜୀବନ ପଙ୍ଗୁ ହୋଇ ରହିବା ଦୁର୍ଭାଗ୍ୟରୁ ଉଦ୍ଧାର କରିଥାଏ।

ପ୍ରଶାନ୍ତିନିଳୟମ୍‌ରେ ଗତ ୩୪ ବର୍ଷର ମୋର ରହଣୀ କାଳରେ ମୋର କୌଣସି କାର୍ଯ୍ୟକ୍ରମ, ଭାବ ଓ ଅନୁଭବର କୌଣସି ଲିଖିତ ସ୍ମୃତିକଥା ନାହିଁ। ପ୍ରତି ବର୍ଷ ପ୍ରଥମ ଦିନରୁ ଡାଇରୀ ଲେଖା ଆରମ୍ଭ କରିବି ବୋଲି ମୁଁ ସଂକଳ୍ପ କରେ, ମାତ୍ର ପ୍ରତିବର୍ଷ ଏ ସଂକଳ୍ପ ଶିଶୁ ଅବସ୍ଥାରୁ ହିଁ ଆଖି ବୁଜେ। ତେଣୁ ଏହି ପୁସ୍ତକ ଲେଖିବାରେ ମୁଁ କେବଳ ସ୍ମୃତି ଉପରେ ହିଁ ନିର୍ଭର କରିଛି। ମୋ ଜୀବନର କୁଡ଼ିଆରେ କେତୋଟି ଠଣାରେ ଆନନ୍ଦର ରତ୍ନ ସମ୍ଭାଳି ରଖିଛି। ସେଇ ରତ୍ନର ସହାୟତାରେ ହିଁ ଏ ପୁସ୍ତକଟି ରୂପ ନେଇଛି। ବର୍ଷ ବର୍ଷ ଗଡ଼ିଯାଇଥିଲେ ମଧ୍ୟ ସେ ରତ୍ନରାଜି ଏ ପର୍ଯ୍ୟନ୍ତ ସମୁଜ୍ଜ୍ୱଳ ରହିଛନ୍ତି। ସେ ସବୁଗୁଡ଼ିକୁ ଯଦି ମୁଁ ପାଠକମାନଙ୍କ ଆଗରେ ନେଇ ରଖିବି, ତେବେ ଅନେକେ ମୋତେ ପରମ ଅହଙ୍କାରୀ ବୋଲି ନିନ୍ଦା କରିବେ। ମାତ୍ର ସେ ସବୁ ନିର୍ମଳ ପ୍ରେମ ଓ ଭଗବାନ୍ କି ଅଚିନ୍ତନୀୟ ବରଦାନ କରିପାରନ୍ତି ତାର ନିଦର୍ଶନ ମାତ୍ର।

କେତେ ବର୍ଷ ତଳେ ପ୍ରଶାନ୍ତିନିଳୟମ୍‌ର ଉପର ମହଲାରେ ଆମେ ଦୁଇଜଣ ମାତ୍ର ବାବାଙ୍କ ପାଖରେ ବସିଥିଲୁ। ବାବା ହଠାତ୍ କୌଣସି କାରଣ ନଥାଇ ମୋର ବନ୍ଧୁଙ୍କୁ ପଚାରିଲେ ସେ ତଳେ ଶୋଇ ବନ୍ଧୁଙ୍କ କୋଳରେ ତାଙ୍କ ମୁଣ୍ଡ ରଖିବେ କି ? ମୋର ବନ୍ଧୁ ଏ ଅଦ୍‌ଭୁତ ପ୍ରଶ୍ନ ଶୁଣି ସ୍ତବ୍ଧ ହୋଇଗଲେ। ତାପରେ ବାବା ଆମକୁ କେତେଗୁଡ଼ିଏ ଆଚମ୍ବିତ ପ୍ରଶ୍ନ ପଚାରିଲେ, ସେ ଆଦେଶ ଦେଲେ ଆମେ କୋଠା ଉପରୁ ଉଡ଼ି ଉଡ଼ି ଯାଇପାରିବୁ କି ? ସେ ଆମ ହାତ ପାପୁଲି ଉପରେ ପାହାଡ଼ଟି ଆଣି ରଖିଲେ ଆମେ ପାହାଡ଼ଟିକୁ ଟେକି ଧରି ପାରିବୁ କି ? ଆମେ ଅନୁମାନ କରିନେଲୁ ଗୋଟାଏ କିଛି ଅତ୍ୟନ୍ତ ଅଲୌକିକ ଘଟଣା ଘଟିବାର ପୂର୍ବାଭାସ ଏସବୁ। ମୋର ବନ୍ଧୁ ବସିବା ଜାଗାରୁ ଉଠିପଡ଼ି କାନ୍ଥକୁ ଆଉଜି ଠିଆହେଲେ। ବାବା ମୋ ଆଡ଼କୁ ଚାହିଁ ପ୍ରଥମ ପ୍ରଶ୍ନଟି ପଚାରିଲେ। ମୁଁ ତତ୍‌କ୍ଷଣାତ୍ ପରମ ଆନନ୍ଦରେ ରାଜି ହୋଇଗଲି। ତାପରେ ଯାହା ଘଟିଲା ତାକୁ ବର୍ଣ୍ଣନା କରିବାକୁ ମୋର ଭାଷା ନାହିଁ। ବାବା ପରିହାସରେ ସେ ପ୍ରଶ୍ନ କରି ନଥିଲେ। ତେଣୁ ବିଶ୍ୱବିରାଟ ସ୍ୱରୂପ ଗୋଟିଏ ଶିଶୁ ପରି ମୋ କୋଳରେ ମୁଣ୍ଡ ଦେଇ ଶୋଇଗଲେ। ମୋ ଆନନ୍ଦ ଉପନିଷଦରେ ବର୍ଣ୍ଣିତ ଦିବ୍ୟାନନ୍ଦ ଥିଲା। ସୁରଭିତ ନିସ୍ତବ୍ଧତାରେ ମୁଁ ଆପଣାର ବ୍ୟକ୍ତିତ୍ୱକୁ ବିସର୍ଜି ଦେଇ ମାଆ ପାଲଟିଗଲି। ମୋର ଆଙ୍ଗୁଠି ତାଙ୍କର କେଶ

ସାଉଁଳିବାରେ ଲାଗିଲା । ମୋର ହାତ ତାଙ୍କ ପିଠି ଆଉଁସିବାରେ ଲାଗିଲା, ସମୟ ସ୍ଥିର ହୋଇଗଲା, କାଳ ସ୍ତବ୍ଧ ହୋଇ ରହିଗଲା । ବାବା ଯେତେବେଳେ ଉଠିଲେ ମୁଁ ତାଙ୍କ ପାଦ ତଳେ ପଡ଼ି କ୍ଷମା ପ୍ରାର୍ଥନା କଲି, ମାତ୍ର ମୋର ପ୍ରାର୍ଥନା ସେ ମଞ୍ଜୁର କଲେ କାହିଁ; ବରଂ କହିଲେ, "ତୋର ଦୋଷ କ'ଣ ?"

ଦିନେ ଅପରାହ୍ଣରେ ଆମେ ଚେବ୍ରୋଲ ନାମକ ସ୍ଥାନରେ ଥିଲୁ । ସଂଧ୍ୟା ଭୋଜନ ପରେ ବାବା କହିଲେ ଆମକୁ ସଙ୍ଗେ ସଙ୍ଗେ ମାଡ୍ରାସ ଯିବାକୁ ହେବ । ତାଙ୍କ ମୁହଁ ରଙ୍ଗା ଦିଶୁଥିଲା । ଆଉ ମାଡ୍ରାସ ଶୀଘ୍ର ଚାଲିଯିବାକୁ ସେ ବ୍ୟସ୍ତ ଥିବା ପରି ଜଣାପଡୁଥିଲା । ମୁଁ ଅନୁମାନ କଲି ବାବା କାହାରି କିଛି ସାଂଘାତିକ ରୋଗ ନିଜ ଦେହକୁ ଘେନି ଆସିବାକୁ ପ୍ରସ୍ତୁତ ହେଉଛନ୍ତି । ସେଥିପାଇଁ ସେ ମାଡ୍ରାସର କୌଣସି ଭକ୍ତଙ୍କ ଘରେ ରହିବାକୁ ଚାହୁଁଛନ୍ତି, କାରଣ ମାଡ୍ରାସର ଭକ୍ତମାନେ ବାବାଙ୍କର ଏ କୃପାଭିନୟ କଥା ଜାଣନ୍ତି । ବାବା ଗାଡ଼ିରେ ପଛ ସିଟ୍‌ରେ ବସିଥିଲେ । ମୁଁ ମଧ୍ୟ ପଛ ସିଟ୍‌ରେ ଥିଲି । ଗାଡ଼ିରେ ଡ୍ରାଇଭରକୁ ଛାଡ଼ିଦେଲେ ଆଉ କେହି ନ ଥିଲେ । ଗାଡ଼ି କେତେ ମାଇଲ ଯିବା ପରେ ବାବା ଗାଡ଼ିର ପଛ ସିଟ୍‌ରେ ଯେତିକି ସ୍ଥାନ ଥିଲା, ସେତିକିରେ ଲମ୍ବ ହେବାକୁ ଚାହିଁଲେ । ମୁଁ ଡ୍ରାଇଭରକୁ କହିଲି ଗାଡ଼ି ଅଟକାଇବାକୁ । କାରଣ ମୁଁ ଆଗକୁ ଚାଲିଗଲେ ବାବାଙ୍କୁ ପୂରା ସିଟ୍‌ଟା ମିଳିବ । ମାତ୍ର ବାବା ମନା କଲେ । ମୁଁ ଦେଖିଲି, ଗାଡ଼ିରେ ତକିଆ ନାହିଁ । ବାବାଙ୍କର ତକିଆ ହେବାପାଇଁ ମୋର ପୂର୍ବର ସାଗ୍ରହ ସ୍ୱୀକାରୋକ୍ତି ଏବେ ବି କାଏମ୍ ଥିଲା । ବାବା ମୋ କୋଳରେ ମୁଣ୍ଡ ଦେଇ ଶୋଇଲେ ଓ ରାତି ପାହିବା ଯାଏ ମୁଁ ତାଙ୍କ ମୁଣ୍ଡ ଓ କପାଳ ଆଉଁସୁଥିଲି । ରାତି ପାହି ଆସିବା ବେଳକୁ ଆମେ ମାଡ୍ରାସ ପାଖରେ ପହଞ୍ଚିଗଲୁଣି ।

ମୋର ଅନୁମାନ ସତ ହେଲା । ବାବା ମୋତେ ମାଡ୍ରାସ୍‌ରୁ ବାଙ୍ଗାଲୋର୍ ଓ ସେଠାରୁ ପୁଟ୍ଟପର୍ତ୍ତି ପଠାଇଦେଲେ ବୈକୁଣ୍ଠ ଏକାଦଶୀ ଦିନ ପୁଟ୍ଟପର୍ତ୍ତିରେ ରହିବାକୁ । ମୁଁ ରାତିସାରା ଗାଡ଼ିରେ ସିଧା ହୋଇ ବସିଥିଲି । ଏଣୁ ବାବା ମୋତେ ମାଡ୍ରାସ୍‌ରୁ ଟ୍ରେନ୍‌ରେ ପ୍ରଥମ ଶ୍ରେଣୀରେ ବାଙ୍ଗାଲୋର୍ ଯିବାକୁ ବାଧ୍ୟ କରିଥିଲେ । ମୋତେ ବିଶେଷ ନିର୍ଦ୍ଦେଶ ମିଳିଥିଲା ବୈକୁଣ୍ଠ ଏକାଦଶୀରେ ଅମୃତ ପାଇଁ ଜମା ହୋଇଥିବା ହଜାର ହଜାର ଭକ୍ତଙ୍କୁ ସେଦିନ ବାବାଙ୍କ ଅନୁପସ୍ଥିତି ଏକାନ୍ତ ଜରୁରୀ ବୋଲି ବୁଝାଇ ଶାନ୍ତ କରି ରଖିବାକୁ ।

ଗୋଟିଏ ଗୁରୁପୂର୍ଣ୍ଣିମା ଆଗରୁ ସପ୍ତାହେ କାଳ ବାବା ଶଯ୍ୟାଶୟୀ ହୋଇ ପଡ଼ିଥିଲେ । ସେ ଦୀର୍ଘକାଳ ତାଙ୍କ ରୁଗ୍ଣ ଶଯ୍ୟା ପାଖରେ କଟାଇବାର ଯନ୍ତ୍ରଣା ମନେ ପଡ଼ିଲେ ଏବେ ବି ମୋ ଦେହ ଶିହରି ଉଠେ । ସେ ସପ୍ତାହ ମଧ୍ୟରେ ବାବା ନିଳୟମ୍ ଉପର କୋଠରୀଟିରେ ଅନେକଥର ପକ୍ଷାଘାତ ଷ୍ଟ୍ରୋକ୍ ଗ୍ରହଣ କରିଥିଲେ । ଜିଭ କଥା କହି ପାରୁ ନଥିଲା, ହାତ ବଙ୍କା ହୋଇ ନିର୍ବଳ ହୋଇ ଯାଇଥିଲା, ମୁହଁର ବିକୃତ ଅବସ୍ଥାକୁ ଚାହିଁ ହେଉ ନଥିଲା, ଆଉ ପାଦ ଚଳୁ ନଥିଲା । ତଥାପି ଗୁରୁପୂର୍ଣ୍ଣିମା ଦିନ ବାବା ଆମକୁ ଆଦେଶ ଦେଲେ ଉପର ମହଲାରୁ ୧୮ଟି ପାହାଚ ଓହ୍ଲାଇ ତାଙ୍କୁ ତଳମହଲାକୁ ଆଣିବା ପାଇଁ; କାରଣ ପ୍ରାୟ ଚାରିହଜାର ଭକ୍ତ

ଦର୍ଶନ ପାଇଁ ଅପେକ୍ଷା କରି ରହିଥିଲେ । ମାତ୍ର ସେମାନେ କ'ଣ ଦେଖିବେ ? ବିକୃତ ମୁଖ ଓ ଅଚଳ ପାଦ ଦେଖି ଘରିହଜାର ହୃଦୟ ସେଦିନ ଭାଙ୍ଗି ପଡ଼ିଥିଲା, ଘରିହଜାର କଣ୍ଠର କାତର ପ୍ରାର୍ଥନା ପ୍ରଶାନ୍ତିନିଳୟମ୍‌କୁ ମନ୍ଥନ କରିପକାଇଥିଲା ।

ମୁଁ ଟିକେ ଆଗରୁ କହିଲି ଯେ ଏ ଘଟଣା ମୋ ସ୍ମୃତିପଟରେ ଗଭୀର ଦାଗ ରଖିଦେଇ ଯାଉଛି । ମାତ୍ର ନା, ମୁଁ ଭୁଲ କହିଲି; କାରଣ ମୁହୂର୍ତ୍ତକ ମଧ୍ୟରେ, ଆଖିର ପଲକ ମାତ୍ରକେ ବାବା ଏ ଗହୀର ଦାଗ ପୋଛି ଦେଇଥିଲେ । ସାମାନ୍ୟ କେତେ ବୁନ୍ଦା ପାଣି ଛିଞ୍ଚିଦେଇ ବାବା ନିଜକୁ ସଂପୂର୍ଣ୍ଣ ରୋଗମୁକ୍ତ କରିଦେଇଥିଲେ, ଆଉ ତାଙ୍କର ସ୍ୱଭାବ ସୁଲଭ ଦିବ୍ୟ ମହିମା ଓ ପ୍ରେମର ଝଲକରେ ସମସ୍ତଙ୍କୁ ବିମୋହିତ କରି ଉଠି ଠିଆ ହେଲେ । ବାବା ଭକ୍ତମାନଙ୍କୁ ସମ୍ଭାଷଣ ଶୁଣାଉଥିବା ବେଳେ ମୁଁ ନିଜକୁ ଭୁଲି ବାବାଙ୍କ ପାଦପଦ୍ମରେ ଗଡୁଥିଲି । ଲୋକମାନେ ଏସବୁ ଦେଖି ମୋତେ ଯେ ପାଗଳ ବୋଲି ଭାବୁଥିବେ ସେ ଚିନ୍ତା ବି ମୋ ମନରେ ନଥିଲା । ଯେଉଁ ପାଦଟି ମୋ ଆଖି ଆଗରେ ଏତେ କଷ୍ଟ ପାଇଥିଲା, ତାକୁ ମୁଁ ବାରମ୍ବାର ଚୁମ୍ବନ କରୁଥିଲି, ଆଉ ଆଖିର ଲୁହରେ ଧୋଇ ଦେଉଥିଲି । ଆମେ ସାତଦିନ କାଳ ଯେଉଁ ମରଣାନ୍ତକ ନୀରବ ଯନ୍ତ୍ରଣା ଭୋଗିଥିଲୁ, ସେ ମୁହୂର୍ତ୍ତଟିର ଆନନ୍ଦ ତାର ଯଥେଷ୍ଟ ପ୍ରତିଦାନ ଥିଲା ।

ଗୋଆ ଘଟଣାଟି ମୋ ପକ୍ଷରେ ଥିଲା ସ୍ୱାମୀଙ୍କର ଅବୋଧ୍ୟ, ଅଜ୍ଞାତ ରହସ୍ୟ ମଧ୍ୟକୁ ଆଉ ଏକ ଯାତ୍ରା । ଯିଏ ଆମର ତ୍ରାଣକର୍ତ୍ତା ସେ କ୍ରସ୍‌ରେ ଚଢ଼ିବା ଖୁବ୍ କମ୍ ଲୋକଙ୍କ ଆଖିରେ ପଡ଼େ ଏବଂ ସେ କ୍ରସ୍ ଭାଙ୍ଗିଯିବା ବେଳର ଆନନ୍ଦ ମଧ୍ୟ ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ଜୁଟିଥାଏ । ସେତେବେଳେ ଆଖି ଆଗରେ ଖୋଲିଯାଏ ପରମପ୍ରିୟ ପ୍ରଭୁଙ୍କର ସ୍ୱର୍ଗୀୟ ସିଂହାସନ । ଗୋଆରେ ବାବାଙ୍କର ଆପେଣ୍ଡିକ୍‌ସ ଫୁଲି ପୂଜ ହୋଇଗଲା ! ମାତ୍ର ବାବା ଆନନ୍ଦିତ ଥିଲେ ଯେ ତାଙ୍କର ଜଣେ ଭକ୍ତକୁ ସେ ଏହି ଅସହ୍ୟ ବେଦନାରୁ ଉଦ୍ଧାର କରିଛନ୍ତି । ମୁଁ ଯେତେବେଳେ ବାବାଙ୍କୁ ପ୍ରାର୍ଥନା କଲି ସେ ମୋତେ ତାଙ୍କର ଏ ଯନ୍ତ୍ରଣା ଦିଅନ୍ତୁ, ବାବା ଉତ୍ତର ଦେଇଥିଲେ, "ତୁ କ'ଣ କହୁଛୁ ତାହା ଜାଣୁନା । ଏ ଯନ୍ତ୍ରଣା ତୁ ସହି ପାରିବୁ ନାହିଁ । ଏ କଷ୍ଟରୁ ରକ୍ଷା ପାଇବାକୁ ତୁ ସମୁଦ୍ରକୁ ଡେଇଁ ପଡ଼ିବାକୁ ଗ୍ଃହିଁବୁ ।" ବାବାଙ୍କ ପାଖରେ ଥିବା ଡାକ୍ତରମାନେ ଅପରେସନ୍ ଡେରି କରିଦେଲେ କି ଭୟଙ୍କର ଅବସ୍ଥା ଉପୁଜିବ ତାହା ବିଶଦ ଭାବରେ ବର୍ଣ୍ଣନା କରି ବାବାଙ୍କ ଆପେଣ୍ଡିକ୍‌ସରେ ସଙ୍ଗେ ସଙ୍ଗେ ଅପରେସନ୍ କରିବାର ଅନୁମତି ପାଇବା ନିମନ୍ତେ ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ଶ୍ରୀ ନକୁଲସେନ୍‌ଙ୍କୁ ପ୍ରବର୍ତ୍ତାଇବାରେ ଲାଗିଥିଲେ । ପୁଣି ବାବାଙ୍କ ଅନୁମତି ନେଇ ସେଇଦିନ ଅପରାହ୍ନ ୬ଟା ବେଳେ ବାବାଙ୍କର ଏକ ପ୍ରସ୍ତାବିତ ସମ୍ଭାଷଣ ଶୁଣିବା ନିମନ୍ତେ ନକୁଲସେନ୍ ରାଜଭବନକୁ କେତେ ଶହ ବିଶିଷ୍ଟ ଅତିଥିଙ୍କୁ ନିମନ୍ତ୍ରଣ କରିଥିଲେ । ସେ ଦିନଟି ଥିଲା ଗୋଆର ସବୁଠାରୁ ଅଧିକ ଅନ୍ଧାର ଦିନ ।

ଗୋଆରେ ପହଞ୍ଚିବାର ପ୍ରଥମ ଦିନରୁ ହିଁ ବାବା ଆପେଣ୍ଡିସାଇଟିସ୍ ନିଜ ଦେହକୁ ଘେନି ଆସିଥିଲେ, ଆଉ ସେଇଦିନ ଭଗବାନଙ୍କ ଦର୍ଶନ ଓ ସମ୍ଭାଷଣ ଶ୍ରବଣ ନିମନ୍ତେ ହଜାର ହଜାର ଭକ୍ତ ଅପେକ୍ଷା କରି ବସିଥିଲେ। ସେଦିନ ଅପରାହ୍ଣରେ ବାବା ମୋତେ ଡାକି ଭକ୍ତସମାବେଶରେ କହିବା ପାଇଁ ଆଦେଶ ଦେଲେ। ଭକ୍ତମାନଙ୍କୁ ପୂର୍ବ ଗୁରୁପୂର୍ଣ୍ଣିମାର ଘଟଣା ଶୁଣାଇ ନିଜର ବ୍ରତ ପାଳନ କରିବାରେ ଅବତାର କିପରି ଆଦୌ ହେଳା କରନ୍ତି ନାହିଁ ତାହା ଲୋକଙ୍କୁ ବୁଝାଇଦେବା ନିମନ୍ତେ ମୋତେ ଆଦେଶ ମିଳିଥିଲା। କୃଷ୍ଣାବତାରରେ ଭଗବାନ ଭକ୍ତମାନଙ୍କର ଯୋଗକ୍ଷେମ ବହନ କରିବାକୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ତାଙ୍କୁ ଏ ଅବତାରରେ ମଧ୍ୟ ପାଳନ କରିବାକୁ ହେବ। ସେତେବେଳେ ବାବା ପ୍ରକାଶ କରିଥିଲେ ଯେ ଶେଷ ମୁହୂର୍ତ୍ତରେ ଗୋଆ ଆସିବା ଦଳଟିରେ ମୋତେ ଆସିବାକୁ ବାବା କହିବାର କାରଣ ମୁଁ ଗୁରୁପୂର୍ଣ୍ଣିମା ଘଟଣା ନିଜେ ଅନୁଭବ କରିଛି, ଆଉ ଏବେ ଗୋଆର ଗଭର୍ଣ୍ଣର ଓ ଅନ୍ୟମାନଙ୍କୁ ମୁଁ ବୁଝାଇ କହିପାରିବି ଯେ ବାବା ନିଜେ ରୋଗ ଡାକି ଆଣନ୍ତି ଓ ଆପଣା ସଂକଳ୍ପ ବଳରେ ନିଜ ଶରୀରରୁ ତଡ଼ି ଦେଇପାରନ୍ତି।

ତେଣୁ ମୋର ଭୟ ହୋଇ ଯାଇଥିଲା ଯେ ବାବା ମୋତେ ପୁଣି ସେଇ କାହାଣୀଟି ଲୋକଙ୍କୁ କହିବାକୁ ପଠାଇବେ। ଯେତେ ଯାହା କହିଲେ ବି ଦର୍ଶନ, ସ୍ପର୍ଶନ ଓ ସମ୍ଭାଷଣ ପାଇଁ ଲୋକଙ୍କର କ୍ଷୁଧାକୁ ଶାନ୍ତ କରିବା ଅସମ୍ଭବ ଥିଲା। ମୋ ମନରେ ବି ସନ୍ଦେହ ଥିଲା, ବାବା ଆପେଣ୍ଡିସାଇଟିସ୍ ସହିତ ଆସିଥିବା ଅନ୍ୟସବୁ ଉପସର୍ଗରୁ ନିଜକୁ ନିଜେ ମୁକ୍ତ କରିବେ ତ ? ମାତ୍ର ପୁଣିଥରେ ସେ ଅଲୌକିକ ଘଟଣା ଘଟିଲା। ସୁସ୍ଥ, ସୁନ୍ଦର, ମନୋହର ପ୍ରିୟ ଭଗବାନ ନିଜର ଚିରାଚରିତ ଲଳିତ ମଧୁର ଠାଣିରେ ଭକ୍ତମାନଙ୍କ ମଧ୍ୟରେ ବିଚରଣ କଲେ ଓ ଆପଣାର ବୀଣାଜିଣା କଣ୍ଠରେ ଦୀର୍ଘ ଘଣ୍ଟାକରୁ ଅଧିକ କାଳ ସେମାନଙ୍କ ସମ୍ଭାଷଣ-ତୃଷ୍ଣାକୁ ଶାନ୍ତ କରିଥିଲେ। ମୁଁ ସେତେବେଳେ ବଡ କଷ୍ଟରେ ହୃଦୟର ଉଚ୍ଛ୍ୱାସକୁ ସଂଯତ କରି ଦିବ୍ୟସମ୍ଭାଷଣକୁ ଇଂରାଜୀରେ ଅନୁବାଦ କରୁଥାଏ। ତା ପରଦିନ ବାବା ମୋତେ ପ୍ରଶାନ୍ତିନିଳୟମ୍ ପଠାଇଦେଲେ ଗୋଆରେ ଭଗବାନଙ୍କ ଦୟା ଓ ଅନୁକମ୍ପାର ଏ ଅତୁଳନୀୟ ଘଟଣାର ପ୍ରକୃତ କାହାଣୀ ଶୁଣାଇବାକୁ, ଆଉ ମାତା ଈଶ୍ୱରମ୍ମାଙ୍କ ଭୟ ଓ ଉଦ୍‌ବେଗ ଦୂର କରିବାକୁ। ସେତେବେଳେ ଖବରକାଗଜମାନେ ବାବାଙ୍କର ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ବୋଲି ଅତିରଞ୍ଜିତ ସମ୍ବାଦମାନ ଛପାଇବାରେ ଲାଗି ପଡ଼ିଥିଲେ। ମୁଁ ବାବାଙ୍କୁ ଛାଡ଼ି ଆସିବା ପାଇଁ ଏ ସମୟରେ ଆଦୌ ପ୍ରସ୍ତୁତ ନଥିଲି, ମାତ୍ର ବାବା ମୋତେ ବୁଝାଇ କହିଲେ, "ଦେଖ୍, ତୁ ଯଦି ଯାଇ ନିଜେ ଘଟଣାଟି ବୁଝାଇଦେବୁ, ତେବେ ଈଶ୍ୱରାମ୍ମା ତୋ କଥା ବିଶ୍ୱାସ କରିବେ। କାରଣ ସେ ଜାଣନ୍ତି ମୁଁ ସମ୍ପୂର୍ଣ୍ଣ ଭଲ ହୋଇଯାଇ ନଥିଲେ ତୁ କଦାପି ମୋତେ ଛାଡ଼ି ଯାଇ ନଥାନ୍ତୁ।"

ଏହି ପ୍ରକାରର ଆଦେଶ ପାଳିବାର ସୁଯୋଗ ମୋତେ ଅନେକ ଥର ମିଳିଛି। ଥରେ ତାମିଲ୍‌ନାଡୁରେ ଜଣେ ପ୍ରଗଲ୍‌ଭ ଠକ ବାବାଙ୍କ ନାମକୁ ବ୍ୟବହାର କରି ନାନା ମନଗଢ଼ା ଗଳ୍ପ

ପ୍ରଚାର କରି ସରଳବିଶ୍ୱାସୀ ଭକ୍ତମାନଙ୍କଠାରୁ ପଇସା ସଂଗ୍ରହ କରିବାରେ ଲାଗିପଡ଼ିଥିଲା । ତାର ପକେଟ ଭର୍ତ୍ତି ହେବା ଆଗରୁ ତାକୁ ଧରା ପକାଇଦେବା ନିମନ୍ତେ ବାବାଙ୍କ ଆଦେଶରେ ମୋତେ ତାମିଲନାଡୁ ଯିବାକୁ ପଡ଼ିଥିଲା । ବାବାଙ୍କ ସଙ୍କଳ୍ପରେ ଭକ୍ତମାନଙ୍କ ଘରେ ଥିବା ତାଙ୍କ ଫଟୋମାନଙ୍କରୁ ଯେତେବେଳେ ବିଭୂତି ଓ ମହୁ ଝରିବା ଆରମ୍ଭ କଲା, ଲୋକେ ବିଭୂତିକୁ ଅଶୁଭ ସଙ୍କେତ ବୋଲି ବିଚାରି ଭୟଭୀତ ହୋଇପଡ଼ିଲେ । ମହୁ ଝରିବାକୁ ବି ଗରମରେ ବାବାଙ୍କ ଦେହରୁ ଝାଳ ବୋହୁଛି ବୋଲି ସେମାନେ ଭାବିଥିଲେ । ଏହି ଭୁଲ ଧାରଣା ଦୂର କରି ଏସବୁ ଅନୁଗ୍ରହର ସଙ୍କେତ ବୋଲି ଲୋକଙ୍କୁ ବୁଝାଇବା ପାଇଁ ମୁଁ ଅନେକ ଚିଠି ଲେଖିଥିବି, ଆଉ ଅନେକ ସମାରୋହରେ ଭାଷଣ ପ୍ରସଙ୍ଗରେ ଲୋକଙ୍କୁ ବୁଝାଇଥିବି । କିଛିକାଳ ପରେ ସାଇଙ୍କ ପ୍ରତି ଲୋକଙ୍କର ଭକ୍ତି ଓ ଅନୁରାଗ ଯେତେବେଳେ ଖୁବ୍ ବଢ଼ିଗଲା, କେତେକ ବିକୃତିସମ୍ପନ୍ନ ଦୁର୍ବଳମନା ଲୋକେ ଏହାକୁ ଏକ ସୁଯୋଗ ମନେ କରି ବାବା ସେମାନଙ୍କଠାରେ ଉଭା ହୋଇ କଥା କହୁଛନ୍ତି ବୋଲି ପ୍ରଚାର ଆରମ୍ଭ କରିଦେଲେ । ସେମାନେ ଶିଷ୍ୟ ସଂଗ୍ରହ ସହିତ ଅର୍ଥ ସଂଗ୍ରହରେ ବି ଲାଗିପଡ଼ିବାରୁ ଏପରି ଠକ ଓ ପ୍ରତାରକମାନଙ୍କ ସମ୍ବନ୍ଧରେ ସାଧାରଣ ଭକ୍ତମାନଙ୍କୁ ସତର୍କ କରାଇଦେବାକୁ ପଡ଼ିଥିଲା । ଯେଉଁସବୁ ଅଞ୍ଚଳରେ ଏପରି ମହାତ୍ମାମାନଙ୍କର ପ୍ରାଦୁର୍ଭାବ ବଢ଼ିଯାଇଥିଲା, ସେଠାକୁ ନିଜେ ଯାଇ ମୋତେ ଭକ୍ତମାନଙ୍କୁ ଏପରି ଲୋକଙ୍କ ହାତରୁ ରକ୍ଷା କରିବାକୁ ପଡିଥିଲା । ଭଗବାନଙ୍କର କୌଣସି ପ୍ରତିନିଧି ନାହାନ୍ତି ଏବଂ ଏମାନେ ଆପଣାର ସ୍ୱାର୍ଥସାଧନ ନିମନ୍ତେ ବାବାଙ୍କର ନାମ ବ୍ୟବହାର କରୁଛନ୍ତି ବୋଲି ମୋତେ ସେମାନଙ୍କୁ ବୁଝାଇବାକୁ ପଡିଥିଲା ।

ଭଗବାନଙ୍କ ପାଖରେ ମୋର ୩୫ ବର୍ଷରୁ ଅଧିକ କଟିଲାଣି । ମୋ ପକ୍ଷରେ ଏହାଠାରୁ ବଡ଼ ଆନନ୍ଦରେ କଥା ଆଉ କିଛି ନାହିଁ । ବାବା ଯେଉଁଠାରେ, ପ୍ରଶାନ୍ତିନିଳୟମ୍ ସେଇଠାରେ । ସତ୍ୟ ଓ ପ୍ରେମବିହୀନ ସଂସାର-ମରୁଭୂମିରେ ପ୍ରେମରସମୟ ଫଳ ଓ ଫୁଲଭରା ମରୂଦ୍ୟାନ ଏହି ପ୍ରଶାନ୍ତିନିଳୟମ୍ । ଇଂରାଜୀ କବି ଇଲିଅଟ୍ ଯେଉଁ Waste land, ବା ନିଷ୍ଫଳ ଭୂମି କଥା ତାଙ୍କ କବିତାରେ ବର୍ଣ୍ଣନା କରିଛନ୍ତି, ତାହା ଏବେ ନିଷ୍ପ୍ରାଣ ଭୂମିରେ ପରିଣତ ହୋଇଗଲାଣି । ମାତ୍ର ଏଠି ଏ ମରୂଦ୍ୟାନଟି ବଢୁଛି, ଆଉ ଏଥିରେ ଫୁଲଫଳଭରା ସବୁଜ ଗଛଲତାର ସଂଖ୍ୟା ମଧ୍ୟ ବଢୁଛି ।

ଏହି ନୂତନ ଜେରୁସାଲମ୍‌ରୁ ପୃଥିବୀର ସମସ୍ତ ଦେଶ ଶ୍ରଦ୍ଧା ଓ ଭ୍ରାତୃତତ୍ତ୍ୱ ଆଶୀର୍ବାଦ ଲାଭ କରିବେ । ଜଗତରେ ଏଠାରୁ ଶାନ୍ତି ପ୍ରସାରିତ ହେବ । ସାରା ସଂସାରରେ ପ୍ରଶାନ୍ତିନିଳୟମ୍

ଏକମାତ୍ର ସ୍ଥାନ ଯେଉଁଠାରେ ମଣିଷକୁ ଜାତି, ଧର୍ମ, ବର୍ଣ୍ଣ, ଧନ, ଭାଷା, ଡିଗ୍ରୀ ଆଦି ମାପକାଠିରେ ମପାଯାଏ ନାହିଁ। ଏଠାରେ ମଣିଷ ବାହନ ନୁହେଁ କିମ୍ବା ଆୟୁଧ ନୁହେଁ, ସ୍ୱର୍ଗଚ୍ୟୁତ ଦେବତା ନୁହେଁ କିମ୍ବା ସ୍ୱର୍ଗପ୍ରାପ୍ତ ବାନର ନୁହେଁ। ଏଠାରେ ମଣିଷ ଭଗବାନଙ୍କର ବାର୍ତ୍ତାବହ, ଈଶ୍ୱରଙ୍କର ପୁତ୍ର, ସ୍ୱୟଂ ସାଇ ସ୍ୱରୂପ। ବାବା ଆମକୁ କହନ୍ତି, "ତୁମେ ଯେତେବେଳେ ନିଜକୁ ଭଲ ପାଅ, ସେତେବେଳେ ମୋତେ ହିଁ ଭଲ ପାଅ। ମୁଁ ଯେବେ ନିଜକୁ ଭଲ ପାଏ, ସେତେବେଳେ ତୁମକୁ ହିଁ ଭଲପାଏ। ମୁଁ ନିଜକୁ ଭଲ ପାଇବି ବୋଲି ନିଜକୁ ନିଜଠାରୁ ଅଲଗା କରିଛି। ମୁଁ ତୁମରି ଭିତରେ ଅଛି। ତୁମ୍ଭେମାନେ ମୋରି ଭିତରେ ଅଛ। ଆମେ ପରସ୍ପରଠାରୁ ଭିନ୍ନ ନୋହୁଁ।"

ଆମେ ସମସ୍ତେ ତାଙ୍କରି ପ୍ରକାଶ। ସେ ଆମକୁ ତାଙ୍କ ନିଜ ପରି ଭଲ ପାଆନ୍ତି। ଆମେ ତାଙ୍କୁ ମାନି ନପାରୁ, ତାଙ୍କୁ ଅବଜ୍ଞା କରିପାରୁ। ଆମେ ହୁଏତ ତାଙ୍କୁ ଦେଖି ନଥିବା, ବା ତାଙ୍କ ନାମ ଶୁଣି ନଥିବା; ମାତ୍ର ସେ ଆମ ସମସ୍ତଙ୍କ କଥା ଜାଣନ୍ତି ଓ ଆମ ସମସ୍ତଙ୍କ କଥା ବୁଝନ୍ତି। ଗର୍ବ ଓ ଅହଙ୍କାର ଯୋଗୁ ତାଙ୍କଠାରୁ ଆମେ ଦୌଡ଼ି ପଳାଇଲେ ମଧ୍ୟ ଆମେସବୁ ତାଙ୍କରି। ଅନେକେ ତାଙ୍କ ଶୃଙ୍ଖଳାର କଠୋରତା ମାନି ଚଳିପାରନ୍ତି ନାହିଁ। ସବୁବେଳେ ତାଙ୍କର ଆଖି ଆଗରେ ପଡ଼ିବା ସେମାନଙ୍କୁ ଭାରି ଅଡୁଆ ଲାଗେ। ସେମାନେ ଚାହାନ୍ତି ଶାନ୍ତି, ମାତ୍ର ରୋଗ ଚିହ୍ନିବା ବୈଦ୍ୟ ଆଗରେ ବସିବାକୁ ଡରନ୍ତି ! ଅନ୍ୟସବୁ ଗୁରୁ ଓ ସାଧୁସନ୍ନ୍ୟାସୀ ଶିଷ୍ୟର ଦୋଷଦୁର୍ଗୁଣ ସହିଯିବା ଭଳି ବାବା ସହି ଯାଆନ୍ତି ନାହିଁ । ଅଜ୍ଞ ହେଉ ବା ପଣ୍ଡିତ ହେଉ, ଦରିଦ୍ର ହେଉ ବା କୋଟିପତି ହେଉ, କାହାରି ଦୁରାଚାର ପ୍ରତି ବାବା ଆଖିବୁଜି ଦିଅନ୍ତି ନାହିଁ। ସମସ୍ତଙ୍କୁ ଭଲ ଦେଖିବାକୁ ହେବ, ଭଲ କାମ କରିବାକୁ ହେବ, ଭଲ ମଣିଷ ହେବାକୁ ପଡିବ। ସମସ୍ତଙ୍କୁ ପ୍ରେମରେ ହିଁ ଜୀବନ କଟାଇବାକୁ ହେବ।

ଏପରି ଅନେକ ଲୋକଙ୍କୁ ମୁଁ ଦେଖିଛି ଯେଉଁମାନେ ବାବା ସେମାନଙ୍କ ସମ୍ବନ୍ଧରେ ସବୁକଥା ସବୁବେଳେ ଜାଣୁଛନ୍ତି ବୋଲି ବୁଝିଗଲା ମାତ୍ରେ ତାଙ୍କ ପାଖ ଛାଡି ପଳାଇ ଯାଇଛନ୍ତି। ତାଙ୍କର ତୃତୀୟ ନୟନ ଆଗରେ କେହି ଆଗ ପରି ରହି ପାରିବା ସମ୍ଭବ ନୁହେଁ। ଯେଉଁମାନେ ବାବାଙ୍କୁ ଛାଡି ଚାଲିଯାଇଛନ୍ତି ସେମାନେ ସବୁବେଳେ ନିଜର ଅପାରଗତା ସମ୍ପର୍କରେ ଦୁଃଖିତ ହେବାରେ ଅଭ୍ୟସ୍ତ, ମାତ୍ର ପ୍ରଶାନ୍ତିନିଳୟମ୍‌ର ଆନନ୍ଦ ଆହରଣ କରିବାକୁ ପ୍ରସ୍ତୁତ ନୁହନ୍ତି। ସେମାନେ ନିଜର ପରିବାର ସହ ବରଂ ଘାଣ୍ଟି ହେବେ, ମାତ୍ର ଅବତାରଙ୍କ ସହ ରହିବେ ନାହିଁ। ଆଉ କେତେକ ଦେଖନ୍ତି ବାବାଙ୍କର ପ୍ରେମ ଏପରି ଦିବ୍ୟ ଓ ପବିତ୍ର ଯେ ସେମାନେ ଏହାର ଶିକାର ହୋଇଯିବେ। ତେଣୁ ବାବାଙ୍କ ପ୍ରେମରୁ ଉଦ୍ଧାର ପାଇବା ପାଇଁ ସେମାନେ ପ୍ରାର୍ଥନା

କରନ୍ତି । ଆର୍‌ନୋଲଡ ସୁଲମାନ୍ ତାଙ୍କ ବହିରେ ଲେଖିଛନ୍ତି, " ମୁଁ ଯାଇ ତାଙ୍କ ଖଟ ପାଖରେ ଠିଆ ହେଲି । ମୋର ତାଙ୍କୁ କିଛି କହିବାର ନଥିଲା । ମୋର ଚେତନା ଭିତରେ ଏପରି ଏକ ଉଷ୍ମ ଆତ୍ମୀୟତା କ୍ରମଶଃ ପ୍ରସରି ଯାଉଥିଲା ଯେ ମୋର ଭୟ ହୋଇଗଲା ଏହା ମୋତେ ଶୋଷି ନେବ । ଏପରି ଏକ ଅନୁଭୂତି ଜୀବନରେ ମୋର କେବେ ହୋଇ ନଥିଲା । ମାତ୍ର କେବଳ ଏହି ଅନୁଭୂତି ମୋର ଭୟର କାରଣ ନଥିଲା, ମୁଁ ଅନୁଭବ କଲି ଏହା ହିଁ ପ୍ରେମ, ମାତ୍ର ଏ ପ୍ରେମ ମୁଁ ଜାଣିଥିବା, ବୁଝିଥିବା ବା ପଢ଼ିଥିବା ସବୁ ପ୍ରକାରର ପ୍ରେମଠାରୁ ସଂପୂର୍ଣ୍ଣ ପୃଥକ୍ ଥିଲା । ମୋର ଅନୁଭୂତିକୁ ମୁଁ ନିଜେ ବୁଝି ନପାରିବାରୁ ବୋଧହୁଏ ମୋ ଭିତରେ ଏହି ଆତଙ୍କ ସୃଷ୍ଟି ହୋଇଥିଲା । ଏକ ମିନିଟ୍‌ରୁ କମ୍ ମଧ୍ୟରେ ମୋର ବ୍ୟକ୍ତିତ୍ୱ ସଂପୂର୍ଣ୍ଣ ଭାବରେ ଭାଙ୍ଗି ଯାଇଥିଲା ।" ସେଥିପାଇଁ ଯେତେବେଳେ କୌଣସି ବନ୍ଧୁ ମୋତେ କହନ୍ତି ପ୍ରଶାନ୍ତିନିଲୟମ୍‌କୁ ଥରେ ଆସିଲେ ଏଠାରୁ ଦୂରରେ ରହିବା ଅସମ୍ଭବ ହୋଇପଡ଼େ, ମୁଁ ବିସ୍ମିତ ହୁଏ ନାହିଁ । ପ୍ରଶାନ୍ତିନିଲୟମ୍ ଆମ ସମସ୍ତଙ୍କର ଆତ୍ମା, ଆଉ ଏହାର ଡାକ ଅଦମ୍ୟ ।

ମୋ ଜୀବନର ଉତ୍ତରାର୍ଦ୍ଧ ବାବାଙ୍କ ପାଖରେ କଟାଇବାର ସୌଭାଗ୍ୟ ପାଇଥିବାରୁ ମୁଁ ନିଜକୁ ବିଶେଷ ଭାଗ୍ୟବାନ୍ ବୋଲି ବିଚାରିଥାଏ । ମହୀଶୂର ବିଶ୍ୱବିଦ୍ୟାଳୟର ମୋର ପୂର୍ବତନ ସହକର୍ମୀମାନେ, ମୋର ଛାତ୍ରମାନେ, ମୋର କନ୍ନଡ଼ ଲେଖାର ସହୃଦୟ ପାଠକମାନେ ଏବଂ ଲେଖକମାନଙ୍କ ମଧ୍ୟରେ ଯେଉଁମାନେ ମୋର ବନ୍ଧୁ ଅଛନ୍ତି ସେମାନେ ଜାଣିବାକୁ ଚେଷ୍ଟା କରି ନାହାନ୍ତି କାହିଁକି ସେମାନଙ୍କ ପରି ଅନେକ ବିଦ୍ୟାନୁରାଗୀ ମୋ ସହିତ ଏକାଠି ସାଇଙ୍କୁ ଗ୍ରହଣ କରିଛନ୍ତି ଓ ତାଙ୍କ ଦ୍ୱାରା ପ୍ରଦର୍ଶିତ ବାଟରେ ଚାଲିବାକୁ ଚେଷ୍ଟା କରୁଛନ୍ତି । ସେ ଆମ ନିଜର ପୂର୍ଣ୍ଣତମ ବିକାଶ ନିମନ୍ତେ ଆମକୁ ବାଟ ଦେଖାଇଛନ୍ତି । ହାୟ, ପଣ୍ଡିତ ଓ ଦାର୍ଶନିକମାନେ ପୁରାଣ ଓ ଶାସ୍ତ୍ରର ଦୁର୍ବୋଧ୍ୟ ଏବଂ ଅତ୍ୟନ୍ତ ଜଟିଳ ତଥ୍ୟ ଓ ତତ୍ତ୍ୱମାନ ଲୋକଙ୍କୁ ବୁଝାନ୍ତି; ରାମାୟଣ, ମହାଭାରତ ଆଦି ମହାକାବ୍ୟମାନଙ୍କର ପ୍ରବୀଣ ବ୍ୟାଖ୍ୟାକାର ବୋଲି ଖ୍ୟାତି ଅର୍ଜନ୍ତି, ମାତ୍ର ସେମାନଙ୍କୁ ବିଶ୍ୱର ରହସ୍ୟ ଓ ଅଲୌକିକତା ସମ୍ବନ୍ଧରେ ଆଶ୍ଚର୍ଯ୍ୟଭାବ ଏଯାଏ ସ୍ପର୍ଶ କରିନାହିଁ । ସେମାନଙ୍କୁ ଜଣା ନାହିଁ ସମୟ ଓଲଟପାଲଟ ହୋଇଗଲାଣି ! ଆଖିରେ ଯେଉଁ କଳା ଚଷମା ପିନ୍ଧି ସେମାନେ ସଂସାରକୁ ଦେଖୁଛନ୍ତି ତାହା ଆଖିରୁ କାଢ଼ିବାକୁ ସେମାନଙ୍କର ମନ ବଳୁ ନାହିଁ । ଖପରାର ଖରଖର ଶବ୍ଦ ସେମାନଙ୍କୁ ଆହୁରି ମନୋରମ ଲାଗୁଛି ! ଏପରି ଲୋକଙ୍କର ଆଳସ୍ୟ ଓ ନିର୍ବୋଧତା ନିମନ୍ତେ କେବଳ ସହାନୁଭୂତି ପ୍ରକାଶ କରିବା ଛଡ଼ା ମୋର ଆଉ କ'ଣ କରିବାର ଅଛି ? କେତେକ ଲୋକ ସଂସ୍କୃତ ଶ୍ଳୋକ କେତୋଟି ଉଦ୍ଧାର କରିପାରନ୍ତି,

ଦର୍ଶନ ସମ୍ବନ୍ଧରେ ଦୁଇଚାରିଟା କଥା କହିପାରନ୍ତି ବୋଲି ଭାବନ୍ତି ଯେ ସେମାନେ ଅଭ୍ରାନ୍ତ, ଆଉ ସେମାନଙ୍କର ଅବିଶ୍ୱାସ ଗଗନଚୁମ୍ବୀ। ମହାରାଜକୃଷ୍ଣ ରସଗୋତ୍ରାଙ୍କ ଭାଷାରେ, "ସେମାନଙ୍କ ବିଚାରରେ କେତେକ ଅଯୋଗ୍ୟ ଲୋକ ସତ୍ୟସାଇଙ୍କ କୃପା ପାଇ ଯାଉଛନ୍ତି ବୋଲି ସେମାନଙ୍କ ପାଇଁ ସତ୍ୟସାଇ ମଧ୍ୟ ପିତା ! ଏହାର କାରଣ ସେମାନଙ୍କର ଈର୍ଷା ଓ ଅସହିଷ୍ଣୁତା।" ଏପରି ଅନେକେ ବାବାଙ୍କଠାରୁ ଦୂରେଇ ରହିଲେ ମଧ୍ୟ ବାବାଙ୍କର କୁତ୍ସାରଟନା କରିବାର ପ୍ରଲୋଭନଠାରୁ ଦୂରେଇ ରହିପାରନ୍ତି ନାହିଁ। ସାରା ଭାରତରୁ ଏବଂ ସାରା ପୃଥିବୀର ବହୁ ଦେଶରୁ ଭକ୍ତମାନେ ଯେତେବେଳେ ପ୍ରଶାନ୍ତିନିଳୟମ୍‌ରେ ଭିଡ ଜମାନ୍ତି ଓ ଆପଣା ଆପଣା ଘରେ ସତ୍ୟସାଇଙ୍କର ଆରାଧନା କରନ୍ତି ସେତେବେଳେ ଏପରି ଲୋକମାନଙ୍କର ଗାତ୍ରଦାହ ହୋଇଥାଏ। କିନ୍ତୁ ବାବାଙ୍କର ଆଶୀର୍ବାଦ ସମସ୍ତଙ୍କ ପାଇଁ ସୁଲଭ। ପ୍ରଶଂସା କର ବା ନିନ୍ଦା କର, ପୂଜା କର ବା ତିରସ୍କାର କର, ସାଇଙ୍କ ପାଖରେ ସବୁ ସମାନ। କିନ୍ତୁ ଯିଏ ଅହଙ୍କାରକୁ କୁଣ୍ଢେଇ ଧରିଥାଏ, ମତାନ୍ଧତାକୁ ଜାବୁଡି ଧରିଥାଏ, ସିଏ ସତ୍ୟ ଓ ଆନନ୍ଦର ଆଲୋକ ଆଡ଼କୁ ପାଦ କାଢ଼ିପାରେ କି ?

ବହୁଦିନ ତଳୁ ମୁଁ ସଂକଳ୍ପ କରିସାରିଛି ଏପରି ଲୋକଙ୍କ କଥା ଭାବି ମୁଁ ମୁହୂର୍ତ୍ତେମାତ୍ର ସମୟ ନଷ୍ଟ କରିବି ନାହିଁ। ମୁଁ ସାଇଙ୍କଠାରୁ ଯେଉଁ ଅପୂର୍ବ ଆନନ୍ଦ ଲାଭ କରିଛି ନିରନ୍ତର ସେଥିରେ ହିଁ ବୁଡି ରହିବି। କନ୍ନଡ଼ ଭାଷାରେ ମୋର ସତ୍ୟଂ ଶିବଂ ସୁନ୍ଦରଂ ପୁସ୍ତକରେ ସେ ମୋତେ ଲିଖିତ ଭାବରେ ଯେଉଁ ଆଶୀର୍ବାଦ ଦେଇଛନ୍ତି ତାହାହିଁ ମୋ ଜୀବନର ପରମ ଧନ। ବାବା ଲେଖିଛନ୍ତି— "ହେ ମୋର ଭକ୍ତ, ତୁ ସବୁବେଳେ ମନେ ରଖିଥିବୁ ଯେ ତୁ ଯେଉଁଠି ଥିଲେ ମଧ୍ୟ ପରମକାରୁଣିକ ପୁଟ୍ଟପର୍ତ୍ତି ନିବାସୀ (ସାଇ) ନିରନ୍ତର ତୋର ହାତ ଧରି ତୋତେ ରକ୍ଷା କରୁଥିବେ। ଏହା କେବେ ପାଶୋରି ଯିବୁ ନାହିଁ।"

ଆଉ କେତେଦିନ ଏ ସଂସାରରେ ମୁଁ ରହିବି ତାହା ଜାଣେନା। ମାତ୍ର ମୁଁ ପରମ ଆନନ୍ଦିତ ଯେ ଏଥର ଜୀବନକାଳରେ ମୁଁ ଖୁବ୍ ଭଲ ବିଦ୍ୟାପୀଠରେ ନାମ ଲେଖାଇ ପାରିଛି। ଏବେ ଅପେକ୍ଷା କରିଛି ବିଦ୍ୟାପୀଠ ତ୍ୟାଗ କରି ଘରକୁ ଫେରିବାର ସାର୍ଟିଫିକେଟ୍ ବା ମାନପତ୍ର ପାଇଁ, ଅର୍ଥାତ୍ ମୋର ପ୍ରିୟତମ ସାଇଙ୍କ ପ୍ରେମମୟ କୋଳକୁ ଡେଇଁପଡ଼ି ସେଠାରେ ସବୁଦିନ ପାଇଁ ଆଖିବୁଜି ଶୋଇ ଯିବାପାଇଁ।